# ଆଧ୍ୟାତ୍ମିକ ଜୀବନ ପ୍ରବଚନ ମାଳା

## [ ପ୍ରଥମ ଖଣ୍ଡ ]

# ଶ୍ରୀଗୁରୁ ଚରଣେ

## (AT THE FEET OF THE MASTER)

ମୂଳ ଲେଖକ : ଆନିବେସାନ୍ତ ଓ ସି.ଡବ୍ଲୁ. ଲେଡ୍‌ବିଟର୍

ଅନୁବାଦକ : ପ୍ରଫେସର ଚିନ୍ତାମଣି ମହାପାତ୍ର

# ଆଧ୍ୟାତ୍ମିକ ଜୀବନ ପ୍ରବଚନ ମାଳା

[ପ୍ରଥମ ଖଣ୍ଡ]

# ଶ୍ରୀଗୁରୁ ଚରଣେ

**(AT THE FEET OF THE MASTER)**

ମୂଳ ଲେଖକ : **ଆନିବେସାନ୍ତ ଓ ସି.ଡବ୍ଲୁ. ଲେଡ୍‌ବିଟର୍**

ଅନୁବାଦକ : **ପ୍ରଫେସର ଚିନ୍ତାମଣି ମହାପାତ୍ର**

# ଆଧ୍ୟାତ୍ମିକ ଜୀବନ ପ୍ରବଚନ ମାଳା


ମୂଳ ଲେଖକ :

**ଆନିବେସାନ୍ତ ଓ ସି.ଡବ୍ଲୁ. ଲେଡ୍‌ବିଟର୍**

ଅନୁବାଦକ :

**ପ୍ରଫେସର ଚିନ୍ତାମଣି ମହାପାତ୍ର**



ପ୍ରକାଶକ :

**ଉତ୍କଳ ବ୍ରହ୍ମବିଦ୍ୟା ସଂଘ**

ପ୍ଲଟ୍ ନଂ-୩୪୬, ଗୌତମ ନଗର, ଭୁବନେଶ୍ୱର-୧୪

ପ୍ରଥମ ସଂସ୍କରଣ : ୨୦୦୧
ପୁନଃ ମୁଦ୍ରଣ : ୨୦୨୫


**ADHYATMIKA JIBAN PRABACHAN MALA**


*Authors :*

**Annie Besant & C.W. Leadbeater**

*Translator :*

**Prof. Chintamani Mohapatra**



*Publisher :*

**UTKAL THEOSOPHICAL FEDERATION**
Plot No. 346, Goutam Nagar, Bhubanewar-14

*Printer :*

**Akhyar Printing Prass,** Cuttack

Price : **₹150/-**

# ମୁଖବନ୍ଧ

ତିନିଖଣ୍ଡରେ ପ୍ରକାଶିତ ଏହି ବହିଟି ହେଉଛି ବିଶପ ସି.ଡବ୍ଲୁ. ଲେଡ୍‌ବିଟର୍‌ଙ୍କର ଏବଂ ମୋର ପ୍ରବଚନର କେବଳ ଏକ ପ୍ରତିଲିପି । ପ୍ରବଚନ ଦିଆଯାଇଥିଲା ତିନୋଟି ବିଖ୍ୟାତ ପୁସ୍ତକ ଉପରେ । ଯେଉଁଗୁଡ଼ିକ ଆକାରରେ ଛୋଟ କିନ୍ତୁ ବିଷୟବସ୍ତୁର ଉପାଦାନରେ ମହାନ । ଆମେ ଆଶା କରୁ ଯେ ସେଗୁଡ଼ିକ ଉପଯୋଗୀ ହେବ। ଆଧ୍ୟାତ୍ମିକ ଅଭୀପ୍ସା ଥିବା ଲୋକଙ୍କ ସକାଶେ – ଏପରିକି ଯେଉଁମାନେ ସେହି ପର୍ଯ୍ୟାୟକୁ ଅତିକ୍ରମ କରିଛନ୍ତି, ସେମାନଙ୍କ ପାଇଁ ମଧ୍ୟ । କାରଣ ପ୍ରବକ୍ତାଗଣ ହେଉଛନ୍ତି ଶ୍ରୋତାମାନଙ୍କ ଠାରୁ ବୟସରେ ବଡ଼ ଏବଂ ଶିଷ୍ୟତ୍ୱର ଜୀବନଯାପନ କରିବାରେ ଅଧିକ ଅଭିଜ୍ଞତା ଲାଭ କରିଛନ୍ତି ।

ଏହି ପ୍ରବଚନଗୁଡ଼ିକ କେବଳ ଗୋଟିଏ ସ୍ଥାନରେ ଦିଆଯାଇ ନ ଥିଲା । ଆମେ ଆମର ବନ୍ଧୁମାନଙ୍କୁ କହିଥିଲୁ ବିଭିନ୍ନ ସମୟରେ ଏବଂ ବିଭିନ୍ନ ସ୍ଥାନରେ, ମୁଖ୍ୟତଃ ଆଡ୍ୟାର୍, ଲଣ୍ଡନ ଏବଂ ସିଡ୍‌ନୀରେ । ଶ୍ରୋତାମାନେ ବହୁ ପରିମାଣରେ

ସେଗୁଡ଼ିକୁ ଟିପି ନେଇଥିଲେ । ସେଥିରୁ ଯାହାକିଛି ମିଳିଲା, ସେଗୁଡ଼ିକ ସଂଗ୍ରହ କରି ସଜାଡ଼ି ଦିଆଗଲା । ତାପରେ ସେଗୁଡ଼ିକୁ ସଂକ୍ଷିପ୍ତ କରାଗଲା ଏବଂ ପୁନରାବୃତ୍ତିଗୁଡ଼ିକୁ ବାଦ୍ ଦିଆଗଲା ।

ଦୁଃଖର କଥା **'ଭଏସ୍ ଅଫ୍ ସାଇଲେନ୍ସ'ର** ପ୍ରଥମ ଭାଗ ଉପରେ ଖୁବ୍ କମ୍ ଲେଖା ରହିଥିଲା, ସୁତରାଂ ଆମର ଉତ୍ତର ସହକର୍ମୀ ଆର୍ଣ୍ଣେଷ୍ଟ ଉଡ୍ ସିଡ୍‌ନୀରେ ଏ ବିଷୟରେ ପଢ଼ାଇବାବେଳେ ଯାହା ଟିପି ନିଆଯାଇଥିଲା, ଆମେ ସେଗୁଡ଼ିକୁ ଉପଯୋଗ କରି ସେହି ବିଭାଗରେ ଲେଡ୍‌ବିଟର୍ ଦେଇଥିବା ପ୍ରବଚନ ସହିତ ତାହା ମିଶାଇ ଦେଇଛୁ । ଏହି ବହି ସମ୍ପର୍କରେ ମୋର ନିଜର ପ୍ରବଚନର କୌଣସି ଲେଖା ନାହିଁ; ଯଦିଓ ମୁଁ ଏ ସମ୍ପର୍କରେ ବହୁତ କିଛି କହିଥିଲି, ସେସବୁ ଆଉ ପାଇବା ସମ୍ଭବ ନୁହେଁ ।

**'ଏଟ୍ ଦି ଫିଟ୍ ଅଫ୍ ଦି ମାଷ୍ଟର'** ସମ୍ପର୍କରେ ଅଳ୍ପ କେତେକ ଛାତ୍ରଙ୍କୁ ବିଶପ୍ ଲେଡ୍‌ବିଟର୍ ଯେଉଁସବୁ ଭାଷଣ ଦେଇଥିଲେ, ସେଥିରୁ କେତେକକୁ ଛାଡ଼ିଦେଲେ, ଏହି ପ୍ରବଚନଗୁଡ଼ିକ ଆଗରୁ ପ୍ରକାଶିତ ହୋଇନଥିଲା । ଅଳ୍ପ କେତେକ ବର୍ଷ ତଳେ **"ଟକସ୍ ଅନ୍ ଏଟ୍ ଦି ଫିଟ୍ ଅଫ୍ ଦି ମାଷ୍ଟର"** ନାମରେ ଖଣ୍ଡିଏ ବହି ପ୍ରକାଶିତ ହୋଇଥିଲା, ଯେଉଁଥିରେ ତାଙ୍କର ପ୍ରବଚନର ଅସମ୍ପୂର୍ଣ୍ଣ ବିବରଣୀ ଦିଆଯାଇଥିଲା । ସେହି ବହି ଆଉ ପ୍ରକାଶିତ ହେବ ନାହିଁ । ତାହା ଭିତରେ ଥିବା ସାରାଂଶ ଯତ୍ନର ସହିତ ସଂକ୍ଷିପ୍ତ ଓ ସଂଯୋଜିତ ହୋଇ ଏହି ବହିରେ ରହିଛି ।

ଏଥିରେ ଥିବା ଅମୂଲ୍ୟ ଉପଦେଶଗୁଡ଼ିକୁ ଅଧିକ ପରିମାଣରେ ବୁଝିବାରେ ଏହି ବହିଟି ଆମର କେତେକ ଭାଇଙ୍କୁ ସାହାଯ୍ୟ କରିବ ବୋଲି ମୁଁ କାମନା କରେ । ସେହି ଉପଦେଶଗୁଡ଼ିକୁ ସେମାନେ ଯେତିକି ଅଧ୍ୟୟନ କରିବେ ଏବଂ ନିଜ ଜୀବନରେ ପାଳନ କରିବେ, ସେତିକି ଅଧିକ ଉପଦେଶ ଏହି ବହିଟିରୁ ସେମାନେ ପାଇ ପାରିବେ ।

# ନିଜ ବିଷୟରେ ପଦେଅଧେ

ଯେତେବେଳେ ବହିଟି ଓଡ଼ିଆରେ ଅନୁବାଦ କରିବାର ଦାୟିତ୍ୱ ମୋତେ ଦିଆଗଲା, ସେତେବେଳେ ମୋର ଚକ୍ଷୁର ଜ୍ୟୋତି କମି ଆସୁଥିଲା ଏବଂ ମୁଁ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତ ହେଉଥିଲି । ପ୍ରକାଶନର ସମୟସୀମା ଧାର୍ଯ୍ୟ ହୋଇଥିବା ହେତୁ ମୁଁ ଶୀଘ୍ର ଅନୁବାଦ ଶେଷ କରିଦେବା ପାଇଁ ଚେଷ୍ଟା କରିଥିଲି । କିନ୍ତୁ କେତେକ ଅନିବାର୍ଯ୍ୟ କାରଣ ହେତୁ ବହିର ପ୍ରକାଶନରେ ବିଳମ୍ବ ହୋଇଛି । ତେବେ ଏହା ଯେ ପ୍ରକାଶିତ ହୋଇଛି, ସେଥିପାଇଁ ମୁଁ ମୋର ସହଧର୍ମିଣୀ ଶ୍ରୀମତୀ ସ୍ନେହଲତା ମହାପାତ୍ର, ଶ୍ରୀ ବିନୋଦ ବିହାରୀ ପଲାଇ, ଶ୍ରୀ ରାମଚନ୍ଦ୍ର ପଟ୍ଟନାୟକ ଏବଂ ସର୍ବୋପରି ଉତ୍କଳ ବ୍ରହ୍ମବିଦ୍ୟା ସଂଘର ସେକ୍ରେଟେରୀ ଅବସରପ୍ରାପ୍ତ ପ୍ରଫେସର ଦିବ୍ୟକିଶୋର ସିଂହଙ୍କ ନିକଟରେ ଅତିଶୟ କୃତଜ୍ଞ । ସେମାନେ ଏହାର ପାଣ୍ଡୁଲିପି ସଂଶୋଧନ କରି ସେମାନଙ୍କର ଅନେକ ବହୁମୂଲ୍ୟ ପରାମର୍ଶ ଦେଇଛନ୍ତି । ଅବଶେଷରେ, ପ୍ରଫେସର ସିଂହଙ୍କ ପତ୍ନୀ ବିୟୋଗ ଓ ଅସୁସ୍ଥତା ସତ୍ତ୍ୱେ ତାଙ୍କର ଅକ୍ଳାନ୍ତ ଉଦ୍ୟମ ଫଳରେ ହିଁ ଏହା ଆଧ୍ୟାତ୍ମିକ ଅନୁସନ୍ଧିତ୍ସୁମାନଙ୍କ ହାତରେ ପହଞ୍ଚିପାରିଛି । ଏହି ବହିଟିକୁ ଛପାଇବା ପାଇଁ ବ୍ରହ୍ମବିଦ୍ୟା ସମିତିର ଭାରତୀୟ ଶାଖା (Indian Section, Varanasi) ଆର୍ଥିକ ସହାୟତା ଯୋଗାଇ ଦେଇଥିବାରୁ ମୁଁ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛି ।

ମୋର ଆଶା, ଓଡ଼ିଆ ପାଠକଗଣଙ୍କୁ ଆଧ୍ୟାତ୍ମିକ ଦିଗରେ ନେବା ପାଇଁ ଏହା ବିଶେଷ ସାହାଯ୍ୟ କରିବ ।

– **ଅନୁବାଦକ**

# ସୂଚୀପତ୍ର


ପ୍ରଥମ ଭାଗ : **ପ୍ରାରମ୍ଭିକ**

**ପ୍ରଥମ ଅଧ୍ୟାୟ :** ଗହନ ଆଧ୍ୟାତ୍ମିକ ପଥ ଓ ସଂସାରର ଆକର୍ଷଣ ୧୧

**ଦ୍ୱିତୀୟ ଅଧ୍ୟାୟ :** ଦୀକ୍ଷାଗ୍ରହଣ ଓ ସେଥିପାଇଁ ଯୋଗ୍ୟତା ୨୧

**ତୃତୀୟ ଅଧ୍ୟାୟ :** ବହିଟି କିପରି ଲେଖା ହେଲା ୩୨

**ଚତୁର୍ଥ ଅଧ୍ୟାୟ :** ପ୍ରାଥମିକ ପ୍ରାର୍ଥନା ୩୫

**ପଞ୍ଚମ ଅଧ୍ୟାୟ :** ଶିଷ୍ୟଙ୍କର ମନୋଭାବ ୪୨

**ଷଷ୍ଠ ଅଧ୍ୟାୟ :** ଚାରିଟି ପ୍ରବେଶ ପଥ ୫୦

**ସପ୍ତମ ଅଧ୍ୟାୟ :** ଚାରିଟି ଯୋଗ୍ୟତା ୫୫

ଦ୍ୱିତୀୟ ଭାଗ : **ବିବେକ**

**ପ୍ରଥମ ଅଧ୍ୟାୟ :** ପ୍ରକୃତ ଏବଂ ମିଥ୍ୟା ଲକ୍ଷ୍ୟ ୬୧

**ଦ୍ୱିତୀୟ ଅଧ୍ୟାୟ :** ଶରୀରଗୁଡ଼ିକର ଜୀବନ ୮୧

**ତୃତୀୟ ଅଧ୍ୟାୟ :** ଠିକ୍ ଏବଂ ଭୁଲ୍ ୧୧୩

**ଚତୁର୍ଥ ଅଧ୍ୟାୟ :** ସମ୍ପୂର୍ଣ୍ଣ ସତ୍ୟଶୀଳ ହୁଅ ୧୨୯

**ପଞ୍ଚମ ଅଧ୍ୟାୟ :** ନିଃସ୍ୱାର୍ଥପରତା ଓ ଦିବ୍ୟ ଜୀବନ ୧୫୫

ତୃତୀୟ ଭାଗ : **ବୈରାଗ୍ୟ**


**ପ୍ରଥମ ଅଧ୍ୟାୟ :** କାମନା ପରିତ୍ୟାଗ ୧୬୭

**ଦ୍ୱିତୀୟ ଅଧ୍ୟାୟ :** ଏକ ମାତ୍ର ଉତ୍ତମ ଇଚ୍ଛା ୧୭୫

**ତୃତୀୟ ଅଧ୍ୟାୟ :** ସୂକ୍ଷ୍ମ ଶକ୍ତି ସମୂହ ୧୮୮

**ଚତୁର୍ଥ ଅଧ୍ୟାୟ :** ଛୋଟ ଛୋଟ କାମନା ୨୦୨

**ପଞ୍ଚମ ଅଧ୍ୟାୟ :** ନିଜ କାମରେ ମନ ଦିଅନ୍ତୁ ୨୧୨


ଚତୁର୍ଥ ଭାଗ : **ଉତ୍ତମ ଆଚରଣ**


**ପ୍ରଥମ ଅଧ୍ୟାୟ :** ଷଟ୍-ସମ୍ପତ୍ତି ୨୨୭

**ଦ୍ୱିତୀୟ ଅଧ୍ୟାୟ :** କାର୍ଯ୍ୟରେ ଆତ୍ମସଂଯମ ୨୬୯

**ତୃତୀୟ ଅଧ୍ୟାୟ :** ସହନଶୀଳତା ୨୮୫

**ଚତୁର୍ଥ ଅଧ୍ୟାୟ :** ପ୍ରଫୁଲ୍ଲତା ୩୧୩

**ପଞ୍ଚମ ଅଧ୍ୟାୟ :** ଏକାଗ୍ରତା ୩୩୧

**ଷଷ୍ଠ ଅଧ୍ୟାୟ :** ବିଶ୍ୱାସ ୩୩୮


ପଞ୍ଚମ ଭାଗ : **ପ୍ରେମ**


**ପ୍ରଥମ ଅଧ୍ୟାୟ :** ମୁକ୍ତି ନିର୍ବାଣ ଓ ମୋକ୍ଷ ୩୫୭

**ଦ୍ୱିତୀୟ ଅଧ୍ୟାୟ :** ଦୈନନ୍ଦିନ ଜୀବନରେ ଭଲ ପାଇବା ୩୮୧

**ତୃତୀୟ ଅଧ୍ୟାୟ :** ପରନିନ୍ଦା ୩୯୨

**ଚତୁର୍ଥ ଅଧ୍ୟାୟ :** ନିଷ୍ଠୁରତା ୩୯୯

**ପଞ୍ଚମ ଅଧ୍ୟାୟ :** ଅନ୍ଧ ବିଶ୍ୱାସ ୪୨୧

**ଷଷ୍ଠ ଅଧ୍ୟାୟ :** ସେବା ୪୪୧


■■■

## ପ୍ରଥମ ଭାଗ

# ପ୍ରାରମ୍ଭିକ

## ପ୍ରଥମ ଅଧ୍ୟାୟ

# ଗହନ ଆଧ୍ୟାତ୍ମିକ ପଥ ଓ ସଂସାରର ଆକର୍ଷଣ

**ସି.ଡବ୍ଲ୍ୟୁ. ଲେଡ୍‌ବିଟର୍** – ଆଧ୍ୟାତ୍ମିକ ପଥରେ ଯାତ୍ରା ସକାଶେ ଯେଉଁ ତିନୋଟି ପୁସ୍ତକ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ବିଶେଷ ଭାବେ ଉଦ୍ଦିଷ୍ଟ, ତାହା ମଧ୍ୟରୁ ଗୋଟିଏ ହେଉଛି 'ଏଟ୍ ଦି ଫିଟ୍ ଅଫ୍ ଦି ମାଷ୍ଟର୍'; ଅନ୍ୟ ଦୁଇଟି ହେଲା 'ଦି ଭଏସ୍ ଅଫ୍ ସାଇଲେନ୍ସ' ଏବଂ 'ଦି ଲାଇଟ୍ ଅନ୍ ଦି ପାଥ୍' । ବର୍ତ୍ତମାନ ପାଇଁ ଆମ ସକାଶେ ସବୁଠାରୁ ଅଧିକ ଉପଯୋଗୀ ହେଉଛି 'ଏଟ୍ ଦି ଫିଟ୍ ଅଫ୍ ଦି ମାଷ୍ଟର' – କାରଣ ଏହା ଅତିଶୟ ସରଳ ଭାଷାରେ ଲେଖା ହେଇଛି । ତେର ବର୍ଷ ବୟସ୍କ ଶିଷ୍ୟ ଜେ. କୃଷ୍ଣମୂର୍ତ୍ତି ୧୯୦୯ରେ ନିଜ ଗୁରୁଙ୍କ ଠାରୁ ଯେଉଁ ସବୁ ଉପଦେଶ ପାଇଥିଲେ ସେଗୁଡ଼ିକ ଏହି ବହିରେ ରହିଛି । ପିଲା ବୟସରେ କୃଷ୍ଣମୂର୍ତ୍ତିଙ୍କର (ଯେ ତାଙ୍କର ଅତୀତ ଜୀବନଗୁଡ଼ିକରେ ଆଲ୍‌ସ୍ୟୋନ୍ ରୂପେ ପରିଚିତ[୧]) ଇଂରାଜୀ ଜ୍ଞାନ ସେତେ ଭଲ ନ ଥିଲା । ଉପଦେଶଗୁଡ଼ିକ ଇଂରାଜୀ ଭାଷାରେ ଦିଆଯାଇଥିବା ହେତୁ ସେହି ଉପଦେଶ ଏବଂ ଭାଷା ଉଭୟକୁ ବିଶେଷ ସ୍ୱଷ୍ଟ ଭାବରେ କହିବା ଦରକାର ଥିଲା । ପରିସ୍ଥିତିକୁ ଚାହିଁ ବିଷୟଟିକୁ ଉପଯୋଗୀ କରାଇବାରେ ତ ଗୁରୁ କୁଥୁମୀଙ୍କ ଅଦ୍ଭୁତ ଶକ୍ତି ରହିଛି । ସେ ତାହା ପ୍ରୟୋଗ କରି ପ୍ରଥମ ଦୀକ୍ଷା ଲାଭ କରିବା ପାଇଁ ଯାହା କିଛି ଆବଶ୍ୟକ ସେ ସବୁକୁ ଅଦ୍ଭୁତ ଭାବେ ସରଳ ଭାଷାରେ କହି ଯାଇଛନ୍ତି ଏବଂ ତାହା ସବୁ ଏହି ବହିରେ ରହିଛି । ଏହି ବହିଟି ପଢ଼ିବା ପାଇଁ ସୁପାରିଶ କରିବାରେ ତାହା ହିଁ ପ୍ରଧାନ କାରଣ ।

'ଲାଇଟ୍ ଅନ୍ ଦି ପାଥ୍' ୧୮୮୫ରେ ଏବଂ 'ଦି ଭଏସ୍ ଅଫ୍ ସାଇଲେନ୍ସ' ୧୮୮୯ରେ ପ୍ରକାଶ ପାଇଥିଲା । ନୈତିକ ଆଚରଣ ସମ୍ପର୍କୀୟ ସେହି ବହି ଦୁଇଟିର ନିଜ ନିଜର ବୈଶିଷ୍ଟ୍ୟ ରହିଛି । ଅପେକ୍ଷାକୃତ ପୁରାତନ ସେହି ବହି

(୧) *ଦେଖନ୍ତୁ : ଲେଡ୍‌ବିଟରଙ୍କ ଦ୍ୱାରା ଲିଖିତ **'ଆଲସ୍ୟୋନ୍ ଏଣ୍ଡ ହିଜ୍ ଫର୍ଟିଏଇଟ୍ ଲାଇଭ୍‌ସ'** । ପ୍ରକାଶ – ଥିଓସଫି ପବ୍ଲିସିଙ୍ଗ୍ ହାଉସ୍ ଆଡ୍ୟାର୍, ୧୯୨୪ । ଏହା ପୁନର୍ବାର ମୁଦ୍ରିତ ହୋଇନାହିଁ ।*

ଦୁଇଟିର ଭାଷା 'ଏଟ୍ ଦି ଫିଟ୍ ଅଫ୍ ଦି ମାଷ୍ଟର୍' ତୁଳନାରେ ଅଧିକ ଛନ୍ଦୋମୟ, ଯଦିଓ ଏହି ବହିଟିରେ ମଧ୍ୟ କେତେକ ଅତି ସୁନ୍ଦର ଅଭିବ୍ୟକ୍ତି ରହିଛି । ଅନ୍ୟ ପ୍ରକାର ହେବା ସମ୍ଭବ ନଥିଲା – କାରଣ ଏହା ଆସିଛି ଗୁରୁ କୁଥୁମୀଙ୍କଠାରୁ । ସ୍ୱାମୀ ଟି. ସୁବ୍ବା ରାଓ ଆମକୁ କହିଛନ୍ତି – 'ଦି ଲାଇଟ୍ ଅନ୍ ଦି ପାଥ୍'ରେ ବିଭିନ୍ନ ପ୍ରକାର ଗଭୀର ଅର୍ଥ ରହିଛି, ଗୋଟିକର ଅନ୍ତରାଳରେ ଆଉ ଗୋଟିଏ ଏବଂ ସର୍ବାଧିକ ଗଭୀର ଅର୍ଥ ରହିଛି ମହାଚୋହାନ୍ ସ୍ତରର ଦୀକ୍ଷା ସମ୍ପର୍କରେ, ଯେଉଁସ୍ତର ଆମର ଗୁରୁମାନେ ଥିବା ସ୍ତରର ଊର୍ଦ୍ଧ୍ୱରେ । 'ଦି ଭଏସ୍ ଅଫ୍ ସାଇଲେନ୍ସ' ଆମକୁ ଅର୍ହତ ଦୀକ୍ଷା ପର୍ଯ୍ୟନ୍ତ ନେଇଥାଏ । 'ଏଟ୍ ଦି ଫିଟ୍ ଅଫ୍ ଦି ମାଷ୍ଟଣ' ବିଶେଷତଃ ପ୍ରଥମ ଦୀକ୍ଷା ସକାଶେ ଉପଯୋଗୀ । ତେଣୁ ଆମେ ପ୍ରଥମେ ଏହା ଉପରେ ଅଭିମତ ଦେବା ।

ଆଧ୍ୟାତ୍ମିକ ପଥରେ ଯାତ୍ରା କରିବାର ଯୋଗ୍ୟତା ସମ୍ପର୍କରେ ଆମେ ଅନେକ ଥର ଶୁଣିଛୁ । କିନ୍ତୁ ଆମକୁ ସେହିପରି ଶୁଣିବାକୁ ହେବ ଯେ ପର୍ଯ୍ୟନ୍ତ ଏହି ପ୍ରକାର ବହିମାନଙ୍କରେ ଯାହା ସବୁ ଲେଖାଯାଇଛି, ସେଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବାରେ ଆମେ ସଫଳ ନ ହେଇଛୁ । ଠିକ୍ କ'ଣ କରିବା ଉଚିତ୍ ତାହା ଜାଣିବାରେ କୌଣସି ଅସୁବିଧା ନାହିଁ । ଆମର ଯାତ୍ରା ପଥରେ ମଧ୍ୟ ଆମେ ନିଜେ ସୃଷ୍ଟି କରି ନ ଥିବା କୌଣସି ପ୍ରତିବନ୍ଧକ ନାହିଁ । ତଥାପି ଅପେକ୍ଷାକୃତ ଖୁବ୍ କମ୍ ଲୋକେ ଏହିସବୁ ଉପଦେଶ ଅନୁସରଣ କରିବାରେ ସଫଳ ହୁଅନ୍ତି, କାରଣ ସେମାନଙ୍କର ବ୍ୟକ୍ତିତ୍ୱ ହିଁ ପ୍ରତିବନ୍ଧକ ରୂପେ ଦେଖାଦିଏ ।

ଏହି ବହିମାନଙ୍କରେ ଯାହା ସବୁ ଲେଖା ହେଇଛି, ସେଗୁଡ଼ିକୁ ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରତି ନିଶ୍ଚିତ ଭାବେ ପ୍ରୟୋଗ କରିବା ଆବଶ୍ୟକ । ଗୁରୁ ଉଦାହରଣ ଦେଇ ବୁଝାଇ ଦେଇ ପାରନ୍ତି କ'ଣ କରାଯିବା ଉଚିତ୍, କିନ୍ତୁ ପ୍ରତ୍ୟେକ ବ୍ୟକ୍ତିକୁ ନିଜେ ସେହି ପଥରେ ଯାତ୍ରା କରିବାକୁ ହେବ । ଏହା କୌଣସି ଦୌଡ଼ ପାଇଁ ତାଲିମ ପାଇବା ବା ଶାରୀରିକ ବ୍ୟାୟାମ କରିବା ଭଳି କଥା । ହୁଏତ ଶିକ୍ଷକ ଯତ୍ନର ସହିତ ନିର୍ଦ୍ଦେଶ ଦେବେ, କିନ୍ତୁ ଶିକ୍ଷାର୍ଥୀ ନିଜେ ନିଜର ମାଂସପେଶୀକୁ ବ୍ୟବହାର କରିବେ । ଅନ୍ୟ କେହି ତାଙ୍କ ପାଇଁ ତାହା କରିବାର କୌଣସି ସମ୍ଭାବନା ନାହିଁ ।

ଆମ ଚାରିପାଖରେ ଥିବା ଲକ୍ଷ ଲକ୍ଷ ଲୋକ ନିଜ ନିଜ ଧର୍ମର ଉପଦେଶ ଅନୁଯାୟୀ ଚଳିବା ଆଶା କରାଯାଏ । କିନ୍ତୁ ଖୁବ୍ କମ୍ ଲୋକେ ତାହା କରିଥାନ୍ତି । ଏହିପରି ଯେଉଁମାନେ ଉତ୍ତମ ଓ ପବିତ୍ର ଜୀବନ ଯାପନ କରନ୍ତି, ସେମାନେ ମଧ୍ୟ

ସାଧାରଣତଃ ସେମାନଙ୍କ ପାଇଁ ଲିଖିତ ସମସ୍ତ ଉପଦେଶ କଡ଼ାକଡ଼ି ଭାବେ ମାନି ଚଳନ୍ତି ନାହିଁ । କେତେକ କ୍ଷେତ୍ରରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଧର୍ମମାନଙ୍କର ଉପଦେଶଗୁଡ଼ିକ ଥାଏ ଅନାବଶ୍ୟକ ଏବଂ ଅନୁପଯୋଗୀ – କିନ୍ତୁ ଗୂଢ଼ତତ୍ତ୍ୱ କ୍ଷେତ୍ରରେ କୌଣସି ଅନାବଶ୍ୟକ ଉପଦେଶ ଦିଆଯାଏ ନାହିଁ । ସୁତରାଂ ସମସ୍ତ ଉପଦେଶର ସଠିକ୍ ଅନୁସରଣ ଆବଶ୍ୟକ । ଏହାର ଅର୍ଥ ନୁହେଁ ଯେ ଆମେ ଏହି ସମସ୍ତ ଯୋଗ୍ୟତା ସମ୍ପୂର୍ଣ୍ଣ ନିଖୁଣ ଭାବେ ହାସଲ କରିବା ପରେ ହିଁ ଗୁରୁ ଆମକୁ ଗ୍ରହଣ କରିବେ ଏବଂ ତାହା ଦ୍ୱାରା ଆମେ ସିଦ୍ଧତ୍ୱ ପ୍ରାପ୍ତ ହେବୁ । କିନ୍ତୁ ଯଥୋଚିତ ପରିମାଣରେ ସେହି ଯୋଗ୍ୟତା ସବୁ ଅର୍ଜନ କରିବା ଦରକାର ଏବଂ ସେସବୁ ପ୍ରକୃତ ଯୋଗ୍ୟତା ହେବା ଉଚିତ । କେବଳ ଶିଷ୍ଟତାବାଚକ ବା କଳ୍ପନାର ଅଭିବ୍ୟକ୍ତି ହେବା ଉଚିତ୍ ନୁହେଁ ।

ଯେତେବେଳେ ଜଣେ ରସାୟନ ବିଦ୍ୟା ଅଧ୍ୟାପକ ଆମକୁ କହନ୍ତି ଯେ କେତେକ ରାସାୟନିକ ପଦାର୍ଥକୁ ଏକ ନିର୍ଦ୍ଦିଷ୍ଟ ପ୍ରକାରେ ମିଶାଇ ଦେଲେ ଆମେ ଏକ ନିର୍ଦ୍ଦିଷ୍ଟ ଫଳ ପାଇ ପାରିବା, ଆମେ ଜାଣୁ ଯେ ସେହି ପରିଣତି ନିଶ୍ଚୟ ହେବ । ଯଦି ସେଗୁଡ଼ିକର ଅନୁପାତରେ ପରିବର୍ତ୍ତନ ଘଟେ, ଆମେ ଯାହା ଆଶା କରୁଥିଲୁ, ତାହା ଆମେ ପାଇବୁ ନାହିଁ ବରଂ ପାଇବୁ ଅନ୍ୟ କିଛି ।

ଧର୍ମ ବିଷୟରେ ଲୋକେ ବୋଧହୁଏ ଭାବନ୍ତି ଯେ ଯାହା କୁହାଯାଇଛି, ମୋଟାମୋଟି ସେହି ପ୍ରକାର କିଛି ଗୋଟାଏ କରିଦେଲେ ଯଥେଷ୍ଟ । କିନ୍ତୁ ଗୂଢ଼ତତ୍ତ୍ୱ ବିଷୟରେ ତାହା ଆଦୌ ଚଳିବ ନାହିଁ; ଏହାକୁ ଏକ ବିଜ୍ଞାନ ରୂପେ ଗ୍ରହଣ କରିବା ଉଚିତ୍ । ଯଦିଓ ଆମେ ଅନେକ ସମୟରେ ଏହିସବୁ ଯୋଗ୍ୟତା ସମ୍ପର୍କରେ ଶୁଣିଛୁ, ଆଶା କରାଯାଉଛି, ଯେ ସେସବୁକୁ ରତ୍ନର ସହିତ ଅଧ୍ୟୟନ କରି ଯାହା ଆବଶ୍ୟକ, ତାହାକୁ ବୈଜ୍ଞାନିକ ସଠିକତା ସହ ଲାଭ ଭାବରେ ବୁଝିବାକୁ ଓ ଅନୁସରଣ କରିବାକୁ ଚେଷ୍ଟା କଲେ, ଯେଉଁମାନେ ଏ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ପଥରେ ଗତି କରିବାକୁ ସଫଳ ହୋଇନାହାନ୍ତି, ସେମାନଙ୍କ ଭିତରୁ ଅନେକ ଉକ୍ତ ପଥରେ ଯାତ୍ରାରମ୍ଭ କରିପାରିବେ ।

ଏହା ଆନ୍ତରୀଣ ବିଷୟଗୁଡ଼ିକ ବହୁ ଦୂରର ଏବଂ ଅନିର୍ଦ୍ଦିଷ୍ଟ ନୁହେଁ । ଅଳ୍ପ କେତେ ବର୍ଷ ତଳେ ସେଗୁଡ଼ିକ ମନେ ହେଉଥିଲା ବହୁ ଦୂରର କଥା, କାରଣ ଆମେ ଜାଣିଥିବା ଅଳ୍ପ କେତୋଟି ଲୋକ ଗୁରୁମାନଙ୍କର ପ୍ରତ୍ୟକ୍ଷ ସମ୍ପର୍କରେ ଆସିଥିଲେ । ସେତେବେଳେ କେହି କେହି ଭାବିଥିବେ, "ହଁ, ବିଶେଷ ଯୋଗ୍ୟତା ଥିବା ଦୁଇ ତିନି ଜଣ ବ୍ୟକ୍ତି କିମ୍ବା ସେମିତି ଭାଗ୍ୟ ପାଇଥିବା ବ୍ୟକ୍ତି ସଫଳ

ହୋଇଛନ୍ତି, କିନ୍ତୁ ଏହା ସାଧାରଣ ଲୋକଙ୍କ ସକାଶେ ବୋଧହୁଏ ନୁହଁ ।” କିନ୍ତୁ ବର୍ତ୍ତମାନ ଯେତେବେଳେ ଅନେକ ଲୋକ ସେମାନଙ୍କର ପ୍ରତ୍ୟକ୍ଷ ସମ୍ପର୍କରେ ଆସିଛନ୍ତି, ଏଣିକି କେହିକେହି ଯଥାର୍ଥତଃ ମନକୁ ମନ କହିପାରନ୍ତି, “ଅନ୍ୟମାନେ ଯଦି ପହଞ୍ଚି ପାରିଲେ, ମୁଁ ପହଞ୍ଚି ପାରିବି ନାହିଁ କାହିଁକି ?” ବିଫଳତାର କାରଣ ନିଶ୍ଚୟ ଆମ ଭିତରେ ହିଁ ରହିଥିବ, ବାହାରେ କେଉଁଠି ନୁହେଁ । ନିଶ୍ଚିତ ଭାବେ ଗୁରୁମାନଙ୍କଠାରେ କୌଣସି ତ୍ରୁଟି ନାହିଁ । ଶିଷ୍ୟ ଯେତେବେଳେ ପ୍ରସ୍ତୁତ ହୁଏ, ସେତେବେଳେ ଗୁରୁ ସବୁକ୍ଷେତ୍ରରେ ଆଗରୁ ପ୍ରସ୍ତୁତ ହୋଇ ରହିଥାନ୍ତି । କେତେକଙ୍କ କ୍ଷେତ୍ରରେ ଗୋଟିଏ ଦୋଷ ପ୍ରତିବନ୍ଧକ ହୋଇଥାଏ । ଅନ୍ୟମାନଙ୍କ କ୍ଷେତ୍ରରେ ମୋଟାମୋଟି ବକାଶର ଅଭାବ ପ୍ରତିବନ୍ଧକ ହୋଇଥାଏ । କିନ୍ତୁ ଆମର ଯଦି କିଛି ଅଭାବ ନ ଥାନ୍ତା, ଆମେ ସମସ୍ତେ ସଫଳ ହୋଇଥାନ୍ତୁ । କିନ୍ତୁ କଥାଟା କ'ଣ, କ'ଣ ଆମର ଅଭାବ ଅଛି – ତାହା ଜାଣିବା ପାଇଁ ଏବଂ ତାହାର ପ୍ରତିକାର କରିବା ପାଇଁ ନିର୍ଦ୍ଦିଷ୍ଟ ଉଦ୍ୟମ କରିବା ଉଚିତ୍ ହେବ ।

ଏକ ପ୍ରକୃତ ଆନ୍ତରୀଣ ଜଗତ ରହିଛି, ଯାହା ଆମ ଉପରେ ସର୍ବଦା ଚାପ ପକାଇ ଚାଲିଥିବା ଏହି ବାହ୍ୟ ଜଗତଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ସବୁଠାରେ ଲୋକେ ରହିଛନ୍ତି ଯେଉଁମାନେ ନିଜ ନିଜ ଧାରା ଅନୁସରଣ କରିବାରେ ନିଜକୁ ବ୍ୟସ୍ତ ରଖନ୍ତି ଏବଂ ବିଜ୍ଞ ବୋଲି ମନେ କରନ୍ତି । ତେବେ ସତ କହିବାକୁ ଗଲେ ସେମାନେ ସମସ୍ତେ ଏହି ଅସତ୍ୟ ଏବଂ ବାହ୍ୟ ଜଗତରେ କାମ କରି ଚାଲିଛନ୍ତି । ଖୁବ୍ କମ୍ ଲୋକେ ହୃଦ୍‌ବୋଧ କରିଛନ୍ତି ଯେ ଏକ ଆନ୍ତରୀଣ ଏବଂ ଆଧ୍ୟାତ୍ମିକ ଜଗତ ରହିଛି, ଯାହା ବାହ୍ୟ ଜଗତଠାରୁ ସବୁ ପ୍ରକାରେ ବହୁ ପରିମାଣରେ ଅଧିକ ଗୁରୁତ୍ୱପୂର୍ଣ୍ଣ ।

**ଅଭିନୟର ଜଗତ**

ଆଧ୍ୟାତ୍ମିକ ପଥରେ ପୃଥିବୀରେ ଆମକୁ ଆମର ଭୂମିକା ଗ୍ରହଣ କରିବାକୁ ହେବ । କିନ୍ତୁ ଆମେ ତାହା କରିଥାଉ ଆମ ଭିତରେ ପ୍ରକୃତ ଜୀବନ ରହିଥିବା ହେତୁ । ରଙ୍ଗମଞ୍ଚରେ ଜଣେ ଅଭିନେତା ଅଭିନୟ କରିଥାନ୍ତି, କାରଣ ତାଙ୍କୁ ଅନ୍ୟ ଏକ ଜୀବନ ବଞ୍ଚିବାକୁ ହୋଇଥାଏ – ଯେଉଁ ଜୀବନ ଏକ କ୍ରମାଗତ ସୁସଂବଦ୍ଧ ଚରିତ୍ରର । ସେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଭୂମିକା ଗ୍ରହଣ କରିପାରନ୍ତି, ଠିକ୍ ଯେପରି ଆମେ ବାରମ୍ବାର ଫେରି ଆସୁ ଅନ୍ୟ ଜନ୍ମ ନେଇ ଏବଂ ଅନ୍ୟ ପ୍ରକାର ଶରୀର ଗ୍ରହଣ କରି । କିନ୍ତୁ ସବୁ ସମୟରେ ମନୁଷ୍ୟ ରୂପେ ଏବଂ କଳାକାର ହିସାବରେ ମଧ୍ୟ ଅଭିନେତାର ଏକ ପ୍ରକୃତ ଜୀବନ ରହିଛି । ଏବଂ ସେହି ପ୍ରକୃତ

ଜୀବନ ଥିବା ହେତୁ ସେ ରଙ୍ଗମଞ୍ଚର ଅସ୍ଥାୟୀ ଜୀବନରେ ନିଜର ଭୂମିକାରେ ଭଲ ଭାବରେ ଅଭିନୟ କରିବାକୁ ଚାହିଁଥାଏ ।

ସେହିପରି ଆମେ ଆମର ଅସ୍ଥାୟୀ ସ୍ଥୂଳ ଜୀବନ ଏଠାରେ ଭଲ ଭାବରେ କଟାଇବାକୁ ଚାହୁଁ । କାରଣ ଏହା ପଛରେ ରହିଛି ଏକ ବିରାଟ ବାସ୍ତବତା । ଯାହାର ଏହା ହେଉଛି ଏକ ଅତିଶୟ କ୍ଷୁଦ୍ର ଅଂଶ । ଯଦି ଏହି କଥାଟି ସ୍ପଷ୍ଟ ହୁଏ, ତାହାହେଲେ ଆମେ ଏହି ବାହ୍ୟ ଜୀବନର ଆପେକ୍ଷିକ ଗୁରୁତ୍ୱକୁ ବୁଝିପାରିବ । ଆମ ପାଇଁ ଏହାର ଏକ ମାତ୍ର ଉପଯୋଗିତା ହେଉଛି ଯେ ଭୂମିକାଟି ଯାହା ହେଉନା କାହିଁକି, ତାହାକୁ ଆମେ ଭଲ ଭାବେ ଅଭିନୟ କରିବାକୁ ହେବ । ସେହି ଭୂମିକାରେ କି ପ୍ରକାର ଅଭିନୟ କରିବା କଥା, ଜୀବନରେ ଆମର କ'ଣ ହୁଏ – ତାହା ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଅଭିନେତାର କାର୍ଯ୍ୟ ହୋଇପାରେ ସବୁ ପ୍ରକାର ଛଳନାମୟ ଦୁଃଖ ଓ ଅସୁବିଧା ଦେଇ ଗତି କରିବା । କିନ୍ତୁ ସେସବୁ ତାକୁ ଆଦୌ ବ୍ୟସ୍ତ କରେ ନାହିଁ । ଉଦାହରଣ ସ୍ୱରୂପ, ତାକୁ ହୁଏତ ପ୍ରତ୍ୟେକ ରାତିରେ ଦ୍ୱନ୍ଦ୍ୱ ଯୁଦ୍ଧରେ ନିହତ ହେବାକୁ ପଡ଼ିବ । କିନ୍ତୁ ସେ ସେହି ମିଥ୍ୟା ମୃତ୍ୟୁରେ ବ୍ୟସ୍ତ ହେବ କାହିଁକି ? ତାର ଏକମାତ୍ର ଚିନ୍ତାର ବିଷୟ ହେଲା – କିପରି ସେ ଭଲ ଭାବରେ ଅଭିନୟ କରିବ ।

ବୁଝିବାରେ କଷ୍ଟ ହେବ ନାହିଁ ଯେ ଆମର ଚାରିପାଖର ଦୁନିଆ ହେଉଛି ଏକ ଅଭିନୟର ଜଗତ । ସେଥିରେ ଆମର କି ପ୍ରକାର ଅନୁଭୂତି ହୁଏ, ତାହା ବଡ଼ କଥା ନୁହେଁ । ବାହ୍ୟ ଜଗତରେ ଲୋକଙ୍କର ଯାହା ସବୁ ଘଟେ, ତାହା ସେମାନଙ୍କର କର୍ମଫଳ । ବହୁ କାଳ ଆଗରୁ ପୂର୍ବପୂର୍ବ ଜନ୍ମମାନଙ୍କରେ ତାର କାରର ଆରମ୍ଭ ହୋଇଥିଲା; ସେଗୁଡ଼ିକ ବର୍ତ୍ତମାନ ବଦଳା ଯାଇପାରିବ ନାହିଁ । ସୁତରାଂ ଯାହା ସବୁ ଘଟେ, ସେଗୁଡ଼ିକୁ ନେଇ ବ୍ୟସ୍ତ ହେବା ଅନାବଶ୍ୟକ । ସେଗୁଡ଼ିକ ଅତୀତର ପରିଣତି ରୂପେ ଆସେ । ଦାର୍ଶନିକ ଭାବରେ ସେଗୁଡ଼ିକୁ ସହ୍ୟ କରିନେବା ଆବଶ୍ୟକ ।

ବହୁ ଲୋକ ସେସବୁକୁ ମୂର୍ଖତାପୂର୍ଣ୍ଣ ଭାବରେ ଗ୍ରହଣ କରନ୍ତି ଏବଂ ତଦ୍ୱାରା ବହୁ ପରିମାଣର ଦୁଃଖ-କଷ୍ଟ ପାଆନ୍ତି ଓ ଚିନ୍ତାକରି ଚାଲନ୍ତି । ସର୍ବଦା ସେସବୁରୁ ଶିକ୍ଷା ଲାଭ କରିବା ପାଇଁ ଚେଷ୍ଟା କରିବା ଏବଂ ଯଥା ସମ୍ଭବ ସେଗୁଡ଼ିକୁ ମନରୁ ବାହାର କରିଦେବା ଉଚିତ – ଯେମିତି ଆମର ଭାରତୀୟ ଭାଇମାନେ ମହୁମାଛି ଫୁଲରୁ ରସ ଟାଣିବା ସମ୍ପର୍କରେ କହିଥାନ୍ତି । ଆମେ ଯେପରି ଭାବରେ କର୍ମଫଳକୁ ସହି ନେଉ, ତାହ ଆମର ଭବିଷ୍ୟତ ଚରିତ୍ର ଗଠନ କରିଥାଏ । ତାହା ହିଁ ହେଉଛି

ଗୁରୁତ୍ୱପୂର୍ଣ୍ଣ କଥା । କର୍ମଫଳର ଉପଯୋଗ କରି ଗଢ଼ିବାକୁ ହେବ ସାହସ, ସହନଶୀଳତା ଏବଂ ଅନ୍ୟାନ୍ୟ ଉତ୍ତମ ଗୁଣ । ପରେ ତାକୁ ମନରୁ ବାହାର କରି ଦେବାକୁ ହେବ ।

ତେବେ ଏହି ପ୍ରକାର ମନୋଭାବ ଅର୍ଜନ କରିବା କଷ୍ଟକର । କାରଣ ଆମ ଚାରିପାଖରେ ରହିଛନ୍ତି ହଜାର ହଜାର ଲୋକ, ଯେଉଁମାନେ ଏହି ଖେଳକୁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାହିଁ ପ୍ରକୃତ ଜୀବନ ବୋଲି ଭାବିଥାନ୍ତି । ସେମାନେ ଆମ ପ୍ରତି ଯେଉଁ ବାକ୍ୟ ବା ଆଚରଣ ପ୍ରଦର୍ଶନ କରନ୍ତି, ତାହା କିଛି ପରିମାଣରେ ବାଧା ସୃଷ୍ଟି କରେ । କିନ୍ତୁ ଆମ ରାସ୍ତାରେ ବହୁ ଅଧିକ ପ୍ରତିବନ୍ଧକ ସୃଷ୍ଟି କରେ ଜନମତର ପ୍ରବଳ ଏବଂ ଅବିରତ ଚାପ – ଯଦିଓ ଆମେ କେବେହେଲେ ତାହା ଭାବୁ ନାହିଁ । ଏହା ପ୍ରକୃତରେ ବିରାଟ ସମସ୍ୟା । କାରଣ ଯଦି ଜଣେ ସତ୍ୟଦର୍ଶୀ ଥାଆନ୍ତି, ତେବେ ଅଜ୍ଞ ଲୋକେ ଥାନ୍ତି ହଜାର ହଜାର । ସେମାନେ ଭାବୁଥାନ୍ତି – "ଆମେ ଶୀଘ୍ର ଶୀଘ୍ର କେମିତି ଗୁଡ଼ାଏ ଜିନିଷ ଏବଂ ଧନ ପାଇଯିବା । ଅନ୍ୟାନେ ଆମ ବିଷୟରେ ଯାହା ଭାବନ୍ତି, ତାହା ହିଁ ଜୀବନରେ ସବୁ ।"

ଯେଉଁମାନେ ପଦପଦବୀ ଚାହାନ୍ତି, ସେମାନେ ମଧ୍ୟ ଗୁଡ଼ାଏ ଚିନ୍ତା କରିବାରେ ଲାଗିଥାନ୍ତି – କୌଣସି ଭୋଜିକୁ ଗୀତ ନାଚ ସକାଶେ ନିମନ୍ତ୍ରଣ ପାଇବା ପାଇଁ କିମ୍ବା କୌଣସି ସମ୍ଭ୍ରାନ୍ତ ପଦସ୍ଥ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରିବା ପାଇଁ । ଧର୍ମ କ୍ଷେତ୍ରରେ ମଧ୍ୟ ଆମ ଚାରି ପାଖରେ ବାଡ଼େଇ ହୋଇ ଲାଗିଛି ଭ୍ରାନ୍ତ ଧାରଣାର ଏକ ବିରାଟ ସମୁଦ୍ର । ଉଦାର ଲୋକଙ୍କ ସଂଖ୍ୟା ଖୁବ୍ କମ୍ । ଯେଉଁମାନେ ଉଦାର ନୁହନ୍ତି, ସେମାନଙ୍କ ସଂଖ୍ୟା ଲକ୍ଷ ଲକ୍ଷ । ଗ୍ରୀସ୍ ଏବଂ ରୋମ୍‌ରେ ପ୍ରାଚୀନ କାରର ଆଚାର ବ୍ୟବହାରକୁ ଲୋକେ କୁତ୍ସିତ ବୋଲି ଭାବନ୍ତି । କିନ୍ତୁ ସେହି କାଳର ସ୍ମୃତିରୁ ମୁଁ କହିବାକୁ ବାଧ୍ୟ ହେଉଛି ଯେ ବର୍ତ୍ତମାନ ୟୁରୋପରେ ଯାହା ଅଛି, ତାହା ତୁଳନାରେ ସେକାଳର ଆଚରଣ ଓ ଚିନ୍ତାଧାରା ଥିଲା କମ୍ ଦୂଷିତ ।

## ଗୁରୁଙ୍କର ମନୋଭାବ ଗ୍ରହଣ କରିବା

ଆମେ ଯେଉଁମାନେ ବିଷୟଗୁଡ଼ିକର ବହୁତ ଆନ୍ତରୀଣ କଥା ଜାଣୁ, ଆମମାନଙ୍କୁ ଏ ସବୁ ପ୍ରବଳ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଆମେମାନେ ନିଜକୁ କହୁ, "ନା ଏହା ଠିକ୍ ନୁହେଁ । ଏ ସମସ୍ତ ଅସତ୍ୟ । ଅସତ୍‌ରୁ ଆମକୁ ସତ୍‌କୁ ନେବା ପାଇଁ ଆମେ ପ୍ରାର୍ଥନା କରୁ ।" ଭିତରେ ରହିଥିବା ଜୀବନ ହିଁ ପ୍ରକୃତ ଜୀବନ, ଯାହା ସର୍ବଦା ରହିଥାଏ । ଧର୍ମଗ୍ରନ୍ଥରେ ଲେଖା ରହିଛି ଯେ ସେହି ଜୀବନ ହିଁ "ଈଶ୍ୱରଙ୍କ ମଧ୍ୟରେ ଖ୍ରୀଷ୍ଟଙ୍କ ସହିତ ପ୍ରଚ୍ଛନ୍ନ ହୋଇରହିଛି ।"

ସେହି କଥା ସର୍ବଦା ହୃଦୟଙ୍ଗମ କରି ଚଳିବା ଏବଂ ବାହ୍ୟ ଘଟଣା ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ ବୋଲି ମନେ କରିବା ସହଜ କାମ ନୁହେଁ । କିନ୍ତୁ ପ୍ରକୃତରେ ତାହା ହିଁ କରିବା ଉଚିତ୍ । ଆମର ଜଣେ ଗୁରୁ କହିଛନ୍ତି, "ତୁମେ ଯଦି ଆମକୁ ଅନୁସରଣ କରିବାକୁ ଚାହଁ, ତୁମମାନଙ୍କ ଦୁନିଆକୁ ଛାଡ଼ି ଆମ ଦୁନିଆକୁ ଆସିବାକୁ ହେବ ।" ଏହାର ଅର୍ଥ ନୁହେଁ ଯେ ତାଙ୍କୁ ଦୈନନ୍ଦିନ ଜୀବନ ତ୍ୟାଗ କରି ଏକ ଋଷି ହୋଇ ରହିବାକୁ ହେବ । ଏହାର ଅର୍ଥ ହେଉଛି – ଆଗ ଅପେକ୍ଷା ଅଧିକ ପରିମାଣରେ ଆନ୍ତରିକତାର ସହିତ ଆମର ସମସ୍ତ କର୍ତ୍ତବ୍ୟ କରିବାକୁ ହେବ ଜୀବନର ଏହି ବିଚିତ୍ର ନାଟକରେ । ତେବେ ଏହାର ନିଶ୍ଚିତ ଅର୍ଥ ହେଉଛି ଯେ ଅଭୀପ୍ସୁକୁ ନିଜର ସାଧାରଣ ମନୋଭାବ ତ୍ୟାଗ କରି ଗୁରୁମାନଙ୍କର ମନୋଭାବ ଗ୍ରହଣ କରିବାକୁ ହେବ ।

ଯେଉଁମାନେ ଏହି ପ୍ରକାର ଉଦ୍ୟମରେ ସଫଳ ହେବେ, ସେମାନେ ଦିନେ ନା ଦିନେ କୌଣସି ନା କୌଣସି ଗୁରୁଙ୍କର ଶିଷ୍ୟରୂପେ ଗୃହୀତ ହେବେ । ଯେତେବେଳେ କୌଣସି ବ୍ୟକ୍ତିର ଚିନ୍ତା ନିଜ ଗୁରୁଙ୍କର ଚିନ୍ତା ସହିତ ତୁଳନା ଦ୍ୱାରା ପରୀକ୍ଷା କରି ନେଇ ପାରିବେ । ଗୁରୁଙ୍କର ଚିନ୍ତା କେବେହେଲେ ସାଧାରଣ ଜନତାର ଚିନ୍ତା ଦ୍ୱାରା ପ୍ରଭାବିତ ନୁହେଁ । କୌଣସି ଏକ ବିଷୟରେ ଗୁରୁ ଠିକ୍ କ'ଣ ଭାବନ୍ତି, ସେ ତାହା ଲକ୍ଷ୍ୟ କରି ପାରିବେ । ଏହା ପରେ ସେ ଶୀଘ୍ର ନିଜକୁ ସେହି ଧାରାରେ ପକାଇବେ ଏବଂ ତାଙ୍କର ଦୃଷ୍ଟିକୋଣରୁ ବୁଝିପାରିବେ । ଯଦିଓ ପ୍ରଥମେ ତାଙ୍କୁ ବାରମ୍ବାର ଅପ୍ରତ୍ୟାଶିତ ଭାବେ ବିସ୍ମିତ ହେବାକୁ ପଡ଼ିବ । ଯେଉଁ ବିଷୟଗୁଡ଼ିକ ପୂର୍ବରୁ ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିଲା, ସେଗୁଡ଼ିମ ନେ ହେବ ଅଳୀକ ଏବଂ ଅନ୍ୟ ବିଷୟଗୁଡ଼ିକ ଯାହା ଅପେକ୍ଷାକୃତ ଗୁରୁତ୍ୱହୀନ ବୋଲି ସେ ଆଡ଼େଇ ଦେଉଥିଲେ, ତାହା ମନେ ହେବ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । କାରଣ କୌଣସି ପ୍ରକାରେ ସେଗୁଡ଼ିକ ଆମର ଉପଯୋଗିତାକୁ ବହୁତ ପ୍ରଭାବିତ କରେ ଏବଂ ଯାହା ଯାହା ଆମର ଉପଯୋଗିତାକୁ ପ୍ରଭାବିତ କରେ, ତାହା ଗୁରୁତ୍ୱପୂର୍ଣ୍ଣ, ଯେହେତୁ ତଦ୍ଦ୍ୱାରା ଆମେ ସତ୍ୟର ସଂସ୍ପର୍ଶରେ ଆସୁ ।

ମାନସିକ ଏବଂ କାମନା ସ୍ତରରେ ଚାରିଆଡୁ ମନ ଉପରେ ଯେଉଁ ଚାପ ପଡ଼େ, ତାହା ଆଦୌ ଉଚ୍ଚତର ସ୍ତରରୁ ନୁହେଁ । କାନ ସେଥିପ୍ରତି ବନ୍ଦ ରହିବା ଉଚିତ । ତାହା କେବଳ ଖୋଲା ରହିବ ଉଚ୍ଚତର ସ୍ତରର ଧ୍ୱନି ପ୍ରତି ଏବଂ ଗୁରୁଙ୍କର ବାଣୀ ଓ ଚିନ୍ତନ ପ୍ରତି । ପ୍ରାଚୀନ କାଳରେ ଭାରତ ଏବଂ ଅନ୍ୟାନ୍ୟ ଦେଶରେ, ଯେତେବେଳେ ଲୋକେ ଆଧ୍ୟାତ୍ମିକ ଜୀବନ ବିତାଇବାକୁ ଆରମ୍ଭ କରୁଥିଲେ,

ସେମାନଙ୍କର ପ୍ରଥମ କାମ ହେଉଥିଲା ସାଧାରଣ ଜୀବନରୁ ବାହାରି ଯିବା ଏବଂ କୌଣସି ଅରଣ୍ୟ ବା ଗୁମ୍ଫାରେ ଯାଇ ବାସ କରିବା । ତାହା ଦ୍ୱାରା ସେ ଅଜ୍ଞ ଲୋକଙ୍କର ମତାମତର ଚାପରୁ ତ୍ରାହି ପାଇବାର ସୁବିଧା ପାଉଥିଲେ ଏବଂ ନିଜର ପଥ ଅନୁସରଣ କରିବା ପାଇଁ ଅଧିକତର ମୁକ୍ତ ହେଉଥିଲେ । ବହୁ ଖ୍ରୀଷ୍ଟିଆନ୍ ସନ୍ଥ ମଧ୍ୟ ସକ୍ରିୟ ଜଗତରୁ ବିଦାୟ ନେଇ ଋଷି ବା ସାଧୁ ହେଉଥିଲେ ଏବଂ ସମାନ ପ୍ରକାର ଚିନ୍ତାର ଲୋକଙ୍କ ସହିତ ମିଶି ରହୁଥିଲେ ।

ଅବସରକାଳୀନ ସୁବିଧା ଆହୁରି ବଢ଼ିଯାଏ ସେମାନଙ୍କ ସକାଶେ, ଯେଉଁମାନେ ଗୁରୁଙ୍କର ବା ତାଙ୍କର ଏକ ଉନ୍ନତ ଶିଷ୍ୟଙ୍କ ଆଭା ଭିତରେ ରହିବାର ସୁବିଧା ପାଆନ୍ତି । ଗୁରୁ ଶିଷ୍ୟ ସର୍ବଦା ଚେଷ୍ଟା କରନ୍ତି ଗୋଟିଏ ଭଲ ଗୁଣକୁ ବିକଶିତ କରିବା ପାଇଁ । ଉଦାହରଣ ସ୍ୱରୂପ, ପ୍ରେମଭାବକୁ ନିଆଯାଉ । ତାଙ୍କୁ ମନକୁ ମନ କରିବାକୁ ଛାଡ଼ିଦେଲେ, ସେ ତାହା ମଝିରେ ମଝିରେ ବିକଶିତ କରିବେ, କାରଣ ସେ ବରାବର ତାହା କରିବାକୁ ଭୁଲିଯିବେ । କିନ୍ତୁ ତାଙ୍କଠାରୁ ବରିଷ୍ଠ ବ୍ୟକ୍ତିଙ୍କର ଆଭା ତାଙ୍କ ଧରି ରଖିବ ଏକ ଉଚ୍ଚତରମାନର ଚିନ୍ତା ଓ ଆବେଗ ଭିତରେ ଓ ତେଣୁ ତାହାକୁ ସେ ନିଜ ଭିତରେ ସ୍ଥାୟୀ ଭାବରେ ପ୍ରତିଷ୍ଠିତ କରିବାକୁ ଚାହିଁବେ । ବିକଳାଙ୍ଗ ଶିଶୁର ଚିକିତ୍ସା କ୍ଷେତ୍ରରେ ତାହାର ଅଙ୍ଗ ଉପଯୁକ୍ତ ଭାବେ ବୃଦ୍ଧି ପାଇବା ସକାଶେ କାଠପଟା ବା ସ୍ପ୍ଲିଣ୍ଟ ଭିତରେ ରଖିଲେ ଯେପରି ଘଟିଥାଏ, ଏହା ପ୍ରାୟ ସେହିପରି ହୁଏ ।

ଗୁରୁଙ୍କର ଆଭା ଭିତରେ ଥିବାବେଳେ ଶିଷ୍ୟ ଅନୁଭବ କରନ୍ତି ଯେ ସେ ଚାହିଁଲେ ମଧ୍ୟ ଭୁଲ୍ ଚିନ୍ତା ମନକୁ ଆଣି ପାରିବେ ନାହିଁ । ତାହା ସେତେବେଳେ ତାଙ୍କ ପକ୍ଷରେ ଅସମ୍ଭବ ମନେ ହେବ । ସେହି ଅବସ୍ଥାରେ ରହି ଆମେ ଗତ ଦିନର ଆମ ଚିନ୍ତା ପ୍ରତି ଲକ୍ଷ୍ୟ କରି ଅଳ୍ପ ହସି କହୁଁ, "ମୋର ଆଉ ସେହି ଭାବନା ରହିବ ନାହିଁ – ତାହା ତ ଏକ ସ୍ୱପ୍ନ ଭଳି ଉଭେଇ ଯାଇଛି ।" କିନ୍ତୁ ପରବର୍ତ୍ତୀ ଦିନରେ, ଆମେ ଯେତେବେଳେ ଗୁରୁଙ୍କ ଠାରୁ ଦୂରରେ ରହୁ, ଆମେ ଦେଖୁ ଯେ ସେହି ଉଚ୍ଚତର ମନୋଭାବକୁ ଧରି ରଖିବା ପାଇଁ ଆମକୁ ବିଶେଷ ସଂଗ୍ରାମ କରିବାକୁ ପଡ଼ିଥାଏ, ଯାହା ଗୁରୁଙ୍କ ପାଖରେ ଥିବାବେଳେ ଖୁବ୍ ସହଜ ମନେ ହେଉଥିଲା ।

**ପୃଥିବୀକୁ ସାହାଯ୍ୟ କରିବା**

ବର୍ତ୍ତମାନ ଯେଉଁମାନେ ଆଧ୍ୟାତ୍ମିକ ପଥରେ ଯିବା ପାଇଁ ଚେଷ୍ଟା କରୁଛନ୍ତି, ସକ୍ରିୟ ଜୀବନରେ ଥିବାବେଳେ ହିଁ ସେଥିରେ ସଫଳତା ଲାଭ କରିବାକୁ ହେବ । କାରଣ ଉଦ୍ଦେଶ୍ୟ ହେଉଛି ଯେ ସେମାନେ ପୃଥିବୀକୁ ସାହାଯ୍ୟ କରିବେ –

କେବଳ ଚିନ୍ତା ଏବଂ ଧ୍ୟାନ ଦ୍ୱାରା ନୁହେଁ, (ଯାହା ନିଃସନ୍ଦେହରେ ମୁନି ଏବଂ ସନ୍ଥମାନେ କରିଥାନ୍ତି) ବରଂ ପୃଥିବୀର ବିଭିନ୍ନ ପ୍ରକାର କାର୍ଯ୍ୟ କଳାପରେ ଯୋଗଦେଇ । ଏହା ଏକ ସୁନ୍ଦର ଚିନ୍ତା ଏବଂ ଏକ ମହାନ୍ ବିଶେଷ ଅଧିକାର । କିନ୍ତୁ ତାହା କରିବା କଷ୍ଟକର, ଅତିଶୟ କଷ୍ଟକର ।

ସେହି ଅସୁବିଧାର ପରିଣତି ସ୍ୱରୂପ ଖୁବ୍ କମ୍ ଲୋକେ ପ୍ରକୃତରେ ସଫଳତା ଲାଭ କରିଛନ୍ତି । ସାଧାରଣ ଖ୍ରୀଷ୍ଟିଆନ୍ ଯେପରି ସେମାନଙ୍କର ଧର୍ମକୁ ନେଇ ରହିଥାନ୍ତି, ସେହିପରି ଅଧିକାଂଶ ବ୍ୟକ୍ତି ବ୍ରହ୍ମବିଦ୍ୟାର ଉପଦେଶଗୁଡ଼ିକ ଗ୍ରହଣ କରି ସନ୍ତୁଷ୍ଟ ହୋଇ ରହିଥାନ୍ତି । ସେମାନେ ଭାବନ୍ତି ଯେ ରବିବାର ମାନଙ୍କରେ ଏହିସବୁ ବିଷୟରେ କହିବା ବେଶ୍ ସୁନ୍ଦର କଥା, କିନ୍ତୁ ପ୍ରତିଦିନ ଏବଂ ଦିନସାରା ଏ ସବୁକୁ କାର୍ଯ୍ୟରେ ପରିଣତ କରିବା କଥା ଆଦୌ ନୁହେଁ । ଆନ୍ତରୀଣ ଜୀବନ ପ୍ରତି ନିଷ୍ଠାପର ବ୍ୟକ୍ତି ଏପରି ଅସତ୍ ହୋଇପାରିବେ ନାହିଁ । କଥା ଓ କାର୍ଯ୍ୟରେ ତାଙ୍କର ସଂହତି ଅବଶ୍ୟ ରହିବ ଏବଂ ସର୍ବଦା ଦୈନନ୍ଦିନ ଜୀବନରେ ସେ ନିଜର ଆଦର୍ଶକୁ କାର୍ଯ୍ୟକାରୀ କରିବେ । ସେହି ସଂହତି ଲାଭ କରିବା କଷ୍ଟକର । ଏହା ନୁହେଁ ଯେ ଲୋକେ ବ୍ରହ୍ମବିଦ୍ୟାର ଭାବଗୁଡ଼ିକୁ ସାକାର କରିବା ପାଇଁ କିଛି ବଡ଼ ଧରଣର ଉଦ୍ୟମ କରିବାକୁ ଅନିଚ୍ଛୁକ । ଯଦି ସେମାନେ ତାଙ୍କ ଗୁରୁଙ୍କୁ ସାହାଯ୍ୟ କରିପାରିବେ ଓ ତାଙ୍କ ସକାଶେ ପ୍ରତ୍ୟକ୍ଷ ଭାବେ କିଚି କାର୍ଯ୍ୟ କରିପାରିବେ, ସେମାନେ ତାହା କରିବେ, ଯଦିବା ସେଥିପାଇଁ ତାଙ୍କୁ ଜୀବନ ଦେବାକୁ ପଡ଼ିବ । ମନେ ପକାନ୍ତୁ ସେଣ୍ଟ ଅଗଷ୍ଟାଇନ୍ ଯାହା କହିଥିଲେ, “ବହୁ ଲୋକ ଅଛନ୍ତି, ଯେଉଁମାନେ ଖ୍ରୀଷ୍ଟଙ୍କ ସକାଶେ ଜୀବନ ଦେଇ ଦେବେ, କିନ୍ତୁ କମ୍ ଲୋକ ଅଛନ୍ତି, ଯେଉଁମାନେ ତାଙ୍କ ସକାଶେ ବଞ୍ଚି ପାରିବେ ।” ଶହୀଦ୍ ହେବା ଖୁବ୍ ସୁନ୍ଦର ଓ ବୀରତ୍ୱ ବ୍ୟଞ୍ଜକ ଶୁଭୁଛି – ଏହା ଖୁବ୍ ମହତ୍ୱପୂର୍ଣ୍ଣ କାର୍ଯ୍ୟ । କିନ୍ତୁ ଯେ ଶହୀଦ ହୁଅନ୍ତି ସେ ଅନୁଭବ କରନ୍ତି, ସେ ଏକ ବିରାଟ ଉଦ୍ୟମ କରୁଛନ୍ତି ଏବଂ ସେହି ଚେତନା ଦୁଃଖ ଯନ୍ତ୍ରଣା ମଧ୍ୟରେ ତାଙ୍କୁ ମାନସିକ ବଳ ଦେଇଥାଏ ଏବଂ ତାଙ୍କୁ ଧରି ରଖିଥାଏ । ଏହି ବୀରୋଚିତ ମହାନ୍ କାର୍ଯ୍ୟର ମୁହୂର୍ତ୍ତ ସକାଶେ ସେ ପ୍ରସ୍ତୁତ ହୋଇଯାନ୍ତି ।

ବର୍ତ୍ତମାନ ଯାହା କରିବାକୁ ହେବ ତାହା ତା ଅପେକ୍ଷା ଅଧିକ କଷ୍ଟକର । ଆମର ଯେତେ ସବୁ ଦୈନନ୍ଦିନ ଛୋଟ ଛୋଟ ଅସୁବିଧା ଅବିରତ ଦେଖା ଦେଇଥାଏ, ତାହା ଭିତରେ ସେହି ବୀରତ୍ୱର ଶୀର୍ଷ ସ୍ଥାନରେ ନିଜକୁ ସର୍ବଦା ଧରି ରଖିବା ସମ୍ଭବ ନୁହେଁ । ଯେଉଁମାନେ ଆମେ ଯେପରି ଭାବୁ ସେପରି କାମ କରିବା ଉଚିତ ହେଲେ ବି କରନ୍ତି ନାହିଁ, ଦିନ ପରେ ଦିନ ସେଇ ଏକ ପ୍ରକାର ବିରକ୍ତିକର

ଲୋକଙ୍କୁ ନେଇ ମନର ସ୍ଥିରତା ରକ୍ଷାକରି କାମ କରିବା ଦୁର୍ବିସହ ହୋଇଥାଏ । ସମସ୍ତ ଛୋଟ ଛୋଟ ବିଷୟର ଖ୍ରୀଷ୍ଟଙ୍କ ପାଇଁ ବଞ୍ଚି ରହିବା କଷ୍ଟକର । ଯେହେତୁ ଏହି ବିଷୟଗୁଡ଼ିକ ଅପେକ୍ଷାକୃତ ଛୋଟ ବୋଲି ମନେ ହୁଏ, ସେହି ହେତୁ ହିଁ ଆମର ଆଧ୍ୟାତ୍ମିକ ପଥ ଅନୁସରଣ କରିବା କଷ୍ଟକର ହୋଇପଡ଼େ ।

ଆମେ ଏହି ତିନିଟି ବହି ନେବା ଏବଂ ସେଗୁଡ଼ିକରେ ଥିବା ଉପଦେଶଗୁଡ଼ିକୁ ଅନୁସରଣ କରିବା ଏବଂ ଦେଖିବା ସେଗୁଡ଼ିକୁ କିପରି କାର୍ଯ୍ୟକାରୀ କରାଯାଇ ପାରିବ । ଅନ୍ୟମାନେ ଏହା କରିଛନ୍ତି ଏବଂ ଆଧ୍ୟାତ୍ମିକ ପଥରେ ପାଦ ଦେବାରେ ସଫଳ ହୋଇଛନ୍ତି । ଆମେ ପାରିବା ନାହିଁ କାହିଁକି ? ଏଥିରେ ସଫଳତାର ଅର୍ଥହେଉଛି ନିଜକୁ ଜୟ କରିବା । ଏହାର ଅର୍ଥ ଆମେ ନିଜକୁ ନିଜର ନିୟନ୍ତ୍ରଣରେ ରଖିବା ଏବଂ ଘଟଣାଗୁଡ଼ିକର ସମ୍ମୁଖୀନ ହେବା । ଯେଉଁଠି ବାଲୁଙ୍ଗା ଥିବ ତାକୁ ଉପାଡ଼ି ଫୋପାଡ଼ି ଦେବା, ସେହି ବାଲୁଙ୍ଗାର ଯେତେ ଗଭୀରରେ ଚେର ମାଡ଼ିଥାଉ ବା ତାହାକୁ ଉପାଡ଼ିବାରେ ଆମର ଯେତେ କଷ୍ଟ ହେଉ, ସେଥିରେ କିଛି ଯାଏ ଆସେ ନାହିଁ । ତାହା ନିଶ୍ଚୟ କଷ୍ଟକର, କିନ୍ତୁ ଯେଉଁମାନେ ଉଚ୍ଚତର ସ୍ତରରେ ପ୍ରବେଶ କରିଚନ୍ତି, ସେମାନେ ଆମକୁ କହନ୍ତି ଯେ ତାହା କରିବା ଦରକାର । ସେହି ଉଦ୍ୟମ ଅଳ୍ପ ହେଉ ବା ବହୁତ ହେଉ ଏକାଥରକେ ହେଉ ବା ବହୁବାରରେ ହେଉ ଏ ବିଶେଷ ଭାବେ ଦରକାରୀ ।

■■■

## ଦ୍ୱିତୀୟ ଅଧ୍ୟାୟ

# ଦୀକ୍ଷାଗ୍ରହଣ ଓ ସେଥିପାଇଁ ଯୋଗ୍ୟତା

**ଲେଡ୍‌ବିଟର** – ବହିଟିର ତିରିଶ ବା ଚାଳିଶଟି ନାମ ପ୍ରସ୍ତାବ କରାଯାଇଥିଲା । ସେଥିଭିତରୁ ଏହି ନାମଟି ବାଛିଥିଲେ ଆମର ଅଧ୍ୟକ୍ଷା । ଉତ୍ସର୍ଗ କରିବା ସମ୍ପର୍କରେ ମଧ୍ୟ ଏହି ଧାଡ଼ିଟି ଲେଖିବାର ଦାୟିତ୍ୱ ତାଙ୍କରି ।

**ଯେଉଁମାନେ ଦ୍ୱାରରେ କରାଘାତ କରନ୍ତି ସେମାନଙ୍କ ପାଇଁ ।**

ଏହାର ପ୍ରତୀକାତ୍ମକ ଅର୍ଥ ସ୍ପଷ୍ଟ – "ଦ୍ୱାରରେ କରାଘାତ କର ଏବଂ ଏହା ତୁମ ପାଇଁ ଖୋଲିଯିବ; ଅନ୍ୱେଷଣ କର, ନିଶ୍ଚୟ ପାଇବ ।" ମୁଖବନ୍ଧରେ ଡକ୍ଟର ବେସାନ୍ତ କହିଛନ୍ତି :

> **ଅଧିକ ବୟସ ଦୃଷ୍ଟିରୁ ମୋତେ ଏକ ବିଶେଷ ଅଧିକାର ଦିଆଯାଇଛି ଏହି ଛୋଟ ବହିଟିର ପରିଚୟ ଦେଇ କିଛି ଲେଖିବାକୁ । ଏହି ବହିଟି ଲେଖିଛନ୍ତି ଜଣେ ଅଳ୍ପ ବୟସ୍କ ଭାଇ- ଶରୀର ଦୃଷ୍ଟିରୁ ଅଳ୍ପ ବୟସର - କିନ୍ତୁ ଆତ୍ମା ଦୃଷ୍ଟିରୁ ନୁହେଁ ।**

ଏଥିରେ ଏକ ମହାନ୍ ଗୁରୁତ୍ୱପୂର୍ଣ୍ଣ କଥା ରହିଛି । ସାଧାରଣତ ଜୀବନରେ କେବଳ ଏହି ଜଗତର ଏବଂ ଏହି ଜନ୍ମରର କଥା ବିଚାର କରି ଆମେ କୌଣସି ବ୍ୟକ୍ତିର ସ୍ଥୂଳ ଶରୀରକୁ ଦେଖି ତାର ବୟସ କଳନା କରୁ; କିନ୍ତୁ ଆଧ୍ୟାତ୍ମିକ ପ୍ରଗତି କ୍ଷେତ୍ରରେ ଆମେ ଜୀବାତ୍ମାର, ଅନ୍ତରୀଣ ଆତ୍ମାର ବୟସ ବିଚାର କରିଥାଉ । ବାହ୍ୟ ଶରୀର ଦୃଷ୍ଟିରୁ କଳନା କରିବା ସମ୍ପର୍କରେ ସତର୍କ ହେବା ଉଚିତ୍, ଯଦିଓ ପୃଥିବୀରେ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ତାହା କରିଥାନ୍ତି । ସ୍ଥୂଳ ଶରୀର ଅଳ୍ପ ବୟସର ଥିବା ସମୟରେ ମଧ୍ୟ ଆତ୍ମା କ୍ରମଶଃ ବୃଦ୍ଧି ପାଏ ଏବଂ ସେତେବେଳେ ଏହା ଉନ୍ନତ ହୁଏ, ସେତେବେଳେ ଏହା ବୁଦ୍ଧି, ଭାବାବେଗ ଓ ଆଧ୍ୟାତ୍ମିକ ଶକ୍ତିର ବିକାଶର ସୂଚନା ଦିଏ । ଆଲସ୍ୟୋନ୍

ନିଜ କ୍ଷେତ୍ରରେ ନିଶ୍ଚିତ ଭାବେ ଚରମ ଦ୍ରୁତ ପ୍ରଗତି ଦେଖାଇଥିଲେ । ସେ ଉପଦେଶଗୁଡ଼ିକୁ ଏଭଳି ପୂର୍ଣ୍ଣ ଭାବେ ଗ୍ରହଣ କରି ନେଇଥିଲେ ଯେ ଯାହା ଲାଭ କରିବାକୁ ସାଧାରଣତଃ ବର୍ଷ ବର୍ଷ ଲାଗି ଯାଇଥାନ୍ତା । କାରଣ ସେଥିରେ ଚରିତ୍ରର ଆମୂଳ ପରିବର୍ତ୍ତନ ଦରକାର, ଯାହା ସେ ଅଳ୍ପ କେତେ ମାସରେ ହାସଲ କରିଥିଲେ ।

**ଏଥିରେ ଦିଆଯାଇଥିବା ଉପଦେଶଗୁଡ଼ିକ ତାଙ୍କର ଗୁରୁ ତାଙ୍କୁ ଦୀକ୍ଷା ଲାଭ ସକାଶେ ପ୍ରସ୍ତୁତ କରିବା ପାଇଁ ଦେଇଥିଲେ ।**

ଦୀକ୍ଷାଲାଭ ଶବ୍ଦଟି ଅନେକ ସମୟରେ ଅତି ସାଧାରଣ ଭାବେ ବ୍ୟବହୃତ ହୋଇଥାଏ । କିନ୍ତୁ ଏଠାରେ ତାହାର ଏକ ନିର୍ଦ୍ଦିଷ୍ଟ ତାତ୍ପର୍ଯ୍ୟ ରହିଛି । ନିଜେ ମାଡାମ୍ ବ୍ଲାଭାଟସ୍କି ଆଗରୁ ଏହାକୁ ଏକ ପ୍ରକାର କୋହଳ ଅର୍ଥରେ ବ୍ୟବହାର କରୁଥିଲେ । କିନ୍ତୁ ଆମର ଶବ୍ଦମାଳା ଯେତେବେଳେ ଅଧିକତର ନିର୍ଦ୍ଦିଷ୍ଟ ଅର୍ଥବିଶିଷ୍ଟ ହୋଇଛି, ଶବ୍ଦଟିର ଅର୍ଥ ସେହି ମହାନ୍ ଦୀକ୍ଷାଗୁଡ଼ିକ ମଧ୍ୟରେ ସୀମିତ ହେବା ଉଚିତ୍ । ଏହା ହେଉଛି ପୁରାତନ ଭାଷାରେ ଆଧ୍ୟାତ୍ମିକ ପଥର ପାଞ୍ଚଟି ସୋପାନ । ଅପେକ୍ଷାକୃତ ପୁରାତନ ଲେଖାଗୁଡ଼ିକରେ କୁହାଯାଇଛି ଯେ ଶିକ୍ଷାନବିଶ୍ ପଥ, ପ୍ରକୃତ ଆଧ୍ୟାତ୍ମିକ ପଥ ଏବଂ କର୍ମକର୍ତ୍ତାର ପର୍ଯ୍ୟାୟ – ଏଗୁଡ଼ିକ ହେଉଚି ମନୁଷ୍ୟର ବିଶେଷ ପ୍ରଗତିର ତିନିଟି ଅଧ୍ୟାୟ । ଶିକ୍ଷାନବିଶ ପଥର ଅର୍ଥହେଉଛି, ଦୀକ୍ଷା ଲାଭ ସକାଶେ ଶିକ୍ଷାନବିଶ ରହିବାର ସମୟ ଅବଧି । ପ୍ରକୃତ ଆଧ୍ୟାତ୍ମିକ ପଥ ହେଉଛି – ପବିତ୍ରାବସ୍ଥାର ପଥ, ଯାହା ଆରମ୍ଭ ହୁଏ ପ୍ରଥମ ମହାନ୍ ଦୀକ୍ଷା ଲାଭ ପରେ (ଯେତେବେଳେ ମନୁଷ୍ୟ 'ସ୍ରୋତରେ ପ୍ରବେଶ କରେ') ଏବଂ ଶେଷ ହୁଏ ସିଦ୍ଧତ୍ୱ ଲାଭ କରିବା ପରେ । ଆମେ 'ବ୍ରହ୍ମବିଦ୍ୟା ସମିତିରେ ଦୀକ୍ଷିତ ହେବା' କଥା ମଧ୍ୟ କହୁଥିଲୁ ଏବଂ ଏହି ଦୀକ୍ଷା ଲାଭ ଶବ୍ଦଟି ମ୍ୟାସନିକ୍ ଏବଂ ଅନ୍ୟ କେତେକ ଅନୁଷ୍ଠାନିକ ଉତ୍ସବରେ ମଧ୍ୟ ବ୍ୟବହୃତ ହୋଇଥାଏ । ତେବେ ଆଧ୍ୟାତ୍ମିକ ପଥର ମହାନ୍ ଦୀକ୍ଷାଲାଭ ସହିତ ଏହି ସବୁ ଦୀକ୍ଷା ଲାଭର ଯେପରି ଗୋଳମାଳ ନ ହୁଏ, ସେଥିପାଇଁ ଯତ୍ନବାନ୍ ହେବା ଉଚିତ ।

ଦୀକ୍ଷା ଲାଭ ପାଇଁ ଶିକ୍ଷାନବିଶ୍ କାଳ ତିନିଟି ପର୍ଯ୍ୟାୟରେ ବିଭକ୍ତ ବୋଲି ପୂର୍ବ କାଳରେ କୁହାଯାଉଥିଲା, ଯାହା ଏହି ବିରେ ଦିଆଯାଇଥିବା ଚାରିଟି ଯୋଗ୍ୟତା

ଅନୁସାରେ ହୋଇଥିଲା । ସେହି ଯୋଗ୍ୟତାଗୁଡ଼ିକ ହେଲା – ବିବେକ, ବୈରାଗ୍ୟ, ଉତ୍ତମ ଆଚରଣ ଏବଂ ପ୍ରେମ ।

ଏଗୁଡ଼ିକୁ ପର୍ଯ୍ୟାୟ ବୋଲି କହିବା ବା ଏଗୁଡ଼ିକ ମଧ୍ୟରେ ଦୀକ୍ଷାଲାଭ ହୁଏ ବୋଲି କହିବା ଠିକ୍ ନୁହେଁ । ଏହି ଯୋଗ୍ୟତାଗୁଡ଼ିକ ଯେଉଁ କ୍ରମରେ ଲେଖାଯାଇଛି, ସେହି କ୍ରମରେ ହାସଲ କରାଯାଇ ନ ଥାଏ । ପ୍ରାଚୀନ ପ୍ରାଚ୍ୟ ଗ୍ରନ୍ଥମାନଙ୍କରେ ସେଗୁଡ଼ିକ ସେହି କ୍ରମରେ ଲେଖାଯାଇଛି । କିନ୍ତୁ ଆମ୍ଭେମାନେ ସମ୍ଭବତଃ ସେ ସମସ୍ତ ଏକ ସମୟରେ ହାସଲ କରିବାକୁ ଚେଷ୍ଟିତ । ଆମେ ସେ ସବୁ ଲାଭ କରିବା ପାଇଁ ଯାହା କରିପାରିବା, ତାହା କରିଥାଉ । ଆମ କେତେକଙ୍କ କ୍ଷେତ୍ରରେ ହୁଏତ ଗୋଟିଏ ଯୋଗ୍ୟତା ଅନ୍ୟ ଯୋଗ୍ୟତାଗୁଡ଼ିକ ତୁଳନାରେ ସହଜ ହୋଇପାରେ ।

ବିବେକ ପ୍ରଥମ ଯୋଗ୍ୟତା ରୂପେ ସ୍ଥାନ ପାଇଛି । କାରଣ ଆଧ୍ୟାତ୍ମିକ ପଥରେ ମୂଳରୁ ପ୍ରବୋ କରିବା କି ନାହିଁ, ସେ ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ଏହା ମଣିଷକୁ ସକ୍ଷମ କରେ । ବୌଦ୍ଧଧର୍ମରେ ଏହାକୁ 'ମନୋଦ୍ୱାରା ଉଜ୍ଜନ' ଅର୍ଥାତ୍ "ମାନସ ଦ୍ୱାରର ଉନ୍ମୋଚନ" ବୋଲି କୁହାଯାଇଛି, ଯାହାର ଅର୍ଥ ହେଉଛି ଯେ ପ୍ରଥମଥର ପାଇଁ ମନୁଷ୍ୟର ମନ ଖୋଲିଯିବା ଫଳରେ ସେ ଲକ୍ଷ୍ୟ କରେ ଯେ ଆଧ୍ୟାତ୍ମିକ ବିଷୟ ହିଁ କେବଳ ସତ୍ ଅଥଚ ସାଧାରଣ ସାଂସାରିକ ଜୀବନ ସମୟ ନଷ୍ଟ କରିଥାଏ । ହିନ୍ଦୁ ଧର୍ମରେ ଏହାକୁ କୁହାଯାଏ ବିବେକ, ଯାହାର ଅର୍ଥ ହେଉଛି ଭଲ ମନ୍ଦ ହୃଦ୍‌ବୋଧ କରିବାର କ୍ଷମତା । ଖ୍ରୀଷ୍ଟିୟାନ୍‌ମାନେ ଏହି ବୋଧକୁ କହନ୍ତି କନ୍‌ଭର୍ସନ୍ ବା ସମ୍ୟକ୍ ପରିବର୍ତ୍ତନ କିମ୍ବା ଏକାଥରକେ ବଦଳିଯିବା । ଭର୍ସନ୍ ଆସିଛି verto (ଘୂରିବା)ରୁ ଏବଂ 'କନ୍'ର ଅର୍ଥ ଏକତ୍ରିତ ହୋଇ ।

ଏହାର ଅର୍ଥ ହେଉଚି ଯେ ମନୁଷ୍ୟ ଈଶ୍ୱରୀୟ ଇଚ୍ଛା ସମ୍ପର୍କରେ ନ ଭାବି ନିଜ ଇଚ୍ଛା ମୁତାବକ ଚଳିବା ପରେ, କ୍ରମବିକାଶର ଧାରା ଈଶ୍ୱରଙ୍କ ଇଚ୍ଛା ଅନୁସାରେ କେଉଁ ଦିଗରେ ପ୍ରବାହିତ ହେଉଛି ତାହା ସେ ଉପଲବ୍ଧି କରେ ଏବଂ ସେହି ଧାରା ଅନୁଯାୟୀ ଗତି କରିବା ପାଇଁ ସେ ନିଜକୁ ପରିବର୍ତ୍ତନ କରେ । ବହୁ ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟ ମଧ୍ୟରେ ଏହା ବିକୃତ, ଅବିଚାରିତ, ନାଟକୀୟ ଅର୍ଥ ଗ୍ରହଣ ରହିଛି । ଖ୍ରୀଷ୍ଟ ଯେପରି କହିଥିଲେ, ଏହା ବିଶେଷ ଭାବେ ସେଇଆ । ସେ କହିଥିଲେ – "ଊର୍ଦ୍ଧ୍ୱରେ ଥିବା ବିଷୟଗୁଡ଼ିକ ପ୍ରତି ଶ୍ରଦ୍ଧା ରଖ, ପୃଥିବୀର ବିଷୟଗୁଡ଼ିକ ପ୍ରତି ନୁହେଁ ।"

ଆଧ୍ୟାତ୍ମିକ ପଥରେ ଯେପରି ସୋପାନ ସବୁ ରହିଛି, ସେହିପରି ଯେଉଁ ଗୁରୁ ଶିଷ୍ୟଙ୍କୁ ଦୀକ୍ଷା ସକାଶେ ପ୍ରସ୍ତୁତ କରନ୍ତି, ସେହି ଗୁରୁଙ୍କ ସହିତ ଶିଷ୍ୟଙ୍କର ବ୍ୟକ୍ତିଗତ ସମ୍ପର୍କର ମଧ୍ୟ ନିର୍ଦ୍ଦିଷ୍ଟ ସୋପାନ ରହିଛି । ଦୀକ୍ଷା ଦେଇଥାନ୍ତି ମହାନ୍ ଶ୍ୱେତ ଭ୍ରାତୃମଣ୍ଡଳୀ ସେମାନଙ୍କ ମୁଖ୍ୟଙ୍କ ନାମରେ ଏବଂ ନିର୍ଦ୍ଦେଶରେ ତେବେ ଗୁରୁଙ୍କ ସହିତ ଶିଷ୍ୟର ସମ୍ପର୍କ ହେଉଛି ଶିଷ୍ୟର ବ୍ୟକ୍ତିଗତ ବିଷୟ । ଜଣେ ହୁଏତ ପ୍ରଥମେ ଶିକ୍ଷାନବିଶ୍ ହୋଇପାରେ କିମ୍ବା ଦ୍ୱିତୀୟରେ ଶିଷ୍ୟ ରୂପେ ଗୃହୀତ ହୋଇପାରେ କିମ୍ବା ତୃତୀୟରେ କୁହାଯାଇପାରେ ଗୁରୁଙ୍କର ପୁତ୍ର । ଏସବୁ ହେଲା ବ୍ୟକ୍ତିଗତ ସମ୍ପର୍କ । ଏସବୁକୁ ଦୀକ୍ଷା କହିବା ଭୁଲ୍ ହେବ, କାରଣ ଦୀକ୍ଷା ଦିଅନ୍ତି ମହାନ୍ ଅଧିକାରୀ ବର୍ଗ ।

## ଜୀବାତ୍ମା ଓ ବ୍ୟକ୍ତିତ୍ୱ

ପ୍ରଥମ ଦୀକ୍ଷାଲାଭ ହେଉଚି ଏକ ସୋପାନ ଯାହା ଫଳରେ ଜଣେ ଲୋକ ମହାନ୍ ଶ୍ୱେତ ଭ୍ରାତୃମଣ୍ଡଳୀର ସଭ୍ୟଭାବେ ଅନ୍ତର୍ଭୁକ୍ତ ହୁଏ । ତାହା ପୂର୍ବରୁ ସେ ପ୍ରକୃତରେ ଆଧ୍ୟାତ୍ମିକ ପଥରେ ନ ଥାଏ । କିନ୍ତୁ ସେଥି ସକାଶେ ପ୍ରସ୍ତୁତି ପାଇଁ ନିଜକୁ ତାଲିମ୍ ଦେଉଥାଏ । ଏହି ଦୀକ୍ଷା ମନ ଇଚ୍ଛା ଦିଆଯାଏ ନାହିଁ, ବରଂ କ୍ରମବିକାଶର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ପହଞ୍ଚିଥିବାର ସ୍ୱୀକୃତି ସ୍ୱରୂପ ଦିଆଯାଇଥାଏ । ଏହି ପର୍ଯ୍ୟାୟ ହେଉଛି ଉଚ୍ଚସ୍ତର ଓ ନିମ୍ନସ୍ତରରେ କାର୍ଯ୍ୟ କରୁଥିବା ଆତ୍ମାର ମିଳନ; ଜୀବାତ୍ମା ଓ ବ୍ୟକ୍ତିତ୍ୱର ମିଳନ । ଯେଉଁ ବ୍ୟକ୍ତି ପ୍ରଥମ ମହାନ୍ ଦୀକ୍ଷା ସକାଶେ ପ୍ରାର୍ଥୀ ରୂପେ ଆଗେଇ ଆସିବାକୁ ଚାହାନ୍ତି, ତାଙ୍କୁ ଏହି ପୁସ୍ତକରେ ବର୍ଣ୍ଣିତ ଯୋଗ୍ୟତା ଅବଶ୍ୟ ହାସଲ କରିବାକୁ ହେବ ଏବଂ ନିଜର ବ୍ୟକ୍ତିତ୍ୱକୁ ଜୀବାତ୍ମାର ଅଭିବ୍ୟକ୍ତି ରୂପେ ଗଢ଼ିବାକୁ ହେବ । ତାଙ୍କର ଆଉ ନିମ୍ନତର ବ୍ୟକ୍ତିତ୍ୱ ରହିବ ନାହିଁ – କି ଜନ୍ମ ନେଇଥିବା ଆତ୍ମାର ଇଚ୍ଛା ବିରୁଦ୍ଧରେ ନିଜର ସ୍ୱତନ୍ତ୍ର ଇଚ୍ଛା ରହିବ ନାହିଁ ।

ଏହା ଫଳରେ ଯେଉଁ ପରିବର୍ତ୍ତନ ଘଟେ, ତାହା 'ମ୍ୟାନ ଭିଜିବୁଲ୍ ଏଣ୍ଡ ଇନ୍‌ଭିଜିବୁଲ୍' ପୁସ୍ତକରେ ଚିତ୍ର ଦ୍ୱାରା ଦେଖାଇ ଦିଆଯାଇଛି । ଅନୁନ୍ନତ ମାନବର କାମନା ଶରୀର ବହୁ ବର୍ଣ୍ଣରେ ପୂର୍ଣ୍ଣ, ଯାହା ସବୁପ୍ରକାର ନିମ୍ନତର ବାସନାର ସୂଚନା ଦିଏ ଏବଂ ଏହାର ରୂପରେଖ ଅନିୟମିତ । କାହିଁକି ନା ମନୁଷ୍ୟର ତାହା ଉପରେ ନିୟନ୍ତ୍ରଣ ନ ଥାଏ ଏବଂ କାରଣ ଓ ମାନସ ଶରୀର ମଧ୍ୟରେ କୌଣସି ସମ୍ପର୍କ ନ ଥାଏ । କାରଣ ଶରୀର ଶୂନ୍ୟ ଥିବା ଭଳି ମନେ ହୁଏ । ମାନସ ଶରୀରର ବିକାଶ ଅଳ୍ପ ହୋଇଥାଏ । କିନ୍ତୁ ମାନସ ଶରୀର ସହିତ ଏହାର ବିଶେଷ ସମ୍ପର୍କ ନ ଥାଏ । ଅନୁନ୍ନତ ମଣିଷର କାମନା ଶରୀରରେ ସବୁ ପ୍ରକାର ଭାବାବେଗ ଏବଂ ବାସନା

ରହିଥାଏ, ଯାହାର ମନ ସହିତ ସମ୍ପର୍କ ନାହିଁ । ସେ ସେହି ବାସନାଗୁଡ଼ିକ ସମ୍ପର୍କରେ ଭାବେ ନାହିଁ ଏବଂ କିପରି ଭାବିବାକୁ ହେବ ସେ ଜାଣେ ନାହିଁ । ସେହି ବାସନା ସବୁ ରହିଥାନ୍ତି ଏବଂ ମଣିଷକୁ ଟାଣି ନେଇ ଛୁଟି ଚାଲନ୍ତି ।

କିନ୍ତୁ ଉନ୍ନତ ମନୁଷ୍ୟ କ୍ଷେତ୍ରରେ ସେହି ସବୁ ଶରୀରର ନିବିଡ଼ ସମ୍ପର୍କ ରହିଛି । କାରଣ ଶରୀର ଶୂନ୍ୟ ନ ହୋଇ ପୂର୍ଣ୍ଣ ହୋଇ ରହିଥାଏ । ସେଥିରେ ଉଚ୍ଚତର ସଦ୍‌ଗୁଣଗୁଡ଼ିକୁ ସୂଚାଉଥିବା ବିଭିନ୍ନ ବର୍ଣ୍ଣ ବିକଶିତ ହୋଇରହିଛି । ଏହା ବିଭିନ୍ନ ଦିଗରେ ନିଜକୁ ଢାଳି ଦେଇ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ଆରମ୍ଭ କରିଛି । ମାନସ ଶରୀରରେ ମଧ୍ୟ ସେହି ପ୍ରକାର ବର୍ଣ୍ଣ ସବୁ ଦେଖାଯାଉଛି; ସେଗୁଡ଼ିକ କିଛି ପରିମାଣରେ ଘନୀଭୂତ, କିନ୍ତୁ ସୂକ୍ଷ୍ମତମ ଏବଂ ସେଗୁଡ଼ିକ ନିମ୍ନତର ସ୍ତରରେ କାରଣ ଶରୀରର ପ୍ରତିନିଧିତ୍ୱ କରେ । କାମନା ଶରୀର ହେଉଛି ମାନସ ଶରୀରର ଏକ ଦର୍ପଣ । ସେଥିରେ ମଧ୍ୟ ସେହି ବର୍ଣ୍ଣ ରହିଛି – ତେବେ ସେଗୁଡ଼ିକ ଟିକିଏ ମଳିନତର ଏବଂ ଗାଢ଼ତର । କାରଣ, ତାହା ଆଉ ଏକ ନିମ୍ନତର ସ୍ତରରେ ରହିଛି ।

ଆଦିମାନବର ଦେହାତ୍ମା ବିଭିନ୍ନ ପ୍ରକାର ଭାବାବେଗ ଓ ବାସନା ମଧ୍ୟ ଦେଇ ନିଜକୁ ଅଭିବ୍ୟକ୍ତ କରେ, ଯାହାକୁ ହୁଏତ ତାର ଜୀବାତ୍ମା ଅନୁମୋଦନ କରିପାରେ ନାହିଁ । କିନ୍ତୁ ଉନ୍ନତ ମାନବ ମଧ୍ୟରେ ଏଭଳି କୌଣସି ଭାବାବେଗ ନାହିଁ, ଯାହା ସେ ନିଜେ ବାଛି ନ ନେଇଛି । ଭାବାବେଗ ଦ୍ୱାରା ଆନ୍ଦୋଳିତ ହୋଇ ଶୂନ୍ୟରେ ଟାଣି ହୋଇଯିବା ବଦଳରେ ସେ ଆବେଗ ସବୁକୁ କେବଳ ବାଛି ନିଅନ୍ତି । ସେ କହନ୍ତି, "ପ୍ରେମ ଗୋଟିଏ ଭଲ ବିଷୟ । ମୁଁ ନଜେ ପ୍ରେମ ଅନୁଭବ କରିବି । ଭକ୍ତି ଗୋଟିଏ ଭଲ ବିଷୟ, ମୁଁ ନିଜେ ଭକ୍ତି ଅନୁଭବ କରିବି । ସହୃଦୟତା, ତାହା ସୁନ୍ଦର; ମୁଁ ନିଜେ ସହୃଦୟତା ଅନୁଭବ କରିବି । ସେ ଆଖି ଖୋଲି ଜାଣିଶୁଣି ଇଚ୍ଛା କରି ତାହା କରିଥାନ୍ତି । ଏହି ପ୍ରକାରେ ଭାବାବେଗ ମନର ଅଧୀନ ହୋଇଥାଏ ଏବଂ ସେହି ମନ ହେଉଛି କାରଣ ଶରୀରର ଅଭିବ୍ୟକ୍ତି । ସୁତରାଂ ଆମେ ଉଚ୍ଚତର ଏବଂ ନିମ୍ନତର ଆତ୍ମାର ମିଳନର ଖୁବ୍ ନିକଟତରେ ପହଞ୍ଚିଥାଉ ।

ଏହା କଳ୍ପନା କରିବା ଉଚିତ ନୁହେଁ ଯେ ମଣିଷ ଭିତରେ ଦୁଇଟି ସତ୍ତା ରହିଛି । କେବେହେଲେ ସ୍ୱତନ୍ତ୍ର ସତ୍ତା ରୂପେ କୌଣସି ନିମ୍ନତର ଆତ୍ମା ନାହିଁ । ବରଂ ଜୀବାତ୍ମା ନିଜର ଏକ କ୍ଷୁଦ୍ର ଅଂଶକୁ ବ୍ୟକ୍ତିତ୍ୱ ମଧ୍ୟରେ ରଖିଥାଏ, ନିମ୍ନତର ସ୍ତରଗୁଡ଼ିକରେ ସ୍ପନ୍ଦନ ସବୁକୁ ଅନୁଭବ କରିବା ପାଇଁ । ଫଳରେ ଜୀବାତ୍ମା ଅପେକ୍ଷା ବ୍ୟକ୍ତିତ୍ୱ ଅଧିକତର ଜୀବନ୍ତ ଓ ସକ୍ରିୟ ହୁଏ । କାରଣ ଏହା ଏପରି ଏକ ଅବସ୍ଥାରେ ରହିଥାଏ,

ଯେଉଁଥିରେ ଏହା ସ୍ପନ୍ଦନଗୁଡ଼ିକର ପ୍ରତ୍ୟୁତ୍ତର ଦେଇପାରେ । ଫଳରେ ଏହା ଭୁଲିଯାଏ ଯେ ଏହା ଜୀବାତ୍ମାର ଏକ ଅଂଶ । ସେ ନିଜ ହିସାବରେ ଜୀବନ ନିର୍ବାହ କରେ ଏବଂ ନିଜ ଇଚ୍ଛାରେ ଚଳେ, ଜୀବାତ୍ମାର ଇଚ୍ଛା ଅନୁଯାୟୀ ଚଳେ ନାହିଁ । ତେବେ ବହୁବାର ଜନ୍ମ ଲାଭ କରି ଜୀବାତ୍ମା ସବଳ ହୋଇଉଠେ ଏବଂ ମନୁଷ୍ୟ ବୁଝିପାରେ ଯେ ବ୍ୟକ୍ତିତ୍ୱ ନିଜର ବାରମ୍ବାର ଜନ୍ମ ଗ୍ରହଣ କରୁଥିବା ଜୀବାତ୍ମାର ଏକ ଅଭିବ୍ୟକ୍ତି ବ୍ୟତୀତ ଆଉ କିଛି ନୁହେଁ । ବ୍ୟକ୍ତିତ୍ୱ ଯେତେବେଳେ ଦାସ ରୂପେ ନ ରହି ପ୍ରଭୁ ହୋଇ କାର୍ଯ୍ୟ କରିବାକୁ ଚେଷ୍ଟା କରେ, ସେତେବେଳେ ସେ ଭୁଲ କରେ । ସେଥିପାଇଁ ତାକୁ ନିୟନ୍ତ୍ରଣରେ ରଖିବା ଦରକାର । ସୁତରାଂ ଆମର କାମ ହେଉଟି ବ୍ୟକ୍ତିତ୍ୱକୁ ଶୃଙ୍ଖଳିତ କରି ରଖିବା, ଯାହା ଫଳରେ ଏହା ଜୀବାତ୍ମାକୁ ହିଁ ଅଭିବ୍ୟକ୍ତ କରିବ, ଅନ୍ୟ କାହାକୁ ନୁହେଁ । ଏହି କଥାକୁ ହିଁ ଶ୍ରୀ ଏ.ପି. ସିନେଟ୍ 'ଉଚ୍ଚତର ଆତ୍ମା ପ୍ରତି ଅନୁରକ୍ତ ଜଣାଇବା' ବୋଲି କହିଛନ୍ତି । 'ଭଏସ୍ ଅଫ୍ ଦି ସାଇଲେନ୍ସ୍'ରେ ଆମକୁ କୁହାଯାଇଛି ଯେ ଶିଷ୍ୟ ତାର ଚନ୍ଦ୍ରରୂପକୁ ନଷ୍ଟ କରିଦେବା ଉଚିତ୍ । ଏଠାରେ କାମନା ଶରୀରକୁ ଚନ୍ଦ୍ରା ରୂପ କୁହାଯାଇଛି । ଏହାର ଅର୍ଥ ନୁହେଁ ଯେ ଆପଣ ଏକ ହତ୍ୟା କରିବେ କାମ ଲୋକରେ । ଏହାର ଅର୍ଥ ହେଉଛି ଯେ ଆପଣଙ୍କ କାମ ଶରୀରର କୌଣସି ଅସ୍ତିତ୍ୱ ରହିବ ନାହିଁ; ମାତ୍ର ଉଚ୍ଚତର ସତ୍ତାର ଅଭିବ୍ୟକ୍ତି ଭାବେ ରହିବ; ଏବଂ ନିଜର ସ୍ୱତନ୍ତ୍ର କାମନା ଓ ଭାବାବେଗ ପରିବର୍ତ୍ତେ କେବଳ ଜୀବାତ୍ମାର ଇଚ୍ଛାକୁ ନିଜଠାରେ ପ୍ରତିବିମ୍ବିତ କରିବ ।

ପ୍ରଥମ ଦୀକ୍ଷାଲାଭ ପାଇଁ ଜଣେ ଉପସ୍ଥାପିତ ହେବା ପୂର୍ବରୁ ସେ ଏହି ଅବସ୍ଥା ଲାଭ କରିଥିବା ଆବଶ୍ୟକ । ସେହି ବ୍ୟକ୍ତି ତାର ସ୍ଥୂଳ, କାମ ଓ ମାନସ ଶରୀର ଉପରେ ନିଶ୍ଚିତ ଭାବେ ନିୟନ୍ତ୍ରଣ ହାସଲ କରିଥିବ । ଉକ୍ତ ଶରୀରଗୁଡ଼ିକ ଜୀବାତ୍ମାର ଦାସ ହେବା ଦରକାର । ସେହି ପ୍ରଭୁତ୍ୱ ଲାଭ କରିବା ପାଇଁ ସାଧାରଣ ବ୍ୟକ୍ତିଙ୍କୁ ବହୁତ ପରିଶ୍ରମ କରିବାକୁ ହେବ । ଅନେକେ କହନ୍ତି, "ମୁଁ ତାହା କରିପାରିବି ନାହିଁ । ସେ ବିଷୟରେ କହି କିଛି ଲାଭ ନାହିଁ ।" ସେମାନଙ୍କ ଆଗରେ ଏହା କରିବାକୁ କହିବା ଏକ ଅତ୍ୟୁଚ୍ଚ ଆଦର୍ଶ । କିନ୍ତୁ ଯେଉଁମାନେ ବର୍ଷ ବର୍ଷ ଧରି ଧ୍ୟାନ କରିବାରେ ଲାଗିଛନ୍ତି ଏବଂ ଏ ବିଷୟରେ ଚିନ୍ତା କରିବାରେ ଲାଗିଛନ୍ତି ସେମାନଙ୍କ ସକାଶେ ଏହା ଏକ ସେଭଳି ଗୁରୁତର ଦାବି ହେବ ନାହିଁ । ସତ କହିବାକୁ ଗଲେ, କମନା ଓ ମାନସ ଶରୀରକୁ ଦମନ କରିବା ପାଇଁ ସବୁ ପ୍ରକାର କାମନା ବାସନାକୁ ଗୋଟି ଗୋଟି କରି ତ୍ୟାଗ କରିବା ଏତେ ସହଜ ନୁହେଁ । ଏହା କଷ୍ଟକର ବିଷୟ, କିନ୍ତୁ ସେସବୁ କରିବା

ଅତି ଚମତ୍କାର କାର୍ଯ୍ୟ ଏବଂ ସେଥିରୁ ଯେଉଁ ଫଳ ମିଳିବ, ତାହା ସେଥିପାଇଁ ଦରକାର । କଠୋର ପରିଶ୍ରମ ଅନୁପାତରେ ଖୁବ୍ ବେଶୀ । ଯେଉଁମାନେ ଏହିସବୁ ଦୀକ୍ଷା ଗ୍ରହଣ କରନ୍ତି, ସେମାନେ ନିଜେ ସଂସାରର ଦୁଃଖକଷ୍ଟରୁ ତ୍ରାହି ପାଇବା ପାଇଁ ତାହା କରନ୍ତି ନାହିଁ। ବରଂ ସେହି ମହାନ ଯୋଜନାରେ ନିଜକୁ କାମରେ ଲଗାଇ ପାରିବେ ବୋଲି ତାହା କରନ୍ତି ।

କେତେକ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ରହିଛି, ଯାହା ମନୁଷ୍ୟର ସ୍ଥିତିରେ ସବୁଠାରୁ ମୂଲ୍ୟବାନ୍ । ପ୍ରଥମଟି ହେଲା ଯେତେବେଳେ ସେ ନିଜର ବ୍ୟକ୍ତିବିଶେଷତ୍ୱ ଲାଭ କରେ ଏବଂ ମାନବ ରାଜ୍ୟରେ ପ୍ରବେଶ କରେ, ଅର୍ଥାତ୍ ଯେତେବେଳେ ସେ ପଶୁଜଗତରୁ ଆସି ଏକ ସ୍ୱତନ୍ତ୍ର ଜୀବାତ୍ମା ରୂପେ ନିଜର ଜୀବନଧାରା ଆରମ୍ଭ କରେ । ପଞ୍ଚମ ଦୀକ୍ଷା ଲାଭ କରି ସିଦ୍ଧ ପୁରୁଷ ହେବା ତାର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ । ସେତେବେଳେ ସେ ମାନବ ରାଜ୍ୟ ତ୍ୟାଗ କରି ଅତିମାନବ ଅବସ୍ଥାରେ ପହଞ୍ଚେ । ସମଗ୍ର ମାନବ ସମାଜ ପାଇଁ ଏହି ଲକ୍ଷ୍ୟ ହିଁ ଧାର୍ଯ୍ୟ କରାଯାଇଛି । ଏହି ଗୋଲକମାଳାରେ ଏହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ହିଁ ଆମ ସମସ୍ତଙ୍କୁ ଉଦ୍ୟମ କରିବାକୁ ହେବ । ଏହି କାଳର ଶେଷରେ ଯେଉଁ ବ୍ୟକ୍ତି ମାନବ ସମାଜ ପାଇଁ ଈଶ୍ୱରଙ୍କ ଦ୍ୱାରା ଉଦ୍ଦିଷ୍ଟ କାର୍ଯ୍ୟ କରିଥିବେ, ଯେ ନିଜ ସକାଶେ ଈଶ୍ୱରଙ୍କ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟ କରିଥିବେ, ସେ ମାନବ ରାଜ୍ୟ ପାର ହୋଇଯିବେ । ଆମ ଭିତରୁ ଅନେକେ ସେହି କାଳ ଶେଷ ହେବାର ବହୁ ପୂର୍ବରୁ ହୁଏତ ତାହା କରିପାରିଥିବେ ।

ଏହି ଦୁଇ ଅବସ୍ଥା ମଝିରେ ରହିଛି ଆଉ ଏକ ଅବସ୍ଥା ଯାହାର ଅନୁରୂପ ଗୁରୁତ୍ୱ ରହିଛି । ତାହା ହେଉଛି ପ୍ରଥମ ମହାନ୍ ଦୀକ୍ଷା ଲାଭ କରି ନିର୍ଦ୍ଦିଷ୍ଟ ଭାବେ ସ୍ରୋତରେ ପ୍ରବେଶ କରିବା । ଭ୍ରାତୃତ୍ୱ ସଂଗଠନର ଅନ୍ତର୍ଭୁକ୍ତ କରିବା ବେଳେ ପ୍ରାର୍ଥୀଙ୍କୁ କୁହାଯାଇଥାଏ, "ବର୍ତ୍ତମାନ ତୁମେ ଚିରଦିନ ସକାଶେ ନିରାପଦ – ତୁମେ ବର୍ତ୍ତମାନ ସ୍ରୋତରେ ପ୍ରବେଶ କରିଛ । ଏଣିକି ଶୀଘ୍ର ଦୂର ଉପକୂଳରେ ପହଞ୍ଚିଯିବେ ।" ଖ୍ରୀଷ୍ଟିୟାନ୍‌ମାନେ ସେହି ବ୍ୟକ୍ତିଙ୍କୁ କହନ୍ତି "ସେ ପରିତ୍ରାଣ ପାଇଛି" ବା 'ସେ ନିରାପଦ' । ଏହାର ଅର୍ଥ ହେଉଛି ଯେ କ୍ରମ ବିକାଶର ଧାରାରେ ଏଣିକି ସେ ଆଗେଇ ଯିବା ବେଶ୍ ନିଶ୍ଚିତ । ଅର୍ଥାତ୍ ଆଗାମୀ ଆବର୍ତ୍ତନରେ ବିଚାର ଦିବସରେ ସେ କଦାପି ବାଦ୍ ପଡ଼ିବ ନାହିଁ – ଯେପରି ଅତିଶୟ ପଛୁଆ ପିଲା ଶ୍ରେଣୀର ଅନ୍ୟମାନଙ୍କଠାରୁ ବାଦ୍ ପଡ଼ିଯାଏ ।

## ଜୀବାତ୍ମା ଓ ଆତ୍ମା

ସିଦ୍ଧତ୍ୱରେ ପହଞ୍ଚିବା ପୂର୍ବରୁ ଦୀକ୍ଷିତ ବ୍ୟକ୍ତିଙ୍କୁ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଦୀକ୍ଷା ଗ୍ରହଣ କରିବାକୁ ହୋଇଥାଏ । ପଞ୍ଚମ ଦୀକ୍ଷା ପାଇବା ପରେ ସେ ସିଦ୍ଧ ହୋଇଥାନ୍ତି । କିନ୍ତୁ ସେ ଯେତେବେଳେ ସେହି ଅବସ୍ଥା ପ୍ରାପ୍ତ ହୁଅନ୍ତି, ସେ ଜୀବାତ୍ମାକୁ ମୋନାଡ୍ ବା ଆତ୍ମା ସହିତ ସଂଯୁକ୍ତ କରନ୍ତି; ଠିକ୍ ଯେପରି ସେ ଏହା ପୂର୍ବରୁ ବ୍ୟକ୍ତିତ୍ୱକୁ ଜୀବାତ୍ମା ସହିତ ସଂଯୁକ୍ତ କରିଥିଲେ । ଯେତେବେଳେ ମନୁଷ୍ୟ ଉଚ୍ଚସ୍ତର ଏବଂ ନିମ୍ନତର ଆତ୍ମାର ନମିଳନ ଘଟାଇବାରେ ସଫଳ ହୁଏ, ତାହାର ବ୍ୟକ୍ତିତ୍ୱ ଆଉ ସ୍ୱତନ୍ତ୍ର ହୋଇ ରହେ ନାହିଁ, ରହେ କେବଳ ତାର ଜୀବାତ୍ମାର ଏକ ଅଭିବ୍ୟକ୍ତି ରୂପେ । ଏଣିକି ସେହି ପ୍ରକ୍ରିୟାକୁ ତାଙ୍କୁ ପୁଣି ଆରମ୍ଭ କରିବାକୁ ହେବ, ଅର୍ଥାତ୍ ତାଙ୍କ ଜୀବାତ୍ମାକୁ ଆତ୍ମାର ଏକ ଅଭିବ୍ୟକ୍ତି ରୂପେ ଗଢ଼ିବାକୁ ହେବ । ତେବେ ତାହା ପରେ ସେହି ଧରଣର ଆଉ ଏକ ପର୍ଯ୍ୟାୟ ରହିଛି କି ନା, ଆମେ ଜାଣିନାହୁଁ । ଅନ୍ତତଃ ଏତିକି ନିଶ୍ଚିତ ଯେ ଯେତେବେଳ ଆମେ ସିଦ୍ଧତ୍ୱ ପ୍ରାପ୍ତ ହେବା, ସେତେବେଳେ ଆମ ଆଗରେ ଆଉ ଏକ ପ୍ରଗତିର ମହତ୍ତ୍ୱପୂର୍ଣ୍ଣ ପଥ ଖୋଲିଯିବାର ଆମେ ଦେଖିବାକୁ ପାଇବା ।

## ବିନ୍ଦୁ ଓ ସିନ୍ଧୁ

ଲୋକେ ଅନେକ ସମୟରେ ପଚାରନ୍ତି, ଆମ ଆଗରେ ପ୍ରସାରିତ ଏହି ଯେଉଁ କ୍ରମବିକାଶ ପଥ ରହିଛି, ତାର ଶେଷ କେଉଁଠି ? ମୁଁ ନିଜେ ଜାଣି ନାହିଁ, ଏହାର ଶେଷ ଅଛି କି ନାହିଁ । ଜଣେ ମହାନ୍ ଦାର୍ଶନିକ ଥରେ କହିଥିଲେ, “ଏହାର ଶେଷ ରହିବା ଉଚିତ ବା ନ ରହିବା ଉଚିତ – ଉଭୟ ସମ୍ଭାବନା ସମଭାବେ ଅକଳ୍ପନୀୟ । ତେବେ ଏହା ଭିତରୁ ଗୋଟିଏ ନିଶ୍ଚୟ ସତ୍ୟ ।” କେତେକ କହନ୍ତି, ଆମେ ଚରମ ସତ୍ତାରେ ଲୀନ ହୋଇଯିବା, କିନ୍ତୁ ସେ ବିଷୟରେ ଆମେ କିଛି ଜାଣି ନାହୁଁ । ଆମେ ଜାଣୁ ଯେ ଆମର ଚେତନା ପ୍ରସାରିତ ହେବାରେ ଲାଗିଛି । ଏହାକୁ ଆଗକୁ ଆମକୁ ଅତିକ୍ରମ କରି ଚେତନାର ସୋପାନ ଉପରେ ସୋପାନ ରହିଛି । ଆମେ ଜାଣୁ ଯେ ବୌଦ୍ଧିକ ସ୍ତରକୁ ସ୍ପର୍ଶ କରିବା ଏବଂ ତଦ୍ୱାରା ଚେତନାର ଏକ ବିରାଟ ସମ୍ପ୍ରସାରଣ କରିବା ସମ୍ଭବ ହୁଏ, ଯାହା ଫଳରେ – ନିଜେ ଜଣେ ହୋଇ ମଧ୍ୟ ଆମେ ଅନ୍ୟ ମହତ୍ତର ଲୋକମାନଙ୍କ ସହିତ ଏକ ହୋଇଥାଉ ।

ଏହାଦ୍ୱାରା ଆମେ ଆମର ବ୍ୟକ୍ତିବିଶେଷତ୍ୱ ହରାଉ ନାହୁଁ, ବରଂ ଆମେ ଏଭଳି ସମ୍ପ୍ରସାରିତ ହେଉ ଯେ ଆମେ ଆମ ଜରିଆରେ ଯେପରି ଅନୁଭବ କରୁ, ଅନ୍ୟମାନଙ୍କ ଜରିଆରେ ମଧ୍ୟ ସେହିପରି ଅନୁଭବ କରୁ । ଯେଉଁମାନେ ଧ୍ୟାନ କାଳରେ ଏପରି ଅନୁଭବ କରିପାରନ୍ତି, ସେମାନେ ସେହି ଅଭ୍ୟାସ ଚାଲୁ ରଖିବା ଉଚିତ, ଯାହାଦ୍ୱାରା ସେମାନଙ୍କର ଚେତନା ସମ୍ପ୍ରସାରିତ ହେବାକୁ ଲାଗିବ । କେବଳ ଅତି ଊର୍ଦ୍ଧ୍ୱରୁ ନୁହେଁ; ନିମ୍ନରୁ ମଧ୍ୟ ଅଧିକରୁ ଅଧିକ ବିଷୟ ସେ ଚେତନାରେ ଅନ୍ତର୍ଭୁକ୍ତ ହେବ; ଯଦିଓ ଊର୍ଦ୍ଧ୍ୱରେ ଯାହା ସବୁ ରହିଛି ସେସବୁ ବହୁତ ଶକ୍ତିଶାଳୀ ଓ ପ୍ରଚଣ୍ଡ କ୍ଷମତାର ଅଧିକାରୀ ହୋଇଥିବାରୁ ପ୍ରଥମେ ଚେତନା ମଧ୍ୟକୁ ଆସିଯିବ ।

ଏ ପ୍ରକାର ସମ୍ପ୍ରସାରଣ ଅବଶ୍ୟ କ୍ରମଶଃ ଘଟିଥାଏ । ମନୁଷ୍ୟ ବୌଦ୍ଧିକ ଚେତନାର ଗୋଟିଏ ପରେ ଗୋଟିଏ ଉପସ୍ତର ଅତିକ୍ରମ କରି ସଫଳତାର ସହିତ ଗତି କରେ ଏବଂ ଶୀଘ୍ର ତାର ବୌଦ୍ଧିକ ଶରୀରର ବିକାଶ କରିବାକୁ ଶିଖେ । ସେହି ଶରୀରକୁ ସେ ବ୍ୟବହାର କରିପାରେ ସେହି ଅତ୍ୟୁଚ୍ଚ ସ୍ତରରେ, ଯେଉଁଠି ସମସ୍ତ ଜଗତ ଏକ ବୋଲି ମନେ ହୁଏ । ସେ ଶୂନ୍ୟରେ ବିଚରଣ କରିପାରେ – ଯଦିଓ ଶୂନ୍ୟ କହିଲେ ଆମେ ଯାହା ବୁଝୁ ପ୍ରକୃତରେ ସେହି ଶୂନ୍ୟ ଦେଇ ତାକୁ ଗତି କରିବାକୁ ପଡ଼େ ନାହିଁ । ଯେହେତୁ ଆମ୍ଭମାନଙ୍କ ମଧ୍ୟରୁ କେତେକଙ୍କର ସେପରି ଅନୁଭୂତି ରହିଛି, ଆମେ ଧରିନେବା ଠିକ୍ ହେବ ଯେ ଚେତନାର ଅଧିକତର ସମ୍ପ୍ରସାରଣ ପ୍ରାୟ ସେହି ଧରଣର ହିଁହେବ । ଆମେ ସେହି ଏକତ୍ୱ ଲାଭ କରିଛୁ ଅଥଚ ଆମର ବ୍ୟକ୍ତିବିଶେଷତ୍ୱର ବୋଧ ଲୋ ମାତ୍ର ହରାଇ ନାହୁଁ କିମ୍ବା କୌଣସି ଆଲୋକର ସିନ୍ଧୁରେ ଲୀନ ହୋଇଯିବାର ଅନୁଭବ କରିନାହୁଁ, ଯେପରି କେତେ କବି ବର୍ଣ୍ଣନା କରିଛନ୍ତି । ବରଂ ଆମେ ଅନୁଭବ କରିଛୁ ଯେ ସେହି ଆଲୋକମୟ ସିନ୍ଧୁ ଅଜାଡ଼ି ହୋଇ ଆସିଛି ବିନ୍ଦୁ ଭିତରକୁ ।

ଏହା ପାରସ୍ପରିକ ବିରୋଧ ଭଳି ଶୁଣାଯାଇପାରେ – କିନ୍ତୁ ତାହା ହିଁ ଆମର ଅନୁଭୂତି । ବିନ୍ଦୁର ଚେତନା ସମ୍ପ୍ରସାରିତ ହୋଇ ସିନ୍ଧୁର ଚେତନାରେ ପରିଣତ ହୁଏ । ଆମେ ଯେତିକି ଜାଣୁ, ଯେ ଏହି ପ୍ରଣାଳୀରେ ସେପରି କିଛି ଆକସ୍ମିକ ପରିବର୍ତ୍ତନ ହେବ ନାହିଁ । ଆମେ ଭାବି ପାରୁନାହୁଁ ଯେ ଆମେ କୌଣସି ବିଷୟ ଭିତରେ ଲୀନ ହୋଇ ଯାଇ ଯେଉଁ ଚେତନାକୁ ଏତେ କାଳ ଧରି ବିକଶିତ କରି

ଆସୁଛି, ତାହାକୁ ହରାଇ ବସିବୁ । ମୋର ବିଶ୍ୱାସ, ସେହି ଚେତନା ସମ୍ପ୍ରସାରିତ ହେବ, ଯାହା ଫଳରେ ଆମେ ଭଗବାନଙ୍କ ସହିତ ଏକୀଭୂତ ହେବୁ, କେବଳ ସେହି ଅର୍ଥରେ ଯେଉଁ ଅର୍ଥ ସୂଚାଇ ଖ୍ରୀଷ୍ଟ କହିଥିଲେ, ଆପଣମାନେ ହେଉଛନ୍ତି ଈଶ୍ୱର । ଆପଣମାନେ ହେଉଛନ୍ତି ସର୍ବୋଚ୍ଚ ସତ୍ତାଙ୍କର ସନ୍ତାନଗଣ ।

**ଅକଳ୍ପନୀୟ ଭବିଷ୍ୟତ**

କ୍ରମବିକାଶ ଧାରାର ବହୁ ଦୂର ପଛକୁ ଆମେ ଦେଖି ପାରିବା ଏବଂ ବହୁ ଦୂର ଆଗକୁ ମଧ୍ୟ ଦେଖିପାରିବା । ଆମେ ଏକ ଭବିଷ୍ୟତ ସମ୍ପର୍କରେ ନିଶ୍ଚିତ ହୋଇ ପାରିବା ଯାହା ଅତି ମହନୀୟ ସ୍ତରମାନଙ୍କରେ ଉପଯୋଗୀ କାର୍ଯ୍ୟ କରି ଲକ୍ଷ ଲକ୍ଷ ବର୍ଷ ଧରି ପ୍ରସାରିତ ହେବ, ଯାହାର ମହିମା, ଶକ୍ତି, ପ୍ରେମ ଓ ବିକାଶ ଆମର ଏହି ସ୍ତରରେ ଅକଳ୍ପନୀୟ । ତାହା ପରେ କ'ଣ ରହିଛି, ଆମେ ଜାଣୁ ନାହିଁ । ସାଧାରଣ ଜ୍ଞାନ ଦୃଷ୍ଟିରୁ ଆମେ ଯଦି ବିଷୟଟିକୁ ବିଚାରକରିବା, ତେବେ ଆମେ ଜାଣିବାର ଆଶା କରି ପାରିବା ନାହିଁ । ଯଦି ଏହାର ଅନ୍ତିମ ପରିଣତି ଏଭଳି କିଛି ହୋଇପାରେ, ଯାହାକୁ ଆମେ ବର୍ତ୍ତମାନ ବୁଝିପାରିବା, ତେବେ ତାହା ହେବ ଏକ ନିମ୍ନମାନର ପରିଣତି ଏବଂ ଯେଉଁସବୁ ପର୍ଯ୍ୟାୟ ଦେଇ ଏହା ଗତି କରିବ, ତାହା ଅନୁପାତରେ ହେବ ନଗଣ୍ୟ ।

ଆମର ବୁଦ୍ଧ ସଂକୀର୍ଣ୍ଣ । ଏହା କେତେ ସୀମିତ ମନୁଷ୍ୟ ବୁଝିପାରେ ନାହିଁ, ଯେ ପର୍ଯ୍ୟନ୍ତ ସେ ତାର ଉଚ୍ଚତର ବିକାଶର ସଂସ୍ପର୍ଶରେ ନ ଆସିଛି । ସେତେବେଳେ ସେ ଜାଣିବାକୁ ଆରମ୍ଭ କରେ ଯେ ଯେଉଁ ବୁଦ୍ଧିକୁ ନେଇ ଆମେ ଏତେ ଗର୍ବ କରି ଆସିଛୁ, ତାହା ପ୍ରକୃତରେ ଅତି ଛୋଟିଆ କଥା । ତାହା ଆରମ୍ଭ ମାତ୍ର – ଭବିଷ୍ୟତ ମହାଦ୍ରୁମର ଏକ ବୀଜ । ସେହି ଭବିଷ୍ୟତର ବୁଦ୍ଧି ତୁଳନାରେ, ମନୁଷ୍ୟର ଏବେ ରହିଛି ଏକ ଶିଶୁ ବୁଦ୍ଧି, ଯଦିଓ ତାହା ଏକ ସମ୍ଭାବନାମୟ ଶିଶୁର । କାରଣ ଏହା କେତେକ କାମ କରିସାରିଛି ଏବଂ ଅଧିକ କିଛି କରିବାର ପ୍ରତିଶ୍ରୁତି ଦେଉଛି । ତେବେ ମହାନ୍ ସତ୍ତାମାନଙ୍କର ବୁଦ୍ଧି ସହ ତୁଳନା କଲେ ଏହା ଗୋଟିଏ ଅତି ଛୋଟ ଶିଶୁର ବୁଦ୍ଧି ବୋଲି ଜଣାପଡ଼ିବ । ସୁତରାଂ ଏହା ଏବେ ଅତି ଉଚ୍ଚ ବା ଗଭୀରକୁ ପହଞ୍ଚିପାରିବ ନାହିଁ ଏବଂ ଏ ଆରମ୍ଭ କି ଶେଷ ବୁଝିପାରିବ ବୋଲି ଆମେ ଆଶା କରି ପାରିବା ନାହିଁ । ଅନ୍ତତଃ ମୁଁ ବେଶ୍ ଖୋଲାଖୋଲି ଭାବେ ସ୍ୱୀକାର କରିବାକୁ ଇଚ୍ଛୁକ ବା ଅଧିକ ଆଗ୍ରହୀ ଯେ ସେହି ପରମ ସତ୍ତାଙ୍କ ମନରେ ସେ ବିଷୟରେ କି ଲକ୍ଷ୍ୟ ରହିଛି, ମୁଁ କିଛି ଜାଣେ

ନାହିଁ । ସେ ପରମ ସତ୍ତାଙ୍କ ବିଷୟରେ ମୁଁ କିଛି ଜାଣେ ନାହିଁ କେବଳ ଏତିକି ଜାଣେ ଯେ ସେ ଅଛନ୍ତି ।

ବିଜ୍ଞାନୀ ଏବଂ ଦାର୍ଶନିକଗଣ ଏ ବିଷୟ ନେଇ ଚିନ୍ତା କରନ୍ତି ଏବଂ ସେହି ପ୍ରଚେଷ୍ଟା ଫଳରେ ମାନସ ଏବଂ କାରଣ ଶରୀରର ଅଭିବୃଦ୍ଧି ଘଟାଇଥାନ୍ତି । ଯେଉଁମାନେ ସେହି ପ୍ରକାର କଳ୍ପନା କରିବାକୁ ଭଲ ପାଆନ୍ତି, ସେମାନେ ସେଥିରେ ମଜ୍ଜିଯାଇ କୌଣସି କ୍ଷତି କରନ୍ତି ନାହିଁ । କିନ୍ତୁ ମୁଁ ଭାବେ ସେମାନେ ସ୍ପଷ୍ଟ ଭାବେ ବୁଝିବା ଦରକାର ଯେ ସେସବୁ ହେଉଛି କଳ୍ପନାଜଳ୍ପନା । ଦାର୍ଶନିକ ତାଙ୍କର ତତ୍ତ୍ୱଗୁଡ଼ିକର ଅଭିବୃଦ୍ଧି କରି ଏକ ସୁଶୃଙ୍ଖଳ ବିଦ୍ୟା ବୋଲି କହିବା ଏବଂ ଆମେ ତାହା ଗ୍ରହଣ କରିବୁ ବୋଲି ଆଶା କରିବା ଉଚିତ ନୁହେଁ । କାରଣ କେତେକ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ତାଙ୍କ ବିଚାରକୁ ବାଦ୍ ଦେବା ତାଙ୍କ ପକ୍ଷରେ ବେଶ୍ ସମ୍ଭବ । ମୋ ନିଜ ପକ୍ଷରୁ ମୁଁ କଳ୍ପନା କରେ ନାହିଁ । ମୁଁ ଭାବେ ଯେ ଯେଉଁ ମହିମା ଏବଂ ବୈଭବ ଆମ ଆଗରେ ନିଶ୍ଚିତ ଭାବେ ରହିଛି, ତାହା ଆମର ସମସ୍ତ ଅଭୀପ୍ସାକୁ ପୂରଣ କରିବା ପାଇଁ ଯଥେଷ୍ଟ । "ଆଖି ଦେଖି ନାହିଁ, କାନ ଶୁଣି ନାହିଁ କିମ୍ବା ମନୁଷ୍ୟର ଭିତରକୁ ମଧ୍ୟ ତାହା ପ୍ରବେଶ କରି ନାହିଁ । ସେହି ସମସ୍ତ ବିଷୟର କଳ୍ପନା ଯାହା ଭଗବାନ ପ୍ରସ୍ତୁତ କରି ରଖିଛନ୍ତି କେବଳ ସେହିମାନଙ୍କ ପାଇଁ, ଯେଉଁମାନେ ତାଙ୍କୁ ଭଲ ପାଆନ୍ତି" ତାହା ବର୍ତ୍ତମାନ ମଧ୍ୟ ସତ୍ୟ, ଯେପରି ତାହା ଥିଲା ଦୁଇ ହଜାର ବର୍ଷ ତଳେ ।

■■■

## ତୃତୀୟ ଅଧ୍ୟାୟ

# ବହିଟି କିପରି ଲେଖା ହେଲା

**ଲେଡ୍‌ବିଟର୍ –** ଡିସେମ୍ବର ୧୯୧୦ରେ ଡଃ ବେସାନ୍ତଙ୍କ ମୁଖବନ୍ଧରେ ଆଲ୍‌ସିଓନ୍ କିପରି ବହିଟି ଲେଖିଲେ, ତାହା ବର୍ଣ୍ଣନା କରାଯାଇଛି ।

> **ସେ ତାହା ଲେଖି ଲାଗିଲେ ନିଜର ସ୍ମୃତିରୁ ଧୀରେ ଧୀରେ ଏବଂ ପରିଶ୍ରମ କରି – କାରଣ ଗତ ବର୍ଷ ଇଂରାଜୀ ଭାଷାରେ ସେ ବର୍ତ୍ତମାନ ଭଳି ସ୍ୱଚ୍ଛନ୍ଦରେ ଲେଖିପାରୁ ନ ଥିଲେ । ଅଧିକାଂଶ ଭାଗ ଥିଲା ଗୁରୁଙ୍କ ନିଜ ଭାଷାର ପୁନରାବୃତ୍ତି । କିନ୍ତୁ ଯାହା ସେରପି ପୁନରାବୃତ୍ତି ନ ଥିଲା, ତାହା ଥିଲା ଶିଷ୍ୟଙ୍କ ଭାଷାର ଆବରଣରେ ଗୁରୁଙ୍କର ଚିନ୍ତା । ଦୁଇଟି ବାକ୍ୟ ସେ ଛାଡ଼ି ଦେଇଥିଲେ – ତେବେ ଗୁରୁ ତାହାକୁ ଯୋଡ଼ି ଦେଇଥିଲେ । ଅନ୍ୟ ଦୁଇଟି ସ୍ଥାନରେ ଛାଡ଼ି ଯାଇଥିବା ଗୋଟିଏ ଶବ୍ଦ ଯୋଡ଼ି ଦିଆଯାଇଛି । ଏହା ବ୍ୟତୀତ, ଏସବୁ ହେଉଛି ପୂର୍ଣ୍ଣଭାବେ ଆଲ୍‌ସିଓନ୍‌ଙ୍କ ନିଜର, ପୃଥିବୀକୁ ତାଙ୍କର ପ୍ରଥମ ଦାନ ।**

ଯାହା ଘଟିଥିଲା, ସେ ବିଷୟରେ ମୁଁ ଯେଉଁ ବିବରଣୀ 'ଦି ମାଷ୍ଟରସ୍ ଏଣ୍ଡ ଦି ପାଥ୍' ବହିରେ ଲେଖିଥିଲି, ତାହା ନିମ୍ନରେ ଦିଆଗଲା ।

ଏହି ପୁସ୍ତିକାଟି କିପରି ଲେଖାଗଲା – ସେହି କଥାଟି ଅପେକ୍ଷାକୃତ ସାଧାରଣ । ପ୍ରତ୍ୟେକ ରାତିରେ ମୁଁ ଏହି ପିଲାଟିକୁ ତାର କାମନା ଶରୀରରେ ନେଇଯାଏ ଗୁରୁଙ୍କ ଘରକୁ – ସେଇଠି ସେ ଉପଦେଶ ପାଇବ ବୋଲି । ଗୁରୁ ପ୍ରତ୍ୟେକ ରାତିରେ ତାକୁ ଉପଦେଶ ଦେବାରେ ପ୍ରାୟ ପନ୍ଦର ମିନିଟ୍ ସମୟ ଦିଅନ୍ତି । ତେବେ ପ୍ରତ୍ୟେକ ଥର ଯାହା ସେ କହନ୍ତି ଭାଷଣ ଶେଷରେ ତାର ମୁଖ୍ୟ ବିଷୟଗୁଡ଼ିକୁ ଏକାଠି କରି ସେ ଗୋଟିଏ ବାକ୍ୟରେ ବା ଅଳ୍ପ କେତୋଟି

ବାକ୍ୟରେ କହିଦିଅନ୍ତି । ଫଳରେ ତାର ଏକ ସହଜ ସାରାଂଶ ପୁଣି ସେହି ପିଲାଟିକୁ କହି ଦିଆଯାଏ ଯାହାକୁ ସେ ମନେ ରଖେ । ସକାଳେ ସେ ସେହି ସାରାଂଶଟିକୁ ମନେ ପକାଏ ଏବଂ ଲେଖେ । ଗୁରୁଙ୍କ ନିଜ ଭାଷାରେ କୁହାଯାଇଥିବା ଉପଦେଶର ସାରାଂଶକୁ ନେଇ ଲେଖାଯାଇଥିବା ବାକ୍ୟଗୁଡ଼ିକୁ ଏକାଠି କରି ଏହି ବହିଟି ଲେଖାଯାଇଛି । ପିଲାଟି କିଛି କଷ୍ଟ କରି ସେଗୁଡ଼ିକ ଲେଖିଛି, କାରଣ ସେତେବେଳେ ତାର ଇଂରାଜୀ ସେତେ ଭଲ ନ ଥିଲା । ସେ ଏହି ସମସ୍ତ ବିଷୟକୁ ଘୋଷି ଦେଇଥିଲା ଏବଂ ସେ ଯାହା ଟିପି ନେଇଥିଲା, ସେ ବିଷୟ ପ୍ରତି ମନ ଦେଇ ନ ଥିଲା । କିଛିଦିନ ପରେ ସେ ବାରଣାସୀକୁ ଗଲା ଆମର ଅଧ୍ୟକ୍ଷଙ୍କ ସହିତ । ସେଠାରେ ଥିବାବେଳେ ସେ ମୋ ପାଖକୁ ଚିଠି ଲେଖିଥିଲା – ସେତେବେଳେ ମୁଁ ଥିଲି ଆଡ୍ୟାର୍‌ରେ । ସେଥିରେ ମୋତେ ଲେଖିଲା ଗୁରୁ କହିଥିବା ବିଷୟରେ ସେ ଯାହା ସବୁ ଟିପିଥିଲା, ସେଗୁଡ଼ିକୁ ଏକାଠି କରି ପଠାଇ ଦେବାକୁ । ମୁଁ ତାର ଟିପା ଲେଖାଗୁଡ଼ିକୁ ଯଥାଶକ୍ତି ସଜାଡ଼ି ଟାଇପ୍ କରି ଦେଲି ।

ତା'ପରେ ମୋର ମନେ ହେଲା ଯେ ଯେହେତୁ ଏସବୁ ମୁଖ୍ୟତଃ ଗୁରୁବାଣୀ, ଏହାକୁ ଲିପିବଦ୍ଧ କରିବାରେ ଯେପରି କୌଣସି ଭୁଲ୍ ନ ରହେ ତାହା ଦେଖିବା ମୋର୍ ଉଚିତ୍ । ତେଣୁ ମୁଁ ସେହି ଟାଇପ୍ କରା ହୋଇଥିବା ନକଲକୁ ନେଇ ଗୁରୁ କୁଥୁମୀଙ୍କ ପାଖରେ ପହଞ୍ଚିଲି ଏବଂ ତାଙ୍କୁ ଅନୁରୋଧ କଲି ଦୟାକରି ଟିକିଏ ପଢ଼ିଦେବା ପାଇଁ । ସେ ପଢ଼ିଲେ, ଏଇଠି ସେଇଠି ଗୋଟାଏ ଦୁଇଟା ଶବ୍ଦ ବଦଳାଇ ଦେଲେ । କେତେକ ସ୍ଥାନରେ ସଂଯୋଗକାରୀ ଓ ବ୍ୟାଖ୍ୟାକାରୀ ଟିପ୍ପଣୀ ଯୋଗ କଲେ ଏବଂ ଆଉ କେତେକ ବାକ୍ୟ ଯୋଡ଼ି ଦେଲେ ଯାହା ସେ ଆଗରୁ କୃଷ୍ଣମୂର୍ତ୍ତିଙ୍କୁ କହିବାର ମୁଁ ଶୁଣିଥିଲି । ତା'ପରେ ଗୁରୁଦେବ କହିଲେ, "ହୁଁ, ଏଥରକ ଠେଠହୁଏ ଠିକ୍ ହେଲା – ଚଳିବ ।" କିନ୍ତୁ ସେ ପୁଣି କହିଲେ, "ଭଗବାନ ମୈତ୍ରେୟଙ୍କୁ ଟିକିଏ ଦେଖେଇ ଦେବା ।" ସୁତରାଂ ଆମେ ଏକାଠି ଗଲୁ । ଗୁରୁ ହାତରେ ଲେଖାଟି ନେଇ ଯାଉଥିଲେ ଏବଂ ତାହା ସ୍ୱୟଂ ଜଗତ୍‌ଗୁରୁଙ୍କୁ ଦେଖାଇ ଦିଆଗଲା । ସେ ତାହା ପଢ଼ି ଅନୁମୋଦନ କଲେ । ସେ ହିଁ କହିଲେ, "ପୃଥିବୀରେ ଆଲ୍‌ସିଓନ୍‌କୁ ପରିଚିତ କରାଇବା ପାଇଁ ତୁମେସବୁ ୟାକୁ ନେଇ ଗୋଟିଏ ସୁନ୍ଦର ପୁସ୍ତିକା କରିବା ଉଚିତ ହେବ ।" ଆମେ ତାକୁ ପୃଥିବୀରେ ପରିଚିତ କରାଇବାକୁ ଚାହିଁ ନ ଥିଲୁ । ଗୋଟିଏ ତେର ବର୍ଷ ବୟସର ପିଲାଠାରେ ଏତେଗୁଡ଼ାଏ ଚିନ୍ତା କେନ୍ଦ୍ରୀଭୂତ ହେବା ସମୀଚୀନ ବୋଲି ଆମେ ଭାବି ନ ଥିଲୁ । ସେ ଏପର୍ଯ୍ୟନ୍ତ

ତାର ପଢ଼ା ଶେଷ କରିନାହିଁ । କିନ୍ତୁ ଆଧ୍ୟାତ୍ମିକ କ୍ଷେତ୍ରରେ, ଆମକୁ ଯାହା କରିବାକୁ କୁହାଯାଏ ଆମେ ତାହା କରୁ । ସେହି ହେତୁ ଏହି ପୁସ୍ତିକାଟିକୁ ମୁଦ୍ରାକର ହାତରେ ଯଥାଶୀଘ୍ର ସମ୍ଭବ ଦେଇ ଦିଆଗଲା ।

ଅପରିଣତ ଅବସ୍ଥାରେ ପ୍ରଚାର ଫଳରେ ଯେଉଁସବୁ ଅସୁବିଧା ହେବ ବୋଲି ଆମ ଆଶଙ୍କା କରୁଥିଲୁ, ତାହା ଦେଖାଦେଲା । ତଥାପି ଭଗବାନ ମୈତ୍ରେୟଙ୍କ ଚିନ୍ତା ଥିଲା ଠିକ୍ ଏବଂ ଆମର ଚିନ୍ତା ଥିଲା ଭୁଲ୍ । କାରଣ ସେହି ବହିଟିର ଯେତେ ଭଲ ପରିଣାମ ହେଲା, ତାହା ଆମର ଅସୁବିଧା ହେବା ତୁଳନାରେ ଖୁବ୍ ବେଶି ନ ଥିଲା । ହଜାର ହଜାର ଲୋକ ଆମକୁ ଲେଖି ଜଣାଇଛନ୍ତି କିପରି ଏହି ବହି ଫଳରେ ସେମାନଙ୍କର ସମଗ୍ର ଜୀବନ ବଦଳି ଯାଇଛି । କିପରି ଏହା ପଢ଼ିବା ହେତୁ ସବୁ କିଛି ତାଙ୍କ ସକାଶେ ଅଲଗା ହୋଇଯାଇଛି । ଏହି ବହିଟି ୨୭ଟି ଭାଷାରେ ଅନୁବାଦ କରାଯାଇଛି । ଏହାର ଚାଳିଶଟି ବା ଅଧିକ ମୁଦ୍ରଣ ହେଲାଣି ଏଂ ଲକ୍ଷାଧିକ ପୁସ୍ତିକା ମୁଦ୍ରିତ ହେଲାଣି ।

■■■

## ଚତୁର୍ଥ ଅଧ୍ୟାୟ

# ପ୍ରାଥମିକ ପ୍ରାର୍ଥନା

**ଲେଡ଼ବିଟର** – ଡକ୍ଟର ବେସାନ୍ତ ନିଜର ଲେଖାଟି ଶେଷ କରିଛନ୍ତି ଆମ ସମସ୍ତଙ୍କ ପାଇଁ ଏହି ଶୁଭେଚ୍ଛା ପ୍ରକାଶ କରି :

> **କଥିତ ଉପଦେଶ ତାଙ୍କୁ ଯେପରି ସାହାଯ୍ୟ କରିଥିଲା – ସେହିପରି ଏହା ଅନ୍ୟମାନଙ୍କୁ ସାହାଯ୍ୟ କରୁ, ଏହି ଆଶା ନେଇ ସେ ଏହି ବହିଟି ଦେଇଛନ୍ତି । କିନ୍ତୁ ଏହି ଉପଦେଶ ଫଳପ୍ରଦ ହେବ ଯଦି ତଦନୁଯାୟୀ ଜୀବନ ନିର୍ବାହ କରାଯାଏ, ଯେପରି ସେ ନିଜେ କରିଥିଲେ – ଗୁରୁଙ୍କ ମୁହଁରୁ ଶୁଣିବା ପରେ । ଯଦି ଉପଦେଶ ତଥା ଉଦାହରଣକୁ ଅନୁସରଣ କରାଯାଏ, ତାହାହେଲେ – ଲେଖକଙ୍କ କ୍ଷେତ୍ରରେ ଯେପରି ହୋଇଛି, ପାଠକଙ୍କ କ୍ଷେତ୍ରରେ ସେହିପରି ହୋଇ – ପ୍ରବେଶ ଦ୍ୱାରର ବିରାଟ ଫାଟକ ଖୋଲିଯିବ ଏବଂ ପାଠକଙ୍କ ପାଦ ପଡ଼ିବ ଆଧ୍ୟାତ୍ମିକ ପଥରେ ।**

ବହିଟିର ସମୀକ୍ଷା କରି ଡଃ ବେସାନ୍ତ କହିଛନ୍ତି, "କ୍ୱଚିତ୍ ଏ ପ୍ରକାର ବାଣୀ ମନୁଷ୍ୟ ଜାତିକୁ ଦିଆଯାଇଛି – ଏପରି ପ୍ରତ୍ୟକ୍ଷ ଭାବେ, ଏତେ ଦାର୍ଶନିକ ଭାବଧାରା ସହିତ ଏବଂ ଏତେ ସୁନ୍ଦର ଭାଷାରେ । ସୁତରାଂ ନିଶ୍ଚିତ ଭାବେ ପ୍ରତ୍ୟେକ ଶବ୍ଦ ଆମର ସଯତ୍ନ ପ୍ରଣିଧାନ ଯୋଗ୍ୟ । ଆଲସିଓନ୍‌ଙ୍କ ମୁଖବନ୍ଧରେ ପହଞ୍ଚିବା ପୂର୍ବରୁ ବହିଟିର ପ୍ରାରମ୍ଭରେ ପୁରାତନ ସଂସ୍କୃତ ଭାଷାର ପ୍ରାର୍ଥନାକୁ ଇଂରାଜୀରେ ଅନୁବାଦ କରି ଦିଆଯାଇଛି । ସଂସ୍କୃତ ପ୍ରାର୍ଥନାଟି ହେଉଛି :

ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମା ଅମୃତଂ ଗମୟ !

ଏଠାରେ 'ସତ୍' ଶବ୍ଦର ବ୍ୟବହାର କେତେକ ସମୟରେ କିଛି ମାତ୍ରାରେ ଭ୍ରାନ୍ତିଜନକ ହୋଇପାରେ । ଯେତେବେଳେ ଆମେ 'ସତ୍' ଏବଂ 'ଅସତ୍' ବୋଲି କହୁ, ସେତେବେଳେ ଆମର ଧାରଣା ହୁଏ ଯେ ଗୋଟିଏ ବିଷୟର ନିର୍ଦ୍ଦିଷ୍ଟ ସ୍ଥିତି ରହିଛି ଏବଂ ଅନ୍ୟଟିର ନାହିଁ । ଯାହା ଅସତ୍, ତାହା ନିଛକ କାଳ୍ପନିକ । କିନ୍ତୁ ଜଣେ ହିନ୍ଦୁ ଏହି ବାକ୍ୟଦ୍ୱାରା ଯାହା ବୁଝେ, ତାହା ଠିକ୍ ଏହା ନୁହେଁ । ସେ ଯେଉଁ ଅର୍ଥ କରେ ବୋଧହୁଏ ଆମେ ତାର ଟିକିଏ ନିକଟତର ହେବା ଯଦି ଆମେ କହୁ 'ମୋତେ ଅସ୍ଥାୟୀରୁ ସ୍ଥାୟୀକୁ ନେଇଯାଅ ।'

ନିମ୍ନତର ସ୍ତରଗୁଡ଼ିକ – ସ୍ଥୂଳ, କାମ ଏବଂ ମାନସ ଯେ ଅସତ୍, ଏ ପ୍ରକାର ଉକ୍ତି ଗୁରୁତର ଭୁଲ୍ ବୁଝାମଣା ସୃଷ୍ଟି କରେ । ସେଗୁଡ଼ିକ ନିଜ ସ୍ତରରେ ଅସତ୍ ନୁହନ୍ତି । ଆମେ ସ୍ଥୂଳ ସ୍ତରରେ ଥିବାବେଳେ ସ୍ଥୂଳ ସ୍ତରର ପଦାର୍ଥଗୁଡ଼ିକୁ ସମ୍ପୂର୍ଣ୍ଣ ସତ୍ ବୋଲି ମନେ ହୁଏ । କିନ୍ତୁ ଯେତେବେଳେ ସ୍ଥୂଳ ଶରୀର ଶୋଇପଡ଼େ ଏବଂ ଆମେ ସ୍ଥୂଳ ଚେତନା ବଦଳରେ କାମ ଚେତନାର ଉପଯୋଗ କରୁ, ସେତେବେଳେ ସ୍ଥୂଳ ସ୍ତରର ପଦାର୍ଥଗୁଡ଼ିକ ଆଉ ଆମକୁ ଦେଖାଯାଏ ନାହିଁ, କାରଣ ଆମେ ଏକ ଉଚ୍ଚତର ସ୍ତରକୁ ଚାଲି ଯାଇଥାଉ । ସେହିହେତୁ ଲୋକେ କେତେକ ସମୟରେ କହନ୍ତି ଯେ ସ୍ଥୂଳ ସ୍ତରର ପଦାର୍ଥଗୁଡ଼ିକୁ ଅସତ୍ । କିନ୍ତୁ ସେହିପରି ମଧ୍ୟ କାରଣ ରହିଛି, ଯେଉଁଥିପାଇଁ ଆମେ କହିବା କାମଲୋକ ଅସତ୍ । କାରଣ ସ୍ଥୂଳ ସ୍ତରରେ ଥିବାବେଳେ ଆମେ କାମସ୍ତରର ପଦାର୍ଥଗୁଡ଼ି ଦେଖୁନାହୁଁ । ଉଭୟ ସ୍ଥୂଳ ଓ କାମ ପଦାର୍ଥ ସର୍ବଦା ରହିଛନ୍ତି – ସେଗୁଡ଼ିକ ଦେଖାଯାଆନ୍ତି ସେହିମାନଙ୍କୁ ଯେଉଁମାନଙ୍କର ଚେତନା ସେଗୁଡ଼ିକର ନିଜ ନିଜ ସ୍ତରରେ କାର୍ଯ୍ୟ କରେ ।

ଆମେ ଯେତିକି ଜାଣୁ, ସମସ୍ତ ପ୍ରକଟନ ଅସ୍ଥାୟୀ – କେବଳ ଯେ ଅପ୍ରକଟିତ ସେ ପୂର୍ଣ୍ଣ ଭାବେ ଏବଂ ସର୍ବଦା ସମାନ ଭାବେ ରହିଛନ୍ତି । ସମସ୍ତ ପ୍ରକଟନ, ଏପରିକି ଉଚ୍ଚତମ ସ୍ତରର ପ୍ରକଟନ ମଧ୍ୟ, ଦିନେ ସେହି ଅପରିବର୍ତ୍ତନୀୟ ଅବସ୍ଥା ମଧ୍ୟକୁ ଚାଲିଯିବ । ସୁତରାଂ ଆମ କହିବା ଅନୁଯାୟୀ ଅସ୍ଥାୟୀ ଏବଂ ସେହି ଉଚ୍ଚତର ସ୍ତରଗୁଡ଼ିକ ମଧ୍ୟରେ ଥିବା ପାର୍ଥକ୍ୟ ହେଉଛି କେବଳ ସମୟର, ଯାହା ଅନନ୍ତ କାଳ ତୁଳନାରେ କିଛି ନୁହେଁ । ସୁତରାଂ ସ୍ଥୂଳ ସ୍ତର ନିର୍ବାଣ ସ୍ତର ଭଳି ମଧ୍ୟ ସତ୍ ଏବଂ ଭଗବାନଙ୍କର ଏକ ପ୍ରକୃତ ଅଭିବ୍ୟକ୍ତି । ତେଣୁ ଆମେ ଏଭଳି ଧାରଣା କରିବା ଉଚିତ ହେବ ନାହିଁ ଯେ ଏଗୁଡ଼ିକ ଭିତରୁ ଗୋଟିଏ ହେଉଛି ସତ୍ ଏବଂ ଅନ୍ୟଟି କେବଳ ଏକ ସ୍ୱପ୍ନ ବା କଳ୍ପନା-ପ୍ରସୂତ ।

ସର୍ବସାଧାରଣରେ ବିଶେଷ ଭାବେ ଗୃହୀତ ଆଉ ଏକ ତତ୍ତ୍ୱ ହେଉଛି ଯେ ବସ୍ତୁ ହେଉଛି ଖିକାରକ । କିନ୍ତୁ ତାହା ଆଦୌ ଠିକ୍ ନୁହେଁ । ଚୈତନ୍ୟ ଭଳି ବସ୍ତୁ ମଧ୍ୟ ଭଗବାନଙ୍କର ଏକ ଅଭିବ୍ୟକ୍ତି । ଦୁଇଟି ଯାକ ତାଙ୍କ ଭିତରେ ଏକ ହୋଇ ରହିଛି । ଉଭୟେ ତାଙ୍କର ଦୁଇଟି ପାଖ । ଅନେକ ସମୟରେ ବସ୍ତୁ କାର୍ଯ୍ୟ କରେ ଆମର ପ୍ରଗତିରେ ବାଧା ଦେବାକୁ, ଆମକୁ ପଥରେ ଅଟକାଇ ଦେବାକୁ । କିନ୍ତୁ ତାହା ହୁଏ ଯେତେବେଳେ ତାହାର ଉପଯୋଗ କରାଯାଏ । ସେମିତି ମଧ୍ୟ ମନୁଷ୍ୟ ନିଜକୁ ଛୁରୀରେ କାଟି କହିବ ଯେ ଛୁରୀଗୁଡ଼ାକ ଦୁଷ୍ଟ ! ସଂସ୍କୃତ ଶବ୍ଦଗୁଡ଼ିକରେ ପରିବର୍ତ୍ତନଶୀଳତା ବିଚାର କରି ଆମେ ପ୍ରଥମ ଧାଡ଼ିକୁ ଏମିତି ମଧ୍ୟ ଅନୁବାଦ କରି ପାରିବା, "ମିଥ୍ୟାରୁ ମୋତେ ସତ୍ୟକୁ ନେଇ ଚାଲ ।" 'ସତ୍ୟ', 'ଚିରନ୍ତନ', 'ସତ୍' – ଏହି ଶବ୍ଦଗୁଡ଼ିକରୁ ମନେ ହେଉଛି ଯେ ସେ ସମସ୍ତ ସେହି ଅର୍ଥର ଅନ୍ତର୍ଭୁକ୍ତ । ସୁତରାଂ ଆମର ପ୍ରାର୍ଥନା ହେଉଛି – ଯେଉଁଠି ମାୟା ଅଧିକ, ସେହି ବାହ୍ୟ ସ୍ତରରୁ ଯାହା ଅଖଣ୍ଡ ସତ୍ୟର ନିକଟତର, ସେହି ସ୍ତରକୁ ଆମକୁ ନିଆଯାଉ ।

**ଅନ୍ଧକାର ଓ ଆଲୋକ**

ଦ୍ୱିତୀୟ ପ୍ରାର୍ଥନା ହେଉଛି – "ଅନ୍ଧକାରରୁ ମୋତେ ଆଲୋକକୁ ନେଇଯାଅ ।" ଅବଶ୍ୟ ଏହାର ଅର୍ଥ ହେଉଛି – "ଆଜ୍ଞାନ ଅନ୍ଧକାରରୁ ଜ୍ଞାନର ଆଲୋକକୁ ନେଇଯାଅ ।" ଏହି ପ୍ରାର୍ଥନା କରାଯାଉଛି ଗୁରୁଙ୍କୁ – ଆମେ ତାଙ୍କୁ ପ୍ରାର୍ଥନା କରୁଛି ଜ୍ଞାନ ଦ୍ୱାରା ଆମକୁ ଆଲୋକିତ କରିବା ପାଇଁ । ଭାରତରେ ଏହା ସହିତ ଏକ ଦ୍ୱିତୀୟ ଅର୍ଥ ମଧ୍ୟ ଅଛି । କାରଣ, ଧରି ନିଆଯାଏ ଯେ ଜଣେ ଏହି ଶବ୍ଦଗୁଡ଼ିକ ଜରିଆରେ ଗୁରୁଙ୍କୁ ପ୍ରାର୍ଥନା କରୁଛି ଉଚ୍ଚତର ସ୍ତରର ଜ୍ଞାନ ଆଡ଼କୁ ନେଇଯିବା ପାଇଁ । ସେଥିରେ ବରଂ ଏକ ସୁନ୍ଦର ଭାବନା ଦେଖାଦିଏ ଯାହା କେତେକ ପୁରାତନ ପୁସ୍ତକରେ ମିଳିବ । ନିମ୍ନତର ସ୍ତରର ଆଲୋକ ହେଉଛି ତାହା ଉପରେ ଥିବା ଉଚ୍ଚତର ସ୍ତରର ଅନ୍ଧକାର । ଏହା ଆଶ୍ଚର୍ଯ୍ୟଜନକ ଭାବେ ସତ୍ୟ । ଯାହା ଏଠାରେ ଆଲୋକ ବୋଲି ମନେ କରାଯାଏ, ତାହା କାମନା ଜଗତର ଆଲୋକ ତୁଳନାରେ ହେଉଛି ଅସ୍ପଷ୍ଟ ଏବଂ ଅନ୍ଧାରିଆ । ଏବଂ ସେହି କାମ ଜଗତର ଆଲୋକ ମାନସ ଆଲୋକ ତୁଳନାରେ କମ୍ ସ୍ପଷ୍ଟ । ଏହିସବୁ ପାର୍ଥକ୍ୟକୁ ଶବ୍ଦରେ ପ୍ରକାଶ କରିବା ବଡ଼ କଷ୍ଟକର । କାରଣ ଯେତେବେଳେ ପ୍ରତ୍ୟେକ ଥର ଆପଣ ନିଜ ଚେତନାରେ ଗୋଟିଏ ସ୍ତର ଉପରକୁ ଉଠିବେ, ସେତେବେଳେ ମନେ ହେବ, ଆପଣ ଆଗରୁ ଯାହା ଜାଣିଥିଲେ, ଏହା ତାହାଠାରୁ

ଅତିଶୟ ମହତ୍ତର । ଏହା ଦିଏ ମହତ୍ତର କ୍ଷମତା, ମହତ୍ତର ଆଲୋକ ଏବଂ ମହତ୍ତର ଆନନ୍ଦ ।

ମନୁଷ୍ୟ ଯେତେବେଳେ ଚେତନା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ପ୍ରଗତି ଲାଭ କରେ, ସେତେବେଳେ ସେ ଭାବେ, "ମୁଁ ପ୍ରଥମଥର ପାଇଁ ବୁଝୁଛି ଜୀବନ ପ୍ରକୃତରେ କ'ଣ ଏବଂ ଏ ସମସ୍ତ ବିଷୟ କେତେ ଚମତ୍କାର । ତେଣୁ ପ୍ରତ୍ୟେକଟି ସ୍ତର ତାହାର ତଳ ସ୍ତର ଅନୁପାତରେ ସର୍ବତୋ ଭାବେ ଅତିଶୟ ଉତ୍କୃଷ୍ଟ । ଫଳରେ ଉଦାହରଣ ସ୍ୱରୂପ, ଯେତେବେଳେ ଆମର ପରବର୍ତ୍ତୀ କାମନା ସ୍ତରରୁ ମଧ୍ୟ ଜଣେ ଫେରି ଆସେ ଏହି ସ୍ଥୂଳସ୍ତରକୁ – ମନେହୁଏ ଯେପରି ସେ ସୂର୍ଯ୍ୟାଲୋକରୁ ବାହାରି ଆସିଛି ଏକ ଅନ୍ଧାରିଆ ଗହ୍ୱର ଭିତରକୁ । ଯେତେବେଳେ ଜଣେ ବ୍ୟକ୍ତି ସଚେତନ ଅବସ୍ଥାରେ ମାନସ ସ୍ତରରେ କାର୍ଯ୍ୟ କରିପାରେ, ସେ ଅନୁଭବ କରେ ଯେ ତାର ବହୁ ଦିଗରେ ପ୍ରସାରଣ ଘଟୁଛି ଏବଂ କାମନା ସ୍ତର ବୋଲି ଯାହାକୁ ଜାଣିଥିଲା, ତାହାକୁ ସମ୍ପୂର୍ଣ୍ଣ ଅତିକ୍ରମ କରି ଆସିଛି ।

ଯେତେବେଳେ ସେ ବୌଦ୍ଧିକ ଚେତନାକୁ ସ୍ପର୍ଶ କରେ, ପ୍ରଥମ କରି ସେ ଅନୁଭବ କରେ କିପରି ଭଗବାନ ସମସ୍ତ ବିଷୟକୁ ଅନୁଭବ କରନ୍ତି । ସେତେବେଳେ ସେ ଈଶ୍ୱରଙ୍କ ସଂସ୍ପର୍ଶରେ ଆସେ ଏବଂ ଜାଣିବାକୁ ଆରମ୍ଭ କରେ କିପରି ଈଶ୍ୱର ସବୁରି ଭିତରେ ଅଛନ୍ତି ସେ ସବୁରି ମଧ୍ୟରେ ଅନୁଭବ କରନ୍ତି । କୁହାଯାଏ ଯେ "ତାଙ୍କ ଭିତରେ ହିଁ ଆମେ ବଞ୍ଚି, ଗତି କରୁ ଏବଂ ଆମର ସତ୍ତା ରହିଥାଏ ।" ଏବଂ "ସବୁକିଛି ତାଙ୍କର, ତାଙ୍କ ଜରିଆରେ ଏବଂ ତାଙ୍କ ସକାଶେ" ଏବଂ ଏସବୁ କେବଳ ଏକ ସୁନ୍ଦର ଏବଂ କବି ସୁଲଭ ଅଭିବ୍ୟକ୍ତି ନୁହେଁ, ବରଂ ପ୍ରକୃତ ତଥ୍ୟ ।

ଏକ ଗୌରବମୟ ଏକତ୍ୱ ରହିଛି – କେବଳ ଭ୍ରାତୃତ୍ୱ ନୁହେଁ ବରଂ ପ୍ରକୃତ ଏକତ୍ୱ ଏବଂ ଯେତେବେଳେ ଜଣେ ତାହାର ନିମ୍ନତମ ପ୍ରାନ୍ତକୁ ସ୍ପର୍ଶ କରିପାରେ, ସେ ପ୍ରଥମଥର ପାଇଁ ଅତି ଅସ୍ପଷ୍ଟ ଭାବେ ବୁଝିବାକୁ ଆରମ୍ଭ କରେ ଭଗବାନ କିପରି ଅନୁଭବ କରନ୍ତି, ଯେତେବେଳେ ସେ ତାଙ୍କର ବ୍ରହ୍ମାଣ୍ଡକୁ ଲକ୍ଷ୍ୟ କରନ୍ତି ଏବଂ କହନ୍ତି, "ଭଲ ହୋଇଛି ।" ତେଣୁ ନିମ୍ନତର ସ୍ତରଗୁଡ଼ିକର ଅନ୍ଧକାରରୁ ଆମେ ପ୍ରାର୍ଥନା କରୁ ଉଚ୍ଚତର ଚେତନାର ଆଲୋକକୁ ଆମକୁ ନେଇଯିବା ପାଇଁ ଏବଂ ଅନ୍ଧକାର ତୁଳନାରେ ତାହାହିଁ ଆଲୋକ । ଅନ୍ୟ କୌଣସି ପ୍ରକାର ବର୍ଣ୍ଣନା ଏହାଠାରୁ ଅଧିକ ଉପଯୁକ୍ତ ହୋଇ ନ ପାରେ । ଅନ୍ୟ

କୌଣସି ପ୍ରକାର ବର୍ଣ୍ଣନା ମନୁଷ୍ୟର ଅନୁଭବକୁ ଅଧିକତର ସଠିକତା ଦେଇପାରିବ ନାହିଁ ।

**ମୃତ୍ୟୁ ଓ ଅମୃତତତ୍ତ୍ୱ**

ତାପରେ ଆମେ କହୁ, "ମୃତ୍ୟୁରୁ ମୋତେ ନେଇଯାଅ ଅମୃତତ୍ୱକୁ ।" ଏହାର ଅର୍ଥ ପ୍ରଥମ ଦୃଷ୍ଟିପାତରେ ସାଧାରଣ ଧାର୍ମିକ ଲୋକେ ଏଥିରୁ ଯାହା ବୁଝନ୍ତି, ତାହା ନୁହେଁ । କାରଣ, ମୃତ୍ୟୁ ପ୍ରତି ବ୍ରହ୍ମବିଦ୍ୟା ଜାଣିଥିବା ଲୋକଙ୍କର ମନୋଭାବ ସେ ବିଦ୍ୟା ପଢ଼ି ନ ଥିବା ଲୋକଙ୍କ ମନୋଭାବଠାରୁ ଅତ୍ୟନ୍ତ ଭିନ୍ନ । ବସ୍ତୁତଃ ସମ୍ପୂର୍ଣ୍ଣ ଓଲଟା । ମୃତ୍ୟୁ ଭୟଙ୍କର ନୁହେଁ, ଆତଙ୍କର ରାଜା ନୁହେଁ, ବରଂ ଏକ ଦେବଦୂତ । ଯାହା ପାଖରେ ସ୍ୱର୍ଣ୍ଣ ଚାବିକାଠି ଥାଏ ଉଚ୍ଚତର ଏବଂ ପୂର୍ଣ୍ଣତର ଜୀନର ପ୍ରବେଶ ଦ୍ୱାର ଖୋଲିବା ନିମନ୍ତେ । ଅବଶ୍ୟ ଯେଉଁମାନେ ସଂସାରରୁ ଚାଲିଯାଆନ୍ତି, ଆମେ ସେମାନଙ୍କ ପାଇଁ ଦୁଃଖ ପ୍ରକାଶ କରୁ । କିନ୍ତୁ ସେହି ଦୁଃଖ ହେଉଛି – ଅଦୃଶ୍ୟ ହୋଇ ଯାଇଥିବା ହାତର ସ୍ପର୍ଶ ପାଇଁ ଏବଂ ସେହି କଣ୍ଠସ୍ୱରର ଶବ୍ଦ ପାଇଁ ଯାହା ନୀରବ ହୋଇଯାଇଛି । ଏବଂ ଆମେ ଯେତେବେଳେ ମୃତ୍ୟୁରୁ ଅମୃତତ୍ୱକୁ ଆମକୁ ନେବା ପାଇଁ ପ୍ରାର୍ଥନା କରୁ, ବହୁ ଖ୍ରୀଷ୍ଟିୟାନ୍ ଲୋକଙ୍କ ମନରେ ଯାହା ଥାଏ, ଆମେ ସେଥିପାଇଁ ପ୍ରାର୍ଥନା କରୁ ନାହିଁ । ବହୁ ଖ୍ରୀଷ୍ଟିୟାନ୍ ଭାବନ୍ତି ଯେ ସେମାନଙ୍କର ବର୍ତ୍ତମାନର ବ୍ୟକ୍ତିତ୍ୱକୁ ନେଇ କୌଣସି ନା କୌଣସି ଏକ ରୂପ ନେଇ ସେମାନେ ଚିରକାଳ ବଞ୍ଚି ରହିବେ । ଅବଶ୍ୟ ଆମର ଏକ ଅତି ନିର୍ଦ୍ଦିଷ୍ଟ ଇଚ୍ଛା ରହିଛି ମୃତ୍ୟୁରୁ ଏବଂ ତାର ଅବିଚ୍ଛେଦ୍ୟ ସାଥୀ, ଜନ୍ମରୁ ନିଷ୍କୃତି ପାଇବା ପାଇଁ । ମନୁଷ୍ୟ ଆଗରେ ରହିଛି ଏକ ଆବର୍ତ୍ତନ ଯାହାକୁ ବୌଦ୍ଧମାନେ କହନ୍ତି ସଂସାର ବା ଜୀବନ ଚକ୍ର । ଏଠାରେ ଯେଉଁ ପ୍ରାର୍ଥନା କରାଯାଉଛି, ତାହା ହେଉଛି ଜନ୍ମ ମୃତ୍ୟୁ ଚକ୍ରରୁ ଆମକୁ ଅମୃତତ୍ୱକୁ ନେବାପାଇଁ । ତାହା ଏକ ଜୀବନ ଯାହା ରହିଛି ଜନ୍ମ ମୃତ୍ୟୁର ଊର୍ଦ୍ଧ୍ୱରେ, ଯାହା ଆଉ ନିମ୍ନତର ସ୍ତରମାନଙ୍କରେ ବୁଡ଼ ଦେବା ଦରକାର କରେ ନାହିଁ । କାରଣ ମାନବୀୟ ବିବର୍ତ୍ତନ ସମାପ୍ତ ହୋଇଥାଏ ଏବଂ ବସ୍ତୁ ତାକୁ ଯାହା ଶିକ୍ଷା ଦେବା କଥା, ତାହା ଶେଷ ହୋଇଯାଇଥାଏ ।

ଯଦିଓ ଲୋକେ କେବେ ଏହା ଦେଖିଥିବା ଭଳି ମନେ ହୁଏ ନାହିଁ, ତଥାପି ସେହି ଧାରଣା ଖ୍ରୀଷ୍ଟିଆନ୍ ଧର୍ମଗ୍ରନ୍ଥଗୁଡ଼ିକରେ ମଧ୍ୟ ରହିଛି । ଆଧୁନିକ ଖ୍ରୀଷ୍ଟିଆନ୍ ଧର୍ମର କେତେକ ଆବେଶଗତ ଦୋଷ ରହିଛି । ତାହାକୁ ଆଉ କୌଣସି ନାମ ଦେବା ଠିକ୍ ହେବ ବୋଲି ମୁଁ ଭାବୁନାହିଁ । ସେହି ତନ୍ମଧ୍ୟରୁ ଗୋଟିଏ ହେଲା

ଚିରନ୍ତନ ନରକ ସମ୍ପର୍କରେ ଏକ ଭୟଙ୍କର ଧାରଣା । ସେହି ବିଶ୍ୱାସ ଅନ୍ୟ କେତେକ ତତ୍ତ୍ୱ ଉପରେ ମଧ୍ୟ ଭୁଲ୍ ବୁଝାମଣାର ଏକ ମେଘକୁ ଛାଇ ଦେଇଛି । ମୁକ୍ତିଲାଭର ସମସ୍ତ ତତ୍ତ୍ୱର ଅର୍ଥ ହୋଇପଡ଼ିଛି ଏହି ସ୍ଥିତିବିହୀନ, ଚିରନ୍ତନର ନରକରୁ ମୁକ୍ତି, ଯଦିଓ ତାହାର ଅର୍ଥ ଆଦୌ ଏହା ନୁହେଁ । ଯେତେ ସବୁ ଅନୁଚ୍ଛେଦ ସେ ସମ୍ପର୍କରେ ଲେଖାଯାଇଛି ବୋଲି କୁହାଯାଏ ଏବଂ ଅବୋଧ ବୋଲି ମନେ ହୁଏ, ସେଗୁଡ଼ିକ ଦିବାଲୋକ ପରି ସ୍ୱଷ୍ଟ ହୋଇଯାଏ । ସେତେବେଳେ ବୁଝାଯାଏ ଯେ ଏହା ପ୍ରକୃତରେ ମନୁଷ୍ୟର ହୃଦୟ ଭିତରେ ଖ୍ରୀଷ୍ଟ ଭାବର ଜନ୍ମ, ଯାହା ମନୁଷ୍ୟକୁ ମୁକ୍ତି ଦିଏ ।

ଖ୍ରୀଷ୍ଟ ଅନେକ ସମୟରେ ଲୋକଙ୍କୁ ଓସାରିଆ ରାସ୍ତା ସମ୍ପର୍କରେ କହୁଥିଲେ ଯାହା ନେଇଯାଏ ମୃତ୍ୟୁ କିମ୍ବା ଧ୍ୱଂସଆଡ଼କୁ ଏବଂ ଯେଉଁ ରାସ୍ତାରେ ବହୁ ଲୋକ ଯାଆନ୍ତି । ଥରେ ଶିଷ୍ୟମାନେ ଖ୍ରୀଷ୍ଟଙ୍କ ନିକଟକୁ ଆସି ପଚାରିଲେ, "ପ୍ରଭୁ ! ଏମିତି କ'ଣ କେହି ଅଛନ୍ତି, ଯେଉଁମାନେ ମୁକ୍ତି ପାଇପାରନ୍ତି ?" ସେ କହିଲେ, "ଆଗରେ ଅଛି ଫାଟକ ଏବଂ ରାସ୍ତା ହେଉଛି ସଂକୀର୍ଣ୍ଣ ଯାହା ନେଇଯିବ ଜୀବନ ଆଡ଼କୁ । ତେବେ ଖୁବ୍ କମ୍ ଲୋକେ ଅଛନ୍ତି ଯେ ତାହାକୁ ଖୋଜି ପାଆନ୍ତି ।" ଲୋକେ ପ୍ରକୃତରେ ସେହି ଅତି ସୁନ୍ଦର ଏବଂ ସମ୍ପୂର୍ଣ୍ଣ ସତ୍ୟ ଶବ୍ଦଗୁଡ଼ିକ ନେଇ ଏପରି ଭାବେ ବୁଝାଇ ବସିଲେ ଯେ ତାର ଅର୍ଥ ହେଲା ଅଧିକାଂଶ ଲୋକେ ଚିରନ୍ତନ ନରକରେ ପଡ଼ିବେ ଏବଂ ଖୁବ୍ କମ୍ ଲୋକେ ସ୍ୱର୍ଗକୁ ଯିବାରେ ସଫଳ  ହେବେ । କିନ୍ତୁ ଏହି ଧାରଣା ଖ୍ରୀଷ୍ଟ ହିଁ ଦେଇଛନ୍ତି ବୋଲି କହିବା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ । ସେ ଯେଉଁ ଅର୍ଥରେ ଏହା କହିଥିଲେ, ତାହା ସମ୍ପୂର୍ଣ୍ଣ ସ୍ୱଷ୍ଟ । ଶିଷ୍ୟମାନେ ପଚାରିଥିଲେ, "କେତେ ଲୋକ ଦୀକ୍ଷାଲାଭ ପଥରେ ପ୍ରବେଶ କରନ୍ତି ?" ସେ କହିଥିଲେ, "ଖୁବ୍ କମ୍" – ଯାହା ସେ କାଳରେ ଯେପରି ସତ୍ୟ  ଥିଲା, ଏହି କାଳରେ ମଧ୍ୟ ସେହିପରି । ସେ ଯେତେବେଳେ କହିଲେ, "ମୃତ୍ୟୁ ଆଡ଼କୁ ନେଉଥିବା ରାସ୍ତା ଓସାରିଆ ଏବଂ ବହୁ ଲୋକ ସେହି ରାସ୍ତାରେ ଯାଆନ୍ତି," ସେତେବେଳେ ସେ କହିଥିଲେ ସେହି ରାସ୍ତା କଥା ଯାହା ନେଇଯାଏ ଜନ୍ମ ମୃତ୍ୟୁର ଚକ୍ର ଆଡ଼କୁ । ଅବଶ୍ୟ ଏହା ସତ ଯେ ସେହି ରାସ୍ତା ହେଉଛି ଓସାରିଆ ଏବଂ ସହଜ । ବିକାଶର ସେହି ରାସ୍ତା ଧରିବା ବିଷୟରେ କୌଣସି ଅସୁବିଧା ନାହିଁ । ଯେଉଁମାନେ ସେହି ରାସ୍ତାରେ ଯିବେ ସେମାନେ ଖୁବ୍ ସହଜରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ, ସପ୍ତମ ଆବର୍ତ୍ତନର ପ୍ରାୟ ଶେଷ ଆଡ଼କୁ ।

କିନ୍ତୁ ଆଗରେ ଅଛି ଫାଟକ ଏବଂ ରାସ୍ତା ହେଉଛି ସଂକୀର୍ଣ୍ଣ ଯାହା ନେଇଯିବ ଦୀକ୍ଷାଲାଭ ସକାଶେ, ସ୍ୱର୍ଗ ରାଜ୍ୟକୁ । ଯେତେବେଳେ ଖ୍ରୀଷ୍ଟ କହିଛନ୍ତି, ସ୍ୱର୍ଗ ରାଜ୍ୟର କଥା । ସେ କେବେହେଲେ ସ୍ୱର୍ଗ-ଜଗତ କଥା କହିନାହାନ୍ତି – ଯାହା ଆସେ ମୃତ୍ୟୁ ପରେ, ଯାହାକୁ ଦେବାଚନ ବୋଲି କୁହାଯାଏ । ସେ ତଦ୍ୱାରା ସର୍ବଦା ବୁଝାଇଛନ୍ତି ଅଳ୍ପ କେତେକ ମୁକ୍ତାତ୍ମା ଅର୍ଥାତ୍ ମହାନ୍ ଭ୍ରାତୃ ମଣ୍ଡଳୀକୁ । ସେ ଯେତେବେଳେ ମୃତ୍ୟୁ ଏବଂ ପୁନର୍ଜନ୍ମ ମଧ୍ୟବର୍ତ୍ତୀ ଜୀବନର ଅବସ୍ଥାକୁ ସୂଚାଇଛନ୍ତି, ସେତେବେଳେ ଆମେ ଦେଖୁ ଏକ ସମ୍ପୂର୍ଣ୍ଣ ଭିନ୍ନ ଧରଣର ଶବ୍ଦ ଯୋଜନା ବ୍ୟବହାର ହୋଇଛି । ମନେ ପକାନ୍ତୁ ଏସ୍. ଜନ୍ ଯାହା ଲେଖିଛନ୍ତି, "ଦେଖ, ବହୁ ସଂଖ୍ୟକ ଲୋକ ଯାହାଙ୍କ ସଂଖ୍ୟା କେହି କଳନା କରିପାରିବ ନାହିଁ – ସବୁ ଦେଶର, ସବୁ ଜାତିର ଏବଂ ସବୁ ଭାଷାର ଲୋକେ ଠିଆ ହୋଇଛନ୍ତି ସିଂହାସନ ଆଗରେ ଏବଂ ମେଣ୍ଢାଛୁଆ ଆଗରେ । ପିନ୍ଧିଛନ୍ତି ଧଳା ପୋଷାକ, ହାତ ଯୋଡ଼ି ରହିଛନ୍ତି ।" ଯେତେବେଳେ ସେମାନେ ଅବସ୍ଥା ବର୍ଣ୍ଣନା କଲେ ସେତେବେଳେ ସେମାନେ କହିଲେ ବିରାଟ ଜନସମାଜ ବିଷୟରେ ଯାହାଙ୍କ ସଂଖ୍ୟା କେହି କଳନା କରିପାରିବେ ନାହିଁ; ସବୁବେଳେ କଷ୍ଟ ସ୍ୱୀକାର କରି ରାସ୍ତା ପାଇଥିବା ଅଳ୍ପ କେତେକଙ୍କ ବିଷୟର ସମୋନେ କହିନାହାନ୍ତି ।

■■■

## ପଞ୍ଚମ ଅଧ୍ୟାୟ

# ଶିଷ୍ୟଙ୍କର ମନୋଭାବ

**ଲେଡ୍‌ବିଟର୍** – ବର୍ତ୍ତମାନ ଆମେ ଆଲସିଓନ୍ ନିଜ ଲେଖିଥିବା ପ୍ରାକ୍ କଥନ ବିଷୟ ଦେଖିବା ।

**ଏଥିରେ ଲେଖାଯାଇଥିବା ଶବ୍ଦଗୁଡ଼ିକ ମୋର ନୁହେଁ; ସେଗୁଡ଼ିକ ହେଉଛି ଗୁରୁଙ୍କର, ଯେ ମୋତେ ଉପଦେଶ ଦେଇଥିଲେ । ତାଙ୍କ ବିନା ମୁଁ କିଛି କରି ପାରି ନ ଥାନ୍ତି; କିନ୍ତୁ ତାଙ୍କର ସାହାଯ୍ୟ ଫଳରେ ମୁଁ ଆଧ୍ୟାତ୍ମିକ ପଥରେ ପାଦ ଦେଇଛି ।**

ସେ ତାଙ୍କର ସମସ୍ତ ପ୍ରଗତି ସିଧାସଳଖ ତାଙ୍କର ଗୁରୁଙ୍କର ପ୍ରଭାବ ଏବଂ ସାହାଯ୍ୟ ଯୋଗୁଁ ବୋଲି କହିଛନ୍ତି । ସେ ସେତେବେଳେ ଯେଉଁ ସାହାଯ୍ୟ ପାଇଥିଲେ, ସେଥିରୁ ବହୁ ଭାଗ ସାହାଯ୍ୟ ଆମେ ପାଇଛୁ । କାରଣ ଆମ ପାଖରେ ରହିଛି ଏହି ବହିରେ ଲେଖା ହୋଇଥିବା ଶବ୍ଦଗୁଡ଼ିକ, ଯାହା ହେଉଛି ଗୁରୁଙ୍କର ବାଣୀ । ଗୁରୁଙ୍କର ଉପସ୍ଥିତି ଏବଂ ବ୍ୟକ୍ତିଗତ ନିର୍ଦ୍ଦେଶନାର ପ୍ରଭୂତ ସାହାଯ୍ୟ ପ୍ରସ୍ତୁତ ହୋଇ ରହିଛି ଏବଂ ଆମ ମଧ୍ୟରୁ ପ୍ରତ୍ୟେକଙ୍କୁ ଅପେକ୍ଷା ମଧ୍ୟ କରିଛି । ସେହି କଥା ଏକ ସତ୍ୟ ରୂପେ ଆମ ମନ ଭିତରେ ବଦ୍ଧମୂଳକ ହୋଇ ରହିବା ଦରକାର । ଏହା ଏକ ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ ତଥ୍ୟ ବୋଲି ଆମର ବିଶ୍ୱାସ ହେବା ଉଚିତ । ଆଲସିଓନ୍ ଯେପରି ସାହାଯ୍ୟ ପାଇଥିଲେ, ସେପରି ସମସ୍ତେ ସାହାଯ୍ୟ ପାଇବେ ଯେଉଁମାନେ ସେଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେବେ ।

**ଆପଣ ମଧ୍ୟ ସେହି ଆଧ୍ୟାତ୍ମିକ ପଥରେ ପ୍ରବେଶ କରିବା ପାଇଁ ଚାହାନ୍ତି-ସୁତରାଂ ସେ ମୋତେ ଯେଉଁ ସବୁ କଥା କହିଥିଲେ,**

**ତାହା ଆପଣଙ୍କୁ ମଧ୍ୟ ସାହାଯ୍ୟ କରିବ, ଯଦି ଆପଣ ସେହି କଥା ମାନି ଚଳିବେ । ସେ ସବୁ ସତ୍ୟ ଏବଂ ସୁନ୍ଦର ବୋଲି କହିଲେ ଯଥେଷ୍ଟ ହେବ ନାହିଁ । ଯେ ସଫଳ ହେବାକୁ ଚାହିଁବେ ତାଙ୍କୁ ଠିକ୍ ଭାବେ ଏହାକୁ ମାନି ଚଳିବାକୁ ହେବ । ଖାଦ୍ୟ ଦେଖି ତାହା ଭଲ ହୋଇଛି ବୋଲି କହିଲେ ଭୋକିଲା ଲୋକ ସନ୍ତୁଷ୍ଟ ହେବ ନାହିଁ; ହାତ ବ୍ୟବହାର କରି ତାକୁ ଖାଇବାକୁ ହେବ । ସେହିପରି ଗୁରୁଙ୍କର ବାଣୀ ଶୁଣିବା ଯଥେଷ୍ଟ ହେବ ନାହିଁ । ସେ ଯାହା କହିଛନ୍ତି, ତାହା ଆପଣଙ୍କୁ କରିବାକୁ ହେବ – ପ୍ରତ୍ୟେକ ଶବ୍ଦ ପ୍ରତି ମନ ଦେବାକୁ ହେବ, ପ୍ରତ୍ୟେକ ସୂଚନାକୁ ଗ୍ରହଣ କରିବାକୁ ହେବ ।**

"ଏହି ବହିରେ ଯାହା ଲେଖା ଯାଇଛି, ତାହା ମୁଁ ମାନି ଚଳିବି ।" କେବଳ ଏତିକି କହିଦେଲେ ଯଥେଷ୍ଟ ହେବ ନାହିଁ । ଏହାର ଉପଦେଶଗୁଡ଼ିକ ଜୀବନର ପ୍ରତ୍ୟେକ ଅଂଶକୁ ନିଶ୍ଚୟ ପ୍ରସାରିତ କରିବାକୁ ହେବ । ସୁଯୋଗଗୁଡ଼ିକ ପ୍ରତି ମନୁଷ୍ୟ ଲକ୍ଷ୍ୟ ରଖିବା ଦରକାର । ବହିଟିର ଶେଷରେ ଗୋଟିଏ କବିତା ରହିଛି ଯାହା ଏହାକୁ ବିଶେଷ ଭାବେ ବ୍ୟକ୍ତ କରିଛି;

**ଗୁରୁଙ୍କର ବାଣୀକୁ ଅପେକ୍ଷା କରି**
**ପ୍ରଚ୍ଛନ୍ନ ଆଲୋକ ପ୍ରତି ଦୃଷ୍ଟି ରଖି**
**ତାଙ୍କର ନିର୍ଦ୍ଦେଶକୁ କାନ ଡେରି**
**ସଂଗ୍ରାମର ଗଭୀରତା ମଧ୍ୟରେ**
**ଜନତାର ଶିରରାଶିର ଅନ୍ତରାଳେ**
**ତାଙ୍କର ସାମାନ୍ୟତମ ସଂକେତକୁ ଦେଖି**
**ଧରାର ସର୍ବୋଚ୍ଚ ସଂଗୀତ ସ୍ୱରର ଊର୍ଦ୍ଧ୍ୱରେ**
**ତାଙ୍କର କ୍ଷୀଣତମ ସ୍ୱର ପ୍ରତି କାନ ଦେଇ ।**

"ଏହି ବହିରେ ଯାହା ଲେଖା ଯାଇଛି, ତାହା ମୁଁ ମାନି ଚଳିବି ।" କେବଳ ଏତିକି କହିଦେଲେ ଯଥେଷ୍ଟ ହେବ ନାହିଁ । ଏହାର ଉପଦେଶଗୁଡ଼ିକ ଜୀବନର ପ୍ରତ୍ୟେକ ଅଂଶକୁ ନିଶ୍ଚୟ ପ୍ରସାରିତ କରିବାକୁ ହେବ । ସୁଯୋଗଗୁଡ଼ିକ

ପ୍ରତି ମନୁଷ୍ୟ ଲକ୍ଷ୍ୟ ରଖିବା ଦରକାର । ବହିଟିର ଶେଷରେ ଗୋଟିଏ କବିତା ରହିଛି ଯାହା ଏହାକୁ ବିଶେଷ ଭାବେ ବ୍ୟକ୍ତ କରିଛି;

**ଗୁରୁଙ୍କର ବାଣୀକୁ ଅପେକ୍ଷା କରି**
**ପ୍ରଚ୍ଛନ୍ନ ଆଲୋକ ପ୍ରତି ଦୃଷ୍ଟି ରଖି**
**ତାଙ୍କର ନିର୍ଦ୍ଦେଶକୁ କାନ ଡେରି**
**ସଂଗ୍ରାମର ଗଭୀରତା ମଧ୍ୟରେ**
**ଜନତାର ଶିରରାଶିର ଅନ୍ତରାଳେ**
**ତାଙ୍କର ସାମାନ୍ୟତମ ସଂକେତକୁ ଦେଖି**
**ଧରାର ସର୍ବୋଚ୍ଚ ସଂଗୀତ ସ୍ୱରର ଊର୍ଦ୍ଧ୍ୱରେ**
**ତାଙ୍କର କ୍ଷୀଣତମ ସ୍ୱର ପ୍ରତି କାନ ଦେଇ ।**

## କେବଳ ପ୍ରଥମ ପଦକ୍ଷେପ କଷ୍ଟକର

ଜୀବନ ସଂଗ୍ରାମର ସମସ୍ତ କୋଳାହଳ, ଆବର୍ତ୍ତ ଓ ଉତ୍ତେଜନା ମଧ୍ୟରେ ସର୍ବଦା କାନ ଡେରି ରହିବାକୁ ହେବ, ଯଦି ଜଣେ ଚାହେଁ ଗୁରୁଙ୍କର ଶିଷ୍ୟ ହେବାକୁ । ବ୍ୟଗ୍ରତାର ସହ ସର୍ବଦା ସୁଯୋଗର ସନ୍ଧାନରେ ରହିବାକୁ ହେବ, ତାଙ୍କର ଉପଦେଶଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ । ସର୍ବୋପରି ଏହା ପ୍ରକୃତରେ କଷ୍ଟକର ନୁହେଁ, କାରଣ ଏହା ବେଶି ପରିମାଣରେ ଅଭ୍ୟାସର କଥା । କେବଳ ପ୍ରଥମ ପଦକ୍ଷେପ ହିଁ କଷ୍ଟକର । ଯେତେବେଳେ ମନୁଷ୍ୟ ସେତିକି କରିଦିଏ ଏବଂ ଅଭ୍ୟାସରେ ପକାଇ ଦିଏ, ସେତେବେଳେ ଏଥିପାଇଁ ସବୁବେଳେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହଜ ହୋଇପଡ଼େ, ଯେପରି ବ୍ୟବସାୟୀ ପକ୍ଷରେ ସବୁବେଳେ ଅର୍ଥ ଅର୍ଜନ ପାଇଁ ସୁଯୋଗ ସକାଶେ ଦୃଷ୍ଟି ରଖିବା ସହଜ ହୋଇଥାଏ । ମନୁଷ୍ୟ ଏହିପରି ସର୍ବଦା ସଜାଗ ରହିବା ଉଚିତ । କାରଣ ଯଦି ସେ ବ୍ୟବସାୟ କରୁଥାଏ, ତାହାହେଲେ ତାହା ଠିକ୍ ଭାବେ କରିବା ହିଁ ତାର କର୍ତ୍ତବ୍ୟ । କିନ୍ତୁ ସେ ଯଦି ଅସ୍ଥାୟୀ ବିଷୟ ନେଇ ବ୍ୟଗ୍ର ରହିପାରେ, ତେବେ ସେ ଏହିସବୁ ଉଚ୍ଚତର ଜୀବନର ବିଷୟ ପାଇଁ ସେହି ପରିମାଣରେ ନିଶ୍ଚୟ ଆଗ୍ରହୀ ହେବା ଉଚିତ ।

ଯେଉଁମାନେ ଗୁରୁଙ୍କର ପାଦ ପାଖରେ ପହଞ୍ଚିବାକୁ ଚାହାନ୍ତି ସେମାନେ ତାଙ୍କର ମନୋଭାବ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବ୍ରହ୍ମବିଦ୍ୟା ଅଧ୍ୟୟନ କରିବା ଦ୍ୱାରା ଯେଉଁ ପ୍ରକାର ମନୋଭାବ ଜାଗରିତ ହୁଏ, ଏହା ସେହି ପ୍ରକାର ମନୋଭାବ । କିନ୍ତୁ ସେହି ମନୋଭାବ ହିଁ ପ୍ରକୃତରେ ବ୍ରହ୍ମବିଦ୍ୟା ଅଧ୍ୟୟନର ଲକ୍ଷ୍ୟ । କାରଣ ବ୍ରହ୍ମବିଦ୍ୟା ହେଉଛି ଏକ ପ୍ରକାର ଜୀବନଧାରା, ଏହା କେବଳ ଏକ ଶିକ୍ଷଣୀୟ

ବ୍ୟବସ୍ଥାଶ ନୁହେଁ । ସୁତରାଂ ଆମକୁ ଚେଷ୍ଟା କରିବାକୁ ହେବ ଗୁରୁଙ୍କର ମତ ସହିତ ଆମର ମତକୁ ମିଳାଇବାକୁ, କିନ୍ତୁ ଜୋର୍ କରି ନୁହେଁ । ଗୁରୁ କିପରି ତାଙ୍କ ନିଷ୍ପତ୍ତିରେ ଉପନୀତ ହେଲେ ତାହା ନ ବୁଝି କେବଳ ଗୁରୁଙ୍କର ମତ ବୋଲି ଗ୍ରହଣ କରିନେବା ଆମ୍ଭମାନଙ୍କ ମଧ୍ୟରୁ କାହାରି ସର୍ବାପେକ୍ଷା ବିଜ୍ଞୋଚିତ କାର୍ଯ୍ୟ ହେବ ନାହିଁ । ତାଙ୍କ ମତ ଗ୍ରହଣ କରିନେବା ଆମ ପକ୍ଷରେ ବେଶ୍ ନିରାପଦ ହେବା ଉଚିତ୍ । କାରଣ ଆମ ଅପେକ୍ଷା ସେ ବହୁତ ଅଧିକ ଜାଣନ୍ତି । କିନ୍ତୁ ସେ ତାହା ଇଚ୍ଛା କରିବେ ନାହିଁ । ତାଙ୍କର ଚିନ୍ତାଦ୍ୱାରା ଆମର ହୃଦୟ ଯେ ପ୍ରଭାବିତ ହେବା ଉଚିତ କେବଳ ସେତିକି ନୁହେଁ, ଆମର ମସ୍ତିଷ୍କ ମଧ୍ୟ ତାହାର ଯଥାର୍ଥତା ବୁଝିବା ଦରକାର ।

ଆମର ମନରେ ଏହା ନିଶ୍ଚିତ ଭାବେ ଧରି ରଖିବାକୁ ହେବ କି ଏହିଗୁଡ଼ିକ ଅଧିକ ସତ୍ୟ, ସ୍ଥାୟୀ ଏବଂ ଗୁରୁତ୍ୱପୂର୍ଣ୍ଣ । ସାଧାରଣ ଖ୍ରୀଷ୍ଟିୟାନ୍ ନିଶ୍ଚିତ ଭାବେ କହନ୍ତି ଯେ ଅଦୃଶ୍ୟ ବିଷୟଗୁଡ଼ିକ ଅଧିକତର ଗୁରୁତ୍ୱପୂର୍ଣ୍ଣ ଏବଂ ଯାହା ଦୃଶ୍ୟମାନ ତାହା ଅସ୍ଥାୟୀ । କିନ୍ତୁ ସେ ସେହି ବିଶ୍ୱାସ ଅନୁଯାୟୀ କାର୍ଯ୍ୟ କରନ୍ତି ନାହିଁ । କାହିଁକି ? କାରଣ ସେ ବିଷୟରେ ସେ ନିଶ୍ଚିତ ନୁହନ୍ତି । ସ୍ଥୂଳ ସ୍ତରରେ ସେ ବେଶ୍ ନିଶ୍ଚିତ ଯେ ଟଙ୍କା ପଇସା ଏକ ଭଲ ଜିନିଷ, ଏବଂ ସେଥିରୁ ସେ ଯେତେ ଅଧିକ ପାଇପାରିବେ, ସେତିକି ତାଙ୍କ ପକ୍ଷରେ ମଙ୍ଗଳ ହେବ । କିନ୍ତୁ ସେ ସମ ପରିମାଣରେ ହୃଦୟଙ୍ଗମ କରିନାହାନ୍ତି ଯେ ଆଧ୍ୟାତ୍ମିକ ବିଷୟଗୁଡ଼ିକ ସତ୍ୟ । ସେସବୁ ଗୋଟିଏ ଗୋଷ୍ଠୀର ଅନ୍ତର୍ଭୁକ୍ତ, ଯାହାକୁ ସେ ଧର୍ମ ଆଖ୍ୟା ଦିଅନ୍ତି । ସାଧାରଣ ଜୀବନ ବ୍ୟାପାରରେ ଯେଉଁ ନିଶ୍ଚିତତା, ବ୍ୟବହାରିକତା ଏବଂ ବାସ୍ତବତା ରହିଛି ତାହା ତାଙ୍କ ପକ୍ଷରେ ଏହିସବୁ ବିଷୟରେ ନାହିଁ । ଆମେ, ଯେଉଁମାନେ ଏହି ଦିଗରେ ପ୍ରଗତି ପାଇଁ ଚେଷ୍ଟା କରୁଛୁ, ଏହିସବୁ ଅଦୃଶ୍ୟ ଜଗତ ସେହି ବାସ୍ତବତା, ସମ୍ପୂର୍ଣ୍ଣ ଏବଂ ନିର୍ଦ୍ଧାରିତ ନିଶ୍ଚିତତା ସ୍ୱଷ୍ଟ ଓ ନିର୍ଭୁଲ୍ ଭାବେ ପ୍ରବର୍ତ୍ତନ କରିବା ଆବଶ୍ୟକ । ସିନେଟ୍ ବ୍ରହ୍ମବିଦ୍ୟା ସମ୍ପର୍କୀୟ ତାଙ୍କର ପ୍ରଥମ ପୁସ୍ତକରେ ଲେଖିଥିଲେ, "ଏହି ବିଷୟଗୁଡ଼ିକ ଚାରିଙ୍ଗକ୍ରସ୍ ଭଳି ଆପଣମାନଙ୍କ ପକ୍ଷରେ ସତ୍ୟ ହେବା ଦରକାର ।" ତାହା ଠିକ୍ କଥା; ସେଗୁଡ଼ିକ ପ୍ରତିଦିନ ଦେଖୁଥିବା ଜିନିଷ ଭଳି ଆମର ପରିଚିତ ହେବା ଦରକାର ।

ସେଗୁଡ଼ିକ ସେପରି ହୋଇପାରିବ, ସେ ବିଷୟରେ ଯଥାର୍ଥ ଯୁକ୍ତି ଦ୍ୱାରା, ଅନ୍ତର୍ଦୃଷ୍ଟି ଦ୍ୱାରା କିମ୍ବା ସର୍ବୋତ୍ତମ ହେଉଛି ସିଧାସଳଖ ଅଭିଜ୍ଞତା ଦ୍ୱାରା । ଯେତେବେଳେ ଆମେ ଆମର ବୁଦ୍ଧି ପ୍ରୟୋଗ କରି ସମ୍ପୂର୍ଣ୍ଣ ଭାବେ ନିଜକୁ ବୁଝାଇ ଦେଉଁ ଯେ

ଗୋଟାଏ ବିଷୟ ନିଶ୍ଚୟ ସେପରି ହୋଇଥିବ, ସେତେବେଳେ ଆମ ସକାଶେ ତାହା ହୋଇଥାଏ ଏକ ସଠିକ୍ ତଥ୍ୟ । ନୂଆ ଛାତ୍ରଙ୍କ ତୁଳନାରେ ପୁରାତନ ଛାତ୍ରଙ୍କ ପକ୍ଷରେ ତାହା ହୁଏତ ଗୋଟାଏ ସୁବିଧା । ନୂତନ ଛାତ୍ରମାନେ ଯେତେ ଆଗ୍ରହୀ ହୁଅନ୍ତୁ ନା କାହିଁକି, ପୁରାତନ ଛାତ୍ରମାନେ ସେହି ବିଷୟ ମଧ୍ୟଦେଇ ଚଳି ଆସିଥାନ୍ତି – ତାହାକୁ ଅଳ୍ପ ଅଳ୍ପ କରି, କହିବାକୁ ଗଲେ କଣିକା କଣିକା କରି ନିଜର ଅଂଶ କରି ଦେଇଥାନ୍ତି । କବି କହିଛନ୍ତି ଜ୍ଞାନ ଅଧିକରୁ ଅଧିକ ବଢ଼େ । ଏପରି କେତେକ ଲୋକ ଅଛନ୍ତି ଯେଉଁମାନେ ଉଚ୍ଚତର ତଥ୍ୟ ଶୁଣିବା ମାତ୍ରେ ସେଗୁଡ଼ିକ ସମ୍ପୂର୍ଣ୍ଣ ସତ୍ୟ ବୋଲି ଗ୍ରହଣ କରିବା ଅବସ୍ଥାକୁ ଡେଇଁ ପଡ଼ନ୍ତି – ଏକ ସୁଖପ୍ରଦ ଅନ୍ତର୍ଦୃଷ୍ଟି ଫଳରେ, ଯାହା ପ୍ରକୃତରେ ତାଙ୍କର ବିଗତ ଜୀବନ ସବୁର କର୍ମଫଳ । କିନ୍ତୁ ଆମ ଭିତରୁ ଅଧିକାଂଶଙ୍କ ପକ୍ଷରେ, ଯେଉଁମାନଙ୍କର ପୂର୍ବଜନ୍ମର କର୍ମ ସେତେ ଭଲ ନୁହେଁ ସେମାନଙ୍କ ପକ୍ଷରେ ଜ୍ଞାନର କ୍ରମଶଃ ବୃଦ୍ଧି କଷ୍ଟକର ହୋଇଥାଏ । ଅବଶ୍ୟ ଜଣେ ତିରିଶ ବର୍ଷ ଧରି ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହୋଇଥାଇ ପାରନ୍ତି, ଅଥଚ ମୂଳରୁ ଯେତିକି ଜାଣିଥିଲେ – ଶେଷରେ ତାଠାରୁ ଅଧିକ କିଛି ଜାଣି ନ ଥାଇ ପାରନ୍ତି । ଏହା ଦୁଃଖର କଥା, କାରଣ ଏହା  ହେଉଚି ସୁଯୋଗର ଅପବ୍ୟୟ । କିନ୍ତୁ ଯେଉଁମାନେ ସର୍ବଦା ବ୍ରହ୍ମବିଦ୍ୟା ବିଷୟ ଚିନ୍ତା କରନ୍ତି ଏବଂ ତଦନୁଯାୟୀ ଚଳନ୍ତି, ସେମାନଙ୍କ ଭିତରେ ନିଶ୍ଚିତତାର ଅନୁଭବ କ୍ରମଶଃ ବୃଦ୍ଧି ପାଇଥାଏ । ସେହି ସମ୍ପର୍କରେ ଜୀବନର ଅନୁଭୂତି ଓ ଚିନ୍ତା ପ୍ରମାଣ ପରେ ପ୍ରମାଣ ସଞ୍ଚୟ କରି ଚାଲିଥାଏ, ଯାହାଫଳରେ ଆମେ ଜାଣୁ ଯେ ସେଗୁଡ଼ିକ ନିଶ୍ଚିତ ଭାବେ ସତ୍ୟ ।

ବହୁ କ୍ଷେତ୍ରରେ ବ୍ରହ୍ମବିଦ୍ୟାର ଧାରଣା ସବୁ ପ୍ରଥମେ ଜଟିଳ ଏବଂ କଷ୍ଟକର ମନେ ହୋଇଥାଏ । କିନ୍ତୁ ପରେ ମନେ ହୁଏ ସରଳ ଏବଂ ସହଜ । ସେଗୁଡ଼ିକ ଆପଣଙ୍କର ଏକ ଅଂଶ ହୋଇଯାଏ । ଶିଶୁ ଗୋଟିଏ ପୃଷ୍ଠାର ଲେଖାକୁ ନକଲ କରେ ଏବଂ ଯଦି ସେଥିରେ କୌଣସି ଭୁଲ୍ ନ ଥାଏ, ବେଶି ଗର୍ବିତ ମନେ କରେ । କିନ୍ତୁ ପରେ ସେ ସେହି କାମ କରେ କିନ୍ତୁ କିଛି ଭାବେ ନାହିଁ । ଏହା ତାର କ୍ଷମତା ହୋଇଯାଏ । ଯେ ପର୍ଯ୍ୟନ୍ତ ଆମେ ବୁଝିବାକୁ ଚେଷ୍ଟା କରୁଥାଉ, ସେ ପର୍ଯ୍ୟନ୍ତ ବ୍ରହ୍ମବିଦ୍ୟାର ସତ୍ୟ ସମୂହର ମୂଲ୍ୟ ପୂରାପୂରି ଉପଲବ୍ଧି କରିନଥାଉ; ପରେ ସେ ସବୁ ଆମ ଜୀବନରେ ଏକ କ୍ଷମତା ହୋଇଯାଏ ।

ଆଧ୍ୟାତ୍ମିକ ପଥ ଅଧିକ ସହଜ ଓ ଦ୍ରୁତତର ହୋଇପଡ଼େ ସେହି ଲୋକ ପକ୍ଷରେ ଯେ କିଛି ବ୍ୟକ୍ତିଗତ ଅନୁଭୂତି ପାଇଥାନ୍ତି । ଆମ ଭିତରେ କମ୍ ଲୋକ ଅଛନ୍ତି, ଯେଉଁମାନଙ୍କର ସେହି ପ୍ରକାର ଅନୁଭୂତି ଆଦୌ ନାହିଁ । ପ୍ରତ୍ୟକ୍ଷ ଜ୍ଞାନର

ଏକ ସାମାନ୍ୟ ଅନୁଭୂତି ମଧ୍ୟ ଆମକୁ ଦେଖାଇ ଦିଏ ଯେ ଅନ୍ୟ ସମସ୍ତ ଧାରଣା ସତ୍ୟ ନହେଲେ ବି ସମ୍ଭବପର । ଆମେ ନିଜେ ଦେଖୁ ଯେ ଆମେ ଯାହା ଶିକ୍ଷା କରିଥିଲୁ, ସେଥିରୁ ଗୋଟିଏ ଅଂଶ ସତ । କିନ୍ତୁ ଆମେ ସ୍ୱୀକାର କରୁ ଯେ ଅବଶିଷ୍ଟ ଅଂଶଗୁଡ଼ିକ ମଧ୍ୟ ଖୁବ୍ ସମ୍ଭବ ସତ । କାରଣ ସମଗ୍ର ଦର୍ଶନ ହେଉଛି ସୁସଂସବଦ୍ଧ ଏବଂ ଏହି ସମ୍ଭାବନା ଏତେ ବଳିଷ୍ଠ ଯେ ବ୍ୟାବହାରିକ ଦୃଷ୍ଟିରୁ ଆମ ପକ୍ଷରେ ତାହା ହୋଇଯାଏ ନିଶ୍ଚିତ ।

**ଗୁରୁ କହନ୍ତି ଗୋଟିଏ ଥର**

**ଯଦି କୌଣସି ସୂଚନା ଗ୍ରହଣ କରା ନ ଯାଏ, ଯଦି କୌଣସି ଶବ୍ଦ ଆମେ ଛାଡ଼ିଯାଉ, ତାହା ସବୁଦିନ ପାଇଁ ହଜିଯାଏ । କାରଣ ସେ ଗୁରୁ ଦୁଇଥର କହନ୍ତି ନାହିଁ ।**

**ଆନି ବେସାନ୍ତ** – ବହୁ ଲୋକେ ବୁଝିପାରନ୍ତି ନାହିଁ ଯେ ଯେଉଁମାନେ ବାରମ୍ବାର ଏହିସବୁ କଥା ଶୁଣି ଯଦି ତାହା କାର୍ଯ୍ୟକାରୀ ନ କରନ୍ତି, ତେବେ ସେମାନେ ବାହ୍ୟ ଜଗତରେ ଏହି ବାଣୀ ଶୁଣିଥିବା ଲୋକଙ୍କ ଅପେକ୍ଷା ଉତ୍କୃଷ୍ଟତର ନୁହନ୍ତି, ବରଂ ନିକୃଷ୍ଟତର । ମୁଁ କହୁନାହିଁ ଯେ ଯଦି ସେ କାର୍ଯ୍ୟକାରୀ କରି ନ ପାରନ୍ତି ତାହା ଦୃଷ୍ଟିକୁ ଅଣାଯିବ, କିନ୍ତୁ ଯଦି ସେ କରିବାକୁ ଚେଷ୍ଟା ନ କରନ୍ତି, ତେବେ ତାହା ନିଶ୍ଚୟ ଲକ୍ଷ୍ୟ କରାଯିବ । ପ୍ରଗାଢ଼ ଚେଷ୍ଟା ଆବଶ୍ୟକ ଏବଂ ଏହି କଥାଟି ଆମମାନଙ୍କ ଭିତରେ ଆମେ ଅନେକ ସମୟରେ ଭୁଲି ଯାଇଥାଉ । ଏହା ସତ ଯେ ଗୁରୁ ଦୁଇଥର କହନ୍ତି ନାହିଁ । ସେ ଏକ ପରାମର୍ଶ ଦିଅନ୍ତି – ଯଦି ତାହା କାର୍ଯ୍ୟକାରୀ କରାନଯାଏ, ସେ ସେହି କଥା ଛାଡ଼ି ଦିଅନ୍ତି – ସେ ଯାହା କହିଥାନ୍ତି, ତାକୁ ଦୋହରାନ୍ତି ନାହିଁ । କେବଳ ତାଙ୍କର ଶିଷ୍ୟମାନେ ପୃଥିବୀର ଅବସ୍ଥାକୁ ଦେଖି ଯାହା କହିବାର କଥା ତାକୁ ବାରମ୍ବାର କହି ଲାଗନ୍ତି ପ୍ରଭାବ ପକାଇବା ପର୍ଯ୍ୟନ୍ତ ।

ଆପଣ ଯଦି ଶିଷ୍ୟ ରୂପେ ଗହୀତ ହୋଇଥାନ୍ତି, ଆପଣଙ୍କ ଗୁରୁ ଆପଣଙ୍କୁ କୌଣସି ଏପରି କାମ କରିବାକୁ କହିବେ ନାହିଁ, ଯାହା କରିବା ସମ୍ଭବ ନୁହେଁ । ଯଦି ସେ ଦେଉଥିବା ଉପଦେଶ ଆପଣ ଗ୍ରହଣ ନ କରନ୍ତି, ସେ ତାହା ଆପଣଙ୍କୁ ଆଉ ଥରେ ଦେବେ ନାହିଁ । ଏହାର କାରଣ ନୁହେଁ ଯେ ସେ ନିର୍ଦ୍ଦୟ । କାରଣ ହେଉଛି ଯେ ସେ ଅଧିକ ସମୟ ଅଯଥା ନଷ୍ଟ କରିପାରିବେ ନାହିଁ । ତାଙ୍କର ବହୁତ କିଛି କାମ କରିବାକୁ ଅଛି । ଏହି ସମସ୍ତ ଶିକ୍ଷା ଆଲ୍‌ସିଓନ୍‌ଙ୍କୁ ଦିଆଯାଇଥିଲା

କାରଣ ସେ ସର୍ବଦା କଠୋର ପରିଶ୍ରମ କରୁଥିଲେ । କେବଳ ଯେଉଁମାନେ ପରିଶ୍ରମ କରିବା ସହିତ ଆଗ୍ରହୀ, ସେହିମାନେ ହିଁ ଗୁରୁ ସଂସ୍ପର୍ଶରେ ଆସିପାରିବେ । ମୁଁ ଜାଣେ ଯେ ଏହି କଠୋର ଅକ୍ଲାନ୍ତ ଉଦ୍ୟମକୁ ଆପଣଙ୍କ ଭିତରୁ ଅନେକେ ଖୁବ୍ କଷ୍ଟକର ବୋଲି ମନେ କରନ୍ତି । କିନ୍ତୁ ତାହା ହିଁ ଆବଶ୍ୟକ । ତାହା ନ କଲେ ଆପଣ ଏହି ଆଧ୍ୟାତ୍ମିକ ପଥରେ ପ୍ରବେଶ କରିପାରିବେ ନାହିଁ ।

**ଲେଡ୍‌ବିଟର୍** – ଆମେ ଯେଉଁମାନେ ଗୁରୁଙ୍କୁ ଅନୁସରଣ କରୁ ଏବଂ ବାହ୍ୟ ଜଗତରେ ତାଙ୍କର କେତେକ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରୁ, ସର୍ବଦା ଆମକୁ ଦୁଇଥର କହିବାକୁ ହୋଇଥାଏ । ଯେଉଁସବୁ ବିଭିନ୍ନ ବିଷୟ ଆମ ଦାୟିତ୍ୱରେ ଦିଆଯାଇଥାଏ, ସେଗୁଡ଼ିକୁ ଆମକୁ ବାରମ୍ବାର କହିବାକୁ ପଡ଼େ । କାରଣ ପ୍ରାୟ ଲୋକେ ଶୁଣନ୍ତି ନାହିଁ କି ମନ ଦିଅନ୍ତି ନାହିଁ । କିନ୍ତୁ ଯେତେବେଳେ ଜଣେ ଗୁରୁଙ୍କ ସଂସ୍ପର୍ଶରେ ଆସେ, ସେ ଆଉ ଆନମନା ହୋଇ ରହିବା ଆଶା କରାଯାଏ ନାହିଁ । ସେତେବେଳେ ଗୋଟିଏ ଥର ସୂଚନା ଯଥେଷ୍ଟ ହେବା ଉଚିତ ଏବଂ ଏହା ନିଶ୍ଚିତ ଯେ ଯଦି ତାହା ଗ୍ରହଣ କରାନଯାଏ, ତେବେ ତାହା ପୁନର୍ବାର କୁହାଯିବ ନାହିଁ । ଏହାର କାରଣ ନୁହେଁ ଯେ ଗୁରୁ ଜଣେ ଗର୍ବୀ ଶିକ୍ଷକ । ତାର କାରଣ ହେଉଛି – ଯେ ଶିଷ୍ୟ, ଏ ଯର୍ପ୍ୟନ୍ତ ପ୍ରସ୍ତୁତ ନୁହେଁ । ଗୁରୁମାନେ ଯେଉଁ ପ୍ରଣାଳୀରେ ସେମାନଙ୍କର ଶିଷ୍ୟମାନଙ୍କୁ ତାଲିମ୍ ଦିଅନ୍ତି, ତାହା ବୁଝିବା ଆବଶ୍ୟକ, ବସ୍ତୁତଃ କେବେ କ୍ୱଚିତ୍ ସେମାନେ ସିଧାସଳଖ ଆଦେଶ ଦେଇଥାନ୍ତି । ବହୁବର୍ଷ ତଳେ, ମୁଁ ଯେତେବେଳେ ଶିକ୍ଷାନବିଶ ରୂପେ ନିଆଗଲି, ମୋର ପ୍ରାୟ ପ୍ରଥମ ପ୍ରଶ୍ନ ଥିଲା, "ମୁଁ କ'ଣ କରିପାରିବି ?" ଗୁରୁ ଉତ୍ତର ଦେଲେ, "ତାହା ତୁମେ ନିଜେ ଆବିଷ୍କାର କରିବା ଉଚିତ ।" ତା'ପରେ ସେ ବୁଝାଇଲେ, "ମୁଁ ଭଲ ଭାବେ ଜାଣେ, ମୁଁ ଯଦି ତୁମକୁ କିଛି କରିବାକୁ କହେ, ତୁମେ ଅବଶ୍ୟ ତାହା ସଙ୍ଗେ ସଙ୍ଗେ କରିବ । କିନ୍ତୁ ସେହି କ୍ଷେତ୍ରରେ ତୁମେ ତତ୍‌କ୍ଷଣାତ୍ ଓ ଶୀଘ୍ର ଆଦେଶ ପାଳନ କରିବା କର୍ମର ଫଳ ପାଇବ; ଅଥଚ ମୁଁ ପାଇବି ସେହି କାର୍ଯ୍ୟର ଫଳ । ମୁଁ ଚାହେଁ ତୁମେ ସେହି କାର୍ଯ୍ୟର ଫଳ ପାଇବାକୁ । ମୁଁ ଚାହେଁ, ତୁମେ ନିଜେ ଭଲ କାମ କର ଏବଂ ତାର ସୁଫଳ ଅର୍ଜନ କର । ତୁମେ ହିଁ ସେହି ଧାରଣା ଉଦ୍‌ଭାବନ କର – ମୁଁ କରିବି ନାହିଁ ।"

ମହାତ୍ମାଗଣ କେବେ କ୍ୱଚିତ୍ ସିଧାସଳଖ ଆଦେଶ ଦିଅନ୍ତି । କିନ୍ତୁ ଅନେକ ସମୟରେ ଜଣେ ଗୁରୁ ଯାହା କହନ୍ତି ତହିଁରୁ, ଏପରିକି ତାଙ୍କ ଆଖିର ପଲକରୁ, ସେ କୌଣସି ଏକ ବିଷୟ ଅନୁମୋଦନ କରୁଛନ୍ତି କି ନାହିଁ, ସେ ସମ୍ପର୍କରେ ଜଣେ ମତ ସ୍ଥିର କରିନିଏ । ଯେଉଁମାନେ ତାଙ୍କର ଚାରିପାଖରେ ରହିଥାନ୍ତି, ବିଶେଷତଃ ଗୁରୁ

'କୁଥୁମି'ଙ୍କ କ୍ଷେତ୍ରରେ – ଏହି ସବୁ ବିଷୟ ଲକ୍ଷ୍ୟ କରିବା ସେମାନେ ଖୁବ୍ ଶୀଘ୍ର ଶିଖି ଯାଆନ୍ତି । ସେମାନେ ସର୍ବଦା ଲକ୍ଷ୍ୟ କରୁଥାନ୍ତି କୌଣସି ପ୍ରକାର ଏକ ସୂଚନା ପାଇଁ ।

ଗୁରୁ 'ମୌର୍ଯ୍ୟ' ତାଙ୍କର ଏହି ଜନ୍ମର ପ୍ରଥମ ଭାଗରେ ଜଣେ ରାଜା ଥିଲେ । ସେ ରାଜା ନିର୍ଦ୍ଦେଶ ଦେବା ଭଳି କହନ୍ତି । ଅଧିକାଂଶ ସମୟରେ ସେ ସିଧାସଳଖ ଆଦେଶ ଦିଅନ୍ତି । ସେ ଯଦି କୌଣସି ବିଷୟ ଅନୁମୋଦନ କରନ୍ତି ନାହିଁ ତେବେ ସାଧାରଣତଃ ସେ ତାହା ସ୍ପଷ୍ଟ ଭାବେ କହିଦିଅନ୍ତି । ଗୁରୁ କୁଥୁମୀ କ୍ୱଚିତ୍ ତାଙ୍କର ପସନ୍ଦ ନ ହେବା କଥା ପ୍ରକାଶ କରିଛନ୍ତି । ତାଙ୍କର ଦୃଷ୍ଟିକୁ ବ୍ୟାଖ୍ୟା କରିବା ପାଇଁ ତାଙ୍କର ଶିଷ୍ୟମାନେ ଶିଖିଛନ୍ତି । ସେ କ୍ୱଚିତ୍ ଦୋଷ ଦବା ଶବ୍ଦ କହିଥାନ୍ତି । ଏଥିରୁ ଜଣାଗଲା ଯେ ସେମାନେ ଖୁବ୍ ଯତ୍ନର ସହିତ କୌଣସି ଏକ ସୂଚନା ଭଳି କିଛି ପାଇବା ପାଇଁ ଜଗି ରହିଥାନ୍ତି । ଯେତେବେଳେ ତାହା ଦିଆଯାଏ, ସେମାନେ ତାହା ଗ୍ରହଣ କରିବା ପାଇଁ ପ୍ରଚେଷ୍ଟା କରନ୍ତି, କାରଣ ସେମାନେ ଜାଣନ୍ତି ଯେ ଯଦି ସେ ତାକୁ ଛାଡ଼ି ଦିଅନ୍ତି, ସେହି ନିର୍ଦ୍ଦିଷ୍ଟ ସୂଚନା ପୁଣି ଥରେ ଦିଆଯିବ ନାହିଁ । ତାହା ନନେବା ହେତୁ କୌଣସି ଦୋଷ ବା କ୍ଷତି ଭଳି କିଛି ଆସିବ ନାହିଁ । ଅନ୍ୟ ଏକ ଘଟଣାରେ କିନ୍ତୁ ସେହି ଶିଷ୍ୟର ସେଭଳି ସୂଚନା ପାଇବାର ସମ୍ଭାବନା କମିଯିବ ।

'ମାଷ୍ଟର୍ସ ଏଣ୍ଡ ଦି ପାଥ୍' ବହିଟିରେ ବୁଝାଇ ଦିଆଯାଇଛି ଯେ ବିଭିନ୍ନ ଗୁରୁ ସେମାନଙ୍କର ଶିଷ୍ୟମାନଙ୍କୁ ବିଭିନ୍ନ ପ୍ରଣାଳୀରେ ଶିକ୍ଷା ଦିଅନ୍ତି । ସେମାନେ ଯେଉଁ ରଶ୍ମିର, ସେହି ରଶ୍ମି ଅନୁଯାୟୀ ଏବଂ ଯେଉଁ କାର୍ଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ତଦନୁଯାୟୀ । ମନୁ ଏବଂ ଗୁରୁ ମୋର୍ଯ୍ୟଙ୍କ ଧାରାର ଲୋକେ ହେଉଛନ୍ତି କ୍ଷତ୍ରିୟ ବର୍ଗର, ଯେଉଁମାନେ ହେଉଛନ୍ତି ଶାସକ ଶ୍ରେଣୀର, ବିଚାରକ, ଓକିଲ, ସୈନିକ ଏବଂ ରାଷ୍ଟ୍ରନାୟକ ଗଣ । ବୋଧିସତ୍ତ୍ୱ ଏବଂ ଗୁରୁ କୁଥୁମିଙ୍କ ଧାରାର ଲୋକେ ହେଉଛନ୍ତି ବ୍ରାହ୍ମଣ ବର୍ଗର – ଶିକ୍ଷକ, ଧର୍ମଯାଜକ ଏବଂ ସଂସ୍କାର ଗଣ । ଏଗୁଡ଼ିକ ବ୍ୟତୀତ ଆହୁରି ପାଞ୍ଚଟି ରଶ୍ମି ଏବଂ ସେଗୁଡ଼ିକର ବିଶେଷତ୍ୱ ରହିଛି । ଅନ୍ତତଃ ଷଷ୍ଠ ଦୀକ୍ଷା ଲାଭ କରିଥିବା ଜଣେ ଚୋହାନ୍ ରହିଛନ୍ତି ପ୍ରତ୍ୟେକ ବର୍ଗର ଶୀର୍ଷରେ ଏବଂ ତାଙ୍କ ତଳେ ରହିଛନ୍ତି ଅନେକ ଗୁରୁ । ତେଣୁ ଉଦାହରଣ ସ୍ୱରୂପ, ଦ୍ୱିତୀୟ ରଶ୍ମିର ଜଣେ ଶିଷ୍ୟ ଯେ ନିଶ୍ଚୟ ଗୁରୁ କୁଥୁମିଙ୍କର ଶିଷ୍ୟ ହୋଇଥିବ, ତାହା ନୁହେଁ, ସେ ଗୁରୁ ଜ୍ୱାଲକୁଲ୍ଙ୍କ ଶିଷ୍ୟ ହୋଇପାରେ ।

■■■

## ଷଷ୍ଠ ଅଧ୍ୟାୟ

# ଚାରିଟି ପ୍ରବେଶ ପଥ

**ଲେଡ୍‌ବିଟର** – ପ୍ରାଚ୍ୟ ପୁସ୍ତକଗୁଡ଼ିକରେ କୁହାଯାଇଛି ଯେ ଚାରିଟି ପ୍ରଧାନ ରାସ୍ତା ଅଛି, ଯାହାଦ୍ୱାରା ଲୋକେ ଶିକ୍ଷାନବିଶ ପଥର ପ୍ରାରମ୍ଭରେ ପହଞ୍ଚି ପାରିବେ । ସେଥିରେ କୁହାଯାଇଛି ଯେ ଏହିପରି ପ୍ରବେଶ କରିବାର ସର୍ବାଧିକ ବ୍ୟବହୃତ ପ୍ରଣାଳୀ ହେଉଛି – ଯେଉଁମାନେ ସେହି ପଥର ପଥିକ ହୋଇଛନ୍ତି ସେମାନଙ୍କର ସାହଚର୍ଯ୍ୟ । ତଦ୍ଦ୍ୱାରା ସେମାନେ ସେହି ପଥର ମହିମା, ସୌନ୍ଦର୍ଯ୍ୟ ଏବଂ ସେହିପଥ ଅନୁସରଣ କରିବାର ଆବଶ୍ୟକତା ଉପଲବ୍ଧି କରନ୍ତି । ଜଣେ ଅଗ୍ରଗାମୀ ଶିଷ୍ୟଙ୍କ ପ୍ରଭାବ, ସେ ଯେଉଁ କଥା କହନ୍ତି, ତାହା ମଧ୍ୟରେ ସୀମିତ ନୁହେଁ । ସେହି ପ୍ରକାର ବ୍ୟକ୍ତିଙ୍କର ଜୀବନରୁ ଯେଉଁ ସ୍ପନ୍ଦନର ବିକୀରଣ ଘଟେ, ତାହା ଅତି କ୍ଷମତାଶାଳୀ ହୋଇଥାଏ । ଏହି ସତ୍ୟ ଭାରତରେ ପୂର୍ଣ୍ଣଭାବେ ସ୍ୱୀକୃତ ହୋଇଅଛି, ଯେଉଁଠାରେ ବହୁ ପ୍ରକାର ଶିକ୍ଷକ ବିଭିନ୍ନ ସ୍ତରରେ ରହିଛନ୍ତି ବିଭିନ୍ନ ମାନର କ୍ଷମତା ସହ । ସେମାନଙ୍କୁ ସେଠାରେ ଗୁରୁ ବୋଲି କୁହାଯାଏ ।

### ସାନ୍ନିଧ

ପ୍ରତ୍ୟେକ ଗୁରୁଙ୍କର ନିଜର ଶିଷ୍ୟ ଦଳ ରହିଛନ୍ତି । ସେମାନଙ୍କୁ ସେ ଶିକ୍ଷା ଦିଅନ୍ତି ନିଜର ଦାର୍ଶନିକ ତତ୍ତ୍ୱ ଉପରେ । କେତେକ ସମୟରେ ମନ୍ତ୍ର ଦିଅନ୍ତି ଜପ କରିବା ପାଇଁ । ବିଭିନ୍ନ ପ୍ରକାର ଧ୍ୟାନ ଓ ଯୋଗାଭ୍ୟାସ ମଧ୍ୟ କରିବାକୁ ଶିକ୍ଷା ଦିଅନ୍ତି । କିନ୍ତୁ କେବେହେଲେ ମୁଖ୍ୟତଃ ଏହି କେତୋଟି କଥା ଦ୍ୱାରା ସେ ସେମାନଙ୍କୁ ସାହାଯ୍ୟ କରନ୍ତି ନାହିଁ । ଅଧିକତର ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ସେମାନେ ତାଙ୍କ ସହିତ ରହନ୍ତି । ସେ ଯଦି ଜଣେ ପରିବ୍ରାଜକ ହୋଇଥାନ୍ତି, ଗୋଟିଏ ଜାଗାରୁ ଆଉ ଏକ ଜାଗାକୁ ଘୂରି ବୁଲନ୍ତି । ଶିଷ୍ୟମାନେ ତାଙ୍କ ସାଙ୍ଗରେ

ବୁଲନ୍ତି, ଯେଉଁଳି ଯୀଶୁଙ୍କର ଶିଷ୍ୟଗଣ ତାଙ୍କ ସହିତ ପାଲେଷ୍ଟାଇନ୍‌ରେ ଭ୍ରମଣ କରୁଥିଲେ । ଯଦି ସେ ଗୋଟିଏ ସ୍ଥାନରେ ରହିଥାନ୍ତି, ତେବେ ସେହି ଶିଷ୍ୟମାନେ ତାଙ୍କ ଚାରିପାଖରେ ରହିଥାନ୍ତି, ତାଙ୍କ ପାଦ ତଳେ ବସନ୍ତି ଏବଂ ସେ ଯେଉଁ ଜ୍ଞାନବାଣୀ ପ୍ରକାଶ କରନ୍ତି, ମନଦେଇ ତାହା ଶୁଣନ୍ତି । କିନ୍ତୁ ସେ ଯେଉଁ ଉପକାର ପାଆନ୍ତି, ତାହା ଗୁରୁ ଦେଉଥିବା ଉପଦେଶରୁ ଯେତେ ମିଳେ ନାହିଁ, ମିଳେ ଗୁରୁଙ୍କ ଉପସ୍ଥିତିର ପ୍ରଭାବରୁ ।

ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ବୈଜ୍ଞାନିକ । ଗୁରୁଙ୍କର ଉଚ୍ଚତର ଶରୀର ସମୂହ ତାଙ୍କ ଶିଷ୍ୟମାନଙ୍କ ଶରୀର ତୁଳନାରେ ଉଚ୍ଚତର ଗତିର ସ୍ପନ୍ଦନ ପ୍ରତି ଅଭ୍ୟାସ ହୋଇଥାଏ । ଶିଷ୍ୟଗଣ ଅପେକ୍ଷାକୃତ ଅଳ୍ପଦିନ ପୂର୍ବରୁ ସାଂସାରିକ ଜୀବନରୁ ଆସିଛନ୍ତି, ଯେଉଁଥିପାଇଁ ସ୍ପନ୍ଦନ ଗୁଡ଼ିକ ରହିଥାଏ ଏକ ନିମ୍ନତର ସ୍ତରରେ । ସେମାନେ ତାଙ୍କ ଗୁରୁଙ୍କ ପରି ବିଷୟଗୁଡ଼ିକର ସ୍ୱାର୍ଥପର ଦିଗରୁ ସମ୍ପୂର୍ଣ୍ଣ ରୂପେ ନିଜକୁ ପ୍ରତ୍ୟାହାର କରିପାରି ନ ଥାନ୍ତି । ସୁତରାଂ ସେମାନଙ୍କୁ ନିଜକୁ ସଜାଡ଼ିବାକୁ ହେବ, ନିଜର ଦୋଷ ବୁଝିବାକୁ ହେବ ଏବଂ ସେଗୁଡ଼ିକୁ ଦୂର କରିବାକୁ ଦୃଢ଼ ଶପଥ କରିବାକୁ ହେବ, କେତେକ ସଦ୍‌ଗୁଣ ବଢ଼ାଇବାକୁ ହେବ ଏବଂ ମୋଟ୍ ଉପରେ ନିଜର ଚରିତ୍ରକୁ ବଦଳାଇବାକୁ ହେବ । ଏହା ଏକ ଧୀର ଏବଂ ଅବସାଦମୟୀ କାର୍ଯ୍ୟ । ସେମାନେ ସେହି ପ୍ରକ୍ରିୟାରେ ବେଶ୍ ପ୍ରଚୁର ସହାୟତା ପାଇପାରିବେ ସର୍ବଦା ଗୁରୁଙ୍କର ସଂସ୍ପର୍ଶରେ ରହିବା ଦ୍ୱାରା ଯେ ନିଜ ଭିତରେ ସେହି ଖରାପ ଗୁଣଗୁଡ଼ିକୁ ଲିଭାଇ ଦେଇଛନ୍ତି ଏବଂ ସେହି ଭଲ ଗୁଣମାନଙ୍କୁ ବିକଶିତ କରିଛନ୍ତି । ଶିଷ୍ୟମାନେ ଜାଗ୍ରତ ବା ନିଦ୍ରିତ ଥାନ୍ତୁ, ଉଚ୍ଚତର ସ୍ପନ୍ଦନର ଚାପ ସର୍ବଦା ରହିଥାଏ । ସେମାନେ ସର୍ବଦା ସେ ସ୍ପନ୍ଦନ ସହିତ ତାଳ ରଖିବା ଫଳରେ, ସର୍ବଦା ତାହାକୁ ଗ୍ରହଣ କରି ନିଜ ଭିତରେ ମିଶାଇ ଦିଅନ୍ତି । ଏହି ତତ୍ତ୍ୱଟି ପଦାର୍ଥ ବିଜ୍ଞାନରେ ଭଲ ଭାବରେ ଜଣାଶୁଣା । ପରସ୍ପର ସହିତ ଗତିର ସମତା ରକ୍ଷା ନ କରି ଚାଲୁଥିବା ଦୁଇଟି ଘଡ଼ିକୁ ଯଦି ଆପଣ ଏକାଠି ରଖିବେ, ତନ୍ମଧ୍ୟରୁ ଅଧିକତର ଶକ୍ତିଶାଳୀ ଘଡ଼ି ଦୁର୍ବଳତର ଘଡ଼ିର ଗତିକୁ କ୍ରମଶଃ ନିଜ ସହିତ ସମାନ କରିଦେବ କିମ୍ବା ପୂରାପୂରି ବନ୍ଦ କରିଦେବ ।

**ଉପଦେଶ ଶ୍ରବଣ**

ଶିକ୍ଷାନବିଶ ପଥରେ ପ୍ରବେଶ କରିବା ପାଇଁ ଦ୍ୱିତୀୟ ପନ୍ଥା ହେଉଛି ସେହି ସମ୍ପର୍କୀୟ ଉପଦେଶ ଶୁଣିବା ବା ପଢ଼ିବା । ଯେ ଏ ବିଷୟରେ ଆଗ୍ରହୀ

ସେ ଏହି ସବୁ ଉଚ୍ଚତର ଧାରାର କିଛି ଉପଦେଶ ଗ୍ରହଣ କରନ୍ତି । ଏହା ତାଙ୍କ ପ୍ରଜ୍ଞା ଅନୁମୋଦନ କରେ ଏବଂ ସଙ୍ଗେ ସଙ୍ଗେ ସେ ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ତାଙ୍କର ଇଚ୍ଛା ପୂରଣ କରିବାକୁ ଚାହାନ୍ତି । ଏହା ଥିଲା ମୋର ନିଜର ଅନୁଭୂତି । ମୁଁ 'ଦି ଅକଲଟ୍ ଓ୍ୱାର୍ଲଡ୍' ବହିଟି ପାଇଲି ଏବଂ ସଙ୍ଗେ ସଙ୍ଗେ ନିଜ ମନରେ ଠିକ୍ କରିନେଲି, "ଯଦି ତାହା ହୋଇଥାଏ ଏବଂ ସ୍ପଷ୍ଟତଃ ତାହା ହିଁ ଠିକ୍ – ଯଦି ଏହି ସବୁ ମହତ୍ତର ବ୍ୟକ୍ତି ଅଛନ୍ତି, ଏବଂ ସେମାନେ ଯଦି ଆମର ସେବା ଗ୍ରହଣ କରିବାକୁ ଏବଂ ତା' ବଦଳରେ ଆମକୁ ସେମାନଙ୍କର ଅମୂଲ୍ୟ ଜ୍ଞାନରୁ କିଛି ଦେବାକୁ ଚାହାନ୍ତି – ତାହାହେଲେ ସେମାନଙ୍କୁ ସେବା କରିବା ଲୋକଙ୍କ ମଧ୍ୟରୁ ମୁଁ ହେବି ଜଣେ । ମୁଁ ଅଳ୍ପ କିଛି ଯାହା ପାଇବି, ତାହା ଗ୍ରହଣ କରିବି । ବର୍ତ୍ତମାନଠାରୁ ଯାହା ମୋର ଏକମାତ୍ର କାମ କରିବା ଉଚିତ୍ ହେବ, ତାହା ହେଉଛି ସେହି କାମ ଯାହା ଫଳରେ ମୁଁ କୌଣସି ମତେ ସେହି ସ୍ଥାନରେ ପହଞ୍ଚିବି ।" ଅବଶ୍ୟ ହଜାର ହଜାର ଲୋକ ଅଛନ୍ତି, ଯେଉଁମାନେ ସେହି ଉପଦେଶ ଶୁଣନ୍ତି ବା ପଢ଼ନ୍ତି, କିନ୍ତୁ ସେଥିରୁ କୌଣସି ଆବେଗ ଅନୁଭବ କରନ୍ତି ନାହିଁ । ତାହା ନିର୍ଭର କରେ ମନୁଷ୍ୟର ପୂର୍ବ ଜନ୍ମର ଅନୁଭୂତି ଉପରେ । ଯଦି ସେ ଆଗରୁ ସତ୍ୟର ସଂସ୍ପର୍ଶରେ ଆସି ଥାଆନ୍ତି ଏବଂ ଯଦି ଏକ ପୂର୍ବ ଜନ୍ମରେ ଏହାର ସୌନ୍ଦର୍ଯ୍ୟ ଓ ବାସ୍ତବତା ସମ୍ପର୍କରେ ବୁଝିଥାନ୍ତି, ତେବେ ଏହି ଜନ୍ମରେ ଯେତେବେଳେ ତାହା ତାଙ୍କ ଆଗରେ ଦେଖା ଦେବ, ସେତେବେଳେ ସେ ସଙ୍ଗେ ସଙ୍ଗେ ତାହା ସତ୍ୟ ବୋଲି ଅନୁଭବ କରିବେ ।

ଆମ ଭିତରୁ ଅନେକଙ୍କୁ ଏହା ବିସ୍ମୟକର ମନେ ହୁଏ ଯେ ବ୍ରହ୍ମବିଦ୍ୟା ବହି ଖଣ୍ଡିଏ ପଢ଼ିବା ପରେ ପ୍ରତ୍ୟେକ ବ୍ୟକ୍ତି ଏହାର ମତକୁ ଗ୍ରହଣ କରି ନିଅନ୍ତି ନାହିଁ । ବ୍ରହ୍ମବିଦ୍ୟାର ଶିକ୍ଷା ଚମତ୍କାର ଏବଂ ଏହା ବହୁ ବଡ଼ ବଡ଼ ସମସ୍ୟାର ସମାଧାନ କରିଥାଏ; ତଥାପି ଆପଣ ଭଲ ଭାବେ ଜାଣନ୍ତି ଯେ ଯେତେବେଳେ ଆପଣ ବନ୍ଧୁମାନଙ୍କୁ ବ୍ରହ୍ମବିଦ୍ୟାର ବହିଗୁଡ଼ିକ ପଢ଼ିବାକୁ ଦିଅନ୍ତି, ସେମାନଙ୍କ ଭିତରୁ ଅଧେ ସେଗୁଡ଼ିକ ଫେରାଇ ଦେଇ କହନ୍ତି, "ହଁ, ଏହା ବେଶ୍ ଆକର୍ଷଣୀୟ ହୋଇଛି, ଏଥିରେ ସନ୍ଦେହ ନାହିଁ ।" କିନ୍ତୁ ସେମାନେ ପ୍ରକୃତରେ ତାହା ଆଦୌ ବୁଝି ନ ଥାନ୍ତି । ବର୍ତ୍ତମାନର ବୁଝିବା କ୍ଷମତା ଆଗରୁ ଅଧ୍ୟୟନ କରିଥିବାର କର୍ମଫଳ । ଗୋଟିଏ ବିଷୟରେ ଯେ ପୂର୍ବରୁ ବେଶି ଜାଣିଥିବେ, ସେ ବର୍ତ୍ତମାନ

ସେଥିରେ ବହୁତ କିଛି ଲକ୍ଷ୍ୟ କରିପାରିବେ । ଯେଉଁ ଭଲ ବହିଟି ଆମେ ଆଗରୁ ପଢ଼ିଥିବୁ, ଧରା ଯାଉ କୋଡ଼ିଏ ବର୍ଷ ପୂର୍ବରୁ, ସେହି ବହି ସମ୍ପର୍କରେ ଆମର ତାହା ହିଁ ଅନୁଭୂତି । ତାକୁ ଆଉଥରେ ବର୍ତ୍ତମାନ ପଢ଼ନ୍ତୁ, ଦେଖିବେ ପୂର୍ବରୁ ଆପଣ ତାହା ପଢ଼ି ଯାହା ପାଇଥିଲେ ବର୍ତ୍ତମାନ ତାହାଠାରୁ କେତେ ବେଶି ପାଇବେ । ଆପଣ ସେଥିରେ ତାହା ଦେଖିବାକୁ ସକ୍ଷମ ହେବେ ଯାହା ଦେଖିବା ପାଇଁ ଆପଣଙ୍କୁ ଏହା ଭିତରେ କ୍ଷମତା ମିଳିଛି ।

**ଧ୍ୟାନ**

ଶିକ୍ଷାନବିଶ୍-ପଥର ପ୍ରାରମ୍ଭରେ ସମୟେ ସମୟେ ଯେଉଁ ତୃତୀୟ ପନ୍ଥାରେ ଲୋକମାନଙ୍କୁ ଅଣା ଯାଇଥାଏ ତାହାକୁ ଭାରତୀୟ ପୁସ୍ତକମାନଙ୍କରେ କୁହାଯାଇଛି ପ୍ରବୁଦ୍ଧ ଚିନ୍ତା ବା ଜ୍ଞାନ ସମ୍ବଳିତ ଧ୍ୟାନ । ତାର ଅର୍ଥ ହେଉଛି ଯେ କେବଳ ଗଭୀର ଚିନ୍ତା ଦ୍ୱାରା ମନୁଷ୍ୟ ଜାଣିପାରେ ଯେ ନିଶ୍ଚୟ ଏକ କ୍ରମ ବିକାଶର ଯୋଜନା ରହିଛି । ନିଶ୍ଚୟ କେତେକ ଅଛନ୍ତି ଯେଉଁମାନେ ଏ ବିଷୟରେ ସବୁକିଛି ଜାଣିଛି । ସେମାନେ ସମସ୍ତେ ବିକଶିତ ସିଦ୍ଧ ପୁରୁଷ । ନିଶ୍ଚୟ ଆଧ୍ୟାତ୍ମିକ ପଥ ରହିଚି, ଯେଉଁ ପଥରେ ଆମେ ସେମାନଙ୍କ ନିକଟରେ ପହଞ୍ଚି ପାରିବା । ଯେଉଁ ବ୍ୟକ୍ତି ଏହି ପ୍ରକାର ଚିନ୍ତା କରି ସେହି ନିଷ୍ପତ୍ତିରେ ପହଞ୍ଚନ୍ତି, ସେମାନେ ସେହି ପଥ ଅନୁସନ୍ଧାନରେ ବାହାରି ପଡ଼ନ୍ତି । କିନ୍ତୁ ଯେଉଁମାନେ ସେହି ମାର୍ଗରେ ଯାତ୍ରା କରନ୍ତି, ସେମାନଙ୍କ ସଂଖ୍ୟା ଖୁବ୍ କମ୍ ।

**ସଦ୍‌ଗୁଣ ଅଭ୍ୟାସୀ**

କେତେକ ଦୃଷ୍ଟିରୁ ସର୍ବାଧିକ ଉଲ୍ଲେଖନୀୟ ହେଉଛି ଚତୁର୍ଥ ପନ୍ଥା – ସଦ୍‌ଗୁଣ ଅଭ୍ୟାସ କରିବା । ସେହି ପ୍ରକାର ଭାବନା ସାଧାରଣ ଖ୍ରୀଷ୍ଟିଆନ୍‌ଙ୍କର ମନକୁ ବେଶ୍ ପାଇବ । କାରଣ ସେ ଅନେକ ସମୟରେ ବିଶ୍ୱାସ କରନ୍ତି ଯେ ସର୍ବାଧିକ ଆବଶ୍ୟକୀୟ କଥା ହେଲା ଭଲ ହେବା । କିନ୍ତୁ ବ୍ରହ୍ମବିଦ୍ୟା ସମିତିର ସଭ୍ୟ ମନେ ପକାଏ ଯେ ଖ୍ରୀଷ୍ଟିଆନ୍ ଧର୍ମର ପ୍ରାରମ୍ଭିକ ଦିଗଗୁଡ଼ିକରେ ଶୁଦ୍ଧୀକରଣ ବା ସାଧୁତ୍ୱକୁ କେବଳ ପ୍ରଥମ ପଦକ୍ଷେପ ବୋଲି ବିଚାର କରାଯାଉଥିଲା । ବର୍ତ୍ତମାନ ତାହା ସେମାନଙ୍କର ଲକ୍ଷ୍ୟ ଭାବରେ ନିଜ ଆଗରେ ରଖିବାକୁ ଚାହାନ୍ତି । ଏସ୍. କ୍ଲେମେଣ୍ଟ ଖୁବ୍ ଜୋର୍ ଦେଇ କହନ୍ତି ଯେ ଶୁଦ୍ଧତା ଏକ ନିଷେଧାତ୍ମକ ଗୁଣ ଯାହା ମୁଖ୍ୟତଃ ଅନ୍ତର୍ଦୃଷ୍ଟି ସକାଶେ ଉପଯୋଗୀ । ତାହା ହାସଲ କରିବା ପରେ ଆପଣ ଶିକ୍ଷା ଲାଭ କରିବାକୁ ଉପଯୁକ୍ତ ହୁଅନ୍ତି । ଜ୍ଞାନାଲୋକ ପାଇବା ସକାଶେ

ପ୍ରସ୍ତୁତି ପାଇଁ ଏହା ହେଉଛି ଦ୍ୱିତୀୟ ପର୍ଯ୍ୟାୟ । ତାପରେ ଆମେ ଯାଆନ୍ତି ତୃତୀୟ ପର୍ଯ୍ୟାୟକୁ – ଯାହାକୁ କୁହାଯାଏ ସିଦ୍ଧି । ଆପଣମାନେ ମନେ ପକାନ୍ତୁ ସେଣ୍ଟ୍ ପଲ୍‌ଙ୍କ ଉକ୍ତି – "ଆମେ ଜ୍ଞାନ ବିଷୟରେ ସେହିମାନଙ୍କୁ କହୁ ଯେଉଁମାନେ ସିଦ୍ଧ;" ଅନ୍ୟମାନଙ୍କୁ ନୁହେଁ ।

ଏହିସବୁ ସଦ୍‌ଗୁଣ ଆଧ୍ୟାତ୍ମିକ ପଥର ପ୍ରାରମ୍ଭରେ ପହଞ୍ଚାଇ ଦିଏ । କାରଣ ଯେଉଁ ବ୍ୟକ୍ତି ବହୁ ଜନ୍ମ ଧରି ଉତ୍ତମ ଜୀବନଯାପନ କରେ, ସେ ତଦ୍ଦ୍ୱାରା ହୁଏତ ବୁଦ୍ଧିର ବିକାଶ କରି ନ ଥାଇ ପାରେ । ସେ ବର୍ତ୍ତମାନ ଯଥେଷ୍ଟ ଅନ୍ତର୍ଦୃଷ୍ଟି ଲାଭ କରିବ ଯାହା ତାକୁ ନେଇଯିବ ସେହିମାନଙ୍କ ନିକଟକୁ, ଯେଉଁମାନେ ତାକୁ ନିଶ୍ଚିତ ଭାବେ ଗୁରୁଦବେଙ୍କର କୌଣସି ସେମାନଙ୍କ ପାଦ ପାଖକୁ ନେଇଯିବେ । ଏହା ସ୍ୱୀକାର୍ଯ୍ୟ ଯେ ସେ ପନ୍ଥା ହଜାର ହଜାର ବର୍ଷ ଓ ବହୁ ଜନ୍ମ ନେବ । ଟେର୍ଓ ବ୍ୟକ୍ତି ସଦ୍‌ଗୁଣକୁ କାର୍ଯ୍ୟକାରୀ କରେ, ମାତ୍ର ମାନସିକ ଅଭିବୃଦ୍ଧି କରେ ନାହିଁ, ପରିଶେଷରେ ସେ ପଥରେ ପହଞ୍ଚିବ; କିନ୍ତୁ ତାହା ଏକ ମନ୍ଥର ପନ୍ଥା । ସେ ଯଦି ଏସ୍. ପିଟର୍‌ଙ୍କ ଉପଦେଶ ଅନୁସରଣ କରେ ଏବଂ ଜ୍ଞାନ ଲାଭ ପ୍ରତି ଲକ୍ଷ୍ୟ ରଖେ ତେବେ ବହୁତ ସମୟ ବଞ୍ଚାଇ ପାରିବ ।

■■■

## ସପ୍ତମ ଅଧ୍ୟାୟ

# ଚାରିଟି ଯୋଗ୍ୟତା

ଏହି ପଥ ସକାଶେ ଚାରିଟି ଯୋଗ୍ୟତା :
ବିବେକ,
ବୈରାଗ୍ୟ,
ଉତ୍ତମ ଆଚରଣ,
ପ୍ରେମ ।

**ଲେଜ୍‌ବିଟର** – ଏହି ଯୋଗ୍ୟତାଗୁଡ଼ିକ ବାରମ୍ବାର ବିଭିନ୍ନ ଧର୍ମରେ କୁହାଯାଇଛି । କିନ୍ତୁ ଏଥିରେ ଯେଉଁଭଳି ଅନୁବାଦ କରାଯାଇଛି, ତାହା ସାମାନ୍ୟ ଅଲଗା । ପ୍ରଥମ ଯୋଗ୍ୟତା ଅର୍ଥାତ୍ ବିବେକ କ୍ଷେତ୍ରରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ମୁଁ ଆଗରୁ ବୁଝାଇ ଦେଇଛି ଏଥି ସକାଶେ ହିନ୍ଦୁ ଓ ବୌଦ୍ଧମାନେ କେଉଁ ଶବ୍ଦ ବ୍ୟବହାର କରନ୍ତି । ଖ୍ରୀଷ୍ଟିଆନ୍ ମାନେ ମତ ପରିବର୍ତ୍ତନ କହିଲେ ଯାହା ବୁଝନ୍ତି, କିପରି ତାହା ସହିତ ସେମାନଙ୍କ ବ୍ୟବହୃତ ଶବ୍ଦର ଅର୍ଥ ସମାନ ଏବଂ କିପରି ଶିଷ୍ୟ ନିଜର ଜୀବାତ୍ମା ସହ ବ୍ୟକ୍ତିତ୍ୱକୁ ସଂଯୁକ୍ତ କରିବା ଦରକାର ହୋଇଥାଏ ।

ପ୍ରକୃତ ଆଧ୍ୟାତ୍ମିକ ପଥରେ ଆତ୍ମା ଓ ଜୀବାତ୍ମା ମଧ୍ୟର ସେହି ସଂଯୋଗୀକରଣ ପ୍ରକ୍ରିୟା ଦୋହରାଇବାକୁ ହେବ । ଜୀବାତ୍ମା ହେଉଛି ଆତ୍ମାର ଏକ ଅଂଶ ଯାହାକୁ ତଳକୁ ଖସାଇ ଦିଆଯାଇଛି । କିନ୍ତୁ ଏହା ମାନସ ଲୋକର ଉଚ୍ଚତର ଅଂଶରେ ରହିଛି । ଏହା ମଧ୍ୟ ତଳକୁ ଆସେ ଅନୁଭୂତି ସଂଗ୍ରହ କରିବା ପାଇଁ, ସ୍ପନ୍ଦନ ଗ୍ରହଣ କରି ତାର ପ୍ରତ୍ୟୁତ୍ତର ଦେବାକୁ ଶିଖିବା ପାଇଁ – ଯେଉଁ ସ୍ପନ୍ଦନ ଆତ୍ମା ନିଜ ସ୍ତରରେ ଅନୁଭବ କରିପାରେ ନାହିଁ । ସେହିପରି ଜୀବାତ୍ମାକୁ ମଧ୍ୟ ଶିଖିବାକୁ ହୁଏ ଯେ ଏହା ଆତ୍ମାର ଏକ ଅଂଶ । ସେହି ଆତ୍ମା ହିଁ ତା'ର ପ୍ରକୃତ ଅସ୍ତିତ୍ୱ । ଯେତେବେଳେ ସେ ତାହା ପୂର୍ଣ୍ଣ ଭାବେ ଉପଲବ୍ଧି କରି ପାରିବ, ସେତେବେଳେ ପଞ୍ଚମ ଦୀକ୍ଷା ଲାଭ

କରି ସିଦ୍ଧ ପୁରୁଷ ହେବା ପାଇଁ ପ୍ରସ୍ତୁତ ହୋଇଯିବ । ଏହି ଜୀବାତ୍ମା ବା ଇଗୋ ମନସ୍ତତ୍ତ୍ୱ ବିଜ୍ଞାନର ଇଗୋ ନୁହେଁ । ତାହା ହିଁ ଦୁଇଟି ଦୀକ୍ଷାଲାଭ ସକାଶେ ପ୍ରସ୍ତୁତିର ପ୍ରକୃତ ସଞ୍ଜ୍ଞା ।

ପ୍ରଥମ ଦୀକ୍ଷାଲାଭ ପାଇଁ ଉଚ୍ଚତର ଓ ନିମ୍ନତର ଆତ୍ମା ସଯୁକ୍ତ ହୋଇଥିବେ, ଏବଂ ବ୍ୟକ୍ତିତ୍ୱରେ ଜୀବାତ୍ମା ବ୍ୟତୀତ ଆଉ କିଛି କାର୍ଯ୍ୟ କରୁନଥିବ । ପଞ୍ଚମ ଦୀକ୍ଷାଲାଭ ପାଇଁ ଜୀବାତ୍ମାରେ ଏପରି କିଛି ଥିବା ଯାହା ଆତ୍ମା ଦ୍ୱାରା ଅନୁମୋଦିତ ବା ଅନୁପ୍ରାଣିତ ହୋଇନଥିବ । ଯେତେବେଳେ ଆତ୍ମା ଆମର ଜୀବନକୁ ଏହି ତଳସ୍ତରରେ ସ୍ପର୍ଶ କରେ, ସେତେବେଳେ ସେ ଉର୍ଦ୍ଧ୍ୱକୁ ଈଶ୍ୱର ରୂପେ ଆସେ । ସମସ୍ତ ଦୀକ୍ଷା ଲାଭ କ୍ଷେତ୍ରରେ ସେ ଉଦ୍‌ଭାସିତ ହୋଇ ହୋଇ ଆସେ ଏବଂ ମୁହୂର୍ତ୍ତକ ପାଇଁ ଜୀବାତ୍ମା ସହିତ ସଂଯୁକ୍ତ ହୁଏ, ଯେପରି ସିଦ୍ଧତ୍ୱ ଲାଭ ହେଲେ ଜୀବାତ୍ମା ଓ ପରମାତ୍ମା ସ୍ଥାୟୀ ଭାବେ ସଂଯୁକ୍ତ ହେବେ । ଆଉ କେତେକ ନିର୍ଦ୍ଦିଷ୍ଟ ସମୟରେ ମଧ୍ୟ ଆତ୍ମା ତଳକୁ ଓହ୍ଲାଇ ଆସେ । ଯେମିତି 'ଦି ଲାଇଭସ୍ ଅଫ୍ ଆଲ୍‌ସିଓନ୍' ବହିରେ ଲେଖା ହୋଇଛି ଯେ ଯେତେବେଳେ ଆଲ୍‌ସିଓନ୍ ଭଗବାନ ବୁଦ୍ଧଙ୍କ ଆଗରେ ଶପଥ ଗ୍ରହଣ କରିଥିଲେ, ସେତେବେଳେ ତାଙ୍କର ଆତ୍ମା ଏହିପରି ତଳକୁ ଆସିଥିଲା ।

ପୂର୍ବଲିଖିତ କୌଣସି ଏକ ଉପାୟ ମନୁଷ୍ୟକୁ ନେଇ ପହଞ୍ଚାଇ ଦିଏ ବିବେକ ସ୍ତରରେ । କ'ଣ ଅନୁସରଣୀୟ ଏବଂ କ'ଣ ଅନୁକରଣୀୟ ନୁହେଁ – ସେହି ସମ୍ପର୍କୀୟ ଜ୍ଞାନକୁ ହିଁ ବିବେକ କହନ୍ତି । ତା'ପରେ ମନୁଷ୍ୟ ଦେଖେ ଯେ ତାକୁ ଦ୍ୱିତୀୟ ଯୋଗ୍ୟତା ହାସଲ କରିବାକୁ ହେବ, ଯାହାକୁ ଗୁରୁଦେବ ବୈରାଗ୍ୟ ବୋଲି କହିଛନ୍ତି । ଡଃ. ବେସାନ୍ତ ଆଗରୁ ଏହାକୁ କାମନାହୀନତା ବା ଉଦାସୀନତା ବୋଲି ଅନୁବାଦ କରିଥିଲେ । ହିନ୍ଦୁ ଧର୍ମରେ ଏହାକୁ କୁହାଯାଇଛି ବୈରାଗ୍ୟ – ଅର୍ଥାତ୍ ନିଜ କାର୍ଯ୍ୟର ଫଳ ପ୍ରତି ଉଦାସୀନତା । ଭଗବାନ ବୁଦ୍ଧଙ୍କର ଏ ସମ୍ପର୍କୀୟ ଉକ୍ତି ସାମାନ୍ୟ ଅଲଗା । ଦ୍ୱିତୀୟ ପର୍ଯ୍ୟାୟ ପାଇଁ ସେ ପାଲି ଶବ୍ଦ 'ପରିକମ୍ମ' ବ୍ୟବହାର କରନ୍ତି । କର୍ମ ବା କମ୍ମର ଅର୍ଥ ହେଉଛି କାର୍ଯ୍ୟ କରିବା ଏବଂ ପରିକମ୍ମର ଅର୍ଥ ହେଉଛି କାର୍ଯ୍ୟ ପାଇଁ ପ୍ରସ୍ତୁତି । ତେଣୁ ସେ ଦ୍ୱିତୀୟ ପର୍ଯ୍ୟାୟକୁ କହନ୍ତି – କାର୍ଯ୍ୟ ପାଇଁ ପ୍ରସ୍ତୁତି । ଏହା ହେଉଛି ସେହି ଶ୍ରେଣୀ ଯେଉଁଥିରେ ଉଚିତ୍ ବିଷୟ ପାଇଁ ଉଚିତ୍ କାର୍ଯ୍ୟ କରିବାକୁ ଶିକ୍ଷା ଦେବା ଉପରେ ଜୋର୍ ଦିଆଯାଏ; କୌଣସି ମତେ ନିଜ ପାଇଁ କିଛି ପାଇବା ଉପରେ ନୁହେଁ । ଏହାକୁ ଭୁଲ୍ ବୁଝିବା ଉଚିତ୍ ନୁହେଁ । ଅନେକ ବ୍ୟକ୍ତି କହନ୍ତି ଯେ କର୍ମଫଳ ପ୍ରତି ଉଦାସୀନତାର ଅର୍ଥ

ହେଉଛି ଯେ ଜଣେ ନିଜର କର୍ତ୍ତବ୍ୟ କରିବା ଦରକାର । ଅନ୍ୟ କାହା ଉପରେ ତାର ପରିଣତି କ'ଣ ହେବ, ସେ ବିଷୟ ଚିନ୍ତା କରିବା ଦରକାର ନାହିଁ । ଏହି ବହିଟିରେ କୁହାଯାଇଛି – "ଯାହା ଉଚିତ୍ଏ ତାହା ଆପଣ ଅବଶ୍ୟ କରିବେ, ଯାହା ଉଚିତ୍ ନୁହେଁ, ତାହା ଆପଣ କରିବେ ନାହିଁ, ଫଳ ଯାହା ହେଉନା କାହିଁକି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଲୋକେ ନିଜର ଯାହା ଇଚ୍ଛା ତାହା କରି ଚାଲିବେ ଏବଂ ସେମାନଙ୍କର କାର୍ଯ୍ୟ ଅନ୍ୟମାନଙ୍କ ଉପରେ କି ପ୍ରଭାବ ପକାଇବ, ତାହା ବିଚାର କରିବେ ନାହିଁ । ବସ୍ତୁତଃ, ସେହି ପରିଣାମ ହିଁ ନିର୍ଣ୍ଣୟ କରେ କୌଣସି କାର୍ଯ୍ୟ ଉଚିତ ବା ଅନୁଚିତ । ଗୁରୁଙ୍କ ଶିଷ୍ୟ ନିଜ ଉପରେ ସେହି କାର୍ଯ୍ୟର କ'ଣ ପରିଣାମ ହେବ, ତାହା ଚିନ୍ତା କରନ୍ତି ନାହିଁ, କିନ୍ତୁ ଅନ୍ୟମାନଙ୍କ ଉପରେ ପରିଣାମ କ'ଣ ହେବ, ସେ ବିଷୟକୁ ଗୁରୁତ୍ୱ ଦେଇ ଚିନ୍ତା କରନ୍ତି ।

ତୃତୀୟ ଯୋଗ୍ୟତା ହେଉଛି ଉତ୍ତମ ଆଚରଣ, ଯାହାର ଅନ୍ତର୍ଭୁକ୍ତ ହେଉଛି ଛଅଟି ନିୟମ, ଯାହାକୁ ହିନ୍ଦୁମାନେ କହନ୍ତି ଷଟ୍‌ସମ୍ପତ୍ତି । ପାଲି ଭାଷାରେ ଭଗବାନ ବୁଦ୍ଧଙ୍କ ଉକ୍ତି ଅନୁଯାୟୀ ସେହି ଯୋଗ୍ୟତାକୁ କୁହାଯାଏ 'ଉପଚାର' । ଯାହାର ଅର୍ଥ 'ଆଚରଣ' ବଦଳରେ ବରଂ 'ମନୋଯୋଗ' ହେବ । କୁହାଯାଇଛି ସେହି 'ଷଟ୍‌ସମ୍ପତ୍ତି' ଦ୍ୱାରା ବର୍ଣ୍ଣିତ ପ୍ରଣାଳୀରେ ମଣିଷକୁ ନିଜର ଆଚରଣ ପ୍ରତି ମନ ଦେବାକୁ ହେବ । ଆମେ ବହିଟି ପଢ଼ିବା କ୍ରମରେ ଶୀଘ୍ର ଦେଖିବା ଗୁରୁ କୁଥୁମି ଏହାକୁ କିପରି ଅନୁବାଦ କରିଛନ୍ତି । ବୁଦ୍ଧ ସେଗୁଡ଼ିକୁ କହିଛନ୍ତି 'ସମୋ' ଅର୍ଥାତ୍ 'ଶାନ୍ତ ମନ' ବା ମନର 'ସଂଯମ', ତାପରେ 'ଦାମୋ' ବା 'ଦମନ' ଅର୍ଥାତ୍ ଶରୀରର ନିୟନ୍ତ୍ରଣ, ତାପରେ 'ଉପରତି', 'ତିତିକ୍ଷା', 'ସମାଧାନ' ଏବଂ 'ଶଦ୍ଧା', ଆକ୍ଷରିକ ଅର୍ଥରେ "ବିରତି, ସହନଶୀଳତା, ଗଭୀର ମନୋଯୋଗ ଏବଂ ଶ୍ରଦଧା ।" ମୁଁ କଷ୍ଟ କରି ଏହି ଶବ୍ଦଗୁଡ଼ିକ ପାଇବା ପାଇଁ ମୁଖ୍ୟ ଅଭିଧାନଗୁଡ଼ିକ ଦେଖିଥିଲି ଏବଂ ବରିଷ୍ଠ ଧର୍ମଯାଜକ ହିକ୍କାଦୁୱେ ସୁମଙ୍ଗଳ ଥୋରେଙ୍କଠାରୁ ଏହି ଅନୁବାଦଗୁଡ଼ିକ ପାଇଲି । ଥେରୋ ଦକ୍ଷିଣ ବୌଦ୍ଧ ଧର୍ମାନୁଷ୍ଠାନର ମୁଖ୍ୟ ଥିଲେ । ଏହି ଶବ୍ଦଗୁଡ଼ିକ ମଧ୍ୟ ସେହି ଅନୁଷ୍ଠାନର ବର୍ତ୍ତମାନର ବିଶ୍ୱାସକୁ ଅଭିବ୍ୟକ୍ତ କରେ ।

ଏହି ବହିଟିରେ ଦିଆଯାଇଥିବା ଅନୁବାଦଠାରୁ ଉକ୍ତ ଶବ୍ଦଗୁଡ଼ିକ ସାମାନ୍ୟ ଭିନ୍ନ । ଏଠାରେ ଯାହାକୁ କୁହାଯାଇଛି 'ବିରତି', ତାକୁ କୁହାଯାଇଛି, ସହନଶୀଳତା, କାରଣ ବିରତି ହେଉଛି ଧର୍ମାନ୍ଧତା ଏବଂ ଭ୍ରାନ୍ତ ଧାରଣାରୁ ବିରତି । ଆପଣଙ୍କ ପନ୍ଥା ଅନ୍ୟ କାହାର ପନ୍ଥାଠାରୁ ଶ୍ରେୟସ୍କର ଏବଂ ଆପଣଙ୍କର କ୍ରିୟା ବା ଉତ୍ସବ ଦରକାରୀ – ଏ ପ୍ରକାର ଧାରଣାକୁ ସମ୍ପୂର୍ଣ୍ଣ ରୂପେ ତ୍ୟାଗ କରିବାକୁ ହେବ । ସହନଶୀଳତା

ହେଉଛି ପ୍ରଫୁଲ୍ଲତାର ଅନ୍ୟ ଏକ ରୂପ । ଗଭୀର ମନଯୋଗ ହେଉଛି ଏକାଗ୍ରତା ଓ ସାମ୍ୟଭାବ, ନିଜର ସମଗ୍ର ଜୀବନକୁ ନିଜର ଲକ୍ଷ୍ୟରେ କେନ୍ଦ୍ରୀଭୂତ କରିବା ଏବଂ ସେହି ହେତୁ ମଧ୍ୟ ସ୍ଥିରତା ରକ୍ଷା କରିବା । ବିଶ୍ୱାସ ହେଉଛି ନିଜର ଗୁରୁଦେବଙ୍କ ଉପରେ ଏବଂ ନିଜ ଉପରେ ବିଶ୍ୱାସ । ଉଭୟ କ୍ଷେତ୍ରରେ ଯୋଗ୍ରତାଗୁଡ଼ିକ ଠିକ୍ ଭାବେ ସମାନ, କିନ୍ତୁ ଭଗବାନ ବୁଦ୍ଧ ସେଗୁଡ଼ିକୁ ବିଶେଷତଃ ଜ୍ଞାନର ଆବଶ୍ୟକତାର ଦୃଷ୍ଟିକୋଣରୁ କହିଛନ୍ତି ଏବଂ ଭଗବାନ ମୈତ୍ରେୟ ଏବଂ ଗୁରୁ କୁଥୁମି ପ୍ରେମର ଆବଶ୍ୟକତାକୁ ଅଧିକତର ଜୋର୍ ଦେଇଛନ୍ତି । ଆଇସିଓନଙ୍କୁ ଶିକ୍ଷା ଦେବାବେଳେ ଗୁରୁ ସେହି ପୁରାତନ ଶବ୍ଦଗୁଡ଼ିକର ଆକ୍ଷରିକ ଅନୁବାଦ ଅପେକ୍ଷା ବ୍ୟାବହାରିକ ଅର୍ଥ ଉପରେ ଅଧିକତର ଦୃଷ୍ଟି ଦେଇଥିଲେ ।

ଅନ୍ତିମ ଯୋଗ୍ୟତାକୁ କୁହାଯାଇଛି ପ୍ରେମ । ସଂସ୍କୃତ ଶବ୍ଦଟି ହେଉଛି ମୁମୁକ୍ଷୁ ଯାହା ଅର୍ଥ ହେଉଛି – ଜନ୍ମ ମୃତ୍ୟୁର ଚକ୍ରରୁ ମୁକ୍ତି ଏବଂ ଚରମ ସତ୍ତାଙ୍କ ସହିତ ସଂଯୋଗ ସକାଶେ ତୀବ୍ର ଆସ୍ପୃହା । ଭଗବାନ ବୁଦ୍ଧ ତାଙ୍କର ଯୋଜନାରେ କହିଛନ୍ତି 'ଅନୁଲୋମ', ଯାହାର ଅର୍ଥ ହେଉଛି 'ସିଧାସଳଖ କ୍ରମ' ବା ଉତ୍ତରାଧିକାର । ତାଙ୍କ କଥାର ଅର୍ଥ ହେଉଛି ଯେ ଯେତେବେଳେ ମନୁଷ୍ୟ ଅନ୍ୟ ଯୋଗାତାଗୁଡ଼ିକର ବିକାଶ ଘଟାଇଛି, ସେ ନିଶ୍ଚୟ ଇଚ୍ଛା କରିବ ନିମ୍ନତର ସୀମିତତାରୁ ମୁକ୍ତି ପାଇବାକୁ ଏବଂ ଚରମ ସତ୍ତାଙ୍କ ସହିତ ଏକ ହେବାକୁ, ଯାହାଦ୍ୱାରା ସେ ସାହାଯ୍ୟ କରିପାରିବ ।

ଆଲ୍‌ସିଓନ୍ ତାହା ପରେ ଲେଖିଛନ୍ତି :

**ପ୍ରତ୍ୟେକଟି ବିଷୟରେ ଗୁରୁ ମୋତେ ଯାହା କହିଛନ୍ତି, ମୁଁ ତାହା ଆପଣମାନଙ୍କୁ କହିବାକୁ ଚେଷ୍ଟା କରିବି ।**

**ଏବଂ ଏହା ପରେ ପ୍ରକୃତ ବହିଟି ଆରମ୍ଭ ହୋଇଛି ।**

■■■

# ଦ୍ୱିତୀୟ ଭାଗ

# ବିବେକ

## ପ୍ରଥମ ଅଧ୍ୟାୟ

# ପ୍ରକୃତ ଏବଂ ମିଥ୍ୟା ଲକ୍ଷ୍ୟ

**ଲେଡ୍‌ବିଟର୍ –** ଆମେ ବର୍ତ୍ତମାନ ଏହି ବହିଟିର ପ୍ରଥମ ଭାଗ ଆଲୋଚନା କରିବା ।

> **ଏହି ଯୋଗ୍ୟତାଗୁଡ଼ିକରୁ ପ୍ରଥମଟି ହେଉଛି ବିବେକ । ସାଧାରଣତଃ ସତ୍ ଏବଂ ଅସତ୍ ମଧ୍ୟରେ ବାଛିବା କ୍ଷମତାକୁ ବିବେକ ବୋଲି କୁହାଯାଏ, ଯାହା ମନୁଷ୍ୟମାନଙ୍କୁ ଆଧ୍ୟାତ୍ମିକ ପଥରେ ନେଇଯାଏ । ବିବେକ ହେଉଛି ଏହା ହିଁ ଏବଂ ଏହାଠାରୁ ଆହୁରି କିଛି ଅଧିକ ମଧ୍ୟ । ଏହାକୁ ଅଭ୍ୟାସ କରିବାକୁ ହେବ, କେବଳ ସେହି ପଥର ପ୍ରାରମ୍ଭରେ ନୁହେଁ, ବରଂ ପ୍ରତ୍ୟେକ ଦିନ ଏବଂ ପ୍ରତି ପଦକ୍ଷେପର ଶେଷ ପର୍ଯ୍ୟନ୍ତ ।**

ଶେଷ କେତୋଟି ଶବ୍ଦ ସଠିକ୍ ଭାବେ ଦେଖାଇ ଦିଏ, ଯେଉଁମାନେ ପଥ(ମାର୍ଗ)ର ମହିମା ଏବଂ ସୌନ୍ଦର୍ଯ୍ୟ ଲକ୍ଷ୍ୟ କରିଛନ୍ତି ଏବଂ ଗୁରୁଙ୍କ ଚରଣ ନିକଟରେ ପହଞ୍ଚିବା ପାଇଁ ଏହି ପଥରେ ପ୍ରବେଶ କରିବାକୁ ଚାହାନ୍ତି, ତଥା ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ କି ପ୍ରକାର ପ୍ରତିବନ୍ଧକ ରହିଛି । ସେମାନେ ସମସ୍ତେ ଉତ୍ତମ, ଆଗ୍ରହୀ ଏବଂ ପରିଶ୍ରମୀ । କିନ୍ତୁ ସେମାନଙ୍କର ବ୍ୟକ୍ତିତ୍ୱ ପଥଭ୍ରାନ୍ତ ଏବଂ ଯେପରି ମୁଁ ଆଗରୁ ବୁଝାଇ ଦେଇଛି, ସେମାନଙ୍କୁ ଲୋକମତର ବିରାଟ ଚାପର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏହା ବ୍ୟତୀତ ଆଉ ଗୋଟିଏ କଥା ମଧ୍ୟ ରହିଛି ଯେ ମାନବସମାଜ ବର୍ତ୍ତମାନ ଚତୁର୍ଥ ଆବର୍ତ୍ତନର ମଧ୍ୟକାଳଠାରୁ ସାମାନ୍ୟ ଆଗେଇ ଯାଇଛି । ମନୁଷ୍ୟମାନେ ଯାହା ଏହି ଆବର୍ତ୍ତନ କାଳରେ କରିବାକୁ

ଚାହାନ୍ତି ତାହା କରିବା ଖୁବ୍ ସହଜ ହେବ ସପ୍ତମ ଆବର୍ତ୍ତନର ଶେଷରେ । ଯେଉଁମାନେ ସେହି ସମୟ ଯାଏଁ ଯିବେ, ସେମାନଙ୍କର ସ୍ଥୂଳ ଶରୀର, କାମନା ଶରୀର ଓ ମାନସ ଶରୀରରେ ରହିଥିବା ପଦାର୍ଥଗୁଡ଼ିକ ଆମର ବର୍ତ୍ତମାନ ଥିବା ପଦାର୍ଥ ତୁଳନାରେ ଅଧିକ ପୂର୍ଣ୍ଣ ଭାବରେ ବିକଶିତ ହୋଇଥିବ । ସେଗୁଡ଼ିକର ଅଣୁ ମଧ୍ୟସ୍ଥ ସ୍ପିରିଲି (ସର୍ପିଳ ଶକ୍ତି ସୋପାନ) ସବୁ ବର୍ତ୍ତମାନ ଭଳି ଅଧା ସକ୍ରିୟ ନ ହୋଇ ସମ୍ପୂର୍ଣ୍ଣ ସକ୍ରିୟ ହୋଇଥିବେ ଏବଂ ସେମାନଙ୍କୁ ଘେରି ରହିଥିବା ସମସ୍ତ ଶକ୍ତି ବର୍ତ୍ତମାନ ଭଳି ବାଧା ସୃଷ୍ଟି ନ କରି ବରଂ ସହାୟକ ହେବ ।

## ସହାୟକ ପାଇଁ ମୁକୁଟ

ଗୁରୁମାନେ ଆମ ସପକ୍ଷରେ ରହିଛନ୍ତି ଏବଂ ସେମାନଙ୍କର ଶକ୍ତି ଆମକୁ ସାହାଯ୍ୟ କରିଚାଲିଛି । କ୍ରମ ବିକାଶର ଶକ୍ତି ଧୀର ଭାବେ କ୍ରିୟାଶୀଳ ହେଲେ ମଧ୍ୟ ଆମ ସପକ୍ଷରେ ଅଛି । ଭବିଷ୍ୟତ ଆମର ସହାୟକ, କିନ୍ତୁ ବର୍ତ୍ତମାନ ଏଭଳି କିଛି କରିବା ପାଇଁ ବିଶେଷ କଷ୍ଟକର ସମୟ । ବର୍ତ୍ତମାନ ଯେଉଁ ଲୋକମାନଙ୍କ ପ୍ରଭାବ ବିପରୀତ ଦିଗରୁ ଆମ ଉପରେ କଠୋର ଚାପ ପକାଉଛି, ପଞ୍ଚମ ଆବର୍ତ୍ତନର ମଧ୍ୟଭାଗରେ ସେ ସମସ୍ତେ ବାହାରି ଯାଇଥିବେ ଏବଂ ସେତେବେଳେ ଆମ ସାଥିରେ ଯିବା ଲୋକ ବ୍ୟତୀତ ଆଉ କେହି ନ ଥିବେ । ସେଥିପାଇଁ ସପ୍ତମ ଆବର୍ତ୍ତନ ବେଳକୁ ସବୁ କିଛି ଅଦ୍ଭୁତ ଭାବେ ସହଜ ହୋଇଯିବ । ସେତେବେଳେ ବାହ୍ୟ ଦୁନିଆରେ ମନୁଷ୍ୟ ରହିବ ସବୁ ପ୍ରକାର ସୁବିଧା ସହ ଯାହା ବର୍ତ୍ତମାନ କେବଳ ମଠମାନଙ୍କରେ ଦେଖିବାକୁ ମିଳେ – ଜଣେ ଆଧ୍ୟାତ୍ମିକ କ୍ଷେତ୍ରରେ ବିକଶିତ ବ୍ୟକ୍ତିଙ୍କ ନିର୍ଦ୍ଦେଶନାରେ ।

କେତେକ ଭାବି ପାରନ୍ତି, "ତାହା ହେଲେ ଆମେ ସପ୍ତମ ଆବର୍ତ୍ତନ ସକାଶେ ଅପେକ୍ଷା କରିବା ନାହିଁ କାହିଁକି ?" ଆମ ଭିତରୁ ଅନେକ ଏହିପରି ସୁଖରେ, ଆନନ୍ଦରେ ଭାସି ଭାସି ଚାଲିଛନ୍ତି କୋଡ଼ିଏ ହଜାର ବା ତିରିଶ ହଜାର ବର୍ଷ ଧରି ଯେଉଁମାନଙ୍କ ଭିତରେ ତୀବ୍ର ଆକାଂକ୍ଷା ନାହିଁ ପ୍ରଗତି ସକାଶେ ବା ପୃଥିବୀକୁ ସାହାଯ୍ୟ କରିବାପାଇଁ – ସେମାନେ ହୁଏତ ଆଉ ଦଶଲକ୍ଷ ବର୍ଷ ଚାଲିଥିବେ ସେହି ପୁରାତନ ଢଙ୍ଗରେ । ନିଃସନ୍ଦେହରେ ଶେଷରେ ଏହା ଅଧିକ ସହଜ ହେବ । କିନ୍ତୁ ଯେଉଁମାନେ ବର୍ତ୍ତମାନ କଷ୍ଟ ସହ୍ୟ କରି ଆଗେଇବେ, ସେମାନେ କ୍ରମବିକାଶର ଅଗ୍ରଗତିକୁ ସାହାଯ୍ୟ କରିବାପାଇଁ ବହୁତ ସୁବିଧା ପାଇବେ ଏବଂ ସେମାନେ ସହାୟକର ମୁକୁଟ ପିନ୍ଧିବେ । ସେହି ପୁରୁଣା ଖ୍ରୀଷ୍ଟିଆନ୍ ସ୍ତବ ମନେ ପକାନ୍ତୁ ଯେଉଁଥିରେ କୁହାଯାଇଛି କିପରି ଏକ ବ୍ୟକ୍ତି ସ୍ୱର୍ଗକୁ ଗଲା ଏବଂ ଚାରିଆଡ଼କୁ ଆଖି ବୁଲାଇ

ଦେଖିଲା ଯେ ଅନ୍ୟ ସମସ୍ତଙ୍କଠାରୁ ସେ କୌଣସି ମତେ ଭିନ୍ନ ଏବଂ ଘଟଣା କ'ଣ ବୋଲି ବିସ୍ମିତ ହେଲା । ଅବଶେଷରେ ସେ ଖ୍ରୀଷ୍ଟଙ୍କୁ ଦେଖିଲା ଏବଂ ପଚାରିଲା ସେ ଏପରି ହେଲା କାହିଁକି ?" ଖ୍ରୀଷ୍ଟ ତାର ଉତ୍ତରରେ କହିଲେ,

**"ମୁଁ ଜାଣେ ତୁମେ ବିଶ୍ୱାସ କରୁଥିଲ ମୋତେ**
**ଏବଂ ମୋ ମଧ୍ୟ ଦେଇ ତୁମର ଜୀବନ ପ୍ରବାହିତ ହେଲା ।**
**କିନ୍ତୁ ସେହି ଦୀପ୍ତିମନ୍ତ ତାରକା ସବୁ କାହିଁ**
**ଯାହା ତୁମରି ମୁକୁଟରେ ଚକ୍ ଚକ୍ କରନ୍ତେ ?**
**ଦେଖ ସେଠାରେ ସେହି ଆନନ୍ଦମୟ ଜନତା ।**
**ପ୍ରତ୍ୟେକଙ୍କ ଭ୍ରୂଲତାରେ ରହିଛି ମଣିମାଣିକ୍ୟ**
**କାରଣ ମୋ ପାଖକୁ ଆଣିଥିବା ପ୍ରତିଟି ଆତ୍ମା ପାଇଁ**
**ସେମାନେ ଏବେ ପିନ୍ଧିଛନ୍ତି ଗୋଟିଏ ଲେଖାଏଁ ମଣି ।"**

ଖ୍ରୀଷ୍ଟିଆନ୍ ଧର୍ମଗ୍ରନ୍ଥରେ କୁହାଯାଇଛି ଯେ ଯେଉଁମାନେ ଜ୍ଞାନୀ ସେମାନେ ଆକାଶର ଉଜ୍ଜ୍ୱଳତା ପରି, ଉନ୍ମୁକ୍ତ ଆକାଶର ଆଲୋକ ପରି ଦୀପ୍ତିମନ୍ତ ହେବେ । କିନ୍ତୁ ଯେଉଁମାନେ ବହୁ ବ୍ୟକ୍ତିଙ୍କୁ ଆଧ୍ୟାତ୍ମିକ ପଥକୁ ଆଣିବେ- ସେମାନେ ଚିରକାଳ ଏବଂ ଚିରକାଳ ପାଇଁ ହେବେ ତାରକା ଭଳି- ମହାନ୍ ଦୀପ୍ତିମନ୍ତ ସୂର୍ଯ୍ୟପରି- ସହସ୍ର ସହସ୍ର ଜୀବନ ପାଇଁ ବିକିରଣ କରିବେ ଆଲୋକ, ଉଷ୍ମତା ଏବଂ ଶକ୍ତି । ବର୍ତ୍ତମାନ କାମ କରିବା ଏବଂ ସପ୍ତମ ଆବର୍ତ୍ତମାନର ସ୍ରୋତରେ ଭାସିବା ପାଇଁ ଅପେକ୍ଷା କରିବା ଭିତରେ ତାହା ହିଁ କରିବ, କାରଣ ତୁମେ ଜାଣିଛ ।

## ସତ୍ ଓ ଅସତ୍

**ତୁମେ ଏହି ପଥରେ ପ୍ରବେଶ କରିବ, କାରଣ ତୁମେ ପାର୍ଥକ୍ୟ ଜାଣିଛ ଯେ, ଏହି ପଥରେ ତୁମେ ସେହି ସବୁ ଜିନିଷ ପାଇ ପାରିବ, ଯାହା ଲାଭ କରିବା ଉପଯୋଗୀ । ଯେଉଁମାନେ ଜାଣିନାହାନ୍ତି, ସେମାନେ ଧନ ଓ ଯଶ ପାଇବା ପାଇଁ କାମ କରନ୍ତି । କିନ୍ତୁ ସେହିସବୁ ଖୁବ୍ ବେଶି ହେଲେ କେବଳ ଗୋଟିଏ ଜୀବନକାଳ ପର୍ଯ୍ୟନ୍ତ ଏବଂ ସେହି ହେତୁ ଏହା ଅସତ୍ । ଏହିଗୁଡ଼ିକ ଅପେକ୍ଷା ମହତ୍ତର ଜିନିଷ ରହିଛି- ଯେଉଁଗୁଡ଼ିକ ସତ୍ ଓ ସ୍ଥାୟୀ । ଯେତେବେଳେ ଥରେ ତୁମେ ଏହିକଥା ବୁଝିପାରବ, ତୁମେ ଆଉ ଅନ୍ୟ କିଛି ଚାହିଁବେ ନାହିଁ ।**

**ଆନିବେଶାନ୍ତ–** ସତ୍ ଏବଂ ଅସତ୍ ପ୍ରଶ୍ନଟି ହେଉଛି ଗଭୀର ଦାର୍ଶନିକ ପ୍ରଶ୍ନ । କିନ୍ତୁ ଆମେ ପ୍ରକୃତରେ ଏଠାରେ ତାହା ସହିତ ସମ୍ପୃକ୍ତ ନୋହୁଁ । କାରଣ ଗୁରୁ ଆଲ୍‌ସିଓନ୍‌ଙ୍କୁ ଶିକ୍ଷା ଦେଉଥିଲେ ଯେତେବେଳେ ସେ ଥିଲେ ଅଳ୍ପ ବୟସର ପିଲା ଏବଂ ସେହି ଶିକ୍ଷା ମଧ୍ୟ ଦିଆଯାଉଥିଲା ଭାବସ୍ତରରେ । ଏହି କ୍ଷେତ୍ରରେ ଗୁରୁ ନିମ୍ନତର ମାନସ ତଥା ଜୀବାତ୍ମାକୁ କହୁଥିଲେ । ଏହି ଉପଲକ୍ଷରେ ସେ ଏପରି ଭାବରେ ଶିକ୍ଷା ଦେଉଥିଲେ ଯାହା ଗୋଟିଏ ବାଳକର ନିମ୍ନତର ମାନସ ପାଇଁ ଉପଯୁକ୍ତ ହେବ, ଯାହା କୌଣସିମତେ ପୂର୍ଣ୍ଣ ବିକାଶ ଲାଭ କରି ନ ଥିଲା । ଜୀବାତ୍ମା ଯେତେ ପୁରାତନ ହେଉ ନା କାହିଁକି, ନିମ୍ନ ତିନିଟିଯାକ ଶରୀର ହେଉଛି ଅଳ୍ପ ବୟସର । ସୁତରାଂ ଶିକ୍ଷା ଦିଆଯାଇଥିଲା ସରଳ ଭାଷାରେ, ଯାହା ଫଳରେ ସ୍ଥୂଳ ଶରୀରକୁ ଫେରି ଆସି ଶିଷ୍ୟ ତା' ମନର ଜାଗ୍ରତ ଅବସ୍ଥାରେ ବୁଝିପାରିବ ।

ଏଠାରେ ଅସତ୍ କହିଲେ ବୁଝିବାକୁ ହେବ ଯାହା ଦିବ୍ୟ ନୁହେଁ, ପ୍ରତ୍ୟେକ ବିଷୟ ଯାହା ଘଟଣା ବହୁଳ ଜଗତରେ ଘଟିଚାଲେ । ପ୍ରତ୍ୟେକ ବିଷୟ ହେଉଛି ବ୍ୟକ୍ତିଗତ ଆତ୍ମା ସକାଶେ, ଭୌତିକ ଲକ୍ଷ୍ୟ ସାଧନ ସକାଶେ । ଉଚ୍ଚତର ବିଷୟ ପାଇଁ କାର୍ଯ୍ୟ ମଧ୍ୟ ଏହାର ଅନ୍ତର୍ଭୁକ୍ତ । ଗୁରୁଦେବଙ୍କର ଚିନ୍ତା ଅନୁସରଣ କରି ଆମେ କହିପାରୁ ଯେ ପ୍ରତ୍ୟେକ ବିଷୟ ଅସତ୍, କେବଳ ଯାହା ଈଶ୍ୱରଙ୍କ ଇଚ୍ଛାର ଅଂଶ ବାଦ୍ ଦେଇ । ଯେଉଁମାନେ ବିବେକୀ ସେମାନେ ଜାଣନ୍ତି ସତ୍ କ'ଣ । ସୁତରାଂ ସେମାନେ ଈଶ୍ୱରଙ୍କ ପ୍ରତିନିଧି ରୂପେ କାର୍ଯ୍ୟ କରନ୍ତି, ଈଶ୍ୱରଙ୍କ ଇଚ୍ଛାକୁ କାର୍ଯ୍ୟକାରୀ କରନ୍ତି । ଈଶ୍ୱର ହିଁ ପ୍ରକୃତ କର୍ତ୍ତା ।

ଏଥିରେ କୁହାଯାଉନାହିଁ ଯେ ସେମାନେ ଭୌତିକ କାର୍ଯ୍ୟକୁ ଅବହେଳା କରିବା ଉଚିତ । ଯେହେତୁ ସେମାନେ ଈଶ୍ୱରଙ୍କ ପ୍ରତିନିଧି ଏବଂ ବାହ୍ୟ ଦୁନିଆରେ ଈଶ୍ୱରଙ୍କ କାର୍ଯ୍ୟ କରନ୍ତି ସେହେତୁ ସେମାନେ ଉତ୍କୃଷ୍ଟତର କାର୍ଯ୍ୟ କରିବା ଉଚିତ, ନିକୃଷ୍ଟତର ନୁହେଁ । ଗୀତାରେ କୁହାଯାଇଛି 'ଯୋଗଃ କର୍ମସୁ କୌଶଳମ୍' ଏବଂ ଯୋଗ ହେଉଛି ଈଶ୍ୱରଙ୍କ ସହିତ ସଂଯୋଗ । ଯେଉଁ ବ୍ୟକ୍ତିଙ୍କର ଏହି ସଂଯୋଗ ଘଟିଛି, ତାଙ୍କର କାର୍ଯ୍ୟ କୁଶଳତାପୂର୍ଣ୍ଣ ହେବା ଉଚିତ, କାରଣ ସେ ଏହି କାର୍ଯ୍ୟ କରୁନାହାନ୍ତି, ତାଙ୍କ ଭିତରେ ଥିବା ଈଶ୍ୱର କରୁଛନ୍ତି । ଯେତେବେଳେ ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କୁ ପଚାରିଲେ ଯୁଦ୍ଧ ବିଷୟରେ, ସେତେବେଳେ ଭଗବାନ ଶ୍ରୀକୃଷ୍ଣ ଉତ୍ତର ଦେଲେ ଯେ ସେ ନିଜେ ଶତ୍ରୁମାନଙ୍କୁ ନିହତ କରିସାରିଛନ୍ତି । ତା'ପରେ ସେ କହିଲେ, "ସେଥିପାଇଁ, ହେ ଅର୍ଜ୍ଜୁନ, ଯୁଦ୍ଧ କର ।"

ଯେତେବେଳେ ଉଚ୍ଚତର ବିଷୟଗୁଡ଼ିକ ଅନୁଭୂତ ହୁଏ ଅନ୍ୟ ଜିନିଷଗୁଡ଼ିକ ପାଇଁ ଆଉ ଇଚ୍ଛା ହୁଏ ନାହିଁ ବୋଲି ଗୁରୁ କହିଛନ୍ତି । ଗୀତାଧ୍ୟାୟୀମାନେ ସେହି

ଧାରଣା ସହିତ ବେଶ୍ ପରିଚିତ ଯେଉଁଥିରେ କୁହାଯାଇଛି, ଇନ୍ଦ୍ରିୟ ଗ୍ରାହ୍ୟ ବିଷୟ ସମୂହ, ସଂଯମୀ ଦେହୀଠାରୁ ଦୂରେଇ ଯାଏ, ଇନ୍ଦ୍ରିୟ ଲାଳସା ନୁହେଁ ଏବଂ ପରେ ପରମେଶ୍ୱରଙ୍କୁ ଦେଖିବା ପରେ ଲାଳସା ମଧ୍ୟ ଦୂରେଇ ଯାଏ । ଯେତେବେଳେ ମନୁଷ୍ୟ ସେହି ଅଦ୍ୱିତୀୟ ଏକଙ୍କୁ ଦର୍ଶନ କରେ, ସେତେବେଳେ ତା' ଭିତରେ ଭୋଗ୍ୟ ବିଷୟ ପାଇଁ ଲାଳସା ମରିଯାଏ ।

**ସନ୍ନ୍ୟାସ ସମ୍ପର୍କୀୟ ଭ୍ରାନ୍ତ ଧାରଣା**

**ଲେଡ୍‌ବିଟର୍–** ଏହା ସତ ଯେ ଯେତେବେଳେ ଜଣେ ମହତ୍ତର ବିଷୟଗୁଡ଼ିକୁ ଥରେ ଦେଖେ, ସେତେବେଳେ ନିମ୍ନତର ବିଷୟ ସକାଶେ ତା'ର ରୁଚି ରହେ ନାହିଁ । କିନ୍ତୁ ସେ ସମ୍ପୂର୍ଣ୍ଣ ଭାବେ ତାହା ଦେଖିବା ଉଚିତ କ'ଣ ତାକୁ ନିମ୍ନତର ବିଷୟର ଅନୁସରଣରୁ ନିବୃତ୍ତ ହେବାପାଇଁ ପ୍ରଭାବିତ କରିବ । ଅନେକ ସମୟରେ ଲୋକେ କେଉଁଟା କାରଣ ଏବଂ କେଉଁଟା ପରିଣତି ଧରିପାରନ୍ତି ନାହିଁ । ସେମାନେ ଭାବନ୍ତି ଯେ ନିମ୍ନତର ବିଷୟଗୁଡ଼ିକ ପ୍ରତି ବେଖାତିର୍ ଭାବର ଛଳନା କଲେ ମଣିଷ ତତ୍‌କ୍ଷଣାତ୍ ଉଚ୍ଚତର ସ୍ତରକୁ ଚାଲିଯାଏ । ମାତ୍ର ଏହା ସେମାନଙ୍କର ଭାବନାନୁଯାୟୀ ବେଶ୍ ଭଲ ହୋଇପାରେ କିନ୍ତୁ ଉଚ୍ଚତର ଓ ଆଧ୍ୟାତ୍ମିକ ବିଷୟମାନଙ୍କର ବିପରୀତ । ଅବଶ୍ୟ ଏ ଛଳନାଦ୍ୱାରା କିଛି ଲାଭ ହୁଏ ନାହିଁ । ଏହା ସନ୍ନ୍ୟାସ ସମ୍ପର୍କରେ ଆଉ ଏକ ପ୍ରକାରର ଅତି ସାଧାରଣ ଭ୍ରାନ୍ତ ଧାରଣା ।

ବହୁ ସଂଖ୍ୟକ ଲୋକେ 'ସନ୍ନ୍ୟାସ'କୁ ତାଙ୍କର ଲକ୍ଷ୍ୟ ବୋଲି ଗ୍ରହଣ କରିନିଅନ୍ତି ଏବଂ ଭୁଲ୍‌ରେ ଭାବନ୍ତି ଯେ ସମସ୍ତ ସାଧାରଣ ସୁଖ ତ୍ୟାଗ କରିବା, ବହୁ ପ୍ରକାରେ ଅସୁବିଧା ଭୋଗ କରିବା ଅତି ଉଚ୍ଚଧରଣର ସଦ୍‌ଗୁଣ । ଏହି ପ୍ରକାର ନୈଷ୍ଠିକ ଧାରଣା ଏକ ସମୟରେ ଇଂଲଣ୍ଡ ଓ ୟୁରୋପର ବହୁ ଅଞ୍ଚଳରେ ପ୍ରଚଳିତ ଥିଲା । ସ୍ପଷ୍ଟ ଭାବରେ ସେହି ନୈଷ୍ଠିକତାର ସାରମର୍ମ ଥିଲା ଯେ ଉତ୍ତମ ହେବାକୁ ହେଲେ ଯଥା ସମ୍ଭବ ଅସୁବିଧାରେ ରହିବା ଆବଶ୍ୟକ । ଯେତେବେଳେ ମନୁଷ୍ୟ କୌଣସି ପ୍ରକାରେ ସୁଖୀ ରହୁଥିଲା, ସେ ନିଶ୍ଚିତ ଭାବେ ଐଶ୍ୱରିକ ନିୟମକୁ ଭଙ୍ଗ କରୁଥିଲା । କାରଣ ସେ ଏଠାରେ ସାମାନ୍ୟତମ ସୁଖରେ ରହିବା ଉଚିତ ନୁହେଁ; ତାହାର ଶରୀର ଯେପରି ଏକ କୁତ୍ସିତ ଜିନିଷ ଯାହାକୁ ସବୁ ପ୍ରକାରେ ଦମନ କରି ରଖିବା ଦରକାର ଏବଂ ଯଦି ସେ କୌଣସି କାର୍ଯ୍ୟ କରିବାରେ ଆନନ୍ଦ ପାଏ, ତେବେ ନିଶ୍ଚିତ ଭାବେ ବୁଝିବାକୁ ହେବ ଯେ ତାହା ଏକ ଖରାପ କଥା । ଏ ସମସ୍ତ ନିରର୍ଥକ, ତେବେ ଏହା ଆସେ ସତ୍ୟର ବିକୃତ ବ୍ୟାଖ୍ୟାରୁ ।

ସତ୍ୟ କଥା ହେଉଛି ଯେ ଯାହାକୁ ପୃଥିବୀର ଅଧିକାଂଶ ଲୋକ ଉପଭୋଗ

କରନ୍ତି ଏବଂ ବିରାଟ ସୁଖ ବୋଲି ମନେ କରନ୍ତି । ତାହାର ସେହି ପ୍ରକାର ଚିନ୍ତା କରିବା ବନ୍ଦ ହୋଇଯାଏ, ଯେତେବେଳେ ମନୁଷ୍ୟ ଉଚ୍ଚତର ସ୍ତରକୁ ଉଠିବା ପରେ ଆହୁରି ଉଚ୍ଚତର ସୁଖର ସନ୍ଧାନ ପାଏ, ଯାହା ଏହି ସବୁ ପୂର୍ବ ସୁଖର ସ୍ଥାନ ଠାରୁ ବହୁ ଊର୍ଦ୍ଧ୍ୱରେ ।

ପୃଥିବୀର ଲୋକେ ଅନେକ ବିଷୟକୁ ଅତିଶୟ ସୁଖ ପାଆନ୍ତି, ଯାହା ଉଚ୍ଚତର ଅସ୍ପୃହା ଥିବା ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି କରେ ନାହିଁ । ସେମାନେ ବହୁ ପ୍ରକାର ଆନନ୍ଦ ଉପଭୋଗ କରନ୍ତି, ଯାହା କ୍ଷତିକାରକ ନ ହୋଇପାରେ, କିନ୍ତୁ ପିଲାଙ୍କ ଖେଳଣା ପରି ହୋଇଥାଏ । ଯେତେବେଳେ ପିଲାଟି ବଡ଼ ହୋଇଯାଏ, ସେ ତା'ର ଖେଳନାଗୁଡ଼ିକୁ ପରିତ୍ୟାଗ କରେ । ତିନି ବା ଚାରିବର୍ଷ ବୟସରେ ସେ ଖେଳିବାକୁ ଭଲ ପାଏ ଇଟା ଏବଂ କଣ୍ଢେଇକୁ ନେଇ । ଟିକିଏ ବଡ଼ ହୋଇଗଲେ ସେ ଖେଳିବାକୁ ଭଲ ପାଏ ସିପାହୀ ଖେଳନା, ଗୁଡ଼ି, ଟପ୍ ଏବଂ ମାର୍ବଲ ନେଇ । ଆହୁରି ଟିକିଏ ବଡ଼ ହୋଇଗଲେ ସେ ସବୁକୁ ଖାତିର କରେ ନାହିଁ, ଖେଳେ କ୍ରିକେଟ୍ ବା ଫୁଟ୍‌ବଲ୍ କିମ୍ବା ସେହି ପ୍ରକାର କିଛି ଖେଳ, ଯେଉଁଥିପାଇଁ ଘର ବାହାରେ ବହୁତ ପରିଶ୍ରମ ଦରକାର ।

ଏହିସବୁ ହେଲା ବିଭିନ୍ନ ପର୍ଯ୍ୟାୟ ଯାହା ଭିତର ଦେଇ ଶିଶୁକୁ ଗତି କରିବାକୁ ହୁଏ ଏବଂ ପ୍ରତ୍ୟେକଟି ସମୟ ଅନୁଯାୟୀ ଯଥାର୍ଥ । ସେ ଯେତେବେଳେ ଆହୁରି ବଡ଼ ହୋଇଯାଏ, ସେ ଆଗରୁ ଯେଉଁଥିରୁ ଆନନ୍ଦ ପାଉଥିଲା, ସେଗୁଡ଼ିକୁ ଛାଡ଼ିଦିଏ- ସେଭଳି କରିବା ଉଚିତ ବୋଲି ଭାବିବା କାରଣରୁ ନୁହେଁ, ବରଂ କେବଳ ଏହି କାରଣରୁ ସେ ସେଗୁଡ଼ିକ ପ୍ରତି ତା'ର ଆଉ ଆଗ୍ରହ ରହେ ନାହିଁ । ସେ ଆଉ କିଛି ପାଇଛି ଯାହା ତାହାର ବିକାଶ ପର୍ଯ୍ୟାୟ ସକାଶେ ଅଧିକ ଉପଯୁକ୍ତ । କିନ୍ତୁ ଆପଣ ସଙ୍ଗେ ସଙ୍ଗେ ଦେଖିପାରୁଥିବେ ଯେ ତିନିବର୍ଷର ଶିଶୁ ତା'ର ପ୍ରଥମ ଶୈଶବ କାଳର ସମସ୍ତ ବିଷୟକୁ ଅବହେଳା କରିବାକୁ ବାଛି ନେଇ ଏବଂ କ୍ରିକେଟ୍ ବା ଫୁଟ୍‌ବଲ୍ ଖେଳିବାକୁ ଇଚ୍ଛାଶ କରି ବଡ଼ ପିଲ ହୋଇପାରିବ ନାହିଁ ।

ଉଚ୍ଚସ୍ତରରେ ଆଗେଇଥିବା ବ୍ୟକ୍ତି ଅନେକ ପ୍ରକାର ବିଷୟ ପ୍ରତି ଯତ୍ନ ନିଅନ୍ତି ନାହିଁ- ଯାହାକୁ ସାଧାରଣ ଲୋକେ ଆବଶ୍ୟକ ବୋଲି ଭାବନ୍ତି । ସାଂସାରିକ ବ୍ୟକ୍ତି ହୁଏତ ଭାବିବ ଶିଷ୍ୟଣ ଜୀବନ ଅସହ୍ୟଭାବେ ଅବସାଦମୟ, (ଯଦି ସେହି ଶିଷ୍ୟ ବ୍ରହ୍ମବିଦ୍ୟା ଓ ଜୀବନର ଗଭୀରତମ ସମସ୍ୟା ବାହାରେ କୌଣସି ପ୍ରତି ଆଗ୍ରହ ନ ଦେଖାଇ ଆମ ଭିତରୁ ଅନେକଙ୍କ ପରି ଜୀବନ ଯାପନ କରିବାକୁ ଚେଷ୍ଟା

କରିବ) । ସାଧାରଣ ଲୋକେ କହିବେ ଯେ ସେମାନେ ସବୁବେଳେ ସେହି ଗୋଟିଏ କଥା କରିବାରେ ଲାଗିଛନ୍ତି ଏବଂ ସେମାନେ ଅନ୍ୟ କୌଣସି ବିଷୟ ଜାଣନ୍ତି ନାହିଁ କି ସେଥିପ୍ରତି ଖାତିର୍ କରନ୍ତି ନାହିଁ । ତାହା ସତ, କାରଣ ତାହା ଭିତରେ ଅବଶିଷ୍ଟ ସମସ୍ତ ବିଷୟ ଅନ୍ତର୍ଭୁକ୍ତ । କିନ୍ତୁ, ଯଦି ସେ ନିଜ ବିଷୟଗୁଡ଼ିକ ପ୍ରତି ଯତ୍ନ ନ ନେବାର ଛଳନା କରୁଥାନ୍ତି (ଯଦିଓ ସର୍ବଦା ନିଜ ହୃଦୟରେ ସେ ପ୍ରକୃତରେ ସେଗୁଡ଼ିକୁ ହିଁ କାମନା କରୁଥାନ୍ତି) ତେବେ ସେ ଅଗ୍ରଗତି କରିପାରିବେ ନାହିଁ ।

**ଈଶ୍ୱରଙ୍କ କାମ ଆମର କାମ**

> **ସମଗ୍ର ପୃଥିବୀରେ କେବଳ ଦୁଇ ପ୍ରକାର ଲୋକ ଅଛନ୍ତି । ଯେଉଁମାନେ ଜାଣନ୍ତି ଏବଂ ଯେଉଁମାନେ ଜାଣନ୍ତି ନାହିଁ । ଏବଂ ଏହି ଜ୍ଞାନ ହିଁ ଅସଲ କଥା । ଜଣେ କେଉଁ ଧର୍ମର, କେଉଁ ଜାତିର- ଏ ସବୁ ବିଷୟ ବଡ଼ କଥା ନୁହେଁ ।**

**ଆନିବେସାନ୍ତ–** ଗୁରୁ ଏଠାରେ ଏକ ଜ୍ୱଳନ୍ତ ପ୍ରଭେଦ ଦେଖାଇଛନ୍ତି । ସେ ଲୋକମାନଙ୍କୁ ଦୁଇଟି ଶ୍ରେଣୀରେ ବିଭାଗ କରିଛନ୍ତି- ଯେଉଁମାନେ ଜାଣନ୍ତି ଏବଂ ଯେଉଁମାନେ ଜାଣନ୍ତି ନାହିଁ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ତାହା ଏକ ବିରାଟ ବିଭାଜନ ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜକୁ ପଚାରିବା ଉଚି, ସେ କେଉଁ ବିଭାଗର । ଉଭୟ ଶ୍ରେଣୀରେ ବହୁ ପ୍ରକାର ଲୋକ ଅନ୍ତର୍ଭୁକ୍ତ, କାରଣ ବାହ୍ୟ ପ୍ରଭେଦ ଓ ପାର୍ଥକ୍ୟରେ କିଛି ନାହିଁ । ଯେଉଁମାନେ ଜାଣନ୍ତି ନାହିଁ ସେମାନେ କାମ କରନ୍ତି, ସେହି ସବୁ ବିଷୟ ପାଇଁ ଯାହା କେବଳ ଗୋଟିଏ ଜୀବନକାଳ ପାଇଁ ରହେ । କିନ୍ତୁ ଯେ ଥରେ ସ୍ପଷ୍ଟ ଭାବେ ସତ୍ ବିଷୟଗୁଡ଼ିକୁ ଦେଖିଛି, ତାହା ଭିତରେ କେବଳ ଈଶ୍ୱରଙ୍କ ସକାଶେ କାମ କରିବା ପାଇଁ କାମନା ପରି ରହିଛି, ତାଙ୍କ ବିରାଟ ଯୋଜନାରେ ଯୋଗ ଦେବାପାଇଁ ଏବଂ ଯେତେ ଛୋଟ ଆକାରରେ ହେଉ ନା କାହିଁକି ତାହା କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବା ପାଇଁ ।

ଆମେ ଆମର ଜ୍ଞାନ ଦ୍ୱାରା ପରୀକ୍ଷା କରି ଦେଖିପାରିବା ତାହା ସେହି କାମ କରିପାରିବ କି ନାହିଁ । କେବଳ ମସ୍ତିଷ୍କ ଜ୍ଞାନ ଯାହା ହୁଏତ ମନୁଷ୍ୟକୁ ବୁଦ୍ଧିମାନ୍ ଭଳି କହିବାକୁ ସକ୍ଷମ କରାଏ ଏବଂ ଶିକ୍ଷା ଦେବାକୁ ସକ୍ଷମ କରେ, ତାହା ଏଥିପାଇଁ ଅସମର୍ଥ । ତାହା ହିଁ ପ୍ରକୃତ ଜ୍ଞାନ ଯାହା ନିଜର ଜୀବନରେ କାର୍ଯ୍ୟକାରୀ

ହୋଇଥାଏ । ବହୁ ଲୋକେ ଅଛନ୍ତି ଯେଉଁମାନେ ତାଙ୍କ ରୀତିରେ ପକାଇ ନେଇଛନ୍ତି ଯେ ପ୍ରତ୍ୟେକ ରାତିରେ ଶୋଇବାକୁ ଯିବା ପୂର୍ବରୁ ସେମାନେ କିଛି ସମୟ ନୀରବରେ ବସିବେ ଏବଂ ସେମାନଙ୍କର ସାରା ଦିନର କାର୍ଯ୍ୟକୁ ସମୀକ୍ଷା କରିବେ । ତାହା ବିଶେଷ ଉପଯୋଗୀ । କିନ୍ତୁ ଯଦି ଆପଣ ତାହା କରନ୍ତି, ନିଜକୁ ପଚାରନ୍ତୁ ଯେ କେବଳ ଆପଣ କ'ଣ କରିଛନ୍ତି, ତାହା ନୁହେଁ; କ'ଣ ଆପଣ ଅନୁଭବ କରିଛନ୍ତି ଏବଂ କ'ଣ ଚିନ୍ତା କରିଛନ୍ତି ତାହା ନୁହେଁ; କିନ୍ତୁ ଆପଣଙ୍କର ମନୋଭାବ ବା ଉଦ୍ଦେଶ୍ୟ କ'ଣ ଥିଲା । ଯଦି ଆପଣ ଯାହା କରିଛନ୍ତି, ତାହା ଭିତରେ ବୁଡ଼ି ରହିଥାନ୍ତି, ତେବେ ସେହି ସମୟ ବହୁ ପରିମାଣରେ ନଷ୍ଟ ହୋଇଛି । କିନ୍ତୁ ଯଦି ଆପଣ ସେଗୁଡ଼ିକ କରିଥାନ୍ତି, ଈଶ୍ୱରଙ୍କ କାର୍ଯ୍ୟର ଅଂଶ ରୂପେ, ତ୍ୟାଗର କାର୍ଯ୍ୟ ରୂପେ, ତାହା ଭିତରେ ବୁଡ଼ି ରହିଥାନ୍ତି, ତେବେ ସେହି ସମୟ ବହୁ ପରିମାଣରେ ନଷ୍ଟ ହୋଇଛି । କିନ୍ତୁ ଯଦି ଆପଣ ସେଗୁଡ଼ିକ କରିଥାନ୍ତି, ଈଶ୍ୱରଙ୍କ କାର୍ଯ୍ୟର ଅଂଶ ରୂପେ, ତ୍ୟାଗର କାର୍ଯ୍ୟ ରୂପେ, ତାହାହେଲେ ସେଗୁଡ଼ିକ ଆପଣଙ୍କର ସହାୟକ ହେବ, ପ୍ରତିବନ୍ଧକ ହେବନାହିଁ ।

> **ପ୍ରକୃତ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ଜ୍ଞାନ, ମନୁଷ୍ୟମାନଙ୍କ ପାଇଁ ଈଶ୍ୱରଙ୍କ ଯୋଜନା ସମ୍ପର୍କରେ ଜ୍ଞାନ । କାରଣ ଈଶ୍ୱରଙ୍କର ଏକ ଯୋଜନା ରହିଛି ଏବଂ ତାହା ହେଉଛି କ୍ରମବିକାଶର ଯୋଜନା । ଯଦି ଥରେ ମନୁଷ୍ୟ ତାହା ଦେଖେ ଏବଂ ପ୍ରକୃତରେ ଜାଣେ, ତେବେ ସେ ସେଥିପାଇଁ କାର୍ଯ୍ୟ ନ କରି ଏବଂ ତାହା ସହିତ ନିଜକୁ ଏକ ନ କରି ରହିପାରିବ ନାହିଁ, କାରଣ ଏହା ଖୁବ୍ ମହତ୍ତ୍ୱପୂର୍ଣ୍ଣ ଏବଂ ସୁନ୍ଦର ।**

**ଲେଡ୍‌ବିଟର–** ଯେଉଁ ମନୋଭାବ ନେଇ ଲୋକେ ବିଭିନ୍ନ ଧରଣର ରାଜନୈତିକ ଏବଂ ନିଶା ବିରୋଧୀ ସମିତିଗୁଡ଼ିକରେ ଯୋଗ ଦିଅନ୍ତି, ଯାହା ପୃଥିବୀକୁ ସାହାଯ୍ୟ କରିବ ବୋଲି ସେମାନେ ଭାବନ୍ତି– ସେହି ମନୋଭାବର ଉଚ୍ଚତମ ବିଭବ ଉଦ୍‌ବୁଦ୍ଧ ହୁଏ, ଯେଉଁ ସମୟରେ ଈଶ୍ୱରଙ୍କ ନିଜର ସୃଷ୍ଟି ସକାଶେ ଥିବା ତାଙ୍କ ପ୍ରକୃତ ଯୋଜନାକୁ ମନୁଷ୍ୟ ଦେଖେ । ସେ ଦେଖେ ଯେ ତାହା ଦିନେ ନା ଦିନେ କାର୍ଯ୍ୟକାରୀ ହେବ ଏବଂ କେଉଁ ସମୟରେ ଈଶ୍ୱରଙ୍କ ନିଜର ସୃଷ୍ଟି ସକାଶେ ଥିବା ତାଙ୍କ ପ୍ରକୃତ ଯୋଜନାକୁ ମନୁଷ୍ୟ ଦେଖେ । ସେ ଦେଖେ ଯେ ତାହା ଦିନେ ନା ଦିନେ କାର୍ଯ୍ୟକାରୀ ହେବ ଏବଂ କେଉଁ ସମୟରେ ସେହି ବାଞ୍ଛନୀୟ ଘଟଣା ଘଟିବ,

ତାହା ନିର୍ଭର କରେ ସେହି ଲୋକମାନଙ୍କ ଉପରେ ଯେଉଁମାନେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ଯଦି ସମଗ୍ର ପୃଥିବୀକୁ ଅଳ୍ପ କେତେ ସପ୍ତାହ ବା ବର୍ଷ ମଧ୍ୟରେ ଏହା ଦେଖି ଏଥିରେ ସହଯୋଗ କରିବା ପାଇଁ ପ୍ରବର୍ତ୍ତାଇ ହେବ, ଈଶ୍ୱର ତାଙ୍କ ଲୋକଙ୍କ ପାଇଁ ଯାହା ଚାହାନ୍ତି ସେ ସବୁ ଖୁବ୍ ଶୀଘ୍ର ହୋଇଯିବ । ଯେହେତୁ ଲୋକେ ଏ ପର୍ଯ୍ୟନ୍ତ ପୂର୍ଣ୍ଣ ବିକଶିତ ହୋଇନାହାନ୍ତି ଏହା ଦେଖିବା ପାଇଁ, ସେହି ହେତୁ (ଅତୁ ଦୁଃଖର କଥା) ଆମର ଅଭାବ ରହିଯାଇଛି ଏବଂ ସୌର ଜଗତରେ ଏତେ ଦୁଃଖ, ତ୍ରୁଟି ଏବଂ ଦୁଷ୍ଟ ମନୋଭାବ ରହିଛି ।

ବହୁ ବ୍ରହ୍ମବିଦ୍ୟାଧ୍ୟାୟୀ ଏହି ଯୋଜନା ସମ୍ପର୍କରେ କିଛି ଜାଣନ୍ତି । ମୁଁ କହୁ ନାହିଁ ଯେ ସେମାନେ ଏହାକୁ ଏ ପର୍ଯ୍ୟନ୍ତ ଦେଖିଛନ୍ତି । କିନ୍ତୁ ଯେଉଁମାନେ ଦେଖିଛନ୍ତି ଏବଂ ସେମାନଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେହି ହେତୁ ସେମାନେ ଜାଣିଛନ୍ତି ତାହା କ'ଣ ଏବଂ ଏଥିସହିତ ଜଡ଼ିତ ହେଲେ କେଉଁ ଦିଗରେ ଯିବାକୁ ହେବ । କିନ୍ତୁ ଯେତେବେଳେ ଏହାକୁ ସମ୍ପୂର୍ଣ୍ଣ ଭାବେ ଦେଖିବାର ସମୟ ଆସିବ, ଦେଖାଯିବ ଯେ ଏଥିରେ ଆଗ୍ରହ ସମ୍ପର୍କରେ ଯାହା କୁହାଯାଇଛି, ସେହିସବୁ ସତ । ପୃଥିବୀରେ ଲୋକେ ଅନେକ ସମୟରେ ଉତ୍ତମ କାର୍ଯ୍ୟ ଓ ସଂସ୍କାର ଉଦ୍ୟମକୁ ପ୍ରବଳ ଆଗ୍ରହ ଓ ଦୃଢ଼ତାର ସହିତ ଆରମ୍ଭ କରନ୍ତି । କିନ୍ତୁ ଯଦି ସେମାନେ କ୍ରମବିକାଶର ବୃହତ୍ତର ଯୋଜନା ସମ୍ପର୍କରେ କିଛି ନ ଜାଣନ୍ତି ଏବଂ ତା' ଭିତରେ ତାଙ୍କ କାର୍ଯ୍ୟର ଉପଯୁକ୍ତ ସ୍ଥାନ କେଉଁଠି ନ ଦେଖନ୍ତି, ତେବେ ସହଜରେ ଭୁଲ୍‌ଭଟକା ହୋଇପାରେ । ସେମାନେ କେତେକ ଉତ୍ତମ କାର୍ଯ୍ୟରେ ସହଯୋଗ କରନ୍ତି, କାରଣ ସେଗୁଡ଼ିକର ଜରୁରୀ ଆବଶ୍ୟକତା ଦେଖି ସେମାନେ ପ୍ରଭାବିତ ହୁଅନ୍ତି ।

ଉଦାହରଣ ସ୍ୱରୂପ ନିଶା ନିବାରଣ । କାରଣ ସେମାନେ ଦେଖିଛନ୍ତି ଯେ ମଦ୍ୟପାନ କିପରି ଭୟଙ୍କର କ୍ଷତିକାରକ ଏବଂ ବୁଝିଛନ୍ତି ଯେ ଯଦି ତାହା ନିବାରଣ କରାଯାଇପାରିବ, ଏହି ପୃଥିବୀ ବହୁ ଗୁଣରେ ଅଧିକ ଭଲ ହେବ । ସେମାନେ ଏହାକୁ ନିବାରଣ କରିବାକୁ ଚେଷ୍ଟା କରନ୍ତି, ମଦ୍ୟପାନର ମୂର୍ଖତା ଏବଂ ମନ୍ଦ ଅଭ୍ୟାସକୁ ପରିହାର କରିବା ପାଇଁ, ଲୋକଙ୍କୁ ପ୍ରବର୍ତ୍ତାଇବା ଦ୍ୱାରା ନୁହେଁ, ବରଂ ଏହାର ବିକ୍ରୀକୁ ବନ୍ଦ କରିବା ଦ୍ୱାରା ଲୋକଙ୍କୁ ବାଧ୍ୟ ହୋଇ ମଦ ନ ପିଇ ରହିବା ପାଇଁ । ଏହି ଯୋଜନା କୌଣସିମତେ ଲୋକଙ୍କର ପିଇବା ଇଚ୍ଛାକୁ ନିର୍ମୂଳ କରେ ନାହିଁ, କିନ୍ତୁ କେବଳ ସେହି ଇଚ୍ଛା ପୂରଣକୁ ଅସମ୍ଭବ କରିଦିଏ । ମୁଁ ଗୋଟିଏ ମୁହୂର୍ତ୍ତ ପାଇଁ ବି ନିଶା ନିବାରଣ ଯୋଜନା ବିରୋଧରେ

କହୁନାହିଁ । ଏହା ସପକ୍ଷରେ କହିବା ପାଇଁ ବହୁତ ଅଛି । ଆମେ ଯଦି ଭାବୁ ଯେ ଆର୍ସେନିକ୍ ବା ପ୍ରସିକ୍ ଏସିଡ୍ ବିକ୍ରୀ ଉପରେ କଟକଣା ରଖିବା ଉଚିତ, ତେବେ ସେହି ପ୍ରକାର କଟକଣା କାହିଁକି କରା ନ ଯିବ ଏକ ବିକ୍ରୀ କ୍ଷେତ୍ରରେ ଯାହା ସେହି ଦୁଇଟିର ଏକତ୍ରିତ ଶକ୍ତିଠାରୁ ଅଧିକ କ୍ଷତିକାରକ ? ମୁଁ କେବଳ ଦର୍ଶାଇ ଦେଉଛି ଯେ ଏହି ପ୍ରତିକାର ସେହି କ୍ଷତିକାରକ ଅଭ୍ୟାସର ମୂଳରେ ଆଘାତ କରୁନାହିଁ, ଏହା ଲୋକଙ୍କୁ ସଂଶୋଧନ କରିବାକୁ ଚେଷ୍ଟା କରୁଛି ସେମାନଙ୍କୁ ବାଧ୍ୟ କରି, ପ୍ରବର୍ତ୍ତାଇ ନୁହେଁ ।

**ମସ୍ତିଷ୍କର ଦୋଷ, ନା ହୃଦୟର**

ଠିକ୍ ସେହିପରି ଯେଉଁମାନେ ତଳେ ବୁଡ଼ି ରହିଥିବା ଏକ ଦଶମାଂସ ଲୋକଙ୍କର ଭୟାନକ ଯନ୍ତ୍ରଣା ବୁଝିପାରିଛନ୍ତି, ସେମାନେ ଏହି ଅତିଶୟ ଲଜ୍ଜାକର ସମସ୍ୟାର ପ୍ରତିକାର ପାଇଁ ଉପାୟ ଖୋଜି ବୁଲିଛନ୍ତି । କିନ୍ତୁ ଦୁର୍ଭାଗ୍ୟବଶତଃ କେତେକ ଭାବନ୍ତି ଯେ ସେମାନେ ଚରମ ମୌଳବାଦରେ ଏପରିକି ଅରାଜକତାରେ ଏହାର ସମାଧାନ ଖୋଜି ପାଇଛନ୍ତି । ଆମେ ଲୋକଙ୍କୁ ନିନ୍ଦା କରିପାରିବା ନାହିଁ ଯଦି ସେମାନେ ନିଃସ୍ୱାର୍ଥପର ଭାବେ ଗୋଟିଏ ଧାରା ଅନୁସରଣ କରନ୍ତି, ଯାହାଦ୍ୱାରା ସେମାନଙ୍କ ସାଥୀମାନଙ୍କ ଦୁଃଖ ଲାଘବ ହେବ ବୋଲି ଭାବନ୍ତି ।

ଏପରି କ୍ଷେତ୍ରରେ ସେମାନଙ୍କର ମସ୍ତିଷ୍କ ଦୋଷଯୁକ୍ତ, ହୃଦୟ ନୁହେଁ- ଯାହା ତାକୁ ନିଜର ବିସ୍ତର କ୍ଷତି ଏବଂ ସ୍ୱାର୍ଥତ୍ୟାଗ ସକାଶେ ଠେଲିଥାଏ । ଯାହା ଫଳରେ ସେମାନେ ଆଶା କରନ୍ତି ଯେ ସେମାନଙ୍କର ସାଥିମାନେ କଷ୍ଟରୁ ରକ୍ଷା ପାଇବେ । ସେମାନଙ୍କର ହୃଦ୍‌ବୋଧ ହେବା ଉଚିତ ଯେ ମନୁଷ୍ୟ ଜାତିର କ୍ରମବିକାଶ ପାଇଁ ଏକ ଯୋଜନା ରହିଛି ଏବଂ ତାହା ସେମାନଙ୍କୁ ଅଧ୍ୟୟନ କରିବାକୁ ବେହ । ଯାହାଫଳରେ ତାଙ୍କର କାର୍ଯ୍ୟ ନିଃସ୍ୱାର୍ଥପର ଓ ବିଜ୍ଞୋଚିତ ହେବ । ଏଥିରେ ବିବେକର ଅଭାବ ରହିଛି । ସେମାନେ କେବଳ ଅସୁବିଧାର ଗୋଟିଏ ପାର୍ଶ୍ୱ ଦେଖନ୍ତି ଏବଂ ସେଥିପାଇଁ ସେ ଏମିତି ଗୋଟାଏ କାର୍ଯ୍ୟ ଭିତରକୁ ଝାସ ଦିଅନ୍ତି, ଯାହା ଯେଉଁ କଷ୍ଟ ନିବାରଣ କରିବାକୁ ସେମାନେ ଚେଷ୍ଟା କରନ୍ତି, ତାହା ଅପେକ୍ଷା ଅଧିକ କଷ୍ଟକର ହୋଇଯାଏ ।

**ସୁତରାଂ ଯେହେତୁ ସେ ଜାଣନ୍ତି, ସେ ଈଶ୍ୱରଙ୍କ ପାଖରେ ରହନ୍ତି । ଭଲ କାର୍ଯ୍ୟର ସମର୍ଥନ କରନ୍ତି ଏବଂ ମନ୍ଦ କାର୍ଯ୍ୟର ପ୍ରତିରୋଧ କରନ୍ତି । ସେ କ୍ରମବିକାଶ ପାଇଁ କାର୍ଯ୍ୟ କରନ୍ତି, ସ୍ୱାର୍ଥପରତା ପାଇଁ ନୁହେଁ ।**

**ଲେଡ଼ବିଟର୍–** ତାହାହିଁ ହେଉଛି କଷଟି ପଥର, ଯାହାଦ୍ୱାରା ଆମେ ଚିହ୍ନିପାରୁ କେଉଁମାନେ ଜାଣନ୍ତି । ସେମାନଙ୍କର ଧର୍ମ ବା ଜାତିରୁ ତାହା ଆଦୌ ଜଣାଯାଏ ନାହିଁ, ବରଂ ସେହି ଗୋଟିଏ ଏବଂ ଏକମାତ୍ର କଥାରୁ ଜଣାପଡ଼େ ଯେ ସେମାନେ ହେଉଛନ୍ତି ଉତ୍ତମର ସପକ୍ଷରେ ଏବଂ ମନ୍ଦର ବିରୁଦ୍ଧରେ । ଆମେ ଦେଖୁ ଯେ ଜଣେ ଚରମ ସତ୍ତାଙ୍କ ପ୍ରତି ଅନୁଗତ ଯାହାଙ୍କୁ ସେ ଜାଣେ ଏବଂ ଯାହା ତାକୁ ଉତ୍ତମ ବୋଲି ମନେ ହୁଏ, ତା'ର ସମର୍ଥନ କରେ ଏବଂ ଯାହା ତାକୁ ମନ୍ଦ ବୋଲି ମନେ ହୁଏ, ତା'ର ପ୍ରତିରୋଧ କରେ । ଆମେ ତାହା ଭିତରେ ପାଇପାରିବା ଜଣେ ଭାଇ- ଯେ ଈଶ୍ୱରଙ୍କ ସପକ୍ଷରେ କାର୍ଯ୍ୟ କରୁଛନ୍ତି, ଯଦିଓ ସେ ଏଭଳି କେତେ କାର୍ଯ୍ୟ କରନ୍ତି ଯାହା କ୍ୱଚିତ୍ ଆମେ ପସନ୍ଦ କରିପାରିବା ବା ଭାବିବା ଯେ ତାହା ଈଶ୍ୱରଙ୍କୁ ପ୍ରୀତିକର ହେବ ।

ବହୁ ଲୋକ ଅଛନ୍ତି ଯେଉଁମାନେ ସମ୍ପୂର୍ଣ୍ଣ ଉତ୍ତମ ଏବଂ ନିଜର ବିଶ୍ୱାସ ପ୍ରତି ଅନୁଗତ କିନ୍ତୁ ସେମାନଙ୍କର ରହିଛି ଅତ୍ୟନ୍ତ ପୀଡ଼ାଦାୟକ ସୀମିତତା । ଏହିସବୁ ଅନୁରକ୍ତି ଏବଂ ଆନ୍ତରିକତା ପୂର୍ଣ୍ଣ ଲୋକେ, ପ୍ରକୃତରେ ସେମାନଙ୍କର ସମସ୍ତ ଶକ୍ତି, ସମୟ ସମୟ ଏବଂ ତାଙ୍କର ସମସ୍ତ ସମ୍ବଳକୁ ବଳି ଦିଅନ୍ତି, ଠିକ୍ ସେମାନଙ୍କ କହିବା ଭଳି । ଅନ୍ୟ ଆତ୍ମାମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବା ପାଇଁ । ତଥାପି ସେମାନଙ୍କର ରହିଛି ଅତ୍ୟନ୍ତ ସୀମିତ ଓ ଧର୍ମାନ୍ଧ ଧାରଣା । କେତେକ କ୍ଷେତ୍ରରେ ସେମାନେ ଦେଖାଇଥାନ୍ତି ତିକ୍ତ ବିରୋଧୀ ମନୋଭାବ, ଯାହାକୁ କାର୍ଯ୍ୟତଃ ଘୃଣା ବୋଲି କୁହାଯିବ ସେହିମାନଙ୍କ ସକାଶେ ଯେଉଁମାନଙ୍କର ଧର୍ମ ବିଶ୍ୱାସ କେତେକ ଭାବେ ସେମାନଙ୍କ ନିଜ ବିଶ୍ୱାସଠାରୁ ସାମାନ୍ୟ ଅଲଗା ।

ମହାନ୍ ଶାସକବର୍ଗ (ଗ୍ରେଟ୍ ହିରାର୍କି)ଙ୍କ କାର୍ଯ୍ୟର ଏକ ସର୍ବାଧିକ ଆକର୍ଷଣୀୟ ବିଷୟ ହେଉଛି ଯେ ଏହିପରି ପ୍ରତ୍ୟେକ କ୍ଷେତ୍ରରେ ଏହାର ସଦସ୍ୟଗଣ ଯାହା ମନ୍ଦ ତାକୁ ଆଡ଼େଇ ଦେଇ ଯାହା ଭଲ ତାକୁ ଗ୍ରହଣ କରିନିଅନ୍ତି । ସେମାନେ ନେଇଥାନ୍ତି ସେହି ଶକ୍ତିକୁ ଯାହା ଭକ୍ତି ଓ ଆନ୍ତରିକତା ସୃଷ୍ଟି କରେ । ସେଥିରୁ ପ୍ରତିଟି ଆଉନ୍ସର ଉପଯୋଗ କରନ୍ତି ଏବଂ ଆଡ଼େଇ ଦିଅନ୍ତି ସମସ୍ତ ମନ୍ଦ, ଯାହା ଅନ୍ତତଃ ଏହି ସ୍ତରରେ, ବହୁ ପରିମାଣରେ ଉତ୍ତମକୁ ପ୍ରକାଶିତ ହେବାରେ ବାଧାଦିଏ । ବହୁ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ରହିଛନ୍ତି, ଯେଉଁମନାଙ୍କ ମଧ୍ୟରେ ଧର୍ମାନ୍ଧତା ପ୍ରେମ ଦୟାଳୁ ଏପରି ଘୋଡ଼ାଇ ରଖେ ଯେ ଜଣେ ଯେଉଁ ସବୁ ବାହ୍ୟ ଧାରଣା ପାଏ, ତାହା ହେଉଛି ତିକ୍ତତାର । ଶାସକ ବର୍ଗର ଭ୍ରାତାମାନେ ଧର୍ମାନ୍ଧତା ପାଇଁ ଅନୁଶୋଚନା କରନ୍ତି ଏବଂ ଏପରିକି ଅନ୍ୟମାନଙ୍କ ତୁଳନାରେ ଏହାର ମନ୍ଦ

ପରିଣତି ଅଧିକ ଲକ୍ଷ୍ୟ କରିଥାନ୍ତି । ତଥାପି ସେମାନେ ଏଥିରୁ ପ୍ରେମ, ଦୟା, ଅନୁରକ୍ତି ଏବଂ ଶୁଭେଚ୍ଛାର ସମସ୍ତ ଶକ୍ତି ବାହାର କରିନିଅନ୍ତି, ତାହାର ଉପଯୋଗ କରନ୍ତି ଏବଂ ଯେଉଁମାନେ ସେ ସବୁ ଢାଳିବାରେ ଲାଗନ୍ତି ସେମାନଙ୍କୁ ପ୍ରଶଂସା କରିଥାନ୍ତି । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ନିଜର ସାଧୁତାରୁ ଯେଉଁ ଉପକାର ପାଇବା କଥା ପାଇବେ, ଯଦିଓ ତାହାରି ସାଙ୍ଗକୁ ନିଜର କ୍ରୋଧ ଓ ଧର୍ମାନ୍ଧତା ପାଇଁ କର୍ମର ନିୟମ ଅନୁସାରେ ସଠିକ ପରିଣାମ ମଧ୍ୟ ଭୋଗ କରିବେ ।

ସୁତରାଂ ଆମ ପକ୍ଷରେ ସେହି ଅନ୍ୟ ଲୋକଙ୍କ ସମ୍ପର୍କରେ ସଦୟ ବିଚାର କରିବା ଉଚିତ ହେବ ଏବଂ ସେଥିପାଇଁ ସବୁକ୍ଷେତ୍ରରେ ଚେଷ୍ଟା କରିବାକୁ ହେବ । ଉତ୍ତମ ବିଷୟ ଉପରେ ଆମର ଚିନ୍ତାକୁ ସ୍ଥିର ରଖିବା ପାଇଁ (ଗୁରୁଙ୍କ ଭାଷାରେ ମୁକ୍ତାଗୁଡ଼ିକୁ ମାଡ଼ି ବସିବା ପାଇଁ) ଅନ୍ୟ ସାଧାରଣ ଲୋକେ କରିବା ଭଳି ସର୍ବଦା ତ୍ରୁଟିଗୁଡ଼ିକ ଉପରେ ଆକ୍ରମଣ କରିବା ଠିକ୍ ହେବ ନାହିଁ ।

**ସେ ଯଦି ଭଗବାନଙ୍କ ପକ୍ଷରେ ଥାଆନ୍ତି, ତେବେ ସେ ନିଜକୁ ହିନ୍ଦୁ କୁହନ୍ତୁ ବା ବୌଦ୍ଧ କହନ୍ତୁ, ଖ୍ରୀଷ୍ଟିଆନ କହନ୍ତୁ ବା ମୁସଲମାନ କହନ୍ତୁ, ଚୀନା କହନ୍ତୁ ବା ରୁଷୀୟ କହନ୍ତୁ, ସେଥିରେ ଟିକିଏ ହେଲେ ଯାଏ ଆସେ ନାହିଁ ।**

**ଆନି ବେଶାନ୍ତ-** ଏହା ଗୋଟିଏ ବିଷୟ ଯାହାକୁ ଏହି ପଥ ପାଇଁ ଅଭୀପ୍‌ସୁଗଣ କେବେହେଲେ ଭୁଲିଯିବା ଉଚିତ ନୁହେଁ, କାରଣ ଏହା ଅନୁଯାୟୀ ନ ଚଳିଲେ, ଆପଣ ତଥାପି ପ୍ରବେଶ ଦ୍ୱାରରୁ ବହୁ ଦୂରରେ ରହିଥିବେ । ସେଇଠି ଆପଣଙ୍କୁ କେହି ପଚାରିବେ ନାହିଁ- ଆପଣଙ୍କର ଜାତି କ'ଣ, ଧର୍ମ କ'ଣ- କେବଳ ଏତିକି ପଚାରିବେ ଆପଣଙ୍କ ଚରିତ୍ରରେ ଆପଣ କେଉଁ କେଉଁ ଭଲ ଗୁଣ ମିଶାଇଛନ୍ତି । ଆମେ ସମସ୍ତେ ଗୋଟିଏ ପରେ ଗୋଟିଏ ଜାତିରେ ଜନ୍ମ ନେଇ ଚାଲିଛୁ । ଆମେ ବର୍ତ୍ତମାନ ଦେଖୁଛୁ ଯେ ଆମେ ଏକ ନିର୍ଦ୍ଦିଷ୍ଟ ମୂଳ ଜାତିର ଏକ ନିର୍ଦ୍ଦିଷ୍ଟ ଉପଜାତିରେ ଅଛୁ । କାରଣ ଆମର ବର୍ତ୍ତମାନ ଦରକାର ଏହି ଉପଜାତିର ଥିବା ବିଶେଷ ଗୁଣ । ସେହି ଗୁଣଗୁଡ଼ିକ ସେହି ଜାତି ହିଁ ଆମକୁ ଦେଇପାରିବ । ତଥାପି ତା'ରି ସାଙ୍ଗକୁ କେତେକ ଲୋକ ସେହି ନିର୍ଦ୍ଦିଷ୍ଟ ଉପଜାତିର ଦୁର୍ବଳତାଗୁଡ଼ିକୁ ମଧ୍ୟ ନିଜ ଭିତରେ ବଢ଼ାଇ ଲାଗିଛନ୍ତି ।

ଏହା ବୋଧହୁଏ କହିବା ବେଶ୍ ଠିକ୍ ହେବ, "ଠିକ୍ ଏହିକ୍ଷରି ଅନ୍ୟ କୌଣସି ଜାତି ମୋର ତ୍ରୁଟିଗୁଡ଼ିକ ଦୂର କରି ମୋର ଚରିତ୍ରକୁ ନିଖୁଣ କରିବା ପାଇଁ

ଉପଯୁକ୍ତ ହେବ ନାହିଁ କିନ୍ତୁ ଏହାର ଉଦ୍ଦେଶ୍ୟ ନୁହେଁ ଯେ ଆମେ, ଧରି ନିଆଯାଉ, ଇଂରାଜୀ ହାବଭାବକୁ ନିଜର କରି ତାକୁ ହିଁ ପ୍ରଶଂସା କରି ଓ ଅନ୍ୟଗୁଡ଼ିକୁ ବାଦ୍ ଦେଇ ଭାବିବା ଯେ କାହାର ହେଲେ ଇଂରାଜୀ ହାବଭାବ ଭଳି ଭଲ ହାବଭାବ ନାହିଁ । ତାହା ନୁହେଁ । ପ୍ରତ୍ୟେକ ଜାତିର ନିଜର ଭୂମିକା ରହିଛି ତାଳମେଳ ରଖିବାରେ । ପ୍ରତ୍ୟେକଙ୍କର ଅବଦାନ ରହିଛି- ଶକ୍ତିଶାଳୀ ସମଗ୍ରତା ଭିତରେ । ଆପଣ ଯେଉଁ ଜାତିର ହୁଅନ୍ତୁ ନା କାହିଁକି, ତାଳମେଳର ଯେଉଁ କାର୍ଯ୍ୟ ସେହି ଜାତି କରୁଛି ତାହା ଆପଣଙ୍କ ସକାଶେ ବର୍ତ୍ତମାନ ପାଇଁ ସବୁଠାରୁ ସହଜ ଏବଂ ସ୍ୱାଭାବିକ କାମ ଯୋଗାଇ ଦେଇଛି । କିନ୍ତୁ ଆପଣଙ୍କୁ ତାହା କରିବାକୁ ହେବ ଏବଂ ପରେ ଅନ୍ୟ କାମ ବି କରିବାକୁ ହେବ । ଲୋକେ ଯଦି ଏତିକି ବୁଝନ୍ତେ, ତେବେ ତାଙ୍କର ଜାତିଗତ ମୂର୍ଖ ଗର୍ବ ଏବଂ ଅନ୍ୟ ଜାତି ପ୍ରତି ସମାଲୋଚନା ଏତେ ରହନ୍ତା ନାହିଁ ।

**ଭାରତୀୟ ଲକ୍ଷ୍ୟ ଅନାସକ୍ତ କର୍ମ**

ଯେତେବେଳେ ମୁଁ ଶୁଣେ ଯେ କେହି ଜଣେ ଅନ୍ୟଜଣଙ୍କ ବିଷୟରେ ଅଭିଯୋଗ କରୁଛି ଯାହାର ଅର୍ଥ ହେଉଛି ଯେ ଅନ୍ୟର ଦୋଷ ରହିଛି, କାରଣ ସେ ଜଣେ ଇଂରାଜୀ ଲୋକ ବା ଭାରତୀୟ, ତାହା ମୋତେ ସାଙ୍ଗେ ସାଙ୍ଗେ ଦେଖାଇ ଦିଏ ଯେ ସେହି କହିବା ଲୋକ ଅସତ୍ ଦ୍ୱାରା ପ୍ରବଞ୍ଚିତ । ସେହି ପ୍ରକାର ମଧ୍ୟ ଘଟିଥାଏ ଯେତେବେଳେ କୌଣସି ବ୍ରକ୍ତି ନିଜର ତ୍ରୁଟି ପାଇଁ କ୍ଷମା ଚାହିଁ କହେ, ସେହି ତ୍ରୁଟି ତା'ର ଉପଜାତିର । ଆପଣଙ୍କୁ ଚେଷ୍ଟା କରିବାକୁ ହେବ ନିଜ ମୂଳ ଜାତି ଏବଂ ଉପାଜତିର ସର୍ବୋତ୍ତମ ଗୁଣଗୁଡ଼ିକ ହାସଲ କରିବାପାଇଁ ତ୍ରୁଟିଗୁଡ଼ିକ ନୁହେଁ । ଉଦାହରଣ ସ୍ୱରୂପ, ଭାରତୀୟମାନଙ୍କୁ ହାସଲ କରିବାକୁ ହେବ ଆଧ୍ୟାତ୍ମିକତା, ଅହିଂସା, ସହନଶୀଳତା ଏବଂ ଅନାସ୍ତ କର୍ମ । କାରଣ ଏହି ଗୁଣଗୁଡ଼ିକ ପ୍ରଦର୍ଶନ କରିବା ସକାଶେ ଆର୍ଯ୍ୟଜାତିର ପ୍ରଥମ ପରିବାର ଉଦ୍ଦିଷ୍ଟ ଥିଲା ।

ତଥାପି ସମୟେ ସମୟେ ଆମେ ଦେଖୁ ଯେ ଅନାସକ୍ତି ସହିତ ଦଖୋଦେଇଛି ଅସାବଧାନତା ଏବଂ ହୁଗୁଳା କାମ । ତାହା ଦେଖାଯାଇଥାଏ ଭୁଲ୍ ଧାରଣାରୁ ଯେ, ଯେହେତୁ ଜଣେ କର୍ମଫଳ ପ୍ରତି ଉଦାସୀନ ହେବା ଉଚିତ, ସେହି ହେତୁ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ନୁହେଁ । କିନ୍ତୁ ପ୍ରକୃତରେ ଆବଶ୍ୟକ ହେଉଛି କାର୍ଯ୍ୟରେ ନିଖୁଣତା ଏବଂ ତା' ସହିତ କର୍ମଫଳ ପ୍ରତି ଉଦାସୀନତା । ଇଂରେଜ ଲୋକଙ୍କ ଠାରେ ଅନେକ ସମୟରେ ଓଲଟା ଦେଖାଯାଏ । ସେ ସାଧାରଣତଃ କାର୍ଯ୍ୟରେ ଦକ୍ଷ ଓ

ଯତ୍ନଶୀଳ । କିନ୍ତୁ ଏହାର ଫଳ ବିଷୟରେ ସେ ଉତ୍ତେଜିତ ହୋଇଯାଇପାରେ, କାରଣ ଅନେକ ସମୟରେ ତା'ଠାରେ ଉଦାସୀନତା ଗୁଣ ନ ଥାଏ । ପ୍ରତ୍ୟେକଙ୍କର କାମ ହେଉଛି ନିଜର ଯାହା ଅଭାବ ରହିଛି, ତାହା ପାଇବା ପାଇଁ ଚେଷ୍ଟା କରିବା । ନିଜର ଥିବା ଗୁଣ ସବୁକୁ ନ ହରାଇ ଭାରତୀୟ ଅଭ୍ୟାସ କରିବା ଉଚିତ କାର୍ଯ୍ୟ କରିବା ପାଇଁ ଏବଂ ଇଂରେଜମାନେ ଅଭ୍ୟାସ କରିବା ଉଚି ଉଦାସୀନତା । ଯଦି ଏହା ହୁଅନ୍ତା, ତାହାହେଲେ ଜାତିଗତ ପ୍ରଭେଦ ସବୁ ଜାତିକୁ ଉନ୍ନତ କରନ୍ତା, କାରଣ ପ୍ରତ୍ୟେକ ଜାତି ନିଜର ଅଭାବ ଥିବା ଗୁଣଟିକୁ ଅନ୍ୟଠାରୁ ଶିକ୍ଷା କରନ୍ତେ ।

## ଆମେ ପୃଥିବୀର ନାଗରିକ

**ଲେଡ୍‌ବିଟର** – ଦେଶଭକ୍ତ ହେବା, ନିଜ ଜାତିକୁ ଭଲ ପାଇବା ଏବଂ ଦେଶ ପରେ ନିଜକୁ ଋଣୀ ବୋଲି ଭାବିବା ଏବଂ ତା'ର ସେବା ପାଇଁ ପ୍ରସ୍ତୁତ ହେବା ଏ ସବୁ ଭଲ କଥା । କିନ୍ତୁ ଖୁବ୍ ସାବଧାନ ହେବା ଉଚିତ, ଯେପରି ନିଜର ଦେଶ ପ୍ରତି ଶ୍ରଦ୍ଧା ଦେଖାଇବାକୁ ଯାଇ ଆପଣ ଅନ୍ୟ ଦେଶର ନିନ୍ଦା ନ କରନ୍ତି । ଆମର ସ୍ଥାୟୀ ସମ୍ପର୍କ ହେଉଛି ସମଗ୍ର ମାନବ ଜାତି ସହିତ । ଆମେ ହେଉଛୁ ପୃଥିବୀ ନାଗରିକ, କୌଣସି ଗୋଟିଏ ଜାତିର ନୋହୁଁ । ତଥାପି ଦେଶଭକ୍ତି ଭଲ କଥା, ଯେପରି ପାରିବାରିକ ପ୍ରେମ । ତେବେ ଉଭୟ କ୍ଷେତ୍ରରେ ଆମେ ସଦ୍‌ଗୁଣକୁ ଏପରି ଏକ ଚରମ ଅବସ୍ଥାକୁ ନେଇଯିବା ପାଇଁ ନିଜକୁ ଛାଡ଼ିଦେବା ଠିକ୍ ହେବନାହିଁ, ଯେଉଁଠି ଭଲ ସ୍ଥାନରେ ଆମେ ରଖିବା ମନ୍ଦକୁ । ପ୍ରକୃତରେ ପାରିବାରିକ ସ୍ନେହ ଏକ ଚମତ୍କାର କଥା । କିନ୍ତୁ ମଧ୍ୟଯୁଗର ଡକାୟତ ଜମିଦାର ଗଣ ନିଜ ନିଜର ପରିବାରକୁ ଅଧିକ ସମୃଦ୍ଧ କରିବା ପାଇଁ ଅନ୍ୟମାନଙ୍କୁ ହତ୍ୟା କରିବା ଦ୍ୱାରା ଏକ ସୁଗୁଣକୁ ଅତ୍ୟଧିକ ଅବସ୍ଥାକୁ ନେଇ ଯାଇଥିଲେ, ଯାହା ମନ୍ଦରେ ପରିଣତ ହୋଇଥିଲା । ଠିକ୍ ସେହିପରି ଦେଶଭକ୍ତି ଭଲ । କିନ୍ତୁ ଯଦି ତାହା ଫଳରେ ଆମେ ଅନ୍ୟ ଦେଶଗୁଡ଼ିକୁ ଆକ୍ରମଣ କରୁ ତେବେ ତାହା ମନ୍ଦ ହେବ । କିନ୍ତୁ ଯଦି ଆପଣ ଅନ୍ୟମାନଙ୍କୁ ଆଘାତ ନ ଦେଇ ନିଜ ଦେଶପାଇଁ କିଛି କରିପାରନ୍ତି । ଯଦି ଆପଣ ଏହାର ସୁଯୋଗ୍ୟ ନାଗରିକ ବୋଲି ଦର୍ଶାଇପାରନ୍ତି, ତାହାହେଲେ ଆପଣ ନାଗରିକ ହେବା ଯୋଗୁଁ ଦେଶର କିଛି ଉନ୍ନତି ହୁଏ ଆପଣଙ୍କର ସନ୍ତୋଷର କାରଣ କିଛି ରହିପାରେ । ଧର୍ମ କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା । ଆମେ ସମସ୍ତେ ବହୁ ବଡ଼ ବଡ଼ ଧର୍ମ ମଧ୍ୟ ଦେଇ ଆସିଛୁ । ପ୍ରତ୍ୟେକ ଧର୍ମ କେତେକ ନିର୍ଦ୍ଦିଷ୍ଟ ସୁଗୁଣ ଉପରେ ଜୋର୍ ଦେଇଥାଏ, କିନ୍ତୁ ମାନବ ଜାତିର ପ୍ରଗତି ପାଇଁ ସବୁ ଧର୍ମ ଆବଶ୍ୟକ ।

## ଯେ ଦୁଷ୍ଟ ସେ କରୁଣାର ପାତ୍ର

> **ଯେଉଁମାନେ ତାଙ୍କ ପକ୍ଷରେ ଅଛନ୍ତି, ସେମାନେ ଜାଣନ୍ତି କାହିଁକି ସେମାନେ ଏଇଠି ଅଛନ୍ତି ଏବଂ କ'ଣ ସେମାନେ କରିବା ଉଚିତ ଏବଂ ସେମାନେ ତାହା କରିବାକୁ ଚେଷ୍ଟା କରୁଛନ୍ତି । ଅନ୍ୟ ସମସ୍ତେ ଏ ପର୍ଯ୍ୟନ୍ତ ଜାଣି ନାହାନ୍ତି ସେମାନେ କ'ଣ କରିବା ଉଚିତ ଏବଂ ସେଥିପାଇଁ ଅନେକ ସମୟରେ ମୂର୍ଖଭଳି କାମ କରୁଛନ୍ତି ।**

**ଲେଡ଼୍‌ବିଟର–** ଏଇଠି ଭଗବାନ ଗୌତମ ବୁଦ୍ଧଙ୍କ ଉପଦେଶର ଏକ ସ୍ୱର୍ଶ ରହିଛି ଯେ ସବୁ କିଛି ମନ୍ଦ ଆସିଥାଏ ଅଜ୍ଞତାରୁ । ଯେଉଁମାନେ ଜାଣି ନାହାନ୍ତି ସେମାନେ ଅନେକ ସମୟରେ ମୂର୍ଖ ଭଳି କର୍ମ କରନ୍ତି । ଏହି କଥାରୁ ଜଣାଯାଏ ଯେ ଦୁଷ୍ଟ ଲୋକଙ୍କୁ ନାପସନ୍ଦ ବା ଘୃଣା ନ କରି ସର୍ବଦା କରୁଣା କରିବା ଉଚିତ । ଯାହା ସାଧାରଣତଃ ଲୋକଙ୍କୁ ସର୍ବାଧିକ ପ୍ରଭାବିତ କରେ, ତାହା ହେଉଛି ଯେ ସେ ସ୍ୱାର୍ଥପର ହୋଇ କାର୍ଯ୍ୟ କରେ, ଭାବେ ନିଜର ସ୍ୱାର୍ଥ ପାଇଁ । ସେମାନେ (ଲୋକେ) ଯଥାର୍ଥ ବିଷୟଗୁଡ଼ିକ ସମ୍ପର୍କରେ ତା'ର ଅଜ୍ଞତାକୁ ମଧ୍ୟ ଭୁଲିଯିବା ଉଚିତ । ଗୋଟିଏ ଉଦାହରଣ ନିଆଯାଉ– କେତେକ କୋଟିପତି ଅଛନ୍ତି ଯେଉଁମାନେ ଅନେକ ନିମ୍ନବର୍ଗର ଲୋକଙ୍କୁ ବ୍ୟବସାୟରୁ ବାହାର କରି ଦେଇ ଏବଂ ଭିକାରୀ କରି ନିଜର କ୍ଷଣସ୍ଥାୟୀ ସମୃଦ୍ଧିର ପଥ ହାସଲ କରିଛନ୍ତି । ଏହି ଧରଣର ବ୍ୟକ୍ତି ଯାହା କରିବାକୁ ଚାହିଁଥିଲେ, ଠିକ୍ ତାହା ହିଁ କରିଛନ୍ତି । ଅନ୍ୟ ଲୋକମାନଙ୍କୁ ତଳିତଳାନ୍ତ କରିଦେଇଛନ୍ତି, କାରଣ ସେ ଭାବନ୍ତି ଯେ ସେ ସେହି ସମସ୍ତ ବ୍ୟବସାୟ ଆହୁରି ଭଲ ଭାବରେ କରିପାରିବେ । ହୁଏତ ସେ ଅଧିକତର ଭଲ ଫଳ ଦେଖାଇପାରିବେ ଏବଂ ତା' ସାଙ୍ଗକୁ ନିଜ ପାଇଁ ବହୁ ସମ୍ପତ୍ତି କରିପାରିବେ । କିନ୍ତୁ ସେ କେବେହେଲେ ତାହା କରିବାକୁ ଆରମ୍ଭ କରି ନ ଥାନ୍ତେ, ଯଦି ସେ ଜାଣିଥାନ୍ତେ ଯେ ସେ ଅନ୍ୟମାନଙ୍କର କ୍ଷତି କରିବା ଅପେକ୍ଷା ନିଜର ଅଧିକ କ୍ଷତି କରୁଛନ୍ତି । ସେ ନିଜର ଭବିଷ୍ୟତ ପାଇଁ କର୍ମଫଳ ତିଆରି କରୁଛନ୍ତି, ଯାହାକି ଯେଉଁମାନଙ୍କୁ ତାଙ୍କର କାର୍ଯ୍ୟ ତଳିତଳାନ୍ତ କରିଦେବ, ସେମାନଙ୍କ ପରିଣତିଠାରୁ ଅଧିକ ଖରାପ ହେବ । ସେ ଲୋକର ସ୍ୱାର୍ଥପରତା ଯୋଗୁଁ ତାକୁ

ନିନ୍ଦାକରିବା ଅପେକ୍ଷା, ବରଂ ତା'ର ଅଜ୍ଞତା ସକାଶେ ତା' ପ୍ରତି କରୁଣା କରିବା ବିଜ୍ଞତାର କାର୍ଯ୍ୟ ହେବ ।

**ସମସ୍ତେ ହେଉଛନ୍ତି ଏକ**

> **ଏବଂ ସେମାନେ ନିଜ ନିଜ ପାଇଁ ବିଭିନ୍ନ ପନ୍ଥା ଉଦ୍ଭାବନ କରନ୍ତି, ଯାହା ସେମାନଙ୍କ ପାଇଁ ସୁଖକର ହେବ ବୋଲି ସେମାନେ ଭାବନ୍ତି । ସେମାନେ ବୁଝନ୍ତି ନାହିଁ ଯେ ସମସ୍ତେ ହେଉଛନ୍ତି ଏକ ଏବଂ ସେହି ହେତୁ ସେହି ଏକ ଯାହା ଇଚ୍ଛା କରନ୍ତି, ତାହା ହିଁ ଯେକୌଣସି ବ୍ୟକ୍ତି ପ୍ରତି ସର୍ବଦା ସୁଖକର ହେବ ।**

**ଲେଡ୍‌ବିଟର–** ଉପଯୋଗିତାବାଦର ଏକ ମହାନ୍ ବାଣୀ ହେଉଛି ସର୍ବାଧିକ ସଂଖ୍ୟକ ବ୍ୟକ୍ତିଙ୍କର ସର୍ବାଧିକ ହିତ ସାଧନ କରିବା । ଏହା, ଆଗରୁ ଯେଉଁ ଧାରଣା ଥିଲା ଯେ କେବଳ ଅଳ୍ପ କେତେକ ବ୍ୟକ୍ତିଙ୍କର ହିତ ବିଚାର କରିବା ଉଚିତ ଏବଂ ଅନ୍ୟମାନେ ସଂଖ୍ୟାରେ ଉପେକ୍ଷଣୀୟ, ତା' ଅପେକ୍ଷା ସବିଶେଷ ଉନ୍ନତି । କିନ୍ତୁ ସଂଖ୍ୟାଲଘୁଗୋଷ୍ଠୀକୁ ଅବହେଳା କରାଯାଇ ନ ପାରେ । ବସ୍ତୁତଃ ପ୍ରତ୍ୟେକ କଥା ବିଚାର କରାଯିବା ଉଚିତ, କାରଣ ସମସ୍ତେ ହେଉଛନ୍ତି ଏକ । ଏହା ବୁଝାଯିବ ନାହିଁ ଯେ ପର୍ଯ୍ୟନ୍ତ ବୌଦ୍ଧିକ ସ୍ତରର ଚେତନା କିଚି ପରିମାଣରେ ବିକଶିତ ନ ହୋଇଛି । ସେତେବେଳେ ମଧ୍ୟ କେବଳ ଅଳ୍ପ ପରିମାଣରେ ମନୁଷ୍ୟ ବୁଝିପାରେ କିପରି ସମସ୍ତେ ପୂର୍ଣ୍ଣ ଭାବରେ ଏକ ! ଆମେ ଭାବୁ ଏପରି ବିଶ୍ୱାସ କରିବା ଏକ ପ୍ରକାର ଧର୍ମଗତ କର୍ତ୍ତବ୍ୟ କିମ୍ବା ଏକ ପ୍ରକାର ଧର୍ମୀୟ ଆକାଂକ୍ଷା ! ଦିନେ ନା ଦିନେ ସମସ୍ତେ ନିଶ୍ଚୟ ଏକ ହେବେ । ଆମେ କହୁ, "ଆମେ ସବୁ ଆସିଛୁ ସେହି ଏକ ମହାନ୍ ପିତାଙ୍କ ଠାରୁ ଏବଂ ସେହି ହେତୁ ଆମେ ସମସ୍ତେ ଭାଇ ଏବଂ ଆମେ ସମସ୍ତେ ଏକ ।" ଆମେ ଏହାର ବାସ୍ତବତା ଓ ଗଭୀରତା ବୁଝି ନାହୁଁ, ଯେ ପର୍ଯ୍ୟନ୍ତ ବୌଦ୍ଧିକ ଚେତନାରେ ଏହା ଆମେ ଅନୁଭବ କରି ନାହୁଁ ।

ତେବେ ଏ ବିଷୟରେ କେତେକ ସୂଚନା ଦିଆଯାଇପରେ – ଯଦି ଆମେ କହୁ ଯେ ସମସ୍ତ ଚେତନା ଏକ, ସମସ୍ତ ପୃଥିବୀ ହେଉଛି ଏକ, ଏବଂ ଏଥିରେ ଥିବା ସମସ୍ତ ପ୍ରେମ ହେଉଛି ସେହି ଏକ ଐଶ୍ୱରୀୟ ପ୍ରେମ । ଏଥିରେ ଥିବା ସମସ୍ତ ସୌନ୍ଦର୍ଯ୍ୟ ହେଉଛି ସେହି ଏକ ଐଶ୍ୱରୀୟ ସୌନ୍ଦର୍ଯ୍ୟ ଏବଂ ପୃଥିବୀର ସମସ୍ତ ପବିତ୍ରତା ହେଉଛି ଈଶ୍ୱରଙ୍କର ସେହି ଏକ ପବିତ୍ରତା । ଖ୍ରୀଷ୍ଟ ସେହି କଥା ପ୍ରକାଶ

କଲେ- ଯେତେବେଳେ ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଆସି ତାଙ୍କୁ କହିଲା, "ଉତ୍ତମ ଗୁରୁ ।" ସେ କହିଲେ, "ମୋତେ ଉତ୍ତମ ବୋଲି କହୁଛ କାହିଁକି ? କେବଳ ଜଣକ ବ୍ୟତୀତ ଆଉ କେହି ଉତ୍ତମ ନାହାନ୍ତି ଏବଂ ସେ ହେଉଛନ୍ତି ଈଶ୍ୱର ।" ପ୍ରତ୍ୟେକ ବ୍ୟକ୍ତିର ଭଲ ପଣିଆ ହେଉଛି ଈଶ୍ୱରଙ୍କ ଭଲ ପଣିଆ, ଯାହା ସେହି ବ୍ୟକ୍ତି ମଧ୍ୟ ଦେଇ ଫୁଟି ବାହାରୁଛି ଏବଂ ପୃଥିବୀର ସମସ୍ତ ସୌନ୍ଦର୍ଯ୍ୟ ଓ ମହିମା ଆମେ ଯେପରି ଦେଖୁ- ଏହି ଧରାରେ, ସାଗରରେ ଏବଂ ଆକାଶରେ, ତାହା ସେହି ଐଶ୍ୱରିକ ସୌନ୍ଦର୍ଯ୍ୟର ଅଂଶ ବ୍ୟତୀତ ଆଉ କିଛି ନୁହେଁ । ଆମେ ଯେତେବେଳେ ସ୍ତରରୁ ସ୍ତରକୁ ଗତି କରି ବିଭିନ୍ନ ଉପରସ୍ତରକୁ ଉଠୁ, ଆମେ ଅଧିକ ପରିମାଣରେ ଦେଖୁ ସେହି ସୌନ୍ଦର୍ଯ୍ୟ ଯାହା ଆମ ଆଗରେ ନିଜକୁ ଖୋଲି ରଖେ, ଯେ ପର୍ଯ୍ୟନ୍ତ ଆମେ ପ୍ରତ୍ୟେକ ସୁନ୍ଦର ଜିନିଷ ମଧ୍ୟରେ ସମସ୍ତ ସୌନ୍ଦର୍ଯ୍ୟକୁ ଦେଖିବା ପାଇଁ ନ ଶିଖିଛୁ । ଏ ସମସ୍ତ ହେଉଛି ଏକ ।

ଯେତେବେଳେ ତାହା ଶିକ୍ଷା କରାଯାଏ, ଈଶ୍ୱରଙ୍କ ମହିମା ଦେଖାଯାଏ ପ୍ରତ୍ୟେକ ଜିନିଷର ଏବଂ ପ୍ରତ୍ୟେକ ଜିନିଷ ମଧ୍ୟ ଦେଇ ଏବଂ ସେଥିରୁ ପ୍ରତ୍ୟେକଟି ଭିତରେ ମଧ୍ୟ ଜଣାଯାଏ ତାଙ୍କର ଅନନ୍ୟ ମହିମାଗୁଡ଼ିକ । ଫଳରେ ଯେତେବେଳେ ଏକ ପ୍ରାକୃତିକ ଦୃଶ୍ୟ ଆମ ଆଗରେ ଖୋଲିଯାଏ, ଆମେ ପ୍ରଶଂସା କରିବା କେବଳ ସେହି ଦୃଶ୍ୟକୁ ନୁହେଁ, ବରଂ ତାହା ଦ୍ୱାରା ସୂଚିତ ଅନ୍ୟ ସମସ୍ତଙ୍କୁ ସେହି ସମସ୍ତ ଅନନ୍ତ ସମଗ୍ର ସତ୍ତାକୁ ଯାହାଙ୍କର ଏକ କ୍ଷୁଦ୍ର ଅଂଶ ହେଉଛି ସେହି ଦୃଶ୍ର । ସେତେବେଳେ ଆମ ସକାଶେ ଜୀବନ ହେବ ଚମତ୍କାର ଭାବେ ସୁଖପ୍ରଦ ଏବଂ ପ୍ରେମମୟ । ସେହି ସୁଖ ଦେଇ ଆମେ ଅନୁଭବ କରିବା ଚିରନ୍ତନ ଆନନ୍ଦରୁ କିଛି ଏବଂ ସେହି ପ୍ରେମ ଜରିଆରେ ଅନୁଭବ କରିବା ଅନନ୍ତ ପ୍ରେମ ! କେବଳ ଏହି ଉପାୟରେ ବିଶେଷ ପ୍ରଗତି ହୋଇପାରେ ।

ଯେତେବେଳେ ଆମେ ବୁଝୁ ଯେ- ଆମେ ନିଜେ କିଛି ନୋହୁ, ବରଂ ଏକ ସାମଗ୍ରିକ ସତ୍ତା ଭିତରେ ଏକ ବିନ୍ଦୁ, ସେତେବେଳେ ଆମର ଚେତନା ଈଶ୍ୱରଙ୍କ ଚେତନା ସହିତ ମିଳିତ ହୋଇଯିବା ଅବସ୍ଥାକୁ ଆସେ । ଯାହା ଫଳରେ ଆମ ଜରିଆରେ ସେ ଦେଖି ପାରିବେ ଏ ସମସ୍ତ ସୌନ୍ଦର୍ଯ୍ୟ ଏବଂ ଆମେ, ଯେପରି ତାଙ୍କ ଭିତରେ ରହି, ଏହା ଦେଖି ପାରିବା ଏବଂ ଅନୁଭବ ମଧ୍ୟ କରିପାରିବା ।

**ବିବେକ ପ୍ରଥମ ପଦକ୍ଷେପ**

> **ସେମାନେ ସତ୍ ବଦଳରେ ଅସତ୍‌ର ଅନୁସରଣ କରୁଛନ୍ତି । ଯେ ପର୍ଯ୍ୟନ୍ତ ସେମାନେ ଏହି ଦୁଇଟିକୁ ବାଛିବା ଜାଣି ନାହାନ୍ତି, ସେ ପର୍ଯ୍ୟନ୍ତ ସେମାନେ ଈଶ୍ୱରଙ୍କ ପକ୍ଷକୁ ଆସିନାହାନ୍ତି । ସେହି ହେତୁ ବିବେକ ହେଉଛି ପ୍ରଥମ ପଦକ୍ଷେପ ।**
>
> **କିନ୍ତୁ ଯେତେବେଳେ ମନୋନୀତ କରାଯାଏ, ତୁମକୁ ମନେ ରଖିବାକୁ ହେବ ଯେ ସତ୍ ଏବଂ ଅସତ୍‌ର ବିଭିନ୍ନ କିସମ ରହିଛି । ତଥାପି ଠିକ୍ ଏବଂ ଭୁଲ୍, ଗୁରୁତ୍ୱପୂର୍ଣ୍ଣ ଏବଂ ଗୁରୁତ୍ୱହୀନ, ଉପଯୋଗୀ ଏବଂ ଅନୁପଯୋଗୀ, ସତ୍ୟ ଏବଂ ମିଥ୍ୟା, ସ୍ୱାର୍ଥପର ଏବଂ ନିଃସ୍ୱାର୍ଥପର ଭିତ୍ତିରେ ବାଛିବାକୁ ହୁଏ ।**

**ଲେଡ୍‌ବିଟର–** ସତ୍ ଏବଂ ଅସତ୍ ମଧ୍ୟରେ ଯେଉଁ ବିରାଟ ପାର୍ଥକ୍ୟ ରହିଛି, ସେଗୁଡ଼ିକ ହେଲା ତା’ର ଉପବିଭାଗ ଗୁଡ଼ିକ ଏବଂ ସେଗୁଡ଼ିକର ତାଲିକା ଦେଖାଇ ଦିଏ କିପରି ବାଛିବା କାର୍ଯ୍ୟ ଶାଖା ପ୍ରଶାଖା ହୋଇ ଜୀବନର କ୍ଷୁଦ୍ରତମ ଘଟଣା ପର୍ଯ୍ୟନ୍ତ ଆସିଥାଏ । ଯଦି ଆମେ ଏହି ଆଧ୍ୟାତ୍ମିକ ପଥରେ ଆଗେଇବା, ଛୋଟ ଛୋଟ ପ୍ରଶ୍ନ ସର୍ବଦା ଦେଖାଦେବ, ସେ ବିଷୟରେ ଆମକୁ ନିଷ୍ପତ୍ତି ନେବାକୁ ହେବ– ଏ ଦିଗରେ ହେଉ ବା ସେ ଦିଗରେ ହେଉ । ସୁତରାଂ ସବୁବେଳେ ଆମକୁ ବିଚାର କରିବା କଥାଟିକୁ ମନେ ରଖିବାକୁ ହେବ ଏବଂ ସର୍ବଦା ସତର୍କ ରହିବାକୁ ହେବ । ସବୁବେଳେ କାମ ମନ୍ଦ କରି ଚିନ୍ତା କରିବା କ୍ଳାନ୍ତି ଜନକ । ବହୁ ଉତ୍ତମ ବ୍ୟକ୍ତି ଏହା ଚେଷ୍ଟା କରି ହାଲିଆ ଯୋଇଯାନ୍ତି, ସର୍ବଦା ଏହି କଷ୍ଟ ସହ୍ୟ କରିବା ତାଙ୍କ ପକ୍ଷରେ ଅତ୍ୟଧିକ ହୋଇଯାଏ । ତାହା ଖୁବ୍ ସ୍ୱାଭାବିକ । କିନ୍ତୁ ଯେଉଁମାନେ ଛାଡ଼ି ଦିଅନ୍ତି, ସେମାନେ ସଫଳ ହୁଅନ୍ତି ନାହିଁ । ସୁତରାଂ ଯେତେ କ୍ଳାନ୍ତିକର ହେଉ ନା କାହିଁକି, ଆମକୁ ଥରକୁ ଥର ଚିନ୍ତା କରୁଥିବା ଜୀବନ ବିତାଇବାକୁ ହେବ ।

> **ଭଲ ଏବଂ ମନ୍ଦରେ ବାଛିବା କଷ୍ଟକର ହେବା କଥା ନୁହେଁ । କାରଣ ଯେଉଁମାନେ ଗୁରୁଙ୍କୁ ଅନୁସରଣ କରିବାକୁ ଇଚ୍ଛା କରନ୍ତି, ସେମାନେ ଯେତେ ଅସୁବିଧା ହେଲେ ମଧ୍ୟ ଭଲକୁ ନେବାକୁ ନିଷ୍ପତ୍ତି କରିସାରିଛନ୍ତି ।**

**ଆନିବେଶାନ୍ତ–** ଯଦି କେହି ଭଲ ଏବଂ ମନ୍ଦ ମଧ୍ୟରେ ଦୋ ଦୋ ପାଞ୍ଚ ହୁଅନ୍ତି, ତେବେ ସେ ପ୍ରକୃତରେ ଗୁରୁଙ୍କର ଅନୁସରଣ କରିବାକୁ ଚାହାନ୍ତି ନାହିଁ । ଯେଉଁମାନେ ଗୁରୁଙ୍କୁ ଅନୁସରଣ କରିବାକୁ ଚାହାନ୍ତି, ସେମାନଙ୍କୁ ସ୍ଥିର କରିନେବାକୁ ହେବ ସବୁ ଘଟଣାରେ, ଛୋଟ ହେଉ ବା ବଡ଼ ହେଉ ଏବଂ ଯାହା ଅସୁବିଧା ହେଉ ପଛକେ, ଭଲକୁ ଗ୍ରହଣ କରିବା ପାଇଁ । ପରିଣାମ ଯାହା ହେଉନା କାହିଁକି, ଯୋଗସୂତ୍ରରେ ସୂଚାଇ ଦିଆଯାଇଛି ଯେ 'ଯମ' ବୋଲି କୁହାଯାଉଥିବା ପାଞ୍ଚଟି ମହାନ୍ ସୁଗୁଣ ଭିତରେ ରହିଛି ଅହିଂସା, ସତ୍ୟ, ସାଧୁତା (ଆସ୍ତେୟ) ଏବଂ ଆଉ କେତୋଟି ସଦ୍‌ଗୁଣ, ଯେଉଁ ସବୁକୁ ଆଧ୍ୟାତ୍ମିକ ପଥର ପ୍ରାରମ୍ଭରେ ଆବଶ୍ୟକ ବୋଲି ଅନୁମୋଦନ କରାଯାଇଛି । ସେସବୁ ସର୍ବବ୍ୟାପକ ହୋଇଥିବାରୁ ସେଗୁଡ଼ିକୁ କୁହାଯାଇଥାଏ ମହାବ୍ରତ, ଅର୍ଥାତ୍ ସେଗୁଡ଼ିକୁ ପାଳନ କରାଯିବ ସମସ୍ତ ପରିସ୍ଥିତିରେ । ନିଜର ବା ଅନ୍ୟମାନଙ୍କର ଲାଭ ପାଇଁ ସେଥିରୁ ଗୋଟିଏ ବି' ଲଙ୍ଘନ କରିବା ଶିଷ୍ୟ ପକ୍ଷରେ ଉଚିତ ହେବ ନାହିଁ । ଯେଉଁ ବ୍ୟକ୍ତି ଏହି ଅବସ୍ଥାରେ ପହଞ୍ଚିଥିବେ, ସେ କେବେହେଲେ ଅସତ୍ୟ କହିବେ ନାହିଁ ବା ଅସତ୍ୟ ଆଚରଣ କରିବେ ନାହିଁ, ସେପରି କରିବା ଦ୍ୱାରା ଯେତେବଡ଼ ସୁବିଧା ସେ ପାଆନ୍ତୁ ନା କାହିଁକି । ଏହା କେବଳ ଟଙ୍କା ପଇସା ବ୍ୟାପାରରେ ନୁହେଁ, ସବୁ କଥାରେ । ଉଦାହରଣ ସ୍ୱରୂପ, ଯେତିକି ପ୍ରଶଂସା ସେ ନେବା କଥା, ତାହାଠାରୁ ସେ ଅଧିକ ନେବେ ନାହିଁ । ଆପଣଙ୍କୁ ନିଜକୁ ପଚାରିବାକୁ ହେବ, ଆପଣ ସର୍ବଦା ସହଜାତ ପ୍ରବୃତ୍ତି ଦ୍ୱାରା ଚାଳିତ ହୋଇ ସତ୍ୟକୁ ବାଛି ନିଅନ୍ତି କି ? କାରଣ ତାହା ନ କରିବା ପର୍ଯ୍ୟନ୍ତ ଆପଣ ପ୍ରଥମ ପ୍ରବେଶ ଦ୍ୱାରଠାରୁ ଦୂରରେ ଅଛନ୍ତି । ଏହି ବିଷୟରେ ଗୁରୁ ଆଉ ଅଧିକ କିଛି କହିବା ଉଚିତ ମନେ କରନ୍ତି ନାହିଁ । ଏହା ବେଶ୍ ସ୍ୱଷ୍ଟ, ବେଶ୍ ବୋଧଗମ୍ୟ ।

## ପୁରୁଣା ଅଭ୍ୟାସ ଛାଡ଼ିବାକୁ ହେବ

**ଲେଡ଼ବିଟର୍–** ଏହି ଚିନ୍ତା କେବଳ ଆଚରଣ ସମ୍ପର୍କରେ ନୁହେଁ । ବରଂ ଯେକୌଣସି ଗୋଟିଏ କାର୍ଯ୍ୟ କରିବାକୁ ହେଲେ ଯେତେ ଉଚିତ ଏବଂ ଅନୁଚିତ ପନ୍ଥା ରହିଛି, ସେ ସମ୍ପର୍କରେ ମଧ୍ୟ । ଯେ ଏହି ନିୟମ ଅନୁସରଣ କରିବାରେ କଠୋର ନୁହେଁ, ସେ ନିଜର ଅନ୍ତରରେ ପ୍ରକୃତରେ ସଫଳତା ଚାହେଁ ନାହିଁ । ଲୋକେ ଅନେକ ସମୟରେ କହନ୍ତି, "ମୋର ସୂକ୍ଷ୍ମଦୃଷ୍ଟି ଥାଆନ୍ତା କି ! ମୁଁ ଭାବଲୋକରେ ଦେଖିପାରୁଥାନ୍ତି, କେମିତି ଆରମ୍ଭ କରିବାକୁ ହେବ ଓ ପ୍ରଥମେ କ'ଣ କରିବାକୁ ହେବ ?" ପ୍ରଥମ ପଦକ୍ଷେପ ହେଉଛି ସମସ୍ତ ଶରୀରକୁ ଶୁଦ୍ଧ

କରିବା । ସ୍ଥୂଳ ଶରୀର ସର୍ବାଧିକ ଉପଯୁକ୍ତ ଖାଦ୍ୟ ବ୍ୟତୀତ ଅନ୍ୟ ଖାଦ୍ୟ ଯେପରି ଗ୍ରହଣ ନ କରେ, ସେଥିପାଇଁ ଯତ୍ନ ନେବାକୁ ପଡ଼ିବ ।

ଅନେକ ଚାହାନ୍ତି ଭାବ ଜଗତର ସୂକ୍ଷ୍ମ ଦୃଷ୍ଟି ଶକ୍ତି । କିନ୍ତୁ ଯେତେବେଳେ ଅସଲ ସମୟ ଆସେ, ସେତେବେଳେ ସେମାନେ ପସନ୍ଦ କରନ୍ତି ଭଲ ରାତ୍ରି ଭୋଜନଟିଏ । ସେମାନେ ଭାବନ୍ତି ଯେ ତାହା ସେମାନଙ୍କର ଅବଶ୍ୟ ଦରକାର; କାରଣ ସେମାନେ ଏଥିରେ ଅଭ୍ୟସ୍ତ ଏବଂ ସେତିକିବେଳେ ସେମାନେ ଭାବଜଗତ ଦେଖିବାର ସୂକ୍ଷ୍ମ ଦୃଷ୍ଟିଶକ୍ତି ପାଇଁ ନିଜର ଇଚ୍ଛାକୁ ଭୁଲିଯାଆନ୍ତି । ଅବଶ୍ୟ ଏହି ଭାବନା ଆସେ ଅଭ୍ୟାସ ଯୋଗୁଁ ଏବଂ ଆମେ ଯେତେବେଳେ ଶରୀରର ବିଚିତ୍ର ଗୁଣ ବିଷୟରେ ଜାଣୁ, ଆମେ ସେହି ପୁରାତନ ଏବଂ ଅନୁପଯୁକ୍ତ ଅଭ୍ୟାସକୁ ହ୍ରାସ କରିବାର କ୍ଲାନ୍ତିକର କାର୍ଯ୍ୟରେ ବିଶ୍ୱାସର ସହିତ ଅଗ୍ରଗତି କରିପାରିବା ଏବଂ ନୂତନ ଅଭ୍ୟାସ ଗଢ଼ିପାରିବା । ଉତ୍ସାହଜନକ ବିଷୟ ହେଉଛି ଯେ ଅଭ୍ୟାସ ତତ୍ତ୍ୱକୁ ଆମେ ଏହି କାର୍ଯ୍ୟରେ ଏକ କ୍ଷମତାଶାଳୀ ବନ୍ଧୁ କରିପାରିବା, ଯଦିଓ ପ୍ରାରମ୍ଭରେ ଏହା ଏକ ପ୍ରତିବନ୍ଧକ ହୋଇଥାଏ । କାରଣ ଥରେ ଆମେ ଭଲ ଅଭ୍ୟାସଗୁଡ଼ିକ ପ୍ରତିଷ୍ଠା କରିପାରିଲେ, ସେଗୁଡ଼ିକ ନିଜେ ନିଜେ କାମ କରି ଚାଲିବେ ଏବଂ ଆମେ ସେଗୁଡ଼ିକୁ ଭୁଲି ଯାଇ ଅନ୍ୟ ବିଷୟଗୁଡ଼ିକ ପ୍ରତି ଆମର ଦୃଷ୍ଟି ଦେଇପାରିବା ।

ଆଚରଣରେ ଉଚିତ ଏବଂ ଅନୁଚିତ ବାଛିବାର ପ୍ରଶ୍ନ ଉଠୁନାହିଁ । ଯେ କେହି ଏହି ବହି ପ୍ରତି ଆଗ୍ରହୀ ହେବା ସମ୍ଭବ । ଯେ ଗୁରୁଙ୍କ ପାଦ ନିକଟରେ ପହଞ୍ଚିବାକୁ ଚାହାନ୍ତି, ସେ କେବେହେଲେ ଉଚିତ ବିଷୟ ବାଛି ନେବାକୁ ଦ୍ୱିଧା ପ୍ରକାଶ କରିବେ ନାହିଁ । ଆମେ ଆଶା କରିବା ଯେ ଆମ ଭିତରୁ କେହି ହେଲେ ଆମରି ଭଳି ଏକ ପ୍ରାଣୀକୁ ଠକିବା ନାହିଁ । ସାମାନ୍ୟତମ ଅସତ୍ୟ ଆଚରଣ ସକାଶେ ଏପରିକି ଭଲ ମନେ ହେଉଥିବା କାର୍ଯ୍ୟ ପାଇଁ ବି ଦୋଷୀ ହେବା ନାହିଁ । ଆମେ ବୋଧହୁଏ କୌଣସି ଆପତ୍ତିଜନକ ପନ୍ଥାରେ ନିଜର ଜୀବିକା ଅର୍ଜନ କରୁନାହୁଁ । ଉଦାହରଣ ସ୍ୱରୂପ, ଜୀବହତ୍ୟା କରି କିମ୍ବା ଆମେ ସେମାନଙ୍କ ମଧ୍ୟରେ ନାହୁଁ ଯେଉଁମାନେ ପରିଧାନ ଓ ସାଜସଜ୍ଜା ନିମିତ୍ତ ଜୀବକୁ ହତ୍ୟା କରି ମିଳୁଥିବା ଜିନିଷ ବ୍ୟବହାର କରୁଛନ୍ତି । ଯେଉଁ ସବୁ ଲୋକେ ସେହି ପ୍ରକାର ପୋଷାକ ପିନ୍ଧନ୍ତି, ସେମାନେ ପ୍ରକୃତରେ ଗୁରୁଙ୍କର ଅନୁସରଣ କରିବାକୁ ଚାହାନ୍ତି ନାହିଁ । ସେମାନେ ପସନ୍ଦ କରନ୍ତି ଫେସନ୍‌ର ଅନୁସରଣ କରିବାକୁ ତ୍

■■■

## ଦ୍ୱିତୀୟ ଅଧ୍ୟାୟ

# ଶରୀରଗୁଡ଼ିକର ଜୀବନ

**କିନ୍ତୁ ଶରୀର ଏବଂ ମଣିଷ ହେଉଛନ୍ତି ଦୁଇଟି ଜିନିଷ ଏବଂ ମନୁଷ୍ୟର ଇଚ୍ଛା ସବୁବେଳେ ତାହା ହୋଇ ନ ଥାଏ ଯାହା ଶରୀର ଚାହେଁ । ଯେତେବେଳେ ତୁମର ଶରୀର କିଛି ଚାହେଁ, ସେତେବେଳେ ସ୍ଥିର ରହି ଚିନ୍ତା କର- ତୁମେ ତାହା ଚାହଁ କି ନା ।**

**ଆନି ବେସାନ୍ତ–** ଏଇଠି ଗୁରୁଦେବ ତାଙ୍କର ଶିଷ୍ୟଙ୍କୁ ନିଷ୍ପତ୍ତିମୂଳକ ଆଦେଶ ଦେଉଛନ୍ତି ଯେ ଯେତେବେଳେ ଶିଷ୍ୟଙ୍କର ଶରୀର କିଛି ଚାହେଁ, ସେ ସ୍ଥିର ରହି ଚିନ୍ତା କରିବେ ସେ ନିଜେ ପ୍ରକୃତରେ ତାହା ଚାହାନ୍ତି କି ନାହିଁ । ବହୁଲୋକେ ଦେଖିବେ ଯେ ପ୍ରତିଦିନ ଏବଂ ସାରା ଦିନ ଧରି କାର୍ଯ୍ୟ ବନ୍ଦ କରି ଚିନ୍ତା କରିବା ଅତିଶୟ କଷ୍ଟକର ଓ ବିରକ୍ତିଜନକ । ତେବେ ଏହି ସତ୍ୟଟିର ସମ୍ମୁଖୀନ ହେବାକୁ ପଡ଼ିବ ଯେ ଏହା ହେଉଛି ପ୍ରସ୍ତୁତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ମୁଁ ଜାଣେ ଏହା ଅତିଶୟ କଷ୍ଟକର ଏବଂ ସେହି ହେତୁ ବହୁ ଅଭୀପ୍ସୁ ଉଦ୍ୟମ କରିବାରେ କ୍ଳାନ୍ତ ହୋଇପଡ଼ନ୍ତି ।

ଯେଉଁମାନେ କ୍ଳାନ୍ତ ହୋଇପଡ଼ନ୍ତି ବୋଲି ଛାଡ଼ି ଦିଅନ୍ତି, ସେମାନେ ସଫଳ ହୁଅନ୍ତି ନାହିଁ । ବେଶ୍ ସେତିକି । ଏହା କରିବା ସକାଶେ ବିରାଟ ଓ ଦୀର୍ଘକାଳ ବ୍ୟାପୀ ଉଦ୍ୟମ ଦରକାର । ଏହାର ସମଗ୍ର ଅର୍ଥ ହେଉଛି ସଂଯତ ଜୀବନ, ଯେଉଁଥିରେ କୌଣସି ତରତରିଆ କାର୍ଯ୍ୟ, ତରତରିଆ ବଚନ ଏପରିକି ତରତରିଆ ଚିନ୍ତା ରହିବ ନାହିଁ । କିନ୍ତୁ ଶିଷ୍ୟଙ୍କର ଶାରୀରିକ, ଆବେଗିକ ଏବଂ ମାନସିକ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ସଂଯତ ହେବା ଆବଶ୍ୟକ ।

**ଲେଡ୍‌ବିଟର୍–** ଯଦି ଏହି ପ୍ରଗତି ବିଷୟରେ ମନୁଷ୍ୟ ପ୍ରକୃତରେ ତା'ର ସର୍ବୋତ୍ତମ କାର୍ଯ୍ୟ କରିବାକୁ ଚାହେଁ, ତେବେ ଯତ୍ନର ସହିତ ତା'ର ବିଭିନ୍ନ ଶରୀରକୁ

ଅନୁଧ୍ୟାନ କରି ସେଗୁଡ଼ିକ ଠିକ୍ କି ପ୍ରକାର, ତାହା ଦେଖିବାକୁ ହେବ । ଏଠାରେ ବେଶ୍ ସ୍ପଷ୍ଟ ଭାବେ କୁହାଯାଇଛି ଯେ ସ୍ଥୂଳ ଶରୀର କେତେକ ବିଷୟ ଚାହେଁ, ଯାହା ମନୁଷ୍ୟ ଚାହେଁ ନାହିଁ ଏବଂ ଏହା କାମନା ଶରୀର ଏବଂ ମାନସ ଶରୀର କ୍ଷେତ୍ରରେ ମଧ୍ୟ ଏକାପ୍ରକାରେ ସତ୍ୟ । ଯଦି ଏହି ଶରୀରଗୁଡ଼ିକର ଗଠନ ବୁଝାଯାଏ, ତେବେ ଜଣେ ଦେଖିପାରିବ ଯେ ସେମାନେ ଯାହା ଚାହିଁବେ, ତାହା ମନୁଷ୍ୟ ପକ୍ଷରେ ଅବାଞ୍ଛନୀୟ । ଆମେ ସେମାନଙ୍କ ବିଷୟରେ କହୁଛୁ, ସତେ ଯେପରି ସେମାନେ ହେଉଛନ୍ତି ଅଲଗା ଅଲଗା ବ୍ୟକ୍ତି ଏବଂ ଗୋଟିଏ ଦୃଷ୍ଟିରୁ ସେମାନେ ସେଇଆ । ଏହି ଶରୀରମାନଙ୍କ ମଧ୍ୟରୁ ପ୍ରତ୍ୟେକଟି ଜୀବନ୍ତ ପଦାର୍ଥ ନେଇ ଗଠିତ । ସେ ସବୁ ଭିତରେ ଥିବା ଜୀବନ ଏକତ୍ର ଯୁକ୍ତ ହୁଏ ଏବଂ ଏକ ପ୍ରକାର ରୌଥ ଚେତନା ଲାଭ କରେ ।

## ଉପାଦାନିକର ଭୂମିକା

କାମନା ଶରୀରରେ ତାହା ଗଠନ କଲେ ଆମେ ଯାହାକୁ ବେଳେ ବେଳେ କହିଥାଉ କାମ ଉପାଦାନିକ ବୋଲି । ଯାହା ବ୍ୟାବହାରିକ ଦୃଷ୍ଟିରୁ ଏକ ସତ୍ତା, ଯାହା ସେହି ଶରୀରକୁ ଗଠନ କରୁଥିବା ସମସ୍ତ କାମନା ଜୀବକୋଷର ମିଳିତ ଜୀବନ ଶକ୍ତିକୁ ନେଇ ଗଠିତ । ପ୍ରତ୍ୟେକଟି ଜୀବକୋଷ ହେଉଛି କ୍ଷୁଦ୍ର, କେବଳ ଆଂଶିକଭାବେ ସଚେତନ; ଜୀବନ ଆଗକୁ ଯିବା ପାଇଁ– ବରଂ ତଳ ଆଡ଼କୁ ଖସିବା ପାଇଁ ସଂଘର୍ଷରତ, କାରଣ ଏହାର କ୍ରମବିକାଶ ହୁଏ ନିମ୍ନମୁଖୀ ହୋଇ ଖଣିଜ ଜଗତରେ ପ୍ରବେଶ କରିବା ଦ୍ୱାରା । ଯେତେବେଳେ ଏହି ଜୀବନ ସବୁ କାମନା ଶରୀରରେ ଏକତ୍ର ଯୁକ୍ତ ହୁଅନ୍ତି, ସେମାନେ ବ୍ୟାବହାରିକ କ୍ଷେତ୍ରରେ କେତେକ ପରିମାଣରେ ଏକତ୍ର ମିଶି କାର୍ଯ୍ୟ କରନ୍ତି । ସତେ ଯେପରି ସେମାନେ ହେଉଛନ୍ତି ଏକ । ଆପଣ ତାହା ଫଳରେ ଗୋଟିଏ କାମନା ଶରୀର ପାଆନ୍ତି, ଯେଉଁ ଶରୀରର ନିଜର ଏକ ବଳିଷ୍ଠ ସହଜାତ ପ୍ରବୃତ୍ତି ରହିଛି । ବସ୍ତୁତଃ ତାହା ଏତେ ବଳିଷ୍ଠ ଯେ ଆପଣ ପ୍ରାୟ କହିପାରିବେ ଯେ ଏହାର ନିଜର ଇଚ୍ଛା ରହିଛି । ଏହାର ବିବର୍ତ୍ତନ ପନ୍ଥା ହେଉଛି ଅଧିକ ସବଳ ଏବଂ ନିକୃଷ୍ଟ ସ୍ପନ୍ଦନ ପାଇବା । ଯାହା ସେହି ସବୁ ଅନୁଭବ ଓ ଆବେଗ ସହ ସଂପୃକ୍ତ ଯାହା ଆମେ ବିକଶିତ କରିବାକୁ ଚାହୁଁ ନାହୁଁ– ଉଦାହରଣ ସ୍ୱରୂପ ଈର୍ଷା, ଅସୂୟା ଓ ସ୍ୱାର୍ଥପରତା । ସେଥିପାଇଁ ଏହାର ସ୍ୱାର୍ଥ ଅନେକ ସମୟରେ ଆମ ସ୍ୱାର୍ଥର ବିରୋଧୀ। ତେବେ ଅଧିକ ସୂକ୍ଷ୍ମ, ଅଧିକ ଦ୍ରୁତ ଏବଂ ପ୍ରକୃତରେ ବଳଶାଳୀ ପ୍ରେମ, ସହାନୁଭୂତି ଓ ଭକ୍ତିର ସ୍ପନ୍ଦନଗୁଡ଼ିକ– ଏ ସମସ୍ତ କାମନା ଶରୀରର ଏକ ଉଚ୍ଚତର ଅଂଶର । ଫଳରେ ସେଗୁଡ଼ିକ ଏପରି ଏକ ଧରଣର ଯାହା ଶରୀର ନିଜେ ଚାହେଁ ନାହିଁ,

କିନ୍ତୁ ଆମେ ଚାହୁଁ । ଅସଂଯତ ଜୀବନର ଲୋକ, ଯେଉଁମାନେ ତାଙ୍କ କହିବା ଅନୁଯାୟୀ ସ୍ୱାଧୀନ ହେବାକୁ ଚାହାନ୍ତି, ତାଙ୍କ ଇଚ୍ଛା ଅନୁଯାୟୀ କହିବାକୁ, କରିବାକୁ ଚାହାନ୍ତି, ସେମାନେ ପ୍ରକୃତରେ ହେଉଛନ୍ତି ସେମାନଙ୍କ କାମନା ଶରୀରର ଦାସ । ଆମେ ଏଥିପାଇଁ କାମନା ଶରୀରକୁ ନିନ୍ଦା କରିବା ଅନୁଚିତ । କିମ୍ବା ମଧ୍ୟ ଯୁଗର ଖ୍ରୀଷ୍ଟିଆନ୍‌ମାନଙ୍କ ପରି ଏହାକୁ ପ୍ରଲୋଭନକାରୀ ରାକ୍ଷସ ବୋଲି କହିବା ଅନୁଚିତ । ଏହା ଆତ୍ମମାନଙ୍କ ବିଷୟରେ ବା ଆମର ସ୍ଥିତି ବିଷୟରେ କିଛି ଜାଣେ ନାହିଁ । ଏହା ଆଦୌ ଆମକୁ ପ୍ରଲୋଭିତ କରୁନାହିଁ– ଏହା କେବଳ ଚେଷ୍ଟା କରୁଛି ନିଜକୁ ଅଭିବ୍ୟକ୍ତ କରିବା ପାଇଁ ନିଜ ପନ୍ଥାରେ କ୍ରମଶଃ ବିକଶିତ ହେବାପାଇଁ, ଯେପରି ଅନ୍ୟ ପ୍ରାଣୀମାନେ କ୍ରମଶଃ ବିକଶିତ ହେଉଛନ୍ତି ।

ଲୋକେ ସମୟେ ସମୟେ ପ୍ରଶ୍ନ କରନ୍ତି, "ଆମେ ଉପାଦାନିକକୁ କ୍ରମ ବିକଶିତ ହେବାକୁ ସୁଯୋଗ ଦେବା ଉଚିତ ହେବ ନାହିଁ କି ? ତାକୁ ତାହାର ନିମ୍ନ ଧରଣର ସ୍ପନ୍ଦନ ପାଇବାକୁ ସୁବିଧା ଦେବା ଉଚିତ ହେବ ନାହିଁ କି ?" – ନା, ଏହା ହେଉଛି ଭ୍ରାନ୍ତ ଦାନ କ୍ରିୟା ଏବଂ କୌଣସିମତେ ତାହା ପୂର୍ଣ୍ଣ ଭାବେ କରିହେବ ନାହିଁ । ନିମ୍ନତର ପଦାର୍ଥ ସହିତ ଆମର ସର୍ବାଧିକ ସଦୟ କାର୍ଯ୍ୟ ହେବ ସେଗୁଡ଼ିକୁ ଝାଡ଼ି ଫୋପାଡ଼ି ଦେବା । ଏହି ପଦାର୍ଥ ଆମର କାମନା ଶରୀରରେ ରହିଛି । କାରଣ କେତେକ ପୂର୍ବ ଜନ୍ମରେ ଆମେ ନିମ୍ନତର ଆବେଗଗୁଡ଼ିକୁ ଆମ ଭିତରେ ପ୍ରବଳ କ୍ରିୟାଶୀଳ ହେବାକୁ ସୁବିଧା ଦେଇଛୁ ।

କାମ ଉପାଦାନିକ ନିଜ ଉପାୟରେ ବେଶ୍ ଧୂର୍ତ୍ତ । ଆମେ ତା'ରି ସ୍ଥାନରେ ନିଜକୁ ଠିକ୍ ରଖି ପାରିବୁ ନାହିଁ କି ଏତେ ନିମ୍ନସ୍ତରରେ ଚେତନାକୁ ବୁଝିପାରିବୁ ନାହିଁ । କିନ୍ତୁ ସ୍ପଷ୍ଟତଃ ଏହା ଅନୁଭବ କରିହୁଏ ଯେ ଏହାର ଚାରିପାଖେ ଘେରି ରହିଛି ଏହାଠାରୁ ସୂକ୍ଷ୍ମତର କିଛି ଜିନିଷ– ମାନସ ପଦାର୍ଥ ଏବଂ ଏହା ପରୀକ୍ଷା କରି ଦେଖିଲେ ମନେ ହୁଏ ଯେ ଯଦି ଏହା ସେହି ମାନସ ପଦାର୍ଥକୁ ନିଜ ପଦାର୍ଥ ସହିତ ସ୍ପନ୍ଦିତ କରାଇ ଦିଏ, ତେବେ ଏହା ଅଧିକ ତୀବ୍ର ସ୍ପନ୍ଦନ ପାଇ ପାରୁଛି ଏବଂ ଅଧିକ ପରିମାଣରେ ମଧ୍ୟ ପାଇପାରୁଛି । ଯଦି ଏହା ମଣିଷ ମଧ୍ୟରେ ଭାବନା ଆଣିପାରେ ଯେ ଯାହା ଏହି ଶରୀର ଚାହେଁ ତାହା ସେ ଚାହୁଁଛି, ତେବେ ଏହି ଶରୀର ତାହା ପାଇପାରିବା ଖୁବ୍ ଅଧିକ ସମ୍ଭବପର ହେବ । ତେଣୁ ଏହା ସେହି ସୂକ୍ଷ୍ମତର ପଦାର୍ଥକୁ ଚହଲାଇ ଦେବାକୁ ଚେଷ୍ଟା କରେ ।

ଉଦାହରଣ ସ୍ୱରୂପ, ଯଦି ଏହି ପ୍ରକାରେ ଏହା ଏକ କୁତ୍ସିତ ଚିନ୍ତା ପୂରାଇ ଦେଇପାରେ, ଏହାକୁ ଭଲ ଲାଗୁଥିବା କୁତ୍ସିତ ଆବେଗ ଏହା ପାଇପାରିବ, କିମ୍ବା

ଯଦି ଏହା ଏକ ଈର୍ଷାପର ଚିନ୍ତା ଜାଗ୍ରତ କରାଇପାରେ, ତେବେ ଶୀଘ୍ର ଈର୍ଷାର ଏକ ପ୍ରଚଣ୍ଡ ଆବେଗ ଦେଖାଦେବ– ଯାହା ଏହି ଶରୀର ଚାହେଁ । ଅବଶ୍ୟ ଏହା ମନ୍ଦ ବୋଲି ନୁହେଁ । କାରଣ ଏହି ଶରୀର ପାଇଁ ତାହା ଏକ ବଳିଷ୍ଠ ନିମ୍ନତର ସ୍ପନ୍ଦନ ବ୍ୟତୀତ କିଛି ନୁହେଁ– ଯେଉଁ ସ୍ପନ୍ଦନ ଏହାକୁ ଭଲ ଲାଗେ । ଏହି ପ୍ରକାରେ ସେହି ଉପାଦାନିକ ଅନେକ ସମୟରେ ମନୁଷ୍ୟକୁ ବଳି ଯାଏ, ଯଦିଓ କ୍ରମବିକାଶ ସୋପାନରେ ଏହା ଖୁବ୍ ତଳେ ।

ଯେତେବେଳେ ଆପଣ ଭାବି ବସିବେ, ଆପଣ ବରଂ ଲଜ୍ଜିତ ହେବେ ଏହା ବୁଝିପାରି ଯେ ଯାହା ଏ ପର୍ଯ୍ୟନ୍ତ ଖଣିଜ ଦ୍ରବ୍ୟରେ ପରିଣତ ହୋଇନାହିଁ ସେହି ପ୍ରକାର ଜିନିଷ ଦ୍ୱାରା ଆପଣ ପରାସ୍ତ ହୋଇ ତା'ର ହାତବାରିସି ଭାବେ ବ୍ୟବହୃତ ହେଉଛନ୍ତି। ଆମକୁ ଏହାର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ କାମନା ଶରୀରର ଇଚ୍ଛା ବିରୋଧରେ ତାକୁ ବିଶୁଦ୍ଧ କରିବାକୁ ହେବ । ସେଥିପାଇଁ ଅତୀତରୁ ଆମର ଯେଉଁସବୁ ଖରାପ ଅଭ୍ୟାସ ରହିଛି, ତାକୁ ବଦଳାଇ ତା'ରି ଜାଗାରେ ଉତ୍ତମ ଆବେଗ ଭର୍ତ୍ତି କରିବାକୁ ହେବ ଆମର ଭବିଷ୍ୟତ ପାଇଁ ।

ମାନସିକ ଉପାଦାନିକ ଏବଂ ସ୍ଥୂଳ ଉପାଦାନିକ ମଧ୍ୟ ରହିଛି । ସ୍ଥୂଳ ଉପାଦାନିକ ଶରୀରର ତନ୍ତୁଗୁଡ଼ିକ ଗଠନ କରିବାରେ ଏବଂ ସାଧାରଣତଃ ଶରୀରର ଯତ୍ନ ନେବାରେ ଲାଗିଥାଏ । ଯଦି କେଉଁଠାରେ ଆଞ୍ଚୁଡ଼ି ହୋଇଯାଏ, କଟି ଯାଏ କିମ୍ବା ଘଷଆ ହୁଏ ଏହି ସ୍ଥୂଳ ଉପାଦାନିକ ସଙ୍ଗେ ସଙ୍ଗେ ଶ୍ୱେତ ରକ୍ତକଣିକାଗୁଡ଼ିକୁ ନେଇ ସେହି ସ୍ଥାନରେ ପହଞ୍ଚାଇ ଦିଏ– ନୂତନ ଜୀବକୋଷଗୁଡ଼ିକୁ ଗଢ଼ିବା ପାଇଁ ଚେଷ୍ଟା କରିବା ସକାଶେ । ସ୍ଥୂଳ ଶରୀରରେ ଏହି ଉପାଦାନିକର କାର୍ଯ୍ୟ ସମ୍ପର୍କରେ ବହୁତ କିଛି ରହିଛି ଯାହା ଆକର୍ଷଣୀୟ । ଏହାର କେତେକ କାର୍ଯ୍ୟକଳାପ ଆମପାଇଁ ଅତିଶୟ ଉପଯୋଗୀ, କିନ୍ତୁ ତତ୍‌ସହିତ ଏହାର କେତେକ ଆବେଗ ପାଇଁ ଭଲ ନୁହେଁ ।

> **କାରଣ ତୁମେ ହେଉଛ ଈଶ୍ୱର ଏବଂ ତୁମେ ଇଚ୍ଛା କରିବ, ଯାହା ଈଶ୍ୱର ଇଚ୍ଛା କରନ୍ତି । କିନ୍ତୁ ତୁମକୁ ନିଜ ଅନ୍ତରର ଗଭୀର ତଳକୁ ଯାଇ ତୁମ ଭିତରେ ଥିବା ଈଶ୍ୱରଙ୍କୁ ଦେଖିବାକୁ ହେବ ଏବଂ ଶୁଣିବାକୁ ହେବ ତାଙ୍କର ବାଣୀ, ଯାହା ହେଉଛି ତୁମର ବାଣୀ।**

## କୂପ ଭିତରୁ ତାରା ଦର୍ଶନ

**ଲେଡ୍‌ବିଟର–** ସେହି ଏକ ଆତ୍ମା ସହିତ ଆମର ଏକତ୍ୱର ଧାରଣାକୁ ହୃଦୟଙ୍ଗମ କରିବା କଷ୍ଟକର । ମୁଁ ଆପଣଙ୍କୁ କହିବି ଏହି ଧାରଣା କିପରି ମୋ

ପାଖକୁ ନିଶ୍ଚିତ ଭାବେ ଆସିଥିଲା । ଯଦିଓ ଏହା ଯେଉଁ ପ୍ରଣାଳୀରେ ଆସିଥିଲା, ତାହା ମୁଁ ଅନ୍ୟମାନଙ୍କ ପାଇଁ ସୁପାରିଶ କରିପାରିବି ନାହିଁ । ବିଭିନ୍ନ ସ୍ତରରେ ଥିବା ଆଣବିକ ଉପସ୍ତରଗୁଡ଼ିକ ମଝିରେ ଅଳ୍ପ ଦୂରତ୍ୱର ସିଧାସଳଖ ପଥକୁ କେତେଦୂର ଉପଯୋଗ କରାଯାଇପାରିବ ତାହା ଆବିଷ୍କାର କରିବାପାଇଁ ମୁଁ ସେତେବେଳେ ମାନସିକ ସ୍ତରର ଆଣବିକ ଅଂଶରେ ମୋର ସମସ୍ତ କ୍ଷମତା କେନ୍ଦ୍ରୀଭୂତ କରୁଥିଲି ।

ବିଭିନ୍ନ ସ୍ତର ମଧ୍ୟଦେଇ ଉଠିବାକୁ ଚେଷ୍ଟା କରି ମଣିଷ ସ୍ଥୂଳ ସ୍ତରରେ ଗୋଟିଏ ପରେ ଗୋଟିଏ ଉପସ୍ତର ଅତିକ୍ରମ କରି ଆଣବିକ ଉପସ୍ତରରେ ପହଞ୍ଚିବ । ସେଥିରୁ ଯିବ କାମନା ସ୍ତରର ନିମ୍ନତମ ଉପସ୍ତରକୁ ଏବଂ ତା'ପରେ କ୍ରମେ ଯାଇ ପହଞ୍ଚିବ କାମନା ସ୍ତରର ଆଣବିକ ଉପସ୍ତରରେ, ତା'ପରେ ମାନସ ସ୍ତରର ନିମ୍ନତମ ଉପସ୍ତରରେ । କ୍ରମଶଃ ଏହିପରି ସେ ଆଗେଇ ଯାଇପାରିବ କିମ୍ବା ମଣିଷ ଆଣବିକ ସ୍ଥୂଳ ସ୍ତରରୁ ଅଳ୍ପ ଦୂରତ୍ୱର ସଳଖ ବାଟ ଦେଇ ଉଠିପାରିବ ଆଣବିକ କାମନା ଉପରସ୍ତକୁ ଏବଂ ସେଠାରୁ ଆଣବିକ ମାନସ ଉପସ୍ତରକୁ । ଏହା ବିଜ୍ଞାନର ସ୍ଥୂଳ ଅଣୁ ବୋଲି ଭାବିବା ଭୁଲ୍ ହେବ । ଏହା ହେଉଛି ଅନ୍ତିମ ଅଣୁ ।

ଉଚ୍ଚତର ଶିଷ୍ୟମାନଙ୍କଠାରୁ ମୁଁ ଶୁଣିଥିଲି ଯେ ତା' ସହିତ ସମକୋଣ କରି ଆଉ ଏକପ୍ରକାର ସିଧା ରାସ୍ତା ମଧ୍ୟ ଅଛି । ସେମାନେ କହିଥିଲେ ଯେ ଯଦି ଜଣକର ଚେତନା ଆମର ଏକ ଆଣବିକ ଉପସ୍ତରରେ କେନ୍ଦ୍ରିତ ହୁଏ, ତାହାହେଲେ ରାସ୍ତା ମିଳିଯିବ ଅନୁରୂପ ମହାକାଶିକ ସ୍ତରକୁ । ସୁତରାଂ ଜଣେ ନିଜକୁ ପୂରାପୂରି ଆଣବିକ ମାନସ ସ୍ତରରେ କେନ୍ଦ୍ରିତ କରି, ସମ୍ପୂର୍ଣ୍ଣ ଭାବେ କେତେକ ନୂତନ ସ୍ତରର (ଅର୍ଥାତ୍ ମହାକାଶିକ ମାନସ ସ୍ତରର) ମାନସିକ ବିଭାଗର ସଂସ୍ପର୍ଶରେ ଆସିବା ସମ୍ଭବ ହେବ । ଆମେ ଯେଉଁ ସବୁ ଭଲ କଥା ଜାଣୁ, ଏହା ସେହି ସବୁ ସ୍ତରର ସମ୍ପୂର୍ଣ୍ଣ ଉର୍ଦ୍ଧ୍ୱରେ ।

ଅବଶ୍ୟ ମୋର ଆଶା ନ ଥିଲା ଯେ ସେଭଳି ଏକ ସ୍ତରରେ ମୁଁ ପହଞ୍ଚିପାରିବି- ତେବେ ଯୋଗାଯୋଗ କରିବାର ସମ୍ଭାବନା ଥିଲା । ମୁଁ ଚେଷ୍ଟା କଲି ଏବଂ ମନେହେଲା ଯେ ମୁଁ ଦେଖିପାରୁଛି ମହାକାଶିକ ମାନସସ୍ତରର ଅନୁରୂପ ଉପସ୍ତର– ଅବଶ୍ୟ ତାହା ବର୍ଣ୍ଣନା କରିପାରିବି ନାହିଁ । ଆମେ ଯେଉଁଠି ଅଛୁ, ତାହା ସେହିଠାରୁ ସମ୍ପୂର୍ଣ୍ଣ ଦୁଇଟି ସ୍ତରର ଉର୍ଦ୍ଧ୍ୱରେ । ମୁଁ ପ୍ରକୃତରେ କୌଣସି ପ୍ରକାରେ ସେଇଠି ପହଞ୍ଚି ପାରି ନ ଥାନ୍ତି । ଜଣେ ସିଦ୍ଧପୁରୁଷ ଯେ ତାହା କରିପାରିବେ, ମୁଁ ଭାବିପାରୁନାହିଁ । କିନ୍ତୁ ମୁଁ ତାହା ଦେଖିପାରିଲି । ସତେ ଯେପରି ମୁଁ ରହିଛି ଗୋଟାଏ କୂଅର ସବାତଳେ ଏବଂ ଦେଖୁଛି ଗୋଟିଏ ତାରାକୁ । ତେବେ ମୁଁ ସେହି ଉଚ୍ଚତର ଚେତନାକୁ ଲକ୍ଷ୍ୟ କରିପାରିଲି । ସେତେବେଳେ ମୋର ମନକୁ

ଯେଉଁ ଗୋଟିଏ ଭାବନା ଆସିଥିଲା ତୀବ୍ର ଭାବରେ ଆସିଥିଲା, ତାହା ବର୍ଣ୍ଣନା କରିପାରୁନାହିଁ । ତାହା ହେଉଛି ଆଗରୁ ମୁଁ ଭାବୁଥିଲି ଯେ ମୋର ଗୋଟିଏ ଇଚ୍ଛାଶକ୍ତି ଥିଲା, ଗୋଟିଏ ବୁଦ୍ଧି ଥିଲା, ମୋର ଭାବାବେଗ ଥିଲା– ସେଗୁଡ଼ିକ ମୋର ନଥିଲା, ସେଗୁଡ଼ିକ ଥିଲା ଈଶ୍ୱରଙ୍କର । ତାହା ଥିଲା ଈଶ୍ୱରଙ୍କର ଇଚ୍ଛା, ତାଙ୍କରି ଭାବାବେଗ, ମୋର ଆଦୌ ନୁହେଁ । ସେହି ଅନୁଭୂତି ମୁଁ କେବେହେଲେ ଭୁଲିନାହିଁ । ତାହା ମୋ ମନ ଭିତରେ ସେହି ତଥ୍ୟକୁ ଆଙ୍କି ଦେଇଗଲା- ଏପରି ଦୃଢ଼ ଭାବରେ ଯେ ମୁଁ ବର୍ଣ୍ଣନା କରିପାରିବି ନାହିଁ ।

ଈଶ୍ୱର ଯେ ଆମ ଭିତରେ ଅଛନ୍ତି, ଏହି ନିଶ୍ଚିତତା ବୌଦ୍ଧିକ ଚେତନା ଜରିଆରେ ମଧ୍ୟ ଲାଭ କରି ହେବ । ତାହା ମୁଁ ଆଗରୁ ବୁଝାଇଛି । ଆମେ ଯେତେବେଳେ ତାହା ପାଉ, ଆମେ ଦେଖୁ ଯେ ଆମ ଚାରିଆଡ଼େ ଖୋଲା ରହିଛି ଏକ ଚେତନାର ସମୁଦ୍ର ଏବଂ ଆମେ ଜାଣୁ ଯେ ଆମେ ତା'ର ଏକ ଅଂଶ ଏବଂ ତଥାପି ସେହି ଏକ ସଙ୍ଗରେ ବହୁ ଲୋକେ ସେଥିରେ ରହିଛନ୍ତି ଏବଂ ଆମ ସହିତ ସେଥିରେ ଭାଗ ନିଅନ୍ତି ଏବଂ ଶୀଘ୍ର ସେହି ଭାବନା ସହିତ ଆମେ ହୃଦୟଙ୍ଗମ କରୁ ଯେ ଏହି ସବୁ ସେହି ଏକ ଚେତନା ଯାହା ଆମକୁ ଏବଂ ଅନ୍ୟମାନଙ୍କୁ ଭେଦ କରି ରହିଛି ଏବଂ ଆମେ ସମସ୍ତେ ଈଶ୍ୱର । ସେହି ଅନୁଭବ ମନୁଷ୍ୟଖଉ ଦିଏ ସର୍ବାଧିକ ନିରାପତ୍ତା ଏବଂ ଆତ୍ମବିଶ୍ୱାସର ଭାବ, ସର୍ବାଧିକ ଶକ୍ତିଶାଳୀ ଆବେଗ ଏବଂ ପ୍ରେରଣା– ଯାହା ଜଣେ ଚିନ୍ତା କରିବା ସମ୍ଭବ ।

ତଥାପି ମୁଁ ବେଶ୍ କଳ୍ପନା କରିପାରୁଛି ଯେ ପ୍ରଥମେ ଏହା ଲୋକଙ୍କୁ ଭୟଭୀତ କରିପାରେ, କାରଣ ସେମାନେ ଅନୁଭବ କରିପାରନ୍ତି ଯେ ସେମାନେ ନିଜକୁ ହରାଇ ବସୁଛନ୍ତି। । ଅବଶ୍ୟ ତାହା ଠିକ୍ ନୁହେଁ । କିନ୍ତୁ ମନେ ପକାନ୍ତୁ, ଖ୍ରୀଷ୍ଟ କ'ଣ କହିଥିଲେ । "ଯେ ମୋ ପାଇଁ ନିଜର ଜୀବନ ହରାଇଛନ୍ତି, ସେ ତାହା ଅବଶ୍ୟ ପାଇବେ । ଖ୍ରୀଷ୍ଟ ହେଉଛନ୍ତି ବୌଦ୍ଧିକ ତତ୍ତ୍ୱର ପ୍ରତିନିଧି ଏବଂ ସେ କହିଛନ୍ତି; "ଯେ ମୋ ସକାଶେ ଅର୍ଥାତ୍ ନିଜ ଭିତରେ ଖ୍ରୀଷ୍ଟତ୍ତ୍ୱର ବିକାଶ ପାଇଁ ଶରୀରକୁ ଆଡ଼େଇ ଦିଅନ୍ତି ଯେଉଁଥିରେ ସେ ଏତେ କାଳ ପର୍ଯ୍ୟନ୍ତ ରହି ଆସିଥିଲେ, ସେ ନିଜେ ମହତ୍ତର ଓ ଉଚ୍ଚତର ଜୀବନ ପାଇବେ ।" ସେଥିପାଇଁ କିଛି ସାହସ ଦରକାର ଏବଂ ପ୍ରଥମଥର ପାଇଁ ଏକ ଚମକିବା ଭଳି ଅନୁଭୂତି ହୁଏ । ସେତେବେଳେ ଜଣେ ପୂରାପୂରି ବୌଦ୍ଧିକ ଶରୀରରେ ରହି ଦେଖେ ଯେ ତା'ର କାରଣ ଶରୀର, ଯାହା ଉପରେ ସେ ହଜାର ହଜାର ବର୍ଷ ଧରି ନିର୍ଭର କରି ଆସିଛି, ତାହା ଉଭେଇ ଯାଇଛି ।

ମୁଁ ଯେଉଁସବୁ ଅନୁଭୂତି ବର୍ଣ୍ଣନା କଲି, ସେଗୁଡ଼ିକରୁ ଯଦି ଜଣେ ଗୋଟିଏ ନା ଗୋଟିଏ ଅନୁଭୂତି ଲାଭ କରିବ, ତେବେ ସେ ସମ୍ପୂର୍ଣ୍ଣ ନିଶ୍ଚିତ ଭାବରେ ଜାଣିବ ଯେ ଆତ୍ମା ହେଉଛି ଏକ । ତାହା କହିହେବ ନାହିଁ, କିନ୍ତୁ ଜଣାଯିବ ଯେତେବେଳେ ତାହା ଅନୁଭୂତ ହେବ ଏବଂ କେବେହେଲେ କୌଣସି ବିଷୟ ସେହି ନିଶ୍ଚିତତାକୁ ବିଚଳିତ କରିବ ନାହିଁ ।

**ମନୁଷ୍ୟ ହେଉଛି ଆତ୍ମା, ଶରୀର ନୁହେଁ**

> **ନିଜର ଶରୀରଗୁଡ଼ିକୁ ନିଜେ ବୋଲି ଭାବିବାର ଭୁଲ୍ କର ନାହିଁ– ସ୍ଥୂଳ ଶରୀର ନୁହେଁ, କି କାମନା ଶରୀର ବା ମାନସ ଶରୀର ମଧ୍ୟ ନୁହେଁ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଆତ୍ମା ବୋଲି ଛଳନା କରିବେ- ଯାହା ଚାହୁଁଛନ୍ତି ତାହା ପାଇବା ପାଇଁ । କିନ୍ତୁ ତୁମେ ସେ ସମସ୍ତଙ୍କୁ ଜାଣିବାକୁ ହେବ ଏବଂ ତୁମେ ନିଜେ ସେମାନଙ୍କର ପ୍ରଭୁ ବୋଲି ଜାଣ ।**

**ଲେଡ୍‌ବିଟର–** ଗୁରୁଦେବ ଏହି ଶରୀରଗୁଡ଼ିକ ବିଷୟରେ କହିଛନ୍ତି ବେଶ୍ ନିର୍ଦ୍ଦିଷ୍ଟ ଭାବରେ ସତେ ଯେପରି ସେଗୁଡ଼ିକ ଅଲଗା ବ୍ୟକ୍ତି । ଏବଂ ଅବଶ୍ୟ ଉପାଦାନଗୁଡ଼ିକ ବିଷୟରେ କହିଛନ୍ତି, ଯାହା ଆମେ ଆଗରୁ ଆଲୋଚନା କରିଛୁ । ପୃଥିବୀର ଅଧିକାଂଶ ଲୋକଙ୍କ କ୍ଷେତ୍ରରେ, ସେମାନଙ୍କର ସାମ୍ରାଜ୍ୟ ସମ୍ପୂର୍ଣ୍ଣ ଭାବେ ବାଧାହୀନ । ସେହି ଲୋକେ ସେଗୁଡ଼ିକର ଆଧିପତ୍ୟରୁ ମୁକ୍ତ ହେବା ପାଇଁ କୌଣସି ଉଦ୍ୟମ ତ କରନ୍ତି ନାହିଁ । ସେମାନେ ଜାଣନ୍ତି ମଧ୍ୟ ନାହିଁ ସେମାନଙ୍କର କୌଣସି ଶୃଙ୍ଖଳ ରହିଛି ଯାହାକୁ ତ୍ୟାଗ କରିବାକୁ ହେବ । ସେମାନେ ସେମାନଙ୍କ ଶରୀରଠାରୁ ନିଜକୁ ପୃଥକ୍ କରନ୍ତି ନାହିଁ । ମନୁଷ୍ୟର ଏକ ଆତ୍ମା ରହିଛି ବୋଲି ଯେଉଁ ବିନାଶକାରୀ ଶିକ୍ଷା ଦିଆଯାଇଛି, ତାହା ଏହି ଦିଗରେ ଅଧିକ କ୍ଷତି ସକାଶେ ଦାୟୀ । ଯଦି ଲୋକେ ବୁଝି ପାରନ୍ତେ ଯେ ମନୁଷ୍ୟ ହେଉଛି ଆତ୍ମା ଏବଂ ତା'ର ଶରୀରଗୁଡ଼ିକ ରହିଛି, ସଙ୍ଗେ ସଙ୍ଗେ ସେମାନେ ବିଷୟଗୁଡ଼ିକୁ ଟିକିଏ ଜଟିଳତାରୁ ମୁକ୍ତ କରିପାରନ୍ତେ ।

ଯେପର୍ଯ୍ୟନ୍ତ ମନୁଷ୍ୟ ଧାରଣା ରହିଛି ଯେ ଆତ୍ମା ହେଉଛି କିଛି ଏକ ଅସ୍ପଷ୍ଟ ଜିନିଷ ଯାହା ତା'ର ଊର୍ଦ୍ଧ୍ୱରେ ଭାସି ଲାଗିଛି, ସେ ପର୍ଯ୍ୟନ୍ତ ତା'ର ମଙ୍ଗଳ ହେବାର

ଆଶା ଖୁବ୍ କମ୍ । ଯେତେବେଳେ ଆମେ ଦେଖୁ ଯେ ଆମ ଭିତରେ ଉପାଦାନିଗୁଡ଼ିକ ଜାଗ୍ରତ ହେଉଛନ୍ତି, ସେତେବେଳେ ଆମେ କହିବା ଉଚିତ, "ଏହି ଆବେଗ ମୋର କାମନା ଶରୀରର ଏକ ସ୍ପନ୍ଦନ, ଏବଂ ମୁଁ ଯେପରି ଇଚ୍ଛା କରିବି, ସେହିପରି ସ୍ପନ୍ଦିତ ହେବି । ବର୍ତ୍ତମାନ ସକାଶେ ମୁଁ ଏହିଁ ଏହି ଶରୀର ସମୂହର କେନ୍ଦ୍ର ଏବଂ ମୁଁ ଯେପରି ଚାହିଁବି, ସେହିପରି ସେଗୁଡ଼ିକୁ ବ୍ୟବହରା କରିବି ।"

> **ଯେତେବେଳେ କାମ ଥିବ, ଯାହା ନିଶ୍ଚୟ କରିବାକୁ ହେବ । ସେତେବେଳେ ସ୍ଥୂଳ ଶରୀର ଚାହିଁବ ବିଶ୍ରାମ କରିବାକୁ, ବାହାରକୁ ଚାଲି ଯିବାକୁ, ଖାଇବାକୁ ଓ ପିଇବାକୁ ଏବଂ ଯେଉଁ ଲୋକ ଜାଣେ ନାହିଁ, ସେ ନିଜକୁ କହିବ, "ମୁଁ ଏ ସବୁ କରିବାକୁ ଚାହେଁ ଏବଂ ମୁଁ ଏ ସବୁ ନିଶ୍ଚୟ କରିବି ।" କିନ୍ତୁ ଯେଉଁ ଲୋକ ଜାଣେ, ସେ କହେ, "ଯେ ଏହା ଚାହୁଁଛି, ସେ ମୁଁ ନୁହେଁ ଏବଂ ତାକୁ କିଛି ସମୟ ଅପେକ୍ଷା କରିବାକୁ ହେବ ।"**

**ଲେଡ୍‌ବିଟର–** ଆପଣ ଏହା ପିଲାମାନଙ୍କ କ୍ଷେତ୍ରରେ ଅତିଶୟ ପ୍ରବଳ ଭାବେ ଦେଖିବାକୁ ପାଇବେ । ଯଦି ପିଲାଟି କୌଣସି ପ୍ରକାର କାମ କରିବାକୁ ଚାହେଁ, ତେବେ ସେ ତାକୁ ଆକାଶ ପାତାଳ କରିଦେବ । ସେ ଗୋଟିଏ ମୁହୂର୍ତ୍ତରେ ସାଙ୍ଗେ ସାଙ୍ଗେ ସେହି ସ୍ଥାନରେ କରିଦେବ ଏବଂ ଯଦି ତାହା ସେ ନ କରିପାରେ, ସେ ଭାବେ ସତେ ଯେପରି ବିଶ୍ୱ ବ୍ରହ୍ମାଣ୍ଡ ଧ୍ୱଂସ ହୋଇଗଲା । ପିଲାଟି ଛୁଟି ଯାଏ ଖେଳିବା ପାଇଁ, ବହୁ ସମୟରେ ଆମେ ଯେଉଁମାନେ ବୟସ୍କ, ତା'ର ଶିଶୁ ସ୍ୱଭାବକୁ ନ ବୁଝି ନିନ୍ଦା କରୁ, ଗାଳି ଦେଉ । ଶିଶୁ କହେ, "ମୁଁ ଭୁଲି ଯାଇଥିଲି ।" ତାହା ସମ୍ପୂର୍ଣ୍ଣ ସତ୍ୟ । କିନ୍ତୁ ଆମେ ସନ୍ଦେହ କରୁ, କାରଣ ଆମେ ଜାଣୁ ଯେ ଆମେ ନିଶ୍ଚୟ ମନେ ରଖିଛୁ । ଆମେ ଆମର ଏବଂ ଜାତିର ଶିଶୁ ଅବସ୍ଥା ଭୁଲି ଯାଇଛୁ । ଆମର କହିବା ଉଚିତ, "ମୁଁ ଜାଣେ, ତୋର ଏକ ଆବେଗ ରହିଛି, କିନ୍ତୁ ପ୍ରକୃତରେ ତୋର ବର୍ତ୍ତମାନ ସେହି କାମ କରିବା ଅନୁଚିତ । ତାହା ବହୁସଂଖ୍ୟକ ଅନ୍ୟ ଲୋକଙ୍କର ବ୍ୟବସ୍ଥାକୁ ଗୋଳମାଳିଆ କରିଦେବ । ତୁ ଅନ୍ୟ କୌଣସି ସମୟରେ ତାହା କଲେ ଭଲ ହେବ ।" ସେହି ପ୍ରକାରେ ଶିକ୍ଷାର ଅଗ୍ରଗତି ହୁଏ । ସ୍ୱଳ୍ପ ବିକଶିତ ମନୁଷ୍ୟ ପକ୍ଷରେ ମଧ୍ୟ ସେହି କଥା । –ସମୟ କ୍ରମେ ସେ ବୁଝେ ଯେ କେତେକ ଆବେଗ

ଅନୁଯାୟୀ କାମ କରିବା ଅନୁଚିତ । ସେଥିପାଇଁ ତାକୁ ଅନେକ ଜନ୍ମ ନେବାକୁ ପଡ଼େ ଏବଂ ସାଧାରଣତଃ ସେହି ପ୍ରଣାଳୀରେ ସେ ନିହତ ହୁଏ, ତେବେ କ୍ରମଶଃ ସେ ଟିକିଏ ଅଧିକ ସଭ୍ୟ ହୁଏ । କିନ୍ତୁ ବିକଶିତ ମନୁଷ୍ୟ ଶରୀରକୁ ଏକ ସ୍ୱତନ୍ତ୍ର ସତ୍ତା ରୂପେ ବ୍ୟବହାର କରେ, ଯାହାକୁ ସେ ପରିଚାଳିତ କରିପାରିବ ।

**ଅନେକ ସମୟରେ ଯେତେବେଳେ କାହାକୁ ସାହାଯ୍ୟ କରିବାର ସୁଯୋଗ ଆସେ, ସେତେବେଳେ ଶରୀର ଭାବେ, "ମୋତେ ତ କେତେ କଷ୍ଟ ହେବ- ଆଉ କିଏ କରୁଛି କରୁ ।" କିନ୍ତୁ ମନୁଷ୍ୟ ତା'ର ଶରୀରକୁ ଉତ୍ତର ଦିଏ, "ଭଲ କାମ କରିବାରେ ତୁ ମୋତେ ବାଧା ଦେବୁ ନାହିଁ ।"**

**ଲେଡ୍‌ବିଟର–** ଏ ସମ୍ପର୍କରେ ଡଃ ବେସାନ୍ତ କହିଛନ୍ତି- ବହୁ କ୍ଷେତ୍ରରେ ସ୍ପଷ୍ଟତଃ ଏକ ଉତ୍ତମ କାର୍ଯ୍ୟ କରିବାକୁ ଥାଏ, କିନ୍ତୁ ଅଧିକାଂଶ ଲୋକ ତାହା ଦେଖି କହନ୍ତି, "ହଁ, ସେହି କାମ କରିବା କଥା । କେହି ଜଣେ କେବେହେଲେ କରିବ । ମୁଁ ସେଥିପାଇଁ ମୁଣ୍ଡ ଘୂରାଇବା କ'ଣ ଦରକାର ?" କିନ୍ତୁ ଯେଉଁ ବ୍ୟକ୍ତିର ପ୍ରକୃତ ଆନ୍ତରିକତା ଥିବ, ସେ କହିବ, "ସେହି କାମ ଅବଶ୍ୟ କରିବା ଉଚିତ; ମୁଁ ତାକୁ ନ କରିବି କାହିଁକି ?" ଏବଂ ସେଥିରେ ସେ ଲାଗିପଡ଼ି କାମଟି କରିଦେବ ।

## ଶରୀର ଆମର ପୋଷା ଜୀବ

**ଶରୀରଟି ତୁମର ଏକ ପୋଷା ଜୀବ- ଗୋଟିଏ ଘୋଡ଼ା ଭଳି– ଯାହା ଉପରେ ତୁମେ ଚଢ଼ି ବୁଲ । ସୁତରାଂ ତାକୁ ଭଲ ବ୍ୟବହାର ଦେଖାଇବା ଏବଂ ତା'ର ଯତ୍ନ ନେବା ଆବଶ୍ୟକ । ତାକୁ ଅତ୍ୟଧିକ କାମ କରିବାକୁ ଦେବା ଅନୁଚିତ । ତାକୁ ଶୁଦ୍ଧ ଖାଦ୍ୟ ଏବଂ ପାନୀୟ ଦେଇ ଯଥାଯଥ ଭାବେ ଖୁଆଇବା ଉଚିତ, ଏବଂ ତାକୁ ସର୍ବଦା ପରିଷ୍କୃତ ରଖିବାକୁ ହେବ, ଏତିକି ଟିକିଏ ମଇଳା ମଧ୍ୟ ଯେପରି ସେଥିରେ ନ ରହେ ।**

**ଲେଡ୍‌ବିଟର–** ଆମର ଶରୀର ଯେ ଏକ ପଶୁ, ଏହି ଧାରଣା ପ୍ରକୃତରେ ବିଶେଷ ଉପଯୋଗୀ । ଏହା ବେଶ୍ ସ୍ପଷ୍ଟ ବୋଲି ମନେ ହୁଏ । ତଥାପି ଏହାକୁ ଆମେ ଯେତିକି ଘନିଷ୍ଠ ଭାବେ ଅନୁସରଣ କରିବା, ଯାହା ଆବଶ୍ୟକ ତାହା କରିବା ଦିଗରେ ଆମେ ଆଗେଇଯିବା । ମନେ କରନ୍ତୁ ଆପଣ ଏକ ଘୋଡ଼ା ରଖିଛନ୍ତି । ମୁଁ ଧରି ନେଉଛି ଯେ ଆପଣ ଏକ ଦୟାଳୁ ବିବେକୀ ବ୍ୟକ୍ତି । ଆପଣ ନିଜର କାମ କରେଇବାକୁ ଚାହାନ୍ତି ଏବଂ ତା' ସହିତ ଆପଣ ମଧ୍ୟ ଚାହାନ୍ତି ଯେ ଆପଣଙ୍କର ଘୋଡ଼ା ଯଥାସମ୍ଭବ ସୁଖ ସୁବିଧାରେ ରହୁ ଏବଂ ତା'ର ସ୍ୱାସ୍ଥ୍ୟ ଭଲ ରହୁ । ତାହାହେଲେ ପ୍ରଥମେ ଆପଣ ଚାହିଁବେ ତା' ସହିତ ବନ୍ଧୁତା କରିବାକୁ, ସେହି ଜୀବକୁ ଭଲ ଭାବେ ଜାଣିବାକୁ ଏବଂ ଚାହିଁବେ ଯେ ସେ ମଧ୍ୟ ଆପଣଙ୍କୁ ଜାଣୁ ଓ ଅନୁଭବ କରୁ ଆପଣ ତାହା ପ୍ରତି ଦୟାପ୍ରବଣ । ତା'ପରେ ଆପଣ ଦେଖିବେ କେଉଁ ପ୍ରକାର ଖାଦ୍ୟ ତା' ସକାଶେ ସର୍ବାଧିକ ଉପଯୁକ୍ତ ଏବଂ ସେଥିରୁ କେତେ ତାହାର ଆବଶ୍ୟକ ଏବଂ ସେହିପରି ତାକୁ କାଇବାକୁ ଦେବେ । ସେ ଯେପରି ଯଥେଷ୍ଟ ଖାଇ ପାରିବ, ଆପଣ ତା'ର ଯତ୍ନ ନେବେ; କିନ୍ତୁ ଯେଉଁ ଖାଦ୍ୟ ତାହା ସକାଶେ ଖରାପ, ତାହା ତାକୁ ଦେବେ ନାହିଁ । ତାହା ସାଙ୍ଗକୁ ଆପଣ ତାହାଦ୍ୱାରା କାମ କରାଇବେ, କାରଣ ଘୋଡ଼ାଟି ରଖିବାର ଉଦ୍ଦେଶ୍ୟ ହେଉଛି ସେଇଆ । ତଥାପି କୌଣସି ପ୍ରକାରେ ତାକୁ ଅତ୍ୟଧିକ ଖଟିବାକୁ ଦେବେ ନାହିଁ । ଆପଣ ଦେଖିବେ ସେ କ'ଣ କରିପାରିବ ଏବଂ ତାହା ତାକୁ କରିବାକୁ ଦେବେ । ଆପଣ ତାକୁ ଶିଖାଇଛନ୍ତି– ଆପଣଙ୍କୁ ବିଶ୍ୱାସ କରିବା ପାଇଁ, ଯାହା ଫଳରେ ସେ ଆପଣଙ୍କ କଥା ମାନିବ ଏବଂ ଯେତେବେଳେ ଆପଣ ତାକୁ କିଛି ସୂଚନା ଦେବେ, ସେ ଆପଣଙ୍କ ଇଚ୍ଛା ଅନୁଯାୟୀ କରିବ ।

ସେ ଜାଣିଛି ଯେ ତା'ର ସମସ୍ତ ଭଲ ହେବ ଏବଂ ତାହା ପରେ ଭୟଭୀତ ହେଲେ ମଧ୍ୟ ସେ ଆପଣଙ୍କୁ ବିଶ୍ୱାସ କରିବ । ସୁତରାଂ ଯଥା ସମ୍ଭବ ଅଳ୍ପ କଷ୍ଟରେ ଆପଣ ତାହାଠାରୁ ସର୍ବାଧିକ କାର୍ଯ୍ୟ ଆଦାୟ କରିପାରିବେ । ଖରାପ ତାଲିମ୍ ଦେବା ଲୋକ ଘୋଡ଼ାକୁ ବେଳେ ବେଳେ ଭୟ ଦେଖାଇଥାଏ । କିନ୍ତୁ ତାହାପରେ କେବେହେଲେ ସେ ତାହାଠାରୁ ଭଲ କାମ ଆଦାୟ କରିପାରିବ ନାହିଁ । ଆପଣ ତାହା ଚାହାନ୍ତି ନାହିଁ । ଆପଣ ଚାହାନ୍ତି ସେହି ଜୀବ ସହିତ ଏକ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବସ୍ଥା ।

ଆମ ଶରୀର ଠିକ୍ ସେହି ଘୋଡ଼ା ପରି । ଏହାକୁ ନେଇ ଚଳିବାର ସର୍ବୋତ୍ତମ ପନ୍ଥା ଆପଣ ବାଛିନେବା ଉଚିତ । କଠୋର ହଠଯୋଗ ପ୍ରଣାଳୀଗୁଡ଼ିକ

ପ୍ରୟୋଗ କରିବା ଏକ ବିରାଟ ଭୁଲ୍ । ଆମେ ଏହାପ୍ରତି ସଦୟ ହେବା ଉଚିତ ଏବଂ କଷ୍ଟ ନଦେଇ ଆମେ ଏହାଠାରୁ ଯେତିକି ପାରିବା, ସେତିକି ଆଦାୟ କରିବା । କିନ୍ତୁ କେବେହେଲେ ଅଧିକ ଖଟାଇବା ନାହିଁ । କାରଣ ଘଣ୍ଟାକରେ ଆମେ ହୁଏତ ଏପରି କ୍ଷତି କରିବା, ଯାହା ସଜାଡ଼ିବାକୁ ବହୁ ବର୍ଷ ଲାଗିଯିବ ।

ଆଧୁନିକ ଜୀବନରେ ବହୁ କଷ୍ଟ ଯନ୍ତ୍ରଣା ରହିଛି । ମନୁଷ୍ୟ ବ୍ୟବସାୟରେ ସର୍ବଦା କହିଥାଏ, "ମୋତେ ଟିକିଏ ଅଧିକ ଖାଟିବାକୁ ହେବ ।" କିନ୍ତୁ ଅନେକ ସମୟରେ ସେହି ଟିକକ ଶରୀର ଯନ୍ତ୍ରକୁ ଅଧିକ ପେଶି ଦିଏ ଏବଂ ଯାହା ଅଧିକ ପେଶି ହୁଏ, ତାହା ସ୍ୱାଭାବିକ ଅବସ୍ଥାକୁ ଫେରେ ନାହିଁ । ଏହି ପ୍ରକାର କ୍ଷତି କରିବା ଭାରି ସହଜ । କାରଣ ଶରୀରଟି ହେଉଛି ଏକ ଅତିଶୟ ସୂକ୍ଷ୍ମ ଯନ୍ତ୍ର- ଏକ ଜୀବନ୍ତ ଯନ୍ତ୍ର । ଏହା ଆଶ୍ଚର୍ଯ୍ୟଜନକ ଭାବେ ନିଜକୁ ସଜାଡ଼ି ନେଇପାରେ, ଏବଂ ବହୁ କ୍ଷେତ୍ରରେ ଆମେ ଯାହାକୁ ଏକ 'ଉତ୍ତମ ଶରୀର' ବୋଲି କହୁ, ତାହା ଅନେକ ପ୍ରକାରର ଅପବ୍ୟବହାରକୁ ସମ୍ଭାଳି ନିଏ । ଅପବ୍ୟବହାର ପରେ ମଧ୍ୟ ଏହା ବଞ୍ଚିଯାଏ ଏବଂ ମନୁଷ୍ୟ ତା' ଭିତର ଦେଇ ବଞ୍ଚିରହେ; କିନ୍ତୁ ତାହା ପ୍ରମାଣ କରେ ନାହିଁ ଯେ ତଦ୍ୱାରା କୌଣସି କ୍ଷତି ହୁଏ ନାହିଁ ବୋଲି । ଅନ୍ୟପକ୍ଷରେ ସାମାନ୍ୟ ପରିମାଣରେ ଅଧିକ କାମ କଲେ ତାହାର ଏକ ସ୍ଥାୟୀ ଚିହ୍ନ ରହିଯାଏ । ସୁତରାଂ ଯେଉଁମାନେ ନିଜ ଆଧ୍ୟାତ୍ମିକ କ୍ଷେତ୍ରରେ ବିକାଶ ପାଇଁ କିଛି ଚେଷ୍ଟା କରୁଛନ୍ତି, ସେମାନଙ୍କୁ ମୁଁ ସାବଧାନ କରି ଦେବାକୁ ଚାହେଁ, ସେମାନେ ଶରୀର ପ୍ରତି ବିଶେଷ ଯତ୍ନଶୀଳ ହେବା ଉଚିତ । ଏବଂ ଡଃ ବେସାନ୍ତ କହିବା ପରି ସେମାନେ ପୂର୍ଣ୍ଣଭାବେ ହୃଦୟଙ୍ଗମ କରିବା ଉଚିତ ଯେ ଯାହା କରିବା ପାଇଁ ଆମର ସମୟ ନାହିଁ, ତାହା ଆମର କାମ ନୁହେଁ ।

**ଆମିଷ ଓ ନିରାମିଷ**

ତା'ପରେ ହେଉଛି ପୁଷ୍ଟିକର ଖାଦ୍ୟ କଥା । ଯେ କୌଣସି ବ୍ୟକ୍ତି ଯେ କୌଣସି ପ୍ରକାର ଖାଦ୍ୟ ଖାଇ ଯେ ଚଳିପାରିବ, ଏହି ପ୍ରକାର ଏକ ତତ୍ତ୍ୱ ବ୍ୟାବହାରିକ କ୍ଷେତ୍ରରେ ମାନବ ପାଇଁ ଉପଯୋଗୀ ନୁହେଁ । ମନୋଭାବ ଏବଂ ସାମର୍ଥ୍ୟ ଦୃଷ୍ଟିରୁ ଲୋକମାନଙ୍କ ମଧ୍ୟରେ ବିରାଟ ପାର୍ଥକ୍ୟ ରହିଛି । ଇଂରାଜୀରେ ଏକ ପୁରୁଣା କଥା ରହିଛି ଯେ ଯାହା ଜଣକ ପାଇଁ ମାଂସ, ତାହା ଅନ୍ୟ ଜଣକ ପାଇଁ ବିଷ । ଖାଦ୍ୟର ଉପଯୋଗିତା ସମ୍ପର୍କରେ ତାହା ସତ୍ୟ । ମୁଁ ଜାଣେ କେତେକ ଲୋକଙ୍କ ଭିତରେ ଏପରି ଏକ ଚିନ୍ତାଧାରା ରହିଛି ଯେ ଯେଉଁମାନେ ଖାଦ୍ୟ ପ୍ରତି ବିଶେଷ ଦୃଷ୍ଟି ଦିଅନ୍ତି, ସେମାନେ ନିଛକ ସ୍ଥୂଳ ବିଷୟ ନେଇ ଅନାବଶ୍ୟକ ଚିନ୍ତା

କରି ଲାଗିଛନ୍ତି । ଅବଶ୍ୟ ମୁଁ କହିବି ଯେ ଏ ବିଷୟରେ ଅତ୍ୟଧିକ ଚିନ୍ତା କରନ୍ତୁ ନାହିଁ । କିନ୍ତୁ ମଝି ମଝିଆ ରାସ୍ତା ନେବା ବିଜ୍ଞୋଚିତ ହେବ । ନିଜର ଶରୀର ପ୍ରତି ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ହେଉଛି ଏହା କ'ଣ ଗ୍ରହଣ କରିପାରିବ, ତାହା ଦେଖିବା । କେତେକ ପରିମାଣର ଖାଦ୍ୟ ଏହା ପାଇଁ ସର୍ବୋତ୍ତମ ହେବ । ଯୁକ୍ତିଯୁକ୍ତ ଭାବେ ଶରୀର କ'ଣ ଚାହେଁ ଏବଂ କ'ଣ ଭଲ ପାଏ, ତାହା ଆମେ ତାକୁ ଦେବା ଉଚିତ । କିନ୍ତୁ ଯାହା ଶରୀର ପ୍ରତି କ୍ଷତିକାରକ- ଯଥା ମଦ୍ୟ ମାଂସ, ତାହା କେବେହେଲେ ଦେବା ନାହିଁ । କେବେ ଜବରଦସ୍ତି କିଛି କରିବାପାଇଁ ଚେଷ୍ଟା କରନ୍ତୁ ନାହିଁ, ଆପଣ ଯାହାକୁ ନେଇ ଚଳୁଛନ୍ତି- ତାକୁ ବୁଝି ତା'ର ଯାହା ଦରକାର ବୁଝି ସେଥିପ୍ରତି ସର୍ବଦା ଲକ୍ଷ୍ୟ ରଖନ୍ତୁ । ଏହିପରି ଭାବେ ସେହି ଜୀବର ଯାହା କିଛି ବୁଦ୍ଧି ଅଛି, ତାହାର ସହଯୋଗ ପାଆନ୍ତୁ ।

ଯେଉଁମାନଙ୍କର ଖାଦ୍ୟ ହେଉଛି ମାଂସ, ସେମାନଙ୍କ ପକ୍ଷରେ ତାହା ବଦଳରେ ନିରାମିଷ ଆହାର କରିବାରେ ଅନେକ ସମୟରେ ଅସୁବିଧା ହୋଇଥାଏ । ଇଂଲଣ୍ଡରେ ଯେତେବେଳେ ଲୋକେ ନିରାମିଷାଶୀ ହେବାକୁ ଆରମ୍ଭ କରନ୍ତି, ସେତେବେଳେ ସେମାନେ ଅନେକ ସମୟରେ ସମ୍ପୂର୍ଣ୍ଣ ବିଷୟଟିକୁ ଭୁଲ୍ ବୁଝନ୍ତି । ସେମାନେ ମୁଖ୍ୟତଃ କୋବି ଏବଂ ଆଳୁ ସହିତ ମାଂସ ଖାଇ ଚଳି ଆସିଥାନ୍ତି । ନିଯରାମିଷାଶୀ ହେବା ସମ୍ପର୍କରେ ସେମାନଙ୍କ ଧାରଣା ହେଉଛି ମାଂସ ଛାଡ଼ି ଦେଇ କେବଳ କୋବି ଏବଂ ଆଳୁ ଖାଇବା । ତେବେ ଆଳୁ ହେଉଛି ବସ୍ତୁତଃ କେବଳ ଶ୍ୱେତସାର ଏବଂ କୋବି ହେଉଛି ଅଧିକାଂଶତଃ ଜଳ । ମଣିଷ ଶ୍ୱେତସାର ଏବଂ ଜଳ ନେଇ ରହିପାରିବ ନାହିଁ । ଅନ୍ୟାନ୍ୟ ଉପାଦାନ ଆବଶ୍ୟକ- ଯେଉଁ ଖାଦ୍ୟ ତିଆରି କରିବ ମାଂସ, ହାଡ଼ ଏବଂ ରକ୍ତ । ସେ ଖାଦ୍ୟ ଅନେକ ଏବଂ ବିଭିନ୍ନ ପ୍ରକାରର ଅଛି । ତେଣୁ ନିଶ୍ଚିତ ଭାବେ ଜଣେ ଟିକିଏ କଷ୍ଟ କଲେ ଜାଣିପାରିବ ଯେ କେଉଁ ପ୍ରକାର ଖାଦ୍ୟ ନିଜ ଶରୀର ପାଇଁ ସର୍ବୋତ୍ତମ ଭାବେ ଉପଯୋଗୀ ଏବଂ ତା'ପରେ ସେଗୁଡ଼ିକୁ ନେଇ ମୁଖ୍ୟତଃ ଚଳିପାରିବ । ଯଦି ହଜମ କରିବାରେ କାହାର ଅସୁବିଧା ହୁଏ, ତାହାହେଲେ ବୋଧହୁଏ ସେ ଭୁଲ୍ ଖାଦ୍ୟ ଖାଉଛି । ତେବେ ସେ ଅନ୍ୟ ଖାଦ୍ୟ ଚେଷ୍ଟା କରିବା ଦରକାର । କାଣର ସର୍ବଦା ଅନ୍ୟ ପନ୍ଥା ରହିଛି, ଯଦି ସେ ହତାଶାଜନକ ଭାବେ ରୁଗ୍ଣ ହୋଇ ନ ଥାଏ । ଯେତେବେଳେ ଛୋଟ ପିଲାଏ ସଁବାଳୁଆ ନେଇ ରଖନ୍ତି ଦେଖିବା ପାଇଁ ତାହା କିପରି ପ୍ରଜାପତି ପାଲଟିବ, ସେତେବେଳେ ସେମାନେ ବହୁତ କଷ୍ଟ କରନ୍ତି ଜାଣିବା ପାଇଁ ତାହା କି ପ୍ରକାର ପତ୍ର ଖାଇବ । ସେମାନେ ଜାଣନ୍ତି ଯେ କେବଳ ଗୋଟିଏ ପ୍ରକାର

ପତ୍ର ତାହା ସକାଶେ ଉପଯୋଗୀ । ନିଶ୍ଚିତ ଭାବେ ଆମେ ମଧ୍ୟ ସେହିପରି କଷ୍ଟ ସ୍ୱୀକାର କରିବାକୁ ହେବ ଏକ ଜୀବ ସକାଶେ- ଯାହା ଆମକୁ ବହୁ ବର୍ଷ ଧରି ସେବା କରିବ ଏବଂ ତାକୁ ଯଥାଯଥ ଭାବେ କେବଳ ଶୁଦ୍ଧ ଖାଦ୍ୟ ଏବଂ ପାନୀୟ ଦେବାକୁ ହେବ ।

**ପରିଚ୍ଛନ୍ନ ରହିବାର ଆବଶ୍ୟକତା**

ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଜୋର୍ ଦେବାକୁ ହେବ । ସେଥିପାଇଁ ବହୁତ କାରଣ ରହିଛି । କେବଳ ସ୍ୱାସ୍ଥ୍ୟ ସକାଶେ ନୁହେଁ, କେବଳ ଏହା ଏକ ଭଲ କାର୍ଯ୍ୟ ବୋଲି ନୁହେଁ । ବରଂ ଆଉ ଏକ କାରଣ ପାଇଁ ମଧ୍ୟ, ତାହା ହେଉଛି ଗୁରୁଦେବ ତାଙ୍କର ଶକ୍ତିଧାରା ଢାଳି ଦେବାପାଇଁ ସେମାନଙ୍କୁ ବିଶେଷତଃ ମାଧ୍ୟମ ରୂପରେ ବ୍ୟବହାର କରିଥାନ୍ତି ଯେଉଁମାନେ ତାଙ୍କର ଘନିଷ୍ଠ ସମ୍ପର୍କରେ ଆସନ୍ତି । ସାଧାରଣତଃ ତାହା ତାଙ୍କର ଶିଷ୍ୟମାନଙ୍କ ମଧ୍ୟରେ ସୀମିତ ରହେ, ଯେଉଁମାନେ ତାଙ୍କ ସହିତ ଘନିଷ୍ଠ ଭାବେ ସମ୍ପୃକ୍ତ । କିନ୍ତୁ ଯେକୌଣସି ବ୍ୟକ୍ତି ଆନ୍ତରିକତା ସହ ଚେଷ୍ଟା କରେ ଏହି ପ୍ରକାର ବହିରେ ଲେଖା ଯାଇଥିବା ନିୟମଗୁଡ଼ିକ ମାନି ଚଳିବାକୁ, ସେ ମଧ୍ୟ ତାଙ୍କ ଦୃଷ୍ଟିରେ ରହେ । ସେଥିପାଇଁ ଏହି ପ୍ରକାର ଏକ ବ୍ୟକ୍ତି ମଧ୍ୟ ଆବଶ୍ୟକ ହେବା ଏବଂ ଶକ୍ତିର ମାଧ୍ୟମ ରୂପେ ବ୍ୟବହୃତ ହେବା ଅସମ୍ଭବ ନୁହେଁ । ଏପରି ହୋଇପାରେ ଯେ କୌଣସି ଏକ ସ୍ଥାନରେ କେତେକ ପ୍ରକାର ଶକ୍ତି ଢାଳିଦେବା ପାଇଁ କୌଣସି ଉପଯୁକ୍ତ ଶିଷ୍ୟ ନାହାନ୍ତି । ତେବେ ଅନ୍ୟ କୌଣସି ବ୍ୟକ୍ତି ଥାଇ ପାରନ୍ତି, ଯେ ବିଶେଷ ଆଗୁଆ ହୋଇ ନ ଥିଲେ ମଧ୍ୟ ସେହି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସକାଶେ ଉପଯୋଗୀ । ସେହିପରି କ୍ଷେତ୍ରରେ ଗୁରୁ ତାଙ୍କୁ ଉପଯୋଗ କରିବାକୁ ଚାହିଁବେ ।

ବିଭିନ୍ନ ଲକ୍ଷ୍ୟ ସାଧନ ପାଇଁ ଗୁରୁ ବିଭିନ୍ନ ପ୍ରକାର ଶକ୍ତି ଢାଳି ଦେଇଥାନ୍ତି । କେତେବେଳେ ଜଣେ ବ୍ୟକ୍ତି ଉପଯୋଗୀ ମାଧ୍ୟମ ହୋଇଥାନ୍ତି । କେତେବେଳେ ବା ଅନ୍ୟ ଜଣେ । ପାଖାପାଖି ଦୁଇଜଣ ଶିଷ୍ୟଙ୍କୁ ଲକ୍ଷ୍ୟ କରି ଦେଖାଯାଏ ଯେ ଜଣେ ସର୍ବଦା ଗୋଟିଏ ପ୍ରକାର ଶକ୍ତି ପାଇଁ ବ୍ୟବହୃତ ହୁଅନ୍ତି, ଆଉ ଜଣେ ହୁଏତ ଆଉ ଗୋଟିଏ ପ୍ରକାର ଶକ୍ତି ପାଇଁ । ଏହି ଢାଳିବା ପ୍ରକ୍ରିୟା ସ୍ଥୂଳ, ବାସନାଗତ, ମାନସିକ ଏବଂ ବୌଦ୍ଧିକ ସ୍ତରରେ ହୋଇଥାଏ । ସ୍ଥୂଳ ସ୍ତରରେ ଏହା ହସ୍ତ ଏବଂ ପଦ ଦେଇ ନିର୍ଗତ ହୋଇଥାଏ । ସୁତରାଂ ଯଦି ସେହି ବ୍ୟକ୍ତିର ସ୍ଥୂଳ ଶରୀର ଏହି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପରିଚ୍ଛନ୍ନତା ବିଷୟରେ କିଛି କ୍ଷଣ ସକାଶେ ତାଙ୍କ କାମ

କରିବାରେ ବିଫଳ ହୁଏ, ଗୁରୁ ତାହା ବ୍ୟବହାର କରିପାରିବେ ନାହିଁ । କାରଣ ସେହି ବ୍ୟକ୍ତି ଉପଯୋଗୀ ମାଧ୍ୟମ ହୋଇପାରିବ ନାହିଁ । ତାହା ମଇଳା ନଳ ଦେଇ ବିଶୁଦ୍ଧ ପାଣି ଢାଳି ଦେବା ଭଳି ହେବ ଯାହା ବାଟରେ ମଇଳା ହୋଇଯିବ । ସୁତରାଂ ଯେଉଁମାନେ ଗୁରୁଦେବଙ୍କ ଘନିଷ୍ଠ ସମ୍ପର୍କରେ ରହନ୍ତି ସେମାନେ ସମ୍ପୂର୍ଣ୍ଣ ଶାରୀରିକ ପରିଚ୍ଛନ୍ନତା ବିଷୟରେ ଅତ୍ୟଧିକ ଯତ୍ନବାନ୍ ହୁଅନ୍ତି । ସୁତରାଂ ଆମେ ସାବଧାନ ହେବା ଯେ ଯଦି ଆମର ଦରକାର ପଡ଼େ, ସେଥିପାଇଁ ଏହି ବିଷୟରେ ଆମେ ଉପଯୁକ୍ତ ହୋଇ ରହିବା ।

ଆମେ ଯଦି ଉପଯୋଗୀ ହେବାକୁ ଚାହୁଁ ତେବେ ଆମେ ଆଉ ଏକ ବିଷୟରେ ସାବଧାନ ହେବା ଆବଶ୍ୟକ, ତାହା ହେଉଛି ଆଡ଼ିକ ବିକୃତି ଏଡ଼ାଇବାକୁ ହେବ, ବିଶେଷତଃ ପାଦର । ଗୁରୁଦେବଙ୍କର ଶକ୍ତିର ମାଧ୍ୟମ ରୂପେ ଆମର ଉପଯୋଗିତାରେ ବାଧା ଦିଏ ଏହି ପ୍ରକାର ବିକୃତି । ସାଧାରଣ ପରିସ୍ଥିତିରେ ସେହି ଶକ୍ତିର ସ୍ୱାଭାବିକ କ୍ରିୟା ହେଉଛି ଶିଷ୍ୟର ସମଗ୍ର ଶରୀରରେ ଭରପୂର ହୋଇ ଅଙ୍ଗ ପ୍ରତ୍ୟଙ୍ଗର ଶେଷାଂଶ ଜରିଆରେ ଜୋର୍‌ରେ ନିର୍ଗତ ହେବା । କିନ୍ତୁ ଯେଉଁ କ୍ଷେତ୍ରରେ ଅସ୍ୱାସ୍ଥ୍ୟକର ପାଦ-ଆଚରଣ ସ୍ଥାୟୀ ବିକୃତି ଘଟାଇଥାଏ, ସେ କ୍ଷେତ୍ରରେ ସିଦ୍ଧ ପୁରୁଷ କେବଳ ଶରୀରର ଊର୍ଦ୍ଧ୍ୱ ଅଂଶଟିକୁ ବ୍ୟବହାର କରିପାରନ୍ତି, କାରଣ ତାହା ପ୍ରତ୍ୟେକଥର ବକ୍ଷୋଜର ପାଖରେ ଏକ ଅସ୍ଥାୟୀ ବନ୍ଧ ବା ପ୍ରତିବନ୍ଧକ ନିର୍ମାଣ କରିବା ସକାଶେ ତାଙ୍କ ଉପରେ ଅଧିକ ପରିଶ୍ରମ ପକାଇଥାଏ । ସୁତରାଂ ଏଥିରୁ ଅନିବାର୍ଯ୍ୟ ସିଦ୍ଧାନ୍ତ ହେଉଛି ଯେ ଯେଉଁମାନେ ଏହି ପ୍ରକାର ବିକୃତିରୁ ମୁକ୍ତ, ସେମାନେ ଅଧିକ ବ୍ୟବହୃତ ହୋଇଥାନ୍ତି ।

## ଶରୀରଗୁଡ଼ିକର ସୁଶୃଙ୍ଖଳତା

> **କାରଣ ଏକ ସମ୍ପୂର୍ଣ୍ଣ ରୂପେ ପରିଷ୍କୃତ ଓ ସୁସ୍ଥ ଶରୀର ବିନା ତୁମେ କଷ୍ଟକର ପ୍ରସ୍ତୁତି କାର୍ଯ୍ୟ କରିପାରିବ ନାହିଁ । ତୁମେ ଅବିରତ ଟାଣି ହେବା ସହ୍ୟ କରିପାରିବ ନାହିଁ ।**

**ଲେଡ୍‌ବିଟର–** ବର୍ତ୍ତମାନ ପରିସ୍ଥିତିରେ ଆଧ୍ୟାତ୍ମିକ ପଥ ପାଇଁ ପ୍ରସ୍ତୁତି ପ୍ରକୃତରେ କଷ୍ଟଦାୟକ । ଯଦି ତରତରିଆ କରାଯାଏ, ତେବେ ତ ସର୍ବଦା କଷ୍ଟ

ଲାଗି ରହିଥିବ, ଯାହା ଆମେ ସମ୍ଭାଳି ପାରିବା ନାହିଁ, ଯଦି ସ୍ଥୂଳ ଶରୀର ସମେତ ଆମର ସମସ୍ତ ଶରୀର ସୁଶୃଙ୍ଖଳ ନ ଥାନ୍ତି । ସୁତରାଂ ଶୀଘ୍ର ପ୍ରଗତି ସକାଶେ ନିଖୁଣ ସ୍ୱାସ୍ଥ୍ୟ ଆବଶ୍ୟକ ଏବଂ ଯେଉଁଠାରେ ଏହାର ବିଫଳତା ଦେଖାଯାଏ, ସେହିଠାରେ ହୁଏ ବିଳମ୍ବ । ଯେଉଁମାନେ କୌଣସି ଶିଷ୍ୟର ପ୍ରଗତିର ଦାୟିତ୍ୱରେ ଥାନ୍ତି, ସେମାନେ ଯତ୍ନର ସହିତ ସବୁବେଳେ ଲକ୍ଷ୍ୟ କରନ୍ତି– ଯେମିତି ଅତ୍ୟଧିକ ଖଟଣି ନ ହୁଏ ଏବଂ ସେମାନେ ଏତେ ଟିକିଏ ବି ଅଧିକ କାମ ତାଙ୍କ ଦାୟିତ୍ୱରେ ଥିବା କାହା ଉପରେ ଲଦି ଦେବେ ନାହିଁ, ଯେପର୍ଯ୍ୟନ୍ତ ସେ ନ ଜାଣିଛନ୍ତି ଯେ ସେହି ବ୍ୟକ୍ତିର ସମ୍ପୂର୍ଣ୍ଣ ଭାବେ ବହନ କରିବା କ୍ଷମତା ଅଛି ।

> **ତୁମେ କିନ୍ତୁ ସବୁବେଳେ ହିଁ ଶରୀରକୁ ନିୟନ୍ତ୍ରଣ କରିବା ଉଚିତ । ସେ ତୁମକୁ ନିୟନ୍ତ୍ରଣ କରିବ ନାହିଁ । କାମନା ଶରୀରର କାମନା ସବୁ ରହିଛି- ବହୁ ସଂଖ୍ୟାରେ । ସେ ଚାହେଁ, ତୁମେ ରାଗି ଯାଅ, ଟାଣ କଥା କହ, ଈର୍ଷା କର, ଟଙ୍କା ପାଇବା ପାଇଁ ଲୋଭ କର । ଅନ୍ୟମାନଙ୍କ ଧନ ଦେଖି କାତର ହୁଅ । ହତାଶ ହୋଇ ପଡ଼ । ଏ ସମସ୍ତ ଏବଂ ଆହୁରି କେତେକ କଥା । ସେ ଯେ ଆପଣଙ୍କ କ୍ଷତି କରିବାପାଇଁ ଚାହେଁ ତାହା ନୁହେଁ, କିନ୍ତୁ କାରଣ ହେଉଛି, ଏହା ତୀବ୍ର ସ୍ପନ୍ଦନ ଭଲ ପାଏ ଏବଂ ସେଗୁଡ଼ିକୁ ସର୍ବଦା ପରିବର୍ତ୍ତନ କରିବାକୁ ଭଲ ପାଏ । କିନ୍ତୁ ତୁମେ ଏ ସବୁ ଚାହଁ ନାହିଁ । ସେଥିପାଇଁ ତୁମର ଏବଂ ଶରୀରର ଚାହିଦା ମଧ୍ୟରେ ଥିବା ପ୍ରଭେଦକୁ ବିଚାର କରିବାକୁ ପଡ଼ିବ ।**

**ଆନି ବେସାନ୍ତ–** ମୋର ମନେ ହୁଏ ଯେ ଅଧିକାଂଶ ଚିନ୍ତାଶୀଳ ବ୍ୟକ୍ତି ସ୍ପଷ୍ଟ ଭାବେ ବୁଝିଥାନ୍ତି ଯେ ସେମାନେ ସେମାନଙ୍କର ସ୍ଥୂଳ ଶରୀର ନୁହନ୍ତି । କିନ୍ତୁ ଏଠାରେ ଗୁରୁ ଯେଉଁ ଉଦାହରଣ ଦେଇଛନ୍ତି, ତାହା ଦର୍ଶାଉଛି କିପରି ଲୋକେ କ୍ରମାଗତ ଭାବେ ନିଜର କାମନା ଶରୀରଗୁଡ଼ିକ ସହିତ ନିଜକୁ ଏକ ବୋଲି ମନେ କରନ୍ତି । ତୁମେ କେବେକେବେ ନିଜକୁ ଦେଖିଥାଇପାର ଯେ ତୁମେ କହୁଛ "ମୁଁ ରାଗିଛି ବା ଉତ୍ତେଜିତ ।" ଏପରିକି ଯେଉଁମାନେ ନିଜକୁ ନିମ୍ନତର ବାସନାଗୁଡ଼ିକ ସହ ଏକ

ବୋଲି ମନେ କରିବାକୁ ଭଲ ପାଆନ୍ତି ନାହିଁ, ସେମାନେ ଅନେକ ସମୟରେ ସେଗୁଡ଼ିକୁ ଉଚ୍ଚତର କାମନା ବୋଲି ଭୁଲ୍ ଭାବିଥାନ୍ତି । ଯେତେବେଳେ ସେମାନେ ନିଜ ଭିତରେ ଈର୍ଷାଭାବ ବିଷୟରେ ସଚେତନ ହେବେ ସମ୍ଭବତଃ ସେମାନେ କହିବେ ନାହିଁ "ମୁଁ ଈର୍ଷାପର" । କାରଣ ଯଦିଓ ଲୋକେ ନିଜର ଭାବନାଗୁଡ଼ିକ ସହ ନିଜକୁ ଏକ ବୋଲି ଭାବନ୍ତି, ସେମାନେ ନିମ୍ନତର ଭାବନାଗୁଡ଼ିକୁ ଆବୃତ କରି ରଖନ୍ତି ଏବଂ ସେହି କ୍ଷେତ୍ରରେ ସେମାନେ ନିଜକୁ ହିଁ ବିଶ୍ୱାସ କରନ୍ତି ଯେ ସେମାନଙ୍କର ଭାବନା ଈର୍ଷା ନୁହେଁ, ବରଂ ପ୍ରେମ । ସେମାନେ କହନ୍ତି, "ମୁଁ ଆହତ, କାରଣ ମୁଁ ଯାହାକୁ ଭଲ ପାଏ, ସେହି ଅମୁକ ମୋ ଅପେକ୍ଷା ଅନ୍ୟ ଜଣକୁ ଅଧିକ ଭଲ ପାଏ ।"

> **ତୁମେ ହୁଏତ ସମୟେ ସମୟେ ନିଜକୁ ନିଜେ କହୁଥିବା ଲକ୍ଷ୍ୟ କରି ପାର ଯେ "ମୁଁ ରାଗି ଯାଇଛି ଯେ ଚିଡ଼ିଚିଡ଼ା ହୋଇ ଯାଇଛି ।"**

## ଆମେ ନିଜକୁ ଠକୁଛୁ

ପ୍ରେମ ହେଉଛି ସୁଦୂର ପ୍ରସାରୀ, ସର୍ବବ୍ୟାପକ ଏକ ସଦ୍‌ଗୁଣ । ଲୋକେ ତା'ରି ତଳେ ଆଶ୍ରୟ ନେବାକୁ ଭଲ ପାଆନ୍ତି । ସେମାନେ ବହୁକଥା ଏଠାରେ ଆରୋପ କରି ଚଳାଇ ନିଅନ୍ତି ଯେଉଁଗୁଡ଼ିକ ସହ ଏହାର କୌଣସି ସମ୍ପର୍କ ନାହିଁ । ଆମର ଭାବନାଗୁଡ଼ିକ ସାଧୁତାର ସହ ପରୀକ୍ଷା କରିବା ଏବଂ ଏହିସବୁ ଗୁରୁତର ବିଷୟଗୁଡ଼ିକ ସହିତ ଖେଳି ସୁନ୍ଦର ସୁନ୍ଦର ଶବ୍ଦ ଦ୍ୱାରା ନିଜକୁ ନ ଠକିବା ଆମ ପକ୍ଷରେ ଅତ୍ୟନ୍ତ ଶ୍ରେୟସ୍କର ହେବ ।

ଆମେ ବିଚାର କରୁଥିବା ବିଷୟରେ, ଆପଣ ଆହତ ହେବେ ନାହିଁ । କାରଣ ଆପଣ ନିଜ ବନ୍ଧୁଙ୍କୁ ଭଲ ପାଆନ୍ତି । ବରଂ ଆପଣ ଆହତ ହେବେ, ସେହି ବନ୍ଧୁଙ୍କୁ ନିଜର କରିନେବାକୁ ଚାହୁଁଥିବାରୁ । ଯେତେବେଳେ ଏପରି ଆହତ ହେବାର ଅନୁଭବ ଦେଖାଦିଏ, ତାହା ଜନ୍ମ ନିଏ ସ୍ୱାର୍ଥପରତାରୁ, ଯାହା ପ୍ରେମର ବିପରୀତ ଦିଗ । ଆପଣ ପ୍ରକୃତ ଆତ୍ମା– ଆପଣ ନିଜେ ଈର୍ଷା ଅନୁଭବ କରିପାରିବେ ନାହିଁ । କିନ୍ତୁ ଆପଣଙ୍କର କାମନା ଶରୀର ତାହା ଅନୁଭବ କରିପାରିବ । ଆପଣ କ୍ରୋଧୀ ବା ଚିଡ଼ି ଚିଡ଼ା ହୋଇପାରିବେ ନାହିଁ– ଏ ସବୁ କାମନା ଶରୀରର ଅବସ୍ଥା ସମୂହ ।

## ହତାଶାର ଭୂମିକା

ଗୁରୁଦେବ ଆଉ କେତେକ ଉଦାହରଣ ଦେଇଛନ୍ତି- ଲୋଭ, ଈର୍ଷା ଏବଂ ହତାଶା । ଆଧ୍ୟାତ୍ମିକ ପଥରେ ଯାତ୍ରା କରିବାପାଇଁ ଇଚ୍ଛୁକ ବ୍ରକ୍ତି ପ୍ରଥମ ଦୁଇ ବିଷୟରେ ବଶ୍ୟତା ସ୍ୱୀକାର କରିବା ଯେତେ ସମ୍ଭବ ନୁହେଁ, ଯେତିକି ସମ୍ଭବ ତୃତୀୟ ବିଷୟରେ । ଅନେକ ସମୟରେ ଲୋକେ ଅନ୍ୟ ଭାବନାଗୁଡ଼ିକ ତୁଳନାରେ ହତାଶା ସମ୍ପର୍କରେ କମ୍ ସଜାଗ ଥାଆନ୍ତି । କାରଣ ତାଙ୍କର ଭ୍ରାନ୍ତ ଧାରଣା ଥାଏ ଯେ ତାହା କେବଳ ତାଙ୍କୁ ହିଁ ପ୍ରଭାବିତ କରିବ । ସେମାନେ ଭାବନ୍ତି, "ମୁଁ ଯଦି ଦୁଃଖିତ ବା ନ୍ୟୂନ ମନେ କରେ, ତାହା କେବଳ ମୋ କଥା, ତାହା ଅନ୍ୟ କେହି ଭାବିବା କଥା ନୁହେଁ ।" କିନ୍ତୁ ତାହା ସତ୍ୟ ନୁହେଁ, ଏହା ଅନ୍ୟମାନଙ୍କର ମଧ୍ୟ କ୍ଷତି କରେ । ଗୁହ୍ୟବିଦ୍ୟାର ସମସ୍ତ ଅଧ୍ୟାୟୀଙ୍କୁ ଏହି ପ୍ରକ୍ରିୟାର କୌଶଳ ଭଲ ଭାବେ ଜଣା । ହତାଶାର ସ୍ପନ୍ଦନ ଚାରିଆଡ଼େ ଖେଳିଯାଏ ଏବଂ ଅନ୍ୟ ଲୋକଙ୍କର କାମନା ଶରୀରଗୁଡ଼ିକୁ, ଏପରିକି ମାନସ ଶରୀରଗୁଡ଼ିକୁ ମଧ୍ୟ ପ୍ରଭାବିତ କରେ । ଲୋକେ ସାଧାରଣତଃ ଯେତିକି ବୁଝିଛନ୍ତି ତାହାଠାରୁ ଏହା ଅଧିକ କ୍ଷତିକାରକ । କାରଣ ଆପଣଙ୍କ ଚିନ୍ତା ଯେଉଁମାନଙ୍କୁ ସ୍ପର୍ଶ କରିବ, ସେମାନଙ୍କ ଭିତରୁ ବହୁ ଲୋକେ ସ୍ୱଳ୍ପ ଉନ୍ନତ କିସମର ଥାଇପାରନ୍ତି ଏବଂ ଏଭଳି ପରିସ୍ଥିତିରେ ଥାଇପାରନ୍ତି, ଯେଉଁଥିରେ ସେମାନେ ଅପରାଧ କରିବାର ଅବସ୍ଥା ଆଡ଼କୁ ହେବେ ଉନ୍ମୁକ୍ତ ।

ଯେଉଁମାନେ ଅପରାଧର ଇତିହାସ ଓ ପରିସଂଖ୍ୟାନ ସହିତ ପରିଚିତ, ସେମାନେ ଜାଣନ୍ତି ଯେ ବହୁସଂଖ୍ୟକ ଅପରାଧ, ବିଶେଷତଃ ହତ୍ୟା ଓ ଆତ୍ମହତ୍ୟା, ଅତିଶୟ ହତାଶାର ଦୀର୍ଘକାଳ ପରେ କରାଯାଇଥାଏ । କାଠଗଡ଼ାରେ ଠିଆ ହୋଇ ବନ୍ଦୀ ଅନେକ ସମୟରେ କହେ, "ହତାଶାର ଏକ ଭାବ ମୋତେ ମାଡ଼ି ବସିଲା- ମୁଁ ଅନୁଭବ କଲି ମୁଁ ନିଜକୁ ସମ୍ଭାଳି ପାରିବି ନାହିଁ ।" ବିବର୍ତ୍ତନର ନିମ୍ନତର ପର୍ଯ୍ୟାୟମାନଙ୍କରେ ବହୁଲୋକେ ଅଛନ୍ତି, ଯେଉଁମାନେ ଏହି ପ୍ରକାରେ ପ୍ରଭାବିତ ହୋଇପାରନ୍ତି । କେତେକ ବନ୍ଦୀ ହୋଇପାରନ୍ତି ଏବଂ ମୃତ୍ୟୁବରଣ କରିପାରନ୍ତି । ତଥାପି ସେମାନେ ପ୍ରକୃତରେ ଦାୟୀ ନୁହନ୍ତି ବା କେବଳ ଆଂଶିକ ଭାବେ ଦାୟୀ ହୋଇପାରନ୍ତି- ତାଙ୍କ ହାତରେ କରାଯାଇଥିବା ଅପରାଧ ପାଇଁ । ଆମେ ଏପରି ଏକ ପୃଥିବୀରେ ରହିଛୁ, ଯେଉଁଠି ଅଳ୍ପ ଲୋକେ ଏହିସବୁ ଆନ୍ତରୀଣ ନିୟମ ବୁଝନ୍ତି । ଏବଂ ଆମ ବିଚାରାଳୟଗୁଡ଼ିକରେ ଅତିଶୟ ଅସଂପୂର୍ଣ୍ଣ ନ୍ୟାୟ ଦିଆଯାଇଥାଏ, ମନସ୍ତତ୍ତ୍ୱର ମୌଳିକ ସାଧାରଣ ଜ୍ଞାନର ଅଭାବ ହେତୁ ।

ବୋଧହୁଏ ମୁଁ ତାହାକୁ ଅଧିକ ତୀବ୍ର ଭାବେ ଅନୁଭବ କରେ । କାରଣ ମୁଁ ନିଜେ ଅତିଶୟ ଆନନ୍ଦ ଭିତରେ ବୁଡ଼ିଯାଏ ଏବଂ ପରେ ସମପ୍ରକାର ଅତିଶୟ ହତାଶା ଭିତରେ ରହେ, ଯେତେବେଳେ ଝୁଲୁଥିବା ଦୋଳକ ଆରପାଖକୁ ଫେରିଯାଏ । ବହୁ ଲୋକଙ୍କର ସେହିପରି ସ୍ୱଭାବ ରହିଛି । ଦିନେ ପୃଥିବୀଟାଯାକ ମନେ ହୁଏ ସୁଖରେ ପରିପୂର୍ଣ୍ଣ; ସୂର୍ଯ୍ୟକିରଣ ବେଶ୍ ଉଜ୍ଜ୍ୱଳ, ପ୍ରକୃତି ସୁନ୍ଦର, ସବୁକିଛି ଆନନ୍ଦମୟ ଓ ସୁନ୍ଦର । ତା'ପରେ ଆସେ ଅନିବାର୍ଯ୍ୟ ପ୍ରତିକ୍ରିୟା- ଆପଣଙ୍କ ଉପରକୁ ଆସେ ବିରାଟ ଦୁଃଖମୟ ଭାବନା; ସମଗ୍ର ପୃଥିବୀ ମନେ ହୁଏ ଅନ୍ଧକାରମୟ । ଯଦି ଆପଣ କଥାଟିକୁ ଶାନ୍ତଭାବେ ବିଚାର କରିବେ, ଆପଣଙ୍କର ହୃଦ୍‌ବୋଧ ହେବ ଯେ ଯେଉଁସବୁ ବାହ୍ୟ କାରଣ ହେତୁ ଆପଣଙ୍କର ମାନସିକ ଅବସ୍ଥାର ପରିବର୍ତ୍ତନ ହେଲା ବୋଲି ଆପଣ ଭାବୁଥିବେ, ତାହା ଏପରି ବଡ଼ଧରଣର ପରିଣତି ସକାଶେ ଯଥେଷ୍ଟ ନୁହେଁ । ତଥାପି, ଏହି ପ୍ରକାର ସ୍ୱଭାବର କେତେକ ସୁବିଧା ରହିଛି । ନିଶ୍ଚିତ ଭାବେ ମୁଁ ଏପରି ସଫଳତାର ସହ କରିପାରନ୍ତି ନାହିଁ, ଯଦି ମୁଁ ଏହାକୁ ମୋର ନିଜ ଦୁନିଆଁ ଭିତରକୁ ନ ଆଣନ୍ତି । ଭାବନାର ଏହି ସବୁ ଚରମାବସ୍ଥା ଜାଣିବା ହିଁ ବକ୍ତାର ସ୍ୱଭାବର ଏକ ଅଂଶ । କିନ୍ତୁ ପ୍ରତ୍ୟେକ ଅନ୍ୟ ସ୍ୱଭାବ ପରି ଏହାର ଉପଯୋଗିତା ସାଙ୍ଗକୁ ତ୍ରୁଟି ମଧ୍ୟ ରହିଛି । ଏହି ପ୍ରକାର ପ୍ରଚଣ୍ଡ ଆବେଗର ପରିବର୍ତ୍ତନଗୁଡ଼ିକ ଆଗରେ ମୁଣ୍ଡ ନୁଆଁଇବା ଠିକ୍ ନୁହେଁ ।

ମୋର ସନ୍ଦେହ ହୁଏ କେହି ଏହି ପ୍ରକାର ତ୍ରୁଟିକୁ ବାଦ୍ ଦେଇପାରିବ କେବଳ ମନକୁ ମନ କହି "ମୋର ହତାଶା ଅନୁଭବ କରିବା ଅନୁଚିତ ।" କିନ୍ତୁ ସବୁଠାରୁ ଖରାପ ଅବସ୍ଥାରେ ମଣିଷ ବିଜୟ ହାସଲ କରିବ ଯଦି ତା'ର ମନେ ପଡ଼େ ଯେ ତା'ର ନଇଁଯିବା ଠିକ୍ ହେବ ନାହିଁ କାରଣ ଅନ୍ୟ ଲୋକଙ୍କ ଉପରେ ଶୋଚନୀୟ ଭାବେ ଏହାର ଖରାପ ପ୍ରଭାବ ପଡ଼ିବ । ସୁତରାଂ କେବଳ ଏହାକୁ ଏଡ଼ିଦେବା ପାଇଁ ଚେଷ୍ଟା କରନ୍ତି ନାହିଁ । ବରଂ ତାହା ବଦଳରେ ସାହସ ଓ ପ୍ରଫୁଲ୍ଲତାର ଶକ୍ତିଶାଳୀ ଭାବନା ଆଣନ୍ତୁ ଏବଂ ତାହା ସହିତ ଆପଣଙ୍କର ନିଃସ୍ୱାର୍ଥପର ଭାବନାର ଉଷ୍ମତା ଯୋଡ଼ିଦେବା ଉଚିତ ହେବ ।

**କାମ ଉପାଦାନିକ ନିମ୍ନାଭିମୁଖୀ**

ଗୁରୁଦେବ ଯେପରି ଦର୍ଶାଇଛନ୍ତି, କାମନା ଶରୀର କୌଣସି କ୍ଷତି କରିବାକୁ ଚାହେଁ ନାହିଁ । ଏହା ଯେଉଁ କାମ କରେ ତାହା କରେ ଏହି କାରଣରୁ ଯେ ଏହା ଯେଉଁ ଉପାଦାନିକ ସାର ନେଇ ଗଠିତ ତାହା ବିବର୍ତ୍ତନ ପଥରେ ନିମ୍ନାଭିମୁଖୀ ଏବଂ ଏହାର ବିବର୍ତ୍ତନ ଘଟେ- ପ୍ରଚଣ୍ଡ ଏବଂ ସଦା ପରିବର୍ତ୍ତନଶୀଳ ସ୍ପନ୍ଦନ

ଦ୍ୱାରା । ପ୍ରଚଣ୍ଡ ପରିବର୍ତ୍ତନ ପାଇଁ କାମନା ଶରୀରର ଅବିରତ ଇଚ୍ଛା ଅଧ୍ୟୟନକାରୀଙ୍କୁ ବୁଝିବାରେ ସାହାଯ୍ୟ କରିବ ଯେ ସେ ନିଜେ ନୁହନ୍ତି, ବରଂ ଆଉ କିଛି ଯାହା ଆପାତତଃ କୌଣସି କାରଣ ନ ଥାଇ ତାଙ୍କର ମାନସିକ ପରିବର୍ତ୍ତନ ଘଟାଇଥାଏ । ସେହି ପରିବର୍ତ୍ତନ ସବୁ ବିବେକାନୁମୋଦିତ ନୁହେଁ କାରଣ ସେଗୁଡ଼ିକ ହେଉଛି କାମନା ଶରୀରର ସ୍ୱାଧୀନ କ୍ରିୟାକଳାପ । ମଣିଷ ଏହା ବୁଝିବା ଆବଶ୍ୟକ । ନିଜକୁ ଏ ସମସ୍ତ ଘନଘନ ପରିବର୍ତ୍ତନର କ୍ରୀଡ଼ାଭୂମି ହେବାକୁ ଦେବେ ନାହିଁ । ଆପଣ ନିଜ କାମନାର ପ୍ରକୃତିକୁ ଅଧ୍ୟୟନ କରନ୍ତୁ ଏବଂ ଦେଖି ନିଅନ୍ତୁ କେଉଁ ସବୁ ଅବାଞ୍ଛନୀୟ ବିଷୟ ଏହା ବିଶେଷ ଭାବେ ଚାହୁଁଛି । ଏହା ପରେ ଶାନ୍ତ ଭାବେ ସ୍ଥିର ସଂକଳ୍ପ କରନ୍ତୁ ଯେ ଆପଣ ଏହାକୁ ସେପରି କାମନା କରିବାକୁ ଦେବେ ନାହିଁ । ଏହାପରେ ଆଉ ସେ ବିଷୟରେ ଚିନ୍ତା କରନ୍ତୁନାହିଁ, ସେହି ଚିନ୍ତାରେ ବୁଡ଼ି ରହନ୍ତୁ ନାହିଁ । ବିପରୀତ ମାନସିକ ଅବସ୍ଥା ବାଛିନିଅନ୍ତୁ ଏବଂ ସାରା ଦିନ ତାକୁ ଅଭ୍ୟାସ କରନ୍ତି । ଯଦି ଆପଣଙ୍କର କାମନା ଶରୀର ଅଧୀର ହେବାକୁ ଚାହେଁ, ତେବେ ମନକୁ ଧୈର୍ଯ୍ୟବାନ୍ କରନ୍ତୁ । ପ୍ରଭାତକାଳୀନ ଧ୍ୟାନରେ ଧୈର୍ଯ୍ୟ ବିଷୟରେ ଚିନ୍ତା କରନ୍ତୁ ଏବଂ ସାରାଦିନ ତାହା ହିଁ ଅଭ୍ୟାସ କରନ୍ତୁ । ଯଦି ଆପଣଙ୍କର କାମନା ଶରୀର ଈର୍ଷା ଅନୁଭବ କରିବାକୁ ଚାହେଁ, ତେବେ ତାହା ଲକ୍ଷ୍ୟ କରନ୍ତୁ ଏବଂ ଈର୍ଷା ସମ୍ପର୍କରେ ଆଉ ଭାବନ୍ତୁ ନାହିଁ । ବରଂ ନିଃସ୍ୱାର୍ଥପରତା ବିଷୟରେ ଭାବନ୍ତୁ ଏବଂ ଦୃଢ଼ଭାବେ ତାକୁ ଅଭ୍ୟାସ କରନ୍ତୁ, ତାହାହେଲେ ଈର୍ଷା ପାଇଁ ଅବକାଶ ରହିବ ନାହିଁ । ଆପଣଙ୍କର ମନ ଏକ ସମୟରେ ଦୁଇ ପରସ୍ପର ବିରୋଧୀ ଭାବରେ ପୂର୍ଣ୍ଣ ହୋଇ ପାରିବ ନାହିଁ ।

**କଷ୍ଟ ଏକ ସୁଯୋଗ**

ମନେ ରଖନ୍ତୁ ଯେ ସମସ୍ତ ପ୍ରକାର କଷ୍ଟ ଆଗାମୀ ଗୂହ୍ୟବିତ୍ ସକାଶେ ହେଉଛି ସୁଯୋଗ । ଯେତେବେଳେ ଚାରିପାଖରେ ସମସ୍ତେ ଦୟାଳୁ, ସେତେବେଳେ ପ୍ରେମ ଦେଖାଇବା ବା ଯେତେବେଳେ ସମସ୍ତେ ବିଚାରଶୀଳ ସେତେବେଳେ ଭଦ୍ରତା ଦେଖାଇବା ଶିଷ୍ୟଙ୍କର କୌଣସି ବାହାଦୁରୀ ନୁହେଁ । ଅତି ସାଧାରଣ ଲୋକ ତାହା କରିଥାଏ ।

ଯେଉଁମାନେ ଶିଷ୍ୟ ହେବାକୁ ଚାହାନ୍ତି ସେମାନଙ୍କ ପକ୍ଷରେ ଉଚିତ ଭାବାବେଗ ଦେଖାଇବାକୁ ହେବ, ଯେତେବେଳେ ସେମାନଙ୍କ ପ୍ରତି ଅନୁଚିତ ଭାବାବେଗ ଦର୍ଶାଯାଉଥାଏ । ତାହା ନ ହେଲେ ସେମାନେ ହେବେ ଅନ୍ୟ ସମସ୍ତଙ୍କ ପରି । ଏହି କଥାଟି ମନେ ରଖିବାକୁ ହେବ ଅସୁବିଧା ତଥା ପ୍ରଲୋଭନ

ସମୟରେ । ଅଭୀପ୍ସୁ ବ୍ୟକ୍ତି ଏହି ପ୍ରକାର ପରିସ୍ଥିତି ଋଣ ପରିଶୋଧର ସୁଯୋଗ ବୋଲି ଭାବି ତେଇଁ ପଡ଼ିବେ । ଜଣେ ଶିଷ୍ୟ ଯେଉଁ ପୀଡ଼ାଦାୟକ ବ୍ୟକ୍ତି ଏବଂ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତାହା ତାଙ୍କ ସକାଶେ ପ୍ରଲୋଭନ ନୁହେଁ ବରଂ ଏକ ସୁଯୋଗ । ଯେତେବେଳେ ସେ ଖରାପ ଭାବାବେଗର ପ୍ରତିଦାନରେ ଉତ୍ତମ ଭାବାବେଗ ଦର୍ଶାନ୍ତି, ସେତେବେଳେ ହିଁ ସେ ଗୁରୁଙ୍କ ଅନୁରୂପ ହୋଇଥାନ୍ତି ଓ ସେତିକିବେଳେ ହିଁ ସେ ଗୁରୁଙ୍କର ଗୁଣଗୁଡ଼ିକ ପ୍ରଦର୍ଶନ କରିଥାନ୍ତି ।

**ଧ୍ୟାନ ଓ ଚିନ୍ତା**

ସୁତରାଂ ପ୍ରଭାତକାଳୀନ ଧ୍ୟାନବେଳେ ଆପଣ ଚିନ୍ତା କରନ୍ତୁ, ଆପଣ ଯେଉଁ ସବୁ ଗୁଣ ଚାହାନ୍ତି । ଉଦାହରଣ ସ୍ୱରୂପ, ଆପଣ ଯଦି ଚିଡ଼ିଚିଡ଼ା ପ୍ରକୃତିର, ତେବେ ଧୈର୍ଯ୍ୟ ବିଷୟରେ ଚିନ୍ତା କରନ୍ତୁ । ପରେ ଯେତେବେଳେ ସେହିଦିନ ଆପଣଙ୍କର ଯଦି କୌଣସି ଚିଡ଼ିଚିଡ଼ା ଲୋକ ବା କ୍ଲାନ୍ତିକର ବ୍ୟକ୍ତିଙ୍କ ସହିତ ଦେଖାହୁଏ, ତେବେ ପ୍ରଥମେ ଅଭ୍ୟାସ ବଳରେ ଆପଣ ନିଜର ଚିଡ଼ିଚିଡ଼ା ପ୍ରତିକ୍ରିୟା ଦେଖାଇବେ । କିନ୍ତୁ ଅପାଣ ଭୁଲ୍ କରିବାର କ୍ଷଣକ ପରେ ଆପଣ ଧୈର୍ଯ୍ୟ କଥା ଚିନ୍ତା କରିବେ । ପରବର୍ତ୍ତୀ ସମୟରେ ଆପଣ ଭୁଲ୍ କରୁଥିବାବେଳେ ଧୈର୍ଯ୍ୟ ବିଷୟ ଭାବିବେ । ଆଉ ଟିକିଏ ଅଭ୍ୟାସ କଲେ ଆପଣ ଭୁଲ୍ କରିବା ପୂର୍ବରୁ ଧୈର୍ଯ୍ୟ ବିଷୟ ଚିନ୍ତା କରିବେ ଏବଂ ପରେ ଆପଣ ନିଜ ଭିତରେ ଚିଡ଼ିଚିଡ଼ା ଭାବ ଅନୁଭବ କଲେ ମଧ୍ୟ ପ୍ରକାଶ କରିବେ ନାହିଁ । ଅବଶେଷରେ ଆପଣ ଚିଡ଼ିଚିଡ଼ା ଭାବ ମଧ୍ୟ ଅନୁଭବ କରିବେ ନାହିଁ । ଉପରୋକ୍ତ ପର୍ଯ୍ୟାୟଗୁଡ଼ିକ ମଧ୍ୟରେ ପ୍ରଥମଟି ଦେଖାଇ ଦିଏ ଯେ ଆପଣଙ୍କର ଧ୍ୟାନ ସଫଳ ହେବା ଆରମ୍ଭ କରୁଛି ।

ମୁଁ ଜାଣେ ବହୁ ଲୋକଙ୍କୁ ଯେଉଁମାନେ ଏହା କରିବା ପାଇଁ ଚାହାନ୍ତି ଏବଂ କେତେଦିନ ବା ସପ୍ତାହ ଏହା ଚାଲୁ ରଖିବା ପରେ କହନ୍ତି, "ମୁଁ ଏହି ପ୍ରକାରେ ଆଉ ଧ୍ୟାନ କରିବି ନାହିଁ, ମୁଁ କୌଣସି ଫଳ ପାଉ ନାହିଁ । ଏହି ଧ୍ୟାନରେ ମୋର କିଛି ଭଲ ହେଉ ନାହିଁ । ମୁଁ କୌଣସି ପ୍ରଗତି କରୁନାହିଁ ।" ଯଦି କୌଣସି ବ୍ୟକ୍ତି କୌଣସି ସ୍ଥାନକୁ ତିନିଦିନିଆ ଯାତ୍ରାରେ ବାହାରି ଘଣ୍ଟେ ବା ଦୁଇଘଣ୍ଟା ପରେ ବୁଲି ପଡ଼ି କହେ, "ଆଉ ଚାଲି କିଛି ଲାଭ ନାହିଁ- ସେଇଠି ମୁଁ ପହଞ୍ଚିବା ପରି ମନେ ହେଉ ନାହିଁ ।" ଏହା ଅବିକଳ ସେହିପରି କଥା । ଏହି ସ୍ଥୂଳ ପୃଥିବୀରେ ଏହି ପ୍ରକାର ଆଚରଣ ଯେ ମୂର୍ଖତା ହେବ, ତାହା ସମସ୍ତେ ଜାଣିପାରିବେ ।

ଆଉ କଥାଟି ମଧ୍ୟ ଏହାଠାରୁ କମ୍ ମୂର୍ଖ ପଣିଆ ନୁହେଁ । ଧ୍ୟାନର ଅବଶ୍ୟ ଫଳ ରହିଛି । ଯେପରି ଚାଲିବା ଫଳରେ ଆପଣ ଭୂମି ଉପରେ କେତେ ବାଟ

ନିଶ୍ଚୟ ଆଗେଇ ଯିବେ, ଏହା ସେପରି ଏକ ନିଶ୍ଚିତ କଥା । ବୈଜ୍ଞାନିକ ନିୟମାବଳୀ ସବୁ ସମୟରେ କାର୍ଯ୍ୟ କରିଥାଏ ଏବଂ ପ୍ରତ୍ୟେକ ଶକ୍ତି ଯାହାକୁ ଆପଣ ସକ୍ରିୟ କରିବେ, ତାହା ନିଶ୍ଚୟ ଫଳପ୍ରଦ ହେବ । ଆପଣ ଯାହା ଲକ୍ଷ୍ୟରେ ରଖିଛନ୍ତି, ତାହା ଯଦି ସଙ୍ଗେ ସଙ୍ଗେ ନ ପାଆନ୍ତି, ତା'ର କାରଣ ହେଉଛି ଯେ ଆହୁରି ପ୍ରତିବନ୍ଧକ ରହିଛି ଏବଂ ସେହି ଶକ୍ତି ସେହିଠାରେ କାମ କରୁଛି ତାକୁ ଆଡ଼େଇ ଦେଇ ତାହା ଉପରେ ସମ୍ପୂର୍ଣ୍ଣ ବିଜୟ ହାସଲ କରିବା ପାଇଁ । ପରିଣତି କଥା ବିଚାର କରନ୍ତୁ ନାହିଁ । ଚିନ୍ତା ପ୍ରୟୋଗ କରନ୍ତୁ ଧୈର୍ଯ୍ୟଗୁଣ ଉପରେ ବା ଯେଉଁ ଗୁଣକୁ ଆପଣ ବିକଶିତ କରିବାକୁ ଚାହାନ୍ତି ତା' ଉପରେ । ତାହାହେଲେ ପରିଣତିଗୁଡ଼ିକ ମନକୁ ମନ ଦେଖା ଦେବ ।

**କାମନା ଶରୀର ଓ ମନୁଷ୍ୟ**

ଲେଡ଼୍‌ବିଟର୍– ସର୍ବାଦୌ ଟିକିଏ ଅଭ୍ୟାସ ପରେ ଆମକୁ ବୁଝିବାରେ ବେଶି କଷ୍ଟ ହେବ ନାହିଁ ଯେ ଆମେ ଏହି ସ୍ଥୂଳ ଶରୀର ନୋହୁଁ । ଏହା ଗୋଟିଏ ଓଭର କୋଟ୍ । କିନ୍ତୁ କାମନା ଶରୀର– ଆମର ଆବେଗ ଏବଂ କାମନାଗୁଡ଼ିକୁ ବୁଝିବା ଅଧିକ ଅଧିକ କଷ୍ଟକର ହୋଇଥାଏ, କାରଣ ଅନେକ ସମୟରେ ଏହା ଆମର ଏକ ଘନିଷ୍ଠ ଅଂଶ ଭଳି ମନେ ହୁଏ । ଦେଖାଯାଏ ଯେ ସବୁ କ୍ଷେତ୍ରରେ ଏବଂ ଦୈନନ୍ଦିନ ଜୀବନରେ ଲୋକେ ନିଜକୁ ନିଜର ଆବେଗ ଏବଂ କାମନା ବୋଲି ଭାବନ୍ତି । କେତେକ ସେଥିରେ ଏଭଳି ବୁଡ଼ି ଯାଇଥାନ୍ତି ଯେ ଯଦି ଆପଣ କଳ୍ପନା କରିପାରିବେ ଯେ ସେଗୁଡ଼ିକୁ ସେମାନଙ୍କଠାରୁ ବାହାର କରି ନିଆଯିବ, ଆଉ କିଛି ରହିବା ଭଳି ମନେ ହେବ ନାହିଁ । ବ୍ୟକ୍ତି ଗୋଟାକ ଯାକ ହିଁ ତା'ର କାମନା ଏବଂ ଆବେଗ । ଏହି ପ୍ରକାର ବ୍ୟକ୍ତି ପକ୍ଷରେ ବିଶେଷ କଷ୍ଟକର ହେବ ନିଜର କାମନା ଶରୀରଠାରୁ ନିଜକୁ ଅଲଗା କରିବା । ତଥାପି ତାହା ହିଁ କରିବାକୁ ହେବ । କାମନା ଶରୀର ଯେ ସର୍ବଦା ନିଜର ଭାବାବସ୍ଥା ବଦଳାଇ ଲାଗିଛି, ଏହି କଥାଟି ଲୋକଙ୍କୁ ବୁଝିବାରେ ସାହାଯ୍ୟ କରିବ ଯେ କାମନା ଶରୀର ଆତ୍ମା ବା 'ମୁଁ' ନୁହେଁ । ଆତ୍ମା ବଦଳୁ ନାହିଁ । ସେ ସର୍ବଦା ସେହି କାମନା ଶରୀର ଆତ୍ମା ବା 'ମୁଁ' ନୁହେଁ । ଆତ୍ମା ବଦଳୁ ନାହିଁ । ସେ ସର୍ବଦା ସେହି ଗୋଟିଏ କଥା ଚାହେଁ– ପ୍ରଗତି, ଯାହା ଫଳରେ ଅନ୍ୟମାନଙ୍କୁ ସାହାଯ୍ୟ କରି ହେବ ଗୁରୁଙ୍କ ଉଦ୍ଦିଷ୍ଟ ପଥରେ ଯାତ୍ରା କରିବା ପାଇଁ । ସୁତରାଂ ନିଶ୍ଚିତ ଭାବେ ଏହା ସ୍ପଷ୍ଟ ହେଉଛି ଯେ କାମନା ଶରୀର ଆତ୍ମା ନୁହେଁ ।

କାମନା ଉପାଦାନିକ କିଛି ମାତ୍ରାରେ ନିରବଚ୍ଛିନ୍ନ ରହେ । କାରଣ ସ୍ଥାୟୀ ଅଣୁଗୁଡ଼ିକ ନିଜ ଚାରି ପାଖରେ ଠିକ୍ ସେହି ଧରଣର ପଦାର୍ଥକୁ ଆକର୍ଷଣ କରେ ଯାହା

ଆମର ପୂର୍ବ ଜନ୍ମରେ ଥିଲା । ସୁତରାଂ ହଠାତ୍ ଓଲଟି ପଡ଼ି ଏହି ଜୀବକୁ ଆୟତ୍ତ କରିବା କଷ୍ଟକର । ତେବେ ତାହା କରିହେବ । ସର୍ବୋତ୍ତମ ପନ୍ଥା ହେଉଛି ସଯତ୍ନ ପରୀକ୍ଷା କରି ଦେଖିବାକୁ ହେବ । କାମ ଶରୀର ଅବାଞ୍ଛନୀୟ କାର୍ଯ୍ୟକଳା ଦିଗରେ ଛୁଟି ଯିବାକୁ ଚାହେଁ । ପ୍ରତ୍ୟେକ ବ୍ୟକ୍ତିର ନିଜର ଅସୁବିଧା ସବୁ ରହିଛି । ହୁଏତ ଜଣେ ଅସ୍ଥିର ଏବଂ ଚିଡ଼ିଚିଡ଼ା ପ୍ରକୃତିର ବା ଈର୍ଷାପ୍ରବଣ କିମ୍ଵା ଅର୍ଥଲୋଭୀ । ସେହି ବିଷୟ ଜାଣିବା ପରେ, ସେହି ବିଷୟକୁ ଆୟତ୍ତ କରିବା ପାଇଁ ତାକୁ ଧୀର ଭାବେ ଆରମ୍ଭ କରିବାକୁ ହେବ । ଧରି ନିଆଯାଉ, ତାହା ହେଉଛି ଚିଡ଼ିଚିଡ଼ା ସ୍ଵଭାବ– ଯାହା ଆଧୁନିକ ଜୀବନର କୋଳାହଳ ଏବଂ ଭୟଙ୍କର ପରିବେଶରେ ଅତି ସାଧାରଣ କଥା । ସେହି ବ୍ୟକ୍ତି ମନକୁ ମନ ଠିକ୍ କରି ନେବ ଯେ ସେ ଆଉ ଚିଡ଼ିଚିଡ଼ା ହେବ ନାହିଁ । ଭଲ ହେବ ତାକୁ ଧ୍ୟାନର ବିଷୟ ରୂପେ ଗ୍ରହଣ କରିନେବା । ତେବେ ସେଥିରେ ସେହି ଦୋଷ ସହିତ ଲଢ଼େଇ କରିବା ପାଇଁ ଆରମ୍ଭ କରିବା ଉଚିତ ହେବ ନାହିଁ । ବରଂ ଉଚିତ ହେବ ତାହାର ବିପରୀତ ଗୁଣ ଧୈର୍ଯ୍ୟକୁ ନେଇ ଧ୍ୟାନ କରିବା । କେବେହେଲେ ସେହି ମନ୍ଦ ସମୟରେ କିମ୍ଵା ତାହା ବିରୋଧରେ ଲଢ଼େଇ କରିବା ପାଇଁ ଭାବିବା ନାହିଁ, କାରଣ ତଦ୍ଵାରା ଆମେ ତାକୁ ଅଧିକା ଘାଣ୍ଟି ଲାଗିବା ।

ସେହି ପ୍ରଣାଳୀ ମଧ୍ୟ ପ୍ରୟୋଗ କରାଯାଇପାରେ, ଯେତେବେଳେ ଆପଣ ନିଜ ଚିନ୍ତା ଦ୍ଵାରା ଅନ୍ୟକୁ ସାହାଯ୍ୟ କରିବା ପାଇଁ ଚେଷ୍ଟା କରନ୍ତୁ । ଆପଣ ଯଦି କାହାକୁ ସାହାଯ୍ୟ କରିବାକୁ ଚାହାନ୍ତି ଯାହାର ଏ ପ୍ରକାର ତ୍ରୁଟି ରହିଛି, ତାହାର ଚିଡ଼ିଚିଡ଼ା ସ୍ଵଭାବ ଉପରେ ଚିନ୍ତା କରି ବା ଏହା ଏକ ଦୁଃଖର କଥା ବୋଲି ଭାବିବା ଠିକ୍ ହେବ ନାହିଁ । କାରଣ ତଦ୍ଵାରା ଦୁଃଖ ଅଧିକ ହେବ । ବରଂ ଆପଣ ଭାବିବା ଉଚିତ ହେବ, "ମୁଁ ଚାହେଁ ସେ ହୁଅନ୍ତୁ ଶାନ୍ତି ଓ ଧୀର ।" ତାହାହେଲେ ଆପଣଙ୍କ ଚିନ୍ତାର ସମସ୍ତ ଶକ୍ତି ତାଙ୍କୁ ସେପରି କରିବାରେ ନିଯୁକ୍ତ ହେବ ।

ପ୍ରଥମେ ଆମେ ଯେତେବେଳେ ଜଣେ ଚିଡ଼ିଚିଡ଼ା ଲୋକ ସହିତ ମିଶୁ, ସେତେବେଳେ ଆମେ ହୁଏତ ଚିଡ଼ିଯିବୁ, କାରଣ ଆମର ସେହି ଅଭ୍ୟାସ ଅଛି ଏବଂ ପରେ ଆମର ମନେ ପଡ଼ିବ, "ମୁଁ ସେପରି ହେବାକୁ ଚାହୁଁ ନ ଥିଲି ।" ଘଟଣା ପରେ ସେପରି ମନେ ପକାଇବାର ମଧ୍ୟ କିଛି ମୂଲ୍ୟ ଅଛି । ସମ୍ଭବତ। ପରବର୍ତ୍ତୀ କାଳରେ ବା ବିଂଶତିତମ ଥର, ଘଟଣାର ଠିକ୍ ପରେ ମନେ ନ ପକାଇ ଘଟଣା ବେଳରେ ହିଁ ଆମର ମନେ ପଡ଼ିବ । ତୃତୀୟ ପର୍ଯ୍ୟାୟରେ ବିରକ୍ତିର କଥା କହିବାର ଠିକ୍ ପୂର୍ବରୁ ଆମେ ମନେ ପକାଇବୁ; ବିରକ୍ତି ଭାବ ଆମର ଥିବ, କିନ୍ତୁ ଆମେ ତାକୁ ପ୍ରକାଶ କରିବୁ ନାହିଁ । ପରବର୍ତ୍ତୀ ସୋପାନ ହେଉଛି ଯେ ଆମେ ଆଦୌ ବିରକ୍ତି

ଅନୁଭବ କରିବୁ ନାହିଁ । ତା'ପରେ ଏହା ହେବ ପରାଜିତ । ଏହି ଜୀବନରେ ବା ଆଗାମୀ ଜନ୍ମମାନଙ୍କରେ ଆମେ ଆଉ ଏହାକୁ ନେଇ କଷ୍ଟ ପାଇବୁ ନାହିଁ ।

**ଅପମାନିତ ହେବା ସ୍ୱାର୍ଥପରତା**

ଆମର କାମ ପ୍ରବୃତ୍ତି ଉପରେ ପ୍ରଭୁତ୍ୱ ହାସଲ ପାଇଁ ଏହା ମଧ୍ୟ ଦରକାର ଯେ ଆମର କୌଣସି ବ୍ୟକ୍ତିଗତ ଭାବାବେଗ ରହିବ ନାହିଁ, ଯାହା ଫଳରେ ଆହତ ବା ଅପମାନିତ ମନେ କରିବୁ । (ଆମର ଅଧିକ ଭଲ ଅନୁଭବ ଯଥା ସହାନୁଭୂତି ଓ ପ୍ରେମ ଥାଇପାରେ ଏବଂ ନିଶ୍ଚୟ ଥିବ । କିନ୍ତୁ ଆମର ଅନୁଭବ ଆହତ ବା ଅପମାନିତ ହେବା ଅସମ୍ଭବ ହେବ ।) ଯେ ଆହତ ମନେ କରେ, ସେ ନିଜ ବିଷୟରେ ଭାବେ ଏବଂ ଆମର ସେପରି ଭାବିବାର କୌଣସି ଅଧିକାର ନାହିଁ, ଯଦି ଆମେ ନିଜକୁ ଗୁରୁଙ୍କୁ ସମର୍ପଣ କରି ଦେଇଛୁ । ଏହା ହୋଇପାରେ ଯେ କେତେକ ଲୋକ ଏଭଳି ମୋଟାବୁଦ୍ଧିଆ ଥାଆନ୍ତି, ସେମାନେ ଅପମାନ କ'ଣ ଜାଣନ୍ତି ନାହିଁ । ତାହା ବାଞ୍ଛନୀୟ ନୁହେଁ । କିନ୍ତୁ ଆପଣ ଯେତେବେଳେ ଜାଣିପାରୁଛନ୍ତି, ତାହା ପ୍ରତି ଦୃଷ୍ଟି ନ ଦେବା ବିଜ୍ଞୋଚିତ ହେବ । ଏବଂ ତାହା ହିଁ ସର୍ବଦା ଶ୍ରେୟସ୍କର ।

ଯଦି ଲୋକେ ଆପଣଙ୍କ ବିଷୟରେ କୁତ୍ସିତ କଥା କହନ୍ତି, ବ୍ୟସ୍ତ ହୁଅନ୍ତୁ ନାହିଁ । ପୃଥିବୀ ଆରମ୍ଭ ହେବା ଦିନଠାରୁ ଲୋକେ ଅନ୍ୟମାନଙ୍କ ବିଷୟରେ କୁତ୍ସିତ କଥା କହି ଆସୁଛନ୍ତି ଏବଂ ଆମେ ସିଦ୍ଧତ୍ୱ ଲାଭ କରିବା ଦିଗରେ ବିଶେଷ ଆଗେଇ ନ ଯିବା ପର୍ଯ୍ୟନ୍ତ, ସେମାନେ ସେପରି କହି ଲାଗିଥିବେ । ମୋଟ୍ ଉପରେ, ଆଉ ଜଣେ କ'ଣ କହୁଛି, ସେଥିରେ ଯାଏ ଆସେ ନାହିଁ । ତାହା ପବନରେ ଏକ ତଳମାନ ତରଙ୍ଗ ଏବଂ ଆପଣ ତାକୁ କିଛି ବୋଲି ନଭାବିଲେ ସେ କିଛି ନୁହେଁ । ଯଦି ଜଣେ ବ୍ୟକ୍ତି ଆପଣଙ୍କ ବିଷୟରେ ଅପ୍ରୀତିକର କିଛି କହେ, ଏବଂ ଯଦି ଆପଣ ତାହା ନ ଶୁଣନ୍ତି ତାହା ଆପଣଙ୍କୁ ତିଳେ ହେଲେ କଷ୍ଟ ଦେବ ନାହିଁ । ଯଦି ଆପଣ ତାହା କୌଣସିମତେ ଶୁଣନ୍ତି ଏବଂ ପଶିଯାନ୍ତି କ୍ରୋଧର ଧୂଆଁ ଭିତରକୁ, ଭୟ ବା ହତାଶା ବା ଅନ୍ୟ ସବୁ ଭାବନା ଭିତରକୁ, ତାହା ପ୍ରଥମ ଦୋଷୀ ବ୍ୟକ୍ତିର କାର୍ଯ୍ୟ ନୁହେଁ । ଆପଣ ହିଁ ନିଜକୁ କଷ୍ଟ ଦେଉଛନ୍ତି । ଦାର୍ଶନିକ ମନୋଭାବ ନେଇ ତାହା ଗ୍ରହଣ କରନ୍ତୁ । କହନ୍ତୁ "ବିଚାରା", ସେ କେବଳ ସେତିକି ହିଁ ଜାଣେ । ଏ ସମ୍ପର୍କରେ ବେଶ୍ ଧୀର ଏବଂ ସଦୟ ହୁଅନ୍ତୁ ।

ଅନ୍ୟମାନେ ଯାହା କହନ୍ତି ତାହାର କିଛି ଗୁରୁତ୍ୱ ନାହିଁ । କାରଣ ସେମାନେ ଜାଣନ୍ତି ନାହିଁ । ମନେ ରଖନ୍ତୁ, "ହୃଦୟ ଜାଣେ ନିଜର ତିକ୍ତତା ।" ପ୍ରତ୍ୟେକ

କ୍ଷେତ୍ରରେ ମନୁଷ୍ୟ କ'ଣ କହେ, କରେ ଏବଂ ଭାବେ, ତା'ର ନିଜର କାରଣ ରହିଛି । ବାହାରୁ ଆପଣ ଜାଣିପାରିବେ ନାହିଁ ତା'ର ସମସ୍ତ କାରଣ, ଯେହେତୁ ଆପଣ ଦେଖୁଛନ୍ତି ଉପରଠାଉରିଆ ଭାବେ ଏବଂ ସାଧାରଣତଃ ଭୁଲ ଭାବେ । ତେଣୁ ଆପଣ ବୌଦ୍ଧିକ ସ୍ତରରେ ନ ପହଞ୍ଚିବା ପର୍ଯ୍ୟନ୍ତ କେବଳ ସନ୍ଦେହ କରୁଛନ୍ତି ବୋଲି ତାକୁ ଛାଡ଼ି ଦିଅନ୍ତୁ କିମ୍ବା ଅଧିକ ବିଙ୍କୋଚିତ ହେବ କାହାରି ଖରାପ ଉଦ୍ଦେଶ୍ୟ ଅଛି ବୋଲି କହିବାକୁ ଚେଷ୍ଟା କରନ୍ତୁ ନାହିଁ । ଯଦି ଅନୁଭବ କରନ୍ତି ଯେ କୌଣସି ବ୍ୟକ୍ତିର କାର୍ଯ୍ୟ ଭୁଲ୍, ତେବେ ସର୍ବାଧିକ ସଦୟ କାର୍ଯ୍ୟ ହେବ ଏପରି କହିବା "ମୁଁ ସେପରି କରନ୍ତି ନାହିଁ । ମୋର ମନେ ହେଉଛି, ତାହା ଭୁଲ୍ । ତେବେ ମୁଁ ଭାବୁଛି ସେହି ବ୍ୟକ୍ତିର କିଛି କାରଣ ଥାଇପାରେ । ଯଦିଓ ମୁଁ ଜାଣେ ନାହିଁ ସେହି କାରଣ ସବୁ କ'ଣ ହୋଇପାରେ ।"

ଯେତେବେଳେ କୌଣସି ବ୍ୟକ୍ତି ନିଷ୍ଠୁର ହୁଏ, ଅନେକ ସମୟରେ ତା'ର କାରଣ ହେଉଛି କିଛି ଭୁଲ୍ ହୋଇଯାଇଛି ଏବଂ ପରିଣାମତଃ ସେ ଅନୁଭବ କରୁଛି ଯେ ସବୁ କିଛି ବେତାଳିଆ ହୋଇଯାଇଛି ଏବଂ ଘଟଣାକ୍ରମେ ଆପଣ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯେ ଏପରି ଘଟଣା ପରେ ତା' ପାଖକୁ ଯାଇଛନ୍ତି । ସେ ପ୍ରକୃତରେ ଅପାଣଙ୍କ ଉପରେ ରାଗି ନାହିଁ । ଅନ୍ୟ କିଛି ତାକୁ ବିବ୍ରତ କରି ଦେଇଛି । ହୁଏତ ରାତିରେ ସେ ଭଲ ଭାବେ ଖାଇ ନାହିଁ ।

ଅନ୍ୟ ଲୋକଙ୍କ ପ୍ରତି କୋହଳ ହେବାପାଇଁ ଆମକୁ ଶିଖିବାକୁ ହେବ ଏବଂ କହିବାକୁ ହେବ, "ବିଚାରା ହୁଏତ ସେ ସଦାବେଳେ ମୋ ପରି ସମ୍ପୂର୍ଣ୍ଣ ମିଶାଣିଆ ଏବଂ ରାଜି ହୋଇଯିବା ପ୍ରକୃତିର ନୁହନ୍ତି ।" ହୁଏତ ସେହି ବ୍ୟକ୍ତି ପରେ ଟିକିଏ ଦୁଃଖିତ ହେବେ ଯେ ସେ ଟିକିଏ ବିରକ୍ତ ହୋଇ କହିଲେ କିମ୍ବା ସେ ବୁଝି ପାରିନାହାନ୍ତି ଯେ ଯାହା ସାଧାରଣତଃ ନ କହିବା କଥା ସେ କହି ପକାଇଛନ୍ତି ।

କୌଣସି ଆହତ ବା ଅପମାନିତ ହେବା ଭଳି ଭାବ ଅବଶ୍ୟ ସ୍ୱାର୍ଥ ଚିନ୍ତାରୁ ଜାତ ହୋଇଥାଏ । ଯଦି ଆମେ ନିଜ ବିଷୟରେ ଭାବୁ ନ ଥାଉ, ଆମେ ଆହତ ବା ଅପମାନିତ ମନେ କରିପାରିବା ନାହିଁ । ସ୍ୱାର୍ଥ ଚିନ୍ତାକୁ ଠିକ୍ ଭାବେ ଖୋଜି ବାହାର କରି ଫୋପାଡ଼ି ଦେବାକୁ ହେବ । ଯେଉଁଠାରେ ଈର୍ଷାର ଘଟଣା ରହିଛି, ସେହିଠାରେ ମଧ୍ୟ ଏହି ସ୍ୱାର୍ଥ ଚିନ୍ତା କରିଛି । ଯଦି ଜଣେ କେବଳ ଚିନ୍ତା କରୁଥାଏ, ଅନ୍ୟ ଜଣକୁ ସେ କେତେ ଭଲ ପାଏ, ତେବେ ସେହି ଅନ୍ୟଜଣକ ଆଉ କାହାକୁ କେତେ ଭଲ ପାଏ, ସେଥିରେ ତା'ର କିଛି ଯାଏ ଆସେ ନାହିଁ । ଆମର ପ୍ରାୟ ସମସ୍ତ ଅସୁବିଧାର ପଛରେ ରହିଛି ଆତ୍ମାର ଭିନ୍ନତାର ଭ୍ରାନ୍ତ ଧାରଣା ।

## ସ୍ୱାର୍ଥପରତା ପୁରୁଣାକାଳିଆ

ସ୍ୱାର୍ଥପର ମାନବ ବର୍ତ୍ତମାନ ପାଇଁ ପୁରୁଣାକାଳିଆ ହୋଇଗଲାଣି । ତଥାପି ସେ କାର୍ଯ୍ୟ କରି କୋଡ଼ିଏ ବର୍ଷ ତଳେ ମନୁଷ୍ୟ ପକ୍ଷରେ ଉପଯେଗୀ ଓ ଆବଶ୍ୟକ ଥିଲା । କିନ୍ତୁ ତାହା ବର୍ତ୍ତମାନ ତା' ପକ୍ଷରେ ଉପଯୋଗୀ ଏବଂ ଆବଶ୍ୟକ ନୁହେଁ । ସେ କେବଳ ସମୟର ପଛରେ ପଡ଼ିଛି । ଆମର କାମ ହେଉଛି ଆଜିର ଉପଯୋଗୀ ହେବା । ଆମେ ବଞ୍ଚି ରହୁଛୁ ଭବିଷ୍ୟତ ପାଇଁ ଏବଂ ଚିନ୍ତା କରୁଛୁ ଭବିଷ୍ୟତ ବିଷୟରେ । ସେହି ହେତୁ ଆମକୁ ଏହିସବୁ ପୁରୁଣା କାଳିଆ ଧାରଣାଗୁଡ଼ିକୁ ସଫା କରି ଦେବାକୁ ହେବ ।

ଯେତେବେଳେ ଆପଣ ନିଜକୁ ପରୀକ୍ଷା କରି ଲାଗିବେ ଆପଣଙ୍କର ତ୍ରୁଟିଗୁଡ଼ିକ ଖୋଜି ବାହାର କରିବା ପାଇଁ, ଯେଉଁଗୁଡ଼ିକ ଉପରେ ଆପଣ ବିଜୟ ଲାଭ କରିବାକୁ ଚାହାଁନ୍ତି, ସେତେବେଳେ ଦୁଃଖ ଏବଂ ଅନୁତାପର ଭ୍ରାନ୍ତ ବିଚାର ନେଇ ବ୍ୟସ୍ତ ହେବା ସମ୍ପର୍କରେ ସତର୍କ ରହିବେ । ଲଟ୍‌ର ସ୍ତ୍ରୀ ସମ୍ପର୍କୀୟ କାହାଣୀ ମନେ ପକାନ୍ତୁ ଏବଂ ପଛକୁ ଫେରି ଚାହାନ୍ତୁ ନାହିଁ- ସେଥିରୁ କିଛି ଲାଭ ମିଳେ ନାହିଁ । ଯେତେବେଳେ ଆପଣ କୌଣସି ଭୁଲ୍ କାମ କରନ୍ତି, ବେଶ୍ ଶାନ୍ତ ଭାବେ କହିପାରନ୍ତି, "ସେଇଟା ଗୋଟାଏ ମୂର୍ଖ କାମ ହୋଇଗଲା । ମୁଁ ଆଉ କେବେ ତାହା କରିବି ନାହିଁ ।" କୁହାଯାଇଛି ଯେ ଟାଲିରାଣ୍ଡ୍ କହିଛନ୍ତି, ଯେ କୌଣସି ବ୍ୟକ୍ତି ଭୁଲ୍ କରିପାରେ । ଆମେ ସମସ୍ତେ ଭୁଲ୍ କରୁ, କିନ୍ତୁ ଯେଉଁ ବ୍ୟକ୍ତି ସେଇ ଗୋଟିଏ ଭୁଲ୍ ଦୁଇ ଥର କରେ, ସେ ହେଉଛି ମୂର୍ଖ । ଜଣେ ଗୁରୁ ଥରେ କହିଥିଲେ, "ଏକମାତ୍ର ଅନୁତାପ ଯାହାର କିଛି ମୂଲ୍ୟ ଅଛି, ତାହା ହେଉଛି ଆଉ ଥରେ ତାହା ନ କରିବାର ଶପଥ । ମନେରଖନ୍ତୁ ଯେଉଁ ବ୍ୟକ୍ତି କେବେ ହେଲେ ଭୁଲ୍ କରିନାହିଁ, ସେ କେବେହେଲେ ଆଦୌ କିଛି କରିନାହିଁ । ଆପଣ ଅତୀତ ଜନ୍ମମାନଙ୍କରେ କ'ଣ କରିଥିଲେ ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ । ତେବେ ଗତ କାଲି ପାଇଁ କାହିଁକି ବ୍ୟସ୍ତ ହେଉଛନ୍ତି ? ଉଭୟ ତ ସମଭାବେ ଅତୀତ । ଦୁଃଖ କରିବା ହେଉଛି ସମୟ ଓ ଶକ୍ତିର ଅପଚୟ । ତାହାଠାରୁ ମଧ୍ୟ ଖରାପ । କାରଣ ଏହା ହେଉଛି ଏକ ପ୍ରକାର ସ୍ୱାର୍ଥପରତା ।

## ପ୍ରେମ ଓ ପ୍ରତିଶୋଧ

ସେମାନଙ୍କ ପ୍ରତି ସ୍ନେହ ଏବଂ ପ୍ରେମ ଦେଖାଇବା ସହଜ, ଯେଉଁମାନେ ଆମ ପ୍ରତି ସେହିପରି ଭାବ ଦେଖାଇଥାନ୍ତି । କିନ୍ତୁ ଯଦି ଆମେ ପ୍ରକୃତରେ କିଛି ପ୍ରଗତି କରିଥାଉ, ତେବେ ଆମେ ପ୍ରେମ ଢାଳି ଲାଗୁଥିବା ଯେତେବେଳେ ବି ଆମେ ପ୍ରେମ ପାଉ ନ ଥିବା । ଖ୍ରୀଷ୍ଟ କହିଛନ୍ତି, "ଯଦି ତୁମେ ସେହିମାନଙ୍କୁ ପ୍ରେମ କର ଯେଉଁମାନେ

ତୁମକୁ ପ୍ରେମ କରନ୍ତି, ତୁମକୁ କି ପୁରସ୍କାର ମିଳିବ ? ଟିକସ ଅସୁଲକାରୀ ମଧ୍ୟ କ'ଣ ସେଇଆ କରନ୍ତି ନାହିଁ ।" ତାଙ୍କର ଆଦେଶ ଥିଲା ନିଜର ଶତ୍ରୁମାନଙ୍କୁ ପ୍ରେମ କରିବାକୁ ଏବଂ ଯେଉଁମାନେ ତୁମକୁ ଘୃଣାର ସହିତ ବ୍ୟବହାର କରନ୍ତି ସେମାନଙ୍କ ପାଇଁ ପ୍ରାର୍ଥନା କରିବାକୁ । ତାହା ହିଁ ଠିକ୍ ସମୟ । ଯେତେବେଳେ ଗୁରୁଙ୍କ ଶିଷ୍ୟ ନିଜର ପ୍ରକୃତ ଉପଯୋଗିତା ଦେଖାଇଥାଏ, ଯେତେବେଳେ ସେ ସେଇଆ କରେ, ଯାହା ଗୁରୁ କରନ୍ତି । ଯଦିଓ ଲୋକେ ତା' ବିଷୟରେ ଖରାପ କଥା କହନ୍ତି ଏବଂ ତା'ପ୍ରତି ଦୁର୍ବ୍ୟବହାର କରନ୍ତି, ସେ ତଥାପି ସେମାନଙ୍କ ବିଷୟରେ ଦୟା ଏବଂ ପ୍ରେମ ସହିତ ଚିନ୍ତା କରେ । ସେମାନଙ୍କର ମୂର୍ଖତା ସକାଶେ ଅନ୍ୟକାରଣ ଦେଖାଏ ଏବଂ ଉଦାରତା ଦେଖାଏ । ଆମକୁ ତାହା ହିଁ କରିବାକୁ ହେବ । ଦୟା ଏବଂ ପ୍ରେମର ଅନୁରୂପ ପ୍ରତିଦାନ ଦେବା ଯଥେଷ୍ଟ ନୁହେଁ । ଆମେ ସକ୍ଷମ ହେବା କଥା ସେହି ପ୍ରେମ ଓ ଦୟା ଢାଳି ଦେବାପାଇଁ ସେହିମାନଙ୍କ ଉପରେ ଯେଉଁମାନେ ତାହାର ଅର୍ଥ କ୍ୱଚିତ୍ ଜାଣନ୍ତି । ଖ୍ରୀଷ୍ଟଙ୍କ ବିଷୟରେ କୁହାଯାଉଥିଲା ଯେ ତାଙ୍କୁ ଯେତେବେଳେ ତିରସ୍କାର କରାଯାଉଥିଲା, ସେ ତିରସ୍କାର କରୁ ନ ଥିଲେ । ଯେତେବେଳେ ସେ କଷ୍ଟ ଭୋଗୁଥିଲେ, ସେତେବେଳେ ସେ ଧମକ ଦେଉନଥିଲେ । ବରଂ ନିଜକୁ ଈଶ୍ୱରଙ୍କ ନିକଟରେ ଅର୍ପଣ କରି ଦେଉଥିଲେ, ସେ ନ୍ୟାୟ ବିଚାର କରନ୍ତି । ସମୟେ ସମୟେ ଆମ ସମସ୍ତଙ୍କ ପ୍ରତି ଅନିଷ୍ଟ କରାଯାଇଥାଏ, ଅବିଚାର କରାଯାଇଥାଏ ଏବଂ ଭୁଲ୍ ବୁଝାଯାଇଥାଏ । ଏ ବିଷୟରେ କେହି ବ୍ୟସ୍ତ ହେବା ଅନୁଚିତ, କାରଣ କର୍ମ ନିୟମର କାମ ହେଲା- ସବୁ ଠିକ୍ କରିଦେବା । ଭଗବାନ କହିଛନ୍ତି, "ପ୍ରତିଶୋଧ ନେବା କାମ ହେଉଛି ମୋର, ମୁଁ ପରିଶୋଧ କରିବି" । ତାଙ୍କ ହାତରେ ତାକୁ ଛାଡ଼ି ଦିଅନ୍ତୁ । ସଦାବେଳେ ନ୍ୟାୟ ହିଁ କରାଯିବ ଏବଂ ଯାହା ଭୁଲ୍ ହୋଇଛି, ତାହା ଦିନେ ନା ଦିନେ ଠିକ୍ ହେବ ଏବଂ ଯେଉଁମାନେ ବର୍ତ୍ତମାନ ଭୁଲ୍ ବୁଝୁଛନ୍ତି, ସେମାନେ ଦିନେ ନିଜର ଭୁଲ୍ ବୁଝିବେ ଏବଂ ସେମାନେ ଯେ ଭୁଲ୍ ବୁଝିଥିଲେ, ସେଥିପାଇଁ ଦୁଃଖ କରିବେ । କୌଣସି ଅନ୍ୟାୟ ହେବ ନାହିଁ । ମୋଟ ଉପରେ ଯାହା ହେବା ଉଚିତ ତାହା ହିଁ ହେବ ।

ଈଶ୍ୱର ନିଜେ ସର୍ବଦା ପ୍ରେମର ଉଦାହରଣ ଦେଇ ଲାଗିଛନ୍ତି । ବହୁ ଲୋକେ ତାଙ୍କର ନିନ୍ଦା କରନ୍ତି, ଅନେକେ ତାଙ୍କୁ ଭୁଲ୍ ବୁଝନ୍ତି ଏବଂ ଅବଜ୍ଞା କରନ୍ତି । ସେ କୌଣସି ଉତ୍ତର ଦିଅନ୍ତି ନାହିଁ, କିନ୍ତୁ ଐଶ୍ୱରୀୟ ପ୍ରେମ ଚିରକାଳ ଧରି କ୍ରମାଗତ ଭାବେ ଢାଳି ହୋଇ ଲାଗିଛି ଏବଂ ଆମେ ଯେତେବେଳେ ସେହି ଈଶ୍ୱରଙ୍କ ଅଭିବ୍ୟକ୍ତି ହେବାକୁ ଚାହୁଁ, ତାହା ମଧ୍ୟ ଆମର ବିଶେଷ ଗୁଣ ହେବା ଆବଶ୍ୟକ ।

**ତୁମର ମାନସ ଶରୀର ଚାହେଁ ଗର୍ବିତ ଭାବେ ନିଜକୁ ଅଲଗା ବୋଲି ଭାବିବାକୁ, ନିଜ ବିଷୟରେ ବେଶି ଏବଂ ଅନ୍ୟମାନଙ୍କ ବିଷୟରେ କମ୍ ଭାବିବାକୁ ।**

**ଲେଡ୍‌ବିଟର୍–** ଏଠାରେ ମଧ୍ୟ ମାନସ ଶରୀର କ'ଣ ଚାହେଁ ଏବଂ ଆମେ ନିଜେ କ'ଣ ଚାହୁଁ- ଏ ଦୁଇଟି କଥା ଅଲଗା ବୋଲି ଆମେ ଭାବିବାକୁ ହେବ । ବୁଝିବାକୁ ହେବ ଯେ ଆମେ ମନ ନୋହୁ । ଆମର କହିବାର ଅଭ୍ୟାସ ଅଛି– "ମୁଁ ଭାବୁଛି ଏପରି-ସେପରି" କିନ୍ତୁ ଦଶ ଥର ମଧ୍ୟରୁ ନଅ ଥର 'ମୁଁ ଭାବୁଛି' କଥା ଠିକ୍ ନୁହେଁ, ବରଂ ମନ ଭାବେ । ଆମ ଭିତରୁ ଅନେକେ ଆମର ଚିନ୍ତାଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ଏବଂ ତାଲିମ୍ ଦେବାକୁ ଚେଷ୍ଟା କରି ଲାଗିଛୁ । ତଥାପି ଯଦି ଆମେ ସେଗୁଡ଼ିକର ସମୀକ୍ଷା କରୁ, ତେବେ ଆମେ ଦେଖିବୁ ଯେ କେତେ କମ୍ ଚିନ୍ତା ଆମର ଅର୍ଥାତ୍ ଆମ ଆତ୍ମାର ବୋଲି କୁହାଯିବା ପାଇଁ ଯୋଗ୍ୟ । କିପରି ଅଧିକାଂଶ ଚିନ୍ତା ହେଉଛି କେବଳ ନିମ୍ନତର ମନର ।

ନିମ୍ନତର ମନ ଗୋଟିଏ ବିଷୟରୁ ଆଉ ଗୋଟିଏ ବିଷୟକୁ ଛୁଟି ଚାଲେ, ବହୁ ବିଷୟର ଉପରିଭାଗରେ ଉଡ଼ି ବୁଲେ । କିନ୍ତୁ ସାଧାରଣତଃ କୌଣସି ବିଷୟକୁ ପୂର୍ଣ୍ଣଭାବେ ବିଚାର କରେ ନାହିଁ । ସାଧାରଣତଃ ଏହାର ଇଚ୍ଛା ନୁହେଁ କୌଣସି ବିଷୟକୁ ସମ୍ପୂର୍ଣ୍ଣ ରୂପେ ଦେଖିବା ପାଇଁ । ବରଂ ଗୋଟିଏ ବିଷୟରୁ ଅନ୍ୟ ଏକ ବିଷୟକୁ ଡେଇଁ ଯିବା ଏବଂ ସ୍ପନ୍ଦନଗୁଡ଼ିକର ଅନବରତ ପରିବର୍ତ୍ତନ ପାଇବା ପାଇଁ । ଆମେ ଯଦି ପଛକୁ ଫେରି ଚାହିଁବା, ତେବେ ହୁଏତ ଦେଖିବାକୁ ପାଇବା ଯେ ଆମେ ଖୁବ୍ ଅଳ୍ପ ସମୟ ମଧ୍ୟରେ ଗୁଡ଼ାଏ ଛୋଟ ଛୋଟ କଥା ଚିନ୍ତା କରିଥାଉ । ଉଦାହରଣ ସ୍ୱରୂପ, ଆପଣ ଯେତେବେଳେ ରାସ୍ତାରେ ଯାଉଛନ୍ତି, ସେତେବେଳେ ଆପଣ ଦେଖିବେ ଯେ ଯଦିଓ ଆପଣ ବିଶେଷ ଭାବେ କିଛି ଚିନ୍ତା କରୁନାହାଁନ୍ତି, କିଛି ଗୋଟାଏ ଅଛି, ଯାହା ସେହି କାମ ଅନବରତ କରି ଲାଗିଛି । ତାହା ହେଉଛି ମାନସ ଶରୀର । ଯଦି ଆପଣ ତାକୁ ନିଜ ଆୟତ୍ତକୁ ନ ଆଣିବେ, ତାହା ଗୁଡ଼ାଏ ବିଷୟର ସମୀକ୍ଷା କରି ଚାଲିବ, ଯାହା ଆପଣଙ୍କର ନୁହେଁ । ଯଦିଓ ସେସବୁ ନିଶ୍ଚିତ ଭାବେ ଖରାପ ନୁହଁନ୍ତି– ଯଦି ଆତ୍ମକୈନ୍ଦ୍ରିକ ବା ସ୍ୱାର୍ଥଜନିତ ନୁହଁନ୍ତି ।

କେତେକ ଧାରଣାକୁ ମଧ୍ୟ ମିଶାଇ ନେବାର ଏହାର ଅଭ୍ୟାସ ରହିଛି, ଯାହା ଫଳରେ ଏହା ମଣିଷର ସର୍ବାଧିକ ସୁନ୍ଦର ଚିନ୍ତାଗୁଡ଼ିକୁ ମୋଡ଼ିମାଡ଼ି ନେଇଯାଏ କିଛି ଗୋଟାଏ ସମ୍ପୂର୍ଣ୍ଣ ଅଲଗା ଏବଂ ନଗଣ୍ୟ କଥାକୁ । ଆମକୁ ସେ

ସବୁକୁ ନିୟନ୍ତ୍ରଣ ଏବଂ ପରିବର୍ତ୍ତନ କରିବାକୁ ହେବ । ମୁଁ ଜାଣେ, ମନ କ'ଣ କରୁଛି ତାହା ପ୍ରତି ମୁହୂର୍ତ୍ତରେ ପରୀକ୍ଷା କରି ଦେଖିବା କଷ୍ଟ । କିନ୍ତୁ ତାହା କରିବାକୁ ହେବ, କାରଣ ମନ ହେଉଛି ଏକ ବିରାଟ ଶକ୍ତି । ଆମ ପାଖରେ ଯାହା ଅଛି, ସେଗୁଡ଼ିକ ମଧ୍ୟରେ ସର୍ବାଧିକ ଶକ୍ତିମାନ୍ । ଯଦି ଇଚ୍ଛାକୁ ମାନସ ଶରୀର ମାଧ୍ୟମରେ ପରିଚାଳନା କରାଯାଏ, ଖୁବ୍ କମ୍ ଜିନିଷ ଅଛି, ଯାହା ଏହାଦ୍ୱାରା କରାଯାଇ ପାରିବ ନାହିଁ । ଏହି ବିରାଟ ଶକ୍ତି ହେବ ଆମର । ଆମେ ଧନୀ ହେଉ ବା ଗରିବ ହେଉ, ଯୁବକ ହେଉ ବା ବୃଦ୍ଧ ହେଉ, ଗୁରୁଙ୍କ କାର୍ଯ୍ୟରେ ଏହା ହେବ ଏକ ଉପଯୋଗୀ ଅସ୍ତ୍ର, ଯଦି ଆମେ ସର୍ବଦା ଜାଗ୍ରତ ହୋଇ ରହିବା ଯେ ପର୍ଯ୍ୟନ୍ତ ମନର ନୂତନ ଅଭ୍ୟାସ ଗଠିତ ନ ହୋଇଛି । ବହୁ ବିଷୟ ଚିନ୍ତା ଦ୍ୱାରା କରାଯାଇପାରେ, ଯାହା ଅନ୍ୟ ଉପାୟରେ ହୋଇପାରିବ ନାହିଁ । ଯେ ସାହାଯ୍ୟ ଆବଶ୍ୟକ କରୁଥିବ ଆମେ ଜାଣୁ ତାହା ପ୍ରତି ପ୍ରେରିତ ସ୍ନେହଭରା ଚିନ୍ତା ଅର୍ଥଦାନ ଠାରୁ ଅଧିକତର ସହାୟକ ହେବ । ଏହାର ପରିଣାମ ଜୀବନବ୍ୟାପୀ ହୋଇପାରେ । ଏହାର ପରିଣତି ସ୍ଥୂଳ ସ୍ତରରେ ମଧ୍ୟ ଦେଖାଯାଇ ନ ପାରେ । କିନ୍ତୁ ତାହା ସତ୍ତ୍ୱେ ଏହା ହେଉଛି ଗୁରୁଙ୍କର ପ୍ରକୃତ କାର୍ଯ୍ୟ ।

## ଗୋଟିଏ ଚିନ୍ତା ଗୋଟିଏ କାର୍ଯ୍ୟ

ମନର ପୃଷ୍ଠଭୂମିରେ ରହିବା କଥା ଗୁରୁଙ୍କ ବିଷୟରେ ଚିନ୍ତା; ଯେତେବେଳେ ଆତ୍ମା ଯେଉଁଥିପାଇଁ ମନୋଯୋଗ ଦେବା ଦରକାର, ସେହିପରି କିଛି ବିଷୟରେ ପ୍ରକୃତରେ ଚିନ୍ତା କରୁ ନ ଥାଏ । ସେତେବେଳେ ମନ ଏହି ଗୁରୁଙ୍କ ଚିନ୍ତା ପ୍ରତି ଦୃଷ୍ଟି ଦେବ । ଏହି ଚିନ୍ତା ଯଥାସମ୍ଭବ ସଠିକ ହେବା ଉଚିତ । ବହୁଲୋକେ ଅଛନ୍ତି, ଯେଉଁମାନଙ୍କ ପକ୍ଷରେ ଗୁରୁଙ୍କ ସମ୍ପର୍କୀୟ ଚିନ୍ତା ଏକ ଅସ୍ପଷ୍ଟ ସ୍ୱର୍ଗୀୟ ସୁଖ, ଏକ ପ୍ରକାର ଅର୍ଦ୍ଧ ଉଲ୍ଲାସ, ଏକପ୍ରକାର ଧର୍ମୀୟ ନିଦ୍ରାଚ୍ଛନ୍ନତା ଯେଉଁଥିରେ ସେମାନେ ପ୍ରକୃତରେ ସକ୍ରିୟ ଭାବେ କୌଣସି ବିଷୟ ଚିନ୍ତା କରନ୍ତି ନାହିଁ । କୌଣସି ସଠିକତା ନଥିବା ଏକ ଚିନ୍ତାରେ ଅସ୍ପଷ୍ଟ ଭାବେ ସ୍ନାନ କରିବା ବଦଳରେ ଆମେ ଆମର ଗୁରୁଭକ୍ତିକୁ ଏକ ନିର୍ଦ୍ଦିଷ୍ଟ ରୂପରେଖ ଦେବା ଦରକାର । ଯଥା "ତାଙ୍କର ସେବା ପାଇଁ ମୁଁ କ'ଣ କରିପାରିବି, ମୋର ଚିନ୍ତା ଶକ୍ତିକୁ ମୁଁ କେଉଁ ଦିଗରେ ନିୟୋଜିତ କରିପାରିବି ?"

ଏହି ବହିଟିରେ ଆପଣ ବାରମ୍ବାର ଦେଖିବାକୁ ପାଇବେ ଯେ ବଳିଷ୍ଠତମ ଗୁରୁତ୍ୱ ଦିଆଯାଇଛି ଏହି ସତ୍ୟ ଉପରେ । ପ୍ରକୃତରେ ମାତ୍ର ଗୋଟିଏ ଚିନ୍ତା, ମାତ୍ର ଗୋଟିଏ ଇଚ୍ଛା ଏବଂ ମାତ୍ର ଗୋଟିଏ କାର୍ଯ୍ୟ ରହିଛି ଆମପାଇଁ । ସେହି ଗୋଟିଏ

ମାତ୍ର ଚିନ୍ତା ହେଉଛି ଗୁରୁଙ୍କୁ ସେବା କରିବା । ସେହି ଏକମାତ୍ର ଇଚ୍ଛା ହେଉଛି ସେହି କାମ କରିବା ପାଇଁ, ସେହି କାମ ଗୋଟିକ ହେଉଛି ତାଙ୍କ ପ୍ରତି ଅନୁରକ୍ତି ଏବଂ ତାଙ୍କ ସକାଶେ ପୃଥିବୀ ପ୍ରତି ଅନୁରକ୍ତି ଯଦିଓ ଆମର କାର୍ଯ୍ୟ କରିବା ପଥରେ ଜଟିଳତମ ପ୍ରକାରର କାର୍ଯ୍ୟ ମଧ୍ୟ ଆସିବ, ତାହା ସବୁ ସେହି ଗୁରୁଙ୍କ ପାଇଁ ଏବଂ ପୃଥିବୀ ପାଇଁ । ଗୁରୁଙ୍କ ମନରେ କେବଳ ଗୋଟିଏ ଚିନ୍ତା ରହିଛି- ତାହା ହେଉଛି ସେବା ଏବଂ ଯଦି ଆମେ ତାଙ୍କ ସହିତ ଏକ ହେବାକୁ ଚାହୁଁ, ତେବେ ତାହା ମଧ୍ୟ ଆମର ଏକମାତ୍ର ଚିନ୍ତା ହେବା ଉଚିତ । ଏଥିରୁ ସୂଚିତ ହେଉଛି ଯେ ଆମେ ନିଜକୁ ସେବା ପାଇଁ ଉପଯୁକ୍ତ କରିବା ଏବଂ ସେହି ବାଟରେ ଆମ ପାଇଁ କିଛି ପ୍ରଗତି ମଧ୍ୟ ଏହାର ଅନ୍ତର୍ଭୁକ୍ତ । ଆମେ ମହାନ୍ ହେବାକୁ ଚାହୁଁଛୁ ବୋଲି ନୁହେଁ ବରଂ ଆମେ ଉତ୍ତମ ସହାୟକ ହେବାକୁ ଇଚ୍ଛା କରୁଛୁ ବୋଲି ।

ବହୁଲୋକେ ନିଜର ମାନସ ଶରୀରର ବିକାଶ କରି ଲାଗିଛନ୍ତି । ବଡ଼ ବଡ଼ ବୈଜ୍ଞାନିକଗଣ ତାହା କରନ୍ତି ଜ୍ଞାନର ଅନ୍ୱେଷଣ ସକାଶେ । ବେଳେବେଳେ ମନରେ ତା' ସାଙ୍ଗକୁ ଆଉ ଏକ ଚିନ୍ତା ଥାଇପାରେ ଯେ ଯଦି ସେ ଏକ ବିରାଟ ଆବିଷ୍କାର କରନ୍ତି, ସେ ବିଖ୍ୟାତ ହୋଇଯିବେ । ତେବେ ମୋର ମନେହୁଏ ନାହିଁ ଯେ ଅଧିକାଂଶ ବୈଜ୍ଞାନିକ ପକ୍ଷରେ ତାହା ସତ । ସାଧାରଣତଃ ପୃଷ୍ଠଭୂମିରେ ଏକ ଇଚ୍ଛା ଥାଏ ଜ୍ଞାନକୁ ଉପଯୋଗୀ କରିବା ପାଇଁ । କିନ୍ତୁ ପ୍ରଥମତଃ ବୈଜ୍ଞାନିକ ମନରେ ରହିଥାଏ ଜାଣିବା ପାଇଁ ଏକ ପ୍ରଗାଢ଼ ଇଚ୍ଛା । ଏହା ଏକ ମହତ୍ ପନ୍ଥା ଏବଂ ଏଥିରେ ରହିଛନ୍ତି ଅନେକ ମହାନ୍ ଆତ୍ମା, ଯେଉଁମାନେ ମାନବ ଜାତିର ମହତ୍ ସେବା କରିଥାନ୍ତି ।

ଆମକୁ ମଧ୍ୟ ଉଦ୍ୟମ କରିବାକୁ ହେବ ଆମର ମାନସ ଶରୀରର ଉତ୍କର୍ଷ ସାଧନ ସକାଶେ, ତାକୁ ତୀକ୍ଷ୍ଣ, ସକ୍ରିୟ ଓ ଉପଯୋଗୀ କରିବା ପାଇଁ । କାହିଁକି ? ବଢ଼େଇ ତା'ର ରନ୍ଦାକୁ ତୀକ୍ଷ୍ଣ କରେ କାହିଁକି ? ଅନ୍ୟ ବଢ଼େଇମାନଙ୍କ ରନ୍ଦା ଅପେକ୍ଷା ତାହା ତୀକ୍ଷ୍ଣତର ହେଉ- ସେଥିପାଇଁ ନୁହେଁ, ବରଂ ତାହା ଭଲଭାବେ କାଠ କାଟିପାରିବା ପାଇଁ ଏବଂ ତା'ର କାମ ଭଲ ଭାବରେ ହେବା ପାଇଁ । ଠିକ୍ ସେହି କାରଣ ହେତୁ ଆମର ମାନସ ଶରୀରଗୁଡ଼ିକୁ ତାଲିମ୍ ଦେବା ଆବଶ୍ୟକ । କିନ୍ତୁ ସର୍ବଦା ଆମକୁ ଲକ୍ଷ୍ୟ ରଖିବାକୁ ହେବ ଗୋଟିଏ ଚିନ୍ତା; "ମୁଁ ଏକ ଯନ୍ତ୍ର ତିଆରି କରୁଛି ଗୁରୁଙ୍କର କାର୍ଯ୍ୟପାଇଁ ।" ଯେ ଏହି ଆଦର୍ଶ ରଖେ, ସେ ଆଧ୍ୟାତ୍ମିକ ଗର୍ବରୁ ହେବ ମୁକ୍ତ ଏବଂ ସେହି ହେତୁ ବହୁ ଚୋରା ଗାତ ଏଡ଼ାଇ ଯିବ, ଯାହା ଭିତରକୁ କେବଳ ବୌଦ୍ଧିକ ବିକାଶ ନିଃସନ୍ଦେହରେ ଲୋକଙ୍କୁ ଟାଣି ନିଏ ।

## ମନ ଓ ଗୁରୁଙ୍କ କାର୍ଯ୍ୟ

**ଏପରିକି ଯେତେବେଳେ ତୁମେ ଏହାକୁ ସାଂସାରିକ ବିଷୟଗୁଡ଼ିକରୁ ଫେରାଇ ନିଅ, ସେତେବେଳେ ମଧ୍ୟ ଏହା ତଥାପି ସ୍ୱାର୍ଥର କଳନା କରିବାକୁ ଚେଷ୍ଟା କରେ, ଗୁରୁଙ୍କର କାର୍ଯ୍ୟ ଏବଂ ଅନ୍ୟମାନଙ୍କୁ ସାହାଯ୍ୟ ଦେବା ବିଷୟ ଚିନ୍ତା କରିବା ବଦଳରେ ତୁମର ନିଜର ପ୍ରଗତି ବିଷୟରେ ଚିନ୍ତା କରିବା ପାଇଁ ।**

**ଆନି ବେସାନ୍ତ–** ଗୁରୁଙ୍କର ଏହି ଉପଦେଶରେ ଯେଉଁ ବିଷୟ ମୋତେ ସର୍ବାଧିକ ଅଭିଭୂତ କରିଛି, ତାହା ହେଉଛି– ଏହା ସର୍ବଦା ଏକ ଚିନ୍ତା, ଏକ ଇଚ୍ଛା ଏବଂ ଏକ କାର୍ଯ୍ର ଧାରଣାରେ କେନ୍ଦ୍ରିତ ହୁଏ ଏବଂ ସେହିଠାକୁ ଫେରି ଆସେ । ଏହା ସେହି ଏକତାକୁ ଏତେ ବଳିଷ୍ଠ ଭାବରେ ବିକରୀଣ କରେ ଯେ ଆପଣ ଅନୁଭବ କରିବେ ଯେ ଗୁରୁଙ୍କର କେବଳ ଗୋଟିଏ ଚିନ୍ତା ରହିଛି । ସେ ସେହି ଏକ ସହିତ ଏତେ ସମ୍ପୂର୍ଣ୍ଣ ଭାବେ ନିଜକୁ ମିଶାଇ ଦେଇଛନ୍ତି ଯେ ସେ ଅନ୍ୟ କିଛି ଭାବି ନ ପାରନ୍ତି । ଯାହାକିଛି ତାଙ୍କର ଦୃଷ୍ଟିରେ ଥାଉ ନା କାହିଁକି ସେ ତାହାକୁ ଭୁଲି ପାରିବେ ନାହିଁ ।

ତାହା ହିଁ ଶିଷ୍ୟର ଆଦର୍ଶ । ସେ ସର୍ବଦା ଗୁରୁଙ୍କର କାର୍ଯ୍ୟ ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିବା ବିଷୟ ଚିନ୍ତା କରିବା ଉଚିତ । ସେହି ଗୋଟିଏ ଧାରଣା ଅନ୍ୟ ସବୁକୁ ପ୍ରଭାବିତ କରିବା ଆବଶ୍ୟକ । ଯଦି ତାହା ଅନ୍ୟପ୍ରକାର ହୁଏ, ତେବେ ଆପଣଙ୍କ ମନ ହିଁ ଚିନ୍ତା କରୁଛି, ଆପଣ ନୁହନ୍ତି । କିନ୍ତୁ ଯଦି ଆପଣଙ୍କର ସେହି ଧାରଣା ଥାଏ, ତାହାହେଲେ ଆପଣଙ୍କର ଅନ୍ୟ ସମସ୍ତ ରହିଛି । ମନେକରନ୍ତୁ ଆପଣ ଧ୍ୟାନ କାଳରେ ଏକ ସଦ୍‌ଗୁଣ ବିଷୟରେ ଚିନ୍ତା କରୁଛନ୍ତି । ଆପଣ ତାହା ଲାଭ କରିବା ପାଇଁ ଚାହାନ୍ତି । କାହିଁକି ? ପ୍ରଶଂସିତ ହେବାପାଇଁ ବା ଦୀକ୍ଷାଲାଭର ନିକଟବର୍ତ୍ତୀ ହେବା ପାଇଁ ବା ଗୁରୁଦେବଙ୍କ କାର୍ଯ୍ୟର ଏକ ଅଧିକ ଭଲ ଅସ୍ତ୍ର ହେବାପାଇଁ ? ତାହା ହିଁ ପରୀକ୍ଷା, ଯଦ୍ଦ୍ୱାରା ଆପଣ ଜାଣିପାରିବେ ଯେ ଆପଣଙ୍କର ମନ ଚିନ୍ତା କରୁଛି କି ଆପଣ ଚିନ୍ତା କରୁଛନ୍ତି ।

ଏକ ନିର୍ଦ୍ଦିଷ୍ଟ ପନ୍ଥାରେ ନିଜକୁ ସେହିପରି ପରୀକ୍ଷା କରିବା ଏକ ଉତ୍ତମ ଯୋଜନା । ଧରି ନିଅନ୍ତୁ ଏକ ବିଷୟରେ ଯେଉଁଥିରେ ଗୁରୁଙ୍କର ଏକ କାମ କରିବା ପାଇଁ କେତେକ ଗୁଣ ଦରକର- ଯାହା ଆପଣ ନିଜ ଭିତରେ ବିକାଶ କରିଥିବା ଗୁଣ ଗୁଡ଼ିକଠାରୁ ଅତି ନିକୃଷ୍ଟ ଧରଣର । ଏପରି ଏକ ବିଷୟ ଅକଳ୍ପନୀୟ ବୋଲି ମୁଁ

ଭାବୁନାହିଁ, ଯଦିଓ ଏକ ସାଧାରଣ ନିୟମ ଅନୁଯାୟୀ, ମନୁଷ୍ୟ ଯେତିକି ଅଧିକ ବିକଶିତ, ସେତିକି ସେ ଅଧିକ ଉପଯୋଗୀ ହୋଇଥାଏ । ତେବେ ଆପଣ ନିଜର ଉଚ୍ଚତର କର୍ମଦକ୍ଷତା ଉପଯୋଗର କରିବା ଏବଂ ସେହି ଧାରାରେ ନିଜକୁ ଉନ୍ନତ କରିବା ବଦଳରେ ସେହି କାର୍ଯ୍ୟ ହାତକୁ ନେଇ ତାହା କରିବାକୁ ଇଚ୍ଛା କରିବେ କି ? ଅଧିକତର ଉପଯୋଗୀ ହେବାପାଇଁ ଆପଣ ନିଜକୁ କମ୍ ଉପଯୋଗୀ କରିବାପାଇଁ ରାଜି ହେବେ କି ? ଗୁରୁଙ୍କ କାମ ପାଇଁ ଉପଯୋଗୀ ହେବାର ଉଦ୍ଦେଶ୍ୟ ଯଦି ସର୍ବଦା ମନରେ ରଖିଥିବେ, ତାହାହେଲେ ଆପଣ ତାହା କରିବେ । ସେହି କାମରେ ଆମର ମାନସ ଶରୀରଗୁଡ଼ିକୁ ଉନ୍ନତ କରିବା ପାଇଁ ବହୁତ ସୁଯୋଗ ମିଳିବ, ତାହାଦ୍ୱାରା ସେଗୁଡ଼ିକ ତୀକ୍ଷ୍ଣ, ସକ୍ରିୟ ଏବଂ ଉପଯୋଗୀ ହେବେ । ଯଦି ଆମେ ସେହି ଉଦ୍ଦେଶ୍ୟରେ ନିଜକୁ ଉନ୍ନତ କରିବା ତେବେ ବିଚ୍ଛିନ୍ନ ଭାବର ଧର୍ମାନ୍ଧତା ଭିତରକୁ ଖସି ପଡ଼ିବାର ବିପଦ ରହିବ ନାହିଁ । ନିମ୍ନତର ଜଗତରେ ଆମକୁ ସର୍ବଦା ଲକ୍ଷ୍ୟ ରଖିବାକୁ ହେବ, ସେହି ସବୁ ସୁଯୋଗ ନେବା ପାଇଁ ଯାହାକୁ ଅନ୍ୟମାନେ ଗୁରୁତ୍ୱହୀନ ଭାବି ଆଡ଼େଇ ଦେଇ ଛାଡ଼ି ଯାଇଛନ୍ତି । ଅନ୍ୟମାନେ ଯାହା ନ କରି ଛାଡ଼ି ଯାଇଥାନ୍ତି, ଜଣେ ଶିଷ୍ୟ ସର୍ବଦା ସେହି ବିଷୟଗୁଡ଼ିକୁ ଖୋଜି ବୁଲେ, ଯେଉଁଥିରେ ଯାହା ଅଭାବ ରହିଛି, ସେ ପୂରଣ କରିବ ବୋଲି । ଏଭଳି ଏକ ମନୋଭାବର ଅର୍ଥ ହେଉଛି ଯେ ମନ ଆୟତ୍ତାଧୀନ ହୋଇ ଆସୁଛି ।

**ଲେଡ଼ବିଟର୍‌—** ଗୁରୁଙ୍କ କାର୍ଯ୍ୟ ହିଁ ଆମ ମନରେ ଅନ୍ୟ ସବୁ ବିଷୟ ଉପରେ ଆଧିପତ୍ୟ ଲାଭ କରିବା ଆବଶ୍ୟକ । ଆମେ ଯଦି ଏହା ବ୍ୟତୀତ ଅନ୍ୟ କୌଣସି ଚିନ୍ତା, କୌଣସି କାର୍ଯ୍ୟ କରିବା ପାଇଁ ଆଗେଇ ଆସୁଥିବା ଅନ୍ୟ କୌଣସି କାରଣ ଲକ୍ଷ୍ୟ କରୁ, ତାହାହେଲେ ସେହି କାରଣକୁ ଆମ ଆଗରେ ଆଣି ରଖୁଛି ଆମର ମନ, ଜୀବାତ୍ମା ନୁହେଁ; ଏହା ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ । ପ୍ରକୃତରେ ମନ ହିଁ ଗର୍ବୀ ଏବଂ ପୃଥକ୍‌ଧର୍ମୀ । ଯେତେବେଳେ ଏହା ସମସ୍ତ ସାଂସାରିକ ଧରଣର ଗର୍ବ ପରିତ୍ୟାଗ କରିବ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଗର୍ବ କରିବ ଆମର ଉନ୍ନତିକୁ ନେଇ ମହାନ୍ ଗୁରୁମାନଙ୍କ ସହିତ ଆମର ସମ୍ପର୍କକୁ ବା ସେହି ପ୍ରକାର କିଛି ବିଷୟକୁ ନେଇ । ଆମେ ଯେତେବେଳେ ତାକୁ ମାଡ଼ି ଦଳି ଚାଲିଯିବା ଏବଂ ଏ ସବୁ ବିଷୟରେ ଯେ କୌଣସି ପ୍ରକାର ଗର୍ବକୁ ପରିତ୍ୟାଗ କରିବା, ସେତେବେଳେ ଆମେ ଗର୍ବୀ ନୋହୁଁ ବୋଲି ଆମକୁ ଗର୍ବିତ କରାଇବାକୁ ଏହା ଚେଷ୍ଟା କରିବ । ଏହି ସୂକ୍ଷ୍ମ ମାନସିକ ଉପାଦାନିକର ନିନ୍ଦା କରନ୍ତୁ ନାହିଁ; ଏହି

ଉପାଦାନର ଆପଣଙ୍କ ବିଷୟରେ କୌଣସି ଧାରଣା ନାହିଁ । ଏହା କେବଳ ଚେଷ୍ଟା କରେ ବିଭିନ୍ନ ପ୍ରକାର ବିଭିନ୍ନ କିସମର ସ୍ପନ୍ଦନ ପାଇବା ପାଇଁ- ଯାହାକୁ ଏହା ଦରକାର କରେ ନିଜର ବିବର୍ତ୍ତନ ପାଇଁ ।

**ମନକୁ ମଣ କରିବା**

> **ତୁମେ ଯେତେବେଳେ ଧ୍ୟାନ କର, ତୁମେ ଯେଉଁ ବିଷୟଟି ଚାହଁ, ତାହା ବଦଳରେ ଅନ୍ୟାନ୍ୟ ବହୁ ବିଷୟ ଏହା ଚାହେଁ, ସେଗୁଡ଼ିକ ଯେପରି ତୁମେ ଚିନ୍ତା କରିବ ସେଥିପାଇଁ ଏହା ଚେଷ୍ଟା କରେ । ତୁମେ ଏହି ମନ ନୁହେଁ । କିନ୍ତୁ ଏହା ତୁମର ଉପଯୋଗ ସକାଶେ ଅଛି; ସୁତରାଂ ଏଠାରେ ମଧ୍ୟ ବିବେଚନା ଆବଶ୍ୟକ । ତୁମେ ଅବିରତ ଲକ୍ଷ୍ୟ କରିବା ଆବଶ୍ୟକ, ନ ହେଲେ ତୁମର ପତନ ହେବ ।**

**ଲେଡ୍‌ବିଟର–** ଭାରତରେ କହନ୍ତି ଯେ ମନ ହେଉଛି ଇନ୍ଦ୍ରିୟମାନଙ୍କର ରାଜା ଏବଂ ଆମ ପ୍ରକୃତିର ସମସ୍ତ ଅଂଶ ମଧ୍ୟରେ ଏହାକୁ ନିୟନ୍ତ୍ରଣ କରିବା ସବାଧିକ କଷ୍ଟକର । ସେହି ବିଷୟରେ, ପାଶ୍ଚାତ୍ୟ ଅଞ୍ଚଳରେ ଥିବା ଆମେ ଭାରତୀୟମାନଙ୍କଠାରୁ ମଧ୍ୟ ଅଧିକ ଖରାପ, କାରଣ ଆମେ ବିଶେଷ ଭାବେ ନିମ୍ନତର ମାନସର ବିକାଶ କରି ଲାଗିଛୁ ଏବଂ ଏହା ଗୋଟିଏ ବିଷୟରୁ ଅନ୍ୟ ଏକ ବିଷୟକୁ ଦ୍ରୁତ ପରିବର୍ତ୍ତନ କରିପାରେ । ଆମେ ସେଥିରେ ଗର୍ବ ଅନୁଭବ କରୁ ।

ସେ ଯାହାହେଉ, ଧୈର୍ଯ୍ୟଶୀଳ ଉଦ୍ୟମ ଦ୍ୱାରା ଆପଣ ଅଭ୍ୟାସଗତ ଶକ୍ତିର ପ୍ରଚଣ୍ଡ କ୍ଷମତାର ଚାପ ଏହି ଉପାଦାନିକ ଉପରେ ପକାଇ ପାରନ୍ତି । ଏହାକୁ ଏକ ଧାରାରେ ଆପଣ ପକାଇ ପାରନ୍ତି ଏବଂ ବୁଝିବାକୁ ପ୍ରବର୍ତ୍ତାଇ ପାରନ୍ତି ଯେ ଆପଣ ଜୀବାତ୍ମା, ନିଜର ପ୍ରଧାନ ଧାରଣାକୁ ସର୍ବଦା ସଂରକ୍ଷିତ କରିବାକୁ ଚାହାଁନ୍ତି । ତେବେ ସେହି ଧାରଣା ସହିତ ସମ୍ପୃକ୍ତ ଅସଂଖ୍ୟ ଶାଖା ରହିଛି । କାରଣ ଏପରି କିଛି ନାହିଁ ଯାହା ଗୁରୁଙ୍କ କାମରେ ନ ଲାଗିବ । ତା'ପରେ ଶୀଘ୍ର ସେହି ଅଦ୍ଭୁତ ଲଗାମ ଛଡ଼ା ଉପାଦାନିକ ବୁଝିବ ଯେ ମୋଟ ଉପରେ ଆପଣଙ୍କ ବିରୋଧରେ କାମ କରିବା ଅପେକ୍ଷା ଆପଣଙ୍କ ସହିତ କାମ କରିବା ଦ୍ୱାରା ତା'ର ଅଧିକ ଲାଭ ହେବ, ଯଦିଓ ସେ ଆପଣଙ୍କୁ ବୁଝି ନାହିଁ । ପରବର୍ତ୍ତୀ କାଳରେ ସେ ଆପଣଙ୍କ ସହିତ ଏକାଠି ମିଶି ଖୁସିରେ କାମ କରିବ ।

■■■

## ତୃତୀୟ ଅଧ୍ୟାୟ

# ଠିକ୍ ଏବଂ ଭୁଲ୍

**ଠିକ୍ ଏବଂ ଭୁଲ୍ ଭିତରେ ଗୂଢ଼ ବିଦ୍ୟା କୌଣସି ମିଳାମିଶା କରିବା ଜାଣେ ନାହିଁ । ଯେତେ ଆଘାତ ଅସୁବିଧା ହେଲେ ମଧ୍ୟ ଯାହା ଠିକ୍, ତାହା ତୁମକୁ କରିବାକୁ ହେବ । ଯାହା ଭୁଲ୍, ତାହା ତୁମେ କଦାପି କରିବ ନାହିଁ । ଅଜ୍ଞ ଲୋକେ ଯାହା ଭାବନ୍ତୁ ବା କହନ୍ତୁ ପଛକେ, ତୁମକୁ ପ୍ରକୃତିର ଗୁପ୍ତ ନିୟମଗୁଡ଼ିକୁ ଗଭୀର ଭାବେ ଅଧ୍ୟୟନ କରିବାକୁ ହେବ ଏବଂ ଯେତେବେଳେ ତୁମେ ସେଗୁଡ଼ିକୁ ଜାଣିବ, ତଦନୁଯାୟୀ ନିଜର ଜୀବନକୁ ସଜାଡ଼ି ନେବ । ସବୁବେଳେ ବିଚାର ବୁଦ୍ଧି ଏବଂ ସାଧାରଣ ଜ୍ଞାନର ଉପଯୋଗ କରିବ ।**

**ଆନି ବେସାନ୍ତ–** ଆପଣ ଯଦି କଥାଟିକୁ ଠିକ୍ ଲକ୍ଷ୍ୟ କରିବେ, ଦେଖିବେ ଯେ ସାଧାରଣ ଜୀବନରେ ଅନେକ ଥର ଲଇଁ ଯାଇ ମୀମାଂସା କରିବାକୁ ହୁଏ । ମନୁଷ୍ୟ ଯାହା ଉଚିତ ବୋଲି ଜାଣେ ତାହାଠାରୁ ସର୍ବଦା କିଛି କମ୍ କରେ– ସର୍ବାଧିକ ମାରାତ୍ମକ ପ୍ରଶ୍ନର ସମ୍ମୁଖୀ ହେବାପାଇଁ– ଲୋକେ କ'ଣ କହିବେ ? "କୌଣସି ଏକ ଘଟଣାରେ ସର୍ବାଧିକ ଉତ୍ତମ କ'ଣ କରିବା କଥା, ତାହା ବେଶ୍ ଭଲ ଭାବେ ଜାଣି ମଧ୍ୟ ସେମାନେ ସେହି କାମକୁ ଟିକିଏ ଘୁଞ୍ଚାଇ ଦିଅନ୍ତି, ଟିକିଏ ବଦଳାଇ ଦିଅନ୍ତି, ସେଥିରୁ କିଛି କମାଇଦିଅନ୍ତି, ଯାହାଫଳରେ ସେମାନଙ୍କ ବାଟ ଅଧିକ ସହଜ ହୁଏ । ଅନ୍ୟମାନଙ୍କ ମତ ପ୍ରତି ଭୟ ଆଂଶିକ ଭାବେ ଏକ ଦୁର୍ବଳତା, ଯାହାର ମୂଳ ହେଉଛି ବନ୍ଧୁଭାବ, ଅନ୍ୟକୁ ଖୁସି କରିବାର ଏକ ଇଚ୍ଛା । ଏହି ଇଚ୍ଛା ଭାରତରେ ଅତି ସାଧାରଣ । କିନ୍ତୁ ଆପଣ ଯଦି ଆଧ୍ୟାତ୍ମିକ ପଥରେ ଠିକ୍ ଭାବେ ଯାତ୍ରା କରିବାକୁ ଚାହାନ୍ତି, ତେବେ ଆପଣ କେବେହେଲେ ଆପୋଷ

ମିଳାମିଶା ପାଇଁ ନିଜକୁ ଏହା ଦ୍ୱାରା ଟାଣି ହୋଇଯିବା ଉଚିତ ହେବନାହିଁ, ଯେଉଁଠାରେ ନୀତି ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ସମ୍ପୃକ୍ତ, ଉଦାହରଣସ୍ୱରୂପ ବଡ଼ ଧରଣର ଧର୍ମୀୟ ଏବଂ ସାମାଜିକ ପ୍ରଶ୍ନ ସବୁ ।

ଯେଉଁ ସବୁ ବଡ଼ ବଡ଼ ପ୍ରା଼ନ ଉପରେ ଗୋଟିଏ ଜାତିର ଭବିଷ୍ୟତ ବିଶେଷ ପରିମାଣରେ ନିର୍ଭର କରେ, ସେହି ସବୁ ପ୍ରଶ୍ନଗୁଡ଼ିକ ବର୍ତ୍ତମାନ ସକାଶେ ବାଦ ଦେଇ ଆମେ ଦୈନନ୍ଦିନ ଜୀବନର ଛୋଟଛୋଟ ବିଷୟ ଦେଖିବା । ଏଥିରେ ମଧ ନଇଁ ଯାଇ ମୀମାଂସା କରିବା ଠିକ୍ ହେବ ନାହିଁ । ଆପଣଙ୍କୁ ସ୍ଥିର କରିବାକୁ ହେବ କେଉଁଟା ଠିକ୍ ଏବଂ ତାକୁ ହିଁ ଦୃଢ଼ଭାବେ ଧରି ରଖିବାକୁ ହେବ । ମୁଁ ଜାଣେ ଯେ ଆପଣ ଆପଣଙ୍କର ଉଚ୍ଚତମ ଆଦର୍ଶଗୁଡ଼ିକୁ ସାଙ୍ଗେ ସାଙ୍ଗେ କାର୍ଯ୍ୟକାରୀ କରିପାରିବେ ନାହିଁ, ଯେମିତି ପାହାଡ଼ ତଳୁ ଗୋଟାଏ ଧାପରେ ଅପାଣ ତା'ର ଶିଖରରେ ପହଞ୍ଚି ପାରିବେ ନାହିଁ । କିନ୍ତୁ ଆପଣ ଯଦି ପର୍ବତକୁ ଚଢ଼ିବାକୁ ଚାହିଁବେ- ତେବେ ପ୍ରତ୍ୟେକ ପାହୁଣ୍ଡ ପକାଇବାକୁ ହେବ ଶିଖରରେ ପହଞ୍ଚିବା ଉଦ୍ଦେଶ୍ୟରେ । ପ୍ରତ୍ୟେକଟି ପଦକ୍ଷେପ ଆପଣଙ୍କୁ ତା'ର ନିକଟତର କରିବ । ଆପଣଙ୍କର ଆଦର୍ଶକୁ କେବେହେଲେ କମାଇ ଦେବେ ନାହିଁ; ତାହା ମାରାତ୍ମକ ହେବ । ଉପନିଷଦରେ କୁହାଯାଇଛି, "ଗୋଟିଏ କଥା ଶ୍ରେୟ, ଆଉ ଗୋଟିଏ କଥା ପ୍ରେୟ । ବିଜ୍ଞ ବ୍ୟକ୍ତି ପ୍ରେୟ ଅପେକ୍ଷା ଶ୍ରେୟକୁ ବାଛି ନିଅନ୍ତି ।"

ଆପଣଙ୍କ ବିବେକ ଯାହା ଠିକ୍ ବୋଲି ମନେ କରେ, ତାହା ଛୋଟ ଛୋଟ ବିଷୟରେ କାର୍ଯ୍ୟକାରୀ କରିବା ପାଇଁ ଚେଷ୍ଟା କରନ୍ତୁ । ଅନ୍ୟ ବ୍ୟକ୍ତିର ବିବେକ କ'ଣ ଭାବେ କିମ୍ବା ତା'ର ବିବେକକୁ ଅନୁସରଣ କରୁଛି କି ନାହିଁ, ସେଥିପାଇଁ ଆପଣ ଦାୟୀ ନୁହନ୍ତି । କିନ୍ତୁ ନିଜର ବିବେକ ଦ୍ୱାରା ବିବେଚନା କରିବା ପାଇଁ ଆପଣ ଦାୟୀ, ସେଥିରେ ଆପାତ ଅସୁବିଧା ଯାହା ହେଉନା କାହିଁକି । ମନେ ରଖନ୍ତୁ, ଏହା କେବଳ ଆପାତ ଅସୁବିଧା । ଆପଣ ଯାହା ଠିକ୍ ବୋଲି ବିଶ୍ୱାସ କରନ୍ତି, ତାହା କରିବାରେ ଆପଣଙ୍କର କ୍ଷତି ହୋଇ ନ ପାରେ । ଅବଶ୍ୟ ନିଜର ଖିଆଲ, ଭ୍ରାନ୍ତ ଧାରଣା ଏବଂ ନିଜର ପସନ୍ଦକୁ ଯାହା ସମୁଚିତ ତାହା ସହିତ ଏକ ନକରିବା ପାଇଁ ସାବଧାନ ହେବାକୁ ପଡ଼ିବ । ସେ ବିଷୟରେ ଗୁରୁ ଏଠାରେ କ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, "ପ୍ରକୃତିର ଗୁପ୍ତ ନିୟମଗୁଡ଼ିକୁ ଗଭୀର ଭାବେ ଅଧ୍ୟୟନ କରିବାକୁ ହେବ ।" ପ୍ରଥମେ ଦେଖନ୍ତୁ କ'ଣ ସମୁଚିତ ଏବଂ ପରେ ନିଜର ଜ୍ଞାନ ଅନୁଯାୟୀ ଚଳାନ୍ତୁ ।

## ବିଚାର ବୁଦ୍ଧି ଓ ଆବେଗ

ଏହି ଅନୁଚ୍ଛେଦର ଶେଷ କେତୋଟି ଶବ୍ଦରେ ଗୁରୁ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଯୋଗ କରିଛନ୍ତି- "ସବୁବେଳେ ବିଚାରବୁଦ୍ଧି ଏବଂ ସାଧାରଣ ଜ୍ଞାନର

ଉପଯୋଗ କରି । "ସର୍ବଦା ଅନ୍ୟମାନଙ୍କର ଭାବାବେଗ ବିଚାର କରନ୍ତୁ । କିନ୍ତୁ ଆପଣ ଏବଂ ଆପଣ ଯାହା ଠିକ୍ ବୋଲି ଭାବୁଛନ୍ତି, ତାହା ଭିତରେ କେବେହେଲେ ସେମାନଙ୍କୁ ହସ୍ତକ୍ଷେପ କରିବାକୁ ଦିଅନ୍ତୁ ନାହିଁ । ଯଦି ଅନ୍ୟମାନଙ୍କ ଭାବନାକୁ ଆଘାତ ଦେବା ଏବଂ ନିଜର ବିବେକ ସହିତ ସାଲିସ୍ କରିବା ମଧ୍ୟରୁ ଗୋଟିକୁ ବାଛିବାକୁ ହୁଏ, ତେବେ ପ୍ରଥମଟିକୁ ବାଛି ନିଅନ୍ତୁ । ଜଣେ ଗୂଢ଼ ବିଦ୍ୟାବିତ୍ ଲୋକଙ୍କ ସହିତ ବ୍ୟବହାର କରିବା ବେଳେ ପ୍ରକୃତ ବ୍ୟକ୍ତି ଏବଂ ତା'ର ବିଭିନ୍ନ ଶରୀରର ଭ୍ରାନ୍ତ ଧାରଣାକୁ ଅଲଗା ଅଲଗା ଦେଖିବା ଆବଶ୍ୟକ । ସେ କେବେହେଲେ ବ୍ୟକ୍ତିକୁ ଆଘାତ ଦେବେ ନାହିଁ । କିନ୍ତୁ ଭୁଲ୍ କରିବା ଅପେକ୍ଷା ବରଂ ତା'ର ଭ୍ରାନ୍ତି ଧାରଣାକୁ ଆଘାତ ଦେବେ । ତଥାପି, ସେ ତା'ର ଭୁଲ୍ ଧାରଣାଗୁଡ଼ିକୁ ମଧ୍ୟ ଅନାବଶ୍ୟକ ଭାବେ ଆଘାତ ଦେବେ ନାହିଁ । ଯଦି ତାଙ୍କୁ ତାହା କରିବାକୁ ହୁଏ, ସେ ସେହି ସମୟରେ ଜାଣିବେ ଯେ ପ୍ରକୃତରେ ବ୍ୟକ୍ତିକୁ ସାହାଯ୍ୟ କରାଯାଉଛି, ଆଘାତ କରାଯାଉନାହିଁ; ଏବଂ ମଣିଷଟିକୁ ଭିତରେ କଷ୍ଟ ଦେଉଥିବା ସୀମିତତାକୁ ଭାଙ୍ଗି ଦେବାପାଇଁ ସେ ଏକ ଯନ୍ତ୍ର ରୂପେ ବ୍ୟବହୃତ ହେଉଛନ୍ତି । ସେହି କ୍ଷେତ୍ରରେ ମଧ୍ୟ, ତାଙ୍କର କାର୍ଯ୍ୟ ଧୀର ଏବଂ ବିଚାର ସହିତ କରାଯିବ । ବହୁଲୋକ ଏହା କଷ୍ଟକର ବୋଲି ଅନୁଭବ କରନ୍ତି । ନୀରବ ବିଚାରବୁଦ୍ଧି ସହିତ କୌଣସି କାର୍ଯ୍ୟ କରିବା ଅଧିକ କଷ୍ଟକର । ଏକ ଆବେଗର ପ୍ଲାବନ କାମଟିକୁ ଅଧିକ ସହଜ କରିଥାଏ । ଆବେଗ ଭଲ ହେଉ ବା ଖରାପ ହେଉ, ଏକ ଶକ୍ତି ଯୋଗାଇ ଦିଏ, ଯାହା ମଣିଷକୁ ନିଜର ଅଧିକ ଉଦ୍ୟମ ବିନା ଆଗେଇ ନେଇଯାଏ । ଆପଣ ଯଦି ଗୂଢ଼ବିଦ୍ୟାତ୍‌ବିତ୍ ହେବେ, ତେବେ ସାଧାରଣ ମାନବ ଯେପରି କରନ୍ତି, ସେପରି ଆବେଗ ଜରିଆରେ କିଛି କରିବା ଅନୁଚିତ । ଆପଣଙ୍କୁ ବିଚାର ବୁଦ୍ଧି ଓ ବିବେକର କ୍ଷମତାକୁ ବିକଶିତ କରିବାକୁ ହେବ ଏବଂ ଏହି ଉଦ୍ୟମରେ ଆପଣ ଅଜାଣତରେ ନିଜର ପ୍ରଜ୍ଞାର ବିକାଶ କରିବାକୁ ଆରମ୍ଭ କରିବେ ।

## କୌଶଳର ଆବଶ୍ୟକତା

**ଲେଡ୍‌ବିଟର–** ଲୋକଙ୍କର ନିଜ ନିଜର ଭ୍ରାନ୍ତ ଧାରଣା ସବୁ ରହିଛି । ସେମାନେ ସେଗୁଡ଼ିକୁ ଠିକ୍ ବୋଲି ଭାବିଥାନ୍ତି । ଏକ ନିର୍ଦ୍ଦିଷ୍ଟ ଧାରାରେ ବଢ଼ି ଆସିଥିବା ଫଳରେ, ସେଗୁଡ଼ିକୁ ପ୍ରଶ୍ନ କରିବାର ଚିନ୍ତା ସେମାନଙ୍କର ମୁଣ୍ଡକୁ କେବେ ଢୁକି ନାହିଁ । ସୁତରାଂ ସେମାନେ ଭାବିବା ସମ୍ଭବ ଯେ ଯେଉଁ ବ୍ୟକ୍ତି

ସେମାନଙ୍କର ନିର୍ଦ୍ଦିଷ୍ଟ ପ୍ରଣାଳୀ ଅବଲମ୍ବନ କରନ୍ତି ନାହିଁ ସେ ଭ୍ରାନ୍ତ, ବିଶେଷତଃ ଯେତେବେଳେ ଅଧିକାଂଶ ଲୋକେ ତାହା କରନ୍ତି । ଜନପ୍ରିୟ ଭ୍ରାନ୍ତ ଧାରଣା ସାଧାରଣତଃ ଅତିଶୟ ବିଚାରବୁଦ୍ଧିହୀନ । ସୁତରାଂ ଆମେ ଆମର ଭଲ ମନ୍ଦ ବିଚାର କରିବାରେ ଆମକୁ ପ୍ରଭାବିତ କରିବାପାଇଁ ସେଗୁଡ଼ିକୁ ସୁବିଧା ଦେବା ଅନୁଚିତ୍ । ମୁଁ କହୁନାହିଁ ଯେ ଅନେକ ସମୟରେ ଲୋକଙ୍କ ଭ୍ରାନ୍ତ ଧାରଣା ପଛରେ କୌଣସି ଯୁକ୍ତିଯୁକ୍ତ ଭିତ୍ତିଭୂମି ନ ଥାଏ । ଯଦି ଆମେ ଗଭୀର ଭାବେ ତାକୁ ଖୋଳି ବସୁ, ହୁଏତ ଲୋକେ ଯେଉଁ ଯୁକ୍ତି ଦେଖାନ୍ତି ତାହା ନୁହେଁ– କିନ୍ତୁ ଅନ୍ୟ କୌଣସି ଯୁକ୍ତି ଥାଇପାରେ । କିନ୍ତୁ ସାଧାରଣତଃ ସେହି ସତ୍ୟର ଅଂଶଟି ହୋଇଥାଏ ବିକୃତ ଏବଂ ଭୁଲ୍ ଭାବେ ପ୍ରଯୁକ୍ତ, ଯେହେତୁ ତାହା ଗୁଡ଼ାଏ ଭୁଲ୍ ଦ୍ୱାରା ଆଦୃତ ହୋଇଥାଏ ।

କାଳେ ଅନ୍ୟ ଲୋକଙ୍କ ଭୁଲ୍ ଧାରଣାରେ ଆଘାତ ହେବ ସେହି ଭୟରେ କୌଣସି ଖରାପ କାମ କରିବା ପାଇଁ ଗୂଢ଼ବିଦ୍ୟାଚିତ୍ ନିଜକୁ କେବେହେଲେ ଅନୁମତି ଦିଅନ୍ତି ନାହିଁ । କିନ୍ତୁ ସେ କେବେହେଲେ ଅନାବଶ୍ୟକ ଭାବେ ସେହି ଭୁଲ୍ ଧାରଣାକୁ ଆଘାତ କରିବେ ନାହିଁ । ବିଚାରବୁଦ୍ଧି ଏବଂ ସାଧାରଣ ଜ୍ଞାନ ସବୁ ବିଷୟରେ ନିୟନ୍ତ୍ରଣ କରିବା ଆବଶ୍ୟକ । ଧରି ନିଆଯାଉ, ଏଭଳି ଏକ ବିଷୟ ଅଛି ଯାହା ଆପଣ କରିବାକୁ ଚାହାନ୍ତି, କାରଣ ଆପଣ ଜାଣନ୍ତି ସେହି ବିଷୟଟି ଭଲ ଏବଂ ଗୁରୁତ୍ୱପୂର୍ଣ୍ଣ । ଭଲ କଥା, କିନ୍ତୁ ଷଣ୍ଢ ଫାଟକକୁ ଆକ୍ରମଣ କରିବା ଭଳି କରନ୍ତୁ ନାହିଁ । ସମ୍ଭବତଃ ସେ ଭିତରକୁ ପଶି ପାରେ କିନ୍ତୁ ସେଥିରେ ତା' ନିଜର ଓ ଫାଟକର ବହୁତ କ୍ଷତି ହୁଏ । ଜଣେ ଯାହା କରେ ସେଥିରେ ସର୍ବଦା ପ୍ରୀତିକର ବିଚାର ବୁଦ୍ଧି ଦର୍ଶାଇବା ଦରକାର । ଆମେ ଯଦି କୌଣସି ବିଷୟରେ ନିଜକୁ ଉତ୍ତେଜିତ କରୁ, ରାଗି ଯାଉ, ସେଥିରେ ଆସେ ଆବେଗର ଏକ ଲହରୀ ଯାହା ଆମକୁ ସବୁକିଛି ପାରକରି ନେଇଯାଏ । କିନ୍ତୁ କୌଣସି କାର୍ଯ୍ୟକୁ ନିଶବ୍ଦରେ ଏବଂ ଧୀର ଭାବେ କରିବା, ଯେଉଁମାନେ ବିରୋଧ କରନ୍ତି ସେମାନଙ୍କ ବିରୋଧରେ କୌଣସି ଭାବ ନ ରଖି କରିବା, ଅଧିକତର କଷ୍ଟକର । କିନ୍ତୁ ତାହା ହେଉଛି ସ୍ପଷ୍ଟତଃ କାମ କରିବାର ଯଥାର୍ଥ ପନ୍ଥା ।

ଅଧିକାଂଶ ଲୋକେ ଯେପରି କରନ୍ତି, ସେପରି ଉତ୍ତେଜନାରେ କିଛି କରିବା ଅନୁଚିତ । ସେମାନେ ଏହାକି ତାହା ସମ୍ଭାଳି ପାରନ୍ତି ନାହିଁ । ସେମାନେ ବୁଝନ୍ତି ନାହିଁ, ବୁଝିବାକୁ କଷ୍ଟ କରିବା ପାଇଁ ଚାହାନ୍ତି ନାହିଁ । ସେମାନେ କେବଳ ଆଗେଇ ଯାଆନ୍ତି ଏବଂ ଭାବି ନିଅନ୍ତି ଯେ ସେମାନେ ହିଁ ଠିକ୍ । କିନ୍ତୁ ଆମକୁ ବିଚାର

କରିବାକୁ ହେବ ଅନ୍ୟମାନଙ୍କ ବିଷୟରେ, ସେମାନଙ୍କ ଭାବନାକୁ ବିଚାରକୁ ନେବାକୁ ହେବ ଏବଂ କୌଣସି ନିର୍ଦ୍ଦିଷ୍ଟ ଘଟଣାରେ ସେମାନେ ଠିକ୍ ଏବଂ ଆମେ ଭୁଲ୍ ହେବାର ସମ୍ଭାବନା ବିଷୟରେ ମଧ୍ୟ ଚିନ୍ତା କରିବାକୁ ହେବ ।

**ଗୁରୁତ୍ୱପୂର୍ଣ୍ଣ ଏବଂ ଗୁରୁତ୍ୱହୀନ, ଏହି ଦୁଇଟି ବିଷୟକୁ ଅଲଗା କରିବାକୁ ହେବ । ଯେଉଁଠାରେ ଉଚିତ ଏବଂ ଅନୁଚିତ ସମ୍ପୃକ୍ତ, ସେଠାରେ ପର୍ବତ ଭଳି ଅଟକି ରହି ଯେଉଁ ବିଷୟଗୁଡ଼ିକରେ କିଛି ଯାଏ ଆସେ ନାହିଁ, ସେଥିରେ ଅନ୍ୟମାନଙ୍କ କଥା ମାନି ଯାଅ । କାରଣ ତୁମେ ସର୍ବଦା ଧୀର ଏବଂ ସଦୟ, ବିଚାରଶୀଳ ଏବଂ ଉଦାର ହେବା ଉଚିତ ଏବଂ ଅନ୍ୟମାନଙ୍କ ପାଇଁ ସେହି ପ୍ରକାର ପୂର୍ଣ୍ଣ ସ୍ୱାଧୀନତା ଦେବା ଉଚିତ, ଯେଉଁ ପ୍ରକାର ସ୍ୱାଧୀନତା ତୁମେ ନିଜ ପାଇଁ ଆବଶ୍ୟକ କର ।**

**ଆନି ବେସାନ୍ତ—** ଏହା ଏକ ଅତିଶୟ କୋମଳ ଏବଂ ସୁନ୍ଦର ଅନୁଚ୍ଛେଦ । ଏହା ପୂର୍ବ ଅନୁଚ୍ଛେଦର ଭାରସାମ୍ୟ ରକ୍ଷା କରୁଛି । କେବଳ ପୂର୍ବ ଅନୁଚ୍ଛେଦଟିକୁ ପଢ଼ିଲେ ତାହା କଠୋର ଶୁଣାଯାଇପାରେ । ବର୍ତ୍ତମାନ, ଯେଉଁସବୁ ବିଷୟ ନେଇ ଲୋକେ ସାଧାରଣତଃ ସର୍ବାଧିକ ସାବଧାନ ହୁଅନ୍ତି, ସେ ସବୁ ଗୁରୁତ୍ୱପୂର୍ଣ୍ଣ ହୋଇ ନ ଥିବା ହେତୁ, ବହୁ ଘଟଣାରେ ଗୂଢ଼ବିଜ୍ଞାନୀ ସେମାନଙ୍କୁ ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବାକୁ ଛାଡ଼ି ଦେଇ ପାରନ୍ତି । ତାଙ୍କ ପକ୍ଷରେ ଗୁରୁତ୍ୱପୂର୍ଣ୍ଣ ହେଉଛି ଏକ ନିର୍ଦ୍ଦିଷ୍ଟ ବିଷୟ ଯାହାକୁ ଅବଶ୍ୟ କରିବାକୁ ହେବ । ମଧ୍ୟ ସ୍ଥଳରେ ଥିବା ସେହି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ସେ ନିଜର ସଂକଳ୍ପ ସ୍ଥିର ରଖନ୍ତି; ବାକି ବିଷୟଗୁଡ଼ିକରେ ଲୋକେ ଯେପରି ଚାହାନ୍ତି, ଠିକ୍ ସେପରି କରିବାକୁ ଛାଡ଼ି ଦିଅନ୍ତି । ଯେହେତୁ ସେହି ସବୁ ବିଷୟରେ ସେମାନଙ୍କୁ ସେ ମାନି ଯାଆନ୍ତି । ସେହି ବିଷୟଗୁଡ଼ିକରେ ସେ କୋହଳ ହେବା ଫଳରେ ଉପଲବ୍ଧି କରନ୍ତି, ତାଙ୍କ ଭଳି ବ୍ୟକ୍ତିଙ୍କ ସହିତ କାମ କରିବାରେ ଆନନ୍ଦ ଅଛି ଏବଂ କ୍ରମଶଃ ସେମାନେ ବେଶ୍ ଖୁସିରେ ତାଙ୍କ କଥା ମାନି ଚଳନ୍ତି । ସେହି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସେମାନେ ଯେ ତାଙ୍କର ଅନୁସରଣ କରୁଛନ୍ତି ସେ ବିଷୟରେ ସେମାନେ କ୍ୱଚିତ୍ ସଚେତନ ଥାନ୍ତି । ପୃଥିବୀରେ ଏହି ଗୁଣଟିକୁ କୁହାଯାଏ କୌଶଳ । ଗୂଢ଼ବିଦ୍ୟାରେ ଏହାକୁ କୁହାଯାଏ ବିବେଚନା ।

ଧର୍ମାନ୍ଧ ଏହି ଗୁଣଟିକୁ ଉପେକ୍ଷା କରେ । ସେଥିପାଇଁ ସେ ସଫଳ ହୁଏ ନାହିଁ । ଅନ୍ୟପକ୍ଷରେ ଗୂଢ଼ବିଜ୍ଞାନୀ ସର୍ବଦା ସଫଳ ହୁଅନ୍ତି । ଧର୍ମାନ୍ଧ ଗୁରୁତ୍ୱପୂର୍ଣ୍ଣ ଏବଂ ଗୁରୁତ୍ୱହୀନ ମଧ୍ୟରେ ପାର୍ଥକ୍ୟ କେବେହେଲେ ଜାଣେ ନାହିଁ । ସୁତରାଂ ଗୁରୁତ୍ୱହୀନ କଥାରେ ମଧ୍ୟ ସେ ମାନି ଯାଏ ନାହିଁ । ସୁତରାଂ ସେ ଭୁଲ୍ ବାଟରେ ଲୋକଙ୍କ ସହିତ ବ୍ୟବହାର କରେ ଏବଂ ପରେ ସେମାନେ ତାକୁ ଅନୁସରଣ କରନ୍ତି ନାହିଁ, ସେ ଯେତେ ଠିକ୍ ହୋଇଥାଉ ବା ତା'ର ମୁଖ୍ୟ ଲକ୍ଷ୍ୟ ଯେତେ ଗୁରୁତ୍ୱପୂର୍ଣ୍ଣ ହୋଇଥାଉ । ଯଦି ତାହା ବଦଳରେ ଆପଣ ସେମାନଙ୍କ ସହିତ ଉପଯୁକ୍ତ ରୀତିରେ ବ୍ୟବହାର କରନ୍ତି, ତେବେ ସେମାନେ ବଶୀଭୂତ ହୋଇ ଆପଣଙ୍କୁ ଅନୁସରଣ କରିବେ । ଏହା ପ୍ରକୃତିର ଏକ ସର୍ବବ୍ୟାପୀ ତଥ୍ୟ ଉପରେ ଆଧାରିତ । ଉଭୟ ମାନବ ଏବଂ ପଶୁମାନଙ୍କର ସହଜାତ ପ୍ରବୃତ୍ତି ହେଉଛି ଯେ ଯଦି କେହି ସେମାନଙ୍କୁ ଟାଣିବାକୁ ଚେଷ୍ଟା କରେ, ସେମାନେ ତାକୁ ବିରୋଧ କରି ଟାଣିବେ । ଅଳ୍ପ ଦିନ ତଳେ ମୁଁ ଏହାର ଗୋଟିଏ ଛୋଟ ଉଦାହରଣ ଦେଖିଥିଲି । ଜଣେ ଲୋକ ଗୋଟିଏ ବାଛୁରୀକୁ ନିଜ ସାଥିରେ ଟାଣି ନେବାକୁ ଚେଷ୍ଟା କରୁଥିଲା ଏବଂ ବାଛୁରୀଟି ଅବଶ୍ୟ ତା'ର ଚାରି ଖୁରାକୁ ଦୃଢ଼ ଭାବରେ ଭୂମି ଉପରେ ରଖି ଲାଙ୍ଗୁଡ଼ ସିଧାକରି ସେହି ଲୋକ ବିରୋଧରେ ନିଜର ସମସ୍ତ ବଳ ଦେଇ ଟାଣୁଥିଲା । ସେହି ଲୋକ ଯଦି ସଚେତନ ହୋଇଥାନ୍ତା, ତା'ହେଲେ ସେ ବାଛୁରୀକୁ ଟାଣିବା ବନ୍ଦ କରି ଦେଇଥାନ୍ତା ଏବଂ ତା'ପରେ ସେହି ପଶୁ ମଧ୍ୟ ସେ ଲୋକ ବିରୋଧରେ ଟାଣିବା ବନ୍ଦ କରି ଦେଇଥାନ୍ତା ଏବଂ ବାଛୁରୀଟିକୁ ଟିକିଏ ଥାପୁଡ଼େଇ ଖୁସି କରେଇଥିଲେ ସେ ମନକୁ ମନ ସେହି ଲୋକର ଅନୁସରଣ କରିପାରିଥାନ୍ତା ।

ସେଥିରେ ଏକ ମୂଲ୍ୟବାନ୍ ଶିକ୍ଷା ରହିଛି । ଯଦି ଆପଣ ଯାହା ଚାହାନ୍ତି ଲୋକେ ତାହା କରିବେ ନାହିଁ, ତେବେ ଆପଣ ନିଜ ଭିତରେ କ'ଣ ଦୋଷ ଅଛି ଦେଖନ୍ତୁ । ସାଧାରଣତଃ ଆପଣ ଦେଖିବେ ଯେ ଆପଣଙ୍କ କାର୍ଯ୍ୟଧାରାରେ କିଛି ରହିଛି, ଯାହା ସେମାନଙ୍କୁ ଆପଣଙ୍କ ବିରୋଧରେ ଲଗାଇଥାଏ । ମୁଁ ନିଜେ ଏହି ଯୋଜନା ଅନୁସରଣ କରେ । କୌଣସି ସ୍ଥଳରେ ମୋର କାମ ସଂକ୍ରାନ୍ତରେ ଯେତେବେଳେ କିଛି ସଂଘର୍ଷ ଓ ଅସୁବିଧା ହୁଏ, ତେବେ ମୁଁ ବସି ପଡ଼ି ସେ ବିଷୟରେ ଭାବେ ଏବଂ ଚେଷ୍ଟା କରେ ଖୋଜି ବାହାର କରିବାକୁ ଯେ ମୁଁ କ'ଣ କରୁଛି, ଯାହା ଫଳରେ ଏହିସବୁ ଅସୁବିଧା ହେଉଛି । ମୁଁ ଆବିଷ୍କାର କରିବାକୁ ଚେଷ୍ଟା କରେ କାମ କରିବାର ଅନ୍ୟ କୌଣସି ଉପାୟ । ଲୋକଙ୍କୁ ଆପଣଙ୍କ ପଥ

ଅନୁସରଣ କରାଇବା ପାଇଁ ଚେଷ୍ଟା କରିବା ଅପେକ୍ଷା ଏହା ଅଧିକ ଶ୍ରେୟସ୍କର । ଆପଣ ଅବଶ୍ୟ ସେମାନଙ୍କୁ କେତେକ ପରିମାଣରେ ବାଧ୍ୟ କରିପାରନ୍ତି, ସନ୍ଦେହ ନାହିଁ । କିନ୍ତୁ ନୀତି ଦୃଷ୍ଟିରୁ ତାହା ଭୁଲ୍ ଏବଂ କାର୍ଯ୍ୟକ୍ଷେତ୍ରରେ ମଧ୍ୟ ଏହା କେବଳ ବିରୋଧ ଓ ଅସୁବିଧା ସୃଷ୍ଟି କରେ । ଏହା ନେତୃତ୍ୱର ଗୁଣଗୁଡ଼ିକର ବଡ଼ ଅଭାବ ଦର୍ଶାଇ ଦିଏ (ଯେଉଁ ଦକ୍ଷତା ଗୁରୁ ଚାହିଁବେ ଆମ ଭିତରେ ଭବିଷ୍ୟତରେ) । ଗୁରୁ ଚାହିଁବେ କିପରି ନେତୃତ୍ୱ ନିଆଯାଏ । ତାହା ଆପଣ ଜାଣିବାକୁ ହେବ । ଯାହା ଫଳରେ ଲୋକଙ୍କୁ ବାଡ଼େଇ ପିଟି ନେବା ବଦଳରେ ଆପଣ ସେମାନଙ୍କୁ ସାହାଯ୍ୟ କରିପାରିବେ ।

ଲେଡ଼ବିଟର୍– ଆଜିଠାରୁ ପ୍ରାୟ ସାତଶହ ବର୍ଷ ମଧ୍ୟରେ ଆମ ଭିତରୁ କେତେକଙ୍କୁ ସୁଯୋଗ ମିଳିବ ଷଷ୍ଠ ମୂଳ ଜାତିର ବିକାଶ ପାଇଁ କାର୍ଯ୍ୟ କରିବାକୁ । ସେଥିପାଇଁ ଆମକୁ ନେତୃତ୍ୱର ଗୁଣଗୁଡ଼ିକର ବିକାଶ କରିବାକୁ ହେବ । ଜଣେ ନେତାଙ୍କର ପ୍ରଥମ ଆବଶ୍ୟକତା ହେଉଛି କୌଶଳ ।

ଜଣେ ଗୂଢ଼ବିଦ୍ୟାବିତ୍ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ କେବେହେଲେ ଛାଡ଼ି ଦିଅନ୍ତି ନାହିଁ; ଯଦିଓ ସେ ପ୍ରତିବନ୍ଧକର ସମ୍ମୁଖୀନ ହୋଇ ପାରନ୍ତି ଏବଂ କିଛିକାଳ ପାଇଁ ପଛକୁ ଠେଲି ହୋଇଯାନ୍ତି । ଅବଶେଷରେ ସେ ସଫଳ ହୁଅନ୍ତି । ଫରାସୀ ବିପ୍ଳବ ଏହି ପ୍ରକାର ଏକ ଉଦାହରଣ । ଫ୍ରାନ୍ସର ସ୍ୱାଧୀନତା ପାଇଁ ଏହି ଆନ୍ଦୋଳନର ପଛରେ ଯେଉଁ ମହାନ୍ ବ୍ୟକ୍ତିଗଣ ରହିଥିଲେ, ସେମାନେ ଲୋକଙ୍କର ପାଗଳ ଉତ୍ତେଜନାକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇନଥିଲେ । ଫଳରେ ଭୟଙ୍କର ହତ୍ୟାକାଣ୍ଡ ଓ ଅପରାଧ ଦେଖାଦେଲା ଏବଂ ସେହି ସମୟ ପାଇଁ ତାରକା ରକ୍ତାକ୍ତ ହୋଇ ପଡ଼ିଲା । କେବେହେଲେ କ୍ଷଣକ ପାଇଁ ମଧ୍ୟ ଭାବନ୍ତୁ ନାହିଁ ଯେ ମହାତ୍ମାମାନେ ଅନୁମୋଦନ କରୁଥିଲେ ସେହି ପାଗଳାମି, ନରହତ୍ୟାର ଦାନବୀୟ ପ୍ରବୃତ୍ତିକୁ, ସେହି ଅକଥନୀୟ କୁତ୍ସିତତା ଏବଂ ନିଷ୍ଠୁରତାକୁ, ବିଶ୍ୱାସଘାତକତା ଏବଂ ଆତଙ୍କବାଦକୁ, ସେହି ଭୟଙ୍କର କାଳର ସମସ୍ତ ଅବର୍ଣ୍ଣନୀୟ ଘୃଣ୍ୟ କାର୍ଯ୍ୟଗୁଡ଼ିକୁ । ସେତେବେଳେ କ୍ଷମତା ଚାଲିଗଲା ନିମ୍ନ ଶ୍ରେଣୀର ଲୋକଙ୍କ ହାତକୁ ଯେଉଁମାନେ ନିଷ୍ଠୁର ଶାସନ ଓ ଅତ୍ୟାଚାରରେ ଉତ୍‌କ୍ଷିପ୍ତ ହୋଇ ପଡ଼ିଥିଲେ ଏବଂ ନିଜକୁ ଦେଖାଇଥିଲେ ପଡ଼ିଆରେ ବୁଲୁଥିବା ପଶୁମାନଙ୍କଠାରୁ ମଧ୍ୟ ହୀନ ରୂପରେ । କେବେ କଳ୍ପନା କରନ୍ତୁନାହିଁ ଯେ ସେମାନଙ୍କର ଅବିଶ୍ୱାସନୀୟ ନିଷ୍ଠୁରତା ସଭ୍ୟତା ପାଇଁ କାର୍ଯ୍ୟ କରୁଥିବା ସେହି ମହାତ୍ମାଙ୍କ ଦ୍ୱାରା ସମର୍ଥିତ ହେଉଥିଲା । କିନ୍ତୁ ପରେ ସେହି ମହାତ୍ମାଗଣ ଅନ୍ୟ କୌଣସି ଉପାୟରେ ସେମାନଙ୍କ ଲକ୍ଷ୍ୟ ସାଧନ ପାଇଁ

ସମର୍ଥ ହୋଇଥିଲେ ଏବଂ ବର୍ତ୍ତମାନ ସେହି ଦେଶ ଏବଂ ଆହୁରି ଅନେକ ଦେଶ ମଧ୍ୟ ସମସ୍ତ ପ୍ରକାର ସ୍ୱାଧୀନତା ପାଇଛନ୍ତି, ଯେଉଁଥିପାଇଁ ସେହି ଲୋକମାନେ ସଂଘର୍ଷ କରିଥିଲେ । ଅନ୍ୟ ମହାନ୍ ସଂସ୍କାର ସମ୍ପର୍କରେ, ଯେଉଁଗୁଡ଼ିକୁ ସେହି ମହାନ୍ ବ୍ୟକ୍ତିଗଣ ଆରମ୍ଭ କରନ୍ତି ଏବଂ ସେମାନେ ହାତକୁ ନେଉଥିବା ଅନ୍ୟ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ମଧ୍ୟ ତାହା ହିଁ ହୁଏ । ଯଦିଓ ପ୍ରଥମରେ ସେମାନେ ସର୍ବଦା ସଫଳ ହୁଅନ୍ତି ନାହିଁ, ଦୀର୍ଘକାଳ ପରେ ସେମାନେ ସଫଳ ହୁଅନ୍ତି ।

**ପରାଜୟ ଅଗ୍ରାହ୍ୟ**

ଆମକୁ ଠିକ୍ ତାହା ହିଁ କରିବାକୁ ହେବ । କେବେହେଲେ ପରାଜୟ ଗ୍ରହଣ କରନ୍ତୁ ନାହିଁ । ସବୁବେଳେ କାମ କରି ଚାଲନ୍ତୁ । କିନ୍ତୁ ଭଲ ଭାବେ କରିବା ପାଇଁ ଆମକୁ ଦକ୍ଷତାର ସହିତ ସାହାଯ୍ୟ କରିବାର କଳା ହାସଲ କରିବାକୁ ହେବ । ବହୁ ସଂଖ୍ୟକ ଭଲ ଲୋକ ସମସ୍ତଙ୍କୁ ଜୋର୍ କରି ଟାଣି ନେବାକୁ ଚାହାନ୍ତି । କିନ୍ତୁ ତାହା ଠିକ୍ ପନ୍ଥା ନୁହେଁ । ଆମେ ଅନ୍ୟମାନଙ୍କୁ ଦେଖାଇ ଦେବା ଦରକାର ମନୁଷ୍ୟର ଭବିଷ୍ୟତର ଆନନ୍ଦ, ସୁଖ ଏବଂ ମହତ୍ତ୍ୱ ଏବଂ ଗୁରୁଙ୍କର କାର୍ଯ୍ୟ । ତାହା ପରେ ସେମାନେ ଆମ ସାଙ୍ଗରେ ନିଜ ମନକୁ ଆସିବେ । ଆପଣ ଯଦି କେତେକ ଲୋକଙ୍କ ସହିତ ଚଳି ପାରିବେ ନାହିଁ, ନିଜ ଭିତରେ ତ୍ରୁଟିକୁ ଦେଖନ୍ତୁ । ସେମାନଙ୍କ ଦୋଷ ବିଷୟରେ ମୁଣ୍ଡ ଘୂରାନ୍ତୁ ନାହିଁ, ଯଦିଓ ନିଃସନ୍ଦେହରେ ସେମାନଙ୍କର ବହୁ ଦୋଷ ରହିଅଛି । କିନ୍ତୁ ଦେଖନ୍ତୁ ଆପଣଙ୍କ ଭିତରେ କ'ଣ ଅଛି ଯାହା ସେମାନଙ୍କ ସହିତ ଚଳିବାରେ ବାଧା ଦେଉଛି । ଆପଣ ଯଦି ବେଶ୍ ନିଠେଇ କରି ଦେଖିବେ, ତେବେ ହୁଏତ କିଛି ଦେଖିବାକୁ ପାଇବେ ।

**କ'ଣ କରିବା ଉଚିତ୍ ତାହା ଦେଖିବାକୁ ଚେଷ୍ଟା କର ଏବଂ ମନେ ରଖ ଯେ ଜିନିଷର ଆକାର ଦେଖି ବିଚାର କରିବା ଅନୁଚିତ । ଗୋଟିଏ ଛୋଟିଆ କାର୍ଯ୍ୟ ଯାହା ଗୁରୁଙ୍କ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ ଉପଯୋଗୀ ତାହା ଦୁନିଆଁ ଯାହାକୁ ଭଲ କହିବ, ସେଭଳି ଏକ ବଡ଼ ଜିନିଷ ତୁଳନାରେ ବରଂ ସମାପନ କରିବା ଅଧିକ ଶ୍ରେୟସ୍କର । ତୁମକୁ କେବଳ ଯେ ଉପଯୋଗୀକୁ ଅନୁପଯୋଗୀଠାରୁ ଅଲଗା କରିବାକୁ ହେବ ତାହା ନୁହେଁ, ଅଳ୍ପ ଉପଯୋଗୀଠାରୁ ଅଧିକ ଉପଯୋଗୀକୁ ମଧ୍ୟ ଅଲଗା କରିବାକୁ ହେବ ।**

**ଆନିବେସାନ୍ତ–** ମୁଁ ଆଗରୁ କହି ସାରିଛି ପ୍ରକୃତ ଦୃଷ୍ଟିକୋଣରୁ ଯେଉଁ ସବୁ ବିଷୟ କରିବା ଉଚିତ ସେଗୁଡ଼ିକ ସକାଶେ ଲୋକେ ସାଧାରଣ ଯତ୍ନ ନିଅନ୍ତି ନାହିଁ । ସେମାନେ ଗୁରୁତ୍ୱହୀନ ବିଷୟଗୁଡ଼ିକ ପ୍ରତି ଆଗ୍ରହୀ । ସେଥିପାଇଁ ଶିଷ୍ୟଙ୍କୁ ଏହି ପ୍ରକାର ବାଛ ବିଚାର ଅଭ୍ୟାସ କରିବାକୁ ହେବ ଏବଂ ସାଂସାରିକ ଲୋକଙ୍କର ଦିନଗୁଡ଼ିକ ଯେଉଁ ଅନୁପଯୋଗୀ କାମଗୁଡ଼ିକରେ ପରିପୂର୍ଣ୍ଣ, ସେଥିରେ ତାଙ୍କର ସମୟ ଅପଚୟ କରିବା ଉଚିତ ହେବନାହିଁ ।

ତା'ପରେ ଆସୁଛି ଆଉ ଏକ ସୂକ୍ଷ୍ମତର ବିଷୟ । ତୁମେ କୌଣସି ଦ୍ରବ୍ୟର ଆକାର ଅନୁସାରେ ତା'ର ମୂଲ୍ୟ ନିରୂପଣ କରିବା ଅନୁଚିତ ହେବ । ଏକ ରାଷ୍ଟ୍ରନାୟକର କାର୍ଯ୍ୟାବାଳୀ ଯାହା ପୃଥିବୀର ଲୋକଙ୍କ ଆଖିରେ ବିରାଟ ଦେଖାଯାଏ, ତାହା ଗୁରୁଦେବଙ୍କ ଦୃଷ୍ଟିକୋଣରୁ ସମ୍ଭବତଃ ବେଶ୍ ଗୁରୁତ୍ୱହୀନ । ଚକର ସାମାନ୍ୟ ଧୂଳି ପରି । ଏକ ତୁଚ୍ଛ ବ୍ୟକ୍ତିର ଛୋଟିଆ କାମଟିଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପାରେ । ଯଦି ତାହା ଗୁରୁଦେବଙ୍କର କାର୍ଯ୍ୟର ଧାରାରେ ହୋଇଥାଏ ।

ଏହାପରେ ଆସୁଛି ଆଉ ଏକ ସୂକ୍ଷ୍ମତର ପାର୍ଥକ୍ୟ– ଅଧିକ ଉପଯୋଗୀ ଏବଂ ସ୍ୱଳ୍ପ ଉପଯୋଗୀ ମଧ୍ୟରେ । ଆପଣ ସବୁ କିଛି କରିପାରିବେ ନାହିଁ । ସୁତରାଂ ଯାହା ଆପଣଙ୍କ ବିଚାରରେ ସବୁଠାରୁ ଭଲ ଭାବେ ଗୁରୁଙ୍କର ସେବାରେ ଲାଗି ପାରିବ ତାହା କରିବାକୁ ହେବ । ପ୍ରତ୍ୟେକ ବିଷୟ ଯାହା ପୃଥିବୀକୁ ସାହାଯ୍ୟ କରେ, ତାହା ଗୁରୁଙ୍କ କାର୍ଯ୍ୟର ଉପଯୋଗୀ । କିନ୍ତୁ ଯେହେତୁ ଆପଣଙ୍କର ସମୟ ଓ ଶକ୍ତି ସୀମିତ, ଆପଣଙ୍କୁ ଅଧିକତର ଉପଯୋଗୀକୁ ବାଛି ନେବାକୁ ହେବ । ପରବର୍ତ୍ତୀ ଦୁଇଟି ବାକ୍ୟରେ ଗୁରୁ ଏହାର ଏକ ଆଦର୍ଶ ଉଦାହରଣ ଦେଇଛନ୍ତି । ଯେତେବେଳେ ସେ ଲୋକଙ୍କ ଶରୀରକୁ ଖୁଆଇବା ତୁଳନାରେ ସେମାନଙ୍କ ଆତ୍ମାକୁ ଖାଦ୍ୟ ଦେବା ଶ୍ରେୟସ୍କର ବୋଲି କହିଛନ୍ତି । ଆତ୍ମାକୁ ସାହାଯ୍ୟ କରିବା ଦ୍ୱାରା ଆପଣ ପୃଥିବୀରେ ସମସ୍ତ ପ୍ରକାର ମନ୍ଦର ମୂଳରେ କୁଠାରଘାତ କରୁଛନ୍ତି । କାରଣ କୌଣସି ବ୍ୟତିକ୍ରମ ନ ଥାଇ ସେଗୁଡ଼ିକ ଅଜ୍ଞତା ଏବଂ ସ୍ୱାର୍ଥପରତାରୁ ଜାତ ହୋଇଥାନ୍ତି ।

**ଆତ୍ମାକୁ ଖାଦ୍ୟ ଦେବା ଏକ ମହତ୍ତର ସେବା**

**ଗରିବଙ୍କୁ ଖାଇବାକୁ ଦେବା ଏକ ଭଲ, ମହତ୍ ଏବଂ ଉପଯୋଗୀ କାର୍ଯ୍ୟ । ତଥାପି ସେମାନଙ୍କ ଆତ୍ମାକୁ ଖାଦ୍ୟ ଦେବା ସେମାନଙ୍କ**

**ଶରୀରକୁ ଖାଦ୍ୟ ଦେବା ତୁଳନାରେ ମହତ୍ତର ଏବଂ ଅଧିକ ଉପଯୋଗୀ । ଯେକୌଣସି ଧନୀ ବ୍ୟକ୍ତି ଶରୀରକୁ ଖାଇବାକୁ ଦେଇପାରେ, କିନ୍ତୁ କେବଳ ଯେଉଁମାନେ ଜାଣନ୍ତି, ସେମାନେ ଆତ୍ମାକୁ ଖାଦ୍ୟ ଦେଇପାରନ୍ତି ।**

**ଲେଡ୍‌ବିଟର–** କେତେକ ସମୟରେ ବ୍ରହ୍ମବିଦ୍ୟା ସମିତି ବିରୋଧରେ ନିନ୍ଦା କରି କୁହାଯାଇଛି ଯେ ଏହା ଗରିବଙ୍କୁ ଖାଦ୍ୟ ଓ ବସ୍ତ୍ର ଦାନ କରିବା ଭଳି ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରେ ନାହିଁ । ସେହି ଦିଗରେ ଆମର କେତେକ ଅନୁଷ୍ଠାନ (ଲଜ୍) ବହୁ କାର୍ଯ୍ୟ କରିଛନ୍ତି । କିନ୍ତୁ ତାହା ସେମାନଙ୍କର ମୁଖ୍ୟ କାର୍ଯ୍ୟ ନୁହେଁ । ଯେକୌଣସି ଧନୀ ଏବଂ ଦୟାପ୍ରବଣ ବ୍ୟକ୍ତି ତାହା କରିପାରନ୍ତି । କିନ୍ତୁ ବହୁତ କାମ ଅଛି ଯାହା କେବଳ ଯେଉଁମାନେ ଜାଣନ୍ତି, କରିପାରନ୍ତି । କେତେ ଲୋକଙ୍କର ମନେ ହୋଇପାରେ ଯେ ଆମେ କିଛି ପରିମାଣରେ ଉଦ୍ଧତ ହୋଇ 'ଯେଉଁମାନେ ଜାଣନ୍ତି' ଉପାଧିକୁ ନିଜ ପାଇଁ ଦାବୀ କରି ନେଉଛୁ । କିନ୍ତୁ ତାହା କରିବା ଦ୍ୱାରା ଆମେ ପ୍ରକୃତରେ ନିଜକୁ ପ୍ରଶଂସା କରୁନାହୁଁ । ଆମେ ବେଶ୍ ସ୍ପଷ୍ଟ ଭାବରେ ଜାଣୁ ଯେ ବହୁ ଭଲ ଲୋକ ଅଛନ୍ତି ଯେଉଁମାନଙ୍କର ବ୍ରହ୍ମବିଦ୍ୟା ସହିତ କୌଣସି ପ୍ରକାର ସମ୍ପର୍କ ନାହିଁ ଏବଂ ଯେଉଁମାନେ ବୌଦ୍ଧିକତାରେ ଆମର ବହୁ ବ୍ୟକ୍ତିଙ୍କ ଠାରୁ ବହୁ ଦୂର ଅଗ୍ରଗତି କରିଛନ୍ତି । କିନ୍ତୁ ଏହି ବ୍ରହ୍ମବିଦ୍ୟା ସମ୍ପର୍କୀୟ ବିଷୟମାନ ଅଧ୍ୟୟନ କରିବା ହେଉଛି ଆମର କର୍ମଫଳ ଏବଂ ସେହି କାରଣରୁ ବ୍ରହ୍ମବିଦ୍ୟା ପଢ଼ି ନ ଥିବା ସେହିସବୁ ଉଚ୍ଚକୋଟୀର ଲୋକଙ୍କ ଅପକ୍ଷେ ଆମେ ବ୍ରହ୍ମବିଦ୍ୟା ବିଷୟରେ ଅଧିକ ଜାଣୁ । ସେହି ଅତି ଉଚ୍ଚତର ମାନର ବୁଦ୍ଧି, ଆଧ୍ୟାତ୍ମିକତା ତଥା ଭକ୍ତି ଥିବା ଲୋକମାନଙ୍କ ମଧ୍ୟରେ ବହୁତ ଲୋକ ଅଛନ୍ତି ଯେଉଁମାନେ ଶୀଘ୍ର ଆଗେଇ ଯିବେ । ଆମେ ପାଇଥବା ଜ୍ଞାନଲାଭ କରି ଯେଉଁଥିରେ ଆମର ଶକ୍ତି ସଂଚାଳିତ ହେବା ପଥରେ ସେମାନେ ବୋଧହୁଏ ଆମକୁ ଅତିକ୍ରମ କରି ଯିବେ । କିନ୍ତୁ ଆମେ ଆମ ତରଫରୁ ସେମାନଙ୍କୁ ସ୍ୱାଗତ କରିବୁ ଏବଂ ତାହା ଦେଖି ଆନନ୍ଦିତ ହେବୁ, କାରଣ ଏହି ପଥରେ ଈର୍ଷାର ସ୍ଥାନ ନାହିଁ ଏବଂ ଏଥିରେ ଚାଲିଥିବା ପ୍ରତ୍ୟେକ ବ୍ୟକ୍ତି ଏକ ଭ୍ରାତାର ଅଗ୍ରସର ହେବା ଦେଖି ସ୍ୱାଗତ କରନ୍ତି ।

ଇତିମଧ୍ୟରେ ବ୍ରହ୍ମବିଦ୍ୟାର ଜ୍ଞାନ ହେଉଛି ବଡ଼ ଧରଣର ବିଶେଷ ଦକ୍ଷତା, ଯାହା ଆମ ହାତକୁ ଦିଆଯାଇଛି ଉପଯୋଗ ସକାଶେ । ଆମେ ଯଦି ଏହାଦ୍ୱାରା

ଅନ୍ୟମାନଙ୍କର କିଛି ନ କରୁ, ଅଥଚ ଏହାକୁ କେବଳ ନିଜପାଇଁ କୁଣ୍ଢାଇ ଧରି ରଖୁ ଏବଂ ଏହା ଚିନ୍ତା ଓ ଦୁଃଖରୁ ମୁକ୍ତି ଆଣିଦେବା ପାଇଁ ଯୋଗୁଁ ତଥା କଷ୍ଟକର ସମସ୍ୟାଗୁଡ଼ିକୁ ବୁଝିପାରେ ସାହାଯ୍ୟ କରିବା ଯୋଗୁଁ ଆମେ ଯେଉଁ ଖୁସି ଲାଭକରି ଉପଭୋଗ କରିବାରେ ଲାଗୁ, ଆମେ ଠିକ୍ ବାଇବଲ୍‌ର ସେହି ଲୋକ ପରି ହେବା ଯେ ନିଜର ପ୍ରତିଭାକୁ ପୋତି ଦେଇଥିଲା । କିନ୍ତୁ ଯଦି ଆମ ପାଖକୁ ଯେଉଁ ଆଲୋକ ଆସୁଛି ତାକୁ ବିତରଣ କରିବାରେ ଆମେ ଆମର ଯଥାସାଧ୍ୟ ଚେଷ୍ଟା କରିବା ଏବଂ ପ୍ରତିଟି ସମ୍ଭାବ୍ୟ ଉପାୟରେ ସାହାଯ୍ୟ କରିବା, ତେବେ ଅନ୍ତତଃ ଆମର ପ୍ରତିଭାକୁ ଆଗ୍ରହାନ୍ୱିତ କରିପାରିବା । 'ଯେ ଜାଣନ୍ତି', ସେ ନିଜ ଜ୍ଞାନ ଦ୍ୱାରା ଗରିବ ତଥା ଧନୀମାନଙ୍କର ଆତ୍ମାକୁ ଖାଦ୍ୟ ଦେଇପାରିବେ । ଏକ ଭୌତିକ ଦୃଷ୍ଟିକୋଣରୁ ମଧ୍ୟ ଅନ୍ୟ କାମ ତୁଳନାରେ ଏହା କମ୍ ବ୍ୟାବହାରିକ କାର୍ଯ୍ୟ ନୁହେଁ । ପୃଥିବୀର ସମସ୍ତ ଦାରିଦ୍ର୍ୟ ଓ ଦୁଃଖର କାରଣ କ'ଣ ? ଅଜ୍ଞତା ଓ ସ୍ୱାର୍ଥପରତା । ଲୋକମାନଙ୍କ ଆଗରେ ଜ୍ଞାନ ଓ ଜୀବନର ବିଧାନ ଉପସ୍ଥାପନ କରିବାକୁ ଓ ସେମାନେ ନିଃସ୍ୱାର୍ଥପର ହେବା ଅପରିହାର୍ଯ୍ୟ ବୋଲି ଦର୍ଶାଇବାକୁ ଚେଷ୍ଟା କରି ଯଦି ଆମେ ଅଜ୍ଞାନ ଓ ସ୍ୱାର୍ଥପରତାକୁ ଆକ୍ରମଣ କରୁ, ତେବେ, ସର୍ବାଧିକ ଭୌତିକ ଦୃଷ୍ଟିକୋଣରୁ ମଧ୍ୟ କେବଳ ଖାଦ୍ୟ ବଣ୍ଟନ ଦ୍ୱାରା ଯାହାକ ରିଥାନ୍ତୁ, ତାହାଠାରୁ ଆମେ ଅଧିକ କରୁଛୁ ସ୍ଥୂଳ ସ୍ତରରେ, ଲୋକଙ୍କର କଲ୍ୟାଣ ଓ ସୁଖ ସକାଶେ । କ୍ଷଣକ ପାଇଁ ମଧ୍ୟ କେହି କହିବେ ନାହିଁ ଯେ ତାହା ଭଲ ନୁହେଁ ବା ତାହା ଅନାବଶ୍ୟକ ଏବଂ କରିବା ଉଚିତ ନୁହେଁ । ସମୟର ଆବଶ୍ୟକତାକୁ ପୂରଣ କରିବାକୁ ହେବ; କିନ୍ତୁ ସମସ୍ତ କଷ୍ଟର କାରଣକୁ ଦୂର କରିବା ହେଉଛି ଏକ ମହତ୍ତର ସେବା । କେବଳ ସ୍ଥୂଳ ସ୍ତରର ସହାୟକ ଯାହା କରିପାରିବ ନାହିଁ, ଆମେ ତାହା କରୁଛୁ ।

ଯେତେବେଳେ ବି ଏହି ଧାରାରେ କୌଣସି ପ୍ରଜ୍ଞା, କୌଣସି ଜ୍ଞାନ ରହିଛି ଯେଉଁମାନେ ଏହା ଜାଣନ୍ତି ସେମାନଙ୍କୁ ଅନ୍ୟ କାମରୁ ମୁକ୍ତ କରାଯାଇଛି, ଯାହାଫଳରେ ସେମାନେ ଶିକ୍ଷା ଦେଇପାରିବେ । ଉଦାହରଣ ସ୍ୱରୂପ, ଆପଣ ପଢ଼ି ପାରନ୍ତି 'ଆକ୍ଟସ୍ ଅଫ୍ ଆପୋଷ୍ଟଲସ୍'ରେ କିପରି ଖ୍ରୀଷ୍ଟିୟାନ ଚର୍ଚ୍ଚର ପ୍ରାଥମିକ ଅବସ୍ଥାରେ, ସେମାନଙ୍କର ମିଳିତ ଦ୍ରବ୍ୟ ଭଣ୍ଡାର ରହିଥିଲା । ଯେତେବେଳେ ଖାଦ୍ୟ ବିତରଣରେ ଅସୁବିଧା ହେଉଥିଲା, ସେତେବଳେ ଧର୍ମଯାଜକମାନଙ୍କୁ ଅନୁରୋଧ କରାଯାଉଥିଲା ବିବାଦର ସମାଧାନ କରିବା ପାଇଁ; ବସ୍ତୁତଃ ସେମାନେ ନିଜେ ତାହା ବିତରଣ

କରିବା ପାଇଁ । ସେମାନେ କହିଲେ: "ଖାଦ୍ୟ ପରିବେଷଣ କରିବା ପାଇଁ ଈଶ୍ୱରଙ୍କ ବାଣୀକୁ ଛାଡ଼ିଯିବା ଯୁକ୍ତିଯୁକ୍ତ ହେବ ନାହିଁ" ଏବଂ ତେଣୁ ସେମାନେ ସେଠାରେ ଅନ୍ୟମାନଙ୍କୁ କହିଲେ ନିଜ ଭିତରୁ ଲୋକଙ୍କୁ ବାଛିବାକୁ ଯେଉଁମାନେ ସେହି କାମ କରିବେ ଏବଂ ସେମାନଙ୍କର ନିଷ୍ପତ୍ତି ମାନି ଚଳିବେ । କିନ୍ତୁ ସେମାନେ ଆଶା କରିବା ଉଚିତ ହେବ ନାହିଁ ଯେ ଯେଉଁମାନଙ୍କର କାମ ହେଲା ଈଶ୍ୱରଙ୍କ ବାଣୀକୁ ବୁଝାଇବା, ସେମାନେ ଆସି ସମ୍ପୂର୍ଣ୍ଣ ସ୍ଥୂଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ସେହି ଜିନିଷଗୁଡ଼ିକ ଯେ ଅବହେଳା କରିବା କଥା, ତାହା ନୁହେଁ । କିନ୍ତୁ ସେହି ସବୁ କାମକୁ ଦୃଷ୍ଟି ଦେବା ପାଇଁ ଉଚିତ ବ୍ୟକ୍ତି ହେଉଛନ୍ତି ସେଇମାନେ, ଯେଉଁମାନେ ସେହି କାର୍ଯ୍ୟ କରିପାରିବେ ଏବଂ ଅନ୍ୟ କାର୍ଯ୍ୟ କରିପାରିବେ ନାହିଁ ।

ଆନି ବେସାନ୍ତ– ବ୍ରହ୍ମବିଦ୍ୟା ପ୍ରସାର କରିବା ହେଉଛି ଗୋଟିଏ ବିଷୟ ଯାହା ଆମେ କରିବା ଉଚିତ । ସମିତି ଭିତରେ ଯେଉଁମାନେ ସେ କାର୍ଯ୍ୟ କରିବା ପାଇଁ ଏ ପର୍ଯ୍ୟନ୍ତ ପ୍ରସ୍ତୁତ ନାହାନ୍ତି, ଯଥା- ଭାଷଣ ଦେବା ପାଇଁ ବା ଆମର ଉପଦେଶଗୁଡ଼ିକୁ ଅନ୍ୟ କୌଣସି ପ୍ରକାରେ ଲେଖିବା ପାଇଁ- ସେମାନେ ନିଜକୁ ସେଥିପାଇଁ ପ୍ରସ୍ତୁତ କରୁଥିବାବେଳେ ଅନ୍ୟ ପ୍ରକାର କାର୍ଯ୍ୟ ମଧ୍ୟ କରିବା ଉଚିତ । ମୁଁ ସେବା ସଂଗଠନ ପ୍ରତିଷ୍ଠା କଲି, ସେହିମାନଙ୍କ ପାଇଁ ଯେଉଁମାନେ ଶିକ୍ଷା ଦେଇପାରିବେ ନାହିଁ । ଯାହା ଫଳରେ ଯେ କେହି ସମିତିରେ ଯୋଗ ଦେବେ, ସେ କରିବା ପାଇଁ କିଛି ନା କିଛି କାର୍ଯ୍ୟ ପାଇପାରିବେ । ସମିତିରେ କୌଣସି ବ୍ୟକ୍ତି ଯାହା ନ କରିବା ଉଚିତ, ତାହା ହେଉଛି ଅଳସୁଆ ହୋଇ ରହିବା । ସମସ୍ତ ସଭ୍ୟ ଗୁରୁଙ୍କ କାର୍ଯ୍ୟରେ ସକ୍ରିୟ ରହିବା ଉଚିତ ।

**ଲେଡ୍‌ବିଟର-** ଏହା ଉପଲବ୍ଧି କରିବା କଷ୍ଟକର । କେତେ ଲୋକ ସାଧାରଣ ଭାବେ ଏଭଳି ଏକ ସ୍ଥିତିର ପାଖକୁ ଆସିଛନ୍ତି, ଯେଉଁଠାରେ ସ୍ଥିତି ପ୍ରତି ଜାଗ୍ରତ ହୋଇପାରିଲେ ସେମାନେ ଦ୍ରୁତ ପ୍ରଗତି କରିପାରିବେ । ମୋର ମନେ ହୁଏ ମୁଁ ଯୁବକମାନଙ୍କ ମଧ୍ୟରେ ଏହା ଦେଖିଛି । କାରଣ ମୋର କାମ ହେଉଛି ସାଧାରଣତଃ ସେହିମାନଙ୍କ ମଧ୍ୟରେ । ମୁଁ ଦେଖୁଛି ପ୍ରାୟ ପ୍ରତ୍ୟେକ ଦେଶରେ ବହୁ ସଂଖ୍ୟାରେ ବାଳକ ବାଳିକା ବ୍ରହ୍ମବିଦ୍ୟା ପନ୍ଥାରେ ଭଲ ପ୍ରଗତି କରିପାରନ୍ତେ, ଯଦି ବିଷୟଟିକୁ ସେମାନଙ୍କ ଆଗରେ ଉତ୍ତମଭାବେ ଉପସ୍ଥାପନ କରାଯାଇପାରନ୍ତା । କିନ୍ତୁ ତାହା କରାଯାଉନାହିଁ । ସେମାନେ ବୁଡ଼ିଯାଆନ୍ତି ସାଂସାରିକ କର୍ମ ଭିତରକୁ ଏବଂ କେବଳ ସାଧାରଣ ଧରଣର ଅତି ଉତ୍ତମ ଲୋକ ହୋଇ ରହନ୍ତି । ସେମାନେ ସେହି ପ୍ରକାର ଚାଲିଥିବେ କୋଡ଼ିଏ ବା ତିରିଶ ବା ଅଧିକ ଜନ୍ମ ପର୍ଯ୍ୟନ୍ତ, ଯଦିଓ

ସେମାନେ ବ୍ରହ୍ମବିଦ୍ୟା ଗ୍ରହଣ କରିବାକୁ ସକ୍ଷମ । ସେମାନେ ଏଥିରେ ଆଗ୍ରହୀ ହୁଅନ୍ତେ ଯଦି ଏହାକୁ ଯଥାଯଥ ଭାବେ ତାଙ୍କ ଆଗରେ ଉପସ୍ଥାପନ କରାଯାଆନ୍ତା । ନିଶ୍ଚିତ ଭାବେ ଏହି ପ୍ରକାର ପରିସ୍ଥିତି ସେମାନଙ୍କ ଉପରେ ଏକ ଗୁରୁତର ଦାୟିତ୍ୱ ନ୍ୟସ୍ତ କରୁଛି- ଯେଉଁମାନେ ଏହି ଜ୍ଞାନର ଅଧିକାରୀ ହୋଇଛନ୍ତି । ସୁତରାଂ ଆମର କାମ ହେଉଛି ଯେତେବେଳେ ଏକ ଉପଯୁକ୍ତ ସୁଯୋଗ ମିଳିବ, ସେତେବେଳେ ବ୍ରହ୍ମବିଦ୍ୟା ବୁଝାଇବା ପାଇଁ ସକ୍ଷମ ଏବଂ ପ୍ରସ୍ତୁତ ହୋଇ ରହିଥିବା ।

ବହୁ ଲୋକ ଅଛନ୍ତି ଯେଉଁମାନେ ବ୍ରହ୍ମବିଦ୍ୟା ବିକାଶ କ୍ଷେତ୍ରରେ ଏବେ ମଧ୍ୟ ପ୍ରବେଶ କରିପାରନ୍ତି, ଯେପରି ସେମାନେ କରିବେ ଆହୁରି କୋଡ଼ିଏଟି ଜନ୍ମର ଜୀବନ କାଳରେ । ଅବଶ୍ୟ ଏହା ହେଉଛି କର୍ମ ଫଳର କଥା । କିନ୍ତୁ ଆମର କାର୍ଯ୍ୟ ହେଉଛି ସେମାନଙ୍କୁ ସୁଯୋଗ ଦେବା, ସେମାନଙ୍କ ଆଗରେ ବିଷୟଟିକୁ ଉପସ୍ଥାପନ କରିବା । ସେମାନେ ତାହା ଗ୍ରହଣ କରିବେ ବା କରିବେ ନାହିଁ, ତାହା ସେମାନଙ୍କର କାମ । ଆମେ ଯେ ପର୍ଯ୍ୟନ୍ତ ଆମର ସର୍ବୋତ୍ତମ ଶକ୍ତି ଅନୁଯାୟୀ କାର୍ଯ୍ୟ କରି ନାହୁଁ, ସେ ପର୍ଯ୍ୟନ୍ତ ଆମେ ଜାଣୁ ନାହିଁ, ସାହାଯ୍ୟ ପାଇବା ପାଇଁ ସେମାନଙ୍କ କର୍ମରେ ଅଛି ନା ନାହିଁ ।

## ସାହାଯ୍ୟ କରିବା ପାଇଁ ଜ୍ଞାନ

**ଯଦି ତୁମେ ଜାଣ, ତୁମର କର୍ତ୍ତବ୍ୟ ହେଉଛି ଅନ୍ୟମାନଙ୍କୁ ଜାଣିବା ଦିଗରେ ସାହାଯ୍ୟ କରିବା ଦିଗରେ, ତେବେ ତୁମେ ଯେତେ ବିଜ୍ଞ ହୋଇଥାଅ ନା କାହିଁକି, ଏହି ପଥରେ ତୁମକୁ ବହୁତ ଶିଖିବାକୁ ଅଛି । ଏତେ ଅଛି ଯେ, ଏଥିରେ ମଧ୍ୟ ବାଛ ବିଚାର କରିବାକୁ ପଡ଼ିବ । ତୁମକୁ ଯତ୍ନର ସହିତ ବିଚାର କରିବାକୁ ହେବ କ'ଣ ଶିକ୍ଷା କରିବା ଉଚିତ । ପ୍ରତ୍ୟେକ ଜ୍ଞାନ ଉପଯୋଗୀ, ଦିନେ ତୁମେ ସମସ୍ତ ଜ୍ଞାନ ଲାଭ କରିବ । କିନ୍ତୁ ଯେତେବେଳେ ତୁମେ ଏକ ଅଂଶ ମାତ୍ର ପାଉଛ, ସେତେବେଳେ ଭଲ ଭାବେ ଦେଖ ଯେ ସେହି ଅଂଶଟି ସର୍ବାଧିକ ଉପଯୋଗୀ । ଈଶ୍ୱର ହେଉଛନ୍ତି ଜ୍ଞାନ ଏବଂ ପ୍ରେମ । ତୁମର ଯେତିକି ଅଧିକ ଜ୍ଞାନ ହେବ, ସେତିକି ଅଧିକ ତୁମେ ଈଶ୍ୱରଙ୍କୁ ପ୍ରକଟିତ କରିପାରିବ । ସୁତରାଂ ଅଧ୍ୟୟନ କର, କିନ୍ତୁ ପ୍ରଥମେ ଅଧ୍ୟୟନ କର ଯାହା ଅନ୍ୟମାନଙ୍କୁ ସାହାଯ୍ୟ କରିବାରେ ତୁମ ପ୍ରତି ସର୍ବାଧିକ ସହାୟକ ହେବ ।**

**ଲେଡ୍‌ବିଟର–** ଗୁରୁଦେବ ଏଠାରେ ଅଧ୍ୟୟନ କରିବାକୁ ଉପଦେଶ ଦେଇଛନ୍ତି । କିନ୍ତୁ ସେ ତାଙ୍କର ଶିଷ୍ୟଙ୍କୁ କହିଛନ୍ତି ସେ ଯେତିକି ପାରୁଛି ବାଛି ନେବାକୁ, ଯାହା ତାକୁ ସହାୟକ ହେବ ଅନ୍ୟମାନଙ୍କୁ ସାହାଯ୍ୟ କରିବାରେ । ମୁଁ ଧରି ନେଉଛି ଯେ ଏହାର ଅର୍ଥ ହେଉଛି ଯେ ଜଣେ ବ୍ରହ୍ମବିଦ୍ୟାକୁ ସମ୍ପୂର୍ଣ୍ଣ ଭାବେ ଏବଂ ପ୍ରଥମେ ବୁଝିବାକୁ ଚେଷ୍ଟା କରିବା ଉଚିତ । କିନ୍ତୁ ତା' ସାଙ୍ଗକୁ ସମୟୋପଯୋଗୀ ଜ୍ଞାନ, ଏବଂ ଶିକ୍ଷା ହାସଲ କରିବା ଉଚିତ ଯାହା ବ୍ୟକ୍ତିକୁ ସଂସ୍କୃତି ସମ୍ପନ୍ନ କରେ । ମୁଁ ଜାଣେ ବହୁ ଅତିଶୟ ଆଗ୍ରହୀ ଏବଂ ଅନୁରକ୍ତ ବ୍ୟକ୍ତି ଅଛନ୍ତି ଯେଉଁମାନେ କହନ୍ତି, "ଶିକ୍ଷାର ବିଶଦ ବିଷୟଗୁଡ଼ିକ ନେଇ ଆମେ ମୁଣ୍ଡ ଘୂରାଇବୁ କାହିଁକି ? ଆମେ ଚାହୁଁ ବିଷୟର ବାସ୍ତବତା ଜାଣିବାକୁ ଏବଂ କୌଣସି ମତେ ସତ୍ୟ ଉପସ୍ଥାପନ କରିବାକୁ ।" ତାହା ଠିକ୍, କିନ୍ତୁ ଅଶିକ୍ଷିତ ବ୍ୟକ୍ତି ତାକୁ ଏପରି ଏକ ଆକାରରେ ଉପସ୍ଥାପନ କରିବାର ସମ୍ଭାବନା ଅଛି ଯାହା ଶିକ୍ଷିତ ବ୍ୟକ୍ତିଙ୍କୁ ସଙ୍ଗେ ସଙ୍ଗେ ଦୂରେଇ ଦେବ । ଲୋକେ କହିବାର ମୁଁ ଶୁଣିଛି ଯେ ଅନ୍ତର୍ଦୃଷ୍ଟି ସମ୍ପନ୍ନ ବ୍ୟକ୍ତି କୌଣସି ବିଷୟକୁ ଅଠିକଣା ଭାବେ କୁହାଯିବାର ଶୁଣିବା ପରେ ସେହି ବିବରଣର ଉର୍ଦ୍ଧ୍ୱକୁ ଉଠି ତା' ପଛରେ ଥିବା ସତ୍ୟକୁ ବୁଝିଥାନ୍ତି । କିନ୍ତୁ ଦୁର୍ଭାଗ୍ୟବଶତଃ ଅଧିକାଂଶ ବ୍ୟକ୍ତି ଅର୍ନ୍ତଦୃଷ୍ଟିସମ୍ପନ୍ନ ନୁହନ୍ତି । ଯେଉଁମାନଙ୍କୁ ଏ ବିଷୟରେ ଆଗ୍ରହୀ ହେବାପାଇଁ ଅନ୍ୟପ୍ରକାରେ ପ୍ରବର୍ତ୍ତା ଯାଇପାରନ୍ତା ସେମାନଙ୍କ ଆଗରେ, ଆମର ଆଳସ୍ୟ ହେତୁ, ଅଧିକା ପ୍ରତିବନ୍ଧକ ରଖିବା ପାଇଁ ଆମର କୌଣସି ଅଧିକାର ନାହିଁ । ଆମର ଉପସ୍ଥାପନ ଯଥାସମ୍ଭବ ନିଖୁଣ କରିବା ହେଉଛି ଆମର ପ୍ରଧାନ କର୍ତ୍ତବ୍ୟ ।

### ଅଧ୍ୟୟନ ଦରକାର

**ଧୈର୍ଯ୍ୟର ସହିତ ନିଜେ ପଢ଼ାପଢ଼ି କର ଯାହା ଫଳରେ ଲୋକେ ଯେ ତୁମକୁ ବିଜ୍ଞ ବୋଲି କହିବେ, ତାହା ନୁହେଁ । ତୁମେ ଯେ ବିଜ୍ଞ ହେବାର ସୁଖ ପାଇବ ତାହା ମଧ୍ୟ ନୁହେଁ ବରଂ ଏଇଥିପାଇଁ ଯେ ବିଜ୍ଞ ଲୋକ ହିଁ ବିଜ୍ଞ ଭାବେ ସହାୟକ ହୋଇ ପାରିବେ । ତୁମେ ଯେତେ ସାହାଯ୍ୟ କରିବାକୁ ଚାହିଁଲେ ମଧ୍ୟ, ଯଦି ତୁମେ ଅଜ୍ଞ, ତେବେ ଭଲ ଅପେକ୍ଷା ତୁମେ ହୁଏତ ଅଧିକ କ୍ଷତି କରିପାର ।**

**ଆନିବେସାନ୍ତ–** ଏଠାରେ ଯେଉଁ ଉପଦେଶ ଦିଆଯାଇଛି ତାହା ବିଶେଷ କରି ଯୁବ ଅଭୀପ୍ସୁଙ୍କ ସକାଶେ ଗୁରୁତ୍ୱପୂର୍ଣ୍ଣ । ଅନେକ ସମୟରେ କଲେଜର

ଯୁବକମାନଙ୍କ ସହିତ ମୋର ଦେଖା ହୁଏ, ଯେଉଁମାନେ ନୂତନ ଉତ୍ସାହ ଦ୍ୱାରା ପ୍ରଭାବିତ ହୁଅନ୍ତି । ସେମାନେ ସାହାଯ୍ୟ କରିବାକୁ ଅତିଶୟ ବ୍ୟଗ୍ର ହୁଅନ୍ତି ଏବଂ ଅନେକ ସମୟରେ ନିଜର ପାଠ ପଢ଼ାକୁ ମଧ୍ୟ ଛାଡ଼ି ଦେବାକୁ ଚାହାନ୍ତି । "ଆମ ପାଇଁ ଏହି ସବୁ ପଢ଼ାର ମୂଲ୍ୟ କ'ଣ ?" ସେମାନେ ପଚାରନ୍ତି । ଏହି କ୍ଷେତ୍ରରେ ସର୍ବଦା ମୁଁ ଯେଉଁ ଉପଦେଶ ଦେଇଥାଏ, ତାହା ହେଉଛି, "ପାଠ ପଢ଼ା ଚାଲୁ ରଖ ଏବଂ ଶିକ୍ଷିତ ବ୍ୟକ୍ତି ହୁଅ । ଯଦିଓ ତୁମେ ଯାହା ସବୁ ପଢୁଛି ସେଗୁଡ଼ିକ ଭିତରେ ବହୁତ କଥା ରହିଥାଇ ପାରେ ଯାହାର ବିଶେଷ ଗୁରୁତ୍ୱ ନାହିଁ । ନିଜର ବୁଦ୍ଧିମତ୍ତାକୁ ତାଲିମ୍ ଦେବା ହେଉଛି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ।  ସେଥିରେ ହିଁ ତୁମର ପଢ଼ାର ଉପଯୋଗିତା ରହିଛି । ତାହା ଫଳରେ ତୁମର ଚିନ୍ତାଧାରା ଯୁକ୍ତିଯୁକ୍ତ ଏବଂ ସଠିକ ହୋଇଥାଏ । ତୁମେ ଯଦି ଏହି ମାନସିକ ଶୃଙ୍ଖଳା ଦେଇ ନ ଯାଅ, ତେବେ ତୁମର କାର୍ଯ୍ୟ ବିଶେଷ ଭାବେ ପ୍ରତିହତ ହେବ ।"

ବ୍ରହ୍ମବିଦ୍ୟାର ସତ୍ୟଗୁଡ଼ିକୁ ଜାଣିବା ଯଥେଷ୍ଟ ନୁହେଁ । ଯଦି ଆପଣ ଚାହାଁନ୍ତି ଅନ୍ୟମାନଙ୍କୁ ସେଗୁଡ଼ିକୁ ଜାଣିବାରେ ସାହାଯ୍ୟ କରିବାକୁ, ଆପଣଙ୍କର ସେହି ବୌଦ୍ଧିକ ପ୍ରଶିକ୍ଷଣ ଆବଶ୍ୟକ, ଯାହ ସେହି ସତ୍ୟ ସବୁକୁ ଠିକ୍ ଭାବେ ଉପସ୍ଥାପନ କରିବାରେ ଆପଣଙ୍କୁ ସକ୍ଷମ କରିବ । ଯଦି ଜଣେ ବ୍ୟକ୍ତି ଅଶିକ୍ଷିତ ଥାଏ ତେବେ ସେ ଯେପରି ଏକ ବିଷୟ ଉପସ୍ଥାପନ କରେ, ସେଥିରୁ ଲୋକେ ସଙ୍ଗେ ସଙ୍ଗେ ଜାଣି ନିଅନ୍ତି ସେ ଅଶିକ୍ଷିତ ବୋଲି । ମୁଁ ଯେଉଁ ପ୍ରଶିକ୍ଷଣ ମଧ୍ୟ ଦେଇ ଯାଇଛି, ତାହାର କୌଣସି ଅଂଶ ମୋତେ ଏତେ ଅଧିକ ଆନନ୍ଦ ଦେଇ ନାହିଁ, ଯେତିକି ଦେଇଛି ତାହାର ବୈଜ୍ଞାନିକ ଅଂଶଟି । ପ୍ରଥମତଃ ଏହା ମୋତେ ସାହାଯ୍ୟ କରିଛି ବିଚାରଶୀଳ, ଯୁକ୍ତିଯୁକ୍ତ ଭାବେ ବିଷୟକୁ ଉପସ୍ଥାପନ କରିବାରେ, ଯାହା ଫଳରେ ବୁଦ୍ଧିମାନ୍ ଓ ସଂସ୍କୃତିସମ୍ପନ୍ନ ଲୋକେ ଶୁଣିବା ପାଇଁ ଆକୃଷ୍ଟ ହୁଅନ୍ତି । ଦ୍ୱିତୀୟତଃ ଏହା ମୋତେ ଯୋଗାଇଥାଏ ବହୁ ଉଦାହରଣ ଯାହା ହୃଦୟଗ୍ରାହୀ ହୋଇଥାଏ, କାରଣ ସେଗୁଡ଼ିକ ଏଭଳି ବିଷୟରୁ ଆସିଥାଏ, ଯାହା ନିଶ୍ଚିତ ଭାବେ ପ୍ରମାଣିତ ହୋଇପାରିବ ।

ଆମମାନଙ୍କ ଭିତରୁ ଯେଉଁମାନେ ବୟସ୍କ ସେମାନେ ବିଶେଷ ଉପଯୋଗୀ ହୋଇପାରନ୍ତି ଯୁବକମାନଙ୍କ ପାଇଁ ଯେଉଁମାନଙ୍କ ସହିତ ସେମାନଙ୍କର ସମ୍ପର୍କର ସୁଯୋଗ ରହିଛି । ଅବଶ୍ୟ ସେମାନେ ଯୁବକଙ୍କର ଆଗ୍ରହକୁ ଚାପି ନ ଦେଇ ସଦୟ ଏବଂ ବିଚାରଶୀଳ ଭାବେ ସେମାନଙ୍କୁ ବୁଝାଇ ଦେବେ । ଯେତେବେଳେ ଜଣକର ଉଚ୍ଚତର ବିଷୟ ପ୍ରତି ଲକ୍ଷ୍ୟ ରହିଛି, ସେତେବେଳେ ଏହି ସବୁ ନିମ୍ନତର ଅଧ୍ୟୟନ

ନେଇ ସେ ଟିକିଏ ଅଧୀର ହେବା ସମ୍ଭବ । ସେଥିପାଇଁ ଗୁରୁଦେବ ତାଙ୍କର ଯେଉଁ ଅଳ୍ପ ବୟସର ଶିଷ୍ୟର ତଥାପି ଅଧିକ ବୌଦ୍ଧିକ ପ୍ରଶିକ୍ଷଣ ଦରକାର ଥିଲା, ତାକୁ କହିଛନ୍ତି, "ଧୈର୍ଯ୍ୟର ସହିତ ନିଜର ପଢ଼ାପଢ଼ି କର ।"

ଲେଡ୍‌ବିଟର– ଇତିହାସ ଦୃଢ଼ ଭାବରେ ଏହି ଉପଦେଶକୁ ସମର୍ଥନ କରିଛି । ବହୁ ଭଲ ଲୋକେ, ସବୁଠାରୁ ଭଲ ଉଦ୍ଦେଶ୍ୟ ନେଇ ସର୍ବାଧିକ ଭୟଙ୍କର ଭାବେ ଭୁଲ୍ କରିଛନ୍ତି ଏବଂ ନିଜର ଲକ୍ଷ୍ୟକୁ ଆଘାତ ଦେଇଛନ୍ତି । ସେହି ଲକ୍ଷ୍ୟ ଯାହା ହୋଇଥାଉ ନା କାହିଁକି ଏବଂ ବାହ୍ୟ ଆକ୍ରମଣ ଦ୍ୱାରା ଯାହା ହୋଇଥାନ୍ତା, ତାହା ତୁଳନାରେ ଏହି ଆଘାତ ଖୁବ୍ ଅଧିକ । ବ୍ରହ୍ମବିଦ୍ୟା ସମ୍ପର୍କୀୟ କାର୍ଯ୍ୟ ତ୍ରୁଟି ଏବଂ ଅବହେଳା ପୂର୍ଣ୍ଣ ଉପସ୍ଥାପନ ଦ୍ୱାରା ବାରମ୍ବାର କ୍ଷତିଗ୍ରସ୍ତ ହୋଇଛି । ଆମେ ଚାହୁଁନାହିଁ ଯେ ଆମର ବ୍ୟକ୍ତିଗତ ତ୍ରୁଟି ଏବଂ ଅକ୍ଷମତା ହେତୁ ବ୍ରହ୍ମବିଦ୍ୟାକୁ ନିନ୍ଦା କରାଯାଉ । ଯଦି ଆପଣ ସମିତି ପାଇଁ କାର୍ଯ୍ୟ କରିବାକୁ ଅବସ୍ଥାପିତ ଏବଂ ସନ୍ତୋଷଜନକ ଭାବେ ତାହା ହିଁ କରିପାରୁନାହାଁନ୍ତି, ତେବେ କାମ କରିବାକୁ ଯାଆନ୍ତୁ ଏବଂ ସନ୍ତୋଷଜନକ ଭାବେ କରିବାକୁ ଶିଖନ୍ତୁ । ଯଦି ଆପଣଙ୍କୁ କୁହାଯାଏ କିଛି ପଢ଼ିବାକୁ ଏବଂ ଆପଣ ତାହା କରିପାରୁନାହାଁନ୍ତି, ତେବେ କିପରି ତାହା ଯଥାଯଥ ଭାବେ କରିବାକୁ ହେବ, ଶିଖନ୍ତୁ । ଯଦି ଆପଣ ଭାଷଣ ଦେଇପାରୁନାହାଁନ୍ତି, ତେବେ ଶୀଘ୍ର ଯେତେବେଳେ ଆପଣ ଯଥେଷ୍ଟ ଜାଣିବେ ଏବଂ ପ୍ରସ୍ତୁତ ହେବାପାଇଁ କଷ୍ଟ କରିବେ, ସେତେବେଳେ ତାହା କରିବା ପାଇଁ ଶିଖିବେ । କିନ୍ତୁ କୌଣସିମତେ କିଛି କରନ୍ତୁ ଏବଂ ଭଲ ଭାବେ ତାହା କରିବାକୁ ଚେଷ୍ଟା କରନ୍ତୁ । ବ୍ରହ୍ମବିଦ୍ୟା ସମିତିର ସଭ୍ୟ ରୂପେ ଆମର କର୍ତ୍ତବ୍ୟ ହେଉଛି ସଠିକ ବ୍ୟାକରଣ ଏବଂ ସଠିକ୍ ଅଭିବ୍ୟକ୍ତି ଉପରେ ଦକ୍ଷତା ହାସଲ କରିବା । ଯେଉଁ ଲୋକମାନଙ୍କ ପାଖରେ ଆମେ ପହଞ୍ଚିବାକୁ ଚାହୁଁ ସେମାନଙ୍କ ଆଗରେ ଏହି ସବୁ ବିଷୟ ଗ୍ରହଣଯୋଗ୍ୟ ଭାବେ ଉପସ୍ଥାପନ କରିବା ଦିଗରେ ତାହା ଆମକୁ ସକ୍ଷମ କରିବ । ସତ୍ୟ ଯେତେ ଗୌରବମୟ ହେଉ ନା କାହିଁକି, ମେଘାଚ୍ଛନ୍ନ ହୋଇଯାଇପାରେ, ଯଦି ତାହାକୁ ଅଠିକଣା ଭାବରେ ଏବଂ ଭୁଲ୍ ଭାବେ ଉପସ୍ଥାପନ କରାଯାଏ । ଆମର କର୍ତ୍ତବ୍ୟ ହେଉଛି ଏହି ବିଷୟରେ ଆମର ସାଧ୍ୟମତେ ଚେଷ୍ଟା କରିବା । ଯଦି ଆମେ ଏହି ସତ୍ୟ ସମୂହକୁ ଯଥାଯଥ ଭାବେ ଉପସ୍ଥାପନ କରିବା କଥା, ତେବେ ଆମେ ଶିକ୍ଷିତ ହେବା ଆବଶ୍ୟକ ।

■■■

## ଚତୁର୍ଥ ଅଧ୍ୟାୟ

# ସମ୍ପୂର୍ଣ୍ଣ ସତ୍ୟଶୀଳ ହୁଅ

**ଚିନ୍ତାରେ, ବାକ୍ୟରେ ଏବଂ କାର୍ଯ୍ୟରେ ତୁମେ ସତ୍ୟ ଏବଂ ମିଥ୍ୟା ମଧ୍ୟରେ ପ୍ରଭେଦ ରଖିବା ଆବଶ୍ୟକ । ଚିନ୍ତାରେ, ବାକ୍ୟରେ ଏବଂ କାର୍ଯ୍ୟରେ ତୁମେ ସମ୍ପୂର୍ଣ୍ଣ ସତ୍ୟଶୀଳ ହେବାପାଇଁ ଶିକ୍ଷା କରିବା ଆବଶ୍ୟକ ।**

ଆନି ବେସାନ୍ତ– ଜଣେ ହୁଏତ ଭାବିପାରେ, ଯଦି ଜଣେ ଗୁରୁଦେବଙ୍କର ଚିନ୍ତା ତଥା ବାଣୀକୁ ଅନୁସରଣ କରୁନାହଁ, ତେବେ ଏହି କଥା ଉଠୁଛି କାହିଁକି ? ଯେଉଁଠି ସତ୍ୟ ଏବଂ ମିଥ୍ୟା ମଧ୍ୟରେ ବାଛ ବିଚାର କରିବାର କଥା ଉଠିଛି, ନିଶ୍ଚିତ ଭାବେ ଏହା ପ୍ରଥମେ କହିବା ଉଚିତ ଥିଲା । ଗୁରୁଦେବ ପରେ ଏହା କହିଛନ୍ତି; କାରଣ ଏହା ବିଶେଷ କଷ୍ଟକର ବିଷୟ । ସେ କହିଛନ୍ତି– ତୁମେ ସମ୍ପୂର୍ଣ୍ଣ ସତ୍ୟଶୀଳ ହେବା ଆବଶ୍ୟକ । ତେବେ ଚିନ୍ତା, ବାକ୍ୟ ଓ କାର୍ଯ୍ୟରେ ସେପରି ହେବା ସହଜ କଥା ନୁହେଁ । ଆପଣ ଦେଖିବେ ଯେ ପ୍ରଥମେ ଆସେ ଚିନ୍ତା । ଗୂଢ଼ବିଦ୍ୟାର ନିୟମ ଅନୁଯାୟୀ ଯାହା ପ୍ରଥମେ ରହେ ତାହା ଚିନ୍ତା, ପରେ ବାକ୍ୟ ଏବଂ କାର୍ଯ୍ୟ । ଭଗବାନ୍ ବୁଦ୍ଧ ମଧ୍ୟ ସେହି କ୍ରମରେ ସେଗୁଡ଼ିକୁ ରଖିଥିଲେ । ଯଥା : ସତ୍ ଚିନ୍ତା, ସତ୍ କଥନ ଏବଂ ସତ୍ କାର୍ଯ୍ୟ !

**ପ୍ରଥମେ ଚିନ୍ତା, ଏହା ସହଜ ନୁହେଁ । କାରଣ ପୃଥିବୀରେ ରହିଛି ବହୁ ଅସତ୍ୟ ଚିନ୍ତା, ବହୁ ମୂର୍ଖ ଅନ୍ଧ ବିଶ୍ୱାସ ଏବଂ ଯେ ସେମାନଙ୍କର ଦାସ ହୋଇ ପଡ଼ିଛି, ସେ ପ୍ରଗତି କରିପାରିବ ନାହିଁ ।**

**ଲେଡ୍‌ବିଟର–** ବ୍ରହ୍ମବିଦ୍ୟାରେ ଆମେ ଭାବୁ ଯେ ଆମେ ଅନ୍ଧ ବିଶ୍ୱାସରୁ ସମ୍ପୂର୍ଣ୍ଣ ମୁକ୍ତ । ମୁଁ ସମ୍ପୂର୍ଣ୍ଣ ନିଶ୍ଚିତ ନୁହେଁ ଯେ ତାହା ସର୍ବଦା ସତ୍ୟ । ମୋର ମନେ

ହୁଏ, ବ୍ରହ୍ମବିଦ୍ୟାଗତ ଅନ୍ଧ ବିଶ୍ୱାସର ସମ୍ଭାବନା ରହିଛି । ଯେଉଁ ବ୍ୟକ୍ତି କୌଣସି ଏକ ବିଷୟରେ ବିଶ୍ୱାସ କରନ୍ତି କାରଣ ତାହା 'ବାଇବଲ୍‌ରେ ଲେଖା ଅଛି', ନିଃସନ୍ଦେହରେ ସେ ସେହି ଦୃଷ୍ଟିରୁ ଅନ୍ଧବିଶ୍ୱାସୀ । କାରଣ ତାଙ୍କର ବିଶ୍ୱାସର ଉତ୍ତମ ଆଧାର ନାହିଁ । ତଥାପି, ସେହି ଅନ୍ଧବିଶ୍ୱାସରୁ କେବଳ ଏକ ପଦକ୍ଷେପ ଆଗକୁ ହେବ ଯଦି କୁହାଯାଏ- "ଶ୍ରୀମତୀ ବ୍ଲାଭାଟ୍‌ସ୍କି ଏହା କହିଛନ୍ତି" ବା "ଏହା 'ସିକ୍ରେଟ୍ ଡ଼କ୍‌ଟ୍ରିନ୍'ରେ ଲେଖାଯାଇଛି ।" ଏହା ଏକ ଆଗୁଆ ପଦକ୍ଷେପ, କାରଣ ଶ୍ରୀମତୀ ବ୍ଲାଭାଟ୍‌ସ୍କି ଯେଉଁ ବିଷୟରେ କହୁଥିଲେ ତାହା ଜାଣି ଥିଲେ ବୋଲି ବହୁତ ପ୍ରମାଣ ରହିଛି, ଯାହା ଆମେ କହିବା, ସେଣ୍ଟ ପଲ୍ ବା ଅନ୍ୟ କୌଣସି ଅଧିକ ପୁରାତନ ଲେଖକଙ୍କ କଥାର ସତ୍ୟତାର ପ୍ରମାଣ ତୁଳନାରେ ଅଧିକ । କିନ୍ତୁ ବିଷୟଟି ଶ୍ରୀମତୀ ବ୍ଲାଭାଟ୍‌ସ୍କି କହିଛନ୍ତି ବୋଲି ତାହାକୁ ଆମର ଜ୍ଞାନ ବୋଲି କୁହାଯିବ ନାହିଁ, ଯେପରି ସେଣ୍ଟ୍ ଜେମସ୍ ବା ସେଣ୍ଟ ପିଟର୍ କହିଛନ୍ତି ବୋଲି ତାହା ଆମର ଜ୍ଞାନ ବୋଲି କୁହାଯିବ ନାହିଁ । ଆମକୁ କୌଣସି ଏକ ବିଷୟ ବୁଝିବାକୁ ହେବ ଏବଂ ତାକୁ ଆମର ନିଜର କରିବାକୁ ହେବ; ଆମକୁ ତା' ଭିତରେ ପଶି ବିକଶିତ ହେବାକୁ ହେବ ଏବଂ ତାକୁ ଆମ ଭିତରେ ବିକଶିତ ହେବାପାଇଁ ସୁବିଧା ନେବାକୁ ହେବ । ଆମେ ଯେ ପର୍ଯ୍ୟନ୍ତ ଶୁଆ ପରି ପଢ଼ି ଲାଗିଛୁ, ସେ ପର୍ଯ୍ୟନ୍ତ ସେହି ବିଷୟଗୁଡ଼ିକ ହେଉଛି ଅନ୍ଧ ବିଶ୍ୱାସ । ସତ୍ୟରେ ବିଶ୍ୱାସ କରିବା ହିଁ ଏକ ଅନ୍ଧ ବିଶ୍ୱାସ ହୋଇପାରେ, ଯଦି ଏଥିରେ ବା ସେଥିରେ ଲେଖା ଯାଇଥିବା ବ୍ୟତୀତ ତାହାର କୌଣସି ଆଧାର ନାହିଁ । ଯେତେବେଳେ ଏହା ଆମର ମାନସିକ ବ୍ୟବସ୍ଥାର ଅଂଶ ହୋଇଯାଏ, ସେତେବେଳେ ଆମେ କହିପାରୁ "ଏହା ମୋର ଏକ ଅଂଶ ଏବଂ ଏହା ମୋର । ମୁଁ ଜାଣେ କାହିଁକି ମୁଁ ଏଥିରେ ବିଶ୍ୱାସ କରେ ଏବଂ ସେହି ହେତୁ ମୋର ବିଶ୍ୱାସ ହେଉଛି ବୁଦ୍ଧି ସଙ୍ଗତ, କେବଳ ଏକ ଅନ୍ଧ ବିଶ୍ୱାସ ନୁହେଁ ।" ମୋର ଆଶଙ୍କା ହୁଏ ଯେ ବହୁ କ୍ଷେତ୍ରରେ ସତ୍ୟରେ ମଧ୍ୟ ବହୁ ପରିମାଣର ବୁଦ୍ଧିହୀନ ବିଶ୍ୱାସ ରହିଛି ।

ଆନି ବେସାନ୍ତ– କୌଣସି ବ୍ୟକ୍ତି ପକ୍ଷରେ ବିଶେଷ କଷ୍ଟକର ହୁଏ ନିଜକୁ ଅନ୍ଧ ବିଶ୍ୱାସରୁ ଏବଂ ସାର ବୋଲି ଅସାରକୁ ଗ୍ରହଣ କରିବାରୁ ମୁକ୍ତ କରିବା । କାରଣ ତାହା ହିଁ ଅନ୍ଧ ବିଶ୍ୱାସର ସାର ହୋଇଥାଏ । ପ୍ରଥମ ଦୀକ୍ଷା ନ ପାଇବା ପର୍ଯ୍ୟନ୍ତ ସେଭଳି ନିଜକୁ ପୂର୍ଣ୍ଣ ରୂପେ ମୁକ୍ତ କରିବାର ଆଶା କରାଯାଏ ନାହିଁ । ଏଥିରୁ ବୁଝାଯାଏ ଯେ ଏହା ଏକ ଗଭୀର ଏବଂ ସୂକ୍ଷ୍ମ ବିଷୟ, ଯାହା ମନୁଷ୍ୟର ଖାସ୍ ପ୍ରକୃତି ମଧ୍ୟକୁ ପ୍ରବେଶ କରିଥାଏ । ଗୁରୁଦେବ କହନ୍ତି, "ଯେ ଏହାର ଦାସ ହୋଇ ପଡ଼ିଛି, ସେ ପ୍ରଗତି କରିପାରିବ ନାହିଁ ।" ଏହା ଏକ ବ୍ୟାପକ ଉକ୍ତି । କିନ୍ତୁ ଆମକୁ ଦେଖିବାକୁ ହେବ

'ଦାସ' ଶବ୍ଦଟିକୁ । ସେ କହୁନାହାନ୍ତି ଯେ, କେହି ବ୍ୟକ୍ତି ଯଦି କୌଣସି ପରିମାଣରେ ଅନ୍ଧବିଶ୍ୱାସୀ ସେ ପ୍ରଗତି କରିପାରିବେ ନାହିଁ । ବରଂ କହୁଛନ୍ତି ଯେ, ଯେ କେହି ଯଦି ଅନ୍ଧ ବିଶ୍ୱାସର ଦାସ ହୋଇପଡ଼ିଛି ସେ ପ୍ରଗତି କରିପାରିବେ ନାହିଁ । ଅନ୍ଧବିଶ୍ୱାସ ଗୋଟାଏ ବଡ଼ ଜିନିଷ ଯାହା ଲୋକଙ୍କୁ ପଛକୁ ଟାଣି ଧରେ । ଆମେ ଜାଣୁ ବହୁ ଧାର୍ମିକ ଲୋକେ ଅଛନ୍ତି, ଯେଉଁମାନେ ଉତ୍ତମ, ଧର୍ମାନୁରାଗୀ, ପରୋପକାରୀ, ଯେଉଁମାନେ ସୁନ୍ଦର ଏବଂ ନିଷ୍ପାପର ଜୀବନ ଯାପନ କରନ୍ତି- କିନ୍ତୁ ଅନ୍ଧ ବିଶ୍ୱାସୀ ହୋଇ ପଡ଼ିଛନ୍ତି । ସେମାନେ ଭାବନ୍ତି ଯେ ସେମାନଙ୍କର ଉତ୍ସବ, ମନ୍ତ୍ର ଏବଂ ସେମାନଙ୍କ କାର୍ଯ୍ୟପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ସେଗୁଡ଼ିକର କିଛି ହେଲେ ଗୁରୁତ୍ୱ ନାହିଁ ।

ଉଦାହଣ ସ୍ୱରୂପ- ଏକ ନିର୍ଦ୍ଦିଷ୍ଟ ଉତ୍ସବ ଅନୁଷ୍ଠାନ ବିଷୟରେ ବିଚାର କରିବା- ଯାହା ମୃତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ । ରୋମାନ୍ କ୍ୟାଥଲିକ୍ ଗଣ ମୃତବ୍ୟକ୍ତିଙ୍କ ସକାଶେ 'ମାସ୍' ପାଳନ କରନ୍ତି । ହିନ୍ଦୁମାନେ ମଧ୍ୟ ସେହି ଉଦ୍ଦେଶ୍ୟରେ ଶ୍ରାଦ୍ଧ ପାଳନ କରନ୍ତି । ଉଭୟ ଉତ୍ସବ ଯେଉଁମାନେ ଚାଲି ଯାଇଛନ୍ତି ସେମାନଙ୍କୁ ସାହାଯ୍ୟ କରିବା ଇଚ୍ଛା ଦ୍ୱାରା ପ୍ରଣୋଦିତ ଏବଂ ଉଭୟେ ସେମାନଙ୍କର ଉଦ୍ଦେଶ୍ୟ ସାଧନ କରନ୍ତି, ଯଦିଓ ସେମାନଙ୍କର ପଦ୍ଧତି ସମ୍ପୂର୍ଣ୍ଣ ଅଲଗା । ତଥାପି ଜଣେ ହିନ୍ଦୁ ବା କ୍ୟାଥଲିକ୍ ଏହି ପଦ୍ଧତିଗୁଡ଼ିକୁ ଜାବୁଡ଼ି ଧରି ରଖିବା ହେବ ଅନ୍ଧ ବିଶ୍ୱାସ । ସେମାନେ ଯେତେ ଶୁଭ ଇଚ୍ଛା ଓ ଆନ୍ତରିକତା ସେହି ପଦ୍ଧତି ଭିତରକୁ ପୂରାଇବେ, ଯେତେ ସ୍ନେହ ଢାଳି ଦେବେ ମୃତବ୍ୟକ୍ତିଙ୍କ ପ୍ରତି, ସେଗୁଡ଼ିକ ହେବ ପ୍ରକୃତ ଜିନିଷ ଏବଂ ସେଗୁଡ଼ିକ ହିଁ ହେବ ଫଳପ୍ରଦ । ଶୁଭ ଇଚ୍ଛା ବିଶେଷ ବଡ଼ କଥା । କିନ୍ତୁ ବାହ୍ୟ ପ୍ରଣାଳୀର ନିର୍ଦ୍ଦିଷ୍ଟ ରୂପରେଖ ବଡ଼ କଥା ନୁହେଁ । କାରଣ ସେମାନଙ୍କର ଇଚ୍ଛାର ଆବରଣ ହେଉଛି ସ୍ଥାନୀୟ ଏବଂ ଗୁରୁତ୍ୱହୀନ । ସେହି ବାହ୍ୟ ପଦ୍ଧତି ନିର୍ଭର କରେ ଘଟଣାକ୍ରମେ ଆପଣ କେଉଁଠି ଜନ୍ମ ନେଇଛନ୍ତି ତାହା ଉପରେ । କାରଣ ଆପଣ ଜନ୍ମ ନେଇଛନ୍ତି ଏକ ଜାତି ଏବଂ ଦେଶରେ ଏକ ଧର୍ମ ଭିତରେ । କର୍ମକାଣ୍ଡ ଏବଂ ଉତ୍ସବଗୁଡ଼ିକର ଏବଂ କେବଳ ବାହ୍ୟ ପଦ୍ଧତିର ସଫଳତାର ଅନ୍ଧବିଶ୍ୱାସରୁ ଆପଣ ନିଜକୁ ମୁକ୍ତ କରିବା ଦରକାର । ଦୀର୍ଘକାଳ ସକାଶେ ଏହି ବିଶ୍ୱାସ ଥିଲା ଅତିଶୟ ଗୁରୁତ୍ୱପୂର୍ଣ୍ଣ, ତାହା ଭଲ କଥା । କାରଣ ଏହା ଗୋଟିଏ କଥା ଯାହା ଲୋକଙ୍କୁ ଆଳସ୍ୟ, ଅସାବଧାନତା ଏବଂ ବେଖାତିର ମନୋଭାବରୁ ବାହାରକୁ ନେଇ ଆସେ । ଏହି ବାହ୍ୟ ଜିନିଷଗୁଡ଼ିକ ହେଉଛି ପଙ୍ଗୁର ଆଶାଦଣ୍ଡ ଭଳି । ସେଗୁଡ଼ିକ ସେହିମାନଙ୍କ ପାଇଁ ଦରକାର, ଯେଉଁମାନେ

ନିଜେ ଚାଲି ପାରିବେ ନାହିଁ । କିନ୍ତୁ ଯେତେବେଳେ ଆପଣ ସେଗୁଡ଼ିକ ଛାଡ଼ି ଚାଲିପାରିବେ, ସେତେବେଳେ ଆପଣଙ୍କୁ ସେଗୁଡ଼ିକୁ ଫୋପାଡ଼ି ଦେବାକୁ ହେବ ।

> **ସୁତରାଂ ତୁମେ କୌଣସି ଚିନ୍ତାକୁ ଧରି ରଖିବା ଉଚିତ ନୁହେଁ । କେବଳ ଏହି କାରଣରୁ ଯେ ଅନ୍ୟ ବହୁ ଲୋକେ ସେପରି ଭାବି ଆସିଛନ୍ତି ବା ଶତାବ୍ଦୀ ଶତାବ୍ଦୀ ଧରି ତାକୁ ବିଶ୍ୱାସ କରାଯାଇଛି କିମ୍ବା ଏହି କାରଣରୁ ଯେ ତାହା କୌଣସି ବହିରେ ଲେଖାଯାଇଛି ଯାହାକୁ ଲୋକେ ପବିତ୍ର ଗ୍ରନ୍ଥ ବୋଲି କହନ୍ତି । ତୁମେ ସେହି ବିଷୟକୁ ନିଜେ ବିଚାର କରିବା ଆବଶ୍ୟକ ଏବଂ ବିବେଚନା କରିବା ଆବଶ୍ୟକ ତାହା ଯୁକ୍ତିଯୁକ୍ତ କି ନୁହେଁ ।**

**ଲେଡ୍‌ବିଟର୍–** ସେଗୁଡ଼ିକ ହେଉଛି ଗୁରୁଦେବ କୁଥୁମୀଙ୍କର ବାଣୀ । ସେଗୁଡ଼ିକ ମଧ୍ୟ ୨୫୦୦ ବର୍ଷ ପୂର୍ବେ ଥିଲା ଭଗବାନ ଗୌତମ ବୁଦ୍ଧଙ୍କର ବାଣୀ । ଯେତେବେଳେ ଲୋକେ ତାଙ୍କ ନିକଟକୁ ଆସି ପଚାରିଲେ, "ବହୁତ ଶିକ୍ଷକ ରହିଛନ୍ତି ଏବଂ ବହୁ ତତ୍ତ୍ୱ ଆମ ଆଗରେ ରଖାଯାଇଛି ଏବଂ ସମସ୍ତ ଉତ୍ତମ ବୋଲି ମନେ ହୁଏ । ଆମେ କିପରି ଜାଣିବୁ କେଉଁଟା ସର୍ବୋତ୍ତମ ? ସେଗୁଡ଼ିକ ମଧ୍ୟରୁ ଆମେ ବାଛିବୁ କିପରି ?" ସେହି ପ୍ରଶ୍ନର ଉତ୍ତର 'ଅଙ୍ଗୁତ୍ତର ନିକାୟ'ର 'କାଲାମ ସୂତ୍ତ'ରେ ଏହିପରି ଦିଆଯାଇଛି–

> **ଆମର ଭଗବାନ ବୁଦ୍ଧ କହିଛନ୍ତି ଯେ ଆମେ କୌଣସି ଏକ କଥାକୁ ତାହା ଆଗରୁ କୁହାଯାଇଛି ବା ପ୍ରାଚୀନ କାଳରୁ ଗଡ଼ି ଆସିଥିବା ପରମ୍ପରାରେ ରହିଛି ବା ତାହା ଏକ ଜନଶ୍ରୁତି ହୋଇଥିବାରୁ ବିଶ୍ୱାସ କରିବା ଅନୁଚିତ । କେବଳ ଋଷିମାନେ ଲେଖିଛନ୍ତି ବୋଲି ସେମାନଙ୍କ ଲେଖାକୁ ମଧ୍ୟ ବିଶ୍ୱାସ କରିବା ଅନୁଚିତ । ସେହିପରି ଆମ ମନରେ କିଛି ଗୋଟାଏ ଭାବନା ଉଦିତ ହେଲେ ଦେବତାମାନେ ସେହିପରି ଭାବନା ପାଇଁ ପ୍ରେରଣା ଦେଇଥାନ୍ତି ବୋଲି ତାହାକୁ (ସେହି ଆନୁମାନିକ ଆଧ୍ୟାତ୍ମିକ ପ୍ରେରଣାକୁ) ବିଶ୍ୱାସ**

> **କରି ନେବା ଠିକ୍ ହେବ ନାହିଁ । ବିଶୃଙ୍ଖଳ ଅନୁମାନରୁ ଉଦ୍‌ଗତ କୌଣସି ସିଦ୍ଧାନ୍ତରେ ଆମେ କରିଥିବା ବିଶ୍ୱାସକୁ ଧରି ରଖିବା ଅନୁଚିତ । କୌଣସି ଅନ୍ୟ ଏକ ବିଷୟ ସହିତ ତୁଳନା କରି ଆବଶ୍ୟକୀୟ ବୋଲି ମନେ ହେଉଥିବା ଏକ ସିଦ୍ଧାନ୍ତରେ ବା କୌଣସି ଏକ କଥାରେ ତାହା କେବଳ ଶିକ୍ଷକମାନେ ବା ଗୁରୁମାନେ କହିଛନ୍ତି ବୋଲି ବିଶ୍ୱାସ କରିବା ଅନୁଚିତ । କିନ୍ତୁ ଆମକୁ ବିଶ୍ୱାସ କରିବାକୁ ହେବ ଯେତେବେଳେ ଲେଖା, ତତ୍ତ୍ୱ ବା ବାଣୀ ଆମର ବିଚାରବୁଦ୍ଧି ଓ ଚେତନା ଦ୍ୱାରା ସମର୍ଥିତ ହୁଏ । ସେ ଅବଶେଷରେ କହିଛନ୍ତି, "ମୁଁ ଶିକ୍ଷା ଦେଉଛି- କେବଳ ତୁମେ ଶୁଣିଛ ବୋଲି ବିଶ୍ୱାସ କରିବାକୁ ନୁହେଁ, ବରଂ ନିଜେ ସେ ସମ୍ପର୍କରେ ସଚେତନ ହେବା ପରେ ଏବଂ ତାହାପରେ ତଦନୁଯାୟୀ ଯଥେଷ୍ଟ ପରିମାଣରେ କାର୍ଯ୍ୟ କରିବାପରେ ବିଶ୍ୱାସ କରିବାକୁ ।"**

ନିଜର ଶିଷ୍ୟମାନଙ୍କ ପାଇଁ ଗୁରୁଦେବ ଏକ ଅଭ୍ୟାସକ୍ରମ ପ୍ରସ୍ତୁତ କରିଥିଲେ ପରୀକ୍ଷା କରିବା ପାଇଁ ଯେ ଶିଷ୍ୟମାନେ ପ୍ରକୃତରେ କେତେ ଜାଣନ୍ତି ଏବଂ କେତେ କେବଳ ବିଶ୍ୱାସ କରନ୍ତି । ଏହା ଦେଖିବା ଏକ ଉତ୍ତମ ଅଭ୍ୟାସ ଆମର ମାନସିକ ଚିନ୍ତାଧାରାରୁ କେତେ ଆମ ନିଜର ବୋଲି ନିର୍ଦ୍ଦିଷ୍ଟ ଭାବେ ଦାବୀ କରିପାରିବା । ସେ ଭିତରୁ କେତେକ ହେଉଛି ଆମର କାରଣ ଆମେ ତାହା ଭଲ ଭାବେ ବୁଝିଛୁ ଏବଂ ନିଜର ସମ୍ମତି ଦେଇଛୁ ଏବଂ ଆଉ କେତେକ ଆମେ ଅନ୍ୟମାନଙ୍କ ଠାରୁ ଗ୍ରହଣ କରି ନେଇଛୁ ପ୍ରାୟ ଅବିଚାରିତ ଭାବେ । ଅନେକ କ୍ଷେତ୍ରରେ ଲୋକେ କୌଣସି ଦେଶ ଭିତରେ ଜନ୍ମଗ୍ରହଣ କରିଥିବା ଭଳି, କୌଣସି ଏକ ଧର୍ମ ଭିତରେ ମଧ୍ୟ ଜନ୍ମ ନେଇଥାନ୍ତି । ବହୁସଂଖ୍ୟକ ପ୍ରଥା ସମ୍ପର୍କରେ ମଧ୍ୟ ସେହି କଥା । ଉଦାହରଣ ସ୍ୱରୂପ, ପାଶ୍ଚାତ୍ୟ ଜଗତରେ ରାତ୍ରିଭୋଜନ ପାଇଁ ଯିବା ବେଳେ, ଆପଣ ଗୋଟିଏ ପ୍ରକାର ପୋଷାକ ପିନ୍ଧିବା ଆବଶ୍ୟକ । ଏହା ଗୋଟିଏ ପ୍ରଥା ଏବଂ କେହି ଏକ ପ୍ରଥା ବିରୋଧରେ ଯିବାକୁ ଚାହାନ୍ତି ନାହିଁ, ଯଦିଓ ତାହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ, ଯେଉଁଥିରେ ଠିକ୍ ବା ଭୁଲ୍‌ର ପ୍ରଶ୍ନ ଉଠେ ନାହିଁ ।

---

* *ଦେଖନ୍ତୁ : ଏଚ୍.ଏସ୍.ଅଲ୍‌କଟ୍‌ଙ୍କ ଲିଖିତ 'ଏ ବୁଦ୍ଧିଷ୍ଟ କ୍ୟାଟେକିଜମ୍'- ପ୍ରଶ୍ନ ନଂ-୧୩୧ ।*

ଆନି ବେସାନ୍ତ– ଏହା ଏକ ବିଶେଷ ଉପଯୋଗୀ ଅଭ୍ୟାସ ଥରକୁ ଥର ନିଜର ମନ ଭିତରେ ଯାହା ଅଛି, ତାକୁ ପରୀକ୍ଷା କରିବା ଏବଂ ଦେଖିବା । ପ୍ରଥମତଃ, କେତେ କଥାରେ ଆପଣ ବିଶ୍ୱାସ କରନ୍ତି, କେବଳ ଏହି କାରଣରୁ ଯେ ଅନ୍ୟ ଲୋକେ ତାହା ବିଶ୍ୱାସ କରନ୍ତି, ଦ୍ୱିତୀୟତଃ, କେତେ ବିଷୟରେ ଆପଣ ବିଶ୍ୱାସ କରନ୍ତି, କେବଳ ଏହି କାରଣରୁ ଯେ ସେଗୁଡ଼ିକ ପୁରାତନ କାଳରୁ ଲୋକେ ବିଶ୍ୱାସ କରି ଆସିଛନ୍ତି । ତୃତୀୟତଃ କେତେ କଥାକୁ ଆପଣ ବିଶ୍ୱାସ କରନ୍ତି ସେଗୁଡ଼ିକ କେତେକ ପବିତ୍ର ଗ୍ରନ୍ଥରେ ଲେଖାହୋଇଛି । ଯେତେବେଳେ ଆପଣ ଏହି ତିନି ପ୍ରକାର ବିଶ୍ୱାସକୁ ବାହାର କରି ଦିଅନ୍ତି, ଦେଖନ୍ତୁ କେତେ ବାକୀ ରହିଛି ଏବଂ ସେଗୁଡ଼ିକ ଆପଣଙ୍କୁ ଦେଖାଇ ଦେବ ଆପଣଙ୍କ ବିଶ୍ୱାସଗୁଡ଼ିକର ପ୍ରକୃତ ଆଧାର କ'ଣ ? ମୁକ୍ତଚିନ୍ତା ସଂଗଠନରେ ଅନୁଭୂତିର ତାହା ଏକ ସୁବିଧା, ଯାହା ମୁଁ ପାଇଥିଲି । ମୁଁ ଭାବେ, ଯେ ତାହା ଭିତର ଦେଇ ଯାଇନାହିଁ, ସେ ଠିକ୍ ଭାବେ ବୁଝି ପାରିବ ନାହିଁ । ପ୍ରକୃତ ଆନ୍ତରିକତାର ସହିତ ଧରି ରଖିଥିବା କୌଣସି ଧର୍ମ ବିଶ୍ୱାସକୁ ପରିତ୍ୟାଗ କରିବାର ଅର୍ଥ କ'ଣ ? ସେହି ଅନ୍ତିମ ପତନ କି ପ୍ରକାର, ଯେତେବେଳେ ଯେଉଁ ଭିତ୍ତି ଉପରେ ଠିଆ ହୋଇଥିବେ, ତାହା ଖସିପଡ଼େ ? ଏହା ମୋତେ ପ୍ରାୟ ମାରି ଦେଇଥିଲା । ମୁଁ ସପ୍ତାହ ସପ୍ତାହ ଧରି ଶୋଇ ରହିଥିଲି । ଆପଣ ଯେତେବେଳେ ସମ୍ପୂର୍ଣ୍ଣ ଭାବେ ଥରେ ତାହା ମଧ୍ୟ ଦେଇ ଗତି କରିଛନ୍ତି ଆପଣଙ୍କୁ ପୁଣି ସେପରି କରିବାର ଆବଶ୍ୟକତା ନାହିଁ । ସୁତରାଂ ମୁଁ ଯେତେବେଳେ ବ୍ରହ୍ମବିଦ୍ୟାର ସଂସ୍ପର୍ଶରେ ଆସିଲି, ଯଦିଓ ସମ୍ପୂର୍ଣ୍ଣ ଆନ୍ତରିକ ବିଶ୍ୱାସ ସହ ମୁଁ ତାହା ସତ୍ୟ ବୋଲି ମନେ କରୁଥିଲି, ତଥାପି ଗ୍ରହଣ କରିବା ସଙ୍ଗେ ସଙ୍ଗେ ମୁଁ ସେ ସବୁକୁ ମନେ ମନେ ପରୀକ୍ଷା କରି ନେଉଥିଲି ।

**ମନେ ରଖ ଯେ ଯଦିଓ ହଜାରେ ଲୋକ ଗୋଟିଏ ବିଷୟରେ ଏକମତ ହୋଇଥିବେ, ଯଦି ସେମାନେ ସେ ବିଷୟରେ କିଛି ଜାଣନ୍ତି ନାହିଁ; ତେବେ ସେମାନଙ୍କର ମତ ମୂଲ୍ୟହୀନ ।**

**ଲେଡ୍‌ବିଟର୍–** ଏହା ଗୋଟିଏ ବିଷୟ ଯାହାକୁ ହୃଦ୍‌ବୋଧ କରିବା ଆଧୁନିକ ଦୁନିଆ ପକ୍ଷରେ ବିଶେଷ କଷ୍ଟକର । ଯାହା ମନେ ହୁଏ ଲୋକେ ଆଜିକାଲି

ଭାବନ୍ତି ଯେ ଯଦି ଆପଣ କେବଳ ଯଥେଷ୍ଟ ପରିମାଣରେ ଅଜ୍ଞତାକୁ ଜମାଇ ରଖନ୍ତି, ତେବେ ଆପଣ କୌଣସିମତେ ସେଥିରୁ ଜ୍ଞାନ ପାଇବେ । କିନ୍ତୁ ଆପଣ ପାଆନ୍ତି ନାହିଁ । ଅଜ୍ଞ ଲୋକେ ନିଜେ ପରିଚାଳିତ ହେବା ପାଇଁ ଆବଶ୍ୟକ କରନ୍ତି ସେହିମାନଙ୍କୁ, ଯେଉଁମାନେ ଜାଣନ୍ତି ।

**ଆନିବେସାନ୍ତ–** ଗୋଟିଏ ପ୍ରକାରେ ଦେଖିଲେ, ଆମର ବର୍ତ୍ତମାନ ଯେଉଁସବୁ ଗଦା ଗଦା ବହି ଅଛି, ସେଗୁଡ଼ିକ ଏକ ଅସୁବିଧା । ସେଗୁଡ଼ିକ ପ୍ରବର୍ତ୍ତାଏ କୌଣସି ଚିନ୍ତା ନ କରି ପଢ଼ିବାକୁ, ଯାହା ଫଳରେ ଅଗଭୀର ଏବଂ ଅସ୍ଥିର ଚିନ୍ତା ଜାତ ହୁଏ । ସେଥିପାଇଁ ମୁଁ ସର୍ବଦା ଲୋକଙ୍କୁ ଉପଦେଶ ଦିଏ ଟିକିଏ ପଢ଼ିବାକୁ ଏବଂ ପରେ ଯାହା ପଢ଼ିଛନ୍ତି ତାହା କହିବାକୁ । ସ୍ମୃତିରୁ ନୁହେଁ, ବରଂ ସେହି ବିଷୟରେ ସେମାନେ ସ୍ପଷ୍ଟ ଭାବେ ଯାହା ଗ୍ରହଣ କରିଛନ୍ତି, ସେଥିରୁ । କେବଳ ଆପଣ ସେ ବିଷୟରେ ଯାହା ଚିନ୍ତା କରିଛନ୍ତି, ତାହା ପ୍ରକୃତରେ ଆପଣଙ୍କର ଏବ ଆପଣ ଯାହା ପଢ଼ନ୍ତୁ ଓ ଶୁଣନ୍ତି, ତାହା ଉପରେ ଚିନ୍ତା କରି ବୁଝିବା ଦ୍ୱାରା ଆପଣ ତାକୁ ନିଜର କରିପାରନ୍ତି । ତାହା ନହେଲେ ଆପଣ ଯେତେ ଅଧିକ ପଢ଼ିବେ, ସେତିକି ଆପଣ ଅନ୍ଧବିଶ୍ୱାସୀ ହେବେ ଏବଂ ଆପଣ ଆଗରୁ ଯେଉଁ ବିଶ୍ୱାସଗୁଡ଼ିକୁ ରଖିଛନ୍ତି, ସେହିଗୁଡ଼ିକ ସହିତ ଅଧିକ ବିଶ୍ୱାସ ଯୋଡ଼ି ଲାଗିବେ; ସେଗୁଡ଼ିକ ମଧ୍ୟରୁ କାହାରି ମଧ୍ୟ ଏକ ନିଶ୍ଚିତ ଆଧାର ରହିବ ନାହିଁ ।

ମୁଁ ଥରେ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଲି ଯେ ଅତି ଖରାପ ଭାବେ ହିସାବ ରଖନ୍ତି । ଯେତେବେଳେ ତାଙ୍କର ହିସାବ ଗୋଳମାଳିଆ ହୋଇଯାଏ, ସେ ଆରମ୍ଭ କରନ୍ତି ଏକ ନୂଆ ହିସାବ ଖାତା, ଏବଂ ଆଶା କରନ୍ତି ଯେ ସେ ସେହି ପ୍ରକାରେ ପୁଣି ହିସାବକୁ ସଜାଡ଼ି ଦେବେ । ସେହି ପ୍ରକାରେ ଲୋକେ ଆଜିକାଲି ସର୍ବଦା ଚାହାନ୍ତି କିଛି ଗୋଟାଏ ନୂତନ ଲକ୍ଷ୍ୟ ଯାହା ତାଙ୍କ ପାଖରେ ଆଗରୁ ରହିଛି; କିନ୍ତୁ ତାହା ସହିତ ଉପର ଠାଉରିଆ ପରିଚିତିରୁ ସେମାନେ ପ୍ରକୃତ ସନ୍ତୋଷ ଲାଭ କରିନାହାନ୍ତି । ଆମର ସଭ୍ୟମାନଙ୍କ ମଧ୍ୟରୁ ଯେଉଁମାନେ ବିଶପ ଲେଡ୍‌ବିଟରଙ୍କ ବହିରୁ ଏବଂ ମୋ ବହିରୁ ସର୍ବତ୍ର ଉଦ୍ଧାର କରନ୍ତି, ସେମାନେ ମଧ୍ୟ ଅନ୍ଧବିଶ୍ୱାସୀ । ସେମାନେ ଯେଉଁ ଉକ୍ତିଗୁଡ଼ିକ ଉଦ୍ଧାର କରନ୍ତି, ତାହା ଯେତେ ସତ ହେଲେ ମଧ୍ୟ, ସେଗୁଡ଼ିକ ସେମାନଙ୍କ ପାଇଁ ସତ୍ୟ ନୁହେଁ । କାରଣ ଯଦି ସେମାନେ ଭଲ ଭାବେ ବୁଝିଥାନ୍ତେ, ତେବେ ସେମାନେ ଆମ ମତକୁ ପ୍ରମାଣ ରୂପେ ବ୍ୟବହାର କରିବା ଏବଂ ଆମ ଉପରେ ନିର୍ଭର କରିବା ଦରକାର ପଡ଼ନ୍ତା ନାହିଁ । ଯଦିବା ସେମାନେ

ଆମର ଉକ୍ତିକୁ ଉଦ୍ଧାର କରନ୍ତି, ତେବେ ସେମାନେ ଆମର ଉକ୍ତିକୁ କେବଳ ମତେ ସ୍ୱରୂପ ଉଦ୍ଧାର କରନ୍ତେ ଏବଂ କାହା ଉପରେ ତାହା ଲଦି ଦେବାକୁ ଚେଷ୍ଟା କରନ୍ତେ ନାହିଁ । ପୃଥିବୀରେ କେବଳ ଏକମାତ୍ର ପ୍ରାମାଣିକ ସୂତ୍ର ରହିଛି ଏବଂ ତାହ ହେଉଛି ଜ୍ଞାନ ।

**ଯେ ଆଧ୍ୟାତ୍ମିକ ପଥରେ ଯାତ୍ରା କରିବେ, ସେ ନିଜ ପାଇଁ ଚିନ୍ତା କରିବାକୁ ଶିଖିବା ଆବଶ୍ୟକ । କାରଣ ଅନ୍ଧବିଶ୍ୱାସ ହେଉଛି ପୃଥିବୀର ସର୍ବାଧିକ ମନ୍ଦ ଶକ୍ତି ମଧ୍ୟରୁ ଅନ୍ୟତମ । ଏହା ଏକ ଶୃଙ୍ଖଳ, ଯେଉଁଥିରୁ ତୁମେ ସମ୍ପୂର୍ଣ୍ଣ ଭାବେ ନିଜକୁ ମୁକ୍ତ କରିବା ଆବଶ୍ୟକ ।**

**ଲେଡ୍‌ବିଟର୍–** ଅନ୍ଧବିଶ୍ୱାସ ଯେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ସୂକ୍ଷ୍ମ ଜିନିଷ, ତାହା ଏହି କଥାକୁ ଜଣାପଡ଼ିବ । ଏହା ହେଉଛି ତୃତୀୟ ଶୃଙ୍ଖଳ ଯାହାକୁ ଲୋକେ ଏହି ଆଧ୍ୟାତ୍ମିକ ପଥରେ ଅବଶ୍ୟ ପରିତ୍ୟାଗ କରିବେ, ପ୍ରଥମ ଦୀକ୍ଷା ଲାଭ ପରେ । ଏହାର ପାଲି ନାମ ହେଉଛି **'ଶୀଳବ୍ରତ ପରାମାସ'** ଅର୍ଥାତ୍ କୌଣସି ପ୍ରକାର ପୂଜା ଓ ଉତ୍ସବର ସଫଳତାରେ ବିଶ୍ୱାସ ।

**ଅନ୍ୟମାନଙ୍କ ବିଷୟରେ ଆପଣଙ୍କ ଚିନ୍ତା ସତ୍ୟ ଉପରେ ଆଧାରିତ ହେବା ଉଚିତ । ତୁମେ ଯାହା ଜାଣ ନାହିଁ, ସେହି କଥା ସେମାନଙ୍କ ବିଷୟରେ ଭାବିବା ଉଚିତ ହେବନାହିଁ ।**

**ଲେଡ୍‌ବିଟର–** ଆମେ ଯଦି ଅନ୍ୟମାନଙ୍କ ବିଷୟରେ ଚିନ୍ତା କରୁ, ଯାହା ସେମାନଙ୍କ ବିଷୟରେ ଆମେ କେବଳ ଅନୁମାନ କରୁଛୁ, ତେବେ ସେହି ଚିନ୍ତା ସମ୍ଭବତଃ ଏକ କଳ୍ପନା । ଯେଉଁମାନେ ଆମର ଘନିଷ୍ଠ ସମ୍ପର୍କୀୟ, ସେମାନଙ୍କ ବିଷୟରେ ମଧ୍ୟ ଆମେ ଉଲ୍ଲେଖନୀୟ ଭାବେ କମ୍ ଜାଣୁ । ଯେଉଁମାନେ ସେମାନଙ୍କ ବିଷୟରେ ସାଧାରଣ ଭାବେପ ପରିଚିତ, ସେମାନେ ଜାଣନ୍ତି ଆହୁରି କମ୍ ।

**ଆନି ବେସାନ୍ତ–** ଅନ୍ୟ ଲୋକମାନଙ୍କ ବିଷୟରେ ମତ ସାଧାରଣତଃ ସର୍ବାଧିକ ଅସତ୍ୟ ହୋଇଥାଏ । ଆମେ ଅନ୍ୟ ବ୍ୟକ୍ତି ସମ୍ପର୍କରେ ସତ୍ୟ ଚିନ୍ତା

କରିପାରିବା- କେବଳ ଯେତେବେଳେ ଆମେ ତାଙ୍କୁ ପ୍ରକୃତରେ ଜାଣିବା, ଯେତେବେଳେ ଆମେ ତାଙ୍କର ଭାବନା ଜାଣିପାରିବା ଏବଂ ବୁଝିପାରିବା । ସେହିପ୍ରକାର ଜ୍ଞାନ ଅଧିକାଂଶ ବ୍ୟକ୍ତିଙ୍କ ପକ୍ଷରେ ପାଇବା ସମ୍ଭବ ନୁହେଁ, ତଥାପି ଅନ୍ୟମାନଙ୍କ ବିଷୟରେ ସେମାନଙ୍କର ଅତିଶୟ ନିର୍ଦ୍ଦିଷ୍ଟ ମତ ରହିଥାଏ; ସେମାନେ ଏହି ବ୍ୟକ୍ତିମାନଙ୍କୁ ସର୍ବଦା ବିଚାର କରନ୍ତି ଏବଂ ନିର୍ଦ୍ଦୟ ଭାବେ ସେମାନଙ୍କ ବିଷୟରେ ଚିନ୍ତା କରନ୍ତି ।

ଟିକିଏ ପରେ ଗୁରୁଦେବ କହିଛନ୍ତି, 'ଅନ୍ୟମାନଙ୍କ ପ୍ରତି କୌଣସି ଉଦ୍ଦେଶ୍ୟ ଆରୋପ କର ନାହିଁ । ଏହା ଏକ ଅତିଶୟ ଗୁରୁତ୍ୱପୂର୍ଣ୍ଣ ଉପଦେଶ ଯାହା ଦୁନିଆରେ କାର୍ଯ୍ୟକାରୀ କରାଗଲେ ବର୍ତ୍ତମାନ ଯେତେ ଅସୁବିଧା ରହିଛି, ତାହାର ଅନ୍ତତଃ ଅଧେ କମିଯିବ । ଯଦି କେହି କୌଣସି କାର୍ଯ୍ୟ କରେ, ଯାହା ଆପଣ ବୁଝି ପାରନ୍ତି ନାହିଁ, ତାହାକୁ ସେଇଠି ଛାଡ଼ି ଦିଅନ୍ତୁ । କୌଣସି ଉଦ୍ଦେଶ୍ୟ ବାହାର କରନ୍ତୁ ନାହିଁ । କି କାରଣରୁ ଜଣେ ବ୍ୟକ୍ତି କିଛି କାର୍ଯ୍ୟ କରେ, ଆପଣ ଜାଣନ୍ତି ନାହିଁ; କିନ୍ତୁ ଆପଣ ଖୋଜି ବୁଲନ୍ତି ଏକ ସମ୍ଭାବ୍ୟ ଉଦ୍ଦେଶ୍ୟ, ସାଧାରଣତଃ ଏକ ଅନୁପଯୁକ୍ତ ଉଦ୍ଦେଶ୍ୟ ଏବଂ ତାକୁ ସେହି କାର୍ଯ୍ୟ ସହିତ ଯୋଡ଼ି ଦିଅନ୍ତି । ତା'ପରେ ଆପଣ ଯାହା ନିଜେ ଭାବିଛନ୍ତି ବା ଅନୁମାନ କରିଛନ୍ତି, ସେଥି ସକାଶେ ତାକୁ ନିନ୍ଦା କରନ୍ତି । ଏହିପରି ଉଦ୍ଦେଶ୍ୟ ଆରୋପ କରିବା ଦ୍ୱାରା ଲୋକେ ସମାଲୋଚିତ ବ୍ୟକ୍ତିର ମନରେ, ଯଦି କିଛି ମନ୍ଦ ଶକ୍ତି ରହିଥାଏ, ତାହା ସହିତ ଆଉ କିଛି ଯୋଡ଼ି ଦିଅନ୍ତି । କିମ୍ବା, ଯଦି ନଥାଏ, ତେବେ ନିଜ ଆଡୁ ଯୋଗାଇ ଦିଅନ୍ତି । ଖ୍ରୀଷ୍ଟ କହିଛନ୍ତି, "ମନ୍ଦ ଶକ୍ତିର ପ୍ରତିରୋଧ କର ନାହିଁ", ତାହା ଏହି କ୍ଷେତ୍ରରେ ପ୍ରଯୁଜ୍ୟ । ଲୋକଙ୍କ ମନରେ ମନ୍ଦ ଶକ୍ତିକୁ ଖୋଜି ତାହା ବିରୋଧରେ ସଂଘର୍ଷ କରିବା ଆମର କାମ ନୁହେଁ, ତାକୁ ସେମିତି ଛାଡ଼ିଦିଅନ୍ତୁ, ସେ ଆପେ ଆପେ ମିରିଯିବ ।

**ଭାବନାହିଁ ଯେ ସେମାନେ ସବୁବେଳେ ଆପଣଙ୍କ** କଥା ଭାବୁଛନ୍ତି

**ଲେଡ୍‌ବିଟର–** ଏହା ସବୁବେଳେ ହୋଇଥାଏ । ଅନ୍ୟ ଏକ ବ୍ୟକ୍ତି ଯାହା କହେ ବା କରେ, ଆମେ ତାହା ନିଜ ସକାଶେ ବୋଲି ଭାବୁ । ଯେହେତୁ ଆମେ ସବୁବେଳେ ନିଜ କଥା ଭାବୁ, ଆମେ କଳ୍ପନା କରୁ ଯେ ଅନ୍ୟମାନେ ମଧ୍ୟ ଆମ କଥା ଭାବୁଛନ୍ତି । କିନ୍ତୁ ଯଦି ଆମେ ସବୁବେଳେ ନିଜ କଥା ଭାବୁ, ତେବେ ଅନ୍ୟ ଲୋକେ ସମ୍ଭବତଃ ସେମାନଙ୍କ ନିଜ କଥା ଭାବୁଛନ୍ତି ବୋଲି ଧରି ନେବା ଅଧିକ ଯୁକ୍ତିଯୁକ୍ତ ମନେ ହେବ । ଆମ ବିଷୟରେ ଚିନ୍ତା କରୁଛନ୍ତି ବୋଲି ଭାବିବା

ସେପରି ହେବ ନାହିଁ । ସେମାନେ ନିଜକୁ ସେମାନଙ୍କର ଭାବାବେଗ ବୃତ୍ତର କେନ୍ଦ୍ର କରି ନିଅନ୍ତି, ଯାହାର ଚାରି ପାଖରେ ସେମାନଙ୍କ ଚିନ୍ତା ଓ ଭାବାବେଗ ଘୂରି ଲାଗେ ଏବଂ ସେମାନେ ପ୍ରତ୍ୟେକ ବିଷୟ ଚିନ୍ତା କରନ୍ତି ଯେପରି ତାହା ସେମାନଙ୍କୁ ପ୍ରଭାବିତ କରେ । ସେମାନେ ନିଜ ଚାରି ପାଖରେ ବୃତ୍ତାକାରରେ ସର୍ବଦା ଦୌଡ଼ି ଲାଗିଛନ୍ତି ଏବଂ ଯେହେତୁ ସେମାନେ ନିଜ ଚାରିପାଖରେ ଦୌଡ଼ି ଲାଗିଛନ୍ତି, ସେମାନଙ୍କର ଧାରଣା ଯେ ଅନ୍ୟ ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ସେମାନଙ୍କ ଚାରିପାଖରେ ଦୌଡ଼ି ଲାଗିଥିବେ । କିନ୍ତୁ ସେମାନେ ତାହା କରନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତି ରହିଥାଏ ତା'ର ନିଜର ବୃତ୍ତ ମଧ୍ୟରେ; ସମ ପରିମାଣରେ ତାହା ମଧ୍ୟ ଏକ ବିଷଚକ୍ର- ଏଥିରେ ସନ୍ଦେହ ନାହିଁ । ଅନ୍ୟମାନେ ଯାହା କରନ୍ତି ଏବଂ କହନ୍ତି ସେଥିରେ ସମ୍ଭବତଃ ପ୍ରତି ଦଶରୁ ନଅଟି କ୍ଷେତ୍ରରେ ଲୋକେ ଯେ ଅପମାନିତ ବୋଧ କରନ୍ତି, ତାହା ଏହି ଧାରଣା ଉପରେ ଆଧାରିତ ।

> **ଯଦି କୌଣସି ବ୍ୟକ୍ତି କିଛି କରେ ଯାହା ତୁମର କ୍ଷତି କରିବ ବୋଲି ତୁମେ ଭାବ, କିମ୍ବା କିଛି କହେ ଯାହା ତୁମେ ଭାବ ତୁମ ପ୍ରତି ପ୍ରଯୁଜ୍ୟ, ତେବେ ସଙ୍ଗେ ସଙ୍ଗେ ଭାବ ନାହିଁ, "ସେ ମୋତେ ଆଘାତ କରିବାକୁ ଚାହୁଁଥିଲେ ।" ଖୁବ୍ ସମ୍ଭବ ସେ ତୁମ କଥା ଆଦୌ ଚିନ୍ତା କରି ନାହାନ୍ତି, କାରଣ ପ୍ରତ୍ୟେକ ଆତ୍ମାର ନିଜର ଅସୁବିଧା ସବୁ ରହିଛି ଏବଂ ତା'ର ଚିନ୍ତା ମୁଖ୍ୟତଃ ତା'ର ନିଜ ଚାରି ପାଖରେ ଘୂରି ବୁଲୁଥାଏ । ଯଦି ଜଣେ ବ୍ୟକ୍ତି ତୁମକୁ ବିରକ୍ତ ହୋଇ କହେ, ଭାବ ନାହିଁ, "ସେ ମୋତେ ଘୃଣା କରନ୍ତି, ସେ ମୋତେ ଆଘାତ କରିବାକୁ ଚାହାନ୍ତି ।" ସମ୍ଭବତଃ କେହି ବ୍ୟକ୍ତି ବା କୌଣସି ଏକ ବିଷୟ ତାଙ୍କୁ ବିରକ୍ତ କରିଛି ଏବଂ ଯେହେତୁ ସେ ତୁମକୁ ଘଟଣାକ୍ରମେ ଦେଖିଛନ୍ତି, ସେ ତାଙ୍କର କ୍ରୋଧ ତୁମ ଉପରେ ଝାଡ଼ି ଦେଇଛନ୍ତି । ସେ ମୂର୍ଖ ଭାବେ କାର୍ଯ୍ୟ କରିଛନ୍ତି, କାରଣ କ୍ରୋଧ ହେଉଛି ମୂର୍ଖାମୀ । କିନ୍ତୁ ସେଥିପାଇଁ ତୁମେ ତାଙ୍କ ବିଷୟରେ ମିଥ୍ୟା ଜଡ଼ିତ ଚିନ୍ତା କରିବା ଠିକ୍ ହେବନାହିଁ ।**

**ଲେଡ୍‌ବିଟର୍‌–** ଏହା ହେଉଛି ସାମାନ୍ୟ ସାଧାରଣ ଜ୍ଞାନ- କିନ୍ତୁ କେତେ କମ୍ ବ୍ୟକ୍ତି ଏହାର ବ୍ୟବହାର କରନ୍ତି ! ମୁଁ ଯେତେବେଳେ 'ଚର୍ଚ୍ଚ ଅଫ୍ ଇଂଲାଣ୍ଡ'ରେ ଧର୍ମଯାଜକ ଥିଲି, ସେତେବଳେ ମୁଁ ଥରେ ଉପଦେଶମୂଳକ ଭାଷଣ ବୋଲି ଏକ ସାଧାରଣ ପ୍ରଲୋଭନ ବା ପରୀକ୍ଷା ସମ୍ପର୍କରେ । ମୁଁ ଭାବିଲି, ତାହା ମୋର ଚାଷୀ ଶ୍ରମିକ ଶ୍ରୋତୃବର୍ଗଙ୍କ ମଧ୍ୟରେ ଦେଖା ଦେଇପାରେ । ମୁଁ ବୁଝାଇ ଦେଲଇ କିପରି ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ପନ୍ଥାରେ ଅସୁବିଧାରେ ପଡ଼ିପାରେ । ଭାଷଣ ପରେ ଜଣେ ଚାଷୀ ପ୍ରଚଣ୍ଡ କ୍ରୋଧରେ ସଭା ଭିତରକୁ ଆସି ମୋତେ ପଚାରିଲା- ତା'ର ବିରୋଧରେ ଉଦ୍ଦିଷ୍ଟ ମୋର ଏପରି ଭାଷଣ ଦେବାର ଅର୍ଥ କ'ଣ ? ଅବଶ୍ୟ, ବିଚରା ନିଜର ସବୁ କଥା ପୂରାପୂରି ଖୋଲିଦେଲା । ମୁଁ କେବେହେଲେ ଆଗରୁ ଭାବି ନ ଥିଲି ଯେ ସେ ସେହି ନିର୍ଦ୍ଦିଷ୍ଟ ବିଷୟରେ ଅପରାଧୀ । ତେବେ ସ୍ପଷ୍ଟତଃ ତାହା ଥିଲା ଏକ କଟା ଘା' ଏବଂ ମୋର ମନ୍ତବ୍ୟ ତାକୁ ବିଶେଷ ଆଘାତ ଦେଇଥିଲା । ମୋର ସନ୍ଦେହ ନାହିଁ ଯେ ଆଜି ପର୍ଯ୍ୟନ୍ତ ସେହି ବ୍ୟକ୍ତି ପ୍ରକୃତରେ ଭାବୁଥିବ ଯେ ମୁଁ ତାକୁ ଅଲଗା ବାଛି ନେଇ ତାହା ବିଷୟରେ ପ୍ରଚାର କରିଛି ।

ଆମେ ଯେଉଁ ପ୍ରକାର ଜନଗହଳି ଭିତରେ ଜୀବନ ଯାପନ କରୁଛୁ, ସେଥିରେ ଅନ୍ୟମାନଙ୍କ ସହିତ କିଛି ପରିମାଣର ଘଷି ବାଡ଼େଇ ହେବା ଅପରିହାର୍ଯ୍ୟ । ତାକୁ ଗୁରୁତ୍ୱ ଦେଇ ବିଚାର କରିବା ବା ବଡ଼ କଥା ବୋଲି ଭାବିବା ଅନାବଶ୍ୟକ । ଆମେ ଯେତେବେଳେ କୌଣସି କୌଣସି ବଡ଼ ସହରର ରାସ୍ତାରେ ଚାଲୁ, ହଜାର ହଜାର ଲୋକେ, ପ୍ରତ୍ୟେକ ନିଜ କାମର ଚିନ୍ତାରେ ବୁଡ଼ି ରହି ଆଗେଇ ଚାଲନ୍ତି, ଅନ୍ୟମାନଙ୍କ ବିଷୟରେ ତିଳେହେଲେ ଭାବନ୍ତି ନାହିଁ । ଅନିବାର୍ଯ୍ୟ ଭାବେ ଲୋକେ ପରସ୍ପର ସହ ଘଷି ହୋଇ ଚାଲନ୍ତି, କିନ୍ତୁ କେବେହେଲେ କେହି ଗଭୀର ଭାବେ ତାକୁ ଏକ ଅପମାନ ବୋଲି ଭାବନ୍ତି ନାହିଁ । ତାହା ହେଲେ ଏହା ହେବ ହାସ୍ୟାସ୍ପଦ । ସେହି କଥା ବାଧ୍ୟ ହୋଇ ଘଟିବ ମନରେ ଏବଂ ଭାବାବେଗରେ । ଯେତେବେଳେ ବିରାଟ ଗହଳି ହୁଏ, ସେଥିରେ ଅନିବାର୍ଯ୍ୟ ଭାବେ ଘଟିବ କିଛି ପରିମାଣର ମାନସିକ ଏବଂ ଆବେଗ- ଗତ ଠେଲାପେଲା । ଆମେ ତାକୁ ଠିକ୍ ସେହି ମନୋଭାବରେ ଗ୍ରହଣ କରିବା ଉଚିତ ହେବ । ଆମକୁ ବୁଝିବାକୁ ହେବ ଯେ ଯେଉଁ ବ୍ୟକ୍ତି ଘଟଣାକ୍ରମେ ଆମର ମନର ଭାବନାକୁ ଦଳିତ କରି ଚାଲିଛି, ସେ ତାହା ତିଳେ ହେଲେ ଚାହିଁ ନ ଥିଲା । କିନ୍ତୁ ସେ ତା'ର ନିଜ କାର୍ଯ୍ୟର ଧାରା

ଅନୁସରଣ କରି ଚାଲିଛି ଏବଂ ଆମ କଥା ଭାବୁ ନାହିଁ । ଏହି ସବୁ ଛୋଟ ଛୋଟ ଘାତପ୍ରତିଘାତକୁ ଆମେ ଗୁରୁତର ବୋଲି ଭାବିବା ଅନୁଚିତ । ରାସ୍ତାରେ ଧସ୍ତାଧସ୍ତିରେ ଆମେ ଯେପରି ଭାବୁ, ତାହାଠାରୁ ଏହା ଅଧିକ କିଛି ନୁହେଁ ।

ଅନ୍ୟମାନେ ନିଜର କାମରେ ବୁଡ଼ି ରହିଥିବା ସମ୍ପର୍କରେ ଆମେ ସେପରି ମନୋଭାବ ବଜାୟ ରଖିବା ସଙ୍ଗେ ସଙ୍ଗେ ଆମର ଦେଖିବା କର୍ତ୍ତବ୍ୟ ଯେ ଆମ ପକ୍ଷରୁ ଆମେ ଯେମିତି ସେଭଳି ବୁଡ଼ି ନ ଯାଉ । କାରଣ ତାହା ଫଳରେ ଆମେ ସାଧାରଣ ଭଦ୍ର ବ୍ୟବହାର ଭୁଲିଯିବା, ଯାହା ଦ୍ୱାରା ଜୀବନ ଅଧିକ ସହଜ ଭାବେ ଅତିବାହିତ ହୁଏ । ବ୍ରହ୍ମବିଦ୍ୟା ସମିତିର ସଭ୍ୟ ପୃଥିବୀର ବାକୀ ଲୋକଙ୍କ ଠାରୁ ଅଲଗା ହେବା ଉଚିତ ନିଜର ଭଦ୍ରତା, ଶାନ୍ତ ସ୍ୱଭାବ ଏବଂ ସଦ୍ୟ ପ୍ରଫୁଲ୍ଲତା ହେତୁ । ଭଦ୍ର ହୁଅନ୍ତୁ, ଧୀର ହୁଅନ୍ତୁ; ମଣିଷ ଯେତେ ତରତର ଥାଉ ନା କାହିଁକି ସବୁବେଳେ ସମୟ ଅଛି ବନ୍ଧୁତା ଏବଂ ଭଦ୍ରତା ଦେଖାଇବା ପାଇଁ । ବିରକ୍ତିର ଢେଉରେ ପୂରାପୂରି ଟାଣି ହୋଇଯିବା ପ୍ରତି ନିଜର ଅନିଚ୍ଛା ପ୍ରକାଶ କରିବା ଉଚିତ । ସେହି ବିରକ୍ତି ଆସେ ଯେତେବେଳେ ଆମର ଶିରା ପ୍ରଶିରା ଅତ୍ୟଧିକ ଉତ୍ତେଜିତ ହୁଏ, ଏବଂ ତାହା ଆଜିକାର କର୍ମବ୍ୟସ୍ତ ଜୀବନରେ ଏକ ସାଧାରଣ କଥା ।

**ଆନିବେସାନ୍ତ—** ଏଇଠି ଗୁରୁ ଏକ ବିଶେଷ ବିଜ୍ଞ ସୂଚନା ଦେଉଛନ୍ତି । ଆପଣ ଭାବନ୍ତୁ ନାହିଁ ଯେ ଯେହେତୁ ଆପଣ ନିଜ କଥା ଭାବନ୍ତି ପ୍ରତ୍ୟେକ ବ୍ୟକ୍ତି ଆପଣଙ୍କ କଥା ଭାବନ୍ତି । ଅନ୍ୟ ଲୋକେ ସେମାନଙ୍କ ନିଜ କଥା ଭାବନ୍ତି, ଆପଣଙ୍କ କଥା ନୁହେଁ । ସେମାନେ ନିଜ ବିଷୟ ନେଇ ବ୍ୟସ୍ତ, ଠିକ୍ ଯେପରି ଆପଣ ନିଜ ବିଷୟ ନେଇ ବ୍ୟସ୍ତ । ଯଦି ଲୋକେ ଏହି ଚିନ୍ତାଟିକୁ ଗ୍ରହଣ କରି କାର୍ଯ୍ୟରେ ଲଗାନ୍ତି, ତେବେ ତଦ୍ଦ୍ୱାରା ବିଭିନ୍ନ ଜାତିର ଲୋକଙ୍କର ସୁଖ ବିଶେଷ ଭାବେ ବୃଦ୍ଧି ପାଇବ । କାର୍ଯ୍ୟବ୍ୟସ୍ତ ଜୀବନରେ ଯଦି କେହି ଆପଣଙ୍କ ଦେହରେ ଘଷି ହୋଇ ଚାଲିଗଲା, ଭାବନ୍ତୁ ନାହିଁ ଯେ ସେ ଆପଣଙ୍କୁ ଆଘାତ କରିବାକୁ ଚାହିଁଥିଲା କିମ୍ବା ତା'ର କିଛି ହେଲେ କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ଥିଲା । ଯଦି ଆପଣ ନିଶ୍ଚିତ ନୁହଁନ୍ତି ଯେ ସେ ଆପଣଙ୍କର କ୍ଷତି କରିବାକୁ ଚାହିଁଥିଲା, ତେବେ ଓଲଟା କଥାଟା ଭାବିବା ଶ୍ରେୟସ୍କର ।

ଧରି ନିଅନ୍ତୁ ଯେ ଜଣେ ବ୍ୟକ୍ତି ଆପଣଙ୍କ ସହିତ ରାଗି କରି କଥାବାର୍ତ୍ତା କଲା । ଯଦି ସେତେବେଳେ ଆପଣଙ୍କର ମନେ ପଡ଼ିବ ଯେ କାହା ଉପରେ ଖରାପ ଉଦ୍ଦେଶ୍ୟ ଆରୋପ କରିବା ଏବଂ ରାଗିବା ମଧ୍ୟ ଠିକ୍ ନୁହେଁ, ତେବେ

ଆତ୍ମସଂଯମ କ୍ଷେତ୍ରରେ ଆପଣ ଅତିଶୟ ଦ୍ରୁତ ପ୍ରଗତି କରିପାରିବେ । ସାଧାରଣତଃ ଲୋକେ ପରେ ଏହି କଥା ମନେ ପକାନ୍ତି । ଯଦି ଜଣେ ବ୍ୟକ୍ତି ଆତ୍ମ-ସଂଯତ ହୁଏ, ତେବେ ସେ ବିରକ୍ତି ଦେଖାଇବ ନାହିଁ ।

କିନ୍ତୁ ଯଦି ସେ ସଂପୂର୍ଣ୍ଣ ଆତ୍ମସଂଯତ ହୁଏ, ସେ ବିରକ୍ତି ଅନୁଭବ ମଧ୍ୟ କରିବ ନାହିଁ । ଅନ୍ୟ ଲୋକର ତ୍ରୁଟି ଥିଲେ ମଧ୍ୟ, ତାହା ତା'ର ଏକ ଦୁର୍ବଳତା ମାତ୍ର ଏବଂ ଯେ ଗୂଢ଼ ବିଦ୍ୟାବିତ୍ ହେବେ, ସେ ଅନ୍ୟର ଦୋଷ ଦୁର୍ବଳତା ପ୍ରତି ବିଚାରଶୀଳ ହେବା କଥା ମନେ ପକାଇବା ଉଚିତ ହେବ । ଏହା ମଧ୍ୟ ମନେ ପକାଇବାକୁ ହେବ ଯେ ଅଧିକାଂଶ ସମୟରେ ବିରକ୍ତିଭରା କଥା କହିବା ବା ତରତରିଆ ଚିଡ଼ଚିଡ଼ିଆ ଉତ୍ତର ଦେବାର ଅର୍ଥ ହେଉଛି ଯେ ଯେଉଁ ବ୍ୟକ୍ତି ସେପରି କହେ ବା କରେ, ସେ କୌଣସି କଷ୍ଟ ବା ଉଦ୍‌ବେଗ ହେତୁ ଉତ୍ତେଜନାର ବଶବର୍ତ୍ତୀ ହୋଇ ପଡ଼ିଛି । ସେ ସେପରି ଦୃଢ଼ମନା ନୁହେଁ ଯେ ସେହି କଷ୍ଟକୁ ସମ୍ଭାଳି ନେଇ ତାହାର କୌଣସି ଲକ୍ଷଣ ପ୍ରକାଶ ନ କରି ରହିପାରିବ । ତାହାର ଶିରା ପ୍ରଶିରା ଅତ୍ୟଧିକ ଉତ୍ତେଜିତ ହୋଇ ପଡ଼ିଥାଏ ଏବଂ ସେଥିପାଇଁ ସେ ସେହି ପ୍ରକାର କାର୍ଯ୍ୟ କରିଥାଏ ।

ଏହା ଅବଶ୍ୟ ସତ ଯେ ସେ ମୂର୍ଖ ପରି କାମ କରେ, ଯେମିତି କହିଛନ୍ତି ଆମର ଗୁରୁଦେବ । କିନ୍ତୁ ଆମେ ବିଚାରଶୀଳ ହେବା ଉଚିତ । ଲୋକଙ୍କର ଅଧିକାଂଶ ଛୋଟ ଛୋଟ ଅସୁବିଧା ଏହି ପ୍ରକାରେ ଉପୁଜିଥାଏ । ଅତିଶୟ ଚାପ ପଡ଼ିଲେ ମଣିଷ ପ୍ରାୟ ପ୍ରତ୍ୟେକ କଥାରେ ବିରକ୍ତ ହୋଇଥାଏ । ଭାବି ଦେଖନ୍ତୁ, ପୃଥିବୀରେ କେତେ କଷ୍ଟ ରହିଛି । ସବୁପ୍ରକାର କଷ୍ଟ ସର୍ବଦା ଲୋକଙ୍କ ଉପରେ ଚାପ ପକାଇ ସେମାନଙ୍କୁ ଚିନ୍ତିତ କରୁଛି । ଅବଶ୍ୟ ଆମ ଚାରି ପାଖରେ ଥିବା ସମସ୍ତଙ୍କର କଷ୍ଟ ବିଷୟରେ ଆମେ ଜାଣୁ ନାହିଁ, କାରଣ କୌଣସି ବିଚାରଶୀଳ ବ୍ୟକ୍ତି ନିଜର କଷ୍ଟଗୁଡ଼ିକୁ ଘୋଷଣା କରି ବୁଲେ ନାହିଁ । ସାଧାରଣ ସମ୍ମାନବୋଧ ସେଥିରେ ବାଧା ଦିଏ । କିନ୍ତୁ ଯଦି ଆମେ ମନେ ରଖିବା ଯେ ସେଗୁଡ଼ିକ ରହିଛି ଏବଂ ସେଗୁଡ଼ିକୁ ବିଚାରକୁ ନେବା, ତେବେ ଆମେ ସେହି ପୂର୍ଣ୍ଣ ଶାନ୍ତି ପାଇପାରିବା, ଯାହା ହେଉଛି ଗୁରୁଦେବଙ୍କର ଉପଦେଶର ଲକ୍ଷ୍ୟ ।

**ଯେତେବେଳେ ତୁମେ ଗୁରୁଙ୍କର ଏକ ଶିଷ୍ୟ ହେବ ସେତେବେଳେ ତୁମେ ସର୍ବଦା ତାଙ୍କର ଚିନ୍ତା ପାଖରେ ନିଜର ଚିନ୍ତାକୁ ରଖି ନିଜ ଚିନ୍ତାର ସଠିକତା ପରୀକ୍ଷା କରିପାରିବ ।**

**କାରଣ ଶିଷ୍ୟ ତାଙ୍କର ଗୁରୁ ସହିତ ଏକ । ଏବଂ ସେ ନିଜର ଚିନ୍ତାକୁ ଲେଉଟାଇ ଗୁରୁଙ୍କର ଚିନ୍ତା ଭିତରକୁ ପୂରାଇ ଦେଲେ ହିଁ ସଙ୍ଗେ ସଙ୍ଗେ ଦେଖିପାରିବେ ତାହା ମେଳ ଖାଉଛି କି ନା । ଯଦି ମେଳ ଖାଉନାହିଁ, ତେବେ ତାହା ଭୁଲ୍ ଏବଂ ସେହି ମୁହୂର୍ତ୍ତରେ ସେହି ଚିନ୍ତାକୁ ବଦଳାଇ ଦେବେ । କାରଣ, ଗୁରୁଙ୍କର ଚିନ୍ତା ହେଉଛି ନିର୍ଭୁଲ୍, ଯେହେତୁ ସେ ସର୍ବଜ୍ଞ ।**

**ଆନି ବେସାନ୍ତ–** ଯେ ଶିଷ୍ୟ ରୂପେ ଗୃହୀତ, ସେ ସର୍ବଦା ନିଜର ଚିନ୍ତାକୁ ପରଖି ନେଇପାରିବେ, ଗୁରୁଦେବଙ୍କର ଚିନ୍ତା ସହିତ ତାକୁ ମିଳାଇ ଦେଇ ଯଦି ସେ ଅନୁଭବ କରିବେ ଯେ ତାହା ଖାପଛଡ଼ା ହେଉଛି, ତେବେ ସେ ଜାଣିବେ ଯେ ତାଙ୍କର ଚିନ୍ତା ଭୁଲ୍ । ଗୋଟିଏ ସ୍ଥୂଳ ଉପମା ଦେଇ କୁହାଯାଇପାରେ ଯେ, ତାହା ଯେପରି ସଙ୍ଗୀତର ଏକ ଭୁଲ୍ ସ୍ୱର । ଶିଷ୍ୟ ଗୁରୁଦେବଙ୍କର ଧ୍ୟାନ ଆକର୍ଷଣ କରିବା ଦରକାର ନାହିଁ । ସେ କେବଳ ଗୁରୁଦେବଙ୍କର ଚିନ୍ତା ପାଖରେ ନିଜର ଚିନ୍ତା ରଖନ୍ତି, ଏବଂ ଯଦି ତାହା ସଠିକ୍ ବୋଲି ମନେ ହୁଏ ନାହିଁ ତେବେ ସଙ୍ଗେ ସଙ୍ଗେ ତାହା ତ୍ୟାଗ କରନ୍ତି ଏବଂ ନିଜ ଚିନ୍ତାକୁ ଗୁରୁଦେବଙ୍କର ଚିନ୍ତା ସହିତ ମେଳ ଖୁଆଇବା ପାଇଁ କାର୍ଯ୍ୟ ଆରମ୍ଭ କରନ୍ତି । ସେ ଏହି ବିଷୟରେ ଯୁକ୍ତି କରନ୍ତି ନାହିଁ ଏବଂ ନିଜର ଚିନ୍ତା ସର୍ବୋପରି ଠିକ୍ ହୋଇପାରେ, ସେ କଥା ସିଦ୍ଧ କରିବାକୁ ଚେଷ୍ଟା କରନ୍ତି ନାହିଁ । କାରଣ ଯଦି ସେଥିରେ ଭୁଲ୍ ଥାଏ, ତାହା ସଙ୍ଗେ ସଙ୍ଗେ ଜଣା ପଡ଼ିଯାଏ । ଯେଉଁମାନେ ଶିଷ୍ୟ ରୂପେ ଗୃହୀତ ହୋଇନାହାନ୍ତି, ସେମାନେ ଏହା ଠିକ୍ ଭାବେ କରିପାରନ୍ତି ନାହିଁ ଏବଂ ତାହା ବହୁ ଅଭୀପ୍ସୁଙ୍କ ସକାଶେ ଅସୁବିଧା ସୃଷ୍ଟି କରିଥାଏ । ଯେହେତୁ ଶିଷ୍ୟଙ୍କ ଚେତନା ଗୁରୁଦେବଙ୍କ ଚେତନା ସହିତ ଯୁକ୍ତ ହୁଏ, ଗୁରୁଦେବ ଏପରି କାହାକୁ ଶିଷ୍ୟ ରୂପେ ଗ୍ରହଣ କରନ୍ତି ନାହିଁ, ଯାହାର ଚିନ୍ତା ବିରୋଧରେ ପରେ ସେ ଏକ ପାଚେରୀ ତିଆରି କରିବା ଦରକାର ମନେ କରିବେ ।

ଲେଡ୍‌ବିଟର୍– କୁହାଯାଏ ଯେ ଶିଷ୍ୟ ତାଙ୍କ ଗୁରୁଦେବଙ୍କ ସହିତ ଏକ । ହେଉଛି ଏକ ଗୋଟିଏ ଅର୍ଥଯେ, ଯାହା କେବଳ ଗୁରୁଦେବ ଭଲ ଭାବେ ଜାଣନ୍ତି । ଶିଷ୍ୟ ମଧ୍ୟ ଏହା ଜାଣନ୍ତି, କିନ୍ତୁ ସେପରି ସଂପୂର୍ଣ୍ଣ ଭାବେ ନୁହେଁ । ଯେଉଁମାନେ ଏ ପର୍ଯ୍ୟନ୍ତ ସେଭଳି ସମ୍ପର୍କ ଭିତରକୁ ପଶି ନାହାନ୍ତି, ସେମାନେ ସେହି ଏକତାର ପ୍ରଗାଢ଼ତା ବୁଝି ପାରିବେ ନାହିଁ । ଶିଷ୍ୟ ନିଜ ଗୁରୁଦେବଙ୍କ ଚିନ୍ତାର

ଏକ ବାହ୍ୟ ଅଙ୍ଗ ହୋଇପଡ଼ନ୍ତି । ଯେପରି ବ୍ୟକ୍ତିତ୍ୱ ଜୀବାତ୍ମାର ଏକ ଅଙ୍ଗ ହୋଇଥାଏ ଏହା ପ୍ରାୟ ସେହି ଧରଣର । ଜୀବାତ୍ମା ନିଜର ଏକ କ୍ଷୁଦ୍ର ଅଂଶକୁ ନିମ୍ନତର ସ୍ତରଗୁଡ଼ିକର ଅବସ୍ଥା ଭିତରକୁ ପଠାଇ ଦିଏ । ଏହି ପ୍ରକାରେ ବର୍ଣ୍ଣନା କରିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ- ତେବେ ପ୍ରତିବିମ୍ବ ବୋଲି କହିବା ଅପେକ୍ଷା ଏହା ଶ୍ରେୟସ୍କର । ନିମ୍ନତର ସ୍ତରଗୁଡ଼ିକରେ ସର୍ବୋତ୍ତମ ସ୍ଥୂଳ ଶରୀର କାମ ଶରୀର ଓ ମାନସ ଶରୀରଗୁଡ଼ିକ ମଧ୍ୟ ଜୀବାତ୍ମାର ଅତିଶୟ ତ୍ରୁଟିପୂର୍ଣ୍ଣ ଅଭିବ୍ୟକ୍ତି ହୋଇପାରନ୍ତି । ଆମେ ଯେତେବେଳେ ଏଇ ତଳ ସ୍ତରରେ ଆମର ନାନା ପ୍ରକାର ଦୁର୍ବଳତା ନେଇ ହତାଶା ଅନୁଭବ କରୁ, ସେତେବେଳେ ଏହି ଭାବନା ଆମକୁ କିଛି ଆଶ୍ୱସ୍ତି ଦେବା ଉଚିତ । ଜଣେ ନିଜକୁ ନିଜେ କହିପାରେ, "ଯାହାହେଲେ ମଧ୍ୟ ଜୀବାବତ୍ମା ଅଧିକ ଭଲ ଭାବରେ ଜାଣେ, ସୁତରାଂ ମୋର ହତାଶ ହେବା ଅନାବଶ୍ୟକ । ମୋର ଦରକାର ହେଉଛି, ନିମ୍ନ ସ୍ତରରେ ଅଭିବ୍ୟକ୍ତି ସକାଶେ ମୋର ଅଧିକରୁ ଅଧିକ ଅଂଶ ତଳକୁ ନେଇ ଆସିବି । ତାହା ଦ୍ୱାରା ମୋର ଉପରେ ପ୍ରକୃତରେ ଯାହା, ତାହା ଅଧିକ ଶୁଦ୍ଧ ଭାବେ ତଳେ ପ୍ରକଟିତ ହେବ ଏବଂ ତାହା ଫଳରେ ମୋର ତ୍ରୁଟିଗୁଡ଼ିକ କ୍ରମଶଃ କମିଯିବ ।"

ସେହି ପ୍ରକାରେ ଶିଷ୍ୟ କେବଳ ଗୁରୁଙ୍କର ପ୍ରତିନିଧି ନୁହନ୍ତି, ପ୍ରକୃତ ଅର୍ଥରେ ସେ ହେଉଛନ୍ତି ଗୁରୁ- କିନ୍ତୁ ଅତିଶୟ ସୀମିତତା ମଧ୍ୟରେ । ସେହି ସୀମିତତା କେବଳ ନିମ୍ନତର ସ୍ତରମାନଙ୍କର ନୁହେଁ । ସେଥିରେ ରହିଛି ଶିଷ୍ୟଙ୍କର ବ୍ୟକ୍ତିତ୍ୱର ସୀମିତତା; ଯାହାକୁ ସମ୍ପୂର୍ଣ୍ଣ ଅତିକ୍ରମ କରାଯାଇପାରିନାହିଁ । ଯଦି ଶିଷ୍ୟଙ୍କର ଜୀବାତ୍ମା ନିମ୍ନତର ଶରୀରଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରେ, ଯାହା ଫଳରେ ସେଗୁଡ଼ିକ ସେହି ଉଚ୍ଚତର ସତ୍ତାର କେବଳ ପ୍ରତିବିମ୍ବ ବା ଅଭିବ୍ୟକ୍ତି ବ୍ୟତୀତ ଆଉ କିଛି ନୁହନ୍ତି । ତା'ହେଲେ ସେ ଗୁରୁଦେବଙ୍କୁ ବର୍ତ୍ତମାନ ଅପେକ୍ଷା ପୂର୍ଣ୍ଣତର ଭାବେ ଅଭିବ୍ୟକ୍ତ କରିପାରିବେ । କିନ୍ତୁ ସେତେବେଳେ ମଧ୍ୟ ଏକ ସୀମିତତା ରହିବ, ଯାହାକୁ କୁହାଯିବ, ତାଙ୍କର ଆୟତନର ସେ ଅନୁସରଣ କରୁଛନ୍ତି । କାରଣ ଶିଷ୍ୟ ହେଉଛନ୍ତି ତାଙ୍କର ଗୁରୁଦେବଙ୍କ ତୁଳନାରେ ଏକ କ୍ଷୁଦ୍ରତର ଜୀବାତ୍ମା ଏବଂ ସେହି ହେତୁ ସେ ନିଜ ଗୁରୁଦେବଙ୍କର କେବଳ ଏକ ଅସମ୍ପୂର୍ଣ୍ଣ ପ୍ରତିନିଧି ହୋଇପାରିବେ । ତଥାପି ଶିଷ୍ୟଙ୍କର ଯେଉଁସବୁ ଚିନ୍ତା ରହିଥାଏ ସେହି ସବୁ ଚିନ୍ତା ଗୁରୁଦେବଙ୍କର କାମ ଶରୀର ଏବଂ ମାନସ ଶରୀରରେ ମଧ୍ୟ ରହିଥାଏ । ଆଂଶିକ ଭାବେ ସେହି କାରଣରୁ ସମସ୍ତ ଶିଷ୍ୟଙ୍କୁ ଏକ ଶିକ୍ଷାନବିଶ୍ କାଳ ମଧ୍ୟ ଦେଇ ଯିବାକୁ ପଡ଼ିଥାଏ । ସେହି କାଳ ମଧ୍ୟରେ ଶିକ୍ଷାନବିଶ୍ ଶିଷ୍ୟଙ୍କର ଏକ ଜୀବନ୍ତ ଛବି ସର୍ବଦା ଗୁରୁଦେବଙ୍କର

ଆଖି ଆଗରେ ରହିଥାଏ । ଗୁରୁଦେବ ଜାଣିବାକୁ ଚାହାନ୍ତି ତାଙ୍କର ଭାବୀ ଶିଷ୍ୟଙ୍କର ଚିନ୍ତା ଓ କାମନା ଶରୀର ସଠିକ ଭାବେ କ'ଣ । କାରଣ ତାହା ନ ହେଲେ ସେ ହୁଏତ ଦେଖିବାକୁ ପାଇବେ ଯେ ତାଙ୍କର କାମ ଶରୀର ଓ ମାନସ ଶରୀର ମଧ୍ୟକୁ ସର୍ବଦା ଛୁଟି ଆସୁଛି କେତେକ ଚିନ୍ତା ଓ ଭାବାବେଗ ଯାହା ସେ ସର୍ବଦା କରି ଚାଲିଥିବା କାର୍ଯ୍ୟ ସହିତ ମେଳ ଖାଉ ନାହିଁ । କେବଳ ଯେତେବେଳେ ଦୀର୍ଘ ସମୟ ଧରି ସେ ଦେଖନ୍ତି ଯେ ଯେଉଁ ସବୁ ଚିନ୍ତା ଓ ଭାବାବେଗ ଯାହା ସେ ସର୍ବଦା କରି ଚାଲିଥିବା କାର୍ଯ୍ୟ ସହିତ ମେଳ ଖାଉ ନାହିଁ । କେବଳ ଯେତେବେଳେ ଦୀର୍ଘ ସମୟ ଧରି ସେ ଦେଖନ୍ତି ଯେ ଯେଉଁ ସବୁ ଚିନ୍ତା ଓ ଭାବାବେଗ ଖାପ ଖାଉ ନାହିଁ, ସେଗୁଡ଼ିକ ସାମାନ୍ୟ ରୂପେ ଶିଷ୍ୟଠାରେ ଦେଖିବାକୁ ମିଳେ, ସେତେବେଳେ ହିଁ ସେ ଶିଷ୍ୟକୁ ଗ୍ରହଣ କରନ୍ତି ଏବଂ ତାଙ୍କୁ ନିଜର ଏକ ଅଂଶ ରୂପେ ନେଇଥାନ୍ତି ।

ତାହା ପରେ ମଧ୍ୟ ଗୁରୁଦେବ ନିଜ ହାତରେ କ୍ଷମତା ରଖିଥାନ୍ତି ଶିଷ୍ୟଙ୍କର ଚେତନା ଓ ନିଜର ଚେତନା ମଧ୍ୟରେ ଏକ ପରଦା ପକାଇ ଦେବା ପାଇଁ । ଶିଷ୍ୟଙ୍କର ଆନ୍ତରିକ ଇଚ୍ଛା ହେଉଛି ଅଲଗା ନ ହେବାପାଇଁ । ତଥାପି ଆମେ ଏହି ନିମ୍ନତର ସ୍ଥୂଳ ସ୍ତରରେ ଭୁଲ୍ କରି ଚାଲୁ । ଅନେକ ସମୟରେ ଏପରି ମଧ୍ୟ ଘଟେ ଯେ କେତେକ ଚିନ୍ତା ଓ ଆବେଗ ଆମ ଭିତରକୁ ଆସେ, ଯାହା ନ ଆସିବା କଥା । ଗୁରୁଦେବ ତାହା ଚାହାନ୍ତି ନାହିଁ ଏବଂ ଧୀର ଭାବେ ତାହାକୁ ଅଲଗା କରି ଦିଅନ୍ତି । ଏହା ସତ ଯେ ପରବର୍ତ୍ତୀ କାଳରେ ଗୁରୁଦେବ ଏହି କ୍ଷମତାଟିକୁ ମଧ୍ୟ ତ୍ୟାଗ କରନ୍ତି, ଯେତେବେଳେ ସେ ଶିଷ୍ୟଙ୍କୁ ନିଜର 'ପୁତ୍ର' ରୂପେ ଗ୍ରହଣ କରନ୍ତି । କିନ୍ତୁ ତାହା ହୋଇଥାଏ, ଯେତେବେଳେ ସେ ସମ୍ପୂର୍ଣ୍ଣ ନିଶ୍ଚିତ ହୁଅନ୍ତି ଯେ ଆଉ କିଛି ଆସିବ ନାହିଁ ଯାହାକୁ ଅଲଗା କରିବା ଦରକାର ପଡ଼ିବ ।

ଗୁରୁଦେବଙ୍କ ଚେତନା ସହିତ ଏଭଳି ଅନ୍ତରଙ୍ଗ ଭାବେ ଜଡ଼ିତ ହେବା ଫଳରେ ଶିଷ୍ୟ ନିଜର ଚିନ୍ତାକୁ ଗୁରୁଦେବଙ୍କର ଚିନ୍ତା ନିକଟରେ ରଖିବାକୁ ସମର୍ଥ ହୋଇଥାନ୍ତି । ଗୁରୁଦେବଙ୍କର ଧ୍ୟାନ ଆକର୍ଷଣ କରିବା ଆଦୌ ଦରକାର ହୁଏ ନାହିଁ । ଶିଷ୍ୟ ନିଜ ହାତରେ ଥିବା ପ୍ରଶ୍ନ ଉପରେ ଗୁରୁଦେବଙ୍କର ମତାମତ ଲୋଡ଼ନ୍ତି ନାହିଁ । ସେ କେବଳ ସେହି ଏକତାର ଖିଅରେ ଫେରି ଦେଖନ୍ତି ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନ ଉପରେ ଗୁରୁଦେବଙ୍କର ମନରେ କି ପ୍ରକାର ଚିନ୍ତା ରହିଛି । ଆପଣ ପଚାରିପାରନ୍ତି, "ଶିଷ୍ୟ ତାହା କରିବେ କିପରି ?" ବହୁ ପ୍ରକାର ପନ୍ଥା ରହିଛି, ସେ ତାଙ୍କ ଗୁରୁଙ୍କର ଏକ ସ୍ପଷ୍ଟ ଭାବମୂର୍ତ୍ତି ଗଢ଼ିବେ ଏବଂ ନିଜର ସମସ୍ତ ଶକ୍ତି ଦେଇ ନିଜକୁ ଉଠାଇ ଠେଲି ଦେବେ ତାହା ଭିତରକୁ । ତାହା ପରେ ସେ ନିଜର ଚିନ୍ତା ମନକୁ ଆଣି

ଦେଖିବେ ତାହା ସାମାନ୍ୟତମ ଖାପଛଡ଼ା ବା ବେତାଳ ମନେ ହେଉଛି କି ? ଯଦି ହୁଏ, ସେ ସଙ୍ଗେ ସଙ୍ଗେ ନିଜର ଚିନ୍ତା ବଦଳାଇ ଦେବେ ।

ଏଇଠି ଗୋଟାଏ ବଡ଼ ପାର୍ଥକ୍ୟ ରହିଛି ଗୂଢ଼ତାତ୍ତ୍ୱିକ ଏବଂ ସାଂସାରିକ ମତ ମଧ୍ୟରେ । ସାଂସାରିକ କ୍ଷେତ୍ରରେ ଆପଣଙ୍କର ଓ ଆଉ ଜଣଙ୍କର ଯଦି ମତ ପାର୍ଥକ୍ୟ ଘଟେ, ଆପଣ ସାଙ୍ଗେ ସାଙ୍ଗେ ଯୁକ୍ତି ଆରମ୍ଭ କରି ଦିଅନ୍ତି ନିଜର ମତ ସପକ୍ଷରେ, ବା ନିଜର ମତ ଯଥାର୍ଥ ବୋଲି ଦେଖାଇବାକୁ ଚେଷ୍ଟା କରନ୍ତି । ଗୂଢ଼ତତ୍ତ୍ୱ କ୍ଷେତ୍ରରେ ଆମେ କେବେ ଯୁକ୍ତି କରୁ ନାହିଁ । ଆମେ ଜାଣୁ ଯେ ଯେଉଁ ବ୍ୟକ୍ତି ଉଚ୍ଚତର ସ୍ତରରେ ଅଛନ୍ତି, ସେ ଆମ ଅପେକ୍ଷା ଭଲ ଜାଣନ୍ତି । ଆମେ କେବଳ ତାଙ୍କର ମତ ଗ୍ରହଣ କରି ନେଉ । ଗୁରୁଦେବଙ୍କର ମତ ବିରୋଧରେ ଆମର ମତ ଉପସ୍ଥାପନ କରିବା ଚିନ୍ତା ମୁହୂର୍ତ୍ତକ ପାଇଁ ମଧ୍ୟ ଆମ ମନରେ ଆସେ ନାହିଁ । କାରଣ ଆମେ ଜାଣୁ (ଏହା ଏକ ମତର କଥା ନୁହେଁ, ପ୍ରକୃତ ଜ୍ଞାନ) ଯେ ବହୁ ପ୍ରକାର ସୂଚନା ଓ ସୂଚନାର ଉତ୍ସ ତାଙ୍କର ହାତ ପାଆନ୍ତାରେ ରହିଛି, ଯାହା ଆମର ନାହିଁ । ସୁତରାଂ ସେ ଯେଉଁ ବିଷୟରେ କହୁଛନ୍ତି, ତାହା ସେ ଜାଣନ୍ତି । ତାଙ୍କର ମତ ଆମ ଅପେକ୍ଷା ବହୁ ଅଧିକ ଜ୍ଞାନ ଉପରେ ଆଧାରିତ । ପରେ ହୁଏତ ଆମେ ଜାଣିବାକୁ ଚେଷ୍ଟା କରିବୁ କେଉଁ ସବୁ କାରଣରୁ ତାଙ୍କର ମତ ସେହି ପ୍ରକାର ହୋଇଛି । ସେଇଟା ସମ୍ପୂର୍ଣ୍ଣ ଅଲଗା କଥା । କିନ୍ତୁ ଇତି ମଧ୍ୟରେ ଆମେ ବିରୋଧ କରୁନାହୁଁ ଏବଂ ତାହା କରିବାପାଇଁ ଭାବିବା କଦାପି ଉଚିତ ହେବ ନାହିଁ । ଯେତେବେଳେ ଶିଷ୍ୟ ତାଙ୍କର ଚିନ୍ତାକୁ ଗୁରୁଦେବଙ୍କର ଚିନ୍ତା ନିକଟରେ ରଖନ୍ତି, ସେ ଯୁକ୍ତି କରନ୍ତି ନାହିଁ । ଯେତେବେଳେ ଆପଣଙ୍କର ଯନ୍ତ୍ର ବେସୁରା ହୁଏ, ଆପଣ କହନ୍ତି ନାହିଁ ଯେ ତାହା ହୁଏତ ଏକ ଉନ୍ନତ ସ୍ୱର । ଆପଣ ତାକୁ ସଜାଡ଼ିବାରେ ଲାଗନ୍ତି ।

ଗୂଢ଼ତାତ୍ତ୍ୱିକ ଜଗତରେ ଆମେ କେବେ ସମାଲୋଚନା କରୁନାହିଁ । ଆମେ ମାନି ନେଉ ଯେ ଆଧ୍ୟାତ୍ମିକ ଶାସକ ବର୍ଗଙ୍କ ପାଇଁ କାମ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିଜର ଯଥାସାଧ୍ୟ ଚେଷ୍ଟା କରନ୍ତି ଏବଂ ସେ ଯଦି ଯଥାସାଧ୍ୟ ଚେଷ୍ଟା କରନ୍ତି ତେବେ ସେ ନିଜ ଗୁରୁଦେବଙ୍କ ନିକଟରେ କୃତକାର୍ଯ୍ୟ ବା ବିଫଳ ହୁଅନ୍ତି; ଆମ ନିକଟରେ ନୁହେଁ । ଅବଶ୍ୟ ସମୟେ ସମୟେ ହୁଏତ ସର୍ବାଧିକ ସମ୍ଭ୍ରମ ସହିତ ଆମେ ଟିକିଏ ସୂଚନା ଦେଉ "ଯଦି ଏପରି କି ସେପରି କରାଯାଆନ୍ତା, ହୁଏତ ଆଉ ଟିକିଏ ଭଲ ହୁଅନ୍ତା- ନା କ'ଣ ଭାବୁଛନ୍ତି ?" ଲୋକେ ଯେପରି ଅନ୍ୟମାନଙ୍କୁ ବେଖାତିର ଭାବେ, ସମାଲୋଚନା କରନ୍ତି ସେମାନଙ୍କର କଷ୍ଟ ବା ଅସୁବିଧା କଥା କିଛି ନ

ଜାଣି ଗୂଢ଼ତତ୍ତ୍ୱବିତ୍ ବା ଯେଉଁମାନେ ଗୂଢ଼ତତ୍ତ୍ୱବିଦ୍ ହେବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ପକ୍ଷରେ ସେହି ପ୍ରକାର ସମାଲୋଚନା ସମ୍ପୂର୍ଣ୍ଣ ଅସ୍ୱାଭାବିକ । ଆମେ ଆଦୌ ସେହି ପନ୍ଥାରେ ଯାଉ ନାହିଁ । ଆମେ ତାହାକୁ ଅନୁଚିତ ବୋଲି ଭାବୁ ।

ଏହି ପଥରେ ପ୍ରବେଶ କରିବା ପାଇଁ ଯେଉଁମାନଙ୍କର ପ୍ରକୃତ ଆନ୍ତରିକ ଇଚ୍ଛା ରହିଛି, ସେମାନେ ଏହି ବିଷୟରେ ଗୁରୁମାନଙ୍କର ଶିଷ୍ୟମାନଙ୍କୁ ଅନୁସରଣ କରିବା ଉଚିତ ହେବ । ଯେଉଁମାନେ ସେମାନଙ୍କର କାର୍ଯ୍ୟ କରୁଛନ୍ତି, ସେମାନଙ୍କର ସମାଲୋଚନା କରିବାକୁ ଆମେ ଡେଇଁ ପଡ଼ିବା ଠିକ୍ ନୁହେଁ । ଅଧିକାଂଶ ବ୍ୟକ୍ତି ସେମାନଙ୍କ ନିଜ ଦୃଷ୍ଟିକୋଣରୁ ଯଥାସାଧ୍ୟ ଚେଷ୍ଟା କରୁଛନ୍ତି, ହୁଏତ ଆମର ଏକ ଅଧିକ ଉଚ୍ଚତର ଦୃଷ୍ଟିକୋଣ ରହିଛି । କିନ୍ତୁ ଯାହା ହେଲେ ମଧ୍ୟ ସେମାନେ ନିଜର ଜ୍ଞାନ ଅନୁଯାୟୀ କାମ କରିପାରିବେ, ଆମର ଜ୍ଞାନ ଅନୁଯାୟୀ ନୁହେଁ । ଉଦାହରଣ ସ୍ୱରୂପ, ଯେତେବେଳେ ଜଣେ କର୍ମଚାରୀ ଆମ ସମିତିରେ କିଛି କାର୍ଯ୍ୟ କରିବା ପାଇଁ ନିଯୁକ୍ତି ହେବେ, ଆମେ ତାଙ୍କୁ ସୁଯୋଗ ଦେବା ଉଚିତ ହେବ । ସେ ଯଦି ସେହି କାମ ସନ୍ତୋଷଜନକ ଭାବେ ନ କରନ୍ତି, ତେବେ ଯଥା ସମୟରେ ଆମେ ସେହି କାମ ଅନ୍ୟ କାହାକୁ ଦେଇପାରୁ । କିନ୍ତୁ ଇତି ମଧ୍ୟରେ ସେହି କର୍ମଚାରୀଙ୍କୁ ବାଧା ଦେବା ଠିକ୍ ହେବନାହିଁ । ତାଙ୍କୁ ସୁଯୋଗ ଦେବା ଦରକାର ତାଙ୍କ ଭିତରେ କ'ଣ ଅଛି ଦେଖାଇବା ପାଇଁ, ତାଙ୍କ ମନରେ କି ପ୍ରକାର ଚିନ୍ତା ରହିଛି ତାହା ପରଖିବା ପାଇଁ । ସବୁବେଳେ ହସ୍ତକ୍ଷେପ କରିବା ଖରାପ କଥା ।

ଆହୁରି ଅତିଶୟ ଖରାପ ଜିନିଷ ହେଉଛି ସବୁବେଳେ ସମାଲୋଚନା କରିବା ମନୋବୃତ୍ତିରେ ରହିବା, ସର୍ବଦା ଗାତ କେଉଁଠି ଅଛି ଦେଖିବା, ସବୁବେଳେ ଦୁର୍ବଳତା କେଉଁଠି ଅଛି ଖୋଜିବାକୁ ଚେଷ୍ଟା କରିବା । ତାହା ଗୂଢ଼ତାତ୍ତ୍ୱିକ ପନ୍ଥା ନୁହେଁ । ଅନେକ ସମୟରେ ଆମେ ଲୋକେ କହୁଥିବା ଶୁଣୁ, "ମୁଁ ସମାଲୋଚନା ନ କରି ରହିପାରେ ନାହିଁ । ଏଇଟା ମୋର ସ୍ୱଭାବ ।" ଯଦି ତାହା ଆପଣଙ୍କର ସ୍ୱଭାବ ହୋଇଥାଏ, ତେବେ ତାହା ଏକ ଅତିଶୟ ଖରାପ ସ୍ୱଭାବ ଏବଂ ତାହାକୁ ଅତିକ୍ରମ କରିବା ଆପଣଙ୍କ ପକ୍ଷେ ଶ୍ରେୟସ୍କର ହେବ । ଯେତେବେଳେ ଆପଣ କହନ୍ତି କୌଣସି କାମ ସ୍ୱାଭାବିକ, ମାନବିକ, ଆପଣ କହିବାକୁ ଚାହାନ୍ତି, ତାହା ହିଁ ସାଧାରଣ ଲୋକ କରିଥାଏ । କିନ୍ତୁ ଯଦି କୌଣସି ବ୍ୟକ୍ତି ପ୍ରକୃତରେ ନିଜକୁ ନିଜ ହାତରେ ଗଢ଼ିବାକୁ ଚାହେଁ, ତେବେ ସେ ସାଧାରଣ ଲୋକଠାରୁ କିଛି ଅଧିକା ହେବା ପାଇଁ ଚେଷ୍ଟା କରୁଛି । ଆମେ ଏଠିକି ଆସିଛୁ, ଆମର ସ୍ୱଭାବକୁ ବଦଳାଇବା ପାଇଁ । ଏଥିରେ ଗର୍ବ କରିବାର ଆବଶ୍ୟକତା ନାହିଁ । ଅଭୀପ୍ସୁ ନିଜକୁ ସାଧାରଣ

ଅବସ୍ଥାରୁ ଉପରକୁ ଉଠାଇବାକୁ ଚାହୁଁଛନ୍ତି; ଯାହା ଫଳରେ ସେ ସେହି ସାଧାରଣ ଅବସ୍ଥାର ମାନକୁ ଉନ୍ନତ କରିବେ । ତାହା ସେ କରିପାରିବେ ନାହିଁ ଯଦି ସେ ସେହି ସ୍ତରରେ ରହନ୍ତି ବା ତା'ର ତଳ ସ୍ତରରେ ରହନ୍ତି । ଯେ ହେକି ନିଜକୁ ଉନ୍ନତ କରିବା ପାଇଁ ଚାହିଁବେ, ତାଙ୍କୁ ସମାଲୋଚନା କରିବା ଖରାପ ଅଭ୍ୟାସକୁ ତ୍ୟାଗ କରିବାକୁ ପଡ଼ିବ ।

ସମୟେ ସମୟେ ଲୋକଙ୍କୁ କହିବାକୁ ମନ ହୁଏ, "ଆପଣଙ୍କର ଉଚ୍ଚତର ଆତ୍ମାର ପଥରେ ବାଧା ସୃଷ୍ଟି କରନ୍ତୁ ନାହିଁ । ସେ କ'ଣ କରିପାରିବେ, ସେଥିପାଇଁ ତାକୁ ସୁଯୋଗ ଦିଅନ୍ତୁ । ଆପଣଙ୍କର ଉଚ୍ଚତର ଆତ୍ମା ବେଶ୍ ସହଜରେ ଯାହା କରିବ ବା କରିପାରିବ, ସେଥିରେ ପ୍ରତିବନ୍ଧକ ହେବାପାଇଁ ଆପଣ ନିଜର ନିମ୍ନତର ବ୍ୟକ୍ତିତ୍ୱକୁ ସୁବିଧା ଦେଉଛନ୍ତି ।" କେହି ହେଲେ କଦାପି କହିବା କଥା ନୁହେଁ, "ମୁଁ ପାରିବି ନାହିଁ ।" ଆପଣ ଯଦି ସେହି ରାସ୍ତା ଧରନ୍ତି, ତେବେ ଆପଣ ଆଗରୁ କଥାଟା ଉପରେ ନିଜର ନିଷ୍ପତ୍ତି ନେଉଛନ୍ତି ଏବଂ ଆଗରୁ ହିଁ ନିଜକୁ ବିଫଳ କରି ଦେଉଛନ୍ତି । ବରଂ ଏହି ପ୍ରକାରେ ଏକ ଚିନ୍ତା-ରୂପ ପ୍ରସ୍ତୁତ କରନ୍ତୁ, "ମୁଁ ଏହା କରିପାରିବି ଏବଂ ମୁଁ ଏହା କରିବି ।" ତାହା ହେଲେ ତ ଅଧେ କାମ ହୋଇଗଲା । ଲୋକେ ଅନେକ ସମୟରେ ନିଜ ଚେଷ୍ଟାରେ ବିଫଳ ହୁଅନ୍ତି । ତାହା ଅତିଶୟ ସ୍ୱାଭାବିକ । ତେବେ ଯେତେବେଳେ ସେମାନେ ବାରମ୍ବାର ଚେଷ୍ଟା କରନ୍ତି, ଶକ୍ତି ସଚେତନ ହେଉଥାଏ ଏବଂ ତାହା ଶୀଘ୍ର ସଫଳତା ଆଣି ଦିଏ । ଯେତେବେଳେ ଏକ ବିଫଳତା ଆସେ, ସେତେବେଳେ ଆମେ ଚିନ୍ତା କରିବା ଉଚିତ ନୁହେଁ ଯେ ଆମେ ସବୁ କିଛି ହରାଇ ବସିଛୁ । କାରଣ ଯେଉଁ ଶକ୍ତି ଲାଭ କରାଯାଉଛି, ତାହା ତତ୍କ୍ଷଣାତ୍ ସଫଳତା ପାଇବା ପାଇଁ ଯଥେଷ୍ଟ ହୋଇ ନପାରିଲେ ମଧ୍ୟ ଏକ ବଡ଼ ପରିମାଣର ଲାଭ ହୋଇଥାଏ । ଯଦି ତାହା ସହିତ ଆମେ ଅଧିକରୁ ଅଧିକ ଶକ୍ତି ଯୋଗ କରି ଚାଲୁ, ତାହାହେଲେ ସମୟ ଆସିବ ଯେତେବେଳେ ଆମର ଉଦ୍ୟମ ସଫଳତାର ମୁକୁଟ ଲାଭ କରିବ ।

ହତାଶ ହୋଇ ବସି ପଡ଼ିବା ଏବଂ ଠିଆ ହୋଇ କିଛି କାମ କରିବା- ଏହି ଦୁଇଟି ମନୋଭାବ ଭିତରେ ରହିଛି ବିରାଟ ପାର୍ଥକ୍ୟ । କୁହାଯାଇଛି ଯେ ପୃଥିବୀର ଲୋକେ ଦୁଇ ଭାଗରେ ବିଭକ୍ତ । ଲୋକେ ଅଛନ୍ତି ଯେଉଁମାନେ ଯାଇ କିଛି କାମ କରନ୍ତି ଏବଂ ଅନ୍ୟ ଲୋକେ ଚୁପଚାପ୍ ବସି ରହି କହନ୍ତି, "ଏହାକୁ ଅନ୍ୟ ପ୍ରକାର କରାଗଲା ନାହିଁ କାହିଁକି ?" ଆମେ ପ୍ରଥମ ଭାଗ ଲୋକଙ୍କ ମଧ୍ୟରେ ରହିବା ଉଚିତ ଏବଂ ଯେଉଁମାନେ ନିଜେ କିଛି କରିବା ପାଇଁ ହାତ ମଧ୍ୟ ହଲାନ୍ତି ନାହିଁ, ସେହି ଅନ୍ୟ ପ୍ରକାର ଲୋକେ କ'ଣ କହିଲେ ତାହ ନେଇ ଆମେ ତିଳେ ମାତ୍ର ଭାବିବା କଥା ନୁହେଁ ।

**ଯେଉଁମାନଙ୍କୁ ଗୁରୁଦେବ ଏ ପର୍ଯ୍ୟନ୍ତ ଗ୍ରହଣ କରି ନାହାନ୍ତି, ସେମାନେ ଠିକ୍ ଏହି କାମ କରିପାରିବେ ନାହିଁ । କିନ୍ତୁ ସେମାନେ ନିଜକୁ ବିଶେଷ ଭାବେ ସାହଯ୍ୟ କରିପାରିବେ, ଯଦି ଅନେକ ସମୟରେ ସେମାନେ ସ୍ଥିର ରହି ଚିନ୍ତା କରନ୍ତି, "ଗୁରୁଦେବ ଏହି ବିଷୟରେ କ'ଣ ଭାବିବେ ? ଏହି ପରିସ୍ଥିତିରେ ଗୁରୁଦେବ କ'ଣ କହିବେ ବା କରିବେ ?" କାରଣ ତୁମେ କେବେହେଲେ କିଛି କରିବ ନାହିଁ ବା କହିବ ନାହିଁ ବା ଭାବିବ ନାହିଁ । ଯାହା ଗୁରୁଦେବ କରିବା, କହିବା ବା ଭାବିବା କଥା, ତୁମେ କଳ୍ପନା କରିପାରିବ ନାହିଁ । କହିବାରେ ମଧ୍ୟ ତୁମେ ଅବଶ୍ୟ ସତ୍ୟ ଆଚରଣ କରିବ । ସଠିକ ଭାବେ କହିବ ଅଧିକ ବଢ଼ାଇ କହିବ ନାହିଁ ।**

**ଲେଡ୍‌ବିଟର–** ଆମେ ଯଦି ସେହି କଥା ସର୍ବଦା ମନେ ରଖିବା କେବେହେଲେ ନ ଭାବିବାକୁ ନ କହିବାକୁ ବା ନ କରିବାକୁ ଯାହା ଗୁରୁଦେବ ଭାବିବେ ନାହିଁ, କହିବେ ନାହିଁ, ବା କରିବେ ନାହିଁ, ତେବେ ଆମର ଜୀବନରେ ସଂଶୋଧନ କରିବାର ଅଧିକ ଦରକାର ପଡ଼ିବ ନାହିଁ । ଗୁରୁଦେବ କ'ଣ ଭାବିବେ, କହିବେ ବା କରିବେ, ତାହା ଚିନ୍ତା କରିବାବେଳେ ଆମେ ହୁଏତ କେତେକ ଭୁଲ୍ କରିବା । କିନ୍ତୁ ମୋଟାମୋଟି ଆମର ଜୀବନ ହେବ ଅଦ୍ଭୁତ ଭାବେ ବିଶୁଦ୍ଧ ଏବଂ ତାଙ୍କର ନିକଟବର୍ତ୍ତୀ । ନିଃସନ୍ଦେହରେ ବହୁ ଲୋକେ ଭାବି ପାରନ୍ତି, "ମୁଁ ଯଦି ସ୍ଥିର ରହି ତାହା ଚିନ୍ତା କରି ଲାଗିବି, ତେବେ ମୋତେ କେବେହେଲେ କିଛି କହିବାକୁ ହେବ ନାହିଁ ।" ଯଦି ସେମାନେ ତାହା ନ କରନ୍ତି, ତେବେ ପୃଥିବୀଟା ସମ୍ଭବତଃ ବିଶେଷ କିଛି ଖରାପ ହୋଇଯିବନାହିଁ । କାରଣ ଯାହା କୁହାଯାଏ, ସେଥିରୁ ଅଧିକାଂଶ ନିର୍ଦ୍ଦିଷ୍ଟ ଭାବେ ଉପଯୋଗୀ ନୁହେଁ । ଯଦି ଜଣେ ଲୋକ ପ୍ରତ୍ୟେକ ଥର କହିବା ପୂର୍ବରୁ ଗୁରୁତ୍ୱ ସହିତ ପ୍ରକୃତରେ ଚିନ୍ତା କରି ବସେ, "ମୁଁ ଯାହା କହିବାକୁ ଯାଉଛି, ଗୁରୁଦେବ କ'ଣ ତାହା କରିବେ ?" ତେବେ ସେ ବହୁତ କମ୍ କଥା କହିବ । ଗୁରୁଦେବଙ୍କର ଚିନ୍ତା ସହିତ ମିଳାଇ ପରଖିବା ପ୍ରଣାଳୀ ପ୍ରଥମେ ଧୀର ହୋଇପାରେ, କିନ୍ତୁ ଶୀଘ୍ର ତାହା ଏକ ଅଭ୍ୟାସରେ ପରିଣତ ହୁଏ ଏବଂ ପରେ ଏହା ବିଦ୍ୟୁତ୍ ଭଳି କାର୍ଯ୍ୟ କରେ ।

ଆଲୋକ ଭଳି ଚିନ୍ତା ଦ୍ରୁତ ଗତିରେ ଛୁଟି ଚାଲେ । ସମ୍ଭବତଃ ତାହାଠାରୁ ମଧ୍ୟ ଦ୍ରୁତତର ଗତିରେ । ଯଦି ପଦାର୍ଥ ବିଜ୍ଞାନୀମାନେ କହିବା ଭଳି ଆଲୋକ ପ୍ରତି ସେକେଣ୍ଡରେ ପ୍ରାୟ ୧୮୬,୦୦୦ ମାଇଲ ଗତି କରେ– ତେବେ ଉଦାହରଣସ୍ୱରୂପ, ୧୨୫୦୦ ମାଇଲ ଦୂରରେ ଥିବା ଏକ ଦେଶ ସମ୍ପର୍କରେ ଆପଣଙ୍କ ଚିନ୍ତା

ସେଇଠି ବିଦ୍ୟୁତ୍‌ର ସ୍ଫୁରଣ ଭଳି ପହଞ୍ଚିବ । ଚିନ୍ତାର ଗତି ଗୂଢ଼ତାତ୍ତ୍ୱିକ ପଦାର୍ଥ ବିଜ୍ଞାନର ଜଟିଳ ପ୍ରଶ୍ନଗୁଡ଼ିକ ମଧ୍ୟରେ ଅନ୍ୟତମ ଯେଉଁଥିରେ ଆମେ ଏ ପର୍ଯ୍ୟନ୍ତ କେବଳ ଅନ୍ଧାରରେ ବାଡ଼େଇ ହେଉଛୁ । ଆମେ ସବୁବେଳେ ଚେଷ୍ଟା କରି ଲାଗିଛୁ ଗୂଢ଼ ବିଜ୍ଞାନ ସମ୍ପର୍କରେ ନୂଆ ତଥ୍ୟ ପାଇବା ଏବଂ ଭୁଲ୍ ଭାଲ୍ କରି କେତେକ ପରୀକ୍ଷା କରି ଲାଗିଛୁ, ଯେପରି କରୁଥିଲେ ପୁରାତନ ବିଜ୍ଞାନୀ (ଆଲ୍‌କେମିଷ୍ଟି) ଗଣ। ସେମାନଙ୍କର ଉଦ୍ୟମରୁ ହିଁ ଆରମ୍ଭ ହୋଇଥିଲା ରସାୟନ ବିଦ୍ୟା ଯାହା କ୍ରମଶଃ ଏକ ବିରାଟ ବିଜ୍ଞାନ ରୂପେ ହଜାର ହଜାର ତଥ୍ୟକୁ ନେଇ ବିକଶିତ ହୋଇଛି । ମୋର ବିଶ୍ୱାସ ଯେ ବର୍ତ୍ତମାନ ଅଳ୍ପ କେତେଜଣ ବ୍ୟକ୍ତି ଯେଉଁ ପ୍ରାଥମିକ ପରୀକ୍ଷା ଚଳାଇଛନ୍ତି, ସେଥିରୁ କେତେକ ବର୍ଷ ପରେ ବିକାଶ ଲାଭ କରିବ ଏକ ଗୂଢ଼ ବିଜ୍ଞାନ ଯାହା ପୃଥିବୀ ସକାଶେ ହେବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ସାଧାରଣତଃ ଆମର ଚିନ୍ତା ସବୁ ଯେତେ ଦ୍ରୁତ ଗତିରେ ଯିବା କଥା, ସେପରି ଯାଏ ନାହିଁ, କାରଣ ଆମେ ବାକ୍ୟ ଓ କାର୍ଯ୍ୟରୁ ବାଦ୍ ଦେଇ ସେଗୁଡ଼ିକୁ ଅଧିକ ପରିମାଣରେ ବ୍ୟବହାର କରିବାର ଅଭ୍ୟାସ କରି ନାହୁଁ । ଧ୍ୟାନର ଏକ ଫଳ ହେଉଛି ଯେ ଏହା ଆମକୁ ଶିକ୍ଷା ଦିଏ କିପରି ଏହି ଅନ୍ୟ ଦୁଇଟିରୁ ବାଦ୍ ଦେଇ ଚିନ୍ତାକୁ ବ୍ୟବହାର କରିହେବ । ସେଥିରେ ସଫଳତା ଲାଭ କଲେ ପ୍ରକୃତରେ ଅଦ୍ଭୁତ ଫଳ ମିଳିଥାଏ । ଡଃ ବେସାନ୍ତ ଏ ବିଷୟରେ ଅଧ୍ୟୟନ କରିଛନ୍ତି । ସେ କହିବାର ମୁଁ ଶୁଣିଛି ଯେ ସେ ଯେତେବେଳେ ସାଧାରଣ ସଭାରେ ଭାଷଣ ଦିଅନ୍ତି, ସେ ଗୋଟିଏ ବାକ୍ୟ କହୁଥିବାବେଳେ ପରବର୍ତ୍ତୀ ବାକ୍ୟଟି ତାଙ୍କର ଚିନ୍ତା ଆଗରେ ଦେଖାଦିଏ ତିନି ବା ଚାରି ପ୍ରକାର ଅଲଗା ଆକାରରେ ଏବଂ ପୂର୍ବ ବାକ୍ୟଟି କହିବାବେଳେ ସେ ଜାଣିଶୁଣି ସେହି ବାକ୍ୟଟି ବାଛି ନିଅନ୍ତି ଯାହା ସର୍ବାଧିକ ଫଳପ୍ରଦ ହେବ । ଖୁବ୍ କମ୍ ଲୋକ ତାହା କରିପାରିବେ ।

ଏହା ଏକ ଘଟଣା ଯେଉଁଥିରେ କାର୍ଯ୍ୟରୁ ସମ୍ପୂର୍ଣ୍ଣ ଅଲଗା କରି ଚିନ୍ତାକୁ ବ୍ୟବହାର କରାଯାଏ ଏବଂ ଏପରି ଦ୍ରୁତଗତିରେ ଯେ ତାହା କଳନା କରିହେବ ନାହିଁ । ଚିନ୍ତାକୁ ଚିନ୍ତା ରୂପେ ହିଁ ବ୍ୟବହାର କରିବାର ଅଭ୍ୟାସ ପାଇଁ ଚେଷ୍ଟା କରିବା ବେଶ୍ ଉପଯୋଗୀ କାର୍ଯ୍ୟ । କହିବା ବା କାର୍ଯ୍ୟ କରିବା ପୂର୍ବରୁ ଚିନ୍ତା କରିବାର ଚମତ୍କାର ଅଭ୍ୟାସ ଅନୁସରଣ କରି ଶିଷ୍ୟ ଜାଣିବେ ଯେ ଗୁରୁଦେବଙ୍କ ଜୀବନ ସହିତ ନିଜର ଜୀବନକୁ ସମତାଳରେ ରଖିବାରେ ଏହା ଯେ ଉପଯୋଗୀ, କେବଳ ତାହା ନୁହେଁ, ଦ୍ରୁତ ଚିନ୍ତା କରିବାରେ ମଧ୍ୟ ଏହା ଏକ ଉପଯୋଗୀ ପ୍ରଶିକ୍ଷଣ ।

**କେବେହେଲେ ଅନ୍ୟ ଉପରେ ଅସତ୍ ଉଦ୍ଦେଶ୍ୟ ଆରୋପ କର ନାହିଁ । କେବଳ ତାଙ୍କ ଗୁରୁଦେବ ତାଙ୍କର ଚିନ୍ତା ଜାଣନ୍ତି ଏବଂ**

**ସେ ହୁଏତ କେତେକ କାରଣରୁ କାର୍ଯ୍ୟ କରୁଛନ୍ତି, ଯେଉଁ କାରଣଗୁଡ଼ିକ କେବେହେଲେ ତୁମ ମନ ଭିତରେ ପ୍ରବେଶ କରିନାହିଁ ।**

**ଲେଡ୍‌ବିଟର୍–** ପ୍ରତ୍ୟେକ ବ୍ୟକ୍ତି ରହସ୍ୟମୟ- ଏପରିକି ତା'ର ନିକଟତମ ଏବଂ ପ୍ରିୟତମ ବ୍ୟକ୍ତିମାନଙ୍କ ଆଗରେ ମଧ୍ୟ । ଏବଂ ଯଦି ଦୀର୍ଘକାଳ ପରେ ସମୟେ ସମୟେ ଆପର ତା'ର କୌଣସି କାର୍ଯ୍ୟ କରିବାର କାରଣଗୁଡ଼ିକୁ ଜାଣିପାରନ୍ତି, ସେଗୁଡ଼ିକ ସାଧାରଣତଃ ବିସ୍ମୟଜନକ ମନେ ହୋଇଥାଏ । ସେଗୁଡ଼ିକ ଏଭଳି କେତେକ କଥା, ଯାହା ତା'ର ମନର ନିୟନ୍ତ୍ରଣକାରୀ ପ୍ରଭାବ ରୂପେ ରହି ଆସିଛି ବୋଲି ଆପଣ କେବେ ଭାବି ନ ଥିଲେ । ମୁଁ ତାହା ଦେଖିଛି, ଅନ୍ୟ ସ୍ଥାନ ତୁଳନାରେ ହୁଏତ ଏହା ଭାରତରେ ବହୁଗୁଣ ବେଶି, କାରଣ ଭାରତୀୟ ମନ ଆମର ମନଠାରୁ ବହୁ ପ୍ରକାରେ ବିଶେଷ ଭାବେ ଅଲଗା ଏବଂ ଆମର ଅଧିକାଂଶ ହିନ୍ଦୁ ଭାଇ ଏଭଳି କେତେକ ଚିନ୍ତା ଦ୍ୱାରା ଚାଳିତ ହୋଇ କାର୍ଯ୍ୟ କରନ୍ତି ଯାହା ଜଣେ ଇଂରେଜ ଲୋକ କେବେହେଲେ ଭାବି ନ ଥାଏ । ସେମାନଙ୍କ ମନ ହେଉଚି ଅନନ୍ତ ଗୁଣରେ ଅଧିକ ସୂକ୍ଷ୍ମ ଏବଂ ତା'ର କାର୍ଯ୍ୟକଳାପ କେତେକ ପରମ୍ପରା ଉପରେ ଆଧାରିତ ଯାହା ଆମର ଚିନ୍ତାଧାରା ଠାରୁ ସମ୍ପୂର୍ଣ୍ଣ ଅଲଗା । ସୁତରାଂ ଯଦି ଆମ ନିଜ ଦେଶରେ ମଧ୍ୟ କୌଣସି ପୁରୁଷ ବା ନାରୀ କିଛି କହିଲା ବା କଲା, ତାହା ପ୍ରତି ଏକ ଉଦ୍ଦେଶ୍ୟ ଆରୋପ କରିବା ଅସ୍ପୃହଣୀୟ । ତେବେ ଏକ ବିଦେଶରେ ଯେଉଁଠି ଆପଣ ଏକ ସମ୍ପୂର୍ଣ୍ଣ ଅଲଗା ସଭ୍ୟତା ସହ ସମ୍ପର୍କରେ ଆସନ୍ତି, ସେଇଠି ତାହା ବିଶେଷ ପରିମାଣରେ କମ୍ ନିରାପଦ ହେବ । ଆମେ ଉଦ୍ଦେଶ୍ୟ ଆରୋପ କରୁ ବୋଲି ହିଁ ଅତିଶୟ ଖରାପ ବୁଝାମଣା ହୋଇଥାଏ ଏବଂ ଆମେ ତାହା କରିବା ଅନୁଚିତ । କାହିଁକି ଏକ ନିର୍ଦ୍ଦିଷ୍ଟ ବିଷୟ କରାଗଲା ନାହିଁ, ତାହା ଜାଣିବା ଆମର କାମ ନୁହେଁ । ସେ ନେଇ ଚିନ୍ତା କରିବା ଆବଶ୍ୟକ ନାହିଁ ।

**ତୁମେ ଯଦି କାହା ବିରୋଧରେ କିଛି କଥା ଶୁଣ, ତାହାକୁ ଦୋହରାଅ ନାହିଁ । ତାହା ସତ ନ ହୋଇପାରେ ଏବଂ ଯଦି ବା ସତ ହୁଏ, କିଛି ନ କହିବା ଅଧିକ ସଦୟ କାର୍ଯ୍ୟ ହେବ ।**

**ଆନି ବେସାନ୍ତ–** ଯଦି ଏହା ଶୁଣିବା ପରେ ଆପଣ ଯିବେ ଏବଂ କୌଣସି ବ୍ୟକ୍ତି ବିରୋଧରେ କିଛି ଗଳ୍ପ କହି ବସିବେ, ତାହାହେଲେ ଆପଣ ଗୁରୁଦେବଙ୍କର ପ୍ରତ୍ୟକ୍ଷ ଆଦେଶ ଲଂଘନ କରୁଛନ୍ତି । କାରଣ ଏହା ଆପଣଙ୍କୁ କହି ଦିଆଯାଇଛି ଏବଂ ସେହି ହେତୁ ଆପଣଙ୍କ ପ୍ରତି ବ୍ୟକ୍ତିଗତ ଭାବେ ଏହା ଉଦ୍ଦିଷ୍ଟ । ଜିଭକୁ

ଲଗାମ ଦେବା ବେଶ୍ ସହଜ; ଚିନ୍ତାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପାରେ, କିନ୍ତୁ ନିଶ୍ଚିତ ଭାବେ ଆପଣ ତ ନିଜର ଶରୀରକୁ ନିୟନ୍ତ୍ରଣ କରିପାରିବେ ! ଆପଣ ଯେଉଁ ଗଳ୍ପ କହନ୍ତି, ତାହା ବିଶେଷ ଗୁରୁତ୍ୱପୂର୍ଣ୍ଣ ନ ହୋଇପାରେ– କିନ୍ତୁ ତାହା ଯଦି ଅସତ୍ୟ ହୋଇଥାଏ ଏବଂ ଆପଣ ତାକୁ ଦୋହରାନ୍ତି, ଆପଣ ମିଥ୍ୟା କହୁଛନ୍ତି ଏବଂ ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ ସେହିମାନଙ୍କ ସକାଶେ ଯେଉଁମାନେ ସୁପଥ ପାଇଁ ଚେଷ୍ଟା କରୁଛନ୍ତି । ଦୀକ୍ଷା ପାଇବା ସକାଶେ ନିଜକୁ ପ୍ରସ୍ତୁତ କରିବା ପାଇଁ । ମିଥ୍ୟା ବୋଲି କହିଲେ ଭାଷାଟା କଠୋର ଶୁଣାଯାଉଛି, କିନ୍ତୁ ତାହା ହିଁ ବାସ୍ତବତା ଏବଂ ଆମକୁ ବାସ୍ତବତାର ସମ୍ମୁଖୀନ ହେବାକୁ ପଡ଼ିବ ।

ସ୍ପଷ୍ଟତଃ ଆମେ ଏହି ପ୍ରକାର ଗଳ୍ପଗୁଡ଼ିକର ସତ୍ୟତା ସମ୍ବନ୍ଧରେ ଅନୁସନ୍ଧାନ କରିବାରେ ଆମର ଜୀବନ କଟାଇ ପାରିବୁ ନାହିଁ । ସୁତରାଂ ଏକମାତ୍ର ନିରାପଦ ପନ୍ଥା ହେଉଛି ସେଗୁଡ଼ିକୁ କେବେହେଲେ ନ ଦୋହରାଇବା । ଆମ ପ୍ରତି ଏବଂ ଆମର ଭବିଷ୍ୟତ ପ୍ରତି କ୍ଷତି କରିବା ପ୍ରଶ୍ନକୁ ସମ୍ପୂର୍ଣ୍ଣ ବାଦ୍ ଦେଇ, ଏପରିକି ଯଦି ବା ଧରି ନିଆଯାଏ ଯେ ଆପଣ ଜାଣନ୍ତି ସେହି ପ୍ରକାର ଗଳ୍ପ ସତ, ସେ ବିଷୟରେ କିଛି ନ କହିବା ହେବ ଅଧିକ ସଦୟତା । ଆପଣ କାହିଁକି କାହାର କ୍ଷତି କରିବାକୁ ଚାହିଁବେ ? ଆପଣ କାହିଁକି କୌଣସି କଥା ଦୋହରାଇବାକୁ ଚାହିଁବେ ଯାହା ଅନ୍ୟ ବିରୁଦ୍ଧରେ ଏକ ପ୍ରତିକୂଳ ଆଲୋକପାତ କରିବ ?

ଅବଶ୍ୟ ଯଦି ଆମେ ଘଟଣାକ୍ରମେ ଦେଖୁ ଯେ ଜଣେ ବ୍ୟକ୍ତି ଦୁଷ୍ଟ ସ୍ୱଭାବର ବା ଟଙ୍କା ଠକି ନିଏ ଏବଂ ତାକୁ ସନ୍ଦେହ କରୁ ନ ଥିବା କୌଣସି ଲୋକର କ୍ଷତି କରିବାକୁ ଚାହେଁ, ତେବେ ଆମର କର୍ତ୍ତବ୍ୟ ହେଉଛି ସେହି କଥା ପ୍ରକାଶ କରିଦେବା କିମ୍ବା ଅନନ୍ତଃ ଯେଉଁମାନେ ତାହା ଦ୍ୱାରା ବିପନ୍ନ ହେବାକୁ ଯାଉଛନ୍ତି, ସେମାନଙ୍କୁ ସାବଧାନ କରି ଦେବା । କିନ୍ତୁ ସାଧାରଣ ଚର୍ଚ୍ଚାର ସାମଗ୍ରୀ ଠାରୁ ତାହା ସମ୍ପୂର୍ଣ୍ଣ ଅଲଗା । ତାହା ଏକ କର୍ତ୍ତବ୍ୟ, ଯାହା ତିଳେହେଲେ ବୈରଭାବ ଏବଂ ବିରକ୍ତି ନଥାଇ ନିଶ୍ଚିତ ଭାବେ ଏବଂ ସର୍ବାଧିକ ଯତ୍ନ ସହିତ ଭାବି ବିଚାରି କରିବା ହିଁ ଉଚିତ ହେବ ।

**କହିବା ପୂର୍ବରୁ ଭଲ ଭାବେ ଚିନ୍ତା କର, ନ ହେଲେ ତୁମ କଥାରେ ସଠିକତା ରହିବ ନାହିଁ ।**

**ଲେଡ୍‌ବିଟର–** ଏହା ବହୁ ବର୍ଷ ଧରି ପ୍ରଚାର କରାଯାଇଛି, ତଥାପି ଲୋକେ ସଠିକତା ନ ଥିବା କଥା କହି ଚାଲିଛନ୍ତି । ଲୋକେ ସମୟେ ସମୟେ ଅତ୍ୟଧିକ ବଢ଼େଇ କରି କହିଥାନ୍ତି । ଯଦି କୌଣସି ଜିନିଷ ଶହେ ଗଜ ଦୂରରେ ଥାଏ, ସେମାନେ କହନ୍ତି 'ବହୁ ମାଇଲ ଦୂରରେ ।' ଯଦି କୌଣସି ଦିନ ସାଧାରଣ ଗରମ ଅପେକ୍ଷା ଅଧିକ

ହୁଏ ସେମାନେ କହନ୍ତି 'ଦେହ ସିଝି ଯାଉଛି ।' ଯଦି ଆମେ ଏହି ପ୍ରକାର ମିଥ୍ୟା, ନିରର୍ଥକ ଅନାବଶ୍ୟକତାରେ ମାଡ଼ିଯାଉ ଏବଂ ବିଭିନ୍ନ ଶ୍ରେଣୀର ଚିନ୍ତା ପ୍ରକାଶ କରିବାରେ ଶବ୍ଦ ପାଇବାରେ ଅସମର୍ଥ ହେଉ, ତେବେ ଭାଷା ଉପରେ ଆମର ଦଖଲ କମ୍ । ଏହା ହେଉଛି ଶିକ୍ଷା ତଥା ସଠିକ ଅଭିବ୍ୟକ୍ତିର ଅଭାବ ଏବଂ ଏହି ବିଷୟରେ ଆମେ ଅସାବଧାନ ହେବା ଉଚିତ ବୋଲି ମୁଁ ଭାବୁନାହିଁ । ଏହା ଜଣାଶୁଣା ଯେ ଖ୍ରୀଷ୍ଟ କହିଛନ୍ତି, ଲୋକେ ନିଜର ପ୍ରତ୍ୟେକ ଅବିଚାରିତ ଶବ୍ଦ ପାଇଁ ବିଚାର ଦିବସରେ ଅବଶ୍ୟ ହିସାବ ଦେବାକୁ ପଡ଼ିବ, ଏହି କଥାର ଅବଶ୍ୟ କିଛି ତାତ୍ପର୍ଯ୍ୟ ରହିଛି ।

> **କାର୍ଯ୍ୟରେ ସତ୍ୟ ଆଚରଣ କର । ତୁମେ ଯାହା, ତାହାଠାରୁ ଅଲଗା ବୋଲି କେବେ ଛଳନା କର ନାହିଁ । କାରଣ ସମସ୍ତ ଛଳନା ସତ୍ୟର ବିଶୁଦ୍ଧ ଆଲୋକର ପ୍ରତିବନ୍ଧକ, ଯେଉଁ ଆଲୋକ ତୁମରି ମଧ୍ୟ ଦେଇ ଦୀପ୍ତ ହୋଇ ଉଠିବ, ଯେପରି ସୂର୍ଯ୍ୟାଲୋକ ସ୍ୱଚ୍ଛ କାଚ ମଧ୍ୟ ଦେଇ ଦୀପ୍ତ ହୋଇ ଉଠେ ।**

**ଆନି ବେସାନ୍ତ–** କାର୍ଯ୍ୟରେ ସତ୍ୟାଚରଣ କରିବା ଅତିଶୟ କଷ୍ଟକର କଥା । ଏହାର ଅର୍ଥ ହେଉଛି ଯେ କେବେହେଲେ ଲୋକଙ୍କ ଆଗରେ କିଛି କରିବେ ନାହିଁ, ସେମାନଙ୍କୁ ନିଜ ସମ୍ପର୍କରେ ଏକ ଉଚ୍ଚ ଧାରଣ ଦେବାପାଇଁ ଏବଂ କେବେହେଲେ ନିଜେ ଏକାକୀ ଥିବାବେଳେ କିଛି କରିବେ ନାହିଁ, ଯେଉଁଥିପାଇଁ ଅନ୍ୟମାନଙ୍କ ଗହଣରେ ଆପଣ ଲଜ୍ଜିତ ହେବେ । କିନ୍ତୁ ସର୍ବଦା ସମ୍ପୂର୍ଣ୍ଣ ସାଧୁ ଭାବେ ରହିବାକୁ ହେବ । ଆପଣ ଯେପରି ଅଛନ୍ତି, ଲୋକେ ଆପଣଙ୍କୁ ସେପରି ଦେଖନ୍ତୁ ଏବଂ ଆପଣ ନିଜକୁ ଅନ୍ୟ ପ୍ରକାର ବୋଲି ଛଳନା କରନ୍ତୁ ନାହିଁ । ଅନ୍ୟମାନେ ଆମ ସମ୍ପର୍କରେ କ'ଣ ଭାବିଲେ ଆମକୁ ଭଲ ଲାଗିବ, ସେ ସମ୍ପର୍କରେ ଆମ ଭିତରୁ ଅଧିକାଂଶଙ୍କର ଏକ ଆଦର୍ଶ ରହିଛି । ଫଳରେ ଆମେ ଯେତେବେଳେ ଏକାକୀ ଥାଉ, ଆମେ ଅନେକ ଗୁଡ଼ିଏ ଛୋଟିଆ କାମ କରୁ, କିନ୍ତୁ ଅନ୍ୟମାନେ ଥିଲେ ଆମେ ସେଗୁଡ଼ିକୁ କରୁ ନାହିଁ, କାରଣ ସେଗୁଡ଼ିକ ଠିକ୍ ସେହି ପ୍ରକାର କାମ ନୁହେଁ, ଯାହା ଆମେ କରିବୁ ବୋଲି ଅନ୍ୟମାନେ ଆମଠାରୁ ଆଶା କରନ୍ତି ।

ଯେତେବେଳେ ଅନ୍ୟ କେହି ଅଛି ବୋଲି ଆପଣ କୌଣସି ଏକ କାମ କରିବାକୁ ନିଜକୁ ଅନିଚ୍ଛୁକ ବୋଲି ଭାବନ୍ତି, ସେହି ପ୍ରକାର ଭାବନା ବନ୍ଦ କରନ୍ତୁ । ଯଦି ତାହା ଠିକ୍ କାମ, ସେ ସମ୍ପର୍କରେ ଅନ୍ୟମାନଙ୍କର ମତ ବିଷୟରେ କେବେହେଲେ ଭାବନ୍ତୁ ନାହିଁ । ଯଦି ତାହା ଠିକ୍ କାମ ନୁହେଁ, କେବେହେଲେ ତାହା କରନ୍ତୁ ନାହିଁ । ମୁଁ ଏହି ପ୍ରକାର ଭାବନାକୁ ଭଲ ଭାବେ ଜାଣେ, କାରଣ

ମୋର ସେହି ପ୍ରକାର ଭାବନା ଆସୁଥିଲା । ମୁଁ ଭାବୁଥିଲି ଯେ ଲୋକଙ୍କ ଆଗରେ ମୋର ସେପରି ବ୍ୟବହାର କରିବା ଉଚିତ ଯେପରି ସେମାନେ ମୋ'ଠାରୁ ଆଶା କରନ୍ତି ଜଣେ ଲେଖିକା ବା ବକ୍ତା ଭାବରେ । ଅତୀତରେ ମୁଁ ବେଳେ ବେଳେ ଦେଖିଛି ଯେ ଏହି ପ୍ରକାର ଭାବନା ଆସିଥାଏ କେତେକ ବିଷୟରେ ଯାହା ଆଦୌ କ୍ଷତିକାରକ ନୁହେଁ । ଉଦାହରଣ ସ୍ୱରୂପ, ଜାହାଜରେ ଯିବାବେଳେ ମୋତେ ଆଦୌ ଭଲ ଲାଗେ ନାହିଁ । ସେଥିପାଇଁ ଏକ ସମୟରେ ମୁଁ ତାସ୍ ନେଇ 'ପେସେନ୍ସ' ଖେଳ ଖେଳିବାର ଅଭ୍ୟାସ କରିଥିଲି- ଯାହା ମୋ ବିଚାରରେ ସମୟ କଟାଇବାରେ ଆଦୌ କ୍ଷତିକାରକ ନୁହେଁ । ଦିନେ ମୋ ମୁଣ୍ଡକୁ ଢୁକିଲା, ମୁଁ ଏକ ରବିବାରରେ ଏହା ଖେଳୁଥିବା ଦେଖି ଯାତ୍ରୀମାନେ କ'ଣ ଭାବୁଥିବେ । ସେମାନେ ଜାଣନ୍ତି ଯେ ମୁଁ ଗୂଢ଼ତତ୍ତ୍ୱବାଦ୍ ସମ୍ପର୍କରେ ଶିକ୍ଷା ଦିଏ- ତାହା ସେମାନଙ୍କୁ କ'ଣ ଶଙ୍କିତ କରିନଥିବ ! ତା'ପରେ ମୁଁ ଭାବିଲି- ଲୋକେ ମୋତେ ଦେଖନ୍ତୁ ବା ନ ଦେଖନ୍ତୁ, ସେଥିରେ କିଛି ଯାଏ ଆସେ ନାହିଁ । ଯଦି ଏହା ଭୁଲ୍ କାମ, ତେବେ ଏହାକୁ ବନ୍ଦ କରିଦେବା ଉଚିତ; ଯଦି ଠିକ୍, ସେମାନଙ୍କର ମତାମତ ତାହାକୁ ବଦଳାଇ ଦେବନାହିଁ । ଶ୍ରୀମତୀ ବ୍ଲାଭାଟସ୍କି ଏ ଦିଗରେ ଥିଲେ ଉଲ୍ଲେଖନୀୟ । ସେ ସଦାବେଳେ ଯାହା ଚାହୁଁଥିଲେ, ତାହା କରୁଥିଲେ ଏବଂ ଲୋକେ ସେ ବିଷୟରେ କ'ଣ ଭାବୁଥିଲେ, ସେଥିପ୍ରତି ଖାତିର କରୁନଥିଲେ । ଯଦି ଲୋକେ ଭାବୁଥିଲେ ଯେ ତାଙ୍କର ବ୍ୟବହାର ସେମାନଙ୍କ ବିଚାରରେ ଏକ ଗୂଢ଼ତତ୍ତ୍ୱବିତ୍ ପକ୍ଷରେ ଯାହା ହେବା କଥା ତାହା ନ ଥିଲା, ସେଥିରେ କ'ଣ ଯାଏ ଆସେ ? ଯାହାହେଲେ ମଧ୍ୟ ସେମାନେ ଗୂଢ଼ତତ୍ତ୍ୱ ବିଷୟରେ କିଛି ଜାଣନ୍ତି ନାହିଁ ।

ଜଣେ ଗୂଢ଼ତତ୍ତ୍ୱବିତ୍ ମୁହଁକୁ ଗୁରୁଗମ୍ଭୀର କରି ଘୂରି ବୁଲନ୍ତି ନାହିଁ କିମ୍ବା ସବୁ କଥାକୁ ଅତିଶୟ ସମ୍ମାନଜନକ ଭାବେ କରିବା ପାଇଁ ଯତ୍ନ କରନ୍ତି ନାହିଁ, ଯଦିଓ ବହୁ ଲୋକେ ତାଙ୍କ ସମ୍ପର୍କରେ ଏହି ପ୍ରକାର ଧାରଣା କରିଥାନ୍ତି । ଏ ସମ୍ପର୍କରେ ଲୋକମତ ସମ୍ପୂର୍ଣ୍ଣ ଭୁଲ୍ । ଜଣେ ଗୂଢ଼ତତ୍ତ୍ୱବିତ୍ ସର୍ବାଧିକ ଭାବେ ସ୍ୱାଭାବିକ ହୋଇଥାନ୍ତି । ସୁତରାଂ ଆମଙ୍କୁ ସର୍ବଦା ସମ୍ପୂର୍ଣ୍ଣ ମୁକ୍ତ ଜୀବନ ଯାପନ କରିବାକୁ ହେବ । ତେବେ ଦେଖିବାକୁ ହେବ ଯେ ଆମେ ଆମର ଆଦର୍ଶର ତଳକୁ ଯେପରି ନଯାଉ । ଲୋକଙ୍କ ଆଗରେ କିପରି କାର୍ଯ୍ୟ କରିବାକୁ ହେବ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ଭାବିବା ଭଳି ଭୁଲ୍ କରିବା ଆମ ପକ୍ଷରେ ଅନୁଚିତ ହେବ । କିନ୍ତୁ ଲୋକଙ୍କ ଆଗରେ ଏବଂ ଏକାକୀ ଥିବାବେଳେ ଆମଙ୍କୁ ସମ ପରିମାଣରେ ଯତ୍ନବାନ୍ ଏବଂ ସାଧୁ ହୋଇ ରହିବାକୁ ହେବ ।

**ଲେଡ୍‌ବିଟର୍‌–** ଏହା ସମ୍ପୂର୍ଣ୍ଣ ଠିକ୍ କଥା ଯେ ଆମେ କେବେହେଲେ ଛଳନା କରିବା ନାହିଁ । ଯେ କୌଣସି ପ୍ରକାର ଛଳନାରେ ରହିଛି ଏକ ପ୍ରବଞ୍ଚନା ।

ତେବେ ତାହାକୁ ଏଡ଼ିବାକୁ ଚେଷ୍ଟା କରି ଆପଣ ଯେପରି ବିପରୀତ ଚରମ ଅବସ୍ଥାରେ ନ ପହଞ୍ଚନ୍ତି । ବେଳେବେଳେ ଲୋକେ କହନ୍ତି, "ମୁଁ ସ୍ୱାଭାବିକ ଭାବେ ଯାହା, ମୁଁ ତାହା ହିଁ ଦେଖାଇବାକୁ ଚାହେଁ ।" ତା'ପରେ ସେମାନେ ସେମାନଙ୍କର ସବୁଠାରୁ ନିକୃଷ୍ଟ, କୁତ୍ସିତ ଏବଂ ଅମାର୍ଜିତ ଗୁଣଗୁଡ଼ିକୁ ଦେଖାଇବାକୁ ଯାଆନ୍ତି । ତଦ୍ଦ୍ୱାରା ସେମାନେ ନିଜର ସ୍ୱାଭାବିକ ଗୁଣ ଦେଖାନ୍ତି ନାହିଁ, ବରଂ ସେ ଯାହା ହେବା ଉଚିତ, ତା'ର ଏକ ନିମ୍ନ ଧରଣର ନିକୃଷ୍ଟ ଅମାର୍ଜିତ ନକଲ ଦେଖାଇଥାନ୍ତି । ମଣିଷ ଭିତରେ ଯାହା ଉଚ୍ଚତମ, ଶ୍ରେଷ୍ଠ ଏବଂ ମହତ୍ତମ, ତାହା ହିଁ ପ୍ରକୃତ ଆତ୍ମାର ନିକଟତମ ।

ପବିତ୍ର ବୋଲି ଦେଖାଇ ହେବା ଅସତ୍ୟର ଏକ ରୂପ । ଯଦି ଆପଣ ଦେଖନ୍ତି ଯେ ଜଣେ ବ୍ୟକ୍ତି ନିଜକୁ ଏକ ଗୂଢ଼ତତ୍ତ୍ୱବିତ୍ ବୋଲି କହନ୍ତି ଏବଂ ନିଜର ମହତ୍ତ୍ୱ ଏବଂ ସହନଶୀଳତା ବିଷୟରେ ବହୁତ ଗୁଡ଼ାଏ କହି ଲାଗନ୍ତି, ନିଜର ମହାନ୍ ଶକ୍ତି ସମ୍ପର୍କରେ ସୂଚନା ଦିଅନ୍ତି ଏବଂ ସରଳ ବିଶ୍ୱାସୀ ଲୋକଙ୍କର ପ୍ରଶଂସା ଅର୍ଜନ କରିବାକୁ ଚେଷ୍ଟା କରନ୍ତି, (ଯେମିତି କରୁଥିଲେ ପ୍ରାଚୀନ କାଳର ମିଥ୍ୟାଚାରୀଗଣ), ତେବେ ଆପଣ ଜାଣିବେ ଯେ ସେମାନେ ପ୍ରକୃତ ଗୂଢ଼ତତ୍ତ୍ୱବିତ୍ ନୁହନ୍ତି । ସେହି ପ୍ରାଚୀନ ମିଥ୍ୟାଚାରୀଗଣ ଚର୍ଚ୍ଚରେ ଏବଂ ପଥପ୍ରାନ୍ତରେ ଠିଆ ହୋଇ ପ୍ରାର୍ଥନା କରିବାକୁ ଭଲ ପାଉଥିଲେ ଏବଂ ପୁରାତନ ଲେଖକ ଏବଂ ଫ୍ୟାରିସ୍‌ମାନଙ୍କ ଭଳି 'ପ୍ରତ୍ୟେକ ଛୋଟ କଥାରେ ଲମ୍ବା ଲମ୍ବା ପ୍ରାର୍ଥନା କରୁଥିଲେ ।' ପ୍ରକୃତ ଗୂଢ଼ତତ୍ତ୍ୱବିଦ୍ କେବେହେଲେ ନିଜକୁ ପବିତ୍ର ବୋଲି ଦେଖାଇ ହୁଅନ୍ତି ନାହିଁ, ଯଦିଓ ଯାହାଙ୍କୁ ସାଧାରଣତଃ 'ସ୍ୱାଭାବିକ' ମନୁଷ୍ୟ ବୋଲି କୁହାଯାଏ, ତାଙ୍କଠାରୁ ଅତି ଉଚ୍ଚ ସ୍ତରରେ ଜୀବନ ନିର୍ବାହ କରିବାକୁ ସେ ଦୃଢ଼ ସଂକଳ୍ପବଦ୍ଧ ।

ଲୋକେ ଅନେକ ସମୟରେ ଗୁରୁଦେବଙ୍କୁ ଚିହ୍ନିବାରେ ବିଫଳ ହୁଅନ୍ତି । କାରଣ ଗୁରୁଦେବ କିପରି ହେବା କଥା, ସେ ସମ୍ପର୍କରେ ସେମାନଙ୍କର ଏକ ଦୃଢ଼ ଧାରଣା ରହିଛି ଅଥଚ ହୁଏତ ପ୍ରକୃତ ଜୀବନ୍ତ ଗୁରୁଦେବ ସେଭଳି ଆଦୌ ନ ହୋଇ ପାରନ୍ତି । ସେ ସର୍ବଦା ଆମର ଭ୍ରାନ୍ତ ଧାରଣା ଏବଂ ଚିନ୍ତା ଅନୁଯାୟୀ ନିଜକୁ ବଦଳାନ୍ତି ନାହିଁ । ସେ ନିଜ ସ୍ତରରେ ଯାହା, ତାହା ହିଁ ରହନ୍ତି ଏବଂ ଆମେ ଯଦି ଆମର ଭ୍ରାନ୍ତ ଧାରଣା ଦ୍ୱାରା ଦୃଢ଼ଭାବେ ଆବଦ୍ଧ ହୋଇ ରହୁ, ତାହାହେଲେ ସେ ଦେଖାଦେଲେ ମଧ୍ୟ ଆମେ ତାଙ୍କୁ ଚିହ୍ନି ପାରିବା ନାହିଁ ।

■■■

## ପଞ୍ଚମ ଅଧ୍ୟାୟ

# ନିଃସ୍ୱାର୍ଥପରତା ଓ ଦିବ୍ୟ ଜୀବନ

**ସ୍ୱାର୍ଥପର ଓ ନିଃସ୍ୱାର୍ଥପର ମଧ୍ୟରେ ତୁମକୁ ବାଛିବାକୁ ହେବ । କାରଣ ସ୍ୱାର୍ଥପରତାର ବହୁ ରୂପ ରହିଛି ଏବଂ ତୁମେ ଯେତେବେଳେ ଭାବ ଯେ ଅବଶେଷରେ ତୁମେ ତାକୁ ଗୋଟିଏ ରୂପରେ ଧ୍ୱଂସ କରି ଦେଇଛ, ସେ ଆଉ ଏକ ରୂପରେ ଦେଖା ଦିଏ ଆଗପରି ସବଳ ଭାବରେ । କିନ୍ତୁ କ୍ରମଶଃ ତୁମେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଚିନ୍ତାରେ ଏପରି ପୂର୍ଣ୍ଣ ହୋଇପଡ଼ିବ ଯେ ନିଜ ସକାଶେ ଚିନ୍ତା ପାଇଁ କୌଣସି ସ୍ଥାନ, କୌଣସି ସମୟ ରହିବ ।**

**ଆନିବେସାନ୍ତ–** ମୋର ବିଶ୍ୱାସ ଗୁରୁଦେବ ଏଠାରେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥପର ହେବାର ଏକମାତ୍ର ପନ୍ଥା ବିଷୟରେ ବର୍ଣ୍ଣନା କରୁଛନ୍ତି । ନିଶ୍ଚିତ ଭାବେ, ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାର ସ୍ୱାର୍ଥପରତା ତ୍ୟାଗ କରିବା ସମ୍ଭବ, ଯଦି ତାକୁ ନିର୍ମୂଳ କରିବାରେ ଆମେ ଉଦ୍ୟମ ଖଟାଉ । କିନ୍ତୁ, ଗୁରୁ ଯେପରି କହିଛନ୍ତି, ଏହା ଅନ୍ୟ ଏକ ରୂପରେ ଦେଖା ଦିଏ । ଏହି ପ୍ରକାରେ କାର୍ଯ୍ୟ କଲେ, ଆପଣ ଦୀର୍ଘ ସମୟ ନେଇପାରନ୍ତି– ଗୋଟିଏ ପ୍ରକାର ସ୍ୱାର୍ଥପରତାକୁ ମାରି ଦେବା ପାଇଁ ଏବଂ ତା'ପରେ ହର୍କ୍ୟୁଲସ୍ ବହୁ ମୁଣ୍ଡିଆ ସାପକୁ ମାରିବା ଅବସ୍ଥାରେ ନିଜକୁ ପାଇ ପାରନ୍ତି । ଯେତେବେଳେ ହର୍କ୍ୟୁଲସ୍ ଗୋଟିଏ ମୁଣ୍ଡକୁ କାଟିଦେଲା, ଆଉ ଗୋଟିଏ ମୁଣ୍ଡ ଦେଖାଦେଲା । ତେବେ ଏଠାରେ ଯେଉଁ ପନ୍ଥା ଗ୍ରହଣ କରିବାକୁ କୁହାଯାଇଛି, ତଦ୍ୱାରା ବିଷୟଟିର ମୂଳକୁ ଆକ୍ରମଣ କରାଯିବ ।

ଏଇଠି ରହିଛି– ଭକ୍ତିର ଏକ ମୂଲ୍ୟବାନ ପରିଣତି; ମୋ ମତରେ ସର୍ବାଧିକ ମୂଲ୍ୟବାନ୍ ପରିଣତି । ଭକ୍ତି ଯାହା ପ୍ରତି ଉଦ୍ଦିଷ୍ଟ, ସେଇ ଅନ୍ୟ ବ୍ୟକ୍ତିର ଚିନ୍ତା ସମଗ୍ର ମନକୁ ଅଧିକାର କରେ ଏବଂ ମନୁଷ୍ୟ କୌଣସି ବିଶେଷ ଉଦ୍ୟମ ନ କରି

ନିଃସ୍ୱାର୍ଥପର ହୋଇପଡ଼େ । ତାହା ହିଁ ଅଭିବୃଦ୍ଧିର ଉପଯୁକ୍ତ ପନ୍ଥା– "ବିସ୍ଫାରିତ ହୁଅ– ଯେପରି ହୁଏ ପୁଷ୍ପ, ଅଜାଣତରେ, ସୂର୍ଯ୍ୟ ପ୍ରତି ନିଜର ହୃଦୟକୁ ଉନ୍ମୁକ୍ତ କରି ଦେଇ ।" ସମସ୍ତ ଉଦ୍ୟମ ହେଉଛି ଦୁର୍ବଳତାର ଚିହ୍ନ; ଯଦି ଆପଣ, ସତେ ଯେପରି, ନିଜେ ନିଜେ ଭଲ ହେବାର ଚତୁର ପନ୍ଥା ପାଇପାରନ୍ତି, ତାହାହେଲେ ଅତିଶୟ ସୁବିଧା ହେବ । ଆପଣ ନିଜର ଚିନ୍ତାଗୁଡ଼ିକ ଏଡ଼ାଇ ଯାନ୍ତୁ ଏବଂ ନିଜର ଶକ୍ତିକୁ ଏକ ଉତ୍ତମ ମାଧ୍ୟମ ଦେଇ ପ୍ରୟୋଗ କରନ୍ତୁ, ତାହାହେଲେ ସେହି ଅବାଞ୍ଛନୀୟ ଗୁଣ ଅନାହାରରେ ମରିଯିବ । ଏହା ହିଁ ହେଉଛି ନିଜର ତ୍ରୁଟିଗୁଡ଼ିକୁ ଅତିକ୍ରମ କରିବାର ଉତ୍କୃଷ୍ଟ ପନ୍ଥା । କାରଣ ସେଗୁଡ଼ିକ ବିଷୟରେ ଚିନ୍ତା କରି ବସିଲେ, ଶୋଚନା କଲେ ସେଗୁଡ଼ିକ ବଳବତ୍ତର ହୁଅନ୍ତି ।

ଅନ୍ୟମାନଙ୍କ ପାଇଁ ଚିନ୍ତାରେ ନିଜକୁ ପୂର୍ଣ୍ଣ କରନ୍ତୁ । ତାହାହେଲେ, ଗୁରୁଦେବ କହିବା ଭଳି, ନିଜ ବିଷୟରେ ଚିନ୍ତା କରିବା ପାଇଁ ସ୍ଥାନ ରହିବ ନାହିଁ କି ସମୟ ରହିବ ନାହିଁ । ସେତେବେଳେ ମଧ୍ୟ ଆପର ସୁଖୀ ହେବେ । ମୁଁ ଦେଖିଛି ଯେ ଏହା ମୋ କ୍ଷେତ୍ରରେ ସତ୍ୟ ହୋଇଛି । ଯଦି କେବେ ମୁଁ ନିଜେ ଦୁଃଖିତ ହେବାକୁ ଇଚ୍ଛା କରିଛି, ମୋତେ ବ୍ୟକ୍ତିଗତ ଭାବେ ପ୍ରଭାବିତ କରିଥିବା କୌଣସି ବିଷୟରେ ଟିକେ ହେଲେ ଦୁଃଖ ଅନୁଭବ କରିଛି (ମୁଁ ଭାବୁନାହିଁ ଯେ ମୁଁ ବର୍ତ୍ତମାନ ସେପରି କେବେ ଭାବୁଛି, କିନ୍ତୁ ଏକଦା ମୁଁ ସେପରି ଭାବୁଥିଲି), ସେତେବେଳେ ସଙ୍ଗେ ସଙ୍ଗେ ମୁଁ ଅନ୍ୟମାନଙ୍କ ଚିନ୍ତାରେ ଏବଂ ସେମାନଙ୍କ ପାଇଁ କାର୍ଯ୍ୟ କରିବାକୁ ସାହାଯ୍ୟ କରିବା ଚିନ୍ତାରେ ମେର ମନକୁ ପୂର୍ଣ୍ଣ କରିଦେଇଛି । ନିଜକୁ ପ୍ରଭାବିତ କରୁଥିବା ବିଷୟଗୁଡ଼ିକ ନେଇ ଦୁଃଖ କରିବା ହେଉଛି ସ୍ୱାର୍ଥପରତା ଏବଂ ତାହା କେବଳ ନିଜକୁ ଦୁଃଖୀ କରିଥାଏ । ତଥାପି ବହୁ ଲୋକେ ତାହା କରିଥାନ୍ତି । ସେମାନେ ବସିପଡ଼ି କହନ୍ତି, "ଓଃ, କି ଦୁଃଖର କଥା । କି କଷ୍ଟକର କଥା । ଏହା ମୋତେ ଭାରି କଷ୍ଟ ଲାଗୁଛି । ସେହି ବ୍ୟକ୍ତି ମୋତେ ଖାତିର କରୁନାହିଁ, ମୋର ଯତ୍ନ ନେଉ ନାହିଁ, ମୋତେ ସ୍ନେହ କରୁନାହିଁ", ଏହିପରି ଅନିର୍ଦ୍ଦିଷ୍ଟ ଭାବେ ସେମାନେ କହି ଚାଲିଥାନ୍ତି ।

## ଦୁଃଖର ପ୍ରତିକାର

ସେ ସମସ୍ତ ହେଉଛି ସ୍ୱାର୍ଥପରତା । ଆପଣଙ୍କର ନିଜର ଦୁଃଖ ଏବଂ ସ୍ୱାର୍ଥପରତା– ଉଭୟର ପ୍ରତିକାର ହେଉଛି– ସଙ୍ଗେ ସଙ୍ଗେ ଯାଇ ଅନ୍ୟ କାହାପାଇଁ କିଛି କାମ କରିବା । ଯାଆନ୍ତୁ ଏବଂ କାମ କରନ୍ତୁ । ଆପଣଙ୍କ ମନ ଏକା ସାଙ୍ଗରେ ଦୁଇଟି ବିଷୟ ନେଇ ପୂର୍ଣ୍ଣ ହୋଇପାରିବ ନାହିଁ ଏବଂ ଯେଉଁ ମୁହୂର୍ତ୍ତରେ ଆପଣ ନିଜ ବିଷୟରେ ଚିନ୍ତା କରିବା ବନ୍ଦ କରିଦେବେ, ସେହି ମୁହୂର୍ତ୍ତରେ ଆପଣ ସୁଖୀ

ହେବାକୁ ଆରମ୍ଭ କରିବେ । ଯେତେବେଳେ ଆପଣ କହିପାରିବେ, "ମୋ ଚାରି ପାଖରେ ଥିବା କୌଣସି ଲୋକଙ୍କଠାରୁ ମୁଁ କିଛି ଚାହେଁ ନାହିଁ । ମୁଁ ସେମାନଙ୍କୁ ସ୍ନେହ କରେ ଏବଂ ତାହା ବଦଳରେ କିଛି ଆବଶ୍ୟକ କରେ ନାହିଁ", ସେତେବେଳେ ଆପଣ ସୁଖୀ ହେବେ । ଲୋକେ ସାଧାରଣତଃ ଯାହାକୁ କହନ୍ତି ପ୍ରେମ, ତାହା ହେଉଛି ଭିତରେ ଟିକିଏ ପ୍ରେମ ଏବଂ ବାହାରେ ଏକ ସ୍ୱାର୍ଥପରତାର ଆବରଣ ! ଯେଉଁ ମୁହୂର୍ତ୍ତରେ ପ୍ରେମ ଜରିଆରେ କଷ୍ଟ ହୁଏ, ସେତେବେଳେ ବୁଝିବାକୁ ହେବ ଯେ ସେଥିରେ ମଧ୍ୟ ରହିଛି ସ୍ୱାର୍ଥପରତା ।

ମୁଁ ଜାଣେ, ଯେଉଁମାନେ ପ୍ରତିପୂର୍ଣ୍ଣ ଏବଂ ସ୍ନେହୀ, ସେମାନଙ୍କ ସକାଶେ ଏହା ହେଉଛି ଏକ କଠୋର ଶିକ୍ଷା । କିନ୍ତୁ ଏହା ଶିଖିବାକୁ ହେବ ଏବଂ ଶିଖିବା ପରେ ଏହା ଆଣିବ ସୁଖ ଓ ଶାନ୍ତି । ମୁଁ ମୋ ଅନୁଭୂତିରୁ ଆପଣମାନଙ୍କୁ କହୁଛି । ସମସ୍ତଙ୍କୁ ସ୍ନେହ କରିବାକୁ ଶିଖନ୍ତୁ, କୌଣସି ପ୍ରତ୍ୟାଶା ନ ରଖି । ଯେତେବେଳେ ଆପଣ ତାହା କରିବେ, ଆପଣ ଦେଖିବେ ବହୁ ଲୋକେ ଆପଣଙ୍କୁ ସ୍ନେହ କରୁଛନ୍ତି । କିନ୍ତୁ ଯେପର୍ଯ୍ୟନ୍ତ ଆପଣ କିଛି ଫାଇଦା ଉଠାଇବାରେ ଅଛନ୍ତି, ସେମାନଙ୍କର ସ୍ୱାଭାବିକ ପ୍ରବୃତ୍ତି ହେବ ଓହରି ଯିବାକୁ । ଏହା ଏକ କଠୋର ଶିକ୍ଷା । କିନ୍ତୁ ଥରେ ଏହା ଶିଖିବା ପରେ ଆସେ ଶାନ୍ତି, ଯାହାକୁ କୌଣସି ବିଷୟ ଦୋହଲାଇ ପାରିବ ନାହିଁ; ଏପରିକି ଯେତେବେଳେ ଆପଣ ଯାହାକୁ ଆନ୍ତରିକ ପ୍ରେମ କରନ୍ତି, ସେ ଆପାତତଃ ଆପଣଙ୍କର ବିରୋଧରେ ଗଲେ ମଧ୍ୟ, କ'ଣ ସେଥିରେ ଯାଏ ଆସେ ? ଆପଣ ଜାଣନ୍ତି ସେ ଦିନେ ନା ଦିନେ ପୁଣି ଫେରି ଆସିବେ ଏବଂ ଇତି ମଧ୍ୟରେ ଆପଣ ତାଙ୍କ ପ୍ରତି ଆଗ ପରି ପ୍ରେମ ଢାଳି ଲାଗିଥିବେ । ଆପଣ ଯଦି ଦୁଃଖ ପାଆନ୍ତି, ସେ ବିଷୟରେ ମୁଣ୍ଡ ନ ଘୂରାଇବା ପାଇଁ ସ୍ଥିର କରି ନିଅନ୍ତୁ । ନିଜକୁ ନିଜେ କହନ୍ତୁ, "ମୋର ନିମ୍ନତର ପ୍ରକୃତି ଯେତେ କଷ୍ଟ ପାଇଲେ ମଧ୍ୟ ମୁଁ ଚିନ୍ତିତ ହେବି ନାହିଁ ।" ଆମେ, ଅର୍ଥାତ୍ ଆମର ନିମ୍ନତର ଆତ୍ମା ଏମିତି କ'ଣ ଯେ ଆମେ ଦୁଃଖ ପାଉଛୁ ବୋଲି ଚିନ୍ତା କରିବୁ, କିମ୍ବା ଆମକୁ ସ୍ନେହ କରାଯାଉ ବୋଲି ଦାବୀ କରିବୁ । ନିଜର ଦୁଃଖ ପ୍ରତି ଏହି ପ୍ରକାର ମନୋଭାବ ଗ୍ରହଣ କଲେ, ଆପଣ ତାକୁ ଜିଣି ପାରିବେ ।

**ଅନୁଶୋଚନା ଅନାବଶ୍ୟକ**

ଲେଡ୍‌ବିଟର– ଗୋଟିଏ ଦୋଷ ବିଷୟରେ ବିଚାର କରି ବସିଲେ ତାହା ବଳବତ୍ତର ହୁଏ । ଖ୍ରୀଷ୍ଟିଆନ୍ ସଂଗଠନରେ ଅନେକ ସମୟରେ ସେହି ଭୁଲ୍ କରାଯାଇଥାଏ । ସେଥିରେ ନିଜର ଭୁଲ୍ ପାଇଁ ଲୋକଙ୍କୁ ଅନୁତାପ କରିବାକୁ କୁହାଯାଏ ଏବଂ ସେଥିପାଇଁ ଦୁଃଖ କରିବାକୁ କୁହାଯାଏ । ମଣିଷ ଯେତିକି ଦୁଃଖ

ଅନୁଭବ କରିବ, ଯେତିକି ନିଜର ଦୋଷ ନେଇ ମନ ଭିତରେ ଘାଣ୍ଟି ହେବ, ସେତିକି ତାହା ବଳବତ୍ତର ହୋଇ ଲାଗିବ । କିନ୍ତୁ ଯଦି ଜଣେ ଆଗେଇ ଯାଇ ଅନ୍ୟ କାହା ସକାଶେ କିଛି କାର୍ଯ୍ୟ କରିବ, ସେହି ଚିନ୍ତା-ରୂପ ବଳବତ୍ତର ହେବନାହିଁ । ତାହା ସ୍ୱାଭାବିକ ରୂପେ ମିରିଯିବ, ଖସିପଡ଼ିବ ଏବଂ ଭୁଲି ହୋଇଯିବ । ବିଷଣ୍ଣ ଆତ୍ମ-ନିରୀକ୍ଷଣ ଛୋଟଛୋଟ ଦୋଷ ତ୍ରୁଟିକୁ ବିରାଟ ପାପ ଆକାରରେ ଦେଖାଇଥାଏ । ଏହା ମନେପକାଇ ଦିଏ କେତେକ ଛୋଟ ପିଲାଙ୍କ କଥା, ଯେଉଁମାନେ ସେମାନଙ୍କର ଚାରା ଗଛଗୁଡ଼ିକର ଚେରକୁ ବାରମ୍ବାର ଉପାଡ଼ି ଦେଖୁଥିଲେ ତାହା କେତେ ବଢ଼ିଲାଣି । ସେହିପରି, ଜଣେ ଲୋକ ଆଗ୍ରହ କରି ଏକ ଭଲ ଏବଂ ମହତ୍ କାମ ହାତକୁ ନିଏ, ଏବଂ ପରେ ନିଜକୁ ସନ୍ଦେହ କରିବାକୁ ଆରମ୍ଭ କରେ ଏବଂ କହେ, "ମୁଁ ନିଶ୍ଚିତ ନୁହେଁ ଯେ ମୋର ଉଦ୍ଦେଶ୍ୟ ସତ୍ । ମୁଁ ନିଶ୍ଚୟ ଏହା କରିଥିବି କାରଣ ମୋର ମନ ଭିତରେ ଥିଲା ଗର୍ବ" କିମ୍ବା, ଯଦି ସେ କାହାର ଦୁଃଖ୍ ଦୂର କରିଥାନ୍ତି, ଭାବନ୍ତି, "ଏହା ପ୍ରକୃତରେ ନିଃସ୍ୱାର୍ଥପର କାମ ନଥିଲା । ମୁଁ ଯନ୍ତ୍ରଣା ଦେଖି ସାରିପାରିଲି ନାହିଁ ଏବଂ ସେଥିପାଇଁ ତାହା ଦୂର କଲି ।" ଚର୍ଚ୍ଚ ଅଫ୍ ଇଂଲାଣ୍ଡରେ ସେମାନେ କହନ୍ତି, "ଈଶ୍ୱର, ଆମେ ଯେତେ ସବୁ ଦୁଃଖୀ ପାପୀ; ଆମ ପ୍ରତି ଦୟା କରନ୍ତୁ ।" ଆମେ ପାପୀ ହୋଇପାରୁ, କିନ୍ତୁ ସେଥିପାଇଁ ଦୁଃଖିତ ହୋଇ ଅପରାଧ ବଢ଼ାଇବା ଏବଂ ଅନ୍ୟମାନଙ୍କୁ ଦୁଃଖିତ କରାଇବାର ଆବଶ୍ୟକତା ନାହିଁ ।

ଅତୀତ ପାଇଁ କେବେହେଲେ ଅନୁଶୋଚନା କରନ୍ତୁ ନାହିଁ । ବରଂ ଭବିଷ୍ୟତରେ ଅଧିକ ଭଲ କରିବା ପାଇଁ ଏବେଠାରୁ କାର୍ଯ୍ୟ ଆରମ୍ଭ କରନ୍ତୁ । ଏମିତି ବା ସେମିତି କରିଥିଲେ ଭଲ ହୋଇଥାନ୍ତା ବୋଲି ଭାବିବାରେ କିଛି ଲାଭ ନାହିଁ, ବରଂ ଏପରି କହିବା ଭଲ ହେବ, "ମୁଁ ସେଇଆ କରିଛି, ଦୁଃଖର କଥା । ତାହା ଆଉ ଭାବିବି ନାହିଁ । ବର୍ତ୍ତମାନର ଅବସ୍ଥା ହେଉଛି ଏଇଆ ଏବଂ ମୋର ଦେଖିବା କଥା- ଏଥିରେ ସର୍ବୋତ୍ତମ କ'ଣ କରାଯାଇପାରେ ।" ମୁଁ କହୁନାହିଁ ଯେ କୌଣସି ଏକ ଉନ୍ନତ ସ୍ତରରେ ଅତୀତକୁ ବଦଳାଇବା ସମ୍ଭବ ହେବନାହିଁ । କିନ୍ତୁ ତାହା ବିଚାରକୁ ନେବା ଆମ ପକ୍ଷରେ ନିଶ୍ଚିତ ଭାବେ କାର୍ଯ୍ୟୋପଯୋଗୀ ନୁହେଁ ।

ଭଗବାନ ବୁଦ୍ଧ କହିଥିବା ମହାନ୍ ଅଷ୍ଟାଙ୍ଗ ମାର୍ଗରେ ଶେଷପୂର୍ବ ସୋପାନ ହେଉଛି ସତ୍ ସ୍ମରଣ ! ସେ ତାଙ୍କର ଶିଷ୍ୟମାନଙ୍କୁ କହିଛନ୍ତି, "କେଉଁ କଥା ମନେ ପକାଇବାକୁ ନିଜକୁ ସୁବିଧା ଦେବ, ସେ ବିଷୟରେ ତୁମେ ବିଶେଷ ସାବଧାନ ହେବା ଉଚିତ । ଯଦି ତୁମେ କହ ଯେ ତୁମେ ସବୁ ବିଷୟ ମନେ ନ ପକାଇ ରହିପାରୁ ନାହିଁ, ତାହାହେଲେ ତୁମର ନିୟନ୍ତ୍ରଣ ନାହିଁ ତୁମର ସ୍ମୃତି ଉପରେ, ତୁମର

ମନ ଉପରେ, ଯାହା ତୁମର ଏକ ଅଂଶ । ଯେପରି ତୁମେ ରାସ୍ତାରେ ଯିବାବେଳେ ତୁମ ସାମନାରେ ଯେତେକ ଆବର୍ଜନା ଆସିଲା, ସେଗୁଡ଼ିକୁ ଏକାଠି କରି ବୋହି ଚାଲିଛ, ସେହିପରି ସବୁ ପ୍ରକାର ଅନୁପଯୋଗୀ ଏବଂ ଅବାଞ୍ଛନୀୟ ବିଷୟଗୁଡ଼ିକୁ ସାଉଁଟି ଆଣି ତୁମେ ପୂରାଉଛ ତୁମର ସ୍ମୃତି ଭିତରେ । ସତ୍ ବିଷୟଗୁଡ଼ିକୁ ତୁମେ ମନେ ରଖିବା ଉଚିତ ଏବଂ, ଅନ୍ୟ ବିଷୟଗୁଡ଼ିକୁ ଭୁଲିଯିବା ପାଇଁ ବିଶେଷ ଭାବେ ଯତ୍ନବାନ୍ ହେବା ଉଚିତ ।" ତା'ପରେ ସେ ଗୋଟିଗୋଟି କରି ବିଶଦ ଭାବେ ଏବଂ ନିର୍ଦ୍ଦିଷ୍ଟ ଭାବେ ସେହି ବିଷୟଗୁଡ଼ିକ କହିଛନ୍ତି, ଯାହା ଲୋକେ ଭୁଲିଯିବା ଉଚିତ । ସେଗୁଡ଼ିକ ଭିତରେ ସେମାନଙ୍କ ବିରୁଦ୍ଧରେ କୁହାଯାଇଥିବା ସମସ୍ତ ନିଷ୍ଠୁର ଶବ୍ଦ ଏବଂ ଯାହାକିଛି ସେମାନେ ଭାବୁଛନ୍ତି ତାଚ୍ଛଲ୍ୟ ସହ କୁହାଯାଇଛି ବା ସେମାନଙ୍କୁ ଆଘାତ କରିବା ପାଇଁ କୁହାଯାଇଛି ତାହା ଅନ୍ତର୍ଭୁକ୍ତ । ଏଗୁଡ଼ିକ ସେହି ସମସ୍ତ ବିଷୟର ଅନ୍ତର୍ଭୁକ୍ତ ଯାହାକୁ ସେମାନେ ସବୁକାଳ ପାଇଁ ଏବଂ ସମ୍ପୂର୍ଣ୍ଣ ରୂପେ ଭୁଲିଯିବା ଉଚିତ । ଅନ୍ୟ ପକ୍ଷରେ, ଯେଉଁସବୁ ବିଷୟ ମନେ ରଖିବା ଉଚିତ, ସେଗୁଡ଼ିକ ଭିତରେ ରହିଛି ସମସ୍ତ ସଦୟ ଭାଷା ଯାହା କୌଣସି ସମୟରେ ମଧ୍ୟ ଜଣକୁ କୁହାଯାଇଛି, ସମସ୍ତ ସଦୟ କାର୍ଯ୍ୟ, ଏବଂ ନିଜର ପ୍ରତିବେଶୀ ମଧ୍ୟରେ କେବେହେଲେ ଲକ୍ଷ୍ୟ କରିଥିବା ସମସ୍ତ ଉତ୍ତମ ଗୁଣ ।

**ସମସ୍ତ ପ୍ରତି ସକ୍ରିୟ ସଦ୍‌ଭାବ**

ଆମେ ଯେଉଁମାନଙ୍କ ସଂସ୍ପର୍ଶରେ ଆସୁ, ସେ ସମସ୍ତଙ୍କୁ ଭଲ ପାଇବାକୁ ଶିକ୍ଷା କରିବା ଉଚିତ । ମୁଁ କହୁନାହିଁ, ସମସ୍ତଙ୍କୁ ସମାନ ଭାବରେ ଭଲ ପାଇବା, ତାହା ଆଶା କରାଯାଉନାହିଁ । ନିଜେ ଭଗବାନ ବୁଦ୍ଧଙ୍କର ନିଜର ପ୍ରିୟ ଶିଷ୍ୟ ଥିଲେ ଆନନ୍ଦ ଯାହାଙ୍କୁ ସେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଭଲ ପାଉଥିଲେ ଏବଂ ଖ୍ରୀଷ୍ଟଙ୍କର ପ୍ରିୟ ଶିଷ୍ୟ ଥିଲେ, ଏସ୍. ଜନ୍ ଯେ ଶେଷ ନୈଶ ଭୋଜିରେ ତାଙ୍କର ଛାତି ଉପରେ ଆଉଜି ପଡ଼ିଥିଲେ । ଆମଠାରୁ ଆଶା କରାଯାଉନାହିଁ ସମସ୍ତଙ୍କୁ ସମାନ ଭାବେ ଭଲ ପାଇବାକୁ- ବାପା ବା ମା', ସ୍ତ୍ରୀ ବା ପିଲାଙ୍କୁ ଯେଉଁ ପ୍ରକାର ଭଲ ପାଉ, ସେହି ପ୍ରକାର ସମସ୍ତଙ୍କୁ ଭଲ ପାଇବାକୁ । କିନ୍ତୁ ସମସ୍ତଙ୍କ ପ୍ରତି ସକ୍ରିୟ ସଦ୍‌ଭାବ ଏବଂ ପ୍ରେମଭାବ ରଖିବାକୁ ହେବ ଏବଂ କାହାପ୍ରତି ଘୃଣା ଭାବ ନ ରଖିବାକୁ କୁହାଯାଇଛି । ଆମକୁ ପ୍ରତିବଦଳରେ କିଛି ପାଇବାର ମନୋଭାବ ପରିତ୍ୟାଗ କରିବାକୁ ହେବ । ଯେଉଁ ମୁହୂର୍ତ୍ତରେ ଜଣେ କିଛି ଦାବୀ କରିବାକୁ ଆରମ୍ଭ କରେ, ସେ ତା'ର ଅଧିକାର କଥା ଉଠାଏ । ସେ ପୁଣି ନେଇ

ଆସେ ତା'ର କାମନା ବିଷୟ । ପୁଣି ନିଜ କଥା ଭାବି ଲାଗେ, ଯେଉଁମାନଙ୍କୁ ଭଲ ପାଏ ସେମାନଙ୍କ କଥା ନୁହେଁ । କୌଣସି ପ୍ରତ୍ୟାଶା ନ ରଖି ପ୍ରେମ ଢାଳି ଦେବା ହିଁ ଏକମାତ୍ର ମନୋଭାବ ଯାହା ପ୍ରେମ ପଦବାଚ୍ୟ । ସେହି ନିଃସ୍ୱାର୍ଥପରତା ନଥିଲେ ଲୋକେ ଈର୍ଷା, ପରଶ୍ରୀକାତରତା ଏବଂ ଅନ୍ୟାନ୍ୟ କାମନାରେ ଜଡ଼ିତ ହୋଇଯାନ୍ତି । ସେମାନଙ୍କର ପ୍ରେମଭାବ ଶୁଦ୍ଧ ଉଜ୍ଜ୍ୱଳ ଗୋଲାପୀ ରଙ୍ଗ ଦେଖାଇବା ବଦଳରେ ଏକ ପ୍ରକାର ବାଦାମୀ-ଲାଲ ରଙ୍ଗର ହୋଇଯାଏ, ଯାହା ଦେଖାଯାଏ ନିଷ୍ପ୍ରଭ ଏବଂ ଆକାରରେ ମଧ୍ୟ ଅପ୍ରୀତିକର । କାରଣ ସୂର୍ଯ୍ୟାଲୋକ ଭଳି ତାହା ବାହାରକୁ କିରଣ ପ୍ରସାରିତ ନକରି, ଆଙ୍କୁଡ଼ି ପରି ଏବଂ ଜାବୁଡ଼ିବା ଭଳି ହୁଏ ଏବଂ ବଙ୍କା ହୋଇ ବୁଜି ହୋଇ ଆସେ । ତଦ୍ଦ୍ୱାରା ତାହା ଅନେକ ସମୟରେ ପ୍ରେରକ ବ୍ୟତୀତ ଅନ୍ୟ କାହାକୁ ପ୍ରଭାବିତ କରେ ନାହିଁ ।

ନିଖିଳ ବିଶ୍ୱ ପରିଚାଳିତ ହୋଇଥାଏ ଦିବ୍ୟ ନିଃସ୍ୱାର୍ଥପର ପ୍ରେମ ଦ୍ୱାରା । ଏହି ପ୍ରେମ ବିରାଟ ଖୋଲା ଆକାରରେ ଛୁଟି ଆସେ ଏବଂ ଅଣେଇ ହୋଇ ଅଜାଡ଼ି ହୋଇଯାଏ ଏବଂ କେବେହେଲେ ଫେରେ ନାହିଁ, ଫେରିବାକୁ ଚାହେଁ ନାହିଁ । ଏହା ଅନ୍ୟ ଆୟତନରେ ଏବଂ ଅନ୍ୟ ସ୍ତରରେ ଢାଳି ହୋଇଯାଏ ଈଶ୍ୱରଙ୍କ କାର୍ଯ୍ୟ କରିବାକୁ ଏବଂ ଈଶ୍ୱରଙ୍କ ପନ୍ଥା ଅନୁଯାୟୀ । ଏହି ଶିକ୍ଷା ଲାଭ କରିବାକୁ ହେବ । ଏହା କଠୋର ଶିକ୍ଷା । କାରଣ ଏହାଦ୍ୱାରା ନିମ୍ନତର ପ୍ରକୃତିର ଧ୍ୱଂସ ହୁଏ । କିନ୍ତୁ ଏହା ହିଁ ଶାନ୍ତିଲାଭର ପନ୍ଥା ।

**ସମସ୍ତଙ୍କ ଭିତରେ ଈଶ୍ୱର**

> **ତୁମକୁ ଆଉ ଏକ ପନ୍ଥାରେ ମଧ୍ୟ ବିବେଚନା କରିବାକୁ ପଡ଼ିବ । ପ୍ରତ୍ୟେକ ବ୍ୟକ୍ତି ଏବଂ ଜିନିଷ ମଧ୍ୟରେ ଈଶ୍ୱରଙ୍କୁ ଅଲଗା କରି ଦେଖିବାକୁ ଶିଖ, ସେହି ବ୍ୟକ୍ତି ବା ଜିନିଷ ବାହାରକୁ ଯେତେ ଖରାପ ଦେଖାଯାଉ ନା କାହିଁକି । ତୁମେ ତୁମର ଭାଇଙ୍କୁ ସାହାଯ୍ୟ କରିପାରିବ ତାହାରି ଜରିଆରେ ଯାହା ତୁମ ଦୁହିଁଙ୍କ ଭିତରେ ଏକ ଏବଂ ତାହା ହିଁ ହେଉଛି ଦିବ୍ୟ ଜୀବନ । ତାହା ଭିତରେ ସେହି ଜୀବନକୁ କିପରି ଜାଗ୍ରତ କରିବାକୁ ହେବ, ତାହା ଶିଖ । ତାହା ଭିତରେ ସେହି ଜୀବନକୁ କିପରି ନିବେଦନ କରିବାକୁ ହେବ, ତାହା ଶିଖ । ସେହି ଉପାୟରେ ତୁମେ ତୁମର ଭାଇଙ୍କୁ ଭୁଲ୍ କାର୍ଯ୍ୟରୁ ରକ୍ଷା କରିପାରିବ ।**

**ଆନିବେସାନ୍ତ-** ସତ୍ ଏବଂ ଅସତ୍ ମଧ୍ୟରେ ବାଛିବା ସକାଶେ ଏହା ହିଁ ଅନ୍ତିମ ଶିକ୍ଷା । କୌଣସି ବସ୍ତୁ ବାହାରକୁ ଯେତେ ଖରାପ ହେଲେ ମଧ୍ୟ ତାହାରି ମଧ୍ୟରେ ରହିଛନ୍ତି ଭଗବାନ । କାରଣ ଯଦି ବସ୍ତୁଟିର ଅନ୍ତଃସ୍ତରରେ ଭଗବାନ ନଥାନ୍ତେ, ଏହା କେବେହେଲେ ତିଷ୍ଠି ପାରନ୍ତା ନାହିଁ । ହିନ୍ଦୁ ଧର୍ମଗ୍ରନ୍ଥଗୁଡ଼ିକରେ ଏହି ସତ୍ୟଟି ବାରମ୍ବାର କୁହାଯାଇଛି । "ଶଠମାନଙ୍କ ମଧ୍ୟରେ ମୁଁ ଜୁଆ ଖେଳ" ବୋଲି ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି । ସେହି ଉକ୍ତି ସମୟେ ସମୟେ ଲୋକଙ୍କୁ ଭୀତ ଚକିତ କରିଥାଏ; କିନ୍ତୁ ତାହା ସତ, କାରଣ ସେହି ଉପାୟରେ ଶଠ କିଛି ଶିକ୍ଷା କରିବ, ଯାହା ସେ ଭଲ ଉପାୟରେ ଶିକ୍ଷା କରିବା ପାଇଁ ଚାହୁଁ ନାହିଁ । ଯଦି ଉପଦେଶ ଦ୍ୱାରା ମନୁଷ୍ୟ ଧୀର ଭାବେ ଶିଖି ପାରୁନାହିଁ, ତେବେ ସେ ପ୍ରାକୃତିକ ନିୟମଗୁଡ଼ିକର ଅନୁଭୂତିରୁ ହିଁ ତାହା ଶିକ୍ଷା କରିବାକୁ ହେବ । ଆମେ ଯାହାକୁ କହୁ ପ୍ରାକୃତିକ ନିୟମ ତାହା ହେଉଛି ଦିବ୍ୟ ମାନସର ସର୍ବାଧିକ ଭୌତିକ ଅଭିବ୍ୟକ୍ତି ।

ପ୍ରାକୃତିକ ନିୟମଗୁଡ଼ିକ ପାହାଡ଼ ଭଳି ରହିଛି- ମଣିଷ ଯଦି ସେଥିରେ ବାଡ଼େଇ ହୋଇ ଖଣ୍ଡିଆ ଖାବରା ହୁଏ, ତାହା ଫଳରେ ସେ ଯେଉଁ ଯନ୍ତ୍ରଣା ପାଏ ତାହା ତାକୁ ଶିଖାଏ ଭବିଷ୍ୟତରେ ସେହି ପ୍ରକାର ଭୁଲ ନ କରିବାକୁ । ମଣିଷ ଯଦି ଉପଦେଶ ବା ଉଦାହରଣରୁ ନ ଶିଖେ (ଏବଂ ପୃଥିବୀରେ ଏହି ଦୁଇଟି ଯାକ ପ୍ରଚୁର ପରିମାଣରେ ମିଳେ) ତେବେ ତାକୁ ନିୟମ ଲଂଘନ ଜନିତ ଯନ୍ତ୍ରଣାରୁ ହିଁ ଶିଖିବାକୁ ହେବ । ସମସ୍ତ ବିପଦ ମଧ୍ୟ ଦେଇ ତାକୁ ଟାଣି ନେବାକୁ ହେବ ଏକତା ଆଡ଼କୁ । କାରଣ ଈଶ୍ୱରଙ୍କ ଇଚ୍ଛା ହେଉଛି ବିବର୍ତ୍ତନ ପାଇଁ ଏବଂ ମଣିଷର ଅନ୍ତରତମ ଇଚ୍ଛା ହେଉଛି ଈଶ୍ୱରଙ୍କ ଇଚ୍ଛା ସହିତ ଏକ । ମୋର ମନେ ହୁଏ ହିବ୍ରୁ ଗାୟକଙ୍କ କେତୋଟି ଧାଡ଼ିର ଆନ୍ତରୀଣ ଅର୍ଥ ମଧ୍ୟ ହେଉଛି ସେଇଆ । "ମୁଁ ଯଦି ସ୍ୱର୍ଗକୁ ଆରୋହଣ କରେ, ତୁମେ ଥିବ ସେଇଠି ।" ଏ'ତ ସହଜ କଥା, ଆମେ ସମସ୍ତେ ଜାଣୁ ଭଗବାନ ସ୍ୱର୍ଗରେ ଅଛନ୍ତି । କିନ୍ତୁ ପରେ କୁହାଯାଇଛି, "ମୁଁ ଯଦି ନର୍କରେ ମୋର ଶେଯ ବିଛାଏ, ତୁମେ ମଧ୍ୟ ସେଇଠି ଦେଖାଯିବ ।"

ସୁତରାଂ ନିଜ ଚାରିପାଖରେ ଥିବା ପ୍ରତ୍ୟେକ ଜିନିଷରେ ଭଗବାନଙ୍କୁ ଦେଖନ୍ତୁ । ବାକୀ ବିଷୟ ନେଇ ଆପଣଙ୍କର ଚିନ୍ତା କରିବାର ନାହିଁ । ସେହି ପ୍ରକାରେ ଏବଂ ସେହି ପ୍ରକାରେ ହିଁ, ଆପଣ ନିଜର ଭାଇଙ୍କୁ ସାହାଯ୍ୟ କରିପାରିବେ । କାରଣ ଆପଣ ଦୁହିଁଙ୍କ ଭିତରେ ଯାହା ଏକ ହୋଇ ରହିଛି,

ତାହା ହେଉଛି ଦିବ୍ୟ ଜୀବନ । ବାକୀଗୁଡ଼ିକ ଅଲଗା । କିନ୍ତୁ ସେଇଥିରେ ଦୁହେଁଯାକ ଏକ ଏବଂ ସେଇଆକୁ ଭାର ଉଠାଇବା ଦଣ୍ଡ ରୂପେ ବ୍ୟବହାର କରି ଆପଣ ତାଙ୍କୁ ସବୁ ପ୍ରକାରେ ସାହାଯ୍ୟ କରିପାରନ୍ତି । ଆପଣ ଯେତେବେଳେ କାହାକୁ ତାହାର ଅବିଗୁଣ ଉପରେ ଜୟ ଲାଭ କରିବା ପାଇଁ ସାହାଯ୍ୟ କରିବାକୁ ଚାହାନ୍ତି, ମନେରଖନ୍ତୁ ଯେ ଆପଣଙ୍କ ପରି ସେ ତା'ର ସେହି ଅବିଗୁଣକୁ ତ୍ୟାଗ କରିବା ପାଇଁ ଉଦ୍‌ବିଗ୍ନ । ତାହା ତା'ର କ୍ଷତି କରୁଛ ଏବଂ ଆପଣ ଯଦି ତା'ର ଅନ୍ତରରେ ନିହିତ ପ୍ରକୃତ ମଣିଷ ନିକଟରେ ପହଞ୍ଚନ୍ତି, ଦେଖିବେ ଯେ ସେ ତାହା ଛାଡ଼ି ଦେବାକୁ ଚାହେଁ । ଏହା ହିଁ ସାହାଯ୍ୟ କରିବାର ଉଚିତ ପନ୍ଥା । ଏହି ଆନ୍ତରୀଣ ପନ୍ଥା କେବେହେଲେ କାହାର କ୍ଷତି କରେ ନାହିଁ ବା କାହାକୁ ଅପମାନ ଦିଏ ନାହିଁ ।

ଲେଡ୍‌ବିଟର- ଅନ୍ୟ ସ୍ତରମାନଙ୍କରେ ତଥା ଏହି ସ୍ତରରେ ଯାହା କିଛି ରହିଛି, ତାହା ଦିବ୍ୟ ଜୀବନର ପ୍ରକଟନ । ସୁତରାଂ ଏହି ସ୍ତରର ସବୁକିଛି (ଭଲ ଏବଂ ମନ୍ଦ ମଧ୍ୟ) ନିଶ୍ଚୟ ଈଶ୍ୱରଙ୍କର ଏକ ଏକ ଅଭିବ୍ୟକ୍ତି । ଏପରି କିଛି ଥାଇ ନ ପାରେ, ଯାହାର ଭିତରେ ଏବଂ ମୂଳରେ ନିଜେ ଈଶ୍ୱର ନାହାନ୍ତି । ସବୁ ଧର୍ମ ଗ୍ରନ୍ଥରେ ଏହି କଥାଟି ଉପରେ ଜୋର୍ ଦିଆଯାଇଛି । "ମୁଁ ଆଲୋକକୁ ରୂପ ଦିଏ ଏବଂ ଅନ୍ଧକାର ସୃଷ୍ଟି କରେ; ମୁଁ ଆଣେ ଶାନ୍ତି ଏବଂ ମନ୍ଦକୁ ସୃଷ୍ଟି କରେ ମୁଁ; ମୁଁ ହିଁ ଈଶ୍ୱର ମୁଁ ଏ ସମସ୍ତ କରେ ।" ଲୋକେ ବୁଝି ପାରନ୍ତି ନାହିଁ ଯେ ଯେଉଁ ସବୁକୁ ସେମାନେ ସାଧାରଣତଃ ମନ୍ଦ ବୋଲି କହନ୍ତି, ସେ ସବୁ କିପରି ଈଶ୍ୱରୀୟ ହୋଇପାରେ । ତେବେ ଆମକୁ ସତ୍ୟର ସମ୍ମୁଖୀନ ହେବାକୁ ପଡ଼ିବ । ବାମାଚାରୀ ଯାଦୁକରଗଣ ଅଛନ୍ତି, ବହୁ ପ୍ରକାରର, ବହୁ କିସମର ଖରାପ ଲୋକେ ମଧ୍ୟ ଅଛନ୍ତି; କିନ୍ତୁ ସେମାନଙ୍କ ଭିତରେ ଥିବା ଜୀବନ ହେଉଛି ଦିବ୍ୟ ଜୀବନ, କାରଣ ଅନ୍ୟ କୌଣସି ଜୀବନ ନାହିଁ ।

### ମନ୍ଦରୁ ଜନ୍ମ ନିଏ ଭଲ

ଯଦି ଜଣେ ଲୋକ ନିଜର ମୂର୍ଖତା ଏବଂ ଦୁଷ୍ଟ ବୁଦ୍ଧିଦ୍ୱାରା ତା'ର ଜୀବନ ଭିତରକୁ ମନ୍ଦ ବିଷୟ ପୂରାଏ, ତାହାହେଲେ ମଧ୍ୟ ସେଥିରୁ ଜନ୍ମ ନେବ ଭଲ । କାରଣ ସେହି ବ୍ୟକ୍ତିର ବିବର୍ତ୍ତନ ପାଇଁ ତାହା ହିଁ ଏକମାତ୍ର ପନ୍ଥା । ସେ ଶଠ, ସେ ଶଠତା କରିବ, ତା'ର ମନରେ ସେଇଆ ହିଁ କରିବାକୁ ରହିଛି, ତଥାପି ସେ

ଈଶ୍ୱରୀୟ ନିୟମର ଅଧୀନ ଏବଂ ସେ ଖରାପ କାର୍ଯ୍ୟ କଲେ ମଧ୍ୟ, ସେଥିରୁ ତା' ସକାଶେ ଭଲ ଦେଖାଦେବ, କାରଣ ସେ ସେଇଆ କରି ଶିଖି ପାଇବ । ତା'ର ବିଫଳତା ହେତୁ ସେ ଭଲ ବାଟରେ ପାଦ ଦେବ । ଏହା ସତେ ଯେପରି ଶେଷ ଆଶ୍ରୟ । କିନ୍ତୁ ଆଶ୍ରୟ ନିଶ୍ଚୟ; ଏବଂ ସୁତରାଂ ଆମକୁ ସ୍ୱୀକାର କରିବାକୁ ହେବ ଯେ ଏହା ଦିବ୍ୟ ଯୋଜନାର ଅଧୀନ ।

ଗୋଟିଏ ଅର୍ଥରେ ପ୍ରତ୍ୟେକ ଜିନିଷ ହେଉଛି ସମ୍ପୂର୍ଣ୍ଣ ରୂପେ ଈଶ୍ୱର । ତେବେ ଠିକ୍ ସେହି ଅର୍ଥରେ ଏହି ସବୁ କଥଶ ଲେଖା ଯାଇନାହିଁ । ପ୍ରତ୍ୟେକ ବ୍ୟକ୍ତି ଭିତରେ ଥିବା ଦିବ୍ୟ ଚେତନା ହିଁ ତାକୁ ମଣିଷ କରିଥାଏ । ଆପଣ ଯଦି ସେପରି ଗଢ଼ି ହୋଇଥିବା ବ୍ୟକ୍ତିତ୍ୱ ମଧ୍ୟ ଦେଇ ଦେଖିପାରିବେ (ଯାହା ଏ ପର୍ଯ୍ୟନ୍ତ ଖରାପ ହୋଇ ଆସିଛି) ଏବଂ ମଣିଷ ଭିତରେ ଥିବା ଦିବ୍ୟ ଜୀବନ ନିକଟରେ ପହଞ୍ଚି ପାରିବ, ତାହାହେଲେ ଆପଣ ନିକଟରେ ନିବେଦନ କରିପାରିବେ । ଆମ ମନେ ରଖିବା ଉଚିତ୍ ଯେ ସେହି 'ମନ୍ଦ' ବ୍ୟକ୍ତି ଏକ ଆତ୍ମା ରୂପରେ ଠିକ୍ ଆମେ ଯେଉଁଭଳି ଚାହୁଁ, ସେହିଭଳି ପ୍ରଗତି କରିବାକୁ ଚାହେଁ । ସେ ସେହି ମନ୍ଦକୁ ପରିତ୍ୟାଗ କରିବାକୁ ଚାହେଁ, ଯାହା ତା'ର ବ୍ୟକ୍ତିତ୍ୱକୁ ଆକ୍ରମଣ କରି, ମାଡ଼ି ବସି କଷ୍ଟଦେଇ ଚାଲିଛି । ସୁତରାଂ ଆମେ ଯଦି ଏହି ସମସ୍ତ କଠୋର ଏବଂ ମନ୍ଦର ବାହ୍ୟ ଆବରଣ ଦେଇ ସେହି ଆତ୍ମା ପାଖକୁ ଫେରିଯାଇପାରିବା, ତେବେ ସେ ନିଜେ ତାକୁ ସାହାଯ୍ୟ କରିବା ଉଦ୍ୟମରେ ଆମକୁ ସାହାଯ୍ୟ କରିବାକୁ ଆଗକୁ ମାଡ଼ି ଆସିବ ।

ମୋର ଜୀବନର ଅଧିକାଂଶ ସମୟ ମୁଁ ଧର୍ମଯାଜକ ରୂପେ ଏବଂ ସାଧାରଣ ଲୋକଙ୍କ ସାହାଯ୍ୟକାରୀ ରୂପେ କାମ କରି ଆସିଛି ଏବଂ ଇଂଲାଣ୍ଡର କେତେକ ସବୁଠାରୁ ଅତିଶୟ ଖରାପ ଅଞ୍ଚଳରେ କାମ କରିଛି । ମୁଁ ବହୁ ଲୋକଙ୍କୁ ଦେଖିଛି ଯେଉଁମାନଙ୍କୁ କେହି ଭାବିବ ଅତିଶୟ ଖରାପ ଅପରାଧୀ । କିନ୍ତୁ ମୁଁ କେବେହେଲେ ଏମିତି ଜଣକୁ ଦେଖିନାହିଁ ଯାହା ଭିତରେ କେଉଁଠି ଭଲ ପଣିଆର ଏକ ସ୍ଫୁଲିଙ୍ଗ ନଥିଲା । ତାହା ଏକ ଶିଶୁ ପ୍ରତି ତା'ର ସ୍ନେହ ହେଉ ବା କୁକୁର ପ୍ରତି ସ୍ନେହ ହେଉ– ତାହା ମନେ ହେଉଥିଲା ତା'ର ଅନ୍ୟଥା ପଶୁ ପ୍ରକୃତି, ଏକ ବିପଦ୍‌ଜନକ ପଶୁ ପ୍ରକୃତି ଭିତରେ ଏକମାତ୍ର ମାନବିକ ସ୍ପର୍ଶ; କିନ୍ତୁ ତା' ଭିତରେ କେଉଁ ଏକ

ବିନ୍ଦୁରେ ସେହି ଏକ ସର୍ବବ୍ୟାପୀ ଜୀବନ ସ୍ପନ୍ଦିତ ହେଉଥିଲା ଏବଂ ଯଦି ଜଣେ ତାକୁ ସେହି ବିନ୍ଦୁରେ ସ୍ପର୍ଶ କରିପାରେ, ସେହି ଜୀବନକୁ ନିବେଦନ କରି ସେହି ବ୍ୟକ୍ତିକୁ ଉନ୍ନତ ସ୍ତରକୁ ନେବାରେ ସାହାଯ୍ୟ କରିବା ପାଇଁ ହୁଏତ ମିଳିବ ଏକ ସୁଯୋଗ ।

**ଶିଷ୍ୟଙ୍କର ଏକମାତ୍ର ଲକ୍ଷ୍ୟ**

**ଆନିବେସାନ୍ତ–** ଏହି ବିଷୟରେ ଗୁରୁଦେବଙ୍କର ଶେଷ କଥା ହେଉଛି : ଏହି ପ୍ରକାରେ ତୁମେ ତୁମର ଭାଇଙ୍କୁ ଖଣାପ କାର୍ଯ୍ୟରୁ ନିବୃତ୍ତ କରିପାରିବ । ସେଠାରେ ଏକ ଶିଷ୍ୟ ସକାଶେ ଜୀବନର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ଦୃଢ଼ତମ ଆହ୍ୱାନ ଦେଇଛନ୍ତି । କାରଣ ଶିଷ୍ୟଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ପୃଥିବୀର ତ୍ରାଣକର୍ତ୍ତା ହେବା । ଶିଷ୍ୟଙ୍କର ନିଜର ବ୍ୟକ୍ତିଗତ ସୁବିଧା ପାଇଁ କୌଣସି ପ୍ରକାର ଆହ୍ୱାନ କରିଥିଲେ ସମ୍ଭବତଃ ଯାହା ହୁଅନ୍ତା, ଏହା ତାହାଠାରୁ ବଳବତ୍ତର । ଗୁରୁଦେବ ରହିଛନ୍ତି କେବଳ ପୃଥିବୀକୁ ସାହାଯ୍ୟ କରିବା ପାଇଁ । ଆମ ଜୀବନରେ ଆମେ ଯେତିକି ସେବା ଭାବ ଆଣିପାରିବା, ସେତିକି ଆମର ଜୀବନରେ ତାଙ୍କର ଜୀବନର ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରିପାରିବା ।

■■■

# ତୃତୀୟ ଭାଗ

# ବୈରାଗ୍ୟ

## ପ୍ରଥମ ଅଧ୍ୟାୟ

# କାମନା ପରିତ୍ୟାଗ

ଆନି ବେସାନ୍ତ– ଆମେ ବର୍ତ୍ତମାନ ଦ୍ୱିତୀୟ ଯୋଗ୍ୟତା ବିଚାର କରିବା, ଯାହାକୁ ସଂସ୍କୃତରେ କୁହାଯାଇଛି- ବୈରାଗ୍ୟ । ଯାହାକୁ ଗୁରୁ କହିଛନ୍ତି 'ଇଚ୍ଛା ଶୂନ୍ୟତା ।' ଏହା ଏକ ଅତିଶୟ ସଠିକ ଅନୁବାଦ । ଅତୀତରେ ମୁଁ ଆବେଗ ଶୂନ୍ୟତା ଶବ୍ଦ ବ୍ୟବହାର କରିଥିଲି । କିନ୍ତୁ ଏଣିକି ଗୁରୁଦେବ ଯେପରି କରିଛନ୍ତି, ସେହିପରି ମୁଁ ତା'ର ଅନୁବାଦ କରିବି ।

ବହୁ ଲୋକଙ୍କ ସକାଶେ 'ଇଚ୍ଛାଶୂନ୍ୟତା' ଯୋଗ୍ୟତା ଲାଭ କରିବା କଷ୍ଟକର । କାରଣ ସେମାନେ ଅନୁଭବ କରନ୍ତି ଯେ ସେମାନେ ହିଁ ହେଉଛନ୍ତି ସେମାନଙ୍କର ଇଚ୍ଛା- ଏବଂ, ଯଦି ସେମାନଙ୍କର ସ୍ୱତନ୍ତ୍ର ଧରଣର ଇଚ୍ଛା (ସେମାନଙ୍କର ଭଲ ପାଇବା ଏବଂ ଭଲ ନ ପାଇବା ବିଷୟ) ସେମାନଙ୍କ ଠାରୁ କାଢ଼ି ନିଆଯାଏ, ତାହାହେଲେ, ତାଙ୍କର ନିଜର କିଛି ରହିବ ନାହିଁ ।

ଆନି ବେସାନ୍ତ– କାର୍ଯ୍ୟତଃ ଯେଉଁ ସବୁ ଲୋକେ ନିଷ୍ଠାର ସହିତ ଏହି ପଥରେ ଯିବା ପାଇଁ ଇଚ୍ଛା କରନ୍ତି, ସେମାନେ ପ୍ରଥମ ଉକ୍ତିର ସତ୍ୟତା ଅନୁଭବ କରନ୍ତି, ଯେଉଁଥିରେ ଗୁରୁଦେବ କହିଛନ୍ତି ଯେ ଇଚ୍ଛାଶୂନ୍ୟତାର ଯୋଗ୍ୟତା ହାସଲ କରିବା କଷ୍ଟକର । ଏହା କଷ୍ଟକର ହୋଇଥାଏ- କାରଣ ଲୋକେ ନିଜର ଇଚ୍ଛା ସହିତ ନିଜକୁ ଏକ ବୋଲି ମନେ କରନ୍ତି । ଯେ ପର୍ଯ୍ୟନ୍ତ ଆପଣଙ୍କର କୌଣସି ଇଚ୍ଛା ପୂରଣ ନ ହେଲେ ଆପଣଙ୍କ ମନରେ ଦୁଃଖ ହୁଏ, ସେ ପର୍ଯ୍ୟନ୍ତ ଆପଣ ନିଜର ଇଚ୍ଛା ସହିତ ନିଜକୁ ଏକ ବୋଲି ମନେ କରନ୍ତି । ଏହି କଥାଟିକୁ ଜାଣିବା ଏବଂ ମାନି ନେବା ଉଚିତ ହେବ । କାରଣ ଏହା ଭାବିବା ବେଶ୍ ସହଜ ଯେ ଆପଣ ନିଜ ଇଚ୍ଛାଠାରୁ ନିଜକୁ ଅଲଗା କରି ନେଇଛନ୍ତି, ଯଦିଓ ପ୍ରକୃତରେ ଆପଣ ସେପରି କରି ନାହାନ୍ତି । ଅନେକ ଲୋକ ଭାବିବାକୁ ଭଲ ପାଆନ୍ତି ଯେ ସେମାନେ ନିଜ ଇଚ୍ଛା- ପ୍ରକୃତି ଉପରେ ବିଜୟ ହାସଲ କରିଛନ୍ତି, ଯଦିଓ ସେମାନଙ୍କର ସମସ୍ତ

ଜୀବନ, ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟ ଦେଖାଇ ଦେଇଥାଏ ଯେ ତାହା ଠିକ୍ ନୁହେଁ । ଯଦି ଆପଣ ଏହି କଥାଟିକୁ ସ୍ୱୀକାର କରିନାହାନ୍ତି, ଏହା ସ୍ୱୀକାର କରିନେବା ବିଶେଷ ଶ୍ରେୟସ୍କର ହେବ ଏବଂ ତାହାହେଲେ ଆପଣ ତା'ର ପ୍ରତିକାର କରିବା ପାଇଁ ପ୍ରସ୍ତୁତ ହେବେ ।

## ମୁଁ ମୋର ଇଚ୍ଛା ନୁହେଁ

ପ୍ରଥମ ପଦକ୍ଷେପ ହେବ- "ମୁଁ ମୋର ଇଚ୍ଛା ନୁହେଁ" ଏହି କଥାଟି ଉପରେ ଚିନ୍ତା କରିବା । ବିଭିନ୍ନ ମାନସିକ ଅବସ୍ଥା ସମ୍ପର୍କରେ ମୁଁ ଆଗରୁ ଯାହା ବୁଝାଇଛି, ତାହାକୁ ଆପଣ ଏଠାରେ ନିଜର ସାହାଯ୍ୟ ପାଇଁ ଲଗାଇ ପାରନ୍ତି । ଆପଣଙ୍କ ମାନସିକ ଅବସ୍ଥା ଭଳି ଆପଣଙ୍କର ଇଚ୍ଛା ବଦଳି ଯାଏ ଏବଂ ଯାହା ବଦଳି ପାରେ, ତାହା ଆତ୍ମା ନୁହେଁ । କାରଣ ଆତ୍ମା ପରିବର୍ତ୍ତନଶୀଳ ନୁହେଁ । ଉଦାହରଣ ସ୍ୱରୂପ, ମୁଁ କେତେ ଲୋକଙ୍କୁ ଜାଣିଛି ଯେଉଁମାନେ ଗୋଟଇଏ ଦିନ ଭାବନ୍ତି, "ଆଡ୍ୟାର୍‌ରେ ରହିବା କିପରି ଆନନ୍ଦଦାୟକ । ଯେଉଁ ସବୁ ବଡ଼ ବଡ଼ କଥା ଘଟିବାକୁ ଯାଉଛି ସେ ସବୁ ଚିନ୍ତା କରିବା କି ସୁନ୍ଦର କଥା ।" ଏବଂ ପରବର୍ତ୍ତୀ ଦିନ ସେମାନେ ବିଷଣ୍ଣ ଏବଂ ନିରୁତ୍ସାହିତ ହୋଇଥାନ୍ତି । ବର୍ତ୍ତମାନ ଏ ସମସ୍ତ ପରିବର୍ତ୍ତନଶୀଳ ମାନସିକ ଅବସ୍ଥା- ଆଗ୍ରହ ବା ବିଷାଦ ଆପଣ ନୁହନ୍ତି । ଉଭୟ ଆବେଗ ଆପଣଙ୍କର କାମ ଶରୀରର କ୍ଷଣସ୍ଥାୟୀ ସ୍ପନ୍ଦନ ମାତ୍ର, ଯାହା ବାହ୍ୟ ସଂସ୍ପର୍ଶରୁ ଜାତ ହୋଇଥାଏ ।

ଏହି କାରଣରୁ ହିଁ ଲୋକଙ୍କୁ ପ୍ରତିଦିନ ଧ୍ୟାନ କରିବାକୁ ଉପଦେଶ ଦିଆ ଯାଇଥାଏ । କାରଣ ଆପଣ ଯଥାଯଥ ଭାବେ ଧ୍ୟାନ କରିପାରିବେ ନାହିଁ, ଯେ ପର୍ଯ୍ୟନ୍ତ ଆପଣଙ୍କର ଇଚ୍ଛାଗୁଡ଼ିକ ଶାନ୍ତ ନ ହୋଇଛି । ଆପଣ ଯଦି ନିୟମିତ ଭାବେ ଏବଂ ଶ୍ରଦ୍ଧାର ସହିତ ଧ୍ୟାନ କରନ୍ତି, ଆପଣ ଧୀରେ ଧୀରେ ଅନୁଭବ କରିବେ, ଆପଣଙ୍କର ଇଚ୍ଛା ପଛରେ ସର୍ବଦା ରହିଥିବା ଆତ୍ମାକୁ । ଆପଣ ଯେତେବେଳେ ଧ୍ୟାନ କରି ଚାଲିବେ ଏବଂ ଦିନବେଳେ ମଧ୍ୟ ଆବଶ୍ୟକୀୟ ମନୋଭାବ ଅଭ୍ୟାସ କରି ଲାଗିବେ, ଆପଣ ସେହି ଆତ୍ମାକୁ ସର୍ବଦା ଅନୁଭବ କରିପାରିବେ । ଏହାପରେ ଆପଣ ଆଉ ନିଜକୁ ନିଜର ଇଚ୍ଛା ସହିତ ଏକ ବୋଲି ମନେ କରିବେ ନାହିଁ ଏବଂ ସର୍ବଦା ଭାବିବେ ନାହିଁ : "ମୁଁ ଚାହେଁ, ମୁଁ ଇଚ୍ଛା କରେ, ମୁଁ କାମନା କରେ" ବରଂ ଭାବିବେ, "ଏହା ମୁଁ ନୁହେଁ, ଏହା ମୋର ନିମ୍ନତର ଆତ୍ମା ।"

ଦ୍ୱିତୀୟ ଯୋଗ୍ୟତା ବିଷୟରେ ଏହା ହେଉଛି ଗୁରୁଦେବ ଦେଇଥିବା ପ୍ରଥମ ମହାନ୍ ଶିକ୍ଷା । ଦୀକ୍ଷାପ୍ରାପ୍ତି ପୂର୍ବରୁ ଆପଣ ସମ୍ପୂର୍ଣ୍ଣ ଭାବେ ଇଚ୍ଛାଶୂନ୍ୟତା ଲାଭ

କରିବା ଆବଶ୍ୟକ ନୁହେଁ । କିନ୍ତୁ ଗୁରୁଦେବ ଯାହା ଆଶା କରୁଛନ୍ତି, ତାହା ହେଉଛି ଯେ ଆପଣ ଏହା ବହୁ ପରିମାଣରେ ଲାଭ କରିଥିବା ଉଚିତ । ଏବଂ ଗୁରୁ ଯାହା ଆଶା କରନ୍ତି, ତାହା ହିଁ ନିୟମ । ଦୀକ୍ଷାଲାଭ ପୂର୍ବରୁ ହତାଶା ଏବଂ ଆନନ୍ଦର ଦୁଇ ସୀମାରେଖା ମଧ୍ୟରେ ସବୁ ପ୍ରକାର ଦୋଳନ ଅବସ୍ଥା ଦୂର ହୋଇଯିବା ଉଚିତ ।

ଲେଡ୍‌ବିଟର୍– ଇଚ୍ଛା ଏବଂ ନିଜ ଭିତରେ ଥିବା ପ୍ରଭେଦକୁ ଜାଣିବା ପାଇଁ ବହୁ ଲୋକେ କୌଣସି ଉଦ୍ୟମ କରନ୍ତି ନାହିଁ, ବରଂ କହନ୍ତି, "ଭଗବାନ ମୋତେ ଯେପରି ତିଆରି କରିଛନ୍ତି, ମୁଁ ସେପରି ହୋଇଛି । ମୋର ଯଦି ରାଗୀ ପ୍ରକୃତି ବା ଦୁର୍ବଳ ସଂକଳ୍ପ- ଶକ୍ତି ରହିଛି, ସେ ହିଁ ତାହା ମୋତେ ଦେଇଛନ୍ତି । ମୁଁ ଯଦି ଯଥେଷ୍ଟ ଶକ୍ତିଶାଳୀ ନୁହେଁ ପ୍ରଲୋଭନର ପ୍ରତିରୋଧ କରିବା ପାଇଁ, ତାହାହେଲେ ସେମିତି ହିଁ ମୁଁ ତିଆରି ହୋଇଛି ।" ସେମାନେ ବୁଝନ୍ତି ନାହିଁ ଯେ ସେମାନେ ହିଁ ନିଜକୁ ତିଆରି କରିଛନ୍ତି ସେମାନଙ୍କର ଅତୀତ ଜୀବନଗୁଡ଼ିକର କାର୍ଯ୍ୟ ଦ୍ୱାରା । କିନ୍ତୁ ଜଣେ ଅନ୍ଧ ବା ଛୋଟା ହୋଇ ଜନ୍ମ ନେବା ପରି ସେମାନଙ୍କର ଚରିତ୍ରକୁ ମଧ୍ୟ ଏଡ଼ାଇ ହେବ ନାହିଁ, ଏବଂ ତାହା ସେମାନଙ୍କୁ ସେମିତି ଭାବେ ଦିଆହୋଇଛି, ଏହିଭଳି ଏକ ଧାରଣା କରି ନେବା ସେମାନଙ୍କର ଅଭ୍ୟାସ ହୋଇଯାଇଛି । ସେମାନେ ବୁଝିନାହାନ୍ତି ଯେ ତାଙ୍କର ଯେଉଁ ସ୍ୱଭାବରେ ଅବାଞ୍ଛନୀୟ କିଛି ରହିଯାଇଛି ତାକୁ ବଦଳାଇବା କାମ ହେଉଛି ସେମାନଙ୍କର । ସେମାନେ ଜାଣନ୍ତି ନାହିଁ ଯେ ସେମାନେ ତାହା ବଦଳାଇ ପାରିବେ, ଏବଂ ବରଞ୍ଚ ସେମାନେ ନିର୍ଦ୍ଦିଷ୍ଟ ଭାବେ ବୁଝି ପାରନ୍ତି ନାହିଁ ଯେ ସେମାନେ ତାହା ବଦଳାଇବା ଉଚିତ ।

**ସ୍ୱର୍ଗ ଅବସାଦମୟ**

ସାଧାରଣ ମଣିଷ ଯେ କାହିଁକି ନିଜର ଚରିତ୍ରକୁ ବଦଳାଇବା ପାଇଁ ଏତେଗୁଡ଼ାଏ କଷ୍ଟ କରିବ, ସେଥିପାଇଁ ତାକୁ ସାଧାରଣତଃ ଯଥେଷ୍ଟ କାରଣ ଦେଖାଇ ଦିଆଯାଇ ନଥାଏ । କେତେକ ହୁଏତ କହିବେ ଯେ ସତେ ଯେମିତି ତାହା ନ କଲେ ସେ ସ୍ୱର୍ଗକୁ ଯାଇପାରିବ ନାହିଁ । ତେବେ ଅନେକେ ଉତ୍ତର ଦିଅନ୍ତି ଯେ ପାରମ୍ପରିକ ସ୍ୱର୍ଗ ସେମାନଙ୍କ ମନରେ ଆଣିବ ଅକଥନୀୟ ଅବସାଦ, ଅଥଚ ସେମାନେ ଆଶା କରନ୍ତି କିଛି ଅଲଗା । ବସ୍ତୁତଃ ଏଥିରୁ ସ୍ପଷ୍ଟ ହେଉଛି ଯେ, ସ୍ୱର୍ଗୀୟ ଜୀବନ ସମ୍ପର୍କରେ ବହୁଳ ଭାବେ କୁହା ଯାଇଥିଲେ ମଧ୍ୟ ଅଧିକାଂଶ ଲୋକଙ୍କ ସ୍ୱଭାବ ଉପରେ ଏହାର କୌଣସି କାର୍ଯ୍ୟକାରୀ ପ୍ରଭାବ ପଡ଼ିନାହିଁ । ହୁଏତ ଏହି କାରଣରୁ ଯେ ଏଥିରେ ସତ୍ୟ ସହିତ ମେଳର ଅଭାବ ରହିଛି । ମୁଁ କେବଳ ଗୋଟିଏ ତତ୍ତ୍ୱ ମୋ ଜୀବନରେ ଶୁଣିଛି ଯାହା ଲୋକଙ୍କୁ ଉଦ୍ୟମ କରିବା

ପାଇଁ ପ୍ରବର୍ତ୍ତାଇବାରେ ଯଥେଷ୍ଟ ହେବ ବୋଲି ମନେ ହୁଏ, ତାହା ହେଉଛି ବ୍ରହ୍ମବିଦ୍ୟାର ତତ୍ତ୍ୱ । ଏହା କ'ଣ କରିବା ଉପଯୋଗୀ ତାହା ବତାଇ ଦିଏ ଏବଂ ଆମକୁ ଦେଖଶଇ ଦିଏ ଯେ ସମ୍ପୂର୍ଣ୍ଣ ସଫଳତା ସକାଶେ ସମସ୍ତ ସୁଯୋଗ ଏବଂ ଯଥେଷ୍ଟ ସମୟ ରହିଛି । ଯଦି ଜଣେ ବ୍ୟକ୍ତି ଈଶ୍ୱରଙ୍କର ଯୋଜନାକୁ ବୁଝେ ଏବଂ ତାଙ୍କ ସହିତ ସହଯୋଗ କରିବାକୁ ଚାହେଁ, ତେବେ କ୍ରମବିକାଶ କାର୍ଯ୍ୟ ଭିତରକୁ ଡେଇଁ ପଡ଼ିବାକୁ ଏବଂ ନିଜକୁ ସେଥିପାଇଁ ଉପଯୁକ୍ତ କରିବାକୁ ତା'ର ଯଥାସମ୍ଭବ ଦୃଢ଼ତମ ଇଚ୍ଛା ହେବ । ସେତେବେଳେ ସେ ଦେଖିବେ ଯେ ନିଜର ଚରିତ୍ର ଏବଂ ମନୋଭାବରେ ସର୍ବାଧିକ ମୌଳିକ ପରିବର୍ତ୍ତନ କରିବା ସମ୍ଭବ ଏବଂ ସଫଳତା ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ ।

ଜୀବାତ୍ମାର ଅପରିବର୍ତ୍ତନୀୟ ଇଚ୍ଛା ହେଉଛି ପ୍ରଗତି ପାଇଁ, ଉଚ୍ଚତର ଆତ୍ମାର ବିକାଶ ପାଇଁ ଏବଂ ସେହି ଆତ୍ମାର ଯନ୍ତ୍ର ସ୍ୱରୂପ ନିମ୍ନତର ଯାନଗୁଡ଼ିକୁ ତାହା ସହିତ ସମତାଳରେ ରଖିବା ପାଇଁ । ଯେତେବେଳେ ଆମେ ଦେଖୁ ଅନ୍ୟ ଇଚ୍ଛାଗୁଡ଼ିକ ଯେଉଁଗୁଡ଼ିକ ତାହାର ଅଂଶ ନୁହେଁ ଏବଂ ତାହା ସହିତ ଖାପ ଖାଉନାହିଁ, ଆମେ ଜାଣୁ ଯେ ସେଗୁଡ଼ିକ ଆତ୍ମାର ନୁହନ୍ତି ଏବଂ ସେହି ହେତୁ ଆମେ କହୁନାହିଁ, "ମୁଁ ଏଇଆ ଚାହେଁ", ବରଂ କହୁ "ମୋର ଇଚ୍ଛା-ଉପାଦାନିକ ପୁଣି କାମ କରି ଲାଗିଛି- ସେ ଏଇଆ ଏବଂ ସେଇଆ ଚାହେଁ, କିନ୍ତୁ ମୁଁ, ଜୀବାତ୍ମା, ପ୍ରଗତି କରିବାକୁ ଚାହେଁ । ମୁଁ ଈଶ୍ୱରୀୟ ଯୋଜନା ସହିତ ସହଯୋଗ କରିବାକୁ ଚାହେଁ । ଏହି ପରିବର୍ତ୍ତନଶୀଳ ମନୋଭାବ ଏବଂ ଇଚ୍ଛାଗୁଡ଼ିକ ମୋର ନୁହେଁ ।" ଯେପର୍ଯ୍ୟନ୍ତ ପୂର୍ଣ୍ଣ ହୋଇ ନଥିବା ଇଚ୍ଛା ଦୁଃଖ ଆଣୁଥିବ, ସେ ପର୍ଯ୍ୟନ୍ତ ମନୁଷ୍ୟ ଧରି ନେଇପାରେ ଯେ ସେ ଉପାଦାନିକର ଇଚ୍ଛା ସହିତ ନିଜକୁ ଏକ ବୋଲି ମନେ କରୁଛି ।

## ଗୁରୁଙ୍କର ଦର୍ଶନରେ ଇଚ୍ଛାର ବିନାଶ

> **କିନ୍ତୁ ଏହି ଲୋକେ ହେଉଛନ୍ତି କେବଳ ସେଇମାନେ- ଯେଉଁମାନେ ଗୁରୁଦେବଙ୍କୁ ଦେଖି ନାହାନ୍ତି । ତାଙ୍କର ପବିତ୍ର ଉପସ୍ଥିତିରେ, କେବଳ ତାଙ୍କ ପରି ହେବାପାଇଁ ଇଚ୍ଛା ବ୍ୟତୀତ ଅନ୍ୟ ସମସ୍ତ ଇଚ୍ଛାର ମୃତ୍ୟୁ ଘଟେ । ତଥାପି ତାଙ୍କ ସହିତ ମୁହାଁମୁହିଁ ଭେଟ ହେବାର ସୁଖ ପାଇବା ପୂର୍ବରୁ, ଆପଣ ଚାହିଁଲେ ଇଚ୍ଛାଶୂନ୍ୟତା ଲାଭ କରିପାରିବେ ।**

**ଆନି ବେସାନ୍ତ–** ଏହା ପୁଣି ଥରେ ମନେ ପକାଇ ଦିଏ ଗୀତାର ଗୋଟିଏ ଶ୍ଳୋକ-

"ବିଷୟାନ୍ ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ
ରସୋବର୍ଜଂ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତ୍ତତେ ।"

ସମସ୍ତ ଇଚ୍ଛା ମରିଯାଏ, ଯେତେବେଳେ ସେହି ଏକମାତ୍ର ବାଞ୍ଛନୀୟ ବିଷୟର ଦର୍ଶନ ମିଳେ । ସୁତରାଂ ଗୁରୁଦେବଙ୍କର ଉପସ୍ଥିତି ଅନୁଭବ କରିବା ଆପଣଙ୍କୁ କେବଳ ଯେ ଇଚ୍ଛାମୁକ୍ତ କରିବ ତାହା ନୁହେଁ, ଇଚ୍ଛା କରିବାରୁ ମଧ୍ୟ ମୁକ୍ତ କରିବ । ଇଚ୍ଛା ହେଉଛି ମୂଳ ଯାହା ଗୁଡ଼ିଏ ଗଜାକୁ ଜନ୍ମ ଦିଏ; ଆପଣ ଗଜାଗୁଡ଼ିକୁ କାଟି ଦେଇପାରନ୍ତି । କିନ୍ତୁ ଯେତେବେଳେ ମୂଳ ରହିଛି, ତାହା ନୂଆ ଗଜାଗୁଡ଼ିକୁ ଜନ୍ମ ଦେବ । କିନ୍ତୁ ଗୁରୁଙ୍କ ସହିତ ଯୁକ୍ତ ହେଲେ ତାହା ଆପଣଙ୍କ ମଧ୍ୟରେ ଅବଶେଷରେ ସମସ୍ତ ଇଚ୍ଛାର ମୂଳ ନଷ୍ଟ କରିଦେବ ।

ତେବେ ଗୁରୁଦେବ କହିଛନ୍ତି ଯେ ତାହା ପୂର୍ବରୁ ମଧ୍ୟ ଆପଣ ଇଚ୍ଛାଶୂନ୍ୟତା ପାଇପାରିବେ, ଯଦି ଆପଣ ଚାହାନ୍ତି । ଏହି ତିନୋଟି ଶବ୍ଦ 'ଯଦି ଆପଣ ଚାହାନ୍ତି' ବିଶେଷ ଗୁରୁତ୍ୱପୂର୍ଣ୍ଣ । ସେଗୁଡ଼ିକ ଆମକୁ ଦେଖାଇ ଦିଅନ୍ତି କେଉଁଠି ଅସୁବିଧା ରହିଛି । ଏହି ଅସୁବିଧା ଆମର ସକ୍ଷମତାର ନୁହେଁ, ଏହା ପ୍ରାୟ ସର୍ବଦା କୌଣସି କାମ କରିବା ପାଇଁ ଆମର ଇଚ୍ଛାର ଅଭାବ । ଆପଣଙ୍କ ସାଂସାରିକ କାର୍ଯ୍ୟ ପାଇଁ ଆପଣ ଯେତିକି ପରିମାଣର ଦୃଢ଼ ଇଚ୍ଛା ପ୍ରୟୋଗ କରନ୍ତି, ଆପଣ ଯଦି ସେତିକି ପରିମାଣର ଇଚ୍ଛା ଏହି ଆଧ୍ୟାତ୍ମିକ ପଥର କାମରେ ଲଗାନ୍ତି, ତେବେ ଆପଣଙ୍କର ପ୍ରଗତି ଅବଶ୍ୟ ତ୍ୱରାନ୍ୱିତ ହେବ ।

ଲେଡ୍‌ବିଟର– ଏହି ଅତି ସୁନ୍ଦର ବହିଟିର ବିଶେଷ ସୁନ୍ଦର ବାକ୍ୟଗୁଡ଼ିକ ମଧ୍ୟରେ ଏହା ହେଉଛି ଅନ୍ୟତମ । ଏହା ସତ ଯେ ଆପଣ ଯେତେବେଳେ ଗୁରୁଦେବଙ୍କୁ ଦେଖନ୍ତି ଏବଂ ବୁଝିପାରନ୍ତି ସେ କ'ଣ, ସେତେବେଳେ ସମସ୍ତ ନିମ୍ନତର ଇଚ୍ଛାଗୁଡ଼ିକ ଆଉ ଆଦୌ ରହନ୍ତି ନାହିଁ । ଆପଣଙ୍କ ସମସ୍ତ ସତ୍ତା କିଛି ଉଚ୍ଚତର ସତ୍ତ୍ୱରେ ପରିପୂର୍ଣ୍ଣ ହୋଇଯାଏ ।

ବହୁ ଲୋକ ଇଚ୍ଛାଶୂନ୍ୟତା ଲାଭ କରିବା ପାଇଁ ଚାହାନ୍ତି ବୋଲି କହନ୍ତି ଏବଂ ତଥାପି ସର୍ବଦା ସେମାନଙ୍କର ବାଞ୍ଛିତ ବସ୍ତୁଗୁଡ଼ିକୁ କୁଣ୍ଢାଇ ଧରନ୍ତି, ଯେଉଁଗୁଡ଼ିକୁ ଛାଡ଼ି ଦେଲେ ସେମାନେ ହେବେ ଅସୁଖୀ । ପ୍ରକୃତ ପକ୍ଷେ ସେମାନେ ଏହି ଇଚ୍ଛାଶୂନ୍ୟତା ଚାହାନ୍ତି ନାହିଁ । ସେମାନେ କେବଳ ଭାବନ୍ତି ସେମାନେ ଚାହାନ୍ତି ବୋଲି । ଉପର ମୁହଁରେ ସେମାନେ ଚାହାନ୍ତି, କିନ୍ତୁ ନିଜ ବ୍ୟକ୍ତିତ୍ୱର ଗଭୀରତାରେ

ସେମାନେ ଚାହାନ୍ତି ନାହିଁ । ଏ ବିଷୟରେ ଭଲ ହେବ ଯଦି ଆମେ ନିଜକୁ ନିଜେ ପଚାରିବା, ଗଭୀର ଭାବେ ଅନୁସନ୍ଧାନ କରି ଦେଖିବା ଆମେ ସତରେ ଏ ସମସ୍ତ ନିମ୍ନତର ଇଚ୍ଛାଗୁଡ଼ିକୁ ପରିତ୍ୟାଗ କରିଛୁ କି ନାହିଁ । ବ୍ରହ୍ମବିଦ୍ୟାର୍ଥୀ ଅନେକ ସମୟରେ ଭାବନ୍ତି ଯେ ସେ ତାହା କରିଛନ୍ତି, ଭାବନ୍ତି ଯେ ଏହା ଏକ ପ୍ରାଥମିକ ବିଷୟ, କିନ୍ତୁ ଏହିପରି ବହୁ ପ୍ରାଥମିକ ଜିନିଷ ବହୁତ ଗଭୀରକୁ ଭେଦି ଥାଏ । ଉପର ଠାଉରିଆ ଭାବେ ଜଣେ ସେଗୁଡ଼ିକୁ ପରିତ୍ୟାଗ କରେ । କିନ୍ତୁ ସେଗୁଡ଼ିକ ବିଭିନ୍ନ ରୂପରେ ପୁଣି ଦେଖା ଦିଅନ୍ତି ଏବଂ ସେଗୁଡ଼ିକୁ ପ୍ରକୃତରେ ଆମେ ପରିତ୍ୟାଗ କରି ଦେଇଛୁ ବୋଲି ନିଶ୍ଚିତ ହେବା କଠିନ କଥା । ସୌଭାଗ୍ୟବଶତଃ, ଆମଠାରୁ ଆଶା କରାଯାଉନାହିଁ ଯେ ଏହି ପର୍ଯ୍ୟାୟରେ ଆମେ ସେଗୁଡ଼ିକଠାରୁ ସମ୍ପୂର୍ଣ୍ଣ ମୁକ୍ତ ହେବାକୁ ପଡ଼ିବ । ସେଗୁଡ଼ିକ ମଧ୍ୟରୁ କେତେକଙ୍କର ମୂଳ ଆମ ଭିତରେ ଥାଇ ମଧ୍ୟ ଦୀକ୍ଷା ଲାଭ କରାଯାଇପାରେ । କିନ୍ତୁ ଦୀକ୍ଷା ପରେ ଆମେ ସେଗୁଡ଼ିକୁ ବାଛି ସମ୍ପୂର୍ଣ୍ଣ ସଫା କରି ଦେବାକୁ ହେବ । ତଥାପି ବର୍ତ୍ତମାନ ମଧ୍ୟ ସେଗୁଡ଼ିକୁ ସମ୍ପୂର୍ଣ୍ଣ ନିର୍ମୂଳ କରିଦେବା ଶ୍ରେୟସ୍କର, ଯାହା ଫଳରେ ଆମର ପ୍ରଗତି ହେବ ଅଧିକ ସହଜ ଏବଂ ଅଧିକ ଚଞ୍ଚଳ । ଏହା କାର୍ଯ୍ୟତଃ ସମ୍ଭବ, କାରଣ ଗୁରୁଦେବ ଆମକୁ ଏପରି କୌଣସି ବିଷୟ କହନ୍ତି ନାହିଁ ଯାହା ଆମେ କରିପାରିବୁ ନାହିଁ, ଯଦିଓ ସେ ଆମର ଦ୍ରୁତ ପ୍ରଗତି ପାଇଁ ଅବଶ୍ୟକରଣୀୟ ଏଭଳି କେତେକ ଜିନିଷ ଆମ ଆଗରେ ରଖନ୍ତି, ଯାହା ଅବଶ୍ୟ ଆମର ସହନଶୀଳତା ଏବଂ ନୈତିକ ଶକ୍ତି ପ୍ରତି ବିରାଟ ବୋଝ ହୋଇଥାଏ ।

> **ବିବେକ ତୁମକୁ ଆଗରୁ ଦେଖାଇ ଦେଇଛି ଯେ ଅଧିକାଂଶ ଲୋକେ ଯେଉଁ ସବୁ ବିଷୟ ଇଚ୍ଛା କରନ୍ତି, ଯଥା– ଧନ ଓ କ୍ଷମତା- ସଗେୁଡ଼ିକ ଲାଭ କରିବା ଉପଯୋଗୀ ନୁହେଁ । ଯେତେବେଳେ ଏହା କେବଳ କୁହାଯିବ ନାହିଁ, ପ୍ରକୃତରେ ଅନୁଭବ କରିହେବ, ସେତେବେଳେ ସେଗୁଡ଼ିକ ପାଇଁ ସମସ୍ତ ଇଚ୍ଛାର ସମାପ୍ତି ଘଟିବ ।**

**ଆନି ବେସାନ୍ତ–** ଧନ ଏବଂ କ୍ଷମତାର ଲାଳସା ବିଭିନ୍ନ ଉପାୟରେ ନିଜକୁ ଆବୃତ କରି ରଖେ । ଏହା କେବଳ ଟଙ୍କା ପଇସା, ସାମାଜିକ ବା ରାଜନୈତିକ ପ୍ରଭାବ ସମ୍ପର୍କରେ ନୁହେଁ । ଧନ ହେଉଛି ସେହି ଜିନିଷ ଯାହାକୁ ଅଧିକାଂଶ ବ୍ୟକ୍ତି

ସର୍ବାପେକ୍ଷା ବେଶି ଚାହାନ୍ତି । କିନ୍ତୁ ଏହା ରଖିବା ଭଳି ଭଲ ଜିନିଷ ନୁହେଁ, କାରଣ ଏହା କେବଳ ଇଚ୍ଛା ବଢ଼ାଏ ଏବଂ ସୁଖ ଦିଏ ନାହିଁ । ଏହା ଜଣାଯାଏ ଧନୀମାନଙ୍କୁ ଦେଖିଲେ, ଯେ ସେମାନେ କୌଣସିମତେ ସୁଖୀ ଶ୍ରେଣୀର ନୁହନ୍ତି । ସାମାଜିକ ବା ରାଜନୈତିକ କ୍ଷମତା କ୍ଷେତ୍ରରେ ମଧ୍ୟ ସେହି କଥା- ସବୁ କେବଳ ଖାଦ ଆଉ ଖପରା, ସୁନା ନୁହେଁ । ଗୀତାରେ କୁହାଯାଇଛି ଯେ ବିଜ୍ଞ ଲୋକେ ଯାହା କିଛି ପାଆନ୍ତି ସେଥିରେ ସନ୍ତୁଷ୍ଟ ରହନ୍ତି । ଅର୍ଥାତ ଯାହା କିଛି ମିଳେ, ସେ ସନ୍ତୋଷ ସହକାରେ ତା'ର ବ୍ୟବହାର କରନ୍ତି ଏବଂ ଆଉ ଅଲଗା କିଛି ଇଚ୍ଛା କରି ସମୟ ଓ ଶ୍ରମର ଅପବ୍ୟୟ କରନ୍ତି ନାହିଁ ।

**ଅନ୍ୟ କାର୍ଯ୍ୟରେ ହସ୍ତକ୍ଷେପ ଅବାଞ୍ଛନୀୟ**

କିଛି ଲୋକେ ଉଚ୍ଚ ସାମାଜିକ ବା ରାଜନୈତିକ ସ୍ଥାନ ପାଇଥାନ୍ତି, କିନ୍ତୁ ତାହା ନ ଥିଲେ ମଧ୍ୟ ତାଙ୍କର ଅନେକ ସମୟରେ କ୍ଷମତାର ଲୋଭ ରହିଥାଏ । ନିଜ କାମ ପ୍ରତି ଧ୍ୟାନ ନ ଦେଇ ଅନ୍ୟମାନଙ୍କୁ ନିୟନ୍ତ୍ରଣ କରିବା ତାଙ୍କର ଇଚ୍ଛା । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା ଏବଂ କ'ଣ କରିବାକୁ ହେବ ଅନ୍ୟମାନଙ୍କୁ କହିବା ହେଉଛି କ୍ଷମତା ଲାଳସାର ଅନ୍ତର୍ଭୁକ୍ତ । ହୁଏତ ଆମର ସାମାଜିକ ବା ରାଜନୈତିକ କ୍ଷମତା ପାଇଁ ବିଶେଷ ଲାଳସା ନଥାଇପାରେ, ତଥାପି ଅନେକ ସମୟରେ ରହିଥାଏ ଏକ ଅହିତକର ଇଚ୍ଛା ଅନ୍ୟମାନଙ୍କ ହାତରେ କେତେକ କାମ କରାଇବା ପାଇଁ ଯାହା ସେମାନେ କରିବା ଉଚିତ ବୋଲି ଆମେ ଭାବୁ । ଆମେ ଯଦି ପ୍ରଗତି କରିବାକୁ ଚାହୁଁ, ତେବେ ସେହି ଲାଳସା ଚାଲିଯିବା ଦରକାର । ଯେଉଁମାନେ ପ୍ରକୃତ କାମ କରିବାକୁ ଚାହାନ୍ତି, ସେମାନେ ଆମ ଭିତରୁ ଅନେକଙ୍କ ଭଳି ଶୀଘ୍ର ଜାଣିବେ ଯେ ଅନ୍ୟ କାହା କ୍ଷେତ୍ରରେ ହସ୍ତକ୍ଷେପ କରିବାକୁ ଚେଷ୍ଟା ନ କରି ଆମର ନିଜର ନିମ୍ନତର ଆତ୍ମାଗୁଡ଼ିକୁ ପରିଚାଳନା କରିବାରେ ବେଶ୍ କିଛି କରିବାକୁ ଅଛି । ଅନ୍ୟମାନଙ୍କ ଭିତରେ ଥିବା ଆତ୍ମା ଏବଂ ଆମ ଭିତରେ ଥିବା ଆତ୍ମା ହେଉଛି ଏକ ଏବଂ ସେମାନଙ୍କ ଭିତରେ ଏହା କିପରି ନିଜକୁ ପ୍ରକଟନ କରିବାକୁ ବାଛି ନେବ, ସେଇଟା ସେମାନଙ୍କର କାମ, ଆମର ନୁହେଁ । ସୁତରାଂ ହସ୍ତକ୍ଷେପ କରିବାର ସମସ୍ତ ପ୍ରବଣତାକୁ ଖୋଜି ନିର୍ମୂଳ କରିଦେବାକୁ ହେବ ।

ଆପଣଙ୍କର ହସ୍ତକ୍ଷେପ କରିବାର କୌଣସି ଅଧିକାର ନାହିଁ; ଅବଶ୍ୟ କେବଳ ଯେଉଁ କ୍ଷେତ୍ରରେ ତାହା ଆପଣଙ୍କର କର୍ତ୍ତବ୍ୟ ସେହି କ୍ଷେତ୍ର ବ୍ୟତୀତ । ସେହି କର୍ତ୍ତବ୍ୟ ମଧ୍ୟ କେବଳ ଯେତେବେଳେ ଆପଣଙ୍କର ଏକ ନିର୍ଦ୍ଦିଷ୍ଟ ସୀମିତ ନିୟନ୍ତ୍ରଣ ରହିଛି ଏକ ବ୍ୟକ୍ତି ଉପରେ- ଯାହାକୁ ପ୍ରକୃତି ଆପଣଙ୍କ ଦାୟିତ୍ୱରେ ରଖିଛି । ଏହା ମଧ୍ୟ ଯେମିତି

ଆପଣଙ୍କ ନିଜ ପିଲା କ୍ଷେତ୍ରରେ, ବା ଯାହାକୁ ଆଗର କର୍ମଫଳ ଆପଣଙ୍କ ନିକଟକୁ ଆଣି ଦେଇଛି ଏବଂ ଏହା ଆପଣଙ୍କ ଚାକର ବା ମୂଲିଆ କ୍ଷେତ୍ରରେ ମଧ୍ୟ । ପିଲାଙ୍କ ଉପରେ ଆପଣଙ୍କ ନିୟନ୍ତ୍ରଣ ସୁରକ୍ଷାମୂଳକ ହେବା ଉଚିତ । ଏହା ପ୍ରୟୋଗ କରାଯିବ ସେତେବେଳେ, ଯେତେବେଳେ ଏବଂ ଯେପର୍ଯ୍ୟନ୍ତ ରହିଥିବ ତା'ର ଦୁର୍ବଳତା- ଯାହା ସୁରକ୍ଷା ଦରକାର କରେ । କ୍ରମଶ। ଯେତେବେଳେ ଅନ୍ତରସ୍ଥ ଜୀବାତ୍ମା ନିଜର ଯାନଗୁଡ଼ିକୁ ନିଜର ଅଧିକାରରେ ଆଣିବା ପାଇଁ ସକ୍ଷମ ଏହା ରହିବ ନାହିଁ । ଏବଂ ଏହା ଆପଣଙ୍କର ସମାନ ସ୍ତରର ଲୋକଙ୍କ ଉପରେ ମଧ୍ୟ ରହିବା ଉଚିତ ନୁହେଁ । ଏଇଠି ମୁଁ ଶବ୍ଦଟିକୁ ଏକ ବିସ୍ତୀର୍ଣ୍ଣ ଅର୍ଥରେ ବ୍ୟବହାର କରୁଛି- ଆପଣଙ୍କର ସ୍ପଷ୍ଟତଃ ହସ୍ତକ୍ଷେପ କରିବାର କୌଣସି ଅଧିକାର ନାହିଁ ।

ଲେଡ୍‌ବିଟର– ଲୋକେ ଅନେକ ସମୟରେ ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଚାହାନ୍ତି କେବଳ ଏହି କାରଣରୁ ଯେ ସେମାନେ ଭାବନ୍ତି ଯେ ସେମାନେ ଅନ୍ୟମାନଙ୍କ ଅପେକ୍ଷା କାମଟିକୁ ଭଲ ଭାବରେ କରିପାରିବେ । କିନ୍ତୁ ମୋଟ ଉପରେ ସେମାନେ ସେହି କଥା ଜାଣନ୍ତି ନାହିଁ । ଈଶ୍ୱରୀୟ ଶକ୍ତି ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ଦେଇ କାର୍ଯ୍ୟ କରୁଛି । ଆମେ ତାକୁ ନିଜ ଉପାୟରେ କାର୍ଯ୍ୟ କରିବା ପାଇଁ ଛାଡ଼ି ଦେବା ଶ୍ରେୟସ୍କର ହେବ । ମନେ ରଖନ୍ତୁ କିପରି ଖ୍ରୀଷ୍ଟ ଇହୁଦୀମାନଙ୍କୁ ମନେ ପକାଇଦେଲେ ସେମାନଙ୍କ ଧର୍ମଗ୍ରନ୍ଥରେ ଯାହା ଲେଖା ଅଛି, "ଆପଣମାନେ ହେଉଛନ୍ତି ଦେବତା"- ସର୍ବୋଚ୍ଚ ସତ୍ତାଙ୍କର ସନ୍ତାନ ।

ଏହା ହୋଇପାରେ ଯେ ଅନ୍ୟ ବ୍ୟକ୍ତି ନିଜ କାମକୁ ସବୁଠାରୁ ଭଲଭାବେ କରିପାରୁ ନାହିଁ, କିମ୍ବା ହୁଏତ ଗୁଡ଼ାଏ ଭୁଲ୍ କରୁଛି । କିନ୍ତୁ ଯେ ପର୍ଯ୍ୟନ୍ତ ସେ ସାଧୁତା ଏବଂ ଆନ୍ତରିକତା ସହ ତା'ର ଯଥାସାଧ୍ୟ କରୁଛି ସେ ପର୍ଯ୍ୟନ୍ତ ତାହା ଭଲ କଥା । ତାକୁ ଖେଳିବାକୁ ଦିଅ- ଯଦିଓ ସେ ଆପଣଙ୍କ ପରି ଭଲ ବ୍ୟାଟିଂ କରିପାରୁ ନାହିଁ । ସମୟେ ସମୟେ ହୁଏତ ଜଣେ ବେଶ୍ କୌଶଳ ସହକାରେ, ସମ୍ମାନ ସହିତ ଏବଂ ଧୀର ଭାବରେ ଉପଦେଶ ଦେଇପାରେ । କିନ୍ତୁ ବହୁ କ୍ଷେତ୍ରରେ ତାହା ମଧ୍ୟ ହେବ ଏକ ଧୃଷ୍ଟତା । ମନୁଷ୍ୟ କେବେହେଲେ କୌଣସି ପରିସ୍ଥିତିରେ କାହା ଉପରେ ଏକ ମତ ଲଦି ଦେବାକୁ ଚେଷ୍ଟା କରିବା ଉଚିତ ହେବ ନାହିଁ । ଆମର ପ୍ରଥମ ଚିନ୍ତାର ବିଷୟ ହେବା ଉଚିତ ନିଜର କାର୍ଯ୍ୟଗୁଡ଼ିକୁ ଠିକ୍ ଭାବରେ ପରିଚାଳନା କରିବା, କାରଣ ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରତି ହିଁ ଉତ୍ତରଦାୟୀ ।

■■■

## ଦ୍ୱିତୀୟ ଅଧ୍ୟାୟ

# ଏକ ମାତ୍ର ଉତ୍ତମ ଇଚ୍ଛା

**ଏ ପର୍ଯ୍ୟନ୍ତ ସବୁକିଛି ସହଜ । ଏହା କେବଳ ଏତିକି ଦରକାର କରେ ଯେ ତୁମେ ବୁଝିବା ଆବଶ୍ୟକ । କିନ୍ତୁ ଏପରି କେତେକ ଅଛନ୍ତି; ଯେଉଁମାନେ ସାଂସାରିକ ଲକ୍ଷ୍ୟ ତ୍ୟାଗ କରନ୍ତି କେବଳ ସ୍ୱର୍ଗଲାଭ ସକାଶେ କିମ୍ବା ପୁନର୍ଜନ୍ମରୁ ନିଜେ ମୁକ୍ତି ପାଇବା ସକାଶେ । ତୁମେ ଏହି ଭୁଲ୍‌ରେ କେବେହେଲେ ପଡ଼ିବ ନାହିଁ ।**

**ଲେଡ୍‌ବିଟର୍‌–** ପୁନର୍ଜନ୍ମରୁ ନିଜର ମୁକ୍ତି ଲାଭ ଇଚ୍ଛା ମୁଖ୍ୟତଃ ଭାରତରେ ଦେଖିବାକୁ ମିଳିଥାଏ, କାରଣ ସେଠାରେ ଅଧିକାଂଶ ବ୍ୟକ୍ତି ପୁନର୍ଜନ୍ମରେ ବିଶ୍ୱାସ କରନ୍ତି । ସାଧାରଣ ଖ୍ରୀଷ୍ଟିଆନ୍‌ମାନଙ୍କ ସକାଶେ ସ୍ୱର୍ଗ ହେଉଚି ପୃଥିବୀରୁ ଏକ ମୁକ୍ତି । ଏହି ଉପଦେଶଗୁଡ଼ିକ ଦିଆଯାଇଥିଲା ଏକ ଭାରତୀୟ ବାଳକକୁ । ସୁତରାଂ ପ୍ରଥମତଃ ଏବଂ ସର୍ବାଧିକ ଭାବେ ସେଗୁଡ଼ିକ ଭାରତୀୟ ପରିସ୍ଥିତିକୁ ଲକ୍ଷ୍ୟ କରି କୁହାଯାଇଛି, ଯଦିଓ ସେହି ଚିନ୍ତାଗୁଡ଼ିକ ଆମର ପାଶ୍ଚାତ୍ୟ ଜଗତ ପ୍ରତି ମଧ୍ୟ ପ୍ରଯୁଜ୍ୟ । ବିଶେଷତଃ ଆମେ, ବ୍ରହ୍ମବିଦ୍ୟାର୍ଥୀଗଣ, ସ୍ୱର୍ଗରାଜ୍ୟର ସୁଖପାଇଁ ଜୋର ସହ ଉଦ୍ୟମ କରିବା ସମ୍ଭବ ନୁହେଁ, ଯେଉଁଠି ଲୋକେ ଆଉ ଏକ ଜନ୍ମ ନେବା ପୂର୍ବରୁ ଶହ ଶହ, ହଜାର ହଜାର ବର୍ଷ କଟାଇଥାନ୍ତି । ଆମ ଭିତରୁ ଅନେକେ ଶୀଘ୍ର ପୃଥିବୀକୁ ଫେରି ଆସି କାମ କରିବାକୁ ପସନ୍ଦ କରିବୁ । ତେବେ ଯେଉଁମାନେ ତାହା ପ୍ରକୃତରେ ଚାହାନ୍ତି, କେବଳ ସେମାନଙ୍କ ପକ୍ଷରେ ତାହା ସମ୍ଭବ । ତାହା ଦରକାର କରେ କିଛି ପରିମାଣର ଦୃଢ଼ତା, କାରଣ ଆମକୁ ପୁଣି ଆମର ସେହି ମାନସ ଏବଂ କାମନା ଶରୀରକୁ ଆମର ନୂତନ ସ୍ଥୂଳ ଶରୀର ଭିତରକୁ ନେଇ ଯିବାକୁ ହେବ ।

କାମନା ଶରୀର ଏବଂ ମାନସ ଶରୀର ସ୍ଥୂଳ ମସ୍ତିଷ୍କ ପରି ଯେ କ୍ଲାନ୍ତି ଅନୁଭବ କରିଥାନ୍ତି ତାହା ନୁହେଁ । ତେବେ ଆଉ ଏକ ବିଷୟ ବିଚାର କରିବା

କଥା । ଏହି ଜୀବନରେ ଆମର ଯେଉଁ କାମନା ଶରୀର ଏବଂ ମାନସ ଶରୀର ରହିଛି ତାହା ଗତ ଜନ୍ମର ଶେଷ କାଳରେ ଆମେ ଯେପରି ଥିଲୁ, ତା'ର ପରି ପ୍ରକାଶ ମାତ୍ର । ଆମେ ଜୀବନ କାଳ ଭିତରେ ସେଗୁଡ଼ିକର ବିଶେଷ ପରିବର୍ତ୍ତନ ଘଟାଇଥାଉ । ତେବେ ତାହା ଗୋଟିଏ ନିର୍ଦ୍ଦିଷ୍ଟ ସୀମା ଡେଇଁ ପାରିବ ନାହିଁ । ଉଦାହରଣ ସ୍ୱରୂପ, ମୋଟର ଗାଡ଼ିର ମରାମତି ବା ଉନ୍ନତି କରାଯାଇପାରେ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଏବଂ ଅନେକ ସମୟରେ ଗୋଟିଏ ପୁରୁଣା ଗାଡ଼ିକୁ ଆଧୁନିକ ଗାଡ଼ି ରୂପେ ସଜାଡ଼ିବା ଅପେକ୍ଷା ଏକ ନୂଆ ଗାଡ଼ି କିଣିବା ଶ୍ରେୟସ୍କର ହୋଇଥାଏ । କାମନା ଶରୀର ଏବଂ ମାନସ ଶରୀର ସମ୍ପର୍କରେ ମୋଟାମୋଟି ସେହିପରି କଥା । ସେଗୁଡ଼ିକରେ ଏକ ମୌଳିକ ପରିବର୍ତ୍ତନ ଆଣିବା ପାଇଁ ଗୁଡ଼ାଏ ଦିନ ଲାଗିଯିବ ଏବଂ ଶେଷରେ ତାହା କେବଳ ଆଂଶିକ ଭାବେ ସଫଳ ହୋଇପାରେ । ଯଦି ଏହି ଜୀବନରେ ମନୁଷ୍ୟର କାର୍ଯ୍ୟକ୍ଷମତା ବିଶେଷ ଭାବେ ବୃଦ୍ଧି ପାଇଛି, ତା'ର ପ୍ରଗତି ପାଇଁ ହୁଏତ ଭଲ ହେବ ଯଦି ପୁରୁଣା ଶରୀରଗୁଡ଼ିକରେ ତାଳି ପକାଇବା ଏବଂ ବଦଳାଇବା ଅପେକ୍ଷା ସେ ଏକ ନୂତନ କାମନା ଶରୀର ଏବଂ ମାନସ ଶରୀର ଗ୍ରହଣ କରେ, ଯାହା ମଧ୍ୟ ଦେଇ ସେ ନିଜକୁ ବ୍ୟକ୍ତ କରିପାରିବ । ସୁତରାଂ ଶୀଘ୍ର ପୁଣି ଜନ୍ମ ନେବା ସର୍ବଦା ଏକ ଉପଯୋଗୀ ପନ୍ଥା ହୋଇନପାରେ । ତଥାପି ଆମେ ଧରି ନେଇପାରିବା ଯେ ଯଦି କୌଣସି ବ୍ୟକ୍ତି ଏହି ଜୀବନରେ ଭଲ ଭାବେ କାର୍ଯ୍ୟ କରିଛନ୍ତି ଏବଂ ସେହି କାର୍ଯ୍ୟ ଚାଲୁ ରଖିବା ପାଇଁ ସାଙ୍ଗେ ସାଙ୍ଗେ ଏକ ନୂତନ ଜନ୍ମ ନେବା ପାଇଁ ଆନ୍ତରିକ ଭାବେ ଚାହାନ୍ତି, ସେ ନିଜର ଇଚ୍ଛା ପୂରଣ କରିବାରେ ସମର୍ଥ ହୋଇପାରନ୍ତି ।

ମୃତ୍ୟୁ ପରେ ସବୁ ଲୋକଙ୍କ ପାଇଁ ଏକ ସାଧାରଣ ପନ୍ଥା ରହିଛି ଏବଂ ଯେଉଁମାନେ ମୃତ୍ୟୁ ଦେଇ ଗତି କରନ୍ତି, ସେମାନଙ୍କ ସକାଶେ ବିଶେଷ ବ୍ୟବସ୍ଥା କରିବାର ଆବଶ୍ୟକତା ନାହିଁ । କିନ୍ତୁ ଯଦି କୌଣସି ବ୍ୟକ୍ତି ସେହି ପନ୍ଥା ଛାଡ଼ିବାକୁ ଚାହାନ୍ତି, ତେବେ ସେ ଏକ ପ୍ରକାର ଦରଖାସ୍ତ କରିବାକୁ ହେବ, ସେହି ଦରଖାସ୍ତ ଦେବାକୁ ହେବ ଉଚ୍ଚତର କର୍ତ୍ତୃପକ୍ଷଙ୍କୁ । ସେ ତାହା ବାଞ୍ଛନୀୟ ମନେ କଲେ ଅନୁମତି ଦେଇ ପାରିବେ । କିନ୍ତୁ ସେ ନିଶ୍ଚିତ ଭାବେ ତାହା ମନା କରିବେ, ଯି ସେ ଭାବନ୍ତି ଯେ ତାହା ସେହି ବ୍ୟକ୍ତି ପ୍ରତି ସର୍ବାଧିକ ଶ୍ରେୟସ୍କର ନୁହେଁ । ତେବେ ମୋର ମନେ ହୁଏ, ଯେଉଁମାନଙ୍କର ଏ ବିଷୟରେ ଉଦ୍‌ବେଗ ରହିଛି ସେମାନେ ନିଜର ମନକୁ ଶାନ୍ତ କରିପାରନ୍ତି, କାରଣ ଯେଉଁମାନେ ବର୍ତ୍ତମାନ ଭଲ ଭାବେ କାମ କରିଛନ୍ତି, ସେମାନେ ସେହି କାର୍ଯ୍ୟ ଚାଲୁ ରଖିବା ପାଇଁ ନିଶ୍ଚିତ ଭାବେ

ସୁଯୋଗ ପାଇବେ । ଯେଉଁ ବ୍ୟକ୍ତି ଶୀଘ୍ର ଶୀଘ୍ର ଜନ୍ମ ନେବାକୁ ଚାହେଁ ସେ ନିଜକୁ ଅପରିତ୍ୟାଜ୍ୟ କରିବା ଦରକାର, ଯାହା ଫଳରେ ସମସ୍ତେ ଜାଣିବେ ଯେ ସେ ଯଦି ସାଙ୍ଗେ ସାଙ୍ଗେ ଫେରି ଆସନ୍ତି ତେବେ ସେ ଉପଯୋଗୀ ହେବେ । ପ୍ରସଙ୍ଗକ୍ରମେ କୁହାଯାଇପାରେ ଯେ ମାନସ ଏବଂ କାମନା ଶରୀରକୁ ଆବଶ୍ୟକୀୟ ଅବସ୍ଥାକୁ ଆଣିବା ପାଇଁ ତାହା ହିଁ ସର୍ବୋତ୍କୃଷ୍ଟ ପନ୍ଥା ।

> **ଯଦି ତୁମେ ନିଜକୁ ସମ୍ପୂର୍ଣ୍ଣ ଭୁଲି ଯାଇଛ, ତେବେ ତୁମେ ଭାବି ପାରିବ ନାହିଁ କେତେବେଳେ ତୁମର ଆତ୍ମା ମୁକ୍ତ ହେବ, ବା କେଉଁ ପ୍ରକାର ସ୍ୱର୍ଗ ଏହା ଲାଭ କରିବ । ମନେରଖ ଯେ ସମସ୍ତ ପ୍ରକାର ସ୍ୱାର୍ଥପର କାମନା ବାନ୍ଧି ରଖେ, ତାହାର ଲକ୍ଷ୍ୟ ଯେତେ ଉଚ୍ଚ ହେଉ ନା କାହିଁକି ଏବଂ ଯେ ପର୍ଯ୍ୟନ୍ତ ତୁମେ ତାହା ତ୍ୟାଗ ନ କରିଛ, ଗୁରୁଦେବଙ୍କର କାର୍ଯ୍ୟରେ ନିଜକୁ ଅନୁରକ୍ତ ରଖିବା ପାଇଁ ତୁମେ ସମ୍ପୂର୍ଣ୍ଣ ମୁକ୍ତ ନୁହଁ ।**

**ଆନି ବେସାନ୍ତ–** ଆମକୁ ମନେ ରଖିବାକୁ ହେବ ଯେ କାମନା ଏବଂ ମାନସ ସ୍ତର ହେଉଛି ବାସ୍ତବ, ଯଦିଓ ସେଗୁଡ଼ିକର ପଦାର୍ଥ ପୃଥିବୀର ସ୍ଥୂଳ ପଦାର୍ଥ ତୁଳନାରେ ସୂକ୍ଷ୍ମତର । ସେଗୁଡ଼ିକ ମଧ୍ୟ ଦୃଶ୍ୟମାନ ଏବଂ କାମନାର ଲକ୍ଷ୍ୟ ନେଇ ପରିପୂର୍ଣ୍ଣ । ସୁତରାଂ ନିମ୍ନତର ମାନସ ସ୍ତରରେ ରହିଥିବା ସ୍ୱର୍ଗ ପ୍ରାପ୍ତି ପାଇଁ କାମନା ପୃଥିବୀରେ ରହିବା ପାଇଁ କାମନା ଭଳି ମଧ୍ୟ ଏକ ନିମ୍ନତର ଆତ୍ମାର କାମନା; କେବଳ ତାହା ବହୁତ ଦୂରବର୍ତ୍ତୀ ଏବଂ ଅଧିକତର ସୂକ୍ଷ୍ମ । ପାର୍ଥିବ କାମନା ତୁଳନାରେ ସ୍ୱର୍ଗ ପାଇଁ କାମନାର ସୁବିଧା ହେଉଛି ଏହି ଯେ ଏହା ଆମର କାମନା ପ୍ରକୃତିକୁ ବାଧା ଦିଏ, କାରଣ ଏହା ସଙ୍ଗେ ସଙ୍ଗେ ପୂରଣ ହୋଇପାରେ ନାହିଁ । ସେଥିପାଇଁ ଏହା ମୋଟାମୋଟି କାମନାମୁକ୍ତ ହେବା ଦିଗରେ ମଣିଷକୁ ସାହାଯ୍ୟ କରେ । ତା' ସାଙ୍ଗକୁ ଏହା ଫଳରେ ମଣିଷ କେତେକ ମାର୍ଜିତ ସୁଖ ବାଛି ନିଏ ଏବଂ କୁତ୍ସିତ ସୁଖ ବଦଳରେ ସେଗୁଡ଼ିକୁ ନେଇ ମଣିଷ ଚିନ୍ତା କରି ଲାଗେ ।

ବହୁ ଲୋକେ ଅଛନ୍ତି, ଯେଉଁମାନଙ୍କୁ ସ୍ପଷ୍ଟତଃ "କାମନା ବିନାଶ କର" ବୋଲି କହିବା ଅର୍ଥହୀନ । ଖାଇବା, ପିଇବା ଏବଂ ଯୌନ ସୁଖରେ ମଜ୍ଜି ରହିଥିବା କୌଣସି ବ୍ୟକ୍ତିକୁ ଯଦି ଆପଣ ସାହାଯ୍ୟ କରିବାକୁ ଚାହାନ୍ତି, ତେବେ

ତାହା ଆଗରେ ସ୍ୱର୍ଗଲାଭର କାମନା ରଖିପାରନ୍ତି, ଯାହା ତାହାର ନିମ୍ନତର ଇଚ୍ଛାଗୁଡ଼ିକୁ ନିଷ୍କ୍ରିୟ କରି ନଷ୍ଟ କରିବାରେ ସାହାଯ୍ୟ କରିବ । ସେଥିପାଇଁ ହିଁ ସବୁ ପ୍ରକାର ଧର୍ମ ସ୍ୱର୍ଗ ଓ ନର୍କ ସମ୍ପର୍କରେ ଏତିକି ଶିକ୍ଷା ଦେଇଥାନ୍ତି । ଏପରିକି ଭଗବାନ ବୁଦ୍ଧି ସାଧାରଣ ଲୋକଙ୍କୁ ଭାଷଣ ଦେବାବେଳେ ଏଗୁଡ଼ିକ ବିଷୟରେ କହିଛନ୍ତି ।

ଯେଉଁମାନେ ଏହି ପଥରେ ଯାତ୍ରା କରିବାକୁ ଚାହାନ୍ତି, ସେମାନଙ୍କୁ କେବଳ ଯେ ସ୍ୱର୍ଗଲାଭ ଇଚ୍ଛା ତ୍ୟାଗ କରିବାକୁ ହେବ ତାହା ନୁହେଁ, ସେମାନଙ୍କୁ ଜନ୍ମ ମୃତ୍ୟୁର ଚକ୍ରରୁ ନିଜର ମୁକ୍ତି ବା ମୋକ୍ଷ ଇଚ୍ଛା ମଧ୍ୟ ତ୍ୟାଗ କରିବାକୁ ହେବ । ତା'ର କାରଣ ବେଶ୍ ସହଜରେ ବୁଝି ହେବ ଏବଂ ଗୁରୁଦେବ ଏଇଠି ତାହା କହିଛନ୍ତି । ଆପଣ ଯଦି ନିଜକୁ ସମ୍ପୂର୍ଣ୍ଣ ଭୁଲି ଯାଇଥାନ୍ତି, ତେବେ ଯେଉଁ ସବୁ ବିଷୟ ଆପଣଙ୍କୁ ପ୍ରଭାବିତ କରେ ସେଗୁଡ଼ିକୁ ଆପଣ ଭାବି ପାରିବେ ନାହିଁ । ଆପଣ ଯଦି ଗୁରୁଦେବଙ୍କ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିବାକୁ ଚାହାନ୍ତି, ତେବେ ଆପଣ ସେହି ସବୁ ବିଷୟର କାମନାରୁ ମୁକ୍ତ ହେବାକୁ ପଡ଼ିବ ।

## ହୃଦୟର ବନ୍ଧନ ହେବ ଛିନ୍ନ

ବହୁ ଲୋକ ଅଛନ୍ତି, ଯେଉଁମାନେ କୌଣସି ନା କୌଣସି ପ୍ରକାରେ ସେବା କରିବାକୁ ଚାହାନ୍ତି । ଅବଶ୍ୟ ଶିଷ୍ୟ ନିଶ୍ଚୟ ଗୁରୁଦେବଙ୍କର ସେବା କରିବାକୁ ଚାହିଁବେ, କିନ୍ତୁ ତାହା କେବଳ ଯେପରି ଗୁରୁ ଚାହାନ୍ତି ଏବଂ ଯେଉଁଠାରେ ଗୁରୁ ତାହା ଆବଶ୍ୟକ କରନ୍ତି । ଯେଉଁଠି ହୃଦୟ କୌଣସି ବିଷୟ ନେଇ ଆବଦ୍ଧ ଥାଏ ସେଇଠି ଏହିପରି ନିଃସର୍ତ୍ତ ସେବା ସମ୍ଭବ ନୁହେଁ । ଏକ ଉପନିଷଦରେ ଯେପରି କୁହାଯାଇଛି, "ହୃଦୟର ବନ୍ଧନ ଛିନ୍ନ ନ ହେବା ପର୍ଯ୍ୟନ୍ତ ମନୁଷ୍ୟ ଅମରତ୍ୱ ଲାଭ କରିପାରିବ ନାହିଁ ।" ଏହି କଥା କଠୋର ଶୁଣାଯାଇପାରେ, ଯଦି ଆମେ ଭାବୁ ଯେ ହୃଦୟର ବନ୍ଧନ ଗୁଡ଼ିକରେ ରହିଛି ପ୍ରେମ ଭଳି ମହତ୍ ଗୁଣଗୁଡ଼ିକ ଯାହାକୁ ଆମେ ସର୍ବାଧିକ ମୂଲ୍ୟବାନ୍ ବୋଲି ମନେ କରୁ ।

ତେବେ ଏହା କହୁନାହିଁ ଯେ ହୃଦୟ ବିଦୀର୍ଣ୍ଣ ହୋଇଯାଉ– ବରଂ କହୁଛି ବନ୍ଧନ ଛିନ୍ନ ହେଉ ଯାହା ଫଳରେ ହୃଦୟର ପ୍ରେମ ହୋଇପାରିବ ଅସୀମ । ମୋତେ ଭୁଲ୍ ବୁଝନ୍ତୁ ନାହିଁ ଏବଂ ଭାବନ୍ତୁ ନାହିଁ ଯେ ମୁଁ କହୁଛି ପ୍ରେମ ଅବାଞ୍ଛନୀୟ ବୋଲି । ପ୍ରେମ ବାନ୍ଧି ରଖେ ନାହିଁ, ବରଂ ତା' ସହିତ ଅନେକ ସମୟରେ ଜଡ଼ିତ ରହିଥିବା ସ୍ୱାର୍ଥପରତାର ଉପାଦାନଗୁଡ଼ିକ ବାନ୍ଧି ରଖେ । ଅନ୍ୟ ବ୍ୟକ୍ତି ମଧ୍ୟରେ ଥିବା ଆତ୍ମା ପ୍ରତି କୌଣସି ଜଣେ ବ୍ୟକ୍ତି ମଧ୍ୟରେ ଥିବା ଆତ୍ମାର ପ୍ରେମ ସ୍ୱଭାବତଃ

ଚିରସ୍ଥାୟୀ । ଆମେ ଚାହିଁଲେ ମଧ୍ୟ ତାହା ବଦଳାଇ ପାରିବା ନାହିଁ । କିନ୍ତୁ ଯେତେବେଳେ ଆତ୍ମା ପ୍ରତି ପ୍ରେମ ସହିତ ରୂପ ପ୍ରତି ପ୍ରେମ ମିଶିଯାଏ, ଏହା ବାନ୍ଧି ରଖିବାକୁ ଆରମ୍ଭ କରେ ଏବଂ ଏହି ପ୍ରକାରେ ପ୍ରେମ ମଧ୍ୟ ଏକ ବନ୍ଧନ ହୋଇପାରେ ।

ଆପଣଙ୍କୁ ବାଧା ଦେଉଥିବା ପ୍ରତ୍ୟେକଟି ବନ୍ଧନକୁ ଛେଦ କରିବା ପାଇଁ ସର୍ବଦା ଚେଷ୍ଟା କରିବା ବ୍ୟତୀତ ଗୁରୁଦେବଙ୍କ କାର୍ଯ୍ୟ ସକାଶେ ଆପଣଙ୍କୁ ମୁକ୍ତ ହେବାର ଅନ୍ୟ ପନ୍ଥା ନାହିଁ । ଆପଣ ଯଦି ଦେଖନ୍ତି ଯେ ଆପଣଙ୍କ ପ୍ରେମରେ କିଛି ରହିଛି ଯାହା ଆପଣଙ୍କୁ ଯନ୍ତ୍ରଣା ଦିଏ, ତାହାହେଲେ ସେଥିରେ ରହିଛି ସ୍ୱାର୍ଥପରତା । ଯାହା ଦୂର କରିବାକୁ ହେବ । ତାକୁ ପରିତ୍ୟାଗ କରନ୍ତୁ । ତାହେଲେ ଆପଣଙ୍କ ପ୍ରେମ ରହିବ ବଳବତ୍ତର, ମହତ୍ତର, ଶୁଦ୍ଧତର; ଏବଂ ଏହି ପ୍ରକାର ପ୍ରେମ କେବେହେଲେ ଗୁରୁଦେବଙ୍କ କାର୍ଯ୍ୟରେ ବ୍ୟାଘାତ ଆଣିବ ନାହିଁ ।

ମନେ କରନ୍ତୁ ଆପଣଙ୍କର ଇଚ୍ଛା ଅଛି କୌଣସି ଏକ ସ୍ଥାନକୁ ଯିବାପାଇଁ, କାରଣ ସେଠାରେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଅଛନ୍ତି, ଯାହାଙ୍କ ସହିତ ସାକ୍ଷାତ୍ କଲେ ଆପଣଙ୍କୁ ଭଲ ଲାଗିବ । ବେଶ୍ ତ, ଯିବା ଇଚ୍ଛା ଛାଡ଼ି ଦିଅନ୍ତୁ । ଆପଣ କିପରି ଜାଣି ଶୁଣି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ବିଷୟ ପ୍ରତି ସ୍ୱାର୍ଥପରତା ଜରିଆରେ ବନ୍ଧା ହୋଇଥିବା ବନ୍ଧନକୁ ଛିନ୍ନ କରିପାରିବେ, ଏହା ହେଉଛି ତାହାର କେବଳ ଗୋଟିଏ ଉଦାହରଣ । ଏହି ବନ୍ଧନଗୁଡ଼ିକୁ ଛିନ୍ନ କରନ୍ତୁ ।

ଯେଉଁମାନଙ୍କର ଅଟଳ ଆଗ୍ରହ, ମୁଁ କେବଳ ସେମାନଙ୍କ ପାଇଁ ଏହା କହୁଛି । ଯେଉଁମାନେ ଧୀରେ ଧୀରେ ନିଃଶବ୍ଦରେ ପ୍ରଗତି ପଥରେ ଯିବାକୁ ଚାହାନ୍ତି, ମୁଁ ସେମାନଙ୍କ ପାଇଁ ଏହା କହୁନାହିଁ । ମନେ ରଖନ୍ତୁ, ଏହି ପରବର୍ତ୍ତୀ ପନ୍ଥା ନିନ୍ଦନୀୟ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ଧୀର ବା ଦ୍ରୁତ ଗତିରେ ନିଜ ଇଚ୍ଛାମତେ ଯିବା ପାଇଁ ବାଧା ନାହିଁ । କିନ୍ତୁ ଯେଉଁମାନେ କାର୍ଯ୍ୟ କରିବାକୁ ଚାହାନ୍ତି, ଯେଉଁମାନେ ସମ୍ପୂର୍ଣ୍ଣ ଆଗ୍ରହୀ, ମୁଁ ସେମାନଙ୍କ ପାଇଁ ବର୍ତ୍ତମାନ ଏହା କହୁଛି । ଗୁରୁଦେବ ସର୍ବଦା ଏହି ଆନ୍ତରିକତା ପାଇଁ ଚାହିଁ ରହିଛନ୍ତି– କିନ୍ତୁ ବିଶେଷ ପରିମାଣରେ ତାହା ପାଉ ନାହାନ୍ତି ।

ପୁଣି ଥରେ ମୁଁ ନିଜର ଅନୁଭୂତିରୁ କହୁଛି; କାରଣ ଏହି ପନ୍ଥାରେ ମୁଁ ଅସୁବିଧା ଭୋଗି ଥିଲି । ତା'ପରେ ମୁଁ ନିଜକୁ ତାଲିମ୍ ଦେବାକୁ ଆରମ୍ଭ କଲି ଏବଂ ଯେତେବେଳେ ମୁଁ ଦେଖିଲି ଯେ ଜଣକ ସହିତ ଦେଖା କରିବା ପାଇଁ ମୋର ବିଶେଷ ଇଚ୍ଛା ହେଲା, ସେତେବେଳେ ମୁଁ ତାହାଠାରୁ ଦୂରରେ ରହିବାକୁ ଚେଷ୍ଟା

କଲି । ଯଦି ଆପଣଙ୍କର କୌଶଳ ଓ ଦୃଢ଼ତା ରହିଛି, ଆପଣ ଅନେକ ସମୟରେ ନିଜକୁ ଭିତରପଟୁ ବନ୍ଧନମୁକ୍ତ କରିପାରିବେ; ଆପଣ ସେପରି କରୁଛନ୍ତି ବୋଲି ଅନ୍ୟମାନଙ୍କୁ ନ ଜଣାଇ ମଧ୍ୟ । ଆପଣ ପୂର୍ବ ଭଳି ସ୍ନେହୀ ରହିଥିବେ- ଆପଣଙ୍କର ବାହ୍ୟ ବ୍ୟବହାରରେ କୌଣସି ପରିବର୍ତ୍ତନ ହେବ ନାହିଁ, କିନ୍ତୁ ଆପଣ ନିଜ ହୃଦୟର ଅଭ୍ୟନ୍ତରରେ ବ୍ୟକ୍ତିଗତ ବନ୍ଧନକୁ ଶିଥିଳ କରି ଲାଗିଥିବେ । ଏହିପରି ଯାହା କରଣୀୟ ତାହା ସ୍ୱଷ୍ଟ ଭାବେ ଲକ୍ଷ୍ୟ କରି ଏବଂ ତା'ପରେ ଜାଣିଶୁଣି ତାହା କରିବା ଦ୍ୱାରା ଆମ ଭିତରୁ କେତେକ ବ୍ୟକ୍ତି ଅଧିକାଂଶ ଲୋକଙ୍କ ତୁଳନାରେ ଅଧିକ ପ୍ରଗତି କରିଛନ୍ତି । ଆପଣ ଏହି ପ୍ରକାର ଉଦ୍ୟମ ଅଧିକ ସହଜ ମନେ କରିବେ ଯଦି ଆପଣ ଏହି କଥା ମନେ ରଖନ୍ତି ଯେ ଆପଣ ଗୁରୁଦେବଙ୍କ କାମରେ ନିଜକୁ ସମ୍ପୂର୍ଣ୍ଣ ଭାବେ ଲଗାଇ ପାରିବେ ନାହିଁ, ଯେପର୍ଯ୍ୟନ୍ତ ଆପଣଙ୍କୁ ବାନ୍ଧି ରଖିବା ଭଳି କିଛି ରହିଛି ।

ଲେଡ୍‌ବିଟର– ଏହି ଅନୁଚ୍ଛେଦ ଆମକୁ ଦର୍ଶାଇ ଦିଏ ଯେ ସ୍ୱର୍ଗ ଲାଭ ଇଚ୍ଛା ହେଉଛି ଆମର ବ୍ୟକ୍ତିତ୍ୱର । ତେବେ ଶିଷ୍ୟ ହେବା ପୂର୍ବ ଅବସ୍ଥାର ବିକାଶ ପର୍ଯ୍ୟାୟରେ ଏହା କୌଣସିମତେ ଏକ ଖରାପ କଥା ନୁହେଁ । ବିବର୍ତ୍ତନ ଯୋଜନାରେ ଏହାର ଏକ ସ୍ଥାନ ରହିଛି । ଆଦିମ ମାନବର ମନ ଖାଇବା, ପିଇବା ଏବଂ ସେହି ପ୍ରକାର ସୁଖ ବିଷୟକ ଚିନ୍ତାରେ ଭରପୂର । ତାକୁ ଇଚ୍ଛାଶୂନ୍ୟତା ବିଷୟରେ କହିବା ସମ୍ପୂର୍ଣ୍ଣ ନିରର୍ଥକ ହେବ । କାରଣ ତାକୁ ଏକ ଉଚ୍ଚତର ଏବଂ ଅଧିକତର ମାର୍ଜିତ କାମନାର ପର୍ଯ୍ୟାୟ ଦେଇ ଅବଶ୍ୟ ଗତି କରିବାକୁ ହେବ । ଆମେ ତାକୁ କେବଳ ଏତିକି କହିପାରିବା, "ତୁମର ଇଚ୍ଛାଗୁଡ଼ିକୁ ମାର୍ଜିତ କର । ତୁମେ ଯେଉଁ ସବୁ ବିଷୟ ଚିନ୍ତା କରୁଛ ତାହାଠାରୁ ମହତ୍ତର ଅନ୍ୟ ବିଷୟ ସବୁ ରହିଛି ଏବଂ ତୁମେ ଭବିଷ୍ୟତରେ ସେଗୁଡ଼ିକ ପାଖରେ ପହଞ୍ଚି ପାରିବ ନାହିଁ ଯଦି ତୁମର ଭାବାବେଗର ପ୍ରକାଶକୁ ରୋକିବାକୁ ତୁମେ ପ୍ରସ୍ତୁତ ନ ହୁଅ ।"

ମନୁଷ୍ୟ ଗୋଟିଏ ଗୋଟିଏ କରି ସୋପାନ ହିଁ ଉଠିପାରେ ଏବଂ କେବଳ ସର୍ବାଧିକ ଦୃଢ଼ମନା ବ୍ୟକ୍ତି ଦ୍ରୁତ ବେଗରେ ଏହି ପଥର ଉଚ୍ଚ ଶିଖରଗୁଡ଼ିକୁ ଚଢ଼ିପାରିବ । ତଥାପି ଯେଉଁମାନେ ଏହି ପୁସ୍ତକଟିର ଲେଖାଗୁଡ଼ିକ ପଢ଼ିବେ ଏବଂ ଆଲ୍‌ସିଓନ୍ ଯାହା କରିଛନ୍ତି ତାହା କରିବାକୁ ଚାହିଁବେ, ସେମାନେ ସଙ୍ଗେ ସଙ୍ଗେ ସମସ୍ତ ସ୍ୱାର୍ଥପର କାମନା ତ୍ୟାଗ କରିବାକୁ ସଂକଳ୍ପବଦ୍ଧ ହେବା ଉଚିତ । କାରଣ କାମନା ବାନ୍ଧି ରଖେ । ମୁଁ ଆଗରୁ ଯେପରି କହିଛି, ପ୍ରେମ ମଧ୍ୟ ହୃଦୟର ଏକ

ବନ୍ଧନ, ଯଦି ସେଥିରେ କଣିକାଏ ସ୍ୱାର୍ଥପରତା ଥାଏ । କିନ୍ତୁ ଯେତେବେଳେ ଏହା ସମସ୍ତ ସ୍ୱାର୍ଥପର ଚିନ୍ତାରୁ ସମ୍ପୂର୍ଣ୍ଣ ମୁକ୍ତ ହୁଏ, ସେତେବେଳେ ଏହା ହୃଦୟର ଏକ ଶକ୍ତିରେ ପରିଣତ ହୁଏ । ଯେ ପର୍ଯ୍ୟନ୍ତ ବନ୍ଧନ ସବୁ ଛିନ୍ନ ନ ହୋଇଛି, ଯେ ପର୍ଯ୍ୟନ୍ତ ସ୍ୱାର୍ଥପରତା ନିର୍ମୂଳ ନ ହୋଇଛି, ସେ ପର୍ଯ୍ୟନ୍ତ ପ୍ରେମ ମଧ୍ୟ ଏକ ପ୍ରତିବନ୍ଧକ ତଥା ସହାୟକ ହୋଇପାରେ ।

**ପ୍ରେମ ଏବଂ କାମନା**

ଏହି ବିଷୟରେ ଭାରତରେ ତଥା ଅନ୍ୟତ୍ର ବହୁତ ଭୁଲ୍ ବୁଝାମଣା ରହିଛି, କାରଣ (ନିଃସ୍ୱାର୍ଥପର) ପ୍ରେମକୁ (ସ୍ୱାର୍ଥପର) କାମନା ବୋଲି ଭୁଲ୍‌ରେ ଧରି ନିଆଯାଇଛି । କେତେକ ଦାର୍ଶନିକ ନିଜକୁ କଠୋର କରିବାକୁ ଚେଷ୍ଟା କରନ୍ତି, ଯାହାଦ୍ୱାରା ଯାହା କିଛି ଘଟିଲେ ମଧ୍ୟ ସେମାନେ ଭାବିନିଅନ୍ତି ଉଦାସୀନ ରହିବେ ଏବଂ ପ୍ରେମକୁ ଏଡ଼ିଦେବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତ ହେବେ । କିନ୍ତୁ ତାହା ହେଉଛି ଭୁଲ୍ ପନ୍ଥା । ତାହା ଲୋକଙ୍କୁ ଅର୍ଦ୍ଧ ବିକଶିତ କରିଥାଏ, ବୁଦ୍ଧିମାନ୍ ହେଲେ ବି ଆବେଗହୀନ କରାଏ ।

ମହାନ୍ ଭାବାବେଗଗୁଡ଼ିକୁ ମଧ୍ୟ ଅଭିବ୍ୟକ୍ତି କରିବା ପାଇଁ ଆମର କ୍ଷମତା ରହିବା ଉଚିତ । କିନ୍ତୁ ସେଗୁଡ଼ିକ ଆତ୍ମାର ଉଚ୍ଚତର ଆବେଗ ଗୁଡ଼ିକର ପ୍ରତିଫଳନ ହେବା ଏବଂ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ହେବା ଆବଶ୍ୟକ । ସେଗୁଡ଼ିକ କାମନା-ଉପାଦାନିକର ଇଚ୍ଛା ମୁତାବକ କାମନାର ତରଙ୍ଗରେ ଆମକୁ ଟାଣି ନେଇଯିବା ଉଚିତ ହେବ ନାହିଁ । ଆବେଗକୁ ବିନାଶ କରି ତା'ର ନିୟନ୍ତ୍ରଣ କରିବା ଧାରଣା, ଦୁଷ୍କର୍ମକୁ ଏଡ଼ିବାକୁ ଯାଇ ଆଦୌ କିଛି ନ କରିବାର ଆଉ ଏକ ଧାରଣା ସହିତ ତୁଳନୀୟ । ଆମ ପାଇଁ ଗୁରୁଦେବ ଦେଖାଇଥିବା ମାର୍ଗ ହେଉଛି ଯେ ଆମର କାର୍ଯ୍ୟ, ଭାବାବେଗ ଓ ଚିନ୍ତା ଜରିଆରେ ଆମେ ମାନବ ଜାତି ସକାଶେ ଅଧିକରୁ ଅଧିକତର ଉପଯୋଗୀ ହେବା ଉଚିତ ଏବଂ ଏହି ତିନିଟି ଯାକ ଉପାୟରେ ଆମେ ଯେତିକି ଅଧିକ କରିପାରିବା, ସେତିକି ସମ୍ପୃକ୍ତ ସବୁ ଲୋକଙ୍କ ପାଇଁ ଅଧିକ ଭଲ ହେବ ।

**ଯେତେବେଳେ ନିଜର ସମସ୍ତ କାମନା ଚାଲିଯାଏ, ତାହା ପରେ ମଧ୍ୟ ଏକ କାମନା ରହିପାରେ ତୁମର କାମର ପରିଣତି ଦେଖିବା ପାଇଁ । ତୁମେ ଯଦି କାହାକୁ ସାହାଯ୍ୟ କର, ତୁମେ ଦେଖିବାକୁ**

**ଚାହଁ ତୁମେ ତାକୁ କେତେ ସାହାଯ୍ୟ କରିଛ । ଏପରିକି ତୁମେ ହୁଏତ ଚାହଁ- ସେ ମଧ୍ୟ ତାହା ଜାଣୁ ଏବଂ କୃତଜ୍ଞ ହେଉ । କିନ୍ତୁ ଏହା ତଥାପି ସେହି କାମନା ଏବଂ ବିଶ୍ୱାସର ଅଭାବ ମଧ୍ୟ ।**

## ଫଳର ଆଶା ନ ରଖି କାର୍ଯ୍ୟ

**ଆନି ବେସାନ୍ତ-** ଏହାକୁ ହିଁ ଭଗବଦ୍ ଗୀତାରେ କୁହାଯାଇଛି ଫଳକୁ ଆଶ୍ରୟ କରି କାମ ନ କରିବା । କାର୍ଯ୍ୟର ପରିଣତି ହିଁ ଫଳ । ଆପଣ ଯଦି ପ୍ରକୃତରେ କାମ କରୁଛନ୍ତି, ପରିଣତି ଲକ୍ଷ୍ୟ କରିବା ପାଇଁ ଆପଣଙ୍କର ସମୟ ନାହିଁ, ହାତ ବନ୍ଦ କରି ଶେଷ କରିଥିବା କାମଟିକୁ ଦେଖିବା ପାଇଁ ସମୟ ନାହିଁ । ଗୋଟିଏ କାମ ଶେଷ କରିବା ବେଳକୁ ଆଉ ଗୋଟିଏ କାମ ହାତ ପାଖରେ ପହଞ୍ଚି ଯାଉଛି କରିବା ପାଇଁ । ଆପଣ ପରିଣତିକୁ ଦେଖିବା ଦ୍ୱାରା ସମୟ ନଷ୍ଟ କରୁଛନ୍ତି । ଆପଣ ଯାହା କରିଛନ୍ତି, ତାହା ବିଷୟରେ ଯଦି ଭାବୁଥାନ୍ତି, ତେବେ ଆର କାମଟି କରିବେ କିପରି ? ଏବଂ ବ୍ୟକ୍ତିଗତ ସାହାଯ୍ୟ କଥାରେ- ଯାହା ଦେବା ହେଉଛି ସର୍ବାଧିକ ପ୍ରୀତିପଦ, କାରଣ ତା'ର ପଛରେ ଥାଏ ବ୍ୟକ୍ତିଗତ ପ୍ରେମ । ଦେଖିବାକୁ ଚାହାନ୍ତୁ ନାହିଁ ସାହାଯ୍ୟ ପାଇଥିବା ବ୍ୟକ୍ତି ଆପଣଙ୍କ କାର୍ଯ୍ୟର ଆଦର କରୁଛି କି ନାହିଁ । ସେପରି କଲେ ଯାହାକୁ ଆପଣ ଉପହାର ଦେଇଛନ୍ତି, ସେ କୃତଜ୍ଞ ହୋଇଛି କି ନା ଦେଖିବା ପାଇଁ ଏବଂ ତାହାଠାରୁ ଧନ୍ୟବାଦ ଆଦାୟ କରିବା ପାଇଁ ତାହା ପଛରେ ଦଉଡ଼ିବା ଭଳି ସେହି କଥାଟି ହେବ । ଯେ ସେଭଳି କରେ, ସେ ଦେଇନାହିଁ, ବିକ୍ରି କରିଦେଇଛି । ଏଇଟା ଜିନିଷ ଅଦଳ ବଦଳ କରିବା ଭଳି ହେବ; ଏତିକି କୃତଜ୍ଞତା ପାଇଁ ଏତିକି ସାହାଯ୍ୟ । ଆପଣ ଏଇଠଇ ଜିନିଷ ଅଦଳ ବଦଳ କରିବା ଅନୁଚିତ ! ମନେ ପକାନ୍ତୁ କିପରି ଖ୍ରୀଷ୍ଟ ମନ୍ଦିରରୁ ତଡ଼ି ଦେଇଥିଲେ ବିକାଳିମାନଙ୍କୁ, ଯଦିଓ ସେମାନେ ନୈବେଦ୍ୟ ସାମଗ୍ରୀ ବିକ୍ରୀ କରୁଥିଲେ । ସେ ସେମାନଙ୍କୁ କହିଥିଲେ, "ମୋର ପିତାଙ୍କର ମନ୍ଦିରକୁ ବେପାର ଘର କର ନାହିଁ ।"

**ଲେଡ୍‌ବିଟର୍-** ଗୂଢ଼ତତ୍ତ୍ୱବିତ୍‌ଙ୍କ ଠାରୁ କେହି ଅଧିକ କାର୍ଯ୍ୟବ୍ୟସ୍ତ ନୁହନ୍ତି । ସେ ଗୋଟିଏ କାମ ଶେଷ କରିବା ମାତ୍ରେ ଆଉ ଗୋଟିଏ ଆରମ୍ଭ କରି ଦିଅନ୍ତି ଏବଂ ସେ ଠିଆ ହୋଇ ଦେଖନ୍ତି ନାହିଁ- ଆଗ ସେ ଯାହା କରିଥିଲେ, ତା'ର ପରିଣତି କ'ଣ ହେଲା । ଧରି ନିଅନ୍ତୁ ଆପଣ ଏକ ଯୁଦ୍ଧ କ୍ଷେତ୍ରରେ ଏକ ସେବକ ବା ସହାୟକ ରୂପେ କାମ କରୁଛନ୍ତି । ଆହତ ହେବା ଘଟଣାରେ

ଆପଣଙ୍କୁ ଯଥାସାଧ୍ୟ ଭଲ କାମ କରିବାକୁ ହେବ ଏବଂ ତତ୍‌କ୍ଷଣାତ୍ ଅନ୍ୟ ଆହତ ବ୍ୟକ୍ତିକୁ ଦେଖିବାକୁ ହେବ । କାମ ବନ୍ଦ କରି ଅଧ ଘଣ୍ଟାଏ ଦେଖିବାକୁ ଆପଣଙ୍କର ସମୟ ନାହିଁ, ଶେଷ ପରିଣତି ଠିକ୍ କ'ଣ ହେବାକୁ ଯାଉଛି । ଆପଣଙ୍କର ସମୟ ମଧ୍ୟ ନାହିଁ ଦେଖିବାକୁ ସେହି ଲୋକଟି ଭଲ ହେବାର ସମ୍ଭାବନା ଅଛି କି ନାହିଁ ।

ଗୁରୁଦେବଙ୍କ କାମରେ ଠିକ୍ ସେହିପରି କଥା । ଅନ୍ତିମ ପରିଣତି ସମ୍ପର୍କରେ କାର୍ଯ୍ୟ ବନ୍ଦ କରି ଭାବିବାକୁ ଆମର ସମୟ ନାହିଁ । ସର୍ବୋପରି ସେହି ପରିଣତି ସମ୍ପର୍କରେ ଆମ କଥାରେ ମଧ୍ୟ ଭାବିବାକୁ ବେଳ ନାହିଁ । ଆମର ଉଦ୍ୟମ ସଫଳ ହେଉ ବୋଲି ଇଚ୍ଛା କରିବା ଏବଂ ସଫଳ ହେଲେ ଆନନ୍ଦିତ ହେବା ମନୁଷ୍ୟ ପକ୍ଷରେ ସ୍ୱାଭାବିକ । ତେବେ ଆମେ ଏ ସମସ୍ତ ମାନବୀୟ ଦୁର୍ବଳତାର ଊର୍ଦ୍ଧ୍ୱକୁ ଉଠିବା ଦରକାର; କାରଣ ଆମେ ଯେଉଁ ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛୁ ତାହା ଅତି ମାନବୀୟ । ଯଦି କୌଣସି କାର୍ଯ୍ୟ ଭଲ ଭାବେ କରାଯାଇଛି, ତେବେ ଆମେ ସେହି କଥା ନେଇ ଆନନ୍ଦିତ ହୋଇପାରୁ । କିନ୍ତୁ ଯଦି ଅନ୍ୟ ଜଣଙ୍କର ସଫଳତା ହୋଇଥାଏ, ସେଥିରେ ମଧ୍ୟ ଆମେ ଅନୁରୂପ ଆନନ୍ଦିତ ହେବା ଉଚିତ, ସତେ ଯେପରି ସେହି ସଫଳତା ଆମର ।

ଏଥିରେ କୁହାଯାଇଛି ଯେ ସମୟେ ସମୟେ, ଆପଣ ଯାହାକୁ ସାହାଯ୍ୟ କରିଥାନ୍ତି ସେ ମଧ୍ୟ ସେହି ସଫଳତା ଦେଖି କୃତଜ୍ଞ ହେଉ ବୋଲି ଆପଣ ଚାହାନ୍ତି । ଯଦି ଜଣକର ସେହି ପ୍ରକାର ଭାବନା ରହେ, ତେବେ ସେ ଆଦୌ ଦେଉ ନାହିଁ ବରଂ ବିକ୍ରୀ କରୁଛି । ଗୂଢ଼ବିଦ୍ୟାରେ କେବଳ ସେହି ଏକ ମାତ୍ର ଦେବାକୁ ସ୍ୱୀକାର କରାଯାଇଛି ଯେପରି ଦେଇଥାନ୍ତି ଈଶ୍ୱର । ସୂର୍ଯ୍ୟ ପ୍ରାଣ ଶକ୍ତି ଢାଳିଦେବା ଭଳି ସେ ଢାଳି ଦିଅନ୍ତି ପ୍ରେମ ।

ତୁମେ ଯେତେବେଳେ ନିଜର ଶକ୍ତିକୁ ଅଜାଡ଼ି ଦିଅ ସାହାଯ୍ୟ କରିବା ପାଇଁ, ନିଶ୍ଚୟ ଏକ ପରିଣତି ହେବ । ତୁମେ ତାହା ଦେଖି ପାର ବା ନ ଦେଖି ପାର । ତୁମେ ଯଦି ନିୟମଟିକୁ ଜାଣ, ତାହାହେଲେ ତୁମେ ଜାଣ ଏହା ନିଶ୍ଚୟ ଘଟିବ ।

**ଆନି ବେସାନ୍ତ–** *'ଅଫ ଦି ଇନିସିଏସନ୍ ଅଫ୍ କ୍ରାଏଷ୍ଟ'* ବହିଟିରେ ପ୍ରଶ୍ନ କରାଯାଇଛି, 'କିଛି ନ ପାଇ ଈଶ୍ୱରଙ୍କ ସେବା କରିବ କିଏ ?" ଶିଷ୍ୟ କାମ ସକାଶେ ହିଁ କାମ କରିବେ- ଫଳ ଦେଖିବା ପାଇଁ ନୁହେଁ, ଏପରିକି 'ମୁଁ ସେବା

କରୁଛି' ବୋଲି ଚିନ୍ତା କରିବାର ସୁଖ ବା ସନ୍ତୋଷକୁ ବାଦ୍ ଦେଇ । ସେ ନିଜକୁ ପୃଥିବୀ ପାଇଁ ସମର୍ପଣ କରି ଦିଅନ୍ତି, କାରଣ ସେ ଏହାକୁ ଭଲ ପାଆନ୍ତି । ଗୋଟାଏ କିଛି ପରିଣତି ଅବଶ୍ୟ ହେବ, କାରଣ ଆମେ ଏକ ପାରମାତ୍ମିକ ନିୟମାଧୀନ ପୃଥିବୀରେ ରହିଛୁ । ସେଥିପାଇଁ ଏ ବିଷୟ ନେଇ ଆମର ଉଦ୍‌ବେଗ ଅନାବଶ୍ୟକ । ଅନେକ ସମୟରେ ଆମର କାର୍ଯ୍ୟ ଏଭଳି ହୋଇଥାଏ ଯେ ସ୍ଥୂଳ ସ୍ତରରେ ତା'ର ପରିଣତି ତତ୍‌କ୍ଷଣାତ୍ ଦେଖାଦିଏ ନାହିଁ, ତେବେ ସଫଳତାର ନିକଟବର୍ତ୍ତୀ କିଛି ଗୋଟାଏ ହୋଇଥାଏ । ଆଉ କେହି ଆସି କାର୍ଯ୍ୟରେ ଅନ୍ତିମ ସ୍ପର୍ଶ ଦେଇଯିବେ । କିନ୍ତୁ ଯେଉଁମାନେ ଆଗରୁ ପରିଶ୍ରମ କରିଥାନ୍ତି ଏବଂ ଫଳ ଦେଖି ନ ଥାନ୍ତି, ସେମାନଙ୍କ ବିନା ସେହି କାମଟି ହୁଏ ତ କେବେହେଲେ ହୋଇପାରି ନଥାନ୍ତା ।

ପାରମାତ୍ମିକ ନିୟମରେ ବିଶ୍ୱାସ ନ ରଖି ଆପଣ ବଡ଼ କାମ କରିପାରିବେ ନାହିଁ, କାରଣ ସମସ୍ତ ବଡ଼ କାମ ଧୀର ଭାବରେ ହୋଇଥାଏ । ଉଦାହରଣ ସ୍ୱରୂପ, ଜଣେ ମନୁଙ୍କର କାମକୁ ବିଚାର କରନ୍ତୁ– ହଜାର ହଜାର ବର୍ଷ ଚାଲିଯାଏ, ଆପଣ ଯାହାକୁ କହନ୍ତି ପରିଣତି ତାହା ଦେଖା ଦେବା ପୂର୍ବରୁ । ଏପରିକି ଗୋଟାଏ ବଡ଼ ଘର ତିଆରି କରିବାରେ ସେହି ନିୟମ କାର୍ଯ୍ୟ କରିଥାଏ, କାରଣ ଗଭୀର ମୂଳଦୁଆ ଆବଶ୍ୟକ । ଆମର କାମ ହେଉଛି ଉତ୍ତମ ଭାବେ ଭିତ୍ତି ସ୍ଥାପନ କରିବା, ଯାହା ସାଧାରଣତଃ ଦେଖାଯାଏ ନାହିଁ । ପରେ କେହି ଜଣେ ପହଞ୍ଚି ଯିବେ ଏବଂ ତା' ଉପରେ ଧାଡ଼ିଏ ଇଟା ରଖିଦେବେ ଏବଂ ସେଗୁଡ଼ିକ ସଙ୍ଗେ ସଙ୍ଗେ ଦେଖାଯିବ । ତେବେ ସେହି ଭିତ୍ତି କ'ଣ ମୂଲ୍ୟହୀନ ?

ପରିଣାମ ଅପରିହାର୍ଯ୍ୟ । ସେଥିପାଇଁ ଧୀର ସୁଶୃଙ୍ଖଳ ଭାବେ କାର୍ଯ୍ୟକରି ଚାଲନ୍ତୁ ଏବଂ ଆପଣ କେବେହେଲେ ହତାଶ ହେବେ ନାହିଁ । ସମସ୍ତ ହତାଶା ଫଳ ପାଇ ଆକାଂକ୍ଷା ଯୋଗୁ ହୋଇଥାଏ । କୌଣସି ପରିଣାମ ନ ଦେଖି ଦୀର୍ଘ କାଳ ଧରି ଆପଣ କଠୋର ପରିଶ୍ରମ କରିପାରନ୍ତି ଏବଂ ଦିନେ ସେହି ପରିଣାମ ଆଖି ଆଗରେ ଝଲସି ଉଠିବ । ଜଣେ ରସାୟନବିଦ୍ ଏକ ପରିପୂର୍ଣ୍ଣ ଦ୍ରବ ତିଆରି କରିବାକୁ ଯାଇ ପାଣି ଭିତରେ ଏକ ଦ୍ରବଣ (Salt) ପକାଇ ଲାଗନ୍ତି ଏବଂ କିଛି ସମୟ ଧରି ସେହି ତରଳ ଦ୍ରବ୍ୟରେ ଆପାତତଃ କୌଣସି ପରିବର୍ତ୍ତନ ହୁଏ ନାହିଁ । ପରେ ଶେଷ ପଗଡ଼ ଲୁଣ ପକାଇ ଦିଆଯାଏ ଏବଂ ସମସ୍ତ ତରଳ ପଦାର୍ଥ ଘନୀଭୂତ ହୋଇଯାଏ । ଆମର କାମରେ ସେହିପରି ହୋଇଥାଏ । ହଠାତ୍ ଏହା ପୂର୍ଣ୍ଣରୂପେ

ପ୍ରକଟିତ ହୋଇଥାଏ । କାମରେ ଆମର ସମସ୍ତ ଶକ୍ତି ଲଗାଇବାକୁ ହେବ ଶାନ୍ତଭାବେ, ଦୃଢ଼ ବିଶ୍ୱାସର ସହିତ ଏବଂ ଧୀର ଭାବେ । କାମରେ ଆମେ ନିଜକୁ ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗ କରି ଦେବାକୁ ହେବ ।

**ଲେଡ୍‌ବିଟର୍–** ଅନେକ ସମୟରେ ଜଣକ ପରେ ଜଣେ ବହୁଲୋକଙ୍କ କାମ ଦରକାର ହୁଏ ଏକ ବଡ଼ ଧରଣର ସଫଳତା ହାସଲ କରିବା ପାଇଁ । ଯେତେବେଳେ ପୃଥିବୀରେ ଏକ ବଡ଼ ଧରଣର ସଂସ୍କାର ଆରମ୍ଭ କରିବାକୁ ହୁଏ, ସେତେବେଳେ ସାଧାରଣତଃ ଏପରି ହୁଏ ଯେ ଜଣେ ଲୋକ ବା ଦଳେ ଲୋକ ଆବଶ୍ୟକତା ଲକ୍ଷ୍ୟ କରି ସେ ବିଷୟରେ ଆଲୋଚନା କରନ୍ତି ବା ଲେଖନ୍ତି । ସେ ବା ସେମାନେ ଉପହସିତ ହେବେ ଏବଂ ମନେ ହେବ ଯେ ତାଙ୍କର ବା ସେମାନଙ୍କର କାମ ନିଷ୍ଫଳ । ତେବେ ସେମାନେ କେତେ ଲୋକଙ୍କୁ ସେମାନଙ୍କର କାର୍ଯ୍ୟପାଇଁ ଦୀକ୍ଷିତ କରିବେ ଏବଂ ଏମାନେ ସେହି କାର୍ଯ୍ୟ କରି ଲାଗିବେ, ଯେପର୍ଯ୍ୟନ୍ତ ଅବଶେଷରେ ସମାଜ ସେହି ସଂସ୍କାରକୁ ଗ୍ରହଣ କରି ନ ନେଇଛି । ପରବର୍ତ୍ତୀ ଲୋକେ ଯାହା କରନ୍ତି, ତାହା ଅଗ୍ରଗାମୀ ଲୋକଙ୍କର ଆପାତତଃ ନିଷ୍କାମ କାର୍ଯ୍ୟ ବିନା ଅସମ୍ଭବ ହୋଇଥାନ୍ତା ।

ଅନେକ ସମୟରେ ଆମର କାମ ଏଭଳି ହୋଇପାରେ ଯେ ତାହା ସଫଳତାର ନିକଟବର୍ତ୍ତୀ କିଛି ଆଣି ଦେଇପାରେ । ପରେ ଆଉ କେହି ଜଣେ ପହଞ୍ଚିଯିବେ ଏବଂ କାମକୁ ଦେଇ ଦେବେ ଅନ୍ତିମ ସ୍ପର୍ଶ । ସେତେବେଳେ ତାଙ୍କର ସେହି ଉଦ୍ୟମ ସ୍ୱୀକୃତ ହେବ ଏବଂ ସେ ସମ୍ପୂର୍ଣ୍ଣ କାର୍ଯ୍ୟ କରିଛନ୍ତି ବୋଲି ଲୋକେ ବିଚାର କରିବେ । ଆପଣ ସେଥିରେ ବ୍ୟସ୍ତ ହେବେ ନାହିଁ । ବାହାବା ପାଇବା ବିଷୟରେ ଆମେ ଆଦୌ ଖାତିର କରିବା କଥା ନୁହେଁ, ବରଂ କାମ କରିବାକୁ ସୁବିଧା ମିଳିଥିଲା ବୋଲି ଖୁସି ହେବା କଥା । "ତାହା ମୋ ପ୍ରତି ଅନ୍ୟାୟ ।" ଏପରି ଭାବିବା ଅନୁଚିତ । ଆମେ ଯାହା କରିଛୁ, ଆମର କର୍ମଫଳ ସ୍ଥିର କରାଗଲା ବେଳେ ତାହା ବିଚାରକୁ ନିଆଯିବ ଏବଂ ବର୍ତ୍ତମାନ ଦୁନିଆ ସେ ବିଷୟରେ କ'ଣ କରେ ବା କହେ, ସେଥିରେ କିଛି ଯାଏ ଆସେ ନାହିଁ । ଯେ ସୁଶୃଙ୍ଖଳ ଭାବେ, ବୁଝି ବିଚାରି କାର୍ଯ୍ୟ କରେ ଏବଂ ଫଳ କଥା ଚିନ୍ତା କରେ ନାହିଁ, କେବଳ ଏତିକି ଭାବେ– ଯେ କୌଣସି ପ୍ରକାରେ, ଯେକୌଣସି କ୍ଷେତ୍ରରେ, ସମସ୍ତ ଭଲ କାର୍ଯ୍ୟର ପରିଣାମ ଅବଶ୍ୟ ଭଲ ହେବ, ସେ କେବେହେଲେ ହତାଶା ଅନୁଭବ କରିବ ନାହିଁ ।

## ଚିନ୍ତା-ରୂପର କାର୍ଯ୍ୟଧାରା

ସମସ୍ତ କ୍ଷେତ୍ରରେ, ଯେତେବେଳେ ଜଣେ ପ୍ରକୃତିର ନିୟମଗୁଡ଼ିକ ଜାଣେ, ସେ ସେଗୁଡ଼ିକ ବ୍ୟବହାର କରିପାରେ । ଆନ୍ତରୀଣ ସ୍ତରରେ ଆମେ ସର୍ବଦା ଯେଉଁ ସବୁ କାର୍ଯ୍ୟ କରିଚାଲିଛୁ, ସେହି ସବୁ ସମ୍ପର୍କରେ ଏହା ସତ୍ୟ, ଠିକ୍ ଯେପରି ଏହି ସତ୍ୟ ସ୍ଥୂଳ ସ୍ତରରେ ଆମେ କରୁଥିବା କାର୍ଯ୍ୟ ସମ୍ପର୍କରେ । ଆମର ପ୍ରତ୍ୟେକଟି ଚିନ୍ତା କାମନା ଓ ମାନସ ସ୍ତରରେ ଏକ ରୂପ ଗଠନ କରେ ଏବଂ ତାହା ଛୁଟି ଚାଲେ ସେହି ବ୍ୟକ୍ତି ବା ଜିନିଷ ପ୍ରତି ଯାହା ବିଷୟରେ ଆମେ ଚିନ୍ତା କରୁ, ତାହା ତା'ର ଚାରି ପାଖରେ ଘୂରି ବୁଲେ ବା ନିଜକୁ ଢାଳି ଦିଏ, ଭଲ ବା ମନ୍ଦ ପାଇଁ ହେଉ– ନିଜର ସ୍ୱଭାବ ଏବଂ ଗୁଣ ଅନୁଯାୟୀ । ଖରାପ ଚିନ୍ତାରୂପ ତୁଳନାରେ ଏହା ସହାୟକ ଚିନ୍ତାରୂପ ଗଠନ କରିବାରେ କିଛି ଅଧିକା କଷ୍ଟ ହୁଏ ନାହିଁ । ଏହା ମନୋଭାବ ଉପରେ ହିଁ ନିର୍ଭର କରେ । ଜଣେ ଭାବିପାରେ, "ମୋର ମନୋଭାବ ସହିତ କେବଳ ମୋର ଯାହାକିଛି ଯାଏ ଆସେ ଏବଂ କେବଳ ବର୍ତ୍ତମାନ ସକାଶେ ।" କିନ୍ତୁ ଏହା ସହିତ ଅନ୍ୟମାନଙ୍କର ମଧ୍ୟ ଯାଏ ଆସେ ଏବଂ ଏହା ଆପଣଙ୍କୁ ମଧ୍ୟ ପ୍ରଭାବିତ କରିପାରେ ପରବର୍ତ୍ତୀ ଦିନ, ପରବର୍ତ୍ତୀ ମାସ, ଏପରିକି ପରବର୍ତ୍ତୀ ବର୍ଷ- କାରଣ ଏଥିରୁ ଜାତ ହେଉଥିବା ଚିନ୍ତାର ପ୍ରତିକ୍ରିୟା ଆପଣଙ୍କ ଉପରେ ପଡ଼େ । ପ୍ରତ୍ୟେକ ଚିନ୍ତା ନିଜର ପୁନରାବୃତ୍ତି କରି ନିଜକୁ ଦୃଢ଼ୀଭୂତ କରେ । ଆମର କର୍ତ୍ତବ୍ୟ ହେଉଛି ଏପରି ଚିନ୍ତାରୂପ ଗଢ଼ିବା, ଯାହା ସବୁପ୍ରକାରେ ହେବ ହିତକାରୀ । କାରଣ ଯଦିଓ ସେଗୁଡ଼ିକ ସାଧାରଣ ଆଖିରେ ଦେଖାଯାନ୍ତି ନାହିଁ, ସେଗୁଡ଼ିକ ନିଜର କାମ କରିବାରେ ବିଫଳ ହୁଅନ୍ତି ନାହିଁ ।

**ସୁତରାଂ ତୁମକୁ ଉଚିତ କାର୍ଯ୍ୟ କରିବାକୁ ହେବ, କାର୍ଯ୍ୟର ଯଥାର୍ଥତା ଦୃଷ୍ଟିରୁ, ପୁରସ୍କାରର ଆଶା ନ ରଖି; କାମ ପାଇଁ ହିଁ ତୁମକୁ କାମ କରିବାକୁ ହେବ, ଫଳ ଦେଖିବାର ଆଶା ନ ରଖି । ପୃଥିବୀର ସେବାରେ ତୁମେ ନିଜକୁ ଅର୍ପଣ କରିବାକୁ ହେବ, କାରଣ ତୁମେ ଏହାକୁ ଭଲ ପାଅ ଏବଂ ଏଥିପାଇଁ ନିଜକୁ ଅର୍ପଣ ନ କରି ରହିପାରିବ ନାହିଁ ।**

**ଲେଡ୍‌ବିଟର୍‌–** ପ୍ରେମ ହିଁ କାର୍ଯ୍ୟ ପାଇଁ ସର୍ବାଧିକ ପ୍ରେରଣା ଯୋଗାଇଥାଏ । ଏହି ବହି ଏବଂ ଏହାକୁ ବହୁ ପରିମାଣରେ ଆଧାର କରି ଲିଖିତ କେତେକ ପରବର୍ତ୍ତୀ ବହିଗୁଡ଼ିକରେ ଦେଖିବାକୁ ମିଳେ ଯେ କିପରି ଜୀବନରେ ପ୍ରେରଣାଦାୟକ ଶକ୍ତି ରୂପେ, ପ୍ରତ୍ୟେକ ବିଷୟର କାରଣ ରୂପେ ଏବଂ ସମସ୍ତ ମନ୍ଦର ପ୍ରତିକାର ରୂପେ ପ୍ରେମର ଆବଶ୍ୟକତା ସମ୍ପର୍କରେ ଦୃଢ଼ ଭାବେ ସର୍ବଦା ବାରମ୍ବାର କୁହାଯାଇଛି ।

ବିଦ୍ୟାର୍ଥୀ ଆଉ ଏକ ବିଷୟ ଲକ୍ଷ୍ୟ କରିବେ ଯେ ସମଗ୍ର ବହିଟିରେ ଗୁରୁଦେବ ଧରି ନେଇଛନ୍ତି ଯେ ଆମେ ସମ୍ପୂର୍ଣ୍ଣ ରୂପେ ଆଗ୍ରହୀ ଏବଂ ଆମ ପାଇଁ କାମ ହିଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ସେହିପରି ମାନସିକ ଅବସ୍ଥାକୁ ଆମକୁ ଆଣିବା ପାଇଁ ତାହା ନିଶ୍ଚିତ ଭାବେ ସର୍ବୋତ୍ତମ ପନ୍ଥା । ତଥାପି ଯଦି ଅନ୍ୟ ଚିନ୍ତାଗୁଡ଼ିକର କେତେକ ଅବଶିଷ୍ଟାଂଶ ଆମ ଚାରି ପାଖରେ ଘେରି ରହିଥାଏ, ଗୁରୁଦେବଙ୍କ ମନରେ ଯେ ସେବା ବ୍ୟତୀତ ସ୍ପଷ୍ଟତଃ ଅନ୍ୟ କୌଣସି ଚିନ୍ତା ନାହିଁ, ତାହା ହିଁ ଆମକୁ ସର୍ବାଧିକ ପ୍ରେରଣା ଯୋଗାଇଥାଏ, ତାଙ୍କ ଇଚ୍ଛା ଅନୁଯାୟୀ ଆମ ନିଜକୁ ଗଢ଼ିବା ପାଇଁ ।

ଅନେକ ସମୟରେ ଆମେ ହିଁ ଆମ ପଥରେ ବାଧା ସୃଷ୍ଟି କରିଥାଉ । ଆମକୁ ଆଡ଼େଇ ହୋଇ ଯିବାକୁ ପଡ଼ିବ, ଆତ୍ମାକୁ କାର୍ଯ୍ୟ କରିବାକୁ ସୁଯୋଗ ଦେବା ପାଇଁ । କାରଣ ଯେ ପର୍ଯ୍ୟନ୍ତ ଆମର କିଛି ଅଲଗା ଭାବ ରହି ଯାଇଛି, ଯେ ପର୍ଯ୍ୟନ୍ତ ଆମ ଭିତରେ କିଛି ରହିଯାଇଛି ଯାହାକୁ ଗୁରୁଦେବଙ୍କ କାର୍ଯ୍ୟ ନିମନ୍ତେ ଆମେ ପରିତ୍ୟାଗ କରିବାକୁ ପ୍ରସ୍ତୁତ ନୋହୁଁ, ସେ ପର୍ଯ୍ୟନ୍ତ ଆମେ ଆମ ପଥରେ ବାଧା ସୃଷ୍ଟି କରୁଛୁ । ଯାହାର ତିଳେ ହେଲେ ଅଲଗା ଭାବ ନାହିଁ, ଯେ ସମ୍ପୂର୍ଣ୍ଣ ଭାବେ ଗୁରୁଦେବଙ୍କ କାମରେ ନିଜକୁ ନିୟୋଜିତ କରିବେ, ଯେ କେଉଁଠଶରେ ମଧ୍ୟ ଅଟକି ଯିବେ ନାହିଁ ଏବଂ ସବୁ କିଛି ଉତ୍ସର୍ଗ କରିଦେବେ, ସେ ପ୍ରକାର ଲୋକ ଦେଖିବାକୁ ବିରଳ । ବିରଳ ନିଶ୍ଚୟ, କିନ୍ତୁ ସେହି ଗୁଣ ଥିବା ବ୍ୟକ୍ତି ବହୁ ଦୂରକୁ ଏବଂ ଅଧିକ ଦ୍ରୁତ ଗତିରେ ଯାଇପାରିବେ ।

■■■

## ତୃତୀୟ ଅଧ୍ୟାୟ

# ସୂକ୍ଷ୍ମ ଶକ୍ତି ସମୂହ

**ସୂକ୍ଷ୍ମ ଶକ୍ତି ପାଇବା ପାଇଁ ଇଚ୍ଛା କର ନାହିଁ । ସେଗୁଡ଼ିକ ଆସିବ ଯେତେବେଳେ ଗୁରୁଦେବ ଜାଣିବେ ଯେ ସେଗୁଡ଼ିକୁ ପାଇବା ତୁମ ସକାଶେ ସର୍ବାଧିକ ମଙ୍ଗଳକର ହେବ ।**

**ଆନି ବେସାନ୍ତ–** 'ସୂକ୍ଷ୍ମ ଶକ୍ତି ସମୂହ' ଶବ୍ଦଟିରେ ଯଥାର୍ଥରେ ସ୍ଥୂଳ ଶରୀର, କାମନା ଶରୀର ବା ମାନସ ଶରୀରେ ସଂଗଠିତ ପଦାର୍ଥ ମଧ୍ୟ ଦେଇ ଚେତନାର ଶକ୍ତିଗୁଡ଼ିକର ସମସ୍ତ ପ୍ରକାର ପ୍ରକଟନ ଅନ୍ତର୍ଭୁକ୍ତ । ସୁତରାଂ ବୁଦ୍ଧିର ସମସ୍ତ କ୍ଷମତା ହେଉଛି ସୂକ୍ଷ୍ମ ଶକ୍ତି । ମସ୍ତିଷ୍କ ଜରିଆରେ ପ୍ରଦର୍ଶିତ ମନର ସାଧାରଣ ଶକ୍ତି ଏବଂ ବିଭିନ୍ନ ପ୍ରକାର ସୂକ୍ଷ୍ମ ଦୃଷ୍ଟି ଏବଂ ଅନୁରୂପ ଶକ୍ତିଗୁଡ଼ିକ ମଧ୍ୟରେ ଯେଉଁ ପ୍ରଭେଦ ଗଢ଼ି ଉଠିଛି, ତାହା ଦୁର୍ଭାଗ୍ୟଜନକ । ସୂକ୍ଷ୍ମ ଶକ୍ତି ଲାଭ ବିରୋଧରେ ବହୁ ଲୋକେ କହିବାର ଶୁଣାଯାଏ, ଯଦିଓ ସେମାନେ ନିଜେ ସ୍ଥୂଳ ଶରୀର ଜରିଆରେ ସର୍ବଦା ସେଗୁଡ଼ିକୁ ବ୍ୟବହାର କରିଥାନ୍ତି । ସେମାନେ କାମନା ଶରୀରରେ ଦେଖିବାକୁ ନିନ୍ଦା କରନ୍ତି, ଯଦିଓ ସେମାନେ ସ୍ଥୂଳ ଦୃଷ୍ଟି- ଶକ୍ତିର ବ୍ୟବହାର କରନ୍ତି ।

କାମନା ଶରୀରର ଦୃଷ୍ଟି- ଶକ୍ତିର ନିନ୍ଦା କରିବା ଅଯୌକ୍ତିକ । ଅବଶ୍ୟ ଯଦି ଆପଣ କେତେକ ଭାରତୀୟ ଯୋଗୀଙ୍କର ଯୁକ୍ତିଯୁକ୍ତ ସ୍ଥିତି ଗ୍ରହଣ କରନ୍ତି ତେବେ ତାହା ଅଲଗା କଥା । ଏହି ଯୋଗୀଗଣ ଉଭୟ ସ୍ଥୂଳ ଓ ସ୍ଥୂଳାତୀତ ଇନ୍ଦ୍ରିୟଗୁଡ଼ିକୁ ସମାନ ରୂପେ ପ୍ରତିବନ୍ଧକ ବୋଲି ମାନନ୍ତି । ଏହି ସବୁ ଲୋକେ ବେଶ୍ ବିଚାରଶୀଳ । ସେମାନେ କୌଣସି ଇନ୍ଦ୍ରିୟକୁ ମୂଲ୍ୟବାନ୍ ମନେ କରନ୍ତି ନାହିଁ କାରଣ ସେମାନେ ବିଚାର କରନ୍ତି ଯେ ଏଗୁଡ଼ିକ ସେମାନଙ୍କୁ କେବଳ ମାୟାର ସଂସାର ସହିତ ଘନିଷ୍ଠତର ସଂଯୋଗ ଭିତରକୁ ନେଇ ଆସେ, ଯେଉଁଥିରରହେବାକୁ

ଚାହାନ୍ତି । ମୁଁ ସେମାନଙ୍କ ସହିତ ଏକମତ ନୁହେଁ । ମୁଁ ଭାବେ ଯେ ସୁସ୍ଥ ରହିବା ଏବଂ ସମସ୍ତ ସ୍ତରରେ ନିଜର କ୍ଷମତାଗୁଡ଼ିକର ବ୍ୟବହାର କରିବା ଶ୍ରେୟସ୍କର । ତେବେ ସେମାନଙ୍କର ସମ୍ପୂର୍ଣ୍ଣ ମନୋଭାବ ଯଦି ଗ୍ରହଣ କରାନଯାଏ, ତେବେ ସୂକ୍ଷ୍ମ ଶକ୍ତି ବିରୋଧରେ ବହୁ ଯୁକ୍ତି କରିବା ହେବ ମୂର୍ଖତା ।

ଅସଲ କଥାଟା ହେଉଛି ଯେ କାମନା ଶରୀରର ଇନ୍ଦ୍ରିୟଗୁଡ଼ିକୁ ପ୍ରଥମେ ବ୍ୟବହାର କରିବାବେଳେ ସର୍ବଦା ଭ୍ରାନ୍ତ ହେବାର ଏକ ସମ୍ଭାବନା ରହିଥାଏ । କିନ୍ତୁ ସ୍ଥୂଳ ଇନ୍ଦ୍ରିୟଗୁଡ଼ିକ ମଧ୍ୟ ମଣିଷକୁ ବିଭ୍ରାନ୍ତ କରିପାରେ । ଉଦାହରଣ ସ୍ୱରୂପ, କେତେକ ଦୃଷ୍ଟି-ଭ୍ରମ ଘଟେ ଅଜୀର୍ଣ୍ଣ ଦୋଷ ଏବଂ ଯକୃତ୍ ବିଶୃଙ୍ଖଳାର । ଯଦିଓ ସାଧାରଣ ଡାକ୍ତର ଏହି ଶ୍ରେଣୀରେ ଆଉ କେତେକ ବିଷୟ ଅନ୍ତର୍ଭୁକ୍ତ କରିଥାନ୍ତି, ମୁଁ ତାହା କରିବି ନାହିଁ । କାରଣ ସେଗୁଡ଼ିକ ହେଉଛି ପ୍ରକୃତରେ ଈଶ୍ୱରୀୟ ବା କାମନା ଶରୀରର ଦୃଷ୍ଟି- ଶକ୍ତିର ଉଦାହରଣ । ଆମର ଇନ୍ଦ୍ରିୟଗୁଡ଼ିକ କିପରି ଆମକୁ ପ୍ରତାରଣା କରନ୍ତି, ତାହାର ଏକ ଅତିଶୟ ସାଧାରଣ ଉଦାହରଣ ହେଉଛି ସୂର୍ଯ୍ୟୋଦୟ । ଆପଣ ଜାଣନ୍ତି ଯେ ସୂର୍ଯ୍ୟ ଉଠି ଆସନ୍ତି ନାହିଁ, କିନ୍ତୁ ଆପଣ ତାହା ହିଁ ତ ଦେଖନ୍ତି ।

**କାମନା ଜଗତରେ ପ୍ରଶିକ୍ଷଣ**

ଇନ୍ଦ୍ରିୟବୋଧକୁ ବିଚାର ଶକ୍ତି ଦ୍ୱାରା ସର୍ବଦା ସଂଶୋଧିତ କରିବାକୁ ହେବ ଏବଂ ବିଚାରବୁଦ୍ଧି ହେଉଛି ଇନ୍ଦ୍ରିୟାନୁଭୂତି ଅପେକ୍ଷା ଉଚ୍ଚତର । କାମନା ଶରୀରର ଦୃଷ୍ଟିଶକ୍ତି ସର୍ବଦା ଆପଣଙ୍କୁ ପ୍ରତାରିତ କରିଥାଏ, ଯେତେବେଳେ ଆପଣ ତାକୁ ବ୍ୟବହାର କରିବା ଆରମ୍ଭ କରନ୍ତି । ସେହି ହେତୁ ଯେ କେହି ଶିଷ୍ୟ ଜଣେ ଗୁରୁଙ୍କ ଦ୍ୱାରା ପ୍ରଶିକ୍ଷିତ ହୁଅନ୍ତି, ତାଙ୍କୁ ଏକ ନିର୍ଦ୍ଦିଷ୍ଟ ଏବଂ ସମ୍ପୂର୍ଣ୍ଣ ଅଭ୍ୟାସକ୍ରମ ମଧ୍ୟ ଦେଇଯିବାକୁ ହୋଇଥାଏ । ତାଙ୍କୁ ପଚରାଯାଏ ସେ କ'ଣ ଦେଖୁଛନ୍ତି ଏବଂ ତାଙ୍କର ଉତ୍ତରଗୁଡ଼ିକ ମଧ୍ୟରୁ ଅଧିକାଂଶ ପ୍ରଥମେ ଭୁଲ୍ ହୋଇଥାଏ । ତା'ପରେ ତାଙ୍କର ଭୁଲ୍‌ଗୁଡ଼ିକ ତାଙ୍କୁ ଦେଖାଇ ଦିଆଯାଇଥାଏ ଏବଂ ବୁଝାଇ ଦିଆଯାଇଥାଏ ।

ମନେ କରନ୍ତି ଯେ ଗୁରୁଙ୍କ ଦ୍ୱାରା ତାଲିମ୍ ପାଉ ନଥିବା କୌଣସି ବ୍ୟକ୍ତିଙ୍କର ସେହି ଦୃଷ୍ଟିଶକ୍ତି ଖୋଲା ଗଲା । ଏହା ଅନେକ ସମୟରେ ହୋଇଥାଏ, କାରଣ ସାଧାରଣ କ୍ରମବିକାଶ ପ୍ରକ୍ରିୟାରେ କାମନା ଶରୀରର ଇନ୍ଦ୍ରିୟଗୁଡ଼ିକ ଖୋଲି ଯାଏ, ଯାହା ଫଳରେ ବହୁ ଲୋକେ ତା'ର ଅଧିକାରୀ ହୁଅନ୍ତି । ସେହି ପ୍ରକାର ବ୍ୟକ୍ତି କାମନା ସ୍ତରରେ ସେହି ପ୍ରକାର ସ୍ଥିତିରେ ରହିଥାଏ, ଯେପରି ସ୍ଥୂଳ

ସ୍ତରରେ ଗୋଟିଏ ଶିଶୁ । ଆପଣ ଜାଣନ୍ତି କିପରି ଏକ ଶିଶୁ କୋଠରୀର ଅପର ପ୍ରାନ୍ତରେ ଥିବା ଜଳନ୍ତା ମହମବତୀକୁ ଧରିବାକୁ ତା'ର ହାତ ବଢ଼ାଇଥାଏ । ଘରର ବୟସ୍କଗଣ ସ୍ୱାଭାବିକ ରୂପେ ତା'ର ଏହି ଭୁଲ୍‌କୁ ସୁଧୁରାଇଥାନ୍ତି । ଶିଶୁକୁ ବତୀ ପାଖକୁ ଟେକି ନିଆଯିବା ପରେ ଶିଶୁଟି ଜାଣେ ଯେ ତାକୁ ଆକୃଷ୍ଟ କରୁଥିବା କେତେକ ବସ୍ତୁ ଦୂରରେ ରହିଛି । ସେହିପରି କାମନାଲୋକର ଶିଶୁ-ଯେ ନିଜର କାମନା-ଇନ୍ଦ୍ରିୟଗୁଡ଼ିକୁ ନେଇ ନୂଆ କରି କାର୍ଯ୍ୟ କରୁଛି, ସେ ବହୁ ପ୍ରକାର ଭୁଲ୍ କରିଥାଏ ।

ସେହି ଭୁଲ୍‌ର ତିଳେ ହେଲେ ଗୁରୁତ୍ୱ ରହନ୍ତା ନାହିଁ ଯଦି ସେ ବୟସ୍କ ବ୍ୟକ୍ତିମାନଙ୍କ ଗହଣରେ ଥାଆନ୍ତା । ସେମାନଙ୍କର ମଧ୍ୟ ସେପରି ଦରକାର ହୁଅନ୍ତା ନାହିଁ କେବଳ ଯଦି ଲୋକଙ୍କର ସାଧାରଣ ଜ୍ଞାନ ରହୁଥାନ୍ତା । କିନ୍ତୁ ଦୁର୍ଭାଗ୍ୟବଶତଃ ଯେଉଁ ବ୍ୟକ୍ତି କାମନା ଲୋକରେ କୌଣସି ସନ୍ଦେଶ ପାଏ ବା କୌଣସି ଦୃଶ୍ୟ ଦେଖେ, ଅନେକ ସମୟରେ ସେ ନିଜକୁ ପୃଥିବୀର ଅନ୍ୟ ଲୋକଙ୍କ ଠାରୁ ଅଲଗା ବୋଲି ମନେ କରେ, ଯେହେତୁ ଏକ ବିଶେଷ ବିଷୟ ଜାଣିବା ପାଇଁ ତାକୁ ଉପଯୁକ୍ତ ମନେ କରାଯାଇଛି । ସେଥିପାଇଁ ଏହି ପ୍ରକାର ଜ୍ଞାନପାଇଁ ସେମାନେ ନିଜ ଅପେକ୍ଷା ବୟସ୍କ ବ୍ୟକ୍ତିଙ୍କଠାରୁ କିଛି ଶିଖିବାର ଅବସ୍ଥାରେ ନଥାନ୍ତି, ଯଦିଓ ଏକ ଶିଶୁ ବୟସ୍କ ବ୍ୟକ୍ତିଙ୍କଠାରୁ ଶିଖିବାକୁ ଇଚ୍ଛା କରିଥାଏ । ଏହି ନ ଶିଖିବା ହେତୁ ଗୁଡ଼ାଏ ଅସୁବିଧା ଉପୁଜିଥାଏ ।

ଲେଡ୍‌ବିଟର– ଯେଉଁମାନେ ଗୁରୁମାନଙ୍କର ଶିଷ୍ୟ ହୁଅନ୍ତି, ସେମାନଙ୍କୁ ଉଚ୍ଚତର ଦୃଷ୍ଟି ଏବଂ ମୋଟାମୋଟି ଉଚ୍ଚତର ଅନୁଭୂତି ସମ୍ପର୍କରେ ଦୀର୍ଘକାଳ ଧରି ଏକ ପ୍ରଶିକ୍ଷଣ କ୍ରମରେ ରଖାଯାଇଥାଏ । ମୋର ମନେ ହୁଏ, ବହୁ ଲୋକଙ୍କ ସକାଶେ ସେହି ପ୍ରଶିକ୍ଷଣ ବିଶେଷ ଅବସାଦଜନକ ମନେ ହେବ । ଜଣେ ବରିଷ୍ଠ ଶିଷ୍ୟ ଏକ କନିଷ୍ଠ ବ୍ୟକ୍ତିଙ୍କୁ ନେଇ ତାଙ୍କ ଆଗରେ ଅନେକ ଜିନିଷ ଦେଖାଇ ପଚାରିବେ ସେ କ'ଣ ଦେଖୁଛନ୍ତି । ନୂତନ ଶିଷ୍ୟ ସାଧାରଣତଃ ପ୍ରଥମରେ ସମ୍ପୂର୍ଣ୍ଣ ଭୁଲ୍ କରିବେ, କାରଣ ସେହି ଜିନିଷ ତାଙ୍କର ଦୃଷ୍ଟି କେନ୍ଦ୍ରରେ ନଥାଏ । ସେ ଜାଣିପାରନ୍ତି ନାହିଁ ମୃତ ବ୍ୟକ୍ତିର କାମନା ଶରୀର ଏବଂ ଜୀବନ୍ତ ବ୍ୟକ୍ତିର କାମନା ଶରୀର ମଧ୍ୟରେ, ବା କୌଣସି ବ୍ୟକ୍ତି ଏବଂ ତା' ସମ୍ପର୍କରେ କୌଣସି ବନ୍ଧୁ ଦ୍ୱାରା ଗଠିତ ଚିନ୍ତାରୂପ ମଧ୍ୟରେ ପ୍ରଭେଦ କ'ଣ । ଏହି ପ୍ରକାରେ ଏବଂ ଅନ୍ୟ ବହୁ ପ୍ରକାରେ ତାଲିମ୍ ପାଇନଥିବା ଦର୍ଶକ ବିଭ୍ରାନ୍ତି ହୋଇପାରନ୍ତି । ଧୈର୍ଯ୍ୟ ସହକାରେ

ଶିକ୍ଷକ ସେହି ଜିନିଷଗୁଡ଼ିକ ବାରମ୍ବାର ଦେଖାନ୍ତି ଏବଂ ସୂକ୍ଷ୍ମ ପ୍ରଭେଦଗୁଡ଼ିକ ଦେଖାଇ ସେଗୁଡ଼ିକୁ କିପରି ବାରି ହେବ ତାହା ବୁଝାଇ ଦିଅନ୍ତି ।

କେହି ହେଲେ ଭାବିବା କଥା ନୁହେଁ ଯେ ଯେହେତୁ ଏହି ପ୍ରକାର ତାଲିମ୍ ଆବଶ୍ୟକ, ଶରୀରର କାମନା- ଇନ୍ଦ୍ରିୟଗୁଡ଼ିକ ବିଶେଷ ଭାବେ ଅବିଶ୍ୱସନୀୟ । ସବୁ ପ୍ରକାର ଇନ୍ଦ୍ରିୟ ଅବିଶ୍ୱସନୀୟ ଯେ ପର୍ଯ୍ୟନ୍ତ ସେଗୁଡ଼ିକୁ ତାଲିମ୍ ଦିଆଯାଇନାହିଁ ଏବଂ ତା'ପରେ ମଧ୍ୟ ଯେପର୍ଯ୍ୟନ୍ତ ସେଗୁଡ଼ିକୁ ବିଚାର ବୁଦ୍ଧି ସହିତ ବ୍ୟବହାର କରାଯାଇନାହିଁ । ଭଲ ପାଗ ଥିବାବେଳେ ପ୍ରତିଦିନ ସକାଳେ ଯଦି ଆମେ ଠିକ୍ ସମୟରେ ଉଠିଥିବା ତେବେ ଆମେ ସୂର୍ଯ୍ୟୋଦୟ ଦେଖି ପାରିବା । ଆମେ ଭଲ ଭାବେ ଜାଣୁ ଯେ ସୂର୍ଯ୍ୟ ଉଠନ୍ତି ନାହିଁ ତଥାପି ଆମେ ସୂର୍ଯ୍ୟ ଉଦିତ ହେବା ଦେଖୁ । ବେଳେ ବେଳେ ଅଧିକାଂଶ ଲୋକଙ୍କ ଅନୁଭୂତିର ସୀମା ବାହାରର ବିଷୟ ସମ୍ପର୍କରେ ଅଯୁକ୍ତିକର ଭାବେ ଲୋକେ କହିଥାନ୍ତି ଯେ ଯାହା ସେମାନେ ଦେଖିପାରିବେ ନାହିଁ, ତାକୁ ସେମାନେ ବିଶ୍ୱାସ କରିବେ ନାହିଁ । କିନ୍ତୁ ଯଦି ସେମାନେ ଦେଖିବେ ତେବେ ଯାଇ ବିଶ୍ୱାସ କରିବେ ।

କେତେକ ଲୋକ ଆଉ ଟିକିଏ ଆଗେଇ ଯାଇ କହନ୍ତି ସେମାନେ ଯଦି ଜିନିଷଟିକୁ ଛୁଇଁ ପାରିବେ, ତେବେ ଯାଇ ସେମାନଙ୍କର ବିଶ୍ୱାସ ହେବ । ଗୋଟିଏ ସାଧାରଣ ପରୀକ୍ଷା ଦ୍ୱାରା ଏହା ଯେ ଭୁଲ୍ ତାହା ଦେଖାଇ ଦେଇ ହେବ । ତିନୋଟି ପାତ୍ର ନିଅନ୍ତୁ ଏବଂ ସେଥିରେ ବିଭିନ୍ନ ଉତ୍ତାପର ପାଣି ରଖନ୍ତୁ- ଅତି ଗରମ, ବରଫ ପରି ଶୀତଳ ଏବଂ ସମଶୀତୋଷ୍ଣ ଅବସ୍ଥାର । ଗରମ ପାଣିରେ ଗୋଟିଏ ହାତ ରଖନ୍ତୁ ଅନ୍ୟ ହାତଟି ଶୀତଳ ଜଳରେ ରଖନ୍ତୁ । ସେଗୁଡ଼ିକୁ ସେଥିରେ କିଛି ମିନିଟ୍ ପାଇଁ ରଖନ୍ତୁ ଏବଂ ଉଭୟ ହାତକୁ ନେଇ ସମଶୀତୋଷ୍ଣ ଜଳରେ ରଖନ୍ତୁ । ଯେଉଁ ହାତଟି ଗରମ ପାଣିରେ ଥିଲା, ତାହା ଆପଣଙ୍କୁ କହିବ ଯେ ଏଇ ଜଳପାତ୍ର ହେଉଛି ଅତି ଶୀତଳ ଏବଂ ଆର ହାତଟି କହିବ ଯେ ସେହି ଜଳ ପାତ୍ର ଭାରି ଗରମ । ଏହା ଦେଖାଇ ଦିଏ ଯେ ଇନ୍ଦ୍ରିୟଗୁଡ଼ିକୁ ସବୁବେଳେ ସମ୍ପୂର୍ଣ୍ଣ ବିଶ୍ୱାସ କରିହେବ ନାହିଁ । ସେଗୁଡ଼ିକ ଯାହା କହିବେ, ତାକୁ ବିଚାର ବୁଦ୍ଧି ଦ୍ୱାରା ପରୀକ୍ଷା କରିବାକୁ ହେବ । ଏହା ସ୍ଥୂଳ ଇନ୍ଦ୍ରିୟ କ୍ଷେତ୍ରରେ ଯେତିକି କରିବାକୁ ହେବ, କାମନା ଓ ମାନସ ଇନ୍ଦ୍ରିୟ କ୍ଷେତ୍ରରେ ମଧ୍ୟ ସେତିକି କରିବାକୁ ହେବ ।

ଯଦି ଜଣେ ବ୍ୟକ୍ତି ସୂକ୍ଷ୍ମ ଶକ୍ତି ଚାହେଁ, ସେଗୁଡ଼ିକର ବିକାଶ ପାଇଁ କାମ କରିବାକୁ ହେବ । ଅନେକ ସମୟରେ ବହୁ ବର୍ଷ ବିତିଯିବ, ସବୁ କ୍ଷେତ୍ରରେ ନିଜର

ସଠିକତା ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ ହେବାପାଇଁ । ସୂକ୍ଷ୍ମ ଦୃଷ୍ଟି କେତେ ଅଞ୍ଚଳ ଧରି ପରିବ୍ୟାପ୍ତ ହୋଇପାରେ, ସେ ବିଷୟ ଉପଲବ୍ଧି କରିବା କଷ୍ଟକର । କେବଳ ଗୋଟିଏ ଉଦାହରଣ ନିଅନ୍ତୁ; କାମନା ସ୍ତରରେ ୨୪୦୧ଟି ବିଭିନ୍ନ ପ୍ରକାରର ଉପାଦାନିକ ସାରସତ୍ତା ରହିଛି ଏବଂ ଯଦି ଜଣେ ବିଶ୍ୱାସଯୋଗ୍ୟ ହୋଇ ଭଲ ଭାବରେ ଏବଂ ଶୀଘ୍ର କାର୍ଯ୍ୟ କରିବାକୁ ଚାହେଁ ସେ ଗୋଟିଏକୁ ଅନ୍ୟଠାରୁ କିପରି ବାଛିବାକୁ ହେବ ତାହା ଜାଣିବା ଦରକାର । କିପରି ସେଗୁଡ଼ିକୁ ବ୍ୟବହାର କରିବାକୁ ହେବ, ତାହା ବି ଜାଣିବା ଦରକାର । ଏହି ପ୍ରକାର କୌଣସି ଜ୍ଞାନ ନଥାଇ କାର୍ଯ୍ୟ କରାଯାଇପାରେ– କିନ୍ତୁ ବହୁତ ଅପବ୍ୟୟ ହେବ– ମଣିଷର କାଣି ଆଙ୍ଗୁଠିଟିକୁ ଧୋଇବା ପାଇଁ ଶିଷ ଉପରେ ବାଲଟିଏ ପାଣି ଢାଳି ଦେବା ନୀତିରେ ।

ଆମକୁ କିନ୍ତୁ କୁହାଯାଇଛି ଯେ ଶକ୍ତିର ଅପବ୍ୟୟକୁ ଆମକୁ ନିଶ୍ଚୟ ଏଡ଼ାଇବାକୁ ହେବ । ଶକ୍ତି ହେଉଛି ପୁଞ୍ଜି ଏବଂ ଆମକୁ ତା'ର ସର୍ବାଧିକ ଉପଯୋଗ କରିବାକୁ ହେବ । ଏହାର କୌଣସି ଅପବ୍ୟୟ ପାଇଁ ଆମେମାନେ ଦାୟୀ ହେବୁ, ଯେପରି ଆମେ ଦାୟୀ ହେବୁ ଯଦି ଆମେ ତାକୁ ସାଇତି ରଖି କିଛି ବ୍ୟବହାର ନ କରୁ ।

"ମୁଁ ଆଗରୁ ଜାଣିଛି"– ଏପରି କହିବା ଗୁରୁଦେବଙ୍କର ଜଣେ ଶିଷ୍ୟ ପକ୍ଷରେ ଉପଯୋଗୀ ହେବ ନାହିଁ । ଏହିସବୁ ବିଷୟ ପ୍ରତି ଆମର ଆଭିମୁଖ୍ୟ ସେହି ପ୍ରକାର ମନୋଭାବ ନେଇ ହୋଇନଥାଏ । ଅଧିକ ବିଷୟ ଜାଣିବା ପାଇଁ ଆମେମାନେ ସର୍ବଦା ବ୍ୟଗ୍ର ଏବଂ ଉଦ୍‌ବିଗ୍ନ । ସର୍ବଦା ତାହା ଫଳରେ ଆମେ ଯେପରି ଅଧିକ ସେବା କରି ପାରିବୁ ଏବଂ ଅଧିକ ଉପଯୋଗୀ ହୋଇପାରିବୁ, ତାହା ହିଁ ଆମର ଭାବନା । ଏଭଳି କିଛି ଜ୍ଞାନ ନାହିଁ, ଯାହା ଆମର କାମରେ ନ ଲାଗିବ ।

ଗୂଢ଼ତତ୍ତ୍ୱବିତ୍ ଯାହା ସବୁ ଜାଣନ୍ତି ସେ ସମସ୍ତ ତାଙ୍କୁ ସକ୍ଷମ କରେ ବିଷୟଗୁଡ଼ିକୁ ଉଦାହରଣ ଦେଇ ବୁଝାଇବାକୁ । ଅନେକ ସମୟରେ ଏହି ବିଷୟଗୁଡ଼ିକୁ ବୁଝିବା ଅନ୍ୟଥା ତାଙ୍କ ନିକଟରେ ସ୍ପଷ୍ଟ ହୋଇପାରିନଥାନ୍ତା । ସେମାନେ କହନ୍ତି ଯେ ଏହି ବିବର୍ତ୍ତନର ଶେଷରେ ଆମେ ସମସ୍ତ ଜ୍ଞାନ ପାଇ ପାରିବା । ଆମେ ଅଜ୍ଞତାରୁ ମୁକ୍ତ ହେବା । ଆମର ସମସ୍ତ କାର୍ଯ୍ୟ ସେହି ଦିଗର ଅଭିମୁଖୀ । ଉଚ୍ଚତର କାର୍ଯ୍ୟକୁ ଭଲ ଭାବେ କରିବା ପାଇଁ ଯେତେବେଳେ ଆମର ପାଳି ଆସିବ ସେତେବେଳେ ନିଶ୍ଚିତ ଭାବେ ଆମେ ସର୍ବାଧିକ ବିସ୍ମୟ ଜନକ ଭାବେ ସୁବିଜ୍ଞ ହେବାକୁ ପଡ଼ିବ । ନିଜର ଶକ୍ତିଗୁଡ଼ିକର ପୂର୍ଣ୍ଣ ଉପଯୋଗ କରିବା ଏବଂ ସୂକ୍ଷ୍ମ ଶକ୍ତି

ସକାଶେ ଇଚ୍ଛା ନକରିବା ବିଙ୍କୋଚିତ ହେବ, ଯେ ପର୍ଯ୍ୟନ୍ତ ସବୁକୁ ବିକଶିତ କରିବା ପାଇଁ ଆମେ ଉପଯୁକ୍ତ ବୋଲି ଗୁରୁଦେବ ଭାବିନାହାନ୍ତି ।

## ପ୍ରକୃତି ଚୈତନ୍ୟଗୁଡ଼ିକର ଭୂମିକା

> **ଜୋର୍ କରି ଅତି ଶୀଘ୍ର ସେଗୁଡ଼ିକ ପାଇବା ଅନେକ ସମୟରେ ଗୁଡ଼ାଏ ଅସୁବିଧା ସାଥିରେ ନେଇ ଆସେ । ଅନେକ ସମୟରେ ସେଗୁଡ଼ିକର ଅଧିକାରୀ, ପ୍ରବଞ୍ଚକ ପ୍ରକୃତି-ଚୈତନ୍ୟମାନଙ୍କ ଦ୍ୱାରା ବିଭ୍ରାନ୍ତ ହୁଅନ୍ତି କିମ୍ୱା ହୋଇପଡ଼ନ୍ତି ଅହଂକାରୀ ଏବଂ ଭାବନ୍ତି ଯେ ତାଙ୍କର ଭୁଲ୍ ହୋଇନପାରେ । ଯାହାହେଲେ ମଧ୍ୟ, ସେଗୁଡ଼ିକ ଲାଭ କରିବା ପାଇଁ ଯେଉଁ ସମୟ ଏବଂ ଶକ୍ତି ଦରକାର, ତାହା ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରିବାରେ ବ୍ୟୟିତ ହୋଇପାରିଥାନ୍ତା ।**

**ଲେଡ୍‌ବିଟର–** ଏହି କ୍ଷେତ୍ରରେ ପ୍ରବଞ୍ଚକ ପ୍ରକୃତି-ଚୈତନ୍ୟଗଣ ଏକ ଅତିଶୟ ବାସ୍ତବ ବିଶେଷତ୍ୱ ଅଟନ୍ତି । ସେମାନେ ନାନା ପ୍ରକାରର ହୋଇଥାନ୍ତି । ସେମାନଙ୍କ ଭିତରୁ ଅଧିକାଂଶ ହେଉଛନ୍ତି ଏକପ୍ରକାର କ୍ଷୁଦ୍ର ପ୍ରାଣୀ । ସେମାନେ ଯେତେବେଳେ ମଣିଷକୁ ଆଦେଶ ଦେବାକୁ ଲାଗନ୍ତି, ସେମାନେ ଭାବନ୍ତି ଯେ ଏକ ବିରାଟ ବଡ଼ ମଣିଷକୁ ତାଙ୍କ କହିବା ଅନୁଯାୟୀ କାମ କରେଇବା ବିଶେଷ ମଜାର କଥା । ସେମାନେ ବହୁ ସମୟରେ ତାହା କରିଥାନ୍ତି କେବଳ ନିଜକୁ ଜୁଲିଅସ୍ ସିଜର, ନେପୋଲିଅନ୍ ବୋନାପାର୍ଟ କିମ୍ୱା କୌଣସି ଏକ ମହାନ୍ ଏବଂ ଜଣାଶୁଣା ଲୋକ ରୂପେ ଛଳନା କରି ଯାହାର ନାମ ସେମାନଙ୍କ ମନକୁ ଆସେ । ସେମାନଙ୍କ ସକାଶେ ବଡ଼ ମଜା ଲାଗେ ଦେଖିବାକୁ– କିପରି ବଡ଼ ଲୋକେ ଯେଉଁମାନେ ସେମାନଙ୍କଠାରୁ ଏକ ଉଚ୍ଚତର ପର୍ଯ୍ୟାୟର ତାଙ୍କ ପରାମର୍ଶ ଅନୁଯାୟୀ ଚଳୁଛନ୍ତି । ଟିକିଏ କଷ୍ଟକର ହେଲେ ମଧ୍ୟ ଲୋକମାନେ ନିଜର ବିଚାର ବୁଦ୍ଧି ଏବଂ ସାଧାରଣ ଜ୍ଞାନ ଉପଯୋଗ କରିବା ଉଚିତ- ସେମାନଙ୍କ ସୂକ୍ଷ୍ମଦୃଷ୍ଟି ସମ୍ପର୍କରେ ।

କାମନା ଜଗତରେ ସମୟେ ସମୟେ ଆପଣ ଯଦି ଏକ କଣ୍ଠ ସ୍ୱର ଶୁଣନ୍ତି, ସଙ୍ଗେ ସଙ୍ଗେ ଏକ ସିଦ୍ଧାନ୍ତକୁ ଡେଇଁ ପଡ଼ନ୍ତୁ ନାହିଁ ଯେ ତାହା ହେଉଛି ଗୁରୁଦେବଙ୍କର ବା ସର୍ବୋଚ୍ଚପଦସ୍ଥ ଏକ ଦେବଦୂତଙ୍କର । ମୃତ ଲୋକେ ଅନେକ ସମୟରେ ସଂଯୋଗ ସ୍ଥାପନ କରିପାରନ୍ତି ଏବଂ ଉପଦେଶ ଦେଇଥାନ୍ତି ଏବଂ ପ୍ରକୃତି ଚୈତନ୍ୟଗଣ ବାରମ୍ୱାର ସେମାନଙ୍କର ଛୋଟକାଟର ଚାଲାକି ଖେଳିଥାନ୍ତି । ସୁତରାଂ

ଅଧିକାଂଶ କ୍ଷେତ୍ରରେ ତାହା ଏହି ପ୍ରକାରର ଏକ ଘଟଣା ଯାହା ଏହି ଦୁଇ ପ୍ରକାର ଘଟଣାରୁ ଗୋଟିଏ ପ୍ରକାର ହୋଇଥିବା ଅଧିକ ସମ୍ଭବ । ସୁତରାଂ ବେଶ୍ ଶାନ୍ତ ଭାବେ ସେହି କଣ୍ଠସ୍ୱରକୁ ଗ୍ରହଣ କରନ୍ତୁ । ଏହା ଏକ ଆଗ୍ରହଜନକ ଘଟଣା । କିନ୍ତୁ ଆପଣ ଯେ ସେଥିରୁ କିଛି ପାଇପାରିବେ ସେଥିପାଇଁ ନୁହେଁ, ବରଂ ଏହି କାରଣରୁ ଯେ ତାହା ସାଧାରଣ ଘଟଣାରୁ ଟିକିଏ ଅଲଗା ଏବଂ ସେଥିରୁ ସେହି ସମ୍ପର୍କରେ ସାଧାରଣତଃ କିଛି ଶିକ୍ଷା ମିଳିଥାଏ ।

ତେବେ ମୂଳରୁ ଅସ୍ୱୀକାର କରନ୍ତୁ ନାହିଁ ଯେ କିଛି ଯୋଗାଯୋଗ ଘଟିଛି । ତାହା ମଧ୍ୟ ବିଙ୍କୋଚିତ ହେବ ନାହିଁ । କୌଣସି ଏକ ବିଷୟ ଘଟି ନ ଥିବ ବୋଲି ଚିନ୍ତା କରାଯାଇପାରେ, କିନ୍ତୁ ଘଟିବା ଅସମ୍ଭବ ବୋଲି କହିବା ନିରାପଦ ନୁହେଁ । ସୂକ୍ଷ୍ମ ଜଗତର ବାଣୀ ସମ୍ମାନର ସହିତ ଶୁଣନ୍ତୁ, କିନ୍ତୁ ସଠିକ କାରଣ ନ ଥିଲେ ତାହା କୌଣସି ପ୍ରକାରେ ଆପଣଙ୍କ ଆଚରଣକୁ ପ୍ରଭାବିତ ନ କରୁ । କୌଣସି କାର୍ଯ୍ୟ ନିଜର ବିଚାରବୁଦ୍ଧି ପ୍ରସୂତ ନିଷ୍ପତ୍ତିର ପରିଣତି ହେବା ଉଚିତ । ଆମର ଅଜଣା କେହି ଜଣେ କ'ଣ କହିଲା ତାହା ପରିଣତି ହେବା କଥା ନୁହେଁ ।

ଅନେକ ଲୋକ ସୂକ୍ଷ୍ମ ଜଗତରୁ କେତେକ ବାଣୀ ପାଇଥାନ୍ତି ଯାହା ପୃଥିବୀକୁ ପରିବର୍ତ୍ତନ କରି ଦେବ ବୋଲି ସେମାନେ ଭାବନ୍ତି । ଯଦିଓ ସେଗୁଡ଼ିକ ସାଧାରଣତଃ ବେଶ୍ ଉତ୍ତମ । ସେଥିରେ କିନ୍ତୁ ବିଶେଷ ଆକର୍ଷଣୀୟ କିଛି ନ ଥାଏ ଏବଂ ସେଗୁଡ଼ିକ ସମ୍ଭବତଃ ଏକପ୍ରକାର ଅନିର୍ଦ୍ଦିଷ୍ଟ ରୂପରେଖ ବିଶିଷ୍ଟ ଏବଂ ସେଗୁଡ଼ିକର ଉପଦେଶ ଅସ୍ପଷ୍ଟ । ସେଗୁଡ଼ିକର ସମସ୍ତ ଅଭାବ ସତ୍ତ୍ୱେ, କୁହାଯାଇପାରେ ଯେ ସାଧାରଣତଃ ସେଗୁଡ଼ିକ ପ୍ରାୟ ସର୍ବଦା ବ୍ରହ୍ମବିଦ୍ୟା ବା ନୂତନ ଚିନ୍ତାଧାରା ଅନୁଯାୟୀ ବେଶି ଭାଗରେ ଅସାର ।

ସେଗୁଡ଼ିକ ସାଧାରଣତଃ ଦିଆଯାଇଥାଏ ସମ୍ପୂର୍ଣ୍ଣ ଭାବେ ସତ୍ ଉଦ୍ଦେଶ୍ୟରେ କୌଣସି ମୃତବ୍ୟକ୍ତିଦ୍ୱାରା ଯେ ଜୀବନର କେତେକ ମୋଟାମୋଟି ସତ୍ୟ ବର୍ତ୍ତମାନ ହୃଦ୍‌ବୋଧ କରିଛି । ସେଗୁଡ଼ିକୁ ସେ ପୃଥିବୀରେ ଛାଡ଼ି ଆସିଥିବା ଲୋକଙ୍କ ମନରେ ଅଙ୍କିତ କରି ଦେବାକୁ ଚାହେଁ । ସେ ଭାବେ ଯଦି ଏହି ଉଚ୍ଚତର ଚିନ୍ତା ଗୃହୀତ ହୁଏ, ତେବେ ପୃଥିବୀ ହେବ ଏକ ଉନ୍ନତତର ସ୍ଥାନ– ଏବଂ ସେଗୁଡ଼ିକୁ ସେ ଚେଷ୍ଟା କରେ ଲୋକଙ୍କ ମନରେ ପୂରାଇ ଦେବା ପାଇଁ । ବାଇବେଲ୍‌ର ଗଳ୍ପରେ ଡାଇଭିଜ୍‌ର ତତ୍ତ୍ୱ ଅନୁଯାୟୀ ଯଦି ମୃତ ବ୍ୟକ୍ତିଙ୍କ ମଧ୍ୟରୁ କେହି ଜଣେ

ଲୋକଙ୍କ ପାଖକୁ ଆସନ୍ତି, ତେବେ ସେମାନେ ଅନୁତାପ କରିବେ । ଅବଶ୍ୟ ଏ ସମ୍ପର୍କରେ ଆବ୍ରାହାମଙ୍କ ବିଙ୍କୋଚିତ ଉତ୍ତର ସେ ଭୁଲି ଯାଏ ଯେ "ଯଦି ସେମାନେ ମୋଜେସ୍ ଏବଂ ଧର୍ମ ପ୍ରଚାରକମାନଙ୍କ ଉପଦେଶ ଶୁଣି ନାହାନ୍ତି, ତେବେ ମୃତ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଉଠି ଆସିଲେ ମଧ୍ୟ ସେମାନେ ମତ ବଦଳାଇ ତାହା ଗ୍ରହଣ କରିବେ ନାହିଁ ।"

ଏହି ପ୍ରକାର ବ୍ୟକ୍ତି ଭୁଲିଯାଏ ଯେ ବଞ୍ଚିଥିବା ଅବସ୍ଥାରେ ସେ ନିଜେ ବିଦେହୀ ଆତ୍ମାର ବାଣୀକୁ କୌଣସି ଧ୍ୟାନ ଦେଇ ନ ଥିଲା । ଆମେ ଯଦି, ଯାହା କହୁ, ସୂକ୍ଷ୍ମଶକ୍ତି ସମ୍ପନ୍ନ ହୋଇଥାଉ, ତେବେ ସେଗୁଡ଼ିକ ଊଣା ଅଧିକେ ମିଳିପାରେ । ତେବେ ସେଗୁଡ଼ିକୁ ବେଶ୍ ସମ୍ମାନର ସହ ଗ୍ରହଣ କରିବା, କିନ୍ତୁ ସେଥିପାଇଁ ଅଯଥା ଉତ୍ତେଜିତ ହେବା ନାହିଁ । ଯେଉଁମାନେ ସେପରୀ ବାଣୀ ପାଆନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ଭାବନ୍ତି ଯେ ସେମାନେ ପୃଥିବୀରେ ଏକ ବିପ୍ଳବ ଘଟାଇବାକୁ ଯାଉଛନ୍ତି, କିନ୍ତୁ ତାହା ସହଜ କଥା ନୁହେଁ । ଯଦି ସେଗୁଡ଼ିକ ଆମର ଦୃଷ୍ଟିକୁ ଆସେ, ଆମେ ଦରକାର ହେଲେ, ସେହି ପ୍ରକାର ବାଣୀର ସତ୍ୟତା ଓ ଯଥାର୍ଥତା ପରୀକ୍ଷା କରିବା ପାଇଁ କେତେକ ଉପାୟ ପ୍ରୟୋଗ କରୁ । ଅଧିକାଂଶ ଲୋକଙ୍କ ପାଖରେ ସଙ୍ଗେସଙ୍ଗେ ସେହି ପ୍ରକାର ଉପାୟ ନଥାଏ । କିନ୍ତୁ ସେମାନେ ଯଦି କେବଳ ନିଜର ସାଧାରଣ କାଣ୍ଡଜ୍ଞାନକୁ ନିଜର ସ୍ଥୂଳାତୀତ ଅନୁଭୂତି ପ୍ରତି ପ୍ରୟୋଗ କରନ୍ତି, ସେଗୁଡ଼ିକ ଭିତରୁ ଅଧିକାଂଶ କ୍ଷେତ୍ରରେ ସେମାନେ ବେଶ୍ ଭଲ ଭାବରେ ଚଳିପାରିବେ ।

ଅଧିକାଂଶ ଲୋକେ ଦୁଇପ୍ରକାର ମନୋଭାବ ଗ୍ରହଣ କରିଥାନ୍ତି- ହୁଏତ ସେମାନେ ସେବୁକୁ ଅନ୍ଧ ଭାବେ ଗ୍ରହଣ କରନ୍ତି କିମ୍ବା ନିନ୍ଦା କରି କହନ୍ତି ଯେ ତାହା ହାସ୍ୟାସ୍ପଦ । ଏହି ଦୁଇ ପ୍ରକାର ଚରମ ମନୋଭାବ ମୂର୍ଖତା । ଯେ ଏ ସବୁ ବିଷୟରେ ଅଧ୍ୟନ କରିଛି, ସେ ଜାଣେ ଯେ ସେଗୁଡ଼ିକ ବେଶି ଭାଗ ଆସିଥାଏ, ଏମିତି ଲୋକଙ୍କଠାରୁ ଯେଉଁମାନେ ଆମକୁ କିଛି ନୂତନ ଏବଂ ସଠିକ କଥା କହି ପାରନ୍ତି ନାହିଁ । ଜଣେ ମୃତ ବ୍ୟକ୍ତି ଯଦି ବେଶ୍ ବିଜ୍ଞ ଥାଏ ଏପରି କରିବା ପାଇଁ, ତେବେ ସେ କେତେକ ବିଷୟ ଶିକ୍ଷା କରିପାରେ ଯାହା ସେ ଜୀବନ୍ତ ଅବସ୍ଥାରେ ଜାଣିପାରିନଥିଲା । କିନ୍ତୁ ପ୍ରାୟ ସମସ୍ତ ମୃତ ବ୍ୟକ୍ତି ଏହି ପ୍ରକାର ସୁଯୋଗର ଅବହେଳା କରନ୍ତି ଏବଂ ପୃଥିବୀରେ ଥିବାବେଳେ ତାଙ୍କର ଯେଉଁ ସୀମିତତା ଏବଂ ଭ୍ରାନ୍ତ ଧାରଣା ଥିଲା, ସେଗୁଡ଼ିକୁ ନେଇ ସନ୍ତୁଷ୍ଟ ରହିଥାନ୍ତି ।

## ଅନ୍ୟ ସଙ୍ଗଠନ ପ୍ରତି ମନୋଭାବ

ଗୁରୁମାନେ ବହୁ ଲୋକଙ୍କୁ ପ୍ରଭାବିତ କରନ୍ତି ଏବଂ ଯେଉଁମାନଙ୍କୁ ନିଜର ସାଧନ ରୂପେ ବ୍ୟବହାର କରନ୍ତି ସେମାନେ ସେହି ଗୁରୁମାନଙ୍କୁ ଜାଣିବା ପାଇଁ ଚିନ୍ତା କରନ୍ତି ନାହିଁ । ବ୍ରହ୍ମବିଦ୍ୟା ସଂଗଠନର ସମ୍ପୂର୍ଣ୍ଣ ବାହାରେ ଅନ୍ୟ ଶକ୍ତିଗୁଡ଼ିକ ମଧ୍ୟ ଯେ ସେହି ମହାନ୍ ଲକ୍ଷ୍ୟପାଇଁ କାର୍ଯ୍ୟ କରୁଛନ୍ତି, ତାହା ଜାଣିବାକୁ ପାଇବା ପାଇଁ ଆମେ ପ୍ରସ୍ତୁତ ଥିବା ଆବଶ୍ୟକ । ଯେତେବେଳେ ଆମେ ଆମର ପନ୍ଥା ଅନୁସରଣ କରି ଆମର ସମିତି ପାଇଁ ଦୃଢ଼ ଭାବରେ, ସମସ୍ତ ଶକ୍ତି ଦେଇ, ବିଶ୍ୱସ୍ତ ଏବଂ ଅନୁଗତ ଭାବରେ କାର୍ଯ୍ୟ କରିବା, ଆମେ ତାକୁ ହିଁ ଧରି ରହିବା; କାରଣ ସ୍ପଷ୍ଟତଃ ତାହା ହିଁ ଆମର ପନ୍ଥା । ତଥାପି ସମିତି ବାହାରେ ଅନ୍ୟ କୌଣସି ପ୍ରକାର ସଂଗଠନ ଯାହା ସେହି ସାଧାରଣ ଲକ୍ଷ୍ୟ ନେଇ କାମ କରି ଚାଲିଛି, ତାହାକୁ ନିନ୍ଦା ନ କରିବା କିମ୍ବା ତାହା ବିରୋଧରେ କିଛି ନ କହିବା ବିଷୟରେ ଆମେ ଯତ୍ନବାନ୍ ହେବା ଉଚିତ । ସେହି ପ୍ରକାର ସଂଗଠନ ସମ୍ପୂର୍ଣ୍ଣ ଶୁଦ୍ଧ ଏବଂ ନିଖୁଣ ଥିବ ବୋଲି ଆଶା କରିବା ମଧ୍ୟ ଅନୁଚିତ । ଆଧ୍ୟାତ୍ମିକ ଶାସକବର୍ଗ ଏହି ପୃଥିବୀ ଉପରେ ସେମାନଙ୍କ ପ୍ରଭାବର ବନ୍ୟା ଛୁଟାଇ ଚାଲିଛନ୍ତି, ଯାହା ହୁଏତ ସାଂସାରିକ ବ୍ୟାପାରରେ ବୁଡ଼ି ରହିଥିବା ଲୋକଙ୍କୁ ତିଳେ ହେଲେ ସ୍ପର୍ଶ ନ କରିପାରେ । କିନ୍ତୁ ଯେଉଁମାନେ ସମ୍ବେଦନଶୀଳ ସେମାନଙ୍କ ସକାଶେ ତାହାର ଗୁରୁତ୍ୱ ଖୁବ୍ ବେଶି । ଯେଉଁମାନେ ସେଥିରୁ ଉପକାର ପାଇବା ପାଇଁ ପ୍ରସ୍ତୁତ ସେମାନଙ୍କ ଦୃଷ୍ଟିରେ ତଦ୍ୱାରା ଏକ ନୂତନ ସ୍ୱର୍ଗ ଏବଂ ନୂତନ ପୃଥିବୀ ଗଢ଼ି ଉଠିବ ।

ବୌଦ୍ଧ ପୁସ୍ତକଗୁଡ଼ିକର ଅବିକଳ ଅନୁବାଦ 'ଲାଇଟ୍ ଅଫ୍ ଏସିଆ'ରେ ଭଗବାନ ବୁଦ୍ଧଙ୍କ ସମ୍ପର୍କରେ ବାରମ୍ବାର କୁହାଯାଇଛି କିପରି ଦେବତା ଏବଂ ପ୍ରକୃତି-ଚୈତନ୍ୟଗଣ ସର୍ବତ୍ର ତାଙ୍କର ବିସ୍ମୟଜନକ ଆକର୍ଷଣୀୟ ପ୍ରଭାବ ଅନୁଭବ କରୁଥିଲେ ଏବଂ ତାଙ୍କ ଚାରିପାଖରେ ଘେରି ରହୁଥିଲେ, ଯେତେବେଳେ ବିଶେଷ ଧରଣର ଏକ ବିରାଟ ଘଟଣା ଘଟିବାକୁ ଯାଉଥିଲା- ଯଥା ତାଙ୍କ ଜନ୍ମ ସମୟରେ କିମ୍ବା ଯେତେବେଳେ ସେ ବୁଦ୍ଧତ୍ୱ ପାଇବାକୁ ଯାଇଥିଲେ ଏବଂ ତାଙ୍କର ପ୍ରଥମ ପ୍ରବଚନ କାଳରେ । ସେହି ପ୍ରକାର କଥାରେ ବହୁ ସତ୍ୟ ନିହିତ ରହିଛି । ଯେତେବେଳେ ଏକ ଉଚ୍ଚତର କ୍ଷମତାର କୌଣସି ବିରାଟ ପ୍ରକଟନ ଘଟେ, ଅନ୍ୟାନ୍ୟ ଏବଂ ଅଧିକ ସମ୍ବେଦନଶୀଳ ବିବର୍ତ୍ତନର ପ୍ରାଣୀମାନେ ମନୁଷ୍ୟ ଜାତି ଅପେକ୍ଷା ତାହା ଅଧିକ ଅନୁଭବ କରନ୍ତି । ଯେହେତୁ ମନୁଷ୍ୟମାନେ ବିଶେଷ

ପରିମାଣରେ ନିମ୍ନତର ମାନସର ବିକାଶ ନେଇ ବ୍ୟସ୍ତ ଏବଂ ବହୁ କାଳ ଧରି ବିଭିନ୍ନ ବିଷୟର ପ୍ରଚ୍ଛନ୍ନ ଦିଗକୁ ଅବହେଳା କରି ଆସିଛନ୍ତି ଏବଂ ନିଜ ଭିତରେ ସମ୍ପୂର୍ଣ୍ଣ ଆବୃତ ହୋଇ ରହିଛନ୍ତି, ସେମାନେ କେତେକ ନିମ୍ନତର ଜୀବମାନଙ୍କ ତୁଳନାରେ ବର୍ତ୍ତମାନ କମ୍ ସମ୍ବେଦନଶୀଳ ହୋଇ ପଡ଼ିଛନ୍ତି । ମୁଁ କୁକୁର ଏବଂ ବିଲେଇମାନଙ୍କୁ ଜାଣେ ଯେଉଁମାନେ ମନୁଷ୍ୟମାନଙ୍କ ତୁଳନାରେ ଉଚ୍ଚତର ପ୍ରଭାବ ପ୍ରତି ଅଧିକ ସମ୍ବେଦନଶୀଳ । ଏହା ନୁହେଁ ଯେ ସେମାନେ ସେଥିରୁ ବହୁତ କିଛି ଲାଭ ପାଆନ୍ତି । କିନ୍ତୁ ସେମାନେ ସେହି ପ୍ରଭାବ ବିଷୟରେ ସଚେତନ ଯେତେବେଳେ ମନୁଷ୍ୟମାନେ ସେପରି ନୁହନ୍ତି ।

**ଆନି ବେସାନ୍ତ–** ସ୍ଥୂଳାତୀତ ଶକ୍ତି ଲାଭ କରିବା ପାଇଁ ମଣିଷ କାହିଁକି ଇଚ୍ଛା କରିବା ଅନୁଚିତ, ସେ ବିଷୟରେ ଗୁରୁଦେବ ଆଉ ଗୋଟିଏ କାରଣ ଏଠାରେ ଯୋଗ କରିଛନ୍ତି । ସେଗୁଡ଼ିକୁ ପାଇବା ପାଇଁ ଯେଉଁ ସମୟ ଏବଂ ଶକ୍ତି ଦରକାର, ତାହା ଅନ୍ୟମାନଙ୍କ ପାଇଁ କାର୍ଯ୍ୟରେ ବ୍ୟୟ କରାଯାଇପାରେ । ଦେଖନ୍ତୁ, କିପରି ଗୁରୁଦେବ ଯେଉଁ ଉପଦେଶ ଦେଉଛନ୍ତି, ତାହାର ସର୍ବଦା ଲକ୍ଷ୍ୟ ହେଉଛି ସେବା କରିବା ଏବଂ ସବୁ ପ୍ରକାର ସ୍ୱାର୍ଥପରତାକୁ ପରିତ୍ୟାଗ କରିବା । ନିଜ ସକାଶେ ସୂକ୍ଷ୍ମ ଶକ୍ତି ଲାଭ କରିବା ସକାଶେ ସମୟ ଓ ଶକ୍ତି ଉପଭୋଗ କରିବା ବଦଳରେ, ଆପଣଙ୍କ ଚାରି ପାଖରେ ଥିବା ଲୋକଙ୍କ ସେବାରେ ତାହା ବିନିଯୋଗ କରନ୍ତୁ ।

ଗୁରୁଦେବ ଯଦି ଦେଖିବେ ଯେ ଆପଣ ଏହିପରି ନିଜ ପାଖରେ ଆଗରୁ ରହିଥିବା ସମସ୍ତ ଶକ୍ତି ଅନ୍ୟମାନଙ୍କ ସେବାରେ ବ୍ୟବହାର କରୁଛନ୍ତି, ତାହାହେଲେ ଆପଣଙ୍କୁ ଅଧିକ କ୍ଷମତା ଦିଆଯାଇପାରିବ । କାରଣ ଏହା ନିଶ୍ଚିତ ଯେ ଆପଣ ସେଗୁଡ଼ିକୁ ମଧ୍ୟ ନିଃସ୍ୱାର୍ଥପର ଭାବେ ବ୍ୟବହାର କରିପାରିବେ । ତା'ପରେ ସେ ନିଜେ ଚାଲି ଆସିବେ । ଆପଣ ଯଦି ସାଧୁତାର ସହିତ କହିପାରିବେ ଯେ ଆପଣ ଆପଣଙ୍କ ପାଖରେ ଥିବା ସମସ୍ତ କ୍ଷମତାର ଉପଯୋଗ କରୁଛନ୍ତି, ତେବେ ନିଶ୍ଚିନ୍ତ ରହନ୍ତୁ ଯେ ଆପଣ ନୂତନ କ୍ଷମତାଗୁଡ଼ିକର ଦ୍ୱାର ଦେଶରେ ପହଞ୍ଚିଛନ୍ତି, ଯେଉଁ ସବୁ କ୍ଷମତା ଆପଣଙ୍କ ଜିମାରେ ରଖାଯିବ । କିନ୍ତୁ ଖୁବ୍ କମ୍ ଲୋକେ ସେପରି କହିପାରିବେ ଏବଂ ଆପଣ ଯଦି ସେମାନଙ୍କ ଭିତରୁ ଜଣେ ନୁହନ୍ତି, ଆପଣ ସେହି ଅବସ୍ଥାରେ ପହଞ୍ଚିବା ପାଇଁ ଚେଷ୍ଟା କରିବା ଶ୍ରେୟସ୍କର ହେବ ।

'ଟାଲେଣ୍ଟ' ସମ୍ପର୍କୀୟ ବାଇବଲ୍‌ର ଗଳ୍ପଟିର ଅର୍ଥ ହେଉଛି ସେଇଆ । 'ଟାଲେଣ୍ଟ' ଶବ୍ଦଟିକୁ ଆଧୁନିକ ଅର୍ଥ 'ପ୍ରତିଭା' ରୂପେ ନିଅନ୍ତୁ, କିମ୍ବା ତାହାର ମୌଳିକ ଅର୍ଥ କେତେକ ପରିମାଣ ଓଜନର ମୁଦ୍ରା ରୂପେ ନିଅନ୍ତୁ- ସେହି ଶବ୍ଦ ଉଭୟ କ୍ଷେତ୍ରରେ ପ୍ରଯୁଜ୍ୟ । ଗଳ୍ପଟିରେ କୁହାଯାଇଛି ଜଣେ ବ୍ୟକ୍ତି ତାଙ୍କର ଚାକରମାନଙ୍କ ଜିମାରେ କିଛି ମୁଦ୍ରା ରଖି ବିଦେଶ ଭ୍ରମଣରେ ଗଲେ । ଜଣକୁ ଦିଆଯାଇଥିଲା ପାଞ୍ଚ ଟାଲେଣ୍ଟ ଆଉଜଣକୁ ଦୁଇଟି ଏବଂ ଆଉ ଜଣକୁ ଗୋଟିଏ । ମାଲିକ ଫେରି ଆସି ପଚାରିଲେ- ଟାଲେଣ୍ଟଗୁଡ଼ିକ କିପରି ଉପଯୋଗ କରାହୋଇଛି ? ଯେଉଁମାନେ କ୍ରମାନ୍ୱୟରେ ପାଞ୍ଚ ଏବଂ ଦୁଇଟି ଟାଲେଣ୍ଟ ପାଇଥିଲେ, ସେମାନେ ଋଣ ଦେଇଥିଲେ ଏବଂ ସୁଧ ସହିତ ତାହା ଫେରାଇ ଦେଲେ । କିନ୍ତୁ ଯେଉଁ ଚାକର ଗୋଟିଏ ଟାଲେଣ୍ଟ ପାଇଥିଲା, ସେ କେବଳ ତାକୁ ଲୁଚାଇ ରଖିଥିଲା ଏବଂ ବର୍ତ୍ତମାନ ସେ ତାକୁ ଆଣି ଫେରାଇ ଦେଲା। ମାଲିକ ତାହାଠାରୁ ସେଇଟିକୁ ନେଇଗଲେ ଅଥଚ ଅନ୍ୟ ଚାକରମାନେ ଯେଉଁମାନେ ଆଗରୁ ଅଳ୍ପ ଜିନିଷ ନେଇ ବିଶ୍ୱାସୀ ପଣିଆ ଦେଖାଇଥିଲେ, ସେମାନଙ୍କ ହାତରେ ଗୃହକାର୍ଯ୍ୟ ଚଳାଇବା ପାଇଁ ବହୁତ ଅଧିକାର ଦିଆଗଲା ।

ମାଲିକ କହିଲେ, "ଯାହା ପାଖରେ ଅଛି, ସେହିଭଳି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦିଆଯିବ ଏବଂ ସେ ପ୍ରଚୁର ପରିମାଣରେ ପାଇବ । କିନ୍ତୁ ଯାହାର ନାହିଁ, ତାହାଠାରୁ ଯାହା ମଧ୍ୟ ଅଛି ତାହା କାଢ଼ି ନିଆଯିବ ।" ଏହା ଆତ୍ମ-ବିରୋଧୀ ମନେ ହୁଏ, କିନ୍ତୁ ଏହାର ଗୂଢ଼ତାତ୍ତ୍ୱିକ ଅର୍ଥ ସ୍ପଷ୍ଟ । ଯେ ନିଜର କ୍ଷମତା ପୂର୍ଣ୍ଣଭାବେ ଉପଯୋଗ କରେ, ତାହା ଜିମାରେ ଅଧିକ କ୍ଷମତା ଦିଆଯିବ । ଯେ ନିଜର କ୍ଷମତାଗୁଡ଼ିକର ଉପଯୋଗ କରେ ନାହିଁ, ଗୂଢ଼ତାତ୍ତ୍ୱିକ ଦୃଷ୍ଟିରୁ ସେଗୁଡ଼ିକର ସେ ଅଧିକାରୀ ନୁହେଁ, ସେ ସେହି କ୍ଷମତାଗୁଡ଼ିକୁ ଉପଯୋଗ କରିବା ସମ୍ଭାବନା ମଧ୍ୟ ହରାଇ ବସିବ- ସେଗୁଡ଼ିକ ନିଷ୍କ୍ରିୟ ହୋଇ ନଷ୍ଟ ହୋଇଯିବ ।

କେହି ହେଲେ ଅଭିଯୋଗ କରିବା ଉଚିତ ନୁହେଁ ଯେ ସେ ଗୁରୁଦେବଙ୍କଠାରୁ ଯେଉଁ ସବୁ ସାହାଯ୍ୟ ପାଇଁ ହକ୍‌ଦାର ବୋଲି ଭାବନ୍ତି, ସେ ସବୁ ସେ ପାଉ ନାହାନ୍ତି । ମହାନ୍ ଗୁରୁମାନଙ୍କର ସଂସ୍ପର୍ଶରେ ଆସିବା ପାଇଁ ଆପଣଙ୍କର କାମନାକୁ ପୂରଣ କରିବା ସକାଶେ ଏକମାତ୍ର ଉପାୟ ରହିଛି ଏବଂ ତାହା ହେଉଛି ସବୁ ଲୋକଙ୍କ କାମରେ ଆସିବା । ସେହି ଗୋଟିଏ ମାତ୍ର ଦାବୀକୁ ଗୁରୁମାନେ

ସ୍ୱୀକାର କରନ୍ତି । ସେମାନେ କୌଣସି ବ୍ୟକ୍ତିର ସକ୍ଷମତା ଦେଖନ୍ତି ନାହିଁ- ଦେଖନ୍ତି ତା'ର ଉପଯୋଗିତା । ମୁଁ ଏହି ଜୀବନରେ ଗୁରୁଦେବଙ୍କ ସଂସ୍ପର୍ଶରେ ଆସିଲି, ଯେତେବେଳେ ମୁଁ ତାଙ୍କର ଅସ୍ତିତ୍ୱ ବିଷୟରେ ଜାଣି ନଥିଲି ଏବଂ ସୁତରାଂ ସ୍ପଷ୍ଟତଃ ତାଙ୍କ ବିଷୟରେ ଚିନ୍ତା କରୁନଥିଲି । ଏ କଥା ସତ ଯେ ମୁଁ ବହୁଜନ୍ମଧରି ତାଙ୍କର ଶିଷ୍ୟ ଥିଲି । କିନ୍ତୁ ସେହି କାରଣରୁ ଯେ ସେ ନିଜକୁ ମୋ ପାଖରେ ପ୍ରକାଶ କରିଥିଲେ, ତାହା ନୁହେଁ । ସେ ଦେଖାଦେଲେ, କାରଣ ମୁଁ ସମସ୍ତ ପ୍ରକାର ପରିଶ୍ରମ କରୁଥିଲି ସାହାଯ୍ୟ କରିବା ପାଇଁ ମୋ ଚାରି ପାଖରେ ଥିବା ଲୋକଙ୍କୁ ଗରୀବ, ଦୁଃଖୀ ଓ ଦଳିତମାନଙ୍କୁ । ସେ ଦେଖାଦେଲେ କାରଣ ମୋ ଭିତର ଦେଇ ତାଙ୍କର ଶକ୍ତି ଢାଳି ଦେବା ଉଚିତ ହେବ- ହଜାର ହଜାର ଲୋକଙ୍କୁ ଦିଆଯିବା ପାଇଁ ।

ସୁତରାଂ ଆପଣଙ୍କ ଧ୍ୟାନ କାଳରେ ଗୁରୁଦେବଙ୍କୁ ଚିତ୍କାର କରି ଡାକିବା ଏବଂ ଆପଣଙ୍କୁ ଦେଖା ଦେବାପାଇଁ ପ୍ରାର୍ଥନା କରିବା ବଦଳରେ ଦେଖନ୍ତୁ ଆପଣଙ୍କ ସହରରେ ବା ଗାଁରେ କ'ଣ ଭଲ କାମ ଅଛି ଯାହା କରିବା ଉଚିତ ଏବଂ ଆପଣ ଯାଇ ତାହା କରନ୍ତୁ । ଗୁରୁଦେବ ତାଙ୍କୁ ସାଧନ ରୂପେ ବ୍ୟବହାର କରୁଛନ୍ତି ବୋଲି କେହି ଜାଣନ୍ତୁ ବା ନଜାଣନ୍ତୁ, ସେଥିରେ ଗୁରୁଦେବଙ୍କର ଯାଏ ଆସେ ନାହିଁ । ସାରା ପୃଥିବୀରେ ଇତସ୍ତତଃ ହୋଇ ବହୁ ସହାୟକ ଅଛନ୍ତି ଯେଉଁମାନେ ଗୁରୁଦେବଙ୍କ ଦ୍ୱାରା ସାହାଯ୍ୟପ୍ରାପ୍ତ ଏବଂ ଅନୁପ୍ରାଣିତ । ବ୍ରହ୍ମବିଦ୍ୟା ସମିତିର ବାହାରେ ବହୁ ବ୍ୟକ୍ତି ସେହିପରି ଅନୁପ୍ରାଣିତ ହୋଇଥାନ୍ତି ।

ବିକାଶର କ୍ରମରେ ସେହି କ୍ଷମତାଗୁଡ଼ିକ ଆସିବ, ନିଶ୍ଚୟ ଆସିବ; ଏବଂ ଯଦି ଗୁରୁଦେବ ଦେଖନ୍ତି ଯେ ସେଗୁଡ଼ିକ ଶୀଘ୍ର ପାଇବା ତୁମ ସକାଶେ ଉପଯୋଗୀ ହେବ, ତେବେ ସେଗୁଡ଼ିକ କିପରି ନିରାପଦ ଭାବେ ବିକଶିତ କରିବାକୁ ହେବ, ତାହା ସେ ତୁମକୁ ବତାଇ ଦେବେ । ସେ ପର୍ଯ୍ୟନ୍ତ ତୁମେ ସେଗୁଡ଼ିକ ନ ପାଇବା ହିଁ ଶ୍ରେୟସ୍କର ।

ଲେଡ୍‌ବିଟର୍– ଲୋକେ ଅନେକ ସମୟରେ କହନ୍ତି, "ମୁଁ ଏହି ସବୁ ଅଦ୍ଭୁତ କ୍ଷମତା ସମ୍ପର୍କରେ ଶୁଣିଛି ଯାହାର ଅଧିକାରୀଗଣ ସେହି କ୍ଷମତା ଫଳରେ ଅଧିକ ଉପଯୋଗୀ ହୋଇଥାନ୍ତି । ମୁଁ ଉପଯୋଗୀ ହେବାକୁ ଚାହେଁ । ମୁଁ ମଧ୍ୟ ସେହି ସବୁ କ୍ଷମତା ପାଇବାକୁ ଚାହେଁ ।" ସେଥିରେ କିଛି ଖରାପ ନାହିଁ । ତେବେ ଏଠାରେ ଦିଆଯାଇଥିବା ଉପଦେଶ ଅନୁସରଣ କରି ଅପେକ୍ଷା କରିବା ଶ୍ରେୟସ୍କର

ଯେପର୍ଯ୍ୟନ୍ତ ସେଗୁଡ଼ିକ ସ୍ୱାଭାବିକ ଭାବେ ଆସିନାହିଁ ବା ଯେପର୍ଯ୍ୟନ୍ତ ଗୁରୁଦେବ ନିଜେ ସେଗୁଡ଼ିକ କିପରି ବିକାଶ କରାଯିବ କହିନାହାନ୍ତି । ଗୁରୁଦେବ ତାହା କରିବା କ'ଣ ସମ୍ଭବ ? ହଁ, ଯେତେବେଳେ ଆପଣ ପ୍ରସ୍ତୁତ ହେବେ । ମୋର ନିଜ ଅନୁଭୂତି ମୋତେ ସେଇଆ କହେ ।

ମୋର ଏହି ସବୁ କ୍ଷମତା ନ ଥିଲା ଏବଂ ସେଗୁଡ଼ିକ ବିଷୟରେ ମୁଁ ଭାବୁ ନଥିଲି । କାରଣ ଆମର ଆନ୍ଦୋଳନର ପ୍ରାଥମିକ ଦିନଗୁଡ଼ିକରେ ଆମେ ଭାବୁଥିଲୁ ଯେ ସେଗୁଡ଼ିକୁ ବିକଶିତ କରିବେ କେବଳ ସେହିମାନେ ଯେଉଁମାନେ ମୂଳରୁ କିଛି ପରିମାଣର ସୂକ୍ଷ୍ମ ଶକ୍ତି ନେଇ ଜନ୍ମ ନେଇଥାନ୍ତି ଏବଂ ମୋର କିଛି ସୂକ୍ଷ୍ମ ଶକ୍ତିନଥିଲା । ତେବେ ଗୋଟିଏ ଦିନ ଗୁରୁଦେବ ନିଜେ ଅଡ୍ୟାର୍ ପରିଦର୍ଶନ ବେଳେ ସେହି ଦିଗରେ ମୋତେ ଏକ ସୂଚନା ଦେଇଥିଲେ । ସେ ମୋତେ ଉପଦେଶ ଦେଲେ ଗୋଟିଏ ପ୍ରକାର ଧ୍ୟାନ ଚେଷ୍ଟା କରିବାକୁ ଏବଂ କହିଲେ, "ମୁଁ ଭାବୁଛି, ତୁମେ ଏଥିରୁ ଭଲ ଫଳ ପାଇବ ।" ମୁଁ ଚେଷ୍ଟା କଲି ଓ ଫଳ ପାଇଲି । ଗୁରୁଙ୍କ ପାଇଁ କାର୍ଯ୍ୟ କରୁଥିବା ପ୍ରତ୍ୟେକଙ୍କୁ ସେହି କଥଶ କୁହାଯିବ, ଯେତେବେଳେ ଠିକ୍ ସମୟ ଆସିବ । ଏହା ବେଶ୍ ନିଶ୍ଚିତ ବୋଲି ଆମେ ଧରିନେଇପାରୁ । କେଉଁ ପ୍ରକାରେ ସେ ତାଙ୍କର ଇଚ୍ଛାର ସୂଚନା ଦେବେ, ତାହା ଆଗରୁ କହି ହେବ ନାହିଁ । କିନ୍ତୁ ସେ କୌଣସି ପ୍ରକାରେ ତାହା କରିବେ ।

ଏହି ପ୍ରକାର ଉଦ୍ୟମ ପାଇଁ ନିଜକୁ ଯୋଗ୍ୟ କରିବାର ସର୍ବୋତ୍ତମ ପନ୍ଥା ହେଉଛି ନିଜର ଯେତେକ କ୍ଷମତା ଅଛି, ସେ ସମସ୍ତଙ୍କୁ ଯଥାସମ୍ଭବ ସମ୍ପୂର୍ଣ୍ଣ ଭାବେ ସେବାରେ ଉପଯୋଗ କରିବା । ଯେଉଁ ବ୍ୟକ୍ତି ନିଜ କଥା ନ ଭାବି ତାହା କରୁଛନ୍ତି, ସେ କିଛି ନୂତନ କ୍ଷମତା ପାଇବା ସମ୍ଭବ ।

ଏହା ପୁଣି ଥରେ ସେହି ଟାଲେଣ୍ଟ ସମ୍ପର୍କୀୟ ପୁରାତନ ଉପଦେଶ ମୂଳକ କାହାଣୀ । ଆପଣ ମନେ ପକାନ୍ତୁ ଯେଉଁମାନେ ନିଜ ଟାଲେଣ୍ଟର ସଦୁପଯୋଗ କରିଥିଲେ, ସେମାନେ ଆଗେଇ ଯାଇ ପାରିଲେ ଏବଂ ଅଧିକ କାମର ଦାୟିତ୍ୱ ସେମାନଙ୍କୁ ଦିଆଗଲା । ସେମାନଙ୍କୁ କୁହାଗଲା, "ତୁମେମାନେ ଅଳ୍ପ କେତେକ ଜିନିଷ ନେଇ ବିଶ୍ୱସ୍ତ ଭାବେ କାମ କରିଛ- ମୁଁ ତୁମମାନଙ୍କୁ ବହୁ ବିଷୟ ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ଦେବି । ମାଲିକଙ୍କ ଆନନ୍ଦ ରାଜ୍ୟରେ ତୁମେମାନେ ପ୍ରବେଶ କର ।" ଖୁବ୍ କମ୍ ଲୋକେ ଏହାର ଅର୍ଥ ବିଷୟରେ ସ୍ଥିର ଭାବେ ଚିନ୍ତା

କରନ୍ତି । ଈଶ୍ୱରଙ୍କ ଆନନ୍ଦ । ଗୁରୁମାନଙ୍କର ଆନନ୍ଦ । ଏହା ଅସ୍ପଷ୍ଟ ସୁଖ ବା ଆନନ୍ଦ ବା ସ୍ୱର୍ଗରେ ପ୍ରବେଶ କରିବା ନୁହେଁ । ଜଗତଗୁଡ଼ିକର ଗଠନ ହିଁ ଈଶ୍ୱରଙ୍କର ଆନନ୍ଦ । ଗ୍ରୀସ୍‌ର ରହସ୍ୟମୟ ଦର୍ଶନରେ ଏହା ହେଉଛି ବେକସ୍ ଦେବତାଙ୍କର ଏବଂ ହିନ୍ଦୁମାନଙ୍କ ବିଶ୍ୱାସରେ ଶ୍ରୀକୃଷ୍ଣଙ୍କର ଲୀଳା ।

କ୍ରମବିକାଶର ମହାନ୍ କାର୍ଯ୍ୟରେ ନିଜକୁ ନିକ୍ଷେପ କରିବା ପାଇଁ ଈଶ୍ୱର ଆମକୁ ବାଛି ନେଇଛନ୍ତି । ତାହାହିଁ ଆମର ଈଶ୍ୱରଙ୍କର ଆନନ୍ଦ- ବିଶ୍ୱ ଜରିଆରେ ନିଜର ପ୍ରେମ ଢାଳି ଦେବାର ମହତ୍ ଯୋଜନାକୁ କାର୍ଯ୍ୟକାରୀ କରିବାର ଆନନ୍ଦ । ଯଦି ଆମେ ଆମ ପାଖରେ ଥିବା ସମସ୍ତ କ୍ଷମତାର ଉପଯୋଗ କରୁନାହୁଁ, ଅଧିକ କ୍ଷମତା ପାଇବା ପାଇଁ ଗୁରୁଦେବ ଆମକୁ ସାହାଯ୍ୟ କରିବେ ନାହିଁ । ଯେ ପର୍ଯ୍ୟନ୍ତ ଆମ ପାଖରେ ଯାହା ଅଛି, ତାହାର ସମ୍ପୂର୍ଣ୍ଣ ଉପଯୋଗ କରିବାର ସେ ଦେଖି ନାହାନ୍ତି, ସେ ପର୍ଯ୍ୟନ୍ତ ସେ ଅପେକ୍ଷା କରିବେ । ଲୋକେ ସେହି କଥା ସବୁବେଳେ ବୁଝନ୍ତି ନାହିଁ । ସେମାନେ ଅଦୃଶ୍ୟ ସହାୟକ ହେବାକୁ ଚାହାନ୍ତି । ଆମେ ସେମାନଙ୍କୁ ସବୁବେଳେ କହୁଛୁ, “ଆପଣ ପ୍ରଥମେ ଦୃଶ୍ୟମାନ ସହାୟକ ହେବା ଉଚିତ । ଯେଉଁ ସ୍ଥୂଳ ସ୍ତରରେ ଆପଣ ପୂର୍ଣ୍ଣ ସଚେତନ, ସେଇଠି ଯଦି ଆପଣଙ୍କର ସମଗ୍ର ଜୀବନ କେବଳ ସାହାଯ୍ୟ ଦେବାରେ ବିତିଯାଏ, ତେବେ ନିଶ୍ଚିତ ଭାବେ ଆପଣ ଅନ୍ୟ ସ୍ତରମାନଙ୍କରେ ମଧ୍ୟ ଉପଯୋଗୀ ହୋଇପାରିବେ ।”

■■■

## ଚତୁର୍ଥ ଅଧ୍ୟାୟ

# ଛୋଟ ଛୋଟ କାମନା

**କେତେକ ଛୋଟ ଛୋଟ କାମନା ସମ୍ପର୍କରେ ମଧ୍ୟ ତୁମକୁ ସାବଧାନ ହେବାକୁ ପଡ଼ିବ, ଯେଉଁଗୁଡ଼ିକ ଦୈନନ୍ଦିନ ଜୀବନରେ ସାଧାରଣ କଥା । କେବେହେଲେ ନିଜର ଦୀପ୍ତି ଦେଖାଇବାକୁ କିମ୍ବା ନିଜକୁ ଚାଲାକ ବୋଲି ଦେଖାଇବାକୁ ଚାହିଁ ନାହିଁ ।**

**ଲେଡ୍‌ବିଟର୍–** ବହୁ ଲୋକେ ନିଜକୁ ଚାଲାକ ବୋଲି ଦେଖାଇବାକୁ, ସର୍ବାଧିକ ଦୃଷ୍ଟି ଆକର୍ଷଣ କରିବାକୁ ଚାହାନ୍ତି । କିନ୍ତୁ ଗୁରୁଦେବଙ୍କ ମୁହାଁମୁହିଁ ହୋଇଥିବା କୌଣସି ବ୍ୟକ୍ତି ନିଜର ଦୀପ୍ତି ଦେଖାଇବା କଥା ଭାବିପାରିବ ନାହିଁ । ଗୁରୁଙ୍କର ସେହି ଦୀପ୍ତି ଦେଖିବା ପରେ କ୍ଷଣକ ଭିତରେ ସେ ବୁଝିପାରେ ଯେ ସେ ଯେଉଁ ଦୀପ୍ତି ଫୁଟାଇ ପାରିବ, ତାହା ସୂର୍ଯ୍ୟ ତୁଳନାରେ ସାମାନ୍ୟ ବଳିତାର ଶିଖା ଭଳି । ସୁତରାଂ ସେହି ଭାବନା ତା'ର ମନକୁ ଆସେ ନାହିଁ ଏବଂ ଯଦି ସେହି ଭାବନା ଆଗରୁ ଥିଲା, ତାହା ବର୍ତ୍ତମାନ ହଜିଯାଏ । ଯେଉଁ ବ୍ୟକ୍ତି ଭାବେ ଯେ ସ୍ୱଳ୍ପ ଆଲୋକ ପୃଥିବୀରେ ଏକ ବିରାଟ ପ୍ରଭାବ ପକାଇବ, ସେ ଉଜ୍ଜ୍ୱଳତର ଆଲୋକ ଦେଖିନାହିଁ । ସେହି ହେତୁ ତୁଳନା କରିବାକୁ ତା'ର କୌଣସି ଉପାୟ ନାହିଁ ।

ତଥାପି ସବୁ ପ୍ରକାର ସମ୍ଭବ ଉପାୟରେ ଆମର ପ୍ରତ୍ୟେକ ଗୁଣର ସର୍ବୋତ୍ତମ ଉପଯୋଗ କରିବାକୁ ହେବ ଗୁରୁଦେଙ୍କ ସେବା ପାଇଁ । ଆମର ଯାହା ବା ଆଲୋକ ଅଛି, ତାହାକୁ ଲୁଚାଇ ରଖିବା କଥା ନୁହେଁ । ଜଗଦ୍‌ଗୁରୁଙ୍କର ବିରାଟ ଆଲୋକ ଯେ କେବଳ ଦରକାର ତାହା ନୁହେଁ, ନିମ୍ନତର ଶ୍ରେଣୀର ଆଲୋକଗୁଡ଼ିକ ମଧ୍ୟ ସମୁଦ୍ର କୂଳରେ ଜଳି ଉଠେ । ବିରାଟ ଆଲୋକ ଏତେ ଉଜ୍ଜ୍ୱଳ ଭାବେ ଜଳି ଉଠେ ଯେ, କେତେକଙ୍କର ଆଖି ଝଲସି ଯାଏ, ଅନ୍ୟମାନେ ସେମାନଙ୍କର ଆଖି

ଖୋଲି ପାରନ୍ତି ନାହିଁ ଏବଂ କ୍ୱଚିତ୍ ଏହାର ଅସ୍ତିତ୍ୱ ସମ୍ପର୍କରେ ଜାଣନ୍ତି । ସ୍ୱଳ୍ପ ଆଲୋକ, ଯାହାକୁ ସେମାନେ ଗ୍ରହଣ କରିପାରିବେ, ତାହା ସେମାନଙ୍କ ମନକୁ ଛୁଇଁ ପାରେ ।

ହୁଏତ ଏମିତି ବହୁ ଲୋକ ଅଛନ୍ତି ଯେଉଁମାନଙ୍କୁ ଆମେ ସାହାଯ୍ୟ କରିପାରୁ । ସେମାନେ ମହତ୍ତର ବ୍ୟକ୍ତିଙ୍କଦ୍ୱାରା ସାହାଯ୍ୟ ପାଇବା ପାଇଁ ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇପାରିନାହାନ୍ତି । ସୁତରାଂ ପ୍ରତ୍ୟେକ ବ୍ୟକ୍ତିର ନିଜର ସ୍ଥାନ ରହିଛି । ତେବେ, କେବଳ ଦୀପ୍ତି ପ୍ରଦର୍ଶନ କରିବା ପାଇଁ ଦୀପ୍ତିମାନ୍ ହେବାକୁ କେବେହେଲେ ଇଚ୍ଛା କର ନାହିଁ; ତାହା ହେବ ମୂର୍ଖତା ।

**କହିବା ପାଇଁ ଇଚ୍ଛା କର ନାହିଁ । ଅଳ୍ପ କହିବା ଭଲ; କିଛି ନ କହିବା ମଧ୍ୟ ଆହୁରି ଭଲ, ଯଦି ତୁମେ ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ ନୁହଁ ଯେ ତୁମେ ଯାହା କହିବାକୁ ଚାହୁଁଛ, ତାହା ସତ୍ୟ, ସଦୟ ଏବଂ ଅନ୍ୟର ସହାୟକ । କହିବା ପୂର୍ବରୁ ଯତ୍ନର ସହିତ ଚିନ୍ତା କର ତୁମେ ଯାହା କହିବାକୁ ଯାଉଛ, ସେଥିରେ ଏହି ତିନୋଟି ଗୁଣ ଅଛି କି ନାହିଁ । ଯଦି ନାହିଁ, ତେବେ ତାହା କହ ନାହିଁ ।**

**ଆନି ବେସାନ୍ତ–** ଯେଉଁ ଲୋକେ ସର୍ବଦା କହିବାକୁ ଚାହାନ୍ତି ସେମାନଙ୍କ ନିକଟରେ ଯୁକ୍ତିଯୁକ୍ତ ଭାବେ କହିବାକୁ ସକ୍ଷମ ହେବା ପାଇଁ ସବୁବେଳେ ଯଥେଷ୍ଟ ବିଷୟ ନ ଥାଏ ଏବଂ ସେଥିପାଇଁ ସେମାନେ ଯାହା କହନ୍ତି ସେଗୁଡ଼ିକ ଶୁଣିବାର ଉପଯୋଗୀ ନୁହେଁ । ଏହି ପ୍ରକାରେ ପୃଥିବୀରେ ଯେଉଁ ସବୁ ଅଦ୍ଭୁତ ପରଚର୍ଚ୍ଚାର ଧାରା ଛୁଟି ଚାଲିଛି, ତାହା ସାଙ୍ଗକୁ ସେମାନେ କିଛି ଯୋଡ଼ି ଦିଅନ୍ତି । ଏହି ପ୍ରକାରେ ସେମାନେ ଅକଳନୀୟ କ୍ଷତି କରନ୍ତି, ଯଦି ସେମାନେ ନିଜର ଜିଭକୁ କାବୁ କରିବା ବଦଳରେ, ସେହି ଜିଭକୁ ସେମାନଙ୍କର ମାଲିକ ହେବାକୁ ଛାଡ଼ି ଦିଅନ୍ତି । ତାହାପରେ ଅଛି ଆଉ ଏକ ଉପଦେଶ ଯାହା ମୁଁ ଗୁରୁଦେବଙ୍କ ଠାରୁ ବହୁବାର ଶୁଣିଛି : "କହିବା ପୂର୍ବରୁ ଚିନ୍ତା କର, ତୁମେ ଯାହା କହିବାକୁ ଯାଉଛ, ତାହା ସତ୍ୟ, ସଦୟ ଏବଂ ସହାୟକ କି ନୁହେଁ, ଏବଂ ଯଦି ସେଥିରେ ଏହି ତିନୋଟି ଯାକ ଗୁଣ ନାହିଁ, ତେବେ ତାହା କୁହନାହିଁ ।" ଏହା ଆପଣଙ୍କୁ କଥାବାର୍ତ୍ତାରେ ଧୀର କରିଦେବ, ଯାହା ଫଳରେ

କ୍ରମଶଃ ଆପଣ ଦେଖିବେ ଯେ ଆପଣ କମ୍ କଥାବାର୍ତ୍ତା କରୁଛନ୍ତି ଏବଂ ତାହା ଏକ ଭଲ କଥା ହେବ ।

ଗପୁଡ଼ି ଲୋକେ ସେମାନଙ୍କ ଶକ୍ତିର ଅପଚୟ କରିଥାନ୍ତି- ଯାହା ଉପଯୋଗୀ କାର୍ଯ୍ୟରେ ନିୟୋଜିତ କରିବା ଉଚିତ ହୁଅନ୍ତା । ଯେଉଁ ବ୍ୟକ୍ତି ଗୁଡ଼ାଏ କହନ୍ତି, ସେ ସାଧାରଣତଃ ବେଶି କାମ କରନ୍ତି ନାହିଁ । ଆପଣ ହୁଏତ ଭାବିବେ ଯେ କହିବା ସମ୍ପର୍କରେ ଏ ସବୁ ମନ୍ତବ୍ୟ ବୋଧହୁଏ ମୋର ନିଜ ପ୍ରତି ଖୁବ୍ ଭଲ ଭାବେ ପ୍ରୟୋଗ କରାଯାଇ ପାରେ, କାରଣ ମୁଁ ସର୍ବଦା ଭାଷଣ ଦେଇ ଲାଗିଛି । କିନ୍ତୁ ମୁଁ ମୋର କାମ ବାହାର ବିଶେଷ କହେ ନାହିଁ । ମୁଁ ସ୍ୱଳ୍ପ ଭାଷଣର କ୍ଷମତା ହରାଇଛି, ଯାହା ଫଳରେ ଲୋକେ ମୋର ନୀରବତା ଯୋଗୁଁ ମୋର ଦୋଷ ବାଛନ୍ତି । ପାଶ୍ଚାତ୍ୟ ଦେଶଗୁଡ଼ିକରେ ମୁଁ ଅନେକ ସମୟରେ ଜୋର୍ କରି କହିଥାଏ । କାରଣ ଅନେକ ସମୟରେ ନୀରବତାକୁ ବିଷାଦ ବା ଗର୍ବ ବୋଲି କିମ୍ବା ଲୋକଙ୍କ ସହିତ ମିଶିବା ପାଇଁ ଅନିଚ୍ଛା ବୋଲି ଲୋକେ ଭୁଲ୍ ବୁଝନ୍ତି । ସୁତରାଂ ସ୍ୱଭାବତଃ, ମୋର କିଛି ନିର୍ଦ୍ଦିଷ୍ଟ ଏବଂ ଉପଯୋଗୀ ବିଷୟ କହିବାକୁ ନଥିଲେ ମୋର କହିବା ଦକ୍ଷତା ଖୁବ୍ ବେଶି ନୁହେଁ ।

କହନ୍ତୁ, ନିଶ୍ଚୟ କହନ୍ତୁ, ଯେତେବେଳେ ଏକ ଭଲ କାମ ପାଇଁ ଆପଣଙ୍କର କହିବାକୁ ଅଛି, ଯେତେବେଳେ ଆପଣଙ୍କର ଉପଯୁକ୍ତ କିଛି କହିବାର ଅଛି, ଯେତେବେଳେ ଅନ୍ୟମାନଙ୍କ ପ୍ରତି ସଦୟ ହୋଇ ଆପଣଙ୍କୁ କହିବାକୁ ହୁଏ । ସେହି ପ୍ରକାର କହିବା ନୁହେଁ, ବରଂ ମୂଲ୍ୟହୀନ କଥାବାର୍ତ୍ତାକୁ ବନ୍ଦ କରିବାକୁ ହେବ । ପ୍ରତ୍ୟେକ ଅନୁପଯୋଗୀ ଶବ୍ଦ ହେଉଛି ଆଉ ଏକ ଇଟା ଯାହା ନେଇ ପାଚେରୀ ତିଆରି ହୁଏ ଆପଣଙ୍କୁ ଗୁରୁଦେବଙ୍କ ଠାରୁ ଅଲଗା କରିବାକୁ । ଯେଉଁମାନେ ତାଙ୍କ ନିକଟରେ ପହଞ୍ଚିବାକୁ ଚାହାନ୍ତି । ସେମାନଙ୍କ ସକାଶେ ବିଚାର ପାଇଁ ଏହା ଏକ ଗୁରୁତର ବିଷୟ ।

ଯେ ବହୁତ ଗୁଡ଼ାଏ କଥା କହେ, ସେ ସତ୍ୟବାଦୀ ହୋଇପାରିବ ନାହିଁ । ମୁଁ କହୁନାହିଁ ଯେ ସେ ଜାଣିଶୁଣି ଏବଂ ଇଚ୍ଛା କରି ମିଛ କହେ । କିନ୍ତୁ ସେ ସର୍ବଦା ସଠିକ କଥା କହିପାରିବ ନାହିଁ ଏବଂ ଯାହା ସଠିକ ନୁହେଁ, ତାହା ମିଥ୍ୟା । ଆପଣଙ୍କ ଚାରି ପାଖରେ ଏକ ମିଥ୍ୟାର ବାତାବରଣ ରହିବାଠାରୁ କ୍ୱଚିତ୍ ଅଧିକ କିଛି ଖରାପ ହୋଇପାରେ; କଥା ସଠିକ ନହେଲେ ସର୍ବଦା

ଏପରି ବାତାବରଣ ସୃଷ୍ଟି ହୋଇଥାଏ । ଉଦାହରଣସ୍ୱରୂପ, ମୁଁ ଅନେକ ସମୟରେ ଚିଠି ସବୁ ପାଏ- ଯାହା ବାଗାଡ଼ମ୍ବର ପୂର୍ଣ୍ଣ ଏବଂ ସେ ସବୁ ଭିତରେ ହୁଏତ ଥାଏ ଅଳ୍ପ ଟିକିଏ ସାର କଥା । ଜୀବନର ସମସ୍ତ ସାଧାରଣ କଥାରେ ଅତିଶୟୋକ୍ତିକୁ ବାଦ୍ ଦେବାକୁ ଆମେ ଶିକ୍ଷା କରି ଆସିଛୁ । ସେହିପରି ମଧ୍ୟ, ଯେତେବେଳେ ଅନ୍ୟ କାହା ବିରୁଦ୍ଧରେ ଅଭିଯୋଗ ଥିବା ଏକ ଚିଠି ମୁଁ ପାଏ (ଏମିତି ଚିଠି ମୁଁ ବହୁତ ପାଏ) ସେଥିରେ କେତେ ସତ୍ୟ ରହିଛି ତାହା ମୁଁ ବିଚାର କରେ ବହୁ ପରିମାଣରେ ଲେଖକର ଚରିତ୍ର ସମ୍ପର୍କରେ ମୋର ଜ୍ଞାନ ଦ୍ୱାରା, ଆହୁରି ମଧ୍ୟ ସେ ଲେଖିବାବେଳେ କେଉଁ ଅବସ୍ଥାରେ ଥିଲା, ତାହା ଅନୁମାନ କରିବା ଦ୍ୱାରା ।

**ଜିହ୍ୱାକୁ ଜୟ କର**

ମନୁ କହିଛନ୍ତି, ଯେ ନିଜର ଜିହ୍ୱାକୁ ଜୟ କରିଛି, ସେ ସବୁ କିଛି ଜୟ କରିଛି । ଜଣେ ଖ୍ରୀଷ୍ଟିଆନ ଉପଦେଷ୍ଟା କହିଛନ୍ତି- "ଜିଭ ଗୋଟିଏ ଛୋଟିଆ ଅଙ୍ଗ, ଅଥଚ ବଡ଼ ବଡ଼ କଥା କହେ । ଭାବି ଦେଖନ୍ତୁ କେତେ ବଡ଼ ବଡ଼ ଜିନିଷକୁ ଟିକିଏ ନିଆଁ ଜାଳି ଦିଏ । ଜିଭ ହେଉଛି ଅଗ୍ନି, ଅନ୍ୟାୟ ଭରା ଏକ ଦୁନିଆ । ସେହିପରି ଆମ ଅଙ୍ଗଗୁଡ଼ିକ ଭିତରେ ଥିବା ଜିଭ ସମଗ୍ର ଶରୀରକୁ ଦୂଷିତ କରିଦିଏ ।" ଜିଭକୁ ଜୟ କରିବା ଅର୍ଥ ନିମ୍ନତର ପ୍ରକୃତିକୁ ଜୟ କରିବା । ଲୋକେ ଯେଉଁ ସବୁ ଛୋଟ ଛୋଟ କଷ୍ଟ ପାଆନ୍ତି ଅଧିକାଂଶ କ୍ଷେତ୍ରରେ ତାହା ସେମାନଙ୍କର ଅସଂଯତ କଥାର ପରିଣତି, ସେଗୁଡ଼ିକର ପ୍ରତିକ୍ରିୟା । ଛୋଟ ଛୋଟ ମୁଣ୍ଡବ୍ୟଥା, ବଦହଜମୀ, ହତାଶା ଇତ୍ୟାଦି ଏହିପରି ଉପୁଜିଥାଏ । ଯେଉଁମାନଙ୍କର ଏହିସବୁ ରହିଅଛି, ସେମାନେ ଯଦି ନୀରବ ରହିବାକୁ ଶିକ୍ଷା କରିବେ, ସେମାନେ ଶୀଘ୍ର ନିଜର ସ୍ୱାସ୍ଥ୍ୟର ଉନ୍ନତି କରିପାରିବେ । ତାହାର ଏକ ଆଂଶିକ କାରଣ ହେଉଛି ଏହି ଗପିବାରେ ବର୍ତ୍ତମାନ ସେମାନଙ୍କର ଯେଉଁ ଶକ୍ତି କ୍ରମଶଃ କ୍ଷୟ ହୋଇ ଯାଉଛି, ତାହା ଆଉ ସେମାନେ ହରାଇବେ ନାହିଁ । ଆଉ ଏକ ଆଂଶିକ କାରଣ ହେଉଛି, ସେମାନଙ୍କର ଅସଂଯତ କଥା ଫଳରେ ସେମାନଙ୍କୁ ସର୍ବଦା ଯେଉଁସବୁ ଛୋଟିଆ ଛୋଟିଆ କର୍ମ-ଋଣ ପରିଶୋଧ କରିବାକୁ ପଡୁଛି, ତାହା ଆଉ କରିବାକୁ ହେବ ନାହିଁ । ସ୍ମରଣ କରାଯାଇପାରେ ଯେ ପାଇଥାଗୋରାସ୍ ନିଜ ଶିଷ୍ୟମାନଙ୍କୁ ଦୁଇ ବର୍ଷ ନୀରବ ରହିବାକୁ କହିଥିଲେ । ସେହି କଥାକୁ ଆମେ ଗୁରୁତ୍ୱ ଦେବା ଉଚିତ ।

କାରଣ ସେ ହିଁ ସେହି ଗୁରୁ ଯାହାଙ୍କୁ ଆମେ କୁଥୁମି ରୂପେ ଜାଣୁ ଏବଂ ସେ ହେଉଛନ୍ତି ଆଲ୍‌ସିଓନ୍‌ଙ୍କର ଏବଂ ବିଶପ ଲେଡ୍‌ବିଟର୍‌ଙ୍କ ମଧ୍ୟ ଗୁରୁ ।

ଭାରତରେ ବହୁ ଯୋଗୀ ରହିଛନ୍ତି, ଯେଉଁମାନଙ୍କୁ ମୁନି ବୋଲି କୁହାଯାଏ । ସେମାନେ ମୌରନ ବ୍ରତ ଗ୍ରହଣ କରିଥାନ୍ତି, ଯାହା ସେମାନଙ୍କ ନାମରୁ ଜଣାପଡ଼େ । ଏହି ଦେଶରେ ତା'ର ମୂଲ୍ୟ ସର୍ବଦା ସ୍ୱୀକୃତ ହୋଇଛି । ମୁଁ ଜଣେ ବ୍ୟକ୍ତିଙ୍କୁ ଜାଣେ ଯେ ଏହି ବ୍ରତ ଦଶ ବର୍ଷ ଧରି ପାଳି ଆସିଛନ୍ତି ଏବଂ ତାହା ତାଙ୍କୁ ଦେଇଛି ମହାନ୍ ଶାନ୍ତି ଏବଂ ଗାମ୍ଭୀର୍ଯ୍ୟ । ଏହି ମୌନ ଆଚରଣ ଯୋଗୁ ସେ ଏକ ଅଧିକ ଆଧ୍ୟାତ୍ମିକ ଜୀବନ ଯାପନ କରୁଛନ୍ତି, ଯାହା ଏହା ବ୍ୟତିରେକେ ହୁଅନ୍ତା ନାହିଁ । ଅବଶ୍ୟ ଆମ ଭିତରୁ ଅଧିକାଂଶ ଏହି ପ୍ରକାର ବ୍ରତ ପାଳନ କରିପାରିବେ ନାହିଁ, ଯେତେବେଳେ ଆମେ ଏହି ପୃଥିବୀରେ ରହୁଛୁ ଏବଂ ଏଥିରେ ସବୁ ପ୍ରକାର କାର୍ଯ୍ୟ ଆମକୁ କରିବାକୁ ହେଉଛି । ତେବେ ଆମେ ଏହି ମନୋଭାବ ଗ୍ରହଣ କରିପାରିବା ଏବଂ ଗ୍ରହଣ କରିବା ଉଚିତ; ଅନ୍ୟମାନଙ୍କୁ ଆହତ ନ କରି, ଯେତେବେଳେ ସମ୍ଭବ ନୀରବ ରହିବ ଉଚିତ ।

ସର୍ବଦା ଆତ୍ମ-ନିରୀକ୍ଷଣ ଏବଂ ବିଚାର କରିବା ମଧ୍ୟ ଅଧିକ ଆତ୍ମଶାନ୍ତି ବଜାୟ ରଖିବା ଦିଗରେ ପ୍ରଶିକ୍ଷଣ ସକାଶେ ଉପଯୋଗୀ । ଆପଣଙ୍କୁ ନିଶ୍ଚୟ କିଛି କହିବାକୁ ହେବ । କିନ୍ତୁ ଦୟା ଏବଂ ଉପଯୋଗିତା ସମ୍ପର୍କରେ ଗୂଢ଼ତାତ୍ତ୍ୱିକ ନିୟମ ପାଳନ ପାଇଁ ଯେତିକି ଦରକାର, ତାହାଠାରୁ ଅଧିକ ନକହିବା ପାଇଁ ଆପଣଙ୍କୁ ସ୍ଥିର କରିବାକୁ ହେବ । ପ୍ରତିଦିନ ଗୋଟିଏ ସମୟରେ ଏହି ବିଷୟରେ ସଂକଳ୍ପ କରିବା ଉଚିତ ହେବ । ପ୍ରଭାତରେ ସଂକଳ୍ପ କରନ୍ତୁ ଯେ ସାରା ଦିନରେ ଆପଣ ଚିନ୍ତା ନ କରି କିଛି କହିବେ ନାହିଁ- ଫଳରେ ଅନ୍ତତଃ ଗୋଟିଏ ଦିନ ଭଲ ଭାବେ କଟିଯିବ ।

ଆମର ଜୈନ ଭାଇମାନେ ଆତ୍ମ-ନିରୀକ୍ଷଣ ଏବଂ ଆତ୍ମ-ଶମନ ଶିଖିବା ପାଇଁ ସେହି ପ୍ରକାର ଅଭ୍ୟାସର ଉପଯୋଗର କରିଥାନ୍ତି । ସେମାନେ ସଂକଳ୍ପ କରନ୍ତି ଯେ ସେହି ଦିନ ସେମାନେ ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବେ ନାହିଁ । ତାହା ସେପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇନପାରେ ଏବଂ ସେ ତାହା କରନ୍ତି ନାହିଁ । ତଦ୍ୱାରା ଯେଉଁ ଆତ୍ମ-ନିରୀକ୍ଷଣ ଅଭ୍ୟାସ ହୁଏ, ସେଥିରେ ଅସାବଧାନତା ଦୂର ହୋଇଯାଏ । ଭଗବାନ ବୁଦ୍ଧ ମଧ୍ୟ ଅତିଶୟ ଦୃଢ଼ ଭାବରେ କହିଛନ୍ତି ଅସାବଧାନତା

ସମ୍ପର୍କରେ, ଚିନ୍ତାହୀନତା ସମ୍ପର୍କରେ, ଯାହା ଫଳରେ ମନୁଷ୍ୟ ଗୁଡ଼ାଏ ଭୁଲ୍ କରି ବସେ ।

**ଲେଡ୍‌ବିଟର୍–** ଯେଉଁ ଲୋକେ ସବୁବେଳେ ଭଡ଼ ଭଡ଼ ହେଉଥାନ୍ତି, ସେମାନେ ସର୍ବଦା ଯୁକ୍ତିଯୁକ୍ତ ବା ଉପଯୋଗୀ ଭାବେ କହି ପାରନ୍ତି ନାହିଁ । ଆହୁରି ମଧ୍ୟ ସେମାନେ ସତ୍ୟବାଦୀ ହୋଇପାରନ୍ତି ନାହିଁ । ଯେତେବେଳେ ଲୋକେ ସର୍ବଦା ହୁଗୁଳାଭାବେ କହି ଲାଗିଥିବେ, ଖୁବ୍ ନିଶ୍ଚିତ ଭାବେ ସେମାନେ କହୁଥିବା କେତେକ କଥା ସତ ହେବ ନାହିଁ; ଯଦିଓ ମିଛ କହିବା ସେମାନଙ୍କର ଉଦ୍ଦେଶ୍ୟ ନୁହେଁ । ସେମାନେ ସବୁ ପ୍ରକାର କଥା କହନ୍ତି ଯାହା ସଠିକ ନୁହେଁ ଏବଂ ପରେ କହନ୍ତି, "ଅଠିକ୍ କଥା କହିବାକୁ ମୁଁ ଚାହିଁ ନଥିଲି । ସୁତରାଂ ସେଥିରେ କିଛି ଯାଏ ଆସେ ନାହିଁ ।" ଆପଣ ଜଣ ଚାହିଁଥିଲେ ତାହା ନୁହେଁ, ବରଂ କ'ଣ କହିଲେ ତାହାର ପରିଣାମ ଦେଖାଦିଏ । ଆପଣ ଯଦି ଏକ ମୂର୍ଖ କାମ କରନ୍ତି, ଆପଣଙ୍କର ଉଦ୍ଦେଶ୍ୟ ଭଲ ଥିଲେ ମଧ୍ୟ ତାହା କାର୍ଯ୍ୟର ଗୁଣକୁ ବଦଳାଇ ଦିଏ ନାହିଁ ବା ଆପଣଙ୍କୁ ମନ୍ଦ କର୍ମରୁ ମୁକ୍ତ କରେ ନାହିଁ । ଯଦି ଭଲ ଉଦ୍ଦେଶ୍ୟ ନିର୍ଦ୍ଦିଷ୍ଟ ଭାବେ ଥାଏ, ତେବେ ତାହା ଆପଣଙ୍କର ମଙ୍ଗଳକାରକ ହେବ । କିନ୍ତୁ ସେହି ମୂର୍ଖ କାର୍ଯ୍ୟ ଆପଣଙ୍କର ଖରାପ ସ୍ଥୂଳ କର୍ମଫଳ ଆଣି ଦେବ ।

ଜଣେ ବ୍ୟକ୍ତି କିଛି କହେ ଏବଂ ପରେ ନିଜକୁ ସଂଶୋଧନ କରେ "ନା ମୋର ଭୁଲ ହେଲା– କଥାଟା ଠିକ୍ ସେଇଆ ନୁହେଁ ।" ସେ ଏକ ମିଛ କହିଲେ: ସେ ତାହା କହିବାକୁ ଚାହୁଁ ନ ଥିଲେ, କିନ୍ତୁ ସେ ଏକ ଦୃଢ଼ୋକ୍ତି କଲେ, ଯାହା ସତ ନୁହେଁ । ସେ ତାହା କହିବାକୁ ଚାହିଁ ନଥିଲେ ବୋଲି କହିବା, ଦୁର୍ଘଟଣା କ୍ରମେ ଜଣେ ଅନ୍ୟକୁ ଗୁଳି କରି ସାରି ଯଦି ଯୁକ୍ତି କରନ୍ତି ଯେ "ମୁଁ ଜାଣି ନଥିଲି ଯେ ବନ୍ଧୁକରେ ଗୁଳି ଭର୍ତ୍ତି ହୋଇ ରହିଥିଲା" ବୋଲି ଯୁକ୍ତି କରିବା ସହ ସମାନ ହେବ । ତାଙ୍କର ଧରି ନେବା ଉଚିତ ଥିଲା ଯେ ବନ୍ଧୁକରେ ଗୁଳି ଭର୍ତ୍ତି ହୋଇ ରହିଥିଲା" ବୋଲି ଯୁକ୍ତି କରିବା ସହ ସମାନ ହେବ । ତାଙ୍କର ଧରି ନେବା ଉଚିତ ଥିଲା ଯେ ବନ୍ଧୁକରେ ଗୁଳି ଭର୍ତ୍ତି ହୋଇ ରହିଥିଲା; ଯେ ପର୍ଯ୍ୟନ୍ତ ସେ ଜାଣିନାହାନ୍ତି ସେଥିରେ ଗୁଳି ନଥିଲା ବୋଲି ।

ଭଲ ହେବ ଯଦି ଆମେ ନିଜ ସକାଶେ ଗୋଟିଏ ଦିନ ଠିକ୍ କରିବା ଯେଉଁ ଦିନ ଆମେ ନିଶ୍ଚିତ ଭାବେ ଏପରି କିଛି କହିବା ପାଇଁ, ଯାହା ସତ୍ୟ,

ସଦୟ ଏବଂ ସହାୟକ ହୋଇନଥିବ । ଏହା ହେବ ଏକ ପ୍ରକାର ମୌନ ଦିବସ । ତେବେ ସେଥିରେ ପୃଥିବୀର ବିଶେଷ କିଛି ହେବ ନାହିଁ ଏବଂ ଆମ ପାଇଁ ବିଶେଷ ଭଲ ବେହ । ଦ୍ରୁତ ଏବଂ ଉତ୍ତେଜିତ ବାର୍ତ୍ତାଳାପ କରିବା ନିଶ୍ଚିତ ଭାବେ ଅସମ୍ଭବ ହେବ, କାରଣ ଆମକୁ ସ୍ଥିର ହୋଇ ଭାବିବାକୁ ହେବ । ଏହି ନିୟମଗୁଡ଼ିକ ଉଚ୍ଚତର ଜୀବନର ନିୟମଗୁଡ଼ିକ ଉପରେ ଆଧାରିତ । ଯଦି ଜଣେ ବ୍ୟକ୍ତି ଦ୍ରୁତତର ପ୍ରଗତି କରିବାକୁ ଚାହାନ୍ତି, ତେବେ ସେ ଏହି ଉଚ୍ଚତର ନିୟମଗୁଡ଼ିକ ପାଳନ କରିବା ପାଇଁ ଚେଷ୍ଟା କରିବା ଆବଶ୍ୟକ । ସେଗୁଡ଼ିକର ଉପଯୋଗୀ ହେବା ପାଇଁ ନିଜକୁ ପରିବର୍ତ୍ତନ କରିବାକୁ ହେବ, ଯଦିବା ତଦ୍ଵାରା ସାଧାରଣ ଜୀବନ ଏବଂ କାର୍ଯ୍ୟ ପ୍ରଣାଳୀ ସହିତ ତାଙ୍କର ସଂଘର୍ଷ ହେବାଭଳି ମନେ ହେବ ।

ତାହା କଠୋର ମନେ ହୋଇପାରେ । କିନ୍ତୁ ଯଦି, ଏ ବିଷୟରେ ଭଲ ଭାବେ ଚିନ୍ତା କରି, ସେ ଅନୁଭବ କରନ୍ତି ଯେ ଉଚ୍ଚତର ଜୀବନ ଯାହା ଦରକାର କରୁଛି, ତାହା ତାଙ୍କ ସକାଶେ ଅଧିକ କଷ୍ଟକର ହୋଇ ପଡ଼ୁଛି, ତେବେ ପ୍ରକୃତ ପ୍ରଗତି ସକାଶେ ଚେଷ୍ଟା କରିବା ପାଇଁ ସେ ଆହୁରି ଗୋଟିଏ ବା ଦୁଇଟି ଜନ୍ମ ଅପେକ୍ଷା କରନ୍ତୁ । ଆମେ ଦୁଇଟିଯାକ କାମ କରିପାରିବା ନାହିଁ । କୌଣସି ଉଦ୍ୟମ ଏବଂ ପରିଣତି ବିହୀନ ଏକ ସହଜ ଜୀବନ ବିତାଇବା ଏବଂ ଦ୍ରୁତ ପ୍ରଗତି କରିବା । କିନ୍ତୁ ଦୁଇଟିରୁ କୌଣସି ଗୋଟିକୁ ଆମେ କରିପାରିବା ଏବଂ ଯଦି କେହି ଅନୁଭବ କରେ ଯେ ଏ ପର୍ଯ୍ୟନ୍ତ ସେ ସେହି କଷ୍ଟ ସହିବାକୁ ସକ୍ଷମ ନୁହେଁ, ତେବେ ସେ କୌଣସି ନିନ୍ଦାର ପାତ୍ର ନୁହେଁ ।

**ଏବେ ମଧ୍ୟ କହିବା ପୂର୍ବରୁ ଭଲ ଭାବେ ଚିନ୍ତା କରିବାରେ ଅଭ୍ୟସ୍ତ ହେବା ଭଲ ହେବ । କାରଣ ଯେତେବେଳେ ତୁମେ ଦୀକ୍ଷାର ନିକଟବର୍ତ୍ତୀ ହେବ, ସେତେବେଳେ ତୁମକୁ ତୁମର ପ୍ରତିଟି ଶବ୍ଦକୁ ଲକ୍ଷ୍ୟ କରିବାକୁ ହେବ । ନ ହେଲେ ହୁଏତ ଯାହା ନକହିବା କଥା ତାହା କହି ପକାଇବ ।**

**ଲେଡ୍‌ବିଟର୍–** ଯଦି ଦୀକ୍ଷା ସମ୍ପର୍କୀୟ କଥାଗୁଡ଼ିକ ଜଣେ ଜାଣି ନଥାଏ, ତେବେ ତାହା ବିଭ୍ରାନ୍ତିକର ହୋଇପାରେ । ଯଦି କେହି ଦୀକ୍ଷାର ପ୍ରକୃତ ଗୁପ୍ତ ବିଷୟଗୁଡ଼ିକ ପ୍ରକାଶ କରି ଦେବାକୁ ଚିନ୍ତା କରେ, ତେବେ ସେ କିଛି କହିବା

ପୂର୍ବରୁ ସେ ଭୁଲି ଯାଇଥିବ ଯେ କିଛି ଗୁପ୍ତ ବିଷୟ ରହିଛି ପ୍ରକାଶ କରିଦେବା ପାଇଁ । ସୁତରାଂ ପ୍ରକୃତ ଗୁପ୍ତ ବିଷୟ ସମ୍ପୂର୍ଣ୍ଣ ନିରାପଦ ରହିଛି । ସେଗୁଡ଼ିକ କେବେହେଲେ ପ୍ରକାଶିତ ହୋଇ ନାହିଁ । କେବେହେଲେ ସେପରି ହୋଇପାରିବ ନାହିଁ । ତଥାପି ଯେଉଁ ଦୀକ୍ଷିତ ବ୍ୟକ୍ତି ସାବଧାନ ହୁଅନ୍ତି ନାହିଁ, ସେ ମହାନ୍ ବିପଦରେ ପଡ଼ନ୍ତି । ବସ୍ତୁତଃ ସେ ନିଜକୁ ବହୁତ ଅଡୁଆ ପରିସ୍ଥିତିରେ ପକାଇ ପାରନ୍ତି । ମୁଁ ନିଜେ ବିଭିନ୍ନ ଧରଣର କେତେକ ସୂଚନା ରଖିଛି ଯାହା ଦୈନିକ ସମ୍ବାଦ ପତ୍ରରେ ପ୍ରକାଶିତ ହେଲେ ବିଶେଷ କିଛି କ୍ଷତି ହେବ ବୋଲି ମୁଁ ଭାବିପାରୁ ନାହିଁ । କିନ୍ତୁ ମୋତେ କୁହାଯାଇଛି, ତାହା ପୁନରୁକ୍ତି ନ କରିବା ପାଇଁ । ସେହି ହେତୁ ମୁଁ କହୁନାହିଁ । କାହିଁକି ମୁଁ ଜାଣେ ନାହିଁ । ପ୍ରତିଜ୍ଞା ତ ପ୍ରତିଜ୍ଞା, ଏକ ପବିତ୍ର ଜିନିଷ ଭଳି ତାହା ରକ୍ଷା କରିବାକୁ ହେବ । ଯଦି କେହି ଥାନ୍ତି ଯେ ଏ ବିଷୟରେ ସେପରି ଅନୁଭବ କରନ୍ତି ନାହିଁ, ତେବେ ସେମାନେ ଗୂଢ଼ତତ୍ତ୍ୱ କ୍ଷେତ୍ରରେ ପ୍ରଗତି ସକାଶେ ସମସ୍ତ ଚିନ୍ତା ସଙ୍ଗେ ସଙ୍ଗେ ପରିତ୍ୟାଗ କରିବା ଶ୍ରେୟସ୍କର ହେବ ।

## ପରଚର୍ଚ୍ଚା ଗର୍ହିତ

**ବହୁ ସାଧାରଣ କଥାବାର୍ତ୍ତା ହେଉଛି ଅନାବଶ୍ୟକ ଏବଂ ମୂର୍ଖତାପୂର୍ଣ୍ଣ; ଯେତେବେଳେ ତାହା ହୁଏ ପରଚର୍ଚ୍ଚା, ତାହା ହୁଏକ ଗର୍ହିତ କାର୍ଯ୍ୟ ।**

**ଲେଡ୍‌ବିଟର–** ଆମେ ଯାହାକୁ ଅନାବଶ୍ୟକ କଥାବାର୍ତ୍ତା ବୋଲି କହିବା ଉଚିତ, ତାହା ତଥାପି କରାଯାଏ ଅନ୍ୟ ସହିତ ସୁଖରେ ସମୟ କଟାଇବା ଦିଗରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ । ଆମ ସମୟର ଏକ ଦୁର୍ଭାଗ୍ୟଜନକ ରୀତି ହେଉଛି ଗଳ୍ପ କରି ବହୁତ ସମୟ କଟାଇବା, ଯାହା ପ୍ରକୃତରେ ଚିନ୍ତା କରିବାରେ ଅଧିକ ଲାଭଦାୟକ ଭାବେ ଉପଯୋଗ କରାଯାଇପାରନ୍ତା । ଅବଶ୍ୟ ଅନେକ ସମୟ ଆସିଥାଏ, ଯେତେବେଳେ ଆମେ ସମ୍ପୂର୍ଣ୍ଣ ଅନାବଶ୍ୟକ କଥା କହିଥାଉ, କେବଳ ଅନ୍ୟ ଲୋକଙ୍କୁ ସନ୍ତୁଷ୍ଟ କରିବା ପାଇଁ, ଯେଉଁମାନେ ଆମର କ୍ରମାଗତ ମୌନତା ଦେଖି ଭୁଲ ବୁଝନ୍ତେ । ତଥାପି ତା'ର ବାହାରେ ବହୁ ଅନାବଶ୍ୟକ କଥାବାର୍ତ୍ତା ହୁଏ ଯାହା ସେହି ସବୁ ଶ୍ରେଣୀର ଆଦୌ ଅନ୍ତର୍ଗତ ନୁହେଁ, ଯାହା ହୁଏତ କିଛି କହିବା ପାଇଁ କୁହାଯାଇଥାଏ ।

ତାହା ଗୋଟାଏ ଭୁଲ୍ । ପ୍ରକୃତ ବନ୍ଧୁ ଚୁପ୍ ହୋଇ ରହିପାରିବେ ଏବଂ ତଥାପି ପରସ୍ପରର ସାହଚର୍ଯ୍ୟରେ ଆନନ୍ଦ ପାଇବେ ଏବଂ ଚିନ୍ତାର ଘନିଷ୍ଠ ଏକତା ଅନୁଭବ କରିବେ । କିନ୍ତୁ ଯଦି ଲୋକେ ଏପରି ଅବସ୍ଥାରେ ଅଛନ୍ତି ଯେ ବାର୍ତ୍ତାଳାପରେ ଫାଙ୍କ ରହିବା ଆଶଙ୍କାରେ ସେମାନେ କଥାବର୍ତ୍ତା ଚାଲୁ ରଖନ୍ତି, ତେବେ ଦୁର୍ଭାଗ୍ୟବଶତଃ ଗୁଡ଼ାଏ କଥା କୁହାଯିବ, ଯାହା ନ କହିଥିଲେ ଭଲ ହୋଇଥାନ୍ତା । ଅତିଭାଷୀ ଲୋକେ ବିଜ୍ଞତମ ନୁହନ୍ତି ଏବଂ ସାଧାରଣତଃ ଚିନ୍ତା କ୍ଷେତ୍ରରେ ବିଖ୍ୟାତ ବ୍ୟକ୍ତି ନୁହଁନ୍ତି ।

**ସୁତରାଂ କହିବା ଅପେକ୍ଷା ଶୁଣିବାରେ ଅଭ୍ୟସ୍ତ ହୁଅ । କୌଣସି ମତ ଦିଅ ନାହିଁ, ଯଦି ତୁମକୁ ସେଥିପାଇଁ ସିଧାସଳଖ ପଚରା ଯାଇନାହିଁ ।**

**ଲେଡ୍‌ବିଟର–** କେତେକ ଲୋକ କାହାର ଏକ ଉକ୍ତି ଶୁଣି ସହିପାରନ୍ତି ନାହିଁ, ଯାହା ସେମାନେ ଭାବନ୍ତି ଭୁଲ ବା ଅସମ୍ପୂର୍ଣ୍ଣ ଏବଂ ସାଙ୍ଗେ ସାଙ୍ଗେ ତାହାର ବିରୋଧ କରନ୍ତି । ଏହା ଫଳରେ ଅଶାନ୍ତି ଏବଂ ଯୁକ୍ତିତର୍କ ସୃଷ୍ଟି ହୁଏ । ଆମେ ବୁଝିବା ଉଚିତ ଯେ ଅନ୍ୟର ମତକୁ ସଂଶୋଧନ କରିବା କିମ୍ବା ଯେ କେହି ଭୁଲ୍ କରନ୍ତି, ସେମାନଙ୍କୁ ଠିକ୍ କରିବା ଆମର କାମ ନୁହେଁ । ଆମର କାମ ହେଉଛି ସର୍ବତ୍ର ଲୋକମାନଙ୍କ ପାଖକୁ ଯାଇ ସାହାଯ୍ୟ କରିବା ଯେତିକି ଆମେ କରିପାରୁ ଏକ ପ୍ରକାର ଧୀର ଭାବେ । ଯଦି ଏହି ବିଷୟରେ ଆମର ମତ ପଚରାଯାଏ, ତେବେ ତାହାକୁ ପ୍ରକାଶ କରିବା ଅତିଶୟ ଶାନ୍ତ ଭାବେ, ମୃଦୁ ଭାବେ ଏବଂ ବିରୋଧୀ ମନୋଭାବ ନରଖି । ଆମର ଭାବି ନେବା ଉଚିତ ହେବ ନାହିଁ ଯେ ଆମର ମତ ଅନ୍ୟ କାହା ପାଇଁ ହେବ ଅତିଶୟ ଆଗ୍ରହଜନକ । ବେଳେ ବେଳେ ତାହା ହୁଏ ନାହିଁ ଏବଂ ସେତେବେଳେ ଲୋକଙ୍କ ଉପରେ ତାହା ଲଦି ଦେବା ଭୁଲ୍ ହେବ । ଜଣେ ବ୍ୟକ୍ତି ହୁଏତ ସମ୍ପୂର୍ଣ୍ଣ ନିଶ୍ଚିତ ହୋଇପାରେ ଯେ ଏକ ଘଟଣା ଏପରି କି ସେପରି ହୋଇଛି, ଏବଂ ଆମେ ହୁଏତ ଭଲ ଭାବେ ଜାଣୁ ଯେ ତାହା ସେପରି ହୋଇନାହିଁ । କିନ୍ତୁ ତାଙ୍କୁ କହିବା ପାଇଁ ଦେବା ଶ୍ରେୟସ୍କର; ସମ୍ଭବତଃ ସେଥିରେ ସେ ଖୁସି ହେବେ ଏବଂ ତାହା ତାହା ଆମର କୌଣସି କ୍ଷତି କରିବ ନାହିଁ । ସେ ହୁଏତ ବିଶ୍ୱାସ କରିବା ପାଇଁ ଚାହାନ୍ତି ଯେ ପୃଥିବୀଟା ଚେପ୍ଟା କିମ୍ବା ସୂର୍ଯ୍ୟ ଏହାର ଚାରିପଟେ ଘୂରି ବୁଲୁଛନ୍ତି– ସେଇଟା ତାଙ୍କ କାମ । ଯଦି ଜଣେ

ବିଦ୍ୟାଳୟର ଶିକ୍ଷକ ପଦରେ ରହିଥାନ୍ତି ବା କେତେକ ପିଲାଙ୍କୁ ଶିକ୍ଷା ଦେବା ପାଇଁ ନିଯୁକ୍ତ ହୋଇଥାଆନ୍ତି, ତେବେ ସେ ସେମାନଙ୍କ କଥାକୁ ଭଦ୍ରଭାବେ ଏବଂ ଧୀର ଭାବେ ସଂଶୋଧନ କରିବେ, କାରଣ ତାହା ହେବ ତାଙ୍କର କର୍ତ୍ତବ୍ୟ । କିନ୍ତୁ ସର୍ବସାଧାରଣଙ୍କ ପାଇଁ କେହି ବିଦ୍ୟାଳୟର ଶିକ୍ଷକ ରୂପେ ନିଯୁକ୍ତ ହୋଇ ନାହାନ୍ତି ।

ଅବଶ୍ୟ ଆମେ ଯଦି ଶୁଣି କାହାର ଚରିତ୍ର ଉପରେ ଆକ୍ଷେପ କରାଯାଉଛି, ତେବେ ଆମର କର୍ତ୍ତବ୍ୟ ହେଉଛି କହିବା- "କ୍ଷମା ଦେବେ, ଆପଣଙ୍କ କଥା ସମ୍ପୂର୍ଣ୍ଣ ଯଥାର୍ଥ ନୁହେଁ । ତାହା ସତ ନୁହେଁ" ଏବଂ ଯଥା ସମ୍ଭବ ପ୍ରକୃତ କଥାଟା ଲୋକଙ୍କ ଆଗରେ ରଖିବା । ତାହା ହେଲା ଏକ ନିଃସହାୟ ବ୍ୟକ୍ତି ଉପରେ ଆକ୍ରମଣ- ସେତେବେଳେ ତାକୁ ରକ୍ଷା କରିବା ହେଉଛି ମଣିଷର କର୍ତ୍ତବ୍ୟ ।

**ଯୋଗ୍ୟତାଗୁଡ଼ିକ ସମ୍ପର୍କରେ ଗୋଟିଏ ଉକ୍ତିରେ ଏପରି କୁହାଯାଇଛି : "ଜାଣିବା, ସାହସ କରିବା, ଇଚ୍ଛା କରିବା ଏବଂ ମୌନ ରହିବାକୁ । ଏହି ଚାରିଟିରୁ ଶେଷଟି ହେଉଛି ସର୍ବାପେକ୍ଷା କଷ୍ଟକର ।**

**ଲେଡ୍‌ବିଟର–** ରସିକ୍ରୁସିଆନ୍‌ମାନେ କହିଛନ୍ତି, ଯେ ଗୂଢ଼ତାତ୍ତ୍ୱିକ କ୍ଷେତ୍ରରେ ପ୍ରଗତି କରିବେ, ତାଙ୍କୁ ଦୃଢ଼ ସଂକଳ୍ପ କରିବାକୁ ହେବ ଜାଣିବା ପାଇଁ, ସାହସ କରିବାପାଇଁ, ଇଚ୍ଛା କରିବା ପାଇଁ ଏବଂ ମୌନ ରହିବା ପାଇଁ । ଆମକୁ ଜାଣିବାକୁ ହେବ ପ୍ରକୃତିର ସତ୍ୟଗୁଡ଼ିକ ଏବଂ ସେଗୁଡ଼ିକୁ ବ୍ୟବହାର କରିବାକୁ ସାହସ କରିବାକୁ ହେବ । ଏହି ପଥରେ ଆମେ ଯେଉଁ ମହାନ ଶକ୍ତି ସବୁ ଲାଭ କରିବା ସେ ସବୁକୁ ଉପଯୋଗ କରିବା ପାଇଁ ଆମର ଦୃଢ଼ ଇଚ୍ଛା ରହିବା ଦରକାର, ଯାହା ସେଗୁଡ଼ିକୁ ନିୟନ୍ତ୍ରଣ କରିବ ଏବଂ ଆମ ନିଜକୁ ମଧ୍ୟ ନିୟନ୍ତ୍ରଣ କରିବ । ଯେତେବେଳେ ଏହି ସମସ୍ତ କାର୍ଯ୍ୟ ହେବ, ଆମେ ଅବଶ୍ୟ ଯଥେଷ୍ଟ ବିଷୟ ଜାଣିଥିବା, ଯାହା ବିଷୟରେ ଆମକୁ ମୌନ ରହିବାକୁ ପଡ଼ିବ ।

■■■

## ପଞ୍ଚମ ଅଧ୍ୟାୟ

# ନିଜ କାମରେ ମନ ଦିଅନ୍ତୁ

**ଆଉ ଏକ ସାଧାରଣ ଇଚ୍ଛାକୁ ତୁମେ ଦୃଢ଼ ଭାବେ ଦମନ କରିବା ଉଚିତ– ତାହା ହେଉଛି ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା । ଅନ୍ୟ ବ୍ୟକ୍ତି କ'ଣ କରେ ବା କହେ ବା ବିଶ୍ୱାସ କରେ, ତାହା ଦେଖିବା ତୁମର କାମ ନୁହେଁ । ତାକୁ ସମ୍ପୂର୍ଣ୍ଣ ଭାବେ ଏକାକୀ ଛାଡ଼ି ଦେବାକୁ ତୁମେ ଶିକ୍ଷା କରିବା ଦରକାର । ମୁକ୍ତ ଚିନ୍ତା, ବଚନ ଏବଂ କାର୍ଯ୍ୟ ପାଇଁ ତା'ର ପୂର୍ଣ୍ଣ ସ୍ୱାଧୀନତା ରହିଛି, ଯେ ପର୍ଯ୍ୟନ୍ତ ସେ ଅନ୍ୟ କାହାରି ବିଷୟରେ ହସ୍ତକ୍ଷେପ କରୁନାହିଁ । ତୁମେ ନିଜେ ଯାହା ଯଥାର୍ଥ ବୋଲି ମନେ କର ତାହା କରିବା ପାଇଁ ସ୍ୱାଧୀନତା ଦାବୀ କରୁଛ; ତୁମେ ସେହି ସ୍ୱାଧୀନତାର ସୁବିଧା ଅନ୍ୟକୁ ଦେବା ଉଚିତ ଏବଂ ସେ ଯେତେବେଳେ ତାହା ପ୍ରୟୋଗ କରେ, ତା' ବିଷୟରେ କହିବା ପାଇଁ ତୁମର ଅଧିକାର ନାହିଁ ।**

**ଲେଡ୍‌ବିଟର୍–** ଅନ୍ୟ ଲୋକଙ୍କ ବିଶ୍ୱାସ ଏବଂ କାର୍ଯ୍ୟରେ ହସ୍ତକ୍ଷେପ କରିବା ଅନୁଚିତ, ଯେପର୍ଯ୍ୟନ୍ତ ସେମାନଙ୍କର କାର୍ଯ୍ୟ ସ୍ପଷ୍ଟତଃ କୌଣସିମତେ ସାଧାରଣ ଲୋକଙ୍କ କ୍ଷତି କରୁନାହିଁ । ଯଦି ଜଣେ ଏପରି ଆଚରଣ କରେ ଯେ ସେ ତା'ର ପ୍ରତିବେଶୀଙ୍କ ପ୍ରତି ବିରକ୍ତିକର ହୁଏ, ତେବେ ସମୟେ ସମୟେ ଆମର କର୍ତ୍ତବ୍ୟ ହୋଇପାରେ କିଛି ପରାମର୍ଶ ଦେବା । କିନ୍ତୁ ଏହି ସବୁ କ୍ଷେତ୍ରରେ ମଧ୍ୟ ଅନେକ ସମୟରେ ସର୍ବୋତ୍ତମ ହେବ ସେଠାରୁ ଚାଲି ଯିବା ଏବଂ ସବୁ କଥା ମନକୁ ମନ ଧୀର ଭାବେ ଠିକ୍ ହୋଇଯିବାକୁ ଛାଡ଼ି ଦେବା ।

ଆମେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ସବାଧୀନତା ନେଇ ବିଶେଷ ଗର୍ବ କରୁ, କିନ୍ତୁ ପ୍ରକୃତରେ ଆମେ ତିଳେ ହେଲେ ମୁକ୍ତ ନୋହୁଁ । କାରଣ ଆମେ ପ୍ରାୟ

ଅକଳ୍ପନୀୟ ପରିମାଣରେ ପ୍ରଥା ଦ୍ୱାରା ଦୃଢ଼ ଭାବେ ଆବଦ୍ଧ ହୋଇପଡ଼ିଛୁ । ଆମ ପସନ୍ଦ ଅନୁଯାୟୀ ଆମେ ପିନ୍ଧି ପାରୁନାହିଁ ବା ଆମ ଇଚ୍ଛା ଅନୁଯାୟୀ ଆମେ ଘୂରି ବୁଲିପାରୁନାହିଁ । ଜଣେ ହୁଏତ ପ୍ରାଚୀନ ଗ୍ରୀକ୍ ପୋଷାକ ପସନ୍ଦ କରେ- ବୋଧହୁଏ ତାହା ପୃଥିବୀର ସର୍ବାଧିକ ସୁନ୍ଦର ପୋଷାକ ମଧ୍ୟରୁ ଅନ୍ୟତମ । କିନ୍ତୁ ସେ ଯଦି ତାହା ପିନ୍ଧେ ଏବଂ ରାସ୍ତାରେ ଚାଲେ, ତେବେ ହୁଏତ ତା'ର ଚାରି ପାଖରେ ଗୁଡ଼ାଏ ଲୋକ ଘେରିଯିବେ ଏବଂ ହୁଏତ ଯାନବାହନ ଚଳାଚଳରେ ବାଧା ଦେଇଥିବା ହେତୁ ତାକୁ ଗିରଫ କରାଯିବ । ଯେ କୌଣସି ସ୍ୱାଧୀନ ଦେଶରେ ସେ ନିଜ ଇଚ୍ଛା ମୁତାବକ ଅବାଧରେ ପିନ୍ଧି ପାରନ୍ତା, କାର୍ଯ୍ୟ କରିପାରନ୍ତା, ଯେପର୍ଯ୍ୟନ୍ତ ସେ ଅନ୍ୟମାନଙ୍କ ପ୍ରତି ବିରକ୍ତିକର ହୋଇନାହିଁ । କିନ୍ତୁ ପ୍ରକୃତ ସ୍ୱାଧୀନତା ଆଦୌ ନାହିଁ । ଅନ୍ୟମାନେ ଯେଉଁ ବାଟରେ ଚାଲିଛନ୍ତି, ଆମେ ସେଥିରୁ ଅଲଗା ହୋଇ ପାରିବା ନାହିଁ କିମ୍ବା ଅନ୍ତତଃ ଖୁବ୍ କମ୍ ଅଲଗା ହୋଇପାରିବା; ଅନ୍ୟଥା ଗୁଡ଼ାଏ ଅସୁବିଧା ଏବଂ ଗୋଳମାଳ ହେବ । ଏହା ଦୁଃଖର କଥା, କାରଣ ପ୍ରକୃତ ସ୍ୱାଧୀନତା ସମ୍ପୃକ୍ତ ସମସ୍ତଙ୍କ ପାଇଁ ଅଧିକ ଶ୍ରେୟସ୍କର ହୁଅନ୍ତା, ବିଶେଷତଃ ସେହିମାନଙ୍କ ପାଇଁ ଯେଉଁମାନେ ଅନ୍ୟମାନଙ୍କ ବିଷୟରେ ହସ୍ତକ୍ଷେପ କରିବାକୁ ଚାହାନ୍ତି ।

ଆନି ବେସାନ୍ତ– ମୋର ମନେ ହୁଏ ଯେ ଆମ ଭିତରୁ ଅଧିକାଂଶ ନିଷ୍ଠାପର ଆଗ୍ରହୀ ବ୍ୟକ୍ତି ଯାହା କିଛି ଶିଖିଛନ୍ତି, ତା'ର ଉପଯୋଗିତା ସମ୍ପର୍କରେ ଏତେ ନିଶ୍ଚିତ, ଏବଂ ତା'ର ଚରମ ଗୁରୁତ୍ୱକୁ ଯଥାର୍ଥରେ ଏଭଳି ଉପଲବ୍ଧି କରିଛନ୍ତି ଯେ, ଆମେ ଚାହୁଁ ଅନ୍ୟ ଲୋକେ ସେପରି ଅନୁଭବ କରନ୍ତୁ ଏବଂ ସମୟେ ସମୟେ ଆମେ ଅନ୍ୟମାନଙ୍କୁ ପ୍ରାୟ ଜୋର କରିବାକୁ ଚାହିଁବା ଆମ ଭଳି ଅନୁଭବ କରିବା ପାଇଁ । ପ୍ରତ୍ୟେକ ଉତ୍ସାହୀ ପ୍ରକୃତିର ତାହା ହେଉଛି ଏକ ଦୋଷ । କିନ୍ତୁ ମଣିଷ ଆନନ୍ଦରେ ଗ୍ରହଣ କରେ କେବଳ ଯାହା ସେ ଆଗରୁ ନିଜ ଭିତରେ ଜାଣିଥାଏ, ଯଦିଓ ସେ ଏପର୍ଯ୍ୟନ୍ତ ନିଜ ମସ୍ତିଷ୍କରେ ଜାଣିନଥାଏ ଏବଂ ସେହି ହେତୁ ନିଜକୁ ନିଜେ କହିପାରେ ନାହିଁ । ସେହି ପ୍ରାଥମିକ ପର୍ଯ୍ୟାୟରେ ନ ପହଞ୍ଚିବା ପର୍ଯ୍ୟନ୍ତ ବାହାରୁ ତାହା ଆଗରେ ପରିବେଷିତ ଏକ ସତ୍ୟକୁ ସେ ଗ୍ରହଣ କରିବା ଅବସ୍ଥାରେ ନଥାଏ । ସୁତରାଂ ତାହା ଉପରେ ଏହା ଜୋର୍ କରି ଲଦି ଦେବାକୁ ଚେଷ୍ଟା କରିବା ଭଲ ଅପେକ୍ଷା କ୍ଷତି କରିଥାଏ ବେଶି ।

ସେହିପରି ବାହାର ପଟୁ ବିବେକ ସୃଷ୍ଟି କରାଯାଏ ନାହିଁ; ତାହା କେବଳ ଅତୀତ ଅନୁଭୂତିଗୁଡ଼ିକର ପରିଣତି । ସୁତରାଂ ସବୁ ପ୍ରକାର ଶିକ୍ଷା ଓ ଉପଦେଶ

ଗ୍ରହଣ କରିବା ଅର୍ଥ ହେଉଛି ଏହି ଯେ ବାହାରୁ ସେଗୁଡ଼ିକର ପରିବେଷଣ ମଣିଷର ନିଜ ଭିତରେ ରହିଥିବା ଜ୍ଞାନକୁ ଆଲୋକିତ କରେ ଏବଂ ପରେ ତାହା ମସ୍ତିଷ୍କ ଭିତରେ ସ୍ଫୂରିତ ହୁଏ । ସୁତରାଂ ଏହି ଧାରାରେ ଶିକ୍ଷକକେବଳ ଏତିକି କରନ୍ତି ଯେ ସେ ମଣିଷର ସ୍ଥୂଳ ସ୍ତରକୁ ନେଇ ଆସନ୍ତି ସେହି ଜ୍ଞାନ ଯାହା ମଣିଷ ଅନ୍ୟ ସ୍ତରରେ ଜାଣିସାରିଛି । ଜଣେ ମହାନ୍ ଗୁରୁ ଦର୍ଶାଇଛନ୍ତି ଯେ ବହୁଲୋକଙ୍କୁ ବ୍ରହ୍ମବିଦ୍ୟାର ତତ୍ତ୍ୱ ବହୁ ପ୍ରକାର ଶିଖାଇ ଦିଆଯାଇଥାଏ, ଯେତେବେଳେ ନିଦ୍ରା ସମୟରେ ସେମାନେ ଶରୀର ଛାଡ଼ି ଯାଇଥାନ୍ତି । ସେତେବେଳେ ପ୍ରକୃତ ମନୁଷ୍ୟ ଶିକ୍ଷା ପାଇଥାଏ ଏବଂ ଏହିପରି ଲାଭ କରିଥିବା ଜ୍ଞାନକୁ ପୁଣି ଥରେ ଦିଆଯାଏ ଜଣେ ସ୍ଥୂଳ ସ୍ତରର ଶିକ୍ଷକଙ୍କ ଦ୍ୱାରା, ଯାହାଙ୍କର ବାଣୀ ତାକୁ ସାହାଯ୍ୟ କରେ ମସ୍ତିଷ୍କ ଭିତରକୁ ସେହି ଜ୍ଞାନ ଆଣିବା ପାଇଁ । ସେତିକି ହିଁ ସ୍ଥୂଳ ସ୍ତରୀୟ ଶିକ୍ଷା କରିପାରନ୍ତି ।

ବାରମ୍ବାର ହତାଶା ଫଳରେ ଆମକୁ ଶିକ୍ଷା କରିବାକୁ ହୁଏ ଯେ ଆମେ ମଣିଷକୁ ସେହି ପଥରେ ଶିକ୍ଷା ଦେଇପାରିବା ନାହିଁ, ଯେଉଁ ପଥରେ ଯିବା ପାଇଁ ସେ ପ୍ରସ୍ତୁତ ହୋଇନାହିଁ । ଏହି ପ୍ରକାରେ ଆମେ ବିଶେଷ ଧୀର ହୋଇପଡୁ । ସାହାଯ୍ୟ କରିବାକୁ ପ୍ରସ୍ତୁତ ରହୁ, ଯେତେବେଳେ ସେହି ସାହାଯ୍ୟ ଉପଯୋଗୀ ହୋଇପାରିବ । ଆହୁରି ମଧ୍ୟ ଆଡ଼େଇ ହୋଇ ଅପେକ୍ଷା କରିବାକୁ ପ୍ରସ୍ତୁତ ରହୁ, ଯେତେବେଳେ ଆମର ସାହାଯ୍ୟ ଆଦୌ ସାହାଯ୍ୟ ହୋଇପାରିବ ନାହିଁ, ଆମେ ଯାହା କହିବୁ ତାହା ଦ୍ୱାରା । ଏହିପରି ମନୋଭାବ ଅନେକ ସମୟରେ ଅଜ୍ଞ ବ୍ୟକ୍ତିକୁ ଏକ ଧାରଣା ଦିଏ ଯେ ଆମେମାନେ ଉଦାସୀନ । କିନ୍ତୁ ସତ କଥାଟା ହେଉଛି ଯେ ଯେଉଁ ବ୍ୟକ୍ତି ଅଧିକ ଆଗେଇ ଯାଇଛି, ସେ ସଠିକ ଭାବେ ଜାଣେ ସେ କେଉଁଠି ସାହାଯ୍ୟ କରିପାରିବ ଏବଂ କେଉଁଠି କରିପାରିବ ନାହିଁ ।

ଯେଉଁମାନେ ସଠିକ ଭାବେ ଜାଣିପାରିବେ ନାହିଁ, କେଉଁଠି ସାହାଯ୍ୟ ଦିଆଯାଇପାରେ, ସେଠାରେ ନୀତି ହେବ ପରୀକ୍ଷାମୂଳକ । ଗୋଟିଏ ସୂଚନା ଦିଅନ୍ତୁ, ଯଦି ତା'ର ପ୍ରତିକ୍ରିୟା ହୁଏ ଉଦାସୀନତା ବା ସେହି ଧାରଣାକୁ ପ୍ରତ୍ୟାଖ୍ୟାନ କରାଯାଏ, ଆପଣ ଜାଣିବେ ଯେ ଆପଣ ଯେଉଁ ନିର୍ଦ୍ଦିଷ୍ଟ ଧାରାରେ ସେହି ବ୍ୟକ୍ତିଙ୍କୁ କହିବାକୁ ଚାହୁଁଛନ୍ତି, ସେହି ଧାରାରେ ଆପଣ ତାଙ୍କୁ ସାହାଯ୍ୟ କରିପାରିବେ ନାହିଁ । ତାହା ହେଲେ ଆପଣଙ୍କୁ ଅବସ୍ଥା ଦେଖି ଅପେକ୍ଷା କରିବାକୁ ହେବ କିମ୍ବା ଅନ୍ୟ ପନ୍ଥା ଗ୍ରହଣ କରିବାକୁ ହେବ । ଆପଣ ଯାହା ଜାଣିଛନ୍ତି, ସେସବୁ ତାଙ୍କ

ଉପରେ ଜୋର୍ କରି ଲଦି ଦେବା ଅପେକ୍ଷା ତାହା ହେବ ଅଧିକ ଶ୍ରେୟସ୍କର । ଆପଣଙ୍କର ସମସ୍ତ ଜ୍ଞାନ ତାଙ୍କ ଉପରକୁ ଢାଳି ଦେଇ ବା ତାଙ୍କ ଭିତରକୁ ଠେଲି ଦେଇ ତାଙ୍କର ମନକୁ ବୁଡ଼ାଇ ଦିଅନ୍ତୁ ନାହିଁ ବା ତାଙ୍କର ମାନସିକ ଶ୍ୱାସରୋଧ କରନ୍ତୁ ନାହିଁ । ଲୋକେ ଅନେକ ସମୟରେ ନିଜ ପାଇଁ ସ୍ୱାଧୀନତା ଦାବୀ କରିବାରେ ଅତିଶୟ ଇଚ୍ଛୁକ; କିନ୍ତୁ ଅନ୍ୟମାନଙ୍କୁ ତାହା ଦେବା ପାଇଁ ଅସାଧାରଣ ଭାବେ ଅନିଚ୍ଛୁକ । ଏହା ଏକ ଗୁରୁତର ତ୍ରୁଟି, କାରଣ ଆମ ଭଳି ଅନ୍ୟମାନଙ୍କର ମଧ୍ୟ ସମ୍ପୂର୍ଣ୍ଣ ସମାନ ଅଧିକାର ଅଛି ସେମାନଙ୍କ ମତର ପୋଷଣ ଏବଂ ଅଭିବ୍ୟକ୍ତି ପାଇଁ ।

କେତେକ ସମୟରେ ଦୋଷ ରହିଥାଏ ଅନ୍ୟ ଦିଗରେ । ଆପଣ ଅନ୍ୟ ଚରମ ଅବସ୍ଥାକୁ ଛୁଟି ଯାଆନ୍ତୁ ନାହିଁ ଏଇଆ ଭାବି ଯେ ଅନ୍ୟ ଲୋକଙ୍କ ମତ ଅବଶ୍ୟ ଗ୍ରହଣୀୟ । ସେମାନଙ୍କ ସହ ଏକମତ ନହେବା ସକାଶେ ଆପଣଙ୍କର ସମ୍ପୂର୍ଣ୍ଣ ଅଧିକାର ରହିଛି । ଆପଣ ବେଶ୍ ଖୋଲାଭାବେ କହିପାରନ୍ତି, ନା ମୁଁ ସେହି କଥାରେ ଏକମତ ନୁହେଁ । କିମ୍ବା ଆପଣ ନୀରବ ରହିପାରନ୍ତି । କିନ୍ତୁ ଅନ୍ୟ ଜଣେ ନିଜର ମତ ପୋଷଣ କରୁଛନ୍ତି ବୋଲି ତାଙ୍କୁ ଆକ୍ରମଣ କରିବା କଥା ଆପଣ କେବେହେଲେ କରିବେ ନାହିଁ । ଆପଣ ଯେତେବେଳେ ଶୁଣନ୍ତି ଜଣେ ବ୍ୟକ୍ତି କିଛି କହୁଛନ୍ତି, ପ୍ରଥମେ ନିଜର ସାଧାରଣ ଜ୍ଞାନ ବ୍ୟବହାର କରନ୍ତ । ଆପଣ ଶୁଣୁଥିବା ପ୍ରତ୍ୟେକ କଥା ଉପରେ ନିଜର ବିଚାରବୁଦ୍ଧି ସର୍ବଦା ବ୍ୟବହାର କରନ୍ତୁ । ଅନ୍ୟମାନଙ୍କୁ ଅବାଧ ଛାଡ଼ି ଦିଅନ୍ତୁ । କି୍ତୁ ନିଜକୁ ବନ୍ଧନରେ ପକାନ୍ତୁ ନାହିଁ ।

**ଯଦି ତୁମେ ଭାବ ଯେ ସେ ଭୁଲ୍ କରୁଛନ୍ତି ଏବଂ ଯଦି ତୁମେ ଏକ ସୁଯୋଗ ସୃଷ୍ଟି କରିପାରିବ ତାଙ୍କୁ ଏକାନ୍ତରେ ଏବଂ ଖୁବ୍ ଧୀର ଭାବେ କହିବା ପାଇଁ ଯେ ତୁମେ ସେପରି କାହିଁକି ଭାବୁଛ, ତୁମେ ତାଙ୍କୁ ବୁଝାଇ ଦେବା ସମ୍ଭବ । କିନ୍ତୁ ବହୁ କ୍ଷେତ୍ରରେ ତାହା ମଧ୍ୟ ହେବ ଏକ ଅଯଥା ହସ୍ତକ୍ଷେପ । କୌଣସି କାରଣରୁ ତୁମେ ଯାଇ ଏକ ତୃତୀୟ ବ୍ୟକ୍ତି ପାଖରେ ଏ ବିଷୟରେ ଚର୍ଚ୍ଚା କରିବା ଉଚିତ ହେବ ନାହିଁ, କାରଣ ତାହା ହେଉଛି ଏକ ଚରମ ଗର୍ହିତ କାର୍ଯ୍ୟ ।**

**ଆନି ବେସାନ୍ତ –** ସମୟେ ସମୟେ ଆପଣ ଜଣେ ବ୍ୟକ୍ତିକୁ ସାହାଯ୍ୟ କରି ପାରନ୍ତି, ଯେ ନୈତିକ ଦୃଷ୍ଟିରୁ ଖରାପ କାମ କରୁଛି ବୋଲି ଆପଣ ଜାଣନ୍ତି । କିନ୍ତୁ ଏଇଠି ବେଶି ସତର୍କ ବିଚାର ଆବଶ୍ୟକ । କାରଣ ଏହିସବୁ କ୍ଷେତ୍ରରେ ଭଲ ଅପେକ୍ଷା ଅଧିକ ମନ୍ଦ କରିବା ଅତିଶୟ ସହଜ । ସେହିପରି ଯେଉଁ ସାହାଯ୍ୟ ଦିଆଯିବ, ତାହା ନିଶ୍ଚିତ ଭାବେ କେବଳ ଏକାନ୍ତରେ ଏବଂ ସମ୍ପୂର୍ଣ୍ଣ ବନ୍ଧୁ ଭାବରେ – ଯେପରି ଗୁରୁଦେବ କହିଛନ୍ତି । ଯଦି ସେହି ବ୍ୟକ୍ତି ନିଜର ଦୃଢ଼ ମତ ନେଇ ରହିଥାନ୍ତି, ତେବେ କେବଳ ଅନୁଭୂତିରୁ ଶିଖିବାକୁ ଆମେ ତାଙ୍କୁ ଛାଡ଼ି ଦେଇ ପାରିବା – ସୌଭାଗ୍ୟବଶତଃ ଅନୁଭୂତି ଏକ ମହାନ୍ ଶିକ୍ଷକ ।

ଯଦି କୌଣସି ବ୍ୟକ୍ତି କିଛି ଭୁଲ୍ ଧାରଣା ନେଇ ଆପଣଙ୍କ ପାଖକୁ ଆସି କହନ୍ତି, ତେବେ ତାଙ୍କ ଧାରଣା ଭୁଲ୍ ବୋଲି ତାଙ୍କୁ କହିବା ଆବଶ୍ୟକ ନାହିଁ । ଯଦି ଆପଣ ନିଶ୍ଚିତ ନୁହନ୍ତି ଯେ ନିଜ ବିଚାର ଅପେକ୍ଷା ଆପଣଙ୍କ ବିଚାରରେ ତାଙ୍କର ଅଧିକ ବିଶ୍ୱାସ ରହିଛି କିମ୍ବା ଅନ୍ତତଃ ଆପଣ ଯାହା କହିବେ ତାହା ଗୁରୁତ୍ୱ ଦେଇ ବିଚାର କରିବାକୁ ସେ ଇଚ୍ଛୁକ । ବହୁ କ୍ଷେତ୍ରରେ ସେ ନିଜେ ନିଜର ଭୁଲ୍ ଅବଶ୍ୟ ଦେଖିପାରିବେ, ତାହା ହେଲେ ତାଙ୍କୁ ସେପରି କରିବାକୁ ଛାଡ଼ି ଦେବା ଶ୍ରେୟସ୍କର । ଅନେକ ସମୟରେ ଲୋକେ ମୋ ପାଖକୁ ଆସନ୍ତି ଏବଂ ସେମାନଙ୍କ ବିଶ୍ୱାସ ଅନୁଯାୟୀ କ'ଣ ହେବାକୁ ଯାଉଛି ସେ ବିଷୟରେ ଏକ ବଡ଼ ଘୋଷଣା କରିଦିଅନ୍ତି । ସାଧାରଣତଃ ମୁଁ ଭଦ୍ର ଭାବରେ ଏବଂ ଧୀର ଭାବରେ ଶୁଣେ ଏବଂ କୌଣସି ମତ ପ୍ରକାଶ କରେ ନାହିଁ । ଯେତେବେଳେ ଭବିଷ୍ୟବାଣୀ ବିଫଳ ହୁଏ, ଯେ ସେହି ଭବିଷ୍ୟବାଣୀ କରିଥିଲେ ସେ ଦେଖନ୍ତି ସେ ଏକ ଭୁଲ୍ କରିଛନ୍ତି । ତେବେ ସେ ନିଜେ ତାଙ୍କର ସିଦ୍ଧାନ୍ତରେ ପହଞ୍ଚିବାକୁ ମୁଁ ଛାଡ଼ି ଦେଇଥାଏ ।

ଏଭଳି ଘଟଣା ଘଟିବା ଅପରିହାର୍ଯ୍ୟ ଯେତେବେଳେ ଗୁଡ଼ାଏ ଲୋକ ଗୂଢ଼ତତ୍ତ୍ୱବାଦର ସଂସ୍ପର୍ଶରେ ଆସନ୍ତି । ସମୟେ ସମୟେ ସେମାନେ ହତବୁଦ୍ଧି ହୋଇପଡ଼ନ୍ତି, କାରଣ ସେମାନଙ୍କର ବିଚାରର ପୂର୍ବତନ ମାନ ରହେ ନାହିଁ । ସେମାନେ ଭାବିବାକୁ ଲାଗନ୍ତି ସେମାନଙ୍କର ଏହିପରି କେତେ ମାପକାଠି ବିଫଳ ହୋଇଯିବ ଯେତେବେଳେ ଘନ ଘନ ଭୂମିକମ୍ପ ହୋଇଚାଲିଛି । ଏହିସବୁ ପରିସ୍ଥିତିରେ ଗୋଟିଏ କଥା କରାଯାଇପାରେ – ତରତରିଆ ନ ହୋଇ ଶାନ୍ତ ଏବଂ ଧୀର ସ୍ଥିର ରହିବାକୁ ପଡ଼ିବ । କ୍ରମଶଃ ସବୁକଥା ସ୍ପଷ୍ଟ

ହୋଇଯିବ । ଯାହା ମିଥ୍ୟା ଏବଂ ଭ୍ରାନ୍ତ ତାହା ଚାଲି ଯିବ ଏବଂ ପ୍ରକୃତ କଥା ରହିବ ।

**ଯଦି ତୁମେ ଦେଖ ଯେ ଶିଶୁ ବା ପଶୁ ପ୍ରତି ନିଷ୍ଠୁରତା କରାଯାଉଛି, ତେବେ ସେଥିରେ ହସ୍ତକ୍ଷେପ କରିବା ତୁମର କର୍ତ୍ତବ୍ୟ ।**

ଶିଶୁ ଏବଂ ପଶୁ ପ୍ରତି ନିଷ୍ଠୁରତା ଘଟଣାରେ ହସ୍ତକ୍ଷେପ କରିବା କର୍ତ୍ତବ୍ୟ, କାରଣ ସେଇଠି ସବଳ ଦୁର୍ବଳତାର ସୁବିଧା ନେଉଛି; ଅଥଚ ସବଳ ଦୁର୍ବଳକୁ ସୁରକ୍ଷା ଦେବା କର୍ତ୍ତବ୍ୟ, କାରଣ ଯେ ଦୁର୍ବଳ ସେ ନିଜକୁ ରକ୍ଷା କରିପାରେ ନାହିଁ । ସୁତରାଂ ଯେତେବେଳେ ଶିଶୁ ବା ପଶୁ ପ୍ରତି ଦୁର୍ବ୍ୟବହାର କରାଯାଉଛି, ସେତେବେଳେ ଯେ ଅଧିକ ବଳବାନ, ତାଙ୍କର କର୍ତ୍ତବ୍ୟ ହେଉଚି ସେମାନଙ୍କ ମଝିକୁ ଯାଇ ଦୁର୍ବଳର ଅଧିକାର ବ୍ୟାହତ ହେବାକୁ ନ ଦେବା ବା ଅନ୍ୟର ସ୍ୱାଧୀନତା ନଷ୍ଟ ହେବାକୁ ନ ଦେବା । ସୁରାଂ ଯେତେବେଳେ ଆପଣ ଶିଶୁ ପ୍ରତି ନିଷ୍ଠୁରତା ଦେଖିବେ, ଆପଣ ଅବଶ୍ୟ ହସ୍ତକ୍ଷେପ କରିବେ ଏବଂ ଆପଣଙ୍କର ହସ୍ତକ୍ଷେପକୁ ଫଳପ୍ରଦ କରିବା ପାଇଁ ଚେଷ୍ଟା କରିବେ ।

**ତୁମେ ଯଦି ଦେଖ ଯେ କେହି ଦେଶର ନିୟମକୁ ଲଂଘନ କରୁଛି, ତେବେ ତୁମେ କର୍ତ୍ତୃପକ୍ଷଙ୍କୁ ଜଣାଇଦେବ ।**

**ଲେଡ୍‌ବିଟର୍** – ଏହି ଅନୁଚ୍ଛେଦଟି ଉପରେ ବହୁ କଥା କୁହାଯାଇଛି ଏବଂ ବିଭିନ୍ନ ଲୋକେ ତାହା ଉପରେ ପ୍ରତିବାଦ କରିଛନ୍ତି । ଏହା ଅଦ୍ଭୁତ କଥା, କାରଣ ବସ୍ତୁତ। ଆପଣ ଯଦି କୌଣସି ଅପରାଧକୁ ଲୁଚାନ୍ତି ତେବେ, ଆପଣ ସେହି ଅପରାଧର ପୂର୍ବରୁ ହେଉ, ବା ପରେ ହେଉଏ ଯାହା ହେଉ ନା କାହିଁକି – ଆପଣ ସେହି ଅପରାଧର ସହାୟକ ହୋଇପଡ଼ନ୍ତି । ଆଇନ ମଧ୍ୟ ଆପଣଙ୍କୁ ସେହି ଭାବରେ ଦେଖେ । ଲୋକେ କହନ୍ତି, “କିନ୍ତୁ ଆମେ କ’ଣ ଲୋକଙ୍କ ଉପରେ ଗୋଏନ୍ଦାଗିରି କରିବୁ ? ସେମାନେ ନିୟମ ଭଙ୍ଗ କରୁଛନ୍ତି କି ନାହିଁ ଦେଖିବା ପାଇଁ ?” ନିଶ୍ଚିତ ଭାବେ ନୁହେଁ । ଆପଣଙ୍କୁ କେହି ଗୋଏନ୍ଦା ରୂପେ ନିଯୁକ୍ତ କରି ନାହିଁ – ଲୋକେ ଆଇନ ଭଙ୍ଗ କରୁଛନ୍ତି କି ନାହିଁ ଦେଖିବା ପାଇଁ ।

ଆଇନ୍ ଦେଶକୁ ଏକତାର ସଂଯୋଗ – ସୂତ୍ର ଦେଇଥାଏ । ଏହା ସମସ୍ତଙ୍କ କଲ୍ୟାଣ ପାଇଁ ଶୃଙ୍ଖଳା ପ୍ରତିଷ୍ଠା କରେ । ସୁତରାଂ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ହେଉଛି ଆଇନ୍‌କୁ ବଜାୟ ରଖିବା । ତଥାପି, ଆମକୁ ଆମର ସାଧାରଣ ଜ୍ଞାନର ଉପଯୋଗ କରିବାକୁ ହେବ। ପୁରୁଣା ନିୟମଗୁଡ଼ିକ ମାନି ଚଳିବା କାହାଠାରୁ ଆଶା କରାଯାଏ ନାହିଁ, ଯଦିଓ ସେଗୁଡ଼ିକ ଆଇନ୍ ବହିରେ ଥାଏ । ଛୋଟ ଛୋଟ ଅପରାଧ ବିଷୟରେ ଖବର ଦେବା ପାଇଁ ମଧ୍ୟ କେହି ନିଜ କାମ ଛାଡ଼ି ଯିବା ଦରକାର ନାହିଁ । ଉଦାହରଣ ସ୍ୱରୂପ, ଅନ୍ୟର ସମ୍ପତ୍ତିରେ ଅନଧିକାର ପ୍ରବେଶ କଥା ନିଆଯାଉ । ଯଦି ଆପଣ ଦେଖନ୍ତି ଯେ କେହି ବ୍ୟକ୍ତି ଅଳ୍ପ ବାଟ ପଡ଼ିବ ବୋଲି ଆଉ ଜଣଙ୍କର ପାର୍କ ମଧ୍ୟ ଦେଇ ଚାଲିଗଲା । ଆପଣ ଯାଇ ଏ ବିଷୟରେ ଖବର ଦେଇ ଦେବାକୁ ବାଧ୍ୟ ବୋଲି ମୁଁ ଭାବୁନାହିଁ । ଆପଣଙ୍କୁ ଯଦି ଏ ବିଷୟରେ ପଚରାଯାଏ, ସେତେବେଳେ ଅବଶ୍ୟ ଆପଣଙ୍କୁ ନିଶ୍ଚୟ ତାହା କହିବାକୁ ହେବ । ବାଣିଜ୍ୟ ବିଭାଗ ଜରିଆରେ ଚୋରା କାରବାର ବିରୋଧରେ ଥିବା ଆଇନର ଉଦାହରଣ ନିଆଯାଉ । ମୁଁ କହିବି ଯେ ଜଣେ ଭଲ ନାଗରିକ ସେହି ନିୟମ ପାଳନ କରିବ ଏବଂ କୌଣସି ପ୍ରକାର ଜିନିଷରେ ଚୋରା କାରବାର ପାଇଁ ଉଦ୍ୟମ କରିବା ବିଷୟ ଚିନ୍ତା କରିବ ନାହିଁ। ସେହି ସମୟରେ, ମୋର ମନେ ହୁଏ, ଯଦି କହି ସାଥୀ ଭ୍ରମଣକାରୀ ସିଗାର୍ ବା ସେହିପରି କିଛି ଜିନିଷୟରେ ଚୋର କାରବାର କରିବାକୁ ଚେଷ୍ଟା କରୁଛି, ତେବେ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେବା ମୋର ସଠିକ୍ କାମ ନୁହେଁ । କାରଣ ତାହା ଆଇନ୍ ଭଙ୍ଗର ଏକ ବିଷୟ ନୁହେଁ, ଯାହା ଅନ୍ୟର କ୍ଷତି କରିବ ।

ମୁଁ ନିଜେ ତାହା ଭଙ୍ଗ କରିବି ନାହିଁ, କାରଣ ମୁଁ ଭାବେ, ଆଇନ୍ ଯେତେବେଳେ ତିଆରି ହୋଇଛି, ତାହା ଅବଶ୍ୟ ପାଳନୀୟ । ତାହା ଯଦି ଏକ ଖରାପ ଆଇନ୍, ତେବେ ଆମ ତାକୁ ସାମ୍ବିଧାନିକ ଉପାୟ ବ୍ୟବହାର କରି ବଦଳାଇ ଦେବାକୁ ଚେଷ୍ଟା କରିବା । କେତେକ କ୍ଷେତ୍ରରେ ଆମର ଆଇନ ସବୁ ଅଛି, ଯାହା ପାଳନ କରିବା କଷ୍ଟକର । କେତେକ ସ୍ଥାନରେ ବାଧ୍ୟତାମୂଳକ ଟୀକା ନେବା ପାଇଁ ଆଇନ୍ ଅଛି । ବ୍ୟକ୍ତିଗତ ଭାବେ ମୁଁ ଟୀକା ନେବାକୁ ଆପତ୍ତି କରିବି ଏବଂ ବେଶି ବଳ ପ୍ରୟୋଗ ନ କଲେ ମୁଁ ଟୀକା ନେବାକୁ ରାଜି ହେବି ନାହିଁ । ଯଦି ଦରକାର ପଡ଼େ, ମୁଁ ଜେଲ୍ ଯିବି ପଛେ ତାହା ହେବାକୁ ଦେବି ନାହିଁ, କାରଣ ତାହା ଏକ ମନ୍ଦକାର୍ଯ୍ୟ । ଏଗୁଡ଼ିକ ହେଉଚି ସେହି ସବୁ ବିଷୟ, ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତି ନିଜର ନିଷ୍ପତ୍ତି ନେବା ଉଚିତ ।

**ଆନି ବେସାନ୍ତ** – ପ୍ରତ୍ୟେକ ବ୍ୟକ୍ତିଙ୍କର କର୍ତ୍ତବ୍ୟ ହେଉଛି ଯେ ଯଦି ସେହି ନିୟମ ଭଙ୍ଗ କରାଯାଉଥିବା ଦେଖନ୍ତି, ତେବେ ସେ ସେହି ମନ୍ଦ କାର୍ଯ୍ୟ ବନ୍ଦ କରିବେ । ନାଗରିକତାର ଏହା ହେଉଛି ଏକ ପ୍ରାଥମିକ କାର୍ଯ୍ୟ । ତଥାପି ଅଳ୍ପ ଦିନ ତଳେ ଏହି ଉପଦେଶ ସଂକ୍ରାନ୍ତରେ ଏକ ଆପତ୍ତି ଉଠାଗଲା । ଜଣେ ଛାତ୍ର ମୋ ପାଖକୁ ଆସି କହିଲେ, ଯେ ବହିରେ ଗୋଟିଏ ବିଷୟ ଲେଖା ଅଛି, ଯାହା ସେ ଗ୍ରହଣ କରି ପାରିବେ ନାହିଁ । ତାଙ୍କର ମନେ ହେଲା ସେଥିରେ ପରାମର୍ଶ ଦିଆ ହେଉଛି ସବୁ ବିଷୟରେ ଉଙ୍କି ମାରିବାକୁ ଅନ୍ୟମାନଙ୍କ ବ୍ୟାପାରରେ ଗୁପ୍ତ ତଥ୍ୟ ଆହରଣ କରିବାକୁ । ଅବଶ୍ୟ ସେ ପ୍ରକାର କିଛି ଏହାର ଉଦ୍ଦେଶ୍ୟ ନାହିଁ । କିନ୍ତୁ ଆପଣ ଯେତେବେଳେ ଦେଖିବେ ଯେ ଆଇନ୍ ଭଙ୍ଗ କରାଯାଉଛି, ଆପଣ ଅବଶ୍ୟ ହସ୍ତକ୍ଷେପ କରିବେ, କାରଣ ଆଇନ୍ ଏକ ଦେଶକୁ ଏକତ୍ର କରି ରଖେ । ଶୃଙ୍ଖଳା ପ୍ରତିଷ୍ଠା ଓ ସଂରକ୍ଷଣ କରି ଏବଂ ଲୋକଙ୍କୁ ଏକତ୍ରିତ କରି । ସୁତରାଂ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ହେଉଚି ଆଇନ୍‌କୁ ବଜାୟ ରଖିବା। ଯଦି କେହି ଜାଣେ ଯେ ଏକ ଅପରାଧ ଘଟିବାକୁ ଯାଉଚି, ତେବେ ସେହି କଥା ଲୁଚାଇ ରଖିବାର ଅଧିକାର ତାର ନାହିଁ ଏବଂ ସେ ଯଦି ତାହା ଲୁଚାଏ ତେବେ ସେ ସେଥିରେ ଭାଗୀଦାର ହୁଏ । ଏହା ସାଧାରଣରେ ସ୍ୱୀକୃତ ଯେ ଯଦି କୌଣସି ବ୍ୟକ୍ତି ଅପରାଧ ବିଷୟ ଜାଣି ଖବର ଦେଇ ନ ଥାଏ, ତେବେ ଆଇନତଃ ସେ ସେଥିରେ ସହାୟକ ବୋଲି ଧରି ନିଆଯିବ ଏବଂ ଆଇନ୍ ଅନୁଯାୟୀ ଦଣ୍ଡନୀୟ ହେବ । ମୁଁ କେବଳ ଏତିକି ଭାବି ପାରିବି ଯେ ଆପତ୍ତିକାରୀ କ'ଣ କହୁଥିଲେ, ତାହା ବୁଝି ନ ଥିଲେ । କାରଣ ଯେଉଁ ଦେଶର ନାଗରିକଗଣ ଏହି ସାଧାରଣ କର୍ତ୍ତବ୍ୟକୁ ସ୍ୱୀକାର କରନ୍ତି ନାହିଁ ଏବଂ ତଦନୁଯାୟୀ କାର୍ଯ୍ୟ କରନ୍ତି ନାହିଁ, ସେହି ଦେଶ ସାଧାରଣଙ୍କ ସହଯୋଗ ମନୋଭାବ ଅଭାବରେ ତଳକୁ ଖସିଯାଏ ।

**ଯଦି ତୁମକୁ ଅନ୍ୟ ବ୍ୟକ୍ତିକୁ ଶିକ୍ଷା ଦେବାର ଦାୟିତ୍ୱରେ ରଖାଯାଏ,**
**ତେବେ ତୁମର କର୍ତ୍ତବ୍ୟ ହୋଇପାରେ**
**ଧୀର ଭାବେ ତାର ତ୍ରୁଟିଗୁଡ଼ିକ ସମ୍ପର୍କରେ ତାକୁ କହିବା ।**

**ଲେଡ୍‌ବିଟର୍** – ସେ କଥା ସ୍ପଷ୍ଟ । ଜାଣେ ଛାତ୍ର, ଜଣେ ଶିଶୁକୁ ଆମର ଦାୟତ୍ୱରେ ରଖାଯାଏ, କାରଣ ଆମେ ଅଧିକ ବୟସର ଏବଂ

ବିଜ୍ଞତର । ଆମେ ଯଦି ସେ କରୁଥିବା ତାର ତ୍ରୁଟିଗୁଡ଼ିକ ତାକୁ ନ କହୁ, ତେବେ ସେ ଆମର ଜ୍ଞାନ ଏବଂ ଅନୁଭୂତିର ସୁବିଧା ହରାଉଛି । ସୁତରାଂ ସେହି ଦୃଷ୍ଟିରୁ ଆମେ ତାହା ପ୍ରତି ଆମର କର୍ତ୍ତବ୍ୟର ବିଫଳ ହେଉଛୁ ଏବଂ ଯେଉଁ କାର୍ଯ୍ୟ କରିବାକୁ ଆମକୁ ରଖାଯାଇଛି, ସେଥିରେ ଆମେ ଅବହେଳା କରୁଛୁ ।

**ଏହି ପରିସ୍ଥିତିଗୁଡ଼ିକୁ ଚାଡ଼ିଦେଲେ, ନିଜର କାମ ପ୍ରତି ନିଜର ଦିଅ ଏବଂ ମୌନ ରହିବାର ସୁଗୁଣ ଶିକ୍ଷା କର ।**

**ଆନି ବେସାନ୍ତ –** ଭାବନ୍ତୁ ସମାଜ କିପରି ବଦଳି ଯାଆନ୍ତା, ଯଦି ଏଇ ଗୋଟିଏ ଅଭ୍ୟାସ କରାଯାଆନ୍ତା । ସର୍ବଦା ନିଜର ପ୍ରତିବେଶୀ ପ୍ରତି ସତର୍କ ନରହି ମନୁଷ୍ୟ ନିଜର ଅବାଧ ଏବଂ ମୁକ୍ତ ଜୀବନ ଯାପନ କରିପାରନ୍ତା । ଲୋକେ ପରସ୍ପରକୁ ଛାଡ଼ି ଦିଅନ୍ତେ, ସେମାନେ ସର୍ବାଧିକ ଯାହା ଭଲ ବୋଲି ଭାବନ୍ତି, ତାହା କରିବା ପାଇଁ ଏବଂ ହସ୍ତକ୍ଷେପ ଓ ସମାଲୋଚନା ବଦଳରେ ଦେଖା ଦିଅନ୍ତା ପାରସ୍ପରିକ ସହନଶୀଳତା ଓ ସହଯୋଗ । ପୃଥିବୀରେ ପ୍ରାଧାନ୍ୟ ଲାଭ କରିଥିବା ଆମର ପଞ୍ଚମ ମୂଳ-ଜାତି ହେଉଛି ଆକ୍ରମଣାତ୍ମକ, ଯୁଦ୍ଧଖୋର ଏବଂ ସମାଲୋଚନାପ୍ରବଣ । କିନ୍ତୁ ଆମକୁ ଚେଷ୍ଟା କରିବାକୁ ହେବ ଭବିଷ୍ୟତର ଷଷ୍ଠ ମୂଳଜାତି ପରି ଜୀବନ ବିତାଇବା ପାଇଁ, ଯାହା ସହନଶୀଳତା ଏବଂ ସକ୍ରିୟ ସଦ୍‌ଭାବ ଦ୍ୱାରା ଆମେ ଲାଭ କରିପାରିବା । ତାହା ଆମକୁ ନେଇଯିବ ଭ୍ରାତୃତ୍ୱର ସାଧାରଣ ଚିନ୍ତାଧାରାକୁ ଯାହା ଉପରେ ପ୍ରତିଷ୍ଠିତ ହେବ ଷଷ୍ଠ ମୂଳ-ଜାତି ।

**ଲେଡ୍‌ବିଟର–** ନିଜ କାମ ପ୍ରତି ମନୋଯୋଗୀ ହେବା କଷ୍ଟକର ମନେ ହୁଏ ନାହିଁ। କିନ୍ତୁ ଖୁବ୍ କମ୍ ଲୋକେ ତାହା କରିଥାନ୍ତି । ଏଠାରେ ଏହାର ଅର୍ଥ ହେଉଛି ଯେ ବର୍ତ୍ତମାନ ଯେଉ କ୍ଲେଶଦାୟକ ହସ୍ତକ୍ଷେପ ଓ ସମାଲୋଚନାର ମନୋଭାବ ସାଧାରଣରେ ରହିଅଛି, ତାହା ବଦଳରେ ଦେଖା ଦେବ ସହନଶୀଳତା ଏବଂ ସଦ୍‌ଭାବର ସାଧାରଣ ମନୋଭାବ । ଯଦି କୌଣସି ବ୍ୟକ୍ତି ସମ୍ପୂର୍ଣ୍ଣ ଅସାଧାରଣ କିଛି କରେ, ତେବେ ମୋର ଆଶଙ୍କା ହୁଏ ଯେ ବହୁ ଲୋକେ ଶୀଘ୍ର ଏହି ସିଦ୍ଧାନ୍ତ କରି ନେବେ ଯେ ସେହି କାମ ପଛରେ ଏକ ଦୁଷ୍ଟ ବିଚାରଧାରା ରହିଛି । ତାହା

ଆଦୌ ଠିକ୍ ସିଦ୍ଧାନ୍ତ ନୁହେଁ । ତାର ହୁଏତ ନିଜର କିଛି ଏକାନ୍ତ କାରଣ ରହିଛି । ଯାହା ହେଲେ ବ୍ୟାପାରରେ ହସ୍ତକ୍ଷେପ କରୁନାହିଁ, ଆମକୁ ତାକୁ ତା ବାଟରେ ସେ ଯାହା କରୁଛି କରିବାକୁ ଛାଡ଼ିଦେବା ଉଚିତ ହେ ।

ବର୍ତ୍ତମାନର ଅନ୍ୟ କେତେକ ସାଧାରଣ ଦୋଷ ତ୍ରୁଟି ଭଳି ଏହା ମଧ୍ୟ ଆମର ପଞ୍ଚମ ମୂଳ-ଜାତି ଏବଂ ପଞ୍ଚମ ଉପଜାତିର ଗୁଣାଧିକ୍ୟରୁ ଜନ୍ମ ନେଇଛି । ଆମର ପଞ୍ଚମ ମୂଳ-ଜାତି ନିମ୍ନତର ମାନସର ସମାଲୋଚନା କରିବା କ୍ଷମତାର ବିକାଶ କରୁଅଛି ଏବଂ ତାହା ଅଧିକ ମାତ୍ରାରେ ହେଲେ ଆମକୁ ଆକ୍ରମଣାତ୍ମକ, ଯୁଦ୍ଧଖୋର ଏବଂ ତର୍କପ୍ରବଣ କରିଥାଏ । କିନ୍ତୁ ଯେଉଁମାନେ ଗୂଢ଼ତତ୍ତ୍ୱ ଦିଗରେ ପ୍ରଗତି କରିବାକୁ ଚାହାନ୍ତି, ସେମାନେ ପରବର୍ତ୍ତୀ ଗୁଣ ବିକାଶ କରିବାର ଆଶା କରାଯାଏ ଏବଂ ତାହା ହେଉଛି – ବୁଦ୍ଧି, ଯାହା ସମସ୍ତଙ୍କୁ ଏକତ୍ରିତ କରିବାର ଏକ ସୁଗୁଣ, ଯାହା ବିଶ୍ଳେଷଣ ବଦଳରେ ଦେଇଥାଏ ସଂଶ୍ଳେଷଣ କ୍ଷମତା ଏବଂ ପାର୍ଥକ୍ୟ ବଦଳରେ ସାମଞ୍ଜସ୍ୟଗୁଡ଼ିକୁ ଲକ୍ଷ୍ୟ କରିବାକୁ ଚେଷ୍ଟା କରିଥାଏ । ତାହାର ବିକାଶ କରିବା କାମ ହେବ ଷଷ୍ଠ ମୂଳ - ଜାତିର । ସାହାଯ୍ୟକାରୀ ଭାବ ହେବ ଷଷ୍ଠ ଉପଜାତିର, ଯାହା ବର୍ତ୍ତମାନ ଆରମ୍ଭ ହେଉଛି ଆମେରିକାରେ, ଅଷ୍ଟ୍ରେଲିଆରେ ଏବଂ ଆଉ କେତେକ ସ୍ଥାନରେ ।

ବ୍ରହ୍ମବିଦ୍ୟା ସମିତିରେ ଆମେ ଭ୍ରାତୃତ୍ୱ ଚିନ୍ତାଧାରାକୁ ବଜାୟ ରଖୁ ଏବଂ ତାହା ଅଭ୍ୟାସ କରିବାର ପନ୍ଥା ହେଉଛି ଏହି ଯେ ଅନ୍ୟ ଭିତରେ ଖୋଜି ବାହାର କରିବା କିଛି ଗୁଣ, ନିନ୍ଦା କରିବା ପାଇଁ ନୁହେଁ, ପ୍ରଶଂସା କରିବା ପାଇଁ । ଆପଣ ଯଦି ଖୋଜି ଲାଗିବେ, ତେବେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଏବଂ ପ୍ରତ୍ୟେକ କଥାରେ କିଛି ପ୍ରଶଂସା କରିବାକୁ ତଥା କିଛି ନିନ୍ଦା କରିବାକୁ ପାଇ ପାରିବେ । ଆମେ ଆମର ଧ୍ୟାନକୁ କେନ୍ଦ୍ରୀଭୂତ କରିବା ସଗୁଣଗୁଡ଼ିକ ଉପରେ । ନିନ୍ଦନୀୟ ଗୁଣଗୁଡ଼ିକ ଉପରେ ନୁହେଁ । ଏହି ପ୍ରକାରେ ନିକିତିର ଗୋଟାଏ ପାଖକୁ ଆମେ ଟିକିଏ ତଳକୁ କରି ଦେଇପାରିବା । ଦୋଷ ବାଛିବାକୁ ଆମେ ପୃଥିବୀର ଅନ୍ୟମାନଙ୍କୁ ଛାଡ଼ି ଦେଇ ପାରିବା, ଯେଉଁମାନେ ନିଶ୍ଚିତ ଭାବେ ନିନ୍ଦା କରିବା କାମକୁ ମନୋଯୋଗ ଦେଇ କରି ଚାଲିବେ । ଆମେ ଯେତିକି କରି ପାରନ୍ତୁ, ତାହାଠାରୁ ଅଧିକ ଉତ୍ସାହ ସହିତ କରିପାରିବେ ।

ଭଲ ଜିନିଷଗୁଡ଼ିକୁ ବାଛିବା ଏକ ଉପାଦେୟ ଅଭ୍ୟାସ, କାରଣ ଯେ ପର୍ଯ୍ୟନ୍ତ ଆମେ ସେଗୁଡ଼ିକୁ ଖୋଜିବା ପାଇଁ ଆରମ୍ଭ ନ କରିଛୁ, ସେ ପର୍ଯ୍ୟନ୍ତ

ଆମେ ପ୍ରକୃତରେ ବୁଝିବା ନାହିଁ – ପ୍ରତ୍ୟେକ ବ୍ୟକ୍ତି ଭିତରେ କେତେ ଭଲ ଗୁଣ ରହିଛି । ଆମେ ଯେତେବେଳେ ଏହା କରିବା, ଆମେ ଦେଖିବାକୁ ଆରମ୍ଭ କରିବା ଯେ ସବୁ ପ୍ରକାର ସୁନ୍ଦର ଗୁଣ ଲୋକଙ୍କ ଭିତରେ ରହିଛି, ଯେଉଁମାନଙ୍କୁ ଆମେ ଖୁବ୍ ଅନ୍ୟାୟ ଭାବେ ବିଚାର କରି ଆସିଥିଲୁ । ଆମେ ଯେଉଁମାନଙ୍କୁ ଭଲ ଭାବେ ଜାଣି ନାହୁଁ, ସେମାନଙ୍କ ବିଷୟରେ କେବଳ ଗୋଟିଏ ବା ଦୁଇଟି ବିଷୟକୁ ଆଧାର କରି ମତ ଗଠନ କରିବା ସହଜ । ଆମେ ସେମାନଙ୍କୁ ବିରକ୍ତ ହେବାର ଦେଖିଲୁ ଏବଂ ସେହି ହେତୁ ଭାବି ନେଲୁ ଯେ ସେମାନେ ଚିଡ଼ିଚିଡ଼ା ସ୍ୱଭାବର, ଧରିନେଲୁ ଯେ ସେମାନେ ସେହି ପ୍ରକାର ସ୍ୱଭାବର । କିମ୍ବା ଦିନେ ଆମେ ସେମାନଙ୍କୁ ଅସନ୍ତୁଷ୍ଟ ଥିବା ଦେଖିଥିଲୁ, ସୁତରାଂ ଆମେ ହୁଏତ ଏକ ଅସୁବିଧା ମୁହୂର୍ତ୍ତରେ ସେମାନଙ୍କ ସହ ଆମର ହଠାତ୍ ଦେଖା ହୋଇଛି ଏବଂ ଆମେ ଭାବିନେଇଛୁ, ସେମାନଙ୍କର ସାଧାରଣ ଜୀବନ ଆଦୌ ଆମେ କଳ୍ପନା କରିଥିବା ଭଳି ବର୍ଣ୍ଣିଳ ନୁହେଁ ।

ଯଦି ଆମେ ନିଶ୍ଚୟ ବାରମ୍ବାର ଭୁଲ୍ କରି ଲାଗିବା, ତେବେ ତାହା ଭଲ ଦିଗରେ ହେଉ । ଜଣେ ବ୍ୟକ୍ତିକୁ ତାର ପ୍ରାପ୍ୟ ଅପେକ୍ଷା ଟିକିଏ ଅଧିକ ପ୍ରଶଂସା କରନ୍ତୁ । ତାହା ଦ୍ୱାରା ତାର ବା ଆପଣଙ୍କର କ୍ଷତି ହେବ ନାହିଁ । ଜଣେ ଗୁରୁ ଥରେ କହିଥିଲେ, "ପ୍ରତ୍ୟେକ ବ୍ୟକ୍ତି ଭିତରେ ଭଲ ଅଛି, ପ୍ରତ୍ୟେକ ବ୍ୟକ୍ତି ଭିତରେ ମନ୍ଦ ଅଛି ।" କୌଣସି ବ୍ୟକ୍ତିକୁ ଖରାପ ବୋଲି ଭାବିବା ବେଳେ ସାବଧାନ ରହନ୍ତୁ । କାରଣ ଆପଣ ତାକୁ ଖରାପ ଭାବେ କାମ କରିବା ଆଶା କରି ପାରନ୍ତି ଏବଂ ପରେ, ଯେତେବେଳେ ସେ ସେପରି କରେ ନାହିଁ, ଆପଣ ହତାଶ ହୋଇପାରନ୍ତି । କାରଣ ତାହା ଦର୍ଶାଇଦେବ ଯେ ଆପଣ ନିଜ ବିଚାରରେ ଭୁଲ୍ କରିଥିଲେ ।

ଜଣକୁ ମଧ୍ୟ ଅତିଶୟ ଖରାପ ବୋଲି ବିଚାର କରିବା ଅପେକ୍ଷା ଶହ ଶହ ଲୋକଙ୍କୁ ଅତିଶୟ ଭଲ ବୋଲି ବିଚାର କରିବା ଅଧିକ ଶ୍ରେୟସ୍କର । ଆମକୁ ବୌଦ୍ଧିକ ଜୀବନ ଯାପନ କରିବାକୁ ହେବ, ଅନ୍ତତଃ ଏହି ପର୍ଯ୍ୟନ୍ତ ଯେ ଆମେ ଭଲ ଜିନିଷ ଖୋଜି ବୁଲିବା, ଖରାପ ଜିନିଷ ନୁହେଁ । ତାହା କେବଳ ସତ୍ୟ ଓ ନ୍ୟାୟର ସ୍ୱାର୍ଥ ଦୃଷ୍ଟିରୁ ନୁହେଁ, ବରଂ ଏହି କାରଣରୁ ଯେ ଆମର ଚିନ୍ତା ହେଉଛି ଶକ୍ତିଶାଳୀ । ଫଳରେ ଅନ୍ୟକୁ ଖରାପ ଭାବିବା ଦ୍ୱାରା ସେ ସେହିପରି ଖରାପ ହୋଇ ଚାଲେ । କିନ୍ତୁ ତା ଭିତରେ ଭଲ ଗୁଣ ଦେଖିଲେ ତାହା ସେହି

ମନ୍ଦ ପ୍ରବୃତ୍ତିକୁ ହ୍ରାସ କରେ ଏବଂ ସେହି ଭଲ ଗୁଣକୁ ବଢ଼ାଇବାରେ ସାହାଯ୍ୟ କରେ ।

ଆମକୁ ଗୋଟିଏ ମୁଖ୍ୟ ବିଷୟ ବଶିକ୍ଷା କରିବାକୁ ହେବ ଏବଂ ତାହା ହେଉଛି ଆମର ନିମ୍ନତର ମାନସକୁ ସୁବିଧା ନ ଦେବା । ଯେପରି ତାହା ଆମକୁ ଟାଣିନେବ ନାହିଁ ଅନ୍ୟଠାରେ ମନ୍ଦ ଉଦ୍ଦେଶ୍ୟ ଆରୋପ କରିବାପାଇଁ । ମନୁଷ୍ୟର ସ୍ୱଭାବ ସମ୍ପର୍କରେ ଆମର ଅନୁଭୂତି ଆମକୁ ଦର୍ଶାଇଛି ଯେ ଏହା ଭୁଲ୍ କରି ବସେ ଏବଂ ଲୋକେ ସର୍ବଦା ନିଃସ୍ୱାର୍ଥପର ବିଚାର ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ । ସୁତରାଂ ସେମାନଙ୍କ ସ୍ୱଭାବ ହେଉଛି ଲୋକଙ୍କ ଭିତରେ ଉଚ୍ଚତର ଉଦ୍ଦେଶ୍ୟ ଖୋଜିବା ବଦଳରେ କିଛି ଏକ ସ୍ୱାର୍ଥପର ଭାବେ ଖୋଜି ଲାଗିବା । କିନ୍ତୁ ସେହି ସନ୍ଦେହ ଏବଂ ନିର୍ଦ୍ଦୟତାର ସ୍ତରକୁ ଟାଣି ହେବା ପାଇଁ ଆମେ ନିଜକୁ ଛାଡ଼ି ଦେବା ଉଚିତ ହେବ ନାହିଁ – କେବଳ ଆମ ପାଇଁ ନୁହେଁ, ଅନ୍ୟମାନଙ୍କ ମଙ୍ଗଳ ପାଇଁ ମଧ୍ୟ । ଆମେ ପ୍ରଥମେ ମହତ୍ତମ ଉଦ୍ଦେଶ୍ୟର ଅନ୍ୱେଷଣ କରିବା ଏବଂ ଯଦି ତାହା ନ ପାଉ, ତେବେ ସେ କିଛି ଭଲ ଉଦ୍ଦେଶ୍ୟ ସହ କରିଛି ବୋଲି ବିଶ୍ୱାସ କରି ନେବା ଉଚିତ ହେବ । ଆମେ ଯେତେବେଳେ ଏକ ଖରାପ ଉଦ୍ଦେଶ୍ୟ କଥା ଭାବୁ, ଆମେ ଆମର ଚିନ୍ତା ଦ୍ୱାରା ତାହାକୁ ଦୃଢ଼ୀଭୂତ କରିଥାଉ ।

ଯଦି ମଣିଷର ଗୋଡ଼ ଟିକିଏ ଖସି ଯାଇଛି ଏବଂ ଆମେ କହୁ ପ୍ରଶଂସା କରୁ ଯେ ତାର ଉଦ୍ଦେଶ୍ୟ ଭଲ ଥିଲା, ସେ ଶୀଘ୍ର ନିଜର ନିମ୍ନତର ଉଦ୍ଦେଶ୍ୟ ନେଇ ଲଜ୍ଜିତ ହେବ ଏବଂ ତାହା ବଦଳରେ ଉଚ୍ଚତର ଉଦ୍ଦେଶ୍ୟ ପୋଷଣ କରିବ । ଏହା ବ୍ୟତୀତ ଆମର ବନ୍ଧୁମାନଙ୍କ ପ୍ରତି ଯଥାସମ୍ଭବ ସର୍ବୋତ୍ତମ ଉଦ୍ଦେଶ୍ୟ ଆରୋପ କରିବା ଫଳରେ ଆମର ମତ ନିଶ୍ଚିତ ଭାବେ ଦଶଟି କ୍ଷେତ୍ରରୁ ନଅଟି କ୍ଷେତ୍ରରେ ଠିକ୍ ହୋଇଥିବ । ଅବଶ୍ୟ ବାହ୍ୟ ଦୁନିଆ ନିଜର ଅବିଶ୍ୱାସୀ ଢଙ୍ଗରେ ଏଭଳି ମତ ଦେଇଥିବା ଲୋକକୁ କହିବ, "ତୁମେ ଜଣେ ସରଳିଆ ଲୋକ ।" କାହାରିକୁ ଭଲ ବୋଲି ଚନ୍ତା କରୁନଥିବା ଚତୁର ଲୋକ ଅପେକ୍ଷା ବରଂ ଏହି ପ୍ରକାର ଭଲ କାମ କରି ସରଳିଆ ହେବା ଭଲ ।"

କାର୍ଯ୍ୟତଃ କେହି ହେଲେ ଉଦ୍ଦେଶ୍ୟ ଦୃଷ୍ଟିରୁ ଦୁଷ୍ଟ ନୁହନ୍ତି ।ସୁତରାଂ ଆମେ ଯାହାକୁ ମନ୍ଦ ବୋଲି କହୁ, ସେଭଳି କାମ ଯେଉଁମାନେ କରନ୍ତି, ସେମାନେ ସମସ୍ତେ ଖରାପ ଉଦ୍ଦେଶ୍ୟ ନେଇ କରୁଛନ୍ତି ବୋଲି ଭାବିବାର ସାଧାରଣ ଭୁଲ୍

ଆମକୁ ପରିତ୍ୟାଗ କରିବାକୁ ହେବ । ଉଦାହରଣ ସ୍ୱରୂପ, ଯେଉଁମାନେ ମାଂସ ଖାଆନ୍ତି ସେମାନେ ଯେ ସେ ସମ୍ପର୍କରେ ଭାବନ୍ତି ଏବଂ ଯାହା ଖରାପ ବୋଲି ଜାଣନ୍ତି ତାହା କରୁଛନ୍ତି, ଏପରି ଭାବିବା ଅନ୍ୟାୟ ହେବ ଏବଂ ସେଥିପାଇଁ ଆମେ ସାବଧାନ ହେବା ଉଚିତ । ସେମାନେ ସାଧାରଣତଃ ସେମାନଙ୍କର ଉନ୍ନତର ଭାବନା ବିରୋଧରେ କାର୍ଯ୍ୟ କରୁନାହାନ୍ତି ଏବଂ କୌଣସି ଚିନ୍ତା ନ କରି ପରମ୍ପରା ଅନୁସରଣ କରୁଛନ୍ତି । ଏହି ପ୍ରକାର ଲୋକେ ବେଶ୍ ଭଲ । ବସ୍ତୁତଃ ମଧ୍ୟ ଯୁଗରେ ଭଲ ଲୋକେ ହିଁ କୌଣସି ଚିନ୍ତା ନ କରି ପରସ୍ପରକୁ ପୋଡ଼ି ଦେଉଥିଲେ । କିନ୍ତୁ ଜଣେ ଗୁରୁ କହିଛନ୍ତି : ଆମର ଉଦ୍ଦେଶ୍ୟ ଭଲ ଲୋକ ତିଆରି କରିବା ବରଂ ମହତ୍ ଆଧ୍ୟାତ୍ମିକ ଶକ୍ତି ସମୂହ ଗଠନ କରିବା ।

■■■

## ଚତୁର୍ଥ ଭାଗ

# ଉତ୍ତମ ଆଚରଣ

## ପ୍ରଥମ ଅଧ୍ୟାୟ

# ଷଟ୍-ସମ୍ପତ୍ତି

ବିଶେଷ ଭାବେ ଆବଶ୍ୟକୀୟ ଛଅଟି ଆଚରଣୀୟ ବିଷୟକୁ ଗୁରୁ ଏହି ପ୍ରକାରେ କହିଛନ୍ତି :

**୧. ମନ ସମ୍ପର୍କରେ ଆତ୍ମ-ସଂଯମ**
**୨. କାର୍ଯ୍ୟରେ ଆତ୍ମ-ସଂଯମ**
**୩. ସହନଶୀଳତା**
**୪. ପ୍ରଫୁଲ୍ଲତା**
**୫. ଏକାଗ୍ରତା**
**୬. ଆତ୍ମ-ବିଶ୍ୱାସ**

**(ମୁଁ ଜାଣେ ଯୋଗ୍ୟତାଗୁଡ଼ିକର ନାମ ଭଳି ଏଥିରୁ କେତେକ ଅଲଗା ଭାବେ ଅନୁବାଦ କରାଯାଇଛି । କିନ୍ତୁ ସବୁ କ୍ଷେତ୍ରରେ ମୁଁ ସେହି ନାମ ସବୁ ବ୍ୟବହାର କରୁଛି, ଯାହା ଗୁରୁଦେବ ମୋତେ ବୁଝାଇବା ସମୟରେ ନିଜେ ବ୍ୟବହାର କରିଥିଲେ ।)**

**ଆନି ବେସାନ୍ତ୍** – ଆଲସିଓନ୍ ଯେପରି କହିଛନ୍ତି, ଗୁରୁଦେବଙ୍କ ଦ୍ୱାରା ଏହି ଯୋଗ୍ୟତାଗୁଡ଼ିକ ଭିତରୁ କେତେଗୁଡ଼ିକର ଅନୁବାଦ ଆମେ ଯାହା ସହିତ ଅଭ୍ୟସ୍ତ, ତାହାଠାରୁ ଟିକିଏ ଅଲଗା । ମୁଁ ବହୁ ବର୍ଷ ଧରି ଯେଉଁ ଅନୁବାଦ ବ୍ୟବହାର କରି ଆସୁଛି, ତାହାଠାରୁ ପ୍ରଥମ ତିନିଟି ସେପରି କିଛି ଅଲଗା ନୁହେଁ । ତେବେ ମୁଖ୍ୟ ଶେଷ ତିନିଟି ଟିକିଏ ଅଲଗା, ଯଦିଓ ତାର ସ୍ଥୂଳ ଅର୍ଥଗୁଡ଼ିକରେ ପରିବର୍ତ୍ତନ ହୋଇ ନାହିଁ । ଉତ୍ତମ ଆଚରଣର ତୃତୀୟ ବିଷୟଟିକୁ ମୁଁ ସର୍ବଦା 'ସହନଶୀଳତା' ବୋଲି ଅନୁବାଦ କରି ଆସିଛି, ଯେମିତି ଗୁରୁଦେବ ଏଇଠି କରିଛନ୍ତି । କିନ୍ତୁ ମୁଁ ଜାଣେ ସେହି ଅନୁବାଦ ବହୁ ଲୋକଙ୍କ ପକ୍ଷରେ ଗ୍ରହଣଯୋଗ୍ୟ ନୁହେଁ । ସଂସ୍କୃତ ଶବ୍ଦଟି

ହେଲା 'ଉପରତି' ଯାହାର ଆକ୍ଷରିକ ଅର୍ଥ ହେଉଛି ବିରତି । ଏହି ବିରତି ହେଉଛି ସମାଲୋଚନା ଏବଂ ଅସନ୍ତୋଷ ଗୁଣଗୁଡ଼ିକର । ସେଥିପାଇଁ ତାହାର ସକାରାତ୍ମକ ଦିଗ ହେଉଛି ସହନଶୀଳତା ।

ଚତୁର୍ଥ ଗୁଣ ତିତିକ୍ଷାକୁ ମୁଁ ସବୁବେଳେ ଧୈର୍ଯ୍ୟ ବୋଲି କହି ଆସିଛି । ଅବଶ୍ୟ ପ୍ରଫୁଲ୍ଲତା କଥାଟି ମଧ୍ୟ ସେଇଆ । କାରଣ ଯାହାର ଧୈର୍ଯ୍ୟ ଅଛି, ସେ ନିଶ୍ଚୟ ପ୍ରଫୁଲ୍ଲ ରହିବ । ଏଇଠି ଗୁରୁଦେବ ଯାହାଙ୍କୁ ମୁଁ ସାହସ କରି ବିଶେଷ ଭାବେ ଆନନ୍ଦମୟ ବୋଲି କହିପାରେ, ସେହି ଗୁଣଟି ଉପରେ ଜୋର୍ ଦେଇ ଅନୁବାଦ କରିଛନ୍ତି ଏବଂ ଭଲ ହେବ ଯଦି ସମସ୍ତେ ସେହି ଗୁଣଟି ଉପରେ ଧ୍ୟାନ କରନ୍ତି । ତା'ପରେ ଆସୁଛି ଏକାଗ୍ରତା; ସଂସ୍କୃତ ଶବ୍ଦଟି ହେଉଛି 'ସମାଧାନ', ଯାହାକୁ ମୁଁ କହିଛି ସାମ୍ୟଭାବ। ପୁଣି ସେଇ ଗୋଟାଏ କଥା, କାରଣ ଯେ ଏକାଗ୍ରଚିତ୍ତ, ତାହାର ସାମ୍ୟଭାବ ଥାଏ ଏବଂ ଏହାର ଓଲଟା କଥା ମଧ୍ୟ ଠିକ୍ । ସବାଶେଷରେ ଶ୍ରଦ୍ଧା – ମୁଁ ତାକୁ ସର୍ବଦା ବିଶ୍ୱାସ ବୋଲି କହି ଆସିଛି । ଏଇଠି ତାହା ଆତ୍ମବିଶ୍ୱାସ ବୋଲି ଲେଖାଯାଇଛି । ତେବେ ପୁଣି ଥରେ ଅର୍ଥ ଅପରିବର୍ତ୍ତିତ ରହିଛି, କାରଣ ସର୍ବଦା ବିଶ୍ୱାସର ସଂଜ୍ଞା ଦେଉଚି ଅନ୍ତରସ୍ଥ ଈଶ୍ୱର ଓ ଗୁରୁଦେବଙ୍କ ପ୍ରତି ସମ୍ପୂର୍ଣ୍ଣ ବିଶ୍ୱାସ । ପାର୍ଥକ୍ୟ ଏବଂ ସାମଞ୍ଜସ୍ୟ ଉଭୟ ଲକ୍ଷ୍ୟ କରିବା ଭଲ କଥା, କାରଣ ଏସବୁ ଆମକୁ ଅର୍ଥକୁ ଅଧିକ ଭଲ ଭାବେ ବୁଝିବାରେ ସାହାଯ୍ୟ କରେ ।

**ମନ ସମ୍ପର୍କରେ ଆତ୍ମ-ସଂଯମ-ଇଚ୍ଛାହୀନତା ଯୋଗ୍ୟତା ସୂଚାଇ ଦିଏ ଯେ କାମନା ଶରୀରକୁ ସଂଯତ କରିବାକୁ ହେବ । ମାନସ ଶରୀର ସମ୍ପର୍କରେ ଏହା ସେଇ କଥା ଦର୍ଶାଇଥାଏ। ଏହାର ଅର୍ଥ ହେଉଛି – ସ୍ୱଭାବକୁ ନିୟନ୍ତ୍ରଣ କରିବାକୁ ହେବ, ଯାହା ଫଳରେ ତୁମେ କ୍ରୋଧ ବା ଅଧୈର୍ଯ୍ୟ ଅନୁଭବ କରିବ ନାହିଁ । ସେହିପରି ମନର ନିୟନ୍ତ୍ରଣ, ଯାହା ଫଳରେ ଚିନ୍ତା ସର୍ବଦା ଶାନ୍ତ ଏବଂ ସ୍ଥିର ରହିବ ଏବଂ (ମନ ଜରିଆରେ) ସ୍ନାୟୁଗୁଡ଼ିକର ନିୟନ୍ତ୍ରଣ – ଯାହା ଫଳରେ ସେଗୁଡ଼ିକ ଯଥା ସମ୍ଭବ କମ୍ ଉତ୍ତେଜନା ପ୍ରବଣ ହେବେ ।**

**ଲେଡ୍‌ବିଟର** – ସ୍ୱଭାବ ନିୟନ୍ତ୍ରଣ ହେଉଛି ସ୍ପଷ୍ଟତଃ ଆମ ପକ୍ଷରେ ଏକ କଷ୍ଟକର ବିଷୟ, କାରଣ ଆମେ ପାର୍ଥିବ ଜୀବନ ଭିତରେ ରହି ଏକ ନୂତନ ପରୀକ୍ଷାମୂଳକ ଚେଷ୍ଟା କରୁଛୁ ବିବର୍ତ୍ତନ କ୍ଷେତ୍ରରେ ନିଜକୁ ଉନ୍ନତ କରିବା ପାଇଁ

(ଅର୍ଥାତ୍ ଆମର ଶରୀରଗୁଡ଼ିକୁ ଅଧିକ ମାର୍ଜିତ ଏବଂ ଅଧିକ ସମ୍ବେଦନଶୀଳ କରିବା ପାଇଁ) । ଏହି ସବୁ କଷ୍ଟ ହେତୁ ହିଁ ଆମର ବିଜୟ ହେଉଛି ମହତ୍ତର ଏବଂ କଷ୍ଟଗୁଡ଼ିକୁ ଲଙ୍ଘନ କରିବା ଦର୍ଶାଇ ଦିଏ ଯେ ଆମେ ସାଧୁ ବା ଋଷିଙ୍କଠାରୁ ଅଧିକ ପ୍ରଗତି କରିଛୁ, ଆମର ସଂକଳ୍ପ ଶକ୍ତିରେ ।

ସମୟେ ସମୟେ ଲୋକେ କ୍ରୋଧ ଭାବକୁ ସମୂଳେ ବିନାଶ କରିବାରେ ସଫଳ ହୁଅନ୍ତି, କିନ୍ତୁ ବାହ୍ୟ ଶରୀରଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କିରବା କଷ୍ଟକର ଅନୁଭବ କରନ୍ତି । ତଥାପି ରହିଯାଇପାରେ ଅଧୈର୍ଯ୍ୟର ଏକ ସଂଚରଣ, ଯଦିଓ ତାହାରି ପଛରେ ସାଧାରଣତଃ ରହୁଥିବା ପ୍ରକୃତି ଆବେଗ ସମ୍ପୂର୍ଣ୍ଣ ଭାବେ ଚାଲିଯାଇଛି । ମନ ଭିରେ ଆବେଗ ଥାଇ ମଧ୍ୟ ତାକୁ ନ ଦେଖାଇବା ସେମିତି କିଛି ଖରାପ କଥା ନୁହେଁ; କିନ୍ତୁ ଆମକୁ ସେତକ ମଧ୍ୟ ପରିତ୍ୟାଗ କରିବାକୁ ହେବ । କାରଣ ତାହା ଅନ୍ୟ ଲୋକଙ୍କୁ ବିଭ୍ରାନ୍ତ କରିଥାଏ ।

ଯଦି ରାସ୍ତାର ସାଧାରଣ ବ୍ୟକ୍ତିର କାମନା ଶରୀର ପ୍ରତି ଆପଣ ସୂକ୍ଷ୍ମ ଦୃଷ୍ଟିରେ ଲକ୍ଷ୍ୟ କରିବେ, ଆପଣ ଦେଖିବେ ଯେ ସମସ୍ତ ଶରୀରଟି ଘୂରି ଲାଗିଛି ଏବଂ ଏହାକୁ ଘେରି ରହିଥିବା ନିର୍ଦ୍ଦିଷ୍ଟ ବୃତ୍ତାକାର ରେଖାଗୁଡ଼ିକ ଏବଂ ସ୍ପଷ୍ଟ ଭାବେ ଚିହ୍ନିତ ବର୍ଣ୍ଣଗୁଡ଼ିକ ଯେପରି ଘୂରି ଲାଗିଥିବା କଥା ସେପରି ନହୋଇ, ତାର ଉପରିଭାଗରେ ପଚାଶ ବା ଷାଠିଏ ଛୋଟ ଛୋଟ ଭଉଁରୀ ବା ଆବର୍ତ୍ତ ଦେଖାଯାଏ, ଯେଉଁଗୁଡ଼ିକ ଖୁବ୍ ଜୋର୍‌ରେ ଆନ୍ଦୋଳିତ ହୋଇ ଲାଗିଥାନ୍ତି । ସେଥିରୁ ପ୍ରତ୍ୟେକଟି ନିଜର ଦ୍ରୁତ ଘୂର୍ଣ୍ଣନ ଫଳରେ ଏକ ଟାଣ ଗଣ୍ଠି ହୋଇଯାଏ ଏବଂ ଆବୁ ଭଳି ଦେଖାଯାଏ । ଏହି ଭଉଁରୀଗୁଡ଼ିକୁ ପରୀକ୍ଷା କଲେ ଆପଣ ଦେଖିବେ ଯେ ସେଗୁଡ଼ିକ ଦେଖା ଦିଅନ୍ତି ଛୋଟ ଛୋଟ କ୍ରୋଧର ବିସ୍ଫୋରଣ ଫଳରେ ବା ଛୋଟ ଛୋଟ ଚିନ୍ତା ନେଇ ବ୍ୟସ୍ତତା, ଆହତ ମନୋଭାବ, ଈର୍ଷା, ପରଶ୍ରୀକାତରତା, ହୁଏତ ଘୃଣା ଫଳରେ ଯାହା ମଣିଷ ଅନୁଭବ କରିଥିଲା କେତେବେଳେ ଗତ ଅଠଚାଳିଶ ଘଣ୍ଟା ଭିତରେ । ଦୀର୍ଘତର କାଳ ବ୍ୟାପୀ ବୃହତ୍ତର ଆବର୍ତ୍ତ ତିଆରି ହୁଏ, ଯେତେବେଳେ ମନୁଷ୍ୟ ସେହି ପ୍ରକାର ଚିନ୍ତା ସେହି ଏକ ବ୍ୟକ୍ତି ବିଷୟରେ ବାରମ୍ବାର ଆଉଟାଇ ଲାଗେ ।

ଯେତେବେଳେ ମଣିଷ ସେହି ଅବସ୍ଥରେ ଥାଏ, ସ୍ପଷ୍ଟ ଏବଂ ନିର୍ଦ୍ଦିଷ୍ଟ ଭାବେ ଚିନ୍ତା କରିବା ତା' ପକ୍ଷରେ ଅସମ୍ଭବ ହୋଇପଡ଼େ, ଯେମିତି ସେହି ଅବସ୍ଥା ଘଟି ନ ଥିଲେ ସେ କରିପାରିଥାନ୍ତା । ଯଦି ସେ କୌଣସି ବିଷୟରେ ଚିନ୍ତା କରିବାକୁ ବା ଲେଖିବାକୁ ଚାହେଁ, ତାର ମତଗୁଡ଼ିକ ଏହି ସବୁ ଭଉଣୀ ଦ୍ୱାରା ଅବଶ୍ୟ ବିବର୍ଣ୍ଣ

ଓ ବିକୃତ ହୋଇପଡ଼ିଥାଏ, ଯଦିଓ ସେ ଭୁଲି ଯାଇଥାଏ କେଉଁ ଭାବନାର କାରଣରୁ ତାହା ଏପରି ହେଲା । ଲୋକେ ନିଜର ବିରକ୍ତି ଭାବ ଭୁଲିଯାନ୍ତି ଏବଂ ବୁଝିପାରନ୍ତି ନାହିଁ ଯେ ସେହି ବିରକ୍ତିର ପ୍ରଭାବ ତଥାପି ରହିଛି । ଅଧିକାଂଶ ବ୍ୟକ୍ତି ସେମାନଙ୍କର ଭଉଁରୀଗୁଡ଼ିକୁ ରଖିଥାନ୍ତି ପ୍ରାୟ ସେହି ସ୍ତରରେ ।

କାମନା ଏବଂ ମାନସ ଶରୀରର ସୂକ୍ଷ୍ମ ଦୃଷ୍ଟିରେ ଭ୍ରାନ୍ତ ଧାରଣା ଏହି ପ୍ରକାରେ ଦେଖା ଦେଇଥାଏ । ମାନସ ଶରୀରର ପଦାର୍ଥ ନିଶ୍ଚୟ ଦ୍ରୁତ ଗତିରେ ଘୂରି ଲାଗିଥାଏ – ଶରୀରଟାଯାକ ନୁହେଁ ବରଂ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବା ଅଂଶରେ । ମୋଟା ମୋଟି କହିବାକୁ ଗଲେ, ଏହା ନିଜକୁ ସଜାଡ଼ି ଲାଗେ ନିଜର ଘନତ୍ୱ ଅନୁଯାୟୀ । ଯାହା ଫଳରେ ସ୍ଥୂଳତର ପଦାର୍ଥ କିଛି ପରିମାଣରେ ସମଗ୍ର ଶରୀରରେ ଖେଳିବାକୁ ଯାଇ, ସେହି ଅଣ୍ଡାକୃତି ଶରୀରର ନିମ୍ନତର ଦେଶକୁ ଟାଣି ହୋଇ ଆସିଥାଏ । ଯାହା ଫଳରେ ଯେଉଁମାନଙ୍କର ସ୍ୱାର୍ଥପର ଚିନ୍ତା ଏବଂ ଆବେଗ ବେଶୀ, ସେମାନେ ବୃହତ୍ତର ଅଂଶ ଉପରେ ଠିଆ କରାହୋଇଥିବା ଅଣ୍ଡାଭଳି ଦେଖାଯାନ୍ତି । କିନ୍ତୁ ଯେଉଁମାନେ ବିଶେଷ ନିଃସ୍ୱାର୍ଥପର ବା ଗୂଢ଼ତାତ୍ତ୍ୱିକ ଦୃଷ୍ଟିରୁ ବିକଶିତ ସେମାନେ କ୍ଷୁଦ୍ରତର ଅଗ୍ର ଭାଗରେ ଠିଆ କରାଯାଇଥିବା ଅଣ୍ଡା ଭଳିଆ ଦେଖାଯାନ୍ତି । ମାନସ ଶରୀରରେ ଚାରିଟି ଅଂଚଳ ବା ଖଣ୍ଡ ରହିଛି । ଯେମିତି ରହିଛି ମସ୍ତିଷ୍କରେ ବିଭିନ୍ନ ବିଭାଗ ନିର୍ଦ୍ଦିଷ୍ଟ ପ୍ରକାରର ଚିନ୍ତାଗୁଡ଼ିକ ସମ୍ପର୍କରେ ।

କଳ୍ପନା କରନ୍ତୁ ଜଣେ ବ୍ୟକ୍ତି ଯେ ନିଜର ଧର୍ମୀୟ ଚିନ୍ତାଧାରାରେ ବିଶେଷ ଅନୁଦାର । ସେହି ଚିନ୍ତା ଥିବା ନିର୍ଦ୍ଦିଷ୍ଟ ବିଭାଗରେ ମାନସିକ ପଦାର୍ଥ ଅବାଧରେ ପ୍ରବାହିତ ହେବା ବଦଳରେ ଜମା ହେବାକୁ ଲାଗେ । କ୍ରମଶଃ ଧର୍ମ ବିଷୟକ ତାର ଚିନ୍ତାଧାରା ମାନସ ଶରୀରର ଏହି ବିଭାଗ ଦେଇ ଅବଶ୍ୟ ଗତି କରିବ, ତାହା କେବେହେଲେ ସତ୍ୟ ହେବ ନାହିଁ । କାରଣ ଏହାର ସ୍ପନ୍ଦନ ଗୁଡ଼ିକ ଉପରେ ମାଡ଼ିଯିବ ଆକ୍ଷରିକ ଅର୍ଥରେ ଏହି ମାନସିକ ରୋଗ ଯାହା ସେହି ଅଞ୍ଚଳରେ ଦୃଢ଼ ଭାବେ ଜମି ରହିଛି । ସେହି ବ୍ୟକ୍ତିର ମତ ଅବଶ୍ୟ ଭ୍ରାନ୍ତ ହୋଇ ରହିବ, ଯେପର୍ଯ୍ୟନ୍ତ ସେ ଜାଣିଶୁଣି ମାନସିକ ସଂଯମ ଏବଂ ସଂଶୁଦ୍ଧି ସହ ନିଜେ କାର୍ଯ୍ୟ ଆରମ୍ଭ କରି ତାର ପ୍ରତିକାର ନ କରିଛି । ସେତିକିବେଳେ ହିଁ ସେ ଠିକ୍ ଭାବେ ଚିନ୍ତା କରିବାକୁ ଶିଖିବ ଅର୍ଥାତ୍ ଈଶ୍ୱରଙ୍କ ପରି ବିଭିନ୍ନ ବିଷୟ ଜାଣିପାରିବ । ସେହି ଈଶ୍ୱର ହିଁ ତାଙ୍କର ଜଗତର ସମସ୍ତ ଅଂଶ ସଠିକ୍ ଭାବେ ଜାଣନ୍ତି ।

ଭ୍ରାନ୍ତ ଧାରଣାକୁଡ଼ିକ ସବୁବେଳେ କୌଣସି ବ୍ୟକ୍ତି ବା ବିଷୟ ବିରୁଦ୍ଧରେ ନୁହେଁ; ବହୁ ସମୟରେ ସେଗୁଡ଼ିକ ସେମାନଙ୍କ ସପକ୍ଷରେ ମଧ୍ୟ ହୋଇଥାଏ ।

ତଥାପି ସେଗୁଡ଼ିକ ହେଉଛି ଏକ ପ୍ରକାର ଅସତ୍ୟ ଏବଂ ମନୁଷ୍ୟର ପ୍ରଭାରେ ବିକୃତାବସ୍ଥା ଦେଖାଇଥାନ୍ତି । ସବୁଠାରୁ ସାଧାରଣ ଉଦାହରଣ ହେଉଛି ସେହି ମା' ଯେ ବିଶ୍ୱାସ କରିପାରେ ନାହିଁ ଯେ ତା'ର ଯେପରି ଛୁଆଟି ହୋଇଛି ସେଭଳି ଏକ ଶିଶୁ ପୃଥିବୀର ଆରମ୍ଭରୁ ଆଗରୁ ତେବେ ଥିଲା । ଆଉ ଏକ ଉଦାହରଣ ହେଉଛି ଜଣେ କଳାକାର ଯେ ନିଜର କଳା ପଦ୍ଧତି ବ୍ୟତୀତ ଅନ୍ୟ କଳା ପଦ୍ଧତିରେ କିଛି ଭଲ ଦେଖିପାରନ୍ତି ନାହିଁ ।

ଏହି ସମସ୍ତ ବିଷୟ, ସ୍ଥୂଳତୀତ ଶକ୍ତି ଦୃଷ୍ଟିରୁ ଅନାବୃତ ଘାଆ ଭଳି, ଯାହା ମଧ୍ୟ ଦେଇ ମନୁଷ୍ୟର ସଂକଳ୍ପ ଶକ୍ତି ସବୁ ସମୟରେ କ୍ଷୟ ହୋଇ ଚାଲିଛି । ତାହା ହିଁ ସାଧାରଣ ଲୋକର ଅବସ୍ଥା ଥିବାବେଳେ, ଆପଣ ଯଦି ଏଭଳି ଗୋଟିଏ ଲୋକକୁ ପାଆନ୍ତି, ଯେ ସ୍ୱଭାବତଃ ଅଧିକତର ଚିନ୍ତାଗ୍ରସ୍ତ, ଆପଣ ସହଜରେ ଏକ ଆହୁରି ଅଧିକ ଖରାପ ରୋଗୀ ପାଇବେ । ସେ ଏକ ବ୍ୟକ୍ତି ଯେ ପାଲଟି ଯାଇଛି ଗୋଟିଏ ଘାଆ ଏବଂ ତାହାର କୌଣସି ଶକ୍ତି ନାହିଁ, ସବୁ କିଛି କ୍ଷୟ ହୋଇଯାଇଛି । ଆମେ ଯଦି ଆମର ଶକ୍ତି ସଂରକ୍ଷଣ କରି ସେମାନଙ୍କ ସହିତ ଭଲ କାମ କରିବାକୁ ଚାହୁଁ – ଏବଂ ଗୂଢ଼ତତ୍ତ୍ୱବିଦ୍ ହେବାକୁ ହେଲେ ତାହା ହିଁ କରିବାକୁ ହେବ । ତାହାହେଲେ ପ୍ରଥମ କାମ ହେବ ଏହି କ୍ଷୟର ଉତ୍ସକୁ ବନ୍ଦ କରିବା । ଧରି ନିଆଯାଉ, ଆମେ ନିଆଁ ଲିଭାଇବାକୁ ଚାହୁଁ; ଆମର ଦରକାର ପାଣି ପାଇପ୍; ଉଚ୍ଚ ଚାପରେ ପମ୍ପ ମାରିବାକୁ ହେବ ଏବଂ ପାଣି ସିଲିଣ୍ଡର୍ ଏବଂ ପାଇପ୍‌ରେ ଯେପରି ଆଦୌ ଛିଦ୍ର ନ ରହେ । ତାହା ଅର୍ଥ ହେଉଛି ଯେ ଆମର ମାନସିକ ଶାନ୍ତି ସଂଯମ ଦରକାର ।

ସାଧାରଣ ଲୋକର ସଂକଳ୍ପ ଶକ୍ତି ଆଦୌ ନାହିଁ ବୋଲି ମନେ ହୁଏ । ଯେତେବେଳେ ଦୁଃଖକଷ୍ଟ ଆସେ, ନିର୍ଦ୍ଦିଷ୍ଟ ଭାବେ ତାହା ଦୂର କରିବା ପାଇଁ ଇଚ୍ଛା ଶକ୍ତି ପ୍ରୟୋଗ କରିବା ବଦଳରେ ସେ କେବଳ ତଳେ ଶୋଇଯାଏ, ପାଟି କରେ ଏବଂ ଅଭିଯୋଗ କରେ । ଏହି ଦୁର୍ବଳତାର ଦୁଇଟି କାରଣ ରହିଛି । ମନୁଷ୍ୟ ଭିତରକୁ ଆସୁଥିବା ଶକ୍ତିର ପରିମାଣରେ ପାର୍ଥକ୍ୟ ଘଟେ ତାର ପ୍ରକୃତ ଆତ୍ମ-ଉପଲବ୍ଧି ଅନୁଯାୟୀ – ଯେଉଁ ପରିମାଣରେ ତା' ଭିତରେ ସେହି ଏକ ଆତ୍ମା, ବା ଈଶ୍ୱର ବିକଶିତ ହୋଇଛନ୍ତି । ମୌଳିକ ପ୍ରକୃତି ଅନୁଯାୟୀ ଆମ ସମସ୍ତଙ୍କର ଶକ୍ତି ସମାନ । କିନ୍ତୁ ମନୁଷ୍ୟମାନେ ନିଜ ଭିତରେ ଥିବା ଦିବ୍ୟ ଶକ୍ତିକୁ ବିକଶିତ କରିଥିବା ପରିମାଣ ଅନୁଯାୟୀ ସେମାନଙ୍କର ପାର୍ଥକ୍ୟ ଦେଖାଯାଏ । ସାଧାରଣ ବ୍ୟକ୍ତି ସେହି ଶକ୍ତିକୁ ବିଶେଷ ବିକଶିତ କରି ନାହିଁ ଏବଂ ଯେତିକି ବା କରିଛି, ତାହାର ସେ ଅପଚୟ କରୁଛି ।

ଆମ ଭିତରୁ ଅନେକ ଚାହିଁବେ ଗୁରୁଦେବଙ୍କର ଉପସ୍ଥିତିକୁ ଆହୁରି ପୂର୍ଣ୍ଣଭାବରେ ଉପଲବ୍ଧି କରିବାପାଇଁ ଏବଂ ଉଚ୍ଚତର ସ୍ତରମାନଙ୍କରୁ ସ୍ଥୂଳ ମସ୍ତିଷ୍କ ଭିତରକୁ ଅନ୍ୟ ବିଭିନ୍ନ ପ୍ରକାର ଉତ୍ତମ ପ୍ରଭାବ ଆଣିବା ପାଇଁ । ଏହି ପ୍ରକାର ପ୍ରଭାବ ଅବଶ୍ୟ ତଳକୁ ଆସିବ ଏହି ବିଭିନ୍ନ ଶରୀର ମଧ୍ୟ ଦେଇ । ଅବଶ୍ୟ ଗୋଟିଏ ଶରୀରରୁ ଅନ୍ୟ ଶରୀରରେ ପ୍ରତିଫଳିତ ହେବ । ହ୍ରଦ ବା ନଦୀ ଜଳର ଉପରିଭାଗରେ ଧାଡ଼ିଏ ଗଛର ଛାଇକୁ ଦେଖନ୍ତୁ । ଯଦି ଜଳ ସମ୍ପୂର୍ଣ୍ଣ ସ୍ଥିର ଥାଏ, ତେବେ ଆମେ ଛାଇଟି ସମ୍ପୂର୍ଣ୍ଣ ନିଖୁଣ ଭାବେ ଦେଖୁ, ଯେଉଁଥିରେ ପ୍ରତ୍ୟେକଟି ପତ୍ର ସ୍ପଷ୍ଟ ଭାବେ ଦେଖାଯାଇଥାଏ । କିନ୍ତୁ ତିଳେ ମାତ୍ର ତରଙ୍ଗ ହେଲେ ସେହି ଛବିଟି ସମ୍ପୂର୍ଣ୍ଣ ବିକୃତ ହୋଇଯାଏ । ଝଡ଼ ହେଲେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । କାମନା ଏବଂ ମାନସ ଶରୀର ସମ୍ପର୍କରେ ତାହା ସଠିକ୍ ଭାବେ ସତ୍ୟ ହୋଇଥାଏ । ସେଗୁଡ଼ିକ ଶାନ୍ତ ଏବଂ ଅବିଚଳିତ ରଖାଯିବା ଦରକାର । ତାହେଲେ ସେଗୁଡ଼ିକ ଜରିଆରେ ଉପରୁ କୌଣସି ପ୍ରକୃତ ଏବଂ ଉପଯୋଗୀ ପ୍ରଭାବ ଆସିବ। ଲୋକେ ସର୍ବଦା ପଚାରନ୍ତି, "ନିଦ ବେଳେ ଆମେ ଯାହା ସବୁ କରୁ, ସେ ସମସ୍ତ ଆମେ ମନ ରଖୁନାହିଁ କାହିଁକି ?"

ତାହାର ଗୋଟିଏ କାରଣ – ଯେହେତୁ ଏହି ଶରୀରଗୁଡ଼ିକ ଯଥେଷ୍ଟ ଶାନ୍ତ ନ ଥାନ୍ତି । ଥରେ ଅଧେ ସେଗୁଡ଼ିକ ଯଥେଷ୍ଟ ଶାନ୍ତ ହୋଇପାରନ୍ତି, ନିଜ ଜରିଆରେ କିଛି ପ୍ରଭାବ ଆଣିବା ପାଇଁ । ତା' ସତ୍ତ୍ୱେ ଯେହେତୁ ସେହି ମାଧ୍ୟମଗୁଡ଼ିକ ସମ୍ପୂର୍ଣ୍ଣ ପରିଷ୍କୃତ ନୁହନ୍ତି, ସେହି ପ୍ରଭାବ ସାଧାରଣତଃ କିଛି ବିକୃତ ହୋଇଯାଏ । ଏହା ଭଲ ଦର୍ପଣ ବଦଳରେ ଶସ୍ତା ବୋଲତ କାଚ ମଧ୍ୟ ଦେଇ କୌଣସି ଏକ ଜିନିଷକୁ ଦେଖିବା ଭଳି ହୋଇଥାଏ; ଏହା ସମ୍ପୂର୍ଣ୍ଣ ରୂପେ ଜିନିଷଗୁଡ଼ିକର ଅନୁପାତିକ ସମ୍ପର୍କ ବଦଳାଇ ଦିଏ ।

ଗୂଢ଼ତତ୍ତ୍ୱବିତ୍ ଆତ୍ମ-ସଂଯମ ଜରିଆରେ ଦୁଇଟି ସ୍ତରରେ ଏକ ସଙ୍ଗରେ କାମ କରିବା ପାଇଁ ଅର୍ଥାତ୍ ସ୍ଥୂଳ ସ୍ତରରେ କାମ କରୁଥିବା ବେଳେ ଆଂଶିକ ଭାବେ ଶରୀରର ବାହାରକୁ ଯିବାପାଇଁ ଶିଖନ୍ତି । ଏହା ଫଳରେ ସେ ଯେତେବେଳେ ଲେଖନ୍ତି ବା କହନ୍ତି, ସେତେବେଳେ କାମନା ଶରୀରରେ ସେ ହୁଏତ ଆଉ କେତେକ କାମ କରନ୍ତି । ଉଦାହରଣ ସ୍ୱରୂପ, ଲୋକେ କହିବା ମୁଁ ଶୁଣିଛି ଯେ ଯେତେବେଳେ ମୁଁ ଭାଷଣ ଦେଉଥାଏ, ଶ୍ରୋତାମାନଙ୍କ ମଧ୍ୟରୁ ବହୁ ଲୋକେ ଦେଖିଛନ୍ତି ଯେ କାମ ଲୋକର ସତ୍ତାଗଣ ମଞ୍ଚ ଉପରେ ଠିଆ ହୋଇ ମୋ ପାଖକୁ ଆସି କଥାବାର୍ତ୍ତା କରନ୍ତି ।

ସେମାନେ ତାହା ଠିକ୍ ଦେଖିଛନ୍ତି; ଅନେକ ସମୟରେ ସେଭଳି ଘଟେ, ସେମାନେ ସେପରି ଆସି କେତେକ ପ୍ରଶ୍ନର ଉତ୍ତର ଚାହାନ୍ତି କିମ୍ବା କିଛି କରାଯିବାକୁ

ଚାହାନ୍ତି, ଯେତେବେଳେ ମୋର ଭାଷଣ ଚାଲିଥାଏ । ତାହା କେବଳ ଏକ ଛୋଟିଆ ଏବଂ ସାମୟିକ ଘଟଣାର ଉଦାହରଣ; କିନ୍ତୁ ଅନେକ ସମୟରେ ଅଧିକ ଗୁରୁତର କାମ ସବୁ କରିବାକୁ ଥାଏ, ଯେଉଁଥିରେ ଗୂଢ଼ତତ୍ତ୍ୱବିଦ୍‌ଗଣ ନିଜର ଚେତନାକୁ ସେହି ଜଟିଳ ପ୍ରକାରେ ଉପଯୋଗ କରିଥାନ୍ତି ।

ସାଧାରଣ ଜୀବନରେ ମଧ୍ୟ ଅନେକ ସମୟରେ ଏହି ଯୁଗ୍ମ ଏକାଗ୍ରତା କେତେକ ପରିମାଣରେ ବହୁବାର ଦେଖାଯାଇଥାଏ । ବହୁ ଭଦ୍ର ମହିଳା ସିଲାଇ କରୁଥିବାବେଳେ ମଧ୍ୟ କଥା ଲମ୍ବାଇ ପାରନ୍ତି, କାରଣ ସିଲାଇ କରିବା ତାଙ୍କ ସକାଶେ ଏକ ଯାନ୍ତ୍ରିକ କାର୍ଯ୍ୟ । ଥରେ ଲଣ୍ଡନର ଏକ ବଡ଼ ବ୍ୟାଙ୍କ୍‌ର ମୋର ଗୁଡ଼ାଏ କାମ ଥିଲା ଏବଂ ମୁଁ ସେଇଠି ଦେଖିଛି ଲୋକେ ଏଥିରେ ଅଭ୍ୟସ୍ତ । ସେମାନେ ଦ୍ରୁତ ଗତିରେ ଅଥଚ ସ୍ଥିର ଭାବେ ଲମ୍ବା ଲମ୍ବା ସ୍ତମ୍ଭର ହିସାବ କରନ୍ତି ଏବଂ ସେହି ସମୟରେ ନିଜର ସାଙ୍ଗମାନଙ୍କ ମନୋରଞ୍ଜନ ପାଇଁ ଗୀତ ଗାଉଥାନ୍ତି । ମୁଁ ନିଶ୍ଚୟ ସ୍ୱୀକାର କରିବି ଯେ ତାହା ମୋ ପକ୍ଷରେ ସମ୍ଭବ ହେବ ନାହିଁ । କିନ୍ତୁ ମୁଁ ତାହା ବାରମ୍ବାର କରାଯାଇଥିବା ଦେଖିଛି ।

**ଆନି ବେସାନ୍ତ –** ଗୁରୁଦେବ ଇଚ୍ଛାହୀନତା ସଂପୃକ୍ତ ଅଂଶଟିରେ କାମନା ଶରୀର ଏବଂ ଏହାର ବହୁ ପ୍ରକାର କାମନା ଓ ରୂପ ସମ୍ପର୍କରେ ଏବଂ ବିବେକ ସମ୍ପର୍କୀୟ ଅଂଶଟିରେ ସତ୍ୟ ସମ୍ପର୍କରେ ବହୁତ କହିଛନ୍ତି, ଯେଉଁ ସତ୍ୟ ମାନସ ଶରୀରର ଶୁଦ୍ଧି ସହିତ ଜଡ଼ିତ । ବର୍ତ୍ତମାନ ସେ ଆହୁରି କହିଛନ୍ତି ମନ ସଂଯମ ସମ୍ପର୍କରେ ଏବଂ ଭାବାବେଗର ସଂଯମ ସମ୍ପର୍କରେ ମଧ୍ୟ । ଭାବାବେଗ ହେଉଛି ଚିନ୍ତା ଏବଂ କାମନାର ସମ୍ମିଶ୍ରଣ । ଭାବାବେଗ ହେଉଛି କାମନାସମୂହ ଯାହାକୁ ଭେଦ କରି ରହିଛି ଚିନ୍ତା-ଉପାଦାନ । ଅନ୍ୟ ଭାଷାରେ କହିଲେ, ଭାବାବେଗ ହେଉଛି କାମନା ଯାହା ସହ ଚିନ୍ତା ମିଶ୍ରିତ ହୋଇଥାଏ । ଯେତେବେଳେ ଗୁରୁଦେବ ଏଠାରେ ସ୍ୱଭାବ ସଂଯମ କଥା କହୁଛନ୍ତି, ସେ ଭାବାବେଗ କଥା କହୁଛନ୍ତି । କାରଣ ଅଧୈର୍ଯ୍ୟ ଏବଂ ସେହି ପ୍ରକାର ଭାବ ଆଂଶିକ ଭାବେ କାମନା ଶରୀରରୁ ଏବଂ ଆଂଶିକ ଭାବେ ମାନସ ଶରୀରରୁ ଜାତ ହୁଏ ।

ଭାବୀ-ଗୂଢ଼ତତ୍ତ୍ୱବିଦ୍ ନିଜକୁ ଆବେଗଦ୍ୱାରା ଟାଣି ହୋଇଯିବାକୁ ଦେବା ଉଚିତ୍ ହେବ ନାହିଁ । କାରଣ ଯେ ପର୍ଯ୍ୟନ୍ତ ସେ ତାହା ଉପରେ ସଂଯମ ହାସଲ କରି ନାହାନ୍ତି, ସେ ପର୍ଯ୍ୟନ୍ତ ସେ ନିର୍ଦ୍ଦିଷ୍ଟ ଏବଂ ସ୍ପଷ୍ଟ ଭାବେ ବିଷୟଗୁଡ଼ିକ ବୁଝି ପାରିବେ ନାହିଁ । ଭାବାବେଗର ତରଙ୍ଗ ବିଶୁଦ୍ଧ ମାନସ ପଦାର୍ଥରେ ଅନୁରୂପ ଉତ୍ତେଜନା ଜାଗ୍ରତ କରିବ ଏବଂ ମଣିଷର ସମସ୍ତ ଚିନ୍ତା ଗୋଳମାଳିଆ ଏବଂ

ବିକୃତ ହୋଇପଡ଼ିବ । ଫଳରେ ସେ ସଠିକ୍ ଭାବେ ସବୁକଥା ବୁଝିପାରିବ ନାହିଁ ।

ଏହାପରେ ଗୁରୁଦେବ କହୁଛନ୍ତି ଯେ ଚିନ୍ତାଗୁଡ଼ିକ ଶନ୍ତ ଏବଂ ଅବିଚଳିତ ହେବା ଉଚିତ । ଏହା ଆବଶ୍ୟକ, କାରଣ କେବଳ ସେହି ଅବସ୍ଥାର ଉଚ୍ଚତର ମାନସରୁ ନିମନତର ମାନସକୁ ପ୍ରଭାବଗୁଡ଼ିକ ନିକ୍ଷେପ ହେବ । ମୋର ମନେ ହୁଏ 'ଦି ଅକଲଟ୍ ୱାର୍ଲଡ଼'ରେ ଏ.ପି. ସିନେଟ୍ ସେହି ଗୁରୁଦେବଙ୍କଠାରୁ ପାଇଥିବା ଏକ ଚିଠି ଉଦ୍ଧାର କରିଥିଲେ । ସେଥିରେ ଗୁରୁଦେବ କହିଥିଲେ ଯେ ଯଦି ସେ ଉପଯୋଗୀ କଥା ଲେଖିବାକୁ ଚାହାନ୍ତି, ତେବେ ସେ ନିଜର ମନକୁ ସ୍ଥିର ରଖିବା ଉଚିତ୍ । ତାହାହେଲେ ହିଁ ଉଚ୍ଚତର ମାନସରୁ ଚିନ୍ତାଗୁଡ଼ିକ ସେଥିରେ ପ୍ରତିବିମ୍ବିତ ହେବ – ସ୍ଥିର ହ୍ରଦରେ ପର୍ବତଗୁଡ଼ିକର ପ୍ରତିବିମ୍ବ ଭଳି ।

ଯଦି ଆପଣ ଏକ ଗୁରୁତର ବିଷୟରେ, ଉଦାହରଣ ସ୍ୱରୂପ ବ୍ରହ୍ମବିଦ୍ୟା ସମ୍ପର୍କରେ, ଏକ ଚିଠି ଲେଖିବାକୁ ବା ଏକ ଲେଖା ତିଆରି କରିବାକୁ ଚାହାନ୍ତି, ତେବେ କାମ ଆରମ୍ଭ କରିବା ପୂର୍ବରୁ କେତେକ ମିନିଟ୍ ଚୁପ୍ ହୋଇ ବସିବା ଏବଂ ମନକୁ ସ୍ଥିର ରଖିବା ହେବ ଏକ ଉତ୍ତମ ଯୋଜନା । ଏହା ସମୟର ଅପଚୟ ନୁହେଁ । କାରଣ ଯେତେବେଳେ ଆପଣ ଲେଖା ଆରମ୍ଭ କରିବେ, ସେତେବେଳେ ଆପଣ ଦେଖିବେ ଯେ ଆପଣଙ୍କର ଚିନ୍ତାଧାରା ସହଜରେ ଏବଂ ବିନା ଉଦ୍ୟମରେ ପ୍ରବାହିତ ହୋଇଆସିବ । ଆପଣଙ୍କୁ ମଝିରେ କାମ ବନ୍ଦ କରି କିପରି ଲେଖିବେ ଚିନ୍ତା କରିବାକୁ ହେବ ନାହିଁ । ଏହା ସେପରି ହେବ, କାରଣ ଉଚ୍ଚତର ମାନସ ନିମ୍ନତର ମାନସରେ ପ୍ରତିବିମ୍ବିତ ହେବ । ଏହି ପ୍ରକାର ଅଭ୍ୟାସ ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ ସେହିମାନଙ୍କ ପାଇଁ ଯେଉଁମାନେ ବାହ୍ୟ ଜିନିଷଗୁଡ଼ିକୁ ଏ ପର୍ଯ୍ୟନ୍ତ ଆଦୌ ବନ୍ଦ କରି ପାରନ୍ତି ନାହିଁ ।

ଏକାଗ୍ରତା ଅଭ୍ୟାସ କରିବା ପାଇଁ ବାହାରର ଗୋଳମାଳକୁ ଉପଯୋଗ କରାଯାଇପାରେ । ପିଲାବେଳେ ମୋତେ ପଢ଼ିବାକୁ ଦିଆଯାଇଥିଲା ଗୋଟିଏ କୋଠରୀ ଯେଉଁଥିରେ ଅନ୍ୟ ପିଲାମାନଙ୍କୁ ବିଭିନ୍ନ ବିଷୟ ପଢ଼ା ଯାଉଥିଲା । ସୁତରାଂ କ୍ରମଶଃ ମୋର ନିଜର କାମରେ ଲାଗି ରହିବାର କ୍ଷମତା ମୁଁ ଲାଭ କରିଥିଲି, ଯେତେବେଳେ ସବୁ ପ୍ରକାର ଅନ୍ୟକାମ ମୋ ଚାରିପାଖରେ କରାଯାଉଥିଲା । ଫଳରେ ବର୍ତ୍ତମାନ ମୋ ପାଖରେ ଯାହା ହେଉଥିଲେ ମଧ୍ୟ ସେଥିରେ ବ୍ୟାହତ ନ ହୋଇ କାର୍ଯ୍ୟ କରିବାର କ୍ଷମତା ମୋର ଅଛି, ଯଦିଓ ମୁଁ ସ୍ୱୀକାର କରିବି ଯେ ସେହି ପ୍ରକାର ପରିସ୍ଥିତିରେ ହିସାବ କରିବା ମୋ ପକ୍ଷରେ କଷ୍ଟକର ହୁଏ । ମୁଁ ଏଥିପାଇଁ ମୋର

ଶିକ୍ଷୟିତ୍ରୀ କୁମାରୀ ମେରିଏଟ୍‌ଙ୍କ ପ୍ରତି ସର୍ବଦା କୃତଜ୍ଞତା ଅନୁଭବ କରେ । ଏହି କ୍ଷମତା ଆସେ ଅଭ୍ୟାସରୁ ଏବଂ ପରେ ଅନେକ ସମୟରେ ବହୁ ପ୍ରକାରେ ଏହା ଉପଯୋଗୀ ହୋଇଥାଏ । ଉଦାହରଣ ସ୍ୱରୂପ, ମୁଁ ଦେଖିଛି ଯେ ଆଂଶିକ ଭାବେ ଶରୀରରୁ ବାହାରି ଗଲେ ମଧ୍ୟ ମୁଁ ଏହାର ଉପଯୋଗ କରିପାରେ, ଯେମିତି ମୁଁ କରିଥିଲି ଆଲସିଓନ୍‌ଙ୍କ ଏକ ଜୀବନ ବିଷୟରେ ଲେଖିବା ବେଳକୁ ।

ଭାରତୀୟ ଘରମାନଙ୍କରେ ଏହି କ୍ଷମତା ବିକଶିତ ହୋଇଥାଏ ଆପେ ଆପେ । କାରଣ ସେଠାକାର ପ୍ରଥା ଅନୁଯାୟୀ ଲୋକେ ବିଭିନ୍ନ ପ୍ରକାର କାର୍ଯ୍ୟ ସେହି ଗୋଟିଏ କୋଠରୀରେ କରିଥାନ୍ତି । ତା ଭିତରେ ପିଲାମାନେ ସାଧାରରତଃ ଦୌଡ଼ି ବୁଲନ୍ତି ଏବଂ ବହୁ ପ୍ରକାର ଛୋଟ ଛୋଟ ଘଟଣା ହେଉଥାଏ । ଗାଁ ପାଠଶାଳାରେ ଏବଂ ଘରେ ମଧ୍ୟ, ଗୁଡ଼ାଏ ପିଲାଙ୍କୁ ଅନେକ ବିଷୟରେ ଶିକ୍ଷା ଦିଆଯାଉଥାଏ ସେହି ଏକ ସମୟରେ । ସମସ୍ତେ ପାଟି କରି ପଢ଼ନ୍ତି ଏବଂ ସେମାନଙ୍କ ଶିକ୍ଷକ ସେସବୁ ଶୁଣି ଭୁଲ୍ ହେଲେ ସଂଶୋଧନ କରି ଦିଅନ୍ତି । ଏହା କୌଣସି ବିଷୟରେ ଯେ ଏକ ଆଦର୍ଶ ଶିକ୍ଷା ପ୍ରଣାଳୀ ତାହା ମୁଁ ଭାବୁ ନାହିଁ । ତେବେ ପିଲାମାନେ କିପରି ମନକୁ ଏକାଗ୍ର କରିବାକୁ ହେବ ଶିଖନ୍ତି ଏବଂ ପରବର୍ତ୍ତୀ କାଳରେ ତାହା ସେମାନଙ୍କର ଉପଯୋଗୀ ହେବ ।

ସେହି ଏକାଗ୍ରତା କ୍ଷମତା ଯଦି ଆପଣ ଲାଭ କରନ୍ତି, ତେବେ ତାହା ଅଧିକ ଶ୍ରେୟସ୍କର ହେବ । ସୁତରାଂ, ଯଦି କୋଳାହଳ ଭିତରେ ରହିବାକୁ ହୁଏ, ତେବେ ଅଭିଯୋଗ କରନ୍ତୁ ନାହିଁ, ବରଂ ଲାଭ ଉଠାନ୍ତୁ । ଗୂଢ଼ତତ୍ତ୍ୱ ଅଧ୍ୟାୟୀ ସେହି ପ୍ରକାରେ କାର୍ଯ୍ୟ କରିଥାନ୍ତି । ମୁଁ ବିଶେଷ ଭାବେ ଏହା କହୁଛି, କାରଣ ଏହି ଉପାୟରେ ହିଁ ଗୂଢ଼ତତ୍ତ୍ୱବିଦ୍ ତିଆରି ହୁଅନ୍ତି । କଷ୍ଟକର ପରିସ୍ଥିତିରେ କାହିଁ କରିବା ଅର୍ଥ ହେଉଛି ପ୍ରଗତି । ତାହା ହେଉଛି ଏକ କାରଣ, ଯେଉଁଥିପାଇଁ ଆମ ଭିତରୁ କେତେକ ପ୍ରଗତି ଲାଭ କରିଛନ୍ତି ଏବଂ ଅନ୍ୟମାନେ କରି ନାହାନ୍ତି । ବ୍ୟକ୍ତିଗତ ଭାବରେ, ମୁଁ ଅଭିଯୋଗ କରିବା ବଦଳରେ ସବୁ ଜିନିଷ ଯେମିତି ଆସେ ସେମିତି ଗ୍ରହଣ କରିବା ପାଇଁ ସର୍ବଦା ଚେଷ୍ଟା କରି ଆସିଛି । ଏହି ଉପାୟରେ ଜଣେ ପ୍ରତ୍ୟେକ ସୁଯୋଗକୁ ହାତକୁ ନେଇଥାଏ ।

**ଶେଷ ବିଷୟଟି କଷ୍ଟକର । କାରଣ ଆଧ୍ୟାତ୍ମିକ ପଥ ପାଇଁ ପ୍ରସ୍ତୁତ ହେବା ସକାଶେ ଯେତେବେଳେ ତୁମେ ଚେଷ୍ଟା କର, ତୁମେ ନିଜର ଶରୀରକୁ ଅଧିକ ସମ୍ବେଦନଶୀଳ ନ କରି**

> **ରହିପାରିବ ନାହିଁ । ଫଳରେ ଏହାର ସ୍ନାୟୁଗୁଡ଼ିକ ଶବ୍ଦ ବା ଆଘାତରେ ସହଜରେ ଅସ୍ଥିର ହୋଇପଡ଼େ ଏବଂ ଯେକୌଣସି ଚାପକୁ ତୀବ୍ର ଭାବେ ଅନୁଭବ କରେ । କିନ୍ତୁ ତୁମକୁ ଯଥାସାଧ ଚେଷ୍ଟା କରିବାକୁ ହେବ ।**

**ଆନି ବେସାନ୍ତ** – ଗୁରୁଦେବ କହୁଛନ୍ତି ଯେ ସ୍ନାୟୁଗୁଡ଼ିକୁ ନିୟନ୍ତ୍ରଣ କରିବା କଷ୍ଟକର । ତାର କାରଣ, ସ୍ଥୂଳ ଶରୀର ଉପରେ ଚିନ୍ତାର କ୍ଷମତା ହେଉଛି ନିମ୍ନତମ । ଆପଣ ନିଜର କାମନା ଶରୀର ଓ ମାନସ ଶରୀରକୁ ଅପେକ୍ଷାକୃତ ସହଜରେ ପ୍ରଭାବିତ କରି ପାରିବେ, କାରଣ ସେଗୁଡ଼ିକ ସୂକ୍ଷ୍ମତର ପଦାର୍ଥରେ ତିଆରି ଏବଂ ଚିନ୍ତା ଦ୍ୱାରା ଅଧିକ ପ୍ରଭାବିତ । କିନ୍ତୁ ଅଧିକ ଓଜନିଆ ସ୍ଥୂଳ ପଦାର୍ଥ ଖୁବ୍ କମ୍ ପ୍ରତ୍ୟୁତ୍ତର ଦିଏ ଏବଂ ସେହି ହେତୁ ତାକୁ ନିୟନ୍ତ୍ରଣ କରିବା କଷ୍ଟକର । ତଥାପି ସମୟକ୍ରମେ ତାକୁ ଆୟତ୍ତ କରିବାକୁ ପଡ଼ିବ ।

ଶିଷ୍ୟଙ୍କୁ ଅନୁଭବଶକ୍ତି ସମ୍ପନ୍ନ ହେବାକୁ ପଡ଼ିବ ଏବଂ ତଥାପି ଶରୀର ଓ ସ୍ନାୟୁଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରିବାକୁ ହେବ । ଅନୁଭବ ଶକ୍ତି ଯେତିକି ବୃଦ୍ଧି ପାଇବ ଏହି କାମ ସେତିକି କଷ୍ଟକର ହେବ । କେତେକ ଶବ୍ଦ ହୁଏ ଯାହା ସାଧାରଣ ଲୋକଙ୍କ କାନରେ ପଶେ ନାହିଁ, କିନ୍ତୁ ଜଣେ ଅନୁଭବ ଶକ୍ତି ସମ୍ପନ୍ନ ବ୍ୟକ୍ତି ପ୍ରତି ସେ ସବୁ ଯନ୍ତ୍ରଣାଦାୟକ ହୋଇଥାଏ । କେତେକ ରୋଗ ଅଛି, ଯାହା ସ୍ନାୟୁଗୁଡ଼ିକୁ ଅତ୍ୟଧିକ ଅନୁଭବାକ୍ତି ସମ୍ପନ୍ନ କରିଥାଏ । ଏହି ଅବସ୍ଥାରେ କୁକୁରଟାଏ ଭୁକିଲେ ମଧ ମଣିଷର ଦେହ ଥରିବାକୁ ଲାଗେ । ଏହାର ଉଦାହରଣ ଦେଖାଇ ଦିଏ ଆମର ସ୍ନାୟୁଗୁଡ଼ିକ କିପରି ତୀବ୍ର ଭାବେ ଅନୁଭବଶକ୍ତି ସମ୍ପନ୍ନ ହୋଇପାରନ୍ତି ।

ଗୂଢ଼ତତ୍ତ୍ୱ ଅଧ୍ୟାୟୀଙ୍କ ସ୍ନାୟୁଗୁଡ଼ିକ ରୁଗ୍ଣ ନୁହନ୍ତି । ତାହା ହୋଇଥିଲେ ସେ ତାଲିମ୍ ପାଆନ୍ତେ ନାହିଁ । କିନ୍ତୁ ସେ ଏକ ଟାଣି ହୋଇଥିବା ତାର ପରି, ସାମାନ୍ୟତମ ସ୍ପର୍ଶରେ ସ୍ପନ୍ଦିତ ହୁଅନ୍ତି । ତାଙ୍କର ସ୍ନାୟୁଗୁଡ଼ିକ ଏପରି ଅନୁଭବଶକ୍ତିକ୍ଷମ ହୋଇପଡ଼ନ୍ତି ଯେ ଚିଡ଼ଚିଡ଼ା ପଣ ବନ୍ଦ କରିବା ପାଇଁ ତାଙ୍କୁ ନିଜ ସଂକଳ୍ପ ଶକ୍ତିର ସବଳ ପ୍ରୟୋଗ କରିବାକୁ ପଡ଼ଇଥା, । ଏହିସବୁ ପରିସ୍ଥିତିରେ ଶରୀର ଉପରେ ଚାପ ଏତେ ବେଶି ହୋଇପଡ଼େ ଯେ, କେତେକ କ୍ଷେତ୍ରରେ, ଶ୍ରୀମତୀ ବ୍ଲାଭାଟସ୍କିଙ୍କ ଭଳି ତାହାକୁ ପ୍ରକାଶ କରିବା ଦେବା, ଅର୍ଥାତ୍ ଶରୀର ଯେପରି ଚାହେଁ ତାକୁ ସେପରି କରିବାକୁ ଦେବା ଅଧିକ ବିଜ୍ଞୋଚିତ ହୋଇଥାଏ । ତାହା ନ ହେଲେ ତାହା ସମ୍ପୂର୍ଣ୍ଣ ଛିନ୍ନଭିନ୍ନ ହୋଇଯିବ ।

ବ୍ଲାଭାଟସ୍କିଙ୍କର ଯେଉଁ କାମ କରିବାକୁ ଥିଲା, ତାହା ସକାଶେ ତାଙ୍କର ଶରୀର ଧରି ରଖିବା ଦରକାର ଥିଲା । ସୁତରାଂ ଛିନ୍ନଭିନ୍ନ ଅବସ୍ଥାକୁ ପହଞ୍ଚିବା ଭଳି କଷ୍ଟ ସେ ତାକୁ ଦେଇ ପାରୁନଥିଲେ । ତେବେ ତାଙ୍କର କଥା ଥିଲା ଏକ ବ୍ୟତିକ୍ରମ । ଯେଉଁ ଅଭୀପ୍ସୁ ଗୁରୁଦେବଙ୍କର ଶିକ୍ଷା ଅନୁସରଣ କରିବାକୁ ଚାହାନ୍ତି, ସେ ତାଙ୍କର ଏଇଠି କହିବା ଅନୁଯାୟୀ କାର୍ଯ୍ୟ କରିବାକୁ ହେବ ଏବଂ ନିଜର ସ୍ନାୟୁ ଉପରେ ନିୟନ୍ତ୍ରଣ ଲାଭ କରିବା ପାଇଁ ଯଥା ସାଧ୍ୟ କଠୋର ଚେଷ୍ଟା କରିବାକୁ ହେବ । ସେ ବାରମ୍ବାର ବିଫଳ ହୋଇପାରନ୍ତି । ସେଥିରେ କିଛି ଯାଏ ଆସେ ନାହିଁ । ଏହି ବିଷୟରେ ଗୁରୁଦେବଙ୍କର ଶେଷ ବାଣୀ ହେଉଛି, "ତୁମେ ତୁମର ଯଥାସାଧ୍ୟ କରିବାକୁ ହେବ ।" ସେ କେବଳ ସେତିକି ଚାହାନ୍ତି, ସୁତରାଂ ବିଫଳତା ଆପଣଙ୍କୁ ନିରୁତ୍ସାହିତ ନକରୁ, ନିଜର ଯଥାସାଧ୍ୟ କରି ଚାଲନ୍ତୁ ।

ସମୟେ ସମୟେ ମାତ୍ରାଧିକ ଧର୍ମଭୟ ଏବଂ ବିଚାର ହେତୁ ଅନୁରୂପ ଗୋଳମାଳିଆ ଅବସ୍ଥା ନିଜ ଭିତରେ ଉପୁଜେ ଏବଂ ସର୍ବାଧିକ ଆଗ୍ରହୀ ବିଦ୍ୟାର୍ଥୀ ମଧ୍ୟ ତାହା ଭିତରେ ପଡ଼ିଯାଏ । ଅଭୀପ୍ସୁମାନଙ୍କର ଦୁଇ ପ୍ରକାର ପ୍ରବଣତା ଥାଏ – ଗୋଟିଏ ହେଲା ଅସାବଧାନ ହେବା ଏବଂ ଦ୍ୱିତୀୟଟି ନିଜକୁ ଯନ୍ତ୍ରଣା ଦେବା । ଦ୍ୱିତୀୟ କ୍ଷେତ୍ରରେ ବିବେକ ଏପରି ଏକ ଅବସ୍ଥାରେ ପହଞ୍ଚେ, ଯେଉଁଥିରେ ଏହାର ଅବସ୍ଥା ଅତ୍ୟଧିକ ପ୍ରପୀଡ଼ିତ ସ୍ନାୟୁ ଭଳି ହୋଇଯାଏ । ଏହି ପ୍ରକାରେ ଛୋଟ ଛୋଟ ବିଫଳତା ନେଇ ଅତ୍ୟଧିକ ବ୍ୟସ୍ତ ହେବା ସର୍ବୋତ୍ତମ ପର୍ଯ୍ୟାୟ ଶିଷ୍ୟ କ୍ଷେତ୍ରରେ ମଧ୍ୟ ଅନେକ ସମୟରେ ଘଟିଥାଏ । ଏହି ପ୍ରକାର ଛୋଟ ଛୋଟ ବିଷୟ ନେଇ ଚିନ୍ତା କରି ବସନ୍ତୁ ନାହିଁ ଯାହା ବଡ଼ ହୋଇ ଶେଷରେ ଏକ ଗୁରୁତର ଅପରାଧର ରୂପ ନେବ । ଏହି ଦୁଇ ଚରମ ଅବସ୍ଥା ମଝିରେ ନିଜର ପନ୍ଥା ତିଆରି କରନ୍ତୁ । ପ୍ରଥମତଃ ଘଟଣା ପୂର୍ବରୁ ଆପଣ ଅତ୍ୟଧିକ ଧର୍ମଭୀରୁ ହୋଇ ପାରିବେ ନାହିଁ । ଦ୍ୱିତୀୟତଃ ପରବର୍ତ୍ତୀ କାଳରେ ଦରକାର ପଡ଼ିଲେ ଆପଣ ସହଜରେ ନିଜକୁ ଅତ୍ୟଧିକ ଅସୁଖୀ କରିପାରିବେ । ନିଜର ଦୋଷ ଏବଂ ବିଫଳତା ଚିନ୍ତା କରି ବସନ୍ତୁ ନାହିଁ । କେବଳ ଭାବି ଦେଖନ୍ତୁ କେଉଁ କାରଣରୁ ଆପଣ ବିଫଳ ହେଲେ ଏବଂ ତା'ପରେ ପୁଣି ଚେଷ୍ଟା କରନ୍ତୁ । ସେପରି କଲେ ଯେଉଁ ପ୍ରବୃତ୍ତି ଫଳରେ ଆପଣ ସେଆଡ଼କୁ ଟାଣି ହୋଇ ଯାଇଥିଲେ, ସେଗୁଡ଼ିକୁ ଆଉ ପୁଷ୍ଟ କରି ନଷ୍ଟ କରିଦେବେ । କିନ୍ତୁ କେବଳ ଚିନ୍ତା କରି ବସିଲେ ସେଗୁଡ଼ିକୁ ନୂତନ ଶକ୍ତି ମିଳିଥାଏ ।

**ଲେଡ୍‌ବିଟର** – ସ୍ଥୂଳ ଶରୀର ଉପରେ ସଂକଳ୍ପ ଶକ୍ତିର ସର୍ବନିମ୍ନ କ୍ଷମତା କାର୍ଯ୍ୟକରେ । ଲୋକେ କହନ୍ତି, ହଁ, ସ୍ଥୂଳ ଶରୀରରେ ଆପଣ କିଛି କରିବାକୁ

ଶିଖନ୍ତି । ଆପଣ ନିଜର ଭାବାବେଗକୁ ମଧ୍ୟ ନିୟନ୍ତ୍ରଣ କରି ପାରିବେ, କିନ୍ତୁ ଆପଣଙ୍କର ଚିନ୍ତାକୁ ନିୟନ୍ତ୍ରଣ କରିବା ଅଧିକ କଷ୍ଟକର । ମୁଁ ଜାଣେ ଲୋକେ ସାଧାରଣତଃ ଭାବନ୍ତି ଯେ ଏହା ସର୍ବାପେକ୍ଷା କଷ୍ଟକର । ଗୋଟିଏ ଦୃଷ୍ଟିରୁ ତାହା ଠିକ୍, କାରଣ ମାନସ ପଦାର୍ଥ ହେଉଛି ସୂକ୍ଷ୍ମତର ଏବଂ ଅଧିକ ସକ୍ରିୟ । ଗତି ଏବଂ ଉଦ୍ୟମ ଦିଗରେ ଅଧିକ ନିୟନ୍ତ୍ରଣ କରିବାକୁ ହେବ । ଅନ୍ୟ ପକ୍ଷରେ ମାନସ ଶରୀର ଅନ୍ତରସ୍ଥ ଜୀବାତ୍ମାର ଅଧିକ ନିକଟତର ଏବଂ ସେହି ହେତୁ ତାହା ଜୀବାତ୍ମାର ଅଧିକତର ନିୟନ୍ତ୍ରଣରେ ରହିଛି । ଜୀବାତ୍ମାର ଅଧିକ ଶକ୍ତି ରହିଛି ଯାହା ଫଳରେ ସେ ମାନସିକ ପଦାର୍ଥକୁ ନିମ୍ନସ୍ଥ ସ୍ଥୂଳ ସ୍ତର ତୁଳନାରେ ଅଧିକ ଆୟତ୍ତ କରି ବ୍ୟବହାର କରି ପାରିବ । ଆହୁରି ମଧ୍ୟ ସ୍ଥୂଳ ପଦାର୍ଥ କମ୍ ପ୍ରତ୍ୟୁତ୍ତରକ୍ଷମ । ଲୋକେ ଭାବନ୍ତି ଏହା ଅପେକ୍ଷାକୃତ ସହଜ । କାରଣ ସ୍ଥୂଳ ଶରୀରକୁ ନିୟନ୍ତ୍ରଣ କରିବାରେ ସେମାନଙ୍କର ଅଭ୍ୟାସ ରହିଛି, ମାନସ ଶରୀରକୁ ନୁହେଁ ।

ଅନେକ ସମୟରେ କୁହାଯାଏ ଯେ ସ୍ଥୂଳ ସ୍ତରରେ ଆପଣ ଯନ୍ତ୍ରଣାକୁ ନିୟନ୍ତ୍ରଣ କରି ପାରିବେ, କିନ୍ତୁ ମାନସିକ ଯନ୍ତ୍ରଣାକୁ ଏଡ଼ାଇ ଦେଇ ପାରିବେ ନାହିଁ । ବାସ୍ତବ ପକ୍ଷେ କଥାଟା ଏହାର ଠିକ୍ ବିପରୀତ । ମାନସିକ ବା ଭାବୋବେଗଗତ ଯନ୍ତ୍ରଣା ବନ୍ଦ ହୋଇଯାଏ ଯଦି ମଣିଷ ତାକୁ ବୁଝିପାରି ନିଜଠାରୁ କେବଳ ଅଲଗା କରିଦେବ । କିନ୍ତୁ ସ୍ଥୂଳ ଶରୀରର କଠୋର ଯନ୍ତ୍ରଣାକୁ ଏଡ଼ାଇ ଦେବା ସର୍ବାପେକ୍ଷା କଷ୍ଟକର, ଯଦିଓ ଏହା ବହୁ ପରିମାଣରେ କମାଇ ଦିଆଯାଇପାରେ, ସେଥିରୁ ମାନସିକ ଉପାଦାନକୁ ଆଡ଼େଇ ଦେଇ । ଖ୍ରୀଷ୍ଟିଆନ୍ ବିଜ୍ଞାନୀ କୌଣସି ଯନ୍ତ୍ରଣା ନାହିଁ ବୋଲି ଘୋଷଣା କରି ସେଇଆ କରିଥାନ୍ତି । ସେ କେବଳ ଏହାର ସ୍ଥୂଳ ଦିଗଟିକୁ ଛାଡ଼ି ଦିଅନ୍ତି ଏବଂ ତାହା ଅପେକ୍ଷାକୃତ କମ୍ ।

ଆମେ ମନକୁ ନିୟନ୍ତ୍ରଣ କରିବାକୁ ଶିଖିବା ଉଚିତ ଯାହା ଫଳରେ ସ୍ଥୂଳ ଯନ୍ତ୍ରଣାର ମାନସିକ ଅଂଶଟି ଦୂରୀଭୂତ ହେବ । କାରଣ ଗୁରୁମାନଙ୍କର ଶିଷ୍ୟ ରୂପେ ଆମେ ନିଜକୁ ଅଧିକ ଅନୁଭବଶକ୍ତିସମ୍ପନ୍ନ କରିବା ଉଚିତ । ତାହା ହେଲେ ମଦ ପିଉଥିବା, ତମାଖୁ ସେବନ କରୁଥିବା ଏବଂ ମାଂସ ଖାଉଥିବା ଲୋକ ପାଖରେ ବସିବା ଯନ୍ତ୍ରଣାଦାୟକ ହେବ । ସହର ଭିତରେ ବ୍ୟବସାୟ ଅଞ୍ଚଳରେ ସବୁ ପ୍ରକାର ଅଦ୍ଭୁତ ଶବ୍ଦର ପ୍ରଚଣ୍ଡ ଗର୍ଜନ ମଧ୍ୟ ଦେଇ ଯିବାଟା ହେବ ନିଶ୍ଚିତ ଭାବେ ଯନ୍ତ୍ରଣା ଦାୟକ । ସେସବୁ ସ୍ଥୂଳ ଶରୀର ମଧ୍ୟ ଦେଇ ଯାଇ ତାକୁ ଥରାଇ ଦିଏ । କିନ୍ତୁ ଯଦି ଜଣେ ସେ ବିଷୟରେ ଭାବେ, ପରିଣତି ଅଧିକ ଖରାପ ହୋଇପଡ଼େ । କିନ୍ତୁ ଯଦି ତାହା ପ୍ରତି ଆଦୌ ଦୃଷ୍ଟି ଦିଆନଯାଏ, ମଣିଷ ଅନ୍ତତଃ ତାହା କମ୍ ଅନୁଭବ

କରେ । ଯେଉଁ ଶିଷ୍ୟ ଉଚ୍ଚତର ସ୍ତରମାନଙ୍କରେ ପହଞ୍ଚିବାକୁ ଚାହାନ୍ତି, ସେ ସେହି ମାନସିକ ଅଂଶଟିକୁ ଆଡ଼େଇ ନେବାକୁ ଶିଖିବା ଉଚତ ହେବ । ସେ ତା ଭିତରକୁ କୌଣସି ଚିନ୍ତା ଆଣିବେ ନାହିଁ, ଯାହା ତାକୁ ଦଳବଉର କରିବ ।

ଯେଉଁମାନେ ଧ୍ୟାନ ଅଭ୍ୟାସ କରନ୍ତି, ସେମାନେ ଦେଖିବେ ଯେ ସେମାନେ ଧ୍ୟାନ କରୁନଥିବା ଲୋକଙ୍କ ଅପେକ୍ଷା ଅଧିକ ଅନୁଭବଶକ୍ତିସମ୍ପନ୍ନ । ସେହି ହେତୁ ସ୍ଥୂଳ ଶରୀର ଉପରେ ଚାପ ବେଳେବେଳେ ଖୁବ୍ ବେ ହୋଇପଡ଼େ । ସେଥିପାଇଁ ଏକ ଗୁରୁତ୍ୱପୂର୍ଣ କାରଣ ନିଶ୍ଚିତ ଭାବେ ରହିଥିଲା । କାରଣ ତାଙ୍କର ଏକ ଦୁର୍ଭାଗ୍ୟଜନକ ସ୍ଥୂଳ ଶରୀର ରହିଥିଲା । ସମ୍ଭବତଃ ତାଙ୍କର ଘଣ୍ଟାଏ ସମୟ ମଧ୍ୟ ଯାଉ ନ ଥିଲା, ଯାହା ଭିତରେ ସେ ସ୍ଥୂଳ ଶରୀରରେ ତୀବ୍ର ଯନ୍ତ୍ରଣା ଅନୁଭବ କରୁନଥିଲେ । ତାଙ୍କର ଶରୀର ଥିଲା ଜରାଗ୍ରସ୍ତ, ଦୁର୍ବଳ ଏବଂ ଜରାଜୀର୍ଣ୍ଣ । କିନ୍ତୁ ସେ କରୁଥିବା ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ସେହି ଗୋଟିକ ମାତ୍ର ଶରୀର ରହିଥିଲା । ସେ ସେହି ଶରୀରଟିକୁ ଧରି ରଖିବାକୁ ବାଧ୍ୟ ହୋଇଥିଲେ । ସେ ତାକୁ ଫୋପାଡ଼ି ଦେଇପାରିନଥିଲେ, ଯେମିତି ଆମେ ହୁଏତ କରିଥାନ୍ତୁ । ସେଇଆ କରିବାକୁ ତାଙ୍କୁ ଏକ ସୁଯୋଗ ଦିଆଯାଇଥିଲା । କିନ୍ତୁ ସେ କହିଲେ, "ନା, ମୁଁ ଏହାକୁ ଧରି ରଖିଥିବି, 'ସିକ୍ରେଟ୍ ଡକ୍‌ଟ୍ରିନ୍' ଲେଖା ଶେଷ କରିବା ପର୍ଯ୍ୟନ୍ତ" । ଯେଉଁ କାମରେ ସେ ଲାଗି ପଡ଼ିଥିଲେ । ତାର ଅର୍ଥ ହେଉଛି ଯେ ସ୍ଥୂଳ ଶରୀର ଉପରେ ସେତେବେଳେ ପ୍ରଚଣ୍ଡ ଚାପ ପଡୁଥିଲା ଏବଂ ବେଳେବେଳେ ସେଥିରୁ ଅବ୍ୟାହତି ପାଇବା ପାଇଁ ସେ ତାକୁ ଛାଡ଼ି ଦେଉଥିଲେ ତାର ପସନ୍ଦ ଅନୁଯାୟୀ କରିବାକୁ । ଅବଶ୍ୟ, ବହୁ ଲୋକେ ଏହା ବୁଝି ନ ଥିଲେ । କିନ୍ତୁ ତାଙ୍କ ଚାରି ପାଖରେ ଥିବା ଆମେମାନେ ଜାଣି ପାରିଥିଲୁ ଯେ ସେ ସବୁ ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

ତାର ବହୁତ ଅଦ୍ଭୁତ ଉଦାହରଣ ଆମେ ପାଇଛୁ । ଉଦାହରଣ ସ୍ୱରୂପ, ସେ ପ୍ରଚଣ୍ଡ ଗାଳି ବର୍ଷା କରି ଲାଗିଥିବେ, ହୁଏତ କୌଣସି ଛୋଟ ଘଟଣାରେ ସମ୍ପୂର୍ଣ୍ଣ କ୍ରୋଧାନ୍ୱିତ ହୋଇ । କିନ୍ତୁ ନ ଜାଣିଥିବା ଅପେକ୍ଷାକୃତ ନୂଆଲୋକେ ଭୟରେ ତାଙ୍କ ନିକଟରୁ ଅପସରି ଯିବାବେଳେ ଆମେ ଦେଖିଲୁ ଯେ ସେହି ଉତ୍ତେଜନା ମଝିରେ କେହି ଜଣେ ହଠାତ୍ ଏକ ଦାର୍ଶନିକ ପ୍ରଶ୍ନ ପଚାରି ଦେଲା । ବାସ୍, ସବୁ ଜିନିଷ ଖସିପଡ଼ିଲା, ଯେମିତି କଇଁଚିରେ ଆପଣ ଖଣ୍ଡିଏ ସୂତାକୁ କାଟି ଦେବାପରି ତାହା କଟିଗଲା । ସେହି କ୍ରୋଧ ସଙ୍ଗେ ସଙ୍ଗେ ଉଭେଇଗଲା ଏବଂ ସେ ସେଇ ପ୍ରଶ୍ନର ଉତ୍ତର ଦେଇ ଲାଗିଲେ । ସାଧାରଣ କ୍ରୋଧରେ ମଧ୍ୟ କୌଣସି ବ୍ୟକ୍ତି ସେହିପରି କରିପାରିନଥାନ୍ତା । ଅନେକ ଲୋକେ ତାଙ୍କୁ ଭୁଲ୍ ବୁଝି ଫେରି ଯାଇଛନ୍ତି ।

କିନ୍ତୁ ମୁଁ ଭଲ ଭାବେ ଜାଣେ ସମୟେ ସମୟେ ସେ ଶରୀରକୁ ସେପରି କରିବାକୁ ଛାଡ଼ି ଦିଅନ୍ତି, ତା ନ ହେଲେ ତାହା ଛିନ୍ନଭିନ୍ନ ହୋଇଯାନ୍ତା ।

**ଶାନ୍ତ ମନର ଅର୍ଥ ହେଉଛି ମଧ୍ୟ ସାହସ, ଯାହା ଫଳରେ ତୁମେ ନିର୍ଭୟରେ ଏହି ପଥରେ ପରୀକ୍ଷା ଏବଂ ଅସୁବିଧାଗୁଡ଼ିକର ସମ୍ମୁଖୀନ ହୋପାରିବ ।**

**ଆନି ବେସାନ୍ତ –** ସାହସ ଏକ ଗୁଣ ଯାହା ଉପରେ ହିନ୍ଦୁ ଧର୍ମରେ ଅତିଶୟ ଜୋର୍ ଦିଆଯାଇଛି । ଏହାର ମୂଳ ରହିଛି ଏକାତ୍ମବୋଧ ଭିତରେ । ପ୍ରଶ୍ନ କରାଯାଇଛି "ଯେ ଆତ୍ମ ଦର୍ଶନ କରିଛି, ତାର ଭୟ କ'ଣ ଏବଂ ଭ୍ରାନ୍ତି କ'ଣ ?" କୁହାଯାଇଛି "ନିର୍ଭୟ ବ୍ରହ୍ମ" । *'ଇନ୍ ଦି ଆଉଟର୍ କୋର୍ଟ୍'*ରେ ମୁଁ ବିଦ୍ୟାର୍ଥୀମାନଙ୍କୁ ଆଦର୍ଶ ଚରିତ୍ର ଉପରେ ଧ୍ୟାନ କରିବାକୁ ସୁପାରିଶ କରିଥିଲି ଏବଂ ଗୀତାର ଷୋଡ଼ଶ ଅଧ୍ୟାୟର ପ୍ରାରମ୍ଭରେ ଶ୍ରୀକୃଷ୍ଣ ଦେଇଥିବା ଗୁଣଗୁଡ଼ିକର ତାଲିକା ବ୍ୟବହାର କରିଥିଲି । ସେ ଯେଉଁ ପ୍ରଥମ ଗୁଣଟି କହିଥିଲେ, ତାହା ହେଉଛି "ଅଭୟଂ" – ନିର୍ଭୀକତା ବା ସାହସ ।

ସାହସ ଏହି ଉପଲବ୍ଧିରୁ ଜାତ ହୁଏ ଯେ ଆପଣ ହେଉଛନ୍ତି ଅନ୍ତରସ୍ଥ ଦିବ୍ୟ ଆତ୍ମା ଏବଂ ନିଜର ବାହ୍ୟ ଶରୀରଗୁଡ଼ିକ ନୁହନ୍ତି, ଯେଉଁଗୁଡ଼ିକ ଆପଣଙ୍କର ଅଂଶ ମାତ୍ର । ତାହା କେବଳ ଆଘାତ ପାଇପାରେ । ଲୋକଙ୍କ ଭିତରେ ଥିବା କ୍ଷମତାର ପାର୍ଥକ୍ୟ ଅନ୍ତରାତ୍ମା ବିକାଶ କରିଥିବା ଶକ୍ତିର ପରିମାଣରୁ ଜାତ ହୋଇଥାଏ । ମୁଖ୍ୟତଃ ଆମେମାନେ ସମଭାବେ ଶକ୍ତିଶାଳୀ, କିନ୍ତୁ କ୍ରମ ବିକାଶର ବିଭିନ୍ନ ପର୍ଯ୍ୟାୟ ରହିଅଛି । ଆପଣ ଯେତେବେଳେ ଉପଲବ୍ଧି କରନ୍ତି ଯେ ଆପଣ ନିଜେ ଦିବ୍ୟାତ୍ମା, ଆପଣ ଜାଣନ୍ତି ଯେ ଆପଣଙ୍କର ଦୁର୍ବଳତା ବା କ୍ଷମତା ଆପଣଙ୍କ ଅନ୍ତରସ୍ଥ ଆତ୍ମାର ବିକଶିତ ଶକ୍ତିର ପରିମାଣ ଉପରେ ନିର୍ଭର କରେ । ସୁତରାଂ ଭୟ ଅନୁଭବ କରିବାବେଳେ ଆପଣଙ୍କର ଆଶ୍ରୟ ହେଉଛି ଅନ୍ତରସ୍ଥ କ୍ଷମତାକୁ ଆହ୍ୱାନ କରିବା ।

ଆତ୍ମାରୂପେ ନିଜକୁ ଉପଲବ୍ଧି କରିବା କଥା ଆପଣଙ୍କ ଧ୍ୟାନ ଜରିଆରେ ଆପଣଙ୍କ ପାଖକୁ ଆସିବା ଉଚିତ । ଯେଉଁମାନେ ପ୍ରଭାତରେ ଧ୍ୟାନ କରନ୍ତି, ସେମାନେ ଆତ୍ମାକୁ ଉପଲବ୍ଧି କରିବା ଉଦ୍ୟମ ସେଥିରେ ଅନ୍ତର୍ଭୁକ୍ତ କରିବା ଉଚିତ । ସେହି ଉଦ୍ୟମରୁ ସେମାନେ ଯେଉଁ ଶକ୍ତି ପାଇବେ, ସେଥିରୁ କିଛି ତାଙ୍କ ସହିତ ସାରା ଦିନ ରହିବା ଆବଶ୍ୟକ । ତାହା ସେମାନଙ୍କୁ ସାହସ ଦେବାରେ ସାହାଯ୍ୟ କରିବ, ଯେଉଁ ସାହସ ଏହି ଆଧ୍ୟାତ୍ମିକ ପଥରେ ପ୍ରଗତି ପାଇଁ ଦରକାରୀ । ଏଥିରେ

ବହୁ ଅସୁବିଧା ରହିଛି ଏବଂ ସେଗୁଡ଼ିକର ସମ୍ମୁଖୀନ ହୋଇ ସେଗୁଡ଼ିକ ଉପରେ ଜୟ ଲାଭ କରିବାକୁ ଦରକାର ଧୈର୍ଯ୍ୟ ଏବଂ ସହିଷ୍ଣୁତା । ଏହି ଗୁଣଗୁଡ଼ିକ ସାହସର ବିଭିନ୍ନ ରୂପ । ଏହି ପଥରେ ବିଷୟଗୁଡ଼ିକରେ ରହିଛି ନୂତନତା ଯାହା ଦରକାର କରେ ସାହସ । ଆତ୍ମ ଉପଲବ୍ଧି ବ୍ୟତୀତ ମୁଁ ଅନ୍ୟ କୌଣସି ପନ୍ଥା ଯଦ୍ୱାରା ଏହି ଗୁଣ ହାସଲ କରାଯାଇପାରିବ ।

**ଲେଡ୍‌ବିଟର୍** – ସବୁ ପ୍ରକାର ଗୂଢ଼ତାତ୍ତ୍ୱିକ ପ୍ରଶିକ୍ଷଣ ପଦ୍ଧତିରେ ସାହସର ଆବଶ୍ୟକତା ଉପରେ ଅଧିକ ଜୋର୍ ଦିଆଯାଇଛି । ଯଦି ଜଣେ ଏହି ପଥରେ ପ୍ରବେଶ କରେ, ତେବେ ତାହାକୁ ମିଥ୍ୟା ପ୍ରଚାର, କୁତ୍ସା ଏବଂ ଭୁଲ୍ ବୁଝାମଣାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଯେଉଁମାନେ ନିଜ ସାଥୀମାନଙ୍କଠାରୁ ନିଜକୁ ଉପରକୁ ଉଠାଇବାକୁ ଚେଷ୍ଟା କରନ୍ତି, ସେମାନଙ୍କର ସର୍ବଦା ଏହି ପ୍ରକାର ଅବସ୍ଥା ହୋଇଥାଏ । ନୈତିକ ବଳ ଆବଶ୍ୟକ ତାର ସମ୍ମୁଖୀନ ହେବା ପାଇଁ ଏବଂ ମଣିଷ ନିଜର ସ୍ଥିତି ରକ୍ଷା କରି ନିଜେ ଯାହା ଠିକ୍ ବୋଲି ମନେ କରେ ତାହା କରିବା ପାଇଁ । ଚାରି ପାଖର ଲୋକେ ଯାହା ଭାବନ୍ତୁ, କହନ୍ତୁ ବା କରନ୍ତୁ ନା କାହିଁକି । ନୈତିକ ବଳ ଦରକାର ଏହି ବହିରେ ଲେଖା ଥିବା ଉପଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଏବଂ ଦରକାର ପ୍ରଚୁର ଧୈର୍ଯ୍ୟ ଏବଂ ଦୃଢ଼ ସଂକଳ୍ପ ।

ପ୍ରକୃତ ସ୍ଥୂଳ ସାହସ ମଧ୍ୟ ଆବଶ୍ୟକ । ଏହି ଆଧ୍ୟାତ୍ମିକ ପଥରେ ବହୁ ବିପଦ ଏବଂ କଷ୍ଟ ରହିଅଛି । ସେଗୁଡ଼ିକ କୌଣସି ମତେ ପ୍ରତୀକ ରୂପରେ ନୁହେଁ ବା କେବଳ ଉଚ୍ଚତର ସ୍ତରରେ ନୁହେଁ । ଆମର ପ୍ରଗତି ପଥରେ ଆମର ସାହସ ଏବଂ ଧୈର୍ଯ୍ୟର ପରୀକ୍ଷା ନିଶ୍ଚିତ ଭାବେ ଆସିଥାଏ ଏବଂ ଆମେ ସେଥିପାଇଁ ପ୍ରସ୍ତୁତ ହେବା ଆବଶ୍ୟକ । ଯେ କାତର ହୃଦୟ ସେ ଏହି ପଥରେ ପ୍ରଗତି କରି ପାରିବ ନାହିଁ । ଏଥିପାଇଁ କେବଳ ସାଧୁତା ନୁହେଁ ବରଂ ଚାରିତ୍ରିକ ଶକ୍ତି ମଧ୍ୟ ଦରକାର, ଯାହା ଅନଭ୍ୟସ୍ତ ବା ଭୟାନକ ପରିସ୍ଥିତିରେ ଅଟଳ ରହିପାରିବ ।

ମୁଁ ଇଂଲାଣ୍ଡରେ ଏକ ଗୁପ୍ତ ସଂସ୍ଥାକୁ ଜାଣେ ଯାହାର ସଭ୍ୟମାନେ ବହୁ ସପ୍ତାହ ଧରି ବିଭିନ୍ନ ପ୍ରକାର ମନ୍ତ୍ରୋଚ୍ଚାରଣ କରି କେତେକ ପ୍ରକାର ଭୂତଙ୍କୁ ଜାଗ୍ରତ କରିବାକୁ ଚେଷ୍ଟା କଲେ ଏବଂ ଅବଶେଷରେ ସେମାନେ କିଛି ଗୋଟାଏ ଜାଗ୍ରତ କଲେ । କିନ୍ତୁ କେହି ହେଲେ ଯଥେଷ୍ଟ ସମୟ ରହିଲେ ନାହିଁ ଦେଖିବାକୁ ସେହି ଗୋଟାକ କ'ଣ ? ସେହିପରି, ଲୋକେ ଚେଷ୍ଟା କରନ୍ତି ଉଚ୍ଚତର ସ୍ତରମାନଙ୍କରେ କେତେକ ସଫଳତା ପାଇବା ସକାଶେ । କିନ୍ତୁ ଯେତେବେଳେ ସେମାନେ ସେ ସବୁ ପାଆନ୍ତି, ସେମାନେ ଭୟଭୀତ ହୋଇପଡ଼ନ୍ତି ।

ମଣିଷ ଯେତେବେଳେ ସଂଜ୍ଞାନରେ ପ୍ରଥମଥର ପାଇଁ ତାର ଶରୀରର ବାହାରକୁ ଚାଲିଯାଏ, ସେ ଟିକିଏ ଡରି ଯାଇପାରେ ଏବଂ କ୍ଷଣକ ପାଇଁ ଭାବିପାରେ ସେ ଆଉ ଥରେ ତାର ଶରୀରକୁ ଫେରି ପାରିବ କି ନାହିଁ । ତାର ବୁଝିବା ଆବଶ୍ୟକ ଯେ ସେ ଫେରି ପାରୁ ବା ନ ପାରୁ, ସେଥିରେ ବିଶେଷ ଯାଏ ଆସେ ନାହିଁ । ସେ କେତେକ ସୀମିତତା ସହିତ ଅଭ୍ୟସ୍ତ ଏବଂ ଯେତେବେଳେ ସେଗୁଡ଼ିକ ହଠାତ୍ ଖସିପଡ଼େ, ସେ ଭାବିବା ଖୁବ୍ ସମ୍ଭବ ଯେ ତାର ଠିଆ ହେବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଭୂମି ନାହିଁ । ଆମେ ଯେତେବେଳେ ଆହୁରି ଆଗକୁ ଯିବା, ଆମେ ଦେଖିବା ଯେ ସାହସ – ସାଧାରଣ ସିଧାସଳଖ ନିର୍ଭୀକତା – ଗୋଟାଏ ଜିନିଷ ଯାହା ଅତିଶୟ ଆବଶ୍ୟକ । ସବୁ ପ୍ରକାର ଶକ୍ତିର ସମ୍ମୁଖୀନ ହେବାକୁ ପଡ଼ିବ; ଏହା ପିଲାଖେଳ ନୁହେଁ ।

ଆମେ ଯେତେବେଳେ ଉପଲବ୍ଧି କରୁ ଏବଂ ମନେ ପକାଉ ଯେ ଆମେ ଈଶ୍ୱରଙ୍କ ସହିତ ଏକ, ଆମେ କୌଣସି ବିଷୟକୁ ଭୟ କରୁ ନାହିଁ । କିନ୍ତୁ ସମୟେ ସମୟେ ଯେତେବେଳେ ହଠାତ୍ ବିପଦ ଦେଖାଦିଏ, ଲୋକେ ତାହା ଭୁଲିଯାନ୍ତି ଏବଂ ପଛେଇ ଯାଆନ୍ତି । ଅନ୍ତରାତ୍ମା କୌଣସି ସାମୟିକ ବିଷୟ ଦ୍ୱାରା ଆଦୌ ପ୍ରଭାବିତ ହୁଏ ନାହିଁ ଏବଂ ସମ୍ପୂର୍ଣ୍ଣ ଅକ୍ଷତ ହୋଇ ରହିଥାଏ । ସୁତରାଂ ଆମେ ଯଦି ଉପଲବ୍ଧି କରି ପାରୁ ଯେ ଆମେ ସେହି ଆତ୍ମା, ବାହ୍ୟଶରୀରଗୁଡ଼ିକ ନୋହୁଁ, ଆମର କୌଣସି ଭୟ ରହିବ ନାହିଁ । ଯଦି କେବେ କୌଣସି ପ୍ରକାର ଭୟ ଅନୁଭବ କରାଯାଏ, ତାହାହେଲେ ଯାହା କରଣୀୟ ତାହା ହେଉଛି ନିଜ ଭିତରକୁ ଅଧିକ ଶକ୍ତିକୁ ଆହ୍ୱାନ କରିବା – ବାହାରୁ କାହାରିଠାରୁ ସାହାଯ୍ୟ ପାଇଁ ନିବେଦନ କରିବା ନୁହେଁ । ଏହି ବିଷୟରେ ଖ୍ରୀଷ୍ଟିୟାନ୍ ଧର୍ମର ସାଧାରଣ ଉପଦେଶ ଅତିଶୟ ଦୁର୍ଭାଗ୍ୟଜନକ । ସେମାନେ ସର୍ବଦା ଲୋକମାନଙ୍କୁ କହନ୍ତି ପ୍ରାର୍ଥନାରେ ଆଶ୍ରୟ ନେବା ପାଇଁ, ଯାହାର ଆକ୍ଷରିକ ଅର୍ଥ ହେଉଛି ମାଗିବା ଏବଂ ତାହା ଅଭୀପ୍ସାର ଉଚ୍ଚତମ ଅଭିବ୍ୟକ୍ତି ପ୍ରତି ପ୍ରଯୁଜ୍ୟ ନୁହେଁ, ଯେମିତି ତାହା ଅନେକ ସମୟରେ କରାଯାଇଥାଏ ।

ଇଂରାଜୀରେ 'ପ୍ରେୟାର' (ପ୍ରାର୍ଥନା) ଶବ୍ଦଟି ଆସିଛି ଲାଟିନ୍ 'ପ୍ରେକାରି'ରୁ – ଯାହାର ଅର୍ଥ ହେଉଚି ମାଗିବା – ତାହା ଛଡ଼ା ଅନ୍ୟ କିଛି ନୁହେଁ । ଆମେ ଯଦି ଭାବୁ ଯେ ଈଶ୍ୱର ହେଉଛନ୍ତି ମଙ୍ଗଳମୟ, ଆମେ ଭଗବାନ ବୁଦ୍ଧଙ୍କ ଉପଦେଶ ଅନୁସରଣ କରିବା ଉଚିତ୍ : "ଅଭିଯୋଗ କର ନାହିଁ, କାନ୍ଦ ନାହିଁ ଏବଂ ପ୍ରାର୍ଥନା କର ନାହିଁ, ବରଂ ତୁମର ଆଖି ଖୋଲ ଏବଂ ଦେଖ । ତୁମେ କେବଳ ଯଦି ତୁମର ଆଖିରୁ ପଟି ଖୋଲି ଦେଖିବ, ତୁମ ଚାରି ପାଖରେ ଘେରି ରହିଛି ଆଲୋକ ଏବଂ ଏହା ଅତି ଅଦ୍ଭୁତ, ଅତି ସୁନ୍ଦର, ମନୁଷ୍ୟର ସମସ୍ତ ଚିନ୍ତା ଏବଂ ପ୍ରାର୍ଥନାରେ ଅତୀତ, ଚିରନ୍ତନ ।"

ମୁଁ ଜାଣେ ବହୁ ଲୋକଙ୍କର ଗୁରୁଦେବଙ୍କୁ ଡାକିବାର ଅଭ୍ୟାସ ରହିଛି ସାହାଯ୍ୟ ପାଇଁ, ଯେତେବେଳେ ସେମାନେ ନିଜେ ଅସୁବିଧାରେ ପଡ଼ନ୍ତି । ଆମେ ନିଶ୍ଚିତ ହୋଇ ପାରୁ ଯେ ଗୁରୁଦେବଙ୍କର ଚିନ୍ତା ସର୍ବଦା ଆମ ପାଖେ ରହିଛି ଏବଂ ନିଶ୍ଚିତ ଭାବେ ଆମେ ତାଙ୍କ ପାଖରେ ପହଞ୍ଚି ପାରିବା । କିନ୍ତୁ ଯେଉଁ କାର୍ଯ୍ୟ ଆମେ ନିଜେ କରି ପାରିବା ଉଚିତ, ସେଥିପାଇଁ ଆମେ ତାଙ୍କୁ କଷ୍ଟ ଦେବା କାହିଁକି ? ଏ କଥା ସତ ଯେ ଆମେ ଯଦି ଚାହୁଁ, ଆମେ ତାଙ୍କୁ ଡାକି ପାରିବା । କିନ୍ତୁ ନିଶ୍ଚିତ ଭାବେ ଆମେ ଯଦି ଅନ୍ତରସ୍ଥ ଈଶ୍ୱରଙ୍କୁ ଡାକି ପାରିବା ଏବଂ ଅଧିକ କିଛି ଆଣି ପାରିବା, ତେବେ ଏହା ଫଳରେ ସାହାଯ୍ୟ ପାଇଁ ଗୁରୁଦେବଙ୍କୁ କ୍ଷୀଣ ଭାବେ ଡାକିବା ତୁଳନାରେ ଆମେ ଗୁରୁଦେବଙ୍କର ଅଧିକ ନିକଟବର୍ତ୍ତୀ ହୋଇପାରିବା । ମଣିଷର ସେହି ଅଧିକାରକୁ କେହି ପ୍ରଶ୍ନ କରୁନାହିଁ; କିନ୍ତୁ ଗୁରୁଦେବ କିପରି ପୃଥିବୀ ପାଇଁ ସର୍ବଦା କାର୍ଯ୍ୟବ୍ୟସ୍ତ ତାହା ଜାଣିବା ପରେ, ଆମେ ନିଶ୍ଚିତ ଭାବେ ତାଙ୍କୁ ଡାକିବାକୁ ଇଚ୍ଛା କରିବା ଉଚିତ ହେବ ନାହିଁ । ଯେତେବେଳେ ଅନ୍ୟ କୌଣସି ପ୍ରକାର ସମ୍ଭବ ଉପାୟ ଆମ ପାଖରେ ଅଛି, ଯଦ୍ୱାରା ଆମେ ନିଜେ ସେହି କାମଟି କୌଣସି ମତେ କରିପାରିବା, ତାହା କରିବାରେ ବିଫଳ ହେବା ଅର୍ଥ ବିଶ୍ୱାସରେ ବିଫଳତା । ଏହା କେବଳ ଆମ ପ୍ରତି ନୁହେଁ, ଦିବ୍ୟଶକ୍ତି ପ୍ରତି ମଧ୍ୟ ବିଶ୍ୱାସର ଅଭାବ ।

ଧ୍ୟାନ ଅଭ୍ୟାସ ପାଇଁ ମଧ୍ୟ ମଣିଷ ନିଜକୁ ପ୍ରସ୍ତୁତ କରିବା ଉଚିତ, ଜରୁରୀ ଅବସ୍ଥାର ସମ୍ମୁଖୀନ ହେବା ପାଇଁ । ଯେପରି ତଦ୍ୱାରା ସେ ଅସ୍ତବ୍ୟସ୍ତ ହେବ ନାହିଁ । ଯେଉଁମାନେ ଆନ୍ତରୀଣ ନିୟମଗୁଡ଼ିକ ବୁଝି ପାରିଛନ୍ତି, ସେମାନେ, ଯାହା ଘଟିଯାଉ ପଛେ, ଶାନ୍ତ ଏବଂ ସ୍ଥିର ରହିବା ଉଚିତ । ସେମାନେ ବୁଝିବା ଉଚିତ ଯେ ସେହିପରି ରହିବା ହେଉଛି ପ୍ରକୃତ ପ୍ରଗତି କରିବା ପାଇଁ ଏକ ଦରକାରୀ ସର୍ତ୍ତ, ଏବଂ ଅସମ୍ଭାଳ ଭାବାବେଗର ବିସ୍ଫୋରଣ ଫଳରେ ଯେଉଁ ମର୍ମବେଦନା ଏବଂ ବ୍ୟତିବ୍ୟସ୍ତତା ହୁଏ ତାହା ଶିଷ୍ୟଙ୍କର ସମ୍ବେଦନଶୀଳ ଶରୀରଗୁଡ଼ିକରେ ପରେ ବହୁ କାଳ ପର୍ଯ୍ୟନ୍ତ ଘାଆ ରଖିଯାଏ ।

**ଏହାର ମଧ୍ୟ ଅର୍ଥ ହେଉଚି ସ୍ଥିରତା, ଯାହା ଫଳରେ ପ୍ରତ୍ୟେକ ବ୍ୟକ୍ତିର ଜୀବନକୁ ଆସୁଥିବା ଅସୁବିଧାକୁ ତୁମେ ସହଜରେ ବୁଝିପାରିବ ଏବଂ ଛୋଟ ଛୋଟ କଥା ନେଇ ଅବିରତ ଦୁଶ୍ଚିନ୍ତାକୁ ଏଡ଼ାଇ ଦେଇପାରିବ ଯେଉଁଥିରେ ବହୁଲୋକେ ସେମାନଙ୍କର ଅଧିକାଂଶ ସମୟ ବିତାଇ ଥାଆନ୍ତି ।**

**ଆନି ବେସାନ୍ତ –** ଗୁରୁଦେବ କହିଛନ୍ତି ସ୍ଥିର ରହିବା ହେଉଛି ପରବର୍ତ୍ତୀ ଆବଶ୍ୟକତା । ଏହି ଗୁଣଟି ଆବଶ୍ୟକ, ଯାହା ଫଳରେ ଶିଷ୍ୟ ଛୁଟି ଆସୁଥିବା ପ୍ରତ୍ୟେକ ଝଡ଼ ପବନରେ ଏଣେତେଣେ ଉଡ଼ିଯିବେ ନାହିଁ । ବାହ୍ୟ ଜିନିଷ ଉପରେ ଏହି ପ୍ରକାର ନିର୍ଭରଶୀଳତାରୁ ଜନ୍ମ ନିଏ ଅନନ୍ତ ଦୁଶ୍ଚିନ୍ତା । ମନୁଷ୍ୟ ନିଜ କଥାକୁ ନିଜ ନିୟନ୍ତ୍ରଣରେ ରଖିପାରେ ନାହିଁ ଏବଂ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟଧାରା ସମ୍ପର୍କରେ ନିଷ୍ପତ୍ତି ନେଇପାରେ ନାହିଁ । ଦୁଶ୍ଚିନ୍ତା ହିଁ ଲୋକଙ୍କୁ ଖାଇ ଯାଏ, କାମ ନୁହେଁ । ଦୁଶ୍ଚିନ୍ତା ହେଉଛି ଏକ ନିର୍ଦ୍ଦିଷ୍ଟ ଚିନ୍ତାର ଯନ୍ତ୍ରଣାମୟ ଅନୁକ୍ରମକୁ ବାରମ୍ବାର ଆଉଟାଇ ଲାଗିବା । ଏହିପରି ବିଭିନ୍ନ ପ୍ରକାରର ଅଭ୍ୟାସ ରହିଛି ଏବଂ ସେଥିରୁ କୌଣସିଟିରୁ ନିଜକୁ ନିବୃତ୍ତ କରିବା ଏକ ଭୟାର୍ତ୍ତ ପକ୍ଷରେ କଷ୍ଟକର ।

କେତେକ କ୍ଷେତ୍ରରେ ଜୀବନକୁ ନାଟକୀୟ ରୂପ ଦେବାପାଇଁ ଏବଂ ସ୍ୱକୃତ ନାଟକରେ ବଞ୍ଚି ରହିବା ପାଇଁ ମନର ଏକ ପ୍ରବୃତ୍ତି ରହିଛି । ମୁଁ ନିଜେ କେତେ ପରିମାଣରେ ଏହିପରି କରିବାରେ ଅଭ୍ୟସ୍ତ ଥିଲି । ମୁଁ ଏହି କଥା ଏବଂ ଅନୁରୂପ ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରୁଛି । କାରଣ ମୁଁ ଭାବୁଛି ଯେ ମୁଁ ଆପଣଙ୍କୁ ଯାହା କହିବାକୁ ଯାଉଛି, ତାହାକୁ କେବଳ ସୂକ୍ଷ୍ମ ଚିନ୍ତା ବୟାନ କରିବା ତୁଳନାରେ ଏହା ଅଧିକ ଜୀବନ୍ତ ଏବଂ ଉପଯୋଗୀ ହେବ । ବହୁ ଅଭୀପ୍‌ସୁ ବୋଧହୁଏ ଏହିପରି କିଛି ମାନସିକ ନାଟକ କରିଥାନ୍ତି, କାରଣ ଆମେ ସମସ୍ତେ ବହୁପରିମାଣରେ ଏକା ଧରଣରେ ତିଆରି ହେଇଛୁ । ମୁଁ କଳ୍ପନା କରି ଲାଗୁଥିଲି ଯେ ମୋର କୌଣସି ବନ୍ଧୁ ମୋର କାର୍ଯ୍ୟ ବା କଥାରେ ନିଶ୍ଚୟ ଆହତ ହୋଇଥିବେ । ତାପରେ ମୁଁ ତାଙ୍କ ସହିତ ମୋର ପରବର୍ତ୍ତୀ ସାକ୍ଷାତ୍‌ରେ ମୋର ପ୍ରଥମ କେତୋଟି ବାକ୍ୟ ଏବଂ ତାହା ପରେ ଆମର ସମ୍ପୂର୍ଣ୍ଣ ବାର୍ତ୍ତାଳାପ ବିଷୟରେ ଭାବୁଥିଲି । ଯେତେବେଳେ ଆମର ପ୍ରକୃତ ଦେଖା ହେଉଥିଲା, ସେତେବେଳେ ମୋର ଭାବନା ଅନୁଯାୟୀ କିଛି ହେଉନଥିଲା । କାରଣ ମୋର ବନ୍ଧୁଙ୍କର ପ୍ରଥମ କଥା ମୁଁ ଯେପରି ଭାବିଥିଲି, ସେପରି ନ ହୋଇ ତାହାଠାରୁ ଅଲଗା ହୋଇଯାଉଥିଲା ।

କେତେକ ସମୟରେ ଲୋକେ ଏହିପରି ଏକ ଅପ୍ରୀତିକର ଦୃଶ୍ୟ ମନେମନେ ଭାବି ନିଅନ୍ତି । ସେମାନଙ୍କଦ୍ୱାରା ଉଦ୍ଭାବିତ ସେହି କଷ୍ଟକର ପରିସ୍ଥିତିରେ ସେମାନେ କି ପ୍ରକାର ବ୍ୟବହାର କରିବେ କଳ୍ପନା କରନ୍ତି । ଶେଷରେ ସେମାନେ ଏକ ଯନ୍ତ୍ରଣାଦାୟକ ମାନସିକ ଅବସ୍ଥାରେ ପହଞ୍ଚନ୍ତି ଯେଉଁଥିରେ ସେମାନେ ବହୁ ଭାବନା ଏବଂ ଆବେଗ ବ୍ୟୟ କରନ୍ତି । କିନ୍ତୁ ସେ ପର୍ଯ୍ୟନ୍ତ ସେଭଳି କିଛି ହୋଇନଥାଏ,

ସମ୍ଭବତଃ କେବେହେଲେ ହେବ ନାହିଁ । ଏଥିରେ କେବଳ ଶକ୍ତିର ସମ୍ପୂର୍ଣ୍ଣ ଅପଚୟ ହୋଇଥାଏ ।

ଏହି ପ୍ରକାର ସମସ୍ତ ଜିନିଷ କେବଳ ଅନାବଶ୍ୟକ କଷ୍ଟ ଦିଏ । ଏହା ମାନସିକ ଏବଂ ଆବେଗଗତ ପ୍ରକୃତିକୁ ଦୁର୍ବଳ କରିଦିଏ । ଏହି ପ୍ରକାର ଅଭ୍ୟାସକୁ ପରିତ୍ୟାଗ କରିବାର ଏକମାତ୍ର ପନ୍ଥା ହେଉଛି ନିଜକୁ ଦୃଶ୍ୟଠାରୁ ଆଡ଼େଇ ରଖିବା ଏବଂ ଯେଉଁ ଚିନ୍ତାଧାରା ଆସିବ, ସେଥିରୁ ପ୍ରଥମ ଚିନ୍ତାଟି ଉପରେ ଆପଣଙ୍କର ନିୟନ୍ତ୍ରଣ ରହିଛି କି ନାହିଁ ଲକ୍ଷ୍ୟ କରିବା । ଯଦି ରହିଛି, ତେବେ ତାକୁ ନିୟନ୍ତ୍ରଣ କରନ୍ତୁ; ଯଦି ନାହିଁ, ତେବେ ଘଟଣା ନ ଘଟିବା ପର୍ଯ୍ୟନ୍ତ ସେ ବିଷୟରେ ଚିନ୍ତା କରିବା ନିରର୍ଥକ । ସର୍ବୋପରି, ତାହା ହୁଏତ କଦାପି ଘଟିବ ନାହିଁ । ଭବିଷ୍ୟତରେ କ'ଣ ଘଟିବାର ସମ୍ଭାବନା ଅଛି ସେ ବିଷୟ ନେଇ ଆପଣଙ୍କର ଚିନ୍ତା କରିବା ମୂଲ୍ୟହୀନ । ସେହିପରି ଯାହା ଘଟିଯାଇଛି, ତାହା ଉପରେ ବାରମ୍ବାର ଚିନ୍ତା କରିବା ସମ ପରିମାଣରେ ଅନୁପଯୋଗୀ । ଆପଣ ବିଗତ ଘଟଣାକୁ ବଦଳାଇ ପାରିବେ ନାହିଁ । ସୁତରାଂ ସେଗୁଡ଼ିକୁ ନେଇ ଚିନ୍ତିତ ହେବା ସ୍ପଷ୍ଟତଃ ମୂଲ୍ୟହୀନ ।

ଅତୀତକୁ ନେଇ ଚିନ୍ତା କରି ବହୁ ଭଲ ଲୋକେ ନିଜର ଜୀବନକୁ ଦୁର୍ବହ କରି ଦିଅନ୍ତି । ସେମାନେ ଭାବନ୍ତି, "ହୁଏତ ଯଦି ମୁଁ ଏହା କରିଥାନ୍ତି ବା କରି ନ ଥାନ୍ତି ତେବେ ଏହି ଅସୁବିଧା ହୋଇନଥାନ୍ତା ।" ଧରନ୍ତୁ ସେକଥା ଠିକ୍ । ଘଟଣା ତ ଘଟିଯାଇଛି; ଯେତେ ଚିନ୍ତା କଲେ ମଧ୍ୟ ଅତୀତ ବଦଳିବ ନାହିଁ। ଲୋକେ ରାତିଯାକ ଚେଇଁ ରହନ୍ତି ଏବଂ ଦିନଯାକ ଦୁଶ୍ଚିନ୍ତା କରି ଲାଗନ୍ତି ଅପରିବର୍ତ୍ତନୀୟ ଅତୀତକୁ ବା ଭବିଷ୍ୟତର ସମ୍ଭାବ୍ୟ ଘଟଣାକୁ ନେଇ । ମନର ଏହି କ୍ରିୟା ହେଉଛି ଇଞ୍ଜିନ୍ ବା ହୃଦୟର ଦ୍ରୁତ ଗତି ଭଳି, ଯେତେବେଳେ ସ୍ୱାଭାବିକ ପ୍ରତିରୋଧ ନ ଥାଏ । କାର୍ଯ୍ୟଦ୍ୱାରା କ୍ଷତି ଅପେକ୍ଷା କରି ଦ୍ରୁତଗତିରେ ହିଁ ହୃଦୟର ତଥା ଇଞ୍ଜିନ୍‌ର କ୍ଷତି ଘଟିଥାଏ । ଏହି ପ୍ରକାର ମାନସିକ ଦୌଡ଼ର ବିଫଳତା ଓ ନିଶ୍ଚିତ ଅପକାରିତା ସ୍ୱୀକାର କରନ୍ତୁ । ଆପଣ ତାକୁ ବନ୍ଦ କରିବେ ଏବଂ ତା ବଦଳରେ ନିଜର ଶକ୍ତିର ସଫଳ ଉପଯୋଗ କରିବାକୁ ଶିଖିବେ । ଦୁଶ୍ଚିନ୍ତା ଓ ମାନସିକ ଦୌଡ଼ ସମ୍ପୂର୍ଣ୍ଣ ବୋକାମି । ଏହି କାର୍ଯ୍ୟ ପ୍ରାୟ ସମସ୍ତେ କରିଥାନ୍ତି, କିନ୍ତୁ କରିବା କଥା ନୁହେଁ ଏବଂ ଭାବୀ ଶିଷ୍ୟ ତ ଆଦୌ ନ କରିବା ଉଚିତ ।

**ଲେଡ୍‌ବିଟର** – ଯେତେକ ମାନସିକ ଅସୁବିଧା ରହିଛି, ସେଗୁଡ଼ିକ ଭିତରେ ଦୁଶ୍ଚିନ୍ତାର ସମାଧାନ କରିବା ସବୁଠାରୁ କଷ୍ଟକର । ଯଥାର୍ଥ ପ୍ରଗତି କରିବା ଭଳି ବିଷୟରେ ଏହା ସମ୍ପୂର୍ଣ୍ଣ ପ୍ରତିବନ୍ଧକ । ସେହି ପରିସ୍ଥିତିରେ ଧ୍ୟାନ

କରିବା ପାଇଁ ନିଜକୁ ଏକ ମାନସିକ ଅବସ୍ଥାକୁ ଆଣିବା ଅସମ୍ଭବ । କେତେକ ଲୋକ ଅତୀତ ବିଷୟ ନେଇ ଚିନ୍ତା କରନ୍ତି, ଅନ୍ୟମାନେ ଭବିଷ୍ୟତ ବିଷୟରେ ଚିନ୍ତା କରନ୍ତି, ଏବଂ ଯେତେବେଳେ ସେମାନେ ଗୋଟାଏ ଦୁଶ୍ଚିନ୍ତାକୁ ଫୋପାଡ଼ି ଦିଅନ୍ତି, ସେତେବେଳେ ତା ଜାଗାରେ ଆଉ ଗୋଟାଏ ଦୁଶ୍ଚିନ୍ତା ଗୋଟାଇ ନିଅନ୍ତି । ସୁତରାଂ ସେମାନେ କେବେହେଲେ ଏକ ଶାନ୍ତ ଅବସ୍ଥାରେ ରହନ୍ତି ନାହିଁ ଏବଂ କୌଣସି ସଫଳତାର ସମ୍ଭାବନା ନେଇ ଧ୍ୟାନ କରିବାର ଆଶା କରି ପାରନ୍ତି ନାହିଁ ।

ଏହାର ଶ୍ରେଷ୍ଠ ପ୍ରତିକାର ହେଉଛି ସେହି ଦୁଶ୍ଚିନ୍ତା ବଦଳରେ ଗୁରୁଦେବଙ୍କର ଚିନ୍ତା କରିବା । କିନ୍ତୁ ସେଥିପାଇଁ ଦରକାର ଅସାଧାରଣ ଶକ୍ତି । ସେହି ଅବସ୍ଥାରେ ଏକ କାମନା ଶରୀର ବା ଏକ ମାନସ ଶରୀର ଉପରେ ହଠାତ୍ ଶାନ୍ତ ଭାବ ଲଦି ଦେବା ଝଡ଼ ସମୟରେ ସମୁଦ୍ରର ତରଙ୍ଗକୁ ଗୋଟାଏ ପଟା ପକାଇ ଚାପି ଦେବାକୁ ଚେଷ୍ଟା କରିବା ଭଳି ହେବ । ଅନେକ ସମୟରେ ସବୁଠାରୁ ଭଲ କାମ ହେବ ଉଠି ପଡ଼ି କିଛି ଶାରୀରିକ କାର୍ଯ୍ୟ କରିବା – ବଗିଚାରୁ ଘାସ ବାଛନ୍ତୁ ବା ସାଇକେଲ୍‌ରେ କୁଆଡ଼େ ଯାଆନ୍ତୁ । ସ୍ଥାୟୀ ଶାନ୍ତି ସମ୍ଭବ ନୁହେଁ ଯେ ପର୍ଯ୍ୟନ୍ତ ଶରୀରଗୁଡ଼ିକ ସମତାଳରେ ଏକାଠି କାର୍ଯ୍ୟ ନ କରନ୍ତି । ତାହା ପରେ ହିଁ ଏ ସମସ୍ତ ଅନ୍ୟ ଅଭ୍ୟାସଗୁଡ଼ିକ ଆରମ୍ଭ କରାଯାଇ ପାରେ ସଫଳତାର କିଛି ଯଥାର୍ଥ ସମ୍ଭାବନା ସହିତ ।

ଅନେକ ସମୟରେ ଲୋକେ ନିଜର ତ୍ରୁଟିଗୁଡ଼ିକ ନେଇ ଚିନ୍ତିତ ହୋଇପଡ଼ନ୍ତି । ପ୍ରତ୍ୟେକ ବ୍ୟକ୍ତି ବାରମ୍ବାର ନିଜର ଦୋଷତ୍ରୁଟିର ଦାସ ହୋଇପଡ଼ନ୍ତି । ସେମିତି ନକରିବା ଭଲ ହୁଅନ୍ତା । କିନ୍ତୁ ତାହା ଏ ପର୍ଯ୍ୟନ୍ତ କ୍ୱଚିତ୍ ଆଶା କରାଯାଏ । କାରଣ ଆମର ଯଦି କୌଣସି ଦୋଷତ୍ରୁଟି ନ ଥାନ୍ତା, ତେବେ ଆମେ ସବୁ ସିଦ୍ଧପୁରୁଷ ହୋଇଯାଆନ୍ତୁ । ଅବଶ୍ୟ ଏ ସବୁ ବିଷୟରେ ଯତ୍ନବାନ୍ ନ ହେବା ଏବଂ ସେଥିରେ ଯାଏ ଆସେ ନାହିଁ ବୋଲି ଭାବିବା ଭୁଲ୍ କଥା । କିନ୍ତୁ ସେଗୁଡ଼ିକ ବିଷୟରେ ଅନାବଶ୍ୟକ ଭାବେ ଚିନ୍ତିତ ରହିବା ମଧ୍ୟ ସମାନ ଭାବେ ଭୁଲ୍ । ଦୁଶ୍ଚିନ୍ତାରେ ମନ ପାଗଳ ପରି ବୃତାକାରରେ ଘୂରିବାରେ ଲାଗେ – କିଛି କାମ ହୁଏ ନାହିଁ । ଯଦି ଆପଣ ଖରାପ ପାଗରେ ଜାହାଜରେ ବାହାରି ଥାଆନ୍ତେ, ତେବେ ମନେ ପକାଇ ପାରନ୍ତି କିପରି ବାରମ୍ବାର ପେଞ୍ଚା ପାଣି ଉପରକୁ ଉଠି ଆସେ ଏବଂ ପାଗଳ ପରି ପବନରେ ଛୁଟି ଚାଲେ । ଏହା ଏକ ଯାନ୍ତ୍ରିକ ଘଟଣା । କିନ୍ତୁ ତାହା ଅଧିକ ପରିମାଣର ନିୟମିତ କାମ ତୁଳନାରେ ଯନ୍ତ୍ରର ଅଧିକ କ୍ଷତି କରିଥାଏ । ତାହା ଠିକ୍ ଦୁଶ୍ଚିନ୍ତା ପରି କାମ କରେ ।

ଆମ ସମିତିରେ ଥରକୁ ଥର ଅସୁବିଧା ଦେଖାଦିଏ । ମୋ ସମୟରେ ମୁଁ ବହୁ ବାର ତାହା ଦେଖିଛି । ମୋର ଭଲ ଭାବେ ମନେ ଅଛି ୧୮୮୪ରେ କୁଲମ୍ବ ଘଟଣା ନେଇ ଉତ୍ତେଜନା ଏବଂ ସେ ବିଷୟରେ କିପରି ବହୁ ସଭ୍ୟ ବିଶେଷ ବ୍ୟସ୍ତ ଏବଂ ଚିନ୍ତିତ ହୋଇ ପଡ଼ିଥିଲେ। କେତେକ କ୍ଷେତ୍ରରେ ବ୍ରହ୍ମବିଦ୍ୟାରେ ସେମାନଙ୍କର ବିଶ୍ୱାସ ପୂରାପୂରି ତୁଟି ଯାଇଥିଲା । କାରଣ ସେମାନେ ଭାବି ନେଲେ ଯେ ଶ୍ରୀମତୀ ବ୍ଲାଭାଟ୍‌ସ୍କି ତାଙ୍କ ସାଙ୍ଗରେ ଚାଲାକି ଖେଳୁଛନ୍ତି । ପ୍ରକୃତରେ ଘଟଣା ସହିତ ତାର କୌଣସି ସମ୍ପର୍କ ନ ଥିଲା । ବ୍ରହ୍ମବିଦ୍ୟାରେ ଆମର ବିଶ୍ୱାସ ନିର୍ଭର କରେ ନାହିଁ ଶ୍ରୀମତୀ ବ୍ଲାଭାଟ୍‌ସ୍କି ବା ଆଉ କାହାର ଉକ୍ତି ଉପରେ । ନିର୍ଭର କରେ ନାହିଁ ବରଂ ଏହି ତଥ୍ୟ ଉପରେ । ନିର୍ଭର କରେ ଯେ ଯାହା ଆମକୁ ଦିଆଯାଇଛି ତାହା ଏକ ନିଖୁଣ ଏବଂ ସନ୍ତୋଷଜନକ ପଦ୍ଧତି । ତାହା ସତ୍ୟ ରହିଛି ଯଦିବା ଶ୍ରୀମତୀ ବ୍ଲାଭାଟ୍‌ସ୍କି ସେମାନଙ୍କୁ ପ୍ରତାରଣା କରିଥାନ୍ତି । ଅବଶ୍ୟ ସେ ତାହା କରିନାହାନ୍ତି । ଯଦି ବ୍ୟକ୍ତିଗତ ଭିତ୍ତି ଉପରେ ଲୋକଙ୍କର ବିଶ୍ୱାସ ପ୍ରତିଷ୍ଠିତ ହୋଇଥାଏ, ତେବେ ତାହା ସହଜରେ ଦୋହଲିଯିବ । କିନ୍ତୁ ଆମର ବିଶ୍ୱାସ ଯଦି ଆଧାରିତ ହୋଇଥାଏ କେତେକ ତତ୍ତ୍ୱ ଉପରେ, ଯାହା ଆମେ ବୁଝିଛୁ, ତେବେ ତାହା ଅଟଳ ରହିବ ଯଦିବା ଆମର ଜଣେ ବିଶ୍ୱସ୍ତ ନେତା ହଠାତ୍ ଆମର ବିଶ୍ୱାସ ହରାଇ ବସନ୍ତି ।

**ଗୁରୁଦେବ ଉପଦେଶ ଦେଇଛନ୍ତି ଯେ ମଣିଷର ବାହ୍ୟ ଦିଗରୁ କ'ଣ ହୁଏ, ସେଥିରେ ତିଳେ ହେଲେ ଯାଏ ଆସେ ନାହିଁ । ଦୁଃଖ, କଷ୍ଟ, ରୋଗ, କ୍ଷତି – ଏସବୁ ତା ସକାଶେ ଯେପରି କିଛି ନୁହେଁ ଏବଂ ଏସବୁ ତାର ମାନସିକ ଶାନ୍ତିକୁ ପ୍ରଭାବିତ କରିବାକୁ ଦେବା ଅନୁଚିତ । ସେଗୁଡ଼ିକ ଅତୀତ କର୍ମର ଫଳ ଏବଂ ସେଗୁଡ଼ିକ ଯେତେବେଳେ ଆସେ, ପ୍ରଫୁଲ୍ଲତାର ସହିତ ତୁମେ ସେଗୁଡ଼ିକ ସହିଯିବା ଉଚିତ । ଏଇଆ ମନେ ରଖ ଯେ ସମସ୍ତ ମନ୍ଦ ହେଉଛି କ୍ଷଣସ୍ଥାୟୀ ଏବଂ ତୁମର କର୍ତ୍ତବ୍ୟ ହେଉଛି ସର୍ବଦା ପ୍ରଫୁଲ୍ଲ ଏବଂ ଶାନ୍ତ ରହିବା । ସେ ସମସ୍ତ ତୁମର ପୂର୍ବ ଜନ୍ମଗୁଡ଼ିକର, ଏ ଜନ୍ମର ନୁହେଁ । ତୁମେ ସେଗୁଡ଼ିକୁ ବଦଳାଇ ପାରିବ ନାହିଁ । ସୁତରାଂ ସେଗୁଡ଼ିକୁ ନେଇ ମନ କଷ୍ଟ କରିବା ବୃଥା ।**

**ଆନି ବେସାନ୍ତ** – ଏଇଠି ଗୁରୁଦେବ ଦୁଶ୍ଚିନ୍ତା ନ କରିବାର ଏକ କାରଣ କହୁଛନ୍ତି, ଯାହା ମୋର ମନେ ହୁଏ, ଅନେକେ ପସନ୍ଦ କରିବେ ନାହିଁ । ସେ କହୁଛନ୍ତି ଯେ ମଣିଷକୁ ବାହ୍ୟ ଦିଗରୁ କ'ଣ ହୁଏ, ସେଥିରେ ତିଳେହେଲେ ଯାଏ ଆସେ ନାହିଁ । ସେହି ପ୍ରକାରେ ଆମ ପାଖକୁ କ'ଣ ଆସେ, ତାହା ଆମର ନିୟନ୍ତ୍ରଣର ସମ୍ପୂର୍ଣ୍ଣ ବାହାରେ, କାରଣ ଆମେ ନିଜେ ସେଗୁଡ଼ିକ କରିଥିଲୁ ଅତୀତରେ, ସେଗୁଡ଼ିକ ହେଉଛି ଆମର ସେତେବେଳର କର୍ମ ।

ତେବେ ଏହାର ଅର୍ଥ ନୁହେଁ ଯେ ଆମେ ଏ ବିଷୟରେ ଏବେ କିଛି କରି ପାରିବା ନାହିଁ । ଅନ୍ୟ ପକ୍ଷରେ, ଆମେ ବହୁତ କିଛି କରି ପାରିବା । ଆମେ ଉଚିତ ପନ୍ଥାରେ ସେଗୁଡ଼ିକର ସମ୍ମୁଖୀନ ହୋଇ ପାରିବା ଏବଂ ତଦ୍ୱାରା ଆମ ଉପରେ ସେଗୁଡ଼ିକର ପ୍ରଭାବକୁ ବହୁ ପରିମାଣରେ ବଦଳାଇ ପାରିବା । ଏହା ଫଳରେ ଆମକୁ ତଳେ ପକାଇଦେବା ଭଳି ଶକ୍ତି ଥିବା ଏକ ପ୍ରତ୍ୟକ୍ଷ ଆଘାତକୁ ଏକ ତୀର୍ଯ୍ୟକ୍ ଆଘାତରେ ପରିଣତ କରିବା ଯାହା ସେତେ କଷ୍ଟକର ହେବ ନାହିଁ । ଯେଉଁ କୋଣରୁ ଆପଣ ଆଘାତର ସମ୍ମୁଖୀନ ହେଉଛନ୍ତି ତାକୁ ବଦଳାଇ ଦେବା ଉପରେ ଏହା ନିର୍ଭର କରେ । ଆପରଙ୍କ ଆଡ଼କୁ ଆସୁଥିବା ପ୍ରତ୍ୟେକ ଦୁଃଖର ସମ୍ମୁଖୀନ ହେବାବେଳେ ଆପଣ ଯଦି ଭାବନ୍ତି, "ଏହା କେବଳ ଏକ ଋଣର ପରିଶୋଧ – ଏହାକୁ ଶୁଝିଦେବା ହିଁ ଭଲ ।" ତାହାହେଲେ ଆପଣଙ୍କ ଉପରେ ସେହି ଦୁଃଖର ଭାର ଲଘୁ ହେବ । ଯେଉଁ ବ୍ୟକ୍ତି ଜାଣେ କିପରି ଜୀବନର ସମ୍ମୁଖୀନ ହେବା ଉଚିତ, ସେ ସମସ୍ତ ଅସୁବିଧା ଭିତରେ ଶାନ୍ତ ଏବଂ ଆନନ୍ଦିତ ରହିପାରିବ । ଏବଂ ଯେ ଜାଣେ ନାହିଁ ସେ କଷ୍ଟ ଦ୍ୱାରା ନିଷ୍ପେଷିତ ହୋଇଯାଇ ପାରେ ଏବଂ ସେହି କଷ୍ଟର ଅଧେ ହେଉଛି କାଳ୍ପନିକ ।

ଆପଣ ଯେତେବେଳେ ଶାରୀରିକ କଷ୍ଟ ପାଉଥିବେ, ଆପଣ ନିଜେ ପରୀକ୍ଷା କରି ଦେଖି ପାରିବେ । ଆପଣ ଅନୁଭବ କରୁଥିବା କେତେକ ଦୁଃଖକଷ୍ଟ ପ୍ରକୃତରେ ଆପଣଙ୍କର ମନଗଢ଼ା । ଆପଣ ଯଦି ସେତେବେଳେ ଏହି ସବୁର, ବାହାରେ ଠିଆ ହେବେ, ଆପଣ ଦେଖିବେ ଯେ ଆପରଙ୍କର ଯନ୍ତ୍ରଣା ବହୁତ କମିଯିବ । ଏହି କଥା ଆଉ ଏକ ପ୍ରକାରେ ଉପଲବ୍ଧି କରି ହେବ, ପଶୁମାନଙ୍କୁ ଅବସ୍ଥା ବିଚାର କରି । ଗୋଡ଼ ଭାଙ୍ଗିଯାଇଥିବା ଗୋଟିଏ ପଶୁ ବେଶ୍ ଖୁସିର ସହିତ ଖାଇ ଚାଲେ, ଭଙ୍ଗା ଗୋଡ଼ିଟିକୁ ନିଜ ପଛରେ ଟାଣି ଟାଣି । ସେହି କାମ ମଣିଷ କରି ପାରିବ ନାହିଁ, ତଥାପି ଏକ ଘୋଡ଼ା ତାହା କରି ପାରିବ ଏବଂ ଶରୀର ତତ୍ତ୍ୱବିଦ୍‌ମାନେ ଆମକୁ କହନ୍ତି ଯେ ମଣିଷ ଅପେକ୍ଷା ଘୋଡ଼ାର ସୂକ୍ଷ୍ମତର ସ୍ନାୟବିକ ବ୍ୟବସ୍ଥା ରହିଚି, ଯାହା

ଫଳରେ ତାର ସ୍ନାୟୁଗୁଡ଼ିକ ମଣିଷର ସ୍ନାୟୁ ଅପେକ୍ଷା ଯନ୍ତ୍ରଣା ପ୍ରତି ଅଧିକ ସମ୍ବେଦନଶୀଳ । ଆପଣ ମୋତେ ଭୁଲ ବୁଝନ୍ତୁ ନାହିଁ ଏବଂ ଭାବନ୍ତୁ ନାହିଁ ଯେ ମୁଁ କହୁଛି, ପଶୁମାନେ କଷ୍ଟ ପାଆନ୍ତି ନାହିଁ ବା ସେମାନଙ୍କ ଦୁଃଖକଷ୍ଟରେ କିଛି ଯାଏ ଆସେ ନାହିଁ । ବରଂ ଓଲଟା କଥା । କିନ୍ତୁ ମନୁଷ୍ୟ ଯେଉଁ ପ୍ରକାରେ ନିଜ ଯନ୍ତ୍ରଣା ବିଷୟରେ ଚିନ୍ତା କରେ, ତାହାଦ୍ୱାରା ସେହି ଯନ୍ତ୍ରଣାକୁ ସେ ଦୃଢ଼ୀଭୂତ କରେ ଏବଂ ବହୁ କାଳ ଧରି ରଖେ ।

ଆପଣ ଯଦି ନିଜର କାମନା ଶରୀର ଉପରେ ଯନ୍ତ୍ରଣାର ପ୍ରଭାବକୁ ବନ୍ଦ କରିବାକୁ ଶିଖିବେ, ଆପଣ ଜାଣିବେ କିପରି ସେହି ଯନ୍ତ୍ରଣାକୁ ବହୁ ପରିମାଣରେ କମେଇ ହେବ । ଯେଉଁମାନେ ନିଜକୁ ଖ୍ରୀଷ୍ଟିଆନ୍ ବିଜ୍ଞାନୀ ବୋଲି କହନ୍ତି, ସେମାନେ ଏହି ପ୍ରକାରେ ଯନ୍ତ୍ରଣାକୁ ବହୁ ପରିମାଣରେ କମେଇ ଦିଅନ୍ତି, କାରଣ ସେମାନେ ମାନସ ଉପାଦାନକୁ ବାହାର କରି ନେଇଯାନ୍ତି, ଯାହା ସାଧାରଣତଃ ଯନ୍ତ୍ରଣା ସହିତ ମିଶି ତାକୁ ବଢ଼ାଇ ଦେଇଥାଏ । ମୋର ମଧ୍ୟ ସେହି ବିଷୟର କିଛି ଅନୁଭୂତି ରହିଛି, ଯେତେବେଳେ ତୀବ୍ର ଶାରୀରିକ ଯନ୍ତ୍ରଣା ଦେଉଥିବାବେଳେ ମୋତେ ଭାଷଣ ଦେବାକୁ ପଡ଼ିଥିଲା । ତାର ଫଳ ହେଲା ସେ ଭାଷଣ ସମୟରେ ମୁଁ ଯନ୍ତ୍ରଣା ଅନୁଭବ କଲି ନାହିଁ, କାରଣ ? କେବଳ ଏଇଥିପାଇଁ ଯେ ମୋର ମନ ଭାଷଣରେ ସମ୍ପୂର୍ଣ୍ଣ ବ୍ୟସ୍ତ ରହିଥିଲା । ସ୍ଥୂଳ ଶରୀର ପ୍ରତି ଦୃଷ୍ଟି ଦେବାରୁ ଆପଣ ଯଦି ନିଜ ମନକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରି ନେଇ ପାରିବେ, ଯେମିତି ଭାଷଣ ଦେବାକୁ ହେଲେ ଆପଣ ବାଧ୍ୟ ହୋଇ କରିଥାନ୍ତି, ତାହାହେଲେ ଆପଣ ଯେଉଁ ପ୍ରକାର ଶାରୀରିକ ଯନ୍ତ୍ରଣା ଅନୁଭବ କରୁଥିବେ, ତାହା ବହୁ ପରିମାଣରେ ଚାଲିଯିବ ।

ଆପଣଙ୍କର ଯଦି ମନ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଥାଏ, ଆପଣ ତାହା କରିପାରିବେ ଏବଂ ତଦ୍ୱାରା ବାହ୍ୟ ଜିନିଷ ସବୁ କେବଳ ବାହ୍ୟ ଶରୀରକୁ ପ୍ରଭାବିତ କରିବାକୁ ଛାଡ଼ି ଦେବେ । ଲୋକେ ଅନକେ ସମୟରେ ଯଥେଷ୍ଟ ବାହ୍ୟ ଉତ୍ତେଜନା ହେତୁ ଏହା କରିଥାନ୍ତି । ସମୟେ ସମୟେ ଯୁଦ୍ଧ କ୍ଷେତ୍ରରେ ସୈନିକ ନିଜେ ଆଘାତ ପାଇଥିବା ଅନୁଭବ କରେ ନାହିଁ, ଯେ ପର୍ଯ୍ୟନ୍ତ ଯୁଦ୍ଧର ଉତ୍ତେଜନା ସମାପ୍ତ ନ ହୋଇଛି । ସେହିପରି ଯଦି ଗୋଟିଏ ଶିଶୁ କୌଣସି ଏକ ଦୁର୍ଘଟଣାରେ ପଡ଼େ, ତେବେ ତାର ମାଆ ନିଜେ କଣ କଷ୍ଟ ପାଉଛି ସେ ସମସ୍ତ ଭୁଲିଯିବ, ଯେତେବେଳେ ସେ ଛୁଟି ଆସିବ ନିଜ ପିଲାକୁ ଉଦ୍ଧାର କରି ସାହାଯ୍ୟ କରିବା ପାଇଁ ।

ବାହ୍ୟ ଉତ୍ତେଜନା ନଥାଇ ଏହିପରି ନିୟନ୍ତ୍ରଣ କରିବାକୁ ଶିଖିବା ସମ୍ଭବ । ତାହାହେଲେ ଆପଣ ନିଜର କାମନା ଶରୀର ଓ ମାନସ ଶରୀର ଉପରେ କୌଣସି

ପ୍ରକାର ଯନ୍ତ୍ରଣାର ପ୍ରଭାବକୁ ବହୁ ପରିମାଣରେ ଏଡ଼ାଇ ପାରିବେ । ମୁଁ କହୁନାହିଁ ଯେ ଏହା କରିବା ସହଜ, କିନ୍ତୁ ଏହା ସମ୍ଭବ । ବ୍ୟକ୍ତିଗତ ଭାବେ, ମୁଁ ଭାବୁନାହିଁ ଯେ ଶାରୀରିକ ଯନ୍ତ୍ରଣା ବନ୍ଦ କରିବା ଭଳି ଏକ ସାମାନ୍ୟ ସଫଳତା ଲାଭ ପାଇଁ ବହୁ ପରିମାଣର ଶକ୍ତି ଉପଯୋଗ କରିବା କିମ୍ୱା ବହୁତ ବିଶେଷ ଧରଣର ଉଦ୍ୟମ କରିବା ସମୁଚିତ ହେବ । ଅଧିକାଂଶ ଲୋକଙ୍କ ଭଳି ଶରୀରର ସେବା ସକାଶେ ମନକୁ ଲଗାଇବା ବଦଳରେ ତାକୁ ସେଥିରୁ ନେଇ ଯାଇ କିଛି ଲାଭଜନକ ବିଷୟରେ ଲଗାଇବା ଶ୍ରେୟସ୍କର ହେବ ।

ଆପଣ ଯଦି ଜୀବନ ପ୍ରତି ସଠିକ ମନୋଭାବ ଗ୍ରହଣ କରନ୍ତି, ଆପଣ ଦେଖିବେ ଯେ ଏହି ବାହ୍ୟ ଜିନିଷଗୁଡ଼ିକରେ ଯାଏ ଆସେ ନାହିଁ ଏବଂ ଆପଣ କେବଳ ଆପଣଙ୍କ ବାହ୍ୟରେ ସେଗୁଡ଼ିକର ପ୍ରଭାବ ପକାଇବା ପାଇଁ ସେଗୁଡ଼ିକୁ ଛାଡ଼ି ଦିଅନ୍ତୁ । ତେବେ ଆପଣଙ୍କୁ ସେଗୁଡ଼ିକ ମଧ୍ୟ ଦେଇ ଯିବାକୁ ହେବ ଏବଂ ସେଗୁଡ଼ିକର ଏକମାତ୍ର ଉପଯୋଗିତା ହେଉଛି ଯେ ସେଗୁଡ଼ିକ ଜରିଆରେ ଆପଣ କେତେକ ଶକ୍ତି ପାଆନ୍ତି । ବାହ୍ୟ ଜିନିଷ ପ୍ରତି ଏହି ପ୍ରକାର ବିଚାର କରିବା ଫଳରେ ଆପଣ ଯଥେଷ୍ଟ ମାନସିକ ଶାନ୍ତି ପାଇବେ ।

ସମସ୍ତ ମନ୍ଦ ଜିନିଷ ହେଉଛି କ୍ଷଣସ୍ଥାୟୀ । ଆପଣ ସେହି କଥା ଉପଲବ୍ଧି କରିବେ ଯଦି ଆପଣ ନିଜର ବୃହତ୍ତର ଜୀବନର ଆବର୍ତ୍ତ ପ୍ରତି ଲକ୍ଷ୍ୟ କରିବେ ଏବଂ ନିଜର ଅତୀତକୁ ହୃଦୟଙ୍ଗମ କରିବେ; ତା'ର ଟିକିନିଖି ଘଟଣାଗୁଡ଼ିକ ନୁହେଁ । କାରଣ ସେଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ନୁହେଁ । ବରଂ ଅତୀତ ଜୀବନର ସାଧରଣ ବିସ୍ତାର ଏବଂ ଆଭିମୁଖ୍ୟକୁ ହୃଦୟଙ୍ଗମ କରିବେ । ଯଦି ଜଣେ ବୁଝିପାରେ ଆଗରୁ କେତେ ଥର ମଣିଷକୁ ଦୁଃଖ କଷ୍ଟ ଦେଇଥିବା ଏହି ଘଟଣାଗୁଡ଼ିକ ଭିତର ଦେଇ ସେ ଗତି କରିଛି (ବନ୍ଧୁମାନଙ୍କର ମୃତ୍ୟୁ, ବ୍ୟାଧି, କ୍ଷୟକ୍ଷତି ଏବଂ ସମସ୍ତ ପ୍ରକାର ଅସୁବିଧା), ତେବେ ସେଗୁଡ଼ଇକ ହଜିଯାନ୍ତି ସେଗୁଡ଼ିକର ପ୍ରକୃତ ଆପେକ୍ଷିକ ଗୁରୁତ୍ୱହୀନତା ଭିତରେ । ଏହି ଉଦ୍ୟମ କରିବା ଗୁରୁତ୍ୱପୂର୍ଣ୍ଣ, କାରଣ ବର୍ତ୍ତମାନଟା ଆମ ଉପରେ ଏପରି ଦାବି କରି ବସେ ଯେ ଏହାର ଛୋଟଛୋଟ ଉଦ୍‌ବେଗଗୁଡ଼ିକ ଗଭୀରତର ଜ୍ଞାନକୁ ଲୋପ କରିଦିଏ । ଆପଣଙ୍କର ନିଜର ଦୀର୍ଘ ଅତୀତର ଉପଲବ୍ଧି ଆପଣଙ୍କୁ ବଳବତ୍ତର କରାଇବ ଏବଂ ପରେ ଯେତେବେଳେ କୌଣସି ଦୁର୍ଭାଗ୍ୟ ଆସିବ, ଆପଣ ଭାବିବେ, "ଚିନ୍ତା କାହିଁକି ? ଏହା ଚାଲିଯିବ ।"

ମୁଁ ନିଶ୍ଚିତ ଯେ ମୁଁ ଆଦୌ ବର୍ତ୍ତମାନର ଏହି ଜୀବନ ଯାପନ କରି ପାରନ୍ତି ନାହିଁ, ଯଦି ମୁଁ ଛିନ୍ତିତ ହେବାକୁ ଏବଂ ପରିସ୍ଥିତି ପ୍ରତି ପ୍ରତିକ୍ରିୟା ପ୍ରକାଶ କରିବାକୁ ଅନିଚ୍ଛା ନ

କରନ୍ତି । ପ୍ରତିଦିନ ସବୁ ପ୍ରକାର ଅସୁବିଧା ଅଜାଡ଼ି ହୋଇପଡୁଛି ଏବଂ ମୁଁ ଯଦି ସେଗୁଡ଼ିକ ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି, ତେବେ ଗୋଟିଏ ସପ୍ତାହ ମଧ୍ୟରେ ମୋର ମୃତ୍ୟୁ ହୋଇଯାନ୍ତା । ମୁଁ ବର୍ତ୍ତମାନ ଯେଉଁ ପ୍ରକାର ଆନ୍ଦୋଳନ ସହ ସମ୍ପୃକ୍ତ ଅତୀତରେ ସେହି ପ୍ରକାର ବହୁ ଆନ୍ଦୋଳନ ମଧ୍ୟ ଦେଇ ମୁଁ ଗତି କରି ଆସିଛି । ମୁଁ ଦେଖିଛି ଯେ ସେଥିରେ ବରାବର ଗୋଳମାଳ ଲାଗି ରହିଥାଏ । ଶ୍ରେୟସ୍କର ପନ୍ଥା ହେଉଛି ଗୋଳମାଳ ଆଶଙ୍କା ନ କରିବା, କିନ୍ତୁ ଯେତେବେଳେ ତାହା ଆସିବ, ତାହାର ସମ୍ମୁଖୀନ ହେବା ଏବଂ ପରେ ତାକୁ ଆଡ଼େଇ ଦେଇ ସେ ବିଷୟରେ ସମସ୍ତ ଭୁଲି ଯିବା ।

ଗୁରୁଦେବ କହିଛନ୍ତି ଅପାଣଙ୍କର କର୍ତ୍ତବ୍ୟ ହେଉଛି ସର୍ବଦା ଆନନ୍ଦିତ ଏବଂ ଶାନ୍ତ ରହିବା । ଥରେ ସାବଧାନ କରି ଦିଆଯାଇଥିଲା ଶିଷ୍ୟତ୍ୱ ରୂପକ ଆଉଟା ସୁନାର ପାତ୍ର ଭିତରକୁ ଖାଦ ନ ପୂରାଇବା ପାଇଁ । ସେପରି କରିବାର ମନ୍ଦ ଫଳ ଓ ବିପତ୍ତି ଏକ ଚରମ ସୀମାକୁ ଯାଇଥାଏ ବ୍ରହ୍ମବିଦ୍ୟା ସମିତିର ଆନ୍ତର୍ଜାତିକ କାର୍ଯ୍ୟାଳୟ ଆଡ଼୍ୟାର୍ ଭଳି ଜାଗାରେ, ଯେଉଁଠି ଯେ କୌଣସି ଖାଦ - ଯେ କୌଣସି ପ୍ରକାର ଗୋଳମାଳ, ସନ୍ଦେହ, ଉଦ୍‌ବେଗ ଏବଂ ଅନୁରୂପ ବିଷୟ - ସେଗୁଡ଼ିକୁ ପଠାଇଥିବା ବ୍ୟକ୍ତିର ଶକ୍ତି ଅପେକ୍ଷା ବହୁ ଅଧିକ ଶକ୍ତି ଲାଭ କରୁଥାଏ ।

ଯଦି ସମୟେ ସମୟେ ଆପଣ ସମ୍ଭବତଃ ଆପଣଙ୍କ ପାଖରେ ଥିବା ହତାଶା, ବିରକ୍ତି ବା ଅନ୍ୟ କୌଣସି ଅବାଞ୍ଛନୀୟ ଆବେଗକୁ ସଙ୍ଗେ ସଙ୍ଗେ ତ୍ୟାଗ କରିପାରୁ ନାହାନ୍ତି, ତେବେ ତାକୁ ଅନ୍ତତଃ ନିଜ ପାଖର ରଖନ୍ତୁ । ତାହା ବାହାରେ ଅଜାଡ଼ି ହୋଇ ବାତାବରଣରକୁ ଦୂଷିତ କରିବାକୁ ଏବଂ ଅନ୍ୟମାନଙ୍କ ସକାଶେ ଅବସ୍ଥାକୁ ଅଧିକ କଷ୍ଟକର କରିବାକୁ ଦିଅନ୍ତୁ ନାହିଁ । ଏହିପରି ନିଜକୁ ତାଲିମ୍ ଦେଇ ଆପଣ ଆପଣଙ୍କ ପୂର୍ବାବସ୍ଥାକୁ ବିସ୍ମୟର ସହିତ ଫେରି ଚାହିଁବେ ଏବଂ ଭାବିବେ କିପରି ଏଭଳି ଛୋଟ ଛୋଟ କଥା ଆପଣଙ୍କୁ ଏତେ କଷ୍ଟ ଦେଉଥିଲା !

**ଲେଡ୍‌ବିର୍ –** ଯାହା ଅନ୍ୟ ଲୋକଙ୍କୁ ଗୁରୁତର କଷ୍ଟର ସମୟ ବୋଲି ମନେ ହୁଏ, ସେହି ସମୟ ମଧ୍ୟରେ ଜାଣିବା ଲୋକ ଶାନ୍ତି ଓ ସୁଖରେ ରହିଥାଏ । ନ ଜାଣିବା ଲୋକ ଦୁଃଖକଷ୍ଟ ପ୍ରତି ନିଜର ମନୋଭାବ ହେତୁ ହିଁ ଅନେକ ସମୟରେ କଷ୍ଟରେ ପେଶି ହୋଇଯାଏ । ଆମର ଯନ୍ତ୍ରଣା ପଛରେ ରହିଥାଏ ବହୁ ପରିମାଣର କଳ୍ପନା । କର୍ମଫଳ ପ୍ରକୃତରେ ଯେତିକି ପରିମାଣର ପ୍ରାପ୍ୟ ଦାବୀ କରେ, ତାହା ଅନେକ ସମୟରେ ଥାଏ ଅଳ୍ପ । କିନ୍ତୁ ତାହା ଭୁଲ୍ ବୁଝିବା ହେତୁ ଲୋକେ ସର୍ବଦା ସେମାନଙ୍କର ଆବଶ୍ୟକ ଯନ୍ତ୍ରଣାକୁ ଦୁଇଗୁଣ କରି ଦିଅନ୍ତି କିମ୍ବା ଦଶ ଗୁଣ ମଧ୍ୟ କରି ଦିଅନ୍ତି । ତାହା ପୁରାତନ କର୍ମଫଳର ହିସାବରେ ପକାଇବା

ଅନୁଚିତ । କାରଣ ଏହା ହେଉଛି ବର୍ତ୍ତମାନର ମୂର୍ଖ କର୍ମର ଫଳ । ସିନେଟ୍ ତାକୁ ନାମ ଦେଇଥିଲେ 'ନଗଦାନଗଦ କର୍ମ' ଫଳ ।

ପରିଶୋଧ କରିବାକୁ ଥିବା ଋଣର ପରିମାଣ ବଦଳାଇ ହେବ ନାହିଁ । ଯେଉଁ କର୍ମ ଫଳ ଆସେ, ତାହା ଆମ ପାଇଁ ନିର୍ଦ୍ଦିଷ୍ଟ ପରିମାଣର କଷ୍ଟ ଭୋଗିବା ଦରକାର କରେ । କିନ୍ତୁ ତାକୁ ଯେପରି ବଢ଼ାଇ ଦିଆଯାଇପାରେ ସେହିପରି କମାଇ ଦିଆଯାଇପାରିବ । ନିଜର ଉଦ୍ୟମରେ ଆମେ ନୂତନ ଶକ୍ତି ପ୍ରୟୋଗ କରିପାରିବା । ଯାହା ପ୍ରତ୍ୟକ୍ଷ ଆଘାତର ପରିଣତି ହୋଇଥାନ୍ତା, ଆନି ବେସାନ୍ତ କହିବା ପରି ଆମେ ତାକୁ ବଦଳାଇ ଦେଇ ପାରିବା ଏକ କଟାକ୍ଷର ପରିଣତିରେ । ଫଳରେ ସେହି ଆଘାତକୁ କମ୍ ଅନୁଭବ କରାଯାଇ ପାରିବ । ଏହି ପ୍ରକାର ପ୍ରତିଥର ଶକ୍ତି ପ୍ରୟୋଗ ଦ୍ୱାରା ସେହି କର୍ମ କ୍ଷେତ୍ରରେ ଏକ ନୂତନ ଶକ୍ତିର ପ୍ରବେଶ ହୁଏ; ସୁତରାଂ ଏଥିରେ କୌଣସି ପ୍ରକାର ଅନ୍ୟାୟ ହୁଏ ନାହିଁ କିମ୍ବା କର୍ମର ନିୟମରେ ହସ୍ତକ୍ଷେପ ହୁଏ ନାହିଁ । ଯେଉଁ ଶକ୍ତି ଅନ୍ୟଥା ଅନ୍ୟ ବାଟରେ ଖର୍ଚ୍ଚ ହୁଅନ୍ତା, ତାହା ବର୍ତ୍ତମାନ ଆଘାତକୁ ବଦଳାଇ ଦେବାରେ ବ୍ୟୟିତ ହୁଏ ।

ସମସ୍ତ ପ୍ରକାର ମନ୍ଦ ନିଶ୍ଚିତ ଭାବେ କ୍ଷଣସ୍ଥାୟୀ । ପାରସ୍ୟର ଜଣେ ରାଜା ଥିଲେ ଯେ "ଏଇଆ ମଧ୍ୟ ଚାଲିଯିବ"କୁ ମୁଖ୍ୟବାକ୍ୟ ରୂପେ ଗ୍ରହଣ କରିଥିଲେ । ଏହା ଗୋଟିଏ ଉତ୍ତମ ବାକ୍ୟ, କାରଣ ଏହା ସୁଖ ବା ଦୁଃଖ, ସୌଭାଗ୍ୟ ବା ଦୁର୍ଭାଗ୍ୟ, ଯେତେବେଳେ ଯାହା ପ୍ରଧାନ ହୋଇଥାଏ, ସେସବୁ ପାଇଁ ସମାନ ପରିମାଣରେ ପ୍ରଯୁଜ୍ୟ । ତେବେ ଯେଉଁ ସବୁ ବିଷୟ ଚାଲି ଯାଏ ନାହିଁ, ସେଗୁଡ଼ିକ ହେଉଛି ପ୍ରକୃତ ପ୍ରଗତି ଏବଂ ଯେଉଁ ଆନନ୍ଦ ଅନ୍ତରରୁ ଆସେ – ସେଗୁଡ଼ିକ ସବୁ କାଳ ପାଇଁ ରହେ । ଆମର ଯାହା କିଛି ଦୁଃଖ ବର୍ତ୍ତମାନ ରହିଛି, ତାହା ଚାଲିଯିବ । ଆଗରୁ ଅନ୍ୟ ଜନ୍ମମାନଙ୍କରେ ଆମେ କଷ୍ଟ ପାଇଛୁ ଏବଂ କଷ୍ଟ ମଧ୍ୟ ଦେଇ ଆସିଛୁ । ଏତିକି ଅଯଦି ଆମେ ହୃଦୟଙ୍ଗମ କରୁ ତାହା ଖୁବ୍ ସାହାଯ୍ୟ କରିବ । ଯେଉଁସବୁ ବିଷୟ ଆମକୁ ପ୍ରାଥମିକ ଜୀବନରେ କଷ୍ଟ ଦେଇଥିଲା, ତାହା ବର୍ତ୍ତମାନ ସମ୍ପୂର୍ଣ୍ଣ ଗୁରୁତ୍ୱହୀନ ମନେ ହୁଏ । ଆମେ କହୁ, "ଆରେ ! ସେହିଗୁଡ଼ିକାର ତ କୌଣସି ଗୁରୁତ୍ୱ ନାହିଁ । ମୁଁ ଭାବୁଛି, ମୁଁ କାହିଁକି ସେଗୁଡ଼ାକ ନେଇ ଏତେ ଚିନ୍ତିତ ଥିଲି ।" ବିଜ୍ଞ ବ୍ୟକ୍ତି ପଛକୁ ଚାହିଁ ଶିଖନ୍ତି । ସେ କହନ୍ତି, "ଏଇଠି ଏବେ ଅନ୍ୟ ବିଷୟଗୁଡ଼ିକୁ ନେଇ ମୁଁ ବ୍ୟସ୍ତ ହୋଇପଡୁଛି । ନିଶ୍ଚିତ ଭାବେ, ସେଗୁଡ଼ିକ ମଧ୍ୟ ସେହିଭଳି ଗୁରୁତ୍ୱହୀନ ।" ନିଶ୍ଚିତ ଭାବେ ସେଆଇ, କିନ୍ତୁ ଜଣେ ବିଜ୍ଞ ବ୍ୟକ୍ତି ହିଁ ସେହି ସିଦ୍ଧାନ୍ତରେ ପହଞ୍ଚନ୍ତି ।

**ବରଂ ଚିନ୍ତା କର ତୁମେ ବର୍ତ୍ତମାନ କ'ଣ କରୁଛ ଯାହା ପରବର୍ତ୍ତୀ ଜନ୍ମର ଘଟଣାଗୁଡ଼ିକ ତିଆରି କରିବ, କାରଣ ସେଗୁଡ଼ିକୁ ତୁମେ ବଦଳାଇ ପାରିବ ।**

**ଲେଡ୍‌ବିଟର୍** – ଆପଣ ଏହି ଜନ୍ମରେ ଯେଉଁ କର୍ମ କରିବେ, ତାହା ଉପରେ ବହୁ ପରିମାଣରେ ନିର୍ଭର କରିବ ଆପଣଙ୍କର ପରବର୍ତ୍ତୀ ଜନ୍ମ । ଏହି କାମରେ ଲାଗି ରହିଥିବା ଶିଷ୍ୟଙ୍କର କର୍ମ ଅଧିକାଂଶ ଲୋକଙ୍କ କର୍ମ ଅପେକ୍ଷା ପ୍ରଗାଢ଼ ହୋଇଥାଏ । ହୁଏତ ବହୁ କାମ ରହିଛି ଯାାହ ସଂସାରୀ ଲୋକ ସର୍ବଦା କରିଥାଏ ଏବଂ କରିପାରେ, ଯାହା ଫଳରେ କୌଣସି ପ୍ରକାରେ ବିଶେଷ କ୍ଷତି ନ ହୋଇପାରେ; କିନ୍ତୁ ଯେଉଁମାନେ ପଥର ନିକଟବର୍ତ୍ତୀ ହେଉଛନ୍ତି, ଯଦି ସେମାନେ ସେହି ପ୍ରକାର କାର୍ଯ୍ୟ କରନ୍ତି, ତେବେ ସେଗୁଡ଼ିକ ଖୁବ୍ ନିଶ୍ଚିତ ଭାବେ କ୍ଷତିକାରକ ହେବ । ଶିଷ୍ୟଙ୍କ କ୍ଷେତ୍ରରେ । ଶିଷ୍ୟଙ୍କୁ ଯାହା ହୁଏ, ଗୁରୁଙ୍କୁ ମଧ୍ୟ ତାହା ହୋଇଥାଏ, କାରଣ ସେ ଶିଷ୍ୟଙ୍କୁ ନିଜର ଏକ ଅଂଶ କରି ନେଇଛନ୍ତି । "କୌଣସି ବ୍ୟକ୍ତି ନିଜ ପାଇଁ ବଞ୍ଚେ ନାହିଁ ଏବଂ କୌଣସି ବ୍ୟକ୍ତି ନିଜ ପାଇଁ ମରେ ନାହିଁ ।" ଏହା ସମସ୍ତଙ୍କ ପାଇଁ ସତ, କିନ୍ତୁ ଯେଉଁମାନେ ମହାନ୍ ଗୁରୁମାନଙ୍କର ଚରଣ ନିକଟକୁ ଟାଣି ହୋଇ ଆସିଥାନ୍ତି, ସେମାନେ ଏ ଦିଗରେ ଦୁଇଗୁଣ ଯତ୍ନବାନ୍ ହେବା ଉଚିତ୍ । ବିଶେଷତଃ ଗୂଢ଼ତାତ୍ତ୍ୱିକ ବିଷୟରେ ଯାହା ଏକ ସାଥୀ ଅଧ୍ୟାୟୀଙ୍କ ପଥରେ ଅସୁବିଧା ଆଣି ଦିଏ ତାହା ଗୁରୁତର କର୍ମଫଳ ସୃଷ୍ଟି କରେ ।

**କେବେହେଲେ ନିଜକୁ ବିଷାଦ ଏବଂ ହତାଶା ଅନୁଭବ କରିବାକୁ ଦିଅ ନାହିଁ । ହତାଶା ଏକ ମନ୍ଦ କଥା କାରଣ ଏହା ଅନ୍ୟମାନଙ୍କୁ ପ୍ରଭାବିତ କରେ ଏବଂ ସେମାନଙ୍କ ଜୀବନକୁ ଅଧିକ ଦୁଃଖମୟ କରେ, ଯାହା କରିବାର ଅଧିକାର ତୁମର ନାହିଁ । ସୁତରାଂ ଯଦି କେତେବେଳେ ସେହି ହତାଶା ଆସେ, ତାକୁ ସଙ୍ଗେ ସଙ୍ଗେ ଫୋପାଡ଼ି ଦିଅ ।**

**ଲେଡ୍‌ବିଟର୍** – ଯେ କେହି ଘୋର ହତାଶା ଯୋଗୁଁ କଷ୍ଟ ପାଉଥିବ, ସେ ହୁଏତ ମୁଣ୍ଡ ହଲାଇ କହିବ, "ଏହା ବହୁତ ଉତ୍ତମ ଉପଦେଶ, କେବଳ କେହି

ଏହାକୁ ଗ୍ରହଣ କଲେ ହେଲା ।" କିନ୍ତୁ ମୁଁ ଆଗରୁ ଯେପରି କହିଛି, ଅନ୍ୟମାନଙ୍କ ଉପରେ ଏହାର ପ୍ରଭାବ ବିଷୟରେ ଚିନ୍ତା ହିଁ ମଣିଷକୁ ବଳ ଦେବ ଏହାକୁ ଫୋପାଡ଼ି ଦେବାପାଇଁ; ଯେତେବେଳେ ଅନ୍ୟ କିଛି ଉପାୟ ତାହା କରିବ ନାହିଁ । ହତାଶା ହେଉଛି ଖରାପ, କାରଣ ଏହା ନିଜର ସାଥୀ ଅଧ୍ୟାୟୀ ଏବଂ ଅନ୍ୟମାନଙ୍କୁ ପ୍ରଭାବିତ କରେ ଏବଂ ସେମାନଙ୍କ ପଥକୁ ଅଧିକ ଦୁର୍ଗ କରେ । କୌଣସି ଜିନିଷ ଆମକୁ ପ୍ରଭାବିତ କରି ପାରିବ ନାହିଁ ଯାହା ଆମ ପାଖରୁ ନ ଆସିଛି – ଆମର ଅତୀତ ଜନ୍ମମାନଙ୍କରୁ ଆମର ନିଜ କର୍ମ ଜରିଆରେ । ସେଥିରୁ ମଣିଷ ଶିଖି ପାରିବ ବିଶେଷ ଯତ୍ନବାନ୍ ହେବାପାଇଁ ଯାହା ଫଳରେ ଅନ୍ୟମାନେ ଆମ ଦ୍ୱାରା ଆଘାତ ପାଇବେ ନାହିଁ ।

ଯଦି କେହି କିଛି କରିଛି ବା କହିଛି, ଯାହା ଠିକ୍ ପ୍ରଶଂସାଯୋଗ୍ୟ ନୁହେଁ, ତେବେ ଆମେ ଭାବିବା ଉଚିତ୍ – "ମୁଁ ଏହି କଥା ଅନ୍ୟକୁ କହିବି ନାହିଁ; ମୁଁ ନିଜେ କିଛି କରିବି ନିହଁ ବା କହିବି ନାହିଁ, ଯାହା ଆଉ କାହା ସକାଶେ ଦିନଟିକୁ ଅଧିକ ଦୁଃଖମୟ କରିବ ।" ଆମେ ମଧ୍ୟ ଦୃଢ଼ ସଂକଳ୍ପ କରି ପିାରବା ନିଜେ ସେହି ଯନ୍ତ୍ର ନ ହେବା ପାଇଁ ଯାହା ଦ୍ୱାରା ଅନ୍ୟମାନଙ୍କର ଖରାପ କର୍ମ କାର୍ଯ୍ୟକାରୀ ହେବ । ଯଦି ଜଣେ ଅନ୍ୟକୁ ଆଘାତ କରେ ବା ଅପମାନିତ କରେ, ତେବେ ଏ କଥା ସତ ଯେ ସେଇ ଜଣକ କେବଳ ଅନ୍ୟ ଜଣକର କର୍ମଫଳର ସାଧନ ହୋଇଥାଏ । ଆମେ ଲୋକଙ୍କୁ ସାହାଯ୍ୟ କରି ଏବଂ ସେମାନଙ୍କ ପାଇଁ ଆଶୀର୍ବଦା ଏବଂ ସୁଖ ଆଣିଦେଇ ସେମାନଙ୍କର ଭଲ କର୍ମଫଳ ପାଇବାର ସାଧନ ହେବା । ମନ୍ଦ କର୍ମ ଅନ୍ୟାନ୍ୟ ପ୍ରଣାଳୀରେ ଅବଶ୍ୟ କାର୍ଯ୍ୟକାରୀ ହେବ, କିନ୍ତୁ ଆମ ଜରିଆରେ ନୁହେଁ ।

**ଆଉ ଏକ ପନ୍ଥାରେ ମଧ୍ୟ ତୁମକୁ ନିଜର ଚିନ୍ତାକୁ ନିୟନ୍ତ୍ରଣ କରିବାକୁ ହେବ । ତୁମେ ତାକୁ ଘୂରି ବୁଲିବାକୁ । ଛାଡ଼ିଦେବା ଅନୁଚିତ । ଯାହାକିଛି ତୁମେ କରୁଛ, ତାହା ଉପରେ ଚିନ୍ତା ସ୍ଥିର ରଖ, ଯାହା ଫଳରେ କାମଟି ନିଖୁଣ ଭାବେ ହୋଇପାରିବ ।**

**ଲେଡ୍‌ବିଟର୍** – ଆମେ ଯାହା କିଛି କରୁଥିବା, ସେଥିରେ ଆମର ଚିନ୍ତା ସ୍ଥିର ର୍ବା ଏକ ସାଧାରଣ କଥା ହେବା ଉଚିତ୍, ଯାହା ଫଳରେ କାମଟି ନିଖୁଣ ଭାବେ ହୋଇପାରିବ । ଉଦାହରଣ ସ୍ୱରୂପ, ଆମେ ଯଦି ଖଣ୍ଡିଏ ଚିଠି ଲେଖୁଛୁ, ଆମେ ତାହା ଉପରେ ମନ ସ୍ଥିର ରଖିପାରିବା ଏବଂ ଦେଖିବା ଯେ ଏକ

ଗୂଢ଼ତତ୍ତ୍ୱବିଦ୍‌ଙ୍କ ଚିଠି ଯେପରି ହେବା କଥା, ତାହା ସେପରି ହେବ । ଜଣେ ସାଧାରଣ ଲୋକ ତାର ଚିଠିଗୁଡ଼ିକ ଲେଖେ ଏକ ପ୍ରକାର ଅସାବଧାନ ବା ବିଶୃଙ୍ଖଳ ଭାବେ । ସେ ଯାହା କହିବାର ଥାଏ କହି ପକାଏ, ତାହା ଭଲ ଭାବେ କହିବାକୁ ବିଶେଷ ଉଦ୍ୟମ କରେ ନାହିଁ । ଏହି ପ୍ରକାର ଛୋଟ ଛୋଟ କଥା ଯେ ଭଲ ଭାବେ କରିବାକୁ ହେବ ତାହା କେତେକଙ୍କ ସକାଶେ ଏକ ନୂତନ ଚିନ୍ତା ବୋଲି ମନେ ହୁଏ । ମୁଁ ଗୁଡ଼ାଏ ଚିଠି ପାଏ, ଏବଂ ମୁଁ ନିଶ୍ଚିତ ଭାବେ କହିବି ଯେ ସେଥିରୁ ଅନେକ ଚିଠି ଏପରି ନୁହେଁ ଯେପରି ମୁଁ ନିଜେ ପଠାଇବାକୁ ଭାବିଥାନ୍ତି । ଅନେକ ସମୟରେ ସେଗୁଡ଼ିକରେ ଅଭିବ୍ୟକ୍ତି ଦୋଷ ରହିଥାଏ ଏବଂ ଅନେକ ସମୟରେ ଏଭଳି ଖରାପ ଭାବେ ଲେଖା ହୋଇଥାଏ ଯେ ସେଗୁଡ଼ିକରେ ମୋର ବହୁ ସମୟ ନଷ୍ଟ ହୋଇଯାଏ ।

ଯେଉଁମାନେ ଗୂଢ଼ତତ୍ତ୍ୱବିତ୍ ହୋଇଥାନ୍ତି ବା ତାହା ହେବାକୁ ଚେଷ୍ଟା କରନ୍ତି, ସେମାନଙ୍କ ସକାଶେ ଏହି ପ୍ରକାର ଅସାବଧାନତା ବିଶେଷ ଗୁରୁତ୍ୱପୂର୍ଣ୍ଣ ବିଷୟ । ଜଣେ ଗୂଢ଼ତତ୍ତ୍ୱବିତ୍‌ଙ୍କ ଚିଠି ଯତ୍ନର ସହିତ ଭାଷାରେ ପ୍ରକାଶ ପାଇବା ଉଚିତ ଏବଂ ତାର ଲେଖା ବା ଟାଇପ୍ ଯାହାହେଉ, ଭଲ ଭାବରେ ହୋଇଥିବା ଆବଶ୍ୟକ । ତାହା ଦେଖିବାକୁ ସୁନ୍ଦର ହୋଇଥିବ ଏବଂ ଯେ ତାକୁ ପାଇବେ, ତାଙ୍କ ସକାଶେ ସୁଖକର ହେବା ଉଚିତ । ଯାହା ଆମେ କରିବା, ତାହା ସୁନ୍ଦର ଭାବେ ଭଲ ଭାବେ, କରିବା ହେଉଛି ନିଶ୍ଚିତ ଭାବେ ଆମର କର୍ତ୍ତବ୍ୟ । ମୁଁ କହିବାକୁ ଚାହୁଁନାହିଁ ଯେ ମଣିଷ ସବୁବେଳେ ସମୟ ଦେଇପାରିବ ତମ୍ବା ପଟାରେ ଲେଖିବା ଭଳି ଲେଖିବାକୁ ବା ପ୍ରତ୍ୟେକ ଅକ୍ଷରଟି ଲେଖିବ ଯେପରି ତାହା ଏକ ସମ୍ପୂର୍ଣ୍ଣ କଳାକୃତି; ଆଜିକାଲି ତାହା ସମ୍ଭବ ନୁହେଁ ।

କିନ୍ତୁ ଗୂଢ଼ତତ୍ତ୍ୱବାଦର ବାହାରେ ମଧ୍ୟ ପତ୍ରଗ୍ରହୀତା ପ୍ରତି ଏକ ସାଧାରଣ ଭଦ୍ରତା ଦୃଷ୍ଟିରୁ ପରିଷ୍କାର ଭାବେ ଏବଂ ପଢ଼ି ହେବା ଭଳି ଲେଖିବା ଉଚିତ । ଯଦି ଆପଣଙ୍କର କିଛି ସମୟ ବଞ୍ଚାଇବା ପାଇଁ ଆପଣ ତରତରରେ ଏବଂ ଖରାପ ଭାବେ ଲେଖନ୍ତି, ତେବେ ମନେ ରଖନ୍ତୁ ଯେ ତାହା କରାଯାଉଛି ସମ୍ଭବତଃ ଅନ୍ୟ ବ୍ୟକ୍ତିର ଚାରି ଗୁଣ ସମୟକୁ ବଳି ଦେଇ । ସେହିପରି କାର୍ଯ୍ୟ କରିବାର ଅଧିକାର ଆମର ନାହିଁ ।

ଆମେ ପଠାଉଥିବା ପ୍ରତ୍ୟେକଟି ଚିଠି ଏକ ଦୂତ ହେବା ଉଚିତ । ଆମେ ତାକୁ ଗୁରୁଙ୍କର ଏକ ବାଣୀ ରୂପେ ପ୍ରସ୍ତୁତ କରିବାକୁ ହେବ । ତାହା ବ୍ୟବସାୟ ସଂକ୍ରାନ୍ତରେ ହେଉ ବା ଅନ୍ୟ ସାଧାରଣ ବିଷୟ ହେଉ, ତାହା ଶୁଭ ଚିନ୍ତାରେ ଶକ୍ତିମନ୍ତ ହେବା ଉଚିତ । ତାହା କରିବାକୁ ଗୋଟିଏ ମୁହୂର୍ତ୍ତ ଲାଗିବ । ଆମେ

ଯେତେବେଳେ ଚିଠି ଲଖୁଥିବା ଆମ ମନରେ ପ୍ରଗାଢ଼ ଶୁଭ ଚିନ୍ତା ରହିବା ଦରକାର । ଆମ ପକ୍ଷରୁ ଅନ୍ୟ କୌଣସି କାର୍ଯ୍ୟ ବିନା ତାହା ହିଁ ଚିଠିଟିକୁ ପ୍ରଭାବିତ କରିବ । କିନ୍ତୁ ଆମେ ଯେତେବେଳେ ଦସ୍ତଖତ କରିବା, ଆମେ କ୍ଷଣକ ପାଇଁ ତାହା ଭିତରକୁ ଏକ ପ୍ରକାର ଶୁଭ ଚିନ୍ତାର ପ୍ରବାହ ଛୁଟାଇ ଦେବା । ଯଦି ଜଣେ ବନ୍ଧୁଙ୍କ ପାଖକୁ ଚିଠି ଲେଖୁଥାନ୍ତି, ତେବେ ଚିଠଇ ଭିତରକୁ ସ୍ନେହ ଢାଳି ଦେବା ଆବଶ୍ୟକ, ଫଳରେ ସେ ଯେତେବେଳେ ଚିଠି ଖୋଲିବେ, ଭ୍ରାତୃ ସ୍ନେହର ଭାବଧାରା ତାଙ୍କ ଆଡ଼କୁ ଛୁଟି ଚାଲିବ ।

ଯଦି ଚିଠିଟି ସମିତିର ଜଣେ ସଭ୍ୟ ଭାଇଙ୍କ ପାଖକୁ ଲେଖା ଯାଉଥାଏ, ତାହା ଭିତରେ ଗୁରୁଦେବଙ୍କର ଏବଂ ଉଚ୍ଚତର ବିଷୟଗୁଡ଼ିକର ଚିନ୍ତା ପୂରାଇ ଦିଅନ୍ତୁ । ତାହା ଫଳରେ ଚିଠିଟି ତାଙ୍କୁ ମନେ ପକାଇ ଦେବ ଉଚ୍ଚତର ବିଷୟ ଯାହା ବ୍ରହ୍ମବିଦ୍ୟା ସମିତିର ସଭ୍ୟଗଣ ସର୍ବଦା ଧରି ରଖିବାକୁ ଚାହାନ୍ତି । ଆମେ ଯଦି କୌଣସି ଏକ ବ୍ୟକ୍ତିଙ୍କ ପାଖକୁ ଲେଖୁ, ଯାହାଙ୍କର ଏକ ନିର୍ଦ୍ଦିଷ୍ଟ ଗୁଣର ଅଭାବ ଅଛି ବୋଲି ଆମେ ଜାଣୁ, ତେବେ ଯାହା ଦରକାରୀ ତାହା ଦେବାର ଏହି ସୁଯୋଗ ନେଇ ଆମେ ଚିଠି ଭିତରକୁ ସେହି ଗୁଣ ଢାଳିଦେବା ଉଚିତ ହେବ । ସୁତରାଂ ଆମକୁ ଦେଖିବାକୁ ହେବ ଯେ ପ୍ରତ୍ୟେକ ଚିଠି ସୁଲିଖିତ ହେବ ଏବଂ ତା' ଭିତରେ ଥିବ ଏକ ଆତ୍ମା ।

ଅନ୍ୟମାନଙ୍କ ସହିତ ସିଧାସଳଖ ଭେଟ ହେଲେ ସେହି ପ୍ରକାର ସେବା କରାଯାଇପାରେ । ଆମମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଦିନକ ଭିତରେ ବହୁ ଲୋକଙ୍କ ସଂସ୍ପର୍ଶରେ ଆସନ୍ତି; ସେମାନଙ୍କ ସହିତ କଥାବାର୍ତ୍ତା କରିବାକୁ ହୁଏ ଏବଂ ବେଳେବେଳେ ହାତ ମିଳାଇବାକୁ ହୁଏ । ସେହି ସିଧଶସଳଖ ସ୍ଥୂଳ ସଂସ୍ପର୍ଶର ସୁଯୋଗ ନେଇ ଆମେ ଢାଳି ଦେଇପାରିବା ଜୀବନ ଶକ୍ତିର ବା ସ୍ନାୟବିକ ଶକ୍ତିର ସ୍ନେହର ବା ଉଚ୍ଚତର ଚିନ୍ତାର ଏକ ପ୍ରବାହ, ଯାହା ସର୍ବାଧିକ ଉପଯୁକ୍ତ ମନେ ହୋଇପାରେ । ଜଣେ କେବେହେଲେ ଅନ୍ୟ କାହା ସହିତ ହାତ ମିଳାଇବେ ନାହିଁ, ସେହି ପ୍ରକାରର କିଛି ପ୍ରବାହ ଅନ୍ୟ ଭିତରକୁ ନ ଛାଡ଼ି । ଏହା ହେଉଛି ଏକ ସୁଯୋଗ, ଆମେ ଯଦି ଗୁରୁଦେବଙ୍କର ଶିଷ୍ୟ ହେବାକୁ ଅଭୀପ୍ସା କରୁ । ଆମର କାମ ହେଉଛି ଏହି ପ୍ରକାର ସେବା କରିବା ପାଇଁ ସୁଯୋଗ ଖୋଜିବା । ଜଣେ ଲୋକ ଯଦି, କୌଣସି ନା କୌଣସି ପ୍ରକାରେ ସାଥୀ ଲୋକଙ୍କର ଉପଯୋଗୀ ହୋଇପାରୁ ନାହିଁ, ତେବେ ସେ ଶିଷ୍ୟ ରୂପେ ଗୃହୀତ ହେବା ପଥରେ ଯାଉନାହିଁ ।

ମୁଁ ଭାବୁଛି ସାଧାରଣ ଲୋକଙ୍କ ସକାଶେ ଏହା କହିବା ଅନ୍ୟାୟ ହେବ ନାହିଁ ଯେ ନୂତନ ପରିଚୟ କରିବା ପାଇଁ ତାର ଚିନ୍ତା ବହୁ ପରିମାଣରେ ରହିଥାଏ ଏହିପରି : "କୌଣସି ନା କୌଣସି ପ୍ରକାରେ ମୁଁ ଏହି ଲୋକଠାରୁ କ'ଣ ପାଇବି ?" ତାହା ଟଙ୍କା ଆକାରରେ ହୋଇନପାରେ, ମନୋରଞ୍ଜନ ହୋଇପାରେ ବା ସାମାଜିକ ଉପକାର ହୋଇପାରେ, କିନ୍ତୁ କୌଣସି ମତେ ସେ କିଛି ପାଇବା ବିଷୟରେ ଚିନ୍ତା କରେ । ଆମର ମନୋଭାବ ଠିକ୍ ଓଲଟା ହେବା କଥା – "ଏହା ମୋ ପାଇଁ ଏକ ନୂତନ ସୁଯୋଗ । ମୁଁ କ'ଣ ଦେଇ ପାରିବି ?" ଜଣେ ଅପରିଚିତ ବ୍ୟକ୍ତିଙ୍କ ସହିତ ଯଦି ମୋର ପରିଚୟ କରି ଦିଆଯାଏ, ମୁଁ ତାଙ୍କୁ ନିରୀକ୍ଷଣ କରି ଏକ ଶୁଭ ଚିନ୍ତା ରୂପରେ କିଛି ନା କିଛି ତାଙ୍କ ଉପରକୁ ପକାଇଦିଏ । ତାହା ତାଙ୍କ ଦେହରେ ଲାଗି ରହିବ ଏବଂ ସମୟ ଅସିଲେ ଭିତରକୁ ଭେଦ କରିବ । ଗୁରୁଦେବଙ୍କର ଶିଷ୍ୟଗଣ ତାହା ହିଁ କରିଥାନ୍ତି ଯେତେବେଳେ ସେମାନେ ରାସ୍ତାରେ ଚାଲୁଥାନ୍ତି ବା ଟ୍ରାମରେ ବା ଡଙ୍ଗାରେ ଯାଆନ୍ତି । ସେମାନେ ଲକ୍ଷ୍ୟ କରୁଥାନ୍ତି କେଉଁ କ୍ଷେତ୍ରରେ ଏକ ଶୁଭ ଚିନ୍ତା ଆବଶ୍ୟକ ଏବଂ ସେମାନେ ତାହା ଯୋଗାଇ ଦିଅନ୍ତି । ଗୋଟିଏ ସକାଳ ବା ଅପରାହ୍ଣର ଯାତ୍ରା ସମୟରେ ସେମାନେ ହୁଏତ ଏପରି ଶହେଥର କରିଥାନ୍ତି ।

ଆମେ ଯେତେବେଳେ କାହାକୁ ଅଭିବାଦନ କରୁ, ତାହା କେବଳ ଶାବ୍ଦିକ ରୂପ ନ ନେଇ ବାସ୍ତବ ହେବା ଉଚିତ । ଯେଉଁ ଅଭିବାଦନରେ ଈଶ୍ୱରଙ୍କ ନାମ ନିଆଯାଏ, ଏବଂ ତାଙ୍କର ଆଶୀର୍ବାଦ ପ୍ରାର୍ଥନା କରାଯାଏ, ଯେମି ରହିଛି – ଉଦାହରଣସ୍ୱରୂପ, ମୁସଲମାମାନଙ୍କ ପ୍ରଥାରେ, ତାହା ସମୟ ସମୟେ କେବଳ ଔପଚାରିକ ହୋଇପଡ଼େ । ତେବେ କେତେକ ସମୟରେ ତାହା ହାର୍ଦ୍ଦିକ ଶୁଭେଚ୍ଛା ହୋଇଥାଏ ଏବଂ ସେଥିରେ ଈଶ୍ୱରଙ୍କ ଚିନ୍ତା ପ୍ରକୃତରେ ରହିଥାଏ । ଆମେ ଇଂରାଜୀରେ କହୁ "ଗୁଡ୍ ବାଏ" । ଖୁବ୍ କମ୍ ଲୋକେ ଜାଣନ୍ତି ଯେ ଏହା 'ଗଡ୍ ବି ଉଇଥ୍ ୟୁ'ର ସଂକ୍ଷେପୀକରଣ । କିନ୍ତୁ ଆମେ ଏହା ଜାଣିବା ଉଚିତ୍ ଏବଂ ସେଭଳି ଇଚ୍ଛା କରିବା ଉଚିତ୍ ।

ଏଗୁଡ଼ିକ ଛୋଟ କଥା ବୋଲି ମନେ ହୋଇପାରେ, କିନ୍ତୁ ପ୍ରତିଦିନିଆ ଜୀବନରେ ଏହି ଛୋଟ କଥାଗୁଡ଼ିକ ହିଁ ପରିବର୍ତ୍ତନ ଆଣିଥାଏ । ସେଗୁଡ଼ିକ ଚରିତ୍ରର ନିଦର୍ଶନ ଏବଂ ଚରିତ୍ର ନିର୍ମାଣ କରେ । ଆମେ ଯଦି ଏହି ସବୁ ପ୍ରତିଦିନିଆ ଛୋଟିଆ କାମଗୁଡ଼ିକୁ ଯତ୍ନର ସହିତ ଏବଂ ଭଲ ଭାବେ କରୁ, ଆମେ ଶୀଘ୍ର ନିଜ ଭିତରେ ଏକ ଗୁଣର ବିକାଶ କରିବା ଯାହା ଆମକୁ କରିବ ମନୋଯୋଗୀ,

ଆତ୍ମ-ସଂଯତ ଏବଂ ଛୋଟ ବା ବଡ଼ ସବୁ ପ୍ରକାର ବିଷୟରେ ସଠିକ୍ । ଜଣେ ଏଭଳି ଏକ ଗୁଣର ଅଧିକାରୀ ହୋଇ ନ ପାରେ ଯାହା ବଡ଼ବଡ଼ ବିଷୟରେ ଯତ୍ନବାନ ହେବ ଏବଂ ଛୋଟଛୋଟ ବିଷୟରେ ହେବ ଅସାବଧାନ । ସେମିତି ହେଲେ ଏହା ଅପରିହାର୍ଯ୍ୟ ହେବ ଯେ ଆମେ ସମୟେ ସମୟେ ଭୁଲିଯିବା ଏବଂ ଭୁଲ୍ ସମୟରେ ଅସାବଧାନ ହୋଇପଡ଼ିବା । କିନ୍ତୁ ଆମେ ସମ୍ପୂର୍ଣ୍ଣ ଯତ୍ନବାନ ହେବାକୁ ଶିଖିବା ଉଚିତ୍ । ଆହୁରି ମଧ୍ୟ ବହୁ ଛୋଟ କଥା ଏକାଠି ହୋଇବଡ଼ କଥାରେ ପରିଣତ ହୁଏ । ଟିକିଏ ଅଭ୍ୟାସ କଲେ ଜଣେ ଚିଠି ଖଣ୍ଡିଏ ଲେଖି ବା ହାତରେ ଛୁଇଁବା ଦ୍ୱାରା ଅନ୍ୟ ଲୋକକୁ ଟିକିଏ ନୁହେଁ, ବରଂ ବହୁ ପରିମାଣରେ, ସାହାଯ୍ୟ କରିବାକୁ ଶିଖି ପାରିବେ ।

ଗୁରୁଦେବ କହିଛନ୍ତି, "ଯାହା କିଛି କରୁଛ, ସେଥିରେ ମନ ସ୍ଥିର ରଖ ।" ଆମ ମନକୁ ବିଶ୍ରାମ ଦେବା ପାଇଁ ଆମେ ଯାହା କିଛି ଯଥା ଉପନ୍ୟାସ ବା ପତ୍ରିକା ପଢ଼ିବା, ତାହାପାଇଁ ମଧ୍ୟ ଏହା ପ୍ରଯୁଜ୍ୟ । ଜାଣିଶୁଣି କାମ ଢିଲା କରିବା ବା ଶୋଇବା ଛାଡ଼ି ଦେଲେ ବିଶ୍ରାମ ହେଉଛି ସବୁଠାରୁ ଉତ୍ତମ ପ୍ରକାର ଅନ୍ୟ ଏକ ପ୍ରକାର କାମ । ସୁତରାଂ ମନୋରଂଜନ ବା ବିଶ୍ରାମ ସକାଶେ ଲୋକେ କିଛି ପଢୁଥିବାବେଳେ ମଧ୍ୟ, ମନ ସେମାନଙ୍କର ଦାସ ହେବା ଉଚିତ; ସେମାନେ ମନର ଦାସ ହେବା କଥା ନୁହେଁ । ଆପଣ ଯଦି ଏକ ଗଳ୍ପ ପଢୁଛନ୍ତି, ସେଥିରେ ମନ ସ୍ଥିର ରଖନ୍ତୁ ଏବଂ ତାକୁ ବୁଝିବାକୁ ଚେଷ୍ଟା କରନ୍ତୁ, ଲେଖକ କ'ଣ କହିବାକୁ ଚାହାନ୍ତି ବୁଝିବା ପାଇଁ ।

ଅନେକ ସମୟରେ ଲୋକେ ଏପରି ଉପର ଠାଉରିଆ ଭାବେ ପଢ଼ନ୍ତି ଯେ ଯେତେବେଳେ ସେମାନେ ଗପର ଶେଷରେ ପହଞ୍ଚନ୍ତି, ସେମାନେ ଆରମ୍ଭଟା ଭୁଲି ଯାଆନ୍ତି । ସେମାନେ ଏପରି ସଂପୂର୍ଣ୍ଣ ଅସ୍ପଷ୍ଟ ଧାରଣା କରିଥାନ୍ତି ଯେ ସେମାନେ ତାର ଘଟଣାକ୍ରମ କିମ୍ବା ତାହା କି ଶିକ୍ଷା ଦେବାପାଇଁ ଉଦ୍ଦିଷ୍ଟ ତାହା କହି ପାରନ୍ତି ନାହିଁ । କିନ୍ତୁ ଆମେ ଯଦି ଖୁସିରେ ବା ଅବସର ବିନୋଦନ ପାଇଁ ପଢ଼ିବାବେଳେ ଆମର ମନକୁ ତାଲିମ୍ ଦେବାକୁ ଚାହୁଁ, ତେବେ ତାହା ଭଲ ଭାବେ ପଢ଼ିବା ଦରକାର । ସେହିପରି ହୋଇଥାଏ ଯେତେବେଳେ ଆମେ ବିଶ୍ରାମ ନେଉ । ପ୍ରକୃତରେ ପୃଥିବୀରେ ଲକ୍ଷ ଲକ୍ଷ ଲୋକ ଅଛନ୍ତି, ଯେଉଁମାନେ ଜାଣନ୍ତି ନାହିଁ କିପରି ଶୋଇବାକୁ ହେବ ଏବଂ ଠିକ୍ ଭାବେ ବିଶ୍ରାମ କରିବାକୁ ହେବ । ସେମାନେ ଜାଣିନାହାନ୍ତି ଯେ ଦଶ ମିନିଟ୍ କାମ ବନ୍ଦ କରିବା ଦୁଇଘଣ୍ଟା ଧରି ଉତ୍ତେଜିତ ଏବଂ ବ୍ୟସ୍ତ ଅବସ୍ଥାରେ ଶୋଇ ରହିବା ସହିତ ସମାନ ।

ବିଶ୍ରାମରେ ସଫଳତା ପାଇଁ ମଧ୍ୟ ମନକୁ ଧୀର ଭାବେ ନିୟନ୍ତ୍ରଣ କରିବା ଆବଶ୍ୟକ । ଅନ୍ୟ ସବୁ ବିଷୟ ପରି ଏହି ନିୟନ୍ତ୍ରଣ କରିବା ଏକ ଅଭ୍ୟାସ ହୋଇଯାଏ, ଏବଂ ଯେଉଁମାନେ ଏହା ଅଭ୍ୟାସ କରନ୍ତି ଶୀଘ୍ର ଦେଖନ୍ତି ଯେ ସେମାନେ ଆଗ ଭଳି ବେଖାତିର ଭାବେ କାମ କରି ପାରିବେ ନାହିଁ । ଯଦି ସେମାନେ ବିଶ୍ରାମ ନିଅନ୍ତି, ତେବେ ଠିକଣା ଭାବେ ବିଶ୍ରାମ ନେବା ଆବଶ୍ୟକ ।

**ମନକୁ ଅଳସୁଆ ହେବାକୁ ଦିଏ ନାହିଁ ବରଂ କେତେକ ଶୁଭ ଚିନ୍ତା ସବୁବେଳେ ମନର ପୃଷ୍ଠଭୂମିରେ ରଖିଥାଅ – ମନ କାମରୁ ମୁକ୍ତ ହେବା ମାତ୍ରେ ଆଗକୁ ଆସିବା ପାଇଁ ସେଗୁଡ଼ିକ ପ୍ରସ୍ତୁତ ଥିବେ ।**

**ଆନି ବେସାନ୍ତ୍ –** ସାଧାରଣ ହିନ୍ଦୁ ପକ୍ଷରେ ଏହା ଅତିଶୟ ସହଜ କଥା ହେବା ଉଚିତ୍, କାରଣ ତାକୁ ପିଲାବେଳୁ ଶିକ୍ଷା ଦିଆଯାଇଛି କିଛି କାମ ନ ଥିବାବେଳେ ଶୁଭ ଶବ୍ଦ ଉଚ୍ଚାରଣ କରିବା ପାଇଁ । ଭାରତରେ ନିହାତି ଅଶିକ୍ଷିତ ଲୋକେ ମଧ୍ୟ ତାହା କରିଥାନ୍ତି । ଆପଣ ହୁଏତ ଅନେକ ସମୟରେ ଶୁଣିବେ କେହି ଲୋକ ନିଜର କାମ ସରିବା ପରେ ହଠାତ୍ ବାରମ୍ବାର ଉଚ୍ଚାରଣ କରିବାକୁ ଆରମ୍ଭ କରିବ, “ରାମ, ରାମ, ରାମ, ସୀତାରାମ, ସୀତାରାମ, ସୀତାରାମ” – କେବଳ ସେହି ପବିତ୍ର ନାମ, ଆଉ କିଛି ନୁହେଁ । କେତେକ ଲୋକ ହୁଏତ ଭାବିବେ ଏହା କରିବା ଏକ ନିରର୍ଥକ କାର୍ଯ୍ୟ, କିନ୍ତୁ ତାହା ନୁହେଁ । କାରଣ ଯେଉଁ ବ୍ୟକ୍ତି ଉଚ୍ଚାରଣ କରେ, ତାହା ଉପରେ ଏହାର ଏକ ଅତିଶୟ ବାସ୍ତବ ପ୍ରଭାବ ପଡ଼ିଥାଏ । ଏହା ତାର ଖାଲି ଥିବା ମନକୁ ସ୍ଥିର ରଖେ – ଏକ ଶାନ୍ତିଦାୟକ ଉନ୍ନତି ଚିନ୍ତାରେ । ମନକୁ ନିଜ ଇଚ୍ଛା ଅନୁଯାୟୀ ଘୂରି ବୁଲିବାକୁ ଛାଡ଼ି ଦେବା ଏବଂ ଖୁବ୍ ସମ୍ଭବ ନିଜର ମାଲିକର ପଡ଼ୋଶୀମାନଙ୍କ ବ୍ୟାପାରରେ ବ୍ୟସ୍ତ ରହିବା, ଯାହା ଫଳରେ ପରଚର୍ଚ୍ଚା ଏବଂ ସେଥିରୁ ଜାତ ସମସ୍ତ ଅକଥନୀୟ କ୍ଷତି ହେବ, ସେସବୁଠାରୁ ଏହା ଅନେକ ଗୁଣରେ ଶ୍ରେୟସ୍କର । ଅବଶ୍ୟ ଯଦି ଆପଣ ବାହ୍ୟ ଉଚ୍ଚାରଣ ବିନା ନିଜର ମନକୁ ନିୟନ୍ତ୍ରଣ କରି ପାରନ୍ତି, ତାହାହେଲେ ତ ଆହୁରି ଭଲ । କିନ୍ତୁ ବହୁ ଲୋକେ ଏଇଟା କରନ୍ତି ନାହିଁ କି ସେଇଟା ବି କହନ୍ତି ନାହିଁ ।

ସକାଳେ କେତେକ ଶ୍ଳୋକକୁ ବାଛି ନେଇ ପରେ ତାକୁ ମୁଖସ୍ଥ କରିବା ଏକ ଉତ୍ତମ ଯୋଜନା, ଯାହା ସବୁ ଧର୍ମରେ ସୁପାରିଶ କରାଯାଇଥିବାର ଆପଣ ଦେଖିବେ । ଦିନବେଳେ ତାହା ମନକୁ ମନ ମନେ ପଡ଼ିବ ଏବଂ ସମୟେ

ସମୟେ ମନ ଖାଲି ଥିବାବେଳେ କମ୍ ଉପଯୋଗୀ ଅନ୍ୟ ଚିନ୍ତାଗୁଡ଼ିକୁ ଦୂରେଇ ଦେବ । ଆପଣ ଯେକୌଣସି ଉତ୍ତମ ପୁସ୍ତକରୁ ଗୋଟିଏ ଶ୍ଳୋକ ବା ବାକ୍ୟ ବାଛି ନେଇ ପାରନ୍ତି ଏବଂ ସକାଳେ ତାହା ଉପରେ ଚିନ୍ତା ସ୍ଥିର ରଖି ହୁଏତ ପୋଷାକ ପିନ୍ଧିବାବେଳେ କେତେଥର ଉଚ୍ଚାରଣ କରିବାଦ୍ୱାରା ତାହା ମନକୁ ମନ ଦିନ ବେଳେ ମନେ ପଡ଼ିବ । ଜଣେ ବୁଝିପାରିବ ମନ ଭିତରେ ଏ ପ୍ରକାର ସ୍ୱୟଂକ୍ରିୟ ଉଚ୍ଚାରଣ କେତେ ସହଜ ହେବ ଯଦି ସେ ମନେ ପକାଇବ, କେଉଁଠି ହଠାତ୍ ଶୁଣିଥିବା ଏକ ସଂଗୀତ, ତାର ଆକର୍ଷଣୀୟ ଏକ ସ୍ୱର, କିପରି ମନ ଉପରେ ଦାଗ ରଖି ଦିଏ । ମନକୁ ଅଧିକାର କରିନିଏ ଏବଂ ସେଥିରେ ବାରମ୍ବାର ଉଚ୍ଚାରିତ ହେବାରେ ଲାଗେ । ବହୁ ବର୍ଷ ଧରି ମୁଁ ଗୁରୁମାନଙ୍କର ଚିନ୍ତାକୁ ମୋର ମନର ପୃଷ୍ଠଭୂମିରେ ରଖି ଆସିଛି ଏବଂ ଏହା ବର୍ତ୍ତମାନ ସବୁବେଳେ ରହିଛି ଯାହା ଫଳରେ ମୋର ମନ କାମରୁ ରିହାତି ପାଇବାକ୍ଷଣି ସ୍ୱାଭାବିକ ଭାବେ ସେହି ଚିନ୍ତା ପାଖକୁ ଫେରି ଯାଏ ।

**ଲେଡ୍‌ବିଟର୍** – ଆମ ମନର ପୃଷ୍ଠଭୂମିରେ ଗୁରୁଦେବଙ୍କର ଚିନ୍ତାଗୁଡ଼ିକ ସର୍ବଦା ରହିବା ଆବଶ୍ୟକ, ଯାହା ଫଳରେ ଅନ୍ୟ କାମ ନ ଥିବାବେଳେ ସେଗୁଡ଼ିକ ଆଗେଇ ଆସିବେ । ଯଦି ଜଣେ ପଢୁଥାଏ ବା ଚିଠି ଲେଖୁଥାଏ କିମ୍ବା କୌଣସି ଶାରୀରିକ କାର୍ଯ୍ୟ କରୁଥାଏ, ସେତେବେଳେ ସେ ଗୁରୁଦେବଙ୍କ ବିଷୟରେ ଅବଶ୍ୟ ସକ୍ରିୟ ଭାବେ ସର୍ବଦା ଚିନ୍ତା କରୁନଥାଏ । କିନ୍ତୁ ପ୍ରଥମରୁ ସଂକଳ୍ପ କରାଯାଏ "ଗୁରୁଦେବଙ୍କ ସକାଳେ ମୁଁ ଏହାକୁ ଭଲ ଭାବେ କରିବି ।" ତାହା ପରେ, ମଣିଷ କାମ କଥା ଚିନ୍ତା କରେ, ଗୁରୁଦେବଙ୍କ କଥା ନୁହେଁ । କିନ୍ତୁ କାମ ଶେଷ ହେବା ମାତ୍ରେ ଗୁରୁଦେବଙ୍କର ଚିନ୍ତା ମନର ସମ୍ମୁଖରେ ଦେଖାଦିଏ । ଏହି ପ୍ରକାର ଚିନ୍ତା କେବଳ ଯେ ମନକୁ ନିଶ୍ଚିତ ଭାବେ ଭଲ ବିଷୟରେ ଲଗାଇ ରଖେ ତାହା ନୁହେଁ, ଅନ୍ୟ ବିଷୟଗୁଡ଼ିକରେ ମଧ୍ୟ ଆମର ଚିନ୍ତାକୁ ସ୍ପଷ୍ଟତର ଏବଂ ଦୃଢ଼ତର କରେ, ଯାହା ଅନ୍ୟଥା ହୋଇନଥାନ୍ତା ।

ସମୟେ ସମୟେ ଲୋକେ ଈଶ୍ୱରଙ୍କ ନାମ ଉଚ୍ଚାରଣ ଅଭ୍ୟାସ କରିଥାନ୍ତି, ମନ ସକାଶେ ଏଭଳି ଏକ ପୃଷ୍ଠଭୂମି ତିଆରି କରିବା ପାଇଁ । ଭାରତରେ ଆପଣ ଅନେକ ସମୟରେ ଦେଖିବେ ଲୋକେ ରେଳଗାଡ଼ି ପାଇଁ ଅପେକ୍ଷା କରିବାବେଳେ ବା ରାସ୍ତାରେ ଚାଲିବାବେଳେ ମନକୁ ମନ କିଛି କହୁଛନ୍ତି ଏବଂ ସମୟେ ସମୟେ ଶୁଣିବେ ସେମାନେ ଏକ ପବିତ୍ର ନାମ ବାରମ୍ବାର କହି ଲାଗିଛନ୍ତି । ଧର୍ମଯାଜକମାନେ ସର୍ବଦା 'ପୌତ୍ତଳିକ'ମାନଙ୍କ ବିରୋଧରେ ଏକ ବିଶେଷ ସମାଲୋଚନା କରିଥାନ୍ତି

ଯେ ସେମାନେ ବୃଥା ସେହି ଗୋଟାଏ କଥା ଉଚ୍ଚାରଣ କରି ଲାଗନ୍ତି । ମୁସଲମାନମାନେ ଧର୍ମଗ୍ରନ୍ଥର ବଚନ ଉଚ୍ଚାରଣ କରନ୍ତି ଏବଂ ସର୍ବଦା ଆଲ୍ଲାଙ୍କ ନାମ ତାଙ୍କ ଓଠରେ ରହିଥାଏ । ଏହା ହୋଇପାରେ କେତେକ ସମୟରେ ସେ ଆଲ୍ଲାଙ୍କ କଥା ବେଶି ଭାବନ୍ତି ନାହିଁ, କିନ୍ତୁ ଅନେକ ସମୟରେ ତାହା ତାଙ୍କ ସକାଶେ କିଛି ଅର୍ଥପୂର୍ଣ୍ଣ । ଏହା ସତ ଯେ ଜଣେ ବ୍ୟକ୍ତି ସେହିପରି କହିପାରେ କେବଳ ଅଭ୍ୟାସ ହେତୁ ଏବଂ ସେଥିପ୍ରତି କୌଣସି ଚିନ୍ତା ନ ଦେଇପାରେ। ଜଣେ ଖ୍ରୀଷ୍ଟିୟାନ୍ ତାଙ୍କର ପ୍ରାର୍ଥନା ପୁନରୁଚ୍ଚାରଣ କରିପାରନ୍ତି ଏବଂ ତାଙ୍କର ଚିନ୍ତା ସବୁ ସମୟରେ ଆଉ କେଉଁଠି ଘୂରି ବୁଲୁଥାଇପାରେ । ଜଣେ ଧର୍ମଯାଜକ ତାଙ୍କର ପ୍ରାର୍ଥନା ସମୟ ବିତାଇ ଦେଇପାରନ୍ତି । ସେହି ପ୍ରାର୍ଥନା ଉପରେ ନିଶ୍ଚିତ ଭାବେ କୌଣସି ଚିନ୍ତା କେନ୍ଦ୍ରୀଭୂତ ନ କରି, କାରଣ ସେ ପୂରା ପ୍ରାର୍ଥନା ଘୋଷି ଦେଇଛନ୍ତି । ସେ ତାଙ୍କର "ଏଭ୍ ମେରିଆ" ଏବଂ "ପାଟେରେନଷ୍ଟର୍ସ୍" କହି ପାରନ୍ତି – ଆମର ମାତା ବା ସ୍ୱର୍ଗସ୍ଥ ପିତାଙ୍କ ସମ୍ପର୍କରେ କୌଣସି ଚିନ୍ତା ନ କରି ।

ଯେ କୌଣସି ଧର୍ମରେ ବାହାରର ଖୋଳଟା ରଖି, ଭିତରର ଅଧିକାଂଶ ସାରସତ୍ତାକୁ ହଜାଇ ଦେଇ କେବଳ ଆନୁଷ୍ଠାନିକତାବାଦୀ ହେବା ସମ୍ଭବ । କିନ୍ତୁ ତାହା ଖ୍ରୀଷ୍ଟିଆନ୍ ଧର୍ମ ତୁଳନାରେ ହିନ୍ଦୁ ଧର୍ମ ଏବଂ ବୌଦ୍ଧ ଧର୍ମରେ ବେଶି କରାଯାଏ ନାହିଁ – ମୁଁ କହିବାକୁ ଚାହିଁବି ପ୍ରାୟ ଏତେ ବେଶି ନୁହେଁ । ଏହା ସତ ଯେ ନାମ ଜପ କରିବା – ଯଥା – "ରାମ, ରାମ, ରାମ" ଲୋକଙ୍କ ମନରେ ଈଶ୍ୱରଙ୍କ ଚିନ୍ତା ରଖିବାର ସାହାଯ୍ୟ କରେ ଏବଂ ଯେତେବେଳେ ସେପରି ହୁଏ, ତାହା ନିଶ୍ଚିତ ଭାବେ ଭଲ । ଆମେ ଯଦି ଗୁରୁଦେବଙ୍କ ନାମ ଜପିବା ଅନୁରୂପ ସଫଳତା ସହିତ ସହଜରେ ତାଙ୍କୁ ଚିନ୍ତା କରିପାରନ୍ତୁ, ତାହା ଆହୁରି ଭଲ କଥା ହୁଅନ୍ତା । ତେବେ ଚିନ୍ତା ନ କରିବା ଅପେକ୍ଷା ବାରମ୍ବାର ନାମ ଉଚ୍ଚାରଣ କରିବା ଅନନ୍ତ ଗୁଣରେ ଶ୍ରେୟସ୍କର ।

ଏହି ପ୍ରକାର ଭକ୍ତିଭାବର ଯଥୋପଯୋଗୀ ଏକ ନିର୍ଦ୍ଦିଷ୍ଟ ହାରରେ ତରଙ୍ଗ ସୃଷ୍ଟି ହୋଇଥାଏ ମାନସ ଶରୀରରେ । ସମୟକ୍ରମେ ସେହି ହାରର ସ୍ପନ୍ଦନ ଏକ ଅଭ୍ୟାସରେ ପରିଣତ ହୁଏ, ଫଳରେ ସହଜରେ ଭକ୍ତି ଜାଗ୍ରତ ହୁଏ ଏବଂ ତାହା ଆମ ଚରିତ୍ରର ଅଂଶ ହୋଇଯାଏ । ଏହି ଅଭ୍ୟାସ ମଧ୍ୟ ମନ୍ଦ ଚିନ୍ତାକୁ ବାହାରେ ରଖିବାରେ ସାହାଯ୍ୟ କରେ । ମନ ଯେତେବେଳେ ଖାଲିଥାଏ, ପାଖଦେଇ ଚାଲି ଯାଉଥିବା ଯେକୌଣସି ଚିନ୍ତା ପ୍ରବେଶ କରି ଏହାକୁ ପ୍ରଭାବିତ କରିପାରେ ଏବଂ ଏହି ପ୍ରକାର ଚିନ୍ତା ଖରାପ ହେବା ଅଧିକ ସ୍ମବ । କିମ୍ବା ଯାହାହେଲେ ମଧ୍ୟ

ଉପଯୋଗୀ ହେବା ଅପେକ୍ଷା ହେବ ଅଧିକ ଅନୁପଯୋଗୀ । ଦେଶର ହାରାହାରି ଚିନ୍ତାସ୍ତରକୁ ପ୍ରତିନିଧିତ୍ୱ କରୁଥିବା ଆମ ଚାରିପାଖେ ଭାସି ବୁଲୁଥିବା ପ୍ରଚୁର ପରିମାଣର ଚିନ୍ତା ମଧ୍ୟରୁ ଏହା ଆସିଥାଏ, କିନ୍ତୁ ଆମର ଲକ୍ଷ୍ୟ ହେଉଛି କିଛି ଉଚ୍ଚତର ସ୍ତରର ଚିନ୍ତା । ଆମେ ଆମର ଭାଇମାନଙ୍କୁ ସାହଯ୍ୟ କରିବାର ସ୍ଥିତିରେ ରହିବାକୁ ଚାହୁଁ ଏବଂ ଆମେ ତାହା କରି ପାରିବା ନାହିଁ ଯେ ପର୍ଯ୍ୟନ୍ତ ଆମେ ନିଜେ ପ୍ରଥମେ ଏକ ଉଚ୍ଚତର ସ୍ତରରେ ନ ପହଞ୍ଚିଛୁ ।

**ତୁମର ଚିନ୍ତା ଶକ୍ତିକୁ ଭଲ ଉଦ୍ଦେଶ୍ୟରେ ବ୍ୟହବାର କର ।**
**କ୍ରମବିକାଶ ଦିଗରେ ଏକ ଶକ୍ତିରେ ପରିଣତ ହୁଏ ।**

**ଲେଡ୍‌ବିଟର୍** – ଆମେ ଏକ ପ୍ରକାର ଭାବପ୍ରବଣ ତତ୍ତ୍ୱରେ ଶିକ୍ଷା ପାଇଛୁ ଯେ ଆବଶ୍ୟକ ବିଷୟ ହେଉଛି ଭଲ ହେବା । କିନ୍ତୁ ଧାର୍ମିକ ହେବା ଏବଂ ସମସ୍ତ ମନ୍ଦ କାର୍ଯ୍ୟ କରିବାରୁ ନିବୃତ୍ତ ହେବା ଯଥେଷ୍ଟ ନୁହେଁ । ଆମକୁ ଆଗେଇ ଯିବାକୁ ହେବ ଏବଂ ଆମର ସାଧୁତା ଏବଂ ଧର୍ମଭାବ ନେଇ କିଛି କରିବାକୁ ହେବ । ଆମେମାନେ ପୃଥିବୀରେ ମୂଳରୁ ଅଛୁ କାହିଁକି ? ଆମେ ଏହାକୁ ଭାରାକ୍ରାନ୍ତ କରିବା କାହିଁକି, ଯଦି ଆମେ କିଛି କରିନପାରୁ ? ବସି ରହି ଭଲ ହେବା କେବଳ ଏକ ନକାରାତ୍ମକ ଅବସ୍ଥା (ଯଦିଓ ଏହା ବସି ରହି ଖରାପ ହେବାଠାରୁ ଅବଶ୍ୟ ଭଲ) । ଆମେ ଏଇଠି ରହିଛୁ ଦିବ୍ୟଶକ୍ତିର ଏକ ମାଧ୍ୟମ ହେବା ପାଇଁ । ଆମେ, ଆତ୍ମା ରୂପେ, ବହୁକାଳ ପୂର୍ବେ ଈଶ୍ୱରଙ୍କଠାରୁ ଆସିଛୁ ଦିବ୍ୟ ଅଗ୍ନିର ଏକ ଜ୍ୱଳନ୍ତ ସ୍ଫୁଲିଙ୍ଗ ଧିମେଇ ଯାଇଛି ।" ବହୁ ଧିମେଇ ଯାଇଛି – ବହୁ କ୍ଷେତ୍ରରେ ଆମର ଆଗ୍ରହ, ଶ୍ରଦ୍ଧା ଏବଂ ପ୍ରେମର ଆବେଗ ଦେଇ ଆମେ ପୁଣି ତାକୁ ତେଜେଇ ଦେବାକୁ ହେବ ଏବଂ ସେହି ସ୍ଫୁଲିଙ୍ଗକୁ କରିବାକୁ ହେବ ଏକ ଜୀବନ୍ତ ଅଗ୍ନିଶିଖା ଯାହା ଅନ୍ୟ ଲୋକଙ୍କୁ ଦେବ ଉଷ୍ମତା ।

**ପ୍ରତ୍ୟେକ ଦିନ କୌଣସି ଏକ ବ୍ୟକ୍ତିର କଥା ଚିନ୍ତା କର ଯିଏ ତୁମେ ଜାଣିବାରେ ଦୁଃଖରେ ବା କଷ୍ଟରେ ଅଛି କିମ୍ବା ସାହାଯ୍ୟ ଦରକାର କରୁଛି ଏବଂ ତାହା ଉପରେ ତୁମର ସ୍ନେହଭରା ଚିନ୍ତା ଢାଳି ଦିଏ ।**

**ଲେଡ୍‌ବିଟର୍‌ –** ଚିନ୍ତା-ଶକ୍ତି ଟଙ୍କା ପଇସା ପରି ବା ଆମେ କଳସରୁ ଗିଲାସକୁ ଢାଳୁଥିବା ପାଣିପରି ବାସ୍ତବ ଏବଂ ନିର୍ଦ୍ଦିଷ୍ଟ । ଆମେ ଯଦି ଏହାର ଏକ ନିର୍ଦ୍ଦିଷ୍ଟ ଧାରାକୁ କାହା ପାକୁ ପଠାଉ, ଆମେ ପୂରାପୂରି ନିଶ୍ଚିତ ହୋଇପାରିବା ଯେ ଏହା ସେଇଠି ପହଞ୍ଚିବ, ଯଦିଓ ଆମେ ତାହା ଦେଖି ପାରିବା ନାହିଁ । ଆମ ଭିତରୁ ଅଧିକାଂଶ ଦୁଃଖକଷ୍ଟରେ ଥିବା ଏପରି କାହାରିକୁ ଜାଣନ୍ତିକି ଯେ ଆମେ ଯେଉଁ ଚନ୍ତାଧାରା ପଠାଇ ପାରିବା ତାହାଦ୍ୱାରା ସେ ବହୁ ପରିମାଣରେ ସାହାଯ୍ୟ ପାଇପାରିବ ? କୌଣସି ସମୟେ ଏଫରି ବି ହୋଇପାରେ ଯେ ସେପ୍ରକାର ସାହାଯ୍ୟ ଦରକାର କରୁଥିବା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ଆମେ ଜାଣିନାହୁଁ । ତେଣୁ ଆମେ ଅଧିକ ସାଧାରଣ ପ୍ରକାରେ ଆମର ଚିନ୍ତା ପଠାଇପାରିବା ଏବଂ ତାହା କଷ୍ଟ ପାଉଥିବା ବହୁ ଲୋକଙ୍କ ମଧ୍ୟରୁ ଜଣକୁ ଖୋଜି ନେବ ।

ଯଦି ଜଣେ ଏମିତି କୌଣସି ବ୍ୟକ୍ତିଙ୍କୁ ଜାଣ, ଯେ (ଉଦାହରଣ ସ୍ୱରୂପ ଡଃ ବେସାନ୍ତଙ୍କ ପରି) ଗୁଡ଼ାଏ ଲୋକଙ୍କ ସଂସ୍ପର୍ଶରେ ଆସନ୍ତି, ଯେଉଁମାନେ ଅଭାବରେ ଏବଂ ଦୁଃଖରେ ଅଛନ୍ତି, ତେବେ ଜଣେ ଭକ୍ତି ଏବଂ ଶକ୍ତିର ଚିନ୍ତା ସମୂହ ସେହି ବ୍ୟକ୍ତିଙ୍କ ଅଛନ୍ତି, ତେବେ ଜଣେ ଭକ୍ତି ଏବଂ ଶକ୍ତିର ଚିନ୍ତା ସମୂହ ସେହି ବ୍ୟକ୍ତିଙ୍କ ପାଖକୁ ପଠାଇ ପାରନ୍ତି, ଯାହା ଫଳରେ ତାଙ୍କ ପାଖରେ କିଛି ଅଧିକା ଚିନ୍ତା ରହିବ ଢାଳିଦେବା ପାଇଁ । ଗୁରୁଦେବମାନଙ୍କ ସମ୍ପର୍କରେ ମଧ୍ୟ ସେହି ଏକ କଥା । ଯେତେବେଳେ କେହି ଗୁରୁମାନଙ୍କ ପ୍ରତି ଭକ୍ତିର ଚିନ୍ତା ଅଜାଡ଼ି ଦିଅନ୍ତି, ସେତେବେଳେ ତାହା ନିଜ ଉପରେ ଗୁରୁଙ୍କର ପ୍ରତ୍ୟୁତ୍ତର ଧର୍ମୀ ଚିନ୍ତାକୁ ଡାକି ଆଣେ, ଯାହା ଆଶୀର୍ବାଦ ରୂପେ ଆସିଥାଏ । ତେବେ ତାହା ବ୍ୟତୀତ, ସେହି ବ୍ୟକ୍ତିର ଚିନ୍ତା ଗୁରୁଦେବଙ୍କର ଶକ୍ତି ଭଣ୍ଡାରକୁ ଆଉ ଟିକିଏ ବଢ଼ାଇ ଦିଏ ଏବଂ ସେ ତାହା ଉପଯୋଗ କରନ୍ତି । ଅନ୍ୟମାନଙ୍କର କଲ୍ୟାଣ ପାଇଁ ।

**ଅନି ବେସାର୍‌ –** ମୁଁ ଅବଶ୍ୟ କହିବି ଯେ ମୁଁ ଏହା ନ ପଢ଼ିବା ପର୍ଯ୍ୟନ୍ତ ଭାବି ନ ଥିଲି ଯେ ମୁଁ ଏପରି ନିର୍ଦ୍ଦିଷ୍ଟ ଏବଂ ନିୟମିତ ଅଭ୍ୟାସ କରିବି ଅନ୍ୟମାନଙ୍କୁ ମାନସିକ ସାହାଯ୍ୟ ଦେବାକୁ । ଏହା ନିଶ୍ଚିତ ଭାବରେ ଅତିଶୟ ଭଲ କଥା । ସକାଳେ ନିଷ୍ପତ୍ତି କରନ୍ତୁ ଦିନବେଳେ ନିଜେ ଏକୁଟିଆ ଥିବାବେଳେ କାହାକୁ ସାହାଯ୍ୟ କରିବେ । ତାପରେ ଯେତେବେଳେ ସେହିଦିନ ଆପଣଙ୍କର ମନ ଖାଲି ରହିଥିବ, ସେତେବେଳେ ତାକୁ ସାମୟିକ ଆଗନ୍ତୁକମାନଙ୍କ ସକାଶେ

ହୋଟେଲ୍ ରୂପେ ବ୍ୟବହାର ନ କରି, ତାକୁ ଉପଯୋଗ କରନ୍ତୁ ସେହି ବ୍ୟକ୍ତି ପାଖକୁ ଶକ୍ତି, ସୁଖ, ଆନନ୍ଦ ବା ସେ ସର୍ବାଧିକ ଦରକାର କରୁଥିବା ବିଷୟର ଚିନ୍ତା ସମୂହ ପଠାଇବରେ । ଏହି ଅଭ୍ୟାସ, କୌଣସି ମନ୍ତ୍ର ଜପ କରିବାର ପରବର୍ତ୍ତୀ ପର୍ଯ୍ୟାୟ ।

ଆପଣ ଅବାଞ୍ଛନୀୟ ଚିନ୍ତାଗୁଡ଼ିକୁ ପୂରାଇ ନଦେବା ପାଇଁ କୌଣସି ମତେ ନିଜର ମନକୁ ବନ୍ଦ କରି ରଖିବେ । ଫଳରେ ମନ ଏଭଳି ଦୃଢ଼ ହେବ ଯେ ଏହି ପ୍ରକାର ସାହାଯ୍ୟ କରିବାକୁ ଯାଏ ଏବଂ ଏହା ମାନସର ଉଚ୍ଚତର କ୍ରିୟାକୁ ବାଧା ଦିଏ ନାହିଁ । ଗୁରୁଦେବଙ୍କର ଚିନ୍ତା ସର୍ବଦା ମନରେ ରହିବା ଉଚିତ । ଏହା ହେଉଛି ସେହି ଚିନ୍ତା ଯାହା ସର୍ବଦା ସାହାଯ୍ୟ କରିବାକୁ ଯାଏ ଏବଂ ଏହା ମାନସରେ ଉଚ୍ଚତର କ୍ରିୟାକୁ ବାଧା ଦିଏ ନାହିଁ । ଏହା ଅନ୍ୟ ପ୍ରକାର ସାହାଯ୍ୟକୁ ଆଡ଼େଇ ଦିଏ ନାହିଁ, ବରଂ ସେଗୁଡ଼ିକୁ ଅଧିକ ଶକ୍ତିଶାଳୀ କରେ । କେତେକ ସମୟ ପରେ ଏହା ଆପଣଙ୍କର ସମଗ୍ର ମାନସିକ ଦିଗ୍‌ବଳୟକୁ ପୂର୍ଣ୍ଣ କରି ଦେବ ଏବଂ ତାପରେ ଆପଣ ଯାହା କିଛି କରିବେ, ତାହା ଏହାରି ଯୋଗୁ ହୋଇ ପାରିବ ଉନ୍ନତତର ଏବଂ ଅଧିକ ଶକ୍ତିଶାଳୀ ।

**ତୁମର ମନକୁ ଗର୍ବରୁ ନିବୃତ୍ତ କର କାରଣ ଗର୍ବ କେବଳ ଅଜ୍ଞାତାରୁ ଆସିଥାଏ ।**

**ଲେଡ୍‌ବିଟର–** ଗୂଢ଼ତତ୍ତ୍ୱବିଦ୍ୟା ଅଧ୍ୟାୟୀମାନଙ୍କ ମଧ୍ୟରେ ବହୁତ ପ୍ରଚ୍ଛନ୍ନ ଗର୍ବ ରହିଥାଏ । କାରଣ ଯେଉଁ ଲୋକେ ଏହି ସବୁ ବିଷୟ ପଢ଼ି ନାହାନ୍ତି, ସେମାନଙ୍କ ଅପେକ୍ଷା ଜୀବନର ପ୍ରକୃତ ତଥ୍ୟ ସମ୍ପର୍କରେ ଟିକିଏ ବେଶି ଜାଣିଛନ୍ତି ବୋଲି ସେମାନେ ଉପଲବ୍ଧି ନ କରି ରହି ପାରନ୍ତି ନାହିଁ । ଏହା ସ୍ୱୀକାର ନ କରିବା ମୂର୍ଖତା ହେବ । ତେବେ ସେମାନେ ସାବଧାନ ହେବା ଉଚିତ, ତା ନ ହେଲେ ଯେଉଁ ସାଧାରଣ ବ୍ୟକ୍ତି ଏ ସବୁ କଥା ଏ ଯାଏଁ ଜାଣି ନାହିଁ, ତାକୁ ସେମାନେ ତୁଚ୍ଛ ମନେ କରି ବସିବେ । ଏହି ବିଶେଷ କ୍ଷେତ୍ରରେ ଗୂଢ଼ତତ୍ତ୍ୱଅଧ୍ୟାୟୀଗଣ ସାଧାରଣ ଲୋକ ଅପେକ୍ଷା ଆଗୁଆ । କିନ୍ତୁ ଅନ୍ୟ କେତେକ ବିଷୟ ମଧ୍ୟ ଥାଇ ପାରେ ଯେଉଁଥିରେ ସେମାନଙ୍କ ତୁଳନାରେ ସାଧାରଣ ବ୍ୟକ୍ତି ସେମାନଙ୍କଠାରୁ ବହୁତ ଆଗୁଆ । ଉଦାହରଣ ସ୍ୱରୂପ, ଯେଉଁ ବ୍ୟକ୍ତି ସାହିତ୍ୟ, ବିଜ୍ଞାନ ବା କଳା ଗଭୀର ଭାବେ ଜାଣନ୍ତି, ସେ ବ୍ୟକ୍ତି ତାହା ଜାଣିବା ପାଇଁ ଆମେ ବ୍ରହ୍ମବିଦ୍ୟା ଅଧ୍ୟୟନରେ ଯେତିକି ସମୟ ଏବଂ

ଉଦ୍ୟମ ଖର୍ଚ୍ଚ କରିଛୁ, ତାହାଠାରୁ ଅଧିକ ଖର୍ଚ୍ଚ କରିଛନ୍ତି ଏବଂ ସେ ଯେଉଁ କାମ କରିଛନ୍ତି ଏବଂ ସେଥିରେ ସେ ଯେତେ ନିଃସ୍ୱାର୍ଥ ପରିଶ୍ରମ କରିଛନ୍ତି, ସେଥିପାଇଁ ସେ ନିଶ୍ଚିତ ଭାବେ ପ୍ରଶଂସାଯୋଗ୍ୟ । ଅନ୍ୟ ବ୍ୟକ୍ତିର କାର୍ଯ୍ୟକୁ ତୁଚ୍ଛ ମନେ କରିବା ଠିକ୍ ନୁହେଁ । ବରଂ ସମସ୍ତେ ପ୍ରଗତି କରୁଛନ୍ତି ବୋଲି ଉପଲବ୍ଧି କରିବା ଏକ ବିଜ୍ଞ ବ୍ୟକ୍ତିର ଲକ୍ଷଣ ।

ବହୁ ଲୋକଙ୍କର, ଯାହାକୁ କୁହାଯାଏ, ଏକ ଉତ୍ତମ ଅହମିକା ରହିଛି । ସେମାନେ ନିଜକୁ ସର୍ବଦା ଠିକ୍ ଲୋକ, ଅତିଶୟ ଭଲ ଲୋକ ଏବଂ ସେହି ପ୍ରକାର ଭାବିବାକୁ ଭଲ ପାଆନ୍ତି । କିନ୍ତୁ ଯେଉଁସବୁ ବିଷୟ ନେଇ ସେମାନେ ନିଜକୁ ପ୍ରଶଂସା କରନ୍ତି, ସେଗୁଡ଼ିକୁ ଜୀବାତ୍ମା ସାଧାରଣତଃ ଆଦୌ ସ୍ୱୀକାର କରିବ ନାହିଁ । ଜୀବାତ୍ମାରେ ଯଦି କୌଣସି ଗୁଣର ବିକାଶ ଘଟେ, ତାହା ଶୁଦ୍ଧ ହୁଏ । ଉଦାହରଣ ସ୍ୱରୂପ, ଯଦି ସ୍ନେହ ରହିଛି ତେବେ ତାହା ଈର୍ଷା, ପରଶ୍ରୀକାତରତା ବା ସ୍ୱାର୍ଥପରତାରୁ ହୁଏ ସମ୍ପୂର୍ଣ୍ଣ ମୁକ୍ତ । ଏହା ହେଉଛି ଐଶ୍ୱରିକ ପ୍ରେମର ଦର୍ପଣ, ଯେତିକି ଜୀବାତ୍ମା ନିଜ ସ୍ତରରେ ପ୍ରତିବିମ୍ବିତ କରିପାରେ । କେତେକ ସମୟରେ ଆମେ ଭଲ ଭାବେ ପ୍ରଗତି କରିଛୁ ବୋଲି ଗର୍ବିତ ମନେ କରୁ । ଚାରିବର୍ଷର ଛୋଟ ପିଲା ଖୁବ୍ ଭଲ ଭାବେ ଆଗେଇ ଚାଲିଛି ବୋଲି ମନକୁ ମନ ଗର୍ବ କରିବା ଭଳି ଏହି କଥା । ସେ ହୁଏତ ଆଗେଇ ଥାଇପାରେ ତାର ବୟସକୁ ଦେଖି – କିନ୍ତୁ ଏକୋଇଶ ବର୍ଷ ବୟସର ଲୋକ ପାଇଁ ତାହା ଅଲଗା ହେବ । ଆମର ବୌଦ୍ଧିକ ଶକ୍ତି, ଭକ୍ତି, ସ୍ନେହ ଓ ସହାନୁଭୂତିର ଶକ୍ତିଗୁଡ଼ିକ – ଆମ ଭିତରେ ରହିଛି । କିନ୍ତୁ ସେଗୁଡ଼ିକ ପରବର୍ତ୍ତୀ କାଳରେ ଯାହା ହେବେ ତା ତୁଳନାରେ ଅଳ୍ପ ପରିମାଣର । ସୁତରାଂ ବର୍ତ୍ତମାନ ଅଟକି ଯାଇ ନିଜର ପିଠିକୁ ନିଜେ ଥାପୁଡ଼େଇବା ବଦଳରେ ଆମକୁ ଆଗେଇ ଯାଇ ଏହି ପ୍ରକାର ଗୁଣରୁ ଅଧିକ ଅର୍ଜନ କରିବା ପାଇଁ ଉଦ୍ୟମ କରିବା ଉଚିତ ହେବ ।

ଏହି କାର୍ଯ୍ୟରେ ଧ୍ୟାନ ବିଶେଷ ସହାୟକ ହୋଇଥାଏ । ଯଦି ଜଣେ ବ୍ୟକ୍ତି ପ୍ରକୃତରେ ସ୍ନେହର ବିକାଶ କରିବା ପାଇଁ ଆରମ୍ଭ କଲେ, ଏବଂ ତାହା ଉପରେ ଧ୍ୟାନ କରେ ଏବଂ ତାହା ଅନୁଭବ କରବାକୁ ଚେଷ୍ଟା କରେ, ଅଳ୍ପ ସମୟ ଭିତରେ ତାହା ଭିତରେ ଜାଗ୍ରତ ସେହି ଗୁଣର ଶକ୍ତି ଦେଖି ସେ ବିସ୍ମିତ ହେବ ।

ଗୁରୁଦେବ କହିଛନ୍ତି, ଗର୍ବ ସର୍ବଦା ଆସେ ଅଜ୍ଞତାରୁ । ମଣିଷ ଯେତିକି ଅଧିକ ଜାଣେ, ସେତିକି ସେ କମ୍ ଗର୍ବୀ ହେବା ସମ୍ଭବ । କାରଣ ସେତିକି ଅଧିକ ସେ ବୁଝି ପିରାବ ଯେ ସେ ଜାଣେ ନାହିଁ । ସର୍ବାଧିକ ବିଶେଷ ଭାବେ ଏହା ସତ

ହେବ ଯଦି ଆମର ମହାନ୍ ଗୁରୁଦେବମାନଙ୍କ ମଧ୍ୟରୁ କାହାର ସଂସ୍ପର୍ଶରେ ଆସିବାର ତାର ସୌଭାଗ୍ୟ ହୁଏ । ଏହି ପ୍ରକାର ବ୍ୟକ୍ତି ଆଉ କେବେହେଲେ ଗର୍ବ ଅନୁଭବ କରିବ ନାହିଁ, ସେହି ଘଟଣା ବିଷୟରେ ମଧ୍ୟ ନୁହେଁ । କାରଣ ଯେତେବେଳେ ସେ ଭାବିବ ଯେ ସେ କୌଣସି କାର୍ଯ୍ୟ କରିପାରେ, ବା ସେ କୌଣସି ଗୁଣର ଅଧିକାରୀ, ତା ମନକୁ ଏହି ଭାବନା ନ ଆସି ରହିପାରିବ ନାହିଁ, "କିନ୍ତୁ, ମୁଁ ସେହି ଗୁଣ ତ ଗୁରୁଦେବଙ୍କଠାରେ ଦେଖିଛି ଏବଂ ତାଙ୍କର ସେହି ଗୁଣ ତୁଳନାରେ ମୋର ବା କ'ଣ ଅଛି ?"

ଗୁରୁଦେବମାନଙ୍କ ଭିତରେ ସୁଗୁଣଗୁଡ଼ିକ ଏପରି ମହନୀୟ ଭାବେ ବିକଶିତ ହୋଇଛି ଯେ ସେମାନଙ୍କ ଭିତରୁ ଜଣକୁ ଜାଣିବା ଗର୍ବ ଭଳି ଏକ ବିଷୟର ସମ୍ପୂର୍ଣ୍ଣ ଏବଂ ତତ୍କ୍ଷଣାତ୍ ପ୍ରତିକାର ହେବ । ତଥାପି ନିରୁତ୍ସାହିତା କେବେହେଲେ ଗୁରୁଦେବଙ୍କଠାରୁ ଆସେ ନାହିଁ । ସାଧାରଣ ଜୀବନରେ ଆପଣ ଭାବନ୍ତି ଯେ ଆପଣ କୌଣସି ବିଷୟର କିଛି ଟିକିଏ କରି ପାରନ୍ତି । କିନ୍ତୁ ସେହି କ୍ଷେତ୍ରରେ ଏକ ବିଶାରଦଙ୍କ ନିକଟରେ ଆପଣ ଯେତେବେଳେ ପହଞ୍ଚନ୍ତି, ଆପଣ ସାଙ୍ଗେସାଙ୍ଗେ ଦେଖନ୍ତି ସେହି ମହାନ୍ ବ୍ୟକ୍ତିଙ୍କ ତୁଳନାରେ ଆପଣ କେତେ କମ୍ କରିପାରନ୍ତି ଏବଂ ଆପଣ ନିଜକୁ ମନେ କରନ୍ତି ଖୁବ୍ ଛୋଟ ଏବଂ ଆଶାଶୂନ୍ୟ ।

କିନ୍ତୁ ଗୁରୁଦେବଙ୍କ ଉପସ୍ଥିତିରେ ସେ ପ୍ରକାର ଭାବନା ଆସେ ନାହିଁ । ଆପଣ ତୀବ୍ର ଭାବେ ନିଜର ଅକ୍ଷମତା ଏବଂ ଗୁରୁତ୍ୱହୀନତା ଅନୁଭବ କରନ୍ତି । କିନ୍ତୁ ତତ୍କ୍ଷଣାତ୍ ତାଙ୍କର ଉପସ୍ଥିତିରେ ନିଜର ସମ୍ଭାବନାକୁ ଉପଲବ୍ଧି କରନ୍ତି । ଉଭୟଙ୍କ ମଧ୍ୟରେ ଏକ ଗଭୀର ଉପସାଗର ରହିଛି ଯାହାକୁ କେବେହେଲେ ଅତିକ୍ରମ କରି ହେବ ନାହିଁ ବୋଲି ଭାବିବା ବଦଳରେ ଆପଣ ଭାବିବେ, "ମୁଁ ଏହା କରିପାରିବି । ମୁଁ ତାହା ଆରମ୍ଭ କରିବାକୁ ଯାଉଛି ।" ଗୁରୁଦେବଙ୍କ ସହିତ ସଂସ୍ପର୍ଶ ସର୍ବଦା ସେହି ପ୍ରକାର ଉଦ୍ଦୀପନା ଦେଇଥାଏ । ତାଙ୍କର ଉପସ୍ଥିତିରେ ଜଣେ ବହୁ ପରିମାଣରେ ଅନୁଭବ କରେ ଯେପରି ଏପୋଷ୍ଟଲ୍ କହିଛନ୍ତି, "ମୋତେ ବଳ ଦେଉଥିବା ଖ୍ରୀଷ୍ଟଙ୍କ ଜରିଆରେ ମୁଁ ସବୁକିଛି କରିପାରିବି ।" ଗୁରୁଦେବଙ୍କର ବଳ ଯୋଗୁ ମଣିଷ ସହି ସମୟରେ ଭାବେ "ମୁଁ ଆଉ କେବେହେଲେ ହତାଶ ହେବିନାହିଁ । ମୁଁ ଆଉ କେବେହେଲେ ଦୁଃଖିତ ହେବିନାହିଁ । ଗତକାଲି ମୁଁ ଯେପରି କରିଥିଲି, ସେହିପରି ମୁଁ ଆଉ କେବେ ବିରକ୍ତ ହେବାର ମୂର୍ଖତା ଏବଂ ଭୁଲ୍ କରିବି ନାହିଁ । ମିଁ ଫେରିଚାହିଁ ଦେଖୁଛି ଯେ କେତେକ ବିଷୟ ମୋତେ

ଚିନ୍ତିତ କରିଥିଲା । କିପରି ହାସ୍ୟାସ୍ପଦ କଥା । କାହିଁକି କୌଣସି କଥା ମୋତେ ଚିନ୍ତିତ କରିବ ?" ଏହା ହୋଇପାରେ ଯେ, ପରେ ସେହି ଦିବ୍ୟ ପ୍ରଭାବର ପ୍ରତ୍ୟକ୍ଷ ରଶ୍ମିର ସୀମା ବାହାରକୁ ଯାଇ ଆମେ ପୁଣି ତଳକୁ ପଡ଼ିଯିବା । ଭୁଲି ଯିବା ଯେ ସେହି ରଶ୍ମି ଆମ ପାଖରେ ତଥାପି ପହଞ୍ଚିପାରିବ – ଯଦିଓ ତାହା ପ୍ରତ୍ୟକ୍ଷ ବା ଦୃଶ୍ୟମାନ ହୁଏନାହିଁ । ଭୁଲି ଯିବା ଯେ ଆମେ ସର୍ବଦା ଗୁରୁଦେବଙ୍କର ପ୍ରଭା ମଧ୍ୟରେ ରହିପାରିବା, ଯଦି ଆମେ ସେପରି ଇଚ୍ଛା କରୁ ।

**ଯେଉଁ ଲୋକ ଜାଣେ ନାହିଁ, ସେ ଭାବେ ଯେ ସେ ହେଉଛି ମହାନ୍ ବ୍ୟକ୍ତି, ସେ ଏହି ବା ସେହି ମହାନ୍ କାର୍ଯ୍ୟ କରିଛି; ବିଜ୍ଞ ବ୍ୟକ୍ତି ଜାଣନ୍ତି ଯେ କେବଳ ଈଶ୍ୱର ହିଁ ମହାନ୍, ସମସ୍ତ ମହାନ୍ କାର୍ଯ୍ୟ ଈଶ୍ୱରଙ୍କଦ୍ୱାରା ହିଁ ହୋଇଥାଏ ।**

**ଆନି ବେସାନ୍ତ୍ –** ଏଇଠି ଗୀତାର ଏକ ମହାନ୍ ଶିକ୍ଷା ରହିଛି । ସେହି ଏକମାତ୍ର ଇଚ୍ଛାଶକ୍ତି ଆମ ସମସ୍ତଙ୍କ ମଧ୍ୟ ଦେଇ କାର୍ଯ୍ୟ କରେ । ପୂର୍ଣ୍ଣସତ୍ତା ଦ୍ୱାରା ହିଁ ସମସ୍ତ କାର୍ଯ୍ୟ ହୋଇଥାଏ, ଅଂଶଗୁଡ଼ିକଦ୍ୱାରା ନୁହେଁ । ଆମ ଭିତରୁ କେହି ବ୍ୟକ୍ତି ସର୍ବାଧିକ ଯାହା କରିପାରିବେ, ତାହା ହେଉଛି ନିଜକୁ ଉତ୍ତମ ସାଧନ ରୂପେ ତିଆରି କରିବା ଯାହା ମାଧ୍ୟମରେ ଦିବ୍ୟ କାର୍ଯ୍ୟ ସାଧିତ ହେବ । ଗର୍ବ କରିବା ଆମ ପକ୍ଷରେ ହେବ ମୂର୍ଖତା, ଯେପରି ହେବ ଆମର ହାତଗୁଡ଼ିକର ଗୋଟିଏ ଆଙ୍ଗୁଠି ପକ୍ଷରେ । ନିଜକୁ ଦିବ୍ୟ ଇଚ୍ଛାର ସାଧନ ରୂପେ ତିଆରି କରନ୍ତୁ । ତାହାହେଲେ ଦେଖିବେ ଯେ ସେହି ଏକ ମାତ୍ର ଅଭିନେତା ଆପଣଙ୍କୁ ଉପଯୋଗ କରୁଛନ୍ତି, କାରଣ ଉପଯୋଗ ପାଇଁ ଆପଣ ସୁବିଧା ଜନକ ।

ଆମେ ଫେରି ଆସିଛୁ, ଯେଉଁଠାରୁ ଆମେ ଆରମ୍ଭ କରିଥିଲୁ । ଆମେ ଦେଖିଲୁ ଯେ ଆତ୍ମଉପଲବ୍ଧି ସମସ୍ତ ଭୟକୁ ଧ୍ୱଂସ କରେ । ଆମେ ବର୍ତ୍ତମାନ ଦେଖୁଛୁ ଯେ ଏହା ସମସ୍ତ ଗର୍ବକୁ ଧ୍ୱଂସ କରେ । ତାହା ହେଉଛି ଏକ ମହାନ୍ ମୌଳିକ ସତ୍ୟ । ଏହା ଦେଖିବା ଭଲ କଥା କିପରି ଏହି ସବୁ ବିବିଧ ବିଷୟ ଆମକୁ ଫେରାଇ ନେଉଛି ସେହି ଗୋଟିଏ ସତ୍ୟକୁ ଯେ ସେହି ଗୋଟିଏ ଜୀବନ ସମସ୍ତଙ୍କ ଭିତରେ ସମାନ ଭାବେ ଅଧିଷ୍ଠିତ ।

**ଲେଡ୍‌ବିଟର୍ –** ଈଶ୍ୱର ସମସ୍ତଙ୍କ ଭିତରେ ଅଛନ୍ତି ଏବଂ ମଣିଷ ଭିତରେ ଯାହା କିଛି ଉତ୍କର୍ଷ ବା ମହତ୍ତ୍ୱ ରହିଛି ତାହା ହେଉଛି ମଣିଷ ମଧ୍ୟ ଦେଇ ଉଦ୍ଭାସିତ

ହେଉଥିବା ଈଶ୍ୱର । ଆମେ ଯାହାସବୁ କରୁଛି, ତାହା ସେ ଆମମାନଙ୍କ ମଧ୍ୟ ଦେଇ କରନ୍ତି । ଏହା ଅଦ୍ଭୁତ ମନେ ହୋଇପାରେ । ଆପଣ କହିପାରନ୍ତି, ଏହା ବ୍ୟକ୍ତିସ୍ୱାତନ୍ତ୍ର୍ୟ ଭାବନାକୁ ଧ୍ୱଂସ କରିଦେବା ଭଳି ମନେ ହୁଏ । କିନ୍ତୁ ତାହା ହୁଏ କେବଳ ଏହି କାରଣରୁ ଯେ ଆମର ସ୍ଥୂଳ ମସ୍ତିଷ୍କ ପ୍ରକୃତ ସମ୍ପର୍କକୁ ବୁଝିପାରେ ନାହିଁ । ବିନା କାରଣରେ ମଧ୍ୟଯୁଗୀୟ ଖ୍ରୀଷ୍ଟିଆନ୍‌ମାନେ କହିନାହାନ୍ତି, "ଗୌରବ ହେଉଛି ଈଶ୍ୱରଙ୍କର ।" ଆମ ଭିତରୁ କେହି କିଛି କରିଛି ବୋଲି ଗର୍ବ ଅନୁଭବ କରିବା ହେଉଛି ଠିକ୍ ଯେପରି ପିଆନୋ କେହି ବଜାଉଥିବାବେଳେ ତାହାର ଗୋଟିଏ ଆଙ୍ଗୁଠି କହିବ, "ମୁଁ କିଭଳି ସେହି ସୁନ୍ଦର ସ୍ୱର ସୃଷ୍ଟି କଲି – ମୁଁ ହିଁ ସେହି ସ୍ୱରକୁ ଏଭଳି ସୁନ୍ଦର ରୂପ ଦେଲି ।"

ମୋଟ ଉପରେ ଅନ୍ୟ ଆଙ୍ଗୁଠିଗୁଡ଼ିକର ଅଂଶ ରହିଛି ଏବଂ ସେମାନେ ସମସ୍ତେ କାର୍ଯ୍ୟ କରିଛନ୍ତି ଅଲଗା ଅଲଗା ଇଚ୍ଛା ନେଇ ନୁହେଁ, ବରଂ ପଛରେ ଥିବା ମସ୍ତିଷ୍କର ସାଧନ ରୂପେ । ଆମେ ସବୁ ଈଶ୍ୱରଙ୍କ ହାତର ଆଙ୍ଗୁଠିଗୁଡ଼ିକ, ତାଙ୍କର ଶକ୍ତିର ପ୍ରକଟନ । ମୁଁ ଭଲ ଭାବେ ଜାଣେ ଯେ ତାହା ପୂର୍ଣ୍ଣ ଭାବେ ଉପଲବ୍ଧି କରିବା ଆମ ପକ୍ଷରେ କାର୍ଯ୍ୟତଃ ଅସମ୍ଭବ । କିନ୍ତୁ ଆମେ ଯେତିକି ଉଚ୍ଚତର ଚେତନାର ବିକାଶ କରୁ, ଆମେ ସେତିକି ଅଧିକ ତୀବ୍ର ଭାବେ ତାହା ଅନୁଭବ କରୁ ଏବଂ ସମୟେ ସମୟେ ଧ୍ୟାନରେ ଅତିଶୟ ଉନ୍ନତ ଅବସ୍ଥାରେ ଥିବା ସମୟରେ ଆମେ କିଛିକ୍ଷଣ ସକାଶେ ସେହି ଏକତାର ଧାରଣା କରିଥାଉ ।

■■■

## ଦ୍ୱିତୀୟ ଅଧ୍ୟାୟ

# କାର୍ଯ୍ୟରେ ଆତ୍ମସଂଯମ

**କାର୍ଯ୍ୟରେ ଆତ୍ମସଂଯମ – ତୁମର ଚିନ୍ତା ଯଦି ଯାହା ହେବା ଉଚିତ, ତାହା ହୋଇଥାଏ, ତେବେ ତୁମର କାର୍ଯ୍ୟ ନେଇ କୌଣସି କଷ୍ଟ ହେବ ନାହିଁ ।**

**ଆନି ବେସାନ୍ତ** – ଏହି ବାକ୍ୟ ଏକ ତଥ୍ୟ ଉପରେ ଜୋର୍ ଦିଏ ଯେ କାର୍ଯ୍ୟ ଅପେକ୍ଷା ଚିନ୍ତା ଅଧିକ ଗୁରୁତ୍ୱପୂର୍ଣ୍ଣ, ଯେଉଁ ବିଷୟ ସହିତ ପ୍ରତ୍ୟେକ ଗୂଢ଼ତତ୍ତ୍ୱ ଅଧ୍ୟାୟୀ ପରିଚିତ । ଏହା ସାଧାରଣ ଦୃଷ୍ଟିକୋଣର ଠିକ୍ ଓଲଟା; କିନ୍ତୁ ଏାହ ସତ୍ୟ, କାରଣ ଚିନ୍ତା ସର୍ବଦା କାର୍ଯ୍ୟ ପୂର୍ବରୁ ହିଁ ହୋଇଥାଏ । ଯାହାକୁ କହନ୍ତି ସ୍ୱତଃସ୍ଫୂର୍ତ୍ତ କାର୍ଯ୍ୟ ତାହା ହୋଇପାରେ, ତେବେ ତାହାର କେବଳ ଏହି ଅର୍ଥ ଯେ ପୂର୍ବବର୍ତ୍ତୀ ଚିନ୍ତା ଖୋଜି ପାଇବା ପାଇଁ ଆମକୁ ଆହୁରି ପଛକୁ ଯିବାକୁ ହେବ, ଏପରି କି ହୁଏତ ଏକ ପୂର୍ବ ଜନ୍ମକୁ ।

ଯେତେବେଳେ ମନରେ ଏକ ନିର୍ଦ୍ଦିଷ୍ଟ ଦିଗରେ ଯଥେଷ୍ଟ ଚିନ୍ତା-ଶକ୍ତି ସଂଚିତ ହୋଇ ରହେ ଏବଂ ପରେ ଏକ ଉପଲକ୍ଷ ପହଞ୍ଚିଯାଏ ସେହି ନିର୍ଦ୍ଦିଷ୍ଟ ଧରଣର ଚିନ୍ତାର ଅଭିବ୍ୟକ୍ତି ସକାଶେ, ତେବେ ତାହା ଅପରିହାର୍ଯ୍ୟ ଭାବେ ଉଚ୍ଛୁଳି ପଡ଼ି କାର୍ଯ୍ୟରେ ପରିଣତ ହୁଏ । ଏକ ନିର୍ଦ୍ଦିଷ୍ଟ ଧାରାରେ ପ୍ରତ୍ୟେକ ଚିନ୍ତା ଏକ ଛୋଟିଆ ଅତିରିକ୍ତ ଆବେଗ ରୂପେ କାର୍ଯ୍ୟ କରେ, ସେ ପର୍ଯ୍ୟନ୍ତ ଅବଶେଷରେ ଆବେଗଗୁଡ଼ିକର ସଞ୍ଚିତ ଶକ୍ତି ଆପଣଙ୍କୁ ସେହି ଧାରାରେ କାର୍ଯ୍ୟ କରିବା ଆଡ଼କୁ ଟାଣି ନ ନେଇଛି ।

ହିନ୍ଦୁମାନେ ଯଥାଯଥ ଭାବେ କାର୍ଯ୍ୟ ବା କର୍ମକୁ ତିନି ଅଂଶ ବିଶିଷ୍ଟ ବୋଲି ଭାବିଥାନ୍ତି – ଚିନ୍ତା, ଇଚ୍ଛା ଏବଂ କର୍ମ । ଏହା ସତ, ସୁତରାଂ ଆପଣ ହୁଏତ କୌଣସି ଜନ୍ମରେ ଏକ କାମ କରିଛନ୍ତି ଯାହା ଯେତେଦୂର ନିକଟ ଅତୀତ ସହ

ସମ୍ପୃକ୍ତ, ଆପଣ ଆଗରୁ ବିଚାରି ନାହାନ୍ତି, ତାହା ଏକ କାର୍ଯ୍ୟ ଯାହା କ୍ଷଣିକ ଉତ୍ତେଜନାରେ କରାଯାଇଛି । ଏହିସବୁ କ୍ଷେତ୍ରରେ ଚିନ୍ତା ଆଗରୁ ସମାପ୍ତ ହୋଇଛି ଏବଂ କାର୍ଯ୍ୟ ହେଉଛି ଯାହା ସମଗ୍ର ପ୍ରଣାଳୀର ଶେଷ ଅଂଶ । ଅବଶ୍ୟ ତାହା ଦେଖା ଦେବ ସେହି ଧାରାର ଅବଶିଷ୍ଟ ଆବେଗ ରୂପେ ।

ସୁତରାଂ ଏପରି ହୋଇପାରେ ଯେ କୌଣସି ଏକ ଚିନ୍ତା ଧାରାରେ ଆପଣ ନିଜର କାର୍ଯ୍ୟ ନିର୍ବାଚନ କ୍ଷମତା ନିଃଶେଷ କରି ଦେଇଥାଇ ପାରନ୍ତି ଏବଂ ତାପରେ, ଆପଣ ସେତେବେଳେ ନିଜର ନିୟନ୍ତ୍ରଣ କ୍ଷମତାକୁ ପୂର୍ଣ୍ଣଭାବେ ବ୍ୟବହାର କଲେ ମଧ୍ୟ, ପ୍ରଥମ ସୁଯୋଗ ଆସିବା ମାତ୍ରେ ଆପଣଙ୍କ ଚିନ୍ତା କାର୍ଯ୍ୟରେ ପ୍ରକଟିତ ହେବ । ଅଭିବ୍ୟକ୍ତିର ସୁଯୋଗର ଅଭାବରେ ଏହା ଦୀର୍ଘକାଳ ଧରି ଅନ୍ତର୍ନିହିତ ରହି ଥାଇପାରେ । କିନ୍ତୁ ପରିସ୍ଥିତିର ସୁବିଧା ହେବାମାତ୍ରେ କାର୍ଯ୍ୟଟି ସମ୍ପାଦିତ ହେବ ।

ସୁତରାଂ ଚିନ୍ତାର କାର୍ଯ୍ୟ ପ୍ରଣାଳୀ ବୁଝିବା ଅତିଶୟ ଗୁରୁତ୍ୱପୂର୍ଣ୍ଣ । ନିଜର ଚିନ୍ତା ପ୍ରତି ସତର୍କ ରହନ୍ତୁ ଏବଂ ତାହାକୁ ଭଲ ବାଟରେ ନିଅନ୍ତୁ, କାରଣ ଆପଣ କହି ପାରିବେ ନାହିଁ ଏ କେତେବେଳେ ସମୟ ଆସିଯିବ ଏବଂ ଆପରଙ୍କର ପରବର୍ତ୍ତୀ ଚିନ୍ତା କାର୍ଯ୍ୟର ରୂପ ନେବ । ପୃଥିବୀର ସମସ୍ତ ମହାନ୍ ଶିକ୍ଷକଗଣ ଯେ ଚିନ୍ତାର ଗୁରୁତ୍ୱ ଉପରେ ଜୋର୍ ଦେଇଛନ୍ତି, ଏହା ତାହାର ଏକ କାରଣ ଏବଂ ଏହି ବହିରେ ଅଧ୍ୟାୟୀଙ୍କୁ ପୁଣଇ ତାହା ମନେ ପକେଇ ଦିଆଯାଇଛି । ଏଇଠଇ ସ୍ମରଣ କରିବା ଭଲ ହୋଇପାରେ ଯେ ମାନସ, ଅର୍ଥାତ୍ ମନ, ନିଜେ ହେଉଛି କ୍ରିୟା । ଆପଣଙ୍କ ଆତ୍ମାର ତିନିଟି ବିଭାଗ ରହିଛି – ଇଚ୍ଛା-ଶକ୍ତି, ଜ୍ଞାନ ଏବଂ କ୍ରିୟା ଏବଂ ଏଗୁଡ଼ିକ ଯଥାକ୍ରମେ ଆତ୍ମିକ, ବୌଦ୍ଧିକ ଏବଂ ମାନସ ଶରୀର ନେଇଥାନ୍ତି । ଏଇଥିରୁ ଜଣାପଡୁଛି ଯେ ଚିନ୍ତା କାର୍ଯ୍ୟର ରୂପ ନେଇଥାଏ ।

**ଲେଡ୍‌ବିଟର** – ଏହା ଏକ ସ୍ୱାଭାବିକ ସତ୍ୟ ଯେ ଚିନ୍ତା କାର୍ଯ୍ୟର ପୂର୍ବବର୍ତ୍ତୀ । କେତେକ ଘଟଣାରେ ଆମେ କାର୍ଯ୍ୟ କରୁ, ଆମେ ଯେପରି କହୁ, ଅବିଚାରିତ ଭାବେ । କିନ୍ତୁ ସେପରି ହେଲେ ମଧ୍ୟ ତାହା ହେଉଛି ପୂର୍ବତନ ଚିନ୍ତାର ପରିଣତି । କେତେକ ବିଷୟରେ ଏବଂ କେତେକ ଧାରାରେ ଆମର ଚିନ୍ତା କରିବାର ଅଭ୍ୟାସ ରହିଛି ଏବଂ ତାହା ସହିତ ମେଳ ରଖି ଆମେ ସ୍ୱତଃସ୍ଫୁର୍ତ୍ତ କାର୍ଯ୍ୟ କରୁ । ଜଣେ କାର୍ଯ୍ୟ କରିଦିଏ, ଏବଂ ପରେ ବୁଝାଇବାରେ ଲାଗେ : "ମୁଁ ନ କରି ରହି ପାରିଲି ନାହିଁ; ମୁଁ ଚିନ୍ତା କରି ନାହିଁ ।" କିନ୍ତୁ ପ୍ରକୃତ କଥାଟା ହେଉଛି ଯେ ସେ ତାର ଚିନ୍ତାକୁ କାର୍ଯ୍ୟକାରୀ କରୁଛି, ଚେଉଁ ଚିନ୍ତା ହୁଏତ ଥିଲା ପୂର୍ବଜନ୍ମର ।

ଯଦିଓ ସାଧାରଣତଃ ମଣିଷଣ ସେହି ମାନସ ଶରୀର ନ ଥାଏ ଯାହା ଥିଲା ତାର ପୂର୍ବ ଜନ୍ମରେ, ତଥାପି ତାହାର ଥାଏ ସେହି ମାନସ ଏକକ, ଯାହା ହେଉଛି ସେହି ମାନସ ଶରୀରର ବୀଜ ଏବଂ ବହୁ ପରିମାଣରେ ତାର ଏକ ପ୍ରକାର ସାରସତ୍ତା । ତାହା ଏକ ଜୀବନରୁ ଅନ୍ୟ ଜୀବନକୁ ନେଇଯାଏ ସେହି ଚିନ୍ତାର ପ୍ରଭାବକୁ ଯେଉଁ ପ୍ରକାର ଚିନ୍ତାରେ ସେହି ବ୍ୟକ୍ତି ଅଭ୍ୟସ୍ତ ।

ଅନେକ ସମୟରେ ଦେଖାଇ ଦିଆଯାଇଛି ଯେ ଗୋଟିଏ ଜନ୍ମରୁ ଆଉ ଗୋଟିଏ ଜନ୍ମକୁ ମଣିଷର ତାର କାରଣ ଶରୀରରେ ନେଇ ଯାଇପାରେ କେବଳ ତାର ଭଲ ଗୁଣଗୁଡ଼ିକ । ତାହା ବେଶ୍ ସତ କଥା । କାରଣ ଶରୀର ଗଠିତ ହୁଏ ମାନସ ସ୍ତରର ଉଚ୍ଚତର ସ୍ତରଗୁଡ଼ିକର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ତରର ପଦାର୍ଥକୁ ନେଇ । ଏହି ସ୍ତରଗୁଡ଼ିକର ପଦାର୍ଥ ସ୍ପନ୍ଦିତ ହୋଇ ପାରନ୍ତି ନାହିଁ ନିମ୍ନତର ବା କମ୍ ବାଞ୍ଛନୀୟ ଗୁଣଗୁଡ଼ିକର ପ୍ରତ୍ୟୁତ୍ତରରେ । ସୁତରାଂ ମଣିଷ ପ୍ରକୃତରେ କେବଳ ଭଲ ଗୁଣଗୁଡ଼ିକୁ ନିଜ ଭିତରକୁ ନେଇ ଗଢ଼ିପାରେ – ଏବଂ ତାହା ଆମ ପାଇଁ ସୌଭାଗ୍ୟଜନକ । କାରଣ ତାହା ନ ହେଲେ ଆମେ ଆମ ଭିତରେ ଯାହା ଭଲ ନୁହେଁ ଏବଂ ଯାହା ଆମର କ୍ରମ ବିକାଶକୁ ସାହାଯ୍ୟ କରିବା ବଦଳରେ ବାଦା ଦିଅନ୍ତା ସେହି ଉପାଦାନ ନେଇ ଗଢ଼ନ୍ତୁ । କିନ୍ତୁ ମଣିଷ ତା ସହିତ ନେଇ ଯାଏ ବିଭିନ୍ନ ସ୍ତରର – ମାନସିକ, କାମନାଗତ ଏବଂ ସ୍ଥୂଳ ସ୍ତରର ସ୍ଥାୟୀ ଅଣୁଗୁଡ଼ିକୁ । ସେଗୁଡ଼ିକର ସ୍ପନ୍ଦନ ସବୁ ନୂତନ ଶରୀରମାନଙ୍କରେ ଅନ୍ତର୍ନିହିତ ଗୁଣ ରୂପେ ଦେଖାଦିଏ ।

ଏହି ପ୍ରକାରେ ମଣିଷ ପ୍ରକୃତରେ ବିଭିନ୍ନ ଗୁଣ ନୁହେଁ, ବରଂ ସେହି ଗୁଣଗୁଡ଼ିକର ସମ୍ଭାବନାକୁ ନେଇ ଆସେ । ଶ୍ରୀମତୀ ବ୍ଲାଭାଟସ୍କି ଅନ୍ୟମାନଙ୍କ ମଧ୍ୟରେ ଏଗୁଡ଼ିକୁ 'ପଦାର୍ଥର ଅଭାବୀ' ବୋଲି କହୁଥିଲେ । ଅର୍ଥାତ୍ ଶକ୍ତି ସମୂହ ଯେଉଁଗୁଡ଼ିକ ପଦାର୍ଥ ଥିବାବେଳେ ହିଁ ସେଥିରେ କାର୍ଯ୍ୟ କରିବ, କିନ୍ତୁ କେବଳ ନିଲମ୍ବିତ ରହିବ, ଯେ ପର୍ଯ୍ୟନ୍ତ ତାହା ଜୀବାତ୍ମାର ଚାରିପାଖରେ ଏକତ୍ରିତ ନ ହୋଇଛି । ସୁତରାଂ ମଣିଷ ଯେତେବେଳେ 'ଅବିଚାରିତ ଭାବେ' କାର୍ଯ୍ୟ କରେ, ସେ ତାହା କରିଥାଏ ସେହି ପୁରୁଣା ଚିନ୍ତାଗୁଡ଼ିକର ଆବେଗ ଅନୁଯାୟୀ । ତାହା ହେଉଛି ଏକ କାରଣ ଯେଉଁଥିପାଇଁ ଆମକୁ ଏତେ ଯତ୍ନର ସହିତ ଲକ୍ଷ୍ୟ କରିବାକୁ ହେବ ଆମର ଚିନ୍ତାଗୁଡ଼ିକୁ । ଆମେ କେବେହେଲେ ଜାଣି ପାରିବା ନାହିଁ ଯେକତେବେଳେ ସେଗୁଡ଼ିକ ଇଚ୍ଛୁକ ଯାଇ କାର୍ଯ୍ୟରେ ପରିଣତ ହେବେ । ଯେଉଁ ବ୍ୟକ୍ତି ମନ୍ଦ ଚିନ୍ତା ପ୍ରତି କୋହଳ ହୋଇଯାଏ ଏଇଆ ଭାବି ଯେ ସେ କେବେହେଲେ

ତଦନୁଯାୟୀ କାର୍ଯ୍ୟ କରିବାକୁ ନିଜକୁ ଦେବ ନାହିଁଏ ହୁଏତ କେତେବେଳେ ଦେଖିବ ଯେ ସେ ପ୍ରାୟ ସଚେତନ ହେବା ପୂର୍ବରୁ ତାହା କାର୍ଯ୍ୟରେ ପରିଣତ ହୋଇଯାଇଛି ।

ପିଲାମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି ଜ୍ଞାନର ପ୍ରଭୂତ ଉପଯୋଗ କରାଯାଇପାରେ । ଯେତେବେଳେ ଜୀବାତ୍ମା ନୂତନ ଶରୀରଗୁଡ଼ିକୁ ଗ୍ରହଣ କରେ, ସେତେବେଳେ ପିତାମାତା ଓ ସାଙ୍ଗମାନେ ତାକୁ ସାହାଯ୍ୟ କରିବା ପାଇଁ ବହୁତ କିଛି କରି ପାରନ୍ତି । ତାର ଭଲ ଗୁଣଗୁଡ଼ିକ ଦେଖାଦେବା ପରେ ସେଗୁଡ଼ିକୁ ପ୍ରୋତ୍ସାହିତ କରି ଏବଂ ଖରାପ ଗୁଣଗୁଡ଼ିକୁ ପ୍ରକାଶିତ ହେବାର ସୁଯୋଗ ନ ଦେଇ ଆମେ ପିଲାଟିକୁ ସର୍ବାଧିକ ସାହାଯ୍ୟ ଦେଉ । ଏହା ଯେତେବେଳେ ଆମେ ଭଲ ଗୁଣଗୁଡ଼ିକୁ କାର୍ଯ୍ୟକାରୀ କରାଉ, ଏବଂ ସେଗୁଡ଼ିକୁ ଏକ ଅଭ୍ୟାସରେ ପରିଣତ କରାଇ ଦେଉ ଖରାପ ଗୁଣଗୁଡ଼ିକ ନିଜକୁ ଜାହିର କରିବା ପୂର୍ବରୁ । ଖରାପ ଗୁଣଗୁଡ଼ିକ ଶୀଘ୍ର ବା ବିଳମ୍ବରେ ହେଉ ପ୍ରକଟିତ ହେବେ, ହୁଏତ ବାହ୍ୟ ଜଗତ ସେଗୁଡ଼ିକୁ ଅଲୋଡ଼ିତ କରି ଦେବା ହେତୁ । କିନ୍ତୁ ଭଲ ଗୁଣଗୁଡ଼ିକ ସପକ୍ଷରେ ଯଦି ଆଗରୁ ଏକ ଦୃଢ଼ ଆବେଗ ରହିଥାଏ, ଖରାପ ଗୁଣଗୁଡ଼ିକ ପ୍ରଭାବ ପକାଇବା ଅତିଶୟ କଷ୍ଟକର ହେବ । ସେତେବେଳେ ଜୀବାତ୍ମାର ସମଗ୍ର ଇଚ୍ଛାଶକ୍ତି ସେଗୁଡ଼ିକର ପ୍ରଭାବ ବିରୁଦ୍ଧରେ କାର୍ଯ୍ୟ କରୁଥିବ ଏବଂ ଏଭଳି ଏକ କ୍ଷେତ୍ରରେ, ସେଗୁଡ଼ିକ ହୁଏତ ସମ୍ପୂର୍ଣ୍ଣ ଭାବେ ନିର୍ମୂଳ ହୋଇ ଯିବେ ସେହି ଜୀବନକାଳ ମଧ୍ୟରେ । ଏହା ଫଳରେ ପରବର୍ତ୍ତୀ ଜନ୍ମରେ ଜୀବାତ୍ମା ଆସିବା ବେଳକୁ ସେଗୁଡ଼କର କୌଣସି ଚିହ୍ନ ନ ଥିବ ।

**ତଥାପି ମନେ ରଖ ଯେ ମାନବ ଜାତିର ଉପଯୋଗୀ ହେବା ସକାଶେ, ଚିନ୍ତା କାର୍ଯ୍ୟରେ ପରିଣତ ହେବା ଆବଶ୍ୟକ । ଉତ୍ତମ କାର୍ଯ୍ୟରେ କୌଣସି ଆଳସ୍ୟ ରହିବା ଅନୁଚିତ, ବରଂ ଦରକାର ସର୍ବଦା କାର୍ଯ୍ୟ ତତ୍ପରତା ।**

**ଆନି ବେସାନ୍ତ –** ଏଥିରେ ରହିଛି ଏକ ଅତିଶୟ ଗୁରୁତ୍ୱପୂର୍ଣ୍ଣ ସ୍ମାରକଚିନ୍ତା ଉପଯୋଗୀ ହେବା ସକାଶେ କାର୍ଯ୍ୟରେ ପରିଣତ ହେବା ଆବଶ୍ୟକ । ଏହି ଗୋଟିଏ ବିଷୟରେ ଆମ ଭିତରୁ ଅନେକଙ୍କର ତ୍ରୁଟି ରହିଛି । ଆମର ମନ ଭିତରେ ଅନେକ ଚିନ୍ତା ରହିଛି ଯାହା କାର୍ଯ୍ୟରେ ପରିଣତ ହୁଏ ନାହିଁ ଏବଂ ଏହି ପ୍ରକାର

ସମସ୍ତ ଚିନ୍ତା ହେଉଛି ଦୁର୍ବଳତାର ଉତ୍ସ । ଗୁରୁଦେବ ମୌର୍ଯ୍ୟ ଥରେ କହିଥିଲେ ଯେ କାର୍ଯ୍ୟକାରୀ ହେଉ ନ ଥିବା ଭଲ ଚିନ୍ତା ମନରେ କର୍କଟ ରୋଗ ପରି କାମ କରେ । ଏହା ଗୋଟିଏ ସୁନ୍ଦର ଉପମା, ଯାହା ଆମକୁ ବୁଝିବାରେ ସାହାଯ୍ୟ କରିବ ଯେ ଏହି ପ୍ରକାର ଏକ ଭାବନା କେବଳ ଅକ୍ରିୟାତ୍ମକ ନୁହେଁ, ସକ୍ରିୟଭାବେ କ୍ଷତିକାରକ । କାର୍ଯ୍ୟକାରୀ ହୋଇ ନ ଥିବା ଉତ୍ତମ ସଂକଳ୍ପଗୁଡ଼ିକ ଦ୍ୱାରା ଆମେ ଆମ ନୈତିକ ତନ୍ତୁକୁ ଦୁର୍ବଳ କରିଦେବା ଉଚିତ ହେବ ନାହିଁ ତାହା ଏକ ପ୍ରତିବନ୍ଧକ ରୂପେ କାର୍ଯ୍ୟକରେ ଏବଂ ଆଉଥରେ ସେହି ଚିନ୍ତା ଜାଗ୍ରତ ହେଲେ ତାହାକୁ କାର୍ଯ୍ୟକାରୀ କରିବା ଅଧିକ କଷ୍ଟକର ହୋଇଯାଏ । ସୁତରାଂ ବିଳମ୍ବ କରନ୍ତୁ ନାହିଁ, ସେଗୁଡ଼ିକୁ ପଛକୁ ରଖନ୍ତୁ ନାହିଁ – ସେଗୁଡ଼ିକୁ କାର୍ଯ୍ୟକାରୀ ନକରି ଛାଡ଼ି ଦିଅନ୍ତୁ ନାହିଁ । ଆମ ଭିତରୁ ଅନେକେ ଉତ୍ତମ ସଂକଳ୍ପଗୁଡ଼ିକୁ କାର୍ଯ୍ୟରେ ପରିଣତ ନ କରି ଆମର ଅଭିବୃଦ୍ଧିକୁ ନିରୁତ୍ସାହିତ କରିଥାନ୍ତି । ଇଂରାଜୀରେ ଗୋଟିଏ କଥା ଅଛି ଯେ ନରକକୁ ଯାଉଥିବା ରାସ୍ତା ଉତ୍ତମ ଉଦ୍ଦେଶ୍ୟଦ୍ୱାରା ତିଆରି ହୋଇଥାଏ ।

ଉତ୍ତମ ସଂକଳ୍ପ କାର୍ଯ୍ୟକାରୀ ନହେଲେ ଏକ ମନ୍ଦ ଶକ୍ତିରେ ପରିଣତ ହୁଏ । କାରଣ ଏକ ନିଶାଦ୍ରବ୍ୟ ଭଳି ଏହା ମସ୍ତିଷ୍କୁ ନିସ୍ତେଜ କରିଦିଏ । ନିଜର ଚିନ୍ତା ନିୟନ୍ତ୍ରଣ କରିବାରେ ଯତ୍ନବାନ୍ ହୁଅନ୍ତୁ ଏବଂ ଯେତେବେଳେ ଉଚ୍ଚତର ଆତ୍ମାରୁ ଏକ ସେବାର ଆବେଗ ଆସେ, ତାକୁ କାର୍ଯ୍ୟକାରୀ କରିଦିଅନ୍ତୁ । କାଲି ପାଇଁ ରଖନ୍ତୁ ନାହିଁ । ଏହିପରି ରଖି ଦେବା ହେଉଛି ଏକ କାରଣ ଯେଉଁଥିପାଇଁ ପୃଥିବୀରେ ବହୁ ସଂଖ୍ୟକ ଭଦ୍ରଲୋକ ସମୟର ଅପେକ୍ଷାରେ ରହିଛନ୍ତି । ପ୍ରାୟ ଦଶ ବର୍ଷ ଅତିକ୍ରମ କରିବା ପରେ ଜଣେ ପ୍ରକୃତ ଭଦ୍ରଲୋକଙ୍କ ସହିତ ମିଳିତ ହୋଇ ଆପଣ ଆଗ ଦେଖିବାବେଳେ ସେ ଯେପରି ଥିଲେ ସେହିପରି ରହିଥିବା ଦେଖିବା ଏକ ବେଶ୍ ସାଧାରଣ କଥା । ଏହିପରି ଲୋକେ ବର୍ଷବର୍ଷ ଧରି ରହନ୍ତି । ସେହି ଏକା ପ୍ରକାର ଅସୁବିଧା ଏବଂ ପ୍ରଲୋଭନ ନେଇ, ସେହି ପ୍ରକାର ଦୁର୍ବଳତା ଏବଂ ଶକ୍ତି ନେଇ । ବ୍ରହ୍ମବିଦ୍ୟା ସମିତିର ଏକ ସଭ୍ୟଙ୍କ ପକ୍ଷରେ ତାହା କେବେହେଲେ ସତ ହେବା ଉଚିତ ନୁହେଁ; ଆମେ ସମସ୍ତେ ଏହି ନିୟମଗୁଡ଼ିକ କିପରି କାର୍ଯ୍ୟ କରେ, ସେ ସମ୍ପର୍କରେ କିଛି ଜାଣିବା ଉଚିତ ।

ତାହା ଯେ ସମୟେ ସମୟେ ସତ ହୁଏ, ତାହା ବିଶେଷ ଭାବେ ଏହି କାରଣରୁ ବୋଲି ମୁଁ ଭାବୁଛି ଯେ ଉତ୍ତମ ଆବେଗଗୁଡ଼ିକ କାର୍ଯ୍ୟକାରୀ ନହେଲେ ପ୍ରତିବନ୍ଧକ ହୁଏ ବୋଲି ଆମେ ବୁଝିପାରି ନାହୁଁ । ଆପଣ ଯାହା ଗ୍ରହଣ କରନ୍ତି,

ତାହା ଯଦି କାର୍ଯ୍ୟକାରୀ କରନ୍ତେ, ତାହାହେଲେ ସେଥିରୁ ଅଧିକରୁ ଅଧବକ ଆସନ୍ତା । ଆନ୍ତରୀଣ ଉଦ୍ୟମ ଏବଂ ସଂକଳ୍ପର ଅଭାବକୁ ଏବଂ ଆମେ ଯାହା ଜାଣିସାରିଛୁ ତାହା କାର୍ଯ୍ୟକାରୀ କରିବାର ବିଫଳତାକୁ କୌଣସି ଅନୁକୂଳ ବାହ୍ୟ ପରିସ୍ଥିତି ବା ଅଧିକ ବାହ୍ୟ ଜ୍ଞାନ ପୂରଣ କରି ପାରିବ ନାହିଁ । ଆପରଙ୍କ ଚିନ୍ତା ସର୍ବଦା କାର୍ଯ୍ୟରେ ପରିଣତ ହେବ । ତାକୁ ଏକ ନିୟମ କରି ନିଅନ୍ତୁ । ମୁଁ କହୁ ନାହିଁ ଯେ ଆପଣ ସର୍ବଦା ନିଜର ଚିନ୍ତାକୁ ସଙ୍ଗେସଙ୍ଗେ କାର୍ଯ୍ୟକାରୀ କରିପାରିବେ । କାରଣ ପରିସ୍ଥିତି ସେହି ସୁବିଧା ନ ଦେଇପାରେ । କିନ୍ତୁ ଶୀଘ୍ର ସୁଯୋଗ ଆସିବ । ଏହିପରି କ୍ଷେତ୍ରରେ ନିଜର ଚିନ୍ତାକୁ ରଖି ଥାଆନ୍ତୁ, ହରାଇ ବସନ୍ତୁ ନାହିଁ । ତାହାହେଲେ ଏହା ହେବ ପାଚି ଆସୁଥିବା ଫଳ ପରି । ଯଦି ତାହା କରନ୍ତି, ସାକାର ହୋଇନଥିବା ଚିନ୍ତା ଆପଣଙ୍କର ଅନିଷ୍ଟ କରିବ ନାହିଁ ଏବଂ ଯେତେବେଳେ ଠିକ୍ ସମୟ ଆସିବ, ଆପଣ ତାହା କାର୍ଯ୍ୟକାରୀ କରିବେ ।

> **କିନ୍ତୁ ତୁମକୁ ନିଜର କର୍ତ୍ତବ୍ୟ ହିଁ କରିବାକୁ ହେବ – ଅନ୍ୟ ବ୍ୟକ୍ତିର ନୁହେଁ, (ତାଙ୍କର ଅନୁମତି ବିନା ଏବଂ ତାଙ୍କୁ ସାହାଯ୍ୟ କରିବା ବ୍ୟତୀତ) । ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଙ୍କର ନିଜର କାମ ନିଜ ପନ୍ଥା ଅନୁଯାୟୀ କରିବାକୁ ଛାଡ଼ି ଦିଅନ୍ତୁ । ଯେଉଁଠାରେ ଆବଶ୍ୟକ, ସେହିଠାରେ ସାହାଯ୍ୟ ଦେବାପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହନ୍ତୁ, କିନ୍ତୁ କେବେ ହସ୍ତକ୍ଷେପ କରନ୍ତୁ ନାହିଁ । ବହୁ ଲୋକଙ୍କ ସକାଶେ ପୃଥିବୀରେ ଶିଖିବା ପାଇଁ ସର୍ବାଧିକ କଷ୍ଟକର ବିଷୟ ହେଉଛି ନିଜ କାମରେ ମନ ଦେବା । ଠିକ୍ ତାହା ହିଁ ତୁମକୁ କରିବାକୁ ହେବ ।**

**ଆନି ବେସାନ୍ତ** – ଏବେ ଏକ ସତର୍କବାଣୀ ଦିଆଯାଇଛି ଯାହା ଅତିଶୟ ସକ୍ରିୟ ବା ରାଜସିକ ପ୍ରକୃତିର ଲୋକେ ଆବଶ୍ୟକ କରନ୍ତି । ଏହି କ୍ଷୁରଧାର ମାର୍ଗର ଅନ୍ୟ ପାଖଟିକୁ ବର୍ତ୍ତମାନ ବିଚାର କରିବାକୁ ହେବ । ଏକ ପକ୍ଷରେ ଆଳସ୍ୟ ବର୍ଜନ କରିବାକୁ ହେବ ଏବଂ ଅନ୍ୟ ପକ୍ଷରେ ହସ୍ତକ୍ଷେପ ମଧ୍ୟ ପରିତ୍ୟାଗ କରିବାକୁ ହେବ । ଅତିଶୟ ସକ୍ରିୟ ଲୋକଙ୍କର, ଯାହା କୁହାଯାଏ, ସବୁ କଥାରେ ଆଙ୍ଗୁଠି ପୂରାଇବାର ପ୍ରବୃତ୍ତି ରହିଛି । କିନ୍ତୁ ଅନ୍ୟମାନଙ୍କ କଥା ତ ସେମାନଙ୍କ ନିଜର, ସେଥିରେ ଆପଣ ଆଙ୍ଗୁଠି ପୂରାଇବା ଅନୁଚିତ । ଆପଣ ମନେ ପକାଇ ପାରନ୍ତି

ଯେ କର୍ମଯୋଗର ଗ୍ରନ୍ଥ ଭଗବଦ୍ ଗୀତାରେ ବହୁବାର ଏହି ଘୋଷାଟି ରହିଛି : "କର୍ମ କର ! କର୍ମ କର !" ଏବଂ ଭୁଲ୍ କର୍ମ ବିରୋଧରେ ଚେତାବନୀ ଦିଆଯାଇଛି । ସେଥିରେ କୁହାଯାଇଛି – ପରଧର୍ମ ଭୟାବହ ।

କାରଣ ବେ୍ ସ୍ୱଷ୍ଟ । ଯଦି ଆପଣ, ଆପଣଙ୍କ ପଛରେ ଥିବା ସ୍ୱକୀୟ ଚିନ୍ତା ଓ କର୍ମଧାରାକୁ ଅନ୍ୟ ବ୍ୟକ୍ତିର କ୍ରିୟାକଳାପ ସହିତ ମିଶାଇ ଦିଅନ୍ତି, ଯାହାଙ୍କର ପଛରେ ଅନୁରୂପ ଭାବେ ସ୍ୱକୀୟ ଚିନ୍ତା ଓ କର୍ମଧାରା ରହିଛି – (ଯାହା ଆପଣଙ୍କଠାରୁ ଭିନ୍ନ ଧରଣର) ଆପଣ ନିଶ୍ଚିତ ଭାବେ ସେ ଯାହା କରୁଛନ୍ତି, ତାହାକୁ ନଷ୍ଟ କରିବେ । ତାଙ୍କର କର୍ମ ତାଙ୍କର ଚିନ୍ତା-କ୍ରିୟାର ଯୁକ୍ତିଯୁକ୍ତ ପରିଣତି ଆପଣଙ୍କର ଚିନ୍ତା-କ୍ରିୟାର ଉଚିତ ଏବଂ ସଠିକ ପରିଣତି ନୁହେଁ ଏବଂ ହୋଇନପାରେ । ରାଜସିକ ବ୍ୟକ୍ତି ବୁଝିବା ଉଚିତ ଯେ ସେ ଅନ୍ୟ ବ୍ୟକ୍ତିର କାର୍ଯ୍ୟରେ ନିଜକୁ ମିଶାଇ କେବଳ ଗୋଳମାଳ ସୃଷ୍ଟି କରିବେ । ମୁଁ ଅନ୍ୟ ବ୍ୟକ୍ତିମାନଙ୍କୁ ଠିକ୍ କରିବାକୁ ଚାହୁଁଥିଲି, ସେମାନଙ୍କ ସକାଶେ କ'ଣ ଯଥାର୍ଥ ହେବ ସେ ସମ୍ପର୍କରେ ମୋର ଅଭିମତ ଅନୁଯାୟୀ, ଯାହା ଅବଶ୍ୟ ମୋ ନିଜ ସକାଶେ ଥିଲା ଯଥାର୍ଥ । କିନ୍ତୁ ଶିଷ୍ୟ ହେବା ଅବସ୍ଥାରେ ମୁଁ ଜାଣିଲି ଯେ ସେହି ପ୍ରକାରେ କାମ କରିବା କଥା ନୁହେଁ ।

ତାତ୍ତ୍ୱିକ ଦୃଷ୍ଟିକୋଣରୁ ଅନ୍ୟ ବ୍ୟକ୍ତିର ପନ୍ଥା ସର୍ବଶ୍ରେଷ୍ଠ ନ ହେଲେ ମଧ୍ୟ, ତାହା ସେହି ବ୍ୟକ୍ତି ସକାଶେ ସର୍ବଶ୍ରେଷ୍ଠ ହୋଇପାରେ । ତା ପଛରେ ରହିଛି ସେହି ବ୍ୟକ୍ତିର ଉଭୟ ଦୋଷ ଏବଂ ଗୁଣର ଶକ୍ତି ସମୂହ । ତାହା ସେହି ବ୍ୟକ୍ତି ପାଇଁ ସମୁଚିତ କ୍ରମବିକାଶ ଧାରାର ସୂଚନା ଦିଏ । ଧରି ନିଅନ୍ତୁ ଜଣେ ବ୍ୟକ୍ତି ଲେଖିବାବେଳେ ତାଙ୍କ କଲମକୁ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଧରିଛନ୍ତି, ଯାହା ସର୍ବୋତ୍ତମ ନୁହେଁ । ଆପଣ ଯଦି ହସ୍ତକ୍ଷେପ କରନ୍ତି ଏବଂ ତାଙ୍କୁ ପ୍ରବର୍ତ୍ତାନ୍ତି ଅନ୍ୟ ଏକ ଢଙ୍ଗରେ କଲମଟି ଧରିବାକୁ, ଆପଣ ତାଙ୍କ ହାତରେ ଖରାପ ଭାବେ ଲେଖେଇବେ, ଭଲ ଭାବେ ନୁହେଁ । ସେ ପୁରୁଣା ପ୍ରଣାଳୀରେ ତାଙ୍କର ଦୀର୍ଘକାଳ ଅଭ୍ୟାସର ସୁବିଧା ହଜାଇବେ ଏବଂ ତାହା ଠିକ୍ କରିବା ପାଇଁ ତାଙ୍କୁ ଖର୍ଚ୍ଚ କରିବାକୁ ହେବ ଗୁଡ଼ାଏ ସମୟ ଏବଂ ପରିଶ୍ରମ । ଅବଶ୍ର ସେ ଯଦି ନିଜେ ତାଙ୍କର ଲିଖନ ପ୍ରଣାଳୀକୁ ବଦଳାଇବାକୁ ଚାହାନ୍ତି (କାରଣ ସେ ବୁଝିଛନ୍ତି ଯେ ଅନ୍ୟ ପ୍ରଣାଳୀ ଶ୍ରେୟସ୍କର ହେବ ଏବଂ ସେଥିରେ ସେ ଆପଣଙ୍କର ସାହାଯ୍ୟ ଚାହାନ୍ତି) ଘଟଣାଟି ଅଲଗା ହେବ । ତାଙ୍କର ଖୁସି ଅନୁଯାୟୀ କାର୍ଯ୍ୟ କରିବାର ଅଧିକାର ତାଙ୍କର ଅଛି ଏବଂ ସେତେବେଳେ ତାଙ୍କ କାର୍ଯ୍ୟ ପଛରେ ରହିବ ତାଙ୍କର ନିଜର ସଂକଳ୍ପ ଶକ୍ତି ।

ଏହା ସ୍ପଷ୍ଟ ଯେ ଜଣେ ସବଳ ବ୍ୟକ୍ତି କିଛି ସମୟ ପାଇଁ ଅନ୍ୟ ଉପରେ ସହଜରେ ନିଜର ପ୍ରାଧାନ୍ୟ ବିସ୍ତାର କରିପାରେ । ଇତିହାସରେ ମହାନ୍ ବ୍ୟକ୍ତିମାନଙ୍କର ବହୁ ଉଦାହରଣ ରହିଛି ଯେଉଁମାନେ ବଞ୍ଚିଥିବାବେଳେ ତାଙ୍କ ଚାରି ପାଖରେ ଥିବା ସମସ୍ତଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିଲେ । କିନ୍ତୁ ଯେତେବେଳେ ସେମାନେ ମରିଗଲେ, ସେମାନଙ୍କର କୃତି ଛିନ୍ନଭିନ୍ନ ହୋଇଗଲା । ସେମାନେ ଭୁଲି ଯାଇଥିଲେ ଯେ ସେମାନେ ମରଣଶୀଳ ଏବଂ ସେମାନଙ୍କ ମୃତ୍ୟୁ ଯେଉଁ ଶୂନ୍ୟସ୍ଥାନ ରଖିଯିବ, ସେଥିପାଇଁ ସେମାନେ ବ୍ୟବସ୍ଥା କରିବା ଦରକାର ଥିଲା । ସେମାନଙ୍କର ଭୁଲ୍‌ର ଦୁର୍ଭାଗ୍ୟ ଜନକ କର୍ମ, ସେମାନଙ୍କର ଆତ୍ମକୈନ୍ଦ୍ରିକତା, ସେମାନଙ୍କ ଚାଲିଯିବା ପରେ ପରେ ରହିଗଲା ସେମାନଙ୍କର କୃତିର ଛିନ୍ନଭିନ୍ନ ହେବାର ପରିଣତି । ଏହା ଦର୍ଶାଇ ଦିଏ ସେମାନେ ବୁଝି ନ ଥିଲେ ସଫଳ କ୍ରିୟାର ସର୍ତ୍ତାଳାପ । ସେମାନେ ଉପଲବ୍ଧି କରିନଥିଲେ ଯେ ଜଣେ କର୍ମୀ ଏବଂ ନେତା ଉପଯୁକ୍ତ ଲୋକଙ୍କୁ ଏକାଠି କରି ସେମାନଙ୍କୁ ବିଶ୍ୱାସ କରିବା ଉଚିତ, ସେମାନଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟର ଅଂଶରେ ସେମାନଙ୍କୁ ସ୍ୱାଧୀନ ଭାବେ ଛାଡ଼ିଦେବା ଉଚିତ ଏବଂ ଜଣେ ପ୍ରତ୍ୟେକ ଟିକିନିଖି କଥାର ନିଜେ ଯତ୍ନ ନେବା ଉଚିତ ନୁହେଁ; ଅଧିକନ୍ତୁ ତାହା କରାଯାଇ ପାରିବ ନାହିଁ ।

ଅନ୍ତର୍ନିହିତ ଏକତା ଥିବା ବହୁବିଧ ବିଷୟକୁ ନେଇ ପୃଥିବୀ ତିଆରି ହୋଇଛି । ପୃଥିବୀର ନିମ୍ନତର ଶ୍ରେଣୀର ପ୍ରାଣୀ ନିୟମ ମାନି ଚଳନ୍ତି ସବୁ କଥାଜାରି ନ ଥିବା ହେତୁ । ସେମାନଙ୍କୁ ତାହା କରିବାକୁ ବାଧ୍ୟ କରାଯାଇଥାଏ । କିନ୍ତୁ ମଣିଷକୁ ଅପେକ୍ଷାକୃତ ମୁକ୍ତ ଭାବେ ଛାଡ଼ି ଦିଆଯାଇଥାଏ । ନିୟମଗୁଡ଼ିକର ଏକ ବିରାଟ ବୃତ୍ତ ମଧ୍ୟରେ ସେ ମୁକ୍ତ । ସେହି ବୃତ୍ତର ବାହାରକୁ ସେ ଯାଇ ପାରିବ ନାହିଁ, କିନ୍ତୁ ବୃତ୍ତ ଭିତରେ ସେ ନିଜର ଯାହା ଖୁସି ତାହା କରିପାରିବ । ନିଜ ପ୍ରଣାଳୀରେ ନିଜର କାମ କରିବାରେ ହିଁ ରହିଛି ତାର ଅଭିବୃଦ୍ଧି ।

ଈଶ୍ୱରଙ୍କ ଯୋଜନା ଏପରି ରହିଛି ଯେ ମଣିଷ ଯେତେ ପ୍ରଗତି କରିବ, ଯେତିକି ବିଜ୍ଞଭାବେ ସ୍ୱାଧୀନତା ଉପଯୋଗ କରିବ ବୋଲି ତାକୁ ବିଶ୍ୱାସ କରାଯାଇ ପାରିବ, ସେତିକି ତାକୁ ଅଧିକରୁ ଅଧିକ ସ୍ୱାଧୀନତା ଦିଆଯିବ । ଏହା ଫଳରେ ଅଳ୍ପଅଳ୍ପ କରି ପ୍ରତ୍ୟେକ ପଦକ୍ଷେପରେ ଆମେ ସମ୍ପୂର୍ଣ୍ଣ ସ୍ୱାଧୀନତା ଆଡ଼କୁ ଯାଉ । ସବା ତଳ ପାହାଚରେ ଥିବା ଜୀବ ସମ୍ପୂର୍ଣ୍ଣ ଅଜ୍ଞାଧୀନ ହୁଏ, ଅଚେତନ ଭାବେ । ସବା ଉପରେ ରହିଥିବା ଗୁରୁଦେବ ସମ୍ପୂର୍ଣ୍ଣ ଭାବେ ଆଜ୍ଞାଧୀନ ରହନ୍ତି, କିନ୍ତୁ

ସଚେତନ ଭାବେ, ଏବଂ ଏହି ଦୁହିଁଙ୍କ ମଧ୍ୟରେ ଆମେ ନିଶ୍ଚୟ କେଉଁଠି ହେଲେ ରହିଛୁ ।

ଆମକୁ ଆହୁରି ମଧ୍ୟ ମନେ ରଖିବାକୁ ହେବ ଯେ ହସ୍ତକ୍ଷେପ ମନ ଭିତରକୁ ପ୍ରସାରିତ ହୁଏ ଏବଂ ହସ୍ତକ୍ଷେପ ନ କରିବାର ମଧ୍ୟ ସମ୍ପର୍କ ରହିଛି ପୂର୍ବତନ ଯୋଗ୍ୟତା ସହିତ; ଅର୍ଥାତ୍ ମନର ଆତ୍ମ-ସଂଯମ ସହିତ । ଚିନ୍ତା ଜରିଆରେ ହସ୍ତକ୍ଷେପର ବହୁତ ସମ୍ଭାବନା ରହିଛି । ନିମ୍ନଲିଖିତ ଏକ ଘଟଣାର ଉଦାହରଣ ନିଅନ୍ତୁ । ଆମ ଭିତରୁ ଜଣଙ୍କର ଏକ ନିର୍ଦ୍ଦିଷ୍ଟ ଅସୁବିଧାର ରହିଛି ଏବଂ ସେ ତାହାକୁ ଦୂର କରିବାକୁ ଚେଷ୍ଟା କରୁଛନ୍ତି । ହୁଏତ ତାହା ଦେଖା ଦେଇଛି ତାଙ୍କର ଚରିତ୍ରଗତ କୌଣସି ଦୁର୍ବଳତାରୁ । ହୁଏତ ତାହା ଏକ ଅବାଞ୍ଛନୀୟ ଚିନ୍ତା ଏବଂ କାର୍ଯ୍ୟ ଯେଉଁଥିରେ ସେ ପ୍ରବୃତ୍ତ ହୁଅନ୍ତି ପୁରାତନ ଅଭ୍ୟାସର ପ୍ରଭାବରୁ । ସେ ଯାହାହେଉ, ସେ ତାଙ୍କର ଯଥା ସାଧ୍ୟ ଚେଷ୍ଟା କରୁଛନ୍ତି ତାହା ଦୂର କରିବା ପାଇଁ । ତାପରେ କେହି ଜଣେ ଆସି ତାଙ୍କର ସେହି ନିର୍ଦ୍ଦିଷ୍ଟ ଦୁର୍ବଳତା ବା ଅସୁବିଧାର ଧାରାକୁ ସନ୍ଦେହ କରନ୍ତି ଏବଂ ନିଜ ବାଟରେ ଚାଲି ଯାଆନ୍ତି, କେବେହେଲେ ଭାବନ୍ତି ନାହିଁ ଯେ ସେ କୌଣସି ନିର୍ଦ୍ଦିଷ୍ଟ କ୍ଷତି କରିଛନ୍ତି ।

ସେହି ଦ୍ୱିତୀୟ ବ୍ୟକ୍ତି ବୁଝି ନାହାନ୍ତି ଯେ ସେ ତାଙ୍କର ଭାଇଙ୍କୁ ଟିକିଏ ଠେଲି ଦେଇଛନ୍ତି, ଯାହା ଏହିକ୍ଷଣି ତାଙ୍କର କାର୍ଯ୍ୟଧାରା ନିର୍ଦ୍ଧାରଣ କରିପାରେ ଏବଂ ତାକୁ ଭୁଲ ବାଟରେ ନେଇଯାଇପାରେ । ଅଭ୍ୟାସ ଏବଂ ଉଦ୍ୟମର ଦୁଇଟି ଶକ୍ତି ହୁଏତ ସମତୁଲ ହୋଇ ଝୁଲି ରହିଥିଲା ଏବଂ ସେହି ସନ୍ଦେହୀ ଚିନ୍ତା ସେହି ନିକିତିକୁ ଟିକିଏ ଟାଣି ଦେଲା । ସେଥିପାଇଁ ସନ୍ଦେହ କରିବା ବଡ଼ ଭୁଲ୍ । ଏହା ସର୍ବଦା ଭୁଲ୍ । ଯଦି ଦୁର୍ଭାଗ୍ୟବଶତଃ ତାହା ସତ ହୋଇଥାଏ, ତେବେ ତାହା ସନ୍ଦିଗ୍ଧ ବ୍ୟକ୍ତିକୁ ଭୁଲ୍ ଦିଗକୁ ଆଉ ଟିକିଏ ଅଧିକା ଠେଲିଦିଏ । ଯଦି ତାହା ଅସତ୍ୟ ହୋଇଥାଏ, ତେବେ ଅନ୍ୟ କୌଣସି ସମୟରେ ସେହି ନିର୍ଦ୍ଦିଷ୍ଟ ପନ୍ଥାରେ ଭୁଲ୍ କରିବାକୁ ଏହା ଟିକିଏ ଅଧିକ ସହଜ କରିଦିଏ । ଯେ କୌଣସି ମତେ ଏହା ହେଉଛି ତା ବିରୋଧରେ ଏକ ମନ୍ଦ ଚିନ୍ତା ପଠାଇବା – ସୁତରାଂ ଉଭୟ ଦୃଷ୍ଟିରୁ ଏହା ଖରାପ । ଆମେ ସର୍ବଦା ଲୋକଙ୍କର ଭଲ ଚିନ୍ତା କରିବା ଚିତ, ଯଦିବା ସେମାନଙ୍କର କାମ ତୁଳନାରେ ଆମର ଚିନ୍ତା ଅଧିକ ଉନ୍ନତ । ଏହି ପ୍ରକାରେ ଆମେ ସେମାନଙ୍କ ପ୍ରତି ଏକ ଚିନ୍ତା ନିକ୍ଷେପ କରିବା, ଯାହା କେବଳ ସେମାନଙ୍କର ଭଲ ପାଇଁ କାମ କରିବ ।

ଏହି ତଥ୍ୟଗୁଡ଼ିକୁ ମନେ ରଖିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ପଥରେ ଦ୍ରୁତ ଗତିରେ ଆଗେଇ ଚାଲିଥିବା ପ୍ରତ୍ୟେକ ବ୍ୟକ୍ତି ବିରୁଦ୍ଧରେ ଶୀଘ୍ର ବା ବିଳମ୍ବରେ ହେଉ ଅନ୍ଧକାରର ଶକ୍ତି ସମୂହ ଗୁଡ଼ାଏ ମନ୍ଦ ଚିନ୍ତା ପଠାଇ ଦିଅନ୍ତି । ଯେହେତୁ ଆପଣଙ୍କୁ ଭୁଲ୍ କାମ କରିବା ଦିଗରେ ଠେଲି ଦେବାର ଚେଷ୍ଟା କରି ଆପରଙ୍କ ବିରୁଦ୍ଧରେ ପ୍ରଚୁର ପରିମାଣରେ ମନ୍ଦ ଚିନ୍ତା ନିକ୍ଷିପ୍ତ ହୁଏ, ଆପଣ ବୁଝିବା ଉଚିତ, କିପରି ସନ୍ଦେହ କ୍ଷତି ସାଧନ କରେ ଏବଂ ସେଥିପାଇଁ ନିଜର ଚିନ୍ତା ଓ କାର୍ଯ୍ୟ ସମ୍ପର୍କରେ ଆପଣ ଅଧିକ ସାବଧନା ହେବା ଉଚିତ । ଆପଣ ନିଜ ପ୍ରତି କ'ଣ ହେଉଛି ତାହା ଚିନ୍ତା କରିବା ଉଚିତ । କେବଳ ଘଟଣାଗୁଡ଼ିକ ବିନା ଆବେଗରେ ବୁଝି ନେବେ – କୌଣସି ପ୍ରକାର କ୍ରୋଧ ବା ବିରକ୍ତି ବ୍ୟତୀତ ଏବଂ ଯେତେବେଳେ ଆପରଙ୍କ ସମ୍ମୁଖରେ ଦେଖାଦେବ ଘୃଣାର ଏକ ବିରାଟ ବିସ୍ଫୋରଣ, ସେତେବେଳେ ମନେ ପକାଇବେ ଯେ ବାଇବଲ ଭାଷାରେ ସେହି ପରିସ୍ଥିତିରେ ଆପଣଙ୍କୁ ନିଜ ମନର ଅଣ୍ଟା ଭିଡ଼ି କେବଳ ଏକ ବିରାଟ ବିପରୀତ ଗୁଣର ଅଧିକ ଚାପ ପକାଇବାକୁ ହେବ, ମନ୍ଦ ଶକ୍ତିମାନଙ୍କୁ ଅକାମୀ କରି ଦେବାପାଇଁ ।

ସେଇଆ ହିଁ କରନ୍ତୁ ଏବଂ ଆପଣଙ୍କ ବିରୋଧରେ ସଂଚାଳିତ ମନ୍ଦ ଚିନ୍ତା ସମୂହ ଆପଣଙ୍କର କ୍ଷତି କରିବ ନାହିଁ । ଅନ୍ୟ ପକ୍ଷରେ, ଆପଣ ସେଥିରୁ ସୁବିଧା ପାଇବେ, ଯେହେତୁ ତାହା ସାହାଯ୍ୟରେ ଆପଣ ନିଜର ଦୁର୍ବଳତାଗୁଡ଼ିକୁ ଦେଖିପାରିବେ । ତାହା ସେଗୁଡ଼ିକୁ ଆଲୋକକୁ ନେଇ ଆସିବ, ଯେତେବେଳେ ଅନ୍ୟଥା ଆପଣଙ୍କଠାରୁ ଲୁକ୍‌କାୟିତ ରହିଥାନ୍ତା । ଏହାଛଡ଼ା ଆକ୍ରମଣର ସମ୍ମୁଖୀନ ହୋଇ ଆପଣଙ୍କର ଯେଉଁ ଦୃଢ଼ ସଂକଳ୍ପ ଦେଖାଦେବ ତାହା ଆପଣଙ୍କୁ ଅଧିକ ଶକ୍ତିଶାଳୀ କରାଇବ ଏବଂ ଆଗେଇ ନେବ ସେହି ସମୟକୁ ଯେତେବେଳେ ଏହି ସମସ୍ତ ବିଷୟ ଆପଣଙ୍କ ଉପରେ ବାଡ଼େଇ ହୋଇ ମଧ୍ୟ ବିଶେଷ କ୍ଷତି କରି ପାରିବ ନାହିଁ ।

ସୁତରାଂ ଆପଣ ନିଜ କାମ ନିଖୁଣ ଭାବେ କରିବା ଉଚିତ ଏବଂ ଅନ୍ୟମାନଙ୍କୁ ସେମାନଙ୍କ କାମରେ ଛାଡ଼ିଦେବା ଉଚିତ, ଯଦି ସେମାନେ ଆପଣଙ୍କର ସାହାଯ୍ୟ ନ ଲୋଡ଼ନ୍ତି । ନିଜର କାର୍ଯ୍ୟକୁ ନିଜର ସର୍ବାଧିକ ସକ୍ଷମତାର ସହିତ କରନ୍ତୁ ଏବଂ ଆପଣଙ୍କ ସକ୍ଷମତାର ପ୍ରସାର ଅନୁଯାୟୀ ଅନ୍ୟମାନଙ୍କ କାର୍ଯ୍ୟ ସେମାନଙ୍କୁ କରିବା ପାଇଁ ଛାଡ଼ି ଦିଅନ୍ତୁ ।

**ଲେଡ୍‌ବିଟର୍** – ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ ଅଧିକ ପରିମାଣରେ ଧର୍ମ ସମ୍ପର୍କରେ ଭ୍ରାନ୍ତ ଧାରାଣା ହେତୁ ହୋଇଥାଏ । ରକ୍ଷଣଶୀଳ ଖ୍ରୀଷ୍ଟିୟାନ୍ ଧର୍ମ

ଅନ୍ୟମାନଙ୍କ ବ୍ୟାପାରରେ ହସ୍ତକ୍ଷେପ କରେ ନାହିଁ ଯେ ପ୍ରତ୍ୟେକ ବ୍ୟକ୍ତିର କାମ ହେଉଛି ନିଜର ପରିତ୍ରାଣ ପାଇଁ ନିଜର ଆତ୍ମାକୁ ସୁବିଧା ଦେବା । ଏହା ମୂଳରୁ ଚେଷ୍ଟା ଆରମ୍ଭ କରେ ଅନ୍ୟମାନଙ୍କର ଆତ୍ମାର ପରିତ୍ରାଣ କରିବା ପାଇଁ । ସର୍ବାଧିକ ନିଶ୍ଚିତ ଭାବେ କୌଣସି ପରିସ୍ଥିତିରେ ମଧ୍ୟ ଅନ୍ୟ ବ୍ୟକ୍ତିର ନିମ୍ନତର ଏବଂ ଉଚ୍ଚତର ଆତ୍ମା ମଧ୍ୟରେ ହସ୍ତକ୍ଷେପ କରିବା ପାଇଁ କାହାର ଅଧିକାର ନାହିଁ । ଖ୍ରୀଷ୍ଟିଆନ୍ ଧର୍ମର ଅନୁସନ୍ଧାନ କାଳର ଉତ୍ପୀଡ଼କଗଣ ଭାବୁଥିଲେ ଯେ କୌଣସି ମନୁଷ୍ୟର ଆତ୍ମାର ପରିତ୍ରାଣ ସକାଶେ ତାର ଶରୀର ଉପରେ କୌଣସି ଭୟାବହ କାର୍ଯ୍ୟ କରିବାର ଅଧିକାର ସେମାନଙ୍କର ଅଛି ସେହି ଶରୀରକୁ ଏପରି ବା ସେପରି କୁହାଇବା ସକାଶେ । ମୁଁ ଯେତିକି ବୁଝିପାରିଛି, କେବେହେଲେ ମଣିଷକୁ ପରାମର୍ଶ ମଧ୍ୟ ଦିଆଯାଉ ନ ଥିଲା କୌଣସି ବିଷୟ ବିଶ୍ୱାସ କରିବା ପାଇଁ । କିନ୍ତୁ ଯଦି ଆପଣ ତାର ଶରୀରକୁ କୁହାଇ ପାରୁଥିଲେ ଯେ ତାହା ଏକ ନିର୍ଦ୍ଦିଷ୍ଟ ବିଷୟରେ ବିଶ୍ୱାସ କରେ, ସେହି ବିକୃତି ମିଥ୍ୟା ହେଲେ ମଧ୍ୟ କୌଣସି ବ୍ୟକ୍ତି କେବେହେଲେ ଯେ ପ୍ରକୃତରେ ବିଶ୍ୱାସ କରୁଥିଲେ, ସେଗୁଡ଼ିକୁ ପ୍ରକୃତରେ ଯଥାର୍ଥ ବୋଲଇ କହି ପାରୁଥିବେ । କାରଣ କେତେକ ଘଣ୍ଟା ବା ଦିନ ସକାଶେ ସେହି ହତଭାଗ୍ୟ ଶରୀରକୁ ଯେଉଁ ସବୁ ଭୟାନକ ଯନ୍ତ୍ରଣା ଦିଆଯାଇଥିଲା, ସେସବୁ ସେମାନଙ୍କ ମତରେ ତାର ଆତ୍ମାକୁ ଚିରକାଳ ସକାଶେ ଭବିଷ୍ୟତର ସମ୍ଭାବ୍ୟ ଭୟାନକ ଯନ୍ତ୍ରଣାରୁ ପରିତ୍ରାଣ କରିବା ତୁଳନାରେ କିଛି ନୁହେଁ । ସେହି ପ୍ରକାର ପରିସ୍ଥିତିରେ ଆପଣଙ୍କର ପ୍ରତିବେଶୀକୁ ଉତ୍ପୀଡ଼ନ କରିବା ବେଶ୍ ପ୍ରଶଂସାଯୋଗ୍ୟ କାର୍ଯ୍ୟ ହେବ ।

ଆମ ପକ୍ଷରେ ଏହା ବିଶ୍ୱାସ କରିବା କଠିନ ଯେ କେହି ହେଲେ ଏହି ପ୍ରକାର ଯୁକ୍ତି କରିପାରିବ । କିନ୍ତୁ ଯାହା ମନେ ହୁଏ, ରାଜନୈତିକ ଉଦ୍ଦେଶ୍ୟରେ ଚର୍ଚ୍ଚାର କ୍ଷମତା ବ୍ୟବହାର କରୁଥିବା ଲୋକମାନଙ୍କୁ ବାଦ୍ ଦେଲେ ମଧ୍ୟ, ବହୁସଂଖ୍ୟକ ଲୋକ ଏହି ମତ ପୋଷଣ କରୁଥିଲେ ।

**ତୁମେ ଉଚ୍ଚତର କାର୍ଯ୍ୟ ହାତକୁ ନେବାକୁ ଚେଷ୍ଟା କରୁଛ ବୋଲି ତୁମର ସାଧାରଣ କର୍ତ୍ତବ୍ୟଗୁଡ଼ିକ ଭୁଲିଯିବା ଅନୁଚିତ । କାରଣ ସେଗୁଡ଼ିକ କରା ନଯିବା ପର୍ଯ୍ୟନ୍ତ ତୁମେ ଅନ୍ୟ ସେବା ସକାଶେ ମୁକ୍ତ ନୁହଁ । ତୁମେ କୌଣସି ନୂତନ ସାଂସାରିକ କାର୍ଯ୍ୟ ହାତକୁ ନେବ ନାହିଁ । କିନ୍ତୁ ଯେଉଁଗୁଡ଼ିକ ତୁମେ ନିଜ ଉପରକୁ ଆଗରୁ**

**ନେଇଛ, ସେଗୁଡ଼ିକ ନିଖୁଣ ଭାବେ ପୂରଣ କରିବା ଉଚିତ – ସମସ୍ତ ସ୍ପଷ୍ଟ ଏବ ଯୁକ୍ତିଯୁକ୍ତ କର୍ତ୍ତବ୍ୟ ଯାହା ତୁମେ ନିଜ ସକାଶେ ସ୍ୱୀକାର କରି ନେଇଛ । କାଳ୍ପନିକ କର୍ତ୍ତବ୍ୟ ନୁହେଁ, ଯାହା ଅନ୍ୟମାନେ ଚେଷ୍ଟା କରନ୍ତି ତୁମ ଉପରେ ଲଦି ଦେବା ପାଇଁ । ତୁମେ ଯଦି ଈଶ୍ୱରଙ୍କର ହେବାକୁ ଚାହଁ, ତୁମେ ଅନ୍ୟମାନଙ୍କ ତୁଳନାରେ ସାଧାରଣ କାର୍ଯ୍ୟଗୁଡ଼ିକୁ ଅଧିକ ଭଲ ଭାବେ କରିବା ଉଚିତ୍ – ଅଧିକ ଖରାପ ଭାବେ ନୁହେଁ । କାରଣ ତାହା ତୁମକୁ କରିବାକୁ ହେବ ସେହି ଈଶ୍ୱରଙ୍କ ସକାଶେ ।**

**ଆନି ବେସାନ୍ତ** – ଆମେ ସମୟେ ସମୟେ ଦେଖୁ ଯେ ଯେତେବେଳେ ଜଣେ ବ୍ୟକ୍ତି ଗୂଢ଼ତତ୍ତ୍ୱବାଦ ଭିତରକୁ ଆସେ, ସେ ତାର ସାଧାରଣ କାମଗୁଡ଼ିକୁ ଆଗ ଅପେକ୍ଷା ଅଧିକ ଭଲ ଭାବେ ନ କରି ଅଧିକ ଖରାପ ଭାବେ କରିବା ଆରମ୍ଭ କରେ । ଏହା ସମ୍ପୂର୍ଣ୍ଣ ଭୁଲ୍ କାମ । ନୂତନ ଅଧ୍ୟୟନ ସକାଶେ ତାଙ୍କର ଆଗ୍ରହର ବିସ୍ଫୋରଣ ଏବଂ ଉଚ୍ଚତର ବିଷୟରେ ପହଞ୍ଚିବା ପାଇଁ ତାଙ୍କର ଉଦ୍ୟମର ଉଭୟ ବିପଦ ଏବଂ ସୁବିଧା ରହିଛି । ବିପଦ ହେଉଛି ସଠିକ୍ ଭାବେ ଏଇଆ ଯେ ସାଂସାରିକ କର୍ତ୍ତବ୍ୟ ଗୁରୁତ୍ୱହୀନ ମନେ ହୁଏ । ସେହି ଧାରଣାରେ ସତ୍ୟ ରହିଛି ଏବଂ ସେହି ସତ୍ୟରେ ରହିଛି ବିପଦ । ସବୁ ପ୍ରକାର ଭୁଲ୍ ବିପଦଜନକ ଏହି କାରଣରୁ ଯେ ସେହି ଭୁଲ୍‌ଗୁଡ଼ିକର ଆଧାର ହେଉଛି ସତ୍ୟ । ଭୁଲ୍ ଭିତରେ ଥିବା ଛୋଟିଆ ସତ୍ୟଟି ହିଁ ତାକୁ ବଳ ଦେଇଥାଏ, ସେହି ଛୋଟିଆ ସତ୍ୟକୁ ଘୋଡ଼ାଇ ରଖିଥିବା ବିରାଟ ମିଥ୍ୟାର ଆବରଣ ତାହା ଦିଏ ନାହିଁ ।

ସଂସାରରେ କରିବାକୁ ଥିବା କର୍ତ୍ତବ୍ୟଗୁଡ଼ିକର ନିଖୁଣ ସଂପାଦନ ଦେଖାଇ ଦିଏ ଯେ ଉଚ୍ଚତର ସ୍ତରରୁ ଆସୁଥିବା ଶକ୍ତି ଠିକ୍ ଦିଗରେ ବ୍ୟବହୃତ ହେଉଛି । "ଯୋଗଃ କର୍ମସୁ କୌଶଳଂ' ।" ଯଦି ଜଣେ ବ୍ୟକ୍ତି ଉଚ୍ଚତର ସ୍ତରମାନଙ୍କରେ ଶୃଙ୍ଖଳିତ ଥାଆନ୍ତି ତେବେ ତାଙ୍କର ନୀଚତର ସ୍ତରର କାର୍ଯ୍ୟକଳାପ ହେବ ଉତ୍ତମ । ସେ ଯଦି ଶୃଙ୍ଖଳିତ ନଥାନ୍ତି, ସେଗୁଡ଼ିକ ଉତ୍ତମ ହେବ ନାହିଁ । ତଥାପି ଉଚ୍ଚତର ବିଷୟଗୁଡ଼ିକରେ ଆଦୌ ଯତ୍ନ ନନେବା ଅପେକ୍ଷା ଏହା ହେବ ଶ୍ରେୟସ୍କର । ଏହି ଖରାପ ଅବସ୍ଥାରେ ମଣିଷର ଅଜ୍ଞାନ ଜନିତ କାର୍ଯ୍ୟକଳାପ ବହୁତ କ୍ଷଣସ୍ଥାୟୀ କ୍ଷତି ସାଧନ କରିପାରେ, କିନ୍ତୁ ସ୍ଥାୟୀ କ୍ଷତି କରିବ ନାହିଁ, କାରଣ ସେହି କାର୍ଯ୍ୟଗୁଡ଼ିକ ପଛରେ ଥିବା ଉଦ୍ଦେଶ୍ୟ ହେଉଛି ଉତ୍ତମ ।

ଶିଷ୍ୟ ସ୍ଥୂଳ ସ୍ତରର କର୍ତ୍ତବ୍ୟଗୁଡ଼ିକୁ ଅନ୍ୟମାନଙ୍କ ତୁଳନାରେ ଅଧିକ ଭଲ ଭାବରେ କରିବାକୁ ଚେଷ୍ଟା କରିବା ଉଚିତ । ଅନେକ ସମୟରେ, ଯେତେବେଳେ ସେ ଅଜ୍ଞାନ ଭାବେ କାର୍ଯ୍ୟ କରନ୍ତୁ, ସେତେବଳେ ସହି କାର୍ଯ୍ୟକଳାପର କ୍ଷତିପୂରଣ କରିବା ସକାଶେ ଗୁରୁଦେବ ହସ୍ତକ୍ଷେପ କରିପାରନ୍ତି । ତାହା ଗୋଟିଏ କାରଣ, ଯେଉଁଥିପାଇଁ ଗୁରୁ ଜଣେ ଶିଷ୍ୟଙ୍କୁ ଶିକ୍ଷନବିଶ୍ କରି ରଖିନ୍ତି ଏବଂ ଅନେକ କ୍ଷେତ୍ରରେ ବହୁ କାଳ ଧରି ଯେ ଶିକ୍ଷାନବିଶ୍ ଅବସ୍ଥା ରହେ, ତାହା ସମୟେ ସମୟେ ଏହି କାରଣରୁ ହୋଇଥାଏ । ସାଧାରଣତଃ ଲୋକେ ନିଜର ଆଗ୍ରହ ଏବଂ କାର୍ଯ୍ୟକଳାପକୁ ବିଙ୍କୋଚିତ ନିୟନ୍ତ୍ରଣ ଓ ପ୍ରାକ୍ ଚିନ୍ତନ ସହିତ ସମତୁଲ କରିବା ପାଇଁ ବେଶ୍ ଦୀର୍ଘକାଳ ଦରକାର କରନ୍ତି ।

ଶିଷ୍ୟତ୍ୱର ପ୍ରଥମ ପରୀକ୍ଷା ହେଉଛି ଅନ୍ୟମାନଙ୍କ ସକାଶେ ଉପଯୋଗୀ ହେବା । ଅଭୀପ୍ସୁ କେବେ ଭାବିବା ଉଚିତ ନୁହେଁ ଯେ ତାଙ୍କର ବାହାର ଦୁନିଆର କାର୍ଯ୍ୟ ଅପେକ୍ଷା ଗୁପ୍ତ ସାଧନା ଅଧିକତର ଗୁରୁତ୍ୱପୂର୍ଣ୍ଣ । ଯଦି ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହୋଇ ସାଧନାରେ ପ୍ରଗତି ସକାଶେ ସେ ତଶଙ୍କର ଲଜ୍‌କୁ ଏବଂ ସମିତି ସକାଶେ ତାଙ୍କର କାର୍ଯ୍ୟକୁ ଅବେହେଳା କରନ୍ତି, ତେବେ ସେ ଭୁଲ୍ କରୁଛନ୍ତି । ଆଉ ଏକ ଉଦାହରଣ ନିଆଯାଉ, ଯଦି ସେ ଅଧ୍ୟୟନ ସକାଶେ ବାହାର କାର୍ଯ୍ୟରେ ଅବହେଳା କରନ୍ତି ତାହାହେଲେ ସେ ସମ୍ପୂର୍ଣ୍ଣ ଭୁଲ୍ କରୁଛନ୍ତି । ଅଧ୍ୟୟନ କରିବା ଭଲ, କିନ୍ତୁ ତାହା ଉପଯୋଗୀ ହେବାରେ ସାହାଯ୍ୟ ଦେବା ଦରକାର । ଆପଣ ଅଧ୍ୟୟନ କରିବେ ଅଧିକ ଉପଯୋଗୀ ହେବା ପାଇଁ, ଉପଯୋଗୀ ହେବା ବନ୍ଦ କରିବେ ନାହିଁ ଅଧ୍ୟୟନ ସକାଶେ । ଯେତେବେଳେ ବାହ୍ୟ କର୍ତ୍ତବ୍ୟ ଏବଂ ଏହି ପ୍ରକାର ଅଧ୍ୟୟନ ମଧ୍ୟରେ ସଂଘର୍ଷ ଉପୁଜିବ, ବାହ୍ୟ କାର୍ଯ୍ୟ ଅଗ୍ରାଧିକାର ପାଇବା ଆବଶ୍ୟକ ।

ଏହି ପ୍ରକାର ସମସ୍ତ ବିଷୟରେ ଆମେ କେବେହେଲେ ଭୁଲି ଯିବା ଉଚିତ ହେବ ନାହିଁ ଯେ କ୍ଷୁରଧାର ଭଳି ଗୂଢ଼ତତ୍ତ୍ୱବାଦର ପଥ ସଂକୀର୍ଣ୍ଣ । ଜାଗ୍ରତ ଥିବା ସମୟର ପ୍ରାୟ ପ୍ରତ୍ୟେକଟି ମୁହୂର୍ତ୍ତ ଅନ୍ୟମାନଙ୍କର ଛୋଟଛୋଟ ସେବା ପାଇଁ ନିୟୋଜିତ କରିବା ସମ୍ପୂର୍ଣ୍ଣ ସମ୍ଭବ । କିନ୍ତୁ ସେପରି ସ୍ଥଳେ ତା ଭିତରୁ ଅନେକ ଠିକ୍ ଭାବରେ ବଛାଯାଇ ନପାରେ ଏବଂ ଅଧିକାଂଶ ଭଲ ଭାବରେ କରାଯାଇ ପାରିବ ନାହିଁ । ଆମେ ଖାଇବା ଏବଂ ଶୋଇବାରେ ସମୟ ଖର୍ଚ୍ଚକିରବା ଦରକାର, ଯାହାଫଳରେ ବାକୀ ସମୟରେ କାର୍ଯ୍ୟ କରିବା ପାଇଁ ବଳ ମିଳିବ । ଠଇକ୍ ସେପରି ସମୟ ଖର୍ଚ୍ଚ କରିବାକୁ ହେବ ଧ୍ୟାନରେ, ଅଧ୍ୟୟନରେ, କ'ଣ କରିବାକୁ ହେବ ଓ କିପରି କରିବାକୁ ହେବ ବିଚାର କରିବାରେ ।

ବିଷୟଟିର ଏହି ଦିଗଟି ଉପରେ ଗୁରୁଦେବ କହିଛନ୍ତି ବିବେକ ବିଭାଗରେ । ତାଙ୍କ ଶିକ୍ଷାର ପ୍ରତ୍ୟେକଟି ଅଂଶ ଶିଷ୍ୟକୁ ନିର୍ଦ୍ଦେଶ ଦିଏ ମଧ୍ୟମ ପନ୍ଥାକୁ ଫେରି ଯିବାକୁ । ଯଦି ସେ କୌଣସି ଉପଦେଶକୁ ଅତିରିକ୍ତ ଅନୁସରଣ କରେ, ତେବେ ସେ ପୁଣି ପଡ଼ିଯିବ । କୁହାଯାଇଛି ଯେ ସର୍ବୋତ୍ତମ ଜାହାଜର ପଥ ଏକ ସିଧାସଳଖ ରାସ୍ତା ନୁହେଁ ବରଂ ହଜାରେ ରାସ୍ତାର ସମ୍ମିଶ୍ରଣ । କେତେବେଳେ ଏ ପାଖକୁ ତ କେତେବେଳେ ସେ ପାଖକୁ । ଶିଷ୍ୟର ଜୀବନ ମଧ୍ୟ ଅନୁରୂପ; ପୋଲ ଉପରେ ଠିଆ ହୋଇଥିବା କାପ୍ତାନ ହେଉଛନ୍ତି ଗୁରୁଦେବ ଯେ ତାରକାଗୁଡ଼ିକୁ ଉପରେ ଠିଆ ହୋଇଥିବା କାପ୍ତାନ ହେଉଛନ୍ତି ଗୁରୁଦେବ ଯେ ତାରକାଗୁଡ଼ିକୁ ଦେଖାଇ ଦିଅନ୍ତି, ଯେଉଁମାନଙ୍କୁ ଦେଖି ଶିଷ୍ୟ ନିଜକୁ ଚଳାଇ ପାରିବେ ଏବଂ ଗୁରୁ ତାକୁ ସାହାଯ୍ୟ କରନ୍ତି ଯଥାସମ୍ଭବ ସିଧାସଳଖ ରାସ୍ତାର ନିକରେ ଯିବାକୁ । ଏମିତି ବହୁଲୋକଙ୍କୁ ଦେଖା ମିଳେ, ଯେଉଁମାନେ ଗୋଟିଏ ଧାରଣାକୁ ଭିଡ଼ି ଧରନ୍ତି ଏବଂ ତାହା ସେମାନଙ୍କୁ ପରେ ମୃତ୍ୟୁ ଆଡ଼କୁ ଟାଣି ନେବାକୁ ଇସାରା ଦିଏ ।

ଗୁରୁଦେବ ତାଙ୍କର ଶିଷ୍ୟକୁ କହିଛନ୍ତି ଯେ ସେ କୌଣସି ନୂତନ ସାଂସାରିକ କାର୍ଯ୍ୟ ହାତକୁ ନେବେ ନାହିଁ । ଯେଉଁ ବ୍ୟକ୍ତି ଶପଥ ନେଇଛି ଗୁରୁଙ୍କର କାମ କରିବାପାଇଁ, ସେ ତାଙ୍କୁ ସର୍ବଦା ଯେକୌଣସି ପ୍ରକାରେ ଏବଂ ଆବଶ୍ୟକ ହେଉଥିବା ଯେ କୌଣସି ସ୍ଥାନରେ ସେବା କରିବା ପାଇଁ ସର୍ବଦା ପ୍ରସ୍ତୁତ ରହିବାର ଗୁରୁତ୍ୱ ଜାଣିବା ଦରକାର । ମୁଁ ମୋର ନିଜ ଅନୁଭୂତିରୁ ଏହାର ଏକ ଆକର୍ଷଣୀୟ ଉଦାହରଣ ଦେବି । ମୁଁ ଯେତେବେଳେ ଯୁବତୀ ଥିଲି, ମୋର ପିଲାମାନଙ୍କୁ ମୋର ଇଚ୍ଛା ବିରୋଧରେ ମୋଠାରୁ ଛଡ଼ାଇ ନିଆଯାଇଥିଲା । ଆଇନରେ ଅନୁମୋଦିତ ପ୍ରତ୍ୟେକ ବ୍ୟବସ୍ଥା ଅନୁଯାୟୀ ମୁଁ ଏହି ବିଚ୍ଛେଦ ବିରୋଧରେ ଲଢ଼େଇ କଲି, କିନ୍ତୁ ମକଦ୍ଦମାରେ ହାରିଗଲି । ଆଇନ୍ ଆମର ବନ୍ଧନ ଭାଙ୍ଗିଦେଲା ଏବଂ ମୋଠାରୁ କାଢ଼ି ନେଲା ସୁରକ୍ଷା କରିବାର ଦାୟିତ୍ୱ ଯାହା ଏକ ମାଆର ରହିଥାଏ ତାର ପିଲାମାନଙ୍କ ପାଇଁ । ମୋର ଝିଅ ମୋ ପାଖକୁ ଫେରି ଆସିଲା ଯେତେବେଳେ ତାହା କରିବା ପାଇଁ ତା ଉପରୁ କଟକଣା ଚାଲିଗଲା । ଦଶବର୍ଷ ଧରି ମୁଁ ତାକୁ ଦେଖି ନଥିଲି କି ଚିଠି ଲେଖି ନଥିଲି, କିନ୍ତୁ ମୋର ପ୍ରଭାବ କାମ କରିଥିଲା ଏବଂ ସେ ମୋ ପାଖକୁ ଫେରି ଆସିଲା ସିଧାସଳଖ । ମୁଁ ସେତେବେଳେ ଶ୍ରୀମତୀ ବ୍ଲାଭାଟ୍‌ସ୍କିଙ୍କ ସହିତ ରହୁଥିଲି ଏବଂ ସେ ମୋତେ ସତର୍କ କରିଦେଲେ, “ସାବଧାନ ! କର୍ମ ତୁମ ସକାଶେ ଯେଉଁ ବନ୍ଧନ କାଟି ଦେଇଛି, ତାକୁ ପୁଣି ଯୋଡ଼ ନାହିଁ ।” ଗୁରୁଦେବଙ୍କ ସକାଶେ ମୋର ଶପଥ ଗ୍ରହଣ କରିବା ପରେ ମୁଁ ଯଦି ସେତେବେଳେ

ପୁଣଇରେ ମାର ପୁରାତନ ଜୀବନ ଆରମ୍ଭ କରିଥାନ୍ତି, ତାହାହେଲେ ମୁଁ ଭୁଲ୍ କରିଥାନ୍ତି । ଅବଶ୍ୟ ଏହାର ଅର୍ଥ ନୁହେଁ ଯେ ମୁଁ ଝିଅ ପ୍ରତି ଅବହେଳା କରିଥାନ୍ତି । ସେ ଆସିଲା ଏବଂ ଆମ ସହିତ ରହିଲା ଏବଂ ଆମ ସହିତ ରହିଥିଲା ବିବାହ କରିବା ପର୍ଯ୍ୟନ୍ତ । କିନ୍ତୁ ତାର ସ୍ଥାନ ଥିଲା, ଦ୍ୱିତୀୟ, ପ୍ରଥମ ନୁହେଁ ।

ଆପଣଙ୍କର କର୍ତ୍ତବ୍ୟଗୁଡ଼ିକ ପାଇଁ ଆପଣ ଦାୟୀ । ସେଗୁଡ଼ିକୁ ଆପଣଙ୍କୁ ହିଁ କରିବାକୁ ହେବ, ଅନ୍ୟକେହି କରିବେ ନାହିଁ । ଆପଣ ଆପଣଙ୍କ ଗୁରୁଦେବଙ୍କ ପ୍ରତି ଦାୟୀ, ଅନ୍ୟ କାହା ପ୍ରତି ନୁହେଁ । ଯଦି ଲୋକେ ଆପଣଙ୍କ ଉପରେ ଲଦି ଦେବାକୁ ଚେଷ୍ଟା କରନ୍ତି ଯାହା ସେମାନେ ଆପଣଙ୍କର କର୍ତ୍ତବ୍ୟ ବୋଲି ଭାବନ୍ତି ଏବଂ ଆପଣ ଦେଖନ୍ତି ଯେ ତାହା ଆପଣଙ୍କ ଦାୟିତ୍ୱ ନୁହେଁ, ଆପଣ ଆଦୌ ତାଙ୍କ ସହିତ ଏକମତ ହେବେ ନାହିଁ । ଭଲ ମନରେ କିନ୍ତୁ ଦୃଢ଼ ଭାବରେ ଆପଣ ହିଁ ନିଷ୍ପତ୍ତି କରିବେ । ଆପଣ ନିଷ୍ପତ୍ତି କରିପାରନ୍ତି ଠିକ୍ ଭାବରେ ବା ଭୁଲ୍ ଭାବରେ ଏବଂ ଯଦି ଭୁଲ୍‌ଭାବେ କରନ୍ତି, ଆପଣ କଷ୍ଟ ପାଇବେ, କିନ୍ତୁ ନିଷ୍ପତ୍ତି ଆପଣଙ୍କର ହେବା ଉଚିତ । ନିଜ ପ୍ରତି ଏବଂ ଗୁରୁଦେବଙ୍କ ପ୍ରତି ବ୍ୟକ୍ତିବିଶେଷର ସେହି ଦାୟିତ୍ୱରେ ଅନ୍ୟ କେହି ହସ୍ତକ୍ଷେପ କରିବା ଅନୁଚିତ । ଆପଣଙ୍କ ନିଜ ଗୁରୁଦେବଙ୍କ ପ୍ରତି ଆପଣ ଉତ୍ତରଦାୟୀ ଏବଂ ତାଙ୍କ ସକାଶେ ହିଁ ଆପଣ ନିଜର ସାଧାରଣ କାମକୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଭଲ ଭାବେ କରିବା ଦରକାର ।

**ଲେଡ୍‌ବିଟର୍ –** ଗୂଢ଼ତତ୍ତ୍ୱବିଦ୍ ସାଧାରଣ କାମକୁ ଯେ ଭଲ ଭାବେ କରିବା ଉଚିତ ଏହି ନୀତିକୁ ପୁରୁଣା ଧର୍ମଗୁଡ଼ିକ ଭଲ ଭାବେ ବୁଝିଥିଲେ । ଉଦାହରଣ ସ୍ୱରୂପ ରାଜକୁମାର ସିଦ୍ଧାର୍ଥଙ୍କ କାହାଣୀରେ ସିଦ୍ଧାର୍ଥ ଯେ ପରେ ଭଗବାନ ବୁଦ୍ଧ ହେଲେ, ନିଜ ଯୌବନ କାଳରେ ଅଧ୍ୟୟନ ଓ ଧ୍ୟାନ ପ୍ରତି ବିଶେଷ ଅନୁରକ୍ତ ଥିଲେ । କିନ୍ତୁ ଯେତେବେଳେ ଦରକାର ହେଲା ଯେ ବିବିଧ ପୁରୁଷୋଚିତ କ୍ରୀଡ଼ାରେ ଦକ୍ଷତାଦ୍ୱାରା ତାଙ୍କୁ ନିଜର ପତ୍ନୀ ଲାଭ କରିବାକୁ ହେବ, ସେତେବେଳେ ସେ ଦେଖାଇ ଦେଲେ ଯେ ଯେତେବେଳେ ସେ ଚାହାନ୍ତି, ସେତେବେଳେ ଉଚ୍ଚତର ବିଷୟଗୁଡ଼ିକ ଭଳି ସେଗୁଡ଼ିକରେ ମଧ୍ୟ ସେ ଅନ୍ୟମାନଙ୍କୁ ଟପିଯାଇପାରନ୍ତି । ଭଗବଦ୍ ଗୀତରେ କୁହାଯାଇଛି ଯେ ଯୋଗ ହେଉଛି କର୍ମରେ କୌଶଳ, ଅର୍ଥାତ୍ ସମୁଚିତ କାର୍ଯ୍ୟ ଯତ୍ନର ସହିତ, କୌଶଳ ସହିତ ଏବଂ ଭଦ୍ରତାର ସହିତ କରିବାକୁ ହେବ । ସୁତରାଂ ଗୁରୁଙ୍କର ଶିଷ୍ୟଗଣ ସେମାନଙ୍କ ଜୀବନରେ ସମତା ରକ୍ଷା କରିବାକୁ ଶିଖିବା ଉଚିତ, ଜାଣିବା ଉଚିତ କେତେବେଳେ ନିମ୍ନତର ବିଷୟକୁ

ନିରାପଦରେ ଆଡ଼େଇ ରଖିବାକୁ ହେବ ଏବଂ କେତେବେଳେ ସେପରି ରଖିବାକୁ ହେବ ନାହିଁ ।

ଯେଉଁ ବ୍ୟକ୍ତି ନିଜକୁ, ନିଜର ସମୟ ଏବଂ ଶକ୍ତିକୁ ଗୁରୁଦେବଙ୍କ ସେବାରେ ସମର୍ପଣ କରି ଦେଇଛନ୍ତି, ସେ ଅନ୍ୟ କୌଣସି ନୂଆ କାମ ହାତକୁ ନେବା ଉଚିତ ହେବ ନାହିଁ, ଯାହା ପ୍ରକୃତରେ ଗୁରୁଦେବଙ୍କ କାମ ନୁହେଁ । ସେ ଲୋକଙ୍କୁ ସୁବିଧା ଦେବା ଉଚିତ ନୁହେଁ ନିଜ ଉପରେ ଲଦି ଦେବାକୁ କେତେକ କର୍ତ୍ତବ୍ୟ ଯେଉଁଗୁଡ଼ିକୁ ସେ ନିଜର ବୋଲି ସ୍ୱୀକାର କରନ୍ତି ନାହିଁ । ଉଦାହରଣ ସ୍ୱରୂପ, ମୁଁ ବେଶ୍ କଳ୍ପନା କରିପାରୁଛି ଯେ ଲୋକେ ସମୟେ ସମୟେ ଆଶା କରି ପାରନ୍ତି ଯେ ବ୍ରହ୍ମବିଦ୍ୟା ସମିତିର ସଭ୍ୟଗଣ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ଯୋଗ ଦିଅନ୍ତୁ । ଜଣେ ସଭ୍ୟ କହିପାରନ୍ତି, "ବନ୍ଧୁତା ସକାଶେ ମୁଁ ଉପଯୁକ୍ତ ପରିମାଣର କିଛି ସମୟ ଦେଇପାରେ ।" କିନ୍ତୁ ତାଙ୍କର ଅଧିକାଂଶ ସମୟ ସମିତି ସକାଶେ ହାତକୁ ନେଇଥିବା ଯେକୌଣସି କାମ ସକାଶେ ସଂରକ୍ଷିତ କରିବା ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ।

କର୍ତ୍ତବ୍ୟ ସମ୍ପର୍କରେ ଏହି ଉପଦେଶର ବିଶେଷ ସମ୍ପର୍କ ରହିଛି ଆଡ୍ୟାର୍‌ରେ ଆଲ୍‌ସିଓନ୍‌ଙ୍କ ଜୀବନ ସହିତ । ଉଦାହରଣ ସ୍ୱରୂପ, ଏକ ବିଶେଷ ଘଟଣାରେ ତାଙ୍କ ଉପରେ ଚାପ ପକାଯାଉଥିଲା, ସମଗ୍ର ଦିନଟି ଏକ ଦୂର ଆତ୍ମୀୟଙ୍କର ସହ ସମ୍ପୃକ୍ତ ଏକ ଉତ୍ସବରେ କଟାଇବା ପାଇଁ । ଏ କଥା ଜଣାଇ ଦିଆଗଲା ଗୁରୁଦେବଙ୍କୁ । ସେ କହିଲେ, "ହଁ, ପରିବାରର ଅନ୍ୟମାନେ ମର୍ମାହତ ଏବଂ ଦୁଃଖିତ ହେବା ଦୃଷ୍ଟିରୁ ସେମାନଙ୍କ ପାଇଁ ତୁମେ ଏକ ନିର୍ଦ୍ଦିଷ୍ଟ ସମୟରେ ଘଣ୍ଟାକ ପାଇଁ ଯାଇପାରେ । କିନ୍ତୁ ବିଶେଷ ଭାବେ ସାବଧାନ, ସେହି ସମୟରେ ତୁମେ କିଛି ଦୋହରାଇବ ନାହିଁ, ଯାହା ତୁମେ ବୁଝନାହିଁ । ପୁରୋହିତ ଯାହା କହିବେ, ତୁମେ ଅନ୍ଧ ଭାବେ କେବେହେଲେ ତାହା ଦୋହରାଇବ ନାହିଁ । ତୁମ ସକାଶେ କୌଣସି ଜିନିଷ କରାଯିବା ପାଇଁ ସୁବିଧା ଦେବ ନାହିଁ – ଯାହା ତୁମେ ନିଜେ କରି ପାରିବ ଅର୍ଥାତ୍ ଔପଚାରିକତା ଏବଂ ଆଶୀର୍ବାଦ ରୂପରେ ।"

■■■

## ତୃତୀୟ ଅଧ୍ୟାୟ

# ସହନଶୀଳତା

**ସହନଶୀଳତା – ତୁମେ ସମସ୍ତଙ୍କ ସକାଶେ ସମ୍ପୂର୍ଣ୍ଣ ସହନଶୀଳତା ଏବଂ ନିଜର ଧର୍ମ ବିଶ୍ୱାସ ପ୍ରତି ଯେତିକି ଅନ୍ୟ ଧର୍ମର ଲୋକଙ୍କ ବିଶ୍ୱାସ ପ୍ରତି ମଧ୍ୟ ସେତିକି ଆନ୍ତରିକ ଆଗ୍ରହ ଅନୁଭବ କରିବା ଉଚିତ । କାରଣ ସେମାନଙ୍କ ଧର୍ମ ହେଉଚି ଉଚ୍ଚତମ ନିକଟରେ ପହଞ୍ଚିବା ପାଇଁ ଏକ ପଥ, ଠିକ୍ ଯେପରି ହେଉଛି ତୁମର ଧର୍ମ । ସମସ୍ତଙ୍କୁ ସାହାଯ୍ୟ କରିବା ପାଇଁ ତୁମକୁ ସମସ୍ତଙ୍କୁ ବୁଝିବାକୁ ହେବ ।**

**ଆନି ବେସାନ୍ତ୍ –** ମୋର ମନେ ହୁଏ ସହନଶୀଳତା ଏକ ସୁଗୁଣ ଯେଉଁ ବିଷୟରେ ଆଜିକାଲି ସବୁଠାରୁ ବେଶି କୁହାଯାଏ, କିନ୍ତୁ ସବୁଠାରୁ କମ୍ ଅଭ୍ୟାସ କରାଯାଏ । ଏହି ଗୁଣ ଲାଭ କରିବା ସର୍ବାଧିକ କଷ୍ଟକର । କାରର ଯେଉଁଠି ଏକ ବିଶ୍ୱାସକୁ ଦୃଢ଼ଭାବେ ପୋଷଣ କରାଯାଏ ଏବଂ ଅଧିକ ସମ୍ମାନ ଦିଆଯାଏ ଲୋକେ ସ୍ୱଭାବତଃ ତାକୁ ଅନ୍ୟମାନଙ୍କ ଉପରକୁ ଠେଲି ଦେବା ପାଇଁ ଚେଷ୍ଟା କରନ୍ତି । ସେହି ପ୍ରକାର ଆକ୍ରମଣାତ୍ମକ ମନୋଭାବରୁ ସବୁ ପ୍ରକାର ଧର୍ମୀୟ ଉତ୍ପୀଡ଼ନ ଏବଂ ସଂଗ୍ରାମ (ସର୍ବସାଧାରଣରେ ଏବଂ ଘରୋଇ ଜୀବନରେ) ଉପୁଜିଥାଏ । କିନ୍ତୁ ସେହି ଆକ୍ରମଣାତ୍ମକ ମନୋଭାବ ଉଦାସୀନତାଠାରୁ ଶ୍ରେୟସ୍କର, ଯାହାକୁ ସହନଶୀଳତା ବୋଲି ଲୋକେ ଭୁଲ୍ ବୁଝିଥାନ୍ତି । ଉଦାସୀନତା ସହନଶୀଳତା ନୁହେଁ ଏବଂ କେବେହେଲେ ସେଇଆ ଭାବି ଭୁଲ୍ କରିବା ଉଚିତ ନୁହେଁ ।

ପୃଥିବୀରେ ତଥାପି ବହୁ ପରିମାଣରେ ସେହି ପ୍ରକାର ମନୋଭାବ ରହିଛି, ଯେଉଁଥିରୁ ଉପୁଜିଥାଏ ଉତ୍ପୀଡ଼ନ । ସମୟେ ସମୟେ ରାଜ୍ୟ ସହନଶୀଳତା ଲଦି ଦେବା ଆବଶ୍ୟକ ମନେ କରେ ଦଙ୍ଗା ଓ ଗଣ୍ଡଗୋଳ ଉପୁଜିବା ଭୟରେ, ଯେମିତି

ହେଉଛି ଭାରତରେ । ଯେଉଁ ଦେଶମାନଙ୍କରେ ବିଭିନ୍ନ ଧର୍ମ ଅଳ୍ପ ବହୁତେ ସମାନ ଭାବେ ରହିଥାଏ, ସେଇଠି ବିଭିନ୍ନ ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ଯେଉଁ ଆପାତ ସହିଷ୍ଣୁତା ଦେଖାଯାଏ, ତାହା ବହୁ ପରିମାଣରେ ପରସ୍ପର ପ୍ରତି ଭୟ ହେତୁ । ସୁତରାଂ ଯାହା ବା ସହନଶୀଳତା ଅଛି ତାହା ସାଧାରଣତଃ ଉପୁଜିଥାଏ ଏକ ଉଦ୍ଦେଶ୍ୟରୁ ଯାହା ଉଣା ଅଧିକେ ଅନୁପଯୋଗୀ ।

ଗୂଢ଼ତତ୍ତ୍ୱାଧ୍ୟାୟୀ ଦୟା ଭାବର ଅଭିବୃଦ୍ଧି ପ୍ରତି ଲକ୍ଷ୍ୟ ରଖିବା ଉଚିତ । ପ୍ରତ୍ୟେକ ଆତ୍ମା ଯେ ନିଜର ପନ୍ଥା ବାଛି ନିଏ, ତାହା ସ୍ୱୀକାର କରିବା ଫଳରେ ହିଁ ଏହି ଦୟା ଭାବ ଉପୁଜିଥାଏ । ଏହାହିଁ ଏକମାତ୍ର ଯଥାର୍ଥ ମନୋଭାବ ଏବଂ ଏହା ସ୍ୱୀକାର ନ କଲେ ସହନଶୀଳତା ଏକ ବ୍ୟାପକ ସୁଗୁଣ ହୋଇ ପାରିବ ନାହିଁ । ଆମକୁ ସ୍ୱୀକାର କରିବାକୁ ହେବ ଯେ ଉଚ୍ଚତମ ସତ୍ତାର ଅନ୍ୱେଷଣ ପାଇଁ ପ୍ରତ୍ୟେକ ବ୍ୟକ୍ତିର ସ୍ୱକୀୟ ପନ୍ଥାର ରହିଅଛି, ଏବଂ ତାହା ଅନୁସରଣ କରିବା ପାଇଁ ତାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେବା ଉଚିତ । ଏହାର ଅର୍ଥ କେବଳ ଏଥିକି ଯେ ଆପଣ ସେହି ବ୍ୟକ୍ତିକୁ ନିଜର ଧର୍ମ ଭିତରକୁ ଟାଣିବା ପାଇଁ ଚେଷ୍ଟା କରିବେ ନାହିଁ, ଆପଣ କୌଣସି ଯୁକ୍ତି ବା ମତ ତା ଉପରେ ଲଦି ଦେବା ପାଇଁ ମଧ୍ୟ ଚେଷ୍ଟା କରିବେ ନାହିଁ । ଯେଉଁ ସବୁ ବିଶ୍ୱାସ ତାଙ୍କର ସହାୟକ ବୋଲି ସେ ଭାବୁଛନ୍ତି, ସେଗୁଡ଼ିକୁ ଦୋହଲାଇ ଦେବେ ନାହିଁ ।

ଏହି ପ୍ରକାର ସମ୍ପୂର୍ଣ୍ଣ ସହନଶୀଳତା ଆପଣଙ୍କର ଲକ୍ଷ୍ୟ ହେବା ଉଚିତ । ସାଂସାରିକ ଲୋକେ ଯାହାକୁ ସହନଶୀଳତା ବୋଲି ଅନେକ ସମୟରେ ଭାବନ୍ତି ତାହାଠାରୁ ଏହା ବହୁ ଦୂରରେ, ଯେପରି ରହିଛନ୍ତି ଦୁଇ ମେରୁ । ସେମାନଙ୍କର ସହନଶୀଳତା ଏକ ଅଧା ଘୃଣା ମିଶା ଧାରଣା ଯେ ଧର୍ମୀୟ ବିଷୟଗୁଡ଼ିକର ବିଶେଷ ଗୁରୁତ୍ୱ ନାହିଁ । ସେଗୁଡ଼ିକ ଆରକ୍ଷୀ ବାହିନୀ ଭଳି ଉପଯୋଗୀ କେବଳ ଲୋକଙ୍କୁ ଶୃଙ୍ଖଳିତ ରଖିବା ପାଇଁ । କିନ୍ତୁ ମଣିଷର ଧର୍ମ ଆପଣଙ୍କ ସକାଶେ ପବିତ୍ର ହେବା ଉଚିତ, କାରଣ ସେହି ବକ୍ତି ପାଇଁ ଏହା ପବିତ୍ର । ମହାନ ଭ୍ରାତୃ ମଣ୍ଡଳୀ କାହାକୁ ମଧ୍ୟ ସେହି ମଣ୍ଡଳୀକୁ ପ୍ରବେଶ କରିବାକୁ ଦେବେ ନାହିଁ, ଯଦି ସେ ବହୁ ପରିମାଣରେ ଏହି ମନୋଭାବ ବିକଶିତ କରିନାହାନ୍ତି ।

**ଲେଡ୍‌ବିଟର୍** – ମହାନ୍ ରୋମୀୟ ସାମ୍ରାଜ୍ୟର ସମୟ ପରଠାରୁ ବୋଧହୁଏ ଆଜିକାଲି ଅଧିକ ସହନଶୀଳତା ରହିଛି ଏବଂ ସେକାଳରେ ଯେପରି ଥିଲା, ବହୁ ପରିମାଣରେ ରହିଛି ସେହିପରି । ପ୍ରଥମ ଖ୍ରୀଷ୍ଟିଆନ୍‌ମାନଙ୍କ ସହିତ ରୋମୀୟଗଣ ଯେପରି ବ୍ୟବହାର କରିବାର ଅନୁମାନ କରାଯାଉଥିଲା, ସେ ବିଷୟରେ ଆମେ

ଅଦ୍ଭୁତ କଥା ଶୁଣିଥିଲୁ । ସଯତ୍ନ ଗବେଷଣାରୁ ଦେଖାଯାଇଛି ଯେ ସର୍ବାଧିକ ଉତ୍ପୀଡ଼ନ ସମ୍ପର୍କରେ ବହୁ ପରିମାଣରେ ଯାହା କୁହାଯାଇଛି, ତାହା କେବେ ଘଟି ନ ଥିଲା । ତେବେ ଏ କଥା ସତ ଯେ ଖ୍ରୀଷ୍ଟିଆନ୍‌ମାନେ ଅନେକ ସମୟରେ ନିଜକୁ ଅସୁବିଧାରେ ପକାଉଥିଲେ । ମୁଁ କହିବାକୁ ଚାହୁଁ ନାହିଁ ଯେ ସେତେବେଳେ ଅବସ୍ଥା କେତେକ ପରିମାଣରେ ବର୍ବରୋଚିତ ନଥିଲା । ତେବେ ପ୍ରଥମ ଖ୍ରୀଷ୍ଟିଆନ୍‌ଗଣ ଏକ ବିଶୃଙ୍ଖଳ ଜାତି ଥିଲେ ବୋଲି ମନେ ହୁଏ । ଯେତେବେଳେ ସେମାନେ କର୍ତ୍ତୃପକ୍ଷଙ୍କ ସହିତ ସଂଘର୍ଷରେ ଆସିଲେ, ସେତେବେଳେ ତାହା ଧର୍ମ ଯୋଗୁଁ ନୁହେଁ, ବରଂ ସେମାନେ ଯାହା କରୁଥିଲେ ବା କହୁଥିଲେ ତାହା ଯୋଗୁ ।

ପ୍ରଥମ ଖ୍ରୀଷ୍ଟିଆନ୍‌ମାନେ ଯେଉଁ ପ୍ରକାର ଭ୍ରାତୃତ୍ୱ ବିଷୟରେ ପ୍ରଚାର କରୁଥିଲେ, ରୋମୀୟଗଣ ତାହାକୁ ସ୍ୱାଗତ କରି ନଥିଲେ । ତାହା ବହୁ ପରିମାଣରେ ଏହି ପ୍ରକାର ଥିଲା, "ମୋର ଭାଇ ହୁଅ, ନହେଲେ ମୁଁ ତୁମକୁ ହତ୍ୟା କରିବି ।" କେତେକ କ୍ଷେତ୍ରରେ ସେମାନେ ଛୋଟଛୋଟ ବିଧି ବ୍ୟବସ୍ଥା ପାଳନ କରିବେ ନାହିଁ, ଯାହା ଅନୁଗତ୍ୟର ବିଷୟ ବୋଲି ବିଚାର କରାଯିବ । ସେମାନେ ପୂଜାବେଦୀ ଉପରକୁ ଝୁଣା ଫିଙ୍ଗିବେ ନାହିଁ କିମ୍ବା ସମ୍ରାଟ୍‌ଙ୍କ ପାଇଁ ଟୋପାଏ ମଦ ଢାଳି ଦେବେ ନାହିଁ । ଏହି ପ୍ରକାର କାମ ଉଣା ଅଧିକେ ଲଣ୍ଡନରେ ରାଜାରାଣୀ ଯିବାବେଳେ ମୁଣ୍ଡରୁ ଟୋପି ଟେକିବା ସହ ସମାନ ଥିଲା । ରୋମୀୟ ସାମ୍ରାଜ୍ୟ ଥିଲା ପୃଥିବୀରେ ଅନ୍ୟ ଧର୍ମ ସମ୍ପର୍କରେ ସର୍ବାଧିକ ସହନଶୀଳ । ସେମାନେ ତିଳେହେଲେ ଖାତିର କରୁ ନଥିଲେ କିଏ କେଉଁ ଦେବତାଙ୍କୁ ପୂଜା କରୁଥିଲା । କାରଣ ସେମାନେ କୌଣସି ଦେବତା ଥିଲେ ବୋଲି ବିଶ୍ୱାସ କରୁ ନଥିଲେ । ସେମାନଙ୍କର ସବୁ ଦେବତା ପାଇଁ ଏକ ବିରାଟ ଉପାସନା ସ୍ଥାନ ଥିଲା, ଯେଉଁଠି ସେମାନେ ସବୁ ଦେବତାଙ୍କ ପାଇଁ ମନ୍ଦିର କରୁଥିଲେ । ଯେତେବେଳେ ସେମାନେ ବୁଝିଲେ ଯେ ଖ୍ରୀଷ୍ଟଙ୍କୁ ଉପାସନା କରାଯାଉଛି, ସେମାନେ ଶୀଘ୍ର ତାଙ୍କର ପ୍ରତିମୂର୍ତ୍ତି ତିଆରି କଲେ । ସେମାନଙ୍କର ସହନଶୀଳତା ଥିଲା ପ୍ରକୃତରେ ଉଦାସୀନତା !

ସେହି ପ୍ରାଚୀନ ରୋମୀୟମାନଙ୍କ ମଧ୍ୟରୁ ଅନେକେ ଇଂରେଜ ଜାତି ମଧ୍ୟରେ ଜନ୍ମ ନେଇଛନ୍ତି । ଏବେ ବହୁ ଲୋକେ ଅଛନ୍ତି ଯେଉଁମାନେ ସବୁ ପ୍ରକର ବିଶ୍ୱାସ ପ୍ରତି ସହନଶୀଳ, ଠିକ୍ ଏହି କାରଣରୁ ଯେ ସେମାନେ ନିଜେ କେଉଁଥିରେ ବିଶ୍ୱାସ କରନ୍ତି ନାହିଁ । ସେମାନେ ଧର୍ମକୁ ଏକ ସୁନ୍ଦର କାହାଣୀ ରୂପେ ବିବେଚନା କରନ୍ତି । ସେହି ପ୍ରକାର ସହନଶୀଳତା ଆମର ଲକ୍ଷ୍ୟ ନୁହେଁ । ଆମର ସହନଶୀଳତା

ଆସିବା କଥା ଏକ ସ୍ୱୀକୃତିରୁ ଯେ ଅନ୍ୟମାନଙ୍କର ଧର୍ମବିଶ୍ୱାସ ସବୁ ମଧ୍ୟ ଉଚ୍ଚତମ ସତ୍ତା ପାଖରେ ପହଞ୍ଚିବା ପାଇଁ ବିଭିନ୍ନ ପନ୍ଥା । ଯେତେବେଳେ ଜଣେ ଯାଏ କୌଣସି ମନ୍ଦିର ଭିତରକୁ ବା କୌଣସି ପ୍ରକାର ଧର୍ମର ଚର୍ଚ୍ଚକୁ ଯେଉଁ ଧର୍ମ ତାର ନିଜର ନୁହେଁ, ଯଦି ସେ ପ୍ରକୃତରେ ସହନଶୀଳ, ତେବେ ସେ ସ୍ଥାନୀୟ ପ୍ରଥା ମାନି ଚଳେ – କେବଳ ତାହା ଏକ ପ୍ରଥା ବୋଲି ନୁହେଁ, ବରଂ ଯେଉଁମାନେ ତାହାଠାରୁ ଅଲଗା ସେମାନଙ୍କୁ ଏବଂ ଯେଉଁ ଧର୍ମ ନିଜର ନୁହେଁ ତାକୁ ସେ ସମ୍ମାନ ଦିଏ ବୋଲି ।

ଲୋକେ ଅଛନ୍ତି ଯେଉଁମାନେ ଏକ ଚର୍ଚ୍ଚକୁ ଯାଆନ୍ତି ଏବଂ ଉପାସନା ବେଦୀ ଆଗରେ ମୁଣ୍ଡ ନୁଆଁଇବାକୁ ରାଜି ହୁଅନ୍ତି ନାହିଁ ଏବଂ ଜାଣିଶୁଣି ପିଠି କରି ଚାଲି ଯାଆନ୍ତି । ମୁଁ ଲୋକଙ୍କୁ ଜାଣେ ଯେଉଁମାନେ ସେମାନଙ୍କର ଯୋତା ନ କାଢ଼ି ମସ୍‌ଜିଦ୍ ଭିତରକୁ ଯିବାକୁ ଚେଷ୍ଟା କରିଥିଲେ। ଅନ୍ୟ ଧର୍ମର ମନ୍ଦିର ବା ଚର୍ଚ୍ଚ ଭିତରକୁ ଯିବା କାହାରି କାମ ନୁହେଁ, ଯଦି ସେ ପୂଜକମାନଙ୍କ ମନରେ ଆଘାତ ନ ଦେବା ଭଳି ବ୍ୟବହାର କରିବାକୁ ପ୍ରସ୍ତୁତ ନୁହେଁ । ଆପଣ ଯଦି ଭାବନ୍ତି ଯେ କ୍ୟାଥଲିକ୍ ଗୀର୍ଜାର ପୂଜାମଞ୍ଚ ଆଗରେ ମଥା ନୁଆଁଇବା ଖରାପ, ତେବେ ଆପଣ ସର୍ବଦା ବାହାରେ ରହି ପାରନ୍ତି ଏବଂ ଆପଣ ଯଦି ଭାବନ୍ତି ଯେ ଯୋତା କାଢ଼ିବା ଦୋଷଯୁକ୍ତ, ତେବେ ଆପଣ ମସ୍‌ଜିଦ୍ ଭିତରକୁ ଯିବା ଅନାବଶ୍ୟକ ।

ସବୁଲୋକ ସେହି ଏକ ଆତ୍ମାର ପ୍ରକଟନ । ସୁତରାଂ ଆଉ ଜଣଙ୍କର ଅଭୀପ୍ସା ଯେଉଁ ପ୍ରକାର ରୂପ ନିଏ, ତାକୁ ସମ୍ମାନ ଦେବା ଦରକାର । ଅନେକ ସମୟରେ ତାହାର ଶିଶୁସୁଲଭ ପ୍ରକଟନ ଦେଖାଯାଏ । କିନ୍ତୁ କୌଣସି ଭଦ୍ରଲୋକ ସେଥିପ୍ରତି ଉପହାସ କରିବା କିମ୍ବା ଲୋକଙ୍କୁ ତା ବିରୋଧରେ ନିୟୋଗ କରିବା ଅନୁଚିତ । କାରଣ ସ୍ୱଳ୍ପ ବିକଶିତ ବୁଦ୍ଧିର ଲୋକେ ସେପରି ମତ ଗ୍ରହଣ କରିବା ଆଶା କରାଯାଇ ନପାରେ, ଯାହା ଅଧିକ ଉନ୍ନତ ବ୍ୟକ୍ତିଙ୍କର ପସନ୍ଦ ହେବ । ସହନଶୀଳତା ସର୍ବଦା ଆମକୁ ପୁରାତନ ରୋମୀୟମାନଙ୍କ ଭଳି କହିବାକୁ ନିର୍ଦ୍ଦେଶ ଦେବ, "ଯେହେତୁ ମୁଁ ଜଣେ ମଣିଷ, ଯାହା ମାନବୀୟ, ତାହା ମୋ ସକାଶେ ବାହାର ଦୁନିଆର ନୁହେଁ" ଏବଂ ଅନ୍ୟ ବ୍ୟକ୍ତିର ଦୃଷ୍ଟିକୋଣକୁ ବୁଝିବାକୁ ଚେଷ୍ଟା କରିବାକୁ କହିବ । ନିଜ ସକାଶେ ଏକ ଅଭ୍ୟାସ ରୂପରେ ମଧ୍ୟ ସେହି ପ୍ରଣାଳୀ ଶୀଘ୍ର ଆମକୁ ଦେଖାଇ ଦେବ ମନଦ୍ୱାରା ସତ୍ୟର କିରଣମାଳା କେତେ ପ୍ରକାର କୋଣରେ ପ୍ରତିବିମ୍ବିତ ହୋଇଥାଏ । ପୃଥିବୀ ଅବସାଦମୟ ହୋଇଯିବ ଯଦି ସବୁ ବିଷୟ କେବଳ ଏକ ପ୍ରକାର ଉପାୟରେ କରାଯିବ । ଏହା ଏକ କାରାଗାର ଭଳି

ହୋଇଯିବ, ଯେଉଁଠି ପ୍ରତ୍ୟେକ ବିଷୟ ପ୍ରତିଦିନ ସେହି ଏକ ସମୟରେ ଏବଂ ଏକ ପ୍ରଣାଳୀରେ କରାଯାଇଥାଏ ।

କେତେକ ବିସ୍ତୀର୍ଣ୍ଣ ବିଭାଗ ରହିଛି, ଯେପରି ଆପଣ ଦେଖନ୍ତି, ଉଦାହରଣ ସ୍ୱରୂପ, କ୍ୟାଥଲିକ୍ ଏବଂ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ମଧ୍ୟରେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଖ୍ରୀଷ୍ଟିଆନ୍ ଧର୍ମକୁ ବୁଝନ୍ତି ନିଜ ନିଜ ଦୃଷ୍ଟିକୋଣରୁ । ଉଭୟ ପକ୍ଷରୁ ବହୁ ଲୋକେ ପରସ୍ପରକୁ ବୁଝିବାରେ ସମ୍ପୂର୍ଣ୍ଣ ଅକ୍ଷମ । କ୍ୟାଥଲିକ୍‌ମାନଙ୍କ ମତ ହେଉଛି ଯେ ସେମାନଙ୍କ କର୍ମକାଣ୍ଡରେ ବହୁ ଔପଚାରିକତା ରହିବା ଉଚିତ ଏବଂ ତାହା ଯଥା ସମ୍ଭବ ସବୁ ପ୍ରକାରେ ସୁନ୍ଦର ହେବା ଉଚିତ, ଯାହା ଫଳରେ ତାହା ଈଶ୍ୱରଙ୍କୁ ମହିମାମୟ ରୂପେ ଦେଖାଇବ ଏବଂ ଲୋକଙ୍କୁ ଆକର୍ଷଣ କରିବ । ସେମାନେ ଗଭୀର ଭାବେ ଅନୁଭବ କରନ୍ତି ଯେ ସେହି କର୍ମକାଣ୍ଡ ଏବଂ ଔପଚାରିକତା, ସେହିସବୁ ସୁନ୍ଦର ପରିବେଶ ସେମାନଙ୍କର ଭକ୍ତି ଉଦ୍ରେକ କରିବାରେ ସର୍ବାଧିକ ସାହାଯ୍ୟ କରିଥାଏ ।

ଅନ୍ୟ ପକ୍ଷରେ, ପ୍ରୋଟେଷ୍ଟାଣ୍ଟ୍ ଭାବନ୍ତି ଯେ ସେହି ସବୁ ରୀତି ଦୋଷଯୁକ୍ତ ଏବଂ ଭୟଙ୍କର, କାରଣ ସେଗୁଡ଼ିକ ଅସଲ ଅର୍ଥ ନ ବୁଝାଇ ମନକୁ ଅନ୍ୟ ଆଡ଼କୁ ଟାଣି ନିଏ । ହୁଏତ ପ୍ରୋଟେଷ୍ଟାଣ୍ଟ ମନ ହେଉଛି ଏହିପରି ଯେ ଯଦି ତାଙ୍କୁ ଏ ସମସ୍ତ ଉତ୍ସବରେ ଯୋଗ ଦେବାକୁ ହେବ ସେ ସେହି ସମୟେ ନିଜ ଆଗରେ ଆନ୍ତରୀଣ ବିଷୟଗୁଡ଼ିକ ରଖି ପାରିବେ ନାହିଁ । ଯାହା କ୍ୟାଥଲିକ୍ ଧରଣର ଲୋକଙ୍କୁ ଅତିଶୟ ଭଲ ଲାଗେ, ତାହା ପ୍ରୋଟେଷ୍ଟାଣ୍ଟମାନଙ୍କୁ ମନେ ହେବ ଏକ ଅନିଷ୍ଟକର ବିଷୟ, ଏକ ବାଧକ, ଯାହା ଆନ୍ତରିକ ଭକ୍ତିରେ ହସ୍ତକ୍ଷେପ କରେ ।

ବହୁ ଲୋକ ଅଛନ୍ତି, ଯେଉଁମାନେ ଭାବନ୍ତି ଯେ ସେମାନଙ୍କର ଭକ୍ତି ଏବଂ ଅଭୀପ୍ସା ଅସ୍ପଷ୍ଟ ଏବଂ ଅନିର୍ଦ୍ଦିଷ୍ଟ ହୋଇଯାଏ, ଯେତେବେଳେ ଉପାସନାର ସୂକ୍ଷ୍ମ ପ୍ରଣାଳୀର ପ୍ରୟୋଗ କରାଯାଏ । ସେମାନଙ୍କ ସକାଶେ ବାହ୍ୟରୂପ ବେଶି ଆଶ୍ୱାସନା ଏବଂ ସାହାଯ୍ୟ ଦିଏ । ସୁତରାଂ ସେମାନେ ତାହା ନ ରଖିବେ କାହିଁକି ? ଯେଉଁମାନେ ବିଧି ବ୍ୟବସ୍ଥା, ପ୍ରତିମୂର୍ତ୍ତି, ଛବି ଏବଂ ସ୍ଥୂଳ ସ୍ତରରେ ପ୍ରକଟନରେ ଗଭୀର ସନ୍ତୋଷ ଓ ପ୍ରେରଣା ପାଆନ୍ତି, ସେମାନେ ନିଶ୍ଚିତ ଭାବେ ଜୀବନର ସପ୍ତ ମହା ରଶ୍ମି ମଧ୍ୟରୁ ଗୋଟିଏ ରଶ୍ମିର ଏବଂ ମାନବୀୟ ପ୍ରଚେଷ୍ଟାର ଯେଉଁ ମହାନ୍ ସପ୍ତ ମାର୍ଗରେ ମନୁଷ୍ୟ ଈଶ୍ୱରଙ୍କ ସିଂହାସନ ପାଖକୁ ଯାଏ, ତାହା ମଧ୍ୟରୁ ଗୋଟିଏ ମାର୍ଗର ଯାତ୍ରୀ । ଯେଉଁମାନେ ଏହିସବୁ ବିଷୟ ଚାହାନ୍ତି ନାହିଁ, ବରଂ ଏଗୁଡ଼ିକୁ କଷ୍ଟକର, ବିଭ୍ରାନ୍ତିକର ବୋଲି ଭାବନ୍ତି, ସେମାନେ ମଧ୍ୟ ସେମାନଙ୍କର ଭିନ୍ନ ମାର୍ଗ

ଅନୁସରଣ କରୁଛନ୍ତି । ସେମାନେ ସେଥିରେ ଆନନ୍ଦ ପାଆନ୍ତୁ । ଅସମାନଙ୍କ ବାଧା ଦେବା କାହିଁକି ?

ଯେପରି ଆମ ଭିତରୁ ପ୍ରତ୍ୟେକଙ୍କର ନିଜର ଭାଷା ଅଛି, ଯେଉଁ ଭାଷାର ପରିବେଶ ଭିତରେ ସେ ଜନ୍ମ ନେଇଛି । ସେହିପରି ମଣିଷର ରହିଛି, ଯାହାକୁ କୁହାଯାଇପାରେ ତାର ଧର୍ମୀୟ ଭାଷା – ଯେଉଁଥିରେ ତାର ଚିନ୍ତା, ଭାବ ଏବଂ ଅଭୀପ୍ସା ସର୍ବାଧିକ ସହଜ ଭାବରେ ଅଭିବ୍ୟକ୍ତ ହୁଏ । ଆମ ଭାଷାଠାରୁ ଏକ ଫରାସୀ ଲୋକର ଭାଷା ଅଲଗା ବୋଲି ତାକୁ ଘୃଣା କରିବା ହେବ ଚରମ ମୂର୍ଖତା ଏବଂ ସମ ପରିମାଣର ମୂର୍ଖତା ହେବ ଅନ୍ୟ କାହାର ଧର୍ମ ଆମ ଧର୍ମଠାରୁ ଅଲଗା ହେଲା ବୋଲି ତାକୁ ଘୃଣା କରିବା । ଜଣେ ଫରାସୀ ବ୍ୟକ୍ତି 'ଘର'କୁ କହିବେ 'ମେସନ' – କିନ୍ତୁ ତାହାର ସଠିକ୍ ଅର୍ଥ ସେହି ଏକ । ଗୋଟିଏ ଶବ୍ଦ ଆର ଶବ୍ଦଟିଠାରୁ ଭଲ ବୋଲି କହିବା ହେବ ଅସଙ୍ଗତ । ମନେପଡ଼େ ନିକୋଲାସ୍ ନିକେଲବୀ ବହିର ଏକ ବିଖ୍ୟାତ ଚରିତ୍ର ଲିଲିଭିକ୍ । ସେ ଯେତେବେଳେ ଶୁଣିଲା ଯେ ଫରାସୀ ଭାଷାରେ 'ଲିଉ'ର ଅର୍ଥ 'ପାଣି', ସେ ନିଷ୍ପତ୍ତି କଲା ଯେ ସେଇଟା ଗୋଟିଏ ଦରିଦ୍ର ଭାଷା । ନେପୋଲିୟନ୍‌ଙ୍କ ଯୁଦ୍ଧ ସମୟର ଗୋଟିଏ ବୁଢ଼ୀ ବିଷୟରେ ମଧ୍ୟ ଏକ କାହାଣୀ ଅଛି । ସେ ଭଗବାନଙ୍କୁ ପ୍ରାର୍ଥନା କଲା ଇଂରେଜମାନେ ସଫଳ ହୁଅନ୍ତୁ । ଯେତେବେଳେ କେହି ଜଣେ ମନେ ପକାଇ ଦେଲା ଯେ ସମ୍ଭବତଃ ଆର ପାରିର ଲୋକେ ମଧ୍ୟ ଫରାସୀମାନଙ୍କର ସଫଳତା ପାଇଁ ପ୍ରାର୍ଥନା କରୁଛନ୍ତି, ସେ ଉତ୍ତର ଦେଲା, "ସେଥିରେ କ'ଣ ଯାଏ ଆସେ ? ସେମାନେ ଯେମିତି କହନ୍ତି ବୁଝାପଡ଼େ ନାହିଁ; ଭଗବାନ ସେମାନଙ୍କ କଥା ବୁଝିବେ କିପରି ?"

ଈଶ୍ୱରଙ୍କ ପାଖକୁ ଯିବା ପାଇଁ ଯେଉଁ ପନ୍ଥା ସର୍ବାଧିକ ସିଧାସଳଖ ମନେ ହେବ, ଯାହା ସବୁଠାରୁ ଭଲ ବୋଲି ମଣିଷ ଭାବିବ, ତାହା ଯେ କାହିଁକି ସେ ଅନୁସରଣ କରିବ ନାହିଁ, ସେଥିପାଇଁ କୌଣସି କାରଣ ନ ଥାଇପାରେ । ଶାନ୍ତି ଏବଂ ଏକତା ପାଇଁ ଉଭୟ ପକ୍ଷ ଏହି କଥା ସ୍ୱୀକାର କରିବା ଆବଶ୍ୟକ । ପ୍ରତ୍ୟେକ କହିବା ଉଚିତ, "ମୁଁ ମୋର ପନ୍ଥା ପସନ୍ଦ କରେ । ତେବେ ମୁଁ ସମ୍ପୂର୍ଣ୍ଣ ଭାବେ ଇଚ୍ଛା କରେ ଯେ ଅନ୍ୟ ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ସେହି ଅସୁବିଧା ପାଇବା ଉଚିତ । ସେ ମଧ୍ୟ ସେହି ପନ୍ଥା ଗ୍ରହଣ କରିବା ଉଚିତ ଯାହା ତାକୁ ସର୍ବୋତ୍ତମ ମନେ ହୁଏ ।" ଏଇଆ ଚାହିଁବା ସେମିତି ବଡ଼ କଥା ନୁହେଁ । ତଥାପି ଖଉବ୍ କମ୍ ଲୋକେ ସେଥିରେ ରାଜି ହେବେ । ପ୍ରତ୍ୟେକ ବ୍ୟକ୍ତି ମନେ କରନ୍ତି ଯେ ତାଙ୍କ ପାଇଁ ଯାହା ସର୍ବୋତ୍ତମ, ତାହା ଅନ୍ୟମାନଙ୍କ ପାଇଁ ମଧ୍ୟ ସର୍ବୋତ୍ତମ । ଉଦାରଚେତା

ବୁଝିପାରନ୍ତି ଯେ ବହୁ ପ୍ରକାର ପଥ ରହିଛି ଏବଂ ସେ ସବୁ ସମ ପରିମାଣରେ ପର୍ବତର ଶିଖରରେ ପହଞ୍ଚାଇ ଦିଏ । ପ୍ରତ୍ୟେକ ବ୍ୟକ୍ତିକୁ ସେହି ପଥରେ ଯିବା ପାଇଁ ଛାଡ଼ିଦେବା ଉଚିତ, ଯାହା ତାକୁ ସର୍ବାଧିକ ପ୍ରେରଣା ଦେଇପାରେ ।

ମୁଁ ମାନି ନେଉଛି ଯେ ଗୋଟିଏ ପ୍ରକାର ମନୋଭାବ ରହିଛି ଯାହା ବ୍ୟକ୍ତିଗତ ଭାବେ ମୋ ପକ୍ଷରେ ବୁଝିବା କଷ୍ଟକର । ତାହା ହେଉଛି ପ୍ରବଳ ଭାବେ ପ୍ରବାହିତ ଧର୍ମୀୟ ଭକ୍ତିଭାବ ଯାହା ପ୍ରେମ-କବିତା ଓ ଉପନ୍ୟାସରୁ ସଂଗୃହୀତ ସବୁ ପ୍ରକାର ପ୍ରେମ-ଭରା ଶବ୍ଦ ଦେବତାଙ୍କ ପ୍ରତି ପ୍ରୟୋଗ କରେ । ଏହା ମୋତେ ମର୍ମାହତ କରେ ଏବଂ ଧାରଣା ଦିଏ ଯେ ଦେବତାଙ୍କ ପ୍ରତି ଅସମ୍ମାନ କରାଯାଉଛି, ଯଦିଓ ମୁଁ ସମ୍ପୂର୍ଣ୍ଣ ଭଲଭାବେ ଜାଣେ ଯେ ଏହା ଆନ୍ତରିକ ଏବଂ ସତ୍ ଉଦ୍ଦେଶ୍ୟ ଜନିତ । ସମ୍ଭବତଃ ଯେଉଁମାନେ ତାହା ଭଲ ପାଆନ୍ତି, ସେମାନେ ମୋତେ ଉଦାସୀନ ଏବଂ ଚୁପ୍‌ଚାପ୍ ରହିବା ଲୋକ ବୋଲି ଭାବୁଥିଲେ । କାରଣ ମୋର ସ୍ୱଭାବ ହେଉଛି ପ୍ରତ୍ୟେକ ବିଷୟକୁ ସାଧାରଣଜ୍ଞାନ ଦୃଷ୍ଟିରୁ ଦେଖିବା ଏବଂ ସେ ବିଷୟରେ ବିଚାର ବୁଦ୍ଧି ପ୍ରୟୋଗ କରି ବୁଝିବା ।

ପ୍ରତ୍ୟେକ ଧର୍ମରେ ଉଚ୍ଚତର ଶ୍ରେଣୀର ଲୋକଙ୍କ ପାଇଁ ଲେଖା ଯାଇଥିବା ଭକ୍ତିମୂଳକ ପୁସ୍ତକଗୁଡ଼ିକ ବିଶେଷତଃ ଏକାଧରଣର । ଉଦାହରଣ ସ୍ୱରୂପ, ଯଦି କେହି ରୋମାନ୍ କ୍ୟାଥଲିକ୍‌ମାନଙ୍କର ପରିଚିତ ବହିଗୁଡ଼ିକୁ ଶ୍ରୀ ରାମାନୁଜାଚାରୀଙ୍କ ଶିଷ୍ୟମାନଙ୍କ ଦ୍ୱାରା ବ୍ୟବହୃତ ବହିଗୁଡ଼ିକ ସହିତ ତୁଳନା କରିବେ, ତାହାହେଲେ ସେ ଦେଖିବାକୁ ପାଇବେ ଘନିଷ୍ଠ ସାମଞ୍ଜସ୍ୟ । ଜଣେ ଉତ୍ତମ ଖ୍ରୀଷ୍ଟିୟାନ୍‌ଙ୍କ ଜୀବନ ମଧ୍ୟ ଜଣେ ଉତ୍ତମ ହିନ୍ଦୁ, ବୌଦ୍ଧ ବା ମୁସଲମାନ ବା ପ୍ରକୃତରେ ଯେକୌଣସି ଧର୍ମର ଯେକୌଣସି ଉତ୍ତମ ବ୍ୟକ୍ତିଙ୍କ ଜୀବନ ସହିତ ସମାନ । ସମସ୍ତେ ସେହି ଏକ ପ୍ରକାର ସୁଗୁଣଗୁଡ଼ିକ ଅଭ୍ୟାସ କରନ୍ତି; ସେହି ଏକ ଲକ୍ଷ୍ୟ ସକାଶେ ଚେଷ୍ଟା କରନ୍ତି; ସେହି ଏକ ପ୍ରକାର ମନ୍ଦଗୁଣଗୁଡ଼ିକୁ ପରିତ୍ୟାଗ କରନ୍ତି ।

**କିନ୍ତୁ ଏହି ସମ୍ପୂର୍ଣ୍ଣ ସହନଶୀଳତା ଲାଭ କରିବା ପାଇଁ ପ୍ରଥମେ ଧର୍ମାନ୍ଧତା ଏବଂ ଅନ୍ଧବିଶ୍ୱାସରୁ ତୁମେ ନିଜେ ମୁକ୍ତ ହେବା ଆବଶ୍ୟକ ।**

**ଆନି ବେସାନ୍ତ୍** – ସେହି ବ୍ୟକ୍ତି ହିଁ ଧର୍ମାନ୍ଧ ଯେ କେବଳ ନିଜର ମତକୁ ବିଚାର କରେ, ଅନ୍ୟ କାହାର ମତକୁ ନୁହେଁ । ଥରେ ଜଣେ ଅତିଶୟ ଉତ୍ତମ –

କିନ୍ତୁ ଅତିଶୟ ଧର୍ମାନ୍ଧ ଏବଂ ଖ୍ରୀଷ୍ଟଧର୍ମ ପ୍ରଚାରକଙ୍କ ମଧ୍ୟରୁ କଠୋରତମ ସମ୍ପ୍ରଦାୟର ମହିଳା ମୋତେ କହିଲେ ଯେ ମୁଁ କେବେହେଲେ କୌଣସି ବହି ପଢ଼ିବା ଉଚିତ ନୁହେଁ ଯାହା ଠିକ୍ ମୋର ଧର୍ମଗତ ଦୃଷ୍ଟିକୋଣରୁ ଲେଖା ନଯାଇଛି । ଧର୍ମାନ୍ଧଙ୍କର ମତ ହେଉଚି ଅନ୍ୟ ମତର ବହି କେବେହେଲେ ପଢ଼ନ୍ତୁ ନାହିଁ ଯାହା ଆପଣଙ୍କର ମତକୁ ଦୋହଲାଇ ଦେଇପାରେ । ଯେ ସତ୍ୟ ଅନ୍ୱେଷଣ କରନ୍ତି, ଯେ ଚାହାନ୍ତି ଉଚ୍ଚତର ଜୀବନ ଯାପନ କରିବା ପାଇଁ, ତାଙ୍କ ମତର ଏହା ଠିକ୍ ଓଲଟା । ସେ ଗୋଟାଏ ବିଷୟର ସବୁ ଦିଗ ପଢ଼ିବାକୁ ଚେଷ୍ଟା କରନ୍ତି, ଦେଖିବାକୁ ଚାହାନ୍ତି ମଣିଷର ମନକୁ ସତ୍ୟର ରଶ୍ମି କେତେ ପ୍ରକାର ବିଭିନ୍ନ କୋଣରୁ ଆଘାତ କରିଛି ଏବଂ ବଙ୍କେଇ ଯାଇଛି । ଆପଣଙ୍କୁ ଯଦି ସତ୍ୟରେ ପହଞ୍ଚିବାକୁ ହେବ, ତାହେଲେ ଆପଣଙ୍କୁ ଅବଶ୍ୟ ଏହି ସବୁ ଦୃଷ୍ଟିକୋଣ ବିଷୟରେ ପଢ଼ିବାକୁ ହେବ । ସେଥିରେ ଯାହା ସ୍ୱଳ୍ପ ବା ବିରାଟ ସତ୍ୟ ରହିଥିବ, ତାକୁ ଆପଣଙ୍କୁ ମିଶାଇ ନେବାକୁ ହେବ ନିଜ ଭିତରେ ।

ଲୋକଙ୍କର ଅନ୍ଧବିଶ୍ୱାସଗୁଡ଼ିକ ସମ୍ପର୍କରେ ମଧ୍ୟ ଅଧ୍ୟୟନ କରିବାକୁ ହେବ । କାରଣ ଉପନିଷଦ୍‌ରେ ଯେପରି ମହାକାବ୍ୟ ଲେଖାଯାଇଛି, 'ସତ୍ୟମେବ ଜୟତେ ନାନୃତଂ' । ଅନ୍ଧବିଶ୍ୱାସ ଶକ୍ତି ଆହରଣ କରିଥାଏ ନିଜ ଭିତରେ ଥିବା ଛୋଟ ଛୋଟ ସତ୍ୟରୁ । ଆପଣଙ୍କୁ ସତ୍ୟର ସେହି ଅଂଶଗୁଡ଼ିକ ଖୋଜି ବାହାର କିରବାକୁ ହେବ । ଅବଶ୍ୟ ଯେ ଧର୍ମାନ୍ଧ, ସେ ସେଗୁଡ଼ିକ ଭିତରେ କେବଳ ମିଥ୍ୟାକୁ ହିଁ ଦେଖିବ – କିନ୍ତୁ ଆପରଙ୍କୁ ସବୁଧର୍ମରୁ କିଛି ଜାଣିବାକୁ ହେବ । ଧର୍ମଯାଜକମାନଙ୍କ ମନୋଭାବ ନେଇ ସେଗୁଡ଼ିକ ପଢ଼ିବେ ନାହିଁ, ବରଂ ସହାନୁଭୂତିର ସହିତ ପଢ଼ିବେ । ରାଜନୈତିକ ଏବଂ ସାମାଜିକ ପ୍ରଶ୍ନଗୁଡ଼ିକରେ ମଧ୍ୟ ସେଇ ଯୋଜନା ଅନୁସରଣ କରିବାକୁ ହେବ ।

ଆପଣଙ୍କୁ ଅନ୍ଧବିଶ୍ୱାସଗୁଡ଼ିକୁ ମଧ୍ୟ ଧ୍ୱଂସ କରିବାକୁ ହେବ । ଏହି ବହିଟିରେ ପରେ ସେଗୁଡ଼ିକୁ ତିନିଟି ମହାନ୍ ପାପ ମଧ୍ୟରୁ ଅନ୍ୟତମ ବୋଲି ବର୍ଣ୍ଣନା କରାଯାଇଛି, ଯାହା ଜଗତରେ ସର୍ବାଧିକ କ୍ଷତି କରିଥାଏ, କାରଣ ସେହି ପାପ ହେଉଛି ପ୍ରେମର ପ୍ରତିକୂଳ । ପୃଥିବୀରେ ଧର୍ମ ଏବଂ ଅନ୍ଧବିଶ୍ୱାସ ଏପରି ଭାବେ ଏକାଠି ମିଶିଯାଇଛି ଯେ ସଯତ୍ନ ସଂଜ୍ଞା ନିରୂପଣ ଦ୍ୱାରା ସେଗୁଡ଼ିକୁ ଆମ ମନ ଭିତରେ ଅଲଗା କରିଦେବା ଆବଶ୍ୟକ । ଅନ୍ଧବିଶ୍ୱାସ ସମ୍ପର୍କରେ ମୁଁ ଯେଉଁ ସଜ୍ଞାଟି ଭଲ ପାଏ – ଯଦିଓ ତାହା ସମଗ୍ର କ୍ଷେତ୍ରକୁ ଆବୃତ କରେ ନାହିଁ, ତାହା ହେଉଛି – ଅସାର ଜିନିଷକୁ ସାର ଜିନିଷ ରୂପେ ଗ୍ରହଣ କରିବା, ଏକ ଉପପ୍ରଶ୍ନକୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ

ରୂପେ ଭୁଲ୍ ବୁଝିବା । ଧର୍ମୀୟ ବିବାଦରେ ଲୋକେ ଅସାର ବିଷୟ ନେଇ ଲଢ଼େଇ କରନ୍ତି ଏବଂ ନିୟମ ପ୍ରକାରେ ପ୍ରତ୍ୟେକ ପକ୍ଷ ସତ୍ୟର ଭିନ୍ନ ଭିନ୍ନ ଭ୍ରାନ୍ତ ଧାରଣାର ପ୍ରତିନିଧିତ୍ୱ କରିଥାନ୍ତି ।

ଅନ୍ଧବିଶ୍ୱାସର ଆଉ ଏକ ସଂଜ୍ଞା ରହିଛି ଯାହା ମଧ୍ୟ ସମଗ୍ର କ୍ଷେତ୍ରକୁ ଆବୃତ କରୁନାହିଁ; ତାହା ହେଉଛି, ଏହା ଏକ ବିଶ୍ୱାସ ଯାହାର ଯୁକ୍ତିଯୁକ୍ତ ଆଧାର ନାହିଁ । ଏହି ପ୍ରକାରେ, ବହୁ ସତ୍ୟ ମଧ୍ୟ ସେହି ସତ୍ୟରେ ବିଶ୍ୱାସ କରୁଥିବା ଲୋକଙ୍କ ପ୍ରତି ଅନ୍ଧବିଶ୍ୱାସ, କାରଣ ସେମାନଙ୍କର ସେହିପରି ବିଶ୍ୱାସ କରିବାର କୌଣସି ଉତ୍ତମ ଓ ଯୁକ୍ତିଯୁକ୍ତ କାରଣ ନାହିଁ । ଭଗବାନ ବୁଦ୍ଧ କହିଛନ୍ତି, ଯେକୌଣସି ବିଷୟ ବିଶ୍ୱାସ କରିବାର ଏକମାତ୍ର ଯଥାଯଥ ଆଧାର ହେଉଛି ଯେ ଏହା ଆପଣଙ୍କ ବିଚାରବୁଦ୍ଧି ଏବଂ ସାଧାରଣ ଜ୍ଞାନ ଦ୍ୱାରା ଅନୁମୋଦିତ ହୋଇଥିବ, ଯାହା ଫଳରେ ଆପଣ ଏହା ନିଜେ ଜାଣିଛନ୍ତି ବୋଲି କୁହାଯାଇ ପାରିବ । ଆମେ ଯଦି ସେହି ପରୀକ୍ଷା ପ୍ରୟୋଗ କରୁ, ଅଧିକାଂଶ ଲୋକଙ୍କ ଧର୍ମର ଅଧିକ ଭାଗ ଅନ୍ଧବିଶ୍ୱାସ ଶିରୋନାମା ତଳେ ସ୍ଥାନ ପାଇବ । ସେମାନଙ୍କ ପାଇଁ ସେଥିରେ ପ୍ରକୃତରେ କିଛି ଯାଏ ଆସେ ନାହିଁ । କିନ୍ତୁ ଯେଉଁମାନେ ଏହି ପଥରେ ପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ପାଇଁ ଯେଉଁସବୁ ବିଷୟ ବିଚାରବୁଦ୍ଧି ଏବଂ ପ୍ରଜ୍ଞା ଦ୍ୱାରା ଅନୁମୋଦିତ ନୁହେଁ, ସେଗୁଡ଼ିକୁ ବର୍ତ୍ତମାନ ସକାଶେ ଆଡ଼େଇ ଦେବାକୁ ହେବ । ଯେତେବେଳେ ଆପଣଙ୍କ ଭିତରେ ସେହି ଉଚ୍ଚତର ବୋଧଶକ୍ତି କ୍ରମଶଃ ବିକଶିତ ହେବ, ଯାହା ସତ୍ୟକୁ ଦେଖିବା ମାତ୍ରେ ଜାଣିପାରେ, ଆପଣ ସେତେବେଳେ ଅଧିକରୁ ଅଧିକ ସତ୍ୟ ଗ୍ରହଣ କରିବାକୁ ସକ୍ଷମ ହେବେ । ସେତେବେଳେ ଆପଣଙ୍କ ଭିତରେ ବୃଦ୍ଧି ପାଇବ ଏକ ଗଭୀର ଆନ୍ତରିକ ପ୍ରତ୍ୟୟ ଏବଂ ଯେତେବେଳେ ଆପଣଙ୍କ ସମ୍ମୁଖରେ ଏକ ସତ୍ୟ ପରିବେଷଣ କରାଯିବ, ଆପଣ ଜାଣିଯିବେ ଯେ ତାହା ହିଁ ସତ୍ୟ । ଏହା ସ୍ଥୂଳ ସ୍ତରରେ ଦୃଷ୍ଟିଶକ୍ତିର ଅନୁରୂପ । ଏହା ହେଉଛି ପ୍ରଜ୍ଞା ବା ଶଉଦ୍ଧ ବିଚାରବୁଦ୍ଧର କ୍ଷମତା । ଆମେ ସମସ୍ତେ ଆମର ବିଶ୍ୱାସଗୁଡ଼ିକୁ ଏହି ପରୀକ୍ଷା ଦ୍ୱାରା ପରଖି ନେବା ଉଚିତ, କାରଣ ପୁରୁଷାନୁକ୍ରମେ ଆମେ ପାଇଛୁ ଗୁଡ଼ାଏ ବିଶ୍ୱାସ, ଯାହା ଆମ ସକାଶେ କେବଳ ଅନ୍ଧବିଶ୍ୱାସ । ଆମ ଯେତେବେଳେ ତାହା କରିବା ଏବଂ ଏହି ପରୀକ୍ଷା କରିବା ମନୋଭାବ ଯେତେ ପରିମାଣରେ ଆମର ଅଭ୍ୟାସଗତ ହୋଇଯିବ, ସେହି ପରିମାଣରେ ଆମେ ଅନ୍ଧବିଶ୍ୱାସ ପରିତ୍ୟାଗ କରି ସହନଶୀଳତା ବିକଶିତ କରିପାରିବା ।

**ଲେଡ୍‌ବିଟର୍ –** ଅନ୍ଧବିଶ୍ୱାସ ଅନେକ ସମୟରେ ମଣିଷର ମନକୁ ଅତିଶୟ ଜୋର୍ କରି ମାଡ଼ି ବସିଥାଏ, ଯାହା ଫଳରେ ସମୟେ ସମୟେ କୁହାଯାଏ ଯେ ଅନ୍ଧବିଶ୍ୱାସ ବିନା ଧର୍ମ ଅସମ୍ଭବ । ଏ କଥା ସତ ଯେ ଧର୍ମୀୟ ଚିନ୍ତାଧାରାରେ ବହୁ ଭ୍ରାନ୍ତ ଧାରଣା ରହିଛି ଏବଂ ସେଥିରୁ ଅନେକ ଅଯୁକ୍ତିକର । କିନ୍ତୁ ଯେଉଁଠି ଏକ ବିଶ୍ୱାସ ରହିଛି, ଯାହା ବହୁଳ ଭାବେ ପରିବ୍ୟାପ୍ତ, ସେଥିରେ ହୁଏତ କେଉଁଠି ତା ପଛରେ ରହିଛି କଣାଏ ସତ୍ୟ । ସାଧାରଣ ଭାବେ କହିଲେ, ଅନ୍ଧବିଶ୍ୱାସଗୁଡ଼ିକ କେବଳ କଳ୍ପନା ନୁହେଁ, ସେଗୁଡ଼ିକ ହେଉଛି ପ୍ରକୃତ ତଥ୍ୟର ବିକୃତି ବା ଅତ୍ୟୁକ୍ତି । ଡଃ ବେସାନ୍ତ ଥରେ ଅନ୍ଧ ବିଶ୍ୱାସର ଏକ ବିଖ୍ୟାତ ଭାରତୀୟ ଉଦାହରଣ ଦେଇଥିଲେ । ଥରେ ଜଣେ ସାଧୁ ଥିଲେ ଯାହାଙ୍କର ଏକ ପୋଷା ବିଲେଇ ଥିଲା । ବିଲେଇଟି ତାଙ୍କୁ ଏତେ ଭଲ ପାଉଥିଲା ଯେ ଯେତେବେଳେ ସେ ତାଙ୍କ ଧର୍ମ କର୍ମ କରିବାକୁ ଚାହୁଁଥିଲେ, ତାକୁ ସ୍ଥିର ରଖିବା ପାଇଁ ତାକୁ ତାଙ୍କର ଖଟର ଗୋଟିଏ ଗୋଡ଼ ସହିତ ବାନ୍ଧି ରଖିବାକୁ ସେ ଆବଶ୍ୟକ ମନେ କରୁଥିଲେ । ଲୋକେ ସେହି କଥା ଦେଖି ଭାବିଲେ ଯେ ବିରାଡ଼ିଟିକୁ ବାନ୍ଧିବା ହେଉଛି ସେହି କର୍ମକାଣ୍ଡର ଆବଶ୍ୟକ ଅଙ୍ଗ ଏବଂ ସମୟକ୍ରମେ ସେହି କର୍ମକାଣ୍ଡର ବାକି ଅଂଶଗୁଡ଼ିକ ରହିଲା ନାହିଁ ଏବଂ ଭକ୍ତିର ଯେଉଁ ଅଂଟି ରହିଲା ତାହା ହେଉଛି ଖଟର ଗୋଡ଼ ସହିତ ବିରାଡ଼ିଟିକୁ ବାନ୍ଧି ଦେବାର ପରମ୍ପରା ।

ଲିପିକାର ଗଣ ଏବଂ ଫାରିସି ସମ୍ପ୍ରଦାୟର ଲୋକେ ଯେଉଁମାନଙ୍କୁ ଖ୍ରୀଷ୍ଟ ମିଥ୍ୟାଚାରୀ ବୋଲି ନିନ୍ଦା କରିଥିଲେ ଏବଂ ଶ୍ୱେତ ସମାଧି ସହ ତୁଳନା କରିଥିଲେ, ସେହି ପ୍ରକାର ଅନ୍ଧବିଶ୍ୱାସ ଦେଖାଇଥିଲେ । ଖ୍ରୀଷ୍ଟ କହିଥିଲେ, ସେମାନେ ମୁଦ୍ରା, ସୁଗନ୍ଧି ଦ୍ରବ୍ୟ ଏବଂ ଜିରା ଆକାରରେ କର ଦେଉଥିଲେ, କାରଣ ସେମାନଙ୍କୁ ଆଦେଶ ଦିଆଯାଇଥିଲା ଯେ ସେମାନଙ୍କର ଯାହା ସବୁ ଅଛି, ସେଥିରୁ କର ଦିଅନ୍ତୁ । ସେମାନେ ଅତ୍ୟଧିକ ନିଷ୍ଠା ଦେଖାଇ ଆମର ଲୁଣ ମରିଚ ପରି ଛୋଟ ଛୋଟ କଥାକୁ ମଧ୍ୟ ହିସାବକୁ ନେଉଥିଲେ । କିନ୍ତୁ ସେମାନେ ନୀତି-ନିୟମର ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଯଥା – ନ୍ୟାୟ, ଦୟା ଏବଂ ବିଶ୍ୱାସ ଇତ୍ୟାଦି ଭୁଲି ଯାଇଥିଲେ ।

ରବିବାରର ଧାରଣା କରାଗଲା ସେହି ଦିନ ଅବଶ୍ୟ କରଣୀୟ ସାଧାରଣ କାମର ପରିମାଣକୁ ସର୍ବନିମ୍ନ କରିବା ପାଇଁ ଏକ ଆଧ୍ୟାତ୍ମିକ କାର୍ଯ୍ୟରେ ଅତିବାହିତ ଏକ ଦିବସ ରୂପେ ବ୍ୟବହାର କରିବା ପାଇଁ । କିନ୍ତୁ ଈଶ୍ୱରଙ୍କ କାମ ଅଂଶଟି ବେଶି ପରିମାଣରେ ରଖି ଦିଆଗଲା ପୃଷ୍ଠଭୂମିରେ । ଅନ୍ୟଦିନ ତୁଳନାରେ ରବିବାରରେ

ହିଁ ଦେଖାଯାଏ ଅଧିକ ମଦ୍ୟପାନ ଏବଂ ଅନ୍ୟ ପ୍ରକାରେ ସାଧାରଣ ଶିଥିଳତା । ଏହା ନିଶ୍ଚିତ ରୂପେ ସାର ବୋଲି ଅସାର ଜିନିଷ ଗ୍ରହଣ କରିବାର ଏକ ଉଦାହରଣ ଯେହେତୁ ଅନ୍ତତଃ ଗୋଟିଏ ଦିନ ରଖାଯାଇଛି ଯେଉଁ ଦିନ ଲୋକେ ଧର୍ମକର୍ମ କରିବେ ବୋଲି ଧରି ନିଆଯାଏ, ଅନେକ ସମୟରେ ମନେ ହୁଏ ଯେ ଲୋକେ ଭାବନ୍ତି ଯେ ଅନ୍ୟ ଦିନମାନଙ୍କରେ ଯଦି ଜଣେ ଧର୍ମୀୟ ଉପଦେଶ ଏବଂ ଆଦର୍ଶ ପାଳନ କରି ନପାରେ, ତେବେ ସେଥିରେ ଗୁରୁତର ଭାବେ ସେମିତି କିଛି ଯାଏ ଆସେ ନାହିଁ । ମୁଁ ଦେଖିଛି ଯେ ଯେଉଁମାନେ ରବିବାରକୁ ସେପରି ରଖିନାହାନ୍ତି – ଯଥା ହିନ୍ଦୁ, ବୌଦ୍ଧ ଏବଂ ଅନ୍ୟମାନେ – ସେମାନଙ୍କ ଜୀବନରେ ଧର୍ମ ଯେପରି ପ୍ରବେଶ କରିଛି, ସେପରି ଖ୍ରୀଷ୍ଟିଆନ୍‌ଙ୍କ ମଧ୍ୟରେ ଦେଖାଯାଏ ନାହିଁ । ମୁଁ କହୁନାହିଁ ଯେ ସେମାନେ ସମସ୍ତେ ଭଲ ଲୋକ ବା ଖ୍ରୀଷ୍ଟିଆନ୍‌ଙ୍କଠାରୁ ଅଧିକ ଭଲ କିନ୍ତୁ ସାଧାରଣ ଖ୍ରୀଷ୍ଟିଆନ୍‌ଙ୍କ ସକାଶେ ଧର୍ମର ଯେଉଁ ଅର୍ଥ ରହିଛି, ସେମାନଙ୍କ ନିକଟରେ ତାହାର ଅର୍ଥ ଆହୁରି ଅଧିକ । ସାଧାରଣ ଖ୍ରୀଷ୍ଟିଆନ୍ ଅନେକ ସମୟରେ ଭାବନ୍ତି ଯେ ଯଦି ସେ ସପ୍ତାହରେ ଦିନେ ପ୍ରାର୍ଥନା ସଭାରେ ଯୋଗ ଦିଅନ୍ତି, ତେବେ ତାଙ୍କର ଧର୍ମ ସମ୍ପର୍କୀୟ ସମସ୍ତ କର୍ତ୍ତବ୍ୟ ସେ ସମ୍ପାଦନ କରିଛନ୍ତି ।

ଡଃ. ବେସାନ୍ତ ମଧ୍ୟ ଅନ୍ଧବିଶ୍ୱାସର ଏକ ସଂଜ୍ଞା ଦେଇଛନ୍ତି – ତାହା ହେଉଛି ଯୁକ୍ତିଯୁକ୍ତ ଆଧାର ନ ଥାଇ ଯାହା ବିଶ୍ୱାସ କରାଯାଏ । ପୃଥିବୀର ଘୂର୍ଣ୍ଣନ, ଆମେ ଦେଖି ନଥିବା ବିଦେଶଗୁଡ଼ିକର ଅସ୍ତିତ୍ୱ ଏବଂ ସ୍ଥୂଳ ଦୃଷ୍ଟିର ସମ୍ପୂର୍ଣ୍ଣ ଅତୀତ ଅଣୁ ଓ ତଡ଼ିତାଣୁର ଅସ୍ତିତ୍ୱ ସମ୍ପର୍କରେ ବିଶ୍ୱାସ କରିବା ବେଶ୍ ଯୁକ୍ତିସଙ୍ଗତ, କାରଣ ସେ ସମସ୍ତ ବିଶ୍ୱାସ କରିବା ପାଇଁ ଆମର ଉତ୍ତମ କାରଣ ରହିଛି । କିନ୍ତୁ ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ବହୁ ବିଶ୍ୱାସ ଏହି ଶ୍ରେଣୀର ନୁହେଁ । ଚିରନ୍ତନ ଦାବାନଳ ଏବଂ ଶାଶ୍ୱତ ଦଣ୍ଡବିଧାନ ସମ୍ପର୍କରେ କେତେକ ଖ୍ରୀଷ୍ଟିଆନ୍‌ମାନଙ୍କର ବିଶ୍ୱାସ ଅସାଧାରଣ ଭାବେ ଏକ ବିପଦଜନକ ଅନ୍ଧବିଶ୍ୱାସ ବ୍ୟତୀତ କିଛି ନୁହେଁ । ଏହାର କୌଣସି ପ୍ରକାର ଯୁକ୍ତି-ସମ୍ମତ ଆଧାର ନାହିଁ । ଯେଉଁ ପ୍ରଥମ ବ୍ୟକ୍ତି ଏହି ଶିକ୍ଷା ଦେଲେ, ସେ ତାହା ବିଶ୍ୱାସ କରିଥିବେ ବା ନ କରିଥିବେ, କିନ୍ତୁ ଲକ୍ଷ ଲକ୍ଷ ଲୋକ ସେହି ସମୟଠାରୁ ତାହା କରି ଆସିଛନ୍ତି, ତଦ୍ଦ୍ୱାରା ସର୍ବାଧିକ ନିଶ୍ଚିତ ଭାବେ ଅନ୍ଧବିଶ୍ୱାସର ବଶୀଭୂତ ହୋଇଛନ୍ତି ।

ଖ୍ରୀଷ୍ଟିଆନ୍ ଦୃଷ୍ଟିକୋଣରୁ ଯେଉଁ ଗୋଟିଏ ବିଷୟ ଏହି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ହେବା ଉଚିତ, ତାହା ହେଉଛି ଖ୍ରୀଷ୍ଟ ନିଜେ ଏ ବିଷୟରେ ଯାହା କହିଥିଲେ । ମୋର ମନେ ହୁଏ, ଆଠଟି ଅନୁଚ୍ଛେଦ ରହିଛି ଯେଉଁଥିରେ ସେ ଶାଶ୍ୱତ ଦଣ୍ଡବିଧାନ

ବିଷୟରେ କହିଥିବା ଅନୁମାନ କରାଯାଏ; ଏବଂ ସେଥିରୁ ପ୍ରତ୍ୟେକଟିକୁ ନେଇ ବେଶ୍ ସ୍ୱଷ୍ଟ ଭାବେ ଦେଖେଇ ଦିଆଯାଇ ପାରେ ଯେ ଯେଉଁ ଲୋକପ୍ରିୟ ଧାରଣାଗୁଡ଼ିକ ସେଥିରୁ ଆସିଛି ବୋଲି କୁହାଯାଏ, ସେଗୁଡ଼ିକ ସହିତ ଏହି ଅନୁଚ୍ଛେଦଗୁଡ଼ିକର କୌଣସି ସମ୍ପର୍କ ନାହିଁ । ଏହି ବିଷୟରେ ଏକ ମୂଲ୍ୟବାନ୍ ବହି ଅଛି – ତାର ନାମ ହେଉଛି 'ସାଲ୍‌ଭେଟର୍ ମୁଣ୍ଡି' । ତାହା ଲେଖିଛନ୍ତି ଜଣେ ଖ୍ରୀଷ୍ଟିଆନ୍ ଧର୍ମଯାଜକ, ରେଭରେଣ୍ଡ୍ ସାମୁଏଲ୍ କକ୍ସ । ଖ୍ରୀଷ୍ଟ ଯାହା କହିଥିଲେ ବୋଲି କୁହାଯାଏ, ସେ ସମ୍ପର୍କରେ ଗ୍ରୀକ୍ ଭାଷାଶର ମୂଳ ଲେଖାଟିକୁ ସେ ଖୁବ୍ ଯତ୍ନର ସହିତ ପଢ଼ିଛନ୍ତି ଏବଂ ସଙ୍ଗେ ସଙ୍ଗେ ସିଦ୍ଧାନ୍ତ କରି ଦେଖାଇଛନ୍ତି ଯେ ଶାଶ୍ୱତ ଦଣ୍ଡବିଧାନ ବିଶ୍ୱାସର ଧର୍ମଗ୍ରନ୍ଥଗତ କୌଣସି ଆଧାର ନାହିଁ । ନିଶ୍ଚିତ ଭାବେ ତାର କୌଣସି ଯୁକ୍ତିଯୁକ୍ତ ଆଧାର ନାହିଁ, କାରଣ ଯଦି ଈଶ୍ୱର ସ୍ନେହଶୀଳ ପିତା, ଏହା ସମ୍ପୂର୍ଣ୍ଣ ଅସମ୍ଭବ ।

ଜଣେ ହୁଏତ ଆଶା କରିବ ଯେ ଆଧୁନିକ ଖ୍ରୀଷ୍ଟିଆନ୍‌ଗଣ ସେହି ଭୟଙ୍କର ଅନ୍ଧବିଶ୍ୱାସର ଊର୍ଦ୍ଧ୍ୱକୁ ଉଠିଥିବେ, ଯାହା ଏହି ପୃଥିବୀରେ ବହୁ ପରିମାଣର ମନ୍ଦ ଉପୁଜାଇଥାଏ । କିନ୍ତୁ ସେମାନଙ୍କ ଭିତରୁ ଲକ୍ଷ ଲକ୍ଷ ବ୍ୟକ୍ତି ସେପରି କରି ନାହାନ୍ତି ଏବଂ ସେହି ପ୍ରକାର ଶିକ୍ଷା ତଥାପି ଦିଆଯାଉଛି । କିଛି କାଳ ପୂର୍ବେ ପିଲାଙ୍କ ସକାଶେ ଲିଖିତ ଏକ ରୋମାନ୍ କ୍ୟାଥଲିକ୍ ପ୍ରଶ୍ନୋତ୍ତରୀ ମୁଁ ଦେଖିଥିଲି ଏବଂ ସେଥିରେ ଶାଶ୍ୱତ ନିର୍ଯାତନାର ସ୍ଥାନ ରୂପେ ନର୍କ ସମ୍ପର୍କୀୟ ପୁରାତନ ଚିନ୍ତାଧାରା ରହିଥିଲା, ସେହି ପୁରାତ ମୂର୍ଖତାପୂର୍ଣ୍ଣ ରୀତିରେ । ଏହା ଅତି ଦୁଃଖର କଥା । ବହୁ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ଅଛନ୍ତି, ଯେଉଁମାନେ ତାହାର ଊର୍ଦ୍ଧ୍ୱକୁ ଉଠିଛନ୍ତି । କିନ୍ତୁ ସେମାନଙ୍କ ମଧ୍ୟରେ ପୁରାତନତମ ଏବଂ ବୃହତ୍ତମ ସମ୍ପ୍ରଦାୟ ତଥାପି ସେହି ମଧ୍ୟଯୁଗୀୟ ଶିକ୍ଷାକୁ ଜାବୋଡ଼ି ଧରିଛି । କେତେ ଜଣ ବିଶେଷ ଧର୍ମଯାଜକ ଅଛନ୍ତି, ଯେଉଁମାନେ ଆମେ ଯେପରି କରନ୍ତୁ, ବହୁ ପରିମାଣରେ ସେହି ପ୍ରକାର ବୁଝାଇ ଦେଇଥାନ୍ତି । କିନ୍ତୁ ଛୋଟ ପିଲାଙ୍କୁ ସେମାନେ ଯେଉଁ ବହି ଛପାଇ ଶିକ୍ଷା ଦିଅନ୍ତି, ସେଗୁଡ଼ିକ ସମ୍ପୂର୍ଣ୍ଣ ଭୟଙ୍କର ଏବଂ ମିଥ୍ୟା ରଚନା ପୂର୍ଣ୍ଣ, କାରଣ ତାହା ପିଲାମାନଙ୍କର ଜୀବନ ଯାତ୍ରା ଆରମ୍ଭ କରାଏ ଭଗବାନଙ୍କ ସମ୍ପର୍କରେ ଏକ ସମ୍ପୂର୍ଣ୍ଣ ମିଥ୍ୟା ଧାରଣା ଦେଇ ଏବଂ ସେମାନଙ୍କର ଜୀବନ ଓ ମନକୁ ଭୟ ଓ ନିଷ୍ଠୁରତାରେ ପରିପୂର୍ଣ୍ଣ କରେ ଯାହା ସେମାନଙ୍କର ଚରିତ୍ର ଏବଂ କ୍ରମବିକାଶ ପ୍ରତି ଗୁରୁତର ଭାବେ କ୍ଷତିକାରକ ହୁଏ ।

ବିଶ୍ୱାସ ଓ ବିଚାରବୁଦ୍ଧି ସମ୍ପର୍କରେ ଭଗବାନ ବୁଦ୍ଧଙ୍କ ଉପଦେଶ, ଯାହା ମୁଁ ଆଗରୁ ଉଦ୍ଧାର କରିଛି, ଖୁବ୍ ଉପାଦେୟ ଥିଲା । ତାଙ୍କର ମୃତ୍ୟୁ ପରେ ସେତେବେଳେ

ପ୍ରଚଳିତ ବହୁ ବିବରଣ ମଧ୍ୟରୁ କେଉଁଗୁଡ଼ିକ ତାଙ୍କର ବାଣୀ ରୂପେ ଗୃହୀତ ହେବ, ତାହା ସ୍ଥିର କରିବା ପାଇଁ ଏକ ପରିଷଦ ଆହୂତ ହୋଇଥିଲା । ସେଥିରେ ଯେଉଁ ପ୍ରଥମ ନିୟମ ପ୍ରଣୟନ କରାଯାଇଥିଲା, ସେଥିରେ କୁହାଯାଇଛି, "ଯାହା ବିଚାର, ବୁଦ୍ଧି ଓ ସାଧାରଣ ଜ୍ଞାନର ବିପରୀତ, ତାହା ବୁଦ୍ଧଙ୍କର ଉପଦେଶ ନୁହେଁ ।" ସେହି ଦୃଷ୍ଟିକୋଣରୁ ଯେ ସମସ୍ତ ସେମାନଙ୍କ ସକାଶେ ସନ୍ତୋଷଜନକ ନ ଥିଲା, ସେଗୁଡ଼ିକୁ ସେମାନେ ପ୍ରତ୍ୟାଖ୍ୟାନ କରିଥିଲେ, ଏଇଆ କହି "ଏହା ସ୍ପଷ୍ଟତଃ ସାଧାରଣ ଜ୍ଞାନ ଅନୁମୋଦିତ ନୁହେଁ । ସେ ଏହା କହି ନଥିବେ ।" ସେମାନେ ହୁଏତ ନିଜେ ବୁଝିପାରି ନଥିବା ଗୋଟିଏ ବା ଦୁଇଟି ଉତ୍ତମ ବିଷୟ ପ୍ରତ୍ୟାଖ୍ୟାନ କରି ଦେଇଥିବେ; କିନ୍ତୁ ସେମାନେ ବହୁ ପରିମାଣର ଅନ୍ଧବିଶ୍ୱାସରୁ ନିଜର ଧର୍ମକୁ ରକ୍ଷା କରିଥିଲେ । ମହମ୍ମଦଙ୍କ ବ୍ୟତୀତ, ମହାନ୍ ଧର୍ମଗୁଡ଼ିକର ପ୍ରତିଷ୍ଠାତାଗଣ ପୃଥିବୀକୁ ସେମାନଙ୍କର ଉପଦେଶଗୁଡ଼ିକ ଲିଖିତ ଆକାରରେ ଦେଇ ନଥିଲେ । ତେବେ କୁହାଯାଇଛି ଯେ ଭଗବାନ ବୁଦ୍ଧ ଗୋଟିଏ ବହି ଲେଖିଥିଲେ ଯାହା ସିଦ୍ଧପୁରୁଷଗଣ ରଖିଛନ୍ତି କିନ୍ତୁ ପୃଥିବୀ ପାଇଁ ତାହା ପ୍ରକାଶିତ ହୋଇନାହିଁ । ସାଧାରଣତଃ ତିନି ଚାରି ପୁରୁଷ ଅତୀତ ହେବା ପରେ ଉପଦେଶଗୁଡ଼ିକ ଲିଖିତ ଆକାର ଗ୍ରହଣ କରିଥିଲା ଏବଂ ଏହିସବୁ ଲେଖା ବିଭିନ୍ନ ସୂତ୍ରରୁ ଏକତ୍ରିତ ହୋଇଥିଲା । ଉଦାହରଣ ସ୍ୱରୂପ ବିଦ୍ୱାନଗଣ *'ବୁକ୍ ଅଫ୍ ଅଭଜଇଏ'*ରେ ପରମ୍ପରାର ଆଠଟି ବିଭିନ୍ନ ସ୍ତର ଲକ୍ଷ୍ୟ କରିଛନ୍ତି – ଗୋଟିଏ ପରେ ଗୋଟିଏ ତିନିଟି *'ଅଇଜଇଏ'*, ପରେ ଏକ କମିଟି ଏବଂ ସେହିପରି ଚାଲିଛି । ଧର୍ମରେ ଅବନତି ଘଟେ ଯେତେବେଳେ ଲୋକେ ଯାହା ସେମାନେ ଜାଣିଛନ୍ତି ତାହା ନଲେଖି ବରଂ ଯାହା ସେମାନଙ୍କୁ କୁହାଯାଇଛି ତାହା ଲେଖନ୍ତି ଏବଂ ପରେ ଛୋଟ ଛୋଟ କଥା ନେ କଳିକରନ୍ତି ।

ବିଭ୍ରାନ୍ତିର ଆହୁରି ମଧ୍ୟ ଏକ ଉତ୍ସ ରହିଛି ଏହି ଘଟଣାରେ ଯେ ଯେତେବେଳେ ଏକ ନୂତନ ଧର୍ମ ଆରମ୍ଭ ହୁଏ ପ୍ରଚଳିତ ଧର୍ମ ଉପରେ ତାହା ଏକ ବିଜୟର ଢେଉ ଭଳି ଖେଳିଯାଏ, କିନ୍ତୁ ସେହି ପୁରୁଣା ଧର୍ମଗୁଡ଼ିକୁ ଲୋପ କରେ ନାହିଁ । ଜଣେ ବିଜ୍ଞ ସେନାପତି ଏକ ନୂତନ ଦେଶ ଜୟ କରିବା ପରେ, ଲୋକଙ୍କୁ ଚାହିଁ ଦେଶର ନିୟମଗୁଡ଼ିକରେ ପରିବର୍ତ୍ତନ ଆଣନ୍ତି ଗଣ୍ଡଗୋଳକୁ କମ୍ କରିବାକୁ; ସେହିପରି ଧର୍ମଗୁଡ଼ିକୁ ମଧ୍ୟ ବଦଳାଇ ଦିଆଯାଏ ସେଗୁଡ଼ିକୁ ନୂତନ ଭାବେ ଗ୍ରହଣ କରିଥିବା ସମ୍ପ୍ରଦାୟକୁ ସୁହାଇବା ଭଳି । ଏହି ପ୍ରକାରେ ଚୀନା ଓ ଜାପାନୀଗଣ ତଥାପି ସେମାନଙ୍କର ପୂର୍ବପୁରୁଷମାନଙ୍କୁ ସମ୍ମାନ ଦିଅନ୍ତି ଏବଂ ପ୍ରାଚୀନ ପନ୍ଥା ଶିଣ୍ଟୋକୁ ଅନୁସରଣ କରନ୍ତି, କିନ୍ତୁ ସେମାନେ ତାହା ସହିତ ଯୋଚି ଦେଇଛନ୍ତି ବୌଦ୍ଧ

ଆଚରଣ ପଦ୍ଧତି । ଶ୍ରୀଲଙ୍କାରେ ସେମାନେ ଧର୍ମର ଏକ ଭୌତିକବାଦୀ ରୂପକୁ ଧରି ରଖିଛନ୍ତି ଏବଂ ଆପଣଙ୍କୁ କହିବେ ଯେ କର୍ମ ବ୍ୟତୀତ ମନୁଷ୍ୟର କୌଣସି ଜିନିଷ ଗୋଟିଏ ଜନ୍ମରୁ ଅନ୍ୟ ଜନ୍ମକୁ ଯାଏ ନାହିଁ । ତଥାପି ସେମାନେ ନିଜର ପୂର୍ବ ଜନ୍ମଗୁଡ଼ିକ ସମ୍ପର୍କରେ କହନ୍ତି ଏବଂ ଏକ ଭବିଷ୍ୟତ ଜୀବନରେ ନିର୍ବାଣ ଲାଭର ଆଶା କରନ୍ତି । ଖ୍ରୀଷ୍ଟିଆନ୍‌ମାନେ ମଧ୍ୟ ଯେଉଁ ଜାତିଗୁଡ଼ିକରେ ଧର୍ମ ପ୍ରଚାର କରିଛନ୍ତି, ସେହି ଜାତିର ପର୍ବପର୍ବାଣିକୁ ଗ୍ରହଣ କରି ନେଇଛନ୍ତି, କିନ୍ତୁ ସୁବିଧାଜନକ ଭାବେ ସେହି ଦିନଗୁଡ଼ିକୁ ନାମିତ କରିବା ପାଇଁ ଖ୍ରୀଷ୍ଟିଆନ୍ ସାଧୁମାନଙ୍କର ନାମ ବ୍ୟବହାର କରିଛନ୍ତି ।

ଏହି ପ୍ରକାରେ ପୁରାତନ ପରମ୍ପରାର ଚିହ୍ନ ସର୍ବତ୍ର ଦେଖିବାକୁ ମିଳେ – ଶ୍ରୀଲଙ୍କାରେ ସୟତାନ୍ ନାଚ, ଭାରତରେ କାଳୀ ଉପାସନା ଇତ୍ୟାଦି ଏବଂ ଏଗୁଡ଼ିକ ସମୟେ ସମୟେ ବାସ୍ତବ ଜିନିଷ ବୋଲି ଗ୍ରହଣ କରାଯାଏ ଏବଂ ଏହି ପ୍ରକାରେ ଅନ୍ଧବିଶ୍ୱାସର ଏକ ଫଳପ୍ରଦ ଭିତ୍ତି ହୋଇଥାଏ ।

ସମୟେ ସମୟେ ଜଣେ ଏକ ବିଷୟକୁ ସତ ବୋଲି ଜାଣିପାରେ, ଯଦିଓ ଯୁକ୍ତିଦ୍ୱାରା ପ୍ରତିପାଦିତ କିରବାକୁ ସକ୍ଷମ ହୋଇ ନ ପାରେ – ତାହା ହେଉଛି ପ୍ରଶ୍ନଟିର ଅନ୍ୟ ପାକ । ଜୀବାତ୍ମା ଜାଣେ, ଏବଂ ତାହାର ଜ୍ଞାନ ସକାଶେ ଉତ୍ତମ ଯୁକ୍ତି ତା ପାଖରେ ଅଛି । କିନ୍ତୁ କେତେକ ସମୟରେ ସେ ତାର ଯୁକ୍ତିଗୁଡ଼ିକ ସ୍ଥୂଳ ମସ୍ତିଷ୍କରେ ଅଙ୍କିତ କରିପାରେ ନାହିଁ, ଯଦିଓ କଥାଟା ସ୍ୱଷ୍ଟ ହୋଇଯାଏ ଯେ ସେ ଜାଣେ । ସୁତରାଂ ଯେତେବେଳେ ଏ ନୂତନ ସତ୍ୟ ଆମ ଆଗରେ ରଖାଯାଏ, ଆମେ ସାଙ୍ଗେ ସାଙ୍ଗେ ଜାଣୁ ଆମେ ତାହାକୁ ଗ୍ରହଣ କରି ପାରିବା କି ନାହିଁ । ତାହା ଅନ୍ଧବିଶ୍ୱାସ ନୁହେଁ, ବରଂ ଏକ ଦୃଢ଼ ଆନ୍ତରିକ ପ୍ରତ୍ୟୟ । ମୁଁ ଭାବୁନାହିଁ ଯ କେହି କେବେ ନର୍କ ବିଷୟରେ ସେହିପରି ଦୃଢ଼ ଆନ୍ତରିକ ପ୍ରତ୍ୟୟ ନେଇ ରହିଥିବା ଦେଖାଯିବ । ସେମାନେ ବିଶ୍ୱାସ କରନ୍ତି ସେମାନେ ଚିରଦିନ ପାଇଁ ଅଗ୍ନିଦଗ୍ଧ ହେଉଥିବେ, କାରଣ ସେପରି ସେମାନଙ୍କୁ ଶିକ୍ଷା ଦିଆଯାଇଛି । ହୁଏତ ଏହା ପ୍ରଜ୍ଞା ସକାଶେ ବିଚାରବୁଦ୍ଧିକୁ ପରିତ୍ୟାଗ କରିବା ଭଳି ଶୁଣାଯାଉଛି । କିନ୍ତୁ ମନେ ରଖିବାକୁ ହେବ ଯେ ସେହି ବୁଦ୍ଧି ଯାହାକୁ ଆମେ ପ୍ରଜ୍ଞା ବୋଲି କହୁଛୁ, ତାହା ଭାରତରେ 'ଶୁଦ୍ଧ ବିଚାରବୁଦ୍ଧି' ରୂପେ ପରିଚିତ । ଏହା ହେଉଛି ଜୀବାତ୍ମାର ବିଚାର ବୁଦ୍ଧି ଯାହା ନିମ୍ନସ୍ତରରେ ଆମର ଯେଉଁ ବିଚାରବୁଦ୍ଧି ରହିଛି, ତାହାଠାରୁ ଉଚ୍ଚତର ଧରଣର ।

ଗୁରୁଦେବ ଏହି ଅନ୍ଧବିଶ୍ୱାସ ସମ୍ପର୍କରେ କେତେକ ଉଦାହରଣ ଦେଉଛନ୍ତି :

**ତୁମକୁ ଶିଖିବାକୁ ହେବ ଯେ କୌଣସି ବିଧିବିଧାନ ଆବଶ୍ୟକ ନୁହେଁ । ତାହା ନହେଲେ ଯେଉଁମାନେ ତାହା କରନ୍ତି ନାହିଁ, ସେମାନଙ୍କଠାରୁ ତୁମେ ନିଜକୁ କୌଣସି ପ୍ରକାରେ ଉନ୍ନତତର ବୋଲି ଭାବିବ । ତଥାପି ଯେଉଁମାନେ ବିଧିବିଧାନକୁ ଜାବୁଡ଼ି ଧରିଛନ୍ତି, ସେମନାଙ୍କୁ ତୁମେ ନିନ୍ଦା କରିବ ନାହିଁ । ସେମାନେ ଯେପରି କରିବାକୁ ଚାହାନ୍ତି, କରନ୍ତୁ; କେବଳ ଏତିକି ଯେ ସେମାନେ ତୁମ କାମରେ ହସ୍ତକ୍ଷେପ ନକରନ୍ତୁ । ତୁମେ ଜାଣ ଯାହା ସତ୍ୟ, ତୁମେ ଯାହାର ଉର୍ଦ୍ଧ୍ୱକୁ ଉଠି ଆସିଛ, ତାହା ତୁମ ଉପରେ ସେମାନେ ଲଦି ଦେବାକୁ ଚେଷ୍ଟା ନ କରିବା ଉଚିତ । ପ୍ରତ୍ୟେକ ବିଷୟରେ ଉଦାର ହୁଅ । ପ୍ରତ୍ୟେକ ବିଷୟରେ ସଦୟ ହୁଅ ।**

**ଲେଡ୍‌ବିଟର** – ବିଧିବିଧାନ ବିଷୟର ଗୁରୁ ଏପରି କଡ଼ା ଭାବରେ କହିଛନ୍ତି ହୁଏତ ଏହି କାରଣରୁ ଯେ ଆଲସିଓନ ଯେଉଁ ଉଚ୍ଚ ବ୍ରାହ୍ମଣ ଜାତିର ଥିଲେ, ସେତେବେଳେ ସେ ଯେଉଁ ବୟସରେ ପହଞ୍ଚିଥିଲେ, ପ୍ରାୟ ସେହି ବୟସର ଏକ କିଶୋରର ଜୀବନ ସେଥିରେ ବହୁ ବିଧିବିଧାନରେ ପୂର୍ଣ୍ଣ ହେବାକୁ ଆରମ୍ଭ କରେ । ସେହି ବିଧିବିଧାନ କାରଣରୁ ସେତିକିବେଳେ ଜଣେ ବାଳକର ଏକ ପ୍ରବଣତା ହୁଏ ନିଜକୁ ଅତି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବୋଲି ଭାବିବା ପାଇଁ । କାରଣ ସେ ବହୁ ପରିମାଣରେ ସମସ୍ତଙ୍କ ଦୃଷ୍ଟିର ଏକ କେନ୍ଦ୍ର ହୋଇପଡ଼େ, ତାର ଉପନୟନ ବା ଦୀକ୍ଷାଲାଭ ହେତୁ ଯାହା ତାକୁ ସମ୍ପୂର୍ଣ୍ଣ ଜାତିଗତ ବିଶେଷ ସୁବିଧା ଦେଇଥାଏ । ଜଣେ ରକ୍ଷଣଶୀଳ ବ୍ରାହ୍ମଣର ଜୀବନ ବିଧିବିଧାନରେ ପରିପୂର୍ଣ୍ଣ । ମୁଦ୍ରା ପ୍ରଦର୍ଶନ ଏବଂ ମନ୍ତ୍ର ଉଚ୍ଚାରଣ କରିବାକୁ ହୁଏ ଉଠିବାବେଳେ, ଗାଧୋଇବାବେଳେ, ଖାଇବାବେଳେ ଏବଂ ପ୍ରାୟ ପ୍ରତ୍ୟେକ ଅନ୍ୟ କାର୍ଯ୍ୟରେ ।

ଆଲ୍‌ସିଓନ୍ ଚାରି ପାଖରେ ଥିବା କେତେକ ଲୋକ ହୁଏତ ଚେଷ୍ଟା କରୁଥିଲେ, ସେ ଯେପରି ଏଗୁଡ଼ିକ ସଂପୂର୍ଣ୍ଣ ଭାବେ ପାଳନ କରନ୍ତୁ । କାରଣ ସେମାନେ ଭୟ କରୁଥିଲେ ଯେ ଆଧୁନିକ ଶିକ୍ଷା ଏବଂ ଆଲ୍‌ସିଓନଙ୍କ ୟୁରୋପୀୟ ବନ୍ଧୁମାନଙ୍କର ପ୍ରଭାବ ହୁଏତ ନିଜ ଲୋକଙ୍କର ପୁରାତନ ଧର୍ମମତରୁ ଆଲସିଓନ୍‌ଙ୍କୁ ଅନ୍ୟ ଆଡ଼କୁ ନେଇଯିବ । ସୁତରାଂ ଗୁରୁଦେବ ନିଜର ଚେଲାଙ୍କୁ ଜଗି ଦେବା

ପାଇଁ କହିଥିଲେ ଯେ ସେଗୁଡ଼ିକ ସମ୍ପୂର୍ଣ୍ଣ ଦରକାରୀ ନୁହେଁ । ସେଗୁଡ଼ିକୁ ମାନି ଚଳିବା ବା ପରିତ୍ୟାଗ କରିବାବେଳେ କେବଳ ସେଇଥିପାଇଁ ସେ ନିଜକୁ ବଡ଼ ବୋଲି ଭାବିବାର ଭୁଲ୍ ବା ମୂର୍ଖତା କରିବା ଅନୁଚିତ ।

ଖ୍ରୀଷ୍ଟିଆନ୍ ଉପାସନା ବିଧିଗୁଡ଼ିକ ହିନ୍ଦୁ ଏବଂ ବୌଦ୍ଧ ଉପାସନା ବିଧିଠାରୁ ଅଲଗା କାରଣ ସାଧାରଣତଃ ବହୁଲୋକେ ଏକାଠି ମିଶି ସେଗୁଡ଼ିକ ପାଳନ କରିଥାନ୍ତି । ହିନ୍ଦୁ ଏବଂ ବୌଦ୍ଧଧର୍ମର ଉପାସନା ପ୍ରାୟ ସର୍ବଦା ବ୍ୟକ୍ତିବିଶେଷ ଦ୍ୱାରା ହୋଇଥାଏ । ତେବେ ଖ୍ରୀଷ୍ଟଧର୍ମରେ ତାହା ପ୍ରାୟ ସର୍ବଦା ମିଳିତ ଭାବେ ଅନୁଷ୍ଠିତ ହୁଏ । ଯଦିଓ ଏହିସବୁ ବିଧ ଅନାବଶ୍ୟକ, ଯେଉଁମାନଙ୍କ ସ୍ୱଭାବ ଏହିସବୁ ବିଧିବିଧାନ ପାଇଁ ଏତେ ଦୃଢ଼ଭାବେ ଅନୁକୂଳ ଯେ ସେମାନେ ତାହା ବ୍ୟତିରେକେ ପ୍ରକୃତରେ ସୁଖୀ ହୋଇପାରିବେ ନାହିଁ, ସେମାନଙ୍କ କଥା ଏହି ଉକ୍ତିରୁ ବାଦ୍ ଦେବାକୁ ହେବ । ତଥାପି ଏଗୁଡ଼ିକ ଏକ ପ୍ରକାର ବିଜ୍ଞାନ, ଯାହା ସୂକ୍ଷ୍ମସ୍ତରର ପ୍ରାକୃତିକ ଶକ୍ତିଗୁଡ଼ିକୁ ନିଖୁଣଭାବେ ନିର୍ଦ୍ଦିଷ୍ଟ ରୀତିରେ ବ୍ୟବହାର କରିଥାଏ ।

ବହୁବିଧ ଉପାୟରେ ଆଧ୍ୟାତ୍ମିକ ଶକ୍ତିଗୁଡ଼ିକୁ ପୃଥିବୀ ଉପରେ ଢାଳି ଦିଆଯାଇପାରେ । ଖ୍ରୀଷ୍ଟିଆନ୍ ଧର୍ମରେ *'ମାସ୍' 'ହୋଲି କମ୍ୟୁନିଅନ୍'* କିମ୍ବା *'ହୋଲି ୟୁକାରିଷ୍ଟ'*ରେ ଆମେ ଯାହା ଦେଖୁ, ତାହା ଆରମ୍ଭ କରିଥିଲେ ଖ୍ରୀଷ୍ଟଧର୍ମର ପ୍ରତିଷ୍ଠାତା ନିଜେ, ତାଙ୍କର ଚର୍ଚ୍ଚ ମଧ୍ୟ ଦେଇ ଯାହାକୁ କୁହାଯାଇ ଦିବ୍ୟ କରୁଣାର ବିତରଣ ପାଇଁ । ଏହି କରୁଣା ହେଉଛି ଉଚ୍ଚତର ସ୍ତରଗୁଡ଼ିକର ଆଧ୍ୟାତ୍ମିକ ଶକ୍ତି ସମୂହ ଯାହା ଅବଶ୍ୟ ଅତିପ୍ରାକୃତିକ ନୁହେଁ, କିମ୍ବା ସ୍ଥୂଳାତୀତ । ସେ ଏପରି ବ୍ୟବସ୍ଥା କରିଛନ୍ତି ଯେ ଧର୍ମଯାଜକ ଯେଉଁ ପ୍ରକୃତିର ହୁଅନ୍ତୁ ନା କାହିଁକି, ଉତ୍ସବରେ ଭାଗ ନେଉଥିବାବେଳେ ସେହି ଶକ୍ତିର ବିତରଣ ପାଇଁ ଏକ ମାଧ୍ୟମ ହେବେ । ଅଧିକ ଭଲ ହେବ, ଯଦି ସେହି ଧର୍ମଯାଜକ ପ୍ରକୃତରେ ଭଲ ଲୋକ ହୋଇଥିବେ, ଭକ୍ତି ଏବଂ ସେବା ଭାବରେ ପରିପୂର୍ଣ୍ଣ ହୋଇଥିବେ । କିନ୍ତୁ ଏଭଳି ବ୍ୟବସ୍ଥା ହୋଇଛି ଯେ କୌଣସିମତେ ଲୋକକଲ୍ୟାଣ ସକାଶେ ସେହି ବିଧି ଫଳପ୍ରଦ ହେବ । ସାଧାରଣ ଖ୍ରୀଷ୍ଟିଆନ୍ ଯୋଜନା ହେଉଛି ଯେ ସର୍ବତ୍ର ବିଭିନ୍ନ ସ୍ଥାନରେ ରହିଥିବ ଚର୍ଚ୍ଚଗୁଡ଼ିକ, ଯାହା ଫଳରେ ଢାଳି ଦିଆଯାଉଥିବା ଶକ୍ତିର ବିକୀରଣ ଘଟି ତାହା ସମସ୍ତଙ୍କ ନିକଟରେ ପହଞ୍ଚି ପାରିବ । ଏହି ବିଧାନ ଲକ୍ଷ ଲକ୍ଷ ଲୋକଙ୍କର ବିଶେଷ କଲ୍ୟାଣ କରିଥାଏ; କିନ୍ତୁ ଏହା ମୁକ୍ତି ପାଇଁ ଆବଶ୍ୟକ ବୋଲି କହିବା ଏକ ଅନ୍ଧବିଶ୍ୱାସ ।

ବିଭିନ୍ନ ବିଧିବିଧାନ ଦ୍ୱାରା ବିଭିନ୍ନ ଶକ୍ତି ସଂଗୃହୀତ ହୋଇଥାଏ । ଯେତେ ଆଧ୍ୟାତ୍ମିକ ହେଲେ ମଧ୍ୟ ସେଗୁଡ଼ିକ ପ୍ରାକୃତିକ ନିୟମ ଅନୁଯାୟୀ କାର୍ଯ୍ୟ କରେ । ସୁତରାଂ ଯଦି ସେଗୁଡ଼ିକର ଉପକାର ସ୍ଥୂଳ ପୃଥିବୀରେ ଅନୁଭୂତ ହେବ, ତେବେ ଏକ ସ୍ଥୂଳ ଯନ୍ତ୍ର ଦରକାର ଯାହା ମଧ୍ୟ ଦେଇ ସେଗୁଡ଼ିକ କାମ କରିବେ । ବୈଦ୍ୟୁତିକ ଶକ୍ତି କ୍ଷେତ୍ରରେ ସେହି କଥା; ସେହି ଶକ୍ତି ରହିଛି ଆମ ଚାରିପାଖରେ ସବୁ ସମୟରେ ଏବଂ ସର୍ବଦା ତାହା ସକ୍ରିୟ । କିନ୍ତୁ ଆପଣ ଯଦି ଚାହିଁବେ ତାହା ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସଂପାଦନ କରିବ, ନିର୍ଦ୍ଦିଷ୍ଟ ପ୍ରକାରେ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ, ତେବେ ଆପଣଙ୍କୁ ଯୋଗାଇ ଦେବାକୁ ହେବ ନିର୍ଦ୍ଦିଷ୍ଟ ସ୍ଥୂଳ ଯନ୍ତ୍ର ଯାହା ମଧ୍ୟ ଦେଇ ତାହା କାର୍ଯ୍ୟ କରିପାରିବ ।

**ଆନି ବେସାନ୍ତ୍ –** ଗୁରୁ କହିଛନ୍ତି ଯେ କୌଣସି ଔପଚାରିକତାର ଆବଶ୍ୟକତା ନାହିଁ ଏବଂ ସବୁଧର୍ମ ଏହି ସତ୍ୟ ସ୍ୱୀକାର କରନ୍ତି । ଭାରତରେ ଯେଉଁ ମହତ୍ତମ ଏବଂ ସର୍ବାଧିକ ସମ୍ମାନିତ, ସେ ହେଉଛନ୍ତି ସନ୍ନ୍ୟାସୀ ଏବଂ ସେ କୌଣସି ଔପଚାରିକତା ମାନନ୍ତି ନାହିଁ । ସେ ଛିଣ୍ଡାଇ ଦେଇ ଫୋପାଡ଼ି ଦିଅନ୍ତି ତାଙ୍କର ପବିତ୍ର ଯଜ୍ଞୋପବୀତ ଯାହା ଥିଲା ତାଙ୍କର ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ସମ୍ପତ୍ତି । ପିଲାବେଳେ ଯେତେବେଳେ ସେ ଜାତିର ଦୀକ୍ଷା ନେଇଥିଲେ, ସେତେବେଳେ ତାଙ୍କୁ ତାହା ଦିଆଯାଇଥିଲା ଏବଂ ତାକୁ ସେ ପିନ୍ଧିଥିଲେ ତାଙ୍କର ସାରା ଜୀବନ ଧରି ତାଙ୍କର ସର୍ବାଧିକ ପବିତ୍ର ସନ୍ତକ ରୂପେ, ସନ୍ନ୍ୟାସୀ ନହେବା ପର୍ଯ୍ୟନ୍ତ ।

ଔପଚାରିକତାଗୁଡ଼ଇକ ଦରକାର କେବେ ଯେ ପର୍ଯ୍ୟନ୍ତ ମନୁଷ୍ୟର ଆତ୍ମଉପଲବ୍ଧି ଏବଂ ପ୍ରକୃତ ଜ୍ଞାନଲାଭ ହୋଇନାହିଁ । ଯେପର୍ଯ୍ୟନ୍ତ ସେଗୁଡ଼ିକ ଦେଇଥାଏ ଯଥାର୍ଥ ଆବେଗ, ସ୍ଥିର ଭାବନା ଏବଂ ମହତ୍ ଅଭୀପ୍ସା । ଅଧିକାଂଶ ଲୋକ ତଥାପି ଅବିକଶିତ ରହିଛନ୍ତି ଏବଂ ସବୁପ୍ରକାର ସାହାଯ୍ୟ ଦରକାର କରନ୍ତି, ଯାହା ସେମାନଙ୍କୁ ଯେକୌଣସି ମତେ ଦିଆଯାଇ ପାରେ । ସୁତରାଂ କୌଣସି ବିଜ୍ଞ ବ୍ୟକ୍ତି ଔପଚାରିକତାକୁ ନିନ୍ଦା କରିବେ ନାହିଁଏ ଯଦିଓ ତାହା ତାଙ୍କ ପାଇଁ ଆବଶ୍ୟକ ନୁହେଁ । ଭଗବଦ୍ ଗୀତା ହେଉଛି ସନ୍ନ୍ୟାସୀମନାଙ୍କର ଧର୍ମଗ୍ରନ୍ଥ, ତଥାପି ସେଥିରେ ଲେଖାଅଛି –

କୌଣସି ବିଜ୍ଞ ବ୍ୟକ୍ତି କର୍ମାବିଷ୍ଟ ଅଜ୍ଞ ଲୋକଙ୍କର ମନକୁ ଅସ୍ଥିର କରିବା ଅନୁଚିତ । ବରଂ ମୋ ସହିତ ଯୁକ୍ତ ହୋଇ ବିଦ୍ୱାନ୍ ବ୍ୟକ୍ତି ସମସ୍ତ କାର୍ଯ୍ୟକୁ ଆକର୍ଷଣୀୟ କରୁ ।

ଯେଉଁ ପିଲାଟି ଚାଲିବାକୁ ଶିଖୁଛି, ସେ ନିଜ ଗୋଡ଼ରେ ନିଜକୁ ସମ୍ଭାଳିବା ପାଇଁ ତାକୁ ସାହାଯ୍ୟ କରିବା ଭଳି ଯେକୌଣସି ଟାଣ ଜିନିଷକୁ ଧରିପକାଏ –

ତାହା ଚୌକି ହେଉ, ଟେବୁଲର ଗୋଡ଼ ହେଉ ବା କାନ୍ଥ ହେଉ । ସେହିପରି ଔପଚାରିକତା ହେଉଛି ସେହି ଲୋକ ପାଇଁ ଏକ ଅବଲମ୍ବନ ଯେ ନିଜକୁ ସମ୍ଭାଳି ପାରନ୍ତି ନାହିଁ । ମଣିଷ ଯେତେବେଳେ ବିକଶିତ ହୁଏ, ତାହାର ଔପଚାରିକତା ହୁଏତ ଅଧିକ ମାର୍ଜିତ, ଅଧିକ ସୁନ୍ଦର ଏବଂ ପ୍ରତୀକାତ୍ମକ । ଅବଶେଷରେ ସେ ଆସି ପହଞ୍ଚେ ଏପରି ଏକ ପର୍ଯ୍ୟାୟରେ ଯେତେବେଳେ ତାହା ଆଉ ତା ସକାଶେ ଆବଶ୍ୟକ ହୁଏ ନାହିଁ ଏବଂ ସେ ସେଗୁଡ଼ିକୁ ତ୍ୟାଗ କରେ । ଦୁଇ ପ୍ରକାର ଲୋକେ ଅଛନ୍ତି ଯେଉଁମାନେ କୌଣସି ଔପଚାରିକତା ମାନନ୍ତି ନାହିଁ – ଯେଉଁମାନେ ସେଗୁଡ଼ିକର ଊର୍ଦ୍ଧ୍ୱରେ ଏବଂ ଯେଉଁମାନେ ଅଛନ୍ତି ସେଗୁଡ଼ିକର ନିମ୍ନରେ ।

କେଉଁ ଅବସ୍ଥାରେ ଔପଚାରିକତା ତ୍ୟାଗ କରାଯିବ, ତାହା ଠିକ୍ କରିବାର ଦାୟିତ୍ୱ ପୂର୍ଣ୍ଣଭାବେ ନିର୍ଭର କରେ ସଂପୃକ୍ତ ବ୍ୟକ୍ତି ଉପରେ । ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ନିଜେ ନିଷ୍ପତ୍ତି ନେବା ଉଚିତ । ମନୁଷ୍ୟ କେତେବେଳେ ଯୋଗୀହେବା ଉଚିତ, ସେ କଥା କହିବାର ଦାୟିତ୍ୱ କେହି ନେଇପାରିବେ ନାହିଁ । ଔପଚାରିକତା ବିଷୟରେ ମଧ୍ୟ ସେହି କଥା । ମଣିଷ ଯେତେବେଳେ ସେଗୁଡ଼ିକୁ ତ୍ୟାଗ କରିବାକୁ ନିଷ୍ପତ୍ତି ନିଏ ବା ରଖିବାକୁ ପସନ୍ଦ କରେ, ସେତେବେଳେ ତାକୁ ସମାଲୋଚନା କରିବା ଅନୁଚିତ । କେତେକ ସମୟରେ ମଣିଷ ସେଗୁଡ଼ିକ ନିଜେ ଆବଶ୍ୟକ କରେ ନାହିଁ ବୋଲି ଅନୁଭବ କଲେ ମଧ୍ୟ ସେଗୁଡ଼ିକର ଅନୁଷ୍ଠାନ ବେଳେ ଉପସ୍ଥିତ ହେବାକୁ ବାଧ୍ୟ ବୋଲି ଅନୁଭବ କରେ – ସମାଜରେ ତାର ସ୍ଥିତି ଦୃଷ୍ଟିରୁ । ସେ ହିଁ ତାର ନିଷ୍ପତ୍ତି ପାଇଁ ଦାୟୀ । ସୁତରାଂ ଯେଉଁମାନେ ଔପଚାରିକତା ମାନନ୍ତି, ସେମାନଙ୍କୁ ଏବଂ ଯେଉଁମାନେ ମାନନ୍ତି ନାହିଁ, ସେମାନଙ୍କୁ ଆମେ ନିନ୍ଦା କରିବା ଅନୁଚିତ ।

ପୂଜାବିଧିଗୁଡ଼ିକ ବିପଦ୍‌ଜନକ ଏବଂ ସହାୟକ ମଧ୍ୟ । ପ୍ରାଚୀନ ହିନ୍ଦୁ ଧର୍ମରେ ଲୋକ ଗହଳିରେ କେତେକ ମନ୍ତ୍ର ଉଚ୍ଚାରଣ ନ କରିବା ପାଇଁ କଠୋର ନିୟମ ଥିଲା । ବର୍ତ୍ତମାନ ଯେପରି କେତେକ ସମୟରେ ଅଜ୍ଞ ଭାବେ ଅନୁମାନ କରାଯାଉଛି, ତାର ଉଦ୍ଦେଶ୍ୟ ଲୋକଙ୍କ ଉପକାରକୁ ଅଟକାଇ ରଖିବା ନ ଥିଲା । ବରଂ ଥିଲା କେତେକ ଶବ୍ଦତରଙ୍ଗ ଲୋକଙ୍କର ଯେଉଁ କ୍ଷତି ସାଧନ କରନ୍ତା ତାକୁ ଏଡ଼ାଇବା । ଏହି କାରଣରୁ ହିଁ ମନୁ ନିୟମ କରି ଦେଇଥିଲେ ଯେ କେବଳ ବ୍ରାହ୍ମଣମାନେ, ଯେଉଁମାନେ ଶିକ୍ଷିତ ଏବଂ ଉତ୍ତମ ଜୀବନ ଯାପନ କରନ୍ତି, ଶ୍ରାଦ୍ଧ କର୍ମକୁ ନିୟନ୍ତ୍ରିତ ହେବେ । ଯଦି ଜଣେ ବ୍ୟକ୍ତିର କିଛି କ୍ଷମତା ଥାଏ, କିନ୍ତୁ ସେ ଜାଣେ ନାହିଁ କେତେବେଳେ ତାହା ବ୍ୟବହାର କରାଯିବା ଉଚିତ ଏବଂ

କେତେବେଳେ ତାହା ବ୍ୟବହାର ନ କରିବା ଉଚିତ, ସେ ଯଦି କୌଣସି ଧର୍ମ କ୍ରିୟାନୁଷ୍ଠାନରେ ସାହଯ୍ୟ କରେ, ସେତେବେଳେ ସେ ହୁଏତ ତାର ମନ୍ତ୍ରଗୁଡ଼ିକୁ ଶକ୍ତିବନ୍ତ କରି ଦେବ, ଯାହା ଉପସ୍ଥିତ ଲୋକମାନଙ୍କୁ ଆଘାତ କରିପାରେ । ସେହି କାରଣରୁ ଯେ ସେପରି ଶକ୍ତି ଲାଭ କରିବାକୁ ଆରମ୍ଭ କରିଛନ୍ତି, ସେ ଅଲଗା ହୋଇ ରହିବାଦ୍ୱାରା ଭଲ ହେବାର ସମ୍ଭାବନା । ଉଦାହରଣ ସ୍ୱରୂପ, ଯେତେବେଳେ ଗୟାରେ କେତେକ ଶ୍ରଦ୍ଧା କର୍ମରେ ମୁଁ ଯୋଗ ଦେଲି, ମୁଁ ଦେଖିଲି ଯେ ସେତେବେଳେ ଯଦି ମୁଁ ପୁରୋହିତମାନଙ୍କ ସହିତ ମୋର ଶକ୍ତି ମିଶାଇ ଦେଇଥାନ୍ତି, ତେବେ ସେମାନଙ୍କୁ ମୁଁ ଆହତ କରିଥାନ୍ତି, କାରଣ ସେମାନେ ଯେଉଁ ସବୁ ମନ୍ତ୍ର ଉଚ୍ଚାରଣ କରୁଥିଲେ, ସେଗୁଡ଼ିକ ଥିଲା ଅଧିକ ଶକ୍ତିଶାଳୀ । ତେବେ ସେମାନେ ସେହି ଶକ୍ତିକୁ ପରିପ୍ରକାଶ କରିପାରୁ ନ ଥିଲେ, କାରଣ ସେମାନେ ଥିଲେ ଅଜ୍ଞ ଏବଂ ସେତେ ସ୍ୱଚ୍ଛ ଜୀବନଯାପନ କରୁ ନଥିଲେ ।

ଶ୍ରୀମତୀ ବ୍ଲାଭାଟ୍‌ସ୍କି ଗୂଢ଼ତତ୍ତ୍ୱର ବିଦ୍ୟାର୍ଥୀମାନଙ୍କୁ ଉପଦେଶ ଦେଇଥିଲେ ଲୋକ ଗହଳି ଭିତରକୁ ନ ଯିବାକୁ ଯଦି ଲୋକଙ୍କ ସହିତ ସେମାନଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ନ ରହିଛି । ତାହା କେବଳ ଏହି କାରଣରୁ ନୁହେଁ ଯେ ବିଦ୍ୟାର୍ଥୀମାନଙ୍କ ନିଜ ପ୍ରଭାରେ କୌଣସି ପ୍ରକାର ଖରାପ ପ୍ରଭାବ ପଡ଼ିପାରେ । ବରଂ ଏହି କାରଣରୁ ଯେ ସେମାନଙ୍କର ଶକ୍ତି ଲୋକଙ୍କର ମଙ୍ଗଳ ଅପେକ୍ଷା ଅନିଷ୍ଟ କରିପାରେ ବେଶି । ଏହି ପ୍ରକାର କ୍ଷେତ୍ରରେ ଜାଣିଥିବା ଲୋକ ଦେଖିପାରେ ଯେ ସମୟେ ସମୟେ କେତେକ କର୍ମାନୁଷ୍ଠାନରେ ଅଂଶଗ୍ରହଣ ନ କରିବା ଶ୍ରେୟସ୍କର । ଅନ୍ୟ ପକ୍ଷରେ ଯେଉଁ ଲୋକ ଜାଣି ନାହିଁ କିପରି ମନ୍ତ୍ର ଉଚ୍ଚାରଣ କରିବାକୁ ହେବ ଯାହା ଫଳରେ ମନ୍ତ୍ର ଭିତରେ ଥିବା ପ୍ରକୃତ ଶକତି ପ୍ରକାଶ ପାଇବ, ସେ ଯୋଗ ଦେଇପାରିବ । କିନ୍ତୁ ନିଜର ଚାରି ପାଖର ଲୋକଙ୍କର ସମ୍ପୂର୍ଣ୍ଣ ନିରାପତ୍ତା ବଜାୟ ରଖି – ସେମାନେ ଯେଉଁ ପ୍ରକାର ଲୋକ ହୋଇଥାନ୍ତୁ ନା କାହିଁକି ।

**ଯେହେତୁ ବର୍ତ୍ତମାନ ତୁମର ଆଖି ଖୋଲିଯାଇଛି, ତୁମର କେତେକ ପୁରୁଣା ବିଶ୍ୱାସ, ତୁମର କେତେକ ପୁରାତନ ବିଧିବିଧାନ ତୁମକୁ ଅସଙ୍ଗତ ମନେ ହୋଇପାରେ । ହୁଏତ ପ୍ରକୃତରେ ସେଗୁଡ଼ିକ ସେଇଆ । ତଥାପି ଯଦିଓ ତୁମେ ସେଥିରେ ଆଉ ଅଂଶଗ୍ରହଣ କରିପାରିବ ନାହିଁ, ତୁମେ ସେଗୁଡ଼ିକୁ ସମ୍ମାନ ଦେବ ସେହି ସବୁ ଉତ୍ତମ ଲୋକଙ୍କ ସକାଶେ, ଯେଉଁମାନଙ୍କ**

**ପାଇଁ ସେଗୁଡ଼ିକ ତଥାପି ଗୁରୁତ୍ୱପୂର୍ଣ୍ଣ । ସେଗୁଡ଼ିକର ନିଜର ସ୍ଥାନ ରହିଛି, ସେଗୁଡ଼ିକର ଉପଯୋଗ ରହିଛି । ତୁମେ ଖୁବ୍ ଭଲ ଭାବେ ଏ ଗାର ନପକାଇ ଅଧିକ ସ୍ୱଚ୍ଛନ୍ଦରେ ଲେଖିବା ପର୍ଯ୍ୟନ୍ତ ପିଲାବେଳେ ଯେଉଁ ଦୁଇଟା ଗାର ତୁମକୁ ସିଧା ଏବଂ ସମାନ ଭାବେ ଲେଖିବା ପାଇଁ ଶିଖାଇଥିଲା, ସେଗୁଡ଼ିକ ସେହି ଗାର ଭଳି । ସମୟ ଥିଲା, ଯେତେବେଳେ ତୁମପାଇଁ ସେଗୁଡ଼ିକ ଦରକାରୀ ଥିଲା । କିନ୍ତୁ ବର୍ତ୍ତମାନ ସେ ସମୟ ଚାଲିଯାଇଛି ।**

**ଆନି ବେସାନ୍ତ୍** – ଆମର ଯେତେବେଳେ ବୟସ ବଢ଼େ ଏବଂ ଆମେ ଅଧିକ ବିଜ୍ଞ ହେଉ, ଅପରିହାର୍ଯ୍ୟ ଭାବେ ଯେଉଁସବୁ ବିଷୟରେ ଆମେ ବିଶ୍ୱାସ କରୁଥିଲୁ, ସେଗୁଡ଼ିକ ଏକ ଅବାସ୍ତବତାର ଏପରିକି ଅସଙ୍ଗତିର ରୂପ ଗ୍ରହଣ କରେ । ତଥାପି ଆମେ ସେଗୁଡ଼ିକୁ ଦୟା ଏବଂ ସହାନୁଭୂତି ସହିତ ଦେଖି ପାରିବା, ଯେମିତି ଆମେ ଦେଖୁ ଗୋଟିଏ ଶିଶୁକୁ ଯେତେବେଳେ ସେ ଛିଣ୍ଡା କନା ବିଣ୍ଡା ନେଇ ତାକୁ ଆଉଁସିବାକୁ ଲାଗେ ତାହା ଏକ କୁଣ୍ଢେଇ ବୋଲି ବିଶ୍ୱାସ କରି । ଗୋଟିଏ ଦୃଷ୍ଟିରୁ ପିଲାଟିର କାମ ହେଉଛି କେତେକ ପରିମାଣରେ ହାସ୍ୟାସ୍ପଦ । କିନ୍ତୁ ଏହା ତାର ପ୍ରକୃତ ଉପକାର କରୁଛି । କାରଣ ତାହା ସେହି କୁନି ଶୁଶୁ ଝିଅଟି ଭିତରେ ମାତୃଭାବ ଜାଗ୍ରତ କରୁଛି – ସେ ଛିଣ୍ଡା କନା ଦେଖୁ ନାହିଁ । ସେ ଦେଖୁଛି ଗୋଟିଏ ଶିଶୁ ଏବଂ ଯେତେବେଳେ ସେ ତାର କାଳ୍ପନିକ ଶିଶୁକୁ ଗେଲ କରୁଛି ଏବଂ ଆଶ୍ୱାସନା ଦେଉଛି, ସେତେବେଳେ ସେ ମାତୃସ୍ନେହ ଏବଂ ଆଶ୍ରୟ ଦାନର ତଥା ଦୁର୍ବଳ ଓ ଅସହାୟର ଯତ୍ନ ନେବା ଅଭ୍ୟାସ କରୁଛି । ସୁତରାଂ, ଯେତେବେଳେ ସେହି ପିଲାଟି ପ୍ରତି ଆମେ ମନ୍ଦହାସ କରୁ, ଆମର ହସ ହୁଏ ଅତିଶୟ କୋମଳ ଏବଂ ଶାନ୍ତ । ଆମର ପୁରାତନ ବିଶ୍ୱାସ ଏବଂ ବିଧିବିଧାନ ବିଷୟରେ ମଧ୍ୟ ସେହି କଥା । ସେଗୁଡ଼ିକର ନିର୍ଦ୍ଧାରିତ ସ୍ଥାନ ରହିଥିଲା, ସେଗୁଡ଼ିକର ଉପଯୋଗ ରହିଥିଲା ।

ଯଦି କୌଣସି ବନ୍ୟଜାତି କୌଣସି ଉତ୍ସବ ପାଳନ କରୁଥିବା ଆମେ ଦେଖୁ, ଯାହା ଆମକୁ ମନେ ହୁଏ ସମ୍ପୂର୍ଣ୍ଣ ହାସ୍ୟାସ୍ପଦ କିମ୍ବା ଯେତେବେଳେ ଆମେ ଲକ୍ଷ୍ୟ କରୁ – ଯେମିତି ଭାରତରେ ଆମେ ଅନେକ ସମୟରେ ଦେଖିଥାଉ – ଗାଁର ଗଛରେ ଖଣ୍ଡେ ଲୁଗା ବନ୍ଧା ହୋଇ କୌଣସି ଦେବତାଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଛି, ସେହି ବନ୍ୟ ଜାତିର ବା ଗାଁ ଲୋକଙ୍କର ଭକ୍ତିର ଏକ ଦୀନ ବାହ୍ୟ ଅଭିବ୍ୟକ୍ତିକୁ ଆମେ ନିନ୍ଦା କରିବା ଅନୁଚିତ । ଆମକୁ ଦେଖିବାକୁ ହେବ ତା'ର

ପଛରେ ଥିବା ଆନ୍ତରିକ ଭାବନା । ସେମାନଙ୍କର ସାମାନ୍ୟ ସମର୍ପଣ ସେମାନଙ୍କୁ ମନେ ହୋଇପାରେ ଅତିଶୟ ଅର୍ଥପୂର୍ଣ୍ଣ, ଯେପରି ଆମ ସକାଶେ ହୁଏ ସର୍ବାଧିକ ମୂଲ୍ୟବାନ୍ ଉପହାର; ସେହି ଏକ ପ୍ରକାର ମନୋଭାବ ରହିଛି ତା ଭିତରେ ।

ସମସ୍ତ ବାହ୍ୟ ସମର୍ପଣ ହେଉଛି ଅନାବଶ୍ୟକ । ଏକମାତ୍ର ଗ୍ରହଣଯୋଗ୍ୟ ସମର୍ପଣ ହେଉଛି ହୃଦୟର ଏବଂ ଯେତେବେଳେ ତାହା କୌଣସି ଦାନ ସହିତ ମିଳିତ ହୁଏ, ଦରିଦ୍ରତମ ଦାନ ମଧ୍ୟ ହୁଏ ଗ୍ରହଣଯୋଗ୍ୟ । ସେଥିପାଇଁ ଗୀତାରେ କୁହାଯାଇଛି ଯେ ପତ୍ରଟିଏ, ଫୁଲଟିଏ ଫଳଟିଏ ବା ପାଣି ଟିକିଏ ହେଉ, ଯଦି ଭକ୍ତି ସହିତ ସମର୍ପିତ ହୁଏ, ତେବେ ତାହା ସେହି ଚରମ ସତ୍ତାଙ୍କର ଗ୍ରହଣ ଯୋଗ୍ୟ ହୋଇଥାଏ । ଏ ସବୁକୁ ନିରୁତ୍ସାହିତ କରିବା ହେବ ଏ କଠୋର ଏବଂ ଭ୍ରାତୃଭାବ ବିରୋଧୀ କାର୍ଯ୍ୟ । ଉଦାହରଣ ସ୍ୱରୂପ ଏହା ଗଛ ଦେହରୁ ତାର ବଲ୍କଳ କାଢ଼ି ଦେବା ପରି ହେବ – ଯେମିତି ସମୟେ ସମୟେ କରାଯାଇ ଥାଏ । ତାହା ଏକତା ମନୋଭାବର ସମ୍ପୂର୍ଣ୍ଣ ଅଭାବ ଦେଖାଇ ଦେବ ।

**ଲେଡ଼୍‌ବିଟର୍ –** ସର୍ବଦା ଧୈର୍ଯ୍ୟ ରଖି ଶିଶୁମାନଙ୍କର ଶୈଶବ ଅବସ୍ଥା ପ୍ରତି ତଥା ବର୍ତ୍ତମାନ ପର୍ଯ୍ୟାୟରେ ମାନବ ଜାତିର ସାଧାରଣ ଶୈଶବାବସ୍ଥା ପ୍ରତି ସଦୟ ହୁଅନ୍ତୁ । ଡଃ. ବେସାନ୍ତ ଗୋଟିଏ ଛୋଟ ପିଲା ପିଲା ଛିଣ୍ଡା କନା ବିଣ୍ଡାର ଯତ୍ନ ନେଇ ତାହା ଏକ କଣ୍ଢେଇ ବୋଲି ଛଳନା କରିଥିବା କଥା କହିଛନ୍ତି । ତାହା ଅବଶ୍ୟ ଏକ ଅନ୍ଧବିଶ୍ୱାସ । କିନ୍ତୁ ସେହି ସମୟରେ ସେଥିପାଇଁ ରାଗି କରି ସେହି ପିଲାଟିକୁ ଗାଳି ଦେବା କଥା କାହା ମନକୁ ଆସେ ନାହିଁ । ସ୍ଥୂଳ ସ୍ତରରେ ତାହା ଛିଣ୍ଡା କନାର ଗୋଟାଏ ବିଣ୍ଡା । କିନ୍ତୁ ପିଲାଟିର କଳ୍ପନାରେ ତାହା ବୋଧହୁଏ ସମସ୍ତ ପ୍ରକାର ଉପଯୋଗୀ ଗୁଣଯୁକ୍ତ ଏକ ଜୀବନ୍ତ ପ୍ରାଣୀ । ଶିଶୁର ମନରେ ସେହି ଧାରଣାରୁ ଜାଗ୍ରତ ହେଉଥିବା ଉତ୍ତମ ଭାବନାଗୁଡ଼ିକର ବିକାଶକୁ ଆଘାତ ନ କରି କେହି ସେହି ଧାରଣାରେ ଗୋଳମାଳ ସୃଷ୍ଟି କରି ପାରିବେ ନାହିଁ ।

ସେ ଆହୁରି ମଧ୍ୟ ଭାରତର ସାଧାରଣ ଲୋକଙ୍କ ଅଭ୍ୟାସ ବିଷୟରେ କହିଛନ୍ତି, ଯେଉଁମାନେ ସମୟେ ସମୟେ ଗଛରେ ଖଣ୍ଡିଏ କନା ବାନ୍ଧି ଦିଅନ୍ତି, ଦେବତାଙ୍କ ପ୍ରତି ସେମାନଙ୍କର ନିବେଦନ ସ୍ୱରୂପ । ସାଧାରଣ ଖ୍ରୀଷ୍ଟିଆନ୍ ଧର୍ମଯାଜକ ତାହା ଦେଖି ସେ ବିଷୟ ନେଇ ଅତିଶୟ ରାଗିଯିବେ । ତାହାଦ୍ୱାରା ସେ ନିଜର ଅଜ୍ଞତା ଦେଖାଇବେ, କାରଣ ତାହା ସମର୍ପଣ କରାଯାଇଛି ସରଳ ବିଶ୍ୱାସ ନେଇ । ସେହି ଅପେକ୍ଷାକୃତ ଶିଶୁ-ଆତ୍ମା ଭଲ ଉଦ୍ଦେଶ୍ୟରେ ତାହା କରିଛି ଏବଂ ତାହା କରିଛି ଏବଂ ତାହା ପିଲାର ଛିଣ୍ଡାକନାର କଣ୍ଢେଇ ଭଳି ଗ୍ରହଣ କରିବା ଉଚିତ ହେବ, ତାର ଉଦ୍ଦିଷ୍ଟ ଅର୍ଥରେ ।

ସେମାନେ ତର୍ପଣ ବୋଲି ପାଣି ଟିକିଏ ସିଞ୍ଚି ଦିଅନ୍ତି କିମ୍ବା ସେମାନେ ଗୋଟିଏ ଫୁଲ ଦିଅନ୍ତି – ଏହା ସତରେ ଗୋଟିଏ ଅତିଶୟ ଛୋଟିଆ ଉପହାର । କିନ୍ତୁ ତାହା ଘୃଣିତ ହେବ କାହିଁକି ? ଖ୍ରୀଷ୍ଟ ନିଜେ କହିଛନ୍ତି ଯେ ଯେଉଁମାନେ ତାଙ୍କ ନାମରେ ଏବଂ ତାଙ୍କ ସକାଶେ କପେ ଥଣ୍ଡା ପାଣି ମଧ୍ୟ ଦିଅନ୍ତି, ସେମାନେ କୌଣସି ପ୍ରକାରେ ସେମାନଙ୍କର ପୁରସ୍କାର ହରାଇବେ ନାହିଁ । ଏହା ମଧ୍ୟ ମନେ ରଖିବାକୁ ହେବ ଯେ ସମ୍ଭବତଃ କୌଣସି ବ୍ୟକ୍ତି, ଏପରିକି ସର୍ବାଧିକ ଆଦିମ ଆଦିବାସୀ ମଧ୍ୟ, ମୂର୍ତ୍ତି ବା ରୂପକୁ ସତ୍ୟ ବୋଲି ଭାବେ ନାହିଁ; ବରଂ ସମସ୍ତେ ତାର ପଛରେ ଥିବା ଦେବତାଙ୍କ ସମ୍ପର୍କରେ କିଛି ଧାରଣା କରିଥାନ୍ତି ।

**ଜଣେ ମହାନ୍ ଶିକ୍ଷକ ଥରେ ଲେଖିଥିଲେ, "ମୁଁ ଯେତେବେଳେ ଏକ ଶିଶୁ ଥିଲି, ମୁଁ ଶିଶୁ ପରି କହୁଥିଲି, ଶିଶୁ ପରି ବୁଝୁଥିଲି, ଶିଶୁ ପରି ଚିନ୍ତା କରୁଥିଲି । କିନ୍ତୁ ମୁଁ ଯେତେବେଳେ ବଡ଼ ହୋଇ ଏକ ମଣିଷ ହେଲି, ମୁଁ ପିଲଶଳିଆ କଥାଗୁଡ଼ିକ ଛାଡ଼ି ଦେଲି ।" ତଥାପି ଯିଏ ନିଜର ଶିଶୁବେଳର କଥା ଭୁଲି ଯାଇଛି ଏବଂ ପିଲାଙ୍କ ପ୍ରତି ସହାନୁଭୂତି ହରାଇଛି, ସେ ସେମାନଙ୍କୁ ପଢ଼ାଇ ପାରିବା ବା ସାହାଯ୍ୟ କରିପାରିବା ଲୋକ ନୁହେଁ। ସୁତରାଂ ଦୟା ସହିତ, ଧୀର ଭାବେ, ସହନଶୀଳତା ସହିତ ସମସ୍ତଙ୍କୁ ଦେଖ; କିନ୍ତୁ ସମସ୍ତଙ୍କୁ ସମାନ ଭାବେ ଦେଖ, ସେମାନେ ବୌଦ୍ଧ ବା ହିନ୍ଦୁ ହୁଅନ୍ତୁ, ଜୈନ ବା ଇହୁଦୀ, ଖ୍ରୀଷ୍ଟିଆନ୍ ବା ମୁସଲମାନ ହୁଅନ୍ତୁ ।**

**ଆନି ବେସାନ୍ତ୍ –** ଏଥିରେ ଗୂଢ଼ତତ୍ତ୍ୱବିଦ୍‌ଙ୍କର ପ୍ରକୃତ ବର୍ଣ୍ଣନା ରହିଛି । ସେ ହେଉଛନ୍ତି ଜଣେ ମଣିଷ ଯେ ନିଜର ଶୈଶବାବସ୍ଥା ଭୁଲି ନାହାନ୍ତି । ସେ ବଡ଼ ହୋଇ ମଣିଷ ହୋଇଛନ୍ତି, କିନ୍ତୁ ଯେଉଁ ସବୁ ଅବସ୍ଥା ମଧ୍ୟ ଦେଇ ଗତି କରିଛନ୍ତି, ତାହା ସେ ମନେ ରଖିଛନ୍ତି । ସେହି ହେତୁ ସେ ସମସ୍ତଙ୍କୁ ସାହାଯ୍ୟ କରିପାରିବେ । ସମସ୍ତଙ୍କ ପାଇଁ ସହାନୁଭୂତି ଏବଂ ସମସ୍ତଙ୍କୁ ସାହାଯ୍ୟ କରିବା କ୍ଷମତା ପାଇବା ପାଇଁ ଆମ୍ଭେମାନେ ନିଜକୁ ତାଲିମ ଦେବା ସକାଶେ, ନିଜର ଆଧ୍ୟାତ୍ମିକ ଚିନ୍ତାଗୁଡ଼ିକୁ କୌଣସି ଏକ ନିର୍ଦ୍ଦିଷ୍ଟ ବାହ୍ୟ ଦର୍ମର ଭାଷାରେ ପ୍ରକାଶ କିରବା ଏବଂ ନିଜ ଚିନ୍ତାକୁ ସେହି ଧର୍ମର ଏକ ଧାରାରେ ପକାଇବା ଭଲ ହେବ ।

ଆମ ସମସ୍ତଙ୍କ ନିଜର ଏକ ନିର୍ଦ୍ଦିଷ୍ଟ ଭାଷା ରହିଛି ଯେଉଁଥିରେ ଆମେ ନିଜ କଥା ନିଜକୁ କହୁ ଯେପର୍ଯ୍ୟନ୍ତ ଆମେ ଅନ୍ୟ କାହାକୁ କହିବା ଭଳି ଏକ ସାଧାରଣଭାଷା ଲାଭ କରିବାର ପର୍ଯ୍ୟାୟରେ ନ ପହଞ୍ଚୁଛୁ । ଅଧ୍ୟାୟୀ ନିଜ ଭାଷା ବ୍ୟତୀତ ଅନ୍ୟ ଏକ ଭାଷା ବା ତାହାର ଏକ ଅଂଗ ଅଧ୍ୟୟନ କରିବା ଦରକାର । ଯେଉଁମାନେ ଖ୍ରୀଷ୍ଟିଆନ୍ ରୂପେ ବଢ଼ି ଆସିଛନ୍ତି ସେମାନେ ହିନ୍ଦୁ ଧର୍ମର ଭାଷାରେ କହିବା ଏବଂ ଚିନ୍ତା କରିବା ଅଭ୍ୟାସ କରିପାରନ୍ତି । ତାହାହେଲେ ସେମାନେ ହିନ୍ଦୁ ଦୃଷ୍ଟିକୋଣରୁ ବିଷୟଗୁଡ଼ିକୁ ଦେଖିବା ଶିଖିବେ ଏବଂ ସେ ଆଗରୁ ଯେପରି କଳ୍ପନା କରିଥିଲେ, ତାହାଠାରୁ ସେଗୁଡ଼ିକ କିପରି ଅଲଗା ଦେଖାଯିବ, ତାହା ଲକ୍ଷ୍ୟ କରି ସେମାନେ ବେଶ୍ ବିସ୍ମିତ ହୋଇପଡ଼ିବେ । ସେହିପରି ହିନ୍ଦୁମାନେ ଖ୍ରୀଷ୍ଟ ଧର୍ମରେ ବ୍ୟବହୃତ ଶବ୍ଦ କହିବା ଏବଂ ଚିନ୍ତା କରିବା ଶିକ୍ଷା କରି ପାରନ୍ତି ।

ସ୍ୱାମୀ ବିବେକାନନ୍ଦଙ୍କ ଗୁରୁ ଶ୍ରୀ ରାମକୃଷ୍ଣ ପରମହଂସ ସେହି ପ୍ରକାରେ ନିଜକୁ ତାଲିମ୍ ଦେଇଥିଲେ । ସେ ଗୋଟିଏ ଗୋଟିଏ କରି କେତୋଟି ଧର୍ମ ନେଇଥିଲେ ଏବଂ କିଛି କାଳ ସକାଶେ ସେଗୁଡ଼ିକର ପ୍ରଣାଳୀ ଏବଂ ରୀତି ଅନୁସରଣ କରିଥିଲେ । ସେ ଖ୍ରୀଷ୍ଟ ଧର୍ମ ନେଇ ଖ୍ରୀଷ୍ଟିଆନ୍ ପ୍ରଣାଳୀରେ ପ୍ରାର୍ଥନା କରିଥିଲେ, ଖ୍ରୀଷ୍ଟିଆନ୍ ଭାଷଶରେ ଚିନ୍ତା କରିଥିଲେ, ଏପରିକି ଖ୍ରୀଷ୍ଟିଆନ୍ ପୋଷାକ ମଧ୍ୟ ପିନ୍ଧିଥିଲେ । ଏହିପରି ସେ ଗୋଟିଏ ପରେ ଗୋଟିଏ ବିଭିନ୍ନ ଧର୍ମ ଦେଇ ଗତି କରିଥିଲେ ଏବଂ ପ୍ରତ୍ୟେକଟି ଧର୍ମ ସହିତ ନିଜର ଏକାତ୍ମତା ଶିକ୍ଷା କରିଥିଲେ । ଏହି ଉଦ୍ୟମରେ ନିଜକୁ ସାହାଯ୍ୟ କରିବା ପାଇଁ ସେ ଯଥାସମ୍ଭବ କୌଶଳ ସହ ପ୍ରତ୍ୟେକ ବାହ୍ୟ ସାହାଯ୍ୟର ଉପଯୋଗ କରୁଥିଲେ । ଯେତେବେଳେ ସେ ପ୍ରକୃତିର ମାତୃତ୍ୱ ଦିଗ ଉପଲବ୍ଧି କରିବା ପାଇଁ ଚେଷ୍ଟା କରୁଥିଲେ (ଯାହାର ପ୍ରତିନିଧିତ୍ୱ କରନ୍ତି କୁମାରୀ ମେରୀ ପାଶ୍ଚାତ୍ୟ ଅଞ୍ଚଳରେ, ଏବଂ ଶକ୍ତି ଦେବୀ ଗଣ ହିନ୍ଦୁ ଧର୍ମରେ), ସେତେବେଳେ ସେ ନାରୀ ବେଶ ଗ୍ରହଣ କରୁଥିଲେ ଏବଂ ନିଜକୁ ନାରୀ ବୋଲି ଭାବୁଥିଲେ । ନିଶ୍ଚିତ ଭାବେ ତାଙ୍କ କ୍ଷେତ୍ରରେ ଏହି ସବୁ ଅଭ୍ୟାସର ଫଳ ଥିଲା ଅତି ସୁନ୍ଦର, କାରଣ ବାହ୍ୟ ଧର୍ମୀୟ ବିଭେଦଗୁଡ଼ିକୁ ତାଙ୍କୁ ପ୍ରଭାବିତ କରିବାରେ ସମ୍ପୂର୍ଣ୍ଣ ଅସମର୍ଥ ହୋଇଥିଲା ।

ଅଧିକାଂଶ ଲୋକେ ଯେଉଁ ପନ୍ଥା ଅନୁସରଣ କରନ୍ତି, ତାହାଠାରୁ ଏହା କେତେ ଅଲଗା ! ତଥାପି ଏପରି ଚାରି ପାଖର ସମସ୍ତଙ୍କ ସହିତ ନିଜକୁ ଏକାତ୍ମ କରିବାକୁ ଶିଖିବାଦ୍ୱାରା ହିଁ ଜଣେ ଶିଷ୍ୟତ୍ୱ ସକାଶେ ନିଜକୁ ଉପଯୁକ୍ତ କରିପାରେ । ଶ୍ରୀ ରାମକୃଷ୍ଣ ଥିଲେ ମୁଖ୍ୟତଃ ଏକ ଭକ୍ତ ଏବଂ ଏହି ପ୍ରକାରେ ସେ ଭାବାବେଗ ଜରିଆରେ ଶିକ୍ଷାଲାଭ କରିଥିଲେ ।

ସୁତରାଂ ଅଭୀପ୍ସୁ କିଛି ସମୟ ପାଇଁ ନିଜକୁ ହିନ୍ଦୁ, ବୌଦ୍ଧ ବା ନାରୀ ରୂପେ ଭାବିବାକୁ ଚେଷ୍ଟା କରିବା ଉଚିତ ଯାହା ସେ ନିଜେ ନୁହେଁ । କେତେ କମ୍ ଲୋକେ, ନିଜକୁ କେବେ ଏକ ନାରୀ ରୂପେ ଭାବିବାକୁ ବା ଅନୁଭବ କରିବାକୁ କିମ୍ବା ବିଷୟଗୁଡ଼ିକୁ ନାରୀ ଯେପରି ଦେଖେ ସେହିପରି ଦେଖିବାକୁ, ଚେଷ୍ଟା କରନ୍ତି । ମୁଁ ମଧ୍ୟ ଅନୁମାନ କରେ ଯେ ଖୁବ୍ କମ୍ ନାରୀ ପ୍ରକୃତରେ ଏକ ପୁରୁଷର ଦୃଷ୍ଟିକୋଣରୁ ବିଷୟଗୁଡ଼ିକୁ ଦେଖିବାର ଚେଷ୍ଟା କରନ୍ତି । ତେବେ ଏହି ମନୋଭାବ ଅଧିକ ଦେଖାଯାଏ ପୁରୁଷମାନଙ୍କ ମଧ୍ୟରେ । ପୁରୁଷ ସର୍ବଦା ନିଜକୁ 'ପୁରୁଷ' ରୂପେ ଅନୁଭବ କରିବାକୁ ଚାହେଁ । ମୋର ମନେହୁଏ ଯେ ବ୍ରହ୍ମବିଦ୍ୟା ସମିତିର ସଭ୍ୟମାନଙ୍କ ମଧ୍ୟରେ ମଧ୍ୟ ଲିଙ୍ଗ ନିର୍ବିଶେଷରେ ଆମର ଭ୍ରାତୃଭାବ ବିଷୟ ସମୟେ ସମୟେ ଉପେକ୍ଷା କରାଯାଇଥାଏ ।

ବୁଝିବାକୁ ମଧ୍ୟ ଚେଷ୍ଟା କରନ୍ତୁ ଆପରଙ୍କୁ ଜିନିଷଗୁଡ଼ିକ କିପରି ଦେଖାଯିବ, ଯଦି ସେଗୁଡ଼ିକ ଆସେ କୌଣସି ନିର୍ଦ୍ଦିଷ୍ଟ ବାତାବରଣ ଦେଇ ଯାହା ସହିତ ଆପଣ ଅଭ୍ୟସ୍ତ ନୁହନ୍ତି । ଆପଣଙ୍କୁ ନିଜକୁ ମୁକ୍ତ କରିବାକୁ ହେବ କେବଳ ନିଜ ଦୃଷ୍ଟିକୋଣରୁ ଜିନିଷଗୁଡ଼ିକୁ ଦେଖିବାର ଅଭ୍ୟାସରୁ – ତାହା ହେଉଛି ଗୂଢ଼ତତ୍ତ୍ୱବାଦର ବିପରୀତ । ଏପରି କଲେ ପୃଥିବୀରେ ଆପଣ ନିନ୍ଦିତ ହେବେ; ଆପଣଙ୍କର ନିରପେକ୍ଷତା ଏବଂ ସହାନୁଭୂତିକୁ ଉଦାସୀନତା ବୋଲି କୁହାଯିବ । ସେଥିରେ ତିଳେ ହେଲେ ଯାଏ ଆସେ ନାହିଁ । ପାଶ୍ଚାତ୍ୟ ଅଞ୍ଚଳରେ ମୋତେ 'ଅତିଶୟ ହିନ୍ଦୁ' ବୋଲି ଏବଂ ପୂର୍ବ ଅଞ୍ଚଳରେ 'ଅତିଶୟ ଖ୍ରୀଷ୍ଟିଆନ୍' ବୋଲି ଅଭିଯୋଗ କରାଯାଏ । ତାର କାରଣ ପଶ୍ଚିମରେ ମୁଁ ପଶ୍ଚିମାଞ୍ଚଳର ଭାଷାରେ କହେ ଏବଂ ଭାରତର ଲୋକେ ତାହା ପସନ୍ଦ କରନ୍ତି ନାହିଁ । ପୂର୍ବାଞ୍ଚଳରେ ମୁଁ ପୂର୍ବାଞ୍ଚଳର ଭାଷାରେ କହେ ଏବଂ ପଶ୍ଚିମର ଲୋକେ ତାହା ପସନ୍ଦ କରନ୍ତି ନାହିଁ । ଏହି ପ୍ରକାର ଅଭିଯୋଗର ସବୁବେଳେ ମୋର ଉତ୍ତର ହେଉଛି ଯେ ମୁଁ ଲୋକଙ୍କ ସହିତ କଥାବାର୍ତ୍ତା କରେ ସେମାନେ ବୁଝୁଥିବା ଭାଷାରେ ।

ଏହି ପ୍ରକାର ଅଭିଯୋଗ ଏବଂ ଏହି ପ୍ରକାର ନିନ୍ଦା ଉପୁଜେ ଉଚ୍ଚତମ ସ୍ଥିତିକୁ କଥାଗୁଡ଼ିକ ନ ଦେଖି ନିମ୍ନତମ ସ୍ଥିତିରୁ ସେଗୁଡ଼ିକ ଦେଖିବା ହେତୁ । ଯେ ବହୁ ଦେଶରେ ଆଧ୍ୟାତ୍ମିକ ବାଣୀ ପ୍ରଚାର କରିବାକୁ ଚାହେଁ, ତାହା ପକ୍ଷରେ ବିଭିନ୍ନ ଧର୍ମର ଭାଷାରେ କହିବା ଆବଶ୍ୟକ ହୋଇଥାଏ । କୌଣସି ଶିଖିବା ସତ୍ୟ ନୂଆ ନୁହେଁ ଏବଂ ଏହି ପ୍ରକାର କାର୍ଯ୍ୟରୁ ଯେଉଁ ନିନ୍ଦା ଆସେ, ତାହା ମଧ୍ୟ ନୂଆ ନୁହେଁ । ସେଣ୍ଟ୍ ପଲ୍‌ଙ୍କ ବିରୋଧରେ ସବୁଠାରୁ ବଡ଼ ନିନ୍ଦା ହେଲା ଯେ ସବୁ

ଲୋକଙ୍କ ପାଇଁ ସେ ଥିଲେ ସବୁ କିଛି । ସେ ଲେଖିଛନ୍ତି, "ଯଦିବା ମୁଁ ସବୁ ଲୋକଙ୍କଠାରୁ ମୁକ୍ତ ହୁଏ, ତଥାପି ମୁଁ ନିଜକୁ ସମସ୍ତଙ୍କର ସେବକ କରି ଦେଇଛି, ଯାହା ଫଳରେ ମୁଁ ଅଧିକ ଲାଭବାନ୍ ହେବି । ଇହୁଦୀମାନଙ୍କ ନିକଟରେ ମୁଁ ହେଲି ଇହୁଦୀଙ୍କ ପରି, ଯାହା ଫଳରେ ମୁଁ ବହୁ ଇହୁଦୀଙ୍କୁ ପାଇ ପାରିବି । ଯେଉଁମାନେ ନିୟମାଧୀନ ଥିବା ଲୋକଙ୍କୁ ପାଇ ପାରିବି । ଯେଉଁମାନେ ନିୟମହୀନ, ମୁଁ ସେମାନଙ୍କୁ ପାଇ ପାରିବି । ଦୁର୍ବଳଙ୍କ ପ୍ରତି ମୁଁ ହେଲି ଦୁର୍ବଳ, ଯେପରି ମୁଁ ଦୁର୍ବଳମାନଙ୍କୁ ପାଇପାରିବି । ମୁଁ ସବୁ ଲୋକଙ୍କ ସକାଶେ ନିଜକୁ ସବୁ କିଛି କଲି, ଯାହା ଫଳରେ ମୁଁ କେତେକ ଲୋକଙ୍କୁ ପରିତ୍ରାଣ କରିପାରିବି ।" ଜଣେ ସବୁଠାରୁ ଟାଣୁଆ ଲୋକ ହେବା ବଦଳରେ ସେ ହେଲେ ସର୍ବାଧିକ ଉଦାରମନା । ସେ ଇହୁଦୀମାନଙ୍କର ଏକ କଠୋରତମ ସମ୍ପ୍ରଦାୟର ଲୋକ ଥିଲେ, ଅଥଚ ସେ ହେଲେ ଅଣଇହୁଦୀ ସମ୍ପ୍ରଦାୟର ଧର୍ମ ପ୍ରଚାରକ – ଏକ ଅସାଧାରଣ ପରିବର୍ତ୍ତନ ।

ଜଣେ ଗୂଢ଼ତତ୍ତ୍ୱବିଦ୍ କୌଣସି ଧର୍ମର ନୁହନ୍ତି ବା ସବୁ ଧର୍ମର – ଯେମିତି ଆପଣ ତାଙ୍କୁ ବର୍ଣ୍ଣନା କରିପାରନ୍ତି – ଅଲଗା ହୋଇ କାହାର ନୁହନ୍ତି, ଅଥଚ ମିଶି ଯାଆନ୍ତି ସମସ୍ତଙ୍କ ସହିତ । ସେଥିରୁ କମ୍ ହେଲେ ତାହା ସହନଶୀଳତା ନୁହେଁ । ସବୁ ବିବାଦରୁ ଅଲଗା ରହିବା ଭଲ ଏହି କାରଣରୁ ଯେ ସେହି ସମୟରେ ମନୁଷ୍ୟ ସହନଶୀଳତା ହୋଇ ନପାରେ । ଯେତେବେଳେ ଏକ-ପାଖିଆ କଥା କୁହାଯାଏ, ତାର ବିରୋଧ କରିବାକୁ ଯାଇ ସମ୍ପୂର୍ଣ୍ଣ ନିରପେକ୍ଷ ହେବା କଷ୍ଟକର – ଯଦି ଜଣେ ସଫଳ ଭାବେ କାର୍ଯ୍ୟ କରିବାକୁ ଚାହେଁ । ପାର୍ଥକ୍ୟ ଦୃଷ୍ଟିରୁ ନୁହେଁ, ଏକତା ଦୃଷ୍ଟିରୁ ସର୍ବଦା ସତ୍ୟକୁ ଉପସ୍ଥାପନ କରନ୍ତୁ । ତାହାହେଲେ ଆପଣ ସମସ୍ତଙ୍କୁ ସାହାଯ୍ୟ କରି ପାରିବେ ଏବଂ ସମାନ ଭାବରେ ଏବଂ ସମସ୍ତଙ୍କ ଭିତରେ ଥିବା ଉତ୍ତମ ଗୁଣକୁ ଚିହ୍ନି ପାରିବେ – ଯାହା ତ୍ରୁଟି ପୂର୍ଣ୍ଣ ତାକୁ ଉପେକ୍ଷା କରି ତାହା ମଧ୍ୟ ଦେଇ ଲକ୍ଷ୍ୟ କରି ।

**ଲେଡ୍‌ବିଟର୍** – ବ୍ରହ୍ମବିଦ୍ୟା ସମିତିର ସଭ୍ୟଙ୍କର ଲକ୍ଷ୍ୟ ହେଉଛି ଭ୍ରାତୃତ୍ୱ, ଦେଶ – ଧର୍ମ, ଜାତି, ଲିଙ୍ଗ, ବର୍ଣ୍ଣ ନିର୍ବିଶେଷରେ । ସେହି ଭ୍ରାତୃତ୍ୱର ଜୀବନ ସର୍ବୋତ୍ତମ ଭାବେ ଯାପନ କରାଯାଇ ପାରିବ, ଯେତେବେଳେ ଆମେ ଅନ୍ୟ ଦେଶର, ଧର୍ମର ଏବଂ ଲିଙ୍ଗର ଲୋକଙ୍କର ଚିନ୍ତା ଏବଂ ଭାବାବେଗ ଭିତରକୁ ପ୍ରବେଶ କରିପାରିବୁ । ମଣିଷ ଭୁଲିଯାଏ ଯେ ସେ ବହୁବାର ଜନ୍ମ ନେଇଛି ନାରୀ ରୂପରେ; ଜଣେ ନାରୀ ମଧ୍ୟ ଭୁଲିଯାଏ ଯେ ପୁରୁଷ ଶରୀର ନେଇ ସେ ବହୁବାର ଜନ୍ମ ନେଇଛି । ପୁରୁଷ ପକ୍ଷରେ ଅତିଶୟ ଭଲ ଅଭ୍ୟାସ ହେବ – ନିଜକୁ ଚିନ୍ତା

ମାଧ୍ୟମରେ ନାରୀ ରୂପେ ସ୍ଥାପିତ କରି ଜୀବନ ପ୍ରତି ନାରୀର ଦୃଷ୍ଟିକୋଣକୁ ବୁଝିବା, ଯଦିଓ ଏହା କରିବା ସହଜ ନୁହେଁ । ସେହିପରି ନାରୀ ପକ୍ଷରେ ମଧ୍ୟ ଭଲ ହେବ ପୁରୁଷ କିପରି ବିଭିନ୍ନ ବିଷୟ ବିଚାର କରେ, ତାହା ବୁଝିବାକୁ ଚେଷ୍ଟା କରିବା ।

ଏ ଦୁଇ ପ୍ରକାର ଦୃଷ୍ଟିକୋଣ ବହୁ ଭାବରେ ବିସ୍ମୟଜନକ ଭାବେ ଅଲଗା । ଯେଉଁ ବ୍ୟକ୍ତି ବିପରୀତ ଲିଙ୍ଗର ଚେତନା ସହିତ ନିଜର ଚେତନାକୁ ସାମିଲ କରି ପାରେ, ସେ ଲିଙ୍ଗ ଭାବନାକୁ ଅତିକ୍ରମ କରି ଭ୍ରାତୃଭାବ ଆଡ଼କୁ ଏକ ପଦକ୍ଷେପ ନେଇ ସାରିଛି । ନିଜର ଭଉଣୀମାନଙ୍କର ବା ମାଆ ବା ସ୍ତ୍ରୀର ଦୃଷ୍ଟିକୋଣକୁ ବୁଝିବାକୁ ଚେଷ୍ଟା କରି ଜଣେ ବ୍ୟକ୍ତି ତା'ପରେ ଏହି ଅଭ୍ୟାସକୁ ଅନ୍ୟ ଦର୍ମର ଏବଂ ଅନ୍ୟ ବଂଶର ଲୋକଙ୍କ ପ୍ରତି ସମ୍ପ୍ରସାରିତ କରିପାରେ । ଏହି ଅଭ୍ୟାସ ସର୍ବାଧିକ ସହାୟକ, କାରଣ ଯେତେବେଳେ ଜଣେ ପ୍ରକୃତରେ ଆଉ ଏକ ବ୍ୟକ୍ତିର ଦୃଷ୍ଟିକୋଣକୁ ବୁଝିପାରେ ଏବଂ ସେଥିପ୍ରତି ପୂର୍ଣ୍ଣ ଭାବେ ସହାନୁଭୂତି ଦେଖାଇ ପାରେ, ସେତେବେଳେ ସେ ନିଜର ଦୃଷ୍ଟିକୋଣକୁ ଠିକ୍ ସେତିକି ପରିମାଣରେ ବିସ୍ତୀର୍ଣ୍ଣ କରିପାରେ ।

ସହନଶୀଳତା ସମ୍ପର୍କରେ ଇହୁଦୀମାନଙ୍କର *ଟାଲ୍‌ମୁଡ୍* ଗ୍ରନ୍ଥରେ ଆବ୍ରାହାମ୍‌ଙ୍କ ବିଷୟରେ ଏକ ସୁନ୍ଦର କାହାଣୀ ରହିଛି । ଥରେଏକ ପଥିକ ତାଙ୍କ ପାଖକୁ ଆସିଲା ଏବଂ ସେ ମରୁଭୂମିର ପ୍ରଥା ଅନୁଯାୟୀ ତାକୁ ଖାଦ୍ୟ ଓ ପାନୀୟ ଦେବାକୁ ଯାଉଥିଲେ । ଖାଇବା ପୂର୍ବରୁ ଆବ୍ରାହାମ୍ ଅତିଥିଙ୍କୁ କହିଲେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ପାଇଁ । କିନ୍ତୁ ଯେତେବେଳେ ସେ ମନା କଲା ଏବଂ କହିଲା ଯେ ସେ ଈଶ୍ୱରଙ୍କ ବିଷୟରେ କିଛି ଜାଣିନାହିଁ, ଆବ୍ରାହାମ୍ ରାଗି ଯାଇ ଉଠିପଡ଼ିଲେ, ତାକୁ ତାଙ୍କ ତମ୍ବୁରୁ ବାହାର କରିଦେଲେ ଏବଂ କିଛି ଖାଇବାକୁ ଦେଲେ ନାହିଁ । ତାପରେ ଆସିଲେ ଈଶ୍ୱର; ଯାହା ମନେ ହୁଏ, ସେକାଳରେ ସେ ଏପରି ଆସିବାରେ ଅଭ୍ୟସ୍ତ ଥିଲେ । ଈଶ୍ୱର କହିଲେ, "ତୁମେ ତାକୁ ବାହାର କରି ଦେଲ କାହିଁକି ?" ଆବ୍ରାହମ୍ ଅତିଶୟ ବିରକ୍ତ ହୋଇ ଉତ୍ତର ଦେଲେ "ପ୍ରଭୁ ! ସେ ଆପଣଙ୍କ ନାମ ମଧ୍ୟ ଜାଣି ନାହିଁ, ସେ ହେଉଛି ଏକ ଅତିଶୟ ଖରାପ ଧରଣର ଧର୍ମଛଡ଼ା ଲୋକ । ଈଶ୍ୱର କହିଲେ, "ହଁ, କିନ୍ତୁ ମୁଁ ଷାଠିଏ ବର୍ଷ ଧରି ତାକୁ ସମ୍ଭାଳି ଆସିଛି; ତୁମେ ନିଶ୍ଚିତ ଭାବେ ଗୋଟାଏ ଘଣ୍ଟା ତ ତାକୁ ସମ୍ଭାଳି ପାରିଥାନ୍ତ ।"

ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହୋଇଥିବା ଆମମାନଙ୍କ ମଧ୍ୟରୁ କେତେକଙ୍କର ତଥାପି ଏକ ବାହ୍ୟ ଧର୍ମ ରହିଛି, ଯାହକୁ ଆମେ ଜାବୋଡ଼ି ଧରିଛୁ । ତଥାପି ମୁଁ ଭାବେ ଯେ ଆମେ କହିବା ପାଇଁ ସକ୍ଷମ ହେବା ଉଚିତ ଯେ ଆମେ ଅଲଗା

ଅଲଗା ଭାବେ କୌଣସି ଏକ ଧର୍ମର ନୋହୁଁ । ବରଂ ଆମେ ସବୁ ଧର୍ମକୁ ମିଶାଇ ରହିଛୁ । ଉଦାହରଣ ସ୍ୱରୂପ, ମୁଁ ଜଣେ ଖ୍ରୀଷ୍ଟିଆନ୍ ବିଶପ, କିନ୍ତୁ ମୁଁ ମଧ୍ୟ ଜଣେ ବୌଦ୍ଧ, କାରଣ ମୁଁ ମଧ୍ୟ ଶପଥ ଗ୍ରହଣ କରିଛି ଏବଂ କେତେକ କର୍ତ୍ତବ୍ୟ ମାନି ନେଇଛି, ଯାହା ଫଳରେ ମୁଁ ଭଗବାନ ବୁଦ୍ଧଙ୍କୁ ମୋର ପଥ ପ୍ରଦର୍ଶକ ରୂପେ ଗ୍ରହଣ କରିଛି । ତାହା ଦ୍ୱାରା ମୋତେ ଅନ୍ୟ କୌଣସି ଧର୍ମକୁ ତ୍ୟାଗ କରିବାକୁ କୁହାଯାଇ ନାହିଁ । ସେହି ଦୃଷ୍ଟିରୁ ବୌଦ୍ଧ ଧର୍ମ ବୋଧହୁଏ ସବୁ ଧର୍ମ ଭିତରେ ଉଦାରତମ । ଆପଣ କେଉଁଥିରେ ବିଶ୍ୱାସ କରନ୍ତି ସେମାନେ ପ୍ରଶ୍ନ କରନ୍ତି ନାହିଁ, କିନ୍ତୁ ପଚାରନ୍ତି ଆପଣ ଭଗବାନ ବୁଦ୍ଧଙ୍କର ଉପଦେଶ ଅନୁସରଣ କରିବେ କି ନାହିଁ ଏବଂ ନିଜ ସାଧ୍ୟମତେ ତାଙ୍କ ଦ୍ୱାରା ସମର୍ଥିତ ଜୀବନ ଯାପନ କରି ପାରିବେ କି ନାହିଁ । ଖ୍ରୀଷ୍ଟିଆନ୍, ମୁସଲମାନ ବା ଅନ୍ୟ କୌଣସି ଧର୍ମବିଶ୍ୱାସୀ କହି ପାରନ୍ତି, "ଏହି ଉପଦେଶ ଉତ୍ତମ ଉପଦେଶ, ମୁଁ ଏହା ଅନୁସରଣ କରିବି" ଏବଂ ତାହାଦ୍ୱାରା ସେ ବୌଦ୍ଧ ହୋଇପାରନ୍ତି, ନିଜର ପୂର୍ବ ଧର୍ମକୁ ତ୍ୟାଗ ନକରି । ଏହି ସମସ୍ତ ଧର୍ମ ପଛରେ ରହିଥିବା ସତ୍ୟ ହେଉଛି ବ୍ରହ୍ମବିଦ୍ରା । ଆମେ ଅଧ୍ୟୟନ କରୁଛୁ ତୁଳନାତ୍ମକ ଧର୍ମ, କେବଳ ସବୁ ଧର୍ମରେ ବ୍ରହ୍ମବିଦ୍ୟାର ସତ୍ୟଗୁଡ଼ିକ ରହିଛି ବୋଲି ଦେଖିବାକୁ ନୁହେଁ, ବରଂ ଏଥିପାଇଁ ମଧ୍ୟ ଯେ ଆମେ ସତ୍ୟର ବିଭିନ୍ନ ପ୍ରକାର ଉପସ୍ଥାପନ ବୁଝିପାରିବୁ ଏବଂ ସେହି ସବୁ ପନ୍ଥାରେ ସାହାଯ୍ୟ କରିବାରେ ସକ୍ଷମ ହେବୁ ।

ଡଃ. ବେସାନ୍ତ ଆମକୁ ଏହାର ଉପଯୋଗିତା ଦର୍ଶାଇଛନ୍ତି । ସେ ହିନ୍ଦୁମାନଙ୍କୁ ହିନ୍ଦୁ ଭାବରେ କହନ୍ତି । ନିଜ କଥାର ସମର୍ଥନ କରି ସେ ସେମାନଙ୍କ ଧର୍ମଗ୍ରନ୍ଥରୁ ଉଦ୍ଧାର କରନ୍ତି – ସେମାନଙ୍କ ନିଜର କେତେକ ସଂସ୍କୃତ ଶବ୍ଦ ବ୍ୟବହାର କରନ୍ତି ଏବଂ ତାହା ସେମାନଙ୍କର ମନକୁ ସ୍ପର୍ଶ କରେ ଯେପରି ଲାଟିନ୍ ଭାଷାର ମଧୁର ସ୍ୱର ଛୁଏଁ ରୋମାନ୍ କ୍ୟାଥଲିକ୍‌ମାନଙ୍କ ମନକୁ । ସେ ଯେତେବେଳେ ବୌଦ୍ଧମାନଙ୍କୁ ଭାଷଣ ଦିଅନ୍ତି, ସେତେବେଳେ ସେ ଠିକ୍ ସେହି କଥା ହିଁ କହନ୍ତି, କିନ୍ତୁ ବୁଦ୍ଧଙ୍କ ବାଣୀରୁ ଉଦ୍ଧାର କରନ୍ତି ଏବଂ ବୌଦ୍ଧ ଶବ୍ଦ ବ୍ୟବହାର କରନ୍ତି । ପାଶ୍ଚାତ୍ୟ ଜଗତରେ ଆପଣ ଖ୍ରୀଷ୍ଟିଆନ୍‌ମାନଙ୍କୁ ସେ ଭାଷଣ ଦେଉଥିବା ଶୁଣିବେ ସେମାନଙ୍କୁ ନିଜ ଶବ୍ଦରେ – ତିଳେ ହେଲେ ନିଜର ବିଶ୍ୱାସ ବା ଧର୍ମକୁ ବଦଳାଇ ନୁହେଁ, କିନ୍ତୁ କେବଳ ସେମାନଙ୍କ ଭାଷା ବ୍ୟବହାର କରି । ଅବଶ୍ୟ ସେ ଏହି ସମସ୍ତ ଧର୍ମରେ ବିଦୂଷୀ ।

ଆମେ ଯେତେବେଳେ ସବୁ ଧର୍ମର ପଛରେ ଥିବା ସତ୍ୟକୁ ଜାଣୁ, ଯଦିଓ ଆମେ ଜ୍ଞାନ ଏବଂ ଭାଷଣ ଦକ୍ଷତାରେ ତାଙ୍କ ସହିତ ତୁଳନୀୟ ହେବାକୁ ଆରମ୍ଭ

କରି ପାରିବୁ ନାହିଁ, ତାପି ଆମ ଭିତରୁ ଅନେକେ ଯେକୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମର ଏକ ପ୍ରାଥମିକ ପୁସ୍ତକକୁ ଟିକିଏ ପଢ଼ିଦେଇ ତାହା ଭଲଭାବେ ବୁଝିପାରିବେ, ସେଥିରେ ଥିବା ଶବ୍ଦଗୁଡ଼ିକୁ ବ୍ୟବହାର କରି ସତ୍ୟକୁ ଉପସ୍ଥାପନ କରି ପାରିବେ ଏବଂ ଯାହା ଅନ୍ୟମାନଙ୍କର ଅବୋଧ, ସେଭଳି ବହୁ ବିଷୟର ଅର୍ଥ ବୁଝାଇ ଦେଇ ପାରିବେ । କର୍ଣ୍ଣେଲ୍ ଅଲ୍‌କଟ୍ ତାହା ବାରମ୍ବାର କରିଥିବା ମୁଁ ଶୁଣିଛି । ସେ ଅଧ୍ୟାୟୀ ବା ବିଦ୍ୱାନ୍ ଧରଣର ବ୍ୟକ୍ତି ନ ଥିଲେ, କିନ୍ତୁ ଥିଲେ ଅତିଶୟ ଉପଯୋଗୀ ପ୍ରବକ୍ତା । ସେ ସଫଳ ଭାବେ ଭାଷଣ ଦେଇ ପାରିବେ ହିନ୍ଦୁ, ପାର୍ସୀ ଏବଂ ବୌଦ୍ଧ ଧର୍ମର ଶ୍ରୋତୃବର୍ଗଙ୍କୁ ଏବଂ ସେହି ସବୁ ଧର୍ମର ପଣ୍ଡିତ ଲୋକେ ଏହି କଥାରେ ଏକମତ ହୁଅନ୍ତି ଯେ ସେ ସେମାନଙ୍କୁ ସେମାନଙ୍କ ନିଜ ନିଜ ଧର୍ମରେ ଏକ ନୂତନ ଆଲୋକ ଦେଇଥାନ୍ତି । ସେଥିରୁ ଜଣାପଡ଼େ ବ୍ରହ୍ମବିଦ୍ୟା କିପରି ସବୁ ଧର୍ମର ପ୍ରଧାନ ଚାବିକାଠି । ବ୍ରହ୍ମବିଦ୍ୟା ସମିତିର ଆନ୍ତର୍ଜାତିକ କାର୍ଯ୍ୟାଳୟରେ ବାର୍ଷିକ ସମ୍ମିଳନୀର ବିରାଟ ସମାବେଶଗୁଡ଼ିକରେ ସେହି କଥା ସେଇ ପ୍ରକାରେ ଦେଖାଯାଏ । କାରଣ ସେଇଠି ବହୁ ଧର୍ମ ଓ ସଂସ୍କୃତିର ଲୋକେ ଏକାଠି ହୁଅନ୍ତି ଏବଂ ଯେ କେହି ସେଥିରେ ଯୋଗଦିଅନ୍ତି, ସେ କେବଳ ସହନଶୀଳତା ଦ୍ୱାରା ନୁହେଁ, ସେଠାରେ ପ୍ରଦର୍ଶିତ ସକ୍ରିୟ ସ୍ନେହଶୀଳ ଭ୍ରାତୃତ୍ୱ ଦ୍ୱାରା ମଧ୍ୟ ଗଭୀର ଭାବେ ପ୍ରଭାବିତ ହୁଅନ୍ତି ।

■■■

## ଚତୁର୍ଥ ଅଧ୍ୟାୟ

# ପ୍ରଫୁଲ୍ଲତା

**ପ୍ରଫୁଲ୍ଲତା** – ତୁମକୁ ପ୍ରଫୁଲ୍ଲତାର ସହିତ ନିଜର କର୍ମଫଳ ଭୋଗ କରିବାକୁ ପଡ଼ିବ, ସେ ଯାହା ହେଉନା କାହିଁକି । ଯେଉଁ ଦୁଃଖକଷ୍ଟ ଆସିଛି, ତାକୁ ଗ୍ରହଣ କରିବାକୁ ହେବ ଏକ ସମ୍ମାନ ରୂପେ । କାରଣ ତାହା ଦେଖାଇ ଦିଏ ଯେ କର୍ମଅଧିପତିଗଣ ତମକୁ ସାହାଯ୍ୟ କରିବା ଉପଯୋଗୀ ବୋଲି ମନେ କରନ୍ତି ।

**ଆନି ବେସାନ୍ତ୍** – ମୁଁ ଆଗରୁ ଯେପରି ବୁଝାଇ ଦେଇଛି, ଏହି ଯୋଗ୍ୟତା ହିଁ ଆଗରୁ ବାରମ୍ବାର ଧୈର୍ଯ୍ୟ ରୂପେ ଅନୂଦିତ ହୋଇଆସିଛି । ଧୈର୍ଯ୍ୟ ଏକ ପ୍ରକାର ନିଷ୍କ୍ରିୟ ଗୁଣ ହୋଇପାରେ; କିନ୍ତୁ ଆପଣଙ୍କୁ ଯାହା କରିବାକୁ ହେବ ତାହା କେବଳ ସହି ଯିବା କଥା ନୁହେଁ ଯାହା ନକରି ଆପଣ ରହିପାରନ୍ତେ ନାହିଁ – ବରଂ ସେଗୁଡ଼ିକ ପ୍ରଫୁଲ୍ଲତା ସହିତ ଖୁସି ମନରେ ଗ୍ରହଣ କରିବାକୁ ହେବ । ମୁହଁରେ ହସ ରଖି ସବୁ ଦୁଃଖ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ । ଏହି ନିର୍ଦ୍ଦିଷ୍ଟ ଗୁଣ ସମ୍ପର୍କରେ ମହାନ୍ ଶିକ୍ଷକଗଣ କ'ଣ ଆବଶ୍ୟକ କରନ୍ତି, ପ୍ରଫୁଲ୍ଲତା ଶବ୍ଦଟି ସେ ବିଷୟରେ ପୂର୍ଣ୍ଣ ଧାରଣା ଦେଇଥାଏ । ବହୁ ଲୋକେ ସହି ପାରନ୍ତି, କିନ୍ତୁ ସେମାନେ ଦୁଃଖର ସହ ତାହା କରିଥାନ୍ତି । ଆପଣଙ୍କୁ ଆପଣଙ୍କର ସମସ୍ତ ପରୀକ୍ଷା ଦେବାକୁ ହେବ ଏବଂ ଦୁଃଖ ଭୋଗିବାକୁ ହେବ ଆନନ୍ଦର ସହିତ । ଏହି କଥାଟି ଉପରେ କେତେକ ହିନ୍ଦୁ ପୁସ୍ତକରେ ବହୁତ ଜୋର୍ ଦିଆଯାଇଛି । ସବୁ କଥା ଆନନ୍ଦର ସହିତ ଗ୍ରହଣ କରିବାକୁ ହେବ ।

ଯେଉଁମାନେ ଆଗେଇ ଆସି ଏହି ପଥ ସକାଶେ ପ୍ରାର୍ଥୀ ହେବା ପାଇଁ ନିଜକୁ ଅର୍ପଣ କରନ୍ତି, ସେମାନଙ୍କ ପାଇଁ ଯେ କର୍ମଫଳଗୁଡ଼ିକ ଶୀଘ୍ର ଶୀଘ୍ର ସାରି ଦିଆଯାଏ – ଏହି କଥାଟି ଉପରେ ବିଶେଷ ଜାର୍ ଦିଆଯାଇଛି । ଏହା ପ୍ରଥମେ

କରାଯାଇଥାଏ ଲୋକଙ୍କୁ ଆଗରୁ ସତର୍କ କରିଦେବା ପାଇଁ ଯେ ସେମାନଙ୍କୁ କ'ଣ ଆଶା କରିବାକୁ ହେବ । ଦ୍ୱିତୀୟରେ ସେମାନଙ୍କୁ ପ୍ରଫୁଲ୍ଲିତ କରିବାପାଇଁ, ଯେତେବେଳେ ସେମାନଙ୍କର ସେହି ଅନୁଭୂତି ହୁଏ ବାସ୍ତବ କ୍ଷେତ୍ରରେ – କେବଳ ତାତ୍ତ୍ୱିକ କ୍ଷେତ୍ରରେ ନୁହେଁ – କାରଣ ତାହା ମଧ୍ୟରେ ବିରାଟ ପାର୍ଥକ୍ୟ ଥାଏ ।

କର୍ମର ନିୟମ ଏକ ପ୍ରାକୃତିକ ନିୟମ ହୋଇଥିବା ହେତୁ ତାକୁ କିଛି ସମୟ ପାଇଁ ଏଡ଼ାଇ ଦଇେ ହେବ କିମ୍ୱା ନ ହେଲେ ସାଙ୍ଗେ ସାଙ୍ଗେ କାର୍ଯ୍ୟକାରୀ କରାଯାଇପାରିବ । ଅର୍ଥାତ୍, ଆପଣ ନିଜକୁ ଏପରି ଅବସ୍ଥାରେ ରଖି ପାରିବେ ଯେଉଁଠି ଏହା ଆପଣଙ୍କୁ ପ୍ରଭାବିତ କରିବ କିମ୍ୱା ଅନ୍ୟ ପରିସ୍ଥିତିରେ ରଖି ପାରିବେ ଯେଉଁଠି ଆପଣ କିଛି ସମୟ ପାଇଁ ଏଥିରୁ ଅବ୍ୟାହତି ସକାଶେ ଆଶ୍ରୟ ପାଇ ପାରିବେ । ବାରମ୍ୱାର ଏହା କହିବା ଆବଶ୍ୟକ ଯେ ପ୍ରାକୃତିକ ନିୟମଗୁଡ଼ିକ ଆଇନ୍ ନୁହେଁ – ସେଗୁଡ଼ିକ ଆମକୁ କିଛି କିରବା ପାଇଁ ଆଦେଶ ଦିଏ ନାହିଁ । ଏକ ସାଧାରଣ ଉଦାହରଣ ନିଆଯାଇପାରେ । ଆମ ଚାରି ପାଖରେ ବୈଦ୍ୟୁତିକ ଶକ୍ତିଗୁଡ଼ିକ ସର୍ବଦା ସକ୍ରିୟ ରହିଛି, କିନ୍ତୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଏବଂ ସମୟରେ ଆମେ ଯଦି ସେଗୁଡ଼ିକଦ୍ୱାରା କିଛି ପରିଣତି ଘଟାଇବାକୁ ଚାହୁଁ, ତେବେ ସେଗୁଡ଼ିକୁ ପ୍ରକଟିତ କରାଇବା ପାଇଁ ଆମେ ଦରକାର କରୁ ଏକ ବିଶେଷ ଧରଣର ଉପକରଣ । ସେହିପରି କର୍ମ ହେଉଚି ଏକ ପ୍ରାକୃତିକ ନିୟମ । ବ୍ୟକ୍ତି ବିଶେଷର ଜୀବନରେ ଏହାର ଶକ୍ତିଗୁଡ଼ିକର କାର୍ଯ୍ୟକାରିତା ଆରମ୍ଭ କରିବା ପାଇଁ ଉପକରଣ ହୋଇପାରେ ପାର୍ଥିବ ଜୀବନ ମଞ୍ଚରେ ତାର ଆବିର୍ଭାବର ପ୍ରକ୍ରିୟା ଯାହାକୁ ଆମେ ଜନ୍ମ ବୋଲି କହୁଛୁ ।

ବ୍ୟକ୍ତି ବିଶେଷର ଜୀବନରେ କେତେକ ପରିବର୍ତ୍ତନ ସେହି ବ୍ୟକ୍ତି ଉପରେ କର୍ମ ନିୟମର କାର୍ଯ୍ୟକାରିତାକୁ ଦୃଢ଼ୀଭୂତ ଏବଂ ତ୍ୱରାନ୍ୱିତ କରି ଦେଇପାରେ । ଉଦାହରଣ ସ୍ୱରୂପ, ଯେତେବେଳେ ଦ୍ରୁତ ପ୍ରଗତି ସକାଶେ ଆପଣ ନିଜକୁ ପ୍ରାର୍ଥୀ ରୂପେ ପ୍ରସ୍ତାବ କରନ୍ତି, ଯେଉଁମାନେ କର୍ମର ନିୟମକୁ କାର୍ଯ୍ୟକାରୀ କରାନ୍ତି, ସେମାନେ ଆପଣ ଦେଇଥିବା ସମ୍ମତି ପାଇଁ ଉପକରଣଟିକୁ ବଦଳାଇ ଦେଇପାରନ୍ତି ଏବଂ ସେଥିରେ ଥିବା ଶକ୍ତିକୁ ଅଧିକ ଦୃଢ଼ଭାବେ ପ୍ରକଟିତ ହେବାକୁ ଏବଂ ଅପେକ୍ଷାକୃତ ଅଳ୍ପ ସମୟରେ ଆପଣଙ୍କ ଉପରେ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯିବାକୁ ସୁବିଧା ଦିଅନ୍ତି । ଆପଣଙ୍କର ଇଚ୍ଛା ହିଁ ସେହି ଉପକରଣରେ ପରିବର୍ତ୍ତନ ଆଣିବାର ପ୍ରକୃତ କାରଣ ।

ଦ୍ରୁତତର ଆଭିବୃଦ୍ଧି ଏବଂ ନିଜର ମନ୍ଦକର୍ମରୁ ମୁକ୍ତ ହେବା ପାଇଁ ଯଦି ମନୁଷ୍ୟର ପ୍ରକାଶିତ ଇଚ୍ଛା ତାର ପ୍ରକୃତ ଇଚ୍ଛା ହୋଇଥାଏ, ଯାହା ଫଳରେ ତାର ଆତ୍ମା ସେହି ଦିଗରେ ପ୍ରସ୍ତୁତ ରହିଥାଏ, ତେବେ ତାର ଇଚ୍ଛା କର୍ମ-ଅଧିପତିମାନଙ୍କ ନିକଟରେ ପହଞ୍ଚେ । ସେମାନେ ତାର ଅତୀତର କର୍ମକୁ ଗତିଶୀଳ କରି ଦିଅନ୍ତି ଏବଂ ସେହି ବ୍ୟକ୍ତି ଉପରକୁ ତାହା ଓହ୍ଲାଇବାକୁ ଛାଡ଼ି ଦିଅନ୍ତି । ସେହି କର୍ମ ଆଗରୁ ଥିଲା; ଏହା ନୁହେଁ ଯେ ମନୁଷ୍ୟ କିଛି ନୂତନ କର୍ମ କରୁଛି । କିନ୍ତୁ ସେ ଯାହା ସଞ୍ଚୟ କରି ରଖିଥିଲା, ସେଗୁଡ଼ିକ ସେ ଶେଷ କରି ଦେବାକୁ ଆରମ୍ଭ କରେ ।

କ'ଣ ଘଟୁଛି, ଯଦି ଆପଣ ଉପଲବ୍ଧି କରିବେ, ତେବେ ଆପଣଙ୍କର ଯେକୌଣସି ଘଟଣାରେ ଆପଣ ବିସ୍ମିତ ହେବେ ନାହିଁ । ଆଲସଓନ୍‌ଙ୍କ ଜୀବନୀଗୁଡ଼ିକ ବିଷୟରେ ବିଚାର କରି ଦେଖନ୍ତୁ କେତେ ଭୟଙ୍କର ଘଟଣା ଘଟି ଯାଇଛି ସେଥିରେ । ଗୋଟିଏ ଜୀବନରେ ତାଙ୍କର ଶିଶୁକୁ ହତ୍ୟା କରାଗଲା; ଆଉ ଏକ ଜୀବନରେ ସେ ନିଜେ କରି ନ ଥିବା ଏକ ଅପରାଧ ସକାଶେ ଫାଶି ପକାଇଲେ – ଏହିପରି କେତେ କଥା । ଆପଣ ଯେତେବେଳେ ସେଗୁଡ଼ିକୁ କାହାଣୀ ପରି ପଢ଼ିବାକୁ ଲାଗିବେ, ସେତେବେଳେ ଆପଣ ଏହି ବିଷୟ କ୍ୱଚିତ୍ ଉପଲବ୍ଧି କରିବେ । କିନ୍ତୁ ଏହି ଜୀବନରେ ଯଦି ଆପଣଙ୍କର ସେହିଭଳି ଘଟଣା ଘଟେ, ତେବେ ଆପଣ ସେଗୁଡ଼ିକୁ ଅତିଶୟ ଭୟଙ୍କର ବୋଲି ଭାବିବେ । ଏହି ସବୁ ଦୁର୍ଭାଗ୍ୟ ଏବଂ ଦୁଃଖମୟ ଘଟଣା ହେଉଛି ମନ୍ଦ କର୍ମଗୁଡ଼ିକୁ ନିଶେଷ କରିଦେବାର ପ୍ରକ୍ରିୟା ।

ଯେତେବେଳେ ଆପଣଙ୍କ ଉପରକୁ ଦୁଃଖକଷ୍ଟ ଶୀଘ୍ର ଶୀଘ୍ର ଆସେ, ତାହା ଦେଖାଇ ଦିଏ ଯେ, କର୍ମର ଅଧିପତିଗଣ ଆପଣଙ୍କ ପ୍ରାର୍ଥନାକୁ ଲକ୍ଷ୍ୟ କରୁଛନ୍ତି ଏବଂ ତାହା ଏକ ଶୁଭ ସୂଚନା । ଯଦି ସବୁ କିଛି ବେଶ୍ ସହଜରେ ବିତିଯାଉଛି, ତାହାର ଅର୍ଥ ହେବ ଯେ ସେମାନେ ଏ ପର୍ଯ୍ୟନ୍ତ ଲକ୍ଷ୍ୟ କରିନାହାନ୍ତି । ସୁତରାଂ ଏହି ବିଷୟରେ ମଧ୍ୟ ଗୂଢ଼ତାତ୍ତ୍ୱିକ ମତ ସାଂସାରିକ ବିଚାରର ଓଲଟା । ଯେଉଁ ବିଷୟଗୁଡ଼ିକୁ ସଂସାର କହେ ମନ୍ଦ, ଗୂଢ଼ତାତତ୍ତ୍ୱିକ ଦୃଷ୍ଟିକୋଣରୁ ସେଗୁଡ଼ିକ ହେଉଛି ଭଲ ।

ଯେତେବେଳେ ଆପଣଙ୍କ ଉପରକୁ ଆସୁଥିବା କଷ୍ଟ ଏବଂ କ୍ଷତି ସାଙ୍ଗକୁ ମିଳିତ ହୁଏ ଆପଣଙ୍କ ଚାରି ପାଖରେ ଥିବା ଲୋକଙ୍କର ଭର୍ତ୍ସନା ଏବଂ ବିଚାରହୀନ ସମାଲୋଚନା, ସେତେବେଳେ ଆପଣଙ୍କର ହୁଏ ସର୍ବୋତ୍ତମ କର୍ମଫଳ । କେତେକ ଦୁର୍ଭାଗ୍ୟଜନକ ଘଟଣା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କଠାରୁ ସହାନୁଭୂତି ଜାତ କରାଏ

ଏବଂ ସେ କଷ୍ଟ ପାଉଥାଏ ତାହା ଉପରେ ଢଳା ଯାଇଥିବା ଏହି ସମସ୍ତ ସହାନୁଭୂତି ତାକୁ ବିଶେଷ ସାହାଯ୍ୟ କରେ । କିନ୍ତୁ ଅନ୍ୟ କେତେକ ଦୁର୍ଭାଗ୍ୟଜନକ ଘଟଣା ଅପନିନ୍ଦା ସୃଷ୍ଟି କରେ । ଆପଣ ହୁଏତ ନିଜର ଯଥାସାଧ୍ୟ କରିଥିବେ, କିନ୍ତୁ ଆପଣ ପାଇଥିବେ ତୀବ୍ର ଯନ୍ତ୍ରଣା ଏବଂ ଅତିରିକ୍ତ ଭାବେ ଦୁନିଆ ଆପଣଙ୍କ ବିରୋଧରେ ଯାଏ ଏବଂ ନିନ୍ଦା କରେ । ଏହା ଯେତେବେଳେ ଘଟେ, ମନୁଷ୍ୟ ଅତୀତ ମନ୍ଦକାର୍ଯ୍ୟର ଏକ ବଡ଼ ପରିମାଣ ଶୁଝି ଦିଏ । ସେହି ଅତିରିକ୍ତ ଅପ୍ରୀତିକର ଅଂଶ ଆପଣଙ୍କୁ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଭାବେ ତାହା ଶୁଝି ଦେବାରେ ସକ୍ଷମ କରାଏ ।

ଆପଣ ଯେତେବେଳେ ଏହି ବିଷୟଗୁଡ଼ିକ ଶୁଣନ୍ତି ବା ପଢ଼ନ୍ତି, ଏଗୁଡ଼ିକ ତାତ୍ତ୍ୱିକ ଦୃଷ୍ଟିରୁ ସତ୍ୟ ବୋଲି ବୁଝିବା ସହଜ ହୁଏ; କିନ୍ତୁ ଆପଣଙ୍କୁ ଯାହା କରିବାକୁ ହେବ, ତାହା ହେଉଛି ଠିକ୍ ସମରେ ଏଗୁଡ଼ିକୁ ମନେ ପକାଇବା । ଲୋକେ ସାଧାରଣତଃ ଯାହା କରିଥାନ୍ତି, ତାହା ହେଉଛି କାର୍ଯ୍ୟତଃ ସେଗୁଡ଼ିକର ଉପଲବ୍ଧିର ସମୟ ଆସିବା ପର୍ଯ୍ୟନ୍ତ ସେଗୁଡ଼ିକୁ ସ୍ୱୀକାର କରି ନେବା ଏବଂ ତା'ପରେ ଶୀଘ୍ର ପାଶୋରି ଯିବା । ଏହି ତଥ୍ୟଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନିଜ ମନ ଭିତରେ ଏପରି ପୂରାଇ ଦିଅନ୍ତୁ ଯେପରି ଆପଣ ଭୁଲି ପାରିବେ ନାହିଁ, ଫଳରେ ସେଗୁଡ଼ିକର ଚିନ୍ତା ଆପଣ କଷ୍ଟ ପାଇବାବେଳେ ଆପଣଙ୍କୁ ଶକ୍ତିଦେବ ଏବଂ ଅନ୍ୟମାନେ ଯେତେବେଳେ କଷ୍ଟ ପାଉଥିବେ, ସେତେବେଳେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆପଣଙ୍କୁ ସକ୍ଷମ କରିବ । ଯେତେବେଳେ ଆପଣ ନିଜ ଚାରି ପାଖରେ ଆଖି ବୁଲାନ୍ତି ଆପଣ ଦେଖନ୍ତି କିପରି ସର୍ବଦାଅତି ଭଲ ଲୋକେ ମଧ୍ୟ କଷ୍ଟ ପାଆନ୍ତି, ଯେଉଁମାନେ (ଅନେକ ସମୟରେ ଲୋକେ ଯେପରି କହିବା ଶୁଣାଯାଏ) ସେହି କଷ୍ଟ ଅର୍ଜନ କରିବା ପାଇଁସେଭଳି କିଛି କରି ନାହାନ୍ତି – ଅର୍ଥାତ୍ ବର୍ତ୍ତମାନ ଜନ୍ମରେ କିଛି କରିନାହାନ୍ତି ଏବଂ ସେମାନଙ୍କର ବର୍ତ୍ତମାନ ଜନ୍ମ ହେଉଚି ମହତ୍ ଏବଂ ଉପଯୋଗୀ । ସେତେବେଳେ ଏହି କଥାଟି ଆପଣଙ୍କୁ ଟିକିଏ ସାହାଯ୍ୟ କରିପାରି ଘଟଣାଗୁଡ଼ିକ ସ୍ପଷ୍ଟ ଭାବେ ବୁଝିବାରେ ଏବଂ ତାହା ଆପଣଙ୍କର ଆବଶ୍ୟକ ।

ଆମର ପ୍ରବୃତ୍ତି ହେଉଛି ଯେ ଆମଠାରୁ ଯେଉଁମାନେ ଅଧିକ ସୌଭାଗ୍ୟଶାଳୀ ସେମାନଙ୍କ ସହିତ ନିଜକୁ ତୁଳନା କରିବା । ସମୟେ ସମୟେ ଯେଉଁମାନେ ଆମଂାରୁ କମ୍ ସୌଭାଗ୍ୟଶାଳୀ ସେମାନଙ୍କ ସହିତ ସେପରି ତୁନା କରିବା ଭଲ ହେବ । କାରଣ ଆମେ ଯାହା ସବୁ ଭଲ ଜିନିଷ ପାଇଛୁ, ସେଥିପାଇଁ ଆମ

କୃତଜ୍ଞତା ଅନୁଭବ କରିବୁ । ଆମେ ଭୁଲିଯିବା ସମ୍ଭବ ଯେ ଆମ ପାଖରେ ବହୁ ଜିନିଷ ଅଛି, ଯେଉଁଥିପାଇଁ ଆମେ କୃତଜ୍ଞ ଅନୁଭବ କରିବା ଉଚିତ, କାରଣ ସବୁବେଳେ ଆମେ ଭାବୁ ଆମ ଭାଗକୁ ପଡ଼ିଥିବା କେତେ ଦୁଃଖ ଏବଂ କ୍ଷୟକ୍ଷତି ବିଷୟରେ; କିନ୍ତୁ ଆମେ ସେପରି ଭାବିବା ଅନୁଚିତ ।

**ଲେଡ୍‌ବିଟର୍ –** ଯେ ପ୍ରକୃତରେ କର୍ମର ନିୟମକୁ ବୁଝେ ଏବଂ ସେଥିରେ ବିଶ୍ୱାସ କରେ ସେ ପ୍ରଫୁଲ୍ଲ ନ ହୋଇ ରହିପାରିବ ନାହିଁ । ଏହା ସମ୍ପୂର୍ଣ୍ଣ ସ୍ପଷ୍ଟ ହେବା ଉଚିତ ଯେ କର୍ମ ହେଉଛି ମାଧ୍ୟାକର୍ଷଣ ନିୟମ ଭଳି ଏକ ନିୟମ ଏବଂ ଏହା ସର୍ବଦା ସକ୍ରିୟ । ଲୋକେ ସମୟେ ସମୟେ ଏହା ବିଷୟରେ ଭାବନ୍ତି ଏବଂ କହନ୍ତି, ଯେପରି ଏହା କାର୍ଯ୍ୟକାରୀ ହୁଏ ମଝିରେ ମଝିରେ ଯେତେବେଳେ ସେମାନେ କିଛି କରନ୍ତି । ଏହା ସତ ନୁହେଁ; ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ତାହାର କ୍ରିୟାଧୀନ । ମଣିଷ ଯୋଗାଇ ଦିଏ ପରିସ୍ଥିତି, ଯେଉଁଥିରେ କର୍ମର ନିୟମ ତାହା ଉପରେ କାର୍ଯ୍ୟକାରୀ ହୋଇପାରେ, ଯେତେବେଳେ ସେ ନିର୍ଦ୍ଦିଷ୍ଟ ଭାବେ କିଛି କରେ, ଚିନ୍ତା କରେ ବା କହେ ।

ଆମ ପ୍ରତ୍ୟେକଙ୍କ ସକାଶେ କର୍ମ-ନିୟମର ଏକ ହିସାବ ଖାତା ରହିଛି – ଆମ ଭଲ କର୍ମ ଓ ମନ୍ଦ କର୍ମର ମୋଟ ହିସାବ ରହିଛି । ଯେହେତୁ ଆମେ ସମସ୍ତେ ବର୍ବର ଅବସ୍ଥା ଦେଇ ଆସିଛୁ । ଯେଉଁ ଅବସ୍ଥାରେ ଆମେ ସବୁ ପ୍ରକାର ଅସଂଯତ କାର୍ଯ୍ୟ କରିଥିଲୁ, ସେଥିରୁ କେତେକ ପରିମାଣର ମନ୍ଦ କର୍ମ ଆମ ସମସ୍ତଙ୍କ ପାଇଁ ଅପେକ୍ଷା କରି ରହିଥିବା ସମ୍ଭବ, ଯଦି ଆମେ ବହୁଜନ୍ମ ଧରି ସେଗୁଡ଼ିକର ହିସାବ ଶେଷ କରିନାହୁଁ । ଆମେ ଯେତେବେଳେ ଦେଖୁ ଆମେ କଷ୍ଟ ଭୋଗୁଛୁ, ଆମକୁ ଧରି ନେବାକୁ ହେବ ଯେ ସମ୍ଭବତଃ ଆମ୍ଭେମାନେ ଆମ କର୍ମର ଶେଷ ଅଂଶର ହିସାବ ସାରି ଦେଉଛୁ । ଆମେ ଯଦି କେତେକ ମହତ୍ତମ ସାଧୁଙ୍କର କାହାଣୀ ପଢ଼ିବା, ଆମେ ଦେଖିବା ଯେ ସେମାନେ ବହୁ ପରିମାଣର ଯନ୍ତ୍ରଣା ଦେଇ ଗତି କରିଥିଲେ । ଯେଉଁ ସବୁ ଲୋକେ ପୃଥିବୀକୁ ସାହାଯ୍ୟ କରିବାକୁ ଚେଷ୍ଟା କରିଛନ୍ତି, ସେମାନେ ଭୀଷଣ କଷ୍ଟ ପାଇଛନ୍ତି । ଏହା ହେଉଚି ଦୀକ୍ଷା ପାଇଁ ପ୍ରଶିକ୍ଷଣର ଏକ ଅଂଶ, କିନ୍ତୁ ଏହା ହେଉଚି ସର୍ବଦା ସମ୍ପୂର୍ଣ୍ଣ ନ୍ୟାୟଭିତ୍ତିକ, କାରଣ ପ୍ରଶିକ୍ଷଣ ସକାଶେ ମଧ୍ୟ କୌଣସି ଅନ୍ୟାୟ ଘଟି ନଥାଏ ।

କର୍ମ ଅଧିପତିମାନେ ହେଉଛନ୍ତି କେବଳ ସେହି ନିୟମର ପ୍ରଶାସକଗଣ । ହୁଏତ କେତେକ ପ୍ରକାରେ ଅଧିପତି ଶବ୍ଦଟି ହେଉଚି ଟିକିଏ ଅନିର୍ଦ୍ଦିଷ୍ଟ; କାରଣ ଏହା ଏକ ପ୍ରକାର ସୂଚନା ଦିଏ ଯେ ସେମାନେ କର୍ମଫଳକୁ ସଂଚାଳିତ ଓ

ଶୃଙ୍ଖଳିତ କରନ୍ତି । ଆପଣ ମାଧ୍ୟାକର୍ଷଣ ଶକ୍ତିକୁ ସଂଚାଳିତ ଓ ଶୃଙ୍ଖଳିତ କରି ପାରିବେ ନାହିଁ; କିନ୍ତୁ ତାହାର ଉପଯୋଗ କରିବାକୁ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଏବଂ ନିର୍ଦ୍ଦିଷ୍ଟ ପ୍ରକାରେ ବ୍ୟବସ୍ଥା କରିପାରନ୍ତି । କର୍ମର ନିୟମ ସମ୍ପର୍କରେ ମଧ୍ୟ ସେଇ କଥା । ଯେଉଁମାନେ ଏହି ସମ୍ପର୍କରେ କାର୍ଯ୍ୟ କରନ୍ତି, ସେମାନେ ହେଉଛନ୍ତି ଏହାର ପ୍ରଶାସକ । କର୍ମାଧିପତିମାନଙ୍କର ଗୋଟିଏ କାମ ହେଉଛି ମନୁଷ୍ୟର ସଂଚଳିତ କର୍ମରୁ ଏକ ଅଂଶକୁ ବାଛି ନେବା ଏବଂ ମଣିଷକୁ ତାର ଆଗାମୀ ଜନ୍ମରେ ତାହା ନିଃଶେଷ କରିବାକୁ ଦେବା । ମଣିଷର କର୍ମରେ ଯେତିକି ଭଲ ବା ମନ୍ଦ ଅଛି, ତାହାଠାରୁ ସେମାନେ ଅଧିକ ଦେଇ ପାରିବେ ନାହିଁ । କିନ୍ତୁ ସେମାନେ ସେଥିରୁ ସେତିକି ବାଛିଥାନ୍ତି ଯାହା ମଣିଷ ଶେଷ କରିଦେଇ ପାରିବ ।

ତଥାପି ମନୁଷ୍ୟର ଇଚ୍ଛା ଶକ୍ତି ହେଉଛି ଅବାଧ କିନ୍ତୁ ଏହା ଯଦି ବଛା ଯାଇଥିବା କର୍ମ, କର୍ମାଧିପତିଗଣ ଆଶା କରିଥିବା ସମୟ ତୁଳନାରେ ଅଳ୍ପ ସମୟ ମଧ୍ୟରେ ନିଃଶେଷ ହୋଇଯାଏ; ଯଦି ଆମେ ସେପରି ବର୍ଣ୍ଣନା କରିପାରୁ, ତେବେ ଅଧିପତିମାନେ ଅଧିକା କର୍ମଫଳ ଦେଇ ପାରନ୍ତି ଭୋଗ କରିବା ପାଇଁ । "ଭଗବାନ ଯାହାକୁ ଭଲ ପାଆନ୍ତି, ତାହାକୁ ସେ ଅଧିକ କଷ୍ଟ ଦିଅନ୍ତି ।" ଏହି ଅସାଧାରଣ ଉକ୍ତିର ଅର୍ଥ ହେଉଛି ସେଇଆ । ଲୋକେ ମଧ୍ୟ ନିଜ ପାଇଁ ବହୁତ କଷ୍ଟ ସୃଷ୍ଟି କରନ୍ତି, ଯାହା ସେମାନଙ୍କ ଅତୀତ କର୍ମରେ ନ ଥିଲା – ଯେତେବେଳେ ସେମାନେ ଘଟଣାଗୁଡ଼ିକୁ ଦାର୍ଶନିକ ଭାବେ ଗ୍ରହଣ ନ କରି କଷ୍ଟରେ ଗ୍ରହଣ କରନ୍ତି ସମ୍ପୂର୍ଣ୍ଣ ମୂର୍ଖତା ସହ । କିନ୍ତୁ ସେଥିପାଇଁ କର୍ମର ଅଧିପତିଗଣ ଦାୟୀ ନୁହନ୍ତି ।

**ଯେତେ କଷ୍ଟକର ହେଲେ ମଧ୍ୟ, ତାହା ଯେ ଆହୁରି ଖରାପ ହୋଇ ନାହିଁ, ସେଥିପାଇଁ କୃତଜ୍ଞ ହୁଅ ।**

**ଲେଡ୍‌ବିଟର –** କଷ୍ଟ ପାଉଥିବା ପ୍ରାୟ ସମସ୍ତଙ୍କର ପ୍ରବୃତ୍ତି ହୁଏ, ଭାରି କଷ୍ଟ ହେଉଛି ବୋଲି କହିବା ପାଇଁ ଏବଂ ସେହି ସମସ୍ତ ବିଷୟରେ ଭାବିବା ପାଇଁ ଯେତେବେଳେ ଅବସ୍ଥା ଭଲ ଥିଲା । ଆମେ ତାକୁ ଅନ୍ୟ ପ୍ରକାରେ ଗ୍ରହଣ କରି କହିପାରିବା, "ଅବସ୍ଥା ଏହାଠାରୁ ମଧ୍ୟ ଆହୁରି ଖରାପ ହୋଇ ପାରିତାନ୍ତା ।" ପୁନଶ୍ଚ "ଏହିସବୁ କର୍ମଫଳ ସାରି ଦେଉଥିବା ହେତୁ ମୁଁ ଅତିଶୟ ଖୁସି । ହୁଏତ ଅଧିକା କର୍ମ ଫଳ ପାଇଥାନ୍ତି ସାରି ଦେବାପାଇଁ । ତେବେ ଅନ୍ତତଃ ଏତକର ସର୍ବୋତ୍ତମ ଉପଯୋଗ କରି ଦିଏ ।"

**ମନେ ରଖଯେ ତୁମେ ଗୁରୁଙ୍କର ବିଶେଷ ଉପଯୋଗୀ ହୋଇ ପାରିବ ନାହିଁ, ଯେ ପର୍ଯ୍ୟନ୍ତ ତୁମର ମନ୍ଦ କର୍ମ ଶେଷ ନ ହୋଇଛି ଏବଂ ତୁମେ ମୁକ୍ତ ହୋଇ ନାହିଁ ।**

**ଆନି ବେସାନ୍ତ୍ –** ଗୁରୁଦେବଙ୍କ ଦୃଷ୍ଟିକୋଣରୁ ପୃଷ୍ଠଭୂମିରେ ମଣିଷ ଉପରେ ଝୁଲି ରହିଥିବା ଏକ ମନ୍ଦ କର୍ମକୁ ଶେଷ କରିଦେବା ତା ପକ୍ଷରେ ଏକ ଭଲ କଥା । କାରଣ ଆମକୁ ମନେ ରଖିବାକୁ ହେବ ଯେ ଯେଉଁମାନେ ଗୁରୁଙ୍କର ସେବା କରିବାକୁ ଚାହାନ୍ତି, ସେମାନଙ୍କର ମନ୍ଦ କର୍ମ ଗୁରୁଙ୍କର ପ୍ରତିବନ୍ଧକ ହୋଇଥାଏ । ସେ ଶିଷ୍ୟକୁ ଅନ୍ୟଥା ଯେପରି ଉପଯୋଗ କରିଥାନ୍ତେ, ସେପରି କରିବାରେ ଏହା ବାଧା ଦିଏ । ଶ୍ରୀମତୀ ବ୍ଲାଭାଟସ୍କି ସମ୍ପୂର୍ଣ୍ଣ ସତ୍ୟବାଦୀ ହୋଇଥିବା ହେତୁ ନିଜ ବିଷୟରେ ଖୋଲାଖୋଲି କହନ୍ତି । କୁଲମ୍ବ୍ ଗଣ୍ଡଗୋଳ ସମ୍ପର୍କରେ କହିଥିଲେ, "ମୁଁ ଏହା ଏବେ ଅର୍ଜନ କରି ନଥିଲି, କିନ୍ତୁ ପାଇଲି ମୋର ଅତୀତ ଯୋଗୁଁ ।" ସେହି କର୍ମରୁ ମୁକ୍ତ ହେବା ଥିଲା ତାଙ୍କ ପକ୍ଷରେ ଗୁରୁତ୍ୱପୂର୍ଣ୍ଣ ଏବଂ ସେହି ଘଟଣାର ସମଗ୍ର କାଳ ମଧ୍ୟରେ ତାଙ୍କ ସହିତ ଲଜ୍ଜାଜନକ ଭାବେ ଯେପରି କୁତ୍ସାପୂର୍ଣ୍ଣ ବ୍ୟବହାର କରାଗଲା, ତାହା ଥିଲା ତାଙ୍କ ସକାଶେ ମହତ୍ତମ ଆଶୀର୍ବାଦ । ସେ ଯେତେବେଳେ କଥାଟାକୁ ଦାର୍ଶନିକ ଭାବେ ପରୀକ୍ଷା କଲେ ସେତେବେଳେ ସେ ତାହା ଜାଣି ପାରିଲେ । କିନ୍ତୁ ସମୟେ ସମୟେ ଉପରି ଭାଗରେ ସେ ବ୍ୟଥିତ ହୋଇଥିଲେ ।

ସମସ୍ତ ଅଭୀପ୍ସୁ ସେହି କଥା ଚିନ୍ତା କରି ଉପକୃତ ହେବା ଉଚିତ, ତଦ୍ଦ୍ୱାରା ସେମାନେ ନିଜ କଥା ଛାଡ଼ି ଗୁରୁଙ୍କ କଥା ପ୍ରତି ଦୃଷ୍ଟି ଦେବେ ଏବଂ ଭାବେବେ, "ମୁଁ ବର୍ତ୍ତମାନ ଯେଉଁ ସବୁ କଷ୍ଟ ଦେଇ ଗତି କରୁଛି, ତାହା ମୋତେ ତାଙ୍କ କାର୍ଯ୍ୟରେ ଅଧିକ ଉପଯୋଗୀ କରାଇବ ।"

ଯଦି ଆପଣ ଜଣାଇଛନ୍ତି ଯେ ଆପଣଙ୍କର କର୍ମ ସବୁ ଶୀଘ୍ର ଶେଷ କରି ଦିଆଯାଉ, ତେବେ ଯେତେବେଳେ ଆପଣଙ୍କର ପ୍ରାର୍ଥନା ପୂରଣ କରାଯାଉଛି, ସେତେବେଳେ ଅଭିଯୋଗ ବାଢ଼ିବା ହେବ ଅଯୌକ୍ତିକ । ଆପଣଙ୍କର ମନରେ ଏହି ପ୍ରେରଣାଦାୟକ ଭାବନାଟିକୁ ସର୍ବଦା ରଖନ୍ତୁ, "ମୁଁ ଯେତିକି ଏଥିରୁ ମୁକ୍ତ ହେବି, ସେତିକି ଅଧିକ ମୁଁ ଗୁରୁଙ୍କର କାମରେ ଆସିପାରିବି ।" ଦାନ ଥରେ ଦିଆଯାଇଥିଲେ ଆଉ ଫେରାଇ ନେବା ଅନୁଚିତ । କେତେକ ପୁରାତନ ଭାରତୀୟ ପୁସ୍ତକରେ କୁହାଯାଇଥିବା କାହାଣୀଗୁଡ଼ିକରେ ଏହି ଭାବନା ବାରମ୍ବାର ଦେଖାଯାଏ;

ଦାନ ଥରେ ଦିଆଯାଇଥିଲେ କିମ୍ବା କଥା ଥରେ ଦିଆଯାଇଥିଲେ ଆଉ ଫେରାଇ ନିଆଯାଇ ପାରିବ ନାହିଁ ।

ଯଦି ଆପଣ ଥରେ ଦେଇଥିବା ଦାନ ପରିସ୍ଥିତି କ୍ରମେ ପୁଣି ଆପଣଙ୍କ ହାତକୁ ଫେରି ଆସେ, ତେବେ ଆପଣ ତାକୁ ପୁଣି ଦେଇ ଦେବା ଉଚିତ ହେବ । ତାହା ଆପଣଙ୍କର ନୁହେଁ ଏବଂ ତାକୁ ରଖିବା ହେବ ଚୋରି । ସୁତରାଂ ଯଦି ଆପଣ ନିଜକୁ ଏପରି ଦାନ ଦେଇଛନ୍ତି (ସର୍ବାପେକ୍ଷା ଉଚ୍ଚତମ ଏବଂ ମହତ୍ତମ ସେହି ଦାନ) ଆପଣ ତାକୁ କେବେହେଲେ ଫେରାଇ ନେବେ ନାହିଁ । ଲୋକେ ମଝିରେ ମଝିରେ କଥାରେ ନିଜକୁ ଗୁରୁଙ୍କ ନିକଟରେ ଦେଇ ଦିଅନ୍ତି ଏବଂ ସେହି ଦାନ ଉପରେ ହାତଟିଏ ରଖିଥାନ୍ତି ପଛକୁ ଟାଣି ଦେବାକୁ ସକ୍ଷମ ହେବା ପାଇଁ ଯଦି ଗୁରୁ ବେଶି ଦୂର ଆଗେଇ ଯାନ୍ତି । ପ୍ରକୃତରେ ଏହା ସେହି ଭଳିଆ କଥା ହୋଇଥାଏ । ସେମାନେ ଓହରି ଯାଆନ୍ତି, ଯଦି ଗୁରୁ ତାଙ୍କ କଥାକୁ ଗ୍ରହଣ କରି ନିଅନ୍ତି । ସମୟେ ସମୟେ ଗୁରୁ ତାହା କରି ପାରନ୍ତି ସେମାନଙ୍କୁ ଦେଖାଇ ଦେବା ପାଇଁ ଯେ ସେମାନେ ନିଜକୁ ପ୍ରତାରଣା କରୁଥିଲେ ଏବଂ ଯେତିକି କଥା ସେମାନେ ରକ୍ଷା କରିବା ପାଇଁ ପ୍ରସ୍ତୁତ ତାହାଠାରୁ ଅଧିକ କିଛି କରିବା ପାଇଁ ଶପଥ କରୁଥିଲେ ।

**ଲେଡ୍‌ବିଟର** – ଯଦି ଜଣକର ସମସ୍ତ ମନ୍ଦ କର୍ମ ଶେଷ ହୋଇଯାଏ, ତେବେ ସେ ନିଜର ପୂର୍ଣ୍ଣ ସମୟ ଏବଂ ଶକ୍ତି ଗୁରୁଙ୍କର କାର୍ଯ୍ୟ ପାଇଁ ଉନ୍ମୁକ୍ତ ରଖିପାରେ । ବୁଝାଇ ଦିଆଯାଇଛି ଯେ ଗୁରୁଙ୍କ କାର୍ଯ୍ୟରେ ଆମର ମନ୍ଦ କର୍ମ ବାଧା ଦିଏ ଏବଂ ସେହି ହେତୁ ସେଥିରୁ ଶୀଘ୍ର ମୁକ୍ତ ହୋଇ ଗୁରୁଙ୍କ ସେବା ପାଇଁ ଆମେ ନିଜକୁ ଅଧିକ ଯୋଗ୍ୟ କରିଥାଉ । ୧୮୮୪ ପାଖାପାଖି ଚେନ୍ନାଇରେ ଥିବାବେଳେ ଶ୍ରୀମତୀ ବ୍ଲାଭାଟ୍‌ସ୍କି ସେହି ମତ ଅତିଶୟ ଦୃଢ଼ ଭାବେ ଗ୍ରହଣ କରିଥିଲେ ତାଙ୍କ ଉପରେ ହୋଇଥିବା ଶ୍ରୀମତୀ କୁଲମ୍ବ ଏବଂ ଅନ୍ୟମାନଙ୍କର ଆକ୍ରମଣ ସମୟରେ । ଯଦିଓ ଏହିଭଳି ଆକ୍ରମଣ ଯେ କରାଗଲା ସେଥିରେ ସେ କ୍ରୁଦ୍ଧ ହୋଇଥିଲେ ଏବଂ ସେମାନେ ଯେଉଁ କୃତଘ୍ନତା କରିଥିଲେ ସେଥିରେ ଦୁଃଖିତ ହୋଇଥିଲେ ଏବଂ ତାଙ୍କ ସମିତି ଉପରେ ଏହାର ଖରାପ ପ୍ରଭାବ ପଡ଼ିବ ଓ ତାର କ୍ଷତି କରିବ ବୋଲି ବ୍ୟଥିତ ହୋଇଥିଲେ, ତଥାପି ସେ କହିଲେ, "ଅନ୍ତତଃ ଏତିକି ମନେ ରଖିବାକୁ ହେବ ଯେ ଏହି ସମସ୍ତ ଯାତନା ମୋତେ ଅଧିକ ଯୋଗ୍ୟ କରିଛି ଗୁରୁଙ୍କର ସେବା ପାଇଁ ।"

ଆମେ ସେହି ଚିନ୍ତା ପ୍ରୟୋଗ କରିପାରୁ ସମିତିର ତଥା ଆମ ନିଜର ଗଣ୍ଡଗୋଳ ସମ୍ପର୍କରେ । ସମିତି ଯେତେବେଳେ କୌଣସି ମନ୍ଦ ବିଷୟରୁ ନିଜକୁ

ମୁକ୍ତ କରିବାକୁ ଯାଉଛି, ସେତେବେଳେ ସର୍ବଦା ଗୁରୁଙ୍କର କାର୍ଯ୍ୟ କଥା ମନେ ପକାନ୍ତୁ । ଯେଉଁ ମୁହୂର୍ତ୍ତରେ କୌଣସି ନିର୍ଦ୍ଦିଷ୍ଟ ଗଣ୍ଡଗୋଳ ମଧ୍ୟ ଦେଇ ଏହା ଅତିକ୍ରମ କରେ, ଏହା ଆଗେଇ ଯାଏ । କାରଣ ଏହା କୌଣସି ମନ୍ଦ କର୍ମରୁ ମୁକ୍ତ ହୁଏ ଏବଂ ସେହିହେତୁ ହୁଏ ବିଶେଷ ଉପଯୋଗୀ, ଏହାର ପ୍ରକୃତ ଅଧିକାରୀମାନଙ୍କ ସକାଶେ ଏକ ଉନ୍ନତତର ଯନ୍ତ୍ର ।

ନିଜ କର୍ମର ସେହି ଅଂଶଟି ନିଃଶେଷ କରିଦେବା ପରେ, ସମିତି ବୃହତ୍ତର ବିଷୟଗୁଡ଼ିକ ସକାଶେ ଆଗେଇ ଯାଇପାରେ । ଏହି ପ୍ରକାର କର୍ମ ଫଳ ଦୋହଲାଇ ଦେଇ ଫିଙ୍ଗି ଦିଏ ପୁରାତନ ଅକାମୀ ଦାର୍ଥକୁ ଅର୍ଥାତ୍ ସେମାନଙ୍କୁ ଯେଉଁମାନେ ଶ୍ରୀମତୀ ବ୍ଲାଭାଟ୍‌ସ୍କିଙ୍କ ଭାଷାରେ ସତ୍ୟ ପାଇଁ ନିଜର ସାଧ୍ୟମତେ ପୂର୍ଣ୍ଣାବସ୍ଥା ଲାଭ କରି ସାରିଛନ୍ତି ଏବଂ ଆଉ ଆଗକୁ ଯାଇ ପାରିବେ ନାହିଁ । ସେମାନେ ପୂର୍ବରୁ ଥିଲେ ବିଶେଷ ସହାୟକ, କିନ୍ତୁ ଭବିଷ୍ୟତ୍ ପ୍ରଗତି ପାଇଁ ସେମାନେ ପ୍ରତିବନ୍ଧକ ହୋଇପଡ଼ିଛନ୍ତି । ତଥାପି ଆମ ଭିତରେ ଥିବା ଅବଶିଷ୍ଟ ଲୋକେ ସେହି ବନ୍ଧୁମାନଙ୍କୁ ହରାଇବା ଯୋଗୁ ଅନେକ ସମୟରେ ଦୁଃଖିତ ହୁଅନ୍ତି । ଗତ ଗଣ୍ଡଗୋଳ ସମୟରେ, ମୋର ମନେ ହେଲା ମୁଁ ଥିଲି ଯେପରି ଏକ ପ୍ରକାର ବାତ୍ୟା-କେନ୍ଦ୍ର ଏବଂ ଯେଉଁମାନେ ଭୁଲ୍ ବୁଝିଥିଲେ ସେମାନଙ୍କ ସକାଶେ କ୍ଷମା ପାଇଁ ଥିଲା ଏକ ଅତିଶୟ ଭଲ କାରଣ । ସେଥିପାଇଁ ମୁଁ ସାହସ କରି ମହାଚୋହାନଙ୍କ ଆଗରେ ନିବେଦନ କଲି ଯେ ପରୀକ୍ଷା ଅତିଶୟ କଠୋର ହୋଇପଡ଼ିଛି ଏବଂ ସେମାନଙ୍କ ସକାଶେ କରୁଣା ବିଧାନ କରାଯାଉ । ସ୍ୱାଭାବିକ ରୂପେ, ସେ ମୋର ଅନୁମାନ ପ୍ରତି ମନ୍ଦ ହାସ କରି କହିଲେ, "ତୁମେ କ'ଣ ସନ୍ତୁଷ୍ଟ ହେବ ଯଦି ସେହି ଲୋକେ ଶ୍ରୀମତୀ ବେସାନ୍ତଙ୍କୁ ଆଡ଼େଇ ଦେବେ ?" ମୁଁ ଉତ୍ତର ଦେଲି – "ଏ – ହଁ, ଅବଶ୍ୟ ।" ମୁଁ ଭାବିଲି ସେମାନେ ସେହି କାମ କରିବେ ନାହିଁ । କିନ୍ତୁ କେତେଟା ମାସ ପରେ ସେମାନେ ଆନି ବେସାନ୍ତଙ୍କ ବିରୋଧରେ ଗଲେ ଏବଂ ମହାଚୋହାନ୍ ଆଗ ଭଳି ଧୀର ଭାବେ ମନ୍ଦ ହାସ କରି କହିଲେ, "ଦେଖିଲ ତ, ଏହି ଜୀବନ ସକାଶେ ସେମାନଙ୍କର ସୂର୍ଯ୍ୟ ବୁଡ଼ିଯାଇଛି । କିନ୍ତୁ ଅନ୍ୟ ଜୀବନ ସବୁ ରହିଛି ଏବଂ ସୂର୍ଯ୍ୟ ପୁଣି ଥରେ ଉଦିତ ହେବେ କାଲି ।"

କେହି ହେଲେ ଅପରିହାର୍ଯ୍ୟ ନୁହନ୍ତି । ଯଦିଓ ସମୟେ ସମୟେ ଭାରତରେ ଏପରି ଘଟେ ଯେ ଏକ୍ ଲଜ୍ କୌଣସି ଏକ ପ୍ରଭାବଶାଳୀ ସଭ୍ୟଙ୍କୁ କେନ୍ଦ୍ର କରି ଗଢ଼ି ଉଠେ ଏବଂ ପୁଣି ଉଭେଇ ଯାଏ ଯେତେବେଳେ ସେ ଅନ୍ୟ ସହରକୁ ଚାଲିଯାନ୍ତି । ଯେତେବେଳେ ଶ୍ରୀମତୀ ବ୍ଲାଭାଟ୍‌ସ୍କି ଚାଲିଗଲେ, ସେତେବେଳେ

ଆମ ଭିତରୁ ଅନେକେ ଯେଉଁମାନେ ତାଙ୍କଠାରୁ ଦୈନିକ ପ୍ରେରଣା ପାଉଥିଲୁ, ଭାବିଲୁ ଯେ ସମସ୍ତ ଅନ୍ଧାର ହୋଇଯିବ । ଡଃ. ଆନି ବେସାନ୍ତ୍‌ଙ୍କ ବ୍ୟକ୍ତିତ୍ୱ ଭିତରେ ଆଉ ଜଣେ ମହାନ୍ ବ୍ୟକ୍ତିବିଶେଷଙ୍କର ଉଦୟ ହେଲା । ତଥାପି ମୁଁ ନିଶ୍ଚିତ ଯେ ସେ ଯେତେବେଳେ ଆମକୁ ଛାଡ଼ି ଚାଲିଯିବା ପାଇଁ ତାଙ୍କର ପାଳି ଆସିବ, ସେତେବେଳେ ସେ ହିଁ ପ୍ରଥମେ କହିବେ ଯେ ଆମେ ସମିତି ବିଷୟରେ ଉଦ୍‌ବିଗ୍ନ ହେବା ଅନାବଶ୍ୟକ । ସାଧନଗୁଡ଼ିକ ସେମାନଙ୍କର ଶରୀର ପରିବର୍ତ୍ତନ କରନ୍ତି – "ଅଜ୍ଞ ଲୋକଙ୍କ ଦୃଷ୍ଟିରେ ସେମାନେ ମରିବା ଭଳି ମନେ ହୁଅନ୍ତି ।" କିନ୍ତୁ ଯେଉଁ ଗୁରୁମାନେ ପଛରେ ଅଛନ୍ତି, ସେମାନେ ମରନ୍ତି ନାହିଁ ଏବଂ ଯେତେବେଳେ ସେମାନେ ରହିଛନ୍ତି, ସେମାନଙ୍କ କାର୍ଯ୍ୟ ଚାଲୁ ରଖିବା ପାଇଁ କେହିହେଲେ ଜଣେ ସବୁବେଳେ ମିଳୁଥିବେ ।

**ତାଙ୍କ ନିକଟରେ ନିଜକୁ ସମର୍ପଣ କରିବା ଦ୍ୱାରା ତୁମେ କହି ଦେଇଛ ଯେ ତୁମର କର୍ମ ଶୀଘ୍ର ସାରି ଦିଆଯାଉ ଏବଂ ସେଥିପାଇଁ ବର୍ତ୍ତମାନ ଗୋଟିଏ ବା ଦୁଇଟି ଜନ୍ମରେ ତୁମକୁ ଶେଷ କରିଦେବାକୁ ହେବ, ଯାହା ଅନ୍ୟଥା ହୁଏତ ଶହେ ଜନ୍ମ ଧରି ବିସ୍ତାରିତ ହୋଇଥାନ୍ତା । କିନ୍ତୁ ଏହାର ସର୍ବୋତ୍ତମ ଉପଯୋଗ କରିବା ପାଇଁ ତୁମକୁ ଏହା ସମ୍ଭାଳିବାକୁ ପଡ଼ିବ, ପ୍ରଫୁଲ୍ଲତାର ସହିତ, ଆନନ୍ଦର ସହିତ ।**

**ଆନି ବେସାନ୍ତ୍** – ପୁରୁଣା ଋଣ ଯେଉଁ ପନ୍ଥାରେ ଶୁଝା ଯାଇଥାଏ, ତଦନୁଯାୟୀ ଏକ ନୂତନ କାରଣ ଆରମ୍ଭ ହୋଇଥାଏ । ସେଇ କଥା କେବେହେଲେ ଭୁଲଇ ଯିବାର ନୁହେଁ । ଯାହା ମନ୍ଦ କର୍ମ ବୋଲି ମନେ ହୁଏ, ଆପଣ ଯଦି ତାର ସର୍ବୋତ୍ତମ ଉପଯୋଗ କରନ୍ତି, ଆପଣ ନୂତନ ଶକ୍ତି ସମୂହକୁ ଗତିଶୀଳ କରି ଦିଅନ୍ତି ଭଲ ପାଇଁ । ଅନ୍ୟ ପକ୍ଷରେ ଆପଣ ଯଦି ଅନିଚ୍ଛୁକ ଭାବେ ଖରାପ କର୍ମ ଗ୍ରହଣ କରନ୍ତି, ଅନିଚ୍ଛାପୂର୍ବକ ଋଣ ପରିଶୋଧ କରନ୍ତି, ତେବେ ତାହାର ଓଲଟା କଥା ହୋଇଥାଏ । ମନେ ରଖନ୍ତୁ ମାଉଣ୍ଟ ଉପରେ ଖ୍ରୀଷ୍ଟ କିପରି ଧର୍ମ ଉପଦେଶ ଦେଇଥିଲେ, "ତୁମର ଶତ୍ରୁ ସହିତ ଶୀଘ୍ର ଏକମତ ହୁଅ, ଯେତେବେଳେ ତୁମେ ତାହା ସହିତ ବାଟରେ ଏକାଠି ହୋଇଛ ।" ଆପଣଙ୍କ ପାଖକୁ ଆସିଥିବା ପ୍ରତିକୂଳ ପରିସ୍ଥିତିରେ ତାହା ହେଉଛି ଏକ ଉତ୍ତମ ଉପଦେଶ ଅନୁସରଣ କରିବା ପାଇଁ ।

ଆପଣଙ୍କ ଦୁଃଖ କଷ୍ଟ ଏବଂ କ୍ଷତି, ଆପଣଙ୍କ ପାଖକୁ ଶତ୍ରୁ ରୂପେ ଆସିଥିବା ଭଳି ମନେ ହୁଏ । ସାହସର ସହିତ ସେମାନଙ୍କର ସମ୍ମୁଖୀନ ହୁଅନ୍ତୁ, ଶୀଘ୍ର ସେମାନଙ୍କ ସହିତ ଏକମତ ହୁଅନ୍ତୁ । ତାହାହେଲେ ସେମାନଙ୍କ କାମ ଶେଷ ହାଇଯିବ । ଆମେ ଆମର ମନ୍ଦ କର୍ମ ସବୁ ଅତିଶୟ ଚଞ୍ଚଳ ଶେଷ କରି ଦେଇପାରିବା, ଯଦି ଆମେ ପୁରାତନ ଶସ୍ୟ ଅମଳ କରିବାକୁ ଯାଇ ନୂତନ ବିହନ କିଛି ବୁଣି ନ ଦେଉଛୁ ।

**ଲେଡ୍‌ବିଟର୍ –** ଲୋକେ ସମୟେ ସମୟେ ନିଜକୁ ଗୁରୁଙ୍କଠାରେ ସମର୍ପଣ କରି ଦେବା କଥା କହନ୍ତି ଏବଂ ତାପରେ ଭୟ କରନ୍ତି ଯେ ଗୁରୁ ଅତ୍ୟଧିକ ଦାବୀ କରିବେ । ତାହା ହେଉଛି 'ଆନାନିଆ' ଏବଂ 'ସାଫିରାଙ୍କ' ମନୋଭାବ । ସେହି ହତଭାଗ୍ୟ ଦମ୍ପତିଙ୍କର ନିଶ୍ଚିତ ଭାବେ ସମ୍ପୂର୍ଣ୍ଣତମ ଅଧିକାର ଥିଲା ସେମାନଙ୍କ ଜିନିଷର କିଛି ଅଂଶ ନିଜ ସକାଶେ ରଖିବା ପାଇଁ, ଯଦି ସେମାନେ ତାହା ଚାହୁଁଥିଲେ । କିନ୍ତୁ ସେମାନେ ଏକ ଭୁଲ୍ କଲେ ଯେତେବେଳେ ସୋମନେ ଛଳନା କଲେ ଯେ ସେମାନେ ସବୁ କିଛି ଦେଉଛନ୍ତି । "ମୁଁ ଏହା ଦେଇ ପାରେ, ମୁଁ ତାଙ୍କ ପାଇଁ ଏତକ କରି ପାରେ, କିନ୍ତୁ ମୁଁ ସମ୍ପୂର୍ଣ୍ଣ ଭାବେ ନିଜକୁ ଦେଇପାରିବି ନାହିଁ ।" – ଏପରି କହିବା ଗୋଟିଏ ପର୍ଯ୍ୟାୟର ସୂଚନା ଦିଏ ଯାହା ମଧ୍ୟ ଦେଇ ଆମେ ଗତି କରୁ । କିନ୍ତୁ ଯେତେବେଳେ ଜଣେ ଗୁରୁଙ୍କ ନିକଟରେ ନିଜକୁ ସମର୍ପଣ କରେ, ତାହା ସମ୍ପୂର୍ଣ୍ଣ ଆନ୍ତରିକ ମନୋଭାବ ନେଇ କରିବା ଉଚିତ ଯେମିତି ଅନ୍ୟ କୌଣସି ଦାନ ଦିଆଯାଇଥାଏ । ତାହା କିପରି ବ୍ୟବହାର କରିବାକୁ ହେବ, ସେ ବିଷୟରେ କିଛି ଅଲଗା ସର୍ତ୍ତ ନରଖି ଦେଇ ଦେବା ଉଚିତ୍ – ତା' ଭିତରୁ କିଛି ଫେରାଇ ନେବାକୁ ଚାହିଁବା ମଧ୍ୟ ଅନୁଚିତ ।

କେହି ମଧ୍ୟ ଭଲ କରିବା ଅନାବଶ୍ୟକ ଯେ ଗୁରୁ ବହୁତ କିଛି ଚାହିଁବେ । ଆମେ ଯଦି ଗରୁଙ୍କ ନିକଟରେ ନିଜକୁ ସମର୍ପଣ କରୁ, ଆମେ ବିସ୍ମିତ ଓ ଆହତ ହେବା ଅନୁଚିତ ଯଦି ହଠାତ୍ ଆମ ଉପରକୁ ଦୁଃଖ କଷ୍ଟ ଆସେ । ତାହା ଦର୍ଶାଇଦିଏ ଯେ ଆମର ନିବେଦନ ଆଂଶିକ ଭାବେ ଗୃହୀତ ହୋଇଅଛି । ବହୁ କଥଶ ଯାହାକୁ ସଂସାରରେ କହନ୍ତି ମନ୍ଦ ଏବଂ ଦୁଃଖଷ୍ଟ, ସେଗୁଡ଼ିକୁ ସେଥିପାଇଁ ଦ୍ରୁତ ପ୍ରଗତିର ଚିହ୍ନ ବୋଲି ଧରି ନିଆଯାଇପାରେ । ଆମ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ବଦଳରେ ଲୋକେ ଆମକୁ ଅନେକ ସମୟରେ ନିନ୍ଦା କରନ୍ତି; ସାଧାରଣତଃ ତାହା ହେଉଛି ସର୍ବୋତ୍ତମ କର୍ମଫଳ । ରୁଇସ୍‌ବ୍ରକ୍ ଯେପରି କହିଛନ୍ତି ଯେତେବେଳେ ଲୋକେ ସେମାନଙ୍କର ଅନ୍ତିମ ଲକ୍ଷ୍ୟର ନିକଟବର୍ତ୍ତୀ ହୁଅନ୍ତି,

ସେତେବେଳେ ସର୍ବଦା ଏପରି ଘଟିବା ମନେ ହୁଏ ଯେ, ଲୋକେ ସେମାନଙ୍କୁ ଭୁଲ୍ ବୁଝନ୍ତି ଏବଂ ସେମାନଙ୍କର ଭଲ ଗୁଣଗୁଡ଼ିକ ଖରାପ କରି ମନେ ହୋଇଯାଏ । ଇତିହାସରେ ସବୁ କାଳରେ ଏହା ପ୍ରତ୍ୟେକ ମହାନ୍ ଗୂଢ଼ତତ୍ତ୍ୱଜ୍ଞ ଏବଂ ଆଧ୍ୟାତ୍ମିକ ଶିକ୍ଷକଙ୍କ କ୍ଷେତ୍ରରେ ହୋଇଥାଏ । ଏହାକୁ ପ୍ରଫୁଲ୍ଲତାର ସହିତ ଗ୍ରହଣ କରିବା ହିଁ ଏକ ଉତ୍ତମ କର୍ମ ଏବଂ ତାହା ଆମ ଭିତରେ ବହୁ ମୂଲ୍ୟବାନ୍ ଗୁଣଗୁଡ଼ିକର ଅଭିବୃଦ୍ଧି କରାଇଥାଏ ଯଥା – ଧୈର୍ଯ୍ୟ, ଅଧ୍ୟବସାୟ, ସହିଷ୍ଣୁତା, ଦୀର୍ଘକାଳ କଷ୍ଟ ସହିବା କ୍ଷମତା ଏବଂ ଦୃଢ଼ ସଂକଳ୍ପ । ସୁତରାଂ, ଦୂର ଅତୀତର ମନ୍ଦ କର୍ମରୁ ଆମେ କିଛି ଭଲ ଜିନିଷ ପାଇ ପାରିବା ।

> **ଆଉ ଗୋଟିଏ କଥା । ତୁମେ ସମସ୍ତ ଅଧିକାର ଭାବ ତ୍ୟାଗ କରିବା ଉଚିତ । କର୍ମ ତୁମ ପାଖରୁ ତୁମର ସବୁଠାରୁ ପ୍ରିୟ ଜିନିଷଟି ନେଇଯାଇ ପାରେ । ଏପରିକି ଯେଉଁ ଲୋକଙ୍କୁ ତୁମେ ସର୍ବାଧିକ ଭଲ ପାଅ ତାକୁ ବି । ତଥାପି ତୁମକୁ ପ୍ରଫୁଲ୍ଲ ରହିବାକୁ ପଡ଼ିବ । ଯେକୌଣସି ଜିନିଷକୁ ଏବଂ ପ୍ରତ୍ୟେକ ଜିନିଷକୁ ତ୍ୟାଗ କରିବାକୁ ପ୍ରସ୍ତୁତ ହେବାକୁ ପଡ଼ିବ ।**

**ଆନି ବେସାନ୍ତ୍** – ଆମେ ବର୍ତ୍ତମାନ ଏଭଳି ଏକ ବିଷୟରେ ପହଞ୍ଚିଛୁ ଯାହା ପୂର୍ବବର୍ତ୍ତୀ ବିଷୟ ତୁଳନାରେ ବହୁ ପରିମାଣରେ ଅଧିକ କଷ୍ଟକର । ଏହା ତୁଳନାରେ ଅତୀତର କର୍ମଫଳକୁ ସହ୍ୟ କରିବା ଅଧିକ ସହଜ । ଆପଣଙ୍କୁ ସବୁପ୍ରକାର ଅଧିକାର ଭାବ ତ୍ୟାଗ କରିବାକୁ ପଡ଼ିବ । ପ୍ରଥମରେ ଜିନିଷଗୁଡ଼ିକ ପ୍ରତି ଏବଂ ପରେ ବ୍ୟକ୍ତିମାନଙ୍କ ପ୍ରତି । ଦ୍ୱିତୀୟ କଥାଟି ଅଧିକ ସୂକ୍ଷ୍ମ କାର୍ଯ୍ୟ । ଆପଣ ଯେଉଁମାନଙ୍କୁ ସର୍ବାଧିକ ଭଲ ପାଆନ୍ତି, ସେମାନଙ୍କ ପତ୍ରି ସବୁ ପ୍ରକାର ଅଧିକାର ଭାବ ଆପଣ ତ୍ୟାଗ କରିଛନ୍ତି କି ? ଯେତେବେଳେ ମଧ୍ୟ ଲୋକେ ଭାବନ୍ତି ଯେ ସେମାନେ ତାହା କରିଛନ୍ତି, ପରିସ୍ଥିତି ଆସେ ସେମାନଙ୍କୁ ପରୀକ୍ଷା କରିବା ପାଇଁ ଏବଂ ଅନେକ ସମୟରେ ଦେଖାଇ ଦିଏ ଯେ ସେମାନେ ତାହା କରିନାହାନ୍ତି । ଆପଣଙ୍କ ଜୀବନ ତୁଳନାରେ ଯାହା ଆପଣଙ୍କ ସକାଶେ ଅଧିକ, ସେହି ଆପଣାର ଲୋକର ଜୀବନ ଚାଲି ଯିବାକୁ ଆପଣ ଦେଇ ପାରିବେ କି ?

ଆପଣ ଏହାକୁ ଗୁରୁଙ୍କ ପ୍ରତି ଆପଣଙ୍କ ପ୍ରକୃତ ଭକ୍ତିର ଅନ୍ତିମ ଏବଂ ସର୍ବାଧିକ କଷ୍ଟକର ପରୀକ୍ଷା ବୋଲି କହିପାରନ୍ତି । ଏହି ଗୋଟିଏ ବିଷୟ ଯାହାକୁ

ନେଇ ସମସ୍ତ ଅଭୀପ୍ସୁ ନିଜକୁ ପରୀକ୍ଷା କରିବା ପାଇଁ ଚେଷ୍ଟା କରିବା ଉଚିତ । ପରିସ୍ଥିତି କ୍ରମେ ତାଙ୍କ ଉପରେ ଏପରି ପରୀକ୍ଷା ଆସିବା ପୂର୍ବରୁ ଆଗରୁ ଅଭ୍ୟାସ କରିଥିବା ହେଉ ସେମାନେ ସେହି ଆଘାତକୁ କମାଇ ଦେଇ ପାରିବେ । କୌଣସି ବ୍ୟକ୍ତି ପ୍ରତି ଆପଣ ଯେଉଁ ସ୍ନେହ ଅନୁଭବ କରନ୍ତି, ତାହାକୁ ମାରି ଦେବାକୁ ଚେଷ୍ଟା କରନ୍ତୁ ନାହିଁ – ତାହା ହେଉଚି ତାମସିକ ଶକ୍ତିମାନଙ୍କର ରୀତି । ଆପଣ ଅଭ୍ୟାସ କରି ପାରନ୍ତି, କୌଣସି ବ୍ୟକ୍ତିକୁ ସର୍ବଦା ସ୍ନେହ କରି । କିନ୍ତୁ କିଛି କାଳ ପାଇଁ ସେହି ବ୍ୟକ୍ତିର ସାନ୍ନିଧ୍ୟରୁ ନିଜକୁ ପ୍ରତ୍ୟାହାର କରି ନେଇ କିମ୍ବା କୌଣସି ଏକ କାମରେ ନିଜକୁ ଲଗେଇ ଦେବେ ଯାହା କରିବାକୁ ହେଲେ ଯିଏ ଆପଣଙ୍କ ଜୀବନକୁ ସୁଖମୟ କରେ, ତାହାଠାରୁ ଦୂରେଇ ଯିବାକୁ ହେବ । କିମ୍ବା ସେହି ଭଳି ଅନ୍ୟ କୌଣସି ଉପାୟ କରିପାରନ୍ତି । ଆପଣ ଯଦି ତାହା ପ୍ରଫୁଲ୍ଲତା ଏବଂ ଆନନ୍ଦର ସହ କରି ପାରିବେ, ତେବେ ଯେତେବେଳେ ଡାକରା ଆସିବ, ସେତେବେଳେ ତାର ଉତ୍ତର ଦେବା ପାଇଁ ଆପଣ ପ୍ରାୟ ପ୍ରସ୍ତୁତ ହୋଇ ଆସିଲେଣି । ସେହି ଡାକରା ହେଉଛି ସମସ୍ତଙ୍କୁ ତ୍ୟାଗ କରି ଗୁରୁଙ୍କର ଅନୁସରଣ କରିବାକୁ ।

ମନେ ରଖନ୍ତୁ, ଯେତେବେଳେ ଭଗବାନ୍ ମୈତ୍ରେୟ ପାଲେଷ୍ଟାଇନ୍‌ରେ ଥିଲେ, ସେଠାରେ ଯାହା ଘଟିଲା, ଆମ ପାଖକୁ ଆସିଥିବା ତାର ଏକ ବିବରଣୀରେ ସେହି କଥା ଉପରେ ହିଁ ବିଶେଷ ଜୋର୍ ଦିଆଯାଇଛି । ଯେଉଁମାନଙ୍କୁ ଡକା ଯାଇଥିଲା ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ସୁଯୋଗର ଶୀର୍ଷ ସ୍ଥାନରେ ପହଞ୍ଚି ନ ଥିଲେ । କିନ୍ତୁ କେତେ ଜଣ ପହଞ୍ଚିଥିଲେ । ଯେଉଁମାନେ ସବୁ କିଛି ଛାଡ଼ି ଦେଇ ତାଙ୍କର ଅନୁସରଣ କଲେ, ସେମାନେ ସେ ଯିବା ପରେ ଶିକ୍ଷକରେ ପରିଣତ ହେଲେ । ଅନ୍ୟମାନେ ମୈତ୍ରେୟଙ୍କ ବିଷୟରେ ଆଉ କେବେହେଲେ ଶୁଣି ନାହାନ୍ତି । ମନେ ପକାନ୍ତୁ ସେହି ଧନୀ ଯୁବକଙ୍କ କଥା ଯେ ମନ ଦୁଃଖରେ ଚାଲିଗଲେ, ଯଦିଓ ତାଙ୍କୁ କୁହାଯାଇଥିଲା କେବଳ ଧନ ପରିତ୍ୟାଗ କରିବା ପାଇଁ ।

ଲୋକେ ଭାବନ୍ତି ଯେ ସେମାନେ ଯଦି ସେହି ଯୁବକଙ୍କ ସ୍ଥାନରେ ଥାଆନ୍ତେ, ତେବେ ଡାକ ଶୁଣି ସାଙ୍ଗେ ସାଙ୍ଗେ ଆଗେଇ ଆସିଥାନ୍ତେ । କିନ୍ତୁ ମୁଁ ନିଶ୍ଚିତ ଭାବେ କହିପାରୁ ନାହିଁ ଯେ ଏମିତି ବହୁତ ଲୋକ ଅଛନ୍ତି ଯେଉଁମାନେ ବହୁ ଧନ ତ୍ୟାଗ କରି ଘର ନ ଥିବା ଏକ ଧର୍ମ ପ୍ରଚାରକର ଅନୁସରଣ କରନ୍ତେ । (କାରଣ ସେତେବେଳେ ଖ୍ରୀଷ୍ଟ ସେହିପରି ମନେ ହେଉଥିଲେ) । ଏକ ଭ୍ରମଣକାରୀ ଶିକ୍ଷକ ଯାହାଙ୍କ ଚାରି ପାଖରେ ଘେରି ରହିଥିଲେ କିଛି ଅର୍ଦ୍ଧଶିକ୍ଷିତ ଲୋକେ । କିନ୍ତୁ ଏହା ହିଁ ହେଉଛି ଶିଷ୍ୟତ୍ୱର ପରୀକ୍ଷା – ଯେଉଁ ଜିନିଷଗୁଡ଼ିକୁ ଆପଣ ସର୍ବାଧିକ ଭଲ

ପାଆନ୍ତି ଏବଂ ଯେଉଁ ଲୋକଙ୍କୁ ଆପଣ ସର୍ବାଧିକ ସ୍ନେହ କରନ୍ତି, ସବୁ କିଛି ଛାଡ଼ିଦେବାକୁ ହେବ ଏବଂ ଗୁରୁଦେବଙ୍କର ଅନୁସରଣ କରିବାକୁ ହେବ ।

**ଲେଡ଼୍‌ବିଟର୍** – ଆମକୁ ଉପଲବ୍ଧି କରିବାକୁ ହେବ ଯେ ବ୍ୟକ୍ତିଗତ ଅର୍ଥରେ କୌଣସି ଜିନିଷ ଆମର ନୁହେଁ । ଆମର ଯାହା ବା ଅଛି ତାହା ଆମକୁ ବିଶ୍ୱାସରେ ଦିଆଯାଇଛି କ୍ରମବିକାଶର କାର୍ଯ୍ୟ କରିବା ପାଇଁ । ଯଦି ଜଣଙ୍କର ଅର୍ଥ ରହିଛି, କିମ୍ବା ସେ ପ୍ରଭାବଶାଳୀ ପଦରେ ରହିଛନ୍ତି, ତେବେ ତାହା ଏହି କାରଣରୁ ଯେ ସେହି କାମ ପାଇଁ କିଛି ଅଧିକା କରିବା ସକାଶେ ତାହା ସୁବିଧା ଦିଏ । କେଉଁଟା ମଧ୍ୟ ଆମର ନିଜର ନୁହେଁ, ଏହି ଅର୍ଥରେ ଯେ ଆମେ ତାହାର ଅଲଗା ବ୍ୟବହାର କରିପାରିବୁ । ମଣିଷ ସର୍ବଦା ଏକ ବିଶ୍ୱସ୍ତ ପରିଚାଳକ ବା କର୍ମଚାରୀ ରୂପେ ରହିଛି ଯେ ଏକ ସଂସ୍ଥାର ଅର୍ଥ ଉପଯୋଗ କରୁଛି – କିନ୍ତୁ ପ୍ରତ୍ୟେକ ଦିଗରେ ସେ ପ୍ରତିଟି ପଇସା ପାଇଁ ସାବଧାନ ରହିଛି । ସତେ ଯେପରି ତାହା ହେଉଛି ତାର ନିଜର । ତାହା ହିଁ ପ୍ରତ୍ୟେକ ଧନୀ ବ୍ୟକ୍ତିର ଏବଂ ପ୍ରତ୍ୟେକ କ୍ଷମତାଶାଳୀ ପଦସ୍ଥ ବ୍ୟକ୍ତିର ମନୋଭାବ ହେବା ଉଚିତ ।

ମାନବ ସମାଜର ପ୍ରତିନିଧି ରୂପେ ଜୀବନ ଯାପନ କରିବାର ମନୋଭାବକୁ ଗୁରୁମାନେ ଅତି ସୁନ୍ଦର ଏବଂ ଆକର୍ଷଣୀୟ ଭାବେ ଅଭିବ୍ୟକ୍ତ କରିଛନ୍ତି । ସେମାନେ ଯେଉଁସବୁ ବିରାଟ ଶକ୍ତିର ଅଧିକାରୀ ହୋଇଛନ୍ତି, ସେଗୁଡ଼ିକର ସେ କେବଳ ପରିଚାଳକ ବୋଲି ନିଜକୁ ଭାବନ୍ତି । ସେହି ହେତୁ ଗୁରୁମାନେ କୌଣସି କର୍ମ କରନ୍ତି ନାହିଁ (ଭଲ ହେଉ ବା ମନ୍ଦ ହେଉ) ଯାହା ତାଙ୍କୁ ମାନବୀୟ ଅବସ୍ଥାରେ ବାନ୍ଧି ରଖିବ । ସେମାନେ ହେଉଛନ୍ତି ମହତ୍ତମ ଅଭିନେତା ବା କୌଶଳ ପ୍ରଦର୍ଶନକାରୀ ଏବଂ ସେମାନେ ନିଜକୁ ବାନ୍ଧି ରଖିବା ଭଳି କୌଣସି କର୍ମ କରନ୍ତି ନାହିଁ । ସେମାନେ ସବୁ କିଛି କରନ୍ତି ନୈର୍ବ୍ୟକ୍ତିକ ଭାବେ – ଆଦୌ କୌଣସି ବ୍ୟକ୍ତିଗତ କାମନା ନଥାଇ । ସେମାନେ ଏହିସବୁ କରନ୍ତି ଯେପରି ଏକ ସୈନିକ ଯୁଦ୍ଧ କରେ ଯୁଦ୍ଧ କ୍ଷେତ୍ରରେ; ଘଟଣାକ୍ରମେ ସେ ଯେଉଁ ଶତ୍ରୁ ସହିତ ଯୁଦ୍ଧ କରେ ସେହି ନିର୍ଦ୍ଦିଷ୍ଟ ଶତ୍ରୁ ବିଷୟରେ ତାର କୌଣସି ଚିନ୍ତା ନଥାଏ, କିନ୍ତୁ ତା ମନରେ ଏହି ଭାବନା ଥାଏ ଯେ ସେ ଏକ ନିର୍ଦ୍ଦିଷ୍ଟ ପକ୍ଷ ପାଇଁ ଯୁଦ୍ଧ କରୁଛି, ଏକ ଶକ୍ତିଶାଳୀ ଯନ୍ତ୍ରର ଅଂଶସ୍ୱରୂପ । ସେହିପରି ସେମାନେ କାମ କରନ୍ତି ମହାନ୍ ଭ୍ରାତୃମଣ୍ଡଳୀର ଅଂଶସ୍ୱରୂପ, ଆଧ୍ୟାତ୍ମିକ ଅଧିକାରୀବର୍ଗଙ୍କ ଅଂଶ ରୂପେ, ମାନବ ସମାଜର ଅଂଶ ରୂପେ ଏବଂ ସେମାନେ ଯାହା କିଛି ଭଲ କରନ୍ତି, ତାହା ସବୁ ମାନବ ସମାଜକୁ ଫେରି ଆସେ ଏବଂ ତାକୁ ଉନ୍ନତ କରିବାରେ ସାହାଯ୍ୟ କରେ ।

ପ୍ରଥମତଃ ଆମର କୌଣସି ଅଧିକାର ଭାବ ରହିବା ଅନୁଚିତ କୌଣସି ବିଷୟ ବା ଜିନିଷ ପ୍ରତି ଏବଂ ତାପରେ ଲୋକଙ୍କ ପ୍ରତି, ଯାହାଆହୁରି ଅଧିକ କଷ୍ଟକର । ସେମାନଙ୍କୁ ଆମ ପାଖରୁ ନିଆଯାଇ ପାରେ, ଯାହାକୁ କୁହାଯାଏ ମୃତ୍ୟୁ ଦ୍ୱାରା ଏବଂ ହୁଏତ ତାହା ମଧ୍ୟ ମାନବ ସମାଜର ସେବା ପାଇଁ । ବିଶ୍ୱଯୁଦ୍ଧ କାଳରେ ହଜାର ହଜାର ଲୋକଙ୍କ ପକ୍ଷରେ ତାହା ସତ ହୋଇଥିଲା । ସ୍ତ୍ରୀ ଦେଇ ଦେଇଥିଲା ତାର ସ୍ୱାମୀକୁ, ମାଆ ତାର ପୁଅକୁ, ଯୁଦ୍ଧକୁ ଯାଇ ନ୍ୟାୟ ପାଇଁ ସଂଗ୍ରାମ କରିବାକୁ । ନିଶ୍ଚିତ ଭାବେ ଗୁରୁଙ୍କ କାମରେ ସେହିପରି କରିବାରେ କେବେହେଲେ ଦ୍ୱିଧା କରିବା ଆମ ପକ୍ଷେ ଉଚିତ ନୁହେଁ, ଯେପରି କରିଛନ୍ତି ହଜାର ହଜାର ଅନ୍ୟ ଲୋକେ ସେମାନଙ୍କର ଦେଶର ସେବା ପାଇଁ । ଆମର ଜୀବନଠାରୁ ଯାହା ଆମ ସକାଶେ ଅଧିକ, ସେହିପରି ଗୋଟିଏ ଜୀବନ ଆମ ଭିତରୁ ଯିବାକୁ ଦେବା କଷ୍ଟକର । ତଥାପି ବହୁ ଲୋକଙ୍କୁ ତାହା କରିବାକୁ ହୋଇଥିଲା । କେତେକଙ୍କ ପକ୍ଷରେ ଅତିଶୟ ଦୁଃଖମୟ ପରିସ୍ଥିତିରେ ଏବଂ ଅନ୍ୟମାନଙ୍କ ପକ୍ଷରେ ଏଭଳି ପରିସ୍ଥିତିରେ ଯାହା ସେହି ସ୍ୱାର୍ଥତ୍ୟାଗକୁ କରିଥିଲା ସୁନ୍ଦର ଓ ପବିତ୍ର ।

ଯେଉଁମାନେ ଅଧିକ କଳାଯାଦୁ ବିଦ୍ୟା ଅନୁସରଣ କରନ୍ତି ସେମାନଙ୍କର ପନ୍ଥା ହେଉଛି ସ୍ନେହକୁ ମାରି ଦେବା ଏବଂ ତଦ୍ୱାରା ଏହିସବୁ ଯନ୍ତ୍ରଣାରୁ ତ୍ରାହି ପାଇବା । କିନ୍ତୁ ଯେଉଁମାନେ ମହାନ୍ ଭ୍ରାତୃମଣ୍ଡଳୀରେ ରହିବାକୁ ଚାହାନ୍ତି, ସେମାନେ ନିଜର ସ୍ନେହକୁ ଆଗ ଅପେକ୍ଷା ଦୃଢ଼ତର କରିବା ଦରକାର । ଅଥଚ ସ୍ୱାର୍ଥପରତାକୁ ବିନାଶ କରି ଦେବାକୁ ହେବ, ଯାହା ତାର ଅନିଷ୍ଟ କରେ । ମନେ ପକାନ୍ତୁ କିପରି ଏକ ତରବାରୀ ଆମର ମାତା ପୁଣ୍ୟମୟୀ କୁମାରୀ ମେରୀଙ୍କର ହୃଦୟକୁ ବିଦ୍ଧ କରିଥିଲା । ସେ ସେହି ତରବାରୀରୁ ରକ୍ଷା ପାଇଥାନ୍ତେ ଯଦି ସେ ନିଷ୍ପତ୍ତି ନେଇଥାନ୍ତେ ନିଜ ହୃଦୟରୁ ନିଜର ପୁତ୍ରଙ୍କ ସମସ୍ତ ସ୍ମୃତିକୁ ଛିନ୍ନ କରି ବାହାର କରିଦେବାକୁ ଏବଂ ପୁତ୍ରଙ୍କୁ ସମ୍ପୂର୍ଣ୍ଣ ଭୁଲିଯିବାକୁ ।

ବହୁ କ୍ଷେତ୍ରରେ ଘଟିଥାଏ, ଯେମିତି ଖ୍ରୀଷ୍ଟ ନିଜ ବିଷୟରେ କହିଥିଲେ, "ଭାବ ନାହିଁ ଯେ ମୁଁ ଆସିଛି – ପୃଥିବୀକୁ ଶାନ୍ତି ପଠାଇବା ପାଇଁ । ମୁଁ ଆସିଛି ଶାନ୍ତି ପଠାଇବା ପାଇଁ ନୁହେଁ ବରଂ ଏକ ତରବାରୀ ପଠାଇବା ପାଇଁ ।" ସେ କହିବାର ଅର୍ଥ ହେଲା ଯେ ତାଙ୍କର ନୂତନ ଉପଦେଶ ଏଇଠି ସେଇଠି ଏକ ପରିବାର ଭିତରେ ଜଣେ ଗ୍ରହଣ କରିବେ ଏବଂ ତାକୁ ଅନ୍ୟମାନେ ବିରୋଧ କରିବେ ଏବଂ ଫଳରେ ହେବ ବିଭେଦ । କିମ୍ବା ହୁଏତ ଜଣେ ନିଜର ପୁରୁଣା ଘର ଏବଂ ବନ୍ଧୁମାନଙ୍କୁ ଛାଡ଼ି ଦେଇ ଆସିବାକୁ ହେବ କିଛି ବିଶେଷ କାର୍ଯ୍ୟ

କରିବା ପାଇଁ ଯାହା ସେ କରିପାରିବ । ସେହି ପ୍ରକାରେ ଅନେକ ଘଟଣା ଘଟିଛି ଯେଉଁଥିରେ ପରିବାରର ଜଣେ ବ୍ୟକ୍ତି ବ୍ରହ୍ମବିଦ୍ୟାର ସତ୍ୟ ବୁଝିପାରିଛି, କିନ୍ତୁ ଅନ୍ୟମାନେ ପାରି ନାହାନ୍ତି ଏବଂ ତାହା ଫଳରେ ହେଇଛି ଯନ୍ତ୍ରଣା ଓ ବିଭେଦ । ଅନେକ ସମୟରେ ଆଧୁନିକ କାଳରେ ଜଣେ ପରିବାର ଛାଡ଼ି ଚାଲିଯିବ ପୃଥିବୀର ଆର ପାଖକୁ ଅର୍ଥ ଉପାର୍ଜନ କରିବା ପାଇଁ ଏବଂ କେହି ସେଥିପ୍ରତି ଆପତ୍ତି କରନ୍ତି ନାହିଁ । କିନ୍ତୁ କେହି ଯଦି ସେଇଆ କରିବାକୁ ପ୍ରସ୍ତାବ କରେ ମାନବ ସମାଜର କଲ୍ୟାଣ ପାଇଁ, ସାଙ୍ଗେ ସାଙ୍ଗେ ତାର ପ୍ରତିବାଦ ହୁଏ – ଏଭଳି ଅବିକଶିତ ରହିଛି ଆମ ସମୟର ମନୋଭାବ ।

ମନେ ପକାନ୍ତୁ ରାଜା ଶୁଦ୍ଧୋଦନ ଯେଉଁ ସବୁ ଅସୁବିଧା ସୃଷ୍ଟି କଲେ ଯେତେବେଳେ ରାଜକୁମାର ସିଦ୍ଧାର୍ଥ ଆଧ୍ୟାତ୍ମିକ ଜୀବନ ପାଇଁ ନିଜକୁ ଉତ୍ସର୍ଗ କରିଦେବାକୁ ଚାହିଁଲେ । ସେ ତାଙ୍କ ପୁଅ ଆଗରେ ଖୋଲି ରହିଥିବା ସୌଭାଗ୍ୟରୁ ପୁଅକୁ ନିବୃତ୍ତ କରି ରଖିବା ପାଇଁ ଚେଷ୍ଟାରେ ବିପୁଳ ଅର୍ଥ ଏବଂ ତାଙ୍କ ଜୀବନର ଏକ ବଡ଼ ଅଂଶ ଖର୍ଚ୍ଚ କଲେ । ସେ ଚେଷ୍ଟା କଲେ ନିଜ ପୁତ୍ରକୁ ପୃଥିବୀର ସବୁକାଳ ପାଇଁ ଖ୍ୟାତନାମା ମହତ୍ତମ ଧର୍ମ ପ୍ରଚାରକ ବଦଳରେ ଭାରତର ମହତ୍ତମ ରାଜା ରୂପେ ତିଆରି କରିବା ପାଇଁ – ରାଜକୁମାରଙ୍କ ପାଇଁ ଯେଉଁ ଭବିଷ୍ୟତ ବିକଳ୍ପ ସମ୍ପର୍କରେ ଜ୍ୟୋତିଷମାନେ ଆଗରୁ କହିଥିଲେ । ରାଜା ଜାଣିଥିଲେ ଯେ ଧର୍ମ ପ୍ରଚାରକ ହେବା ଅର୍ଥ ହେବ ତାଙ୍କ ପୁଅ ପାଇଁ ଦାରିଦ୍ର୍ୟ ଏବଂ ଆତ୍ମ-ନିବୃତ୍ତି, ଏବଂ ସେ ବୁଝି ପାରି ନଥିଲେ ଯେ ପ୍ରକୃତରେ ତାହା ଯେକୌଣସି ରାଜପଦ ଅପେକ୍ଷା ଏକ ଉଚ୍ଚତର ସ୍ଥାନ । ଏକ ମହାନ୍ ରାଜାଙ୍କର ନାମ ଇତିହାସରେ ସର୍ବାଧିକ ଦୀର୍ଘକାଳ ଓ ସୁଦୂରବ୍ୟାପୀ ହୁଏ ନାହିଁ, କିନ୍ତୁ ଏକ ମହାନ୍ ଧର୍ମ ପ୍ରଚାରକଙ୍କର ହୋଇଥାଏ । ରାଜା ଶୁଦ୍ଧୋଦନ ଚାହୁଁଥିଲେ ନିଜ ପୁଅ ପାଇଁ ବିପୁଳ କ୍ଷମତା ଏବଂ ଅତୁଳନୀୟ ଯଶ ଏବଂ ତାହା ଆସିଥିଲା । କିନ୍ତୁ ସେ ଯେପରି ଆଶା ଏବଂ ଯୋଜନା କରିଥିଲେ ସେପରି ନୁହେଁ । ଭଗବାନ ବୁଦ୍ଧଙ୍କର କ୍ଷମତା ଯେକୌଣସି ପାର୍ଥିବ ରାଜାଙ୍କଠାରୁ ମହତ୍ତର ଏବଂ ତାଙ୍କର ଯଶ ସମଗ୍ର ପୃଥିବୀରେ ପରିବ୍ୟାପ୍ତ ।

ଖ୍ରୀଷ୍ଟ ଲୋକମାନଙ୍କୁ କହିଥିଲେ. "ସବୁ କିଛି ତ୍ୟାଗ କର, ମୋର ଅନୁସରଣ କର ।" ଯେତେବେଳେ ଆମର ଖ୍ରୀଷ୍ଟିଆନ୍ ବନ୍ଧୁଗଣ ଖ୍ରୀଷ୍ଟ ପ୍ରତ୍ୟାଦେଶରେ ଏହା ପଢ଼ନ୍ତି, ସେମାନେ ଅନୁଭବ କରନ୍ତି ଯେ ସେମାନେ ତାହା ସାଙ୍ଗେସଙ୍ଗେ କରିଥାନ୍ତେ । ତାହା ସେତେ ନିଶ୍ଚିତ ନୁହେଁ । ଆମ ନିଜକୁ ସେହି ସମୟର

ଲୋକଙ୍କ ସ୍ଥାନରେ ରଖିବାକୁ ଚେଷ୍ଟା କରିବା । ମନେ ପକାନ୍ତୁ ସେହି ବହୁ ଧନସମ୍ପତ୍ତିର ଅଧିକାରୀ ଯୁବକ ଯେ ତାଙ୍କ ପାଖକୁ ଆସିଥିଲେ । ସେହି ସବୁ ସମ୍ପତ୍ତି ସମ୍ଭବତଃ ଦରକାର କରୁଥିଲା କେତେକ କର୍ତ୍ତବ୍ୟ ଏବଂ ସେଗୁଡ଼ିକ ତାଙ୍କୁ ସମ୍ପାଦନ କରିବାକୁ ପଡୁଥିଲା ଏବଂ ସେଥିପାଇଁ ସେ ସେଗୁଡ଼ିକ ଛାଡ଼ି ପାରୁ ନ ଥିଲେ । ସେହି ସମୟର ସମସ୍ତ ଜନମତ, ସମସ୍ତ ସମ୍ମାନିତ ବ୍ୟକ୍ତି ଏବଂ ସମସ୍ତ ରକ୍ଷଣଶୀଳ ଶକ୍ତି ଖ୍ରୀଷ୍ଟଙ୍କ ବିରୋଧରେ ଏକାଠି ହୋଇଥିଲେ । ସେ ଥିଲେ କେବଳ ଏକ ଦରିଦ୍ର ଭ୍ରମଣରତ ଶିକ୍ଷକ ଯାହାଙ୍କର କେଉଁଠି ହେଲେ ମୁଣ୍ଡ ଗୁଞ୍ଜିବାକୁ କିଛି ନ ଥିଲା ।

ଏହିସବୁ ଅବସ୍ଥାର ସମ୍ମୁଖୀନ ହୋଇ ଆମେ କ'ଣ ତାଙ୍କର ଅନୁସରଣ କରିଥାନ୍ତୁ ? ଆମେ କ'ଣ ନିଶ୍ଚିତ ଭାବେ ସବୁକିଛି ପରିତ୍ୟାଗ କରି ତାଙ୍କୁ ଅନୁସରଣ କରିଥାନ୍ତୁ – ଯାହାଙ୍କୁ ସମସ୍ତ ବୟସ୍କ ବ୍ୟକ୍ତି, ଉଚ୍ଚ ଧର୍ମଯାଜକ ଏବଂ ରକ୍ଷଣଶୀଳ ବ୍ୟକ୍ତିଗଣ ଏକ ଉନ୍ମତ୍ତ ବ୍ୟକ୍ତି ବୋଲି ନିନ୍ଦା କରୁଥିଲେ ? ଆମେ କ'ଣ ମନରେ ଏକ ସନ୍ଦେହ ଅନୁଭବ କରି ନଥାନ୍ତୁ ଯେ ଆମେ ମୋଟ ଉପରେ ଅସଲ ଜିନିଷକୁ ଛାଡ଼ି ଦେଇ ଏଇ ଛାଇକୁ ଧରିବାକୁ ଯାଉଛୁ ବୋଲି ? ଯାହା ସେତେ ନିଶ୍ଚିତ ନୁହେଁ । ଆଧୁନିକ କାଳରେ ହୁଏତ ଏହା ସେଭଳି ମନେହୁଏ । ଆମ ଭିତରୁ ଯେଉଁମାନେ ଅନ୍ୟ ଜିନିଷ ସବୁ ଛାଡ଼ି ଦେଇଛନ୍ତି ଗୁରୁମାନଙ୍କୁ ଅନୁସରଣ କରିବା ପାଇଁ, ସେମାନେ କେବେହେଲେ ମୁହୂର୍ତ୍ତକ ପାଇଁ ଦୁଃଖ କରି ନାହାନ୍ତି ।

**ଅନେକ ସମୟରେ ଗୁରୁ ନିଜର ସେବକ ଜରିଆରେ ଅନ୍ୟମାନଙ୍କ ଉପରେ ନିଜର ଶକ୍ତି ଢାଳିଦେବା ଦରକାର କରନ୍ତି । ସେ ତାହା କରି ପାରିବେ ନାହିଁ ଯଦି ସେହି ସେବକ ହତାଶା ଆଗରେ ଲଇଁ ପଡ଼ନ୍ତି । ସୁତରାଂ ପ୍ରଫୁଲ୍ଲତା ହିଁ ନିୟମ ରହିବା ଉଚିତ ।**

**ଲେଡ୍‌ବିଟର୍** – ସର୍ବଦା ଏହି ପୁସ୍ତକ ସାରା ପ୍ରତ୍ୟେକ କାର୍ଯ୍ୟ କରିବା ପାଇଁ ସେହି ଏକ କାରଣ ଦର୍ଶାଯାଇଛି ଯେ ଏାହ ହେଉଛି ଗୁରୁଙ୍କ ସେବା ପାଇଁ । ହତାଶା ବିରୋଧରେ ଅନ୍ୟ ବହୁ କାରଣ ଦିଆଯାଇଥିବା ଆମେ ଆଶା କରିପାରୁ – ଯେ ଏହା ବ୍ୟକ୍ତି ପକ୍ଷରେ ଖରାପ ଏବଂ ଏହାର ଅନ୍ୟମାନଙ୍କ ଉପରେ ଏକ

ଅପ୍ରୀତିକର ପ୍ରଭାବ ରହିଛି । କିନ୍ତୁ ଯେଉଁ ବିଷୟଟି ଉପରେ ଏଠାରେ ଜୋର୍ ଦିଆଯାଇଛି, ତାହା ହେଉଛି ଯେ ଗୁରୁ ଆମକୁ ତାଙ୍କର ଶକ୍ତିର ପ୍ରଣାଳୀ ରୂପେ ବ୍ୟବହାର କରିପାରିବେ ନାହିଁ, ଯଦି ଆମେ ଏହା ଆଗରେ ଲଇଁ ଯାଉ ।

**ଆନି ବେସାନ୍ତ୍** - ଏଠାରେ ପ୍ରଫୁଲ୍ଲତା କାହିଁକି ନିଶ୍ଚିତ ନିୟମ ହେବା ଉଚିତ, ତାର କାରଣ ଦିଆଯାଇଛି । ପୁଣି ଥରେ ସେହି ପ୍ରେରଣାଦାୟକ ଭାବନା ଉପସ୍ଥାପନ କରାଯାଇଛି ଯେ ଗୁରୁ ଆପଣଙ୍କର ସାହାଯ୍ୟ ଆବଶ୍ୟକ କରନ୍ତି ଏବଂ ଆପଣ ତାଙ୍କର ଉପଯୋଗୀ ହୋଇପାରନ୍ତି । ତାଙ୍କର ଶକ୍ତି ହେଉଛି ସମ୍ପୂର୍ଣ୍ଣ ଆନନ୍ଦମୟ କାରଣ ତାହା ହେଉଛି ଈଶ୍ୱରଙ୍କ କକ୍ତିର ଅଂଶ । ସୁତରାଂ ଏହା କୌଣସି ନଳ ଭିତର ଦେଇ ଢାଳି ହୋଇ ଆସି ପାରିବ ନାହିଁ ଯଦି ତାହା ହତାଶା ଦ୍ୱାରା ବନ୍ଦ ହୋଇଯାଏ ।

ଏହା କହିବାରେ ଅଦ୍ଭୁତ ଶୁଣାଯାଇ ପାରେ ଯେ ଗୁରୁ ଏଇଆ ବା ସେଇଆ କରିବାରେ ଅକ୍ଷମ; ତଥାପି କଥାଟା ହେଉଛି ସେହିପରି । ବାରମ୍ବାର ଗୁରୁ କୌଣସି ଏକ ବିଷୟରେ କହିବାର ଶୁଣାଯାଏ, "ଏହା କରିବାରେ ମୁଁ ସଫଳ ହୋଇପାରିଲି ନାହିଁ ।" ସେମାନଙ୍କର କ୍ଷମତା ସୀମିତ ହୁଏ ଯେତେବେଳେ ସେମାନେ ଏହି ପୃଥିବୀରେ କାମ କରନ୍ତି, ଏହି ସ୍ଥୂଳ ସ୍ତରରେ ଥିବା ଅବସ୍ଥା ଦୃଷ୍ଟିରୁ । ଅନେକ ସମୟରେ ସେମାନେ ସ୍ଥୂଳ ସ୍ତରରେ ଏକ ବ୍ୟକ୍ତି ନିକଟରେ ପହଞ୍ଚି ପାରନ୍ତି ନାହିଁ ଏକ ମଧ୍ୟସ୍ଥ ବିନା; ସେହି ହେତୁ ସେମାନେ ଦରକାର କରନ୍ତି ସାହାଯ୍ୟ ଯାହା ହୁଏତ ଆପଣ ସେମାନଙ୍କୁ ଦେଇପାରିବେ । ସେହି ସାହାଯ୍ୟ ବିନା, ଗୁଡ଼ାଏ କାମ ନ ହୋଇ ରହିଯିବ ଏବଂ ପରେ, ପରିଣାମତଃ, ପ୍ରତିବନ୍ଧକଗୁଡ଼ିକ ହଟାଇବାକୁ ହେବ – ଯାହା ସେଠାରେ ରହିବାର କେବେ ଆବଶ୍ୟକତା ନ ଥିଲା ।

■■■

## ପଞ୍ଚମ ଅଧ୍ୟାୟ

# ଏକାଗ୍ରତା

**ଏକାଗ୍ରତା – ଯେଉଁ ଗୋଟିଏ ବିଷୟ ତୁମେ ନିଜ ଆଗରେ ରଖିବା ଉଚିତ ତାହା ହେଉଛି ଗୁରୁଙ୍କର କାର୍ଯ୍ୟ କରିବା । ଅନ୍ୟ ଯାହାକିଛି କରିବାକୁ ତୁମ ଆଗରେ ଆସିଲେ ମଧ୍ୟ ଅନ୍ତତଃ ତାହା ତୁମେ କେବେ ହେଲେ ଭୁଲିବ ନାହିଁ ।**

**ଲେଡ୍‌ବିଟର** – ସାଧାରଣ ଜୀବନରେ ପ୍ରକୃତ ସଫଳତା ସକାଶେ ଏକାଗ୍ରତା ଆବଶ୍ୟକ । ଏକାଗ୍ରତା ଥିବା ବ୍ୟକ୍ତି ଅବଶେଷରେ ଜୟଲାଭ କରେ, କାରଣ ତାର ସମସ୍ତ ଶକ୍ତି ଏକାଠି କାର୍ଯ୍ୟ କରେ, ଯେତେବେଳେ ଅନ୍ୟ ଲୋକମାନଙ୍କର ବହୁବିଧ ଲକ୍ଷ୍ୟ ରହିଥାଏ ଏବଂ ସର୍ବଦା ସେଗୁଡ଼ିକ ବଦଳୁଥାଏ । ଉଦାହରଣ ସ୍ୱରୂପ – ଯେଉଁ ବ୍ୟକ୍ତି ଅର୍ଥ ଉପାର୍ଜନ କରିବାକୁ ପ୍ରସ୍ତୁତ ହୁଏ, ଏବଂ ସେଥିପାଇଁ ତାର ସମସ୍ତ ଚିନ୍ତା ଓ ଇଚ୍ଛାର ଉପଯୋଗ କରେ ଏବଂ ସବୁ ସମୟରେ ତାକୁ ଲକ୍ଷ୍ୟ ରଖେ ଓ ଯୋଜନା କରେ, ସେ ତାର ଲକ୍ଷ୍ୟ ସାଧନ କରିବାରେ ପ୍ରାୟ ନିଶ୍ଚିତ । ଯଦି ଜଣେ ଗୁରୁଙ୍କ ସେବା କରିବାକୁ ସର୍ବଦା ବଢ଼ି ଚାଲିଥିବା କ୍ଷମତା ନେଇ ସର୍ବଦା ଦୃଢ଼ ସଂକଳ୍ପ କରେ, ଏବଂ ସେଥିପାଇଁ ଅନ୍ୟ ସମସ୍ତ ବିଷୟକୁ ଆଡ଼େଇ ଦେବାକୁ ଇଚ୍ଛୁକ ଥାଏ, ତେବେ ତାର ପ୍ରଗତି ଅବଶ୍ୟ ଦ୍ରୁତ ହେବ ।

**ତଥାପି ଅନ୍ୟ କୌଣସି ବିଷୟ ତୁମ ଆଗକୁ ଆସି ନପାରେ । କାରଣ ସମସ୍ତ ସହାୟକ ଏବଂ ନିଃସ୍ୱାର୍ଥପର କାର୍ଯ୍ୟ ହେଉଛି ଗୁରୁଙ୍କର କାର୍ଯ୍ୟ ଏବଂ ତାଙ୍କ ସକାଶେ ତୁମକୁ ତାହା କିରବାକୁ ହେବ । ତୁମକୁ ପ୍ରତ୍ୟେକ କାମ ପ୍ରତି ପୂର୍ଣ୍ଣତଃ ଧ୍ୟାନ ଦେବାକୁ ପଡ଼ିବ, ଯେତେବେଳେ ତୁମେ ତାହା କରିବ – ଯାହା ଫଳରେ ତାହା ହୋଇପାରେ ତୁମର ଶ୍ରେଷ୍ଠ କୃତି ।**

**ଲେଡ୍‌ବିଟର୍ –** ଶିଷ୍ୟଙ୍କର କାମର ବହୁ ଅଂଶ ହେଉଛି ଭବିଷ୍ୟତରେ ଗୁରୁଙ୍କର ଅଧିକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ନିଜକୁ ପ୍ରସ୍ତୁତ କରିବା । ତା' ଭିତରୁ କେତେକ କାମ ଗୁରୁଙ୍କର ବର୍ତ୍ତମାନ ଯୋଜନାରେ ପ୍ରତ୍ୟକ୍ଷ ଭାବେ ଉପଯୋଗୀ ନୁହେଁ । କିନ୍ତୁ ସେହି କାମକୁ ବିଦ୍ୟାଳୟର ଏକ ଛାତ୍ରର କେତେକ କାର୍ଯ୍ୟ ସହିତ ତୁଳନା କରାଯାଇପାରେ । ଉଦାହରଣ ସ୍ୱରୂପ, ଯେଉଁ ବାଳକ ଲାଟିନ୍ ପଢୁଛି, ସେ ନିର୍ଦ୍ଦିଷ୍ଟ ଭାବେ କିଚି ଭଲ କରୁନାହିଁ । କିନ୍ତୁ ମାନସିକ କ୍ଷମତା ଏବଂ ଚାରିତ୍ରିକ ଗୁଣଗୁଡ଼ିକ ବୃଦ୍ଧି କରୁଛି ବା କରିବା ଉଚିତ ଯାହା ପରବର୍ତ୍ତୀ ଜୀବନରେ ଉପଯୋଗୀ ହେବ । ସାଧାରଣ ଜୀବନର କର୍ତ୍ତବ୍ୟଗୁଡ଼ିକ ଅନେକ ସମୟରେ ଏହି ଦୁଇ ପ୍ରକାର ଜିନିଷକୁ ଏକାଠି ମିଶାଇଥାଏ । କାରଣ ଯେଉଁମାନେ ସେଗୁଡ଼ିକୁ ଭଲ ଭାବରେ କରନ୍ତି, ସେମାନଙ୍କ ସକାଶେ ତାହା ଯୋଗାଇ ଦେଇଥାଏ ସୁନ୍ଦର ଶିକ୍ଷା ଓ ପ୍ରଶିକ୍ଷଣ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ, ବହୁ ସୁବିଧା ଯୋଗାଇଥାଏ ଚରିତ୍ର ଏବଂ ଆଦର୍ଶ କ୍ଷେତ୍ରରେ ପ୍ରଗତି ପାଇଁ – ଯାହା ସର୍ବାଧିକ ନିଶ୍ଚିତ ଭାବେ ହେଉଛି ଗୁରୁଙ୍କର କାର୍ଯ୍ୟ ।

ଦୈନନ୍ଦିନ ଜୀବନର ବିଭିନ୍ନ ପ୍ରକାର ସମସ୍ତ କାର୍ଯ୍ୟ ଗୁରୁଙ୍କ ସେବାରେ ଏକାଗ୍ର ଉଦ୍ୟମର ଅନ୍ତର୍ଭୁକ୍ତ ହେବ, ଯେତେବେଳେ ଆମେ ସେ ସବୁକୁ ତାଙ୍କ ନାମରେ ଏବଂ ତାଙ୍କ ପାଇଁ କରିବାକୁ ଶିଖିବା । ଆମ ପାଇଁ ଗୁରୁଙ୍କର କାମ ସେପରି କିଛି ଅଦ୍ଭୁତ ନୁହେଁ ଏବଂ ଆମର ସାଥୀ ଲୋକଙ୍କଠାରୁ ଅଲଗା ନୁହେଁ । ଏକ ଭଲ ପରିବାର ଗଢ଼ିବା, ଯେଉଁ ପରିବାରର ଲୋକେ ନିଜ ବେଳ ଆସିଲେ ତାଙ୍କର ସେବା କରିବେ । ଅର୍ଥ ଉପାର୍ଜନ କରିବା ଯାହା ତାଙ୍କର କାମରେ ଲାଗିବ । କ୍ଷମତା ହାସଲ କରିବା, ଯାହାଦ୍ୱାରା ଆମେ ତାଙ୍କର ସାହାଯ୍ୟ କରିପାରିବା । ଏ ସମସ୍ତ ହେଉଛି ତାର ଅଂଶ । ତଥାପି ଏସବୁ କରିବାରେ ଆମକୁ ସର୍ବଦା ଆତ୍ମ-ପ୍ରତାରଣା ବିରୋଧରେ ସଜାଗ ହେବାକୁ ପଡ଼ିବ । ଦେଖିବାକୁ ହେବ ଯେ ଗୁରୁଙ୍କ ନାମରେ ପବିତ୍ରତାର ଆବରଣ ଭିତରେ ଆମେ ଯେପରି ନିଜ ମନ ଭିତରେ କ୍ଷମତାର ବ୍ୟବହାର ଏବଂ ଅର୍ଥ ଉପଯୋଗ କରିବାର ଏକ ସ୍ୱାର୍ଥପର କାମନାକୁ ଲୁଚାଇ ରଖିନାହୁଁ ।

**ସେହି ଶିକ୍ଷକ ଆହୁରି ମଧ୍ୟ କହିଛନ୍ତି, "ଯାହା କିଛି ତୁମେ କରୁଛ ହୃଦୟର ସହିତ କର ଭଗବନାଙ୍କ ପାଇଁ, ଲୋକଙ୍କ ପାଇଁ ନୁହେଁ ।" ଚିନ୍ତା କର ତୁମେ ଗୋଟିଏ କାମକୁ କିପରି କରିବ, ଯଦି ତୁମେ ଜାଣ ଯେ ଗୁରୁ ସାଙ୍ଗେସାଙ୍ଗେ ଆସୁଛନ୍ତି**

**ତାହା ଦେଖିବା ପାଇଁ । ଠିକ୍ ସେହିପରି ତୁମକୁ ସବୁ କାମ କରିବାକୁ ହେବ । ଯେଉଁମାନେ ସର୍ବାଧିକ କଥା ଜାଣନ୍ତି ସେମାନେ ସର୍ବାଧିକ ଜାଣନ୍ତି ସେହି ଉକ୍ତିର ଅର୍ଥ କଣ । ଏବଂ ସେହିଭଳି ଆଉ ଗୋଟିଏ ଅଧିକ ପୁରୁଣା ଉକ୍ତି ଅଛି – ଯେଉଁ କାମ ତୁମର ହାତକୁ ଆସେ, ତାହା ସମସ୍ତ ଶକ୍ତି ଦେଇ କର ।**

**ଲେଡ୍‌ବିଟର୍** – ସମଗ୍ର ପୃଥିବୀ ପୃଥିବୀର ଈଶ୍ୱର ସେହି ଏକ ଦୀକ୍ଷାଦାତାଙ୍କ ଚେତନା ଭିତରେ ରହିଛି । ସେହି ହେତୁ ପ୍ରତ୍ୟେକଟି କାର୍ଯ୍ୟ ଯାହା ଆମେ କରୁ, ତାହା ତାଙ୍କର ଉପସ୍ଥିତିରେ କରାଯାଏ । ସେହିଥିରୁ ହିଁ ଜାତ ହୋଇଛି ପୁରୁଣା ଖ୍ରୀଷ୍ଟିଆନ୍ ଧାରଣା ଯେ ଈଶ୍ୱର ହେଉଛନ୍ତି ସର୍ବଜ୍ଞ ଏବଂ ସର୍ବତ୍ର ବିଦ୍ୟମାନ । ତାଙ୍କ ବିଷୟରେ କୁହାଯାଇଛି, "ତାଙ୍କର ଭିତରେ ଆମେ ବଞ୍ଚୁ, ଚଳପ୍ରଚଳ ହେଉ ଏବଂ ଆମର ଅସ୍ତିତ୍ୱ ରହେ ।" ଏହା ଏକ କବିର କଳ୍ପନା ନୁହେଁ, ବରଂ ଏକ ବୈଜ୍ଞାନିକ ସତ୍ୟ ଯେ ଆମେ ପୃଥିବୀର ମହାନ୍ ଆଧ୍ୟାତ୍ମିକ ନୃପତିଙ୍କର ପ୍ରଭା ଭିତରେ ବଞ୍ଚି ରହୁ । ଅବଶ୍ୟ ସମଗ୍ର ପୃଥିବୀକୁ ଏକ ସମୟରେ ଧରି ରଖି ପାରିବା ଭଳି ଏକ ଚେତନା ଆମ ସକାଶେ ଅକଳ୍ପନୀୟ ଭାବେ ଅବୋଧ୍ୟ, ଅଥଚ ଦିନେ ଆମେ ସେହି ସର୍ବୋଚ୍ଚ ସ୍ତରରେ ପହଞ୍ଚି ପାରିବା ।

ଈଶ୍ୱରଙ୍କ ସମ୍ପର୍କରେ ପୁରାତନ ଧାରଣା ତାଙ୍କର ସର୍ବତ୍ର ସ୍ଥିତିକୁ ଏକ ଭୟଙ୍କର ଚିନ୍ତାରେ ପରିଣତ କରିଥିଲା । ଅନୁମାନ କରାଯାଉଥିଲା ଯେ ଈଶ୍ୱର ହେଉଛନ୍ତି ଏପରି ଜଣେ ଯେ ସର୍ବଦା ଦୋଷତ୍ରୁଟି ଲକ୍ଷ୍ୟ କରି ଲାଗିଛନ୍ତି, ତାଙ୍କର ନିୟମଗୁଡ଼ିକର କୌଣସି ଲଙ୍ଘନ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଯାହା ଫଳରେ ସେ କ୍ରୁଦ୍ଧ ହୋଇ ଛୁଟି ଆସିବେ ସେହି ନିଃସହାୟ ଦୋଷୀ ଉପରକୁ । ବହୁ ଶିଶୁ ଭୟଙ୍କର ଯନ୍ତ୍ରଣା ପାଇଛନ୍ତି ସେହି ଚିନ୍ତା ହେତୁ ଯେ ସେମାନେ ଯାହା କରନ୍ତି ପ୍ରତ୍ୟେକଟି ଜିନିଷ ଭଗବାନ ଦେଖନ୍ତି; ଶିଶୁ ଏହାକୁ ଏକ ପ୍ରକାର ଅନ୍ୟାୟ ବୋଲି ଭାବେ କାରଣ ତଦ୍ୱାରା କୌଣସି ଗୋପନୀୟତା ରହିପନପାରେ । ଏହା ବିଶେଷ ଭାବେ ଘଟିଥାଏ କାରଣ ଏକ ଭୀତମନା ଶିଶୁ କହି ପାରେ ନାହିଁ ଯେ ଯାହା କରୁଛି ତାହାକୁ ତାର ଉପଦେଷ୍ଟା କିପରି ଗ୍ରହଣ କରିବ । କିନ୍ତୁ ତା ବଦଳରେ ଯଦି ଜଣେ ଉପଲବ୍ଧି କରନ୍ତା ଶକ୍ତିଶାଳୀ ଦିବ୍ୟପ୍ରେମ, ସେତେବେଳେ ସେ ବୁଝିବାକୁ ଆରମ୍ଭ କରନ୍ତା ଯେ ଈଶ୍ୱରଙ୍କର ସର୍ବତ୍ର ସ୍ଥିତି ହେଉଛି ଆମର ନିରାପତ୍ତା ପାଇଁ ଏବଂ ଆମ ସକାଶେ ତାହା ମହତ୍ତମ ଆଶୀର୍ବାଦ ।

**ଆନି ବେସାନ୍ତ୍ –** ଗୁରୁ ଏଠାରେ ଯେଉଁ ପରୀକ୍ଷା କଥା କହିଛନ୍ତି ତାହା ଆମର ସମସ୍ତ କାର୍ଯ୍ୟ ପ୍ରତି ପ୍ରୟୋଗ କରାଯିବା ଉଚିତ । ମନେ କରନ୍ତୁ, ଆପଣ ଖଣ୍ଡିଏ ଚିଠି ଲେଖୁଛନ୍ତି । ଆପଣ ଯଦି ଜାଣନ୍ତି ଯେ ଗୁରୁ ଆସିବେ ଏବଂ ତାକୁ ପଢ଼ିବେ, ତେବେ ତାକୁ ଅତି ଯତ୍ନର ସହିତ ଲେଖିବାକୁ ହେବ – ତାର ପାଠ୍ୟ ବିଷ ତଥା ତାର ଆକାର, ଉଭୟ ଦୃଷ୍ଟିରୁ । ଆପଣଙ୍କର କାମ ଯାହା ହେଉ, ତାହା ତାଙ୍କର କାମ, ଯେବେ ଆପଣ ତାହା ସର୍ବୋତ୍ତମ ଭାବେ କରିପାରନ୍ତି । ତାହା ହୋଇପାରେ କିଛି କାର୍ଯ୍ୟ ଯାହା ଗୁରୁ ତତ୍‌କାଳୀନ ଉଦ୍ଦେଶ୍ୟ ସାଧନ ପାଇଁ କରିବାକୁ ଚାହିଁଥାଇ ପାରନ୍ତି କିମ୍ବା ହୋଇପାରେ କିଛି କାର୍ଯ୍ୟ ଯାହା ଗୁରୁ ତତ୍‌କାଳୀନ ଉଦ୍ଦେଶ୍ୟ ସାଧନ ପାଇଁ କରିବାକୁ ଚାହିଁଥାଇ ପାରନ୍ତି କିମ୍ବା ହୋଇପାରେ କିଛି ବିଷୟ ଯାହା ଭବିଷ୍ୟତ କାର୍ଯ୍ୟ ପାଇଁ ଆପଣଙ୍କୁ ପ୍ରସ୍ତୁତ କରିବ । ସବୁଯାକ କାମ ତାଙ୍କ ସକାଶେ, ଯଦି ଆମେ ହେଉଛୁ ତାଙ୍କର; ତାହା ଅନ୍ୟ କାହା ସକାଶେ ହୋଇ ନପାରେ । ଏହାକୁ ନିଜର ସାଧାରଣ ଏବଂ ଅବିରତ ମୋନାଭାବରେ ପରିଣତ କରନ୍ତୁ ଏବଂ ଆପଣ ଏକ ବାତାବରଣ ତିଆରି କରିବେ ଯେଉଁଥିରେ ଏକାଗ୍ରତା ବୃଦ୍ଧି ପାଇବ ।

ଆମର ଯଦି ସେହି ପ୍ରକୃତ ଏକାଗ୍ରତା ରହେ, ତେବେ ଅତି ସୁନ୍ଦର ଭାବେ ସବୁ କଥା ହୋଇଯିବ । ସବୁ କାର୍ଯ୍ୟ ତାଙ୍କର ସେବା ବୋଲି କରିବା ଭାବନା ମୁଁ ନିଜ ମନରେ ରଖିଥାଏ, ଠିକ୍ ଯେପରି କନିଷ୍ଠ ଶିଷ୍ୟମାନେ କରିଥାନ୍ତି, ଯଦିଓ ମୋତେ ସାହାଯ୍ୟ କରିବା ପାଇଁ ରହିଛି ମୋର ଅଭ୍ୟାସର ବଳ ଯାହା ସେମାନଙ୍କର ଏ ପର୍ଯ୍ୟନ୍ତ ହୋଇନାହିଁ । "ମୁଁ ଏହି ଚିଠିର ଉତ୍ତର ଦେବି କାହିଁକି ?" ସମୟେ ସମୟେ ମୁଁ ନିଜକୁ ପ୍ରଶ୍ନ କରେ ଏବଂ ମୋର ପ୍ରଶ୍ନର ଉତ୍ତର ସାଙ୍ଗେସାଙ୍ଗେ ମୋ ମନକୁ ଚାଲି ଆସେ : "ଏହା ମୋ ପାଖକୁ ଆସିଛି କିଛି କରାଯିବା ପାଇଁ ଏବଂ ସେହିହେତୁ ଏହା ହେଉଛି ଗୁରୁଙ୍କର କାମ ।"

ଆପଣ ଯେତିକି ସମୟ ଶିଷ୍ୟ ହୋଇ ରହିଥିବେ, ସେହି ସମସ୍ତ ସମୟ ଆପଣ ଏହି ଭାବନାଟିକୁ ନିଜ ମନରେ ଧରିରଖିବେ ମୁଖ୍ୟ ଭାବେ । ସମସ୍ତଙ୍କୁ ଏହା ଅଭ୍ୟାସା କରିବାକୁ ହେବ, ଏହା ଯେତେବେଳେ ଅଭ୍ୟାସରେ ପଡ଼ିଯିବ, ସେମାନେ ତାକୁ ଦୃଢ଼ କରି ଚାଲିବେ । ଆମର ଯେକୌଣସି କାର୍ଯ୍ର ଥିବ, ତାକୁ ଆମର ସମସ୍ତ ଶକ୍ତି ଦେଇ କରିପାରେ ତାହା ଆମକୁ ସାହାଯ୍ୟ କରିବ । ଆମେ ଆମର ଶକ୍ତି ଦେଇ ତାହା କରିବା, ଯେହେତୁ ତାହା ଫଳରେ ଏହା ହୋଇଯାଏ ଦିବ୍ୟ କାର୍ଯ୍ୟର ଏକ ଅଂଶ ଏବଂ ଯେହେତୁ ଏହା ଦିଏ ଚରିତ୍ର ଗଢ଼ିବାରେ

ପ୍ରଶିକ୍ଷଣ । ଆପଣ ନିଜର କାର୍ଯ୍ୟକୁ ସମ୍ପୂର୍ଣ୍ଣ ସଚ୍ଚୋଟ ଭାବେ କରନ୍ତୁ, କୌଣସି ଦ୍ୱିତୀୟ ଶ୍ରେଣୀର କାର୍ଯ୍ୟ ହେବାକୁ ଦିଅନ୍ତୁ ନାହିଁ ।

**ଏକାଗ୍ରତାର ଅର୍ଥ ହେଉଛି ଯେ ତୁମେ ଯେଉଁ ପଥରେ ପ୍ରବେଶ କରିଛ ସେଥିରୁ କେବେହେଲେ କୌଣସି ବିଷୟ ତୁମକୁ ମୁହୂର୍ତ୍ତକ ପାଇଁ ମଧ୍ୟ ଫେରାଇ ଆଣିବ ନାହିଁ । କୌଣସି ପ୍ରଲୋଭନ, କୌଣସି ପାର୍ଥିବ ସୁଖ, କୌଣସି ପାର୍ଥିବ ସ୍ନେହ ମଧ୍ୟ ତୁମକୁ କେବେହେଲେ ପଥଚ୍ୟୁତ କରିବ ନାହିଁ । କାରଣ ତୁମେ ନିଜେ ସେହି ପଥ ସହିତ ଏକ । ଏହା ତୁମ ସ୍ୱଭାବର ଏପରି ଏକ ଅଂଶ ହୋଇପଡ଼ିବ ଯେ ଏହା ବିଷୟରେ ଚିନ୍ତା କରିବାର ଆବଶ୍ୟକତା ନରଖି ତୁମେ ଏହାକୁ ଅନୁସରଣ କରିବ ଏବଂ ପଥଭ୍ରଷ୍ଟ ହୋଇପାରିବ ନାହିଁ । ତୁମେ ସେହି ଆତ୍ମା ଏହି ନିଷ୍ପତ୍ତି ନେଇଛ । ଏଥିରୁ ବିଚ୍ୟୁତ ହେବା ଅର୍ଥ ତୁମ ନିଜଠାରୁ ବିଚ୍ୟୁତ ହେବା ।**

**ଲେଡ୍‌ବିଟର୍** – ବ୍ୟକ୍ତିବିଶେଷ ଯେ ମାର୍ଗ ସହିତ ନିଶ୍ଚୟ ଏକ ହୋଇଯିବ, ଏହି ଉକ୍ତି ଏହି ପୁସ୍ତକ ବ୍ୟତୀତ ଅନ୍ୟ ଧର୍ମଗ୍ରନ୍ଥଗୁଡ଼ିକରେ ମଧ୍ୟ ରହିଛି । ଖ୍ରୀଷ୍ଟ ତାଙ୍କର ଶିଷ୍ୟମାନଙ୍କୁ କହିଛନ୍ତି, "ମୁଁ ହେଉଛି ମାର୍ଗ ।" ଶ୍ରୀକୃଷ୍ଣ ଠିକ୍ ଅନୁରୂପ କଥା କହିଛନ୍ତି, "ମୁଁ ହେଉଚି ମାର୍ଗ ଯେଉଁଥିରେ ପଥିକଗଣ ଅବଶ୍ୟ ଯାତ୍ରା କରିବେ ।" ସେହି ଚିନ୍ତା ଉପସ୍ଥାପନ କରାଯାଇଛି *'ଦି ଭଏସ୍ ଅଫ୍ ସାଇଲେନ୍ସ'*ରେ । ସେଥିରେ କୁହାଯାଇଛି – "ତୁମେ ସେହି ମାର୍ଗରେ ଯାତ୍ରା କରି ପାରିବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ସେହି ମାର୍ଗ ପାଲଟି ଯାଇନାହଁ ।"

ପ୍ରକୃତରେ ଯାହା ଘଟେ, ତାହା ହେଉଚି ଯେ ଜଣେ ନିଜର ପ୍ରକୃତ ଆତ୍ମା ପାଲଟିଯାଏ । ପତଞ୍ଜଳି ଯୋଗର ସଂଜ୍ଞା ନିରୂପଣ କରି କହିଛନ୍ତି ଯେ ଯେତେବେଳେ ସେ ନିଜର ପ୍ରକୃତ ରୂପରେ ଅବସ୍ଥାନ କରେ । *ମୋନାଡ୍* ହେଉଛି ଆମର ପ୍ରକୃତ ଆତ୍ମା, ମନୁଷ୍ୟ ମଧ୍ୟସ୍ଥ ଈଶ୍ୱର । କିନ୍ତୁ ସେ ନିଜର ଏକ ଛାୟାକୁ ନିମ୍ନ ସ୍ତରରେ ସ୍ଥାପନ କରିଛି ଜୀବାତ୍ମା ରୂପରେ ଏବଂ ତାହା ପୁଣି ଜନ୍ମ ନେଉଛି ଏକ ବ୍ୟକ୍ତିତ୍ୱ ମଧ୍ୟରେ । ମନୁଷ୍ୟ ଯେ ପର୍ଯ୍ୟନ୍ତ ବିଶେଷ ଭାବେ ବିକଶିତ ହୋଇ ନାହିଁ, ସେ ପର୍ଯ୍ୟନ୍ତ ଜୀବାତ୍ମା ବ୍ୟକ୍ତିତ୍ୱ ପରିଚାଳନା କରିପାରିବ ନାହିଁ । ତାହା ପୂର୍ବରୁ ଏପରି ଏକ ଆଶାଶୂନ୍ୟ ବିଷୟ ନେବା ଯୋଗୁଁ ସେ କିଛି ଶ୍ରେୟ କରିବାକୁ

ଚେଷ୍ଟା ନ କରି ବ୍ୟକ୍ତିତ୍ୱକୁ ହେୟ ଦୃଷ୍ଟିରେ ଦେଖିଥାଏ । ତାପରେ ଆସେ ପ୍ରଥମ ଦୀକ୍ଷା ଗ୍ରହଣ, ଯେଉଁ ଅବସ୍ଥାରେ ବ୍ୟକ୍ତିତ୍ୱର ନିଜର ଇଚ୍ଛା ଶକ୍ତି ରହେ ନାହିଁ ଏବଂ ଏହା ବଞ୍ଚି ରହେ (ପାଶୋରି ଯିବା ସମୟକୁ ଛାଡ଼ିଦେଇ) କେବଳ ଉଚ୍ଚତର ସତ୍ତାର ସେବାରେ । ଜୀବାତ୍ମା ବର୍ତ୍ତମାନ ବ୍ୟକ୍ତିତ୍ୱ ମଧ୍ୟ ଦେଇ ନିମ୍ନତର ସ୍ତରରେ ସକ୍ରିୟ ହୁଏ ଏବଂ ବୁଝିବାକୁ ଆରମ୍ଭ କରେ ତାର ଆତ୍ମାକୁ ଏବଂ ତାହାର ଇଚ୍ଛା ଅନୁଯାୟୀ ବଞ୍ଚିବାକୁ । ମୋନାଡ୍ ଅର୍ଥାତ୍ ଆତ୍ମା ଜୀବାତ୍ମାର କ୍ରମବିକାଶର ପଥ ସ୍ଥିର ରହିଛି ଏବଂ ଜୀବାତ୍ମା ଅନ୍ୟ କିଛି ବାଛି ପାରିବ ନାହିଁ । କାରଣ ତାହା ସ୍ୱରୂପ ଲାଭ କରୁଛି ଏବଂ ଆଧ୍ୟାତ୍ମିକ ସ୍ତରଗୁଡ଼ିକର ବନ୍ଧନରୁ ମଧ୍ୟ ମୁକ୍ତି ଲାଭ କରୁଛି । ମାର୍ଗରେ ରହି ମଧ୍ୟ ସର୍ବଦା ଶିଷ୍ୟ ଆନ୍ଦୋଳିତ ହେବେ ଏ ପାଖରୁ ସେ ପାଖ, କିନ୍ତୁ ସେ ଯେତେବେଳେ ଏକାଗ୍ରତା ଲାଭ କରିବେ ସେ ସର୍ବଦା ଲମ୍ଫ ଦେଇ ଫେରିଯିବେ ସେହି ଏକ ମାତ୍ର ଯଥାର୍ଥ ମାର୍ଗକୁ ।

**ଆନି ବେସାନ୍ତ୍** – ଲୋକେ ଅନେକ ସମୟରେ ଭୁଲି ଯାଆନ୍ତି ଯେ ସେମାନେ ହେଉଛନ୍ତି ଆତ୍ମାର ଅଭିବ୍ୟକ୍ତି । ପ୍ରକୃତରେ ଆପଣ ହେଉଛନ୍ତି ସେହି ଆତ୍ମା ଏବଂ ସେହି ହେତୁ ଆପଣ ଏଠାରେ ଯାହା କରୁଛନ୍ତି, ତାହା ଆପଣଙ୍କର ନିଜର ପ୍ରକୃତ ଇଚ୍ଛା ନେଇ ହେଉଛି – ଅନ୍ୟ ଏକ ଇଚ୍ଛାର ବାହ୍ୟ ବାଧ୍ୟବାଧକତାରେ ହେଉନାହିଁ । ଏକ ଆତ୍ମାର ଇଚ୍ଛା ହେଉଛି ଆପଣଙ୍କର ଇଚ୍ଛା – ଆପଣଙ୍କ କାମନାଗୁଡ଼ିକ ଆଦୌ ଆପଣଙ୍କର ଇଚ୍ଛା ନୁହେଁ । କିନ୍ତୁ ଆପଣ ବାହ୍ୟ ବିଷୟ ଦ୍ୱାରା ଆକୃଷ୍ଟ ହୁଅନ୍ତି, କାରଣ ଆପଣଙ୍କ ଶରୀରଗୁଡ଼ିକ ମଧ୍ୟରୁ କୌଣସି ନା କୌଣସି ଏକ ଶରୀର ଏକ ନିର୍ଦ୍ଦିଷ୍ଟ ପ୍ରକାର ସୁଖ ଚାହେଁ । ଆପଣ ସେହି ସୁଖ ଚାହାନ୍ତି ନାହିଁ । ଏହା ହେଉଛି ଉପାଦାନିକ ବସ୍ତୁ ଯାହାକୁ ସେ ଚାଖିବାକୁ ଏବଂ ଅନୁଭବ କରିବାକୁ ଚାହେଁ । ଏହି ପ୍ରକାର ପରିସ୍ଥିତିର ପୃଷ୍ଠଭୂମିରେ ଆପଣ ଅବଶ୍ୟ ଆପଣଙ୍କର ପ୍ରକୃତ 'ମୁଁ'ର ବିରୋଧ କରିବେ, ଯିଏ ଅବିଚଳିତ ଭାବେ ଉଚ୍ଚତମ ଲକ୍ଷ୍ୟ ପ୍ରତି ନିର୍ଦ୍ଦେଶ କରିଥାଏ । ଆପଣଙ୍କୁ ହେବାକୁ ପଡ଼ିବ ଏକ ଶକ୍ତିଶାଳୀ ଚୁମ୍ବକୀୟ ଦିଗପ୍ରଦର୍ଶନ ଯନ୍ତ୍ର ଭଳି, ଯାହାର କଣ୍ଟାକୁ ଟିକିଏ ଟାଣି ପାଖେଇ ଦିଆଯାଇପାରେ, କିନ୍ତୁ ତାହା ପୁଣି ଫେରି ଯାଏ ସବୁବେଳେ ନିଜ ଜାଗାକୁ । ଆପଣ ଯେ ପର୍ଯ୍ୟନ୍ତ ଏଭଳି ଦୃଢ଼ ହୋଇ ନାହାନ୍ତି ଯାହା ଫଳରେ ଆପଣଙ୍କୁ କେହି ହେଲେ ଗୋଟାଏ ପାଖକୁ ଟାଣିନେଇ ପାରିବେ ନାହିଁ, ସେ ପର୍ଯ୍ୟନ୍ତ ଆପଣଙ୍କୁ ସର୍ବଦା ଅଭ୍ୟାସ କରିବାକୁ ହେବ ସେହି ଏକ ଇଚ୍ଛା ପାଖକୁ ନିଜକୁ ଫେରାଇ ନେବାକୁ ।

ଆପଣ ଜଡ଼ ପଦାର୍ଥ ନୁହନ୍ତି; ଆପଣଙ୍କୁ ଜଡ଼ ପଦାର୍ଥକୁ ହିଁ ନିଜର ଯନ୍ତ୍ର କରିବାକୁ ହେବ । ଆପଣ ଯେଉଁ ପଦାର୍ଥ ଗୋଟାଇଛନ୍ତି ତାକୁ ସଜାଡ଼ି ନିଜ ବ୍ୟବହାରରେ ଲଗାଇବାକୁ ଯାଇ ସେହି ପଦାର୍ଥ ଆଗରେ ଆପଣ ହାରିଯିବା ହେବ ହାସ୍ୟାସ୍ପଦ । ଏହା ସତେ ଯେପରି ବଢ଼େଇ ହାତରେ ଥିବା ହାତୁଡ଼ି ବଢ଼େଇ ଇଚ୍ଛା କରୁଥିବା ସ୍ଥାନରେ ବାଡ଼େଇ ନ ହୋଇ ତା ନିଜ ଇଚ୍ଛା ଅନୁଯାୟୀ ବାଡ଼େଇ ହେଲା ଏବଂ କଣ୍ଟାଟାକୁ ଭିତରକୁ ନ ବାଡ଼େଇ ବଢ଼େଇର ହାତ ଉପରେ ଛେଚି ହେଲା । ସମୟେ ସମୟେ ଏପରି ହୁଏ ଯେ ମଣିଷ ତାର ଉପକରଣ ନେଇ ନିଜ ଆଙ୍ଗୁଠିକୁ ବାଡ଼େଇ ଦିଏ କିନ୍ତୁ ତାହା ହୁଏ କାରଣ ସେ ଏକ ଅକୁଶଳୀ କାରିଗର । ନିଜର ଉଦ୍ଦେଶ୍ୟ ପ୍ରତି, ନିଜର ପ୍ରକୃତ ଇଚ୍ଛା ପ୍ରତି ବିଶ୍ୱସ୍ତ ହେବାକୁ ଶିଖନ୍ତୁ ଏବଂ ସମୟ ଅସିବ ଯେତେବେଳେ ଆପଣ ସେଥିରୁ ବିଚ୍ୟୁତ ହୋଇ ପାରିବେ ନାହିଁ ।

ଏକାଗ୍ରତା ମନକୁ କେନ୍ଦ୍ରୀଭୂତ କରିବାଦ୍ୱାରା ମଧ୍ୟ ବିକଶିତ ହୋଇପାରେ । ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ଛୋଟିଆ ଜାଗା ଉପରେ ଦୃଷ୍ଟି ସ୍ଥିର ରଖନ୍ତୁ । ଏଖ ସମୟରେ ଗୋଟିଏ କାମ ଉପରେ ମନକୁ କେନ୍ଦ୍ରୀଭୂତ କରନ୍ତୁ, ତାହା ଭଲ ଭାବେ କରିବା ପାଇଁ । କିଛି ପରିମାଣର ପାଣି, ଯାହା ଏକ କ୍ଷୁଦ୍ର ପ୍ରଣାଳୀ ମଧ୍ୟ ଦେଇ ସରୁ ଭାବରେ ଗତି କଲେ ଏକ ପ୍ରବଳ ସ୍ରୋତ ସୃଷ୍ଟି କରିବା ପାଇଁ ଯଥେଷ୍ଟ, ତାହା କେବଳ ଏକ ଆସ୍ତରଣ ହୋଇ ରହେ ଯେତେବେଳେ ତାହା ଏକ ବିରାଟ ସ୍ଥାନ ଉପରେ ଖେଳାଇ ଦିଆଯାଏ । ସେହିପରି ଘଟିଥାଏ ଆପଣଙ୍କର ଶକ୍ତି ସମ୍ପର୍କରେ ।

ଗୋଟିଏ କାର୍ଯ୍ୟ ଶେଷ ହେବା ପରେ ଆଉ ଗୋଟିଏ କାମ ନିଅନ୍ତୁ ଏବଂ ସବୁ କାର୍ଯ୍ୟକୁ ହୁଗୁଳା ଭାବେ କରିବା ପାଇଁ ଚେଷ୍ଟା କରିବା ବଦଳରେ ପ୍ରତ୍ୟେକଟି କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ଭାବେ ଏବଂ ଶକ୍ତି ସହକାରେ କରନ୍ତୁ । ଯଦି ଆପଣ ଏହି ଉପଦେଶକୁ କ୍ରମାଗତ ଭାବେ ପାଳନ କରିବେ, ତେବେ ଆପଣ ଶୀଘ୍ର କିଛି ନିର୍ଦ୍ଦିଷ୍ଟ ପରିଣତି ଦେଖିବାକୁ ଆରମ୍ଭ କରିବେ । ହୁଏତ ତାହା ଶୀଘ୍ର କିଛି ନିର୍ଦ୍ଦିଷ୍ଟ ପରିଣତି ଦେଖିବାକୁ ଆରମ୍ଭ କରିବେ । ହୁଏତ ତାହା ପ୍ରତି ସପ୍ତାହରେ ସାମାନ୍ୟ ଟିକିଏ ଦେଖାଦେବ, କିନ୍ତୁ କେତେକ ସପ୍ତାହ ପରେ ସମସ୍ତ ପରିଣତି ସଂଚିତ ହୋଇ ଶୀଘ୍ର ସମ୍ପାଦିତ କାର୍ଯ୍ୟର ପରିମାଣ ତଥା କ୍ଷମତା ଅତିଶୟ ବିପୁଳ ଭାବେ ଅଭିବୃଦ୍ଧି ହେବ ।

■■■

## ଷଷ୍ଠ ଅଧ୍ୟାୟ

# ବିଶ୍ୱାସ

**ବିଶ୍ୱାସ – ତୁମକୁ ନିଜର ଗୁରୁଙ୍କର ପ୍ରତି ବିଶ୍ୱାସ ରଖିବାକୁ ହେବ, ନିଜ ପ୍ରତି ବିଶ୍ୱାସ ରଖିବାକୁ ହେବ । ତୁମେ ଯଦି ଗୁରୁଙ୍କର ଦେଖିଥାଅ, ତେବେ ତୁମେ ତାଙ୍କୁ ସର୍ବାଧିକ ବିଶ୍ୱାସ କରିବ, ବହୁ ଜୀବନ ଏବଂ ମୃତ୍ୟୁ ମଧ୍ୟ ଦେଇ । ତୁମେ ଯଦି ତାଙ୍କୁ ଏ ପର୍ଯ୍ୟନ୍ତ ଦେଖି ନାହଁ, ତଥାପି ତୁମେ ତାଙ୍କୁ ଉପଲବ୍ଧି କରିବାକୁ ଏବଂ ବିଶ୍ୱାସ କରିବାକୁ ଚେଷ୍ଟା କରିବାକୁ ହେବ । କାରଣ ଯଦି ତୁମେ ତାହା ନକର, ସେ ତୁମକୁ ସାହାଯ୍ୟ କରି ପାରିବେ ନାହିଁ ।**

**ଲେଡ୍‌ବିଟର୍** – ଏଗୁଡ଼ିକ ଆଂଶିକ ଭାବେ ଆଲ୍‌ସିଓନ୍‌ଙ୍କ କଥା, ସେ ଏଇଠି ତାଙ୍କ ଗୁରୁଙ୍କ ବିଷୟରେ କହୁଛନ୍ତି । କିନ୍ତୁ ଗୁରୁ ନିଜେ ଅନୁରୂପ ଭାବେ କହିଛନ୍ତି ସେମାନଙ୍କ ବିଷୟରେ, ଯେଉଁମାନେ ତାଙ୍କଠାରୁ ବଡ଼, କାରଣ ଆମେ ଯେପରି ଗୁରୁଙ୍କ ବିଷୟରେ କହୁଛୁ ଏବଂ ଚିନ୍ତା କରୁଛୁ ସେମାନେ ସେହିପରି ନିଜ ପକ୍ଷରୁ କହନ୍ତି ଏବଂ ଚିନ୍ତା କରନ୍ତି ଭଗବାନ ବୁଦ୍ଧଙ୍କ ବିଷୟରେ, ଭଗବାନ ମୈତ୍ରେୟଙ୍କ ବିଷୟରେ ଏବଂ ଅନ୍ୟମାନଙ୍କ ବିଷୟରେ ଯେଉଁମାନେ ଗୁରୁମାନଙ୍କଠାରୁ ବଡ଼ ।

ଗୁରୁଙ୍କୁ ଉପଲବ୍ଧି କରିବା ଆମ ପକ୍ଷରେ କାର୍ଯ୍ୟତଃ ଅସମ୍ଭବ । ଆମେ ତାହା କରିବାକୁ ଚେଷ୍ଟା କରିପାରୁ; ଆମେ ଜାଣିଥିବା ଉଚ୍ଚତମ ଆଦର୍ଶ ସମ୍ପର୍କରେ ଆମେ ଚିନ୍ତା କରିପାରୁ । କିନ୍ତୁ ଗୁରୁଙ୍କ ଭିତରେ ବହୁ ପ୍ରକାର ମହତ୍ତ୍ୱ ସନ୍ନିବିଷ୍ଟ ରହିଛି ଯେଉଁଗୁଡ଼ିକ ଆମେ କଳ୍ପନା ମଧ୍ୟ କରିପାରିବୁ ନାହିଁ । ଆମେ ତାଙ୍କ ସମ୍ପର୍କରେ ଯେଉଁ ଉଚ୍ଚତମ ଆଦର୍ଶ ଭାବି ପାରିବା, ତାହା ମଧ୍ୟ ଖୁବ୍ ନିମ୍ନ ଧରଣର ହେବ । ଏହି

ପରିସ୍ଥିତିରେ, ତାଙ୍କର ବିଜ୍ଞତାରେ ସର୍ବାଧିକ ବିଶ୍ୱାସ ରଖିବା ହେଉଛି ଏକ ସହଜ ସାଧାରଣ ଜ୍ଞାନ ।

ଗୁରୁଙ୍କ ପ୍ରତି ସମ୍ପୂର୍ଣ୍ଣ ବିଶ୍ୱାସ ବହୁ ପରିମାଣରେ ମଣିଷର ଅତୀତ ସହ ସମ୍ପୃକ୍ତ । ଆମେ ଯଦି ଆଲ୍‌ସିଓନ୍‌ଙ୍କ ଅତୀତ ଜୀବନକୁ ଲକ୍ଷ୍ୟ କରିବା, ଆମେ ଦେଖିବା କିପରି ତାଙ୍କ କ୍ଷେତ୍ରରେ ସେହିପରି ହୋଇଛି । ସେ ଗୁରୁଙ୍କ ସହିତ ଘନିଷ୍ଠ ସାନ୍ନିଧ୍ୟରେ ରହି ଆସିଛନ୍ତି, ବହୁ ଜନ୍ମ ଧରି । ଉଦାହରଣ ସ୍ୱରୂପ ତାଙ୍କର ସେହି ଅତୀତ ଜୀବନୀଗୁଡ଼ିକ ମଧ୍ୟରେ ମୁଁ ଦେଖୁଛି ଯେ ମୁଁ ନିଜେ ମୋର ଗୁରୁଙ୍କର ଅନୁରୂପ ସାନ୍ନିଧ୍ୟରେ ରହି ଆସିଛି ଏବଂ ସେହିପରି ଅନ୍ୟମାନେ ମଧ୍ୟ ରହି ଆସିଛନ୍ତି । ମୋର ଅନୁମାନ ଯେ ସେହି କାରଣରୁ ହିଁ ଯେଉଁ ମୁହୂର୍ତ୍ତରେ ମୁଁ ଗୁରୁଙ୍କ ସମ୍ପର୍କରେ ପଡ଼ିଲି, ମୁଁ ସାଙ୍ଗେସାଙ୍ଗେ ତାଙ୍କ ପ୍ରତି ଯଥା ସମ୍ଭବ ଦୃଢ଼ତମ ଆକର୍ଷଣ ଅନୁଭବ କଲି । ଯେତେବେଳେ ମୁଁ ତାଙ୍କୁ ଦେଖିବାର ବିଶେଷ ସୁବିଧା ପାଇଲି, ତାଙ୍କୁ ଅବିଶ୍ୱାସ କରିବା ଚିନ୍ତା କ୍ଷଣକ ପାଇଁ ମୋର ମନରେ ହୋଇନଥିଲା ।

ଏହିପରି କ୍ଷେତ୍ରରେ କୁହାଯାଇ ପାରେ ଯେ ଜୀବାତ୍ମା ଉଚ୍ଚତର ମାନସିକ ସ୍ତରରେ ଗୁରୁଙ୍କ ଉପସ୍ଥିତି ସମ୍ପର୍କରେ ସଚେତନ ହୋଇ ଅଥବା, ଅତୀତର ଜନ୍ମଗୁଡ଼ିକର ସ୍ମୃତି ଦ୍ୱାରା ଜାଣିଥାଏ ଯେଉଁସବୁ ଜନ୍ମରେ ଗୁରୁ ପରିଚିତ ହୋଇଛନ୍ତି । ସମୟେ ସମୟେ ଜୀବାତ୍ମା ଜାଣେ କିନ୍ତୁ ସେହି ଜ୍ଞାନ ନିମ୍ନ ସ୍ତରକୁ ବ୍ୟକ୍ତିତ୍ୱ ଭିତରକୁ ପଠାଇ ଦେବା ପରେ ନାହିଁ ଏବଂ ସମୟେ ସମୟେ ତାହା ଅସମ୍ପୂର୍ଣ୍ଣ ଭାବେ କିମ୍ୱା ଭୁଲ୍ ଭାବେ ପ୍ରେରିତ ହୋଇଥାଏ କିମ୍ୱା ଆଉ କେତେକ କ୍ଷେତ୍ରରେ ଜୀବାତ୍ମା ଆଦୌ ଜାଣେ ନାହିଁ । ଜୀବାତ୍ମା କେବେହେଲେ ଭୁଲ୍ କରିବା ସମ୍ଭବ ନୁହେଁ । ସେ ଆପାତତଃ, କୌଣସି ବିଷୟରେ ପ୍ରତାରିତ ହୁଏ ନାହିଁ । କିନ୍ତୁ ସେ ଯେ କେତେକ ବିଷୟରେ ଅଜ୍ଞ ତାହା ବେଶ୍ ସ୍ପଷ୍ଟ ଏବଂ ବସ୍ତୁତଃ ତାର ଜନ୍ମର ପ୍ରଧାନ ଉଦ୍ଦେଶ୍ୟ ହେଉଛି ସେହି ଅଜ୍ଞତାକୁ ଦୂର କରିବା ।

ଯେଉଁମାନେ ଗୁରୁମାନଙ୍କ ଅସ୍ତିତ୍ୱ ସମ୍ପର୍କରେ କୌଣସି ପ୍ରମାଣ ପାଇ ନାହାନ୍ତି ସେମାନେ ଏହି ଧାରଣାର ଯୌକ୍ତିକତାକୁ ଭଲଭାବେ ବିଚାରକୁ ନିଅନ୍ତୁ ଯେ ଯେହେତୁ ମନୁଷ୍ୟ ବିବର୍ତ୍ତିତ ହେଉଛି ଏବଂ ତା ପଛରେ ବହୁ ପଯ୍ୟାୟ ରହିଛି, ତା' ଆଗରେ ବହୁ ପର୍ଯ୍ୟାୟ ଆବଶ୍ୟକ ରହିଥିବ । ଆମେମାନେ ନିଜେ ବହୁ ଯୁଗର ଶୀର୍ଷଦେଶରେ ପହଞ୍ଚି ଯାଇଛୁ ବୋଲି ବିଚାର କରିନପାରୁ । ବହୁ ପ୍ରମାଣ ମଧ୍ୟ ରହିଛି ଏହି ପ୍ରକାର ଗୁରୁଜନମାନଙ୍କ ଅସ୍ତିତ୍ୱ ସମ୍ପର୍କରେ; ଯେଉଁମାନେ

ସେମାନଙ୍କୁ ଦେଖିଛନ୍ତି ଓ କଥାବାର୍ତ୍ତା କରିଛନ୍ତି ସେମାନଙ୍କଠାରୁ ଏହିସବୁ ପ୍ରମାଣ ଆସିଛି ।[1]

କେତେକ ଲୋକ ଅଛନ୍ତି ଯେଉଁମାନେ ଗୁରୁମାନଙ୍କୁ ପ୍ରକୃତରେ ଦେଖିଛନ୍ତି, ଅଥଚ ଯଦିଓ ଏହା ଅବୋଧ ମନେ ହୁଏ, ପରେ ସେମାନଙ୍କଠାରେ ପୂର୍ଣ୍ଣ ବିଶ୍ୱାସ ନରଖି ଖସି ଯାଇଛନ୍ତି । ଉଦାହରଣ ସ୍ୱରୂପ, ମୁଁ ଭଲଭାବେ ଜାଣେ ଲଣ୍ଡନର ଶ୍ରୀ ବ୍ରାଉନ୍ ନାମକ ଜଣେ ବ୍ୟକ୍ତିଙ୍କୁ । ସେ ଏକ ପ୍ରଚାରପତ୍ର ଲେଖିଛନ୍ତି, ତାଙ୍କ ଜୀବନୀକୁ ବର୍ଣ୍ଣନା କରି । ସୁତରାଂ ତାଙ୍କ ସମ୍ପର୍କରେ କହିବାରେ କିଛି କ୍ଷତି ନାହିଁ । ବହୁ ବର୍ଷ ପୂର୍ବେ ସେ ଭାରତକୁ ଯାଇଥିଲେ ଏବଂ ସେଠାରେ ବ୍ରହ୍ମବିଦ୍ୟା ସମିତି ଆରମ୍ଭ କରିଥିବା ଦୁଇ ଜଣ ଗୁରୁଙ୍କ ମଧ୍ୟରୁ ଜଣଙ୍କୁ ସଶରୀର ଦେଖିବାର ଅତିଶୟ ଅସାଧାରଣ ସୁବିଧା ପାଇଥିଲେ । ସେହି ଗୁରୁମାନେ କ୍ୱଚିତ୍ ସେମାନଙ୍କର ତିବ୍ବତୀୟ ଆବାସରୁ ତଳକୁ ଆସନ୍ତି । ତେବେ ଏଡି ଆନ୍ଦୋଳନରେ ପ୍ରଥମ ବର୍ଷଗୁଡ଼ିକରେ ମୁଁ ଏଡି ସମିତିରେ ସଭ୍ୟ ହେବା ଦିନଠାରୁ ସେମାନେ ଭାରତରେ ରହିଛନ୍ତି ।

*'ଅକଲ୍ ୱାର୍ଲ୍ଡ'* ବହିଟିରେ ଗୁରୁ କୁଥୁମିଙ୍କର ଅମୃତସର ପରିଦର୍ଶନର ଏକ ବିବରଣୀ ରହିଛି, ଯେଉଁଠାରେ ରହିଛି ଶିଖମାନଙ୍କର ମହାନ୍ ସ୍ୱର୍ଣ୍ଣ ମନ୍ଦିର । ସେ କହିଛନ୍ତି – "ଆମର ଶିଖମାନେ ସେମାନଙ୍କ ନିଜ ମନ୍ଦିରର ଚଟାଣରେ ମାତାଲ ଅବସ୍ଥାରେ ଥିବା ମୁଁ ଦେଖିଲି । ... ମୁଁ ଆସନ୍ତାକାଲି ଘରମୁହାଁ ହେବି ।" ମୋର ମନେହୁଏ ଯେ ସେମାନେ ଦେଖନ୍ତି ଯେ ସେମାନେ ନିଜର ଶକ୍ତି ସର୍ବୋତ୍ତମ ଭାବେ ଉପଯୋଗ କରି ପାରିବେ ଉଚ୍ଚତର ସ୍ତରମାନଙ୍କରେ ଏବଂ ନିମ୍ନତର ସ୍ତରର କାମଗୁଡ଼ିକୁ ପୃଥିବୀରେ ସେମାନଙ୍କ ଚାରିପାଖେ କ୍ରମଶଃ ଏକାଠି ହେଉଥିବା ଲୋକଙ୍କ ହାତରେ ଛାଡ଼ିଦେଇ ପାରିବେ । ଯୁବକ ଶ୍ରୀ ବ୍ରାଉନ୍ ପ୍ରଥମେ ଗୁରୁ କୁଥୁମିଙ୍କୁ ତାଙ୍କ କାମନା ଶରୀରରେ ଦେଖିଥିଲେ ଏବଂ ପରେ ଘଟଣାକ୍ରମେ ଯେତେବେଳେ ସେ କର୍ଣ୍ଣେଲ୍ ଅଲକଟ୍‌ଙ୍କ ସେକ୍ରେଟେରୀ ରୂପେ ଭାରତର ଉତ୍ତର ଅଞ୍ଚଳରେ ଯାତ୍ରା କରୁଥିଲେ, ଗୁରୁ ତାଙ୍କର ସ୍ଥୂଳ ଶରୀରରେ ଆସିଲେ କର୍ଣ୍ଣେଲଙ୍କୁ ଦେଖିବାପାଇଁ । କର୍ଣ୍ଣେଲ୍ ଯେଉଁ ତମ୍ବୁ ଭିତରେ ଶୋଇଥିଲେ, ଶ୍ରୀ ବ୍ରାଉନ୍ ମଧ୍ୟ ସେହିଠାରେ ଶୋଇଥିଲେ, ତେବେ ଏକ ଅଲଗା ବିଭାଗରେ । ଗୁରୁ କର୍ଣ୍ଣେଲ୍ ଅଲ୍‌କଟ୍‌ଙ୍କ ସହିତ କିଛି ସମୟ କଥାବାର୍ତ୍ତା ହେଲେ ଏବଂ ତାପରେ ତମ୍ବୁର ଅନ୍ୟ ବିଭାଗ ଭିତରକୁ ପଶି ଆସିଲେ । କିନ୍ତୁ ମୁଁ ବୁଝିପାରୁ ନାହିଁ କାହିଁକି ଶ୍ରୀ ବ୍ରାଉନ୍ ନିଜ ମୁଣ୍ଡକୁ ବିଛଣା ଚାଦରରେ ଘୋଡ଼ାଇ ପକାଇଲେ ଏବଂ ଗୁରୁଙ୍କର ସମ୍ମୁଖୀନ ହେବାକୁ ଭୟ କଲେ ।

---

*(୧) 'ମାଷ୍ଟରସ୍ ଏଣ୍ଡ ଦି ପାଥ୍'ରେ ଏହି ବିଷୟଟି ବିସ୍ତୃତ ଭାବେ ଲେଖାଯାଇଛି ।*

ସ୍ୱଭାବତଃ, ଜଣେ ନିଜର ଦୋଷ ତ୍ରୁଟି ସମ୍ପର୍କରେ ବିଶେଷ ସଚେତନ ହୁଅନ୍ତି, କିନ୍ତୁ ବିଛଣା ଚାଦର ଭିତରେ ମୁଣ୍ଡ ରଖି ଓଟପକ୍ଷୀର କୌଶଳ ବ୍ୟବହାର କରିବା ବିଶେଷ ସହାୟକ ହୁଏ ବୋଲି ମୋର ମନେ ହୁଏ ନାହିଁ, କାରଣ ବିଛଣା ଚାଦର ମଧ୍ୟ ସୂକ୍ଷ୍ମତର ଦୃଷ୍ଟିକୁ ନିବାରଣ କରିପାରେ ନାହିଁ । ତେବେ ଗୁରୁ ତାଙ୍କୁ ଧୈର୍ଯ୍ୟର ସହିତ କହିଥିଲେ, "ବିଛଣା ଚାଦର ମୁଣ୍ଡରୁ କାଢ଼ି ଦିଅ । ମୁଁ ଚାହେଁ ତୁମେ ଦେଖ ଯେ ତୁମେ ନିଜର କାମ ଶରୀରରେ ଯାହାକୁ ଦେଖିଥିଲ, ମୁଁ ସେହି ବ୍ୟକ୍ତି କି ନୁହେଁ ।" ଅବଶେଷରେ ଗୁରୁ ଆଉ କିଛି ଚେଷ୍ଟା ନକରି ତାଙ୍କ ପାଇଁ ଖଣ୍ଡିଏ ଛୋଟିଆ ଚିଠି ଛାଡ଼ିଗଲେ ଏବଂ ସେତେବେଳେ ହିଁ ଶ୍ରୀ ବ୍ରାଉନ୍‌ଙ୍କ ଜ୍ଞାନ ଫେରି ଆସିଲା । ସେତେବେଳେ ସେ ଯେଉଁ ସୁଯୋଗ ପାଇଥିଲେ ତାହା ପାଇବା ସକାଶେ ବହୁ ଲୋକେ ବହୁ ପରିମାଣର ତ୍ୟାଗ କରିଥାନ୍ତେ । ଅବଶ୍ୟ ସେଥିପାଇଁ ସେ ଯୋଗ୍ୟତା ଅର୍ଜନ କରିଥିଲେ । କିନ୍ତୁ ତାର ସେ ସର୍ବଶ୍ରେଷ୍ଠ ଉପଯୋଗ କରି ପାରିଲେ ନାହିଁ ଏବଂ ପରବର୍ତ୍ତୀ କାଳରେ ସେ ଗୁରୁମାନଙ୍କର ଅସ୍ତିତ୍ୱ ସମ୍ପର୍କରେ ସନ୍ଦେହ ପ୍ରକାଶ କରିଥିଲେ । ଅନ୍ୟମାନେ ମଧ୍ୟ ଅଛନ୍ତି ଯେଉଁମାନେ ଗୁରୁମାନଙ୍କୁ ଦେଖିବାର ସୁବିଧା ପାଇଥିଲେ ଏବଂ ତଥାପି କୌଣସିମତେ ଅଲଗା ହୋଇଯାଇଛନ୍ତି ।

କେତେକ ଲୋକ ସେମାନଙ୍କର ଅତୀତ ଜୀବନର ଅନୁଭୂତି ହେତୁ ନିଜ ଭିତରେ ଏକ ସନ୍ଦେହୀ ମନୋଭାବ ଗଢ଼ି ତୋଳିଛନ୍ତି । ଅନ୍ୟମାନେ ଅତ୍ୟଧିକ ବିଶ୍ୱାସୀ ହୋଇ ପଡ଼ିଛନ୍ତି । ଏଡି ଉଭୟ ପ୍ରକାର ଚରମ ଅବସ୍ଥାରୁ କୌଣସିଟି ମନୁଷ୍ୟର ପ୍ରଗତି ସକାଶେ ଉତ୍ତମ ନୁହେଁ; ଉଭୟ ହେଉଛି ସମାନ ପ୍ରକାରେ ଅବୈଜ୍ଞାନିକ । ପ୍ରତ୍ୟେକ ବ୍ୟକ୍ତିର ନିଜ ମନରେ ବିଭିନ୍ନ ବିଷୟର ଏକ ସାଧାରଣ ଧାରଣା ରହିଥାଏ । ତାଙ୍କୁ ଯଦି ନୂଆ କଥା କୁହାଯାଏ ଯାହା ସେହି ଧାରଣା ସହିତ ସଙ୍ଗେ ସଙ୍ଗେ ଖାପ ଖାଇଯାଏ, ସେ ତାହାକୁ ସମ୍ଭବ ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ହୁଅନ୍ତି ଏବଂ କୌଣସି ସଠିକ୍ ପ୍ରମାଣ ଦାବି କରନ୍ତି ନାହିଁ । ଆମେ କହୁ, "ହଁ, ତାହା ଖୁବ୍ ସମ୍ଭବ ବୋଲି ମନେ ହୁଏ; ତାହା ଅତିଶୟ ଭଲ ଭାବେ ଖାପ ଖାଉଛି, ହୁଏତ ତାହା ଠିକ୍ ।" କିନ୍ତୁ ଯଦି ଅନ୍ୟ ପକ୍ଷରେ, ଜଣେ ସାଧାରଣ ଲୋକକୁ କେତେକ କଥା କୁହାଯାଏ, ଯାହା ସେ ଆଗରୁ ଯାହା ଜାଣିଥିଲା ତା ସହିତ ଠିକ୍ ଭାବେ ମିଶି ପାରେ ନାହିଁ, ସେ ତାହା ଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ମନା କରିଦିଏ । ଯେତେବେଳେ ବିଷୟଗୁଡ଼ିକର ଆଭ୍ୟନ୍ତରୀଣ ଦିଗର ନିରୀକ୍ଷଣ କରିବାର ଅନୁଭୂତି ହୁଏ, ପୂର୍ବଜ୍ଞାନ ସହ ଠିକ୍ ଭାବେ ମିଶି ପାରୁନାହିଁ ବୋଲି କୌଣସି ଉକ୍ତିକୁ ଗ୍ରହଣ ନ କରିବା ମନୋଭାବ ଶୀଘ୍ର ଚାଲିଯାଏ । ଜଣେ ନିଜର ସିଦ୍ଧାନ୍ତ ବନ୍ଦ ରଖିବାକୁ ଶିଖେ, ମାନି ଯାଏ ନାହିଁ କିମ୍ବା ମାନିଯିବାକୁ ମନା କରେ ନାହିଁ

– କିନ୍ତୁ କହେ, "ମୁଁ ଏ ପର୍ଯ୍ୟନ୍ତ ଯାହା ଦେଖିଛି, ତାହା ଖୁବ୍ ସମ୍ଭବ ବୋଲି ମୋର ମନେ ହୁଏ ନାହିଁ, କିନ୍ତୁ ମୁଁ ମନା କରୁନାହିଁ । ମୁଁ ଏହାକୁ ଅଲଗା ରଖିଥିବି ଅଧିକ ଆଲୋକର ଅପେକ୍ଷାରେ ।" ଯେହେତୁ ଜଣେ ଅନୁଭବ କରି ନାହିଁ, ସେଥିପାଇଁ ତାହା ହୋଇପାରିବ ନାହିଁ ବୋଲି କହିବା ବୃଥା । ତାହା ହେଉଛି ଅଜ୍ଞତାର ପ୍ରବୃତ୍ତି ।

ସାଧାରଣତଃ, ଲୋକେ ଯେତେ କମ୍ ଜାଣନ୍ତି, ସେତିକି ଅଧିକ ନିଶ୍ଚିତ ସେମାନେ ହେଇଥାନ୍ତି ଏଇ ସ୍ଥୂଳ ସ୍ତରରେ । ସାଧାରଣ ବିଜ୍ଞାନରେ ଛାତ୍ରଗଣ ଏଇ ପ୍ରକାର ଜୋର୍ ଦେଇ କହିଥାନ୍ତି । ମହାନ୍ ବୈଜ୍ଞାନିକଗଣ ସାଧାରଣତଃ କହିବେ, "ମୋର ଏଇ ବିଷୟରେ ଅନୁଭୂତି ଅଛି, କିନ୍ତୁ ଅବଶ୍ୟ ମୁଁ ନିୟମ ନିର୍ଦ୍ଧାରଣ କରିବାର ଛଳନା କରିପାରିବି ନାହିଁ ।" ଲର୍ଡ୍ ଚାନ୍‌ସେଲର୍ ଥରେ କହିଥିଲେ, "ଏଠାରେ ଥିବା ସର୍ବକନିଷ୍ଠ ବାରିଷ୍ଟର୍‌ଙ୍କ ଭଳି ମୁଁ ସେ ବିଷୟରେ ନିଶ୍ଚିତ ।" ସେ ନିଶ୍ଚିତ, କାରଣ ସେ ଜାଣିନାହାନ୍ତି ଯେ ବହୁ ସମ୍ଭାବନା ରହିଛି ଏବଂ ଅତି ନିର୍ଦ୍ଦିଷ୍ଟ ଭାବେ ସେ ଆପଣା ନିୟମ ବୟାନ କରିପାରିବେ ନାହିଁ । ଯେଉଁମାନେ ବର୍ଷ ବର୍ଷ ଧରି ପଢ଼ି ଆସୁଛନ୍ତି ସେମାନେ ନିଜକୁ କିପରି ଅଭିବ୍ୟକ୍ତ କରିବେ, ସେ ବିଷୟରେ ଖୁବ୍ ବେଶୀ ଚିନ୍ତା କରନ୍ତି । ସବୁ ସମୟରେ ଆମ ଆଗରେ ବହୁସଂଖ୍ୟକ ବାସ୍ତବତା ଦେଖାଦିଏ ଯାହା ଆମେ ଆଗରୁ ଜାଣିନାହୁଁ । ଆମର ଦୈନନ୍ଦିନ ଜୀବନରେ ଯାହା ସାଧାରଣ ହୋଇପଡ଼ିଛି, ସେଗୁଡ଼ିକୁ ଏକ ପୁରୁଷ ପୂର୍ବରୁ ଅଧିକାଂଶ ଲୋକେ ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ବିରୋଧ କରିଥାନ୍ତେ । ସେହି କଥାକୁ ମୂଳରୁ ସ୍ୱୀକାର କରି ନେବା ଏବଂ ନୂତନ ଆବିଷ୍କାରଗୁଡ଼ିକ ସକାଶେ ପ୍ରସ୍ତୁତ ରହିବା ଭଲ ହେବ । ସେଇ ସବୁ ଆବିଷ୍କାର ମନୁଷ୍ୟର ବିବର୍ତ୍ତନ କ୍ରମରେ ସର୍ବଦା ଆଶା କରାଯାଇପାରେ ।

ଏହିସବୁ ଉଚ୍ଚତର ବିଷୟଗୁଡ଼ିକର ଅଧ୍ୟାୟୀ ରୂପେ ଆମ ପକ୍ଷରେ ଆମର ପୂର୍ବଚିନ୍ତାଦ୍ୱାରା ଆବଦଧ ହେବା ମନୋଭାବକୁ ତ୍ୟାଗ କରିବା ସ୍ପଷ୍ଟଭାବେ ଉପଯୋଗୀ ହେବ । ଆମେ ଯଥେଷ୍ଟ ପରିମାଣରେ ପରିବର୍ତ୍ତନଶୀଳ ହେବା ଉଚିତ, ଯାହା ଫଳରେ ଆମେ ବୈପ୍ଲବିକ ସତ୍ୟଗୁଡ଼ିକୁ ମଧ୍ୟ ଗ୍ରହଣ କରିପାରିବୁ, ଯଦି ସେଗୁଡ଼ିକ ସପକ୍ଷରେ ଭଲ ଯୌକ୍ତିକତା ଥିବ । ତାହା ନ ହେଲେ, ଆମେ ସେଗୁଡ଼ିକୁ କେବଳ ଅଲଗା କରି ରଖିବୁ ଏବଂ କହିବୁ ଯେ ଆମେ ଏ ପଯ୍ୟନ୍ତ ବୁଝିପାରୁ ନାହୁଁ । କିନ୍ତୁ ସେଗୁଡ଼ିକୁ କିମ୍ବା ସେଗୁଡ଼ିକୁ ଯେଉଁମାନେ ବିଶ୍ୱାସ କରନ୍ତି, ସେମାନଙ୍କୁ ନିନ୍ଦା କରିବୁ ନାହିଁ । ସତ୍ୟର ବହୁ ଦିଗ ରହିଛି ଏବଂ ସବୁ ଦିଗକୁ ଏକା ସାଙ୍ଗରେ ଦେଖିବା କୌଣସି ଏକ ବ୍ୟକ୍ତି ବା ଗୋଷ୍ଠୀ ପକ୍ଷରେ ସାକ୍ଷାରଣତଃ ସମ୍ଭବ ନୁହେଁ ।

ଏହା ଫଳରେ ଆମକୁ ବର୍ତ୍ତମାନ ଯାହା ଅଯୌକ୍ତିକ ବୋଲି ମନେ ହୁଏ, ସେଥିରେ ସର୍ବଦା ସତ୍ୟର କିଛି ଅଂଶ ରହିଥାଇପାରେ ।

ଗୋଟାଏ ବଡ଼ ଅସୁବିଧା ହେଉଛି ଯେ ବହୁ ଲୋକେ ଯେଉଁମାନେ ଗୋଟାଏ ବିଷୟରେ କିଛି ହେଲେ ଜାଣନ୍ତି ନାହିଁ, ମନକୁ ମନ ଭାବନ୍ତି ଯେ ସେମାନେ ସେ ବିଷୟରେ ସବୁ ଜାଣନ୍ତି । ବିଶେଷତଃ ଧର୍ମ ବିଷୟରେ ଯେଉଁମାନେ କିଛି ଜାଣନ୍ତି ନାହିଁ, ସେମାନେ ତଥାପି ଜୋର୍‌ରେ ଦାବି କରନ୍ତି ଯେ ସେମାନଙ୍କ ମନରେ ଯେଉଁ ଭ୍ରାନ୍ତ ଧାରଣା ସ୍ଥାନ ପାଇଛି, ତାହା ଅନ୍ୟମାନେ ବିଶ୍ୱାସ କରିବା ଉଚିତ । ସମୟେ ସମୟେ ସେମାନେ କହନ୍ତି ଯେ ସେମାନଙ୍କର ବିବେକ ଏହିପରି ସେମାନଙ୍କୁ ନିର୍ଦ୍ଦେଶ ଦେଉଛି । କେତେକ କ୍ଷେତ୍ରରେ ଯଦି ବା ତାହା ହୋଇଥାଏ, ଆମେ ସବୁବେଳେ ବିବେକ ଉପରେ ନିର୍ଭର କରି ପାରିବା ନାହିଁ, କାରଣ ଯେଉଁ ଜୀବାତ୍ମାର ବାଣୀ ହେଉଛି ବିବେକ, ସେ ପ୍ରତ୍ୟେକ କଥା ଜାଣେ ନାହିଁ ।

ଇତିହାସରେ ଲେଖା ଅଛି ଯେ ଲୋକେ ଅନ୍ୟମାନଙ୍କୁ ଜାଳି ଦେଇଛନ୍ତି ଏବଂ ନିର୍ଯାତନା ଦେଇଛନ୍ତି ବିବେକ ସକାଶେ । ଯେଉଁ ଜୀବାତ୍ମା ସେହି ପ୍ରକାର ଭାବନାର ଅନୁମୋଦନ କରେ, ସେ ଅତିଶୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକରେ ସ୍ପଷ୍ଟତଃ ଅଜ୍ଞ । ଅବଶ୍ୟ, ମଣିଷ ତାର ବିବେକକୁ ମାନିବାକୁ ହେବ, ଯଦି ସେ ନିଶ୍ଚିତ ହୁଏ ଯେ ତାହା ହିଁ ବିବେକର ବାଣୀ । କିନ୍ତୁ ସବୁବେଳେ ମନେ ରଖିବେ ବିଶପ୍ ସାଉଥ୍‌ଙ୍କର ବିଖ୍ୟାତ ଉତ୍ତର, ଜଣେ ଭିନ୍ନମତବାଦୀଙ୍କ ପ୍ରତି – "ନିଶ୍ଚିତ ଭାବେ ଆପଣଙ୍କର ବିବେକକୁ ଅନୁସରଣ କରନ୍ତୁ । କିନ୍ତୁ ସତର୍କ ରହନ୍ତୁ ଯେପରି ଆପଣଙ୍କ ବିବେକ ଏକ ମୂର୍ଖର ବିବେକ ନ ହୁଏ ।"

ବିଶ୍ୱାସ ରଖିବା ଭଲ, କିନ୍ତୁ ଜଣେ ନିଜକୁ ବିଶ୍ୱାସୀ କରାଇ ପାରିବ ନାହିଁ, ଯେମିତି ଜଣେ ନିଜକୁ ପ୍ରେମୀ କରାଇ ପାରିବ ନାହିଁ । କିନ୍ତୁ ଆମେ ଯେପରି ଜଣକର ଭଲଗୁଣଗୁଡ଼ିକ ଚିନ୍ତା କରି ପାିରବା ଏବଂ ସେହି ପ୍ରକାରେ କ୍ରମଶଃ ତାକୁ ଭଲ ପାଇବା ପାଇଁ କାରଣ ପାଇ ପାରିବା, ସେହିପରି ଆମେ ବିଶ୍ୱାସ କରିବା ପାଇଁ କାରଣ ଚିନ୍ତା କରି ପାରିବା ଏବଂ ସମ୍ଭବତଃ କ୍ରମଶଃ ସେହି ବିଶ୍ୱାସ ଲାଭ କରିପାରିବା । କଡ଼ାକଡ଼ି ଭାବେ ଦେଖିଲେ, ଅବଶ୍ୟ, କୌଣସି ନିର୍ଦ୍ଦିଷ୍ଟ ବିଷୟକୁ ବିଶ୍ୱାସ କରିବା ପାଇଁ ଇଚ୍ଛା କରିବା ଅନୁଚିତ; କିନ୍ତୁ କେବଳ ଯାହା ସତ ହୋଇପାରେ, ତାକୁ ହିଁ ବିଶ୍ୱାସ କରାଯାଇପାରେ । ସେହି ସତ୍ୟ ଆମ ମନକୁ ଆସି ପାରେ କେବଳ ବିଷୟଟିର ବିଶେଷ ଅଧ୍ୟୟନ ପରେ, ଯଦି ଅତୀତରୁ ଆମର ସେଥିରେ ଦୃଢ଼ ବିଶ୍ୱାସ ନାହିଁ ।

ଆମ ପାଇଁ ପ୍ରତ୍ୟେକ ବିଷୟକୁ ସହଜ କରିବା ମହାନ୍ ଆଧ୍ୟାତ୍ମିକ ଶିକ୍ଷକମାନଙ୍କର ପ୍ରଣାଳୀ ନୁହେଁ । ମୁଁ ଶ୍ରୀମତୀ ବ୍ଲାଭାଟସ୍କିଙ୍କ ଜରିଆରେ ପ୍ରଥମେ ଗୂଢ଼ତତ୍ତ୍ୱବାଦର ସଂସ୍ପର୍ଶରେ ଆସିଥିଲି । ସେ ତାଙ୍କ ଲୋକଙ୍କୁ ଜ୍ଞାନର ଟୁକୁରାଏ ଲେଖାଏଁ ମଝିରେ ମଝିରେ ଦେଉଥିଲେ । କିନ୍ତୁ ସେ ସର୍ବଦା ସେମାନଙ୍କୁ କଡ଼ା ପରୀକ୍ଷା କରୁଥିଲେ । ଏହା ଏକ କଠୋର ପ୍ରଣାଳୀ । କିନ୍ତୁ ଯେଉଁମାନେ ପ୍ରକୃତ କାମ କରିବାକୁ ଚାହୁଁଥିଲେ, ସେମାନେ ତାଙ୍କ ସହିତ ରହିଲେ, ଯେତେବେଳେ କି ଅନ୍ୟମାନେ ଅତି ଶୀଘ୍ର ତାଙ୍କୁ ପରିତ୍ୟାଗ କଲେ । ସେ ଆମକୁ ପାରମ୍ପରିକ ଆଚାର ବ୍ୟବହାରରୁ ମୁକ୍ତ କରିଥିଲେ, ତେବେ ସେହି ପ୍ରକ୍ରିୟାରେ ତାଙ୍କ ଶିଷ୍ୟମାନଙ୍କ ମଧ୍ୟରେ ବହୁତ ଆତ୍ମ-ବିଶ୍ଳେଷଣ ହୋଇଥିଲା । ବହୁ ଲୋକେ କହିଲେ ଯେ ସେ ଅନେକ କାର୍ଯ୍ୟ କରୁଥିଲେ ଯାହା ଜଣେ ମହାନ୍ ଆଧ୍ୟାତ୍ମିକ ଶିକ୍ଷକ କରିବା ଉଚିତ ନୁହେଁ । ମୋର ନିଜ ଭାବନା ସର୍ବଦା ଏହି ପ୍ରକାର ଥିଲା : "ଶ୍ରୀମତୀ ବ୍ଲାଭାଟସ୍କିଙ୍କର ଏହି ଗୂଢ଼ତାତ୍ତ୍ୱିକ ଜ୍ଞାନ ରହିଛି ଏବଂ ମୁଁ ତାଙ୍କଠାରୁ ସେହି ଜ୍ଞାନ ପାଇବାକୁ ଚାହେଁ, ଯଦି ସେ ମୋତେ ତାହା ଦିଅନ୍ତି । ସେ ଆଉ କିଛି ଯଦି କରୁଥାନ୍ତି, ତାହା ତାଙ୍କ କାମ । ମୁଁ ଏଠାକୁ ଆସିନାହିଁ, ତାଙ୍କୁ ସମାଲୋଚନା କରିବା ପାଇଁ । ତାଙ୍କର ନିଜ ଗୁରୁଙ୍କ ଆଖିରେ ସେ ଉପରକୁ ଉଠିବେ ବା ଖସିଯିବେ, ମୋ ଆଖିରେ ନୁହେଁ । ସେ ଯାହା କରୁଛନ୍ତି, ସେଥିପାଇଁ ତାଙ୍କର କାରଣ ଥାଇପାରେ । ମୁଁ ସେ ବିଷୟରେ କିଛି ଜାଣେ ନାହିଁ । ତାଙ୍କର ଏହି ଜ୍ଞାନ ଅଛି, ସେ ଏହି ଗୁରୁମାନଙ୍କ ବିଷୟରେ ଜାଣିଛନ୍ତି । ମୁଁ ସେହି ଜ୍ଞାନ ପାଇବାକୁ ଇଚ୍ଛା କରେ । ମୁଁ ଚାହୁଁଛି, ସେହି ଗୁରୁମାନଙ୍କର ଚରଣ ସ୍ପର୍ଶ କରିବାକୁ । ଯଦି ତାହା ମଣିଷ ପକ୍ଷରେ ସମ୍ଭବ ।" ମୁଁ ତାଙ୍କର ନିର୍ଦ୍ଦେଶ ଅନୁସରଣ କରିବାକୁ ସବୁ କିଛି ତ୍ୟାଗ କଲି ଏବଂ ଶ୍ରୀମତୀ ବ୍ଲାଭାଟସ୍କିଙ୍କ ପ୍ରତି ମୁଁ ଯେଉଁ ବିଶ୍ୱାସ ରଖିଥିଲି, ସେଥିପାଇଁ ମୁଁ କେବେହେଲେ ଦୁଃଖ କରି ନାହିଁ । ଯଦି ଜଣେ ସ୍ୱଭାବତଃ ସମାଲୋଚକ ହୁଏ, ତାହା ତାର କର୍ମ । ଯୁକ୍ତିଯୁକ୍ତ ଭାବେ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥିବା ବ୍ୟକ୍ତି ତୁଳନାରେ ତାର ଶିକ୍ଷା କରିବାରେ ବହୁ ଅଧିକ ଡେରି ହେବ ।

ଆମକୁ ମନେ ରଖିବାକୁ ହେବ ଯେ ଆମେ ଗୂଢ଼ତତ୍ତ୍ୱବାଦ ସହିତ ଖେଳି ପାରିବୁ ନାହିଁ । ଆମେ ଯଦି ଖେଳି ବସୁ, ସେଥିରୁ କୌଣସି ଉପକାର ହେବ ନାହିଁ ଏବଂ ଆମେ କୌଣସି ପ୍ରକାର ଭଲ କରୁନାହିଁ । ଏହା ଯଦି ଜୀବନର ପ୍ରଥମ ଆକର୍ଷଣ ନହୁଏ, ତାହାହେଲେ ଏହାର କୌଣସି ମୂଲ୍ୟ ରହିବ ନାହିଁ । ପ୍ରକୃତରେ ଏହା ଜୀବନରେ ପ୍ରଥମ ରୁଚି ହେବା ଉଚିତ ଏବଂ ଅନ୍ୟ ସବୁ ବିଷୟ ଏହାର ସହାୟକ ହେବା ଉଚିତ । ଗୁରୁଙ୍କ ପ୍ରତି ବିଶ୍ୱାସର ଅର୍ଥ ହେଉଛି ଯେ ଆମେ ବିଶ୍ୱାସ

କରୁ ସେ ଠିକ୍ ଭାବେ ଜାଣନ୍ତି ଆମର କ'ଣ କରିବା ଉଚିତ ଏବଂ ସେ ଯାହା ଚାହାନ୍ତି ତାହା କହନ୍ତି । ସୁତରାଂ ଏଡି ପୁସ୍ତକରେ କହିବା ପରି ସେ ଯଦି କେତେକ ନିର୍ଦ୍ଦିଷ୍ଟ ନିୟମ ବୟାନ କରନ୍ତି, ସେଗୁଡ଼ିକୁ ଅନୁସରଣ କରିବାପାଇଁ ଆମେ ଯଥାସାଧ୍ୟ ଚେଷ୍ଟା କରିବା ଆବଶ୍ୟକ । ମୁଁ ଜାଣେ ଏହା କଷ୍ଟକର ମନେ ହୁଏ ଏବଂ ଲୋକଙ୍କ ଭିତରେ ଠିକ୍ ସେହି କଥାରେ ବିଶ୍ୱାସ ଆଣିବା କଷ୍ଟକର । ସେମାନେ କହନ୍ତି, "ଆଚ୍ଛା, ଆଚ୍ଛା, ସେ ମୋଟାମୋଟି ସେଇଆ ଚାହାନ୍ତି । ଯଦି ଆମେ ତାଙ୍କୁ ବିଶ୍ୱାସ କରିବା ନାହିଁ ଏବଂ ସେହି ହେତୁ ଆମେ ବିଫଳ ହେବା, ତାହାହେଲେ ଆମେ ନିଜକୁ ହିଁ ନିନ୍ଦା କରିବା ଉଚିତ । ଗୂଢ଼ତତ୍ତ୍ୱବାଦରେ ଆମକୁ ଯିବାକୁ ହେବ ପୃଥିବୀର ଶଠତାରୁ ସତ୍ୟର ଆଲୋକ ଭିତରକୁ ଏବଂ ଆମର ଦୁନିଆରୁ ଗୁରୁମାନଙ୍କର ସମାଜକୁ ।

### ସମ୍ପୂର୍ଣ୍ଣ ବିଶ୍ୱାସ ନଥିଲେ ପ୍ରେମ ଏବଂ ଶକ୍ତିର ସମ୍ପୂର୍ଣ୍ଣ ପ୍ରବାହ ସମ୍ଭବ ନୁହେଁ ।

**ଲେଡ୍‌ବିଟର୍** – ଯଦି ଗୁରୁଙ୍କ ଅସ୍ତିତ୍ୱ ସମ୍ପର୍କରେ ବା ତାଙ୍କ ନିକଟରେ କେବେହେଲେ ପହଞ୍ଚିବା ପାଇଁ ନିଜର କ୍ଷମତା ସମ୍ପର୍କରେ କିମ୍ୱା ପ୍ରଗତି କରିବା ସମ୍ପର୍କରେ ମଣିଷର ସନ୍ଦେହ ଉପୁଜେ, ତେବେ ସେହି ସନ୍ଦେହ ନହିଁ ସ୍ପନ୍ଦନଗୁଡ଼ିକୁ ଭୁଲ୍ ବାଟରେ ନେଇ ଯିବ । ଯେ ସନ୍ଦେହ କରେ ସେ ଉପଯୋଗୀ ମାଧ୍ୟମ ହୋଇପାରିବ ନାହିଁ । ସୁତରାଂ ଗୁରୁଙ୍କ ପ୍ରତି ଶିଷ୍ୟଙ୍କର ଆସ୍ଥା ଏବଂ ପ୍ରେମ ରହିବା ଦରକାର ଏବଂ ସେହି ସମୟରେ ଆବଶ୍ୟକ ମାନବ ଜାତି ପ୍ରତି ନିର୍ବ୍ୟକ୍ତିକ ପ୍ରେମ । ସବୁ ସମୟରେ ଗୁରୁଙ୍କର ଏକ ଚିନ୍ତା ହେଉଛି ଯଥା ସମ୍ଭବ କମ୍ ଆଧ୍ୟାତ୍ମିକ ଶକ୍ତି ବ୍ୟୟ କରି ଯାହା କରଣୀୟ ତାହା କରିବା, ଯାହା ଫଳରେ ଅନ୍ୟ କାମରେ ବ୍ୟବହାର ପାଇଁ ତାଙ୍କ ପାଖରେ ରହିବ ଅଧିକ ଶକ୍ତି । ଯଦି କେହି ମୁଁ ଉପରେ ବର୍ଣ୍ଣନା କରିଥିବା ଭଳି ଅବସ୍ଥାରେ ରହିଥାଏ, ତେବେ ସେ ଏକ ଉତ୍ତମ ମାଧ୍ୟମ ନୁହେଁ ଏବଂ ଗୁରୁଙ୍କ ସକାଶେ ଉପଯୋଗୀ ନୁହେଁ । ପ୍ରକୃତରେ ଦୁଃଖର କଥା ହେବ ଯଦି ଆମେ ତାଙ୍କୁ ସେବା କରିବାରେ ବିଫଳ ହେଉ, ଠିକ୍ ଯେତେବେଳେ ସେ ଆମର ସେବା ଦରକାର କରନ୍ତି । ଯଦି ଆମର ବିଭିନ୍ନ ଶରୀରରେ ବିଭିନ୍ନ ସ୍ପନ୍ଦନ ରହେ ତାହା ତାଙ୍କର ପ୍ରଭାବକୁ ବିକୀରଣ କରିବା ବଦଳରେ ବିତାଡ଼ନ କରେ ।

ମୋର ମନେ ପଡୁଛି ଜଣଙ୍କର କଥା ଯାହାଙ୍କର ଅତିଶୟ ଦୃଢ଼ ଅଭୀପ୍ସା ଥିଲା ଜଣେ ନିର୍ଦ୍ଦିଷ୍ଟ ଗୁରୁଙ୍କର ଶିଷ୍ୟ ହେବା ପାଇଁ । ସେ ତାଙ୍କୁ ବିଭିନ୍ନ ପ୍ରକାରେ

ଆଗରୁ ସେବା କରିଥିଲେ । ତାଙ୍କର ସବୁଠାରୁ ବଡ଼ ଇଚ୍ଛା ଥିଲା ଗୁରୁଙ୍କୁ ଦେଖିବା ପାଇଁ । ମୁଁ ନିଜେ ତାଙ୍କ ଘରେ ଥିଲି, ଯେତେବେଳେ ଗୁରୁ ତାଙ୍କର ସ୍ଥୂଳ ଶରୀରରେ ଆସିଲେ ସେ ରହୁଥିବା ସହରର ପରିଦର୍ଶନରେ । କିନ୍ତୁ ସେ ତାଙ୍କ ଘରକୁ ଆସିଲେ ନାହିଁ । ମୁଁ ଗୁରୁଙ୍କୁ ବାହାରେ ଦେଖା କଲି ଏବଂ ତାଙ୍କ ସହିତ ବହୁ ସମୟ ଧରି କଥା ହେଲି । କିନ୍ତୁ ଯେ ତାଙ୍କର ଶିଷ୍ୟ ହେବାକୁ ଚାହୁଁଥିଲେ, ତାଙ୍କୁ ଦେଖିବାକୁ ସେ ଆସି ପାରି ନ ଥିଲେ । କାରଣ ଠିକ୍ ସେତେବେଳେ ତାଙ୍କର କାମ ଶରୀର ଅତିଶୟ ଜୋର୍‌ରେ ଅସ୍ଥିର ହୋଇପଡ଼ିଥିଲା – ତାହା କେତେକ ନିର୍ଦ୍ଦିଷ୍ଟ କୁତ୍ସିତ ଭାବାବେଗ ଦ୍ୱାରା ବିଦୀର୍ଣ୍ଣ ହୋଇପଡ଼ିଥିଲା । ଏହିପରି ସାରା ଜୀବନଟାଯାକର ମିଳିଥିବା ଏକ ସୁଯୋଗ ନଷ୍ଟ ହୋଇଗଲା । ହୁଏତ ତାହା ଥିଲା ବହୁ ଜୀବନକାଳର ଏକ ସୁଯୋଗ । ଯଦି ସେହି ବ୍ୟକ୍ତି ଜାଣିଥାନ୍ତେ ଗୁରୁ କେତେ ପାଖରେ ଥିଲେ, ମୁଁ ନିଶ୍ଚିତ ଭାବେ କହିପାରେ ଯେ ତାଙ୍କର ସମସ୍ତ ମନ୍ଦ ଆବେଗ କ୍ଷଣକ ଭିତରେ ଚାଲି ଯାଇଥାନ୍ତା । ଅଥଚ ଗୁରୁ ନିଜର କ୍ଷମତା ପ୍ରୟୋଗ କରି ନିଜର ଦର୍ଶନ ଦେବା ପାଇଁ ତାହା ଦୂର କରିଦେବା ହୋଇଥାନ୍ତା ତାଙ୍କ ଶକ୍ତିର ଅପଚୟ ।

ଏହା ଭାବିବା ଉଚିତ ନାହିଁ ଯେ ଗୁରୁ ଆସ୍ଥାର ଅଭାବ ବା ସେହି ପ୍ରକାର କୌଣସି ମନୋଭାବ ଦେଖି ବିରକ୍ତ ହୁଅନ୍ତି, କିମ୍ବା ସେ କଠୋର ହୁଅନ୍ତି ଯେତେବେଳେ ସେ ଅଭୀପ୍ସୁର ଏକ ବା ଅନ୍ୟ ପ୍ରକାରର ଉତ୍ତେଜନାକୁ ଦୂର କରିବାରେ ନିଜର ସମୟ ବ୍ୟୟ କରନ୍ତି ନାହିଁ । ଯାହା କାମ ପାଇଁ ସର୍ବାଧିକ ସହାୟକ ହେବ, ତାହା ହିଁ ସେ କରିବେ ଏବଂ କୌଣସି ପ୍ରକାର ଆବେଗଗତ କାରଣରେ ସେ ଆନ୍ଦୋଳିତ ହେବେ ନାହିଁ । ଯେତେବେଳେ ପ୍ରକୃତ କାମ କରିବାକୁ ଥାଏ, ସେତେବେଳେ ଯେଉଁମାନେ ଆସନ୍ତି, ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଲୋକକୁ ନେବାକୁ ହେବ – ସେ ବନ୍ଧୁ ହେଉ ବା ନ ହେଉ । ତାକୁ ଆଡ଼େଇ ଦେଇ ବନ୍ଧୁ ହୋଇଥିବା ହେତୁ ଜଣେ କମ୍ ଦକ୍ଷ ଲୋକକୁ ନେବାର ଅର୍ଥ ହେଉଛି ନିଜ କର୍ତ୍ତବ୍ୟରେ ବିଫଳ ହେବା । ଉଦାହରଣ ସ୍ୱରୂପ ଏକ ମହାଯୁଦ୍ଧ ସମୟରେ, ଆପଣଙ୍କୁ ମିଳୁଥିବା ଲୋକଙ୍କ ମଧ୍ୟରୁ ଶ୍ରେଷ୍ଠ ଲୋକକୁ ବାଛିବାକୁ ହେବ ଆପଣଙ୍କ ସୈନ୍ୟବାହିନୀର ନେତୃତ୍ୱ ନେବା ପାଇଁ, ଏହି ମନ୍ତ୍ରଣାଳୟ ବା ସେହି ମନ୍ତ୍ରଣାଳୟର ମୁଖ୍ୟ ହେବା ପାଇଁ ବା କାର୍ଯ୍ୟର କୌଣସି ଏକ ବିଭାଗକୁ ତୁଲାଇବା ପାଇଁ । ତାହା ଅନୁଗ୍ରହ ଦେଖାଇବାର ସମୟ ନୁହେଁ; ବିଚାର କରିବା କଥା ନୁହେଁ କୌଣସି ବ୍ୟକ୍ତିର ପୁତୁରା ଏକ ନିର୍ଦ୍ଦିଷ୍ଟ ପଦ ପାଇବ କି ନାହିଁ । ଆପଣଙ୍କୁ ଲୋକ ନେବାକୁ ହେବ, ଯେ ସବୁଠାରୁ ଉତ୍ତମ ଭାବେ କାର୍ଯ୍ୟ କରିବ । କାରଣ ସର୍ବୋପରି, ପ୍ରତ୍ୟେକ ଲୋକଙ୍କ ସକାଶେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାମଟି ଭଲ ଭାବରେ କରାଯିବ ।

ଗୂଢ଼ତତ୍ତ୍ୱବାଦର କାମ ହେଉଛି ସେହି ଧରଣର । ତାହା କରିବାକୁ ହିଁ ହେବ ଏବଂ ଯେଉଁମାନେ ତାହା ପରିଚାଳନା କରନ୍ତି, ସେମାନେ ସର୍ବୋତ୍ତମ ଲୋକକୁ ନିୟୋଜିତ କରିବେ । ଗୁରୁମାନଙ୍କୁ ବର୍ଷ ବର୍ଷ ଧରି ସେବା କରିବାଦ୍ୱାରା କୌଣସି ପଦ ପ୍ରତି ଅଧିକାର ଆସେ ନାହିଁ ବା ତାହାଦ୍ୱାରା ଗୁରୁଙ୍କର ଦୃଷ୍ଟି ଆକୃଷ୍ଟ ହୁଏ ନାହିଁ । ଗୁରୁଙ୍କର କର୍ତ୍ତବ୍ୟ ହେଉଛି ଯେଉଁ ଲୋକ କାମ କରିପାରିବ, ତାକୁ ନେବା । ସେହି ଲୋକ ଏଇ ମାତ୍ର ତାଙ୍କ ପାଖକୁ ଆସିଥାଉ ବା ବହୁ ବର୍ଷ ଧରି ତାଙ୍କର ସେବା କରିଥାଉ ।

ଯେଉଁ ବ୍ୟକ୍ତି କାମକୁ ହିଁ ପ୍ରଥମ ସ୍ଥାନ ଦିଏ, ସେ ଆନନ୍ଦିତ ନହୋଇ ରହି ପାରିବ ନାହିଁ ଯେ ସେ ଯାହା କରି ପାରିଥାନ୍ତା, ତାହାଠାରୁ ଅନ୍ୟ ଜଣେ ଭଲ ଭାବେ କରୁଛି । ବହୁ କାଳ ପୂର୍ବେ ରସ୍‌କିନ୍ ଏକ ନିର୍ଦ୍ଦିଷ୍ଟ କାମ ବିଷୟରେ କହିଥିଲେ, "ଏହା ମୋର ହେଉ, ଆପଣଙ୍କର ହେଉ ବା ଅନ୍ୟ କାହାର ହେଉ, ଏହା ଭଲ ଯେ ଏହା ଭଲ ଭାବେ କରାଯାଇଛି ।" ଆପଣ କହିବାକୁ ଦ୍ୱିଧା କରିବା ଅନୁଚିତ ଯେ କାମଟି ଭଲ ହୋଇଛି ଯଦିଓ ଆପଣ ନିଜେ ତାହା କରିଛନ୍ତି । ଆଉ ଜଣକର ଅଧିକ ଭଲ କାମ ସ୍ୱୀକାର କରିବାରେ ଆପଣ ପଛେଇବା ଅନୁଚିତ୍ । କାରଣ କିଏ କଲା, ସେଥିରେ ଯାଏ ଆସେ ନାହିଁ । ରସ୍‌କିନ୍‌ଙ୍କ ଲେଖାରେ କେତୋଟି ସୁନ୍ଦର ଅନୁଚ୍ଛେଦ ରହିଛି । ମୁଁ ଯେତିକି ଜାଣେ, ସେ ଗୂଢ଼ତତ୍ତ୍ୱବାଦ ସମ୍ପର୍କରେ କିଛି ଜାଣି ନଥିଲେ । ମୁଁ ଯେତେବେଳେ ତାଙ୍କୁ ଜାଣିଲି, ସେତେବେଳେ ମୁଁ ମଧ ଜାଣି ନଥିଲି । ତଥାପି ତାଙ୍କ ଲେଖାରେ ବହୁତ କିଛି ରହିଛି ଯେଉଁଥିରେ ଗୂଢ଼ତତ୍ତ୍ୱାବଦର ନିଛକ ଛାପ ରହିଛି ।

**ତୁମେ ନିଜକୁ ବିଶ୍ୱାସ କରିବା ଉଚିତ । ତୁମେ କହୁଛ ତୁମେ ନିଜକୁ ଖୁବ୍ ଭଲ ଭାବେ ଜାଣିଛ ? ଯଦି ତୁମେ ସେପରି ଭାବୁଥାଅ – ତୁମେ ନିଜକୁ ଜାଣିନାହଁ; ତୁମେ କେବଳ ଜାଣ ଦୁର୍ବଳ ବାହାର ଖୋଳଟାକୁ ଯାହା ଅନେକ ସମୟରେ ପଡ଼ି ରହିଛି ପଙ୍କରେ । କିନ୍ତୁ ତୁମେ – ପ୍ରକୃତ ତୁମେ – ହେଉଛ ଈଶ୍ୱରଙ୍କ ନିଜ ଅଗ୍ନିର ଏକ ସ୍ଫୁଲିଙ୍ଗ । ସର୍ବଶକ୍ତିମାନ୍ ଈଶ୍ୱର ଅଛନ୍ତି ତୁମ ଭିତରେ ଏବଂ ସେହି ହେତୁ ଏମିତି କିଛି ନାହିଁ ଯାହା ତୁମେ କରି ପାରିବ ନାହିଁ, ଯଦି ତୁମେ ଚାହଁ । ନିଜକୁ ନିଜେ କୁହ, "ଯାହା ମଣିଷ କରିଛି, ତାହା ମଣିଷ କରିପାରିବ । ମୁଁ ଜଣେ ମଣିଷ, ତଥାପି ମଣିଷ ଭିତରେ ଈଶ୍ୱର । ମୁଁ ଏହା କରି ପାରିବି ଏବଂ କରିବି ।" କାରଣ**

**ତୁମର ଇଚ୍ଛାଶକ୍ତି ଟାଣୁଆ ଇସ୍ପାତ ପରି ହେବା ଉଚିତ, ଯଦି ତୁମେ ଏହି ମାର୍ଗରେ ଯାତ୍ରା କରିବ ।**

**ଆନି ବେସାନ୍ତ୍** – ଯେତେବେଳେ ଆମେ ବିଚାର କରୁଥିବା ବିବିଧ ଉପଦେଶ କେତେ ଲୋକଙ୍କ ଆଗରେ ଉପସ୍ଥାପନ କରାଯାଏ ଏବଂ ସେମାନଙ୍କୁ ଉପଦେଶ ଦିଆଯାଏ ନିଜର ମୂର୍ଖତା ଏବଂ ଭୁଲ୍ କାମ ବନ୍ଦ କରିବାପାଇଁ, ସେମାନେ ସମୟେ ସମୟେ କହନ୍ତି, "ମୁଁ ଏହା ବନ୍ଦ କରିପାରିବି ନାହିଁ । ଏହା ହେଉଛି ମୋର ପ୍ରକୃତି ।" ବହୁ ଲୋକେ ସେହି ଆଳର ଆଶ୍ରୟ ନେବାକୁ ଚେଷ୍ଟା କରନ୍ତି । କିନ୍ତୁ ଆପଣ ଯଦି ତାହା କହନ୍ତି, ତେବେ ଆପଣ ପ୍ରକୃତରେ ଆଗ୍ରହୀ ନୁହନ୍ତି ଏବଂ ଆପଣଙ୍କୁ ଆଗ୍ରହୀ ହେବାକୁ ପଡ଼ିବ । ଯେଉଁ ବିଷୟଗୁଡ଼ିକ ଗୁରୁତର ସେଗୁଡ଼ିକୁ ନେଇ ଆପଣ ଖେଳିବାକୁ ଲାଗିଲେ ଚଳି ପାରିବେ ନାହିଁ । ଆପଣ ଯେକୌଣସି କାମ କରିବାକୁ ବସିଲେ ତାହା କରିପାରିବେ, ଯଦିଓ ହୁଏତ ସାଙ୍ଗେସାଙ୍ଗେ ନୁହେଁ ।

ଅବଶ୍ୟ ଆପଣ ଯଦି କହନ୍ତି, "ମୁଁ କରି ପାରିବି ନାହିଁ ।" ଆପଣ ପାରିବେ ନାହିଁ । କାରଣ ସେହି ଚିନ୍ତା ଦ୍ୱାରା ଆପଣ ନିଜକୁ ନିସ୍ତେଜ କରିଦିଅନ୍ତି । ଏହା ଏକ ମାରାତ୍ମକ ଦୋଷ । ଏହା ସମସ୍ତ ପ୍ରଗତିକୁ ବାଧା ଦିଏ ଏବଂ ଆପଣ ଯେଉଁଠି ଥାନ୍ତି, ସେଇଠି ଆପଣଙ୍କୁ ରଖି ଦିଏ ମାସ ମାସ ବର୍ଷ ବର୍ଷ ଧରି । ଏହା ହେଉଛି ସତେ ଯେପରି ମଣିଷ ନିଜର ଗୋଡ଼ ଦୁଇଟିକୁ ଦଉଡ଼ିରେ ବାନ୍ଧି ଦିଏ ଏବଂ ପରେ କହେ, "ମୁଁ ଚାଲି ପାରୁନାହିଁ ।" ନିଶ୍ଚିତ ଭାବେ ସେ ପାରିବ ନାହିଁ, କାରଣ ସେ କଷ୍ଟ କରି ନିଜକୁ ନିଜେ ବାନ୍ଧି ଦେଇଛି । ସେ ଯଦି ଯେଉଁଠି ଅଛି, ସେଇଠି ବସି ରହିବାକୁ ଚାହେଁ ନାହିଁ ତାହାହେଲେ ସେ ଦଉଡ଼ିକୁ ଫିଟାଇ ଦେଉ ଏବଂ ତାପରେ ସେ ବେଶ୍ ଭଲ ଭାବରେ ଚାଲି ପାରିବ । ଆପଣ ସବୁ କରି ପାରିବେ !

ଯେଉଁ ଭୁଲ୍ ଧାରଣାକୁ ଆପଣ ସୁବିଧା ଦେଇଛନ୍ତି ଆପଣଙ୍କୁ ଅକ୍ଷମ କରିବାପାଇଁ, ତାକୁ ଆପଣ ତ୍ୟାଗ କରନ୍ତୁ । ମନରେ ସ୍ଥିର କରି ନିଅନ୍ତୁ ଯେ ଆପଣ କରି ପାରିବେ ଏବଂ ତାହା ଆପଣ କରିବେ । ତାପରେ ଆପଣ ବିସ୍ମିତ ହେବେ ନିଜ ପ୍ରଗତିର ଦ୍ରୁତତାରେ । ଆପଣ ଯଦି ଏହା ନକରନ୍ତି, ଆପଣ ଆଗ୍ରହୀ ନୁହନ୍ତି କିମ୍ବା ଅନ୍ତତଃ ଗୁରୁ ଆପଣଙ୍କୁ ଯେଉଁ ପ୍ରକାରେ ଆଗ୍ରହୀ ହେବାକୁ ଚାହାନ୍ତି – ଆପଣ ସେପରି ଆଗ୍ରହୀ ନୁହନ୍ତି । ଆପଣ କେବଳ ଆଗ୍ରହୀ ହେବାର ଖେଳ ଖେଳିବାରେ ଲାଗିଛନ୍ତି । ମୁଁ କହୁନାହିଁ ଯେ ଆପଣ ଚେଷ୍ଟା କରୁନାହାନ୍ତି – କିନ୍ତୁ ତାହା ଏପରି ଏକ ଚେଷ୍ଟା ଯାହାର ବିଶେଷ ଫଳ ହୁଏ ନାହିଁ ।

ଦେଖନ୍ତୁ ମୁଁ କ'ଣ କହିବାକୁ ଚାହେଁ । ଏହାକୁ ପ୍ରୟୋଗ କରିବା କଥା ଚିନ୍ତା କରନ୍ତୁ ସାଂସାରିକ ବିଷୟରେ, ସେହି କାମରେ ଯାହା ଦ୍ୱାରା ଆପଣ ନିଜର ସ୍ତ୍ରୀ ଓ ପିଲାମାନଙ୍କୁ ଖାଇବାକୁ ଦିଅନ୍ତି । ଆପଣ ଭଲ ଭାବେ ଜାଣନ୍ତି ଯେ ଯଦି କୌଣସି ବିଷୟ ଆପଣଙ୍କର ପ୍ରତିବନ୍ଧକ ରୂପେ ଠିଆ ହୁଏ, ଆପଣ ତାକୁ ଦୂର କରିବା ପାଇଁ ସାଙ୍ଗେସାଙ୍ଗେ ମନରେ ସ୍ଥିର କରିବେ ଏବଂ ତାହା କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରିବେ । ଆପଣ ବସିପଡ଼ି କହିବେ ନାହିଁ, "ମୁଁ ପାରିବି ନାହିଁ ।" ସେହି ପ୍ରକାର ଗୁରୁତ୍ୱରୁ କିଛି ଏଥିରେ ଉପଯୋଗ କରନ୍ତୁ । ଯେଉଁ ବିଷୟଗୁଡ଼ିକ ଗୁରୁତର ନୁହେଁ, ସେଥିପ୍ରତି ତ ଆପଣ ଏଥିରୁ ବେଶୀ କିଛି ଦେଉଛନ୍ତି । ମନେହୁଏ, ଯେଉଁ ବିଷୟଟି ଗୁରୁତ୍ୱପୂର୍ଣ୍ଣ, ସେଥିରେ ଆଗ୍ରହର ସର୍ବାଧିକ ଅଭାବ ରହିଛି ।

ସାହାଯ୍ୟ ପାଇଁ ଗୁରୁଙ୍କୁ ନିବେଦନ କରିବା ବୃଥା, ଯଦି ଆପଣ ନିଜକୁ ସାହାଯ୍ୟ କରିବା ପାଇଁ ଚେଷ୍ଟା ନକରନ୍ତି । ଯେପରି ଆପଣ ଏକ କପ୍ ଧରି ତାକୁ ଯତ୍ନର ସହିତ ନିଜ ହାତ ଦେଇ ଘୋଡ଼ାଇ ରଖନ୍ତି ଏବଂ ପାଣି ପାଇଁ ପ୍ରାର୍ଥନା କରନ୍ତି ଏହା ସେହିପରି । ଯେତେବେଳେ ଆପଣଙ୍କ ପାଇଁ ପାଣିଇ ଢାଳି ଦିଆଯାଏ, ତାହା ଆପଣଙ୍କ ଘୋଡ଼ାଇ ରଖିଥିବା ହାତ ଦେଇ ବୋହିଯାଏ କପ୍ ଚାରି ପାଖରେ ଏବଂ ସେଥିରେ ଆପଣଙ୍କର ବିଶେଷ କିଛି ଲାଭ ହୁଏ ନାହିଁ । ଯେ ପର୍ଯ୍ୟନ୍ତ ମଣିଷ କିଛି କରିବାକୁ ଚେଷ୍ଟା କରେ, ତା ପାଖରେ ଥିବା ସମସ୍ତ ଶକ୍ତି ସହିତ, ସେ ଗୂଢ଼ତାତ୍ତ୍ୱିକ ରୀତିରେ କାର୍ଯ୍ୟ କରୁଛି । ତାର ଉଦ୍ୟମର ପରିଣତି ବାହାର ଦୁନିଆରେ ସାଙ୍ଗେସାଙ୍ଗେ ଦେଖା ନଦେଇ ପାରେ । କିନ୍ତୁ ସେ ସର୍ବଦା ତାର ଶକ୍ତି ଏକତ୍ରିତ କରୁଛି ଯାହା ଅବଶେଷରେ ବାହାରକୁ ଢାଳି ହୋଇ ଆସିବ ସଫଳ କାର୍ଯ୍ୟରେ ।

ଯେଉଁସବୁ କାମ ଆପଣଙ୍କୁ କରିବାକୁ ହେବ, ତାହା ସବୁ କରାଯାଇଛି ଏବଂ କରାଯାଇପାରିବ । କିନ୍ତୁ ଯେ ପର୍ଯ୍ୟନ୍ତ ଆପଣ ଭାବୁଛନ୍ତି ଯେ ଆପଣ ସେଗୁଡ଼ିକୁ କରିପାରିବେ ନାହିଁ, ଆପଣ ପାରିବେ ନାହିଁ । କିନ୍ତୁ ଯଦି ଆପଣ ନିଜକୁ କହନ୍ତି, "ଏହି କାମଗୁଡ଼ିକ କରିବାକୁ ହେବ ଏବଂ ମୁଁ ଏଗୁଡ଼ିକୁ କରିବି", ତାହା ହେଲେ ଆପଣ ସେଗୁଡ଼ିକୁ କରିପାରିବେ । ସେଇଆ କରନ୍ତୁ ଏବଂ ଆପଣଙ୍କର ଚିନ୍ତା ଏକ ଅଭିଭାବକ ଦେବତା ରୂପେ ସର୍ବଦା ଆପଣଙ୍କ ନିକଟରେ ରହି ତାହା ପୂର୍ଣ୍ଣ କରିବାରେ ଆପଣଙ୍କୁ ସକ୍ଷମ କରାଇବ । ତାହା ନ ହେଲେ ଆପଣଙ୍କ ପାଖରେ ରହିବ – ଖ୍ରୀଷ୍ଟିଆନ୍‌ଙ୍କ ଭାଷାରେ ଏକ ସଇତାନ ଯେ ଆପଣଙ୍କ ଚିନ୍ତା ଦ୍ୱାରା ସୃଷ୍ଟି ହୋଇଛି । ଆପଣ ଏପରି ସଇତାନମାନଙ୍କୁ ସୃଷ୍ଟି କରିବାର ଆବଶ୍ୟକତା ନାହିଁ; ତା ବଦଳରେ ତିଆରି କରନ୍ତୁ ଏକ ଦେବତା, ଏକ ମହାନ୍ ଚିନ୍ତା ରୂପେ "ମୁଁ ପାରିବି ଏବଂ ମୁଁ ଅବଶ୍ୟ କରିବି ।"

**ଲେଡ୍‌ବିଟର୍** – ଏହା ସମ୍ପୂର୍ଣ୍ଣ ସତ୍ୟ ଯେ ଏଭଳି କିଛି ନାହିଁ, ଯାହା ମଣିଷ କରି ପାରିବ ନାହିଁ, କିନ୍ତୁ କୁହାଯାଇ ନାହିଁ ଯେ ସେ ସାଙ୍ଗେସାଙ୍ଗେ କରିପାରିବ । ସେଇଠି ହିଁ ଲୋକେ ସମୟେ ସମୟେ ଭୁଲ୍ କରନ୍ତି । ମୁଁ ଏହା ଭଲଭାବେ ଜାଣେ କାରଣ ମୁଁ ଗଣ୍ଡାଗଣ୍ଡା ଚିଠି ପାଏ ଲୋକଙ୍କଠାରୁ ଯେଉଁମାନେ କିଛି ଗୁରୁତର ଅସୁବିଧାରେ ପଡ଼ିଥାନ୍ତି, ହୁଏତ ମଦ୍ୟପାନ ବା ନିଶା ଦ୍ରବ୍ୟର ପ୍ରଭାବରେ ପଡ଼ି କିମ୍ବା କୌଣସି ପ୍ରକାର ବିଷାଦମୟ ଚିନ୍ତାଗ୍ରସ୍ତ ହୋଇ । ସେମାନେ ଅନେକ ସମୟରେ କହନ୍ତି, "ଆମର କୌଣସି ଇଚ୍ଛାଶକ୍ତି ନାହିଁ, ସବୁ ଚାଲିଯାଇଛି । ଆମେ ଆମର ଅସୁବିଧା ଦୂର କରିପାରିବୁ ନାହିଁ । ଆମେ କ'ଣ କରିବୁ ?" ଯେଉଁମାନେ ଏହି ପ୍ରକାର ଘଟଣା ସହ ପରିଚିତ ନୁହନ୍ତି, ସେମାନଙ୍କର କୌଣସି ଧାରଣା ନାହିଁ – ମଣିଷ ଉପରେ ଏହି ପ୍ରକାର ଭାବନାର ବି ଭୟଙ୍କର ପ୍ରଭାବ ପଡ଼ିଥାଏ, କିପରି ସମ୍ପୂର୍ଣ୍ଣ ଭାବେ ତାର ଇଚ୍ଛାଶକ୍ତି କ୍ଷୟ ହୋଇ ଯାଇଥାଏ । କିପରି ସେ ଅନୁଭବ କରେ ଯେ ସେ ଆଦୌ କିଛି କରିପାରିବ ନାହିଁ ।

ସମୟେସମୟେ ଏହି ପ୍ରକାର ଲୋକେ ଆତ୍ମହତ୍ୟା କରିବା କଥା ଭାବନ୍ତି । ତାହା ମାରାତ୍ମକ କଥା । ଯଦିବା ଜଣେ ସାରା ଜୀବନ ପାଇଁ ବିକଳାଙ୍ଗ ହୋଇ ଯାଆନ୍ତି, ସେହି କ୍ଷତିର ମରାମତି ପାଇଁ ଯାହା କିଛି ସୁବିଧା ତାଙ୍କର ରହିଛି, ତାହା ଗ୍ରହଣ କରିବା ଉଚିତ । ଅଣ୍ଟା ଭିଡ଼ି ତାଙ୍କର ସଂଗ୍ରାମ ଚଳାଇ ରଖିବାକୁ ହେବ ବୀରୋଚିତ ଭାବେ । ଆତ୍ମହତ୍ୟାର ଅର୍ଥ ପୁଣି ସେହି ଅବସ୍ଥାକୁ ଫେରି ଯିବାକୁ ହେବ, ଯେଉଁଥିରୁ ମଣିଷ ମୁକ୍ତି ଚାହିଁଥାଏ । ତା ସାଙ୍ଗକୁ ମିଶେ ଆତ୍ମହତ୍ୟାର ମନ୍ଦ କର୍ମ । କଷ୍ଟ ଭୋଗୁଥିବା ବ୍ୟକ୍ତି ବୁଝିବା କଥା ଯେ ତାଙ୍କର ଇଚ୍ଛା ଶକ୍ତି ଅଛି, ତାହା ଯେତେ ଲୁକ୍‌କାୟିତ ହୋଇ ରହି ଥାଉନା କାହିଁକି । ଯଦି ତାଙ୍କର ନିଜ ପାଇଁ ତାଙ୍କୁ ଇଚ୍ଛା ଶକ୍ତି ସୃଷ୍ଟି କରିବାକୁ ପଡ଼ନ୍ତା, ତେବେ ତ ସେ ହତାଶ ହୋଇ ପଡ଼ନ୍ତେ । କିନ୍ତୁ ସେ ମନେ ପକାନ୍ତୁ ଯେ ଇଚ୍ଛା ଶକ୍ତି ରହିଛି । ତାହା ହେଉଛି ଈଶ୍ୱରଙ୍କ ଇଚ୍ଛାଶକ୍ତି ଯାହା ମନୁଷ୍ୟ ଭିତରେ ପରିଦୃଷ୍ଟ ହୁଏ । ଏହା ତଥାପି ପରିସ୍ଫୁଟିତ ଏବଂ ବିକଶିତ ହେବାକୁ ଅଛି । କିନ୍ତୁ ତାହା ହେବ କ୍ରମଶଃ । ସମୟେ ସମୟେ ଗଭୀର ପ୍ରେମ ଏବଂ ଧୈର୍ଯ୍ୟ ଥିବା ଜଣେ ବନ୍ଧୁ ବା ଆତ୍ମୀୟ ବ୍ୟକ୍ତିଙ୍କ ଅନୁରକ୍ତି, ଏହି ପ୍ରକାର ଏକ କ୍ଷେତ୍ରରେ ପ୍ରକୃତ ଦୈବପ୍ରେରିତ ରୂପେ କାର୍ଯ୍ୟ କରିଥାଏ ।

ସେହି ବ୍ୟକ୍ତି କ'ଣ କରିଥିବା ହେତୁ ଏହି ପ୍ରକାର ଅବସ୍ଥାରେ ପଡ଼ିଛନ୍ତି ? ହୁଏତ ଏହି ଜୀବନ ସାରା, ହୁଏତ ଗତ ଗୋଟିଏ ବା ଦୁଇଟି ଜନ୍ମ ଧରି ସେ ଜାଣିଶୁଣି କାମନା ଉପାଦାନିକ ଆଗରେ, ତାଙ୍କର ନିମ୍ନତର ପ୍ରକୃତିର ପ୍ରଲୋଭନ

ଆଗରେ, ନଇଁ ଯାଇଛନ୍ତି, ଜାଣିଶୁଣି ସେମାନଙ୍କ ଦ୍ୱାରା ନିଜେ ଆକ୍ରାନ୍ତ ହେବାକୁ ସୁବିଧା ଦେଇଛନ୍ତି । ପ୍ରଥମେ ସେ ସେମାନଙ୍କ ବିରୋଧରେ ସଂଗ୍ରାମ କରି ପାରିଥାନ୍ତେ, କିନ୍ତୁ ଯେହେତୁ ସେ ତାର ବିରୋଧ କରିପାରି ନାହାନ୍ତି, ସେହି ମନ୍ଦ ଶକ୍ତିର ସଞ୍ଚିତ ବେଗ ରହିଛି ତାଙ୍କ ଭିତରେ । ଏତେ ବେଶି ରହିଛି ଯେ ସେ ତାକୁ ସାଙ୍ଗେ ସାଙ୍ଗେ ବନ୍ଦ କରିପାରୁ ନାହାନ୍ତି । କିନ୍ତୁ ସେ ତାହା କରିବାକୁ ଆରମ୍ଭ କରି ପାରିବେ । ରେଳ ଡବା ବା ଟ୍ରକ୍‌କୁ ମଣିଷ ଠେଲିବାରେ ଏକ ଉଦାହରଣକୁ ଆମେ ଉପଯୋଗ କରିପାରୁ । ଏକ ଗାଉଁଲି ଷ୍ଟେସନରେ ଯେଉଁଠି ବହୁତ ସମୟ ମିଳେ, ଆପଣ ସମୟେସମୟେ ଦେଖିବେ ଏକ ରେଳ କୁଲି ଗୋଟିଏ ଡବାକୁ ଗୋଟିଏ ରେଳ ରେଳରାସ୍ତାରୁ ଆଉ ଗୋଟିଏ ରେଳରାସ୍ତାକୁ ଠେଲୁଥିବ । ଦେଖନ୍ତୁ ସେ କିପରି କାମ କରେ । ବହୁ ଟନ୍ ଓଜନର ଏକ ବିରାଟ ଡବା, ଏକାଦିକ୍ରମେ ସେ ତାକୁ ଠେଲିବାକୁ ଲାଗେ ଧୀର ଭାବେ ଏବଂ ପ୍ରଥମେ ତାର କୌଣସି ପ୍ରଭାବ ଦେଖାଯାଏ ନାହିଁ । ଟିକିଏ ପରେ ଡବାଟା ଧୀରେ ଧୀରେ ଘୁଞ୍ଚିବାକୁ ଆରମ୍ଭ କରେ । ସେ ଠେଲି ଚାଲେ ଏବଂ ଡବାର ଗତି ଦ୍ରୁତରୁ ଦ୍ରୁତତର ହୁଏ । ତାପରେ ସେ ତାହା ବନ୍ଦ କରିବାକୁ ଯାଏ । ସେ ସାଙ୍ଗେସାଙ୍ଗେ ବନ୍ଦ କରିପାରେ ନାହିଁ । ଯଦି ସେ ତାର ଆଗରେ ଠିଆ ହୁଅନ୍ତା ଏବଂ ଘୁଞ୍ଚନ୍ତା ନାହିଁ, ତାହାହେଲେ ଡବାଟା ତାହା ଉପରେ ମାଡ଼ି ଯାଇ ତାକୁ ଚାପି ଦିଅନ୍ତା । ସୁତରାଂ ସେ ତାକୁ ଅଟକାଇବା ପାଇଁ ଧୀର ଭାବେ ଆରମ୍ଭ କରେ, ବାଟ ଛାଡ଼ି ଦିଏ ତଥାପି ବାରମ୍ବାର ତା ଉପରେ ଚାପ ଦିଏ – କ୍ରମଶଃ ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯିବା ପର୍ଯ୍ୟନ୍ତ । ସେ ତା ଭିତରକୁ କିଛି ପରିମାଣର ଶକ୍ତି ପୂରାଇ ଦେଇଛି; ସେ ତାକୁ ପୁଣଇ କାଢ଼ି ନେଇ ପାରିବ ନାହିଁ, କିନ୍ତୁ ସେହି ପରିମାଣର ଶକ୍ତିଦ୍ୱାରା ତାକୁ ଅକାମୀ କରି ପାରିବ ।

ଯେଉଁ ବ୍ୟକ୍ତି କାମନା-ଉପାଦାନିକ ପାଖରେ ନଇଁ ଯାଇଛନ୍ତି, ତାଙ୍କର ମଧ୍ୟ ସେହି ଅବସ୍ଥା । ସେ ତାହା ଭିତରକୁ ବହୁଶକ୍ତି ଦେଇ ଦେଇଛନ୍ତି ଏବଂ ତାଙ୍କୁ ତାର ସମ୍ମୁଖୀନ ହେବାକୁ ପଡ଼ିବ । ଜଣେ କହିପାରେ "କିନ୍ତୁ ସେଥିରେ ଏତେ ଶକ୍ତି ରହିଛି ।" ହଁ, କିନ୍ତୁ ତାହା ସୀମିତ ପରିମାଣର । କେବଳ ଯଦି ସେହି ବିଷୟ ପ୍ରତି ସେ ଭାବପ୍ରବଣ ନ ହୋଇ, ସୂକ୍ଷ୍ମ ଭାବରେ ଦେଖେ ଏକ ଗାଣିତିକ ସମସ୍ୟାକୁ ଦେଖିବା ଭଳି, ସେ କହିବ ନାହିଁ, "ମୁଁ ଏକ ହୀନ କୀଟ ଏବଂ ଏଡି ଶକ୍ତି ହେଉଛି ମୋ ପକ୍ଷରେ ଖୁବ୍ ବଡ଼ ।" ବରଂ ସେ କାମ କରିବାକୁ ଯାଇ ତାର ବିରୋଧ କରିବ । ସେ ସମ୍ପୂର୍ଣ୍ଣ ନିଶ୍ଚିତ ହୋଇ ପାିରବ ଯେ ସେ ତା ଭିତରକୁ ଏକ ସୀମିତ ପରିମାଣର ଶକ୍ତି ପୂରାଇଛି । କିନ୍ତୁ ବର୍ତ୍ତମାନ ତା ପାଖରେ ରହିଛି ଅସୀମ ଶକ୍ତି ।

ଯେହେତୁ ଆମେ ସଠିକ୍ ଭାବେ ହେଉଛୁ ଐଶ୍ୱରିକ ଅଗ୍ନିର ସ୍ଫୁଲିଙ୍ଗ । ଆମ ପଛରେ ରହିଛି ଈଶ୍ୱରଙ୍କର ସମସ୍ତ ଶକ୍ତି । ଏକ ନିର୍ଦ୍ଦିଷ୍ଟ ସମୟରେ ସେଥିରୁ ଅଳ୍ପ କିଛି ପରିମାଣର ଶକ୍ତି ଆମ ଜରିଆରେ ଆସିଥାଏ । ତେବେ ଏହା ସବୁ ସମୟରେ ଆସୁଛି ।

ଏହି ସମସ୍ତ କଥା ଜୀବାତ୍ମାର ଦୃଷ୍ଟିକୋଣରୁ ଦେଖିବା ଉଚିତ; ସେ ଏଗୁଡ଼ିକ କରିପାରିବ ଏବଂ କରିବ । ଗୂଢ଼ତାତ୍ତ୍ୱିକ ବିକାଶ କାର୍ଯ୍ୟରେ ଯାହା କରିବା ଉପଯୋଗୀ ତାହା ଜଣେ କେବେହେଲେ ସାଙ୍ଗେସାଙ୍ଗେ କରିପାରିବ ନାହିଁ; ଠିକ୍ ଯେପରି ଜଣକର ଆତ୍ମାରେ ସଙ୍ଗୀତ ପ୍ରବଣତା ରହିବା ଯଥେଷ୍ଟ ନୁହେଁ, କାନ ଏବଂ ହାତକୁ ତାଲିମ୍ ଦିଆଯିବା ଆବଶ୍ୟକ, ଯାହା ଫଳରେ ଜଣେ ସଙ୍ଗୀତ ଶକ୍ତିର ଉପଯୁକ୍ତ ମାଧ୍ୟମ ହୋଇ ପାରିବ । ଜୀବାତ୍ମାକୁ ତାର ଶରୀରଗୁଡ଼ିକୁ ଧୈର୍ଯ୍ୟ ସହକାରେ ଅନୁରୂପ ଭାବରେ ତାଲିମ୍ ଦେବାକୁ ହେବ ।

ଲୋକେ ସମୟେସମୟେ କହନ୍ତି, "ମୁଁ ଯଦି ଏହି ଖରାପ ଅଭ୍ୟାସକୁ ଏହିକ୍ଷଣି ଜିଣି ପାରୁନାହିଁ, ତେବେ ଅପେକ୍ଷା କରିବାକୁ ହେବ ମୁଁ ଆଉ ଏକ ଶରୀର ପାଇବା ପର୍ଯ୍ୟନ୍ତ।" ଏହି ପ୍ରକାର ବ୍ୟକ୍ତି ଭୁଲିଯାଆନ୍ତି ଯେ ତାଙ୍କର ପରବର୍ତ୍ତୀ ଶରୀର ବର୍ତ୍ତମାନ ଶରୀରର ଚରିତ୍ର ଓ ଗୁଣ ନେଇ ଆସିବ, ଯଦି ସେ ସେଗୁଡ଼ିକୁ ବଦଳାଇବାକୁ ଚେଷ୍ଟା ନକରନ୍ତି, ତେବେ ସେହି ନିରାଶାଜନକ ଅବସ୍ଥା ଆଗାମୀ ଜୀବନରେ ମଧ୍ୟ ଲାଗି ରହିବ । କିନ୍ତୁ ଯଦି ସେ ଦୃଢ଼ ସଂକଳ୍ପ ସହ ସେଗୁଡ଼ିକ ବିରୋଧରେ ବର୍ତ୍ତମାନ ସଂଗ୍ରାମ କରିବେ (ଯଦିବା ସେଗୁଡ଼ିକ ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ନିଜର ଆଧିପତ୍ୟ ରଖନ୍ତି) ପରବର୍ତ୍ତୀ ସମୟରେ ସେ ଜୀବନ ଆରମ୍ଭ କରିବେ ଏକ ଅଧିକ ଉନ୍ନତତର ଶରୀର ନେଇ ।

ଉଚ୍ଚତର ସ୍ତରମାନଙ୍କରେ ମଧ୍ୟ ସେହି ଏକା କଥା । ମଣିଷ ବ୍ୟଭିଚାର ଦ୍ୱାରା ତାର ମାନସ ଶରୀରକୁ ଏଭଳି କ୍ଷତବିକ୍ଷତ କରିପାରେ ଯେ ଏହି ଜୀବନରେ ସେ ଆଉ କେବେହେଲେ ତାର ପ୍ରାଥମିକ ଅବସ୍ଥାକୁ ଆସିପାରିବ ନାହିଁ । ତଥାପି ସେହି ମନ୍ଦ ଅଭ୍ୟାସ ବିରୋଧରେ ସେ ଯଦି ଦୃଢ଼ସଂକଳ୍ପ ସହ ଚେଷ୍ଟା କରେ, ତେବେ ବର୍ତ୍ତମାନର ତ୍ରୁଟିଗୁଡ଼ିକୁ ପୁଣି ଧରିରଖିଥିବା ଏକ ଶରୀର ବଦଳରେ ସେ ପରବର୍ତ୍ତୀ ସମୟରେ ପାଇବ ଏକ ଉତ୍ତମ ମାନସ ଶରୀର । ଅନ୍ୟାନ୍ୟ ଘଟଣା ଭଳି, ଏହି କ୍ଷେତ୍ରରେ ମଧ୍ୟ ମୁଖ୍ୟ ସଂଗ୍ରାମ ହୋଇଥାଏ ପ୍ରାରମ୍ଭରେ, ଟିକିଏ ପରେ ଆତ୍ମବିଶ୍ୱାସ ବୃଦ୍ଧି ପାଏ ଏବଂ ଦୃଢ଼ୀଭୂତ ହୁଏ ।

ଠିକ୍ ସେହିପରି ବହୁଲୋକ ଗୁରୁଙ୍କ ସହିତ ସେମାନଙ୍କ ସମ୍ପର୍କରେ କିଛି ଭାବପ୍ରବଣତା ପୂରାଇ ଦେବାକୁ ଚାହାନ୍ତି; ସେହିପରି କେତେକ ଲୋକ ମଧ୍ୟ

ପ୍ରକୃତିର ନିୟମଗୁଡ଼ିକର କାର୍ଯ୍ୟକାରିତାରୁ ଅବ୍ୟାହତି ପାଇବାକୁ ଚାହାନ୍ତି; ସେମାନେ ହଠାତ୍ ସେମାନଙ୍କର ପାପ ଏବଂ ଦୁଃଖରୁ ମୁକ୍ତି ଚାହାନ୍ତି । ଭାବ ପ୍ରବଣ ଖ୍ରୀଷ୍ଟିଆନ୍ କହିବେ, "ଆପଣ ଯୀଶୁଙ୍କ ରକ୍ତଦାନ ଫଳରେ ବର୍ତ୍ତମାନ ଏବଂ ଏଇଠି ପରିତ୍ରାଣ ପାଇବେ । ଆପଣ ସିଧାସଳଖ ଆପଣଙ୍କ କଷ୍ଟରୁ ମୁକ୍ତି ପାଇବେ ଏବଂ ଭାବିବେ ଯେପରି ତାହା କେବେ ଘଟି ନ ଥିଲା ।" ତାହା କେତେକ ପରିମାଣରେ ଆକର୍ଷଣୀୟ, କିନ୍ତୁ ସତ୍ୟ ନୁହେଁ । ଯାହା ସତ୍ୟ ତାହା ହେଉଛି ଯେ ଯେତେବେଳେ ଆପଣ ଅବାଟରରୁ ଫେରି ଆସନ୍ତି ଏବଂ ଠିକ୍ ବାଟରେ ଐଶ୍ୱରିକ ଇଚ୍ଛା ସହିତ ଖାପ ଖୁଆଇ ଚାଲନ୍ତି, ସେତେବେଳେ ଆପଣ ସାଙ୍ଗେସାଙ୍ଗେ ମୁକ୍ତ ହୋଇ ଯାଆନ୍ତି ନିଜ ଭିତରେ ଥିବା ସମସ୍ତ ଦୁଃଖ ଏବଂ ଅସୁବିଧାରୁ ଯାହା ସେହି ଐଶ୍ୱରିକ ଇଚ୍ଛା ବିରୁଦ୍ଧରେ ସଂଗ୍ରାମ ହେତୁ ଦେଖା ଦେଇଥାଏ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆପଣ ଯାହା ଆଗରୁ କରିଛନ୍ତି, ତାର ବାହ୍ୟ ପରିଣାମ ଲୋପ ପାଇଯିବ । ଆପଣ ପରିବର୍ତ୍ତନ ଆଣିଛନ୍ତି; ଆପଣ ଏକ ପରିବର୍ତ୍ତିତ ବ୍ୟକ୍ତି ଏବଂ ଆପଣ ବର୍ତ୍ତମାନ ଉଚିତ ପଥରେ ଚାଲିଛନ୍ତି । କିନ୍ତୁ ଆପଣ ଯେ ଭୁଲ୍ ବାଟରେ ଯାଇଥିଲେ ତାର ପରିଣତିର ସମ୍ମୁଖୀନ ହେବାକୁ ପଡ଼ିବ ଆପଣଙ୍କୁ ।

ଆପଣ ଗୋଟିଏ ମୁହୂର୍ତ୍ତରେ ନିଜର ମନୋଭାବ ବଦଳାଇ ପାରନ୍ତି; ଏବଂ ଅବଶ୍ୟ ଆପଣଙ୍କୁ କ୍ଷମା ଦିଆଯାଇଛି । ଆପଣଙ୍କ ବିରୋଧରେ ଆଧ୍ୟାତ୍ମିକ ଦୃଷ୍ଟିରୁ କିଛି ବାକି ନାହିଁ; ଆପଣ ମୁକ୍ତ । କିନ୍ତୁ ଜଣେ ରକ୍ଷଣଶୀଳ ଧର୍ମଯାଜକ ମଧ୍ୟ ଆପଣଙ୍କୁ ସାଙ୍ଗେସାଙ୍ଗେ କହିବେ, "ଆପଣ ଯାହା ଭୁଲ୍ କରିଛନ୍ତି, ତାର ସମସ୍ତ ପରିଣତିକୁ ଠିକ୍ କରି ଦେବି ବୋଲି ମୁଁ କହିପାରୁନାହିଁ । ଆପଣ ଯଦି ଏକ ବ୍ୟଭିଚାରୀ ଜୀବନଯାପନ କରିଛନ୍ତି, ଆପଣ ଯଦି ନିଜର ଶରୀରକୁ ଗୋପନରେ ନଷ୍ଟ କରିଛନ୍ତି, ମୁଁ ତାକୁ ଠିକ୍ କରି ଦେଇ ପାରିବି ନାହିଁ । ସେହି ପରିଣତିଗୁଡ଼ିକ ରହିବ ଏବଂ ଆପଣଙ୍କ ତପସ୍ୟାର ଏକ ଅଂଶ ହେବ ସେଗୁଡ଼ିକୁ ଫିଟାଇବାକୁ ଚେଷ୍ଟା କରିବା । ମୁଁ ଯହା ଠିକ୍ କରିପାରିବି ତାହା ହେଉଛି ଆପଣଙ୍କର ଦୋଷଗୁଡ଼ିକୁ । ଧର୍ମୀୟ ଭାଷାରେ କହିବାକୁ ଗଲେ ଆପଣ ନିଜକୁ ଈଶ୍ୱରଙ୍ କ ବିରୋଧରେ ରଖିଛନ୍ତି; ମୁଁ ପୁଣି ଆପଣଙ୍କୁ ସିଧା ବାଟରେ ନେଇ ଆସିବି । ସେଇଠି ମୋର ପାପ-ବିମୋଚନ କ୍ରିୟା ଆପଣଙ୍କ ପାଇଁ କିଛି କରିପାରିବ; ଏହା ହେଉଛି ଉଚ୍ଚତର ଇଚ୍ଛାଶକ୍ତିର କ୍ଷମତା, ନୀଚତର ଇଚ୍ଛାଶକ୍ତିର ନୁହେଁ । ଏହା ଆପଣଙ୍କୁ ନେଇଯିବ ଯେତେବେଳେ ଆପଣ ଥରେ ନିଜକୁ ନିଆଯିବା ପାଇଁ ଚାହିଁବେ । ଏହା ଆପଣଙ୍କୁ ସାହାଯ୍ୟ କରିବ ଆପଣଙ୍କୁ ଠିକ୍ ବାଟରେ ରଖିବା ପାଇଁ, କିନ୍ତୁ ସ୍ଥୂଳ ପରିଣତିକୁ ଏଡ଼ାଇ ହେବ ନାହିଁ ।"

ଆପଣ ନିଜେ ନିଜର ମନୋଭାବକୁ ବଦଳାଇ ପାରନ୍ତି । ଧର୍ମଯାଜକ ଆପଣଙ୍କୁ ସିଧା ନେଇ ଉଚ୍ଚତର ସ୍ତରମାନଙ୍କରେ ରଖିଦେଇ ପାରନ୍ତି, ଯେଉଁଠାରେ ଆପଣଙ୍କର କ୍ଷମତା ନାହିଁ । ମୁଁ କହୁନାହିଁ ଯେ କୌଣସି ବ୍ୟକ୍ତି ନିଜେ ତାହା କରି ପାରିବ ନାହିଁ । କିନ୍ତୁ ସେ ତାହା କରିପାରିବ ବହୁ ଉଦ୍ୟମ ପରେ, ଅଠିକଣାଭାବେ ଏବଂ ଅବୈଜ୍ଞାନିକ ଭାବେ । ପାପବିମୋଚନ କ୍ରିୟା ପଛରେ ରହିଛି ସେହି କ୍ଷମତା; କିନ୍ତୁ କୌଣସି ମଣିଷଠାରୁ ଏହା ତାର ପାପର ପରିଣାମଗୁଡ଼ିକ ନେଇ ଯାଇ ପାରିବ ନାହିଁ । ପ୍ରକୃତିର ନିୟମଗୁଡ଼ିକ ସେହି ପ୍ରକାରେ କାମ କରନ୍ତି ନାହିଁ ।

ଯାହା କୁହାଯାଇଛି, ତାହା ସାଙ୍ଗକୁ ଆଉ ଏକ ଭାବନା ଯୋଡ଼ିବାକୁ ହେବ : ଯେ ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ନିଜର ଇଚ୍ଛାଶକ୍ତିକୁ ବିକଶିତ କରି ନାହିଁ ଏବଂ ନିଜକୁ ନିଜ ଅକ୍ତିଆରରେ ରଖି ନାହିଁ, ସେ ପର୍ଯ୍ୟନ୍ତ ସେ ପ୍ରକୃତରେ ଗୁରୁଙ୍କ ନିକଟରେ ନିଜକୁ ଅର୍ପଣ କରିପାରିବ ନାହିଁ । ଲୋକେ କହନ୍ତି, "ମୁଁ ନିଜକୁ ସମ୍ପୂର୍ଣ୍ଣ ରୂପେ ଗୁରୁଙ୍କ ସମର୍ପଣ କରିଦେଇଛି ।" କିନ୍ତୁ ଏହା କ'ଣ ସ୍ପଷ୍ଟ ନୁହେଁ ଯେ ଜଣେ ନିଜର ସମ୍ପୂର୍ଣ୍ଣ ଆତ୍ମା ଅର୍ପଣ କରି ପାରିବ ନାହିଁ ଯେତେବେଳେ ତାର ଏକ ଅଂଶ ରହିଛି ବିଭିନ୍ନ ପ୍ରକାର ମନ୍ଦ ଗୁଣର କବଳରେ ? ଏହି କାରଣ ଯୋଗୁ ମଧ୍ୟ ଆମକୁ ଆମର ଇଚ୍ଛାଶକ୍ତିକୁ ଅବଶ୍ୟ ବିକଶିତ କରିବାକୁ ହେବ । ଗୁରୁ କହିଛନ୍ତି ଯେ ସେହି ଇଚ୍ଛାଶକ୍ତି ହେବ ଦୃଢ଼ ଇସ୍ପାତ ପରି । ମୋର ସେହି ସମୟ ଭାରି ଭଲ ଭାବେ ମନେ ଅଛି, କାରଣ ଆଲ୍‌ସିଓନ୍ ବୁଝି ପାରିଲେ ନାହିଁ, ଟାଣୁଆ ଇସ୍ପାତ ଅର୍ଥ କ'ଣ ଏବଂ ତାଙ୍କୁ ଦେଖାଇବା ପାଇଁ କିଛି ଭୌତିକୀକରଣ ପ୍ରକ୍ରିୟାର ଆବଶ୍ୟକ ହୋଇଥିଲା। ଏହା କେବଳ ଏକ ଇଚ୍ଛାଶକ୍ତି ହେବ ନାହିଁ ଲୁହାର, ବରଂ ଟାଣୁଆ ଇସ୍ପାତର, ଏକ ଇଚ୍ଛାଶକ୍ତି ଯାହାକୁ ଆଡ଼େଇ ଦେଇ ହେବ ନାହିଁ । ଇଚ୍ଛାଶକ୍ତି ରହିଛି, ଆମ ଭିତରେ ରହିଛି ଐଶ୍ୱରିକ ଶକ୍ତି, ଆମକୁ କେବଳ ତାହାକୁ ବିକଶିତ କରିବାକୁ ହେବ ଏବଂ ନିଜର ମାଲିକ ହେବାକୁ ପଡ଼ିବ । ଏବଂ ତାହା ପରେ ଗୁରୁଙ୍କ ଚରଣରେ ସେହି ଇଚ୍ଛା ଶକ୍ତି ଗୌରବମୟ ଶ୍ରଦ୍ଧାଞ୍ଜଳି ରୂପେ ଆମେ ଅର୍ପଣ କରିବୁ ।

■■■

## ପଞ୍ଚମ ଭାଗ

# ପ୍ରେମ

## ପ୍ରଥମ ଅଧ୍ୟାୟ

# ମୁକ୍ତି ନିର୍ବାଣ ଓ ମୋକ୍ଷ

**ସମସ୍ତ ଯୋଗ୍ୟତା ମଧ୍ୟରେ, ପ୍ରେମ ହେଉଛି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଯଦି ମଣିଷ ଭିତରେ ଯଥେଷ୍ଟ ପ୍ରବଳ ହୁଏ, ତେବେ ଏହା ତାକୁ ବାଧ୍ୟ କରେ ଅବଶିଷ୍ଟ ସବୁ କିଛି ପାଇବା ପାଇଁ; ଏବଂ ଏହା ବିନା ଅବଶିଷ୍ଟ ସବୁ କିଛି କେବେହେଲେ ଯଥେଷ୍ଟ ହେବ ନାହିଁ । ଅନେକ ସମୟରେ ଏହାକୁ ଜନ୍ମ ମୃତ୍ୟୁର ଚକ୍ରରୁ ମୁକ୍ତି ପାଇବାର ଏବଂ ଈଶ୍ୱରଙ୍କ ସହ ମିଳିତ ହେବାର ତୀବ୍ର ଇଚ୍ଛା ବୋଲି ଉପସ୍ଥାପନ କରାଯାଇଛି । କିନ୍ତୁ ସେହି ପ୍ରକାର ବର୍ଣ୍ଣନା ସ୍ୱାର୍ଥପର ଭଳି ଶୁଣାଯାଏ ଏବଂ କେବଳ ଏହର ଆଂଶିକ ଅର୍ଥ ପ୍ରକାଶ କରିଥାଏ ।**

**ଲେଡ୍‌ବିଟର୍ –** ଆମେ କହିଛୁ ଯେ ଏହି ବହିରେ ଏହି ଯୋଗ୍ୟତାଗୁଡ଼ିକ ଲେଖିବାରେ ସାଧାରଣ ଅନୁବାଦ ତୁଳନାରେ କେତକେ ବିଚ୍ୟୁତି ଘଟିଛି । ସବୁ ବିଚ୍ୟୁତି ମଧ୍ୟରେ ସର୍ବାଧିକ ସାହସିକ ପଦକ୍ଷେପ ହେଉଛି 'ମୁମୁକ୍ଷୁତ୍ୱ'କୁ ପ୍ରେମ ରୂପେ ଉପସ୍ଥାପନ କରିବା । ଏହି ଶବ୍ଦଟି ତିଆରି ହୋଇଛି ମୂଳ ଶବ୍ଦ 'ମୁଚ୍'ରୁ ଯାହରା ଅର୍ଥ ହେଉଛି "ଖୋଲିଦେବା ବା ମୁକ୍ତ କରିବା ।" ଇଚ୍ଛାସୂଚକ ଅର୍ଥରେ ମୂଳ ଶବ୍ଦଟି ଦ୍ୱିଗୁଣିତ ହୁଏ ଏବଂ ଆଉ କେତେକ ପରିବର୍ତ୍ତନ ଘଟି ତାହା ହୁଏ ମୁମୁକ୍ଷା, ଅର୍ଥାତ୍ ମୁକ୍ତି କାମନା କରିବା । 'ମୁମୁକ୍ଷା ହେଉଛି ବିଶେଷ୍ୟ ରୂପତାର ଅର୍ଥ ହେଉଛି ମୁକ୍ତି ପାଇଁ କାମନା' ଏବଂ ମୁମୁକ୍ଷୁତ୍ୱର ଅର୍ଥ ହେଉଛି 'ମୁକ୍ତିପାଇଁ କାମନା କରିବାର ଅବସ୍ଥା' । ଶେଷରେ ଯେଉଁ 'ତ୍ୱ' ରହିଛି ତାହା ଇଂରାଜୀ ଶବ୍ଦର ଶେଷାଂଶ 'ନେସ୍' ଭଳି ଯଥା ଇଗର୍‌ନେସ୍ (ବ୍ୟଗ୍ରତା) । ସେହି ମୂଳ ଶବ୍ଦରୁ ଆସିଛି 'ମୋକ୍ଷ' ଅର୍ଥାତ୍ 'ବିମୋଚନ', 'ମୋଚନ' ବା 'ମୁକ୍ତି' ।

ଅନେକ ସମୟରେ ପ୍ରଶ୍ନ ଉଠିଛି ମୋକ୍ଷ ଏବଂ ନିର୍ବାଣ କ'ଣ ସମାନ ? ଦୁଇଟି ଯାକ ଶବ୍ଦର ଅର୍ଥ ଅଲଗା । କିନ୍ତୁ ଉଭୟେ ଏକ ସତ୍ତାର ସମାନ ଅବସ୍ଥାର, କିମ୍ବା ହୁଏତ ଆମେ ଯାହାକୁ ସତ୍ତା ବୋଲି ଜାଣୁ, ତାର ପରବର୍ତ୍ତୀ ଅବସ୍ଥାର , ଭିନ୍ନ ଭିନ୍ନ ଗୁଣ ବୋଲି କୁହାଯାଇପାରେ । ନିର୍ବାଣ ଶବ୍ଦଟି ଆସିଛି ମୂଳଶବ୍ଦ 'ବା'ରୁ ଏବଂ ତା' ପୂର୍ବରେ ରହିଛି 'ନିଃ' ଅର୍ଥାତ୍ ଫୁଙ୍କିବା ବା ଫୁଙ୍କି ଉଡ଼ାଇଦେବା' ସୁତରାଂ ଏହାକୁ ଅନୁବାଦ କରାଯାଇଛି 'ନିର୍ବାପିତ ହେବା' । ମୋକ୍ଷ ହେଉଛି ଜନ୍ମ ମୃତ୍ୟୁ ଚକ୍ରରୁ ନିଷ୍କୃତି ଏବଂ ନିର୍ବାଣ ହେଉଛି ମନୁଷ୍ୟର ସେହି ଅଂଶର ନିର୍ବାପନ, ଯାହା ତାକୁ ସେହି ଚକ୍ର ସହିତ ବାନ୍ଧି ରଖେ, ଯାହାକୁ ଲୋକେ ସାଧାରଣତଃ ମଣିଷ ବୋଲି ଭାବନ୍ତି । କେତେକ ହିନ୍ଦୁ ମୋକ୍ଷକୁ ଏକ ନକରାତ୍ମକ ଅବସ୍ଥା ବୋଲି ଭାବନ୍ତି ଏବଂ ସମସ୍ତ ବ୍ୟକ୍ତିଗତ ଇଚ୍ଛା ଏବଂ ମାନବୀୟ ଆକର୍ଷଣକୁ ଧ୍ୱଂସ କରିଦେବା ପାଇଁ କାର୍ଯ୍ୟ କରନ୍ତି, ଯାହା ଫଳରେ କୌଣସି ବିଷୟ ବା ବ୍ୟକ୍ତି ସେମାନଙ୍କୁ ପୁନର୍ଜନ୍ମ ପାଇଁ ଟାଣି ଆଣି ପାରିବ ନାହିଁ ଏବଂ ସେହି ପ୍ରକାରେ ସେମାନେ ଦୀର୍ଘକାଳ ପର୍ଯ୍ୟନ୍ତ ଜନ୍ମ ମୃତ୍ୟୁ ଚକ୍ରରୁ ମୁକ୍ତି ହାସଲ କରନ୍ତି ।

କିନ୍ତୁ ସେମାନଙ୍କ ଭିତରୁ ଅଧିକାଂଶର ଧାରଣା ହେଉଚି ଯେ ମୋକ୍ଷ ଏକ ଅବର୍ଣ୍ଣନୀୟ ଆନନ୍ଦମୟ ଅବସ୍ଥା, ଭେଦଭାବର ଭ୍ରାନ୍ତ ଧାରଣାର ଉର୍ଦ୍ଧ୍ୱରେ, ଯାହାକୁ କୁହାଯାଏ କୈବଲ୍ୟ, ସ୍ୱାତନ୍ତ୍ର୍ୟ ଏବଂ ଅଖଣ୍ଡ ଏକତ୍ୱ । କେତେକ ବୌଦ୍ଧ ଭାବନ୍ତି ଯେ ନିର୍ବାଣ ହେଉଛି ମନୁଷ୍ୟର ସମ୍ପୂର୍ଣ୍ଣ ବିଲୋପ, କିନ୍ତୁ ଅନ୍ୟମାନେ ଭାବନ୍ତି ଏହା ହେଉଛି ଜ୍ଞାନ ଏବଂ ଆନନ୍ଦ ପ୍ରାପ୍ତି ଯାହା ଆତ୍ମା ଓ ଅନୁଭୂତିର ସମସ୍ତ ପୂର୍ବ ଧାରଣାକୁ ନିଶ୍ଚିହ୍ନ କରିଦିଏ, କାରଣ ଏହା ସମସ୍ତ ଭ୍ରାନ୍ତିର ଉର୍ଦ୍ଧ୍ୱରେ । ସୁତରାଂ ଆମେ ଦେଖୁଛୁ ଯେ ସେହି ଏକ ଧର୍ମରେ ମଧ୍ୟ ଲୋକେ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି ।

ଆମେ, ବ୍ରହ୍ମବିଦ୍ୟାସମିତିର ସଭ୍ୟଗଣ, ସମୟେ ସମୟେ ନିର୍ବାଣ ଶବ୍ଦକୁ ପ୍ରୟୋଗ କରୁ ଆତ୍ମିକ ବା ଆଧ୍ୟାତ୍ମିକ ସ୍ତରରେ ସଚେତନ ଅବସ୍ଥା ଅର୍ଥରେ । କିନ୍ତୁ ଆମେ ନିର୍ବାଣ ବୋଲି ମଧ୍ୟ କହିଥାଉ ସେହି ସବୁ ଅତି ମାନବ ବା ସିଦ୍ଧପୁରୁଷଙ୍କ ଅବସ୍ଥାକୁ ଯେଉଁମାନେ ପଞ୍ଚମ ଦୀକ୍ଷା ଲାଭ କରିଛନ୍ତି, ଯେଉଁମାନେ ସେମାନଙ୍କ ଆଗରେ ଉନ୍ମୁକ୍ତ ଥିବା ସାତଟି ମାର୍ଗ ଭିତରୁ ସେହି ଗୋଟିଏ ବାଛି ନିଅନ୍ତି ଯାହା ବୌଦ୍ଧଧର୍ମର ପ୍ରକୃତ ନିର୍ବାଣ ସହିତ ସମାନ । ତାହା ବୌଦ୍ଧଧର୍ମର ଦକ୍ଷିଣାଞ୍ଚଳୀୟ ସଂସ୍ଥା 'ନିର୍ବାପନ' ନୁହେଁ ବରଂ ଉତ୍ତରାଞ୍ଚଳୀୟ ସଂସ୍ଥାର ଅବର୍ଣ୍ଣନୀୟ ବିଶ୍ରାନ୍ତି ସ ଆନନ୍ଦ ।

## ଚତୁର୍ଥ ଦୀକ୍ଷା ପରେ ନିର୍ବାଣ

ଚତୁର୍ଥ ଦୀକ୍ଷା ପାଇ ସାରିଥିବା ଅର୍ହତ ହିଁ ନିଜର ଚେତନାକୁ ନିର୍ବାଣ ସ୍ତର ପର୍ଯ୍ୟନ୍ତ ଉଠାଇ ପାରିବେ ଏବଂ ସେଇଠି ଜୀବନ ଶକ୍ତିର ବନ୍ୟା ଅନୁଭବ କରି ପାରିବେ ଯାହା ମୁଁ ବର୍ଣ୍ଣନା କରିଛି 'ଦି ଇନର୍ ଲାଇଫ୍' ଏବଂ 'ଦି ମାଷ୍ଟର୍ସ ଏଣ୍ଡ ଦି ପାଥ୍' ବହି ଦୁଇଟିରେ । ଆମେ ଏଠାରେ ନିମ୍ନସ୍ତରରେ ଯାହା ଜାଣୁ, ତାହାଠାରୁ ସେହି ଚେତନା ଏତେ ବ୍ୟାପକ ଯେ ତାକୁ ନିଜର ଚେତନା ବୋଲି କହିବାକୁ ମଧ୍ୟ ଜଣକର ଦ୍ୱିଧା ହୁଏ । ସେ ଏକ ଅତିଶୟ ବୃହତ୍ତର ଚେତନା ସହିତ ଏକ ହୋଇଯାନ୍ତି, ନିଜକୁ ଅଲଗା ବୋଲି ଭାବିବା ଶକ୍ତି ତାଙ୍କର ନଷ୍ଟ ହୋଇ ଯାଇଥାଏ । ଏହି ସମସ୍ତ ଧାରଣା ଭାଷାରେ ପ୍ରକାଶ କରିବାରେ ସମସ୍ତ ଉଦ୍ୟମ ବିଫଳ ହୁଏ, କାରଣ ସେଗୁଡ଼ିକୁ ଅଭିବ୍ୟକ୍ତ କରିବାକୁ ଆମର ଶବ୍ଦ ନାହିଁ ।

ସଂସ୍କୃତ ବହିଗୁଡ଼ିକୁ ଅନୁବାଦ କରିବାପାଇଁ ଉପଯୁକ୍ତ ଅର୍ଥର ସୂକ୍ଷ୍ମତା ଥିବା ଶବ୍ଦ ପାଇବା ବଡ଼ କଷ୍ଟକର । କିନ୍ତୁ ଯେ ନିର୍ବାଣୀୟ ସ୍ତରର ଚେତନାର ଏକ ସ୍ପର୍ଶ ପାଇଛନ୍ତି, ସେ ସର୍ବାପେକ୍ଷା ଭଲ ଭାବେ ଜାଣିବେ ପୁରାତନ ଲେଖକମାନେ (ଯେଉଁମାନେ ନିଜେ ଅନୁଭବୀ) ନିର୍ବାଣ କହିଲେ କଣ ବୁଝନ୍ତି । ସେହି ପ୍ରକାର ଶବ୍ଦର ସଠିକ ଅର୍ଥ କେବଳ ଅଭିଧାନିକ ଦେଇ ପାରିବେ ବୋଲି ଆଶା କରାଯାଇ ନପାରେ । ମନେ କରନ୍ତୁ ଜଣେ ବ୍ୟକ୍ତି ଯେ ଖ୍ରୀଷ୍ଟିଆନ୍ ଧର୍ମ ବିଷୟରେ କିଛି ଜାଣନ୍ତି ନାହିଁ, 'ଗ୍ରେସ୍' ଭଳି ଏକ ଶବ୍ଦ ବୁଝିବାକୁ ଚେଷ୍ଟା କରିବେ । ଯଦି ସେ ଅଭିଧାନରେ ଖୋଜିବେ, ତେବେ ସେ 'ଗ୍ରେସଫୁଲ' ଏବଂ 'ଗ୍ରେସିଅସ୍' ପ୍ରଭୃତି ଶବ୍ଦଗୁଡ଼ିକ ଭିତରେ ଛନ୍ଦି ହୋଇଯିବେ ଏବଂ ସଂପୂର୍ଣ୍ଣ ଭିନ୍ନ ଅର୍ଥ ପାଇବେ । ସେହିପରି ଖ୍ରୀଷ୍ଟିଆନ୍ ଧର୍ମରେ ବ୍ୟବହୃତ 'ଡିସପେନସେସନ୍' ଶବ୍ଦ; ସାଧାରଣ ଜୀବନରେ ଯାହା ବୁଝାଯାଏ, ତାହାଠାରୁ ଏହାର ଅର୍ଥ ସଂପୂର୍ଣ୍ଣ ଅଲଗା । ପ୍ରତ୍ୟେକ ଧର୍ମରେ କେତେକ ଶବ୍ଦ ରହିଛି ଯାହା କାଳକ୍ରମେ ବିଶେଷ ଧର୍ମୀୟ ଅର୍ଥ ଗ୍ରହଣ କରିଛି ଏବଂ ଯଦି ଜଣେ ସେହି ଧର୍ମରେ ନ ବଢ଼ିଛି, ତାକୁ ଭିତର ଆଡୁ ବୁଝି ନାହିଁ, ସୁତରାଂ ସଠିକ୍ ସୂକ୍ଷ୍ମାର୍ଥ ସେ ବୁଝି ପାରିବ ନାହିଁ ।

ବ୍ରହ୍ମବିଦ୍ୟା ଆନ୍ଦୋଳନର ପ୍ରାରମ୍ଭରେ ଆମ ଭିତରୁ କେହି ସଂସ୍କୃତ ଜାଣି ନ ଥିଲୁ । ଶ୍ରୀମତି ବ୍ଲାଭାଟସ୍କି ଭାରତର ଧର୍ମଗୁଡ଼ିକ ସମ୍ପର୍କରେ କିଛି କିଛି ଜାଣିଥିଲେ, କିନ୍ତୁ ସେ ପାଲି ବା ସଂସ୍କୃତ ଜାଣି ନଥିଲେ । ତାଙ୍କର ପ୍ରଣାଳୀ ଥିଲା ସେ ନିଜେ ଯାହା ଦେଖୁଥିଲେ ତାହା ଯଥା ସମ୍ଭବ ଭଲଭାବେ ବର୍ଣ୍ଣନା କରୁଥିଲେ ଏବଂ ତାପରେ ଉପସ୍ଥିତ ଥିବା ଯେକୌଣସି ଭାରତୀୟ ବନ୍ଧୁଙ୍କୁ କହୁଥିଲେ, 'ତାକୁ

ଆପଣଙ୍କ ଭାଷାରେ କଣ କହନ୍ତି ?’ ଅନେକ ସମୟରେ ସେହି ବନ୍ଧୁ ମଲ ଭାବରେ ତାଙ୍କର କଥା ବୁଝି ପାରନ୍ତି ନାହିଁ, ତେବେ ଯେତିକି ପାରନ୍ତି, ମୋଟା ମୋଟି ଏକ ନିକଟତମ ଶବ୍ଦ ତାଙ୍କୁ କହି ଦିଅନ୍ତି । ପରବର୍ତ୍ତୀ ସମୟରେ ଆଉ ଗୋଟିଏ ଶବ୍ଦ ଦରକାର ହେଲେ ସେ ଆଉ ଜଣେ ଲୋକଙ୍କୁ ପଚାରନ୍ତି । ତେବେ ସେ କେବେହେଲେ ଏହି କଥାଟି ପ୍ରତି ଦୃଷ୍ଟି ଦେଉ ନଥିଲେ ଯେ ପ୍ରଥମ ବ୍ୟକ୍ତି ହିନ୍ଦୁ ହୋଇ ପାରନ୍ତି ଏବଂ ଦ୍ୱିତୀୟ ବ୍ୟକ୍ତି ହୋଇ ପାରନ୍ତି ବୌଦ୍ଧ, କିମ୍ବା ହିନ୍ଦୁ ଧର୍ମର ବିଭିନ୍ନ ଲୋକ ବିଭିନ୍ନ ଦାର୍ଶନିକ ମତବାଦର ହୋଇ ପାରନ୍ତି ।

ଏହା ସାଙ୍ଗକୁ ଶ୍ରୀମତୀ ବ୍ଲାଭାଟସ୍କି ଜଣେ ବିଜ୍ଞାନ ଶିକ୍ଷକ ପରିସ୍ଥିତିରେ ନଥିଲେ ଯେ, ସେ ଏକ ତତ୍ତ୍ୱ ବୟାନ କରି ଉଦାହରଣ ସ୍ୱରୂପ ଉପଯୁକ୍ତ ପରୀକ୍ଷା ନିରୀକ୍ଷା ଦର୍ଶାଇ ଭାଷଣ କ୍ରମେ କେତେକ ପ୍ରମାଣ ଦେଇଥାନ୍ତେ । ସେ କୌଣସି ଯୋଜନା ବା ମୋଟାମୋଟି ଏକ ସରଳ ପ୍ରତିରୂପ ନେଇ କାର୍ଯ୍ୟ କରୁ ନଥିଲେ, ଯାହା ଭିତରକୁ ନୂତନ ଜ୍ଞାନର ପ୍ରତ୍ୟେକ ଅଂଶ ଯୋଡ଼ି ଦେବାକୁ ଜଣେ ଚେଷ୍ଟା କରିବ । ସେ ଗୁଡ଼ିଏ ବାକ୍ୟ କହିଯିବେ ଯାହା ପରସ୍ପର ସହ ଖାପ ଖାଉନଥିବ, ଅନ୍ତତଃ ସେଥିରେ ବ୍ୟବହୃତ ଶବ୍ଦର ଅର୍ଥ ଦୃଷ୍ଟିରୁ ଏବଂ ଯେତେବେଳେ ସେଗୁଡ଼ିକ ଠିକଭାବେ ବୁଝାଇବାକୁ କୁହାଯାଏ, କହିବେ- “ଆତ୍ମ-ବିରୋଧୀ ଶବ୍ଦାର୍ଥକୁ ନେଇ ମୁଣ୍ଡ ଘୂରାନ୍ତୁ ନାହିଁ । ଯାଆନ୍ତୁ, ସେହି ସବୁ ଉକ୍ତିକୁ ନେଇ ଚିନ୍ତା କରନ୍ତୁ ।” ତାଙ୍କର ଚିନ୍ତାଧାରା ଥିଲା ବିସ୍ମୟଜନକ ଭାବେ ସ୍ୱଷ୍ଟ ଏବଂ ତାଙ୍କର ଜ୍ଞାନ ଥିଲା ନିର୍ଦ୍ଦିଷ୍ଟ ।

ତାଙ୍କର ପ୍ରଣାଳୀ ଥିଲା ଆମ କାଳର କାର୍ଯ୍ୟ ପ୍ରଣାଳୀର ବିପରୀତ । ଆମ ସମୟରେ ଶବ୍ଦଗୁଡ଼ିକ ପ୍ରଥମେ ଯତ୍ନର ସହିତ ନିରୂପଣ କରି ତାର ନିର୍ଦ୍ଦିଷ୍ଟ ଅର୍ଥ ବୁଝାଇ ଦିଆଯାଏ । ଅନେକ ସମୟରେ ଆଶଙ୍କା ହୁଏ, ତାହାର ଫଳସ୍ୱରୂପ ବିଜ୍ଞାନ ଓ ଦର୍ଶନ ଚେସ୍ ପରି ଏକ ଖେଳ ହୋଇ ପଡ଼ିଛି ଯେଉଁଥିରେ ଗୋଟି ଗୁଡ଼ିକର ଗତି କଡ଼ାକଡ଼ି ଭାବେ ନିର୍ଦ୍ଧାରିତ ହୁଏ । କିନ୍ତୁ ତାଙ୍କ ସକାଶେ ଶବ୍ଦଗୁଡ଼ିକ ହେଉଛନ୍ତି ଜୀବନ୍ତ ପ୍ରାଣୀ । ସ୍ଥୂଳ ଚିନ୍ତା-ରୂପଗୁଡ଼ିକ ଭଳି ସେଗୁଡ଼ିକ ବ୍ୟବହାର କରାଯାଏ ଶ୍ରାବକର ମନରେ ଜ୍ଞାନ ଜାଗରିତ କରିବା ପାଇଁ, ଯାହା ତାଙ୍କ ନିଜ ମନରେ ଆଗରୁ ରହିଛି ।

## ଆତ୍ମା, ଜୀବାତ୍ମା ଓ ବ୍ୟକ୍ତିତ୍ୱ

ଆମେ ଯଦି ଜୀବାତ୍ମା ଏବଂ ବ୍ୟକ୍ତିତ୍ୱ ମଧ୍ୟରେ ଥିବା ସବୁ ପ୍ରକାର ଜଟିଳ ସମ୍ପର୍କ ବୁଝିବାକୁ ଚାହୁଁ, ଆମକୁ ପ୍ରଥମେ ଏକ ସ୍ୱଷ୍ଟ ଧାରଣା କରିବାକୁ ହେବ ଏହି ଦୁଇଟି ଜିନିଷ କ୍ରମାନ୍ୱୟରେ ପ୍ରକୃତରେ କଣ । ବ୍ରହ୍ମବିଦ୍ୟା ସାହିତ୍ୟରେ ଏହି ବିଷୟ

ବିସ୍ତାରିତ ଭାବେ ବୁଝାଇ ଦିଆଯାଇଛି । ମୁଁ ଏ ବିଷୟରେ କିଛି କହିଛି ?ଦି ମାଷ୍ଟର୍ସ ଏଣ୍ଡ୍ ଦି ପାଥ୍'ରେ । ଅତି ସଂକ୍ଷେପରେ ଏବଂ ସ୍ଥୂଳ ଭାବରେ କହିଲେ, ଏହା ବୁଝି ନିଆଯାଉ ଯେ ମଣିଷ ତିନି ଭାଗରେ ବିଭକ୍ତ ବୋଲି, ଯାହା ସେଣ୍ଟ ପଲ୍ ବହୁ ପୂର୍ବେ ଶରୀର, ଆତ୍ମା ଏବଂ ଚେତନା ବୋଲି କହିଥିଲେ । ବ୍ରହ୍ମବିଦ୍ୟାରେ ସେଗୁଡ଼ିକର ଅନୁରୂପ ଶବ୍ଦଗୁଡ଼ିକ ହେଲା- ବ୍ୟକ୍ତିତ୍ୱ, ଜୀବାତ୍ମା, ଏବଂ ଆତ୍ମା ବା ମୋଡାନ୍ । ଆତ୍ମା ହେଉଛି ନିଶ୍ଚିତ ଭାବେ ଈଶ୍ୱରୀୟ ଚିରନ୍ତନ ଅଗ୍ନିଶିଖାର ଏକ ସ୍ଫୁଲିଙ୍ଗ-ମଣିଷ ସବୁ ଦୃଷ୍ଟିରୁ ନିଜେ ଈଶ୍ୱରଙ୍କର ଏକ ଅଂଶ ।

ଅବଶ୍ୟ ଏହା ସତ୍ୟ ଯେ ଉଚ୍ଚତମ ଅର୍ଥରେ ସବୁ କିଛି ହେଉଛି ଈଶ୍ୱରଙ୍କ ର ଅଂଶ । ଏଭଳି କିଛି ନାହିଁ ଯାହା ସେ ନୁହନ୍ତି । ଏକଥା ପଦାର୍ଥ ଓ ଚେତନା ଉଭୟ ପକ୍ଷରେ ସତ୍ୟ । ତଥାପି ଏକ ଅତିଶୟ ବିଶେଷ ଅର୍ଥରେ ଆତ୍ମାକୁ ଈଶ୍ୱରଙ୍କର ଏକ ଅଂଶ ବୋଲି ଚିନ୍ତା କରାଯାଇ ପାରେ ଯାହା ପ୍ରକଟିତ ହେବାକୁ ତଳ ସ୍ତରକୁ ଆସିଛି । ମୁଁ ଭଲଭାବେ ଜାଣେ, ଯାହା ଅବିଭାଜ୍ୟ ତାହାର ଏକ ଅଂଶ ବୋଲି କହିବା ହେଉଛି ଅ-ଦାର୍ଶନିକ, ଅ-ବୈଜ୍ଞାନିକ ଏବଂ ଭ୍ରାନ୍ତି କିନ୍ତୁ ଉଚ୍ଚତର ସ୍ତରଗୁଡ଼ିକର ଅବସ୍ଥା ଅଭିବ୍ୟକ୍ତ କରିବାକୁ କୌଣସି ଶବ୍ଦ ନାହିଁ । ଯାହା ଫଳରେ ଆମେ ଯାହା କହିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଯଥାର୍ଥ ହେବ ନାହିଁ ଏବଂ ସେହି ଦୃଷ୍ଟିରୁ ବିଭ୍ରାନ୍ତିକର ହେବ । କେତେକ ଲେଖକ ଯେଉଁମାନେ ଏହି ସମ୍ପର୍କକୁ ଅଭିବ୍ୟକ୍ତ କରିବାକୁ ଚେଷ୍ଟା କରିଛନ୍ତି, ସେମାନେ ଆତ୍ମାକୁ ଈଶ୍ୱରଙ୍କର ପ୍ରତିବିମ୍ବ ବୋଲି କହିଛନ୍ତି, ଜୀବାତ୍ମାକୁ ଆତ୍ମାର ପ୍ରତିବିମ୍ବ ବୋଲି କହିଛନ୍ତି ଏବଂ ବ୍ୟକ୍ତିତ୍ୱକୁ ଅନୁରୂପ ଭାବେ ଜୀବାତ୍ମାର ପ୍ରତିନିଧି ବୋଲି କହିଛନ୍ତି । ଗୋଟିଏ ଅର୍ଥରେ ସେହି ଅଭିବ୍ୟକ୍ତିର ଅନେକ ସୁବିଧା ରହିଛି । ତଥାପି ମୋର ମନେହୁଏ, ଏହି ସୂଚନା ଅନ୍ୟ ଏକ ସୂଚନା ତୁଳନାରେ ପ୍ରକୃତ ସମ୍ପର୍କ ବିଷୟରେ କମ୍ ଧାରଣା ଦେଇଥାଏ । ଅନ୍ୟ ସୂଚନାଟି ହେଉଛି ଯେ ଆତ୍ମା ହେଉଛି ଈଶ୍ୱରଙ୍କର ଜୀବାତ୍ମାର ଏକ ଅଂଶ ।

ଚିରନ୍ତନ କ୍ରିୟାର ଏକ ଅଂଶ ସ୍ୱରୂପ, ଆମ ସୌରଜଗତର ଈଶ୍ୱର ନିଜର ଇଚ୍ଛା କ୍ରମେ ନିଜଠାରୁ ପ୍ରକ୍ଷେପ କଲେ ବହୁ ସଂଖ୍ୟକ ଆତ୍ମା । ଆମେ ଯଦି ଗୁରୁତ୍ୱର ସହିତ ଏହି ଉପମାଟିକୁ ବ୍ୟବହାର କରୁ, ତାଙ୍କଠାରୁ ଆତ୍ମାଗୁଡ଼ିକ ପ୍ରକ୍ଷିପ୍ତ ହେଲେ ସ୍ଫୁଲିଙ୍ଗ ରୂପେ । ତାହା ଏଇଥିପାଇଁ ଯେ ବହୁବିଧ ବାସ୍ତବ ସ୍ତର ଦେଇ ଗତି କରିବା ପରେ ସେମାନେ ତାଙ୍କ ପାଖକୁ ଫେରି ଆସିବେ ବହୁ ସଂଖ୍ୟକ ମହାନ୍ ଏବଂ ଗୌରବମୟ ସୂର୍ଯ୍ୟ ସଦୃଶ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଏକ

ଏକ ବିରାଟ ଜଗତକୁ ଆଲୋକ ଏବଂ ଜୀବନ ଦେବାକୁ ସକ୍ଷମ ହେବେ ଯେଉଁ ଜଗତ ଜରିଆରେ ଏବଂ ଯାହା ଦ୍ୱାରା ଲକ୍ଷ ଲକ୍ଷ ଅନ୍ୟ ଆତ୍ମା ବିକଶିତ ହେବେ ।

ଯେଉଁ ମହାନ୍ ଉଚ୍ଚତାରୁ ବ୍ରହ୍ମବିଦ୍ୟାରେ ମୋନାଡ୍ ବୋଲି କୁହିଯାଉଥିବା ଏହି ଈଶ୍ୱରୀୟ ପ୍ରକଟନ ପ୍ରଥମରୁ ଆସେ, ଆମେ କିଛି ପରିମାଣରେ ଜାଣିଥିବା କୌଣସି ସ୍ତରରେ ହିସାବରେ ତାକୁ ମାପି ହେବ ନାହିଁ । କିନ୍ତୁ ଯେଉଁ ନିମ୍ନତମ ସ୍ତରରେ ମୋନାଡ୍ ବାହାରି ଆସି ପହଞ୍ଚିବା ଦେଖାଯାଏ, ତାହାକୁ ସେହି କାରଣରୁ ଆମେ କହୁ ମୋନାଡୀୟ ସ୍ତର । ମନେ ରଖିବାକୁ ହେବ ଯେ ଡଃ. ବେସାନ୍ତଙ୍କ ଶବ୍ଦମାଳା ଅନୁଯାୟୀ ସପ୍ତ ସ୍ତର ମଧ୍ୟରୁ ଯେଉଁ ସର୍ବୋଚ୍ଚ ସ୍ତର ସମ୍ପର୍କରେ ଆମକୁ କୁହାଯାଇଛି, ତାହା ହେଉଛି ଦିବ୍ୟ ସ୍ତର, ତାହାର ନିମ୍ନରେ ଥିବା ଦ୍ୱିତୀୟ ସ୍ତରଟି ହେଉଛି ମୋନାଡୀୟ ସ୍ତର, ତୃତୀୟଟି ହେଉଛି ଆତ୍ମିକ ସ୍ତର ଏବଂ ଚତୁର୍ଥଟି ହେଉଛି ବୌଦ୍ଧିକ । ଈଶ୍ୱରଙ୍କ ଉଦ୍ଦେଶ୍ୟ ସାଧନ ପାଇଁ ପଦାର୍ଥ ମଧ୍ୟକୁ ଅଧିକ ଅବତରଣ ଆବଶ୍ୟକ । ନିଜେ ମୋନାଡ୍ ବା ମୂଳ ଆତ୍ମା ସମ୍ପୂର୍ଣ୍ଣ ଭାବେ ଆହୁରି ତଳକୁ ଓହ୍ଲାଇବାରେ ଅକ୍ଷମ । କିନ୍ତୁ ଏହା ପଠାଇ ପାରେ ଏବଂ ପଠାଏ ମଧ୍ୟ, ଆମେ ଯାହାକୁ କହିବା ଏହାର ଏକ ଅଂଶକୁ ବା ଏକ ଖଣ୍ଡକୁ, ଯାହା ମାନସ ସ୍ତରରେ ଉଚ୍ଚତର ଅଂଶରେ ଅବତରଣ କରିବାରେ ସକ୍ଷମ ।

ନିମ୍ନକୁ ଯିବା ପଥରେ ସେହିପରି ପଠା ଯାଇଥିବା ଅଂଶ ନିଜକୁ ଆତ୍ମିକ ବା ନିର୍ବାଣିକ ସ୍ତରରେ ତ୍ରି-ଚେତନ ରୂପେ ପ୍ରକଟିତ କରେ । ସେହି ତ୍ରି-ଚେତନ ମଧ୍ୟରୁ ପ୍ରଥମଟି ପ୍ରକଟିତ ହୁଏ ସେହି ଆତ୍ମିକ ସ୍ତରରେ, ଦ୍ୱିତୀୟଟି ଓହ୍ଲାଇ ଆସେ ବୌଦ୍ଧିକ ସ୍ତରକୁ ଏବଂ ବୌଦ୍ଧିକ ପଦାର୍ଥର ଆବରଣ ଗ୍ରହଣ କରେ । ତୃତୀୟ ବିଭାଗ ବା ପ୍ରକଟନ ଆଉ ଗୋଟିଏ ସ୍ତର ତଳକୁ ଖସେ ଏବଂ ବାସ କରେ ମାନସ ସ୍ତରର ଉଚ୍ଚତର ଅଂଶରେ । ଆମେ ଏହାକୁ କହୁ ଉଚ୍ଚତର ମାନସ । ଏହିପରି ଭାବେ ମୂଳ ଆତ୍ମା ଦ୍ୱାରା ତଳକୁ ଠେଲି ଦିଆ ଯାଇଥିବା ଅଂଶକୁ ଜୀବାତ୍ମା ନାମ ଦିଆଯାଇଛି ଏହା ଆତ୍ମା, ବୁଦ୍ଧି ଏବଂ ମାନସକୁ ନେଇ ଗଠିତ, ଯାହାକୁ ଆମେ ଇଂରାଜୀରେ ଆଧ୍ୟାତ୍ମିକ ଇଚ୍ଛା ଶକ୍ତି, ବୌଦ୍ଧିକ ଜ୍ଞାନ ଏବଂ ସକ୍ରିୟ ବୁଦ୍ଧିମତ୍ତା ରୂପେ ଅସମ୍ପୂର୍ଣ୍ଣ ଭାବେ ବର୍ଣ୍ଣନା କରିଥାଉ ।

ପରେ ଜୀବାତ୍ମା ନିଜ ତରଫରୁ ତାହାର ଏକ ଛୋଟ ଅଂଶ ନିମ୍ନତର ମାନସ ଏବଂ କାମନା ସ୍ତରରେ ନେଇ ରଖେ ଏବଂ ଅବଶେଷରେ ସ୍ଥୂଳ ଶରୀରରେ ନିଜକୁ ପ୍ରକଟିତ କରେ । ଗୋଟିଏ ପରେ ଗୋଟିଏ କ୍ରମରେ ଏହି ପ୍ରକାର ଓହ୍ଲାଇ ଆସିବା ହେଉଛି ସମ୍ପୂର୍ଣ୍ଣ ଅବର୍ଣ୍ଣନୀୟ ଭାବେ ନିଜକୁ ସୀମିତ କରି ଦେବା । ତାହା

ଫଳରେ ଯେଉଁ ବ୍ୟକ୍ତିକୁ ଆମେ ଏଇଠି ନିମ୍ନରେ ସ୍ଥୂଳ ଜଗତରେ ଦେଖୁ, ତାହା ଖୁବ୍ ବେଶି ହେଲେ ଏକ ଅଂଶର ଏକ ଅଂଶ । ପ୍ରକୃତ ମାନବର ଅଭିବ୍ୟକ୍ତି ରୂପେ ଏହା ଏତେ ଅସଂପୂର୍ଣ୍ଣ ଯେ ବିବର୍ତ୍ତନ ଶେଷରେ ମନୁଷ୍ୟ ଯାହା ହେବ, ତାହା ସହିତ କାଣିଚାଏ ମଧ୍ୟ ସାମଞ୍ଜସ୍ୟ ଥିବା ଭଳି କୌଣସି ଧାରଣା ଏହା ଯୋଗାଇ ଦେଇ ପାରିବ ନାହିଁ ।

ଦୈନନ୍ଦିନ ଜୀବନରେ ଆମେ ଯେଉଁ ସବୁ ଜୀବାତ୍ମା ସମ୍ପର୍କରେ ଆସୁ, ସେମାନେ ଅବିଶ୍ୱାସ୍ୟ ଭାବେ ଦୀର୍ଘ କାଳ ବ୍ୟାପୀ ବିବର୍ତ୍ତନର ବିଭିନ୍ନ ପର୍ଯ୍ୟାୟରେ ରହିଛନ୍ତି । ସବୁ କ୍ଷେତ୍ରରେ ଜୀବାତ୍ମା ମୁଖ୍ୟତଃ ନିଜ ସ୍ତରରେ ହିଁ ରହିଥାଏ । ଆଗରୁ ଯେପରି କୁହାଯାଇଛି ତାହା ହେଉଛି ଆମର ମାନସ ସ୍ତରର ଉଚ୍ଚତର ଅଂଶ । ସେହି ସ୍ତରରେ, ବ୍ୟକ୍ତିତ୍ୱ ରୂପେ ତାର ପ୍ରକଟନ ବ୍ୟତୀତ ସେ ହୁଏତ ସମ୍ପୂର୍ଣ୍ଣ ଭାବେ ଜାଗ୍ରତ । ସେ ତାର ପରିବେଶ ସମ୍ପର୍କରେ ସଚେତନ ହୋଇ ଏକ ସକ୍ରିୟ ଜୀବନ ଯାପନ କରିପାରେ; କିମ୍ବା ଅନ୍ୟପକ୍ଷରେ ସେ ନିଦ୍ରାବିଷ୍ଟ ହୋଇ ପରିବେଶ ସମ୍ପର୍କରେ ପ୍ରାୟ ସମ୍ପୂର୍ଣ୍ଣ ଅଚେତନ ହୋଇପାରେ ଏବଂ ସେହିହେତୁ ଆହୁରି ନିମ୍ନସ୍ତରମାନଙ୍କରେ କେବଳ ନିଜର ବ୍ୟକ୍ତିତ୍ୱ ଜରିଆରେ ସକ୍ରିୟ ଜୀବନ ଭଳି କିଛି ଅନୁଭବ କରିବାରେ ସକ୍ଷମ ହୋଇପାରେ ।

**ଉଚ୍ଚତର ସ୍ତରରେ ଦ୍ରୁତତର ସ୍ପନ୍ଦନ**

ମନୁଷ୍ୟ ଯେତେବେଳେ ବିଭିନ୍ନ ଉଚ୍ଚ ସ୍ତରରେ ତାର ଚେତନାକୁ ଜାଗ୍ରତ କରେ, ସେ ଦେଖେ ଯେ ପ୍ରତ୍ୟେକ ସ୍ତରର ସ୍ପନ୍ଦନ ତାହାର ନିକଟତମ ନିମ୍ନ ସ୍ତରର ସ୍ପନ୍ଦନ ଠାରୁ ଅଧିକ ଦ୍ରୁତତର । ଆମେ ଯେତେବେଳେ ଏକ ଜୀବାତ୍ମାକୁ ନିଜ ସ୍ତରରେ ବିକଶିତ ବୋଲି କହୁ, ଆମେ ସୂଚାଇ ଦେଉ ଯେ ସେହି ସ୍ତରର ସବୁ ପ୍ରକାର ସ୍ପନ୍ଦନ ପ୍ରତି ପୂର୍ଣ୍ଣ ଭାବେ ପ୍ରତିକ୍ରିୟା ଶୀଳ । ଯଦି ସେ ସେପରି ସଚେତନ ନଥାଏ, ତେବେ ଏହି ସବୁ ଅତି ଦ୍ରୁତ ସ୍ପନ୍ଦନ ତା ଉପର ଦେଇ ଚାଲିଯାଏ, କିନ୍ତୁ ତାକୁ ପ୍ରଭାବିତ କରେ ନାହିଁ । ଚେତନା ଲାଭ କରିବା ପାଇଁ ସେ ନିଜକୁ ନିମ୍ନତର ସ୍ତରରେ ରଖିବାକୁ ହେବ ଏବଂ ଏକ ସ୍ଥୂଳତାର ସ୍ତରର ପଦାର୍ଥର ଏକ ଶରୀରକୁ ଟାଣି ଆଣି ନିଜ ଚାରି ପାଖରେ ଘେରାଇ ରଖିବ, ଯାହାର ସ୍ପନ୍ଦନଗୁଡ଼ିକର ପ୍ରତ୍ୟୁତ୍ତର ସେ ଦେଇ ପାରୁଥିବ । ସେହି ନିମ୍ନସ୍ତରରେ ବହୁ ଅଭ୍ୟାସ ଫଳରେ ସେ କ୍ରମଶଃ ବିକଶିତ ହେବ ଓ ତା'ଠାରେ ସେହି ସ୍ତରର ଉଚ୍ଚତାର ସ୍ପନ୍ଦନଗୁଡ଼ିକ ପ୍ରତି ପ୍ରତିକ୍ରିୟା ଦେଖାଇବାର କ୍ଷମତା ବୃଦ୍ଧି ପାଇବ । ତାପରେ ପରବର୍ତ୍ତୀ ଉର୍ଦ୍ଧ୍ୱତର ସ୍ତରର ସ୍ପନ୍ଦନଗୁଡ଼ିକ ପ୍ରତି ସେ ଅତି ଧୀର ଭାବରେ ଏବଂ କ୍ରମଶଃ ପ୍ରତିକ୍ରିୟା ଦେଖାଇପାରିବ । ଏହିପରି ସ୍ତର ସ୍ତର ଦେଇ ଚେତନା ଉପରକୁ ଗତି କରିବ ।

ସୁତରାଂ ବ୍ୟକ୍ତିତ୍ୱ ମଧ୍ୟରେ ଥିବା ତାର ଚେତନା ସର୍ବଦା ଜୀବାତ୍ମା ଆଡ଼କୁ ଊର୍ଦ୍ଧ୍ୱଗତି କରି ଚାଲିଥିବ ଏବଂ ଯେତେବେଳେ ଜୀବାତ୍ମାର ଚେତନା ଏହି ଭାବେ ସମ୍ପୂର୍ଣ୍ଣ ବିକଶିତ ହେବ, ସେତେବେଳେ ଜୀବାତ୍ମା ନିଜ ଆଡୁ ଊର୍ଦ୍ଧ୍ୱଗତି ଆରମ୍ଭ କରିବ ମୂଳ ଆତ୍ମା ଆଡ଼କୁ । ଭାରତରେ ଭୌତିକ ପଦାର୍ଥ-ଆଭିମୁଖୀ ଗତିକୁ କୁହାଯାଏ ପ୍ରବୃତ୍ତି ମାର୍ଗ ବା ବାହ୍ୟାଭିମୁଖୀ ମାର୍ଗ । ଯେତେବେଳେ ତାହା ଆବଶ୍ୟକୀୟ ନିମ୍ନତମ ବିନ୍ଦୁରେ ପହଞ୍ଚିଯାଏ ମନୁଷ୍ୟ ପ୍ରବେଶ କରେ ନିବୃତ୍ତି ମାର୍ଗରେ ବା ପ୍ରତ୍ୟାବର୍ତ୍ତନ ପଥରେ । ସେ ତାର ଦିନଯାକର ଶସ୍ୟ ଅମଳ କରି ଫେରେ ସମ୍ପୂର୍ଣ୍ଣ ଜାଗ୍ରତ ଚେତନା ରୂପକ ଶସ୍ୟଭାର ଧରି ଯାହା ତାକୁ ଉଚ୍ଚତର ସ୍ତରମାନଙ୍କରେ ବହୁ ପରିମାଣରେ ଅଧିକ ଉପଯୋଗୀ ହେବାରେ ସକ୍ଷମ କରାଏ । ଭୌତିକ ସ୍ତରକୁ ଅବତରଣ କରିବା ପୂର୍ବରୁ ସେ ଯେତିକି ଥିଲା, ତାହାଠାରୁ ଅଧିକ ।

ପ୍ରବୃତ୍ତି ପଥରେ ଜୀବାତ୍ମାର ନିମ୍ନତର ଅଂଶ ସକାଶେ ସବୁବେଳେ ଉଚ୍ଚତର ଅଂଶ ସହିତ ନିଜର ସମ୍ପର୍କକୁ ଭୁଲି ଯିବା ପାଇଁ ଏବଂ ନିଜ ସକାଶେ ଅତିବେଶି ଭୌତିକ ନିମ୍ନତମ ପ୍ରକଟନ ସହିତ ସମ୍ପୂର୍ଣ୍ଣ ଭାବେ ସାମିଲ ହୋଇ ଯିବା ପାଇଁ ପ୍ରଲୋଭନ ରହିଛି । ସେହି ପ୍ରକାରେ ଉଚ୍ଚତର ଅଂଶକୁ ନିଜକୁ ବିଚ୍ଛିନ୍ନ କରିବା ପାଇଁ ଏବଂ ନିମ୍ନତର ଜଗତରେ ନିଜ ଖାତା ନେଇ ବ୍ୟବସାୟ ଆରମ୍ଭ କରି ଦେବା ପାଇଁ ମଧ୍ୟ ପ୍ରଲୋଭନ ରହିଛି । ଧରି ନିଆଯାଇ ପାରେ ଯେ ଆତ୍ମାର ଅଂଶସ୍ୱରୂପ ଜୀବାତ୍ମା ନିଜେ ତାର ବହୁ ଊର୍ଦ୍ଧ୍ୱ ସ୍ତରରେ ସେହି ପ୍ରକାର ପ୍ରଲୋଭନ ବଶବର୍ତ୍ତୀ ହୋଇପାରେ । କିନ୍ତୁ ବର୍ତ୍ତମାନ ପାଇଁ ଆମେ ଆଲୋଚନା କରୁଛୁ ଜୀବାତ୍ମା ଏବଂ ବ୍ୟକ୍ତିତ୍ୱର ସମ୍ପର୍କ ନେଇ; ଆହୁରି ମଧ୍ୟ ବ୍ୟକ୍ତିତ୍ୱ ଜୀବାତ୍ମା ଆଡ଼କୁ ଲକ୍ଷ୍ୟ କରି ତାହା ସହିତ ମିଳିତ ହେବାପାଇଁ ଚେଷ୍ଟା କରିବାର ଦୃଷ୍ଟିକୋଣରୁ ଆମେ ଏହା ଆଲୋଚନା କରୁଛୁ ।

ଜୀବାତ୍ମା ବ୍ୟକ୍ତିତ୍ୱ ସହିତ ସଂଯୁକ୍ତ ରହିଛି କାରଣ ପ୍ରଗାଢ଼ ଅନୁଭୂତି ପାଇଁ ରହିଛି ତାର କ୍ଷୁଧା ବା ତୃଷ୍ଣା । ସେ ତାର ନିଜ ସ୍ତରରେ ଅବିକଶିତ; ସେହି ସ୍ତରର ଉଚ୍ଚ ସ୍ପନ୍ଦନ ପ୍ରତି ପ୍ରତକ୍ରିୟା ଦେଖାଇବାରେ ଅକ୍ଷମ । ନିମ୍ନତର ସ୍ତରଗୁଡ଼ିକର ଅପେକ୍ଷାକୃତ ଧୀର ସ୍ପନ୍ଦନ ତାହା ସକାଶେ ଅଧିକ ସାର୍ଥକ ଏବଂ ସେଥିପାଇଁ ସେ ବାରମ୍ବାର ଫେରି ଆସି ସେଗୁଡ଼ିକୁ ଚାହେଁ । ସେ ଯେତେବେଳେ ବିକଶିତ ହୁଏ, ତାର କ୍ଷୁଧା କ୍ରମେ କ୍ରମେ କମିଯାଏ ଏବଂ ସମୟେ ସମୟେ ସେ ଯେତେବେଳେ ପ୍ରଗତି ଲାଭ କରି ନିଜ ସ୍ତରର ଆନନ୍ଦ ଓ କାର୍ଯ୍ୟକଳାପ ପ୍ରତି ସମ୍ବେଦନଶୀଳ

ହୁଏ,ସେ ଅନ୍ୟ ଚରମ ଅବସ୍ଥାକୁ ଚାଲିଯାଇ ତାର ବ୍ୟକ୍ତିତ୍ୱକୁ ଅବହେଳା କରିବାକୁ ଲାଗେ । କାରଣ ତାହା କର୍ମର ପ୍ରଭାବାଧୀନ ହୋଇ ଏପରି ଏକ ଅବସ୍ଥାରେ ବୁଡି ରହିଥାଏ । ତାହା ଜୀବାତ୍ମା ସକାଶେ ବର୍ତ୍ତମାନ ହୁଏ ଦୁଃଖ ଏବଂ ଅବସାଦମୟ । କାରଣ ଜୀବାତ୍ମା ଅନୁଭବ କରେ ସେ ବିକଶିତ ହୋଇ ସେହି ଅବସ୍ଥାକୁ ଡେଇଁ ଆସିଛି ।

ସେ ଯେତେବେଳେ ତାର ବ୍ୟକ୍ତିତ୍ୱକୁ ବିକଶିତ କଲା, ନିମ୍ନତର ସ୍ତର ପ୍ରତି ତାର ତୃଷା ହ୍ରାସ ପାଇଲା । ସେ ଯେତେବେଳେ ତାର ପୂର୍ଣ୍ଣ ଚେତନା ପାଇଲା କାମ ଲୋକରେ । ସ୍ଥୂଳ ଜୀବନ ତାହା ତୁଳନାରେ ନିଷ୍ପ୍ରଭ ରୂପେ ଦେଖାଦେବାକୁ ଆରମ୍ଭ କଲା; ନିମ୍ନତର ଜଗତରେ ପ୍ରବେଶ କରି ସେ କାମ ଲୋକକୁ ଆରମ୍ଭ କଲା; ନିମ୍ନତର ମାନସ ଜଗତରେ ପ୍ରବେଶ କରି ସେ କାମ ଲୋକକୁ ଦେଖିଲା ଅନ୍ଧକାରମୟ ଏବଂ ଶ୍ରୀହୀନ; ଏବଂ ନିମ୍ନରେ ଥିବା ତିନୋଟିଯାକ ସ୍ତର ନିଜର ଆକର୍ଷଣ ହରାଇ ବସିଲେ । ଯେତେବେଳେ ସେ କାରଣ ଶରୀରର ଆହୁରି ଅଧିକ ସକ୍ରିୟ ଏବଂ ଆଲୋକମୟ ଜୀବନକୁ ଉପଭୋଗ କରିବା ପାଇଁ ସକ୍ଷମ ହେବାକୁ ଆରମ୍ଭ କଲା ।

ବହୁ ଲୋକ ବିବର୍ତ୍ତନର ସେହି ବିନ୍ଦୁରେ ପହଞ୍ଚିଛନ୍ତି ଯେଉଁଠି ନିଦ୍ରାକାଳରେ ସେମାନେ କାମ ଲୋକରେ ଘୂରି ବୁଲି ଉପଯୋଗୀ କାମ କରି ପାରନ୍ତି । ଗୁଢତତ୍ତ୍ୱର ଅଧ୍ୟୟନ କରିଥିବା ସମସ୍ତେ ନିଜର କାମନା ଶରୀରକୁ ଭଲ ଭାବେ ବିକଶିତ କରନ୍ତି ଏବଂ ତାକୁ ଉପଯୋଗ କରିବା ପାଇଁ ପ୍ରସ୍ତୁତ କରିଥାନ୍ତି, ଯଦିଓ ଅନେକ ଏପର୍ଯ୍ୟନ୍ତ ସେଗୁଡ଼ିକ ବ୍ୟବହାର କରିବାର ଅଭ୍ୟାସ ଲାଭ କରି ନାହାନ୍ତି । ମାନସ ଯାନର ନିମ୍ନତମ ଅଂଶ ମଧ୍ୟ ଶୃଙ୍ଖଳିତ ହୋଇ ସକ୍ରିୟ ହେବା ପାଇଁ ପ୍ରସ୍ତୁତ ରହିଥାଏ ନିୟମିତ ଧ୍ୟାନ ତାକୁ ବିକଶିତ କରେ ଓ ନିୟନ୍ତ୍ରଣକୁ ଆଣିଥାଏ । ଏହି ଅବସ୍ଥାରେ ସେହି ଶରୀରର ଉପଯୋଗ କରିବାକୁ ମନୁଷ୍ୟକୁ ଶିକ୍ଷା ଦିଆଯାଇ ପାରେ ଏବଂ ସେ ସେତେବେଳେ ସୁପ୍ତ ଅବସ୍ଥାରେ ତାର କାମନା ଶରୀରକୁ ସ୍ଥୂଳ ଶରୀର ସହିତ ଛାଡ଼ିଦେଇ ପାରେ । ସେଥିରେ ସଫଳତା ପାଇବା ପରେ, କାରଣ ସ୍ତରରେ ସେହି ପ୍ରକ୍ରିୟା ପୁନର୍ବାର କାର୍ଯ୍ୟକାରୀ ହୁଏ ଏବଂ ସେତେବେଳେ ଜୀବାତ୍ମା ଜାଗ୍ରତ ହୋଇ ନିଜ ସ୍ତରରେ ସକ୍ରିୟ ହୁଏ ।

ସମସ୍ତ ନିମ୍ନତର ଯାନ ହେଉଛି ଅସ୍ଥାୟୀ ଆବରଣ-ଯାହାକୁ ଆମେ ପରିଧାନ କରୁ ସେଗୁଡ଼ିକର ସ୍ତରର ଶକ୍ତି ସମୂହ କିପରି ବ୍ୟବହାର କରାଯିବ, ତାହା ଶିକ୍ଷା କରିବା ପାଇଁ । ଆମେ ଯେତେବେଳେ ତାହା ସମ୍ପୂର୍ଣ୍ଣ ଭାବେ ଶିକ୍ଷା କରୁ ଏବଂ

ଜୀବାତ୍ମା କାରଣ ଶରୀରରେ ଭଲ ଭାବରେ କାମ କରେ । ତାହା ଘଟିଥାଏ ଚତୁର୍ଥ ଦୀକ୍ଷାବେଳେ-ସେହି ସବୁ ସ୍ତରରେ ପୁଣି ଜନ୍ମ ନେବାର ଆବଶ୍ୟକତା ନଥାଏ । ସେଗୁଡ଼ିକ ଉପରେ ବିଜୟ ହାସଲ କରିବା ପରେ ମନୁଷ୍ୟ ଯେକୌଣସି ସମୟରେ ଏକ ଅସ୍ଥାୟୀ କାମନା ଶରୀର ଓ ମାନସ ଶରୀରକୁ ବାସ୍ତବ ଆକାର ଦେଇ ପାରେ ଏବଂ ସେହି ସ୍ତର ଗୁଡ଼ିକରେ ଦେଖା ଦେଇ ସେ ଯାହା ଚାହେଁ ତାହା କରିପାରେ । ଯେ ସେହି ଅବସ୍ଥାରେ ପହଞ୍ଚିଛନ୍ତି ତାଙ୍କ ସକାଶେ ଆଉ ଅବସାଦମୟ ଏବଂ ଅତିଶୟ ଅପ୍ରୀତିକର ଜନ୍ମ-ମୃତ୍ୟୁ ଚକ୍ର ମଧ୍ୟ ଦେଇ ଯିବାର ଆବଶ୍ୟକତା ନଥାଏ । ସମ୍ଭବତଃ ଆମେ ସବୁବେଳେ ଏହାକୁ ସେତେ ଅପ୍ରୀତିକର ମନେ କରୁନାହିଁ, କାରଣ ଜୀବନରୁ ଆମେ କିଛି ଆନନ୍ଦ ପାଇଥାଉ । ସେ କଥା ସତ, କିନ୍ତୁ ଆମେ ଯଦି ଜୀବାତ୍ମାର ଦୃଷ୍ଟିକୋଣରୁ ଦେଖିବା, ତେବେ ଆମେ ଉପଲବ୍ଧି କରିବା ଯେ ଚିରନ୍ତନ ଚୈତନ୍ୟ ପକ୍ଷରେ ଏଇଠି 'ଅକ୍ଷମ, ଆବଦ୍ଧ ଓ ସୀମିତ' ରହିବା କିପରି ଅକଥନୀୟ ଭାବେ ଅବସାଦମୟ । ଏପରି ଏକ ଶରୀର ଭିତରେ ରହି ତାହା ଏହି କାମ କରି ପାରିବ ନାହିଁ ଏବଂ ସେହି କାମ କରିବ ନାହିଁ । ଆମେ ଯେତେବେଳେ ଏହା ଭିତରେ ରହିଛୁ ଆମେ ଏହାର ସର୍ବୋତ୍ତମ ଉପଯୋଗ କରିବା କିନ୍ତୁ ଏହା କେବଳ ଏକ ଅସ୍ଥାୟୀ ଶରୀର ଶିକ୍ଷାଲାଭ ଉଦ୍ଦେଶ୍ୟରେ ପିନ୍ଧା ଯାଇଛି ଏବଂ ଆମେ ଯେତେବେଳେ ଶିକ୍ଷାଲାଭ ଶେଷ କରିବା ସେତେବେଳେ ସେହି ସମଗ୍ର ଶରୀର ପରିତ୍ୟାଗ କରିବାରେ ଆମେ ଅତିଶୟ ଆନନ୍ଦିତ ହେବା ।

**କାମନା ହିଁ ଅନ୍ତରାୟ**

ଯେଉଁ ବ୍ୟକ୍ତି କାରଣ ସ୍ତରରେ କିଛି ଅନୁଭୂତି ଲାଭ କରିଥାନ୍ତି, ସେ ସମୟେ ସମୟେ ନିମ୍ନତର ତିନିଟି ଜଗତର ଯନ୍ତ୍ରଣାଦାୟକ ସୀମିତତାକୁ ଅତିଶୟ ଗଭୀର ଭାବରେ ଅନୁଭବ କରନ୍ତି । ସେ ଜୀବାତ୍ମାର ନିଜ ଜଗତର ସମସ୍ତ ଗୌରବମୟ ସ୍ୱାଧୀନତା, ପ୍ରେମ ଏବଂ ସତ୍ୟ ପାଇ ପାରନ୍ତି ନାହିଁ । ସେ ଏହି ଅନ୍ଧକାରମୟ ଅବସ୍ଥା ମଧ୍ୟକୁ ଅବତରଣ କରିବାର କାରଣ ଉପଲବ୍ଧି କରନ୍ତି ଏବଂ ସେତେବେଳେ ନିଜକୁ କହି ପାରନ୍ତି, "ମୁଁ ଏହି କାମନା ପରିତ୍ୟାଗ କରିବି, ଯାହା ମୋତେ ଏହି ନିମ୍ନ ସ୍ତରରେ ଜନ୍ମ ନେବା ପାଇଁ ଟାଣି ଆଣିବାର ମୁଖ୍ୟ କାରଣ ଏବଂ କୌଣସି ଆସକ୍ତି ନରଖି କାର୍ଯ୍ୟ କରିବା ଦ୍ୱାରା ମୁଁ ମୋର କର୍ମରେ ସମତା ଆଣିବି ।"

ଯେଉଁ ବ୍ୟକ୍ତି ଏପରି କହି ପାରିବେ, ସେ ବିକାଶ ଲାଭ କରି ସାରିଛନ୍ତି । ସେ ଏ ବିଷୟଗୁଡ଼ିକ ସମ୍ପର୍କରେ ଗୁଡ଼ାଏ ଭାବିଛନ୍ତି ଏବଂ ସେ ହେଉଛନ୍ତି

ମନୋବିଜ୍ଞାନୀ ଏବଂ ଦାର୍ଶନିକ । ସେ ଭାବିଚିନ୍ତି କହନ୍ତି, "ମୁଁ ଏହି କାମନାକୁ ପରିତ୍ୟାଗ କରିବି । ମୁଁ ସଠିକ୍ ଭାବେ କର୍ମରେ ସମତା ଆଣିବି ଏବଂ ତାହାହେଲେ ମୋତେ ଫେରାଇ ଆଣିବାକୁ କିଛି ନଥିବ ।" ତାହା କରାଯାଇ ପାରେ ସେ ଯେତେବେଳେ ସଫଳ ହୁଅନ୍ତି । ଭାରତରେ, ତାର ସମଗ୍ର ଇତିହାସରେ, ଏଭଳି ଅନେକ ରହିଛନ୍ତି ଯେଉଁମାନେ ଏହା କରି ସଫଳ ହୋଇଛନ୍ତି । ସେ ଜନ୍ମମୃତ୍ୟୁର ଚକ୍ରରୁ ରକ୍ଷା ପାଆନ୍ତି । ସେ ସ୍ୱର୍ଗଲୋକରେ ରହନ୍ତି କିମ୍ବା ହୁଏତ କାରଣ ସ୍ତରରେ ପହଞ୍ଚି ପାରନ୍ତି । କିନ୍ତୁ ସାଧାରଣତଃ ସେ ତାହାଠାରୁ ଉଚ୍ଚତର ସ୍ତରକୁ ଯାଇ ପାରନ୍ତି ନାହିଁ। ସେ ଲାଭ କରନ୍ତି ଯାହାକୁ କୁହାଯାଏ ମୋକ୍ଷ ।

ଯେଉଁ ବ୍ୟକ୍ତି ତାହା କରି ପାରନ୍ତି, ସେ ନିଶ୍ଚୟ ସମସ୍ତ ନିମ୍ନତର ବସନା ଓ କାମନାର ଊର୍ଦ୍ଧ୍ୱକୁ ନିଜକୁ ନେଇ ପାରିଛନ୍ତି । ତା ନହେଲେ ତାହା ଅସମ୍ଭବ ହୁଅନ୍ତା । ତଥାପି ସେ କ୍ରମବିକାଶର ଗୋଟିଏ ଦିଗକୁ ଭୁଲି ଯାଇଛନ୍ତି । ସେ କର୍ମ ନିୟମର କାର୍ଯ୍ୟ-ପ୍ରଣାଳୀକୁ ଭଲ ଭାବରେ ବୁଝିଛନ୍ତି ଏବଂ ସେହିହେତୁ ସେ ନିଜକୁ ସେଥିରୁ ମୁକ୍ତ କରି ପାରିଛନ୍ତି । କିନ୍ତୁ ସେ କ୍ରମବିକାଶର ନିୟମକୁ ସମ୍ପୂର୍ଣ୍ଣ ଭାବେ ଶିଖି ନାହାନ୍ତି ଏବଂ ସେଥିରୁ ସେ ନିଜକୁ ମୁକ୍ତ କରି ନାହାନ୍ତି । ସେ ବିଦ୍ୟାଳୟର ଏକ ବୁଦ୍ଧିମାନ୍ ଛାତ୍ର ଭଳି ଯେ ନିଜ ସାଥୀମାନଙ୍କଠାରୁ ଢେର୍ ଆଗକୁ ମାଡି ଯାଇଛନ୍ତି ଏବଂ ଆଗତୁରା କେତେକ ପରୀକ୍ଷା ଦେଇ ଦେଇଛନ୍ତି ଏବଂ ତାପରେ ତିନି ଚାରି ବର୍ଷ କିଛି ନକରି ରହିଛନ୍ତି, ଯେତେବେଳେ ଅନ୍ୟ ପିଲାଏ ତାରି ସ୍ତରକୁ ଆସୁଛନ୍ତି । ଯେ ମୋକ୍ଷ ଲାଭ କରନ୍ତି, ତାଙ୍କର ଠିକ୍ ସେଇଆ ହୋଇଥାଏ । ମଣିଷ-ଜାତି ସକାଶେ ଯେଉଁ ଲକ୍ଷ୍ୟ ରହିଛି, ସେ ତାହା ଲାଭ କରି ନାହାନ୍ତି – କାରଣ ମାନବ ସମାଜର କ୍ରମବିକାଶ ଶେଷ ହୁଏ ସିଦ୍ଧ ପୁରୁଷ ହେବାରେ ।

## ସିଦ୍ଧ ପୁରୁଷଙ୍କ ଯୋଗ୍ୟତା

ଜଣେ ସିଦ୍ଧ ପୁରୁଷ କେବଳ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତ ଜଣେ ମାନବ ନୁହନ୍ତି । ସେ ମଧ୍ୟ ହେଉଛନ୍ତି ଏକ ଜୀବନ୍ତ ଶକ୍ତି । ସେ ଆତ୍ମା ସହିତ ଏକ ହୋଇଛନ୍ତି, ଯେଉଁ ଆତ୍ମା ନିଜେ ହେଉଛି ଈଶ୍ୱରଙ୍କର ଏକ ସ୍ଫୁଲିଙ୍ଗ । କିନ୍ତୁ ଈଶ୍ୱରଙ୍କ କାର୍ଯ୍ୟ ପ୍ରଣାଳୀ ହେଉଛି ନିଜକୁ ତଳକୁ ପ୍ରେରଣ କରିବା ଏବଂ ସମ୍ପୂର୍ଣ୍ଣ ସ୍ୱାର୍ଥ ତ୍ୟାଗ କରି ଏହି ସମଗ୍ର ଯୋଜନା ଭିତରକୁ ନିଜକୁ ଢାଳିନେବା । ସୁତରାଂ ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ସହିତ ଏକ ହୁଅନ୍ତି, ସେ ମଧ୍ୟ ସ୍ୱାର୍ଥତ୍ୟାଗର ମନୋଭାବରେ ପୂର୍ଣ୍ଣ ହେବା ଉଚିତ୍ । ସର୍ବଶ୍ରେଷ୍ଠ ଦାନଶୀଳ ଯାହା କରି ପାରନ୍ତି, ଜଣେ ସିଦ୍ଧ ପୁରୁଷ ତାହାଠାରୁ

ବହୁ ଅଧିକ ଭଲ କାମ କରନ୍ତି ଏବଂ ଉଚ୍ଚତର ସ୍ତରମାନଙ୍କରେ ସେ ସର୍ବଦା ତାହା କରୁଛନ୍ତି । କିନ୍ତୁ ସେ ତାହା କରନ୍ତି ମାନବସମାଜ ପକ୍ଷରୁ, ଯେଉଁ ସମାଜର ସେ ଏକ ଅଂଶ । ସେହି ହେତୁ ସେହି କର୍ମର ଫଳ ମଣିଷ ସମାଜ ସକାଶେ ଆସେ, ତାଙ୍କ ସକାଶେ ନୁହେଁ । ସୁତରାଂ ତାଙ୍କୁ ପୁନର୍ଜନ୍ମ ସହିତ ବାନ୍ଧି ରଖିବା ପାଇଁ କିଛି ନଥାଏ ଅଥଚ ସମଗ୍ର ମାନବ ସମାଜ କିଞ୍ଚିତ ଉନ୍ନତ ହୁଏ । ଏହା ବିରାଟ ଧରଣର ଉନ୍ନତି ନୁହେଁ । ସେହି ପରିମାଣର କର୍ମ ସମଗ୍ର ପୃଥିବୀରେ ପ୍ରସାରିତ ହେଲେ କୌଣସି ଏକ ବ୍ୟକ୍ତି ପାଇଁ ସେହି କର୍ମର ପରିମାଣ ବେଶୀ ହେବ ନାହିଁ । ତଥାପି ସମସ୍ତଙ୍କ ପାଇଁ ଏହା ସଧୀର କ୍ରମୋନ୍ନତି ହୋଇଥାଏ । ସେହି ହେତୁ, ଗୋଟିଏ ଅର୍ଥରେ, ପ୍ରତ୍ୟେକ ବ୍ୟକ୍ତି ଯେତିକି ପରିମାଣ ପାଇବା ସକାଶେ ସଠିକ୍ ଭାବେ ଉପଯୁକ୍ତ, ତାହାଠାରୁ କିଛି ଅଧିକ ପାଇଥାନ୍ତି । ଅବଶ୍ୟ ଏଥିରେ କୌଣସି ଅନ୍ୟାନ୍ୟ ହୁଏ ନାହିଁ-କାରଣ ଯେମିତି ବର୍ଷା ପାଣି ଭଲ ଏବଂ ମନ୍ଦ ଉଭୟ ପାଇଁ ସମାନ ଭାବେ ପଡ଼ିଥାଏ, ଏହା ସେହିପରି ପ୍ରତ୍ୟେକ ବ୍ୟକ୍ତି ସକାଶେ ସମାନ ହୋଇଥାଏ ।

ସେହିହେତୁ ସହସ୍ର ସହସ୍ର ବା ଏପରିକି ବହୁ ଅୟୁତ ବର୍ଷ ପରେ ଯେଉଁ ବ୍ୟକ୍ତି ମୋକ୍ଷ ଲାଭ କରନ୍ତି, ସେ ଦେଖନ୍ତି ଯେ କ୍ରମବିକାଶର ଜୁଆର ତାଙ୍କର ସ୍ତର ପର୍ଯ୍ୟନ୍ତ ଉଠି ଆସିଛି ଏବଂ ପୁଣି ଥରେ ତାଙ୍କ ଚାରି ପାଖରେ ବାଡେଇ ହେଉଛି । ଫଳରେ ତାଙ୍କୁ ପୁଣି ଫେରିଆସି ଜନ୍ମ ନେବାକୁ ହେବ ଏବଂ ପୁଣି ବିକାଶ ଲାଭ କରିବାକୁ ହେବ । ଯେ ମୋକ୍ଷ ଚାହାନ୍ତି ସେ ସାଧାରଣତଃ ଜାଣନ୍ତି ଯେ ତାଙ୍କର ମୁକ୍ତି ଚିରଦିନ ସକାଶେ ନୁହେଁ । ତେବେ ସେ ଭାବନ୍ତି ଯେ ତାଙ୍କୁ ଫେରାଇ ଅଣାଯିବ ଅତି ଦୂର ଭବିଷ୍ୟତରେ ଏବଂ ତାଙ୍କର ଫେରି ଆସିବା ବେଳକୁ ପୃଥିବୀ ହୁଏତ ଆହୁରି ଉନ୍ନତତର ହୋଇଥିବା । ସେ କହନ୍ତି, "ମୁଁ ସେହି ଅବସ୍ଥା ସମ୍ଭାଳି ନେବି- ମୁଁ ହଜାର ହଜାର ବର୍ଷ ଧରି ସ୍ୱାଧୀନତା ପାଇବି ଏବଂ ସେହି ସମଗ୍ର କାଳ ସ୍ୱର୍ଗ ଲୋକରେ ଉପଭୋଗ କରିବି ।"

**ସମାଧି କହିଲେ କ'ଣ ବୁଝାଏ ?**

ଆମର ଆଦର୍ଶ ଲକ୍ଷ୍ୟ ହେଉଛି ଆମେ ଯେଉଁ ସବୁ ସ୍ତରରେ ପହଞ୍ଚି ପାରୁଛୁ, ତା ମଧ୍ୟରୁ ସର୍ବୋଚ୍ଚ ସ୍ତରରେ ସମ୍ପୂର୍ଣ୍ଣ ଚେତନା ଅବସ୍ଥାରେ ରହିବା । ଯେ କୌଣସି ସ୍ତରରେ ଆମେ ସନ୍ତୁଷ୍ଟ ହୋଇ ବିଶ୍ରାମ ନେବା ପାଇଁ ଇଚ୍ଛା କରୁନାହୁଁ । ତେବେ ଅନ୍ୟ ପକ୍ଷରେ ଆମେ ଆମର ଚେତନାକୁ ପରିତ୍ୟାଗ କରି ସମାଧିସ୍ଥ ହେବାକୁ ଚାହୁଁ ନାହୁଁ, ଯେମିତି କେତେକ ଲୋକ କରନ୍ତି ସେମାନଙ୍କର ଜାଗ୍ରତ ଚେତନାର

ସୀମାର ଊର୍ଦ୍ଧ୍ୱରେ ଏକ ସ୍ତରରେ ପହଞ୍ଚିବା ସକାଶେ । ଲୋକେ ସମୟେ ସମୟେ 'ସମାଧିସ୍ଥ ହେବା ପାଇଁ' କହନ୍ତି । ଆଉ କେତେକ ବ୍ୟକ୍ତି ଯେଉଁମାନେ ସଂସ୍କୃତ ଶବ୍ଦର ଉଚ୍ଚାରଣ ଭଲ ପାଆନ୍ତି, ସେମାନେ ଧ୍ୟାନ କରିବାବେଳେ ସମାଧିରେ ରହିବା କଥା କହନ୍ତି । ଏହି ଶବ୍ଦଟିର ଅର୍ଥ ସମ୍ପର୍କରେ ଆମର ବହୁ ଗୋଳମାଳିଆ ଧାରଣା ଥିଲା – ଯେ ପର୍ଯ୍ୟନ୍ତ ଆମେ ବୁଝିପାରି ନଥିଲୁ ଯେ ଏହା ଆପେକ୍ଷିକ ଶବ୍ଦ ।

ଯେ କୌଣସି ବ୍ୟକ୍ତି ସକାଶେ ସମାଧି ହେଉଛି- ସେ ଯେଉଁ ବିନ୍ଦୁ ପର୍ଯ୍ୟନ୍ତ ନିଜର ସ୍ୱଷ୍ଟ ଚେତନା ଧରି ରଖି ପାରନ୍ତି, ସେହି ବିନ୍ଦୁର ଠିକ୍ ଊର୍ଦ୍ଧ୍ୱରେ । ଯଦି ଜଣେ କାମନା ଜଗତରେ ସଚେତନ କିନ୍ତୁ ମାନସ ଜଗତରେ ସଚେତନ ନୁହନ୍ତି, ତାହାହେଲେ ତାଙ୍କ ସକାଶେ ସମାଧି ହେବ ପରବର୍ତ୍ତୀ ସ୍ତରରେ, ଅର୍ଥାତ୍ ମାନସ ଲୋକରେ । ଏହା ହେଉଛି ମନୁଷ୍ୟ ଯେଉଁ ପର୍ଯ୍ୟନ୍ତ ସଚେତନ ରହିପାରେ, ତାର ପରବର୍ତ୍ତୀ ଅବସ୍ଥା । ଏହା ହେଉଛି ଏକ ପ୍ରକାର ନିଷ୍ପନ୍ଦ ଅବସ୍ଥାରେ ପହଞ୍ଚିଯିବା ଯେଉଁଥିରୁ ମଣିଷ ଉଠି ଆସେ ସମସ୍ତ ପ୍ରକାର ଗୌରବମୟ ସୁନ୍ଦର ଭାବନା ସହିତ, କିନ୍ତୁ ସାଧାରଣତଃ ସ୍ୱଷ୍ଟ ଚେତନାର ଅଭାବ ସହିତ । ଯେତେବେଳେ ଲୋକେ ଧ୍ୟାନରେ ବସନ୍ତି, ସେତେବେଳେ ସେମାନେ ସମାଧିସ୍ଥ ହେବା କଥା ନୁହେଁ । ସେମାନେ ନିଜର ଚେତନାକୁ ଧରି ରଖିବା ଦରକାର, ଯାହା ଫଳରେ ଯେତେବେଳେ ସେମାନେ ସେଥିରୁ ଫେରି ଆସିବେ, ସେତେବେଳେ ସେ ଯାହା ଦେଖିଥିବେ ତାହା ମନେ ରଖି ପାରିବେ । ମୁଁ ଜାଣେ ବହୁ ଲୋକେ ସମାଧିସ୍ଥ ହୋଇ ଅତିଶୟ ସୁଖ ଏବଂ ଆନନ୍ଦ ଅନୁଭବ କରନ୍ତି । ତେବେ ତାହାର ଅର୍ଥ ପ୍ରଗତି ନୁହେଁ, କାରଣ ସେମାନେ ମନେ ରଖି ପାରନ୍ତି ନାହିଁ ଏବଂ ଭଲଭାବେ ଜାଣନ୍ତି ନାହିଁ ସେମାନେ ସେତେବେଳେ କଣ କରୁଥିଲେ । ସେଥିରେ ସର୍ବଦା ଏକ ନିର୍ଦ୍ଦିଷ୍ଟ ବିପଦ ରହିଛି – ମଣିଷ ଜାଣେ ନାହିଁ ସେ ଫେରି ପାରିବାରେ ସକ୍ଷମ ହେବ କି ନା ।

ଡଃ. ବେସାନ୍ତ ଏବଂ ମୁଁ ଥରେ ଲକ୍ଷ୍ୟ କରୁଥିଲୁ ଉଚ୍ଚତର ସ୍ତରମାନଙ୍କରୁ ପ୍ରବଳ ବେଗରେ ଉଚ୍ଛୁଳି ଆସୁଥିବା ଜୀବନ ଶକ୍ତିର ଧାରାକୁ-ସବିତା ଦେବଙ୍କ ଠାରୁ ଧପ୍ ଧପ୍ ହୋଇ ଛୁଟି ଆସୁଥିବା ବିରାଟ ଲହରୀମାଳା । ଡଃ.ବେସାନ୍ତ କହିଲେ, "ଚାଲ ଯିବା, ଲହରୀ ଭିତରକୁ ଡେଇଁ ପଡ଼ିବା, ଦେଖିବା, ତାହା ଆମକୁ କେଉଁଠାକୁ ନେଉଛି ।" ଆମେ ତା ଭିତରକୁ ଡେଇଁ ପଡ଼ିଥାନ୍ତୁ, ଯଦି ତାଙ୍କର ଗୁରୁ ହସ୍ତକ୍ଷେପ କରି ନଥାନ୍ତେ ଏବଂ ବାରଣ କରି ନଥାନ୍ତେ । ପରେ ଡଃ. ବେସାନ୍ତ ତାଙ୍କୁ ପଚାରିଲେ, "ଆମେ ଯଦି ସେହି ଲହରୀ ଭିତରକୁ ଡେଇଁ ପଡ଼ିଥାନ୍ତୁ,

ତାହାହେଲେ ଆମେ କେଉଁଠି ଯାଇ ପହଞ୍ଚିଥାନ୍ତୁ ?” ସେ କହିଲେ, “ତୁମେମାନେ ହୁଏତ ବୋହି ଯାଇଥାନ୍ତ ଦଶହଜାର ବର୍ଷ, ବା ସେହିପରି କେତେ କାଳ ପରେ ପହଞ୍ଚି ଥାନ୍ତ କେଉଁଠି ସିରିଅସରେ ବା ଅନ୍ୟ କୌଣସି ସୌର ମଣ୍ଡଳରେ ।” ସ୍ପଷ୍ଟତଃ, ସେହି ପ୍ରକାର ପ୍ରବାହ ଭିତରକୁ ଡେଇଁ ପଡ଼ିବା ଆମ ପକ୍ଷରେ ବିଜ୍ଞୋଚିତ ନୁହେଁ, ଯେତେବେଳେ ଆମେ ସଠିକ୍ ଭାବେ ଜାଣିନାହୁଁ କଣ ହେଉଛି । ଚେତନା ହରାଇବା ଏକ ସମୁଚିତ ଯୋଜନା ନୁହେଁ । ଆମର ଯାନଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରିବା ଏବଂ ଆମେ କୁଆଡ଼େ ଯାଉଛୁ ସେ ବିଷୟରେ ଟିକିଏ ଦେଖିବା ଅଧିକ ଶ୍ରେୟସ୍କର । ତା ନହେଲେ ଆମେ ହୁଏତ ଆମର ଶରୀରର ଏବଂ ଆମର ସାମୟିକ ଉପଯୋଗିତା ହରାଇ ବସିବୁ । ଆମର ପ୍ରଣାଳୀ ହେଲା ଆମେ ଯେ କୌଣସି ସ୍ତରରେ ପହଞ୍ଚି ପାରିବା, ସେହି ସ୍ତରରେ ଆମର ପୂର୍ଣ୍ଣ ସଚେତନତା ବଜାୟ ରଖିବା ଏବଂ ସେହି ସ୍ତରରେ ଉପଯୋଗୀ ହେବା ପାଇଁ ଚେଷ୍ଟା କରିବା । ଆମର ଗୁରୁମାମାନେ କେବେହେଲେ କେବଳ ନିଷ୍କ୍ରିୟ ଧାରଣାରେ ବସି ରହିବାକୁ କହନ୍ତି ନାହିଁ । ଆମର ଲକ୍ଷ୍ୟ ନୁହେଁ ଯେ କୌଣସି ସ୍ଥାନରେ ବସି ପଡ଼ି ଉପଭୋଗ କରିବା, ବରଂ ସର୍ବଦା ଗୁରୁଙ୍କ କାର୍ଯ୍ୟରେ ଲାଗି ରହିବା ।

## ପ୍ରେମ ଓ ସେବା

ଚତୁର୍ଥ ଯୋଗ୍ୟତାର ଅନୁବାଦ କରିବାକୁ ଯାଇ ଗୁରୁ ଯେଉଁ ‘ପ୍ରେମ’ ବୋଲି କହିଛନ୍ତି ତାହା ତାଙ୍କର ମୁଖ୍ୟ ବିଶେଷତ୍ୱ । ସେ ସେହି ଶବ୍ଦର ପଛରେ ଥିବା କାରଣ ବୁଝାଇଛନ୍ତି । ସେ କହିଛନ୍ତି, “ମୁକ୍ତି ଚାହିଁବା ପାଇଁ ତୁମର କାରଣ କଣ ? ଅଧିକ ଭଲ ଭାବେ ସାହାଯ୍ୟ କରିବା ସକାଶେ ମୁକ୍ତ ହେବା ପାଇଁ ତୁମେ ଚାହୁଁଛ ଈଶ୍ୱରଙ୍କ ସହିତ ଏକ ହେବାକୁ । ଏହି ଈଶ୍ୱର କଣ ? ଈଶ୍ୱର ହେଉଛନ୍ତି ପ୍ରେମ । ତୁମକୁ ପ୍ରେମ ଭାବକୁ ଅବଶ୍ୟ ବିକାଶ କରିବାକୁ ହେବ ଯଦି ତୁମେ ଈଶ୍ୱରଙ୍କ ସହିତ ଏକ ହେବାକୁ ଚାହଁ । ସୁତରାଂ ଏହି ଯୋଗ୍ୟତା ହେଉଛି ପ୍ରକୃତରେ ପ୍ରେମ । *‘ମ୍ୟାନ୍, ହ୍ୱେନ୍ସ, ହାଓ ଏଣ୍ଡ ହ୍ୱିଦର୍’*ର ପାଠକଗଣ ମନେ ପକାଇବେ କିପରି ସେଥିରେ ବୁଝାଯାଇଛି ଯେ ଅନ୍ୟ ଗୋଲକମାଳାରୁ ଲୋକମାନଙ୍କ ବିଭିନ୍ନ ଦଳ ଏଠିକି ଚାଲି ଆସିବେ ଏବଂ କିପରି ସେମାନଙ୍କ ମଧ୍ୟରୁ କେତେକ ନିର୍ଦ୍ଦିଷ୍ଟ ଦଳଙ୍କୁ ନୌକାବାହିତ ସହାୟକଗଣ ବୋଲି ବର୍ଣ୍ଣନା କରାଯାଇଛି ।

ବସ୍ତୁତଃ ବ୍ରହ୍ମବିଦ୍ୟା ସମିତିର ସମସ୍ତ ସଭ୍ୟ ଏମାନଙ୍କ ଭିତରୁ ଏକ ଦଳର ଅନ୍ତର୍ଭୁକ୍ତ । ସୁତରାଂ ଆମର ମନୋଭାବରେ ସେବା କରିବାର ଭାବ ଅତିଶୟ ଦୃଢ଼

ହୋଇ ରହିଛି । ଆମେ ଜାଣୁ, ଆମେ ଯାହା ନେଇ ଜନ୍ମ ଗ୍ରହଣ କରିଛୁ, ସେଥିରୁ ଅଲଗା ହୋଇଯିବା କେତେ କଷ୍ଟକର । ଉଦାହରଣ ସ୍ୱରୂପ, ଆମର ଜାତୀୟତାରେ ରହିଛି କେତେକ ଛୋଟ ଛୋଟ ଦୃଷ୍ଟିଭଙ୍ଗୀ, ଯାହାକୁ ପରିତ୍ୟାଗ କରିବା ଅତିଶୟ କଷ୍ଟକର । ତାହା ହେଉଛି ବ୍ୟକ୍ତିତ୍ୱର ଜାତୀୟତା; କିନ୍ତୁ ଏହି ସେବାଭାବକୁ ଆମେ ଜୀବାତ୍ମାର ବା ହୁଏତ ଆତ୍ମାର ଜାତୀୟତା ବୋଲି କହିପାରୁ । ସେ ସେହି ଚାରିତ୍ରିକ ଗୁଣ ନେଇ ଜନ୍ମ ନେଇଛି ଏବଂ ସେହି ସମୟରୁ ସେ ତାକୁ ପରିପୁଷ୍ଟ କରିବାରେ ଲାଗିଛି ।

ଆମେ ବିଚାର କରୁଥିବା ଏହି ଆତ୍ମା ଭଳି ଉତ୍ତମ ଅନ୍ୟ କେତେକ ପ୍ରକାର ଆତ୍ମା ଯେ ଅଛନ୍ତି, ତାହା ବୁଝିବା ଆମ ପକ୍ଷରେ କଷ୍ଟକର । ସବିତା ଦେବତା ନିଜକୁ ପ୍ରକଟିତ କରନ୍ତି, ତିନିପ୍ରକାର ବିଭାଗ ଜରିଆରେ – ଇଚ୍ଛା, ଜ୍ଞାନ ଏବଂ ପ୍ରେମ । ସେହି ପ୍ରକାରେ ହିଁ ସେଗୁଡ଼ିକ ଏହି ବହିରେ ଦିଆଯାଇଛି । ଏହି ତିନିଟି ଯାକ ଧାରାରେ ହିଁ ଲୋକେ ତାଙ୍କ ନିକଟରେ ପହଞ୍ଚିଛନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ପଥ ହିଁ ତାଙ୍କ ପକ୍ଷରେ ସର୍ବୋତ୍ତମ । କିନ୍ତୁ ତାଙ୍କର ମନେ ରଖିବା ଉଚିତ ଯେ ଅନ୍ୟ ବ୍ୟକ୍ତିର ପଥ ମଧ୍ୟ ସେହି ଲୋକ ପକ୍ଷରେ ଶ୍ରେୟସ୍କର ଏବଂ ଦୀର୍ଘକାଳ ପରେ ସବୁ ପଥ ଏକ ହୁଅନ୍ତି । ଏକ ସଙ୍ଗେ ସମସ୍ତ ବିଭାଗ ମଧ୍ୟ ଦେଇ ଲକ୍ଷ୍ୟ କରିବା ଏବଂ ସେଗୁଡ଼ିକ ପ୍ରକୃତରେ ଏକ ବୋଲି ଜାଣିବା କ୍ଷମତା ଆମକୁ ହାସଲ କରିବାକୁ ହେବ । ଆଥାନାସୀୟ ଧର୍ମରେ କୁହାଯାଇଛି ଯେ ଆମକୁ ତ୍ରିଶକ୍ତି ତତ୍ତ୍ୱକୁ ଗ୍ରହଣ କରିନେବାକୁ ହେବ । ତିନି ଶକ୍ତିକୁ ନେଇ ବିଭ୍ରାନ୍ତ ହେବା ନାହିଁ କିମ୍ବା ମୁଖ୍ୟ ସତ୍ତ୍ୱକୁ ବିଭାଗ କରିବା ନାହିଁ । ଆମକୁ ଶିଖିବାକୁ ହେବ ଯେ ଚିରକାଳ ଧରି କେବଳ ଏକ ରହିଛନ୍ତି, ଯଦିଓ ତାଙ୍କର ପ୍ରକଟନ ଘଟିଛି ତିନି ଶକ୍ତି ମାଧ୍ୟମରେ ।

ପ୍ରଥମରୁ କୁହାଯାଇଛି ଯେ ଯଦି ମନୁଷ୍ୟ ମଧ୍ୟରେ ପ୍ରେମ ଯଥେଷ୍ଟ ଦୃଢ଼ ହୁଏ, ତାହା ତାକୁ ବାଧ୍ୟ କରେ ଅନ୍ୟ ଗୁଣଗୁଡ଼ିକୁ ହାସଲ କରିବା ପାଇଁ । ଏହା ଲୋକଙ୍କୁ କର୍ମଠ କରାଏ ନିଜର ଶକ୍ତି ଅନୁଯାୟୀ । ସର୍ବୋତ୍ତମ ଏବଂ ସବୁଠାରୁ ସୁନ୍ଦର ଏକ ଉଦାହରଣ ନିଆଯାଉ- ମାତୃ–ପ୍ରେମର । ଏକ ଆଦିବାସୀ ଜାତି ମଧ୍ୟରେ ତାହା କିପରି କାର୍ଯ୍ୟ କରେ ଦେଖାଯାଉ । ମା ବିଶେଷ କିଛି ଜାଣେ ନାହିଁ, ତେବେ ଅନ୍ତତଃ ସେ ତାର ଶିଶୁକୁ ରକ୍ଷା କରିବାକୁ ଏବଂ ଦରକାର ହେଲେ ତାରି ପାଇଁ ନିଜର ଜୀବନକୁ ମଧ୍ୟ ବଳି ଦେବାକୁ ପ୍ରସ୍ତୁତ ଥାଏ । ଆମ ଭିତରେ ଥିବା ସଭ୍ୟ ସମାଜର ମାତା, ଅନୁରୂପ ପରିସ୍ଥିତିରେ ଠିକ୍ ତାହା ହିଁ କରିବ । ମଝିରେ ମଝିରେ ଆପଣ ଶୁଣନ୍ତି ଏକ ଜଳନ୍ତା ଘରେ ଶିଶୁକୁ ବଂଚାଇବାକୁ ଯାଇ

ମାଆ ତା'ର ପ୍ରାଣ ହରାଇଛି କିମ୍ବା ବହୁ ସମୟରେ ଏକ ସଂକ୍ରାମକ ରୋଗରେ ପଡ଼ିଥିବା ପିଲାଟିର ସେବା କରି ପ୍ରାଣ ହରାଇଛି । ଆମ ଭିତରେ ସାଧାରଣ ଜୀବନରେ ସେହି ପ୍ରବଳ ସ୍ନେହ ମାଆକୁ ଚିନ୍ତା କରିବାକୁ ଶିଖାଏ । ପିଲାଟି ପାଇଁ ତାର ସ୍ନେହ ତାକୁ ପ୍ରବର୍ତ୍ତାଏ ସ୍ୱାସ୍ଥ୍ୟ ବିଜ୍ଞାନ, ଖାଦ୍ୟ ଏବଂ ସେହି ପ୍ରକାର ବିଷୟରେ ସବୁ କିଛି ପଢ଼ିବାକୁ । ସୁତରାଂ ପ୍ରେମ ହେତୁ ଶାରୀରିକ ତଥା ମାନସିକ କାର୍ଯ୍ୟ କଳାପ ଘଟିଥାଏ ।

ଗୁରୁଙ୍କ ପାଖରେ ପହଞ୍ଚିବାକୁ ହେଲେ ମନୁଷ୍ୟକୁ ପ୍ରେମଗୁଣ ଲାଭ କରିବାକୁ ହେବ, ଯାହା ହେଉଛି ସେବା ପାଇଁ ଏକ ଦୃଢ଼ ଇଚ୍ଛା । ସେଣ୍ଟ୍ ଜନ୍ କହିଛନ୍ତି "ଆମେ ଜାଣୁ ଯେ ଆମେ ମୃତ୍ୟୁକୁ ଜୀବନକୁ ଆସିଛୁ କାରଣ ଆମେ ଆମର ଭାଇମାନଙ୍କୁ ଭଲ ପାଉ । ଯେ ନିଜର ଭାଇକୁ ଭଲ ପାଏ ନାହିଁ, ସେ ମୃତ୍ୟୁରେ ହିଁ ବାସ କରେ ।" ସେ ଆହୁରି କହିଛନ୍ତି, "ଯେ ପ୍ରେମ କରନ୍ତି ନାହିଁ, ସେ ଭଗବାନଙ୍କୁ ଜାଣନ୍ତି ନାହିଁ ।" ସେହି ସବୁ କଥା ସମ୍ପୂର୍ଣ୍ଣ ସତ୍ୟ । ବ୍ରହ୍ମବିଦ୍ୟାର ବୈଷୟିକ ଶବ୍ଦଗୁଡ଼ିକ ଜାଣିବା ଏବଂ ଏହାର ଦର୍ଶନ ଓ ବିଜ୍ଞାନ ବୁଝିବା ଭାରି ଭଲକଥା । ୨୪୦୧ ପ୍ରକାର ଉପାଦାନିକ ସାର ସତ୍ତାକୁ ଚିହ୍ନି ପାରି ସେଗୁଡ଼ିକୁ ପ୍ରୟୋଗ କରିବା କାର୍ଯ୍ୟତଃ ବିଶେଷ ଉପଯୋଗୀ; କିନ୍ତୁ ପ୍ରେମ ହିଁ ପ୍ରକୃତ ବ୍ରହ୍ମଜ୍ଞାନବିତ୍ କରାଯାଇଥାଏ ।

ମୋର ଭଲ ଭାବେ ମନେ ଅଛି, ଦୀର୍ଘକାଳ ପୂର୍ବରୁ ଯେତେବେଳେ ବାବୁ ମୋହିନୀ ମୋହନ ଚାଟାର୍ଜୀ (ସେ ଜଣେ ଶିଷ୍ୟ ଥିଲେ) ଲଣ୍ଡନକୁ ଆସିଲେ ଆମ୍ଭମାନଙ୍କୁ ଶିକ୍ଷା ଦେବାପାଇଁ, ସେ ପ୍ରଥମଥର ପାଇଁ ଆମକୁ ଏହି ସବୁ ଯୋଗ୍ୟତା ବିଷୟରେ କହିଥିଲେ, ଯାହା ସିନେଟଙ୍କ ବହି ଗୁଡ଼ିକରେ ବା 'ଆଇସିସ୍ ଅନଭେଲଡ୍'ରେ କୁହାଯାଇ ନଥିଲା । ସେତେବେଳେ ଆମର ପ୍ରାୟ ଏହି କେତୋଟି ବହି ହିଁ ଥିଲା । ସେ ଆମକୁ ବେଶ୍ ସ୍ପଷ୍ଟ ଭାବରେ କହିଥିଲେ ଯେ ଚତୁର୍ଥ ଯୋଗ୍ୟତା ବିନା, ଈଶ୍ୱରଙ୍କ ସହିତ ମିଳନ ପାଇଁ ଏହି ଦୃଢ଼ ଇଚ୍ଛା(ସେ ଏହାକୁ ସେପରି ବର୍ଣ୍ଣନା କରିଥିଲେ) ବିନା ସଦାଚାରରେ ଛଅଟିଯାକ ଗୁଣ ମରୁଭୂମିରେ ଜଳ 'ସିଞ୍ଚନ' ଭଳି ହେବ । ସେଗୁଡ଼ିକ ପ୍ରକୃତରେ ହେବ ଶୁଷ୍କ ଏବଂ ଆମ ସକାଶେ ପ୍ରାୟ ମୂଲ୍ୟହୀନ, ଯଦି ଆମ ଭିତରେ ଏହି ପ୍ରଗାଢ଼ ଇଚ୍ଛା ନଥାଏ ଈଶ୍ୱରଙ୍କ ସହିତ ମିଳିତ ହେବାପାଇଁ ଏବଂ ସେ ଯେପରି କରନ୍ତି, ସେପରି କରିବା ପାଇଁ । ଆମେ ସେତେବେଳେ ବୁଝିପାରିନଥିଲୁ ଯେ ଏହାର ଅର୍ଥ ହେଉଛି ପୂର୍ଣ୍ଣ ଭାବେ ସେବା-ଯେମିତି ଆମେ ଏବେ ବୁଝୁଛୁ । ଯଦିଓ ଗୁରୁମାନେ ମୂଳରୁ ହିଁ

ଜୋର୍ ଦେଇ କହିଥିଲେ ଯେ ସେମାନଙ୍କର ପ୍ରେମ ରହିଛି ମାନବ ସମାଜର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ; ନିମ୍ନ ଶ୍ରେଣୀର ଏବଂ ଘୃଣିତଙ୍କ ପାଇଁ ।" ଆମେ କେବଳ ବ୍ୟସ୍ତ ରହିଥିଲୁ ବ୍ରହ୍ମବିଦ୍ୟା ଶିକ୍ଷା କରିବାକୁ ଚେଷ୍ଟା କରିବାରେ । ସବୁ କିଛି ଥିଲା ଏତେ ନୂତନ, ଏତେ ଆକର୍ଷଣୀୟ ଏବଂ ଉତ୍ତେଜନାତ୍ମକ ଯେ ଆମର ସମୟ ମୁଖ୍ୟତଃ ସେଥିରେ ନିୟୋଜିତ ହେଉଥିଲା – ବୋଧହୁଏ ଯେତିକି ହେବା କଥା ସେଥିରୁ ଅଧିକ ବେଶି, ତାହା ନହେଲେ ଅନ୍ୟମାନଙ୍କ ପ୍ରକୃତ ସେବାରେ ଲାଗିବା ପୂର୍ବରୁ ଜଣକୁ କିଛି ଶିକ୍ଷା କରିବା ଆବଶ୍ୟକ ହୋଇଥାନ୍ତା ।

**ଇଚ୍ଛା ନୁହେଁ, ସଂକଳ୍ପ**

> **ଏହାର ତାତ୍ପର୍ଯ୍ୟ ମାତ୍ର ନୁହେଁ, ବରଂ ସଂକଳ୍ପ, ଶପଥ ଏବଂ ଦୃଢ଼ ପ୍ରତିଜ୍ଞା ।**

**ଲେଡ୍‌ବିଟର୍** – ସଂକଳ୍ପ ହେଉଛି ମୁଖ୍ୟତଃ ପ୍ରଥମ ରଶ୍ମିର ଗୁଣ ଯେଉଁ ରଶ୍ମିରେ ଅଛନ୍ତି ଗୁରୁ ମୌର୍ଯ୍ୟ । ଗୁରୁ କୁଥୁମି ହେଉଛନ୍ତି ଦ୍ୱିତୀୟ ରଶ୍ମିର, ଜ୍ଞାନ ଏବଂ ପ୍ରେମର । କିନ୍ତୁ ଏଇଠି ସେ ପ୍ରଥମ ରଶ୍ମିର ବ୍ୟକ୍ତି କହିବା ଭଳି କହିଛନ୍ତି । ମୋର ମନେ ଅଛି ଗୋଟିଏ ଘଟଣା ଯେତେବେଳେ ଆଲସିଓନ୍ ଏକ ନିର୍ଦ୍ଦିଷ୍ଟ ଗୁଣ ଲାଭ କରିବା ପାଇଁ ତାଙ୍କର ଇଚ୍ଛା ଥିବା କଥା କହିଲେ । ଗୁରୁ କହିଲେ "କୌଣସି ବିଷୟ ଇଚ୍ଛା କର ନାହିଁ, ଇଚ୍ଛା ହେଉଛି କ୍ଷୀଣ । ସଂକଳ୍ପ କର, କାରଣ ତୁମେ ହେଉଛ ଈଶ୍ୱର । ତୁମେ ଯଦି ଏକ ଗୁଣ ହାସଲ କରିବାକୁ ଚାହଁ, ସେଥିପାଇଁ ସଂକଳ୍ପ କର ଏବଂ ଯାଅ ତାକୁ ଲାଭ କର ।" ତାହା ହିଁ ନିଶ୍ଚିତ ଭାବେ ଆଧ୍ୟାତ୍ମିକ ତାର ଅଧିକାରୀବର୍ଗଙ୍କର ମତ । ବସ୍ତୁତଃ ଆମ ପକ୍ଷରେ ଅତିଶୟ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗୁରୁଙ୍କର ମନୋଭାବକୁ ଏବଂ ବିଭିନ୍ନ ବିଷୟ ପ୍ରତି ତାଙ୍କର ଦୃଷ୍ଟିକୋଣକୁ ବୁଝିବା, ଯାହା ତାଙ୍କୁ ନେଇ ଆସିଛି ତାଙ୍କର ବର୍ତ୍ତମାନ ସ୍ଥାନକୁ ଏହା ଆମ ପାଇଁ ମଧ୍ୟ ସେପରି କରି ପାରିବ ।

> **ଫଳପ୍ରଦ ହେବା ସକାଶେ ସେହି ସଂକଳ୍ପ ତୁମର ସମସ୍ତ ସ୍ୱଭାବକୁ ପୂର୍ଣ୍ଣ କରୁ ଯାହା ଫଳରେ ଅନ୍ୟ କୌଣସି ଭାବନା ପାଇଁ ସ୍ଥାନ ରହିବ ନାହିଁ । ବସ୍ତୁତଃ ଏହା ହେଉଛି ଈଶ୍ୱରଙ୍କ ସହିତ ଏକ ହେବାର ସଂକଳ୍ପ । କ୍ଳାନ୍ତି ଏବଂ ଦୁଃଖରୁ ତୁମେ ଯେପରି ତ୍ରାହି ପାଇ ପାରିବ ସେଥିପାଇଁ ନୁହେଁ, ବରଂ ଈଶ୍ୱରଙ୍କ ପ୍ରତି ତୁମର ଗଭୀର ପ୍ରେମ ହେତୁ ତୁମେ ଯେପରି ତାଙ୍କ ସହିତ କାର୍ଯ୍ୟ କରି**

**ପାରିବ ଏବଂ ସେ ଯେପରି କରିଥାନ୍ତି ସେହିପରି କରିବ, ସେଇଥିପାଇଁ । ଯେହେତୁ ସେ ହେଉଛନ୍ତି ପ୍ରେମ, ତୁମେ ଯଦି ତାଙ୍କ ସହିତ ଏକ ହେବାକୁ ଚାହଁ ତୁମକୁ ମଧ୍ୟ ଅଖଣ୍ଡ ନିଃସ୍ୱାର୍ଥପରତା ଏବଂ ପ୍ରେମରେ ପୂର୍ଣ୍ଣ ହେବାକୁ ପଡ଼ିବ ।**

**ଲେଡ୍‌ବିଟର**–ଯେ ଗୁରୁଙ୍କର ଶିଷ୍ୟ, ତାଙ୍କର ଏକମାତ୍ର କାମନା ରହିଥାଏ ଏବଂ ତାହା ହେଉଛି ସେବା କରିବା । ସେଥିପାଇଁ ସେ ସମସ୍ତ ବ୍ୟକ୍ତିଗତ ସୁଖ ଏବଂ ଉଚ୍ଚାଭିଳାଷ ତ୍ୟାଗ କରିବାକୁ ଏବଂ ବିରାଟ ଯନ୍ତ୍ରର ଏକ ଛୋଟିଆ ଚକ ହୋଇ ରହିବାକୁ ଇଚ୍ଛୁକ । ସାଧାରଣ ବ୍ୟକ୍ତି କୌଣସି ଉଚ୍ଚତର ବିଷୟରେ ଅତି ଗୁରୁତର ଭାବେ ଚିନ୍ତା କରିବାକୁ ଏ ପର୍ଯ୍ୟନ୍ତ ଆରମ୍ଭ କରିନାହିଁ । ସେ ଜୀବନକୁ ଯେମିତି ଦେଖେ ବହୁ ପରିମାଣରେ ଠିକ୍ ସେମିତି ହିଁ ଗ୍ରହଣ କରେ । ଏହି ପ୍ରକାର ଜୀବନରୁ ବାହାରି ଆସି କିଛି ଏକ ଉଚ୍ଚତର ଏବଂ ମହତ୍ତର ସକାଶେ ଆଗେଇବା ପାଇଁ ତା'ର ଇଚ୍ଛା ନଥାଏ ସେହି ଜୀବନରେ ସେ ସଫଳତା ଲାଭ କରିବା ପାଇଁ ଚାହେଁ । ତୁମେ ଯଦି ପରାମର୍ଶ ଦିଅ ଯେ ଆମେ ଯାହାକୁ ନିମ୍ନତର ଆତ୍ମା ବୋଲି କହୁ, ତାକୁ ସେ ପରିତ୍ୟାଗ କରିବା ଉଚିତ । ତେବେ ସେ ପଚାରିବ, "ମୁଁ ଯଦି ତାହା କରେ, ତେବେ ମୋର ଆଉ ରହିବ କ'ଣ ?" ଏକଥା ସତ ଯେ ଯେପରି ଘଟଣାରେ ସେ ଯେତିକି ଦେଖିପାରୁଛି, ତାହାର କିଛି ଅବଶିଷ୍ଟ ରହିବ ନାହିଁ, ଯଦିଓ ପ୍ରକୃତରେ ସାମଗ୍ରିକ ସତ୍ୟତା ରହିବ ।

'ଦିବ୍ୟଜୀବନ ସହିତ ମିଳିତ ହେବାର ଅର୍ଥ ଆମେ କଣ ବୁଝୁଛୁ ତାହା ଏହି ପ୍ରକାର ଲୋକଙ୍କୁ ବୁଝାଇବା କଷ୍ଟକର । ମୁଁ ଜଣେ ଅତି ଉତ୍ତମ ଓ ବିଚକ୍ଷଣ ଲୋକଙ୍କୁ ଜାଣେ ଯେ ଉତ୍ତରାଞ୍ଚଳୀୟ ବୌଦ୍ଧଧର୍ମ ସମ୍ପର୍କରେ ବିଶେଷ ଅଧ୍ୟୟନ କରୁଥିଲେ । ଦିନେ ସେ ମୋ ପାଖକୁ ଆସି କହିଲେ, "ମୁଁ ଏଥିରେ କିଛି ବୁଝିପାରୁ ନାହିଁ– ଏହାକୁ ଅନୁଧ୍ୟାନ କରିବା ଯୋଗ୍ୟ ବୋଲି ମୋର ମନେ ହୁଏ ନାହିଁ । ପ୍ରତ୍ନତତ୍ତ୍ୱର ଅଧ୍ୟୟନ ଭଳି ଏହା ବେଶ୍ ଆକର୍ଷଣୀୟ । କିନ୍ତୁ ଆପଣଙ୍କ ଆଗରେ ସେମାନେ ଯେଉଁ ଗୋଟିଏ ମାତ୍ର ଲକ୍ଷ୍ୟ ରଖନ୍ତି, ତାହା ବୁଦ୍ଧଙ୍କ ସହିତ ଏକ ହେବା ବୋଲି ମୋର ମନେ ହୁଏ । ତାହା ବୁଦ୍ଧଙ୍କର କୌଣସି ଉପଯୋଗରେ ଆସିବ ବୋଲି ମୁଁ ଭାବିପାରୁ ନାହିଁ ଏବଂ ସେଥିରେ ନିଶ୍ଚିତ ଭାବେ ମୋର ସବୁକିଛି ଶେଷ ହୋଇଯିବ ।" ଏହିସବୁ ବିଷୟରେ ଏହା ହିଁ ସାଧାରଣ ଲୋକଙ୍କର ଦୃଷ୍ଟିକୋଣ । ତଥାପି ଏ ସମସ୍ତଙ୍କର ରହିଛି ଏକ ପ୍ରକୃତ, ଉଜ୍ଜ୍ୱଳ ଓ ଜ୍ୱଳନ୍ତ ଅର୍ଥ । ଯଦି ତାକୁ ଜଣେ ଜାଣି ପାରିବ, ତେବେ ତାହା ତାର ସମଗ୍ର ଚିନ୍ତାଧାରାରେ ଆଣିବ ଏକ ବିପ୍ଳବ ।

ଚେତନାର ଏହି ପ୍ରସାରଣ କୌଣସି ସ୍ୱାଧୀନତା ନେଇ ଯାଏ ନାହିଁ କିମ୍ବା ତିଳେ ହେଲେ ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ନଷ୍ଟ କରେ ନାହିଁ । ଏହା ନୁହେଁ ଯେ ମୁଁ ବିଶ୍ୱ ଭିତରେ ମୋକ୍ଷ ହୋଇ ଲୀନ ହୋଇଯିବି, ବରଂ ବିଶ୍ୱ ହୋଇଯିବ ମୁଁ । ଲୋକେ କହନ୍ତି, 'ସେହି ଆତ୍ମା ହେଉଛି ମୁଁ ।' ନିମ୍ନତର ଆତ୍ମା ପ୍ରତି ପ୍ରୟୋଗ କଲେ ତାହା ହେବ ଏକ ଭ୍ରାନ୍ତ ଧାରଣା । କିନ୍ତୁ ଯେତେବେଳେ ଜଣେ ଉପଲବ୍ଧି କରେ, 'ମୁଁ ହେଉଛି ଈଶ୍ୱର', ସେତେବେଳେ ଈଶ୍ୱର ହେଉଛନ୍ତି ଈଶ୍ୱର ଜ୍ଞାନ ଏବଂ ଏହା ଆଦୌ ଭ୍ରାନ୍ତି ଧାରଣା ନୁହେଁ ଏବଂ ମୁଁ ଯାହାକୁ ବୋଲି ଭାବୁଥିଲି, ତାହା ପ୍ରକୃତରେ ଈଶ୍ୱରଙ୍କ ଏକ ଅଭିବ୍ୟକ୍ତି – ଏହି ପ୍ରକାର ଭାବିବା ମଧ୍ୟ ଏକ ଭ୍ରାନ୍ତ ଧାରଣା ନୁହେଁ । କିଛି ଜିନିଷ ଯେ ତାଙ୍କର ବାହାରେ ରହି ପାରେ କିମ୍ବା ଏକକ ଆତ୍ମାଠାରୁ ଅଲଗା ରହି ପାରେ, ଏହି ପ୍ରକାର ଧାରଣା ହିଁ ହେଉଛି ଭ୍ରାନ୍ତ ।

ଦୈନନ୍ଦିନ ଜୀବନରେ କେତେକ ଜିନିଷ ରହିଛି ଯାହା ବୃହତ୍ତର ମଧ୍ୟରେ କ୍ଷୁଦ୍ରତରର ଅନ୍ତର୍ଭୁକ୍ତିର ଉଦାହରଣ ହୋଇପାରେ । ଆପଣଙ୍କର ରହିଛି ଏକ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଜଣେ ଯୁବକ ସେଥିରେ ଏକ କନିଷ୍ଠ କିରାଣୀ ଭାବେ ଯୋଗ ଦିଏ । ପ୍ରଥମେ ସେ ଭାବେ ସେହି ପ୍ରତିଷ୍ଠାନ କାମ ଆଦାୟ କରିବାରେ ବଡ଼ କଠୋର ଏବଂ ନିୟମିତ ସମୟରେ ଆସିବା ଏବଂ ସବୁ ପ୍ରକାର କାର୍ଯ୍ୟ କରିବା ତାହା ସକାଶେ ବିଶେଷ କଷ୍ଟକର ହୁଏ । କିନ୍ତୁ ସେଇଠି କେତେକ ବର୍ଷ ରହିବା ପରେ ଏବଂ ଅଧିକ ଦାୟିତ୍ୱପୂର୍ଣ୍ଣ ପଦକୁ ଉନ୍ନୀତ ହେବା ପରେ ସେ କହିବାକୁ ଆରମ୍ଭ କରେ, 'ଆମେ ଏମିତି କରିବା' ଏବଂ 'ଆମେ ସେମିତି କରିବା' ଏବଂ 'ଆମେ ସେମିତି କରିବା' ଏବଂ ସେତେବେଳେ ସେ ପ୍ରତିଷ୍ଠାନରେ ସ୍ୱାର୍ଥ ସହିତ ନିଜର ସ୍ୱାର୍ଥକୁ ଏକ କରି ଦେବାକୁ ଆରମ୍ଭ କରେ । ସେହିପରି ସେ କରି ଚାଲେ, ତାପରେ ସେ ହୁଏ ପରିଚାଳକ ଏବଂ ଅବଶେଷରେ ଅଂଶୀଦାର ।

ଏହାପରେ ସେ ସର୍ବଦା ପ୍ରତିଷ୍ଠାନ ପାଇଁ କହେ ଏବଂ ଯେତେବେଳେ ସହ କୌଣସି ବ୍ୟବସାୟ କଥା ବିଚାରେ, ତାର ମନରେ ସେହି 'ପ୍ରତିଷ୍ଠାନ' କଥା ହିଁ ରହିଥାଏ । ସେ ଯେ କୌଣସି ଧାରାରେ ଉଦ୍ୟମ କରିବା ପାଇଁ ଆଗ ଭଳି ମୁକ୍ତ ଓ ସକ୍ଷମ, ତଥାପି ଠିକ୍ ବାଟରେ ନିଜର ସଂକଳ୍ପ ଶକ୍ତି ପ୍ରୟୋଗ କରିବା ପାଇଁ ବର୍ତ୍ତମାନ ସେ ନିଶ୍ଚିତ । ସେହି ପ୍ରତିଷ୍ଠାନ ଜୋର୍ କରି ତା ଭିତରେ ସେହି ମନୋଭାବ ଆଣି ନାହିଁ, କିନ୍ତୁ ତାର କ୍ରମୋନ୍ନତି ହେତୁ ତାହା ଦେଖାଦେଇଛି । ଏହା କେବଳ ଗୋଟିଏ ଛୋଟିଆ ଉଦାହରଣ । ଏହା ଏକ ଧାରଣା ଦେବ କେଉଁ ପ୍ରକାରେ ମନୁଷ୍ୟ ନିଜକୁ ଏକ ମହତ୍ତର ଶକ୍ତି ସହିତ ଏକ କରି ପାରେ, ଅଥଚ ତାର ସଂକଳ୍ପ ଶକ୍ତି ଆଗ ଭଳି ତାର ନିଜର ହୋଇ ରହି ପାରେ ।

## ଆମେ ହେଇଯିବୁ ସେହି ପଥ

ସମୟ ଆସିବ ଯେତେବେଳେ ଆମେ ହୋଇଯିବୁ ସେହି ପଥ, ଯେତେବେଳେ ଆମେ କୌଣସି ଯୋଗ୍ୟତା ଦୃଷ୍ଟିରୁ ବିଫଳ ହେବୁ ନାହିଁ କାରଣ ସେଗୁଡ଼ିକ ଆମ ଭିତରେ ବିକଶିତ ହୋଇଥିବେ ଏବଂ ଆମ ନିଜ ସ୍ୱଭାବର ଅଂଶ ହୋଇ ପଡ଼ିଥିବେ । ଆମେ ସର୍ବଦା ଜୀବନ୍ତ ଈଶ୍ୱରଙ୍କର ନିକଟବର୍ତ୍ତୀ, କାରଣ ସେ ଅଛନ୍ତି ଆମ ଭିତରେ ଆମ ଚାରିପାଖରେ ଏବଂ ଆମ ସହିତ ସବୁ ସମୟରେ; ତଥାପି ଆମର କାମ ହେଲା ଆମକୁ ମିଳୁଥିବା ସମସ୍ତ ଉପାୟ ପ୍ରୟୋଗ କରି ତାହା ଉପଲବ୍ଧି କରିବାକୁ ଶିଖିବା ଏବଂ ଆମର ଚେତନାକୁ କ୍ରମଶଃ ଊର୍ଦ୍ଧ୍ୱ ସ୍ତରକୁ ନେବା, ସେହି ଧାରଣାକୁ ଭଲ ଭାବେ ବୁଝିବା ପର୍ଯ୍ୟନ୍ତ । ଆମକୁ ଈଶ୍ୱରଙ୍କ ସହିତ ଏକ ହେବାକୁ ହେବ ତାଙ୍କର ଉଚ୍ଚତମ ପ୍ରକଟନ ମାନଙ୍କ ସହିତ ଆନ୍ତରୀଣ ପ୍ରକଟନ କ୍ଷେତ୍ରରେ, କେବଳ ବାହ୍ୟ ବାସ୍ତବ ରୂପରେ ନୁହେଁ । ଆମର ଶରୀରଗୁଡ଼ିକ ଏବଂ ଆମ ଚାରି ପାଖରେ ଯେଉଁ ପଦାର୍ଥ ରହିଛି, ତାହା ହିଁ ତାଙ୍କର ବାହ୍ୟ ଆବରଣ । କିନ୍ତୁ ଆବରଣ ସହିତ ନୁହେଁ, ତାଙ୍କ ସହିତ ହିଁ ଆମେ ଏକ ହେବାକୁ ଚାହୁଁ । ଆମେ ଯେତେବେଳେ ତାଙ୍କ ସହିତ ଏକ ହେଉ, ସେ ତାଙ୍କ ଆଡୁ ତାହା ସ୍ୱୀକାର କରନ୍ତି ଏବଂ ଆମକୁ ବ୍ୟବହାର କରନ୍ତି ତାଙ୍କର ଜୀବନ୍ତ ମାଧ୍ୟମ ରୂପେ, ଯାହା ମଧ୍ୟ ଦେଇ ତାଙ୍କର ଶକ୍ତି ଢାଳି ଦିଆଯାଇପାରେ । ଆମେ ହେଉଛୁ ଏହି ସବୁ ନିମ୍ନତର ସ୍ତରମାନଙ୍କରେ ଐଶୀ ଶକ୍ତିର ମାଧ୍ୟମ । କିନ୍ତୁ ଆମେ ସଫଳ ମାଧ୍ୟମ ହେବା କେବଳ ସେହି ସମୟରେ ଯେତେବେଳେ ଆମେ ସେହି ଅବସ୍ଥାରେ ପହଞ୍ଚିବା, ଯେଉଁ ଅବସ୍ଥାରେ ଈଶ୍ୱରଙ୍କ ବିରୋଧ କରୁଥିବା ଆମର ଅଲଗା ବ୍ୟକ୍ତିତ୍ୱ ନଥିବ । ସେ ସର୍ବଦା ଏହି ଉପାୟରେ କାର୍ଯ୍ୟ କରନ୍ତି ଏବଂ ତାଙ୍କର କର୍ମଚାରୀବୃନ୍ଦ, ସେହି ମହାନ୍ ଗୂଢ଼ତତ୍ତ୍ୱର ଅଧିକାରୀବର୍ଗ ମଧ୍ୟ ସେହିପରି କରିଥାନ୍ତି । ନିଃସନ୍ଦେହ ରେ ସେମାନେ ଲୋକଙ୍କ ଉପରେ ପ୍ରତ୍ୟକ୍ଷ କ୍ରିୟାନୁଷ୍ଠାନଦ୍ୱାରା ବହୁ ଅଦ୍ଭୁତ ଘଟଣା ଘଟାଇପାରିବେ କିନ୍ତୁ ତାହା ଅନାବଶ୍ୟକଭାବେ ସେମାନଙ୍କର ବହୁ ପରିମାଣର ଶକ୍ତିର ଅପଚୟ ଘଟାଇବ । ସୁତରାଂ ସେମାନେ ନିଜେ ତିଆରି କରିଥିବା କେତେକ ମାଧ୍ୟମ ଦେଇ କାମ କରନ୍ତି ।

ଲୋକମାନଙ୍କ ମଧ୍ୟରେ ଏକ ବଡ଼ ଧରଣର ଗୋଷ୍ଠୀ ରହିଛନ୍ତି ଯେଉଁମାନେ ଜୀବନର ତତ୍ତ୍ୱଗୁଡ଼ିକୁ ବୁଝିବା ପାଇଁ କେବେହେଲେ ଚେଷ୍ଟା କରନ୍ତି ନାହିଁ । ସେମାନେ ଭାବନ୍ତି ଯେ ପ୍ରକୃତି ତାଙ୍କ ଆଗରେ ମୁଣ୍ଡ ନୁଆଇଁବ ଏବଂ ଯେପରି ଭାବରେ ବ୍ୟବସ୍ଥା କରାଯାଇଛି ସେମାନେ ଜିନିଷଗୁଡ଼ିକୁ ସେପରି ଗ୍ରହଣ କରିବେ ନାହିଁ । ସେମାନେ ନିଜ ପ୍ରକୃତି ଅନୁଯାୟୀ ଭୂତ-ଡାକରା ବୈଠକର ଅନୁସନ୍ଧାନ

କାରୀମାନଙ୍କ ଭଳି, ଯେଉଁମାନେ କେତେକ ପରିସ୍ଥିତି ଉପୁଜାଇବାକୁ ଚାହାନ୍ତି ଯେଉଁଥିରେ ପ୍ରକଟନ ଅବଶ୍ୟ ଘଟିବ । ଏହା ଏକ ହାସ୍ୟାସ୍ପଦ ମନୋଭାବ, କାରଣ ପୃଥିବୀରେ ଏଭଳି କୌଣସି ଅନୁସନ୍ଧାନ ଧାରା ନାହିଁ, ଯେଉଁଥିରେ ପ୍ରାକୃତିକ ନିୟମଗୁଡ଼ିକ କଣ କରିବେ ତାହା ଆପଣ ନିର୍ଦ୍ଦେଶ ଦେବେ ।

ଶୁଣାଯାଏ ଯେ ଆଦିମ ଜାତିର କେତେକ ଲୋକଙ୍କୁ ଯେତେବେଳେ କେତେକ ବୈଦ୍ୟୁତିକ ଘଟଣା ଦେଖାଇ ଦିଆଗଲା, ସେମାନେ କହିଲେ, ସେଗୁଡ଼ିକ ହେଉଛି ହାତ ସଫେଇ । ସେହି ଜାତିର ମୁଖିଆ କହିବେ, "ମୁଁ ଦେଖୁଛି, ଏ ସବୁକୁ ଗୁଡ଼ିଏ ତାର ସହିତ ଯୋଡା ଯାଇଛି । ସେଗୁଡ଼ିକୁ କାଟି ଦିଅ, ତାପରେ ମୁଁ ତୁମ କଥା ବିଶ୍ୱାସ କରିବି ।" ବିଦ୍ୟୁତ ତତ୍ତ୍ୱବିତ୍ ଅଳ୍ପ ହସି ଉତ୍ତର ଦେବେ, "ଆପଣ ନିୟମ ବୁଝି ନାହାନ୍ତି । ତାରଗୁଡ଼ିକ ବିଦ୍ୟୁତ୍ ଶକ୍ତି ସଂଚାଳନ କରିଥାନ୍ତି । ସେଗୁଡ଼ିକ ନଥିଲେ ବିଦ୍ୟୁତ୍ ଶକ୍ତି ଆସି ପାରିବ ନାହିଁ ।" ତାପରେ ମୁଖିଆ କହିବେ – "ତୁମର ହାତ ସଫେଇ ମୁଁ ପଦାରେ ପକାଇ ଦେଲି ।" ଭୂତ ଡାକରା ବୈଠକରେ ଲୋକେ ତାହା ହିଁ କରିଥାନ୍ତି । ଯେପରି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି, ତାହା ସେ ଗ୍ରହଣ କରନ୍ତି ନାହିଁ, ସେମାନେ ଆଉ ଏକ ପନ୍ଥା ବାହାର କରିବାକୁ ଚାହାନ୍ତି ।

କୌଣସି ବ୍ୟକ୍ତିର ନିଜ ପନ୍ଥାରେ କାର୍ଯ୍ୟ କରିବା ପାଇଁ ଈଶ୍ୱରଙ୍କ ବାଧ କରିବା ପାଇଁ ଧାରଣାରେ କିଛି ପରିମାଣରେ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ରହିଛି ବୋଲି ମୋର ମନେ ହୁଏ । ତାହା କେତକ ଲୋକଙ୍କ ମନକୁ ପାଏ । କିନ୍ତୁ ପ୍ରାର୍ଥନା କାଳରେ ଭଗବାନଙ୍କୁ କଣ କରିବାକୁ ହେବ ବତେଇ ଦେବା ଧାରଣା ଭଳି ତାହା ମୋ ମନକୁ ପାଏ ନାହିଁ । ମୁଁ ସର୍ବଦା ଗଭୀର ଭାବେ ଅନୁଭବ କରେ ଯେ ସେ ମୋ ଅପେକ୍ଷା ଅନନ୍ତ ଗୁଣରେ ଅଧିକ ଭଲ ଜାଣନ୍ତି ଏବଂ ଯଦି କୌଣସି ସମ୍ପୂର୍ଣ୍ଣ ଅବୋଧ ଆକସ୍ମିକ କାରଣରୁ ସେ ମୋରି ପ୍ରାର୍ଥନା ଫଳରେ ନିଜର ଉଦ୍ଦେଶ୍ୟରେ ପରିବର୍ତ୍ତନ କରନ୍ତି, ତେବେ ତାଙ୍କ ଯୋଜନା ଅଧୀନରେ ମୁଁ ଯେପରି ରହିଥାନ୍ତି, ଏହି ପରିବର୍ତ୍ତିତ ଯୋଜନା ଅଧୀନରେ ମୁଁ ଅନନ୍ତ ଗୁଣରେ ଖରାପ ଅବସ୍ଥାରେ ରହିବି ।

ଈଶ୍ୱରଙ୍କ ସହିତ ଏକ ହୋଇ ରହିବା ପାଇଁ ସଂକଳ୍ପ କରିବାର ଧାରଣା ଆମ ଭିତରୁ ଅନେକଙ୍କ ମନରେ ଆସି ନଥାଇ ପାରେ, କିନ୍ତୁ ଭାରତରେ ଆମ ଭାଇମାନଙ୍କ ଭିତରେ ଏହା ବିଶେଷ ଜଣାଶୁଣା । ଗୁରୁ ସେହି ପ୍ରକାର ବାକ୍ୟାଂଶ ଏହି ବହିରେ ବହୁବାର ବ୍ୟବହାର କରିଛନ୍ତି ଯେତେବେଳେ ସେ ଈଶ୍ୱରଙ୍କ ସମ୍ପର୍କରେ କହିଛନ୍ତି । ଏକ ପୂର୍ବତନ ଜୀବନରେ ସେ ଥିଲେ ନାଗାର୍ଜୁନ ନାମକ ଜଣେ ବିଖ୍ୟାତ ବୌଦ୍ଧ ଶିକ୍ଷକ ଏବଂ ସେହି ଜନ୍ମରେ ସେ ବହୁତ ବିଶିଷ୍ଟ ଭାଷଣ ଦେଇଥିଲେ ଏବଂ ବହୁତ

ଲେଖିଥିଲେ । ତାଙ୍କର ବହିଗୁଡ଼ିକ ସଂରକ୍ଷିତ ରହିଛି ଏବଂ ସେଥିରେ ଈଶ୍ୱରଙ୍କ ଠାରେ ବ୍ୟକ୍ତିତ୍ୱର ଆରୋପକୁ ସେ ଘୋର ବିରୋଧ କରିଛନ୍ତି । ସେ ସେହି ଶବ୍ଦ ବା ସେହି ନାମର ବ୍ୟବହାରକୁ ମଧ୍ୟ ଆପତ୍ତି କରିଛନ୍ତି ଏବଂ ତାହା ସହିତ ସଂପୃକ୍ତ ଦାର୍ଶନିକ ପ୍ରଶ୍ନଗୁଡ଼ିକ ଭିତରକୁ ଗଭୀର ଭାବେ ପ୍ରବେଶ କରିଛନ୍ତି ।

ନାଗାର୍ଜୁନଙ୍କ ସେହି ସମସ୍ତ ଦର୍ଶନ ଜାଣିଥିବା ଭାରତୀୟଗଣ ଅନେକ ସମୟରେ କହିଛନ୍ତି, "ଏହା କି ଅଦ୍ଭୁତ କଥା ଯେ ଆମର ଗୁରୁ ଯିଏ ଈଶ୍ୱରଙ୍କ ବ୍ୟକ୍ତିତ୍ୱ ବିରୋଧରେ ଏତେ ଦୃଢ଼ ଭାବେ କହିଥିଲେ, ସେ ଏହି ଛୋଟ ବହିଟିରେ ବର୍ତ୍ତମାନ ଈଶ୍ୱର ଶବ୍ଦ ବ୍ୟବହାର କରୁଛନ୍ତି ! ଭଗବାନ ବୁଦ୍ଧ ମଧ୍ୟ ଅତି ଦୃଢ଼ ଭାବେ ଈଶ୍ୱରଙ୍କ ମଧ୍ୟରେ ବ୍ୟକ୍ତିତ୍ୱ ଭଳି କିଛି ଥିବା ବିରୋଧରେ କହିଛନ୍ତି । ସେହି ଆପତ୍ତି ପ୍ରତି ଉତ୍ତର ହେଉଛି ଏଇଆ; ଏହି ବହିରେ ଗୁରୁ ଅଖଣ୍ଡ ସତ୍ତା ସମ୍ପର୍କୀୟ ପ୍ରଶ୍ନକୁ ବିଚାରକୁ ନେଇ ନାହାନ୍ତି । ସେ ତତ୍ ଚରମ ସତ୍ତା ବା ଅନନ୍ତ ସତ୍ତାଙ୍କ ବିଷୟରେ କିଛି କହି ନାହାନ୍ତି । ସେ ମୁଖ୍ୟତଃ ଏକ ଭାରତୀୟ ବାଳକକୁ କହୁଛନ୍ତି ଈଶ୍ୱର ଅର୍ଥାତ ସୌର ଅଧିପତି ବା ସୌର ଈଶ୍ୱରଙ୍କ ସମ୍ପର୍କରେ- ଏବଂ ନିଃସନ୍ଦେହରେ ସେହି ଅର୍ଥରେ ଆମର ଗୁରୁ ଏଠାରେ ଈଶ୍ୱର (ଗଡ୍) ଶବ୍ଦ ବ୍ୟବହାର କରିଛନ୍ତି । ନାଗାର୍ଜୁନ ରୂପେ ସେ ଛାତ୍ରମାନଙ୍କୁ ଭାଷଣ ଦେଉଥିଲେ, ଯେଉଁମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ ଭାରତୀୟ ଦାର୍ଶନିକ ମତବାଦ ବିଷୟରେ ଅବଗତ ଥିଲେ, ସୁତରାଂ ଆମର ବହୁ ଖ୍ରୀଷ୍ଟୀୟାନଭାଇ ବର୍ତ୍ତମାନ ଯେପରି କରୁଛନ୍ତି ସେହି ରୀତିରେ ଈଶ୍ୱରଙ୍କୁ ଏକ ବୈ୍ୟକ୍ତିକ ରୂପ ଦେଇ ତାଙ୍କ ସମ୍ପର୍କୀୟ ଧାରଣା ତଳକୁ ଖସାଇ ଦେବାର ଯେ କୌଣସି ଉଦ୍ୟମକୁ ସେ ଦୃଢ଼ଭାବେ ବିରୋଧ କରିଛନ୍ତି ।

## ଆମର ପନ୍ଥା ସକ୍ରିୟ ପ୍ରେମ ପନ୍ଥା

ତାପରେ ସେ କହିଛନ୍ତି ଯେ ଆପଣ ସେହି ଭଳି ହେବା ଉଚିତ୍ । ଏହା ଏକ ପ୍ରଶ୍ନ ଉଠାଏ-ଆମେ ତାଙ୍କ ବିଷୟରେ କଣ ଜାଣୁ ? ଆମେ ଜାଣୁ ଯେ ସେ ତିନୋଟି ସଂସ୍ଥିତି ଜରିଆରେ ନିଜକୁ ପ୍ରକଟନ କରନ୍ତି । କେତେକ ତାଙ୍କ ପାଖକୁ ଯିବାକୁ ଚାହାନ୍ତି ଏକ ସଂସ୍ଥିତି ଜରିଆରେ ଏବଂ କେତେକ ଅନ୍ୟ ସଂସ୍ଥିତି ଜରିଆରେ । ଆମର ପନ୍ଥା ହେଉଛି ସକ୍ରିୟ ପ୍ରେମ ପନ୍ଥା, କାରଣ ତାହା ହିଁ ଆମର ଗୁରୁମାନଙ୍କର ପନ୍ଥା । ଦିବ୍ୟ ଜୀବନର ସାତଟି ମହାନ୍ ରଶ୍ମି ରହିଛି ଏବଂ ସେହି ହେତୁ ସାତ ପ୍ରକାର ସହାୟତା ଲୋକ ରହିଛନ୍ତି । ଗୋଟିଏ ହେଉଛି ଭକ୍ତିର ପନ୍ଥା । ଅନ୍ୟଟି ହେଉଛି ସଂକଳ୍ପ ଶକ୍ତିର ଏବଂ ଆଉ ଗୋଟିକ ହେଉଛି ଜ୍ଞାନର ପନ୍ଥା । ଲୋକେ ବିଭିନ୍ନ ମାର୍ଗରେ ଭଗବାନଙ୍କ ଅନ୍ୱେଷଣ କରନ୍ତି । କିନ୍ତୁ ଯେହେତୁ ଆମର ଗୁରୁଗଣ

ସକ୍ରିୟ ପ୍ରେମ ମାର୍ଗରେ ରହିଛନ୍ତି, ଯେଉଁମାନେ ସେମାନଙ୍କର ଅନୁସରଣ କରିବାକୁ ଚାହାନ୍ତି, ସେମାନଙ୍କୁ ତାଙ୍କର ବିଶେଷ ଧରଣର କ୍ଷମତା ବ୍ୟବହାର କରିବାକୁ ହେବ ସକ୍ରିୟ ସେବାରେ ଈଶ୍ୱର ଓ ମାନବର ପ୍ରେମ ସକାଶେ ।

ଉଦାହରଣ ସ୍ୱରୂପ, ଭକ୍ତି ମାର୍ଗ କଥା ବିଚାର କରନ୍ତୁ । ତାହା ତିନିଧରଣର ବା ପ୍ରକାର ଥିବା ଭାରତୀୟଗଣ ବିଶ୍ୱାସ କରନ୍ତି । ଜଣେ ବ୍ୟକ୍ତି ନିଜର ଆରାଧ୍ୟଙ୍କ ଆଗରେ ପ୍ରଣିପାତ କରନ୍ତି ଏବଂ ତାଙ୍କ ସହିତ ଏକ ହୋଇ ଯିବାକୁ ଚାହାନ୍ତି । ମୋର ମନେହୁଏ ପାଶ୍ଚାତ୍ୟ ଦେଶମାନଙ୍କରେ ଏହି ପ୍ରକାର ଲୋକେ ଦେଖାଯାନ୍ତି । କେବଳ ଅଳ୍ପ କେତେକ ସାଧୁ ଏବଂ ସନ୍ନ୍ୟାସୀ ଥା'ନ୍ତି, ଯେଉଁମାନଙ୍କର କାମନା ହେଉଛି କେବଳ ଦେବତାଙ୍କ ଗୁଣ ଗାନରେ ନିଜର ଜୀବନଟାକୁ ବିଣାଇ ଦେବା । ତାହା ଏକ ଚମତ୍କାର ବିଷୟ, କିନ୍ତୁ ସେ ଯାହାହେଉ, ବର୍ତ୍ତମାନ ସକାଶେ, ସେହି ବ୍ୟକ୍ତି ଅନ୍ୟମାନଙ୍କ କଥା ବିଚାର କରୁନାହାନ୍ତି, କେବଳ ଭାବୁଛନ୍ତି ଦେବତାଙ୍କ ସହିତ ଏକ ହେବା ପାଇଁ । ଆପଣ ଯଦି ତାଙ୍କୁ ଅନ୍ୟମାନଙ୍କ ବିଷୟରେ ପଚାରିବେ, ସେ କହିବେ, "ମୁଁ ଯାହା କରୁଛି, ସେମାନେ ତାହା କରନ୍ତୁ ।" ମୁଁ ଭାରତରେ ଜଣେ ଲୋକଙ୍କୁ ଜାଣିଥିଲି, ଯାହାଙ୍କର ଏକମାତ୍ର ଚିନ୍ତା ଥିଲା ଠିକ୍ ସେଇଆ ଦେବତାଙ୍କ ପ୍ରତିମା ଆଗରେ ଭକ୍ତିମଗ୍ନ ହୋଇ ବସିବା ଏବଂ ତାଙ୍କ ସହିତ ଏକ ହେବାକୁ ଚେଷ୍ଟା କରିବା । ସେହି ଲକ୍ଷ୍ୟ ହିଁ ସେ ନିଜ ଆଗରେ ରଖିଛନ୍ତି ଏବଂ ସେହି ଭବିଷ୍ୟତ ହିଁ ସେ ଲାଭ କରିବେ । ସେ ସ୍ୱର୍ଗରେ ତାଙ୍କର ସମଗ୍ର ସ୍ଥିତିକାଳ ବିତାଇ ଦେବେ – ହୁଏତ ଖୁବ୍ ଦୀର୍ଘକାଳ – ହଜାର ହଜାର ବର୍ଷ – ସେହି ଭକ୍ତିରେ ଏକ ପ୍ରକାର ବୁଡ଼ି ରହିବାରେ । ଏ ପ୍ରକାର ଶୁଦ୍ଧ ଭକ୍ତିର ଅର୍ଥ ହେଉଛି ତାଙ୍କର ବିଭିନ୍ନ ଶରୀରର ବିକାଶ ଏବଂ ତାଙ୍କ ନିଜର ନିଶ୍ଚିତ ପ୍ରଗତି ।

ଦ୍ୱିତୀୟ ପ୍ରକାର ଭକ୍ତି ସେହି ପଦବାଚ୍ୟ ହୋଇ ନପାରେ- ଏହା ସେହି ପ୍ରକାର ନିମ୍ନତର ଭକ୍ତି ଯାହା ଦେବତାଙ୍କଠାରୁ ନିଜର ଭକ୍ତି ବଦଳରେ କିଛି ଚାହେଁ । ଭକ୍ତ କହେ, "ତୁମେ ଯଦି ପ୍ରତିଦାନ ରୂପେ ମୋତେ ଏତିକି ପରିମାଣର ଧନ ଦେବ, ମୋର ପଦୋନ୍ନତି କରିବ ଏବଂ ସବୁ ପ୍ରକାର ସାହାଯ୍ୟ କରିବ, ତାହାହେଲେ ତୁମ ପ୍ରତି ମୁଁ ଏତିକି ଭକ୍ତି ଦେବି ।"

ତୃତୀୟ ଭକ୍ତ କହିବେ, "ମୁଁ ସେହି ମହାନ୍ ସତ୍ତାଙ୍କୁ ବା ସେହି ଗୁରୁଙ୍କୁ ଭଲ ପାଏ- ଏତେ ଭଲ ପାଏ ଯେ ସେହି ହେତୁ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ମୋତେ କିଛି କରିବାକୁ ହେବ ଯାହା ଫଳରେ ସେମାନେ ତାଙ୍କୁ ମୋ ଭଳି ଜାଣି ପାରିବେ ଏବଂ ବୁଝି ପାରିବେ । ତାଙ୍କ ନାମରେ ମୋତେ କିଛି ଭଲ କାମ କରିବାକୁ ହେବ ।" ଏହା ଏକ ଅତିଶୟ ମହାନ୍ ଏବଂ କାର୍ଯ୍ୟୋପଯୋଗୀ ଭକ୍ତି ।

ଆମ ଭିତରୁ ଯେଉଁମାନେ ଏହି ଭକ୍ତି ରଶ୍ମିର, ସେହି ଆମେ ସବୁ କେବଳ ନିଛକ ଭକ୍ତିପ୍ରବଣ ହୋଇ ରହିବୁ ନାହିଁ, ବରଂ ଆମମାନଙ୍କର ଏହି ପ୍ରକାର ସକ୍ରିୟତା ରହିବ ଯାହା ଫଳରେ ଆମେ ଆମର ଭକ୍ତି ହେତୁ କିଛି ଗୋଟାଏ କାର୍ଯ୍ୟ କରିବାକୁ ଚାହିଁବୁ । ସେହିପରି ଯଦି ଆମ ଭିତରୁ କେହି ସେହି ମାର୍ଗରେ ଯାଆନ୍ତି, ଯେଉଁଥିରେ ଅନ୍ୟ କିଛି ଅପେକ୍ଷା ଜ୍ଞାନ ଲାଭ କରିବା ଇଚ୍ଛା ଅଧିକ ହେବ, ତେବେ ଆମର ସ୍ୱଭାବରେ ସେହି ବିଶେଷତ୍ୱ ଦେଖା ଦେବ ।

ଅନେକ ଅଛନ୍ତି, ଯେଉଁମାନେ ଜ୍ଞାନୀ ହେବାକୁ ଚାହାନ୍ତି କେବଳ ଜାଣିବା ପାଇଁ ଏବଂ ବୁଝିବା ପାଇଁ । ମଣିଷ ଭିତରେ ଏହା ଏକ ଚମତ୍କାର ଗୁଣ ଏବଂ ଅନେକେ ସେହି ପନ୍ଥାରେ ଅତିଶୟ ପ୍ରଗତି କରିଥାନ୍ତି । କିନ୍ତୁ ସେମାନଙ୍କ ମଧ୍ୟରେ ଯେଉଁମାନେ ସହାୟକ, ସେମାନଙ୍କ ମଧ୍ୟରେ ଏହା ଫଳରେ ମିଶ୍ରିତ ଚିନ୍ତା ଦେଖାଯାଏ । "ମୁଁ ଜ୍ଞାନ ଚାହେଁ- କିନ୍ତୁ ମୁଁ ଏହା ଚାହେଁ କେବଳ ଅନ୍ୟମାନଙ୍କର ପ୍ରକୃତ କାମରେ ଲାଗିବା ପାଇଁ ।" ଏହିପ୍ରକାର ବ୍ୟକ୍ତି ଅତିଶୟ ସ୍ପଷ୍ଟ ଭାବେ ଅନ୍ୟ ଲୋକଙ୍କର ଭୁଲ ଦେଖି ପାରିବେ ଯେଉଁମାନେ ସମସ୍ତ ହୃଦୟର ସହିତ ସେବା କରିବାକୁ ଚାହାନ୍ତି, କିନ୍ତୁ ମୂର୍ଖତା ଯୋଗୁଁ ଭଲ ଅପେକ୍ଷା ଅଧିକ କ୍ଷତି କରିଥାନ୍ତି । ଏହି ପ୍ରକାର ବ୍ୟକ୍ତି କହିବେ, "ମୁଁ ପ୍ରଥମେ ସମ୍ପୂର୍ଣ୍ଣ ଜ୍ଞାନଲାଭ କରେ, ତାପରେ ମୁଁ ପ୍ରକୃତରେ ଭଲ ଭାବେ ସେବା କରି ପାରିବି ।"

ଆମେ ଈଶ୍ୱରଙ୍କ ସହିତ ଏକ ହେବାକୁ ଚାହୁଁ, ଖାଲି ତାଙ୍କ ସହିତ ଏକ ହୋଇପାରିବୁ ଏବଂ ସମସ୍ତ ଗୌରବ ଏବଂ ଆନନ୍ଦରେ ବଢ଼ି ରହିବୁ ବୋଲି ନୁହେଁ, ବରଂ ସେହି ଈଶ୍ୱର ଯେପରି କରୁଛନ୍ତି ସେପରି କରିବାକୁ । ଯେପରି ଈଶ୍ୱରଙ୍କ ମହାନ୍ କାର୍ଯ୍ୟ ହେଉଛି ସମ୍ପୂର୍ଣ୍ଣ ଆତ୍ମତ୍ୟାଗ ସ୍ୱରୂପ । ପୂରାପୂରି ପଦାର୍ଥ ଭିତରରେ ନିଜକୁ ଢାଳିଦେବା । ଯାହା ଫଳରେ ଆମର ଆଗମନ ସମ୍ଭବ । ସେହିପରି ଯେ ଈଶ୍ୱରଙ୍କ ସହିତ ଏକ ହେବେ ସେ ମଧ୍ୟ ପ୍ରେମମୟ ଈଶ୍ୱରଙ୍କ କାର୍ଯ୍ୟ ସକାଶେ ସେହି ପ୍ରକାର ସମ୍ପୂର୍ଣ୍ଣ ଆତ୍ମ-ବିସ୍ମୃତି ମନୋଭାବ ଦେଖାଇବାକୁ ହେବ । ସେହି ଗୋଟିଏ ବାକ୍ୟ – "ତୁମେ ଯଦି ଈଶ୍ୱରଙ୍କ ସହିତ ଏକ ହେବାକୁ ଚାହଁ, ତୁମକୁ ମଧ୍ୟ ଅଖଣ୍ଡ ନିଃସ୍ୱାର୍ଥପରତା ଏବଂ ପ୍ରେମରେ ପୂର୍ଣ୍ଣ ହେବାକୁ ପଡ଼ିବ," ସମଗ୍ର ପଥକୁ ପ୍ରକୃତରେ ସଂକ୍ଷିପ୍ତ ରୂପେ ବର୍ଣ୍ଣନା କରୁଛି । ସଂକଳ୍ପ, ଜ୍ଞାନ ଏବଂ ପ୍ରେମ ଏହା ମଧ୍ୟରୁ ପ୍ରତ୍ୟେକ ଟିକୁ ଯଦି ପୂର୍ଣ୍ଣ ଭାବେ ବିକଶିତ କରି ସେବାରେ ନିଯୁକ୍ତ କରାଯାଏ, ତେବେ ତାହା ଅନ୍ୟ ଗୁଣଗୁଡ଼ିକୁ ମଧ୍ୟ ଟାଣି ଆଣିବ । ସୁତରାଂ ଏହା ବାସ୍ତବିକ ସତ୍ୟ ଯେ "ପ୍ରେମ ହେଉଛି ନିୟମକୁ ପୂର୍ଣ୍ଣ ରୂପେ ପାଳନ କରିବା ।"

■■■

## ଦ୍ୱିତୀୟ ଅଧ୍ୟାୟ

# ଦୈନନ୍ଦିନ ଜୀବନରେ ଭଲ ପାଇବା

**ଦୈନନ୍ଦିନ ଜୀବନରେ ଏହା ଦୁଇଟି ବିଷୟକୁ ବୁଝାଏ । ପ୍ରଥମେ, କୌଣସି ଜୀବନ୍ତ ପ୍ରାଣୀକୁ ଆଘାତ ନକରିବା ପାଇଁ ଯତ୍ନବାନ ହୁଅ । ଦ୍ୱିତୀୟରେ, ସାହାଯ୍ୟ କରିବା ପାଇଁ ସୁଯୋଗ ସକାଶେ ସର୍ବଦା ଲକ୍ଷ୍ୟ କରୁଥାଅ ।**

**ଲେଡ୍‌ବିଟର** – ସେହି ଗୋଟିଏ ବିଷୟରେ ଦୁଇଟି ଦିଗ ରହିଛି- ନିଷ୍କ୍ରିୟ ଦିଗଟି ହେଲା ଯେ ତୁମେ କୌଣସି ଆଘାତ କରିବା ନାହିଁ ଏବଂ ସକ୍ରିୟ ଦିଗ ହେଉଛି ଯେ ତୁମେ ହିତ କାର୍ଯ୍ୟ କରିବ । ଲୋକେ ସମୟେ ସମୟେ କହନ୍ତି ଯେ ପ୍ରାଚ୍ୟ ଧର୍ମଗୁଡ଼ିକ ଅକ୍ରିୟାତ୍ମକ ଏବଂ ତା ଭିତରକୁ ଆମେ ଯେଉଁ ସେବାର ଧାରଣା ପୂରାଉଛୁ, ତାହା ପ୍ରକୃତରେ ଏକ ଖ୍ରୀଷ୍ଟିଆନ୍ ଧର୍ମରେ ସେବା କଥା ବ୍ୟକ୍ତ କରାଯାଇଥିଲା ଏବଂ ବିଶେଷ ଦୃଢ଼ଭାବେ କୁହାଯାଇଥିଲା, "କିନ୍ତୁ ଯେ ତୁମମାନଙ୍କ ମଧ୍ୟରେ ମହତ୍ତମ, ସେ ହେବେ ତୁମର ସେବକ ।" ସେହି ଧାରଣା ପ୍ରାଚୀନ ଧର୍ମଗୁଡ଼ିକରେ ମଧ୍ୟ ଥିଲା ।

**ବୌଦ୍ଧ ଧର୍ମରେ–** ଯାହାକୁ ସର୍ବଦା ଧର୍ମମାନଙ୍କ ମଧ୍ୟରେ ସର୍ବାଧିକ ଅକ୍ରିୟାତ୍ମକ ବୋଲି କୁହାଯାଇଥାଏ – ନିଶ୍ଚିତ ଭାବେ ଆପଣମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି କେଉଁ ସବୁ ବିଷୟକୁ ପରିତ୍ୟାଗ କରିବାକୁ ହେବ । କିନ୍ତୁ ଏହାର ପଞ୍ଚଶୀଳ, ଇହୁଦୀ ମାନଙ୍କର ଦଶ ଆଦେଶ ତୁଳନାରେ ଅଧିକ ଅକ୍ରିୟାତ୍ମକ ନୁହେଁ । ବୌଦ୍ଧ ଧର୍ମ କହେ ନାହିଁ, 'ତୁମେ କରିବା ଅନୁଚିତ' ଯଦିଓ ଏହା କେତେକ ବିଷୟ ପରିତ୍ୟାଗ କରିବା ପାଇଁ ଶପଥ କରିବାକୁ ନିର୍ଦ୍ଦେଶ ଦିଏ । ସେଥିରେ କୁହାଯାଇଛି, "ଜୀବନ ନେବାରୁ ନିବୃତ୍ତ ହେବା ପାଇଁ, ଯାହା ମୋର ନୁହଁ ତାହା ଗ୍ରହଣ ନକରିବାପାଇଁ, ଯାହା ସତ୍ୟ ନୁହେଁ ତାହା ନକହିବା ପାଇଁ, ଉତ୍ତେଜକ ପାନୀୟ ବା ନିଶ୍ଚେତକ ଔଷଧ ଗ୍ରହଣ ନକରିବା ପାଇଁ ଏବଂ ଅବୈଧ

ଯୌନ ମିଳନରୁ ନିବୃତ୍ତ ହେବାପାଇଁ ଦିଆଯାଇଥିବା ଉପଦେଶ ପାଳନ କରିବି ।" ଏହା ଏକ ଆଦେଶ ନୁହେଁ, ଏକ ଶପଥ ।

ସ୍ୱୟଂ ବୁଦ୍ଧ ଦେଇଥିବା ଗୋଟିଏ ସୁତ୍ତ ବା ଶ୍ଳୋକରେ ଥିବା ଧର୍ମର ସଂକ୍ଷିପ୍ତ ସାରରେ ଆମେ ଏହାର ସକ୍ରିୟାତ୍ମକ ଦିଗଟି ପାଇଥାଉ ।

**"ମନ୍ଦ କାର୍ଯ୍ୟରୁ ନିବୃତ୍ତ ହୁଅ**
**ଭଲ ଭାବେ କାର୍ଯ୍ୟ କରିବାକୁ ଶିକ୍ଷା କର**
**ନିଜର ହୃଦୟକୁ ସ୍ୱଚ୍ଛ କର**
**ତାହା ହେଉଛି ବୁଦ୍ଧଙ୍କର ଧର୍ମ ।"**

ସେହି ବିଷୟଟି ସ୍ପଷ୍ଟଭାବେ ଦେଖାଯାଏ ମହାନ୍ ଅଷ୍ଟାଙ୍ଗ ମାର୍ଗରେ ଯେଉଁଥିରେ ଆପଣ ପାଇବେ, 'ସତ୍ ଦର୍ଶନ, ସତ୍ ଲକ୍ଷ୍ୟ, ସତ୍ କଥନ, ସତ୍ ବ୍ୟବହାର, ସତ୍ ଜୀବିକା, ସତ୍ ଉଦ୍ୟମ, ସତ୍ ଏକାଗ୍ରତା ଏବଂ ସତ୍ ଧ୍ୟାନ' ଏହା ଭିତରୁ ଅଧିକାଂଶ ହେଉଛି ବାସ୍ତବିକ ଅତିଶୟ ସକ୍ରିୟାତ୍ମକ ।

ଯାହା କାର୍ଯ୍ୟତଃ ଲକ୍ଷ ଲକ୍ଷ ହିନ୍ଦୁଙ୍କ ସକାଶେ ଉପଦେଶାତ୍ମକ ଧର୍ମଗ୍ରନ୍ଥ, ସେହି ଭଗବଦ୍ ଗୀତାରେ ଆପଣ ଦେଖିବେ ସର୍ବାଧିକ ସକ୍ରିୟାତ୍ମକ କାର୍ଯ୍ୟର ଉପଦେଶ ଦିଆଯାଇଛି । ସେଥିରେ ଈଶ୍ୱର ମହାନ୍ ଅଭିନେତା ରୂପେ ବର୍ଣ୍ଣିତ ହୋଇଛନ୍ତି ଏବଂ କୁହାଯାଇଛି ଯେ ଯିଏ ତାଙ୍କର ଉଦାହରଣ ଅନୁସରଣ କରନ୍ତି ନାହିଁ ଏବଂ ବିଶ୍ୱର କଲ୍ୟାଣ ପାଇଁ କାର୍ଯ୍ୟ କରନ୍ତି ନାହିଁ, ତାଙ୍କର ବଞ୍ଚି ରହିବା ବୃଥା । ସେଥିରେ କୁହାଯାଇଛି ଯେ କର୍ମ ନକରିବା ପ୍ରକୃତରେ ଘୋର ପାପ କର୍ମ । ଏହା ଲୋକଙ୍କୁ ସତର୍କ କରି ଦିଏ–ଯେପରି ଶ୍ରୀମତୀ ବ୍ଲାଭାଟସ୍କି ବାରମ୍ବାର କରିଛନ୍ତି ଯେ ନୈଷ୍କର୍ମ୍ୟ ଜନିତ ପାପ ଦୁଷ୍କର୍ମ ଜନିତ ପାପ ଭଳି ଭୟଙ୍କର । ଏବଂ ଭୌତିକ ଜୀବନ ପରିତ୍ୟାଗ କରିଥିବା ସନ୍ନ୍ୟାସୀ ସମ୍ପର୍କରେ ଏଥିରେ କୁହାଯାଇଛି ଯେ ସେ ସର୍ବଦା ଦାନ୍, ତ୍ୟାଗ ଓ ତପସ୍ୟାରେ ରତ ରହିବା ଆବଶ୍ୟକ । ହିନ୍ଦୁମାନଙ୍କର ଐତିହାସିକ ମହାନ୍ ଧର୍ମଗ୍ରନ୍ଥଗୁଡ଼ିକ ଲୋକହିତବ୍ରତୀ ଓ ଧର୍ମ ପ୍ରଚାରକମାନଙ୍କ ବର୍ଣ୍ଣନାରେ ପୂର୍ଣ୍ଣ ଯେଉଁମାନଙ୍କ ମଧ୍ୟରୁ ଅନେକେ ଈଶ୍ୱରଙ୍କ ଅବତାର ବୋଲି ବିବେଚିତ ହୁଅନ୍ତି, ଯେଉଁମାନେ ଆମର ସାଥୀ ଲୋକମାନଙ୍କୁ ସେବା କରିବାକୁ ଶିଖାଇଛନ୍ତି ।

ସେହି ସବୁ ଧର୍ମରେ ଜନସେବା ଉପରେ ଯେପରି ଜୋର୍ ଦିଆଯାଇଛି ତାହା ଠାରୁ ଅଧିକ ଅନ୍ୟ କେଉଁଥିରେ କରାଯାଇ ପାରିବ ନାହିଁ । ତଥାପି ସେଗୁଡ଼ିକରେ

ଚିନ୍ତା କରିବାର ଦିଗ ମଧ୍ୟ ରହିଛି- ଯେମିତି ଥିଲା ସମସ୍ତ ମଧ୍ୟଯୁଗର ଖ୍ରୀଷ୍ଟିଆନ୍ ଧର୍ମରେ । କେବଳ ସାମ୍ପ୍ରତିକ ବର୍ଷଗୁଡ଼ିକରେ ହିଁ ପଞ୍ଚମ ମୂଳଜାତିର ପଞ୍ଚମ ଉପଜାତିରେ ଆମର କ୍ରିୟାକଳାପର ପ୍ରଗାଢ଼ତା ଭିତରେ ସାଧୁ ଓ ସନ୍ନ୍ୟାସିନୀମାନଙ୍କୁ ହେୟଜ୍ଞାନ କରିବା ଅଥଚ କର୍ମବୀରମାନଙ୍କୁ, ଯଥା ଯୁଦ୍ଧର ବିଶିଷ୍ଟ ସେନାପତିଙ୍କୁ ବା ଶାନ୍ତି କାଳର ପ୍ରଶାସନ ଓ ରାଷ୍ଟ୍ରନାୟକମାନଙ୍କୁ ଅତି ପ୍ରଶଂସା କରିବା ଦିଗରେ ଆମେ ପ୍ରଚ୍ଛନ୍ନ ଭାବେ ଅବନତ ହୋଇପଡ଼ିଛୁ । ଧ୍ୟାନରତ ଗୋଷ୍ଠୀ ସମ୍ପର୍କୀୟ ସମଗ୍ର ଚିନ୍ତାଧାରା କିନ୍ତୁ ବେଶ୍ ସୁନ୍ଦର । ଯୋଜନା ଥିଲା ଯେ ସକ୍ରିୟ ସାଧୁ ଏବଂ ଆଶ୍ରମବାସୀଗଣ ଲୋକମାନଙ୍କ ମଧ୍ୟରେ ପ୍ରଚାର କରିବେ ଓ ଦାନ କରିବେ ଏବଂ ଧ୍ୟାନରତ ଗୋଷ୍ଠୀ ଗୃହ ଭିତରେ ପୂରାପୂରି ଧ୍ୟାନ ଓ ପ୍ରାର୍ଥନାରେ ନିବିଷ୍ଟ ରହିବେ ।

ଅନ୍ୟ ଭାଷାରେ କହିବାକୁ ଗଲେ ତାର ଅର୍ଥ ହେବ, ଉତ୍ତମ ଓ ମହତ୍ ଚିନ୍ତା କରିବା ଏବଂ ଲୋକଙ୍କୁ ସାହାଯ୍ୟ ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ସେହି ଚିନ୍ତା ପ୍ରେରଣ କରିବା । ସେମାନଙ୍କର କାମ ଥିଲା ଧ୍ୟାନ ଓ ପ୍ରାର୍ଥନାରେ ବିଶେଷତ୍ୱ ଲାଭ କରିବା ଏବଂ ତାଙ୍କର ଭାଇମାନଙ୍କ ପାଇଁ ତାହା କରିବା, ଯେଉଁ ଭାଇମାନେ ବିଭିନ୍ନ କାରଣରୁ ସେହିପରି ଭଲ ଭାବେ ବା ସମ୍ପୂର୍ଣ୍ଣ ଭାବେ କରିବାରେ ଅକ୍ଷମ ଥିଲେ । ପ୍ରତ୍ୟେକ ଧର୍ମର ତତ୍ତ୍ୱ ଥିଲା ଯେ ସେମାନେ ହେଉଛନ୍ତି ମାନବ ସମାଜର ଏକ ଅଂଶ ଏବଂ ମାନବ ସମାଜର ଆବଶ୍ୟକତା ପୂରଣ କରନ୍ତି; ସେମାନେ ସବୁ କଠିନ କାମ ଛାଡ଼ି ଦେଇ ଅଳସୁଆ ହୋଇ ବସି ନାହାନ୍ତି । ସେମାନେ ଅତିଶୟ କଷ୍ଟକର କାର୍ଯ୍ୟ କରୁଛନ୍ତି ଉଚ୍ଚତର ସ୍ତରଗୁଡ଼ିକ ସମ୍ପର୍କରେ, ଯାହା ଅନ୍ୟମାନେ କରି ପାରିବେ ନାହିଁ ଏବଂ ସେମାନେ ତାହା କରନ୍ତି ସାଧାରଣତଃ ଆତ୍ମୋତ୍ସର୍ଗ ଏବଂ କଠୋର ତପସ୍ୟା ସହକାରେ ଯାହା ସାଧାରଣ ଲୋକଙ୍କୁ ଆତଙ୍କିତ କରି ଦେବ ।

ତେବେ ଏ କଥା ମଧ୍ୟ ସତ୍ୟ ଯେ ସାଧୁର ଜୀବନ ଯେତେବେଳେ ନିର୍ଦ୍ଦିଷ୍ଟ ଭାବେ ଏଭଳି ତପସ୍ୟାରତ ନଥିଲା, ସେତେବେଳେ ତାହା ବହୁ ଲୋକଙ୍କୁ ଆକର୍ଷଣ କରୁଥିଲା ଏକ ସୁଖକର ଆଳସ୍ୟମୟ ଜୀବନ ପାଇଁ । ଏହି ପ୍ରକାର ଲୋକେ ଶାରିରୀକ କାର୍ଯ୍ୟରୁ ତ ମୁକ୍ତି ପାଆନ୍ତି, କିନ୍ତୁ ତା ବଦଳରେ ଉଚ୍ଚତର ସ୍ତରର କାର୍ଯ୍ୟ କରନ୍ତି ନାହିଁ । ବୌଦ୍ଧ ସାଧୁମାନଙ୍କ ମଧ୍ୟରେ ଏହି ପ୍ରକାରର କେତେକ ଅଛନ୍ତି, ଯେଉଁମାନଙ୍କୁ ହୀନ ନଜରରେ ଦେଖାଯାଏ ଏବଂ 'ଭାତଖିଆ ସାଧୁ' ବୋଲି କୁହାଯାଏ । ସେମାନେ ସାଧୁ ହୋଇଥାନ୍ତି ବଞ୍ଚି ରହିବାର ଏକ ନିଶ୍ଚିତ ସୁବିଧା ପାଇଁ – ଯାହା ବିଶେଷ ବିଳାସପୂର୍ଣ୍ଣ ନହେଲେ ମଧ୍ୟ କେବେହେଲେ ନିଷ୍ଫଳ ହେବ ନାହିଁ, ଯେ ପର୍ଯ୍ୟନ୍ତ ଦେଶରେ କାହା ପାଖରେ ବି କିଛି ହେଲେ

ଖାଦ୍ୟ ରହିଛି । ସେହି କଥା ମଧ୍ୟ ସତ ଥିଲା ହୁଏତ ଆଉ କିଛି ଅଧିକ ପରିମାଣରେ–ୟୁରୋପରେ ମଧ୍ୟଯୁଗୀୟ ମଠବାସୀ ଗୋଷ୍ଠୀମାନଙ୍କ ସମ୍ପର୍କରେ । ଲୋକେ ସେଥିରେ ଯୋଗ ଦେଉଥିଲେ କ୍ଷମତା ଏବଂ ପ୍ରଭାବ ସକାଶେ ଏବଂ ବହୁ କ୍ଷେତ୍ରରେ ସେମାନେ ଧନର ଅଭାବ ପ୍ରତି ଖାତିର୍ କରୁ ନଥିଲେ । ଯଦିଓ ବ୍ୟକ୍ତିବିଶେଷ ରୂପେ ସାଧୁଙ୍କର କିଛି ନଥିଲା, ତଥାପି ଏକ ସଂସ୍ଥା ରୂପେ ମଠର ପ୍ରଚୁର ଧନ ସମ୍ପତ୍ତି ଥିଲା ଯାହା ବହୁ ପରିମାଣରେ ତାଙ୍କର ଅଧୀନରେ ରହୁଥିଲା ।

**ପ୍ରଥମେ, ଆଘାତ ନ କରିବା ବିଷୟରେ । ତିନି ପ୍ରକାର ପାପ ରହିଛି, ଯାହା ପୃଥିବୀରେ ଅନ୍ୟ ସମସ୍ତ ଜିନିଷ ଅପେକ୍ଷା ଅଧିକ କ୍ଷତି କରିଥାଏ-ପରଚର୍ଚ୍ଚା, ନିଷ୍ଠୁରତା ଏବଂ ଭ୍ରାନ୍ତ ଅନ୍ଧ ବିଶ୍ୱାସ-କାରଣ ସେହିଗୁଡ଼ିକ ହେଉଛି ଭଲ ପାଇବା ବିରୁଦ୍ଧରେ ପାପ ।**

**ଲେଡ୍‌ବିଟର୍**– ଯେତେବେଳେ ମଣିଷ ଶୁଣେ ଯେ ଏମିତି ପାପ ଅଛି ଯାହା ଅନ୍ୟ ସମସ୍ତ କାର୍ଯ୍ୟ ଅପେକ୍ଷା ଅଧିକ କ୍ଷତି କରେ, ସେତେବେଳେ ସେ ହତ୍ୟା, ଡକାୟତି ଇତ୍ୟାଦି ଅପରାଧ ସମ୍ପର୍କରେ ଭାବିବା ସମ୍ଭବ । ହୁଏତ ସେ ଦେଖି ବିସ୍ମିତ ହେବ ଯେ ସେହି ତାଲିକାରେ ଶୀର୍ଷରେ ରହିଛି ପରଚର୍ଚ୍ଚା, ନିଷ୍ଠୁରତା ଏବଂ ଭ୍ରାନ୍ତ ଧର୍ମ ବିଶ୍ୱାସ ଭଳି କେତେକ ଅପେକ୍ଷାକୃତ ସାଧାରଣ କଥା । ଗୁରୁ ଏହି ପ୍ରକାର ପାପଗୁଡ଼ିକର ପରିମାଣ ଏବଂ ସେଗୁଡ଼ିକର ସୁଦୂରପ୍ରସାରୀ ପରିଣତିକୁ ବିଚାରକୁ ନେଇଛନ୍ତି । ହତ୍ୟା ଏବଂ ଡକାୟତି ସର୍ବତ୍ର ଗୁରୁତର ଅପରାଧ ବୋଲି ସ୍ୱୀକାର କରାଯାଇଛି ଏବଂ ସେହି ହେତୁ ସମ୍ମାନିତ ଲୋକେ ତାହା ପରିତ୍ୟାଗ କରନ୍ତି, ଅବଶ୍ୟ ଯଦି ଆପଣ ଯୁଦ୍ଧ ବୋଲି କହି ତାକୁ ମହତ୍ତ୍ୱ ନ ଦିଅନ୍ତି । କିନ୍ତୁ ପରଚର୍ଚ୍ଚା ହୁଏ ସର୍ବତ୍ର । କୌଣସି ଏକ ଘଟଣାରେ ତାହା କିପରି କ୍ଷତିକାରକ ହୁଏ, କିପରି ଅତିଶୟ ମାନସିକ ଯନ୍ତ୍ରଣାର କାରଣ ହୋଇପାରେ ଏବଂ କିପରି ଅନେକ ସମୟରେ ଆଦର୍ଶ ଗୁଡ଼ିକର ମୂଲ୍ୟ କମାଇ ଦିଏ, ସେହି ବିଷୟ ଯଦି କେହି ବିଚାର କରେ, ତାପରେ ତାକୁ ଗୁଣନ କରେ ସେହିପରି ଲକ୍ଷ ଲକ୍ଷ ଘଟଣା ଦ୍ୱାରା, ଯାହା ସବୁବେଳେ ଘଟି ଚାଲିଛି ତାହାହେଲେ ଖୁବ୍ ଶୀଘ୍ର ସେ ଜାଣିଯିବ ଯେ ଏହା ଅନ୍ୟ ଅପରାଧ ଅପେକ୍ଷା ପ୍ରଚୁର ପରିମାଣରେ ଅଧିକ କ୍ଷତିକାରକ ।

ଜଣକର ଆଦର୍ଶକୁ ଧ୍ୱଂସ କରି ଦେବା, ତାକୁ ଶସ୍ତା ବା ହେୟ କରି ଦେବା ଏବଂ ସର୍ବୋପରି ସେ ତାକୁ ଯେତେ ଉତ୍ତମ, ଉଚ୍ଚ ବା ମହତ୍ ବୋଲି ଭାବିଥିଲା,

ତାହା ସେପରି ନୁହେଁ ବୋଲି ତାର ମନରେ ଭାବନା ସୃଷ୍ଟି କରିବା ଏକ ଭୟାନକ ବିଷୟ । ସମୟେ ସମୟେ ପ୍ରତିମାଗୁଡ଼ିକୁ ନଷ୍ଟ କରିଦେବା ଏକ ଭଲ କଥା ବୋଲି କୁହାଯାଏ । କିନ୍ତୁ କୌଣସି ବ୍ୟକ୍ତିର ଆରାଧ୍ୟ ପ୍ରତିମାକୁ ଧ୍ୱଂସ କରିଦେବା ସେହି ବ୍ୟକ୍ତି ପ୍ରତି ସର୍ବାଧିକ ଗୁରୁତର ଆଘାତ ହୋଇପାରେ ।ଯଦି ସେ କୌଣସି ବିଷୟକୁ ଆଦର୍ଶ ବୋଲି ଧରି ନିଏ, ଯାହାକୁ ଆମେ ହୀନ ବା ତୁଚ୍ଛ ବୋଲି ଭାବୁ, ଆମେ ହୁଏତ ତାକୁ ଏକ ଉଚ୍ଚତର ଆଦର୍ଶକୁ ବାଟ ଦେଖାଇ ଦେଇପାରୁ, କିନ୍ତୁ ତାର ଆଦର୍ଶ ବଦଳରେ ତା ପାଖରେ କୌଣସି ଉଚ୍ଚତର ଏବଂ ଶ୍ରେୟସ୍କର ଆଦର୍ଶ ନ ରଖି ତାହାଠାରୁ ତାର ଆଦର୍ଶକୁ କାଢି ନେବା ହେବ ସର୍ବାଧିକ ପାପ ଏବଂ ଗର୍ହିତ କାର୍ଯ୍ୟ । କୌଣସି ପରିସ୍ଥିତିରେ ମଧ୍ୟ କାହା ତ୍ରୁଟିଗୁଡ଼ିକ ଦର୍ଶାଇ ଦେବା କିମ୍ବା କାହାକୁ ତୁଚ୍ଛଜ୍ଞାନ କରି କହିବା ଆମର କାମ ନୁହେଁ ।

**ଡ଼ଃ ବେସାନ୍ତଙ୍କ ବିରୋଧରେ ଅପପ୍ରଚାର**

ଆମ ଭିତରୁ ଅନେକ ହୁଏତ ନିଜର ବ୍ୟକ୍ତିଗତ ଅନୁଭୂତିରୁ ଜାଣନ୍ତି ଡଃ ବେସାନ୍ତ କିଭଳି ବହୁ ପରିମାଣର ଭଲ କାମ କରି ଯାଇଛନ୍ତି । ହଜାର ହଜାର ଲୋକ ତାଙ୍କ ଭାଷଣ ଓ ଲେଖା ଜରିଆରେ ଆଲୋକ ପାଇଛନ୍ତି, କିନ୍ତୁ ତଥାପି ଲୋକମୁଖରେ ତାଙ୍କ ବିରୋଧରେ ନିନ୍ଦାର ପ୍ରସାର ହେତୁ ହଜାର ହଜାର ଲୋକେ ତାଙ୍କ ଭାଷଣ ଶୁଣିବାରୁ ଏବଂ ତାଙ୍କର ବହିଗୁଡ଼ିକ ପଢ଼ିବାରୁ ନିବୃତ୍ତ ହୋଇଛନ୍ତି । ସେମାନେ କହନ୍ତି, "ମୁଁ ଶ୍ରୀମତୀ ବେସାନ୍ତଙ୍କ ସମ୍ପର୍କରେ ଅମୁକ ଅମୁକ କଥା ଶୁଣିଛି । ସେମିତିକା ଲୋକ ଲେଖିଥିବା ବହି ମୁଁ ପଢ଼ିବି କାହିଁକି ?" ସେହି ପ୍ରକାରେ ବହୁ ବ୍ୟକ୍ତି ଏହି ଜନ୍ମରେ ଯାହା ସେମାନଙ୍କର ମୁକ୍ତି ବୋଲି କୁହାଯାଇଥାନ୍ତା, ସେଥିରୁ ଆଡ଼େଇ ହୋଇ ଯାଇଛନ୍ତି । ହଜାର ହଜାର ଲୋକ ମଧ୍ୟ ତାଙ୍କ ପାଖକୁ ଲେଖନ୍ତି ଏବଂ ସେମାନେ ଯେଉଁ ବିଭିନ୍ନ ପ୍ରକାର ଅସୁବିଧାରେ ପଡ଼ିଥାନ୍ତି, ସେ ବିଷୟରେ ତାଙ୍କର ଉପଦେଶ ଚାହିଁଥାନ୍ତି । ତାଙ୍କ ବିଷୟରେ ଯେଉଁ ସବୁ ମନ୍ଦ ଏବଂ ସମ୍ପୂର୍ଣ୍ଣ ମିଥ୍ୟା ଖବର ପ୍ରସାରିତ ହୋଇଥିଲା ତାହା ଦ୍ୱାରା ବହୁ ଲୋକେ ଏହି ପ୍ରକାର ଉପଦେଶ ପାଇଁ ନିବେଦନ କରିବାକୁ ବିରତ ହୋଇଥିଲେ ।

ମୋର ମନେହୁଏ, ମୁଁ ଏମିତି କାହାକୁ ଜାଣିନାହିଁ ଯେ ଡକ୍ଟର ବେସାନ୍ତଙ୍କ ତୁଳନାରେ ଅଧିକ ଥର ବାରମ୍ବାର ଏବଂ ପୂର୍ଣ୍ଣ ଭାବେ ଆକ୍ରାନ୍ତ ହୋଇଛନ୍ତି । ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହେବାର ବହୁ ପୂର୍ବରୁ ସେ ଲୋକଙ୍କ ଆଗରେ ମୁକଚିନ୍ତାର ଶିକ୍ଷୟିତ୍ରୀ ରୂପେ ରହିଥିଲେ । ତାଙ୍କ ବିରୁଦ୍ଧରେ ପ୍ରଥମେ ସମାଲୋଚନା ଏବଂ କୁତ୍ସାରଟନା କରା ଯାଇଥିଲା, କାରଣ ସେ ନୋଲଟନ୍ ପ୍ରଚାରପତ୍ର ବୋଲି ଯାହା କୁହାଯାଉଥିଲା, ତାର

ପୁନଃପ୍ରକାଶନ କରିଥିଲେ । ଏହି ପ୍ରଚାରପତ୍ର ଥିଲା ଯୌନ ସମସ୍ୟାଗୁଡ଼ିକ ସମ୍ପର୍କରେ ଯାହାର ସମ୍ମୁଖୀନ ହେବା ଏବଂ ଅଧ୍ୟୟନ କରିବା ଉଚିତ ଥିଲା ଏବଂ ଯାହା ଲୁଚାଇ ରଖିବା ଥିଲା କୃତ୍ରିମ ଲଜ୍ଜାଶୀଳତା । ବେସାନ୍ତ ଜାତ ହେବାର ବହୁ ପୂର୍ବରୁ ତାହା ଲେଖା ଯାଇଥିଲା, କିନ୍ତୁ ତାହାର ପ୍ରକାଶନ ସ୍ଥଗିତ ରଖାଯାଇଥିଲା ମକଦ୍ଦମା ହେବା ଭୟରେ । ସେ ସେହି ବିଷୟକୁ ହାତକୁ ନେଲେ ଆଂଶିକ ଭାବେ ଏହି କାରଣରୁ ଯେ ସେ ବିଶ୍ୱାସ କରୁଥିଲେ ଯେ ଏହି ବିଷୟଟି ପ୍ରଚାରିତ ହେବା ଉଚିତ ଏବଂ ପ୍ରଚାର ପତ୍ରରେ ଯାହା ଲେଖା ଯାଇଥିଲା, ତାହା ଗରିବ ଲୋକେ ଜାଣିବା ଉଚିତ ।

କିନ୍ତୁ ମୋର ମନେ ହୁଏ, ତାହା ବ୍ୟତୀତ ସେ ଚାହୁଁଥିଲେ ତଥ୍ୟଗୁଡ଼ିକ ଲୁଚାଇ ରଖିବା ବିରୁଦ୍ଧରେ ପ୍ରତିବାଦ କରିବାକୁ ଏବଂ ସାଧାରଣତଃ ଜନସ୍ୱାସ୍ଥ୍ୟ ଓ ଜନମଙ୍ଗଳ ସମ୍ପର୍କୀୟ ସମସ୍ତ ବିଷୟ ନେଇ ମୁକ୍ତ ଭାଷଣ ଏବଂ ମୁକ୍ତ ପ୍ରକାଶନର ଯଥାର୍ଥତା ପ୍ରତିପାଦନ କରିବାକୁ । ସେ ଯାହାକୁ ଏକ ଖରାପ ଆଇନ ବୋଲି ଭାବୁଥିଲେ ପ୍ରଚାରପତ୍ର ପୁନଃ ପ୍ରକାଶନ ସମ୍ପୂର୍ଣ୍ଣ ରୂପେ ଉଦ୍ଦିଷ୍ଟ ଥିଲା ପ୍ରତି ଏକ ଆହ୍ୱାନ ସ୍ୱରୂପ । ସେ ଆଗରୁ ପୋଲିସକୁ ଜଣାଇ ଦେଇଥିଲେ ଯେ ସେହି ପ୍ରଚାରପତ୍ର ବିକ୍ରି କରିବା ହେଉଛି ତାଙ୍କ ଉଦ୍ଦେଶ୍ୟ ଏବଂ ସେମାନଙ୍କୁ ସେ ନିମନ୍ତ୍ରଣ କରିଥିଲେ ଏକ ନିର୍ଦ୍ଦିଷ୍ଟ ସମୟରେ ଆସି ସରକାରୀ ଭାବେ ସେଥିରୁ ଖଣ୍ଡିଏ କିଣିବା ପାଇଁ । ପୋଲିସ୍ ନିମନ୍ତ୍ରଣ ଗ୍ରହଣ କଲେ, ଆସିଲେ ଏବଂ ଆନୁଷ୍ଠାନିକ ଭାବେ ସେହି ଅପବାଦ ଜଡ଼ିତ ପ୍ରଚାରପତ୍ର କିଣି ଗଲେ ତାଙ୍କ ବିରୋଧରେ ମକଦ୍ଦମା କରିବାକୁ । କିନ୍ତୁ ମକଦ୍ଦମା ବିଫଳ ହେଲା । ତାପରେ ସେ ଲେଖିଲେ ସେହି ବିଷୟରେ ଅଧିକ ଯତ୍ନ ସହକାରେ ଶବ୍ଦ ପ୍ରୟୋଗ କରି ଏକ ପ୍ରଚାରପତ୍ର ।

ତାର ପୁରସ୍କାର ସ୍ୱରୂପ- ଅନ୍ତତଃ ସ୍ଥୂଳ ସ୍ତରରେ-ତାଙ୍କର ବ୍ୟକ୍ତିଗତ ଚରିତ୍ର ଉପରେ ସର୍ବାଧିକ କୁତ୍ସିତ ଆକ୍ରମଣ ହେଲା ପରେ ସେ ପ୍ରଚାର ପତ୍ରଟିକୁ ପ୍ରତ୍ୟାହାର କରିନେଲେ; କାରଣ ସେତେବେଳେ ସେ ସିଦ୍ଧାନ୍ତ କରିଥିଲେ ଯେ ତାହା ସେହି ସାମାଜିକ ଅସୁବିଧା ଦୂର କରିବାର ଶ୍ରେଷ୍ଠ ପନ୍ଥା ଦର୍ଶାଇ ନଥିଲା । କିନ୍ତୁ ମୁଁ ଏ ବିଷୟରେ ନିଶ୍ଚିତ ଯେ ସେ କେବେହେଲେ ଦୁଃଖ କରି ନାହାନ୍ତି କାରଣ ସେତେବେଳେ ଯେପରି ସେ ତଥ୍ୟଗୁଡ଼ିକୁ ବୁଝିଥିଲେ ତଦନୁଯାୟୀ ସେ ତାଙ୍କର ସର୍ବୋତ୍ତମ କାର୍ଯ୍ୟ କରିଥିଲେ । ଏହି ପ୍ରକାର ନିଃସ୍ୱାର୍ଥପରତା ଏବଂ ସାହସ ଏହି ପୃଥିବୀରେ ବିରଳ ।

## ବ୍ଲାଭାଟସ୍କି ଓ ଲେଡବିଟର୍‌ଙ୍କ ବିରୋଧରେ ନିନ୍ଦା

ଶ୍ରୀମତୀ ବ୍ଲାଭାଟସ୍କିଙ୍କ ବିରୁଦ୍ଧରେ ମଧ୍ୟ ଈର୍ଷାପର ଲୋକେ ବହୁ ପରିମାଣରେ ଅପପ୍ରଚାର କରିଥିଲେ । ଭିତ୍ତିହୀନ ଉନ୍ମତ୍ତ ଅଭିଯୋଗ ସବୁ ଆସିଥିଲା ତାଙ୍କ

ବିରୁଦ୍ଧରେ । ତାଙ୍କୁ ବ୍ୟକ୍ତିଗତ ଭାବେ ଜାଣିଥିବା ଆମ ସମସ୍ତଙ୍କୁ ସେଗୁଡ଼ିକ ସଙ୍ଗେ ସଙ୍ଗେ ଏବଂ ସ୍ପଷ୍ଟତଃ ହାସ୍ୟାସ୍ପଦ ମନେ ହୋଇଥିଲା । ତଥାପି ତଦ୍ୱାରା ବହୁ ଲୋକେ ବ୍ରହ୍ମବିଦ୍ୟାର ସତ୍ୟଗୁଡ଼ିକୁ ସଯତ୍ନ ପରୀକ୍ଷା କରିବାରୁ ବିରତ ହୋଇଥିଲେ । ସେ ପ୍ରାଣତ୍ୟାଗ କଲେ ୧୮୯୧ରେ, ତଥାପି ଏ ପର୍ଯ୍ୟନ୍ତ ଏହା ଏକ ସାଧାରଣ ଅନୁଭୂତି ହୋଇ ପଡ଼ିଛି ଯେ ଆପଣ ଯଦି ବ୍ରହ୍ମବିଦ୍ୟା ସମିତି କଥା କହିବେ, ତେବେ ଆପଣ ମନ୍ତବ୍ୟ ଶୁଣିବେ; "ହଁ, ହଁ, ତାକୁ ପ୍ରତିଷ୍ଠା କରିଥିଲେ ଶ୍ରୀମତୀ ବ୍ଲାଭାଟସ୍କି, ଯେ ବହୁରୂପୀ ବୋଲି ଜଣାପଡ଼ି ଯାଇଥିଲା । ଯେ ଗୋଟାଏ ଶଠ, ତାର ଉପଦେଶଗୁଡ଼ିକୁ ବିଚାର କରିବାରେ ଆମେ ଆମର ସମୟ ଓ ଶକ୍ତି ଖର୍ଚ୍ଚ କରିବାକୁ ଚାହୁଁ ନାହିଁ । ସେଥିରେ ସତ୍ୟ ଥିବା ସମ୍ଭବ ନୁହେଁ ।" ଏହି ପ୍ରକାର କୁତ୍ସାରଟନା ଯୋଗୁଁ ବହୁଲୋକ ବ୍ରହ୍ମବିଦ୍ୟାର ଜ୍ଞାନ ପାଇ ନାହାନ୍ତି, ଯାହା ସେମାନଙ୍କର ଜୀବନକୁ ବଦଳାଇ ପାରିଥାନ୍ତା ।

କେବଳ ଏହି କେତୋଟି ଉଦାହରଣରୁ ଆମେ ଦେଖିବା ଯେ ଘୃଣାତ୍ମକ ଏବଂ ବୁଦ୍ଧିହୀନ ପରଚର୍ଚ୍ଚା ଅମାପ କ୍ଷତି କରିପାରେ । ଏହି ପ୍ରକାର ସ୍ୱାର୍ଥପରତା ଯାହାକୁ ନିଜର ଲକ୍ଷ୍ୟ କରିଥାଏ, ତାହାର ମନରେ ମଧ୍ୟ ଅତିଶୟ ଆଘାତ ଦିଏ । ସେହି ବ୍ୟକ୍ତି ଯେ ଆହତ ହୋଇପାରେ, ତାହା ତାର ଚରିତ୍ରର ଏକ ଦୁର୍ବଳତା ଦେଖାଇ ଦିଏ; କିନ୍ତୁ ସେଥିପାଇଁ ପରଚର୍ଚ୍ଚାକାରୀକୁ କ୍ଷମା ଦିଆଯାଇ ନପାରେ କିମ୍ବା ସେ ଯେଉଁ ମନ୍ଦ କର୍ମ କରେ, ସେଥିରୁ ତାକୁ ଅବ୍ୟାହତି ମିଳିବ ନାହିଁ । ଡଃ ବେସାନ୍ତଙ୍କ ବିଷୟରେ ଯେଉଁ ଅପପ୍ରଚାର ହୁଏ, ତାହା ତାଙ୍କୁ ଭେଦ କରିପାରେ ନାହିଁ, ଯଦିଓ ଗୋଟିଏ ବିଷୟରେ ଯେତିକି ସମୟ ଧରି ସେ ସାଧାରଣତଃ ନିନ୍ଦିତ ହୁଅନ୍ତେ ତାହାଠାରୁ ଅଧିକ କାଳ ଧରି ହେଲେ ସେ ସମୟେ ସମୟେ କହନ୍ତି 'ଏହା ବିଶେଷ କ୍ଲାନ୍ତିକର ହୋଇ ପଡୁଛି-ମୁଁ ଭାବୁଛି ସେମାନେ ଆଉ କିଛି ଆଲୋଚନା କରିବାକୁ ପାଆନ୍ତେ କି ।'

ମୋତେ ମଧ୍ୟ ବହୁତ ନିନ୍ଦା କରାଯାଇଛି, କିନ୍ତୁ ସେଥିପାଇଁ ମୋର ଗୋଟିଏ ହେଲେ ରାତିର ନିଦ ନଷ୍ଟ ହୋଇ ନାହିଁ । ଏହି ପ୍ରକାରେ କର୍ମଫଳ ଆମ ପାଖରୁ ଓହରି ଯାଏ । କିନ୍ତୁ ପରଚର୍ଚ୍ଚା ଦ୍ୱାରା ଅନ୍ୟମାନଙ୍କ ର ଯେଉଁ କ୍ଷତି କରାଯାଇ ଥାଏ, ତାହା କର୍ମଫଳ ଆଣିଥାଏ ଯେଉଁମାନେ ଆରମ୍ଭ କରନ୍ତି ବା ପ୍ରସାର କରନ୍ତି ସେମାନଙ୍କ ସକାଶେ । ଅନ୍ୟ କାହା ବିଷୟରେ କିଛି କୁହା ଗଲେ, ସେଥିପ୍ରତି ଖାତିର୍ ନକରି ରହିବା ଅଧିକ କଷ୍ଟକର ଏବଂ ମୁଁ ସ୍ୱୀକାର କରୁଛି ଯେ, ଯେତେବେଳେ, ଉଦାହରଣ ସ୍ୱରୂପ କେହି ଡଃ ବେସାନ୍ତଙ୍କ ବିରୋଧରେ କିଛି କହେ, କିମ୍ବା ଯେତେବେଳେ ଅନୁପଯୁକ୍ତ ଚିନ୍ତାସବୁ ଗୁରୁମାନଙ୍କ ପ୍ରତି ସଂଚାଳିତ ହୁଏ ଯାହା ଗୁରୁଙ୍କୁ ଜାଣିଥିବା

ଆମ୍ଭମାନଙ୍କ ଦୃଷ୍ଟିରେ କୁତ୍ସା ବ୍ୟତୀତ କିଛି ନୁହେଁ, ସେତେବେଳେ ସେଥିରେ ବିରକ୍ତ ନ ହୋଇ ରହିବା ଏବେ ମଧ୍ୟ ମୋ ପକ୍ଷରେ କଷ୍ଟକର ହୁଏ ।

ପରଚର୍ଚ୍ଚା ପ୍ରକୃତ ସମାଲୋଚନା ନୁହେଁ । ଦୁର୍ଭାଗ୍ୟବଶତଃ ସମାଲୋଚନା ଶବ୍ଦଟିର ହିଁ ବର୍ତ୍ତମାନ ଅର୍ଥ ହୋଇଛି ଛିଦ୍ର ଅନ୍ୱେଷଣ କରିବା । ସମାଲୋଚନା ବୁଝାଉଥିବା, ଇଂରାଜୀର 'କ୍ରିଟିସିଜିମ୍' ଶବ୍ଦଟି ଆସିଛି ଗ୍ରୀକ୍ ଶବ୍ଦ 'କ୍ରୀନେନ୍'ରୁ- ଯାହାର ଅର୍ଥ ହେଉଛି ବିଚାର କରିବା, ସୁତରାଂ ଏହା ବିଚାରକ ମନୋଭାବ ବୁଝାଇବା ଉଚିତ-କିନ୍ତୁ ବର୍ତ୍ତମାନ ତାହା ହେଉ ନାହିଁ । ନ୍ୟାୟ ହେଉଛି ଈଶ୍ୱରଙ୍କର ଅନ୍ୟତମ ପ୍ରକଟନ । ସୁତରାଂ ପୂର୍ବାପର ସଙ୍ଗତି ନରଖି କୌଣସି ବ୍ୟକ୍ତିର କଥା ବା କାର୍ଯ୍ୟଗୁଡ଼ିକୁ ବିଚାର କରିବା ଭୁଲ୍ ଏବଂ ଏହାର ପରିଣତି ମନ୍ଦ ହୋଇଥାଏ । ମୋର ମନେ ହୁଏ, ପୃଥିବୀରେ ଏଭଳି କୌଣସି ଧର୍ମଗ୍ରନ୍ଥ ନାହିଁ (ତାହା ଯେତେ ପବିତ୍ର ଏବଂ ସୁନ୍ଦର ହେଉ ନା କାହିଁକି) ଯେଉଁଥିରୁ କେତେକ ଶବ୍ଦକୁ ପୂର୍ବାପରି ସଙ୍ଗତି ନଦେଇ କେବଳ ସେହିପରି ଥୋଇ ଦେଲେ, ତାହା ହାସ୍ୟାସ୍ପଦ ହେବ ନାହିଁ । ଅନ୍ୟମାନଙ୍କ ଚିନ୍ତା ନେଇ ଆମେ ସର୍ବଦା ତାହା ହିଁ କରିଥାଉ । ଆମେ ଦେଖୁ ଜଣେ ଅଳ୍ପକେ ରାଗି ଯାଉଛନ୍ତି-ସେ କାଟି ଦେବା ଭଳି କଥା କହୁଛନ୍ତି, ହୁଏତ ଟାଣ ଶବ୍ଦରେ; ଏବଂ ଆମେ ସାଙ୍ଗେ ସାଙ୍ଗେ ଧରି ନେଉ ଯେ ତାହା ହିଁ ତାଙ୍କର ଚରିତ୍ରର ସୂଚନା ଦିଏ । କିନ୍ତୁ ତାଙ୍କର ସେପରି ଅଳ୍ପକେ ଚିଡିବାର କାରଣ ଆମେ ଜାଣୁ ନାହିଁ । ହୁଏତ ସେ ଗୋଟିଏ ରୋଗୀ ପିଲା ନେଇ ରାତିସାରା ବସି ରହିଛନ୍ତି । ହୁଏତ ଆଉ ଜଣେ କେହି ତାଙ୍କ ସହିତ କଳି କରିଛି ବା ଅନ୍ୟ କୌଣସି ପ୍ରକାରେ ଅତିଶୟ ବିରକ୍ତ କରିଛି ଏବଂ ଆମେ ତାର ପ୍ରତିଫଳିତ କ୍ରିୟା ଦେଖିବାକୁ ପାଇଛୁ, ଯଦିଓ ସେ ପ୍ରକୃତରେ ଆମ ଉପରେ ବିରକ୍ତ ହୋଇ ନାହାନ୍ତି । ଯଦି ସେ ମହାନ୍ ସିଦ୍ଧ ପୁରୁଷ ହୋଇଥାନ୍ତେ, ତେବେ ରାଗନ୍ତେ ନାହିଁ । କିନ୍ତୁ ଆମେ ସମସ୍ତେ ଏପର୍ଯ୍ୟନ୍ତ ମହାନ୍ ସିଦ୍ଧ ପୁରୁଷ ହୋଇ ନାହୁଁ ଏବଂ ସେଥିପାଇଁ ଏହି ସବୁ ଘଟୁଛି ।

ମୁଁ ଛୋଟ ପିଲା ଥିବାବେଳେ ପ୍ରଥମେ ଏହି କଥା ଶିଖିଲି ଏକ ପୁରୁଣା କଚୁଆନ୍‌ଠାରୁ । ମୁଁ ଦିନେ ତା ପାଖରେ ଥିଲି ଯେତେବେଳେ ଜଣେ ଲୋକ ତା ପାଖକୁ ଆସି ଭାରି ରକ୍ଷ ସ୍ୱରରେ କହିଲା । ପୁରୁଣା କଚୁଆନ୍ ଆପାତତଃ ତାର ରୁକ୍ଷ ସ୍ୱର ପ୍ରତି କୌଣସି ଦୃଷ୍ଟି ନଦେଇ ଉତ୍ତର ଦେଲା । ସେହି ଲୋକ ଯିବା ପରେ ମୁଁ ପଚାରିଲି, 'ଜନ୍, ତୁମେ କଣ କରିଥିଲ କି ଯେଉଁଥିପାଇଁ ସେହି ଲୋକ ତୁମ ଉପରେ ଏତେ ରାଗି ଯାଇଛି ?' 'କିଛି ନାହିଁ ଆଜ୍ଞା, ସେ ମୋ ଉପରେ ରାଗି ନାହିଁ ।' ପୁରୁଣା ଚାକର ଉତ୍ତର ଦେଲା, 'ମୁଁ ତାକୁ ବିରକ୍ତ କରି ନାହିଁ,

କିନ୍ତୁ ହୁଏତ ତାର ସ୍ତ୍ରୀ କିମ୍ବା ଆଉ କେହି ତାକୁ ରଗେଇ ଦେଇଛି ।' ଏବଂ ତାପରେ ସେ ମୋତେ ବୁଝାଇ ଦେଲା ଯେ ଯଦି ଥରେ ଜଣେ ମଣିଷ ସମ୍ପୂର୍ଣ୍ଣ ଭାବେ ବ୍ୟଥିତ ହୋଇ ପଡ଼େ, ତାହାହେଲେ ତା ସାମନାରେ ଯେ ଆସେ, ତାହା ଉପରେ ସେ ତାର ରାଗ ଝାଡି ଦିଏ ।

**ଭୁଲ୍ ଧାରଣାର ପ୍ରଭାବ**

ମଣିଷର ମନ ଉପରେ ନିର୍ଦ୍ଦୟ ନିଷ୍ପତ୍ତିର ପ୍ରଭାବ ଏବଂ ତାର ଜଡି ରହିବା କ୍ଷମତା ଏବଂ ବିଷର ଉଗ୍ରତାକୁ ବିଶ୍ୱାସ କରି ହୁଅନ୍ତା ନାହିଁ ଯଦି ସର୍ବଦା ତାର ପ୍ରମାଣ ଆମ ଉପରେ ଚାପି ହେଉ ନଥାନ୍ତା । ମଣିଷ ଏକ ଭୁଲ୍ ଧାରଣାର ବଶବର୍ତ୍ତୀ ହୋଇଯାଏ ଏବଂ ତାର ସମସ୍ତ ଦୃଷ୍ଟିକୋଣ ତାହାଦ୍ୱାରା ଆଚ୍ଛନ୍ନ ହୋଇଯାଏ । ଏହି ପୁସ୍ତକ ସମ୍ପର୍କରେ ମଧ୍ୟ ଆମେ ସେହି କଥା ଦେଖିଛୁ । ଏହି ବହି ପ୍ରକାଶିତ ହେବାର ବହୁ ପୂର୍ବରୁ ମୁଁ ଯେତେବେଳେ ପରଚର୍ଚ୍ଚା ସମ୍ପର୍କରେ ଆଲସିଓନ୍‌କୁ ଦିଆଯାଇଥିବା ଏହି ଉପଦେଶ ପ୍ରଥମେ ଶୁଣିଲି, ସେତେବେଳେ ମୁଁ ଏହାର ଗୁରୁତ୍ୱ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲି । ସେଥିପାଇଁ କେତେକ କ୍ଷେତ୍ରରେ ମୁଁ ଏହା ବାରମ୍ବାର କହିବାକୁ ଲାଗିଲି । ଯେତେବେଳେ ବହିଟି ମୁକ୍ତିଲାଭ କଲା, ସେତେବେଳେ କେତେକ ଲୋକ ଏହି କଥାଟି ଉପରେ ମାଡି ବସିଲେ ଯେ ବହି ପ୍ରକାଶିତ ହେବାର କେତେ ମାସ ପୂର୍ବରୁ ଏହି ସବୁ କଥା କୁହାଯାଇଛି । ସେହିହେତୁ ସେମାନେ କହିଲେ ଯେ ଏହାର ଏକ ଅଂଶ ନିଶ୍ଚୟ ମୋର କାମ ହୋଇଥିବ ।

ମୁଁ କହିଛି ଯେ ଆଲସିଓନ୍‌ଙ୍କର କାମଲୋକର ଅନୁଭୂତିର ସ୍ମୃତିର ବିକାଶ ଘଟିଥିଲା ଦୁଇଟି ପର୍ଯ୍ୟାୟରେ । ପ୍ରଥମ ପର୍ଯ୍ୟାୟରେ ସେ ସମ୍ପୂର୍ଣ୍ଣ ଭାବେ ମନେ ରଖିପାରୁ ନଥିଲେ, ଯେତେବେଳେ ମୁଁ ଗୁରୁଙ୍କ ଦ୍ୱାରା ଦିଆଯାଇଥିବା ଆଧ୍ୟାତ୍ମିକ ଉପଦେଶ ଗୁଡ଼ିକୁ ଦୋହରାଉଥିଲି ଯାହା ପରବର୍ତ୍ତୀ ଦିନ ପାଇଁ ଦରକାରୀ ଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ସେ ମନେ ରଖି ପାରୁଥିଲେ । ମୁଁ ଦେଖିଲି ଯେ ବମ୍ବେରେ ଏହି କାହାଣୀ ପ୍ରଚାର କରାଯାଉ ଥିଲା ଯେ ସେହି ପ୍ରକାରେ ମୁଁ ସମଗ୍ର ବହିଟିକୁ ତାଙ୍କୁ ପୁନର୍ବାର କହିଛି । କିନ୍ତୁ ପ୍ରକୃତ ଘଟଣା ହେଉଛି ଯେ ବହିଟି ଲେଖା ଯାଇଥିଲା ଦ୍ୱିତୀୟ ପର୍ଯ୍ୟାୟରେ, ଯେତେବେଳେ ଗୁରୁ ଯାହା କହୁଥିଲେ ସେ ତାହା ମନେ ରଖି ପାରୁଥିଲେ ଏବଂ ସେ ନିଜେ ତାହା ଲିପିବଦ୍ଧ କରିଥିଲେ । ଯେତେବେଳେ ଲୋକେ ସେପରି ଟିକିଏ ମୋଡି ଦିଆ ଯାଇଥିବା କଥା ଶୁଣନ୍ତି, ସେତେବେଳେ ସେମାନେ ସମସ୍ତ କଥାକୁ ବିକୃତ କରି ଦିଅନ୍ତି । ଏହିପରି କଥାଗୁଡ଼ିକୁ ବିକୃତ କରିବା ଜନିତ ସବୁ ପ୍ରକାର ଅନ୍ୟାୟ ଏବଂ ଭୁଲ୍ ଧାରଣା

ଯୋଗୁ ମୁଁ ବହୁତ କଷ୍ଟ ପାଇଛି । ମୁଁ ତିଳେ ହେଲେ ତାକୁ ଗୁରୁତ୍ୱ ଦିଏ ନାହିଁ, କିନ୍ତୁ ତାହା ମୋତେ ଅତିଶୟ ସ୍ପଷ୍ଟ ଭାବରେ ଦର୍ଶାଇ ଦିଏ ଯେତେବେଳେ ଲୋକେ ଏକ ଭୁଲ୍ ଧାରଣା ନେଇ ଆରମ୍ଭ କରନ୍ତି, ସେତେବେଳେ ଭୁଲ୍ ବୁଝିବା କେତେ ସହଜ ହୋଇଯାଏ । ମୁଁ ଦେଖିଛି ଯେ ସର୍ବାଧିକ ହାସ୍ୟାସ୍ପଦ ଭୁଲ୍ ସବୁ ହୋଇ ଚାଲେ, ଯେଉଁଥିରେ ପ୍ରତ୍ୟେକ ଘଟଣାକୁ ସେହି ଗୋଟିଏ ଧାରଣାକୁ ଦୃଢୀଭୂତ କରିବାକୁ ବ୍ୟବହାର କରାଯାଏ ଯାହାର କୌଣସି ପ୍ରକୃତ ଭିତ୍ତିଭୂମି ନଥାଏ । ବରଂ ତାହା ଥାଏ କେବଳ ଏକ କଳ୍ପନା-ମୂଳରୁ ଶେଷ ପର୍ଯ୍ୟନ୍ତ ।

ଗୂଢ଼ତାତ୍ତ୍ୱିକ ପ୍ରଶିକ୍ଷଣ କାଳରେ ଆମକୁ ଏକ ପରୀକ୍ଷା କରିବାକୁ ହୋଇଥାଏ; କେତେକ ପଶୁଙ୍କର ଚେତନା ସହିତ ଆମର ଚେତନାକୁ ମିଶାଇ ଦେବାକୁ ହୋଇଥାଏ । ଏହା କେବଳ ଏକ ଅଭ୍ୟାସର ପ୍ରଶ୍ନ । ଶିଷ୍ୟକୁ ତାହା କରିବା ପାଇଁ କୁହାଯାଇଥାଏ ଯାହା ଫଳରେ ସେ ପରେ ଶିଖିବାକୁ ସକ୍ଷମ ହୁଏ ଯେ କିପରି ଅନ୍ୟ ତଥା ଉଚ୍ଚତର ଚେତନା ଥିବା ପ୍ରାଣୀମାନଙ୍କ ସହିତ ତାହା କରି ହେବ । ଆମେ ଯେ କୌଣସି ପଶୁଠାରୁ ବହୁ ଉଚ୍ଚରେ ବୋଲି ନିଜକୁ ମନେ କରୁ ଏବଂ ତାହା ଯଥାର୍ଥ, କାରଣ ଆମେ ହେଉଛୁ ଏକ ଉଚ୍ଚତର ଜଗତର । ସୁତରାଂ ଆମ ପକ୍ଷରେ ସେହି ପଶୁର ମନକୁ ବୁଝିବା ସମ୍ପୂର୍ଣ୍ଣ ସହଜ ହେବା ଉଚିତ । ତଥାପି ମୋର ଯାହା ଅନୁଭୂତି ହୋଇଛି, ମୋର ମନେ ହୁଏ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଯେ'କି ପଶୁମାନଙ୍କୁ ମନୋଯୋଗ ସହ ଦେଖନ୍ତି, ସେ ସେମାନଙ୍କର ଧାରଣା ଏବଂ ଉଦ୍ଦେଶ୍ୟକୁ ସର୍ବଦା ଭୁଲ୍ ଭାବେ ଉପସ୍ଥାପନ କରୁଥିବେ ।

ଆପଣ ଯେତେବେଳେ ପ୍ରକୃତରେ ଜାଣିପାରନ୍ତି ଏକ ପଶୁ କ'ଣ ଭାବୁଛି, ଆପଣ ଦେଖିବେ ଯେ ଯାହା କରୁଛି, ତାହା ପାଇଁ କାରଣ ରହିଛି, ଯାହା କେବେହେଲେ ଆପଣଙ୍କ ମନକୁ ଆସି ନଥିଲା । ଯେହେତୁ ଆମେ ପଶୁକୁ ବୁଝିବାରେ ଅକ୍ଷମ, ଯାହାର ଚିନ୍ତାଧାରା ଅଳ୍ପ ଏବଂ ସହଜ, ସେହିହେତୁ ଆମେ ଆମର ସାଥୀ ଲୋକଙ୍କୁ ବୁଝିବାର ସମ୍ଭାବନା କମ୍ । ଆମେ ଅବଶ୍ୟ ମଣିଷର ନିକଟତର, କିନ୍ତୁ କୌଣସି ମଣିଷ ଯେ ଅନ୍ୟ କୌଣସି ମଣିଷକୁ କେବେହେଲେ ଆଦୌ ବୁଝିପାରେ, ସେ ବିଷୟରେ ମୋର ସନ୍ଦେହ ହୁଏ । ଏହା ଅଦ୍ଭୁତ ଶୁଣାଇଯାଇ ପାରେ, କିନ୍ତୁ ଆମେ ସମସ୍ତେ ହେଉଛୁ ଏକାକୀ; ପ୍ରତ୍ୟେକ ବ୍ୟକ୍ତି ନିଜ କଥା ନେଇ ବ୍ୟସ୍ତ । ଆଉ ଗୋଟିଏ ଦିଗରୁ ଏ କଥା ସତ ଯେ ଆମେ ହେଉଛୁ ଏକ ଶକ୍ତିଶାଳୀ ଭ୍ରାତୃମଣ୍ଡଳୀ । କିନ୍ତୁ ଆମର ମନଗୁଡ଼ିକର ଦୃଷ୍ଟିରୁ ଦେଖିଲେ, ପ୍ରତ୍ୟେକ ବ୍ୟକ୍ତି ନିଜର ଏକ ଗମ୍ବୁଜ ଭିତରେ ଜୀବନ ବିତାଇଥାଏ ।

ତାର ମନର ପରିଧି ଅନ୍ୟ ବକ୍ତିର ମନକୁ ମାତ୍ର ଗୋଟିଏ ବିନ୍ଦୁରେ ସ୍ପର୍ଶ କରେ ଏବଂ ସେଥିରେ ମଧ୍ୟ କେବଳ ସନ୍ଦେହଜନକ ଏବଂ ଅନିର୍ଦ୍ଦିଷ୍ଟ ଭାବେ ।

**ଯେଉଁ ବ୍ୟକ୍ତି ନିଜର ହୃଦୟକୁ ଈଶ୍ୱରଙ୍କ ପ୍ରେମରେ ପୂର୍ଣ୍ଣ କରିବାକୁ ଚାହିଁବେ, ତାଙ୍କୁ ଏହି ତିନିଟି ବିରୋଧରେ ଅବିରତ ଜାଗ୍ରତ ରହିବାକୁ ହେବ ।**

**ଲେଡ୍‌ବିଟର-** ଜଣେ ଭାବି ପାରେ ଯେ ଉପରୋକ୍ତ ତିନିଟି ବିଷୟକୁ ଏଡାଇ ଦେବା ବେଶ୍ ସହଜ । କିନ୍ତୁ ତାହା ନୁହେଁ, କାରଣ ଦୁଃଖର ବିଷୟ ଏହି, ସେଗୁଡ଼ିକ ଏପରି ସାଧାରଣ କଥା ଏବଂ ଅଭ୍ୟାସଗତ ହୋଇ ପଡ଼ିଛି ଯେ ଖୁବ୍ କମ୍ ଲୋକେ ସେଗୁଡ଼ିକର ଅସ୍ତିତ୍ୱ ଉପଲବ୍ଧି କରନ୍ତି । କ୍ରମବିକାଶ କ୍ଷେତ୍ରରେ ଆମର ସ୍ଥିତି ଦୃଷ୍ଟିରୁ ସେଗୁଡ଼ିକ ହେଉଛି ଆମ ପକ୍ଷରେ ବିଶେଷ କଷ୍ଟକର । ଆମ୍ଭେମାନେ ବିକାଶ କରିବାରେ ଲାଗିଛୁ । ଆମର ନିମ୍ନତର ମାନସ ପ୍ରଥମେ ପୃଥକ୍ ଗୁଣ ଗୁଡ଼ିକୁ ଖୋଜିଥାଏ । ସେହି କାରଣରୁ ଲୋକେ ପ୍ରଥମେ ଦେଖିବାକୁ ଲାଗନ୍ତି ତାଙ୍କ ଆଗରେ ଯାଇ କିଛି ଆସେ- ସେଥିରେ କେଉଁ କେଉଁ ବିଷୟ ସେମାନଙ୍କୁ ଭଲ ଲାଗେ ନାହିଁ । ଫଳରେ ପ୍ରାୟ ଅପରିବର୍ତ୍ତନୀୟ ଭାବେ ଆସେ ଟିପ୍ପଣୀ ଓ ସମାଲୋଚନା । ଯେଉଁ ବ୍ୟକ୍ତି ଛିଦ୍ର ଅନ୍ୱେଷଣ କରିବାରେ ଏବଂ ପାର୍ଥକ୍ୟ ଗୁଡ଼ିକୁ ଖୋଜିବାରେ କେବଳ ତାର ଶକ୍ତି ଅପଚୟ କରିବାରେ ଲାଗେ ସେ ସମୟର ପଛରେ ପଡ଼ିଛି ଏବଂ ତାହାଠାରୁ କିଛି ଆଶା କରାଯାଇ ନପାରେ । ଆମେ ବର୍ତ୍ତମାନ ସମନ୍ୱୟ ର ଅଧ୍ୟୟନ କରିବା ଏବଂ ପ୍ରତ୍ୟେକ ବିଷୟରେ ଦିବ୍ୟସତ୍ତା ଏବଂ ଉତ୍ତମ ବିଷୟର ଅନ୍ୱେଷଣ କରିବା ପାଇଁ ଚେଷ୍ଟା କରିବା ଉଚିତ; କାରଣ ଆମକୁ ଅନ୍ତର୍ଦୃଷ୍ଟିର ବିକାଶ ଆରମ୍ଭ କରିବାକୁ ହେବ । ଆମେ ବଞ୍ଚି ରହିବାକୁ ଚେଷ୍ଟା କରୁଛୁ ଆଗାମୀ କାଲି ସକାଶେ, ଗତ କାଲି ପାଇଁ ନୁହେଁ । ସୁତରାଂ ଏହି ଅଜ୍ଞତା ଅନ୍ଧକାରରେ ଜୁଆରରେ ଆମେ ନିଜକୁ ଭାସି ଯିବାକୁ ଦେବା ଉଚିତ୍ ହେବ ନାହିଁ । ବରଂ ଆମକୁ ସର୍ବଦା ନିଜକୁ ମନେ ପକାଇ ଦେବାକୁ ହେବ ଯେ ଆମେ ହାର ମାନିବୁ ନାହିଁ, ତାହା ନହେଲେ ତାର ସ୍ରୋତ ଆମ ଚାରିଆଡ଼େ ଏପରି ଘେରି ଯିବ ଏବଂ ଆମ ଉପରେ ଏପରି ଚାପ ପକାଇବ ଯେ ଆମେ ସମୟେ ସମୟେ ପଛେଇ ଯିବୁ ।

■■■

## ତୃତୀୟ ଅଧ୍ୟାୟ

# ପରନିନ୍ଦା

**ପରନିନ୍ଦା କଣ କରେ ଦେଖ । ଏହା ଆରମ୍ଭ ହୁଏ ମନ୍ଦଚିନ୍ତାରୁ ଏବଂ ତାହା ତ ଗୋଟିଏ ଅପରାଧ । କାରଣ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଏବଂ ପ୍ରତ୍ୟେକ ବିଷୟରେ ଭଲ ରହିଛି; ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଏବଂ ପ୍ରତ୍ୟେକ ବିଷୟରେ ମନ୍ଦ ରହିଛି । ଏହି ଉଭୟ ମଧ୍ୟରୁ ଗୋଟିକୁ ଆମର ଚିନ୍ତା ଦ୍ୱାରା ଆମେ ଦୃଢୀଭୂତ କରିପାରୁ ଏବଂ ଏହି ପ୍ରକାରେ ଆମେ କ୍ରମବିକାଶକୁ ସାହାଯ୍ୟ କରିପାରୁଁ ବା ବାଧା ଦେଇପାରୁଁ, ଆମେ ଈଶ୍ୱରଙ୍କ ଇଚ୍ଛାକୁ କାର୍ଯ୍ୟକାରୀ କରିପାରୁଁ ବା ତାଙ୍କୁ ପ୍ରତିରୋଧ କରିପାରୁଁ । ତୁମେ ଯଦି ଅନ୍ୟ ଭିତରେ ମନ୍ଦକୁ ଚିନ୍ତା କର, ତେବେ ତମେ ସେହି ଏକ ସମୟରେ ତିନିଟି ଗର୍ହିତ କାର୍ଯ୍ୟ କରୁଛ ।**

**ଲେଡ୍‌ବିଟର୍-** ଗୁରୁ ମନ୍ଦ ଚିନ୍ତାକୁ ଏକ ଅପରାଧ ବୋଲି କହିଛନ୍ତି । ଆମେ ଯେତେବେଳେ ମନେ ପକାଉ ଯେ ଗୁରୁଙ୍କର ଭାଷଣ ସର୍ବଦା ଅତିଶୟ ସୁଚିନ୍ତିତ ଏବଂ ସଂଯତ, ଆମେ ଉପଲବ୍ଧି କରୁ ଯେ ଯାହା ବିରୋଧରେ ସେ ଏତେ ଦୃଢ଼ ଭାବେ କହିଛନ୍ତି, ତାହା ନିଶ୍ଚିତ ଭାବେ ମନ୍ଦ ହୋଇଥିବ ।

ଅନ୍ୟ ବ୍ୟକ୍ତିର ଉଦ୍ଦେଶ୍ୟକୁ ବୁଝିବା ପାଇଁ ଏବଂ ତାର ବିଚାରଧାରା ଅନୁସରଣ କରିବା ପାଇଁ ପ୍ରଚେଷ୍ଟା ଭୁଲ୍ ହେବା ଖୁବ୍ ସମ୍ଭବ; ସୁତରାଂ ଖୁବ୍ କମରେ ଆମେ ଯାହା କରି ପାରିବା ତାହା ଉଏଉଛି (ଆମର ସନ୍ଦେହ ଅପ୍ରମାଣିତ ଥିବା ହେତୁ) ତାକୁ ଅବ୍ୟାହତିର ସୁବିଧା ଦେବା । ଅଧିକାଂଶ ଲୋକେ ମୋଟାମୋଟି ବେଶ୍ ସମ୍ମାନାସ୍ପଦ ଏବଂ ଉତ୍ତମ ଉଦ୍ଦେଶ୍ୟ ପ୍ରଣୋଦିତ । ସୁତରାଂ ଆମେ ସେମାନଙ୍କର ଉତ୍ତମ ଉଦ୍ଦେଶ୍ୟକୁ ବିଶ୍ୱାସ କରିବା ଉଚିତ । ଯଦି ଆମର ଭୁଲ୍ ହୁଏ, ତେବେ ସେହି ବ୍ୟକ୍ତି ସମ୍ପର୍କରେ

ଆମର ସାମାନ୍ୟ ଉଚ୍ଚତର ଚିନ୍ତା ତାଙ୍କ ଉପରେ କାର୍ଯ୍ୟ କରିବ ଏବଂ ଏହା ପ୍ରକୃତରେ ତାଙ୍କର ଭଲ କରିବ । ଆପଣ ଯେତେବେଳେ ଅନ୍ୟ ବିରୁଦ୍ଧରେ କିଛି ଶୁଣନ୍ତି- ଆପଣ ନିଜକୁ ପଚାରନ୍ତୁ-ଯଦି ତାହା ଆପଣଙ୍କ ପୁଅ ବା ଭାଇ ବିରୁଦ୍ଧରେ ହୋଇଥାଏ, ତେବେ ଆପଣ କଣ ସେହି ଗୁଜବକୁ ପୁନରାବୃତ୍ତି କରି ଆଗେଇ ଦେବାକୁ ଓ ତାହାକୁ ଅଧିକ ବଡ଼ ଆକାର ଦେବା ପାଇଁ ଚାହିଁବେ ? ନିଶ୍ଚିତ ଭାବେ ଆପଣ ତାହା ଚାହିଁବେ ନାହିଁ । ପ୍ରଥମରେ ଆପଣ ତାର ପ୍ରତିରୋଧ କରିବେ ଏବଂ ଯାହାହେଲେ ମଧ୍ୟ ଆପଣ ତାହାର ପ୍ରସାର କରିବେ ନାହିଁ ତେବେ ଆପଣ ଅନ୍ୟ କାହାର ପୁଅ ବା ଭାଇ ସମ୍ପର୍କରେ କାହିଁକି ଭିନ୍ନ ଭାବେ କାର୍ଯ୍ୟ କରିବେ ?

**୧. ତୁମେ ନିଜର ପ୍ରତିବେଶିତ୍ୱକୁ ଭଲ ଚିନ୍ତା ବଦଳରେ ମନ୍ଦ ଚିନ୍ତାରେ ପୂର୍ଣ୍ଣ କରୁଛ ଏବଂ ସେହି ପ୍ରକାରେ ତୁମେ ପୃଥିବୀର ଦୁଃଖକୁ ବଢାଇବାରେ ଲାଗିଛ ।**

**ଲେଡ୍‌ବିଟର୍** - ଆମେ ପୃଥିବୀକୁ ଯେପରି ତିଆରି କରୁ ଏବଂ ଯେପରି ଗ୍ରହଣ କରୁ ପୃଥିବୀ ବହୁ ପରିମାଣରେ ସେହିପରି ହୋଇଥାଏ । ମନୁଷ୍ୟ ଯଦି ନିରାଶବାଦୀ ହୁଏ, କେବଳ ମନ୍ଦ ଏବଂ ଅନ୍ଧକାରର ଅନ୍ୱେଷଣ କରୁଥାଏ, ଖୋଜି ବୁଲୁଥାଏ ଏକ ସୁଯୋଗ ଯେଉଁଥିରେ ସେ ନିଜକୁ ଅପମାନିତ ଏବଂ ଆହତ ମନେ କରିବ, ତାହାହେଲେ ସେ ତାହା ହିଁ ପାଇବ । ପୃଥିବୀରେ ମନ୍ଦ ରହିଛି ଏବଂ ଏହି ସବୁର ନିମ୍ନସ୍ତରରେ ବହୁ ଦୁଃଖ ରହିଛି, ଯେପରି ଦେଖେଇଛନ୍ତି ଭଗବାନ ବୁଦ୍ଧ । ଆମେ ସେଗୁଡ଼ିକୁ ଅଧିକ ବଢେଇ ଗୁରୁତର ଅସୁବିଧାରେ ପରିଣତ କରି ପାରିବା, ଅଥବା ଆମେ ପୃଥିବୀକୁ ବିଚାର କରି ପାରିବା ଆଶାବାଦୀ ରୂପେ, ଦୃଢ଼ ସଂକଳ୍ପର ଏକ ପ୍ରଫୁଲ୍ଲ ମନୋଭାବ ନେଇ ପ୍ରତ୍ୟେକ ଜିନିଷ ର ସର୍ବୋତ୍ତମ ଉପଯୋଗ ପାଇଁ । ଏହି ଦ୍ୱିତୀୟ ପ୍ରକାର ପନ୍ଥାରେ ଆମେ ଦେଖିବା ଯେ ବହୁ ପରିମାଣରେ ଜିନିଷ ଅଛି ଯାହା ଆନନ୍ଦଦାୟକ, ଯାହା ଆମର ବାହ୍ୟ ଜୀବନ ଏବଂ ଆମର ଚିନ୍ତାଶକ୍ତି ଦ୍ୱାରା ପୃଥିବୀକୁ ଅନ୍ୟମାନଙ୍କ ପାଇଁ କରିବ ଅଧିକ ହର୍ଷୋଜ୍ଜ୍ୱଳ ।

**ଚିନ୍ତା ଶକ୍ତିର କାର୍ଯ୍ୟଧାରା**

ବହୁ ଲୋକ ଅଛନ୍ତି ଯେଉଁମାନେ ନିୟମିତ ଧ୍ୟାନ ଅଭ୍ୟାସ କରିବାରେ ଲାଗିଛନ୍ତି ବହୁ ବର୍ଷ ଧରି । ସେମାନେ ନିଶ୍ଚିତ ଭାବେ ଅଧିକ ନିର୍ଦ୍ଦିଷ୍ଟ ଭାବେ ଚିନ୍ତା କରିବାକୁ ଶିଖିଥିବେ ଅନ୍ୟମାନଙ୍କ ଅପେକ୍ଷା- ଯେଉଁମାନେ ସେହି ପ୍ରକାର କୌଣସି

ଉଦ୍ୟମ କରି ନାହାନ୍ତି । ସେହିହେତୁ ସେମାନଙ୍କର ଚିନ୍ତା ହେଉଛି ଅଧିକ ଶକ୍ତିଶାଳୀ । ଯଦି ସେମାନେ ଅନ୍ୟମାନଙ୍କ ବିଷୟରେ ମନ୍ଦ ଚିନ୍ତା କରନ୍ତି, ତେବେ ସାଧାରଣ ଲୋକଙ୍କ ତୁଳନାରେ ତାହା ଅନେକ ପ୍ରକାରେ ଅତିଶୟ ଖରାପ ହେବ ।

ପ୍ରଥମତଃ, ଯେହେତୁ ସେମାନେ ଅଧିକ ଭଲ ଭାବରେ ଜାଣନ୍ତି, ଯେପରି ଚର୍ଚ୍ଚରେ କୁହାଯାଏ, ସେମାନେ 'ଆଲୋକ ବିରୁଦ୍ଧରେ ପାପ କରୁଛନ୍ତି ।' ଦ୍ୱିତୀୟରେ, ସେମାନଙ୍କର ଚିନ୍ତାରୁ ଜନ୍ମ ନିଏ ନିର୍ଦ୍ଦିଷ୍ଟ ଏବଂ ଅପେକ୍ଷାକୃତ ସ୍ଥାୟୀ ରୂପ ସବୁ – ଯେଉଁଗୁଡ଼ିକର ଅନେକ ସମୟରେ ପ୍ରଚୁର ପ୍ରଭାବ ପଡ଼ିଥାଏ କାମଲୋକ ଏବଂ ମାନସ ଲୋକର ପରିବେଶରେ । ସୁତରାଂ ଆପଣ ନିଜର କ୍ଷମତାକୁ ବ୍ୟବହାର କରନ୍ତୁ ପୃଥିବୀକୁ ଅଧିକ ଆନନ୍ଦ ଦାୟକ ଏବଂ ସୁଖୀ କରିବା ପାଇଁ । ଆପଣଙ୍କ କୌଣସି ଧାରଣା ନାହିଁ କେତେ ପରିମାଣରେ ତାହା କରାଯାଇ ପାରିବ । କେବଳ ସମସ୍ତ ଦୁଃଖମୟ ଓ ସ୍ୱାର୍ଥପର ଚିନ୍ତାକୁ ଦୂରେଇ ଦେବା ଦ୍ୱାରା ଏବଂ ନିଜକୁ ପୂର୍ଣ୍ଣ କରିବା ଦ୍ୱାରା ତାହା ପ୍ରେମ ଭାବରେ ଆପଣଙ୍କ ଚାରି ପାଖରେ ବିସ୍ତାରିତ ହେବ ।

**୨. ଯଦି ସେହି ଲୋକ ଭିତରେ ମନ୍ଦ ଅଛି, ଯାହା ତୁମେ ଭାବୁଛ, ତେବେ ତୁମେ ସେହି ମନ୍ଦକୁ ଦୃଢୀଭୂତ କରୁଛ ଏବଂ ଖାଦ୍ୟ ଦେଉଛ ଏବଂ ସେହି ହେତୁ ତୁମେ ନିଜର ଭାଇକୁ ଅଧିକ ଭଲ ନକରି ଖରାପ କରୁଛ । କିନ୍ତୁ ସାଧାରଣତଃ ମନ୍ଦ ସେଇଠି ନାହିଁ ଏବଂ ତୁମେ କେବଳ ତାହା କଳ୍ପନା କରିଛ; ଏବଂ ପରେ ତୁମର ଗର୍ହିତ ଚିନ୍ତା ତୁମର ଭାଇକୁ ଭୁଲ୍ କାମ କରିବା ପାଇଁ ପ୍ରଲୋଭିତ କରିବ । କାରଣ ସେ ଯଦି ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦୋଷଶୂନ୍ୟ ହୋଇପାରିବ ନାହିଁ, ତେବେ ତୁମେ ତାକୁ ସେହିପରି ତିଆରି କରିବ, ଯେପରି ତୁମେ ତାକୁ ଭାବିଛ ।**

**ଲେଡ୍‌ବିଟର୍–** ସୂକ୍ଷ୍ମଦର୍ଶୀ ଦେଖିପାରନ୍ତି କିପରି ଏକ ବ୍ୟକ୍ତିର ଚିନ୍ତାସବୁ ଅନ୍ୟ ବ୍ୟକ୍ତି ପାଖକୁ ଯାଇଥାଆନ୍ତି ଏବଂ ଦଳେ ମଶା ପରି ତାର ଚାରି ପାଖରେ ଗୁଣୁ ଗୁଣୁ କରିବାରେ ଲାଗନ୍ତି । ସେମାନେ ଭିତରକୁ ପଶି ପାରନ୍ତି ନାହିଁ, ଯେତେବେଳେ ମଣିଷ ଅନ୍ୟ ବିଷୟ ନେଇ ବ୍ୟସ୍ତ ଥାଏ । କିନ୍ତୁ ଯେତେବେଳେ ତାର ଚିନ୍ତାଗୁଡ଼ିକ କିଛି ସମୟ ପାଇଁ ଶିଥିଳ ହୋଇ ପଡ଼େ, ଯେତେବେଳେ ସେ ଧ୍ୟାନରତ ବା କ୍ଳାନ୍ତ ହୋଇପଡ଼େ ବା କ୍ଷଣକ ପାଇଁ ଅନ୍ୟମନସ୍କ ହୁଏ, ସେଗୁଡ଼ିକ

ନିଜର ସୁଯୋଗ ପାଆନ୍ତି । ଚିନ୍ତା-ରୂପ ସେତେବେଳେ ସେହି ବ୍ୟକ୍ତିର ପ୍ରଭା ସହିତ ସଂଲଗ୍ନ ହୁଏ ଏକ କଣ୍ଟକମୟ ଆବରଣ ପରି । ନିଜର ସ୍ପନ୍ଦନ ଦ୍ୱାରା- ଯେଉଁ ଅଂଶରେ ଏହା ଲାଗି ରହିଥାଏ–କ୍ରମଶଃ ତାକୁ ରଙ୍ଗୀନ କରିଦିଏ ଏବଂ ସେହି ସ୍ଥାନରୁ ଏହାର ପ୍ରଭାବ ବିସ୍ତାରିତ ହୁଏ । ଏହି ପ୍ରକାରେ ଏହା ମନ୍ଦ ବା ଉତ୍ତମ ଭାବନାର ପରାମର୍ଶ ଦିଏ । ଯଦି ବ୍ୟକ୍ତି ଭିତରେ ସେହି ଅନୁରୂପ କିଛି ଥାଏ, ଯେଭଳି ସାଧାରଣତଃ ହୋଇଥାଏ, ତେବେ ଏହା ତାକୁ ସକ୍ରିୟ କରାଇଦିଏ ।

ଅନ୍ୟକୁ ଟିକିଏ ପ୍ରୋତ୍ସାହନ ଦେବାରେ ସମୟେ ସମୟେ ଏଭଳି ବିଶେଷ କିଛି ଯାଏ ଆସେ ନାହିଁ । କିନ୍ତୁ ତା' ଦ୍ୱାରା କେତେକ ଘଟଣାରେ ପୃଥିବୀରେ ଅନେକ ପାର୍ଥକ୍ୟ ଦେଖା ଦେଇଥାଏ। ସ୍କୁଲ ପିଲାଏ ଦୌଡାଦୌଡ଼ି କରିବା ବେଳେ ଅନେକ ସମୟରେ ପରସ୍ପରକୁ ଠେଲି ଦେଇଥାନ୍ତି । ଏମିତି ଘଟଣା ଜଣା ଅଛି ଯେଉଁଥିରେ ଗୋଟିଏ ପିଲା ଆଦୌ ଖରାପ ଇଚ୍ଛା ନଥାଇ ଆଉ ଜଣକୁ ଏକ ଉଚ୍ଚ ସ୍ଥାନର କଡରୁ ତଳକୁ ଠେଲି ଦେଇଥିଲା । ଆପଣ କେବେ ଜାଣି ପାରିବେ ନାହିଁ କେତେବେଳେ ମଣିଷର ଚିନ୍ତା ଏକ ମନ୍ଦ କାର୍ଯ୍ୟପନ୍ଥା ଆରମ୍ଭ କରିବାର ସୀମାରେ ଆସି ପହଞ୍ଚି ଯାଇପାରେ ଏବଂ ସେହି ବ୍ୟକ୍ତି ସଂପର୍କରେ ଏକ ମନ୍ଦ ଚିନ୍ତା ତାକୁ ହୁଏତ ସେହି ସୀମା ପାରକରାଇ ଦେବ । ଅନ୍ୟ ପକ୍ଷରେ, ସେହିପରି ଯେତେବେଳେ ମଣିଷ ଭଲ ଓ ମନ୍ଦ ମଧ୍ୟରେ ସମତଲ ଅବସ୍ଥାରେ ରହିଛି, ଏକ ସବଳ ସହାୟକାରୀ ଶୁଭ ଚିନ୍ତା ତାକୁ ନିଶ୍ଚିତ ଭାବେ ଭଲ ଦିଗକୁ ଠେଲି ଦେଇପାରେ । ତାକୁ ଏକ ଜୀବନ ପଥରେ ଚଲାଇ ଦେଇପାରେ ଯାହା କାର୍ଯ୍ୟତଃ ତା'ସକାଶେ ଦ୍ରୁତ-ବିକାଶ ଘଟାଇବ ।

ମୁଁ ଏଭଳି ଘଟଣା ଦେଖିଛି, ଯେଉଁଥିରେ ଗୋଟିଏ ଲୋକ ବିରୁଦ୍ଧରେ ମନ୍ଦ ଚିନ୍ତା ତାକୁ ନେଇ ପହଞ୍ଚାଇ ଦେଲା ଏକ ମନ୍ଦ କାର୍ଯ୍ୟପନ୍ଥାରେ, ଯାହାର ପରିଣତି ବହୁ ଜନ୍ମ ଧରି ଲାଗି ରହିଥିବ । ତାହା କେବଳ ଉପରି ଭାଗରେ ରହିଥିଲା- କାର୍ଯ୍ୟରେ ପରିଣତ ହୋଇ ନଥିଲା । ସେତେବେଳେ ଆଉ ଏକ ବ୍ୟକ୍ତିର ମନ୍ଦ ଚିନ୍ତା ଆସି ପହଞ୍ଚିଗଲା ଏବଂ ତାକୁ ଗୋଟିଏ ଧକ୍କା ଦେଇ ଠେଲି ଦେଲା ଚିନ୍ତାକ୍ଷେତ୍ରରୁ କାର୍ଯ୍ୟକୁ ଏବଂ ଏକ ଅପରାଧ ମାର୍ଗରେ ଯିବା ପାଇଁ ତାକୁ ପ୍ରବୃତ୍ତ କଲା । ଯେ ପର୍ଯ୍ୟନ୍ତ ଆପଣ ତାହା ସୂକ୍ଷ୍ମ ଦୃଷ୍ଟିରେ ଦେଖି ନାହାନ୍ତି, ସେପର୍ଯ୍ୟନ୍ତ ଆପଣ ତାହା କ୍ୱଚିତ୍ ଉପଲବ୍ଧି କରି ପାରିବେ । କିନ୍ତୁ ଥରେ ଆପଣ ତାହା ଦେଖନ୍ତୁ ଏବଂ ଆପଣ ଚିରକାଳ ସକାଶେ ସଜାଗ ରହିବେ ଏବଂ ସେହି ହଜାଗତା ହେବ ଆତଙ୍କଜନିତ । ଏହା ଆପଣଙ୍କୁ ଦେବ ଏକ ନୂତନ ଦାୟିତ୍ୱବୋଧ, ଯାହା ସମୟେ ସମୟେ ଆପଣଙ୍କୁ ଅଭିଭୂତ କରିଦେବେ । ମନେ ପକାନ୍ତୁ କିପରି କବି

ସ୍କିଲେର ଲେଖିଥିଲେ ସୂକ୍ଷ୍ମ ଦୃଷ୍ଟି ବିଷୟରେ । କିପରି ସେ ପୁଣି କାମନା କରିଥିଲେ ଇନ୍ଦ୍ରିୟଗୁଡ଼ିକର ସ୍ୱାଗତଯୋଗ୍ୟ ଅଜ୍ଞତା । ସେ କହିଥିଲେ "ଆପଣଙ୍କର ନିଷ୍ଠୁର ଦାନ ଫେରାଇ ନିଅନ୍ତୁ, ଫେରାଇ ନିଅନ୍ତୁ ଏହି ଭୟଙ୍କର ଦାନ ।"

**୩. ତୁମେ ନିଜର ମନକୁ ପୂର୍ଣ୍ଣ କରୁଛ ଭଲ ଚିନ୍ତା ବଦଳରେ ମନ୍ଦ ଚିନ୍ତାରେ ଏବଂ ତାହା ଫଳରେ ତୁମେ ନିଜର ଅଭିବୃଦ୍ଧିରେ ବାଧା ଦେଉଛ ଏବଂ ଯେଉଁମାନେ ଦେଖି ପାରିବେ ସେହିମାନଙ୍କ ସକାଶେ ତୁମେ ନିଜକୁ ସୁନ୍ଦର ଏବଂ ପ୍ରେମାସ୍ପଦ ବ୍ୟକ୍ତି ରୂପେ ନ ଗଢ଼ି ନିଜକୁ କରୁଛ କୁତ୍ସିତ ଏବଂ ଯନ୍ତ୍ରଣାଦାୟକ ।**

## ପରିବେଶ ଓ ଆମେ

**ଲେଡ୍‌ବିଟର୍-** ବହୁଲୋକେ ବିଶେଷ କଷ୍ଟ ସ୍ୱୀକାର କରନ୍ତି ସେମାନଙ୍କର ସ୍ଥୂଳ ଶରୀରର ଚେହେରା ସମ୍ପର୍କରେ ଏବଂ ସେମାନଙ୍କର ବ୍ୟବହାରର କମନୀୟତା ଏବଂ ଭଦ୍ରତା ସମ୍ପର୍କରେ । ତାହା କେବଳ ନିଜକୁ ନିଜର ସର୍ବୋତ୍ତମ ଅବସ୍ଥାରେ ଦେଖାଇବା ଆଗ୍ରହ ଯୋଗୁଁ ନୁହେଁ ଏବଂ ଲୋକେ ସେମାନଙ୍କୁ ଭଲ ବୋଲି ଭାବିବା ପାଇଁ ନୁହେଁ, ବରଂ ଏହି କାରଣରୁ ମଧ୍ୟ ସେ ସାଧାରଣରେ ଏହା ସମାଜ ପ୍ରତି କର୍ତ୍ତବ୍ୟ ବୋଲି ସ୍ୱୀକୃତ ହୋଇଛି । ପ୍ରାଚୀନ କାଳରେ ଲୋକେ ବୁଝିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ହେଉଛି ନିଜକୁ ସବୁ ଦିଗରେ ଯଥାସମ୍ଭବ ନିଖୁଣ ଓ ସୁନ୍ଦର କରି ଗଢ଼ିବା – ପୋଷାକରେ, ଚେହେରାରେ, କଥାରେ ଏବଂ କାର୍ଯ୍ୟରେ । ପ୍ରତ୍ୟେକଙ୍କୁ ଶିଖିବାକୁ ହେଉଥିଲା ପ୍ରତ୍ୟେକ ଜିନିଷ କରିବାର ସମୁଚିତ, ସୁନ୍ଦର ଏବଂ ଯଥାଯଥ ପ୍ରଣାଳୀ । କେବଳ ନିଜର ବ୍ୟକ୍ତିତ୍ୱକୁ ନୁହେଁ, ନିଜର ପରିବେଶକୁ ମଧ୍ୟ କେବଳ ଉପଯୋଗୀ ନୁହେଁ ସୁନ୍ଦର ମଧ୍ୟ କରିବାକୁ ପଡୁଥିଲା । ଯଦି ଜଣେ ଲୋକ ଘର ତିଆରି କରୁଥିଲା, ତେବେ ତାର ପ୍ରତିବେଶୀଙ୍କ ପ୍ରତି ତାର କର୍ତ୍ତବ୍ୟ ଥିଲା କିଛି ଜିନିଷ ବାହାରେ ସଜାଇ ରଖିବା ଯାହା ହେବ ସୁଠାମ ଏବଂ ସୁନ୍ଦର- ଯଦିଓ ତାହା ମୂଲ୍ୟବାନ ହେବା ଆବଶ୍ୟକ ନଥିଲା ଏବଂ ତାର ବାସନାଗୁଡ଼ିକ ତଥା ତାର ଘରେ ଥିବା ପ୍ରତିମା ଏବଂ ଛବିଗୁଡ଼ିକ ଭଲ ହେବା ଦରକାର ଥିଲା । ଆଜିକାଲି ବହୁ ଲୋକେ କେବଳ ଯଥାସମ୍ଭବ ଶସ୍ତାରେ କୋଠା ତିଆରି କରିବା କଥା ଭାବନ୍ତି, ତାର କୁତ୍ସିତ ପ୍ରଭାବ କଥା ବିଚାର କରନ୍ତି ନାହିଁ । ମଣିଷ ତିଆରି କରେ ଏକ ବଡ଼ କୁତ୍ସିତ ଗୃହ ବା କାରଖାନା ଏବଂ ଅନୁଭବକ୍ଷମ

ପ୍ରତ୍ୟେକ ବ୍ୟକ୍ତି ସେଥିରେ ସଙ୍ଗେ ସଙ୍ଗେ ସଂକୁଚିତ ହୋଇଯାନ୍ତି ଏବଂ ଯେଉଁମାନେ ତାହା ଦେଖନ୍ତି, ସେମାନେ ଅଧିକ ଖରାପ ଅନୁଭବ କରନ୍ତି । ଯେଉଁ ବ୍ୟକ୍ତି ସେହି ନିର୍ମାଣ ପାଇଁ ଦାୟୀ ସେ ପ୍ରକୃତରେ ଖରାପ କର୍ମ ଅର୍ଜନ କରେ । ଅନେକେ ଭାବନ୍ତି, ଏହି ବିଷୟଗୁଡ଼ିକରେ କିଛି ଯାଏ ଆସେ ନାହିଁ-କିନ୍ତୁ ଅଛି । ଆମର ପରିବେଶରେ ଅତିଶୟ ଗୁରୁତ୍ୱ ରହିଛି । ଏହା ସତ ଯେ ସବଳ ଆତ୍ମା ବିଜୟ ହାସଲ କରିପାରେ । କିନ୍ତୁ ଯେଉଁଗୁଡ଼ିକ ଆମକୁ ବାଧା ଦିଏ ସେଗୁଡ଼ିକ ବଦଳରେ ଯେଉଁଗୁଡ଼ିକ ଆମକୁ ସାହାଯ୍ୟ କରେ ସେଗୁଡ଼ିକ ଆମେ ନ ରଖିବା କାହିଁକି ? ପ୍ରତ୍ୟେକ ବ୍ୟକ୍ତି, ଯେ ସୁନ୍ଦର ଘରଟିଏ ତିଆରି କରେ ସେ ତାର ସାଥୀ ନାଗରିକମାନଙ୍କ ଠାରୁ ଭଲ ବ୍ୟବହାର ପାଇବାକୁ ଯୋଗ୍ୟ, କାରଣ ସେ ଏଭଳି କିଛି ଜିନିଷ ତିଆରି କରିଛି ଯାହା ଦେଖିଲେ ପ୍ରତ୍ୟେକ ଦର୍ଶକ ତୃପ୍ତିପାଇ ଉପକୃତ ହେବେ । ଯେତେବେଳେ ଆପଣ କିଛି ସୁନ୍ଦର ଜିନିଷ ଦେଖନ୍ତି, ସେଥିରୁ ଆପଣ ଯେଉଁ ସୁଖର ସ୍ପର୍ଶ ପାଆନ୍ତି, ତାହା ଏକ ଛୋଟିଆ କଥା ନୁହେଁ । ମୁଁ ସବୁବେଳେ ଭାବେ ଯେ ଯେକୌଣସି ବ୍ୟକ୍ତି ଏକ ସୁନ୍ଦର ରଙ୍ଗର ଜିନିଷ ପିନ୍ଧନ୍ତି, ସେ ଆମର କୃତଜ୍ଞତା ପାଇବା ଉଚିତ, ତାର କାରଣ ହେଉଛି ଆମର ଏହି ଭୟଙ୍କର ନିରୁତ୍ସାହଜନକ ସଭ୍ୟତା ଉପରେ ସେହି ବର୍ଣ୍ଣ ଯେଉଁ ପ୍ରଶାନ୍ତ ପ୍ରଭାବ ପକାଏ ।

ସ୍ଥୂଳ ସ୍ତରରେ ସୌନ୍ଦର୍ଯ୍ୟ ସମ୍ପର୍କରେ ଯାହା ସତ୍ୟ, ଅନ୍ୟ ସ୍ତର ମାନଙ୍କରେ ତାହା ଅଧିକତର ସ୍ପଷ୍ଟ ହୋଇଥାଏ । ଯେଉଁ ବ୍ୟକ୍ତି ନିଜ ପାଇଁ ଏକ ସମୁଜ୍ଜ୍ୱଳ ଓ ସୁନ୍ଦର କାମନା ଶରୀର ଗଢନ୍ତି ଯାହା ପ୍ରେମ ଓ ଭକ୍ତିରେ ପୂର୍ଣ୍ଣ ହୋଇଥାଏ ଏବଂ ଯେ ସେହି ପ୍ରେମକୁ ନିଜର ଚାରିପାଖରେ ଢାଳିବାରେ ଲାଗିଥାନ୍ତି, ସେ ତାଙ୍କର ସାଥୀମାନଙ୍କର କୃତଜ୍ଞତା ପାଇବାକୁ ଯୋଗ୍ୟ । ସ୍ଥୂଳ ସ୍ତର ଅପେକ୍ଷା କାମ ସ୍ତରରେ ଦର୍ଶକବର୍ଗଙ୍କ ସଂଖ୍ୟା ସାଧାରଣତଃ ଅଧିକ । କାମ ଜଗତରେ ଆମେ ଯଦି ଜାଣିଶୁଣି ଖରାପ ଭାବେ ଦେଖା ଦେଉ, ତେବେ ସ୍ଥୂଳ ଜଗତରେ ସମ୍ଭବତଃ ଯେତିକି ଲୋକଙ୍କ ପ୍ରତି ତାହା ଅପମାନଜନକ ବା ବିରକ୍ତିକର ହୁଅନ୍ତା, ତାହାଠାରୁ ଅଧିକ ଲୋକଙ୍କ ସକାଶେ ସେପରି ହେବ କାମଲୋକରେ । କାମଜଗତର ଅଧିବାସୀଗଣ ଯେ କେବଳ ଏହାର ସୌନ୍ଦର୍ଯ୍ୟ ଦେଖନ୍ତି ତାହା ନୁହେଁ, କିନ୍ତୁ ପ୍ରତ୍ୟେକେ, ଏପରିକି ଯେଉଁମାନେ ତାହା ଦେଖନ୍ତି ନାହିଁ ସେମାନେ, ଅନୁଭବ କରନ୍ତି । ଏହି ସ୍ପନ୍ଦନଗୁଡ଼ିକ ସେମାନଙ୍କ ଉପରେ କାର୍ଯ୍ୟ କରେ ଏବଂ ଲୋକେ ତାହାଦ୍ୱାରା ସାହାଯ୍ୟ ପାଇଥାନ୍ତି । ଯେଉଁ ବ୍ୟକ୍ତି କୁତ୍ସିତ, ସ୍ୱାର୍ଥପର ଏବଂ ମନ୍ଦ ଚିନ୍ତା ଆଗରେ ନିଜକୁ ନୁଆଁଇ ଦିଏ ସେ ଏକ ଭୟାନକ ଭାବେ ବିରକ୍ତିକର ଓ ଅପ୍ରିତିକର ଦୃଶ୍ୟ ପାଲଟିଯାଏ ଏବଂ ନିଜ

ଚାରି ପାଖରେ ଅପ୍ରୀତିକର ଭାବ ଖେଳାଇ ଦିଏ । ସ୍ଥୂଳସ୍ତରରେ ଲୋକେ ନିଜର ଘୃଣ୍ୟ ରୋଗଗୁଡ଼ିକ ଲୁଚାଇ ରଖନ୍ତି, କିନ୍ତୁ କାମ ଜଗତର କୁଷ୍ଠରୋଗୀ ସମସ୍ତଙ୍କ ପୂର୍ଣ୍ଣ ଦୃଷ୍ଟି ଆଗରେ ଘାଆଗୁଡ଼ିକ ଧରି ବୁଲେ ।

**ନିଜର ଏବଂ ନିଜ ଦ୍ୱାରା ଆହତ ବ୍ୟକ୍ତିର ଏହି ସମସ୍ତ କ୍ଷତି କଲାପରେ ମଧ୍ୟ ସନ୍ତୁଷ୍ଟ ନ ହୋଇ ପରଚର୍ଚ୍ଚାକାରୀ ସମସ୍ତ ଶକ୍ତି ସହ ଚେଷ୍ଟା କରେ ଅନ୍ୟମାନଙ୍କୁ ନିଜ ଅପରାଧରେ ଭାଗୀଦାର କରିବା ପାଇଁ । ଆଗ୍ରହର ସହିତ ସେ ସେମାନଙ୍କୁ ନିଜର ଗର୍ହିତ କାହାଣୀ କହିବାରେ ଲାଗେ, ଆଶାକରେ ଯେ ସେମାନେ ତାହା ବିଶ୍ୱାସ କରିବେ ଏବଂ ତା'ପରେ ସେମାନେ ତା'ସହିତ ମିଶି ସେ କଷ୍ଟ ପାଉଥିବା ଲୋକ ଉପରେ ମନ୍ଦ ଚିନ୍ତା ଢାଳି ଦେବେ । ଦିନ ପରେ ଦିନ ଏହା ହିଁ ଚାଲିଥାଏ ଏବଂ କେବଳ ଜଣେ ନୁହେଁ, ହଜାର ହଜାର ଲୋକେ ତାହା କରନ୍ତି । ଏହି ପାପ କେତେ ଘୃଣ୍ୟ, କେତେ ଭୟାନକ, ତାହା ତୁମେ ବର୍ତ୍ତମାନ ବୁଝିବା ଆରମ୍ଭ କରୁଛ କି ? ତୁମକୁ ଏହା ସମ୍ପୂର୍ଣ୍ଣ ପରିତ୍ୟାଗ କରିବାକୁ ହେବ । କେବେହେଲେ କାହା ବିରୋଧରେ ମନ୍ଦ କଥା କହ ନାହିଁ । ଯେତେବେଳେ ଆଉ କେହି ଅନ୍ୟ ଜଣକ ବିରୋଧରେ ମନ୍ଦ କଥା କହେ, ସେତେବେଳେ ଶୁଣିବାକୁ ମନା କର, କିନ୍ତୁ ଧୀର ଭାବେ କହ, "ହୁଏତ ଏହା ସତ ନୁହେଁ, ଆଉ ଯଦି ବା ହୁଏ, ସେ ବିଷୟରେ ନ କହିବା ଅଧିକ ଦୟାର କଥା ହେବ ।"**

ଲେଡ୍‌ବିଟର୍- ଏହା କହିବା ପାଇଁ କିଛି ପରିମାଣର ସାହସ ଦରକାର । କିନ୍ତୁ ଏହା କରିବାକୁ ହେବ, ପରଚର୍ଚ୍ଚା କାରୀ ପ୍ରତି ତଥା ସମାଲୋଚିତ ବ୍ୟକ୍ତି ପ୍ରତି ଦୟା ଦେଖାଇ । ଏହା ଧୀର ଭାବେ କୁହାଯାଇ ପାରେ ପ୍ରଥମ ପୁରୁଷ ବହୁବଚନ ପ୍ରୟୋଗ କରି, ଯଥା ' ଏ ବିଷୟରେ ଆମେ ଆଉ କିଛି ନ କହିବା ବୋଧହୁଏ ଭଲ ହେବ ।' ସେଥିରେ ଆପଣ ବଡ଼ପଣିଆ ଦେଖାଇବା ଭଳି ମନେ ହେବ ନାହିଁ- ଯାହା ଉଭୟ ଅଗୂଢତାତ୍ତ୍ୱିକ ଏବଂ ବିରକ୍ତିକର । ହୁଏତ ଅନ୍ୟ ବ୍ୟକ୍ତି ଆପଣଙ୍କ ସହିତ ଏକମତ ହେବେ ଏବଂ କଥାଟାକୁ ବନ୍ଦ କରି ଦେବେ ।

■■■

## ଚତୁର୍ଥ ଅଧ୍ୟାୟ

# ନିଷ୍ଠୁରତା

**ଏହାପରେ ନିଷ୍ଠୁରତା । ଏହା ଦୁଇ ପ୍ରକାର- ଇଚ୍ଛାକୃତ ଓ ଅନିଚ୍ଛାକୃତ । ଇଚ୍ଛାକୃତ ନିଷ୍ଠୁରତା ହେଉଛି ଜାଣିଶୁଣି ଅନ୍ୟ ଏକ ଜୀବନ୍ତ ପ୍ରାଣୀକୁ କଷ୍ଟ ଦେବା, ଏବଂ ତାହା ହେଉଛି ସବୁଠାରୁ ବଳି ମହାପାପ-ତାହା ଏକ ସଇତାନର କାମ, ମଣିଷର ନୁହେଁ । ତୁମେ କହିବ, ଯେ କୌଣସି ଲୋକ ସେଭଳି କାମ କରିପାରିବ ନାହିଁ, କିନ୍ତୁ ମଣିଷମାନେ ହିଁ ଅନେକ ସମୟରେ ତାହା କରିଥାନ୍ତି ଏବଂ ବର୍ତ୍ତମାନ ପ୍ରତ୍ୟେକ ଦିନ କରୁଛନ୍ତି । ଅନୁସନ୍ଧାନ କାରୀମାନେ ଏହା କରିଥିଲେ, ବହୁ ଧାର୍ମିକ ଲୋକ ସେମାନଙ୍କ ଧର୍ମ ନାମରେ ଏହା କରିଛନ୍ତି ।**

**ଲେଡ୍‌ବିଟର୍‌–** ନିଷ୍ଠୁରତା ହେଉଛି ଏକ ସଇତାନର କାମ, ମଣିଷର ନୁହେଁ । ଜଣେ ଗୁରୁଙ୍କ ଦୃଷ୍ଟିରେ ଏହା ସେହି ପ୍ରକାର ଦେଖାଯାଏ । ଅନେକ ସମୟରେ ଦୈନନ୍ଦିନ ଜୀବନରେ ମଣିଷ ଅନ୍ୟ କାହାକୁ କଷ୍ଟ ଦେବା ପାଇଁ କିଛି କହେ ବା କରେ । ସେ ସେହି ପ୍ରକାର ନିନ୍ଦାର ପାତ୍ର ହୋଇଥାଏ । ସେ ଏକ କାମ କରିବାରେ ଲାଗିଛି ଯାହା ସଇତାନ୍ ପକ୍ଷରେ ଉପଯୁକ୍ତ ହୋଇପାରେ, ମଣିଷ ପକ୍ଷରେ ନୁହେଁ । ଏହା ଅବିଶ୍ୱାସ୍ୟ ମନେ ହୁଏ, କିନ୍ତୁ ସେପରି କାମ କରୁଥିବା ଲୋକ ଆଜିକାଲି ଦେଖାଯାନ୍ତି ।

ଧର୍ମ ନାମରେ ବହୁ ଭୟାନକ କାର୍ଯ୍ୟ କରାଯାଇଛି । ଆମେ ଜାଣିଥିବା ସର୍ବାଧିକ ପୁରାତନ ସାହିତ୍ୟ ବେଦକୁ ପଢ଼ନ୍ତୁ । ସେଥିରେ ଉଦଭୁତ ତାର ଅନେକ ଅତିଶୟ ଦୃଢ଼ ପ୍ରମାଣ ଆମେ ଦେଖିବାକୁ ପାଉ । ଆମେ ଦେଖୁ ଆର୍ଯ୍ୟଜାତି ଭାରତର ସମତଳ ଭୂମିକୁ ଛୁଟି ଆସିଛନ୍ତି ଏବଂ ସେଠାରୁ ଯେଉଁ ଲୋକେ

ଚାହିଁଥିଲେ ସେମାନଙ୍କୁ ଖଣ୍ଡାରେ ହତ୍ୟା କରିଛନ୍ତି । ସେହି ଲୋକମାନଙ୍କ ପ୍ରତି ଯାହା କରାଗଲା, ତାହାଠାରୁ ବଳି ଭୟଙ୍କର ଆଉ କିଛି ନାହିଁ । ସେମାନଙ୍କୁ ପୃଥିବୀରୁ ଲୋପ କରି ଦିଆ ଯାଇଥିଲା । କାହିଁକି ? ସବୁ ଦୃଷ୍ଟିରୁ ଗୋଟିଏ ମାତ୍ର ଯଥେଷ୍ଟ କାରଣ ହେଲା ଯେ ସେମାନଙ୍କର ଧର୍ମ କର୍ମ ଥିଲା ଅଲଗା । ମୁସଲମାନମାନେ ପୃଥିବୀର ଏକ ବୃହତ୍ ଅଂଶରେ ଖେଦିଗଲେ ଏବଂ ଯେଉଁମାନଙ୍କୁ ଜିଣିଲେ, ସେମାନଙ୍କୁ ଦୁଇଟିରୁ ଗୋଟିଏ ବାଛି ନେବାକୁ କହିଲେ – କୋରାନ୍ ବା ଆସାଘାତ ।

ଖ୍ରୀଷ୍ଟିଆନ୍ ମାନେ ଅଧିକ କିଛି ଭଲ ହୋଇନାହାନ୍ତି । ସେହି ମନୋଭାବ ନେଇ ହିଁ ଧର୍ମୀୟ ଅନୁସନ୍ଧିସ୍ନୁଗଣ ଦଣ୍ଡ ବିଧାନ କରିଛନ୍ତି, ଦକ୍ଷିଣ ଆମେରିକାର ଲୋହିତ ଭାରତୀୟମାନଙ୍କ ପ୍ରତି ନୃଶଂସ ବ୍ୟବହାର ଏବଂ ଏହି ପ୍ରକାର ଅବଶିଷ୍ଟ ସମସ୍ତ କାର୍ଯ୍ୟ କରାଯାଇଛି । ଆମେ ଭାବୁ, ଆମେ ବର୍ତ୍ତମାନ ଅଧିକ ସଭ୍ୟ ହୋଇଛୁ, ତଥାପି ଆଜି ମଧ୍ୟ ବିଭିନ୍ନ ଅଞ୍ଚଳରେ ଧର୍ମଗତ ବିଦ୍ୱେଷ ଅତିଶୟ ଦୃଢ଼ ଏବଂ ତିକ୍ତ ହୋଇ ରହିଛି । ଏବେ କହିବାର ପ୍ରଚଳିତ ରୀତି ହେଉଛି ଯେ ଅତୀତ ଭଳି ଏବେ ଆଇନରେ ଦଣ୍ଡ ବ୍ୟବସ୍ଥା ଥିଲେ ମଧ୍ୟ ଆମର ଉଚ୍ଚତର ସଭ୍ୟତା ସର୍ବଦା ଅତୀତର ଭୟାନକ କାର୍ଯ୍ୟ କରିବା ଦିଗରେ ଆମକୁ ବାଧା ଦେବ । ମୁଁ ସେ ବିଷୟରେ ସେତେ ନିଶ୍ଚିତ ନୁହେଁ । ମୁଁ ଇଲାଣ୍ଡରେ ଏମିତି କେତେକ ସ୍ଥାନ ଜାଣେ ଯେଉଁଠାରେ ରକ୍ଷଣଶୀଳ ଧର୍ମଗତ ପୋଷଣ କରୁ ନଥିବା ବ୍ୟକ୍ତିଙ୍କୁ ସମାଜରୁ ବାସନ୍ଦ କରିବା ଏବଂ ସବୁ ପ୍ରକାର ଖରାପ କାର୍ଯ୍ୟ ସକାଶେ ସନ୍ଦେହ କରିବା ଉଚିତ୍ ବୋଲି ବିବେଚନା କରାଯାଏ । ଅବଶ୍ୟ ଆମେ ଲୋକଙ୍କୁ ମଞ୍ଚ ଉପରେ ରଖି ସେମାନଙ୍କର ଦାନ୍ତ ଉପାଡି ଦେଉ ନାହିଁ ଯେପରି ଆମର ପୂର୍ବ ପୁରୁଷମାନେ କରୁଥିଲେ । ତେବେ କୌଣସି ଧର୍ମାନ୍ଧ ଗୋଷ୍ଠୀ ହାତରେ ଅଖଣ୍ଡ କ୍ଷମତା ଦେଇ ଦେବାକୁ ମୁଁ ପସନ୍ଦ କରିବି ବୋଲି ଭାବୁନାହିଁ ।

**ସଜୀବ ଜନ୍ତୁର ଅଙ୍ଗ ବ୍ୟବଚ୍ଛେଦ କାରୀଗଣ ତାହା କରନ୍ତି ।**

**ଲେଡ୍‌ବିଟର୍–** ପଶୁମାନଙ୍କ ପ୍ରତି ଜାଣିଶୁଣି ନିଷ୍ଠୁର ଆଚରଣ କରିବାର କୌଣସି କାରଣ ନାହିଁ । ସେମାନେ ହେଉଛନ୍ତି ଆମର ଛୋଟ ଭାଇ ଏବଂ ଏ ପର୍ଯ୍ୟନ୍ତ ମଣିଷ ହୋଇ ନଥିଲେ ମଧ୍ୟ ଅଳ୍ପ ବା ବହୁ ଜନ୍ମ ପରେ ସେମାନେ ମଣିଷ ହେବେ । ପଶୁମାନଙ୍କୁ ନେଇ ନିଷ୍ଠୁରତା ସହିତ ପରୀକ୍ଷା ନିରୀକ୍ଷା କରିବା ଏକ

ନିନ୍ଦନୀୟ କାର୍ଯ୍ୟ ଏବଂ ତାହା କେବେହେଲେ ପ୍ରକୃତରେ ମଣିଷର ମଙ୍ଗଳ କରିବ ନାହିଁ । କାରଣ କର୍ମର ନିୟମକୁ ବଦଳାଯାଇ ପାରିବ ନାହିଁ ଏବଂ ମଣିଷ ଯେପରି ବୁଣେ, ସେହିପରି ଫସଲ ମଧ୍ୟ ସେ କାଟେ ।

ମୁଁ ଡକ୍ଟର ବେସାନ୍ତ କହିବାର ଶୁଣିଛି ଯେ ସେହି ପ୍ରକାର ପ୍ରଣାଳୀରେ କୌଣସି ଜୀବନକୁ ବଞ୍ଚାଇବା ଅନୁଚିତ । ଆମେ ଜାଣୁ ଯେ ପ୍ରତ୍ୟେକ ମାନବ ଏବଂ ପଶୁ ମଧ୍ୟରେ ସହଜାତ ଆତ୍ମସଂରକ୍ଷଣ ପ୍ରବୃତ୍ତି ଦୃଢ଼ ଭାବରେ ସ୍ଥାପିତ ହୋଇଛି । ଯାହା ଫଳରେ ବହୁ ଉଦ୍ୟମ ଏବଂ କଷ୍ଟ ସହକାରେ ଯେଉଁ ଶରୀର ମିଳିଛି, ତାହା ଅନ୍ତରସ୍ଥ ଜୀବନର ସେବାରେ ଲାଗି ପାରିବ- ଯେତେ ଦୀର୍ଘକାଳ ପର୍ଯ୍ୟନ୍ତ ତାହା ସମ୍ଭବ ସେହି ହେତୁ ମାନବର ଜୀବନକୁ ଅବଶ୍ୟ ବଞ୍ଚାଇବାକୁ ହେବ, ଯେତେବେଳେ ତାହା ସମୁଚିତ ଭାବେ କରାଯାଇ ପାରେ । କିନ୍ତୁ ସେହି ଲକ୍ଷ୍ୟ ହାସଲ ପାଇଁ ସବୁ ପ୍ରକାର ସମ୍ଭବ ଉପାୟକୁ ଯଥାର୍ଥ ବୋଲି କୁହାଯାଇ ନପାରେ । ଯେଉଁ ବ୍ୟକ୍ତିଗଣ ଅସମ୍ମାନ ଆପେକ୍ଷା । ମୃତ୍ୟୁର ସମ୍ମୁଖୀନ ହେବାକୁ ପସନ୍ଦ କରନ୍ତି, ଆମେ ସେମାନଙ୍କୁ ଯଥାର୍ଥ ଭାବେ ପ୍ରଶଂସା କରୁ । ନିଶ୍ଚିତ ଭାବେ ଯଦି ମନୁଷ୍ୟମାନଙ୍କର ଜୀବନକୁ ଏହି ପ୍ରକାର ଏକ ପୈଶାଚିକ ପ୍ରଣାଳୀରେ ମିଳିଥିବା କୌଣସି ଏକ ଜିନିଷ ଦ୍ୱାରା ରକ୍ଷା କରାଯାଏ, ତେବେ ତାହା ସେମାନଙ୍କ ପ୍ରତି ହେବ ଅତିଶୟ ଅସମ୍ମାନଜନକ । ଡଃ ବେସାନ୍ତ୍ କହିଥିଲେ ସେମିତି ରକ୍ଷା ପାଇବା ଆପେକ୍ଷା ସେ ବରଂ ମୃତ୍ୟୁକୁ ବରଣ କରିବେ ।

## ପଶୁର ଅଙ୍ଗ କାଟି ପରୀକ୍ଷା

ବ୍ରହ୍ମବିଦ୍ୟା ସମିତିର ସଭ୍ୟମାନଙ୍କ ମଧ୍ୟରେ ଏହି ବିଷୟ ନେଇ ଅତିଶୟ ଅଲଗା ଅଲଗା ମତ ରହିଛି । ସମିତିରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ମତ ପୋଷଣ କରିବାରେ ସ୍ୱାଧୀନତା ରହିଛି; କିନ୍ତୁ ଉପରୋକ୍ତ ପ୍ରକାରେ ଏ ବିଷୟରେ ଗୁରୁଙ୍କର ମତ ରହିଛି ନିର୍ଦ୍ଦିଷ୍ଟ । ଅଙ୍ଗ ବ୍ୟବଚ୍ଛେଦର ନିଷ୍ଠୁରତାକୁ ଆମେ ଯେତେ ନାପସନ୍ଦ କରୁନା କାହିଁକି ଆମକୁ ମାନି ନେବାକୁ ହେବ ଯେ ଏହାକୁ ସମର୍ଥନ ଏବଂ ଅନୁସରଣ କରୁଥିବା ବହୁ ଡାକ୍ତର ଏବଂ ଅନ୍ୟମାନେ ଦୁଃଖର ସହିତ ତାହା କରିଥାନ୍ତି । ସେମାନେ ନିଷ୍ଠୁରତା ଜନିତ ଆନନ୍ଦ ପାଇଁ ତାହା କରନ୍ତି ନାହିଁ (ଯଦିଓ ସେହି ପ୍ରକାର ଜିନିଷ ଯେ ଆମ ଭିତରେ ରହିଛି, ତାହା କେତେକ ମନୁଷ୍ୟରୂପୀ ପିଶାଚମାନଙ୍କ ସକାଶେ ସେହି ପ୍ରକାର ଆନନ୍ଦ ଅନୁଭବ କରିବାର ଏକ ସୁଯୋଗ ଆଣିଥାଏ ) । ବରଂ ସେମାନେ ତାହା କରିଥାନ୍ତି, କାରଣ ସେମାନେ ଭାବନ୍ତି ଯେ ମନୁଷ୍ୟମାନଙ୍କର ଶରୀରକୁ ମୃତ୍ୟୁ ଏବଂ ଯନ୍ତ୍ରଣାରୁ ରକ୍ଷା କରିବା ପାଇଁ ତାହା ହିଁ

ଏକମାତ୍ର ପନ୍ଥା; ଏବଂ ସେମାନେ ଆନ୍ତରିକତାର ସହ ବିଶ୍ୱାସ କରନ୍ତି ଯେ ଏହି କ୍ଷେତ୍ରରେ ଲକ୍ଷ୍ୟ ହିଁ ଉପାୟର ଯଥାର୍ଥତାକୁ ପ୍ରତିପାଦନ କରେ । ସୁତରାଂ ସେମାନଙ୍କର ମତ ସହିତ ଆମର ମତ ମିଳୁନଥିଲେ ମଧ୍ୟ ଆମେ ପାପକୁ ନିନ୍ଦା କରିବା, ପାପୀକୁ ନୁହେଁ । ଯେଉଁମାନେ ଅଙ୍ଗ ବ୍ୟବଚ୍ଛେଦ କରନ୍ତି, ସେମାନଙ୍କର କର୍ମ ଯେ ସେମାନଙ୍କ ପାଇଁ ବହୁ ଯନ୍ତ୍ରଣା ଆଣିଦେବ ସେଥିରେ ସନ୍ଦେହ ନାହିଁ । ଯେଉଁମାନେ ତାକୁ ବିରକ୍ତି ଏବଂ ପ୍ରାୟ ଘୃଣାରେ ସହିତ ଦେଖନ୍ତି, ସେମାନେ ନିଜର ମନୋଭାବକୁ କରୁଣାଆଡ଼କୁ ବଦଳାଇ ଦେବେ, ଯଦି ସେମାନେ ଏହି ବିଷୟରେ ଉପଲବ୍ଧି କରିବେ ।

ସମସ୍ତ ପ୍ରକାର ଅଙ୍ଗ ବ୍ୟବଚ୍ଛେଦକ ସମପରିମାଣରେ ନିଷ୍ଠୁର ନୁହଁନ୍ତି । ଉଦାହରଣ ସ୍ୱରୂପ, ମୁଁ ଜାଣେ ଆମ ସମିତିର ଜଣେ ସଭ୍ୟଙ୍କୁ ଯେ ଜଣେ ଅଗ୍ରଗଣ୍ୟ ଅସ୍ଥି ଚିକିତ୍ସକ ଏବଂ ସେ ଏକ ନିର୍ଦ୍ଦିଷ୍ଟ ଧରଣର ଅଙ୍ଗ ବ୍ୟବଚ୍ଛେଦ କରନ୍ତି । ମନୁଷ୍ୟର ଶରୀରରେ ଏପରି କେତେକ ନଳୀ ରହିଛି, ଯାହା ବେଳେ ବେଳେ କଟିଯାଏ । ସେଗୁଡ଼ିକ ଏତେ ସୂକ୍ଷ୍ମ ଯେ ଯେତେବେଳେ ଜଣେ ସେହି କଟି ଯାଇଥିବା ଦୁଇ ଅଂଗକୁ ଯୋଡ଼ି ଦେବାକୁ ଚେଷ୍ଟା କରେ, ପୁଣି ସେହି ଅପରିହାର୍ଯ୍ୟ କ୍ଷତ ସର୍ବଦା ନଳୀଟିକୁ ବନ୍ଦ କରି ଦିଏ । ଏହି ଅବସ୍ଥାରେ ଥିବା ଲୋକଙ୍କୁ କିଛି କାଳ ଧରି ବଞ୍ଚାଇବା ଅସମ୍ଭବ ହୋଇ ପଡ଼ିଥିଲା । ତାପରେ ଡାକ୍ତରଙ୍କର ମୁଣ୍ଡକୁ ବୁଦ୍ଧି ଜୁଟିଲା ଯେ ଯଦି ବଡ଼ କରି କଟାଯାଏ, ତାହାହେଲେ ହୁଏତ ଘାଆଟା ଭଲ ହୋଇଯିବ ଏବଂ ତଥାପି ତା ସଙ୍ଗେ ସଙ୍ଗେ ନଳୀଟିକୁ ଖୋଲା ରଖିବା ସମ୍ଭବ ହେବ । ସେ କଟି ଯାଇଥିବା ନଳୀର ଏକ ଖଣ୍ଡର ଶେଷ ପାଖରେ କାଟିଦେଲେ ଏବଂ ଅନ୍ୟ ଖଣ୍ଡର ଏକ ପାର୍ଶ୍ୱରେ କାଟିଦେଲେ ଏବଂ ଦୁଇଟିକୁ ପରସ୍ପର ଉପରେ ଚପାଇ ରଖିଦେଲେ ଏବଂ ସେହି ପ୍ରକାରେ ଭଲ ହେବାକୁ ଛାଡ଼ିଦେଲେ ।

ଏହା ଠିକ୍ ଭାବେ କାମ କରିବ କି ନାହିଁ, ତାହା ଦେଖିବା ପାଇଁ ସେ କେତେକ କୁକୁର ଉପରେ ତାର ପରୀକ୍ଷା କଲେ । ସେ ମୋତେ କହିଲେ ଯେ ସେ ଏହି ପରୀକ୍ଷାରେ ପ୍ରୟୋଗ କଲେ ପ୍ରାୟ ଅଧା ଡଜନ ବୁଲା କୁକୁର ଉପରେ । ସେମାନଙ୍କୁ ସମ୍ପୂର୍ଣ୍ଣ ଭଲ ଭାବରେ ଖାଇବାକୁ ଦିଆଯାଇ ଥିଲା ଏବଂ ଅସ୍ତ୍ରୋପଚାର ପୂର୍ବରୁ ସେମାନଙ୍କର ସ୍ୱାସ୍ଥ୍ୟକୁ ସମ୍ପୂର୍ଣ୍ଣ ଭଲ ଅବସ୍ଥାକୁ ଅଣା ଯାଇଥିଲା ଏବଂ ପରେ କିଛି ନିଶ୍ଚେତକ ଔଷଧ ଦିଆଯାଇ ଥିଲା ଏବଂ ସେମାନେ ଭଲ ହେବା ପର୍ଯ୍ୟନ୍ତ ଯତ୍ନର ସହିତ ସେମାନଙ୍କର ଶୁଶ୍ରୁଷା କରାଯାଇଥିଲା । ଦେଖାଗଲା ଯେ ଅସ୍ତ୍ରୋପଚାର ସଫଳ ହୋଇଛି ।

ଫଳରେ ଯେଉଁ ବିଷୟ ଆଗରୁ ଅସମ୍ଭବ ମନେ କରାଯାଉଥିଲା ତାହାର ସମ୍ଭାବନାକୁ ସ୍ୱୀକାର କରାଗଲା । ସମଗ୍ର ପୃଥିବୀରେ ସେହି ଅସ୍ତ୍ରୋପଚାର ବର୍ତ୍ତମାନ ସାଧାରଣ ହୋଇଗଲାଣି ଏବଂ ଯେଉଁ ଡାକ୍ତର ତାହାର ଉଦ୍ଭାବନ କରିଥିଲେ, ତାଙ୍କର ନାମ ଅନୁଯାୟୀ ତାହା ବର୍ତ୍ତମାନ ବିଦିତ । ସେହି ନୀତି ଥିଲା ଭୁଲ; କିନ୍ତୁ କାର୍ଯ୍ୟତଃ ସମ୍ପୃକ୍ତ ପଶୁମାନଙ୍କ ପ୍ରତି କୌଣସି ନିଷ୍ଠୁରତା ନଥିଲା ଏବଂ ସେହି ସମୟ ପାଇଁ ସେମାନେ ଅଧିକ ଭଲ ଅବସ୍ଥାରେ ଥିଲେ, ଖରାପ ଅବସ୍ଥାରେ ନୁହେଁ । ସାଧାରଣତଃ ଯାହା ଘଟିଥାଏ, ତାହା ତୁଳନାରେ ଏହି ପ୍ରକାରେ ଏହି ପରୀକ୍ଷା ଥିଲା ସମ୍ପୂର୍ଣ୍ଣ ଅଲଗା ଏବଂ ମୁଁ ଭାବୁଛି ଯେ ଅଙ୍ଗ ବ୍ୟବଚ୍ଛେଦ ବିରୋଧୀଗଣ ସାଧାରଣ ବ୍ୟବଚ୍ଛେଦ କ ଦଳମାନଙ୍କ ପ୍ରତି ଯେପରି ସର୍ବଦା ଆକ୍ରମଣ କରିଥାନ୍ତି, ସେହିପରି ଏହି ଡାକ୍ତରଙ୍କୁ ଆକ୍ରମଣ କରିବା ସମ୍ପୂର୍ଣ୍ଣ ଯଥାର୍ଥ ହେବ ନାହିଁ ।

କେତେକ ପରୀକ୍ଷାନିରୀକ୍ଷା ବିଷୟରେ ପଢ଼ିବାକୁ ମିଳେ, ଯାହା ଅତିଶୟ ନୃଶଂସ ଧରଣର । ଉଦାହରଣ ସ୍ୱରୂପ, ପରୀକ୍ଷା କରି ଦେଖାଯାଏ ପଶୁର ଶରୀରକୁ କେତେ ଡିଗ୍ରୀ ଉତ୍ତାପରେ ସେକିଲେ ତାହାର କେତେକ କାର୍ଯ୍ୟ ଆଉ ଦେଖାଯିବ ନାହିଁ । ଆହୁରି ଅନେକ ଅଂଗକୁ ନେଇ ଅନ୍ୟାନ୍ୟ ପୈଶାଚିକ ଏବଂ ସ୍ପଷ୍ଟତଃ ମୂଲ୍ୟହୀନ ଭୟାନକ ପରୀକ୍ଷା ମଧ୍ୟ ହୋଇଛି । ଆହୁରି ହଜାର ହଜାର ପରୀକ୍ଷା ଅନାବଶ୍ୟକ ଭାବେ କରାଯାଏ ଛାତ୍ରମାନଙ୍କର ସାଧାରଣ ଶିକ୍ଷା ସକାଶେ । ଅନେକ ପ୍ରକାର ପରୀକ୍ଷା କରାଯାଏ ଫଳ କଣ ହେଉଛି ଦେଖିବା ପାଇଁ । ସେଥିରୁ ବହୁ ପରୀକ୍ଷା ହେଉଛି ସମ୍ପୂର୍ଣ୍ଣ ମୂଲ୍ୟହୀନ, କାରଣ ମନୁଷ୍ୟ ଶରୀରର ଗଠନ ବିଭିନ୍ନ ପଶୁଙ୍କ ଶରୀର ଗଠନଠାରୁ ବହୁ ଭାବରେ ଅଲଗା । ଉଦାହରଣ ସ୍ୱରୂପ, ଗୋଟିଏ ଛେଳି ତାର ଅନ୍ୟାନ୍ୟ ମିଶ୍ରିତ ଧରଣର ଖାଦ୍ୟ ମଧ୍ୟରେ ଅବାଧରେ ହେନ୍ କେନ୍ ବୋଲି ଏକ ବିଷ ବୃକ୍ଷ ଖାଇଯାନ୍ତି । ସେଥିରେ ସେମାନଙ୍କର କିଛି କ୍ଷତି ହେବା ଭଳି ମନେ ହୁଏ ନାହିଁ । କିନ୍ତୁ ଯଦି ଜଣେ ମଣିଷ ତାହା ଖାଏ, ତେବେ ସେ ଚାଲିଯିବ କାମଲୋକକୁ । ପୁନଶ୍ଚ, ଯେତେବେଳେ ଏକ ପଶୁ ଭୟଙ୍କର ଯନ୍ତ୍ରଣା ଏବଂ ଆତଙ୍କରେ ରହିଥାଏ, ସେତେବେଳେ ତାର ଶରୀରର ସ୍ରବଗୁଡ଼ିକ ବଦଳି ଯାଏ ଏବଂ ସେତେବେଳେ ସେମାନଙ୍କୁ କୌଣସି ପ୍ରକାର ପରୀକ୍ଷା କରିବାର ଉପଯୋଗିତା ଅତ୍ୟନ୍ତ ଅନିର୍ଦ୍ଦିଷ୍ଟ ହୋଇପଡ଼େ ।

ଏହି ସମସ୍ତ ନିଷ୍ଠୁରତାର ଯଥାର୍ଥ ବିକଳ୍ପ ହେଉଛି ସୂକ୍ଷ୍ମ ଦୃଷ୍ଟି । ମନୁଷ୍ୟ ଶରୀରଠାରୁ ଅଲଗା ଏକ ପଶୁର ଜୀବନ୍ତ ଶରୀରକୁ କାଟି ସେଥିରୁ ମନୁଷ୍ୟ ସମ୍ପର୍କରେ କେତେକ ସିଦ୍ଧାନ୍ତ ଲାଭ କରିବା ଅପେକ୍ଷା ଅତିଶୟ ଶ୍ରେୟସ୍କର ହେବ

ଯଦି ଡାକ୍ତର ଜୀବନ୍ତ ମନୁଷ୍ୟର ସୁସ୍ଥ ଶରୀରର ଆଭ୍ୟନ୍ତରୀଣ ସଂହତି ବ୍ୟବସ୍ଥାକୁ ଲକ୍ଷ୍ୟ କରିପାରିବେ । ଯେଉଁମାନେ ଭାବନ୍ତି ଯେ ସେମାନେ ଅଙ୍ଗ ବ୍ୟବଚ୍ଛେଦ କରିବା ଆବଶ୍ୟକ, ସେମାନେ ବରଂ ଏକ ସମିତି ଗଢ଼ିବା ଭଲ ହେବ ଯେଉଁଥିରେ ସେମାନେ ପରସ୍ପର ଉପରେ ତାହା ଅଭ୍ୟାସ କରିବାକୁ ରାଜି ହେବେ । ସେହି ପ୍ରକାରେ ସେମାନେ ମାନବୀୟ ଅଙ୍ଗ ନେଇ ପରୀକ୍ଷା କରିବେ ଏବଂ ଯେଉଁ ସବୁ ପ୍ରତିକ୍ରିୟା ସମ୍ପର୍କୀୟ ତଥ୍ୟ ପାଇବେ ତାହା ଉପଯୋଗୀ ହେବ । ପଶୁକୁ ନେଇ ପରୀକ୍ଷା ଉପଯୋଗୀ ହେଉନାହିଁ । ତଦ୍ୱାରା ସେମାନେ ପ୍ରତିରକ୍ଷାହୀନ ଜୀବମାନଙ୍କ ପ୍ରତି ଭୟାନକ ନିଷ୍ଠୁରତାକୁ ଏଡି ପାରିବେ ଭଗବାନଙ୍କ ଦୁନିଆରେ ଯାହା କରିବାକୁ ସେମାନଙ୍କର କୌଣସି ଅଧିକାର ନାହିଁ । ଏହା କିନ୍ତୁ ଅନାବଶ୍ୟକ, କାରଣ ଏହି ସବୁ ପରୀକ୍ଷାରେ ଯେତେ ପରିଶ୍ରମ, ଅଧ୍ୟୟନ ଏବଂ ଗବେଷଣାର ବିନିଯୋଗ କରାଯାଏ, ତାହାର ଏକ ଦଶମାଂଶର ବିନିଯୋଗ ଦ୍ୱାରା ଏକ ବିଶ୍ୱସନୀୟ ସୂକ୍ଷ୍ମ-ଦ୍ରଷ୍ଟା ସେନା ତିଆରି କରାଯାଇ ପାରିବ । ବସ୍ତୁତଃ, ଜଣେ ସାଧାରଣ ଅଧ୍ୟାୟୀ ତାଙ୍କର ଦୀର୍ଘକାଳ ପ୍ରଶିକ୍ଷଣ ସକାଶେ ବର୍ତ୍ତମାନ ଯେତିକି ମନଯୋଗ ଦିଅନ୍ତି, ସେତିକି ହିଁ ସାଧାରଣତଃ ଯଥେଷ୍ଟ ହେବ ତାଙ୍କର ସୂକ୍ଷ୍ମ ଦୃଷ୍ଟିର ବିକାଶ ସକାଶେ ।

ରକ୍ଷଣଶୀଳ ଚିକିତ୍ସକ ଗୋଷ୍ଠୀଙ୍କର ନିଜ ପାଇଁ ଦାବୀ କରୁଥିବା ମହାନ୍ କ୍ଷମତାରୁ ଉପୁଜେ ଆଉ ଏକ ପ୍ରକାର ନିଷ୍ଠୁରତାର ଗୁରୁତର ବିପଦ । ଆମେ ସେମାନଙ୍କର ଦାସ ହେବାକୁ ଚାହୁଁନା, ଯେପରି ଆମର ପୂର୍ବପୁରୁଷଗଣ ଚର୍ଚ୍ଚର ଦାସ ହୋଇଥିଲେ । ଯଦିଓ ସେମାନେ ବହୁପ୍ରକାର ଭଲ କାମ କରିଛନ୍ତି, ତାହା ସେମାନଙ୍କୁ ବୈଜ୍ଞାନିକ କ୍ଷେତ୍ରରେ ?ଅନୁସନ୍ଧାନ ଆରମ୍ଭ’ କରିବା ପାଇଁ କ୍ଷମତା ଦେଇ ନାହିଁ । ସେମାନଙ୍କର ପ୍ରଚଳିତ ତତ୍ତ୍ୱକୁ ଯେଉଁମାନେ ମାନି ନ ନିଅନ୍ତି ସେହିମାନଙ୍କୁ ଦଣ୍ଡିତ କରିବା ପାଇଁ ସେମାନଙ୍କ ହାତରେ କ୍ଷମତା ନାହିଁ । ଏକଥା ସତ ଯେ ଦେବାନୀ ନିୟମ ଅନୁଯାୟୀ ସେମାନେ ଦଣ୍ଡିତ ହେବେ । ତେବେ ଚର୍ଚ୍ଚ କ୍ଷେତ୍ରରେ ମଧ୍ୟ ତ ସେଇଆ ହେଉଥିଲା- ଯେଉଁମାନେ ବିଶ୍ୱାସ କରୁ ନଥିଲେ ବା ମାନୁ ନଥିଲେ, ସେମାନଙ୍କୁ ଚର୍ଚ୍ଚ ଦେଇ ଦେଉଥିଲା ଶାସନବର୍ଗଙ୍କୁ (ଏକ ମିଥ୍ୟାଚାର ଜଡିତ ଅନୁରୋଧ କରା ଯାଉଥିଲା ଯେ ରକ୍ତପାତ କରା ନଯାଉ) ଯାହା କ୍ଷମତାସୀନ ଲୋକଙ୍କୁ ସେମାନଙ୍କର ମୁଣ୍ଡ କାଟ କରିବାରେ ବାଧା ଦେଉଥିଲା ଏବଂ ତେଣୁ ତାହା ବଦଳରେ ଶାସକଗଣ ସେମାନଙ୍କୁ ଜାଳି ଦେଉଥିଲେ ।

ଟୀକା ନେବା ବ୍ୟବସ୍ଥା ଜାରି କରିବାରେ ଅସୁବିଧା ଦେଖା ଦେଇଛି କେତେକ ଦେଶରେ ଏହା ଏବେବି ବାଧ୍ୟତାମୂଳକ ରହିଛି; ଯଦିଓ ଯେଉଁ ରୋଗର

ପ୍ରତିରୋଧକ ବୋଲି ଏହାକୁ କୁହାଯାଏ, ସେହି ରୋଗ ତୁଳନାରେ ଏହି ବ୍ୟବସ୍ଥା ଅଧିକ ଖରାପ କି ନୁହେଁ, ତାହା ଏକ ବିତର୍କର ପ୍ରଶ୍ନ ହୋଇ ପଡ଼ିଛି । ଚିକିତ୍ସା ସମ୍ବନ୍ଧରେ ଘନ ଘନ ମତ ପରିବର୍ତ୍ତନ ହୋଇ ଚାଲିଛି, ତଥାପି ପ୍ରତ୍ୟେକ ଖିଆଲ ଯେତେ ପର୍ଯ୍ୟନ୍ତ ରହିଥାଏ, ସେ ପର୍ଯ୍ୟନ୍ତ ତାକୁ ପ୍ରବଳ ସମର୍ଥନ କରା ଯାଇଥାଏ । ଇତିହାସରେ ଅନେକ ସମୟରେ ଏକ କ୍ଷମତାସୀନ ଗୋଷ୍ଠୀର ସ୍ୱାର୍ଥରୁ ଜାତ ହୋଇଥାଏ ଭୟାନକ ଅତ୍ୟାଚାର ଏବଂ ବ୍ୟାପକ ଦୁଃଖ । ଏଣୁ ବୈଜ୍ଞାନିକ କ୍ଷେତ୍ରରେ ଆମର ଆଉ ଅନୁସନ୍ଧାନ ନହେଉ ।

କେତେକ ଲୋକ ଅଛନ୍ତି ଯେଉଁମାନେ ପଶୁମାନଙ୍କ ପ୍ରତି ନିଷ୍ଠୁରତାକୁ ଦୋଷମୁକ୍ତ କରିବାକୁ ଚେଷ୍ଟା କରି ପୁରାତନ ଇହୁଦୀୟ ତତ୍ତ୍ୱ ବୟାନ କରନ୍ତି ଯେ ପଶୁମାନେ ରହିଛନ୍ତି କେବଳ ମନୁଷ୍ୟ ପାଇଁ । ଆମେ ତାହା ଅପେକ୍ଷା ଭଲ ଭାବରେ ଜାଣୁ । ସେମାନେ ଅଛନ୍ତି ଈଶ୍ୱରଙ୍କ ସକାଶେ । ସେମାନେ ହେଉଛନ୍ତି କ୍ରମବିକାଶର ବିଭିନ୍ନ ପର୍ଯ୍ୟାୟ ଏବଂ ଦିବ୍ୟ ଜୀବନ ସେମାନଙ୍କ ଭିତରେ ବି ରହିଛି । ମନୁଷ୍ୟର ସଂସ୍ପର୍ଶରେ ଆସିବା ଦ୍ୱାରା ସେମାନେ ଉପକାର ପାଇଥାନ୍ତି । ଏକଥା ସତ ଯେ ବନ୍ୟ ଘୋଡ଼ାର ଜୀବନରେ ଆମେ ହସ୍ତକ୍ଷେପ କରୁ, ଯେତେବେଳେ ଆମେ ତାକୁ ଧରି ଆଣୁ । କିନ୍ତୁ ଅନ୍ୟ ପ୍ରକାରେ, ବିଶେଷତଃ ମାନସିକ କ୍ଷେତ୍ରରେ, ତାର ବିଶେଷ ବିକାଶଲାଭ ହୋଇଥାଏ ।

କେତେକ ସେହି ପୁରାତନ ଇହୁଦୀ ଚିନ୍ତାଧାରାକୁ ପିଲାମାନଙ୍କ ପ୍ରତି ମଧ୍ୟ ପ୍ରସାରିତ କରିଥାନ୍ତି । କେତେକ ପିତାମାତା ଭାବନ୍ତି ଯେ ପିଲାମାନେ ସେମାନଙ୍କ ପାଇଁ ରହିଛନ୍ତି । ଚାକର ଭାବେ ବ୍ୟବହୃତ ହେବାପାଇଁ, ଗର୍ବର ଉତ୍ସ ହେବା ପାଇଁ, ବୁଢା ବୟସରେ ସାହାଯ୍ୟ କରିବା ପାଇଁ ଇତ୍ୟାଦି । ତାହା ଏକ ଅମାନୁଷିକ ଧାରଣା ଦିଏ ଯେ ଆମେ ଶିଶୁକୁ ଯେପରି ହେବାକୁ ଚାହୁଁ, ସେପରି ହେବାକୁ ତାକୁ ବାଧ୍ୟ କରିବା ଉଚିତ, ଅତୀତର ହେତୁ ତା ନିଜର ବିଶେଷ ଆଗ୍ରହ ଓ ମନୋଭାବ ଯାହା ହୋଇଥାଉନା କାହିଁକି । ଏହା ଫଳରେ ଦେଖା ଦିଏ ଅତିସୂକ୍ଷ୍ମ ନିଷ୍ଠୁରତା ।

**ବିଦ୍ୟାଳୟର ବହୁ ଶିକ୍ଷକ ଏହା ଅଭ୍ୟାସବଶତଃ କରିଥାନ୍ତି । ଏହି ସବୁ ଲୋକେ ନିଜର ପାଶବିକତାକୁ ଦୋଷମୁକ୍ତ କରିବାକୁ ଚେଷ୍ଟା କରି କହନ୍ତି ଯେ ଏହା ହେଉଛି ଚିର ପ୍ରଚଳିତ ରୀତି । କିନ୍ତୁ ବହୁ ଲୋକେ ଅପରାଧ କରନ୍ତି ବୋଲି ଅପରାଧର ଅପରାଧ ହେବା ବନ୍ଦ ହୋଇଯାଏ ନାହିଁ ।**

**ଲେଡ୍‌ବିଟର୍-** ଦଣ୍ଡ ଦେବା ବହୁ କାଳରୁ ଏକ ପ୍ରଥା ରୂପେ ରହି ଆସିଛି, କିନ୍ତୁ ତାହାଦ୍ୱାରା ଏହା ନିଷ୍ଠୁର ଏବଂ ବିଫଳ ହେବାରେ ବାଧା ହୁଏ ନାହିଁ । ପ୍ରଥମତଃ ଦଣ୍ଡ ପ୍ରଦାନ ଆମର କାମ ନୁହେଁ । କର୍ମର ନିୟମ, ସେ ସବୁ କଥା ବୁଝିବ । ତାର କୌଣସି ଭୁଲ୍ ହୁଏ ନାହିଁ, ଯେମିତି ଆମର ଅନେକ ସମୟରେ ହୁଏ । ବାରମ୍ବାର ଭୟଙ୍କର ଆଇନଗତ ଅନ୍ୟାୟ କରାଯାଇଛି; ସମ୍ପୂର୍ଣ୍ଣ ନିରୀହ ଲୋକଙ୍କ ଉପରେ କଠୋରତମ ଦଣ୍ଡ ଲଦି ଦିଆଯାଇଛି । ଯେ ଅପରାଧୀ ସେ ଅନ୍ୟ କାହା ଅପେକ୍ଷା ନିଜର ଅଧିକ କ୍ଷତି କରିଥାଏ । ସୁତରାଂ ପ୍ରତିଶୋଧ ନେବା କାର୍ଯ୍ୟ ପ୍ରାକୃତିକ ପ୍ରକ୍ରିୟା ଉପରେ ଛାଡ଼ି ଦିଆଯାଇ ପାରେ ।

ତାହା ବ୍ୟତୀତ ଦଣ୍ଡ ପ୍ରୟୋଗ କରା ଯାଇଥାଏ ଭୟ ଜାଗ୍ରତ କରିବା ପାଇଁ-ନିଜର ଭବିଷ୍ୟତ ସମ୍ପର୍କରେ ଅପରାଧୀର ମନରେ ଏବଂ ବାହାରେ ଥିବା ସମ୍ଭାବ୍ୟ ଅପରାଧୀର ମନରେ । ପିଲାଙ୍କୁ ବାଡେଇବା କଥା ଯାହା ଅପରାଧୀକୁ ଆଇନ ଦ୍ୱାରା ଦଣ୍ଡ ଦେବା କଥା ସେଇଆ । ଏହି ସବୁ କାର୍ଯ୍ୟରେ ପ୍ରତିଶୋଧର ଉପାଦାନ ରହିଥାଏ । ସେମାନେ ଯେପରି କହନ୍ତି- "ତୁମେ ଯଦି ଏମିତି କି ସେମିତି କାମ କର, ତେବେ ଦେଖିବ ତୁମର ଅବସ୍ଥା ଅତିଶୟ ଖରାପ କରିଦେବି ।" ଅନେକ ସମୟରେ ଜଣେ ଶିକ୍ଷକ ରାଗିଯାନ୍ତି ଏବଂ ତାଙ୍କର ରାଗ ହିଁ ସେ ଦଣ୍ଡ ପ୍ରୟୋଗ କରିବାର କାରଣ ହୁଏ- ପିଲାଟି ସକାଶେ କଣ କରିବା ସବୁଠାରୁ ଭଲ ହେବ, ସେ ବିଷୟରେ ସୁଚିନ୍ତିତ ବିଚାର ହୁଏ ନାହିଁ ।

ମୁଁ ଜାଣେ, କୁହାଯାଏ ଯେ ଆଇନ୍ ଅନୁଯାୟୀ ଦଣ୍ଡବିଧାନ ଲୋକଙ୍କୁ ଅପରାଧରୁ ନିବୃତ୍ତ କରିବା ପାଇଁ ଉଦ୍ଦିଷ୍ଟ । କିନ୍ତୁ ତାହା ସେପରି କାର୍ଯ୍ୟ କରେ ନାହିଁ । ଶହେ ବର୍ଷ ପୂର୍ବେ ଇଂଲଣ୍ଡର ଆଇନ ଅନୁଯାୟୀ ଦଣ୍ଡବିଧାନ ଥିଲା ଅତିଶୟ କଠୋର । ଉଦାହରଣ ସ୍ୱରୂପ, ଏକ ଶିଲିଙ୍ଗ୍ ଏବଂ ଛଅ ପେନି ମୂଲ୍ୟର ଜିନିଷ ଚୋରି କଲେ ଫାଶି ଦିଆ ଯାଉଥିଲା । ମୋର ମନେ ଅଛି, ମୁଁ ଦେଖିଛି ନ୍ୟୁ ଗେଟର ବନ୍ଦିଶାଳାର ପ୍ରବେଶ ଦ୍ୱାରରେ ଲେଖା ଯାଇଥିଲା- ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ସେହିପରି ଲେଖାଅଛି - ଯେ ଅମୁକ ବା ସମୁକ ବ୍ୟକ୍ତିକୁ ଫାଶି ଦିଆ ଯାଇଥିଲା-ଗୋଟାଏ ଜୋଡା ଗ୍ଲୋଭ୍ ଚୋରି ପାଇଁ ଯାହାର ଦାମ୍ ଥିଲା ଦୁଇ ବା ତିନି ଶିଲିଙ୍ଗ୍ । ଯେତେବେଳେ ଏହି ପ୍ରକାର କଠୋର ଦଣ୍ଡ ଦିଆ ଯାଉଥିଲା, ସେତେବେଳେ ଅପରାଧର ଅନୁପାତ ବର୍ତ୍ତମାନ ତୁଳନାରେ ଥିଲା ବହୁ ଅଧିକ । ଦଣ୍ଡ ବିଧାନ ସହିତ ଅପରାଧର ପରିମାଣର କୌଣସି ସମ୍ପର୍କ ନଥିଲା । ଏହା ମୁଖ୍ୟତଃ ସାଧାରଣ ଶିକ୍ଷା ଏବଂ ସଭ୍ୟତାର ଏକ ପ୍ରଶ୍ନ ।

ଆଇନ୍ ଅନୁଯାୟୀ ବା ବିଦ୍ୟାଳୟ ଦ୍ୱାରା ଦଣ୍ଡ ବିଧାନର ସାଧାରଣତଃ ସଂଘଟିତ ଅପରାଧ ସହିତ କୌଣସି ସମ୍ପର୍କ ନଥାଏ । ଜଣେ ଲୋକ ଚୋରି କରେ, ତାପରେ କିଛିକାଳ ବନ୍ଦୀ ହୋଇ ରହେ ଜେଲରେ । ତେବେ ଏହି ଦୁଇଟି ବିଷୟ ମଧ୍ୟରେ ସମ୍ପର୍କ କ'ଣ ? ଯୁକ୍ତିଯୁକ୍ତ ଭାବରେ ତାକୁ ହୁଏତ କିଛି କାର୍ଯ୍ୟ କରିବାକୁ ଦିଆ ଯାଇପାରେ ଯାହା ଫଳରେ ଚୋରି ହୋଇଥିବା ଜିନିଷର ମୂଲ୍ୟ ଯାହାର ଚୋରି ହୋଇଛି, ସେହି ବ୍ୟକ୍ତିକୁ ଫେରାଇ ଦିଆଯାଇପାରେ । ଦଣ୍ଡବିଧାନ ଅପରାଧକୁ ଚାହିଁ ଦେବା ଉଚିତ । ମଣିଷ କିଛି ଚୋରି କରିଛି ବୋଲି ଖାଲି ସେଇଥି ପାଇଁ ତାକୁ ବନ୍ଦ କରି ରଖିବା ଯେପରି ଏକ ଭୟଙ୍କର ଦୁଃସ୍ୱପ୍ନ । ସେହିପରି ଆମ ସମାଜରେ ପିଲା ଯେତେବେଳେ ତାର ପାଠ ନ ପଢ଼େ, ତାକୁ ବାଡାନ୍ତି । ଏହି ଦୁଇଟି ବିଷୟ ମଧ୍ୟରେ କଣ ବା ସମ୍ପର୍କ ରହିଛି ? ଏପରି କହିବାରେ କିଛି ଯୁକ୍ତି ରହନ୍ତା, "ତୁ ତୋର ପାଠ କରିନାହୁଁ, ତାହାହେଲେ ଶ୍ରେଣୀରେ ତୁ ଅନ୍ୟମାନଙ୍କର ପଛରେ ପଡ଼ିଯିବୁ । ସେଥିପାଇଁ ତୋତେ ରହିବାକୁ ପଡ଼ିବ ଏବଂ ଯେତେବେଳେ ଅନ୍ୟଥା ଖେଳିଥାନ୍ତୁ, ସେତେବେଳେ ପଢ଼ିବାକୁ ହେବ ।" ଏହି ପ୍ରକାର ବାଡେଇବାରେ କୌଣସି ଅର୍ଥ ନାହିଁ ଏବଂ ଏହା ମୂଳରୁ ଭୁଲ୍ । ଉଦ୍ଦେଶ୍ୟ ରଖି କଷ୍ଟ ଦେବା ଧାରଣା ସର୍ବଦା ଭୁଲ୍ ଏବଂ ଯେତେ ପରିମାଣର ରୀତି ଥିଲେ ମଧ୍ୟ ତାକୁ ସମୁଚିତ କରିପାରିବ ନାହିଁ । ସବୁ ପ୍ରକାରେ ପ୍ରଖ୍ୟାତ ଭାବେ ଅବାଞ୍ଛନୀୟ ଏବଂ ମୁର୍ଖ କାର୍ଯ୍ୟ ହିଁ ପ୍ରଥା ହୋଇରହିଛି । ଉଦାହରଣ ସ୍ୱରୂପ, ଚୀନରେ ପାଦକୁ ବାନ୍ଧି ରଖିବା ଏବଂ ବିଭିନ୍ନ କାଳରେ ଆମ ନିଜ ସମାଜରେ ପ୍ରଚଳିତ ରୀତିଗୁଡ଼ିକ । ଯେହେତୁ କୌଣସି ବିଷୟ ପ୍ରଥାଗତ, ତାହା ଶହ ଶହ ବର୍ଷ ଧରି ରହିଥିଲା ମଧ୍ୟ, ତାହା ଯେ ନିଶ୍ଚିତ ଭାବେ ଭଲ ବା ଆବଶ୍ୟକୀୟ, ଏମିତି ଧାରଣା କରିବା ଉଚିତ ହେବ ନାହିଁ, କାରଣ ଅନେକ ସମୟରେ ତାହା ସେପରି ହେଇ ନଥାଏ ।

ଏକ ସମାଜ ଯୁକ୍ତିଯୁକ୍ତ ଭାବେ କେତେକ ଅଭ୍ୟସ୍ତ ଅପରାଧୀଙ୍କୁ କହିପାରେ- ଯେମିତି ସେମାନଙ୍କୁ କୁହାଯାଉଥିଲା ପ୍ରାଚୀନ ପେରୁରେ, "ଆମେ ହେଉଛୁ ଏକ ସୁସଭ୍ୟ ଜାତି । ବହୁ ପରିଶ୍ରମ କରି ଆମେ ଏକ ନିର୍ଦ୍ଦିଷ୍ଟ ଯୋଜନା ଅନୁଯାୟୀ ଆମର ରାଜ୍ୟ ଗଢ଼ିଛୁ ଏବଂ ନିୟମ ମାନି ଯେଉଁମାନେ ଚଳିବେ ସେମାନଙ୍କ ସକାଶେ ଏହା ଉଦ୍ଦିଷ୍ଟ । ତୁମେ ଯଦି ସବୁ ନିୟମ ମାନି ଚଳିବ ନାହିଁ, ତେବେ ତୁମେ ବାହାରି ଯାଅ ଏବଂ ଅନ୍ୟ କାହା ସହିତ ରହ ।" ଦେଖନ୍ତୁ, ସେତେବେଳେ ନିର୍ବାସନ ଥିଲା ଏକମାତ୍ର ଦଣ୍ଡ ଏବଂ ଆଦିମ ଜାତିମାନଙ୍କ ମଧ୍ୟରେ ନିର୍ବାସିତ

ହେବା ଥିଲା ସର୍ବାଧିକ ଅପମାନ ଏବଂ କଷ୍ଟକର । ଏକ ବିପଜ୍ଜନକ ବ୍ୟକ୍ତିକୁ ଅଟକ ରଖିବା ପାଇଁ ସମାଜର ଅଧିକାର ରହିଛି । ଆପଣ ଯେତେବେଳେ ଦେଖୁଛନ୍ତି ଜଣେ ଲୋକ ଉତକ୍ଷିପ୍ତ ହୋଇ ଏଣେତେଣେ ଦୌଡ଼ି ଗଣ୍ଡଗୋଳ କରୁଛି, ଆପଣ ତାକୁ ବାଧା ଦେବା ଉଚିତ, ଯଦିଓ ସେଥିପାଇଁ ତାର ଜୀବନ ନେବାକୁ ପଡ଼ିପାରେ । କିନ୍ତୁ ଜରୁରୀ ଅବସ୍ଥାରେ ଯେତେବେଳେ ତାହା ଅପରିହାର୍ଯ୍ୟ ହୋଇଥାଏ, ଅନ୍ୟଥା ଆମମାନଙ୍କର ହତ୍ୟା କରିବାର ଅଧିକାର ନାହିଁ; ଏବଂ କେବେହେଲେ କାହାକୁ ମଧ୍ୟ ନିର୍ଯାତନା କରିବାର ଅଧିକାର ନାହିଁ । ଏହା ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ ।

ପ୍ରାଣଦଣ୍ଡ ପ୍ରତିଶୋଧମୂଳକ ହେଲେ ତାହାର ଅର୍ଥ ହେବ ଏହା ଯେ ଆମେ ବି ସେହି ଅପରାଧୀ ଭଳି ପାଶବିକ, ଯେ ଆମ ଭିତରେ ଜାଗ୍ରତ କରେ (ଆମର ଅପେକ୍ଷାକୃତ କୋମଳ ଭାଷାରେ)ଏକ ଯଥାର୍ଥ ବିରକ୍ତି । ଯଦି ଏହାର ଉଦ୍ଦେଶ୍ୟ ହୁଏ, ଆମକୁ ସେହି ଲୋକଠାରୁ ଅଧିକ ଅସୁବିଧା ଭୋଗ କରିବାରୁ ରକ୍ଷା କରିବା, ତେବେ ଏହା ତାତ୍ତ୍ୱିକ ଦୃଷ୍ଟିରୁ ଭଲ । କାରଣ ପ୍ରତ୍ୟେକ ନାଗରିକ ସକାଶେ ରାଜ୍ୟର କର୍ତ୍ତବ୍ୟ ରହିଛି, କେବଳ ସାଧାରଣ ସ୍ୱଭାବର ଲୋକଙ୍କ ପାଇଁ ନୁହେଁ । କେବଳ ଶରୀର କଥା ନୁହେଁ, ପ୍ରକୃତ ମଣିଷର କଥା ଭାବିବା ଉଚିତ । ଆମ ଅସୁବିଧା ଦୂର କରିବାକୁ ସହଜତମ ଉପାୟ ବାଛି ନେଇ ଏହିପରି ହତ୍ୟା କରିବା ହେଉଛି ନିଶ୍ଚିତ ଭାବେ ଅପରାଧମୂଳକ । ଏହା କିଛି ଭଲ କରେ ନାହିଁ । କାରଣ ଏହାଦ୍ୱାରା ବହୁ ମନ୍ଦ ଆବେଗ ଜାଗରିତ ହୁଏ ଏବଂ ଭବିଷ୍ୟତରେ ସେହି ବ୍ୟକ୍ତି ପୁଣି ଜନ୍ମ ନେବ କର୍ମଫଳ ସ୍ୱରୂପ ଆମ ସହିତ ଅପ୍ରୀତିକର ସମ୍ପର୍କ ନେଇ । ପ୍ରକୃତ ଅପରାଧୀ ଥାଆନ୍ତି କ୍ୱଚିତ୍ । ଅଧିକାଂଶ ଅପରାଧୀ ଉପୁଜିଥାନ୍ତି ଦୁର୍ଭାଗ୍ୟଜନକ ପରିବେଶରୁ । ପ୍ରକୃତ ଅପରାଧୀ ପ୍ରକୃତରେ ହେଉଛି ମାନସିକ ରୋଗଗ୍ରସ୍ତ । ସେ ଦରକାର କରୁନାହିଁ ଦୁଃଶହ ଯାତନା ଏବଂ ପାଶବିକତା, ଯାହା ତାର ଅସାମାଜିକ ପ୍ରବୃତ୍ତିକୁ ବଢାଇ ଦେବ । ସେ ଦରକାର କରୁଛି ସମୁଚିତ ବ୍ୟବହାର ଏବଂ ପ୍ରଶିକ୍ଷଣ ଯାହା ତାକୁ ଶାରିରୀକ ତଥା ଆବେଗଗତ ଦୃଷ୍ଟିରୁ ସାଧାରଣ ସ୍ୱଭାବର ନାଗରିକମାନଙ୍କର ଶ୍ରେଣୀଭୁକ୍ତ କରିବ । ରାଷ୍ଟ୍ର ଶାରୀରିକ ବିକଳାଙ୍ଗ ତଥା ମାନସିକ ରୋଗଗ୍ରସ୍ତ ଲୋକଙ୍କର ଯତ୍ନ ନିଏ । ଅପରାଧୀ ସହିତ ମଧ୍ୟ ସେହିପରି ବ୍ୟବହାର କରିବା ଉଚିତ । କାରଣ ଅପରାଧୀ ମାନସିକ ଆବେଗଗତ ଦୃଷ୍ଟିରୁ ଅତି ଅସୁସ୍ଥ । ଏପରି କଲେ ଏହା ହେବ ପ୍ରେମଜନିତ ମନୋଭାବ, ଯାହା ହେଉଛି ଗୁରୁଙ୍କର ଦୃଷ୍ଟିକୋଣ ।

ଏହି ଆଦର୍ଶଗୁଡ଼ିକ ହେଉଛି ବାସ୍ତବ, ସ୍ପଷ୍ଟ ଏବଂ କାର୍ଯ୍ୟୋପଯୋଗୀ । ଅପରାଧୀ ଏବଂ ଶିଶୁ ଭୟ ଦ୍ୱାରା ପ୍ରତାଡିତ ନହୋଇ ଶିକ୍ଷାଦ୍ୱାରା ସାହାଯ୍ୟ ପାଇବା ଉଚିତ୍ । ପିଲାମାନଙ୍କୁ ଆତଙ୍କିତ କରିବା ପଦ୍ଧତିରୁ ଅତିଶୟ ଖରାପ ପରିଣାମ ଉପୁଜି ଥାଏ । ଏହା ତାଙ୍କର ଜୀବନରେ ଆରମ୍ଭ କରିଦିଏ ଭୟ ଯନ୍ତ୍ରଣା ଓ ପ୍ରତାରଣା । ସାଧାରଣତଃ ଚରିତ୍ର ଏବଂ ସୁନାଗରିକତା ପ୍ରତି ଏହା ବିପଦଜନକ ହୋଇଥାଏ । ଏହା ଚର୍ଚ୍ଚର ନର୍କ ସମ୍ବନ୍ଧୀୟ ପୁରାତନ ଚିନ୍ତାଧାରାର ଅନ୍ୟ ରୂପ । କିନ୍ତୁ ସେହି ନର୍କ ହେବ ଏଇଠି ଏବଂ ଯଥେଷ୍ଟ ଧୂର୍ତ୍ତତା ସହ ଜଣେ ସେଥିରୁ ରକ୍ଷା ପାଇ ପାରିବ । ଲୋକେ ଭାବୁଥିଲେ ଯେ ସେମାନେ ଡରେଇ ହରେଇ ଅନ୍ୟମାନଙ୍କୁ ଭଲ କରି ପାରିବେ । ସେହି ଚିନ୍ତାଧାରା ଯେ ଏପର୍ଯ୍ୟନ୍ତ ରହିଛି, ତାହା ଅଦ୍ଭୁତ କଥା ।

ଆମର ଜଣେ ବିଶିଷ୍ଟ ଏବଂ ଜୀବିତ ଔପନ୍ୟାସିକ କିଛି କାଳ ପୂର୍ବେ ମୋ ପାଖକୁ ଚିଠି ଲେଖିଥିଲେ । ସେଥିରେ ସେ କହିଥିଲେ ଯେ ଥରେ ସମୁଦ୍ର କୂଳରେ ସେ ଭେଟିଥିଲେ ଜଣେ ଯୁବକଙ୍କୁ ଏବଂ ସେଇ ଯୁବକଙ୍କୁ ବ୍ରହ୍ମବିଦ୍ୟା ସମ୍ବନ୍ଧୀୟ କେତେକ ଧାରଣା ଦେଇଥିଲେ । ସେହି ପ୍ରସଙ୍ଗରେ ସେ ତାଙ୍କୁ ବୁଝାଇଥିଲେ ଯେ ନର୍କତତ୍ତ୍ୱ ହେଉଛି ସମ୍ପୂର୍ଣ୍ଣ ନିରର୍ଥକ । ପରେ ସେହି ଯୁବକର ମାତା କ୍ରୋଧାନ୍ୱିତ ହୋଇ ଔପନ୍ୟାସିକଙ୍କ ପାଖକୁ ଆସି କହିଲେ, "କେବଳ ସେହି ଉପାୟରେ ହିଁ ସେହି ପିଲାକୁ ବାଟକୁ ଆଣିଛି । ବର୍ତ୍ତମାନ ଯେତେବେଳେ ଆପଣ ତାକୁ ବୁଝାଇ କହିଲେଣି ଯେ ନର୍କ ବୋଲି କିଛି ନାହିଁ, ମୁଁ ଏବେ କରିବି କଣ ?" ହୁଏତ ସେହି ମହିଳା ଯଦି ଆଉ ଟିକିଏ ଭଲ ଭାବେ ଜାଣିଥାନ୍ତେ ଏବଂ ମୂଳରୁ ପିଲାଟିକୁ ବୁଝାଇ ଦେଇଥାନ୍ତେ, ତେବେ ଅତିଶୟ ଅପ୍ରୀତିକର ଭୟ ପ୍ରଦର୍ଶନ ଉପାୟ ପ୍ରୟୋଗ କରିବା ଦରକାର ପଡ଼ି ନଥାନ୍ତା ।

**ସ୍ୱାତନ୍ତ୍ର୍ୟ ଓ ପ୍ରେମ**

ମନୁଷ୍ୟର ଆତ୍ମାର ବିକାଶ ପାଇଁ ସ୍ୱାତନ୍ତ୍ର୍ୟ ଓ ପ୍ରେମ ହେଉଛି ଦୁଇଟି ମହାନ୍ ଉପାଦାନ । ବହୁ ଲୋକେ ଅଛନ୍ତି ଯେଉଁମାନେ ଅନ୍ୟମାନଙ୍କ ସ୍ୱାତନ୍ତ୍ର୍ୟ ଦେବା ପାଇଁ ସମ୍ପୂର୍ଣ୍ଣ ରାଜି, ଯଦି ସେହି ଅନ୍ୟମାନେ ସେମାନଙ୍କ କହିବା ଅନୁଯାୟୀ କାର୍ଯ୍ୟ କରନ୍ତି ! କିନ୍ତୁ ପ୍ରକୃତ ସ୍ୱାତନ୍ତ୍ର୍ୟ ହେଉଛି ନିଜ ବାଟରେ ଚେଷ୍ଟା କରିବାର ସ୍ୱାଧୀନତା । ସାଧାରଣତଃ ଅତ୍ୟଧିକ ହସ୍ତକ୍ଷେପ ପରିଲକ୍ଷିତ ହୋଇଥାଏ । ସୁରକ୍ଷା ବା ସାହାଯ୍ୟ ଦେବା ଉପରେ ଅତ୍ୟଧିକ ବାହ୍ୟ ନିର୍ଦ୍ଦେଶ ଜୀବନର ସକ୍ରିୟତାକୁ କ୍ଷୁର୍ଣ୍ଣ କରିଥାଏ । ଯେପରିକି ବିଦ୍ୟାଳୟରେ, ବହୁପରିମାଣର ଅନାବଶ୍ୟକ

ନିୟମାବଳୀର ପ୍ରବର୍ତ୍ତନ ଦେଖାଯାଏ, ଯେଉଁଠି ବ୍ୟକ୍ତିଗତ ସ୍ୱାଧୀନତା ଅଧିକତର ଅଭିବୃଦ୍ଧି ସକାଶେ ସୁଯୋଗ ଦିଅନ୍ତୁ ।

ଇଂଲଣ୍ଡର ଶାସନ ବ୍ୟବସ୍ଥା ଏବଂ ଅନ୍ୟ କେତେକ ଦେଶର ବ୍ୟବସ୍ଥା ମଧ୍ୟରେ ତାହା ହିଁ ଏକ ବିରାଟ ପାର୍ଥକ୍ୟ । ମୋଟ ଉପରେ ଇଂଲଣ୍ଡ ତାର ଲୋକଙ୍କୁ ଯଥାସମ୍ଭବ ମୁକ୍ତ ରଖିବାକୁ ଚେଷ୍ଟା କରେ । କେତେକ ଦେଶ ଚେଷ୍ଟା କରନ୍ତି ଅସୁବିଧା ଏବଂ ବିପଦକୁ ଏଡିବା ପାଇଁ ଏବଂ ସବୁ ପ୍ରକାର କଟକଣା ଦ୍ୱାରା ଲୋକଙ୍କୁ ସାହାଯ୍ୟ କରିବା ପାଇଁ । ମୋର ମନେ ଅଛି ଜଣେ ବିଦେଶୀ କର୍ମଚାରୀ ଥରେ ମୋତେ କହିଲେ, "ଦେଖନ୍ତୁ ଆଜ୍ଞା, ଏକ ପ୍ରକୃତରେ ସୁପରିଚାଳିତ ଦେଶରେ ପ୍ରତ୍ୟେକ ବିଷୟ ନିଷେଧ କରିବାକୁ ହେବ !" ପୃଥିବୀସାରା ଘୂରି ବୁଲିବାବେଳେ ନିୟମଗୁଡ଼ିକ କିପରି ବିଭିନ୍ନ ପ୍ରକାରେ ଅଭିବ୍ୟକ୍ତ ହୋଇଥାଏ, ତାହା ମୋତେ ବିଶେଷ ଆକୃଷ୍ଟ କରିଥାଏ । ଏକ ଦେଶରେ ଆପଣ ଦେଖିବେ କଠୋର ନିଶା ନିବାରଣ; ଅନ୍ୟ ଦେଶରେ ଦେଖିବେ ଏକ ଅନୁରୋଧ । କେତେକ ଦେଶ ସ୍ପଷ୍ଟତଃ ଏକ ସାମରିକ ଯୋଜନା ଗ୍ରହଣ କରିଥାନ୍ତି । ଯାହା କେବଳ ଅତି ଅଳ୍ପବୟସ୍କ ଆତ୍ମାମାନଙ୍କ ସକାଶେ ଭଲ । କିନ୍ତୁ ଅନ୍ୟ ଦେଶଗୁଡ଼ିକ ମଣିଷ ଭିତରେ ଥିବା ଶୁଭ ବୁଦ୍ଧି ଓ ସଦିଚ୍ଛାକୁ ନିବେଦନ କରନ୍ତି । ଉଦାହରଣ ସ୍ୱରୂପ ମୋର ମନେ ଅଛି ମୁଁ ଏକ ବିଜ୍ଞାପନରେ ପଢ଼ିଛି ଏମିତି କି ସେମିତି କାମ "ଭଦ୍ରଲୋକମାନେ କରିବେ ନାହିଁ ଏବଂ ଅନ୍ୟମାନେ କରିବା ଅନୁଚିତ ।" ତାହା ଥିଲା ଆମେରିକାରେ, ଯାହା ହେଉଛି ଏକ ଅପେକ୍ଷାକୃତ ନୂତନ ଦେଶ । ମୁଁ ଭାବିଲି–ତାହା ବେଶ୍ ସୁନ୍ଦରଭାବେ କୁହାଯାଇଛି ।

କେତେକ କ୍ଷେତ୍ରରେ ଆପଣ ସମାଜର ସ୍ୱାର୍ଥ ଦୃଷ୍ଟିରୁ ବାଧ୍ୟତାମୂଳକ ବ୍ୟବସ୍ଥା ଜାରି କରିବା ଦରକାର । ତେବେ ସର୍ବଦା ଶ୍ରେୟସ୍କର ହେବ, ଯେଉଁଠାରେ ସମ୍ଭବ ଲୋକଙ୍କର ଇଚ୍ଛାକୁ ପରିଚାଳିତ କରିବା ବଦଳରେ ଆପଣ ତାକୁ ବୁଝି କାମରେ ଲଗାଇବେ । ମୋର ତ ଆଶଙ୍କା ହୁଏ ଯେ ଶିକ୍ଷା ସମ୍ପର୍କରେ ଲୋକେ ତାହା ଖୁବ୍ କମ୍ ବୁଝିଛନ୍ତି । ପ୍ରତ୍ୟେକ ବିଷୟରେ ନିର୍ଦ୍ଦେଶ ଦିଆଯାଇଛି । ସବୁବେଳେ କୁହାଯାଇଛି- "ଏଇଆ କର, ଏଇଆ କର ନାହିଁ ।" ପିଲାକୁ ପଢାଇବାବେଳେ ମଧ୍ୟ ସାଧାରଣତଃ ତାର ଆଗ୍ରହକୁ କାମରେ ଲଗାଯାଏ ନାହିଁ, ବରଂ ତାକୁ କୁହାଯାଏ, "ଏଇ ହେଲା ପାଠ ଏବଂ ଏହାକୁ ପଢ଼ିବାକୁ ହେବ ।"

ନୂତନ ପ୍ରଣାଳୀରେ, ଯଥା ମଣ୍ଟେସରି ପ୍ରଣାଳୀ ଅନୁସାରେ, ପାଠ୍ୟ ବିଷୟକୁ ଚିତ୍ତାକର୍ଷକ କରି ଦିଆଯାଏ, ଯାହାଫଳରେ ଶିଶୁର ମନ ଏକ ଫୁଲ ପରି

ଖୋଲିଯାଏ । କେବଳ ଗୋଟିଏ ପନ୍ଥା ଅଛି ଯେଉଁଥିରେ ଆପଣ ପ୍ରକୃତରେ ଏବଂ ଉପଯୋଗୀ ଭାବରେ ଗୋଟିଏ ପିଲାକୁ ଯେ କୌଣସି ବିଷୟରେ ପଢାଇ ପାରିବେ । ତାହା ହେଉଛି ପ୍ରଥମରୁ ଆପଣଙ୍କୁ ସେ ସେମିତି ଭଲ ପାଇବ ସେପରି ତାକୁ ପ୍ରସ୍ତୁତ କରିବା ଦ୍ୱାରା । ପରେ ଆପଣ କିଛି ପରିମାଣର ନୈତିକ ଚାପ ପ୍ରୟୋଗ କରିବେ, କାରଣ ସେ ଯଦି କିଛି ଭୁଲ କରି ବସେ, ଆପଣ ଆହତ ହେବା ବା କଷ୍ଟ ପାଇଥିବା ଭଳି ଦେଖାଯିବେ । ତାହା ସମ୍ପୂର୍ଣ୍ଣ ଯଥାର୍ଥ, କାରଣ ଆପଣ ପ୍ରକୃତରେ ସେପରି କଷ୍ଟ ଅନୁଭବ କରିବେ ।

ଆପଣ ଯଦି ପ୍ରେମଦ୍ୱାରା ଶାସନ କରିବାକୁ ଆରମ୍ଭ କରନ୍ତି, ଆପଣ ଛାତ୍ର ମଧ୍ୟରେ ସେହି ପ୍ରେମ ଭାବ ଜାଗ୍ରତ କରନ୍ତି ଏବଂ କିଛି କାମ କରାଇ ନିଅନ୍ତି । ପିଲାଙ୍କୁ ପଢାଇବା ସକାଶେ ଆପଣଙ୍କର ଦରକାର ବିଚକ୍ଷଣ ବୁଦ୍ଧି, ସ୍ନେହଶୀଳ ହୃଦୟ ଏବଂ ସମୁଦ୍ର ଭଳି ବିଶାଳ ଧୈର୍ଯ୍ୟ । ପିଲାଏ କି ପ୍ରକାର ଭୁଲ୍ କରନ୍ତି ତାହା ବୁଝିବାକୁ ହେବେ ଏବଂ କାମଗୁଡ଼ିକ କିପରି ଠିକ୍ ଭାବେ କରିବାକୁ ହେବ (କିନ୍ତୁ ସେମାନଙ୍କ ହାତରେ ହେବ) ତାହା ଦେଖାଇ ଦେବାର ଦକ୍ଷତା ଥିବା ଦରକାର । ଆପଣ ଯଦି ଜବରଦସ୍ତି ଏବଂ ପଶୁବଳ ପ୍ରୟୋଗ କରି ଆରମ୍ଭ କରନ୍ତି, ତେବେ ଆପଣ କେବଳ ଶତ୍ରୁତାକୁ ଆହ୍ୱାନ କରିବେ ଏବଂ ତାହାହେଲେ ଆପଣ କୌଣସି ଉପଯୋଗୀ କାର୍ଯ୍ୟ କରାଇ ପାରିବେ ନାହିଁ ।

ସାଧାରଣ ଜୀବନରେ ବି ତାହା ହୁଏ । ଯଦି ଜଣେ ବ୍ୟବସାୟୀ ଅନ୍ୟ ସହିତ କାରବାର କରିବାକୁ ଚାହେଁ ଲାଭ ପାଇଁ, ସେ ତାହା ପ୍ରତି ପ୍ରୀତିପୂର୍ଣ୍ଣ ବ୍ୟବହାର କରେ ଏବଂ ତାକୁ ବୁଝାଇ ଦେବାକୁ ଚେଷ୍ଟା କରେ ଯେ ସେ ଯେଉଁ ବ୍ୟବସାୟ ପ୍ରସ୍ତାବ ଆଣିଛି, ତାହା ଉଭୟ ପକ୍ଷରେ ସୁବିଧାଜନକ । ଅନ୍ୟ ବ୍ୟକ୍ତିକୁ ନିର୍ଦ୍ଦେଶ ଦେବାକୁ ଚେଷ୍ଟା କରିବା କଥା ତା ମୁଣ୍ଡକୁ ଆଣିବ ନାହିଁ । ତାହା ଅନ୍ୟ ବ୍ୟକ୍ତିଙ୍କୁ କେବଳ ବିରୋଧୀ କରାଇବ ଏବଂ ଉଭୟଙ୍କ ମଧ୍ୟରେ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିବା ଅସମ୍ଭବ ହୋଇ ପଡ଼ିବ । ବାଳକ ବାଳିକାମାନେ ମଧ୍ୟ ମଣିଷ, ଏବଂ ଆପଣ ସେମାନଙ୍କ ଠାରୁ ବେଶି କିଛି ପାଇ ପାରିବେ ଯଦି ଆପଣ ସେମାନଙ୍କୁ ମୂଳରୁ ନିଜ ବିରୁଦ୍ଧରେ ନରଖି ନିଜ ସପକ୍ଷରେ ରଖିବେ । ଯେଉଁମାନେ ଶିକ୍ଷା ଦେବାକୁ ଚେଷ୍ଟା କରନ୍ତି, ଏଗୁଡ଼ିକ ହେଉଛି ସେମାନଙ୍କର ଅନୁଭୂତିର କଥା । କୌଣସି ଶିକ୍ଷକ ଯେତେ ଦକ୍ଷ ଏବଂ ଯେତେ ବିଦ୍ୱାନ୍ ହେଲେ ମଧ୍ୟ ଯଦି ସେ ପିଲାମାନଙ୍କୁ ଆଗ୍ରହୀ ହେବାକୁ ଏବଂ ନିଜକୁ ଭଲ ପାଇବାକୁ ଶିଖାଇ ନପାରନ୍ତି ତେବେ ସେ ସମ୍ମାନର ଯୋଗ୍ୟ ନୁହନ୍ତି । ତାହା ହିଁ ଗୁରୁମାନଙ୍କର ଶିକ୍ଷାଦାନର

ଆବଶ୍ୟକ ପନ୍ଥା; ସେ କେବେହେଲେ ଜୋର୍ କରନ୍ତି ନାହିଁ, ଆଦେଶ ଦିଅନ୍ତି ନାହିଁ, ବରଂ ଉଚିତ ମାର୍ଗ ଦେଖାନ୍ତି ଏବଂ ତାଙ୍କୁ ଅନୁକରଣ କରିବା ପାଇଁ ଆମକୁ ଉତ୍ସାହିତ କରନ୍ତି ।

**କର୍ମ କୌଣସି ପ୍ରଚଳିତ ପ୍ରଥାକୁ ହିସାବକୁ ନିଏ ନାହିଁ; ଏବଂ ନିଷ୍ଠୁରତା ର କର୍ମଫଳ ସର୍ବାଧିକ ଭୟାନକ । ଅନ୍ତତଃ ଭାରତରେ ଏହି ପ୍ରକାର ପ୍ରଥାଗୁଡ଼ିକ ପାଇଁ କୌଣସି କ୍ଷମା ନାହିଁ, କାରଣ ଅହିଂସାତ୍ମକ କର୍ତ୍ତବ୍ୟ ସମସ୍ତଙ୍କୁ ସୁବିଦିତ ।**

### ଶିକ୍ଷକ ଓ ମାଲିକଙ୍କ କର୍ତ୍ତବ୍ୟ

**ଲେଡ୍‌ବିଟର** – ଯେଉଁ ବ୍ୟକ୍ତି ବିଦ୍ୟାଳୟର ଶିକ୍ଷକ ବୃତ୍ତି ଗ୍ରହଣ କରନ୍ତି; ସେ ତାହା କରିଥାନ୍ତି ନିଜର ଜୀବିକାର୍ଜ୍ଜନ ପାଇଁ-ଯେମିତି ସେ ଅନ୍ୟ କୌଣସି ଏକ ବୃତ୍ତିରେ ପ୍ରବେଶ କରି ପାରିଥାନ୍ତେ । ତେବେ କର୍ମାଧିପତିଗଣ ସେହି ଦୃଷ୍ଟିକୋଣରୁ କଥାଟାକୁ ବିଚାର କରନ୍ତି ନାହିଁ । ସେମାନେ ମଣିଷକୁ ଏହି ପ୍ରକାର ଏକ ସ୍ଥିତିରେ ଆଣି ରଖନ୍ତି ତାକୁ ଏକ ବିରାଟ ସୁଯୋଗ ଦେବାର ଧାରଣା ନେଇ । ଯଦି ସେ ତାହା ଗ୍ରହଣ କରି କୌଶଳ ଏବଂ ପ୍ରେମ ସହକାରେ କାମ କରି ଚାଲେ, ତାହା ତାକୁ ନେଇଯିବ ଆଉ ଏକ ଜୀବନକୁ ଯେଉଁଥିରେ ସେ ହୁଏତ ହେବ ଏକ ଧର୍ମଗୁରୁ । ସେହିଠାରୁ ତାର ରାସ୍ତା ଖୋଲିଯାଏ ଏକ ମହାନ୍ ସାଧୁ ଏବଂ ମାନବ ଜାତିର ଏକ ମହାନ୍ ହିତସାଧକ ହେବା ପାଇଁ । କର୍ମାଧିପତିମାନଙ୍କ ଦୃଷ୍ଟିକୋଣରୁ ଶିକ୍ଷାଦାନ ବୃତ୍ତି ରହିଛି ଜୀବନର କେତେକ ମହତ୍ତମ ପୁରସ୍କାର ଲାଭ ପାଇଁ ଥିବା ସିଧା ରାସ୍ତାରେ ।

ଶିକ୍ଷକ ଉପଲବ୍ଧି କରିବା ଉଚିତ ଯେ ପ୍ରତ୍ୟେକ ଶିଶୁ ହେଉଛି ଏକ ଜୀବାତ୍ମା ଏବଂ ତାର ଚରିତ୍ରର ବିକାଶ ପାଇଁ ସେ ସମସ୍ତ ପ୍ରକାର ଯଥା ସମ୍ଭବ ସାହାଯ୍ୟ ଦେବା ଆବଶ୍ୟକ । ସ୍ୱଭାବତଃ ସେ ପାଇଛନ୍ତି ଏକ ବିରାଟ ସୁଯୋଗ, କାରଣ ପିଲାମାନଙ୍କୁ ତାଙ୍କ ଯତ୍ନରେ ରଖାଯାଇଛି ଶିଖିବା ପାଇଁ ଏବଂ ସେ ଯେପରି ଇଚ୍ଛା କରିବେ ବହୁ ପରିମାଣରେ ସେପରି ସେମାନଙ୍କୁ ଗଢ଼ି ପାରିବେ ଏହି ପ୍ରକାର ପ୍ରଭାବର ଗଭୀରତା ସମ୍ପର୍କରେ ଜଣେ ସୁବିଦିତ ଜେସୁଟ୍ ଥରେ କହିଥିଲେ, "ମୋ ପାଖରେ ଏଗାର ବର୍ଷ ବୟସ ପର୍ଯ୍ୟନ୍ତ ଗୋଟିଏ ପିଲା ରହୁ, ତାପରେ ସେ ଯୁଆଡ଼େ ଇଚ୍ଛା ସିଆଡ଼େ ଯାଉ ।" ଶିକ୍ଷକ ନିଜେ କି ପ୍ରକାର ଲୋକ, ସେ କିପରି

କାର୍ଯ୍ୟ କରନ୍ତି ଏବଂ ପିଲାମାନଙ୍କୁ ସିଧାସଳଖ ସେ କଣ କହନ୍ତି, ସେହି ସବୁ ଜରିଆରେ ପିଲାମାନଙ୍କ ଉପରେ ତାଙ୍କର ପ୍ରଭାବ କାର୍ଯ୍ୟ କରିଥାଏ । ସେ ଯେପରି ହେବା ଉଚିତ ଯଦି ସେହିପରି ହୋଇଥାନ୍ତି, ତେବେ ସେ ନିଜର ଦୃଢ଼ ଏବଂ ଶକ୍ତିଶାଳୀ ପ୍ରଭାବ ଦେଇ ପ୍ରେମ ବିକିରଣ କରନ୍ତି । ତାଙ୍କର ପଦ ମଧ୍ୟ ମହାନ୍ ଦାୟିତ୍ୱପୂର୍ଣ୍ଣ, କାରଣ ତାଙ୍କ ଦାୟିତ୍ୱରେ ଥିବା ପିଲାଙ୍କ ମନରେ ପ୍ରେମ ଏବଂ ସୁଗୁଣଗୁଡ଼ିକୁ ଜାଗ୍ରତ କରିବା ବଦଳରେ ସେ ଯଦି ଭୟ ଓ ପ୍ରତାରଣା ଜାଗ୍ରତ କରନ୍ତି, ତେବେ ସେ ସେହି ଜୀବାତ୍ମାମାନଙ୍କର ପ୍ରଗତିରେ ବାଧା ଦିଅନ୍ତି ଏବଂ ତଦ୍ୱାରା ସେ ନିଶ୍ଚୟ ଗୁରୁତର ଭାବେ କ୍ଷତି ସାଧନ କରନ୍ତି ।

ଏପରି ସୁଯୋଗର ଅପବ୍ୟବହାର କରୁଥିବା ମଣିଷର ଭୟଙ୍କର ପତନ ହୋଇଥାଏ । ଏପରି ସ୍ଥଳେ ନିଷ୍ଠୁରତାର ଭୟାନକ ପରିଣତି ହୋଇଥାଏ । କେତେକ ଘଟଣାରେ ଆମେ ଦେଖିଛୁ ଏହାର ଏକ ପ୍ରକାର ଅନୁରୂପ ପ୍ରତିଫଳ ମିଳିଥାଏ ।

କିନ୍ତୁ ଅନେକ ସମୟରେ ଏହାର ଫଳ ହୁଏ ଉନ୍ମାଦ ରୋଗ, ଏବଂ ତାହାଠାରୁ କମରେ, ଅନେକ ପ୍ରକାର ଅବସ୍ଥା ହୁଏ ଯଥା ମୂର୍ଚ୍ଛା ରୋଗ କିମ୍ବା ସ୍ନାୟବୀୟ ରୋଗ । ବହୁ କ୍ଷେତ୍ରରେ ଫଳ ହୁଏ ସାମାଜିକ ସ୍ତରରେ ଏକ ବିଶେଷ ଧରଣର ସାଙ୍ଘାତିକ ଅଧଃପତନ । ଯେଉଁ ବ୍ୟକ୍ତି ଯୁକ୍ତିଯୁକ୍ତ ଭାବେ ଉତ୍ତମ ସ୍ଥାନରେ ରହି ନିଷ୍ଠୁର ଆଚରଣ କରନ୍ତି, ସେ ସେହି ନିଷ୍ଠୁରତା ହେତୁ ବାଜେ ଲୋକମାନଙ୍କର ସର୍ବନିମ୍ନ ସ୍ଥାନରେ ନିଜେ ନିକ୍ଷିପ୍ତ ହୋଇଥିବା ଦେଖାଯାଏ । ଉଦାହରଣ ସ୍ୱରୂପ, ମୁଁ କେତେକ ଘଟଣା ଦେଖିଛି ଯେଉଁଥିରେ ବ୍ରାହ୍ମଣମାନେ ପିଲାଙ୍କ ପ୍ରତି ନିଷ୍ଠୁର ଆଚରଣ ଫଳରେ ଜନ୍ମ ନେଇଛନ୍ତି ଅନୁନ୍ନତ ଶ୍ରେଣୀରେ । ସୁତରାଂ ଏହା ସ୍ପଷ୍ଟ ଯେ କର୍ମାଧିପତିଗଣ ବିଶ୍ୱର ମହାନ୍ ନିୟମଗୁଡ଼ିକୁ ସ୍ପଷ୍ଟ ରୂପେ ପ୍ରଦର୍ଶନ କରି ଏହି ବିଷୟଗୁଡ଼ିକରେ ଗୁରୁଙ୍କ ଭଳି ମତ ପୋଷଣ କରିଥାନ୍ତି ।

ବିଦ୍ୟାଳୟର ଶିକ୍ଷକଙ୍କର ସୁଯୋଗର ପ୍ରାୟ ଅନୁରୂପ ସୁଯୋଗ ଦିଆ ଯାଇଥାଏ ଏକ କାରଖାନାର ପରିଚାଳକଙ୍କୁ ବା କୌଣସି ବଡ଼ ବ୍ୟବସାୟର ମୁଖ୍ୟଙ୍କ । ମଣିଷ ଏହି ପ୍ରକାର ଏକ ପଦକୁ ବାଞ୍ଛନୀୟ ବୋଲି ଭାବେ, କାରଣ ଏହା ତାକୁ ଏକ ମୋଟା ଦରମା ବା ବହୁ ପରିମାଣର ଅର୍ଥ ଏବଂ କିଛି ପରିମାଣର କ୍ଷମତା ପାଇବାର ଏକ ସୁଯୋଗ ଦେଇଥାଏ । କିନ୍ତୁ କର୍ମାଧିପତିଗଣ ତାହାର ଅଧିନକୁ ଯେଉଁମାନେ ଆସନ୍ତି, ସେମାନଙ୍କୁ ସାହାଯ୍ୟ କରିବା ପାଇଁ ତାହା ପୁନର୍ବାର ଏକ ସୁଯୋଗ ବୋଲି ବିଚାର କରନ୍ତି । ଅନେକ ସମୟରେ ମାଲିକ ତାର ଲୋକମାନଙ୍କୁ ଏକ

ପ୍ରକାର ସ୍ୱଳ୍ପ-ପ୍ରଚ୍ଛନ୍ନ ଶତ୍ରୁତା ସହିତ ବିଚାର କରେ । ସେ ଭାବେ ଯେ ସେମାନେ ତାଠାରୁ ଯେତିକି ପାରିବେ ସେତିକି ନେବାକୁ, ଏବଂ ବିଭିନ୍ନ ପ୍ରକାରେ ତାର ସୁବିଧା ନେବାକୁ, ଚାହାନ୍ତି । ଲୋକେ ସେମାନଙ୍କ ପକ୍ଷରୁ ସାଧାରଣତଃ ଭାବନ୍ତି ଯେ ମାଲିକ ସେମାନଙ୍କୁ ପେଶି ଦେବାକୁ ଏବଂ ଯେତିକି ପାରିବ ସେତିକି ସେମାନଙ୍କଠାରୁ ଆଦାୟ କରିବାକୁ ଚାହେଁ ଏବଂ ତା ବଦଳରେ ଯଥା ସମ୍ଭବ କମ୍ ଦେବାକୁ ଚାହେଁ ।

ଦୁର୍ଭାଗ୍ୟବଶତଃ ଏହା ସତ ଯେ କେତେକ କ୍ଷେତ୍ରରେ ଉଭୟ ପକ୍ଷ ଯେପରି ଭାବନ୍ତି ସେପରି ଭାବିବା ଯଥାର୍ଥ । ଅନେକ ମାଲିକ ଅଛନ୍ତି ଯେଉଁମାନଙ୍କର ସେହି ପ୍ରକାର ମନୋଭାବ ରହିଛି ଏବଂ ବହୁସଂଖ୍ୟକ ଶ୍ରମିକ ଅଛନ୍ତି ଯେଉଁମାନଙ୍କର ନିଜର ମାଲିକଙ୍କ ପ୍ରତି ସେହି ପ୍ରକାର ବିଚାରଧାରା ରହିଛି । କିନ୍ତୁ ଯେଉଁ ଲୋକ ବୁଝେ, ତିଳେହେଲେ ସେହି ଦୃଷ୍ଟିକୋଣରୁ କଥାଟାକୁ ଦେଖିବ ନାହିଁ । ମନୁଷ୍ୟକୁ ତାର ପଦ ଯେ ବହୁସଂଖ୍ୟକ ଲୋକଙ୍କ ଜୀବନରେ ଏକ ସାହାଯ୍ୟକାରୀ ପ୍ରଭାବ ହେବା ପାଇଁ ଏକ ସୁଯୋଗ ଦିଏ, ସେଇ ବିଷୟର କେବଳ ଏହି ଦିଗଟି ପ୍ରତି କର୍ମାଧିପତିଗଣ ସମ୍ପୃକ୍ତ । କର୍ମାଧିପତିଗଣ ସାଧାରଣତଃ ଆମ ଦୃଷ୍ଟିକୋଣରୁ ବିଷୟଗୁଡ଼ିକ ବିଚାର କରନ୍ତି ନାହିଁ । ଉଦାହରଣ ସ୍ୱରୂପ, ସାଧାରଣତଃ ମଣିଷ-ଜାତି ମୃତ୍ୟୁକୁ ଏକ ଭୟଙ୍କର ବିଷୟ ଏବଂ କଠୋର ଦଣ୍ଡ ବୋଲି ଭାବନ୍ତି । କିନ୍ତୁ ଅନେକ ସମୟରେ ଏହା ଏକ ପ୍ରକାର ପୁରସ୍କାର ରୂପେ ଦିଆ ଯାଇଥାଏ-ଏକ ପ୍ରକାର ମୁକ୍ତି ସ୍ୱରୂପ, ଯାହା ଆମକୁ ନେଇଯାଏ ଶ୍ରେୟସ୍କର ଏବଂ ଅଧିକ ସମ୍ଭାବନାମୟ ଅବସ୍ଥାକୁ ।

**ପ୍ରାଣୀ ହତ୍ୟା କ୍ରୀଡ଼ା**

> **ନିଷ୍ଠୁର ଲୋକଙ୍କ ଦୁର୍ଦ୍ଦଶା ମଧ୍ୟ ସେହି ସବୁ ଲୋକଙ୍କ ଉପରେ ଅବଶ୍ୟ ପଡ଼ିବ ଯେଉଁମାନେ ଭଗବାନଙ୍କର ପ୍ରାଣୀମାନଙ୍କୁ ଜାଣିଶୁଣି ହତ୍ୟା କରନ୍ତି ଏବଂ ତାକୁ 'କ୍ରୀଡ଼ା' ବୋଲି ନାଁ ଦେଇଥାନ୍ତି ।**

**ଲେଡ୍‌ବିଟର୍-** ଇଂଲଣ୍ଡର ଗ୍ରାମାଞ୍ଚଳ ଅବସ୍ଥା ସମ୍ପର୍କରେ 'ପଞ୍ଚ' ପତ୍ରିକା ଯେଉଁ ବ୍ୟଙ୍ଗ ମନ୍ତବ୍ୟ କରିଥିଲା, 'ଆଜି ବଢ଼ିଆ ପାଗ ହେଇଛି; ଚାଲ ଯିବା, କିଛି ଗୋଟାଏ ମାରି ଆଣିବା', ତାହା ବିଶେଷ ଭୁଲ୍ ନଥିଲା । ଇଂଲଣ୍ଡର ପଲ୍ଲୀ

ଅଞ୍ଚଳର ଧର୍ମଯାଜକ ରୂପେ ପ୍ରତିନିଧି ଶ୍ରେଣୀୟ ଲୋକଙ୍କ ସହ ଘନିଷ୍ଠ ସମ୍ପର୍କରେ ଆସିଥିଲି । ସେମାନେ ଗୁଳି ଚଳାଉଥିଲେ, ଶିକାର କରୁଥିଲେ ଏବଂ ମାଛ ମାରୁଥିଲେ । ଏ ସମସ୍ତ ଥିଲା ସେମାନଙ୍କର ଦୈନନ୍ଦିନ ବୃତ୍ତି ଏବଂ ତାହା ମଧ୍ୟ ଥିଲା ସେମାନଙ୍କର କଥାବାର୍ତ୍ତାର ମୁଖ୍ୟ ବିଷୟ । ତଥାପି, ବିଶ୍ୱାସ କରିବାକୁ ଯେତେ କଷ୍ଟକର ମନେ ହେଲେ ମଧ୍ୟ, ସେହି ଲୋକଗୁଡ଼ିକ ଥିଲେ ସମ୍ପୂର୍ଣ୍ଣ ଭଦ୍ର, ନିଜ ସାଥୀ ଲୋକଙ୍କ ପ୍ରତି ଥିଲେ ଦୟାବାନ୍ । ପୁରୁଷମାନେ ଥିଲେ ଉତ୍ତମ ପିତା ଏବଂ ସ୍ୱାମୀ, ଉଦାର ବିଚାରଧାରାସଂପନ୍ନ ଏବଂ ଦୟାର୍ଦ୍ର ହୃଦୟ ବନ୍ଧୁ-କିନ୍ତୁ ସେମାନେ ସେହି ଶିକାର କରିବା ବିଷୟରେ କିଛି ଭୁଲ୍ ଦେଖୁ ନଥିଲେ । ସେହି ଲୋକଙ୍କ ଭିତରୁ ଜଣେ, ଯେ ହରିଣମାନଙ୍କୁ ଶିକାର କରୁଥିଲା ଏବଂ ଅତିଶୟ ବେଖାତିର୍ ଭାବରେ ଯେତେ ପାରୁଥିଲା, ସେତେ ପକ୍ଷୀମାନଙ୍କୁ ଗୁଳି କରୁଥିଲା, ସେ ତଥାପି ସାରା ରାତି ଉଜାଗର ରହିଥିଲା ଗୋଟାଏ ରୋଗିଣା କୁକୁର ପାଇଁ । ତାହା ସୂଚାଇ ଦିଏ ଯେ ତାର ଥିଲା ଏକ ସଦୟ ହୃଦୟ ଏବଂ ପଶୁମାନଙ୍କ ପ୍ରତି ମଧ୍ୟ ସେ ଏକ ପ୍ରକାର ଭାତୃତ୍ୱଭାବ ଅନୁଭବ କରୁଥଲା ।

ନିଷ୍ଠୁରତା ଦେଖା ଦେଇଥାଏ ଏକପ୍ରକାରେ ମାନସିକ ଅନ୍ଧତ୍ୱ ହେତୁ । ସେମାନଙ୍କ ଠାରେ ବୁଦ୍ଧିର ଅଭାବ ନାହିଁ । କିନ୍ତୁ ଏହି ବିଷୟରେ ସେମାନେ କେବେ ବିଚାର କରି ନାହାନ୍ତି ଏବଂ ଏହା ନିର୍ଧାର୍ଯ୍ୟ କରି ଧରି ନେଇଛନ୍ତି ଯେ ଏହି ସବୁ ପ୍ରାଣୀ ସୃଷ୍ଟି ହୋଇଛନ୍ତି ସେମାନଙ୍କର ଉପଯୋଗ ପାଇଁ ଏବଂ ଆନନ୍ଦ ସକାଶେ, ଯାହା ସେମାନେ ପାଇପାରିବେ ସେଗୁଡ଼ିକ ହତ୍ୟା କରିବା ଦକ୍ଷତାରୁ । ସେହି ପ୍ରକାର ଚିନ୍ତାହୀନତା ନେଇ ଲୋକେ ମାଂସ ଖାଆନ୍ତି । ଯୁବକ ଅବସ୍ଥାରେ ମୁଁ ତାହା କରିଥିଲି, ଏବଂ ଏହି ଭାବନା ମୋର କେବେହେଲେ ଆସି ନଥିଲା ଯେ ଏହା ଖରାପ କଥା । ଏହି ବିଷୟକ ଏକ ପୁସ୍ତକ ପଢ଼ିବା ପରେ ମୁଁ ତାହା ଜାଣିଲି । ତାହା ବ୍ରହ୍ମବିଦ୍ୟା ସମିତିର ପ୍ରତିଷ୍ଠାର ବହୁ ପୂର୍ବର କଥା ।

ଯେତେବେଳେ ଆମେ ଥରେ ବୁଝିଯାଉ ଯେ ଏହି ପ୍ରକାର କ୍ରୀଡ଼ା ଏକ ଭୟଙ୍କର କଥା । ଏଥିରେ ମାତି ଆମେ ଭଗବାନଙ୍କ ଦ୍ୱାରା ସୃଷ୍ଟି ଜୀବମାନଙ୍କର ହତ୍ୟାରେ ଭାଗ ନେଉଛୁ । ଆମେ ଆଶ୍ଚର୍ଯ୍ୟ ହେଉ ଯେ ଏହିକଥା ଆମେ ଆଗରୁ ଭାବି ନଥିଲୁ କାହିଁକି । ହଜାର ହଜାର ଲୋକ ଏ ପର୍ଯ୍ୟନ୍ତ ଏହା ଖରାପ ବୋଲି ବୁଝିନାହାନ୍ତି । ପ୍ରଚଳିତ ରୀତିର ଐନ୍ଦ୍ରଜାଲିକ ପ୍ରଭାବ ତଥାପି ସେମାନଙ୍କୁ ବଶ କରି ରଖିଛି । ଏହା ଦ୍ୱାରା ଯେ ଭୟାନକ କ୍ଷତି କରାଯାଇଛି, ତାହା ସେମାନେ କେବେ

ଭାବି ନାହାନ୍ତି । ପୋଷାକ ସାମଗ୍ରୀ ସମ୍ପର୍କରେ ମଧ୍ୟ ସେହି କଥା ସତ । ଉଦାହରଣ ସ୍ୱରୂପ, ଏପରି କେତକ ପକ୍ଷୀର ପର ରହିଛି ଯାହା କେବଳ ପ୍ରାଣୀ ଜୀବନର ଭୟଙ୍କର କ୍ଷତି ଘଟାଇ ସଂଗ୍ରହ କରାଯାଇପାରିବ । କେବଳ ସମ୍ପୃକ୍ତ ଜୀବର ଯନ୍ତ୍ରଣା ଓ ମୃତ୍ୟୁ ନୁହେଁ, ସାଧାରଣତଃ ତା' ଉପରେ ନିର୍ଭର କରୁଥିବା ଶିଶୁମାନଙ୍କର ମଧ୍ୟ ପୀଡା ଅଥବା ମୃତ୍ୟୁ ଘଟାଇ । ଯେଉଁ ଲୋକେ ଏହି ସବୁ ଜିନିଷ ପରିଧାନ କରନ୍ତି, ସେମାନେ ନିଶ୍ଚିତ ଭାବେ ଏ ଅପରାଧ ବିଷୟରେ ନିରୁଦବିଘ୍ନ ।

ସେମାନେ ନିରୁପାୟ ହୋଇ ନିଷ୍ଠୁର ହୋଇ ନାହାନ୍ତି- ତିଳେ ହେଲେ ନୁହେଁ । ସେମାନେ କେବଳ ପ୍ରଚଳିତ ରୀତି ର ଅନୁସରଣ କରୁଛନ୍ତି । ତଥାପି କର୍ମର ନିୟମ କାର୍ଯ୍ୟକାରୀ ହେବ । ଜଣେ ଲୋକ ଅନ୍ୟମନସ୍କ ହୋଇପାରେ ଏବଂ ଉଚ୍ଚଶିଖର କଡରେ ଚାଲୁଥାଇ ପାରେ - କିନ୍ତୁ ସେ କେଉଁଆଡ଼େ ଯାଉଛି ତାହା ଜାଣିନାହିଁ ବୋଲି, ପରିଣତିରେ କୌଣସି ପରିବର୍ତ୍ତନ ହେବ ନାହିଁ ।

**ମୁଁ ଜାଣେ, ତୁମେ ଏହି ପ୍ରକାର କାମ ସବୁ କରିବ ନାହିଁ; ଏବଂ ଈଶ୍ୱରଙ୍କୁ ପ୍ରେମ ସକାଶେ, ଯେତେବେଳେ ସୁଯୋଗ ଆସିବ, ତୁମେ ସ୍ପଷ୍ଟ ଭାବରେ ସେମାନଙ୍କ ବିରୁଦ୍ଧରେ କହିବ ।**

**ଲେଡ୍‌ବିଟର୍** – ଏଠାରେ ଆମେ ଏହି ଶବ୍ଦଗୁଡ଼ିକୁ ଲକ୍ଷ୍ୟ କରିବା ଆବଶ୍ୟକ 'ଯେତେବେଳେ ସୁଯୋଗ ଆସିବ ।' ଆମେ ଆମର ଧାରଣାଗୁଡ଼ିକୁ ଅନ୍ୟମାନଙ୍କ ଉପରେ ଲଦି ଦେବାକୁ ଚାହୁଁ ନାହିଁ । ସେଥିପାଇଁ ସାଧାରଣତଃ କେବଳ ଯେତେବେଳେ ମତ ପଚରାଯାଏ ବା ସ୍ୱାଭାବିକ ରୂପେ ଯେତେବେଳେ କଥାଟା ଉଠେ ଏ ବିଷୟରେ କହିଥାଉ । ନିଜର ଧାରଣାଗୁଡ଼ିକ ଯେତେ ଚମତ୍କାର ହେଲେ ମଧ୍ୟ, ତାହା ଜୋର୍ କରି ଲଦି ଦେବା ଭଲ ଅପେକ୍ଷା ବେଶି ଖରାପ କରେ । ଯେଉଁମାନେ ମାଡ଼ି ବସି ତାହା କରିଥାନ୍ତି, ସେମାନେ ସର୍ବଦା ବିରକ୍ତି ଜାଗ୍ରତ କରିଥାନ୍ତି । ଯେଉଁ ବ୍ୟକ୍ତି ଆପଣଙ୍କୁ ରାସ୍ତାରେ ବାଟ କଢାଇ ନିଏ, ଏବଂ ଜାଣିବାକୁ ଚାହେଁ ଆପଣ ଯୀଶୁଙ୍କୁ ପାଇଛନ୍ତି କି ନାହିଁ କିମ୍ବା ଆପଣଙ୍କର ଆତ୍ମାର ପରିତ୍ରାଣ ହୋଇଛି କି ନାହିଁ – ସେ ଆପଣଙ୍କୁ ଅନୁକୂଳ ଭାବେ ପ୍ରଭାବିତ କରେ ନାହିଁ ଏବଂ ଅଧିକାଂଶ ଲୋକେ ହୁଏତ ଭାବିବେ ଯେ ସେ ଯଦି ଏତେ ଅବାଗିଆ, ତେବେ ତାଙ୍କର ଧର୍ମର ବିଶେଷ କାର୍ଯ୍ୟୋପଯୋଗୀ ଗୁଣ ନଥିବ । ଯଦି ଉପଯୁକ୍ତ ସୁଯୋଗ ମିଳେ, ତେବେ ହୁଏତ ଜଣେ ଖଣ୍ଡିଏ

ବହି ବା ପ୍ରଚାର ପତ୍ର ଦେଇ ପାରେ କିମ୍ବା ଧୀର ଭାବେ ଅନୁଚ୍ଚସ୍ୱରରେ ସେହି ବିଷୟରେ କହି ପାରେ ।

କିନ୍ତୁ ଆପଣ ଯଦି ବହୁ ଶିକାରୀମାନଙ୍କ ମଧ୍ୟରେ ନିଜକୁ ମିଶାଇଛନ୍ତି, ତେବେ ମୁଁ ଆପଣଙ୍କୁ ପରାମର୍ଶ ଦେବା ଉଚିତ ହେବନାହିଁ । ଆରମ୍ଭରୁ 'ଏହା ଅତି ଖରାପ କଥା' ବୋଲି କହିବା ଠିକ୍ ନୁହେଁ ଯଦିଓତାହା ପ୍ରକୃତରେ ସେଇଆ । ମୋତେ ଯଦି ପଚରାଯାଏ, ତେବେ ମୁଁ ଧୀର ଭାବେ କହିବି, "ମୁଁ ବିଶ୍ୱାସ କରେ ଯେ ସମସ୍ତ ଜୀବନ ପବିତ୍ର । ଏହି ପଶୁମାନେ ହେଉଛନ୍ତି ପ୍ରକୃତରେ ଆମମାନଙ୍କର ଛୋଟ ଭାଇ । ଏବଂ ନିଜର ଖୁସି ପାଇଁ ମଣିଷଟାଏ ମାରି ଦେବାପାଇଁ ତୁମର ଯେପରି ଅଧିକାର ନାହିଁ, ସେହିପରି ସେମାନଙ୍କୁ ହତ୍ୟା କରିବାପାଇଁ ମଧ୍ୟ ତୁମର ଅଧିକାର ନାହିଁ ।" ସେମାନେ ବିସ୍ମିତ ହେବେ, ଏଥିରେ ସନ୍ଦେହ ନାହିଁ; ସେମାନେ ହୁଏତ ଘୃଣାରେ ମୋ ପ୍ରତି ନାକ ଟେକିବେ । କିନ୍ତୁ ସେମାନଙ୍କୁ ଲୁଚାଇ କରି କଡ଼ା ସମାଲୋଚନା କରିଥିଲେ ସେମାନେ ଯେପରି ଦୃଢଭାବେ ଏହି ଚିନ୍ତାଧାରାର ବିରୋଧୀ ହୋଇଥାନ୍ତେ, ସେପରି ହେବେ ନାହିଁ ।

ଆମେ ଯେଉଁମାନେ ନିରାମିଷାଶୀ ଅନେକ ସମୟରେ ବିଶେଷ ବିରକ୍ତ ହେଉ ଯଦି ଆମକୁ ମାଂସ ଖାଉଥିବା ଲୋକଙ୍କ ସାଙ୍ଗରେ ସେହି ଏକା ଟେବୁଲରେ ବସିବାକୁ ହୁଏ । ତଥାପି ଯାତ୍ରା କରିବାବେଳେ ଏହା ଅନେକ ସମୟରେ ଅପରିହାର୍ଯ୍ୟ ହୋଇଥାଏ । ତାହା ସତ୍ତ୍ୱେ ଆମର ଭାବନାକୁ ପ୍ରକାଶ କରିବା ଭଲ ନୁହେଁ । ତାହା ନିଶ୍ଚିତ ଭାବେ ଅନ୍ୟ ଲୋକଙ୍କ ମତ ବଦଳାଇବାର ପନ୍ଥା ନୁହେଁ । କିନ୍ତୁ ସେମାନେ ଯଦି ଆମ ମତ ବିଷୟରେ ପଚାରନ୍ତି, ତେବେ ଆମେ ଆମର ମତ ପ୍ରକାଶ କରିପାରିବା ଶାନ୍ତ ଭାବରେ, ଦୃଢ଼ତାର ସହିତ ଏବଂ ଅନୁଚ୍ଚ ସ୍ୱରରେ । ଯଦି ଆମେ ଏହା କରିବା, ଖୁବ୍ ସମ୍ଭବ, ଯଦି ସେହି ବ୍ୟକ୍ତି ଏହି ବିଷୟ ଚିନ୍ତା କରିବା ଆରମ୍ଭ କରିବେ, ତେବେ ସେ ଆମର ଦୃଷ୍ଟିକୋଣକୁ ଗ୍ରହଣ କରି ନେବେ ।

## ବାଚନିକ ନିଷ୍ଠୁରତା

**କଥାରେ ବି ନିଷ୍ଠୁରତା ରହିଥାଏ ଯେମିତି ରହିଥାଏ କାର୍ଯ୍ୟରେ । ଯଦି ଜଣେ ଅନ୍ୟକୁ ଆଘାତ କରିବା ଉଦ୍ଦେଶ୍ୟରେ କିଛି କହେ, ତେବେ ସେ ଏହି ଅପରାଧ ହେତୁ ଦୋଷୀ । ତାହା ମଧ୍ୟ ତୁମେ**

**କରିବ ନାହିଁ । କିନ୍ତୁ କେତେକ ସମୟରେ ଖରାପ ଉଦ୍ଦେଶ୍ୟରେ କହିଥିବା ଏକ ଶବ୍ଦ ଯେତିକି କ୍ଷତିକାରକ ହୋଇଥାଏ ଅସାବଧାନ ହୋଇ କହିଥିବା ଏକ ଶବ୍ଦ ମଧ୍ୟ ସେତିକି କ୍ଷତିକାରକ ହୋଇଥାଏ । ସୁତରାଂ ଅନଭିପ୍ରେତ ନିଷ୍ଠୁରତା ବିରୋଧରେ ତୁମକୁ ସାବଧାନ ହେବାକୁ ପଡ଼ିବ ।**

**ଲେଡ୍‌ବିଟର୍** – କେତେକ ଲୋକ ଗର୍ବ ଅନୁଭବ କରନ୍ତି ଯେ ସେମାନେ ଯାହା ଭାବନ୍ତି, ତାହା କହନ୍ତି, ତାହା ଅନ୍ୟ ମାନଙ୍କୁ କଷ୍ଟ ଦେଲେ ମଧ୍ୟ; ଏବଂ ସେମାନେ ତାହା ଏକ ସୁଗୁଣ ବୋଲି ବିଚାର କରିବା ପରି ମନେହୁଏ । ଗୁରୁ, ଯେ କେବେହେଲେ ଅସାବଧାନତା ସହ ଶବ୍ଦ ବ୍ୟବହାର କରନ୍ତି ନାହିଁ, କହନ୍ତି ଯେ ତାହା ଏକ ଅପରାଧ ହୋଇ ପାରେ ଯଦି ସେହି ଶବ୍ଦଗୁଡ଼ିକ ନିଷ୍ଠୁର ହୁଏ । ତର୍କ ବା ଆଲୋଚନା ବେଳେ ଆମେ ଆମ ପକ୍ଷର ଯୁକ୍ତି ଉପସ୍ଥାପନରୁ ନିବୃତ୍ତ ହେବାର ଆବଶ୍ୟକତା ନାହିଁ । କିନ୍ତୁ ଆମେ ତାହା ସାବଧାନତା ଏବଂ ଭଦ୍ରତାର ସହିତ କହି ପାରିବା । ଖ୍ରୀଷ୍ଟଧର୍ମ ପ୍ରଚାରକ କହିଛନ୍ତି, 'ପ୍ରତ୍ୟେକ ବ୍ୟକ୍ତି ନିଜ ମନରେ ନିଜକୁ ସମ୍ପୂର୍ଣ୍ଣ ରୂପେ ବୁଝନ୍ତୁ ।' (୧)ଏହାର ଅର୍ଥ ନୁହେଁ ଯେ ସେ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇବାକୁ ଚେଷ୍ଟା କରିବେ । ସେ ନିଜେ ବୁଝିବା ଦରକାର କାହିଁକି ସେ କେତେକ ବିଷୟରେ ବିଶ୍ୱାସ କରନ୍ତି । ଯେତେବେଳେ ସେ ତାହା କରିବେ ସେ ଦରକାର ହେଲେ ଧୀର ଏବଂ ଶାନ୍ତ ଭାବରେ ନିଜର ମତପ୍ରକାଶ କରିବାକୁ ସକ୍ଷମ ହେବେ ।

ଅଦ୍ଭୁତ କଥା ଯେ ଅନେକ ଲୋକ ଉଣାଅଧିକେ ବିରକ୍ତ ନହୋଇ ଅନ୍ୟମାନଙ୍କଠାରୁ ଅଲଗା ମତ ପ୍ରକାଶ କରି ପାରନ୍ତି ନାହିଁ, ଯଦିଓ ସେମାନେ ଜାଣନ୍ତି ଯେ ଦୁନିଆରେ ହଜାର ହଜାର ପ୍ରଶ୍ନ ରହିଛି ଯାହା ଉପରେ ବିଭିନ୍ନ ଦିଗରୁ ଏତେ ବେଶି କହିବାକୁ ଅଛି ଯେ କୌଣସି ଗୋଟିଏ ମତ ଅନ୍ୟ ଏକ ମତ ଭଳି ପ୍ରାୟ ସମାନ ଭାବରେ ସମର୍ଥନଯୋଗ୍ୟ । ଯଦି କୌଣସି ବ୍ୟକ୍ତି ଅନ୍ୟ ଏକ ବ୍ୟକ୍ତିର ମତଠାରୁ ଅଲଗା ମତ ପୋଷଣ କରନ୍ତି, ତେବେ ତାହା ଏକ ପ୍ରକାର ଉପେକ୍ଷା ବୋଲି ମନେ ହୁଏ । ଏହି ପ୍ରକାର ବ୍ୟକ୍ତି ନିଜ ଧାରଣା ଠିକ୍ ବୋଲି ଏତେ ନିଶ୍ଚିତ ଥାନ୍ତି ଯେ ତାଙ୍କ ସହିତ ଏକମତ ହେଉ ନଥିବା ଅନ୍ୟ କୌଣସି ବ୍ୟକ୍ତି ଜାଣିଶୁଣି ଖରାପ ଉଦ୍ଦେଶ୍ୟ ନେଇ ତାହା ଗ୍ରହଣ କରିବା କୁ ମନା କରୁଛନ୍ତି ବୋଲି ସେ ମନେ କରନ୍ତି । ସୁତରାଂ ଆମେ ଆମର ମତ ଅନ୍ୟମାନଙ୍କ ଆଗରେ ଉପସ୍ଥାପନ କରିବାର ଶୈଳୀ ବିଷୟରେ ଆମକୁ ସାବଧାନ ହେବାକୁ ପଡ଼ିବ ।

ବ୍ରହ୍ମବିଦ୍ୟା କ୍ଷେତ୍ରରେ ଏକ ବିଶେଷ ପ୍ରଲୋଭନ ପରିଲକ୍ଷିତ ହୁଏ, କାରଣ ଆମେ ଆମର ବିଶ୍ୱାସକୁ ନିଶ୍ଚିତ ଭାବେ ବିଚାରବୁଦ୍ଧି ଉପରେ ଆଧାରିତ କରିଥାଉ ଏବଂ ଆମେ ଲୋକଙ୍କୁ କେବଳ ଏହି କଥା ଦେଖାଇବାକୁ ଚେଷ୍ଟା କରୁ । ତଥାପି ଅନେକ ସମୟରେ ଅନ୍ୟ ବ୍ୟକ୍ତି ତାହା ଦେଖିପାରନ୍ତି ନାହିଁ । ଯୁକ୍ତି ଯେତେ ନିଖୁଣ ଏବଂ ଯେତେ ତର୍କ-ସମ୍ମତ ହେଲେ ମଧ୍ୟ ବିଚାରବୁଦ୍ଧି ଦ୍ୱାରା ଚାଳିତ ନହୋଇ ଭାବାବେଗ ଦ୍ୱାରା ପରିଚାଳିତ ହେଉଥିବା ବ୍ୟକ୍ତିକୁ ପ୍ରଭାବିତ କରିପାରିବ ନାହିଁ । ଯାହା କୁହାଯାଏ, ତାହା ଯଦି ତାର ଭାବାବେଗକୁ ଜାଗ୍ରତ କରେ ତେବେ କୌଣସି ଯୁକ୍ତି ତାକୁ ବୁଝାଇ ପାରିବ ନାହିଁ । ଆମେ ଯେତେ ଅଧିକ କହିବା, ସେ ସେତିକି ଅଧିକ ବିରକ୍ତ ହେବ ।

> **ଏହା ସାଧାରଣତଃ ଚିନ୍ତାହୀନତାରୁ ଜାତ ହୋଇଥାଏ । ମନୁଷ୍ୟ ଲୋଭ ଓ ଧନ ଲିପ୍ସାରେ ଏଭଳି ପୂର୍ଣ୍ଣ ହୋଇଥାଏ ଯେ, ସେ କେବେହେଲେ ଭାବି ମଧ୍ୟ ପାରେ ନାହିଁ ଯେ ଅନ୍ୟମାନଙ୍କୁ କମ୍ ପଇସା ଦେଇ, ତାର ସ୍ତ୍ରୀ ଏବଂ ପିଲାମାନଙ୍କୁ ଅଧା ଭୋକରେ ରଖି ସେ ଯନ୍ତ୍ରଣା ହିଁ ଦେଇଥାଏ । କେବଳ ନିଜର କାମଲାଳସା କଥା ଚିନ୍ତା କରେ ଏବଂ ତାହା ପୂରଣ କରିବାକୁଯାଇ ସେ କେତେ ଯେ ଆତ୍ମା ଏବଂ ଶରୀରକୁ ନଷ୍ଟ କରେ, ସେଥିପାଇଁ ସେ ଖାତିର କରେ ନାହିଁ । ଅଳ୍ପ କେତେ ମିନିଟର କଷ୍ଟକୁ ଏଡ଼ିବା ପାଇଁ ଜଣେ ଲୋକ ଉପଯୁକ୍ତ ଦିନରେ ତାର ଶ୍ରମିକମାନଙ୍କୁ ପଇସା ଦିଏ ନାହିଁ ଏବଂ ତାଫଳରେ ସେମାନଙ୍କୁ ସେ ଯେଉଁ କଷ୍ଟ ଦିଏ, ସେକଥା ସେ ଭାବେ ନାହିଁ । ଏତକ କଷ୍ଟ ହୋଇଥାଏ କେବଳ ଅସାବଧାନତା ହେତୁ । ନିଜର କାମ କିପରି ଅନ୍ୟ ମାନଙ୍କୁ ପ୍ରଭାବିତ କରିବ ଏହି କଥାଟି ଚିନ୍ତା କରିବାକୁ ଭୁଲିଯିବା ହେତୁ । କିନ୍ତୁ କର୍ମର ନିୟମ କେବେହେଲେ ଭୁଲି ଯାଏ ନାହିଁ ଏବଂ ମଣିଷମାନେ ଯେ ଭୁଲିଯାନ୍ତି, ସେହି କଥାଟିକୁ ଏହା ହିସାବକୁ ନିଏ ନାହିଁ । ତୁମେ ଯଦି ଏହି ପଥରେ ପ୍ରବେଶ କରିବାକୁ ଚାହଁ, ତେବେ ତୁମେ ଯାହା କରୁଛ, ତାହାର ପରିଣତି ବିଷୟରେ ଭାବିବାକୁ ହେବ । ତାହା ନହେଲେ ତୁମେ ଅବିଚାରିତ ନିଷ୍ଠୁରତା ସକାଶେ ଦୋଷୀ ହେବ ।**

**ଲେଡ୍‌ବିଟର୍ –** ଗୋଟାଏ ଜିନିଷର ମୂଲ୍ୟ ଯାହା ହୋଇଥିବ, ତାହାଠାରୁ ଟିକିଏ କମ୍ ପଇସା ଦେବା ଦ୍ୱାରା ଜଣେ ହୁଏତ ଶ୍ରମିକ ଏବଂ ତାର ସ୍ତ୍ରୀ ଓ ପିଲାମାନଙ୍କୁ ଅଧିକ କଷ୍ଟ ଦେବାର କାରଣ ହୋଇଥାଏ । ଗୋଟିଏ ଦିନର ମଜୁରୀରୁ କିଛି ପଇସା କମାଇ ଦେବାର ଅର୍ଥ ହୋଇପାରେ ଯେ ସେହି ପରିବାର ଯଥେଷ୍ଟ ଖାଦ୍ୟ ପାଇବ ନାହିଁ । ବ୍ୟବସାୟ ହେଉଛି ବ୍ୟବସାୟ, ମୁଁ ଜାଣେ, କିନ୍ତୁ ଗରିବମାନଙ୍କୁ ପୀଡ଼ା ଦେବାର ପାପରେ ପଡ଼ିବା ଅପେକ୍ଷା, ଦରକାର ହେଲେ ବରଂ କମ୍ ଉପାର୍ଜନ କରିବା ଶ୍ରେୟସ୍କର । ମାଲିକମାନେ ଦେଖୁଛନ୍ତି ଯେ 'ଭଲ ମଜୁରୀ' ଦେବା ଲାଭଦାୟକ, ଯେମିତି ଅନୁଭବ କରିଛନ୍ତି ଶ୍ରୀ ହେନରୀ ଫୋର୍ଡ । ଧର୍ମଯାଜକ ରୂପେ ମୁଁ ଗରିବମାନଙ୍କ ପାଖକୁ ଯାଉଥିଲି ସେମାନଙ୍କ ଦୃଷ୍ଟିକୋଣରୁ ବିଷୟଗୁଡ଼ିକୁ ବୁଝିବା ପାଇଁ ଏବଂ ଅନେକ ସମୟରେ ଲୋକେ ସେମାନଙ୍କ ଅସହାୟତାର ସୁଯୋଗ ନେଉଥିବାର ଦେଖିଥିଲି ।

■■■

## ପଞ୍ଚମ ଅଧ୍ୟାୟ

# ଅନ୍ଧ ବିଶ୍ୱାସ

**ଅନ୍ଧ ବିଶ୍ୱାସ ଆଉ ଏକ କ୍ଷମତା ଶାଳୀ ମନ୍ଦ ଶକ୍ତି ଏବଂ ଅତି ଭୟାନକ ନିଷ୍ଠୁରତା କାରଣ ହୋଇଥାଏ । ଯେଉଁ ବ୍ୟକ୍ତି ଏହାର ଦାସ ହୋଇଥାଏ ସେ ଘୃଣା କରେ ଅନ୍ୟମାନଙ୍କୁ ଯେଉଁମାନେ ତା'ଠାରୁ ଅଧିକ । ସେ ଯେପରି କରେ ସେହିପରି କରିବା ପାଇଁ ସେମାନଙ୍କୁ ବାଧ୍ୟ କରିବାକୁ ଚେଷ୍ଟା କରେ ।**

**ଲେଡ୍‌ବିଟର୍** – ଅନ୍ଧବିଶ୍ୱାସ କେବେହେଲେ ଲୋକଙ୍କ ଭିତରେ ଥିବା ସ୍ୱଭାବର ତାରତମ୍ୟକୁ ହିସାବକୁ ନିଏ ନାହିଁ । ଏପରି କିଛି ବିଶ୍ୱାସ ରହିଥାଏ ଯାହାକୁ ଏହା ସମସ୍ତଙ୍କ ଉପରେ ଲଦି ଦେବାକୁ ଚାହେଁ । ଏହା ଉପଲବ୍ଧି କରେ ନାହିଁ ଯେ ସମ୍ଭବତଃ କେତେକ ଶୁଷ୍କ ବୈଜ୍ଞାନିକ ତଥ୍ୟକୁ ଛାଡ଼ିଦେଲେ ଆପଣ ସବୁଲୋକଙ୍କ ଉପରେ ସମାନ ଭାବେ କୌଣସି ବିଶ୍ୱାସର ପ୍ରଭାବ ପକାଇ ପାରିବେ ନାହିଁ । କାରଣ, ଲୋକେ ଯେପରି ବହୁ ସଂଖ୍ୟାରେ ଅଛନ୍ତି, ଜୀବନ ପ୍ରତି ସେମାନଙ୍କର ସେହିପରି ବିଭିନ୍ନ ପ୍ରକାରର ଦୃଷ୍ଟିକୋଣ ରହିଛି । ଯଦିବା ଆପଣ ବହୁ ଲୋକଙ୍କୁ ଜାଣିଛନ୍ତି, ଆପଣ କ୍ୱଚିତ ଦୁଇଟି ଲୋକ ପାଇବେ ଯେଉଁମାନେ ବିଭିନ୍ନ ପରିସ୍ଥିତି ଦ୍ୱାରା ସମାନ ଭାବେ ପ୍ରଭାବିତ ହୋଇଥିବେ । ଅଧିକାଂଶ ଲୋକଙ୍କ ସମ୍ପର୍କରେ ଆପଣ ଭବିଷ୍ୟତର କେତେକ ସାଧାରଣ ସମ୍ଭାବନା ଥିବା କହି ପାରିବେ । କିନ୍ତୁ ଯେପର୍ଯ୍ୟନ୍ତ ଆପଣ ସେମାନଙ୍କୁ ଭଲ ଭାବେ ଜାଣିନାହାନ୍ତି, କେତେକ ବିଷୟରେ ସେମାନଙ୍କର ପ୍ରତିକ୍ରିୟା କଣ ହେବ, ତାର ସଠିକ୍ ବିଚାର ଆପଣ କରି ପାରିବେ ନାହିଁ । ସୁତରାଂ ଅନ୍ଧବିଶ୍ୱାସ ଅନ୍ୟାନ୍ୟ କଥା ମଧ୍ୟରେ ସହାନୁଭୂତିର ଘୋର ଅଭାବ ସୁଚାଇଥାଏ । ଯେ ଏହାର ଶିକାର ହୋଇଥାଏ ସେ ବୁଝିପାରେ ନାହିଁ ଯେ ନିଜର ଦୃଷ୍ଟିକୋଣ ବ୍ୟତୀତ ବିଷୟଗୁଡ଼ିକୁ ବିଚାର କରିବାର ଅନ୍ୟାନ୍ୟ ଦୃଷ୍ଟିକୋଣ ରହିଛି ।

ଅନ୍ଧବିଶ୍ୱାସ ଯେ କେବଳ କୌଣସି ବ୍ୟକ୍ତିର ନିଜ ପାଇଁ ଖରାପ ତାହା ନୁହେଁ । ଯେତେବେଳେ ଏହା ସ୍ପଷ୍ଟତଃ ଅଧିକ ହୁଏ, ସେତେବେଳେ ସର୍ବଦା ଏହା ଫଳରେ ଅନ୍ୟ ଲୋକଙ୍କୁ ଦମନ କରିବାର ଚେଷ୍ଟା ହୁଏ । ସମଗ୍ର ଇତିହାସରେ ଧର୍ମଗତ ଅନ୍ଧବିଶ୍ୱାସ ଫଳରେ ଭୟାନକ ଗଣ୍ଡଗୋଳ ଘଟିଛି । ଏହା ଫଳରେ ମହମ୍ମଦଙ୍କ ଶିଷ୍ୟଗଣ ବିଭିନ୍ନ କାଳରେ ଏସିଆ, ୟୁରୋପ ଓ ଆଫ୍ରିକାର ବିରାଟ ଭୂଖଣ୍ଡରେ ହତ୍ୟା ଓ ରକ୍ତପାତ କରିଛନ୍ତି । ଲୋକଙ୍କୁ ବାଛି ନେବାକୁ କହିଛନ୍ତି, 'କୋରାନ୍ ବା କରବାଳର ଧାର' ଅନ୍ଧବିଶ୍ୱାସ ଦ୍ୱାରା ଧର୍ମୀୟ ଅନୁସନ୍ଧାନର କଥା ପୂର୍ବରୁ ଆଲୋଚିତ ହୋଇଛି । ସେଣ୍ଟବାର୍ଥୋଲେମ୍ୟୁ ଏବଂ ସିସିଲିର ଲେସପର୍ସର ହତ୍ୟାକାଣ୍ଡ ଯେଉଁଥିରେ କ୍ରମାନ୍ୱୟରେ ପ୍ରଟେଷ୍ଟାଣ୍ଟ ଏବଂ କ୍ୟାଥଲିକଗଣ ପରସ୍ପରକୁ ହତ୍ୟା କରିଥିଲେ, ଏହି ଅନ୍ଧବିଶ୍ୱାସର ଅନ୍ୟତମ ଭୟାନକ ପରିଣତି ଥିଲା । ଭେସପର୍ସର ହତ୍ୟାକାଣ୍ଡ ଥିଲା ଆଂଶିକ ଭାବେ ରାଜନୈତିକ, କିନ୍ତୁ ପ୍ରଥମ ସ୍ଥାନର ହତ୍ୟାକାଣ୍ଡ ଥିଲା 'ଧର୍ମଗତ' କାରଣରୁ । ସେହି ହତ୍ୟାକାଣ୍ଡ ପାଇଁ ଖ୍ରୀଷ୍ଟିୟାନ୍ ଧର୍ମର ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଥିବା ଅସଦଭାବ ବହୁ ପରିମାଣରେ ଦାୟୀ ଥିଲା, ଯଦିଓ ନିଃସନ୍ଦେହରେ ସେଥିରେ ରାଜନୈତିକ ବିଚାରଧାରାର ମଧ୍ୟ ଆଂଶିକ ଭୂମିକା ରହିଥିଲା । ସେହି ବିଚାରଧାରା ଥିଲା କନଷ୍ଟାଣ୍ଟାଇନ୍ଙ୍କର ଯେତେବେଳେ ସେ ଖ୍ରୀଷ୍ଟିୟାନ୍ ହେଲେ । ସେ ଭାବିଥିଲେ ବୈଜାଣ୍ଟାଇନ୍ ସାମ୍ରାଜ୍ୟରେ ସେତେବେଳକାର ଅବସ୍ଥାରେ ତାହା ହେବ ଏକ ଚତୁର ଉଦ୍ୟମ ।

ଖ୍ରୀଷ୍ଟିଆନ୍ ଧର୍ମଯୁଦ୍ଧ କ୍ରୁସେଡ୍ ହେଉଛି ଆଉ ଏକ ଶକ୍ତିଶାଳୀ ଅନ୍ଧବିଶ୍ୱାସ । ଧର୍ମଗୁରୁ ଯୀଶୁଙ୍କ ଜୀବନ ଓ ମୃତ୍ୟୁ ସମ୍ପର୍କରେ ଏକ ନିରାଧାର କାହାଣୀ ଯୋଗୁ ତିନିଟି ଧର୍ମଯୁଦ୍ଧରେ ଦୁଇ କୋଟି ଲୋକ ପ୍ରାଣ ହରାଇଲେ, ଯୀଶୁଙ୍କ ଜୀବନ କାହାଣୀ ଯେଉଁ ଦେଶରେ ଗଢ଼ି ଉଠିଥିଲା, ସେହି ଦେଶକୁ ଖ୍ରୀଷ୍ଟିଆନ୍ ହାତକୁ ଆଣିବା ପାଇଁ । ସେମାନଙ୍କୁ ଯଦି ବୁଝାଇ ଦିଆ ଯାଇ ପାରିଥାନ୍ତା ଯେ ପ୍ରତ୍ୟେକ ଦୀକ୍ଷିତ ବ୍ୟକ୍ତିଙ୍କ ଜୀବନ କାହାଣୀ ସେହି ପ୍ରକାର, ଏବଂ ତାହା କୌଣସି ନା କୌଣସି ସମୟରେ ପୃଥିବୀର ସବୁ ଦେଶରେ ଘଟିଛି, ତାହାହେଲେ ସେଭଳି ଜୀବନକ୍ଷୟ ହୁଏତ ଏଡାଯାଇ ପାରିଥାନ୍ତା । ତେବେ ହୁଏତ ତାହା କେବଳ କ୍ଷତି କରି ନଥିଲା ଲାଭ ମଧ୍ୟ ଥିଲା । ଅଧିକ ଜ୍ଞାନର ଅଧିକାରୀ ସାରାସେନ୍ମାନଙ୍କ ସହିତ ଯୁଦ୍ଧ କରିବାକୁ ଯାଇ ଖ୍ରୀଷ୍ଟିଆନ୍ମାନେ କେତେକ ଉପଯୋଗୀ ତଥ୍ୟ ୟୁରୋପକୁ ନେଇ ଆସିଥିଲେ । ତାହାଛଡ଼ା ସେମାନେ ଏକ ଆଦର୍ଶ ପାଇଁ ମୃତ୍ୟୁ ବରଣ କରିବାକୁ ଇଚ୍ଛୁକ ଥିଲେ । ତାହା ପୁଣ୍ୟ ବୋଲି ସେମାନେ ଗଣନା

କରୁଥିଲେ । କୌଣସି ଧର୍ମର ପବିତ୍ର ସ୍ଥାନଗୁଡ଼ିକରେ ସେହି ଧର୍ମର ଲୋକଙ୍କ ହାତରେ ରହିବା ଧାରଣାରେ ଥିଲା ନିଃସନ୍ଦେହରେ କିଛି ବୀରୋଚିତ ଏବଂ ଆକର୍ଷଣୀୟ ଉତ୍ସାହ ।

ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ କୌଣସି ମହାନ୍ ଧର୍ମ ନାହିଁ ଯାହା କେବେହେଲେ ନିଷ୍ଠୁର ଆଚରଣ କରି ନାହିଁ । ବୌଦ୍ଧ ଧର୍ମ ସେପରି କରି ନାହିଁ ଏହାର ନିଜର ଆନ୍ତରୀଣ ନୀତି ହେତୁ । ଏହାର ପ୍ରତିଷ୍ଠା ବୁଦ୍ଧଙ୍କର ବାଣୀ ଅନୁଯାୟୀ । ଏହା ସହନଶୀଳତା ନୀତିର ପ୍ରତିବଦ୍ଧ । ବୌଦ୍ଧ କିଏ ? ଭଗବାନ ବୁଦ୍ଧଙ୍କ ବାଣୀକୁ ଯେଉଁ ବ୍ୟକ୍ତି ଅନୁସରଣ କରନ୍ତି ସେ ବୌଦ୍ଧ । ମନୁଷ୍ୟ ଯେପରି ଜୀବନ ଯାପନ କରିବା ଉଚିତ ବୋଲି ଭଗବାନ ବୁଦ୍ଧ କହିଛନ୍ତି, ସେପରି ଯେ ଜୀବନ ଯାପନ କରନ୍ତି ସେ ହେଉଛନ୍ତି ବୌଦ୍ଧ । ଜଣେ ଖ୍ରୀଷ୍ଟିଆନ୍ ଧର୍ମଯାଜକଙ୍କୁ ପଚାରନ୍ତୁ, ଜଣେ ପ୍ରକୃତ ଉତ୍ତମ ବୌଦ୍ଧଙ୍କର କଣ ହେବ, ସେ ସାଧାରଣତଃ ଉତ୍ତର ଦେବେ, 'ସେ ଯଦି ଖ୍ରୀଷ୍ଟଙ୍କୁ ବିଶ୍ୱାସ ନକରନ୍ତି, ତେବେ ତାଙ୍କ ସକାଶେ ମୁକ୍ତିର କୌଣସି ଆଶା ନାହିଁ ।' କିମ୍ବା ଖୁବ୍ ବେଶି ହେଲେ, ଯଦି ସେହି ବ୍ୟକ୍ତି ଖୁବ୍ ଭଲ ଲୋକ ହୋଇଥିବେ, ତେବେ ସେ ତାଙ୍କୁ ଛାଡ଼ିଦେବେ ପ୍ରତିଶ୍ରୁତି ଦେଇ ନଥିବା ଈଶ୍ୱରଙ୍କ ଦୟା ଉପରେ । ଆପଣ ଯଦି ଜଣେ ଉତ୍ତମ ଖ୍ରୀଷ୍ଟିଆନ୍ ସମ୍ପର୍କରେ ସେହି ପ୍ରଶ୍ନ ପଚାରିବେ ଜଣେ ବୌଦ୍ଧଙ୍କୁ, ତେବେ ସେ କହିବେ, 'ସେ ଜଣେ ବେଶ୍ ଉତ୍ତମ ବୌଦ୍ଧ; ସେ ନିଜକୁ ଖ୍ରୀଷ୍ଟିଆନ୍ ବୋଲି କହନ୍ତି, କିନ୍ତୁ ସେ ଭଗବାନ ବୁଦ୍ଧଙ୍କ ଉପଦେଶ ଅନୁସରଣ କରନ୍ତି, ତାଙ୍କର ସମସ୍ତ ମଙ୍ଗଳ ହେବ ।' ମୁଁ ଯେପରି ଆଗରୁ ବୁଝାଇଛି, ଏହା ହେଉଛି ବୌଦ୍ଧ ଧର୍ମର ସହନଶୀଳତା । ଅବଶ୍ୟ ପ୍ରତ୍ୟେକ ଧର୍ମ ପ୍ରକୃତରେ ଅସହିଷ୍ଣୁ ତା ଏବଂ ହିଂସାକୁ ବାରଣ କରେ । କିନ୍ତୁ ସେଗୁଡ଼ିକ ମଧ୍ୟରୁ କେତେକରେ ଅଜ୍ଞତା ଓ ଧର୍ମାନ୍ଧତାର ସ୍ତର ଏହି ସହଜ ତଥ୍ୟ ପ୍ରତି ସେମାନଙ୍କର ଲୋକଙ୍କୁ ଅନ୍ଧ କରି ଦେଉଛି ।

## ଅନ୍ୟ ଜାତି ପ୍ରତି ବିଦ୍ୱେଷ

ଜାଗତିକ ବିଦ୍ୱେଷ ଅନ୍ଧବିଶ୍ୱାସର ଆଉ ଏକ ରୂପ, ଯାହା ହେତୁ ଏକ ଜାତି ଅନ୍ୟ ସମସ୍ତ ଜାତିର ଲୋକଙ୍କ ପ୍ରତି ବିଦ୍ୱେଷ ପୋଷଣ କରେ । ଏହା ମଧ୍ୟ ମୂର୍ଖତା । କାରଣ ପ୍ରତ୍ୟେକ ଗୋଷ୍ଠୀ ଭିତରେ ଭଲ ଏବଂ ଖରାପ ରହିଛି । ମୋର ମନେ ଅଛି ଯେ ଇଂଲଣ୍ଡର ଦୂରବର୍ତ୍ତୀ ଗାଁ ଗୁଡ଼ିକରେ ବିଦେଶୀମାନଙ୍କ ପ୍ରତି ଚାଷୀମାନଙ୍କର ମନୋଭାବ ଥିଲା ଅନେକ ସମୟରେ ସନ୍ଦେହୀ ଓ ବିଦ୍ରୂପାତ୍ମକ । ଏହି ଲୋକମାନଙ୍କ ସକାଶେ ଯଦି ଜଣେ ବ୍ୟକ୍ତି ଏକ ଅଲଗା ଭାଷାରେ କହୁଛି,

ତେବେ ତାହା ପରିହାସର କଥା । ଅନ୍ୟ କେତେକ ସେହି ନିର୍ଦ୍ଦିଷ୍ଟ ବିଷୟରେ ସାଧାରଣ ଲୋକଙ୍କ ତୁଳନାରେ କମ୍ ଅଭଦ୍ର । ମୁଁ ସର୍ବଦା ଅନୁଭବ କରେ ଯେ ଯଦି ଜଣେ ବିଦେଶୀ ଆମ ଦେଶକୁ ଆସନ୍ତି, ତେବେ ତାଙ୍କ ସହିତ ଆମର ସମ୍ପର୍କ ହେଉଛି ଏକ ଅତିଥି ଚର୍ଚ୍ଚାକାରୀର । ଆମର କର୍ତ୍ତବ୍ୟ ହେଉଛି ତାଙ୍କର ଯାତ୍ରାକୁ ସହଜ କରିବା ଏବଂ ଆମର ଲୋକ ଏବଂ ଦେଶ ବିଷୟରେ ତାଙ୍କୁ ଯଥାସମ୍ଭବ ଏକ ଭଲ ଧାରଣା ଦେବା ।

ନେପୋଲିଅନଙ୍କ ଯୁଗରେ ଇଂଲଣ୍ଡରେ ଏକ ଅନ୍ଧ ବିଶ୍ୱାସ ଥିଲା ଯେ ସବୁ ଫରାସୀ ଲୋକେ ହେଉଛନ୍ତି କାର୍ଯ୍ୟତଃ ସଇତାନ୍ । ସେମାନେ ଆମ ବିରୁଦ୍ଧରେ ଲଢ଼େଇ କରୁଥିଲେ, ଏକଥା ଭଲ ଭାବେ ଜାଣି ମଧ୍ୟ ଯେ ସେମାନେ ଥିଲେ ଭୁଲ୍ ପକ୍ଷରେ ଏବଂ ଆଲୋକର ବିରୁଦ୍ଧରେ । ଆଜି ଆପଣ ହୁଏତ ବହୁ ଘଟଣା ଦେଖିବେ ଯେଉଁଥିରେ ବହୁସଂଖ୍ୟକ ଲୋକ, ଜାତୀୟତାବୋଧ ନାମକ ପାଗଳାମିରେ ବୁଡି ରହିଥାନ୍ତି । ଏହି ପ୍ରକାର ଏକ କ୍ଷଣସ୍ଥାୟୀ ପାଗଳାମିର ପ୍ରଭାବରେ ଭୟାନକ ବର୍ବରତା ଘଟି ଯାଇଥାଏ, ଯାହା ସେହି ଲୋକେ କେବେହେଲେ ଅନ୍ୟ ସମୟରେ କରିବାର ସ୍ୱପ୍ନ ମଧ୍ୟ ଦେଖିବେ ନାହିଁ । ଏହି ଘଟଣା ପାଇଁ ସେହି ବ୍ୟକ୍ତିଗଣ ଦାୟୀ କେବଳ ସେତିକି ପରିମାଣରେ, ଯେତିକି ସେମାନେ ନିଜକୁ ସୁବିଧା ଦିଅନ୍ତି ସେପରି କରିବା ପାଇଁ । ସେମାନେ ଯାହା କରନ୍ତି, ତାହା ସେହି ବ୍ୟକ୍ତିବିଶେଷଙ୍କ ଅପେକ୍ଷା ସେମାନଙ୍କର ପାଗଳାମି ଦ୍ୱାରା ହିଁ ହୋଇଥାଏ । ପ୍ରାୟ ସେହି ପ୍ରକାରେ ସମୟେ ସମୟେ ମଣିଷ କ୍ରୋଧାନ୍ୱିତ ହୋଇ ଅପ୍ରୀତିକର କଥା ସବୁ କହିଥାଏ । ସେତେବେଳେ ତାର ଭିତରର କ୍ରୋଧ କହୁଥାଏ ସେହି ମଣିଷ ନୁହେଁ । ସେ ନିନ୍ଦନୀୟ ହୁଏ, କାରଣ ତାକୁ କାବୁ କରିବା ପାଇଁ ସେ ସେହି କ୍ରୋଧକୁ ସୁବିଧା ଦେଇଛି । ତେବେ ଆମକୁ ବିଚାର କରିବାକୁ ହେବ ଯେ, ଖୁବ୍ ସମ୍ଭବ, ସେ ଯାହା କହିଛି ସେଥିପାଇଁ ପରେ ବିଶେଷ ଅନୁତାପ କରିବ ।

**ଭାବି ଦେଖ, ପଶୁମାନଙ୍କୁ ବଳି ଦେବା ଉଚିତ ବୋଲି ଥିବା ଅନ୍ଧ ବିଶ୍ୱାସ ଫଳରେ କି ଭୟାନକ ହତ୍ୟାକାଣ୍ଡ ଘଟେ ।**

## ଈଶ୍ୱରଙ୍କ ସମ୍ପର୍କରେ ତିନିଟି ମତ

**ଲେଡ୍‌ବିଟର୍** – ଧର୍ମ ସମ୍ପର୍କରେ ପଶୁ ଏବଂ ଅନ୍ୟାନ୍ୟ ବଳି ଦେବା କଥା ମନୁଷ୍ୟ ସହିତ ଈଶ୍ୱରଙ୍କ ସମ୍ପର୍କ ଉପରେ ପ୍ରଶ୍ନ ଉଠାଇଥାଏ । ଏହି ବିଷୟରେ

କେବଳ ତିନୋଟି ମୌଳିକ ମତ ଆମେ ବିଚାରକୁ ନେଇ ପାରିବା । ପ୍ରଥମଟି ହେଲା ଯେ ଈଶ୍ୱର ସମସ୍ତ ବିଷୟର ଯୋଜନାଟି ଆରମ୍ଭ କରିଦେଲେ ଏବଂ ପରେ ତାକୁ ଆପେଆପେ କାର୍ଯ୍ୟକାରୀ ହେବା ପାଇଁ ଛାଡ଼ି ଦେଲେ । ତାର ଫଳାଫଳ ବିଷୟରେ ସେ ସମ୍ପୂର୍ଣ୍ଣ ଉଦାସୀନ ରହିଲେ । ଦ୍ୱିତୀୟ ମତ ହେଲା ଯେ ସେ ସେଥିରେ ତାଙ୍କର ଦୁରଭିସନ୍ଧି ମୂଳକ ସ୍ୱାର୍ଥ ରଖିଛନ୍ତି । ସେ ଚାହାନ୍ତି ରକ୍ତ ବା ଅନ୍ୟାନ୍ୟ ବଳି ଉପଭୋଗ କରିବା ପାଇଁ ତୃତୀୟଟି ହେଉଛି ସେ ସର୍ବଦା ତାଙ୍କ ସୃଷ୍ଟିର ପ୍ରେମମୟ ପିତା ହୋଇ ରହିଛନ୍ତି ।

ପ୍ରଥମ ତତ୍ତ୍ୱଟିରେ କାର୍ଯ୍ୟତଃ ଆଧୁନିକ ଜଡ଼ବାଦ ସହିତ ଆଦି ସ୍ରଷ୍ଟାର ଧାରଣା ଯୁକ୍ତ ହୋଇଛି । ଦ୍ୱିତୀୟ ତତ୍ତ୍ୱଟି ଈଶ୍ୱରଙ୍କୁ ଏକ ରକ୍ତ ପିପାସା ଦାନବ ରୂପରେ ଚିତ୍ରିତ କରିଛି । ବହୁ ପୁରାତନ ଧର୍ମଗ୍ରନ୍ଥ ତାଙ୍କର ଏପରି ଭୁଲ ଚିତ୍ର ଦେଇଛନ୍ତି । ଗୋଟିଏ ଘଟଣାରେ ପୁରାତନ ଟେଷ୍ଟାମେଣ୍ଟରେ ଇହୁଦୀମାନେ ଗର୍ବ କରି କହିଛନ୍ତି ଯେ ଏକ ସମୟରେ ସେମାନେ ଲକ୍ଷେ ବାଇଶି ହଜାର ବଳଦଙ୍କ ବଳି ଦେଇଛନ୍ତି । ହୁଏତ ସେମାନେ ବଢେଇ କରି କହିଛନ୍ତି, ଯାହା ସେହି ପୂର୍ବ କାଳରେ ସେମାନଙ୍କର ଅଭ୍ୟାସ ଥିଲା । ଜେହୋଭା ବଳି ଦାବୀ କରୁଥିଲେ ଏବଂ ଯେପର୍ଯ୍ୟନ୍ତ ସେ ଯାହା ଚାହୁଁଥିଲେ ତାହା ପାଉଥିଲେ । ସେଥି ପାଇଁ ସେ ଲୋକଙ୍କୁ କେତେ କଷ୍ଟ ଦେଉଥିଲେ, ସେଥିପାଇଁ ତାଙ୍କର ତିଳେ ହେଲେ ଖାତିର୍ ନଥିଲା । ସେ ସର୍ବଦା ଚିତ୍କାର କରୁଥିଲେ ବଳି ସକାଶେ-ଯାହା କେବଳ ତାଙ୍କୁ ଦିଆଯିବ, ଅନ୍ୟ କୌଣସି ଦେବତାଙ୍କୁ ନୁହେଁ । ବର୍ତ୍ତମାନ କାଳର ଇହୁଦୀଗଣ ଏହି ପ୍ରକାର ଏକ କାର୍ଯ୍ୟରୁ ଭୟରେ ଓହରି ଯିବେ । ତେବେ ଡେଭିଡ୍ ଏବଂ ସଲୋମନଙ୍କ ସମୟରେ ସେମାନେ ଖୋଲାଖୋଲି ସେପରି କରୁ ନଥିଲେ ।

ଏଥିରୁ ଜଣାପଡୁଛି ଯେ ଆମ୍ଭେ ଯାହଙ୍କୁ ଈଶ୍ୱର ବୋଲି କହୁ ସେମାନଙ୍କ ଆରାଧ୍ୟ ଦେବତା ଜେହୋଭା ସେଇଆ ନଥିଲେ । ସେତେବେଳେ ସେମାନେ ଈଶ୍ୱରଙ୍କ ଧାରଣା କରିବା ଭଳି ଊର୍ଦ୍ଧ୍ୱ ସ୍ତରକୁ ଉଠି ନଥିଲେ । କିନ୍ତୁ ଆଟଲାଣ୍ଟିଆନ୍ ଯୁଗରୁ ରହିଥିବା ଏକ ମହାନ୍ ଉପାଦାନିକ ଦେବତାକୁ ସେମାନେ ଉପାସନା କରୁଥିଲେ । ତାହା ପୂର୍ବରୁ ସେମାନେ ମିଶରର ସଭ୍ୟତାର ସଂସ୍ପର୍ଶରେ ଆସିଥିଲେ, କିନ୍ତୁ ଏହାର ମହାନ୍ ଚିନ୍ତାଧାରା ସେମାନଙ୍କ ଉପରେ କୌଣସି ପ୍ରଭାବ ପକାଇ ନଥିଲା । କିନ୍ତୁ ପରେ ବେବିଲୋନରେ ବନ୍ଦୀ ଥିବାବେଳେ ସେମାନେ ଏକ ପରମ ଈଶ୍ୱର ସମ୍ପର୍କରେ ଜାଣିଥିଲେ । ସେମାନଙ୍କ ବିଶେଷତ୍ୱ ଅନୁଯାୟୀ ସେମାନେ

ସଙ୍ଗେ ସଙ୍ଗେ ତାଙ୍କୁ ଜେହୋଭାଙ୍କ ସହିତ ଏକ ବୋଲି ଗ୍ରହଣ କରି ନେଲେ ଏବଂ ସେମାନଙ୍କର ପରବର୍ତ୍ତୀ ଧର୍ମ ବ୍ୟାଖ୍ୟାକାରୀଗଣ ତାଙ୍କ ସମ୍ପର୍କରେ ବହୁ ପ୍ରଶଂସା କରି ଲେଖିଲେ । ତଥାପି ସେହି ପୁରାତନ ଚିନ୍ତାଧାରା ବାରମ୍ବାର ପ୍ରକାଶ ପାଉଥିଲା ।

ରକ୍ତପାତ ସହ ବଳିଦାନ ମାନବୀୟ କ୍ରମ ବିକାଶର ପ୍ରାଥମିକ ପର୍ଯ୍ୟାୟର କଥା । ତାହା ସହିତ ଜଡିତ ଥିଲା ଉପାଦାନିକମାନଙ୍କର ଉପାସନାଗତ ଆଦିମ ଯାଦୁବିଦ୍ୟା । ସେହି ବଳିଗୁଡ଼ିକ ସର୍ବଦା ରକ୍ତ ଗନ୍ଧ ଲୋଭୀ ଉପାଦାନିକମାନଙ୍କର ଉପାସନା ସହ ସମ୍ପୃକ୍ତ ଥାଏ । ଉପାଦାନିକ ଦେବତା ବଳି ଚାହେଁ କାରଣ ସେ ରକ୍ତର ଗନ୍ଧକୁ ଶୋଷି ନିଏ ଏବଂ ସେଥିରୁ ପାଏ ନିଜକୁ ବାସ୍ତବ ଆକାରରେ ଦେଖାଇବାର କ୍ଷମତା । କେତେକ ପାହାଡୀ ଜାତିର ଲୋକେ କହନ୍ତି ଯେ ସେମାନେ ଯଦି ଏପରି ବଳି ନ ଦିଅନ୍ତି, ସେମାନଙ୍କ ଉପରକୁ ବହୁତ ବିପଦ ଆସେ । ସେମାନଙ୍କର ଫସଲ ନଷ୍ଟ ହୋଇଯାଏ ଏବଂ ସେମାନଙ୍କର ଘର ଜଳିଯାଏ । ସେହିହେତୁ ଭାରତର ସବୁ ପାହାଡୀ ଦେବତାଗଣ ମଧ୍ୟ ସମ୍ଭବତଃ ଆଟଲାଣ୍ଟିସର ମହାନ୍ ଉପାଦାନିକ ଦେବତା ।

ଆମେ ନିଶ୍ଚିତ ହୋଇ ପାରୁ ଯେ ମହାନ୍ ସିଦ୍ଧପୁରୁଷ ଗଣ କେବେହେଲେ ଏହି ପ୍ରକାର ବଳିଦାନକୁ ଉତ୍ସାହିତ କରି ନାହାନ୍ତି । ଉଦାହରଣ ସ୍ୱରୂପ, ଭାରତରେ ବେଦର ପ୍ରଥମ ପ୍ରକାଶଗୁଡ଼ିକରେ ନିଶ୍ଚିତ ଭାବରେ ତାହା ନଥିଲା, କିନ୍ତୁ ସେଗୁଡ଼ିକ ଆସିଲା ଆଦିମ ଜାତିର ପରମ୍ପରାରୁ । ଭଗବାନ ବୁଦ୍ଧ ପଶୁ ବଳି ବିରୋଧରେ କହିଥିଲେ ଏବଂ ରାଜା ବିମ୍ବିସାରଙ୍କୁ ତାଙ୍କ ରାଜ୍ୟରୁ ତାହା ଉଠାଇ ଦେବା ପାଇଁ ଏକ ନିର୍ଦ୍ଦେଶ ଦେବାକୁ ପ୍ରବର୍ତ୍ତାଇଥିଲେ ।

ସ୍ପଷ୍ଟତଃ, ଆମେ ଉପାସନା କରିବାକୁ ଚାହୁଁଥିବା କୌଣସି ଦେବତା ନୈବେଦ୍ୟ ପାଇଁ ରକ୍ତ ଚାହିଁବେ ନାହିଁ, ଯଦିଓ ଉପାଦାନିକ ଏବଂ ପ୍ରକୃତି ଚୈତନ୍ୟଗୁଡ଼ିକ ତାହା ଚାହାଁନ୍ତି । ସୁତରାଂ ଧର୍ମଗ୍ରନ୍ଥର ଯେଉଁ ଅଂଶଗୁଡ଼ିକରେ ଏପରି ବଳି ପାଇଁ ଲେଖାଯାଇଛି ସେହି ଅଶଂଗୁଡ଼ିକୁ ଆମେ ମାନବୀୟ କ୍ରମବିକାଶର ସେହି କାଳର ବୋଲି ଭାବିବା-ଯାହା ବହୁ ପୂର୍ବରୁ ଅତିକ୍ରାନ୍ତ ହୋଇ ସାରିଛି । କେତେଲୋକ ଏହା ଖୋଲାଖୋଲି କହିବାକୁ ଚାହାନ୍ତି ନାହିଁ, କାରଣ ସେମାନେ ଧର୍ମଗ୍ରନ୍ଥଗୁଡ଼ିକ ସମ୍ମାନ ଦିଅନ୍ତି । କିନ୍ତୁ ଗୋଛାଏ ଶବ୍ଦ ସବୁ ସମୟ ପାଇଁ ପବିତ୍ର ଏବଂ ସେହି ହେତୁ ଅପରିବର୍ତ୍ତନୀୟ ବୋଲି ଭାବିବା ଅନ୍ଧବିଶ୍ୱାସ ଛଡ଼ା କିଛି ନୁହେଁ । ଆମେ ଯେମିତି ଅନ୍ୟ ସବୁ ବିଷୟର ଯାହା ସାର ତାକୁ ହିଁ ବାଛି ନେଉ, ଧର୍ମଗ୍ରନ୍ଥମାନଙ୍କ କ୍ଷେତ୍ରରେ ମଧ୍ୟ ସେପରି କରିବା ଉଚିତ୍ । ଆମେ ଗୋଟିଏ ବହି

ପଢୁ ଏବଂ ଯେଉଁ ଅନୁଚ୍ଛେଦଗୁଡ଼ିକ ଆମକୁ ଭଲ ଲାଗେ, ଯାହା ଆମକୁ ବିଶେଷ ସୁନ୍ଦର ଏବଂ ସାହାଯ୍ୟକାରୀ ମନେ ହୁଏ, ସେଗୁଡ଼ିକ ମନେ ରଖୁ । ସେହିପରି

କୌଣସି ଧର୍ମଗ୍ରନ୍ଥରୁ ଆମେ ଯେଉଁ ଅଂଶଗୁଡ଼ିକ ସବୁକାଳ ପାଇଁ ମହାନ୍, ସୁନ୍ଦର ଏବଂ ଉନ୍ନତ, ସେଗୁଡ଼ିକ ନେବାକୁ ହେବ ଏବଂ ଯେଉଁସବୁ ଅଂଶ ଆମର ମାନଠାରୁ ନିମ୍ନରେ, ସେଗୁଡ଼ିକ ଆମର ସୁବିଧାମତେ ଫୋପାଡି ଦେବାକୁ ହେବ । ଯଦିଓ ରକ୍ତାକ୍ତ ବଳି କଥା ଧର୍ମ ସଂଗୀତରେ ଏବଂ ବାଇବଲର ଅନ୍ୟ ଅଂଶ ଗୁଡ଼ିକରେ କୁହାଯାଇଛି, ଆମକୁ ଏହି ତଥ୍ୟର ସମ୍ମୁଖୀନ ହେବାକୁ ପଡ଼ିବ ଯେ ଈଶ୍ୱର କେବେ ତାହା ଚାହିଁ ନଥିବ । ସେଗୁଡ଼ିକ ନିଶ୍ଚିତ ଭାବେ ସେହି ପ୍ରକାର ଧର୍ମର, ଯାହା ଦେବତାଙ୍କୁ ଏକ ମନ୍ଦ ସତ୍ତା ବୋଲି ବିଚାର କରେ, ଯାହାଙ୍କୁ ଉତ୍କୋଚ ଦେଇ ବଶୀଭୂତ କରିବାକୁ ହେବ ।

ଖ୍ରୀଷ୍ଟିଆନ୍ ଧର୍ମର ଏକ ଅତ୍ୟନ୍ତ ଦୁଃଖ ଦାୟକ ଘଟଣା ହେଉଛି ଯେ ପ୍ରେମମୟ ପିତା ଈଶ୍ୱରଙ୍କ ବିଷୟରେ ଯୀଶୁଖ୍ରୀଷ୍ଟଙ୍କ ପବିତ୍ର ଉପଦେଶ ସହିତ ଏହି ଧାରଣା ମିଶ୍ରିତ ହୋଇ ପଡ଼ିଛି । ଏକଥା ସତ ଯେ ଦେବତାଙ୍କ ଆଗରେ ପଶୁବଳି ଖ୍ରୀଷ୍ଟିଆନ୍ ଧର୍ମକୁ କଳୁଷିତ କରି ନାହିଁ । କିନ୍ତୁ ଖ୍ରୀଷ୍ଟିଆନ୍ ଧର୍ମର ବଡ଼ ବଡ଼ ସଂଗଠନମାନଙ୍କ ଦ୍ୱାରା ତଥାପି ଧାରଣା ଦିଆଯାଉଛି ଈଶ୍ୱରଙ୍କୁ ଲାଞ୍ଚ ନହେଲେ ସେ କ୍ଷତି କରିବେ । ସେମାନେ ଏକ ବିସ୍ମୟଜନକ ତତ୍ତ୍ୱ ଉଦ୍ଭାବନ କଲେ ଯେ ଈଶ୍ୱର ନିଜ ପୁତ୍ରଙ୍କୁ ବଳିଦେଲେ ଅନ୍ୟମାନଙ୍କ ବଦଳରେ- ଅନ୍ୟଥା ଯେଉଁମାନେ ନକଲେ ପିଠା ଯାଇଥାନ୍ତେ । ମୁଁ ଭାବୁଛି ଅଧିକାଂଶ ଲୋକେ ଚୁପ୍ ରହି କେବେ ଚିନ୍ତା କରନ୍ତି ନାହିଁ ସେ କି ପ୍ରକାର ଈଶ୍ୱର ହୋଇପାରନ୍ତି ଯେ ଏହି ପ୍ରକାର ବଳି ଦରକାର କରନ୍ତି, ବା' ଏଥିପାଇଁ ଅନୁମତି ଦିଅନ୍ତି । ଆପଣ କଳ୍ପନା କରି ଦେଖନ୍ତୁ ଜଣେ ପାର୍ଥିବ ରାଜାଙ୍କୁ କଣ କୁହାଯିବ ଯଦି ସେ ହଠାତ୍ ଗୁଡ଼ାଏଲୋକଙ୍କୁ ଭୟଙ୍କର ନିର୍ଯ୍ୟାତନା ଦେବା ସକାଶେ ଆଦେଶ ଦେବେ ଏବଂ ତାପରେ ସେମାନଙ୍କୁ ମୁକ୍ତି ଦେଇ ଦେବେ-କାରଣ ତାଙ୍କର ନିଜ ପୁଅ ଆଗେଇ ଆସି କହିବ, "ଯଦି ଆପଣ କାହାକୁ ଅବଶ୍ୟ ହତ୍ୟା କରିବେ, ତେବେ ମୋତେ ହତ୍ୟା କରନ୍ତୁ । ମୁଁ କୌଣସି ଭୁଲ୍ କାମ କରି ନାହିଁ । କିନ୍ତୁ ତାହା ସତ୍ତ୍ୱେ ମୋତେ ହତ୍ୟା କରନ୍ତୁ ଏବଂ ଏହି ଲୋକମାନଙ୍କୁ ମୁକ୍ତି ଦିଅନ୍ତୁ ।" ସେହି ତତ୍ତ୍ୱ ଖ୍ରୀଷ୍ଟିଆନ୍ ଧର୍ମ ନୁହେଁ ।

କର୍ଣ୍ଣେଲ୍ ଇଙ୍ଗେରସଲ୍ ଯଥାର୍ଥରେ କହିଥିଲେ ଯେ ଏକ ସଚ୍ଚୋଟ ଈଶ୍ୱର ହେଉଛନ୍ତି ମନୁଷ୍ୟର ମହତ୍ତମ କୃତି । ଏକଥା ସତ ଯେ କେବଳ ଯେଉଁ ଜାତି ଅତିଶୟ ଉନ୍ନତ ହୋଇସାରିଛି, ସେହି ଜାତି ହିଁ ଉର୍ଦ୍ଧ୍ୱକୁ ଉଠି ଏକ ପ୍ରକୃତ ମହାନ୍

ଏବଂ ଗୌରବମୟ ଦେବତାଙ୍କ ଧାରଣା କରି ପାରିବ । ଏକଥା ସତ ଯେ ଆମର ଦୂର ଅତୀତର ପୂର୍ବ ପୁରୁଷଗଣ, ଯେଉଁମାନେ ଜଙ୍ଗଲରେ ବୁଲୁଥିଲେ ଏବଂ ନିଜ ଦେହକୁ ନୀଳ ରଙ୍ଗରେ ଚିତ୍ରିତ କରୁଥିଲେ ତଥା ପ୍ରାଚୀନ ଯୁଦ୍ଧପ୍ରିୟ ଇହୁଦୀଗଣ ଏବଂ ଅନ୍ୟମାନେ ଦେବତାଙ୍କ ସମ୍ପର୍କରେ ଅପରିପକ୍ୱ ଧାରଣା କରିଥିଲେ । କିନ୍ତୁ ବର୍ତମାନ କାଳରେ ଆମେ ସେହି ସବୁ ଧାରଣାକୁ ନେଇ ଚଳିବାର କୌଣସି କାରଣ ନାହିଁ ।

ତୃତୀୟ ତତ୍ତ୍ୱ ଯାହାକୁ ଆମେ ବ୍ରହ୍ମବିଦ୍ୟାରେ ବିଶ୍ୱାସ କରୁ, ତାହା ହେଉଛି ଈଶ୍ୱର ମଙ୍ଗଳମୟ ଏବଂ ସେ ତାଙ୍କର ସୃଷ୍ଟିକୁ ଗଢ଼ିଛନ୍ତି ଗୋଟିଏ ଉଦ୍ଦେଶ୍ୟ ନେଇ ଯାହାକୁ ପୂରଣ କରିବା ପାଇଁ ସେ ସର୍ବଦା ଲାଗିଛନ୍ତି ଏବଂ ସେହି ହେତୁ ଯାହା ସବୁ ଘଟିଛି, ସେସବୁ ହେଉଛି ତାଙ୍କରି କାର୍ଯ୍ୟର ଅଂଶ । ସେ ତାଙ୍କର ଜୀବମାନଙ୍କୁ କେତେ ପରିମାଣର ସ୍ୱାଧୀନତା ଇଚ୍ଛା ଦିଅନ୍ତି ଏବଂ ସେମାନେ କେତେକ କାମ କରନ୍ତି ଯାହା ସ୍ୱଷ୍ଟତଃ ତାଙ୍କର ମହାନ୍ ଯୋଜନା ସହିତ ମେଳ ଖାଏ ନାହିଁ । ତଥାପି ସେମାନଙ୍କର ଇଚ୍ଛା ଶକ୍ତି ତାଙ୍କ ଯୋଜନାର ଅଂଶ ହୋଇ ଥିବାରୁ ସବୁ କିଛି ଅବଶେଷରେ ତାଙ୍କର ହିଁ କାର୍ଯ୍ୟ ।

ଆମେ ଯେତେବେଳେ କହୁ ଯେ ଈଶ୍ୱର ମନୁଷ୍ୟକୁ କିଛି ସ୍ୱାଧୀନତା ବା ସ୍ୱାତନ୍ତ୍ର୍ୟ ଦେଇଛନ୍ତି, ଆମେ ସ୍ୱଷ୍ଟ କରି ଦେବା ଉଚିତ ହେବ ଯେ ଆମେ ଜାଣୁ ଏହା ସୀମିତ ଏବଂ କ୍ରମଶଃ ବଢ଼ି ଚାଲିଛି । ଯଦି ମଣିଷ ତା ପାଖରେ ଥିବା ସ୍ୱାଧୀନତା କ୍ଷମତା ଭଲ ଭାବେ ବ୍ୟବହାର କରେ, ତାକୁ ଅଧିକ ସ୍ୱାଧୀନତା ଓ କ୍ଷମତା ଦିଆଯିବ । ଏହାର ପ୍ରଣାଳୀ ଛୋଟପିଲାଙ୍କୁ ଚାଲିବାକୁ ଶିଖାଇବାର ପ୍ରଣାଳୀ ପରି ମନେହୁଏ । ଯେ ଶିଖାଏ ଯେ ପିଲାକୁ ଛାଡ଼ି ଦିଏ ଚେଷ୍ଟା କରିବାକୁ, ଗଡି ପଡ଼ିବାକୁ ଏବଂ ପୁଣି ଚେଷ୍ଟା କରିବାକୁ, ଗଡି ପଡ଼ିବାକୁ ଏବଂ ପୁଣି ଚେଷ୍ଟା କରିବାକୁ । ଯଦି ତାକୁ ସବୁବେଳେ କିଏ କାଖରେ ନେଇ ବୋହି ବୁଲିବ (ତାର ଗଡିପଡ଼ିବା ସମ୍ଭାବନାକୁ ଏଡିବା ପାଇଁ) ତାହାହେଲେ ଶେଷରେ ସେ ପାଲଟିଯିବ ଏକ ଛୋଟ ଛୋଟା । କିନ୍ତୁ ଶିଖାଇବା ଲୋକ ଯାହା କରେ ନାହିଁ, ତାହା ହେଉଛି ଯେ ସେ ମାର୍ବଲ ଚଟାଣରେ, ସିଡିରେ ଶେଷରେ ବା ଅନ୍ୟାନ୍ୟ ବିପଦଜନକ ସ୍ଥାନରେ ପିଲାଟିକୁ ପ୍ରଥମେ ପାଦ ଟେକି ଚାଲିବାକୁ ଦିଏ ନାହିଁ । ପରେ, ସେ ଯେତେବେଳେ ବଡ଼ ହୋଇଯାଏ, ସେ ହୁଏତ (ଯଦି ଇଚ୍ଛା କରେ), ଗିରି ଶୃଙ୍ଗର ପ୍ରାନ୍ତ ପର୍ଯ୍ୟନ୍ତ ଯାଇ ପାରେ ଦୃଶ୍ୟ ଉପଭୋଗ କରିବା ପାଇଁ । ଏହି ପ୍ରକାର ଏକ ପଦ୍ଧତି ଈଶ୍ୱର ଆମକୁ ତାଲିମ୍ ଦେବାବେଳେ ଅବଲମ୍ବନ କରି ଥାଆନ୍ତି, ଯାହା

ଫଳରେ ଆମେ ଆମର ଜୀବନକୁ ନଷ୍ଟ କରି ପାରିବୁ ନାହିଁ ବା ନିଜକୁ ଏମିତି ଆଘାତ କରିବୁ ନାହିଁ ଯେ ତାକୁ ଆଉ ସଜାଡି ହେବ ନାହିଁ ।

## ଖ୍ରୀଷ୍ଟିଆନ୍ ଧର୍ମରେ ଉନ୍ନତି

ତୃତୀୟ ତତ୍ତ୍ୱ ଏବେ କ୍ରମଶଃ ବିଶେଷ ପ୍ରସାରିତ ହେଉଛି । ବହୁ କାଳ ଧରି ଖ୍ରୀଷ୍ଟିଆନ୍ ଧର୍ମ ତାର ଧର୍ମବିଶ୍ୱାସଠାରୁ ଅଧିକ ଉନ୍ନତ ହୋଇଛି ବହୁ ଖ୍ରୀଷ୍ଟୀୟାନ୍ ଚର୍ଚ୍ଚ ଯେଉଁସବୁ କଥା ପାଇଁ ଆନୁଷ୍ଠାନିକ ଭାବେ କ୍ଷମତା ଦେଇଛି, ତାହାଠାରୁ ଅଧିକତର ବିସ୍ତୀର୍ଣ୍ଣ ମତରେ ବିଶ୍ୱାସ କରନ୍ତି । ଉଦାହରଣ ସ୍ୱରୂପ, ଚର୍ଚ୍ଚ ଅଫ୍ ଇଂଲାଣ୍ଡ 'ଦି ଆର୍ଟିକଲସ୍ ଅଫ୍ ରିଲିଜନ୍' ନାମକ ବିଭିନ୍ନ ବିଷୟକ ତତ୍ତ୍ୱ ବୋଲି ମନେ କରନ୍ତି । ଧର୍ମଯାଜକଗଣଙ୍କୁ ସେଥିପାଇଁ ସ୍ୱୀକୃତି ଦେବାକୁ ପଡ଼ିଥାଏ । କିନ୍ତୁ ଯଦି ସେମାନଙ୍କ ଭିତରୁ ଜଣେ ପଚାରେ, 'ମୁଁ ଏଗୁଡ଼ିକୁ ଗ୍ରହଣ କରିବି କିପରି ? ଏଗୁଡ଼ିକ ତ ସ୍ୱଷ୍ଟତଃ ଆତ୍ମବିରୋଧି', ତାଙ୍କୁ ଉତ୍ତର ଦିଆଯାଏ ଯେ ଯେତେବେଳେ ସେଗୁଡ଼ିକ ଲେଖା ଯାଇଥିଲା, ସେତେବେଳେ ଦୁଇ ଦଳ ଥିଲେ, ଯେଉଁମାନଙ୍କ ମଧ୍ୟରେ ମିଳାମିଶା ସମ୍ଭବ ନଥିଲା । ସୁତରାଂ ଉଭୟ ଦଳକୁ ସନ୍ତୁଷ୍ଟ କରିବା ଭଳି କିଛି ଲେଖିବା ଦରକାର ପଡ଼ିଥିଲା । ସେମାନେ କହନ୍ତି, 'ବିଶପ ଏବଂ ଆମ ଭିତରୁ ବାକୀ ସମସ୍ତେ ସେଥିରେ ଦସ୍ତଖତ କରିଛୁ । ଆମେ ସବୁ ଏପରି ଦାର୍ଶନିକ ଢଙ୍ଗରେ ସେଗୁଡ଼ିକୁ ଗ୍ରହଣ କରିଛୁ ଏବଂ ଯେହେତୁ ଆମେମାନେ ସେପରି କରିଛୁ, ଆପଣ ମଧ୍ୟ ସେପରି ଗ୍ରହଣ କରି ପାରନ୍ତି ।' ସେହି ଯୁବକ ଧର୍ମଯାଜକ ହୁଏତ କହିବେ, 'ହଉ, ମୁଁ ଭାବୁଛି ଯଦି ଆପଣ ମୋତେ ନିଶ୍ଚିତ ଭାବେ କହନ୍ତି ଯେ ଏହାର କିଛି ଅର୍ଥ ନାହିଁ, ତେବେ ମୁଁ ମଧ୍ୟ ଏହା ଗ୍ରହଣ କରି ପାରେ ।' କିନ୍ତୁ ଏହି ଅବସ୍ଥା ବିଶେଷ ସମ୍ମାନଜନକ ନୁହେଁ ।

ଖ୍ରୀଷ୍ଟିଆନ୍ ଧର୍ମବିଶ୍ୱାସ ପ୍ରତି ମୋର କୌଣସି ଆପତ୍ତି ନାହିଁ । ଖ୍ରୀଷ୍ଟିଆନ୍ ସାଧାରଣତଃ ଯାହା ଭାବିଥାଏ, ସେଥିରେ ତାହାଠାରୁ ଗଭୀରତର ଅର୍ଥ ରହିଛି ।[୧]

କିନ୍ତୁ ମୁଁ ନିଶ୍ଚିତ ଭାବେ 'ଥାର୍ଟିନାଇଟ୍ ଆର୍ଟିକଲ୍' ଏବଂ 'କନଫେସନ୍ ଅଫ୍ ଫେଥ୍' ବିଷୟରେ ଆପତ୍ତି କରେ । କାରଣ ସବୁଠାରୁ ସୁନ୍ଦର କେତେକ ଧାରଣା ସହିତ ସେଗୁଡ଼ିକରେ କୌଶଳକ୍ରମେ ଅନ୍ୟ କେତେକ ଧାରଣା ମିଶାଇ ଦିଆ ଯାଇଛି, ଯାହାର ମେଳ ସମ୍ପୂର୍ଣ୍ଣ ଅସମ୍ଭବ । ପ୍ରଶ୍ନୋତ୍ତରୀରେ ପ୍ରଥମ ପ୍ରଶ୍ନୋତ୍ତର ଥିଲା, "ମନୁଷ୍ୟର ମୁଖ୍ୟ ଉଦ୍ଦେଶ୍ୟ କଣ ? ଈଶ୍ୱରଙ୍କର ଗୁଣ ଗାନ କରିବା ଏବଂ

---

*(୧) ଦେଖନ୍ତୁ ସି.ଡବ୍ଲ୍ୟୁ ଲେଡ଼୍‌ବିଟରଙ୍କ ପ୍ରଣୀତ 'ଦି ଖ୍ରୀଷ୍ଟିଆନ୍ କ୍ରିଡ୍ ।*

ତାଙ୍କୁ ନେଇ ଚିରକାଳ ଆନନ୍ଦ ଉପଭୋଗ କରିବା ।" ଯଦି ସେଇଠି ସେମାନେ ବନ୍ଦ କରି ଦେଇଥାନ୍ତେ ତାହାହେଲେ ଚମତ୍କାର ହୋଇଥାନ୍ତା ।

ଯେଉଁ ସବୁ ପ୍ରଚାର ଏବଂ ଧର୍ମଗତ ପାଇଁ ପୂର୍ବରୁ କ୍ଷମତା ଦିଆ ଯାଇଥିଲା, ସେଥିରୁ ବହୁତ ଆଗକୁ ମାଡ଼ି ଚାଲିଛି ଖ୍ରୀଷ୍ଟିଆନ୍ ଧର୍ମ । କିଛି ଦିନ ତଳେ ମୁଁ ଏକ ଅନୁଚ୍ଛେଦ ଦେଖିଲି ଯେଉଁଥିରେ ତାହା ଏକ ପ୍ରକାର ସ୍ପଷ୍ଟ ହୋଇ ଯାଇଛି । ରିପନ୍‌ର ଡିନ୍ ଖଣ୍ଡିଏ ବହି ଲେଖିଛନ୍ତି, ଯେଉଁଥିରେ ସେ କହିଛନ୍ତି, "ମନୁଷ୍ୟ ମଧ୍ୟରେ ଖ୍ରୀଷ୍ଟଙ୍କର ବିକାଶ ହେଉଛି ଖ୍ରୀଷ୍ଟିଆନ୍ ଧର୍ମର ଲକ୍ଷ୍ୟ ।" ତାପରେ ସେ ମନୁଷ୍ୟ ମଧ୍ୟରେ ଖ୍ରୀଷ୍ଟ କହିଲେ କଣ ତାହା ବୁଝାଇଛନ୍ତି : "ଏହା ହେଉଛି ଏକ ବୈଜ୍ଞାନିକର ବିଜ୍ଞତା, ଏକ ଆଇନଜୀବୀର ବାଗ୍ମିତା, ଏକ ବିଚାରକର ନିରପେକ୍ଷତା, ଏକ କଳାକାରର ସୌନ୍ଦର୍ଯ୍ୟ ପ୍ରେମ ଏବଂ ଏକ ପରୋପକାରୀର ମାନବପ୍ରେମ" ଇତ୍ୟାଦି । ସେହି ପ୍ରକାରର ଖ୍ରୀଷ୍ଟଧର୍ମ ଆମେ ସମସ୍ତେ ଗ୍ରହଣ କରିନେବା । ପ୍ରାୟ ସେହି ଧରଣର ଚିନ୍ତାଧାରା ରହିଛି ଗୀତାରେ । ଶ୍ରୀକୃଷ୍ଣ କହିଛନ୍ତି, "ମୁଁ ହେଉଛି ଶାସକମାନଙ୍କର ଦଣ୍ଡ, ଯେଉଁମାନେ ଜୟ ଲାଭ କରିବାକୁ ଚାହାନ୍ତି, ମୁଁ ହେଉଛି ସେମାନଙ୍କର ନୀତି, ଗୁପ୍ତ ବିଷୟଗୁଡ଼ିକର ମୁଁ ହେଉଛି ନୀରବତା, ଜ୍ଞାନୀମାନଙ୍କର ମୁଁ ହେଉଛି ଜ୍ଞାନ ।" "ଯାହା କିଛି ଗୌରବମୟ, କଲ୍ୟାଣକର ଏବଂ ଶକ୍ତିଶାଳୀ, ସେ ସମସ୍ତ ମୋର ତେଜର ଏକ ଅଂଶରୁ ଜାତ ବୋଲି ବୁଝ ।"[୧] ସେହି ଖ୍ରୀଷ୍ଟିଆନ୍ ଡିନ୍ ଭଗବଦ୍ ଗୀତାର ପ୍ରଣେତାଙ୍କର ସହିତ ପ୍ରାୟ ଏକମତ, ଯେଉଁ ଗୀତା ହେଉଛି ଅତିଶୟ ପ୍ରାଚୀନ ଧର୍ମଗ୍ରନ୍ଥ, ଏବଂ ମହାଭାରତର ଏକ ଅଂଶ । ଗୀତାରେ ଅନ୍ତର୍ଭୁକ୍ତ ହୋଇଥିବା ବହୁ ମହାନ୍ ଉପଦେଶ ଏ ଦେଶରେ ଥିବା ଆଟଲାଣ୍ଟୀୟମାନଙ୍କ ମଧ୍ୟରେ ରହିଥିଲା—ଆକ୍ରମଣକାରୀ ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିବାର ବହୁ ପୂର୍ବରୁ । ମୁଁ ଜାଣେ ଯେ ତାହା ସାଧାରଣରେ ଗୃହୀତ ଚିନ୍ତାଧାରା ନୁହେଁ, କିନ୍ତୁ ଆମେ ଯେଉଁ ସବୁ ନିର୍ଦ୍ଦିଷ୍ଟ ଘଟଣା ଏହା ତାର ଚିତ୍ର ।

ଆମେ ଈଶ୍ୱରଙ୍କ ଠାରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖି ପାରୁ । କାରଣ ସେ ସବୁକିଛି ଜାଣନ୍ତି ଏବଂ ଆମେ ଜାଣିନାହୁଁ । ତାଙ୍କର କ୍ରମବିକାଶ ଯୋଜନାକୁ ଆଗେଇ ନେବାରେ ସାହାଯ୍ୟ କରିବା ପାଇଁ ଆମଠାରୁ କଣ ଆଶା କରାଯାଏ, ଆମେ ତାହା ସାଧାରଣ ଭାବେ ଜାଣୁ, କିନ୍ତୁ ବିଶଦ ଭାବେ ନୁହେଁ । ତଥାପି ଆମେ ଜାଣୁ ଯେ ସେହି ବିଶଦ ତଥ୍ୟ ରହିଛି ସୁଦକ୍ଷ ହସ୍ତରେ । ଆମର କର୍ମଫଳ କଣ ହେବ,

---

*(୧) ଭାଗବତ ଗୀତା, ୧୦ମ ଅଧ୍ୟାୟ, ଶ୍ଳୋକ ୩୮, ୪୧ ।*

ଆମେ ଜାଣି ନାହୁଁ । କିନ୍ତୁ ଯେଉଁ ମହତଶକ୍ତିଗଣ ସେହି କଥା ପରିଚାଳନା କରନ୍ତି, ସେମାନେ ସବୁ ଜାଣନ୍ତି। ସେଥିରୁ କେତେ ପରିମାଣର କର୍ମଫଳ ବର୍ତ୍ତମାନ ସକାଶେ ତଳକୁ ଆଣି ଆମ ଉପରେ ଛାଡ଼ିବା ଉପଯୋଗୀ ହେବ ଏବଂ କେତେ ଭବିଷ୍ୟତ ପାଇଁ ସଞ୍ଚିତ ରଖାଯିବ, ତାହା ସେମାନେ ବିଜ୍ଞତାର ସହ ନିଷ୍ପତ୍ତି କରିବେ ।

ଯଦି ସେହି ମହାନ୍ ପୁରୁଷମାନେ ଆମ କଥା ଶୁଣନ୍ତେ ଏବଂ ଆମେ ଯେଉଁ ସମୟରେ ଯାହା ଭଲ ବୋଲି ନେଉ, ସେଇ ଅନୁସାରେ ଆମର ଭାଗ୍ୟ ବଦଳାଇ ଦିଅନ୍ତେ, ତେବେ ନିଶ୍ଚିତ ଭାବେ ତାହା ଆମ ପାଇଁ ଆହୁରି ଅଧିକ ଖରାପ ହୋଇଥାଆନ୍ତା । ମୁଁ କହୁନାହିଁ ଯେ ଏ ବିଷୟରେ ଆମର ଆସ୍ପୃହା ମୂଲ୍ୟହୀନ । ବରଂ ଓଲଟା କଥା କାରଣ ଯଦି ଆମର ଉତ୍ତମ ଅସ୍ପୃହା ସବୁ ଥାଏ, ତେବେ ସେହି କ୍ଷେତ୍ରରେ ସେଗୁଡ଼ିକ ନୂଆ ଉପାଦାନ ରୂପେ ପ୍ରବେଶ କରେ ଏବଂ ଆମର କର୍ମଫଳକୁ ବଦଳାଇବାରେ ମହାନ୍ କର୍ମାଧିପତିମାନଙ୍କୁ ଭଲ ଭାବେ ସକ୍ଷମ କରାଇପାରେ, ହୁଏତ ଅଧିକ କର୍ମଫଳ ତଳକୁ ଟାଣି ଆଣିବା ପାଇଁ, ଯାହା ଫଳରେ ଆମେ ଶୀଘ୍ର କର୍ମରୁ ମୁକ୍ତ ହୋଇ ପାରିବୁ । କିନ୍ତୁ ଯାହା କିଛି କରାଯାଏ, ତାହା ସମସ୍ତଙ୍କର ସର୍ବୋତ୍ତମ କଲ୍ୟାଣ ପାଇଁ କରାଯାଏ, ଅଳ୍ପ କେତେ ଜଣଙ୍କ ପାଇଁ ନୁହେଁ । ସୁତରାଂ ଆମେ ନିଶ୍ଚିତ ଭାବେ ଭଗବାନଙ୍କର ଇଚ୍ଛାକୁ ପରିବର୍ତ୍ତନ କରିବାକୁ ଚାହିଁବା ନାହିଁ । ଯାହାକିଛି ଆମକୁ ମିଳିବ, ଆମେ ଧନ୍ୟବାଦ ସହ ଗ୍ରହଣ କରିବା ଏବଂ ସର୍ବଦା ତାହାର ସର୍ବାଧିକ ସଦୁପଯୋଗ କରିବା; ଅସତ୍ ଉପଯୋଗ ନୁହେଁ । ଆମେ ଆମର ଅସୁବିଧାଗୁଡ଼ିକୁ ଗ୍ରହଣ କରି ନେବା, ସେଗୁଡ଼ିକ ଉପରେ ଆମର ଆଧିପତ୍ୟ ଲାଭ କରିବା ସକାଶେ । ତଥାପି ଆମେ ସର୍ବଦା ଆନନ୍ଦିତ ହେବା । କାରଣ ଆମେ ଜାଣୁ ଯେ ଏ ସୃଷ୍ଟିର ପଛରେ ପକେଇ ଭଗବାନ ଅଛନ୍ତି ଓ ସେ ସମ୍ପୂର୍ଣ୍ଣ ମଙ୍ଗଳମୟ ।

**ନିରାମିଷ ଖାଦ୍ୟ ଶ୍ରେୟସ୍କର**

**ଆହୁରି ଅଧିକ ନିଷ୍ଠୁର ଅନ୍ଧବିଶ୍ୱାସ ଏହି ଯେ 'ମନୁଷ୍ୟ ତାର ଖାଦ୍ୟ ପାଇଁ ମାଂସ ଦରକାର କରେ' ।**

**ଲେଡ୍‌ବିଟର୍ –** ତାହା ନିଶ୍ଚିତ ଭାବେ ଏକ ଅନ୍ଧବିଶ୍ୱାସ, କାରଣ ଲକ୍ଷ ଲକ୍ଷ ଲୋକ ମାଂସ ନଖାଇ ପୂର୍ଣ୍ଣ ସ୍ୱାସ୍ଥ୍ୟ ବାନ ରହିଛନ୍ତି । ହୁଏତ ଖୁବ୍ କମ୍ ଲୋକ

ଅଛନ୍ତି ଯେଉଁମାନେ ନିଜ ବଂଶର ମନ୍ଦ ପ୍ରଭାବ ଏବଂ ନିଜର କର୍ମଫଳ ହେତୁ ପ୍ରକୃତରେ ଶୁଦ୍ଧତର ଆକାରର ଖାଦ୍ୟକୁ ଶରୀରରେ ଜୀର୍ଣ୍ଣ କରି ପାରିବା ପାଇଁ ସକ୍ଷମ ନୁହନ୍ତି । ତେବେ ସେମାନଙ୍କ ସଂଖ୍ୟା ଖୁବ୍ ଖୁବ୍ ଅଳ୍ପ । ବ୍ରହ୍ମବିଦ୍ୟା ସମିତିର ବହୁ ସଭ୍ୟଙ୍କ ମଧ୍ୟରୁ ମୁଁ ନିଜେ ଅଳ୍ପ କେତେଜଣ ଲୋକଙ୍କୁ ଜାଣେ, ଯେଉଁମାନେ ନିୟମିତ ନିରାମିଷ ଆହାର ପାଇଁ ଦୀର୍ଘ କାଳ ଧରି ଆନ୍ତରିକ ଚେଷ୍ଟା କରିବା ପରେ ମଧ୍ୟ ଦେଖିଲେ ଯେ ସେମାନେ ତାହା କରିବାକୁ ଅକ୍ଷମ । କିନ୍ତୁ ଅନ୍ୟ ସମସ୍ତେ କେବଳ ପ୍ରଥମରେ କେତେକ ପରିମାଣର ଅସୁବିଧା ପରେ ନିରାମିଷ ଆହାରଦ୍ୱାରା ନିଜର ସ୍ୱାସ୍ଥ୍ୟ ରକ୍ଷା କରି ପାରିଲେ ଏବଂ ଅନେକ ସମୟରେ ସ୍ୱାସ୍ଥ୍ୟର ଉନ୍ନତି ଘଟାଇଥିଲେ ।

ଏହା ନିଃସନ୍ଦେହରେ ପ୍ରମାଣିତ ହୋଇଛି ଯେ ଅଧିକାଂଶ ଲୋକ ପଶୁହତ୍ୟାରେ ଭାଗ ନେବା ଅପରାଧର ବୋଝ ନ ନେଇ ସମ୍ପୂର୍ଣ୍ଣ ବଳବାନ୍ ହୋଇପାରନ୍ତି । ଖୁବ୍ କମ୍ ପ୍ରତିଶତ ସ୍ଥୂଳ ଶରୀର ହିଁ ନିରାମିଷ ଆହାର ନ ଖାଇ ଚଳି ପାରନ୍ତି ନାହିଁ । ଏହା ସେମାନଙ୍କ ପାଇଁ ଏକ ଦୁର୍ଭାଗ୍ୟଜନକ ଅବସ୍ଥା, କିନ୍ତୁ ଯଦି ଜଣେ ପ୍ରକୃତରେ ବୁଦ୍ଧିମତ୍ତାର ସହ ଏହି ପ୍ରକାରେ ନିଜର ଖାଦ୍ୟରେ ସଂସ୍କାର ଆଣିବା ପାଇଁ ଚେଷ୍ଟା କରିଥାଏ ଏବଂ ତାହା ସମ୍ଭବ ନୁହେଁ ବୋଲି ଦେଖେ, ସେ ତାକୁ ତାର କର୍ମଫଳ ବୋଲି ଗ୍ରହଣ କରିନେବା ଉଚିତ । ଏଭଳି ଏକ କ୍ଷେତ୍ରରେ, 'ମୁଁ ମୋର ଶରୀରକୁ ଜୋର କରିବି ମୁଁ ଯାହା ଚାହୁଁଛି ତାହା କରିବାକୁ, ନହେଲେ ସେ ଯାଉ । ମୁଁ ଶୁଦ୍ଧ ଖାଦ୍ୟ ନେଇ ବଞ୍ଚିବି, ନହେଲେ ଆଦୌ ବଞ୍ଚିବି ନାହିଁ' ବୋଲି କହିବା ସର୍ବଦା ନେଇ ଯଥାର୍ଥ ବା ବିଜ୍ଞୋଚିତ ହେବ ନାହିଁ ।

ଏହା ହୋଇପାରେ ଯେ, ମନୁଷ୍ୟର ଅନ୍ୟମାନଙ୍କ ପ୍ରତି କର୍ତ୍ତବ୍ୟ ରହିଛି ଏବଂ ଶରୀର ଦୁର୍ବଳ ହେଲେ ତାହା ସାଧିତ ହୋଇପାରିବ ନାହିଁ, ସେହି କର୍ତ୍ତବ୍ୟ ସଂପାଦନ ପାଇଁ ଟାଣୁଆ ସ୍ୱାସ୍ଥ୍ୟ ଦରକାର । ଅବଶ୍ୟ ମୁଁ ଜାଣେ ଯେ ଯେଉଁମାନେ ଉତ୍ତମ ଖାଦ୍ୟ ଭଲ ପାଆନ୍ତି ନାହିଁ ବା ନୂତନ ଖାଦ୍ୟ ସହିତ ନିଜର ଶରୀରକୁ ଖାପ ଖୁଆଇବା ପାଇଁ କଷ୍ଟ କରିବା ଏଡାଇ ଯାଆନ୍ତି, ସେହିମାନେ ଏହି ପ୍ରକାର ଉପଦେଶକୁ ଖୁବ୍ ସହଜରେ ଏକ ଆଳ ରୂପେ ବ୍ୟବହାର କରି ପାରନ୍ତି । ସେମାନଙ୍କ ପାଇଁ ପୂର୍ବୋକ୍ତ ମନ୍ତବ୍ୟ ଯଥାର୍ଥ, କାରଣ ଅଳ୍ପ କେତେକ ଦୁର୍ଭାଗା ଅଛନ୍ତି ଯେଉଁମାନଙ୍କ ପାଇଁ ସେହି ପୁରାତନ ଧାରା ଚାଲୁ ରଖିବା ଆବଶ୍ୟକ ।

ଆମିଷ ଆହାର ଅବାଞ୍ଛନୀୟ କାରଣ ପଶୁ ହତ୍ୟା ଏକ ନିଷ୍ଠୁର କାର୍ଯ୍ୟ ଏବଂ ଏହା ମଧ୍ୟ ଅବାଞ୍ଛନୀୟ କଣିକା ଗୁଡ଼ିକୁ ଆମର ଶରୀରଗୁଡ଼ିକ ଭିତରକୁ ନେଇ

ଆସେ ଯାହା ସେହି ଶରୀରଗୁଡ଼ିକୁ ସ୍ଥୂଳତର କରେ ଏବଂ ସେଗୁଡ଼ିକର ଉପାଦାନଗୁଡ଼ିକ ଭିତରେ ପାଶବିକ ବାସନା ଜାଗ୍ରତ କରାଏ । ଆହୁରି ବହୁ କାରଣ ମଧ୍ୟ ରହିଛି, ଯେଉଁଗୁଡ଼ିକୁ ମୁଁ ଥରେ ଏକତ୍ରିତ କରି କହିଥିଲି ମୋର ଏକ ଭାଷଣରେ ଯାହା ମୋର ବହି 'ସମ୍ ଗ୍ଲିମ୍ପସେସ୍ ଅଫ୍ ଅକଲଟିଜମ୍'ରେ ଦେଖିବାକୁ ମିଳିବ । ଏହା ଅଳ୍ପ କେତୋଟି ବିଷୟ ମଧ୍ୟରୁ ଅନ୍ୟତମ, ଯେଉଁଥିରେ ସମସ୍ତ ଯୁକ୍ତି ରହିଛି ଗୋଟିଏ ପାଖରେ । କାରଣ ମାଂସାହାର ସପକ୍ଷରେ କିଛି ନାହିଁ, କେବଳ ଗୋଟିଏ କଥା ବ୍ୟତୀତ ଯେ ଲୋକେ ଏହି ଅଭ୍ୟାସ ଅନୁସରଣ କରି ଚାଲିଛନ୍ତି । କାରଣ ସେମାନେ ଏହା ଭଲ ପାଆନ୍ତି । ମୋର ମନେ ହୁଏ ଯେ କୌଣସି ଜିଜ୍ଞାସୁ ପାଇଁ ଆମେ ଭଲ ଭାବେ ସ୍ପଷ୍ଟ କରି ଦେଇ ପାରୁ ଯେ ତାଙ୍କର ନିଜ ସ୍ୱାର୍ଥ ଦୃଷ୍ଟିରୁ ମାଂସାହାରରୁ ସଂପୂର୍ଣ୍ଣ ବିରତ ହେବା ଉଚିତ୍ । ଏହା କେବଳ ଏକ ନୀତିଗତ ପ୍ରଶ୍ନ ନୁହେଁ । ଯଦିଓ ନିଶ୍ଚିତ ଭାବେ ତାହା ଆମ ପକ୍ଷରେ ଯଥେଷ୍ଟ, କିନ୍ତୁ ନିରାମିଷ ଖାଦ୍ୟର ଫଳ ହେଉଛି ଉନ୍ନତତର ସ୍ୱାସ୍ଥ୍ୟ ଏବଂ କେତେକ ଭୟଙ୍କର ରୋଗକୁ ପ୍ରତିରୋଧ କରିବା । କେତେକ ତଥ୍ୟ ଦର୍ଶାଏ ଯେ ନିରାମିଷାହାରୀର ସହନଶକ୍ତି ଅପେକ୍ଷାକୃତ ଯଥେଷ୍ଟ ବେଶି ।

ସମୟେ ସମୟେ ଲୋକେ ଏହି ଧାରଣାର ବିରୋଧ କରନ୍ତି ଏବଂ କହନ୍ତି ଯେ ଯାହାହେଲେ ମଧ୍ୟ ଆମର ବଞ୍ଚିବା ପାଇଁ ଅନ୍ୟର ଜୀବନ ନଷ୍ଟ କରିବାକୁ ହେବ ଏବଂ ଯେଉଁମାନେ ନିରାମିଷାଶୀ ସେମାନେ ମଧ୍ୟ ସେପରି ଜୀବନ ନଷ୍ଟ କରିଥାନ୍ତି । ତାହା ସତ୍ୟ, ତେବେ ଏକ ସୀମିତ ପରିମାଣରେ । ମୁଁ ଭାବିବାରେ ଆମେ ଉଦ୍ଭିଦ ଜୀବନକୁ ନଷ୍ଟ କରୁଛୁ ବୋଲି କୁହା ଯାଇପାରେ, କିନ୍ତୁ ତାହା ଅଧିକ ଉପାଦାନିକ ଧରଣର ଏବଂ ସେଥିରେ ପଶୁ ଭଳି ତୀକ୍ଷ୍ଣ ବୋଧଶକ୍ତି ନାହିଁ ।

**ପଶୁହତ୍ୟା ଅପେକ୍ଷା ନରହତ୍ୟା ଗୁରୁତର**

ହତ୍ୟା ବିରୋଧରେ ମୌଳିକ ଆପତ୍ତି ହେଉଛି ଏଇଆ ଯେ ଏହା କ୍ରମବିକାଶ ଧାରାରେ ହସ୍ତକ୍ଷେପ କରେ । ଯଦି ଆପଣ ଏକ ମନୁଷ୍ୟକୁ ହତ୍ୟା କରନ୍ତି, ତେବେ ସେହି ବ୍ୟକ୍ତି ସାଧାରଣତଃ ଏକ ସ୍ତରକୁ ଯାଏ, ଯେଉଁଠାରେ ସେ ସ୍ଥୂଳସ୍ତରରେ ଯେଉଁ ସୁଖ କଦାଚିତ୍ ପାଇଥିଲା, ତାହାଠାରୁ ଅଧିକ ସୁଖରେ ରହିବ । ଆପଣ ଯେଉଁ ଭୁଲ କରନ୍ତି ତାହା ହେଉଛି ଏହି ଯେ ସେହି ଶରୀରରେ କ୍ରମବିକାଶର ଯେଉଁ ସୁଯୋଗ ସେହି ଲୋକ ପାଇଥାନ୍ତା, ସେଥିରୁ ଆପଣ ତାକୁ ବିଚ୍ୟୁତ କରିଛନ୍ତି । ସେ ପୁଣି ସୁଯୋଗ ପାଇବ ଅନ୍ୟ ଏକ ଶରୀରରେ, ପରବର୍ତ୍ତୀ କାଳରେ, କିନ୍ତୁ ଆପଣ ତାର ବିକାଶକୁ ବିଳମ୍ବିତ କରି ଦେଉଛନ୍ତି ଏବଂ କର୍ମାଧିପତି

ମାନଙ୍କୁ କଷ୍ଟ ଦେଉଛନ୍ତି ସେହି ମନୁଷ୍ୟର ବିବର୍ତ୍ତନ ପାଇଁ ଆଉ ଏକ ସ୍ଥାନ ଖୋଜିବାରେ ଏବଂ ଶିଶୁ ଅବସ୍ଥା ଓ ବାଲ୍ୟାବସ୍ଥା ମଧ୍ୟ ଦେଇ ତାକୁ ପରିଣତ ବୟସର ଅବସ୍ଥାରେ ପହଞ୍ଚାଇବାରେ-ଯେଉଁଥିରେ ସେ ବହୁ ପରେ ବିକାଶର ସୁଯୋଗ ପାଇବ ।

ସେହିହେତୁ ହିଁ ପଶୁ ହତ୍ୟା ଅପେକ୍ଷା ନରହତ୍ୟା ଏତେ ଅଧିକ ଗୁରୁତର । ମନୁଷ୍ୟକୁ ଏକ ସମ୍ପୂର୍ଣ୍ଣ ନୂତନ ବ୍ୟକ୍ତିତ୍ୱ ଗ୍ରହଣ କରିବାକୁ ହୁଏ । କିନ୍ତୁ ପଶୁକୁ ଫେରି ଯିବାକୁ ହୁଏ ତାର ଗୋଷ୍ଠୀ-ଆତ୍ମାକୁ, ଯେଉଁଥିରୁ ଜନ୍ମ ନେବା ଅପେକ୍ଷାକୃତ ସହଜ । ତଥାପି ଅଧିକତର ଉନ୍ନତ ପଶୁ କ୍ଷେତ୍ରରେ ଯେଉଁଠି ପ୍ରକଟନ ଅଧିକତର ଜଟିଳ ହୋଇଥାଏ, କ୍ରମବିକାଶ ଶକ୍ତିମାନଙ୍କୁ ବହୁ ପରିମାଣରେ କଷ୍ଟ ସ୍ୱୀକାର କରିବାକୁ ପଡ଼େ । କହିବାକୁ ଗଲେ ଗୋଟିଏ ମଶାକୁ ମାରି ଦେବା ଅତ୍ୟନ୍ତ ଗୁଣରେ ଏକ କ୍ଷୁଦ୍ରତର ବିଷୟ, କାରଣ ତାର ଜୀବନ ଛୁଟି ଯାଏ ତାର ଗୋଷ୍ଠୀ ଆତ୍ମାକୁ ଏବଂ ସେଥିରୁ ଖୁବ୍ କମ୍ ସମୟ ଭିତରେ ଫେରି ଆସେ । ସେହିପରି ଲକ୍ଷ ଲକ୍ଷ କୀଟପତଙ୍ଗର ବିନାଶ ଦ୍ୱାରା ମଧ୍ୟ ଯେଉଁ ଅସୁବିଧା ହୁଏ, ତାହା ଏକ ଘୋଡ଼ା, ଗାଈ, ବିରାଡ଼ି ବା କୁକୁରର ହତ୍ୟା ତୁଳନାରେ କିଛି ନୁହେଁ । ଜରୁରୀ ପରିସ୍ଥିତିରେ ନିଜର ଆତ୍ମରକ୍ଷା ବା ଅନ୍ୟର ସୁରକ୍ଷା ବ୍ୟତୀତ, ନିଜର କୌଣସି ଉଦ୍ଦେଶ୍ୟ ସାଧନ ସକାଶେ ଏକ ମଣିଷକୁ ହତ୍ୟା କରିବା କୌଣସି କଳ୍ପନୀୟ କ୍ଷେତ୍ରରେ ଯଥାର୍ଥ ହୋଇ ନପାରେ । ଯୋଗୀ ନିଜକୁ ମଧ୍ୟ ରକ୍ଷା କରନ୍ତି ନାହିଁ । ସେ ସମସ୍ତ ବିଷୟ କର୍ମର ନିୟମ ଉପରେ ଛାଡ଼ି ଦିଅନ୍ତି । ତଥାପି, ମୁଁ ବିଶ୍ୱାସ କରେ ଯେ ଆମ ଉପରେ ଆକ୍ରମଣ ହେବାବେଳେ ଆମର ଆମ ଜୀବନକୁ ରକ୍ଷା କରିବା ଯଥାର୍ଥ । ଏବଂ ମୁଁ ଏ ବିଷୟରେ ସମ୍ପୂର୍ଣ୍ଣ ନିଶ୍ଚିତ ଯେ ଆକ୍ରମଣକାରୀକୁ ହତ୍ୟା କରି ମଧ୍ୟ ଏକ ବନ୍ଧୁ ବା ଶିଶୁକୁ ରକ୍ଷା କରିବା ଯଥାର୍ଥ ।

ସବୁପ୍ରକାର ପଶୁମାନଙ୍କ ବିଷୟରେ ମଧ୍ୟ ସେହି କଥା ପ୍ରଯୁଜ୍ୟ । ଯଦି କୌଣସି ପଶୁ ଆପଣଙ୍କୁ ଆକ୍ରମଣ କରେ, ଆପଣଙ୍କର ଜୀବନକୁ ବା ଆପଣଙ୍କର ନିରାପତ୍ତାକୁ ବିପନ୍ନ କରେ, ମୋ ମତରେ, ଦରକାର ହେଲେ, ତାକୁ ହତ୍ୟା କରିବାର ଅଧିକାର ଆପଣଙ୍କର ରହିଛି । ସମଗ୍ର ପ୍ରଶ୍ନଟି ହେଉଛି-କାହା ଦ୍ୱାରା ଅଧିକ କ୍ଷତି ହେବ ? ଉଦାହରଣ ସ୍ୱରୂପ, ଆପଣ ଯଦି ମଶାମାନଙ୍କ ଦ୍ୱାରା କଷ୍ଟ ପାଉଛନ୍ତି, ଯେଉଁମାନେ ସେମାନଙ୍କ ପ୍ରାକୃତିକ ଖାଦ୍ୟ ପରିତ୍ୟାଗ କରି ଆପଣଙ୍କୁ ଆକ୍ରମଣ କରୁଛନ୍ତି ଏବଂ ଆପଣଙ୍କର ରକ୍ତକୁ ବିଷାକ୍ତ କରୁଛନ୍ତି ଏବଂ ହୁଏତ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନଷ୍ଟ କରୁଛନ୍ତି, ତେବେ ସେହି ମଶାଗୁଡ଼ିକୁ ମାରି ଦେବା

ଅପେକ୍ଷାକୃତ କମ୍ ମନ୍ଦ କାର୍ଯ୍ୟ ହୋଇପାରେ । ଯଦି ଆପଣ ଏକ ମଶାରି ଭିତରେ ଆଶ୍ରୟ ନେଇ ପାରିବେ କିମ୍ବା ମଶାମାନଙ୍କୁ ଘଉଡାଇ ଦେଇ ପାରିବେ, ତାହାହେଲେ ତ ଆହୁରି ଭଲ କଥା ।

ସ୍ୱଭାବ ଏବଂ ସହଜ ପ୍ରବୃତ୍ତି ଦୃଷ୍ଟିରୁ ମଶା ହେଉଛି ନିରାମିଷାଶୀ । ଲକ୍ଷ ଲକ୍ଷ ମଶା ଅଛନ୍ତି ଯେଉଁମାନେ କେବେହେଲେ ରକ୍ତ ଚାଖି ନାହାନ୍ତି । ସେମାନଙ୍କୁ ମଣିଷର ସଂସ୍ପର୍ଶକୁ ନେଇ ଆସନ୍ତୁ ଏବଂ ସେହି କଳୁଷିତ ସ୍ୱାଦ ଚଖାଇ ଦିଅନ୍ତୁ ଏବଂ ତାପରେ କଣ ହୁଏ ଆପଣ ଜାଣନ୍ତି । ଅନ୍ୟ ପ୍ରକାର କୀଟପତଙ୍ଗ କ୍ଷେତ୍ରରେ ମଧ୍ୟ ସେହି ଏକା କଥା । ସେମାନଙ୍କର ଯଥାର୍ଥ ସ୍ଥାନରେ ସେମାନେ ବେଶ୍ ଉତ୍ତମ; ତେବେ ମଣିଷମାନଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଆସିଲେ ତାହା ହୁଏ ନାହିଁ । ଆମେ ଯଦି ସେମାନଙ୍କୁ ଆମକୁ ପୀଡା ଦେବାକୁ ସୁବିଧା ଦେଉ, ତଦ୍ଦ୍ୱାରା ଆମେ ଯେ କେବଳ କଷ୍ଟ ପାଉ ତାହା ନୁହେଁ, ଆମେ ଅନ୍ୟମାନଙ୍କୁ ମଧ୍ୟ ସଂକ୍ରାମକ ରୋଗରେ ପୀଡିତ କରୁ, ଯେଉଁଥିରୁ ଆମେ ନଥିଲେ, ସେମାନେ ମୁକ୍ତ ହୋଇ ରହିଥାନ୍ତେ ।

ଯଦି ଆମର ଅସଂପୂର୍ଣ୍ଣ ଜ୍ଞାନ ହେତୁ, ଆମକୁ ଆକ୍ରମଣ କରୁଥିବା କୌଣସି ଜୀବକୁ ହତ୍ୟା କରିବା ବା ଲୋପ କରି ଦେବା ପାଇଁ ଆମର କୌଣସି ବିଶେଷ ଯଥାର୍ଥତା ନାହିଁ, ଏକଥା ସତ ଯେ କେତେ ପ୍ରକାର ଜୀବନ ବର୍ତ୍ତମାନ ଲୋପ ପାଇବାକୁ ବସିଛି । ହୁଏତ ସେମାନଙ୍କର ସ୍ଥିତି କାଳ ଶେଷ ହୋଇ ଆସିଛି କିମ୍ବା ସେମାନଙ୍କୁ ନେଇ ଯେଉଁ ପରୀକ୍ଷା କରାଯାଉଥିଲା, ସେଥିରେ ବର୍ତ୍ତମାନ ଉନ୍ନତି ଘଟିଛି ଏବଂ ସେମାନଙ୍କର ଆଉ ଦରକାର ନାହିଁ ।

କ୍ରମବିକାଶର ମହାନ୍ ଶକ୍ତିଗୁଡ଼ିକ କେତେକ ପରିମାଣରେ ପରୀକ୍ଷାମୂଳକ ପ୍ରୟୋଗ କରିଥାନ୍ତି ବୋଲି ଭାବିବା ଅସମ୍ଭାନଜନକ ନୁହେଁ । ଯେତେବେଳେ ଭଗବାନ ମୈତ୍ରେୟ ବିଶ୍ୱଗୁରୁ ରୂପେ ଭଗବାନ ବୁଦ୍ଧଙ୍କର ଉତ୍ତରାଧିକାରୀ ହେଲେ, ସେ ଧର୍ମ କ୍ଷେତ୍ରରେ କେତେକ ନୂତନ ପ୍ରଣାଳୀରେ ପରୀକ୍ଷା କରିଥିଲେ, ଯାହା ବିଫଳ ହେବ ବୋଲି ଅନୁମାନ କରାଯାଇ ପାରନ୍ତା । ଶ୍ରୀମତୀ ବ୍ଲାଭାଟସ୍କି ସମୟେ ସମୟେ ଜଗିରଖି କହୁଥିଲେ ଯେ କେତେକ ପଶୁ ଏବଂ ଉଦ୍ଭିଦ ଥିଲେ ଏକ ବିଫଳ ପ୍ରଚେଷ୍ଟା, ଯେଉଁମାନଙ୍କର ଜୀବନ-ରୂପ ପ୍ରବାହିତ ହୋଇ କ୍ରମଶଃ ବିଲୁପ୍ତ ହେବା ପାଇଁ ଛାଡ଼ି ଦିଆଯାଇଥିଲା । ସେହି ରୂପଗୁଡ଼ିକ ପ୍ରଥମରୁ ଯେଉଁ ପ୍ରକାର ଜୀବ ସକାଶେ ଉଦ୍ଦିଷ୍ଟ ଥିଲା, ତାହାଠାରୁ ନିମ୍ନତର ଜୀବମାନେ ସେଥିରେ ବାସ କରିବା ସକାଶେ ସମୟେ ସମୟେ ବ୍ୟବହୃତ ହେଉଥିଲା; ସମୟେ ଅନ୍ତଃବର୍ତ୍ତନଶୀଳ

ଜୀବମାନଙ୍କ ପାଇଁ ମଧ୍ୟ ତାହା ବ୍ୟବହୃତ ହେଉଥିଲା । ସେ କେତେକ କୀଟପତଙ୍ଗ ଏବଂ ସରୀସୃପର କୁତ୍ସିତ ରୂପକୁ ଗୌଣ ଉତ୍ପାଦନ ବୋଲି ଆଖ୍ୟା ଦେଇଥିଲେ ଏବଂ ସେଗୁଡ଼ିକୁ ହତ୍ୟା କରିବା ବିକାଶଶୀଳ ଜୀବନ ରୂପଗୁଡ଼ିକୁ ହତ୍ୟା କରିବା ସହ କୌଣସି ପ୍ରକାରେ ସମାନ ନୁହେଁ ବୋଲି ବିଚାର କରୁଥିଲେ ।

କେତେକ କ୍ଷେତ୍ରରେ ଜୀବନକୁ ବିନାଶ ନ କରିବା ତତ୍ତ୍ୱକୁ ଚରମ ସୀମାକୁ ନିଆ ଯାଇଛି ଉଦାହରଣ ସ୍ୱରୂପ, ଯେଉଁଠି ଲୋକେ ମୂଷା ବା ଛାରପୋକ ଇତ୍ୟାଦିକୁ ମାରି ଦେବାକୁ ରାଜି ହୁଅନ୍ତି ନାହିଁ ଏବଂ ନିଜକୁ ଛାଡ଼ି ଦିଅନ୍ତି ସେମାନଙ୍କର ଖାଦ୍ୟ ହୋଇ ମରିବାକୁ, ତାହା କୌଣସି ସଭ୍ୟ ମାନବ ପକ୍ଷରେ ପ୍ରଶଂସନୀୟ ନୁହେଁ । ପୁନଶ୍ଚ ଯେଉଁ ବ୍ୟକ୍ତି ଉପାଦେୟ ବହିଗୁଡ଼ିକର ଏକ ପୁସ୍ତକାଳୟ ରଖିଛନ୍ତି, ସମୟେ ସମୟେ ଦେଖନ୍ତି ଯେ ସେଗୁଡ଼ିକୁ ଛୋଟ ଛୋଟ ଧଳା କୀଟ ନଷ୍ଟ କରି ଦେଉଛନ୍ତି । ସେମାନଙ୍କୁ ଘଉଡାଇ ଦେବା ଶ୍ରେୟସ୍କର ହେବ, କିନ୍ତୁ ଯେଉଁ ବହିଗୁଡ଼ିକ ନିଜ କାମ ବ୍ୟତୀତ ଅନ୍ୟମାନଙ୍କ କାମରେ ଲାଗି ପାରିବ, ସେଗୁଡ଼ିକୁ ନଷ୍ଟ ହେବାକୁ ଦେବା ଅପେକ୍ଷା, ସେହି କୀଟଗୁଡ଼ିକୁ ନଷ୍ଟ କରି ଦେବା ନିଶ୍ଚିତ ଭାବେ ଭଲ ହେବ । ବହୁ କ୍ଷୁଦ୍ର ଜୀବ ରହିଛନ୍ତି, ଯେଉଁମାନେ ସୁବିଧା ପାଇଲେ, ଆମର ବଞ୍ଚି ରହିବାକୁ କାର୍ଯ୍ୟତଃ ଅସମ୍ଭବ କରିଦେବେ । ଯେଉଁ ଯୋଗୀ କେବେହେଲେ ଜୀବନ ନଷ୍ଟ କରନ୍ତି ନାହିଁ, ତାଙ୍କୁ ସର୍ବଦା ଖାଦ୍ୟ ଯୋଗାଇ ଦିଆଯାଏ । କିନ୍ତୁ ଯେଉଁ କୃଷକ ତାଙ୍କୁ ସେହି ଖାଦ୍ୟ ଯୋଗାଇ ଦିଏ, ସେ ନିଜର ଫସଲକୁ ମୂଳ ଖୋଜି ଦେଉଥିବା ଏବଂ ନଷ୍ଟ କରୁଥିବା ଜୀବଜନ୍ତୁ ଓ କୀଟପତଙ୍ଗଠାରୁ ରକ୍ଷା କରିବା ଦରକାର ପଡ଼ିଥାଏ । ଅଷ୍ଟ୍ରେଲିଆରେ ଚାଷୀକୁ ବିଶେଷ କରି ଠେକୁଆମାନଙ୍କୁ ଜଗିବାକୁ ହୋଇଥାଏ । ଏହି ଠେକୁଆମାନେ ବାହାରୁ ଅଷ୍ଟ୍ରେଲିଆ କୁ ଅଣା ହୋଇ ଏଭଳି ଲକ୍ଷ ଲକ୍ଷ ସଂଖ୍ୟାରେ ବଢି ଯାଇଛନ୍ତି ଯେ ଯଦି ସେମାନଙ୍କୁ ଖୋଲା ଖୋଲି ଛାଡ଼ି ଦିଆଯାଏ, ତେବେ ସେମାନେ ସଭ୍ୟତାର ପ୍ରତ୍ୟେକ ଚିହ୍ନ ନଷ୍ଟ କରିଦେବେ ।

କେବଳ ନିଜର ଖାଦ୍ୟ ଦୃଷ୍ଟିରୁ ଯେ ମଣିଷକୁ କେତେକ ପୋକ ଜୋକକୁ ନଷ୍ଟ କରିବାକୁ ହୁଏ, ତାହା ନୁହେଁ, ଅନ୍ୟର ସୁରକ୍ଷା ପାଇଁ ମଧ୍ୟ ତାହା କରିବାକୁ ହୁଏ । କାରଣ ଯଦି ଜଣେ ଚାଷ କରେ ବା ଗଛ ଲଗାଏ, ବା ପନି ପରିବା କରେ, ତେବେ ସେହି ରୂପ ମଧ୍ୟରେ ଯେଉଁ ଜୀବନ ରହିଥାଏ, ତାହା ପ୍ରତି ତାର କେତେକ ଦାୟିତ୍ୱ ରହିଅଛି । ମୁଁ ଭାବେଯେ ଏହି ସମସ୍ତ ବିଷୟରେ ଆମର ସାଧାରଣ ଜ୍ଞାନ ବ୍ୟବହାର କରିବାକୁ ହେବ ପ୍ରତ୍ୟେକ ପର୍ଯ୍ୟାୟରେ । ଯାହାହେଲେ

ମଧ୍ୟ, ଯେତେବେଳେ ଦରକାର ନାହିଁ, ସେତେବେଳେ ଜିହ୍ୱା ଲାଳସା ଚରିତାର୍ଥ କରିବା ସକାଶେ ଗାଈ ଏବଂ ମେଣ୍ଢା ଭଳି ଉଚ୍ଚ ବିକଶିତ ଜୀବମାନଙ୍କୁ ହତ୍ୟା କରିବାଠାରୁ ଆତ୍ମରକ୍ଷା ପାଇଁ ପଶୁ ହତ୍ୟା ନିଶ୍ଚିତ ଭାବେ ଭିନ୍ନ ।

**ଅଚ୍ଛବ ଜାତି**

ଭାବି ଦେଖ, ଆମର ପ୍ରିୟ ଭାରତରେ ଅନ୍ଧ ବିଶ୍ୱାସ ଅନୁନ୍ନତ ଶ୍ରେଣୀର ଲୋକଙ୍କ ପ୍ରତି କି ପ୍ରକାର ବ୍ୟବହାର କରିଛି ଏବଂ ଦେଖ ସେଥିରେ ଏହି ମନ୍ଦ ଗୁଣ କିପରି ଭାତୃତ୍ୱର କର୍କଶ ସଂପର୍କରେ ଜାଣିଥିବା ଲୋକଙ୍କ ଭିତରେ ମଧ୍ୟ ହୃଦୟହୀନ ନିଷ୍ଠୁରତାକୁ ଜାତ କରାଇ ପାରେ ।

**ଲେଡ୍‌ବିଟର୍** – ସମୟେ ସମୟେ ପଞ୍ଚମା ବା ପଞ୍ଚମ ଜାତି ରୂପେ ଅଭିହିତ, ପ୍ରକୃତରେ ସମାଜଚ୍ୟୁତ, ବର୍ତ୍ତମାନ ହରିଜନ ରୂପେ ଅଭିହିତ, ଭାରତର ଏକ ସମୟର ଅନୁନ୍ନତ ବର୍ଗ ହେଉଛନ୍ତି ଭାରତର ମୂଳ ଅଧିବାସୀମାନଙ୍କ ଦାୟାଦ ଯେଉଁ ଅଧିବାସୀମାନଙ୍କୁ ଆର୍ଯ୍ୟମାନେ ଦେଖିଥିଲେ ଯେତେବେଳେ ସେମାନେ ହିମାଳୟ ଡେଇଁ ଆସିଥିଲେ । ମନୁ ଯେଉଁ ଜାତି-ନିୟମର ବ୍ୟବସ୍ଥା କରିଥିଲେ ସେ ସବୁ ସେହି କାଳରେ ବଂଶଶୁଦ୍ଧତା ରକ୍ଷାପାଇଁ ଉତ୍ତମ ଆକର୍ଷଣୀୟ ନିୟମ ଥିଲା । ଏହା ନୂଆ ବାସିନ୍ଦାମାନଙ୍କୁ ସେମାନଙ୍କ ସହିତ ବିବାହ, ମିଳାମିଶା, କିମ୍ବା ଭୋଜନ କରିବାକୁ ବାରଣ କରିଥିଲା । କିନ୍ତୁ ତାହା ପୁଣି ସେମାନଙ୍କୁ ଘୋର ନିଷ୍ଠୁରତା ସହ ବ୍ୟବହାର କରାଯାଇଛି ।

ଭାରତୀୟ ଜନତାର ଅଧିକ ବିଶେଷ ସୁବିଧା ଭୋଗୀ ଶ୍ରେଣୀର ଲୋକମାନଙ୍କର କର୍ତ୍ତବ୍ୟ । ଏବଂ କର୍ମରଣ ପରିଶୋଧ ପାଇଁ ମଧ୍ୟ ଅବଶ୍ୟ କର୍ତ୍ତବ୍ୟ ହେଉଛି ଏହି ଲୋକମାନଙ୍କର ଉନ୍ନତି କରିବା, ଯେଉଁମାନଙ୍କ ଉପରେ ସେମାନଙ୍କର ପୂର୍ବପୁରୁଷଗଣ ଜୟଲାଭ କରିଥିଲେ । ସେମାନଙ୍କର ପ୍ରକୃତ ଉଦାରତା, ଏବଂ ସେମାନଙ୍କର ସ୍ୱାଭାବିକ ଆର୍ଯ୍ୟ ସଦଗୁଣ ସେମାନଙ୍କୁ ଏହି ଆବଶ୍ୟକୀୟ କାର୍ଯ୍ୟ ପାଇଁ ପ୍ରବର୍ତ୍ତାଇବ ।

ଏ କଥା ସତ ଯେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟରେ ଜନ୍ମ ନେବା ସର୍ବଦା ମଣିଷକୁ କେତେକ ନିର୍ଦ୍ଦିଷ୍ଟ ସୁଯୋଗ ଦେଇଥାଏ, କିନ୍ତୁ ତାହାର ଅର୍ଥ ନୁହେଁ ଯେ ସେ ତାର ସର୍ବାଧିକ ଉପଯୋଗ କରିଥାଏ । ଏକ ଅଯୋଗ୍ୟ ବ୍ରାହ୍ମଣ ପରିବାରଭୁକ୍ତ ହେବା ଅପେକ୍ଷା ନିମ୍ନତର ଜାତିର ଏକ ଭଦ୍ର ଲୋକ ଘରେ ଜାତ ହେବା ଅଧିକ ଉତ୍ତମ ସୁଯୋଗ ଯୋଗାଇ ଦେବ । ଅନେକ ସମୟରେ ଲୋକେ କୌଣସି ଲକ୍ଷ୍ୟ ସାଧନ ପାଇଁ ଉଦ୍ୟମ କରନ୍ତି ଏବଂ ଯେତେବେଳେ ତାହା ଲାଭ କରନ୍ତି, ତଦଜନିତ

ସୁବିଧା ଗୁଡ଼ିକର ଯଥାର୍ଥ ଉପଯୋଗ କରିବାରେ ବିଫଳ ହୁଅନ୍ତି । ସୁତରାଂ ଜଣେ ଖରାପ ବ୍ରାହ୍ମଣ ହୁଏତ ପ୍ରଥମ ଥର ପାଇଁ ସେହି ବ୍ରାହ୍ମଣ ଜନ୍ମ ନେଉଛି କିମ୍ବା ହୁଏତ ଏକ ପୂର୍ବ ଜନ୍ମରେ ତାର ସୁବିଧା ସୁଯୋଗର ଅବହେଳା ବା ଦୁରୁପଯୋଗ କରିଛି । କେବଳ କେତେକ ବିରଳ ଘଟଣାରେ ଏହା ସତ ହୁଏ ।

ସେ ଦାସ ରୂପେ ପରିଶ୍ରମ କରେ ସେ ରାଜକୁମାର ହୋଇ ଆସିପାରେ ତା'ର ଭଦ୍ରତା, ଉପଯୁକ୍ତତା ଏବଂ ସୁଗୁଣ ସକାଶେ;

ଯେ ରାଜା ହୋଇ ଶାସନ କରୁଥିଲା, ସେ ଛିନ୍ନ ବସ୍ତ୍ରରେ ପୃଥିବୀ ଘୂରି ବୁଲେ ତାର କେତେକ କରିଥିବା ଏବଂ ନ କରିଥିବା କାର୍ଯ୍ୟ ପାଇଁ ।[୧]

**ପ୍ରେମମୟ ଈଶ୍ୱରଙ୍କ ନାମରେ, ଅନ୍ଧ ବିଶ୍ୱାସର ଭୟାନକତାଦ୍ୱାରା ପ୍ରଭାବିତ ହୋଇ ବହୁ ଅପରାଧ କରାଯାଇଛି ।**

**ଲେଡ୍‌ବିଟର୍** – ଅନ୍ଧବିଶ୍ୱାସ ସମ୍ପର୍କରେ ଆଉ ଏକ କଥା ହେଉଛି ଯେ ଯେଉଁ ବ୍ୟକ୍ତି ଏହା ହେତୁ ସର୍ବାଧିକ କ୍ଷତି ସାଧନ କରେ, ତାର ଉଦ୍ଦେଶ୍ୟ ଥାଏ ସର୍ବୋତ୍ତମ ଏବଂ ସେ ତାର ନିୟମକୁ ଅକ୍ଷରେ ଅକ୍ଷରେ ନିଷ୍ଠାର ସହ ପାଳନ କରୁଥାଏ । ଯେ ପ୍ରକୃତରେ ସ୍ୱାର୍ଥପର ଖରାପ ଲୋକ ଏଭଳି ଲୋକେ ଅଛନ୍ତି, ଯଦିଓ ସେମାନଙ୍କ ସଂଖ୍ୟା ହୁଏତ ବେଶି ନୁହେଁ ସେ ନିଜର ବାସନାଗୁଡ଼ିକର ପୂରଣ କରିବା ପାଇଁ ସର୍ବାଧିକ ଚିନ୍ତିତ । ସେ ଅନ୍ୟମାନଙ୍କ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ଚାହେଁ ନାହିଁ, ଯଦି ସେମାନେ ତାର ପଥରେ ପ୍ରତିବନ୍ଧକ ନ ହୁଅନ୍ତି । ସୁତରାଂ, ମୋଟ ଉପରେ, ସେ ପୃଥିବୀରେ ଏତେ ବେଶି ଖରାପ କାମ କରେ ନାହିଁ । ଭଲ ଉଦ୍ଦେଶ୍ୟ ଥିବା ମୂର୍ଖ ଲୋକ ହିଁ ପ୍ରକୃତରେ ଏକ ଅଧିକ ଗୁରୁତର ବିପଦ, କାରଣ ସେ ସର୍ବଦା ଅନ୍ୟମାନଙ୍କ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ଚାହେଁ । ଉଦାହରଣ ସ୍ୱରୂପ, ଧର୍ମପ୍ରଚାରକଗଣ ଅନେକ ସମୟରେ ସେପରି କରିଥାନ୍ତି ।

ମୋର ସନ୍ଦେହ ନାହିଁ ଯେ ୟୁରୋପ ଏବଂ ଆମେରିକାରୁ ପ୍ରେରିତ ଧର୍ମପ୍ରଚାରକଗଣ ମଧ୍ୟ-ଆଫ୍ରିକାର ଆଦିମ ଜାତିମାନଙ୍କ ପାଇଁ ଏବଂ ସେହି ପ୍ରକାର ଅନୁନ୍ନତ ଲୋକଙ୍କ ପାଇଁ ବହୁତ ଭଲ କାମ କରିଛନ୍ତି । କିନ୍ତୁ ଭାରତରେ, ଯେଉଁଠି

---

(୧) *'ଲାଇଟ୍ ଅ୍ ଏସିଆ' ଅଷ୍ଟମ ଭାଗ*

ଧର୍ମ-ଦର୍ଶନ ଏବଂ ସମସ୍ତ ମହତ୍ତର ଏବଂ ଉଚ୍ଚତର ଚିନ୍ତା ସମ୍ପର୍କରେ ରାସ୍ତାର ଯେକୌଣସି ସାଧାରଣ ମୂଲିଆ ସାଧାରଣତଃ ଧର୍ମପ୍ରଚାରକଙ୍କ ଠାରୁ ଅଧିକ ଜାଣେ, ସେଇଠି ସେହି ଧର୍ମପ୍ରଚାରକଙ୍କ ଠାରୁ ଅଧିକ ଜାଣେ, ସେଇଠି ସେହି ଧର୍ମପ୍ରଚାରକ ହାସ୍ୟାସ୍ପଦ ଭାବେ ଅନୁପଯୁକ୍ତ । ତାଙ୍କର ଉଦ୍ଦେଶ୍ୟ ବେଶ୍ ଭଲ, କିନ୍ତୁ ସେ ବିଶେଷ ପରିମାଣରେ କ୍ଷତି କରନ୍ତି । ଆମେରିକା ଓ ଇଂଲାଣ୍ଡରେ ଗରୀବ ବୃଦ୍ଧାଗଣ ଜୀବନର ଆବଶ୍ୟକତାଗୁଡ଼ିକ ମଧ୍ୟ ପରିତ୍ୟାଗ କରନ୍ତି ଏହି ପ୍ରଚାରକମାନଙ୍କୁ ସାହାଯ୍ୟ କରିବା ପାଇଁ ଏବଂ ଭାବନ୍ତି ଯେ ସେମାନେ ଖ୍ରୀଷ୍ଟଙ୍କ ସକାଶେ ଏହା କରନ୍ତି ! ସେମାନଙ୍କର ଆଦୌ କୌଣସି ଧାରଣା ନାହିଁ ଯେ ଖ୍ରୀଷ୍ଟଙ୍କର ହଜାର ହଜାର ବର୍ଷ ପୂର୍ବରୁ ଭାରତରେ ଥିଲା ଏକ ମହାନ୍ ଧର୍ମ ଏବଂ ଦର୍ଶନ । ସେମାନଙ୍କର ଅର୍ଥର ବରଂ ଅଧିକ ସୁଦୁପଯୋଗ କରାଯାଇ ପାରନ୍ତା ଇଂଲାଣ୍ଡରେ ବିଧର୍ମୀମାନଙ୍କୁ ବଦଳାଇବା ପାଇଁ ।

**ସୁତରାଂ ବିଶେଷ ଯତ୍ନବାନ୍ ହୁଅ, ଯେମିତି ଏହା ତିଳେ ମାତ୍ର ତୁମ ଭିତରେ ନ ରହେ ।**

**ଲେଡ୍‌ବିଟର୍** – ଏହା ଉପରେ ଯେଉଁ ଜୋର୍ ଦିଆଯାଇଛି, ତାହା ସ୍ପଷ୍ଟ ଭାବେ ଦେଖାଇ ଦିଏ ଯେ ଆମେ ନ ଜାଣି ମଧ୍ୟ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇଯିବାର ବିପଦ ରହିଛି । ସୁତରାଂ ଆମେ ଯତ୍ନର ସହିତ ଲକ୍ଷ୍ୟ ରଖିବା ଭଲ ହେବ ଯେ କୌଣସି ପ୍ରଶ୍ନର ସର୍ବଦା ଅନ୍ତତଃ ଦୁଇଟି ଦିଗ ରହିଛି । କେହିହେଲେ ସମଗ୍ର ବିଷୟଟିକୁ ଦେଖନ୍ତି ନାହିଁ-ବ୍ରହ୍ମବିଦ୍ୟା ସମିତିର ସଭ୍ୟମାନେ ମଧ୍ୟ ନୁହଁନ୍ତି । ଯେତେବେଳେ ଆମେ ଈଶ୍ୱରଙ୍କ ସହିତ ତାଙ୍କ ନିଜ ସ୍ତରରେ ସଚେତ ଅବସ୍ଥାରେ ଏକ ହୋଇ ପାରିବା, ସେତେବେଳେ ଆମେ ପ୍ରତ୍ୟେକ ବିଷୟକୁ ସମସ୍ତ ଦିଗରୁ ଦେଖିବା ଏବଂ କହି ପାରିବା, 'ମୋର ମତ ଠିକ୍ ।' କିନ୍ତୁ ଯେତେବେଳେ ତାହା ଘଟିବ ଆମର ମତରେ ହୁଏତ ଅନ୍ୟ ସମସ୍ତ ମତ ଅନ୍ତର୍ଭୁକ୍ତ ହେବ, କାରଣ ସମସ୍ତ ମତ ଭିତରେ କିଛି ସତ୍ୟର ବୀଜ ସାଧାରଣତଃ ନିହିତ ଥାଏ ।

**ଏହି ତିନିଟି ଅପରାଧ ତୁମକୁ ଅବଶ୍ୟ ପରିତ୍ୟାଗ କରିବାକୁ ହେବ, କାରଣ ସେଗୁଡ଼ିକ ସମସ୍ତ ପ୍ରଗତି ପ୍ରତି ମାରାତ୍ମକ, କାରଣ ସେଗୁଡ଼ିକ ପ୍ରେମ ବିରୁଦ୍ଧରେ ପାପ କରନ୍ତି ।**

**ତାହା ପୁରୁଷଙ୍କ ମଧ୍ୟରେ ପାର୍ଥକ୍ୟ**

**ଲେଡ୍‌ବିଟର୍ –** ଗୁରୁ କୁଥୁମି ଯେଉଁ ଧାରାରେ ରହିଛନ୍ତି ସେହି ଧାରାର ବିଶେଷ ଉପଦେଶ ଅନୁଯାୟୀ ପ୍ରେମ ହିଁ ଆମର ଜୀବନର ନିୟାମକ ହୋଇ ଆମର ଅନ୍ୟ ସମସ୍ତ କ୍ଷମତାକୁ ଉଜ୍ଜୀବିତ କରିବା ଉଚିତ । ଅନେକଙ୍କ ପକ୍ଷରେ ସଠିକ୍ ଭାବେ ବୁଝିବା କଷ୍ଟକର ହୁଏ କିପରି ଗୁରୁମାନେ, ନିଜ ଭିତରେ ଆମର କଳ୍ପନୀୟ ସମସ୍ତ ଉଚ୍ଚତମ ଏବଂ ମହତ୍ତମ ଗୁଣର ଅଧିକାରୀ ହୋଇ ମଧ୍ୟ, କୌଣସି ମତେ ଅନ୍ୟ ଗୁଣଗୁଡ଼ିକ ଅପେକ୍ଷା ଏକ ଗୁଣରେ ଅଧିକ ନିର୍ଦ୍ଦିଷ୍ଟ ହୋଇଥାନ୍ତି । ଆମେ ଜାଣିବାରେ ଗୁରୁ ମୋର୍ଯ୍ୟ ହେଉଛନ୍ତି ପ୍ରଥମ ରଶ୍ମିର ପ୍ରତିନିଧି ଏବଂ ତାଙ୍କର ସର୍ବାଧିକ ବିଶେଷତ୍ୱ ହେଉଛି ଇଚ୍ଛାଶକ୍ତି ଏବଂ କ୍ଷମତା; ଅଥଚ ଏଇଆ ମନେ କରିବା ଭୁଲ୍ ହେବ ଯେ ଅନ୍ୟ ଗୁରୁମାନଙ୍କ ତୁଳନାରେ ତାଙ୍କର ରହିଛି କମ୍ ପ୍ରେମ ବା ଜ୍ଞାନ । ସେହିପରି ମଧ୍ୟ ପ୍ରଥମ ରଶ୍ମିର ଗୁରୁମାନଙ୍କ ତୁଳନାରେ ଗୁରୁ କୁଥୁମିଙ୍କର କିଛି କମ୍ କ୍ଷମତା ରହିଛି ବୋଲି ଆମେ ଭାବିବା ସମ୍ପୂର୍ଣ୍ଣ ଭୁଲ୍ ହେବ । ଏହି ପାର୍ଥକ୍ୟଗୁଡ଼ିକୁ ମାନବୀୟ ଜ୍ଞାନର ସୀମା ବାହାରେ ।

ସେହିପରି ମହାପୁରୁଷମାନଙ୍କର ସ୍ତରରେ ମଧ୍ୟ ପାର୍ଥକ୍ୟ ରହିଛି । ବୋଧିସତ୍ତ୍ୱ ଆମର ଗୁରୁମାନଙ୍କ ଅପେକ୍ଷା ଅତିଶୟ ଅଧିକ ଉଚ୍ଚ ସ୍ତରରେ ରହିଛନ୍ତି । ଆମମାନଙ୍କ ଆଗରେ ସେମାନେ ଏତେ ମହାନ୍ ଦେଖାଯାନ୍ତି ଯେ ଆମେ ସେମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖିବାକୁ ସାହସ କରିପାରୁ ନାହିଁ । ସେମାନେ ଅନ୍ଧ କରିଦେବା ଭଳି ଜ୍ୟୋତିଷ୍ମାନ୍ ସୂର୍ଯ୍ୟ ସମୂହ ଏବଂ ଆମ ସକାଶେ ଏକ ମହାନ୍ ଦେବ ଏବଂ ଦେବରାଜଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଅଥଚ ଜଣେ ଅନ୍ୟ ତୁଳନାରେ ଏକ ଜାଗ୍ରତ, ଏକ ବିବର୍ତ୍ତନର ଊର୍ଦ୍ଧ୍ୱରେ । ସୌରାଧିପତି ତାଙ୍କର ଏହି ଅଂଶମାନଙ୍କ ତୁଳନାରେ ଅବଶ୍ୟ ଅଧିକ କ୍ଷମତାଶୀଳ ହୋଇଥିବେ; ଯଦିଓ ମନେ ହୁଏ ଯେ କୌଣସି ସତ୍ତା ସେମାନଙ୍କ ଅପେକ୍ଷା ଅଧିକତର ଶକ୍ତିଶାଳୀ ହୋଇ ନପାରନ୍ତି । ଗୁରୁଙ୍କର ଜ୍ଞାନ ଏବଂ ଶକ୍ତି ଆମଠାରୁ ଏତେ ବେଶି ଯେ ଆମ ସକାଶେ ସମଗ୍ର ବିଷୟ ଆମକୁ ଅନ୍ଧ କରିଦେବା ଭଳି ଆଲୋକମୟ; କିନ୍ତୁ ପାର୍ଥକ୍ୟ ରହିଛି ।

■■■

## ଷଷ୍ଠ ଅଧ୍ୟାୟ

# ସେବା

**କିନ୍ତୁ ତମେ ଏହିପରି କେବଳ ମାତ୍ର ମନ୍ଦ କାର୍ଯ୍ୟରୁ ନିବୃତ୍ତ ହେଲେ ହେବ ନାହିଁ; ତୁମକୁ ଉତ୍ତମ କାର୍ଯ୍ୟ କରିବାରେ ଅବଶ୍ୟ ସକ୍ରିୟ ହେବାକୁ ପଡ଼ିବ । ସେବା କରିବାର ପ୍ରବଳ ଇଚ୍ଛାରେ ତୁମକୁ ଏଭଳି ପୂର୍ଣ୍ଣ ହେବାକୁ ପଡ଼ିବ ଯେ ତାହା ଫଳରେ ତୁମେ ସର୍ବଦା ଲକ୍ଷ୍ୟ ରଖିବ ତୁମ ଚାରି ପାଖରେ ସମସ୍ତଙ୍କର ସେବା କରିବା ପାଇଁ । କେବଳ ମଣିଷକୁ ନୁହେଁ; ପଶୁମାନଙ୍କୁ ଏବଂ ଗଛମାନଙ୍କୁ ମଧ୍ୟ । ପ୍ରତି ଦିନ ଛୋଟ ଛୋଟ କଥାରେ ତୁମକୁ ସେବା କରିବାକୁ ହେବ, ଯାହାଦ୍ୱାରା ତାହା ଅଭ୍ୟାସରେ ପରିଣତ ହେବ । ଯାହା ଫଳରେ ଯେତେବେଳେ ସେହି ମହାନ୍ ସୁଯୋଗ ଆପେ ଆପେ ଆସି ପହଞ୍ଚି ଯିବ କାର୍ଯ୍ୟକାରୀ ହେବା ପାଇଁ, ତୁମେ ସେହି ଦୁଷ୍ପ୍ରାପ୍ୟ ସୁଯୋଗ ହରାଇ ବସିବ ନାହିଁ ।**

**ଲେଡ୍‌ବିଟର୍** – ଆମେ ଯଦି ସତାଗତାର ଅଭ୍ୟାସ କରି ନଥିବା, ତେବେ କୌଣସି ବ୍ୟକ୍ତିକୁ ସାହାଯ୍ୟ କରିବାର ସୁଯୋଗକୁ ଆମେ ବହୁ ସମୟରେ ହରାଇ ବସିବା । କିନ୍ତୁ ଯଦି ଆମର ସେହି ଅଭ୍ୟାସ ହୋଇଥିବ, ଆମେ ବହୁ ସୁଯୋଗକୁ ଛାଡ଼ି ଦେବାର ସମ୍ଭାବନା ରହିବ ନାହିଁ, କାରଣ ତାହା ସର୍ବାଧିକ ଅସାଧାରଣ ପରିବେଶରେ କିମ୍ବା ସର୍ବାଧିକ କାଳରେ ମଧ୍ୟ ନିଜକୁ ଜାହିର କରିବ । ସୈନ୍ୟମାନଙ୍କୁ ଯେ ଦୀର୍ଘକାଳ ଧରି ଏକ ପ୍ରକାର ଯନ୍ତ୍ରଣା ଦାୟକ ଅଭ୍ୟାସରେ ରଖାଯାଏ, ତାହାର ସମଗ୍ର କାରଣ ହେଉଛି ସେଇଆ । ତାହା ଦ୍ୱାରା ଯେତେବେଳେ କେତେକ ଆଦେଶ ଦିଆଯାଏ, ସେତେବେଳେ ସଠିକ୍ ଭାବେ କ'ଣ କରିବାକୁ ହେବ ତାହା ଯେ କେବଳ ସେମାନେ ହିଁ ଜାଣି ପାରିବେ ତାହା ନୁହେଁ, ବରଂ କେତେକ ଅଭ୍ୟାସକୁ ସେମାନଙ୍କର ସହଜାତ

ପ୍ରବୃତ୍ତିର ଅଂଶ କରିନେଇ ପାରିଥିବେ । ଆଜିକାଲି ନ ହେଲେ ମଧ୍ୟ, ପୁରୁଣା କାଳରେ ଯୁଦ୍ଧ ସମୟରେ ସୈନ୍ୟ ନିଜକୁ ସମ୍ପୂର୍ଣ୍ଣ ନୂତନ ପରିବେଶ ମଧ୍ୟରେ ଦେଖିବାକୁ ପାଉଥିଲା । ସେ ଯେତେ ନିର୍ଭୀକ ହେଲେ ମଧ୍ୟ ତାହା ତାର ସାହସର ପରୀକ୍ଷା କରି ନେଉଥିଲା; ସେହି ପରିବେଶ ଏପରି ଥିଲା ଯେ ଯଦି ତାହାର ବୁଦ୍ଧିର ଭ୍ରମ ହୁଅନ୍ତା, ତେବେ ତାକୁ ବେଶ୍ କ୍ଷମା ଦିଆଯାଇପାରନ୍ତା । କିନ୍ତୁ ସେହିପରି ଏକ ଆପଦ କାଳରେ ମଧ୍ୟ ସେହି ଅଭ୍ୟାସ ନିଜକୁ କର୍ତ୍ତବ୍ୟ ରୂପେ ଜାହିର କରିଥାଏ ଏବଂ ମଣିଷ ଆଦେଶ ପାଳନ କରି ଯାହା ଦରକାର ତାହା କରିଥାଏ ।

ଉତ୍ତମ କାର୍ଯ୍ୟ କରିବାରେ ସକ୍ରିୟ ହେବା ସମ୍ପର୍କରେ ଏହି ମନ୍ତବ୍ୟ ଯେଉଁମାନଙ୍କ କାର୍ଯ୍ୟକଳାପଠାରୁ ଭିନ୍ନ, ତଥାପି କୌଣସିଭାବେ ସେହିମାନଙ୍କ ବିରୋଧୀ ନୁହେଁ । ସେହି ପ୍ରକାର ମନ୍ତବ୍ୟ ସହଜରେ ବ୍ୟବହାର କରାଯାଇ ପାରେ ଧ୍ୟାନରତ ସାଧୁ ଏବଂ ସନ୍ନ୍ୟାସୀ ମାନଙ୍କ ବିରୁଦ୍ଧରେ କିମ୍ବା ଭାରତର ବ୍ରାହ୍ମଣ ଜାତି ବିରୋଧରେ । ପୁରାତନ କାଳର ବିଚାର ଥିଲା ଯେ ବ୍ରାହ୍ମଣ ହେଉଛନ୍ତି ଦେଶର ଆଧ୍ୟାତ୍ମିକ ନେତା । ସେ ନିଜର ସମସ୍ତ ସମୟକୁ ସମଗ୍ର ସମାଜର ମଙ୍ଗଳ ପାଇଁ କର୍ମକାଣ୍ଡ ଏବଂ ଧର୍ମାନୁଷ୍ଠାନରେ ତଥା ଅଧ୍ୟୟନ, ଅଧ୍ୟାପନା ଏବଂ ଉପଦେଶ ଦେବାରେ ନିୟୋଜିତ କରନ୍ତି ବୋଲି ମନେ କରାଯାଉଥିଲା । ଅନ୍ୟ ଲୋକେ ଯେଉଁମାନଙ୍କର କାର୍ଯ୍ୟ ସାଧାରଣ ଭାବରେ ଅର୍ଥ ଉପାର୍ଜନରେ ନିୟୋଜିତ ହେଉଥିଲା, ସେମାନେ ସେହି ବ୍ରାହ୍ମଣଙ୍କୁ ସାହାଯ୍ୟ କରୁଥିଲେ, କାରଣ ସେ ସେମାନଙ୍କ ପାଇଁ ଏହି ଆଧ୍ୟାତ୍ମିକ କାର୍ଯ୍ୟ କରୁଥିଲେ ।

କ୍ୟାଥଲିକ୍ ଦେଶମାନଙ୍କରେ ମୃତ ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କରୁଥିବା ସାଧୁ ଏବଂ ସନ୍ନ୍ୟାସିନୀ ସମ୍ପ୍ରଦାୟ ସମ୍ପର୍କରେ ମଧ୍ୟ ଅନୁରୂପ ଧାରଣା ରହିଛି । ଯେଉଁ ସମୟରେ ସେହି ପ୍ରକାର ବ୍ୟବସ୍ଥା କରାଯାଉଥିଲା, ସେହି ସମୟରେ ମୃତ ଏବଂ ଜୀବିତମାନଙ୍କୁ ଏକ ଗୋଷ୍ଠୀ ବୋଲି ଏବଂ ଶସ୍ୟ ଉତ୍ପାଦନ କରିବା ପାଇଁ ପ୍ରାର୍ଥନା କରିବା ସେହି ଗୋଷ୍ଠୀ ପାଇଁ ଉଚ୍ଚତର ସେବା ବୋଲି ସ୍ୱୀକାର କରାଯାଉଥିଲା । ସେହିହେତୁ ସାଧୁ ଓ ସନ୍ନ୍ୟାସୀମାନେ ଦାନଧର୍ମରୁ ନିଜର ଜୀବିକା ନିର୍ବାହ କରୁଥିଲେ ଏବଂ ସେଥିପାଇଁ କୌଣସି ପ୍ରକାରେ ଲଜ୍ଜିତ ଅନୁଭବ କରୁ ନଥିଲେ । ସେମାନଙ୍କୁ ଦାନ ଦେଉଥିବା ଲୋକେ ମଧ୍ୟ ସେମାନଙ୍କୁ ସମ୍ମାନ ଦେବା ସହ ନିଜକୁ ଅତିଶୟ କୃତାର୍ଥ ମନେ କରୁଥିଲେ। ସେ ସମଗ୍ର ଚିନ୍ତାଧାରା ଆଧୁନିକ ଚିନ୍ତାଧାରାଠାରୁ ଥିଲା ସମ୍ପୂର୍ଣ୍ଣ ଅଲଗା; ଜୀବନ ଧାରଣ ପାଇଁ ଭିକ୍ଷା କରିବାରେ କୌଣସି ଲଜ୍ଜା ନଥିଲା । ବସ୍ତୁତଃ ଯେଉଁମାନେ ତାହା କରୁଥିଲେ, ସେମାନେ ଥିଲେ ଲୋକମାନଙ୍କ ମଧ୍ୟରେ ସର୍ବାଧିକ ଆଧ୍ୟାତ୍ମିକ ବ୍ୟକ୍ତି ଏବଂ ଦାରିଦ୍ର୍ୟ, ବ୍ରହ୍ମଚର୍ଯ୍ୟ ଓ କର୍ତ୍ତବ୍ୟ ପରାୟଣତାର ବ୍ରତ

ଦ୍ୱାରା ଥିଲେ ଆବଦ୍ଧ । ଯେଉଁମାନେ ସେହି ପ୍ରକାରେ ଜୀବନ ଧାରଣ କରୁଥିଲେ, ସେମାନଙ୍କୁ ନିନ୍ଦା କରିବା ସେହିପରି ଭୁଲ୍ ହେବ ଯେମିତି ଭୁଲ କରାଯାଇଥିଲା ଫରାସୀ ବିପ୍ଳବ ସମୟରେ, ଯେତେବେଳେ ଲୋକେ କହୁଥିଲେ ଯେ ଏକ ଦାର୍ଶନିକ ବା ଲେଖକ ହେଉଛି ଏକ ବ୍ୟକ୍ତି ଯେ ଆଳସ୍ୟମୟ ଏବଂ ମୂଲ୍ୟହୀନ ଜୀବନ ବିତାଇଥାଏ । ଏବଂ ସେ ରାସ୍ତା ଉପରେ ପଥର ଭାଙ୍ଗିବା ଉଚିତ ।

> **କାରଣ, ତୁମେ ଯଦି ଅନ୍ତରର ସହିତ ଚାହଁ ଈଶ୍ୱରଙ୍କ ସହିତ ଏକ ହେବାପାଇଁ ତାହା ତୁମର ନିଜ ପାଇଁ ନୁହେଁ, ତାହା ଏଇଥିପାଇଁ ଯେ ତୁମେ ହୋଇପାରିବ ଏକ ମାଧ୍ୟମ, ଯାହା ଭିତର ଦେଇ ଈଶ୍ୱରଙ୍କର ପ୍ରେମ ପ୍ରବାହିତ ହୋଇ ପାରିବ ତୁମର ସାଥୀ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ । ଯେ ଏହି ପଥରେ ପାଦ ଦେଇଛି, ସେ ନିଜ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ବଞ୍ଚି ରହେ; ସେ ନିଜକୁ ଭୁଲି ଯାଇଛି ସେମାନଙ୍କର ସେବା କରିବା ପାଇଁ ।**

**ଲେଡ୍‌ବିଟର୍** – ଏହି ବହିର ସମଗ୍ର ଚିନ୍ତାଧାରା ହେଉଛି ଲୋକଙ୍କୁ ଏକ ନିର୍ଦ୍ଦିଷ୍ଟ ମନୋଭାବ ଭିତରକୁ ନେଇ ଆସିବା । ଲକ୍ଷ୍ୟ ହେଉଛି ପ୍ରାୟ ଏତେ ଗୁଡ଼ାଏ ଜାଣିବା ପାଇଁ ଯେତିକି ନୁହେଁ, ବରଂ କିଛି ହେବା ପାଇଁ । ବ୍ରହ୍ମବିଦ୍ୟା ସମ୍ମତ ଜୀବନ ଯାପନ କରିବା, ସମସ୍ତଙ୍କ ପାଇଁ ପ୍ରେମ ଭାବରେ ପୂର୍ଣ୍ଣ ହେବା ଏବଂ କ୍ରମବିକାଶକୁ ଆଗେଇ ନେବାକୁ ସାହାଯ୍ୟ କରିବା ପାଇଁ ତୀବ୍ର ଇଚ୍ଛା ପୋଷଣ କରିବା, ଯାହା ଫଳରେ ଅନ୍ୟମାନଙ୍କ ସେବାରେ ଆମେ ନିଜକୁ ଭୁଲିଯିବା । ଆପଣ ଯଦି କେବେ ଜଣେ ଅସ୍ତ୍ର ଚିକିତ୍ସକ ଏକ ବଡ଼ ଧରଣର ଅସ୍ତ୍ରୋପଚାର କରିବା ଦେଖିଥିବେ, ଆପଣ ଜାଣିଥିବେ କିପରି ଜଣେ ବ୍ୟକ୍ତି ନିଜେ ମସ୍ତିଷ୍କ ଏବଂ ହାତର ସୂକ୍ଷ୍ମତମ ଉପଯୋଗ କାଳରେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନିଜ କାର୍ଯ୍ୟରେ ନିମଜ୍ଜିତ ରହି ପାରେ; ସତେ ଯେପରି ତାର ସମସ୍ତ ଜୀବନ ରହିଛି ତାଙ୍କର ଆଙ୍ଗୁଠି ଗୁଡ଼ିକର ଅଗ୍ରଭାଗରେ । ଯୁଦ୍ଧ ସମୟରେ ମଧ୍ୟ ମନୁଷ୍ୟ ସମୟେ ସମୟେ ନିଜକୁ ଭୁଲିଯାଏ ସମ୍ପୂର୍ଣ୍ଣ ରୂପେ ଏକ ଆହତ ବନ୍ଧୁକୁ ବଞ୍ଚାଇବାକୁ ଉଦ୍ୟମ କରି ବା କୌଣସି ଦରକାରୀ ଅଥଚ ବିପଦଜନକ କାର୍ଯ୍ୟ କରିବାକୁ ଯାଇ ।

ଈଶ୍ୱର ହେଉଛନ୍ତି ସର୍ବଶକ୍ତିମାନ । ସେହି ଜଗତର ସମସ୍ତ ସ୍ତରରେ ସେ ନିଜର ଶକ୍ତି ଢାଳି ଦିଅନ୍ତି । ଆମେ ଅନୁମାନ ନକରି ରହିପାରୁ ନାହିଁ ଯେ ସମଗ୍ର ଜଗତକୁ ତାଙ୍କ ଇଚ୍ଛା ଅନୁଯାୟୀ ଯେ କୌଣସି ସ୍ତରରେ ଏବଂ ନିଜର ଯେ କୌଣସି

ପରିମାଣର ଶକ୍ତି ଦ୍ୱାରା ପ୍ଲାବିତ କରିପାରନ୍ତି । ପ୍ରକୃତରେ ସେ ତାହା କରନ୍ତି ନାହିଁ; ପ୍ରତ୍ୟେକ ସ୍ତରରେ ଯେଉଁ ଶକ୍ତି ଢାଳି ଦିଆଯାଏ, ତାହା ମନେହୁଏ ଏକ ନିର୍ଦ୍ଦିଷ୍ଟ ପରିମାଣରେ ଏବଂ କେବଳ ଏକ ନିର୍ଦ୍ଦିଷ୍ଟ ଧରଣର । ସୁତରାଂ ଏଇଆ ହୁଏ ଯେ, ଆମେ ସେହି ମୂଳଜ୍ୟୋତିର ସ୍ଫୁଲିଙ୍ଗଗୁଡ଼ିକ, କେତେକ କାମ କରିପାରୁ ଯାହା ଆମେ ଯେଉଁ ମହାନ୍ ଅଗ୍ନି ଶିଖାର ଏକ ଅଂଶ ସେହି ଅଗ୍ନିଶିଖା ଆମ ମଧ୍ୟ ଦେଇ କରିବା ବ୍ୟତୀ ନିଜେ କରନ୍ତି ନାହିଁ । ଆମେ କହିପାରିବା ନାହିଁ ଯେ ସେ କରି ପାରନ୍ତି ନାହିଁ, କିନ୍ତୁ ଯାହା ଜଣାପଡ଼େ, କରନ୍ତି ନାହିଁ । ଏହା ଆମର କ୍ଷମତାର ଅନ୍ତର୍ଗତ ଯେ ଆମେ ଗଭୀର ଅନୁରକ୍ତି ସହ ତାଙ୍କର ଇଚ୍ଛା ସହିତ ଆମର ଇଚ୍ଛାକୁ ଏକାଠି କରି ଓ କାର୍ଯ୍ୟ କରି ଉଚ୍ଚତର ସ୍ତରମାନଙ୍କରୁ ଅଧିକତର ଶକ୍ତି ତଳକୁ ଟାଣିଆଣି ତାକୁ ପରିବର୍ତ୍ତନ କରି ପ୍ରେରଣ କରିପାରିବା । ଆମେ ଯେତେ ଦୂର ଦେଖି ପାରୁଛୁ ସେହି କାମ କରାଯିବ ନାହିଁ, ଯଦି ଆମେ ତାହା ନକରୁ । ମନେ ହେବ ଯେ ଈଶ୍ୱର ଆମର ସହଯୋଗ ଉପରେ ବୋଉ ନିର୍ଭର କରନ୍ତି । ତଥାପି ତାହା ମଧ୍ୟ ତାଙ୍କର କାର୍ଯ୍ୟ, କାରଣ ଏପରି କୌଣସି ଶକ୍ତି ନାହିଁ ଯାହା ତାଙ୍କର ନୁହେଁ ।

ମୁଁ କେତେକ ସମୟରେ ଏକ ସଂକୀର୍ଣ୍ଣ ପ୍ରଣାଳୀ ବା ନଜର ଉପମା ବ୍ୟବହାର କରିଛି-ଏହି କଥାଟିକୁ ବର୍ଣ୍ଣନା କରିବାରେ ସୁବିଧା ହେବ ବୋଲି ଯେ ଗୁରୁଙ୍କର ଶକ୍ତି ନିମ୍ନତର ସ୍ତର ମାନଙ୍କରେ ଶିଷ୍ୟ ଦ୍ୱାରା ବିତରିତ ହୋଇଥାଏ । ବିଦ୍ୟୁତ୍ ଶକ୍ତିର ଟ୍ରାନ୍ସଫର୍ମର ବା ପରିବର୍ତ୍ତନ କାରୀ ଯନ୍ତ୍ରର ଉପମା ମଧ୍ୟ ଉପଯୋଗ କରାଯାଇ ପାରେ । ଆପଣଙ୍କର ବହୁ ପରିମାଣର ବିଦ୍ୟୁତ୍ ଶକ୍ତି ଉଚ୍ଚ ଚାପରେ ପ୍ରେରିତ ହୁଏ, ହୁଏତ ଉତ୍ପାଦନକାରୀ ସ୍ଥାନରୁ ଶହ ଶହ ମାଇଲ୍ ଦୂରରେ ଥିବା ଏକ ସହରର ଟ୍ରାନ୍ସଫର୍ମର ଷ୍ଟେସନକୁ । ସେହି ଉଚ୍ଚ ଚାପରେ ଆସିଥିବା ଶକ୍ତିକୁ ଟ୍ରାନ୍ସଫର୍ମର ଯନ୍ତ୍ରଗୁଡ଼ିକ ଗ୍ରହଣ କରି ବଦଳାଇ ଦିଅନ୍ତି ନିମ୍ନତର ଚାପର ବହୁ ପରିମାଣର ଶକ୍ତି ପ୍ରବାହକୁ, ଯାହା ଆଲୋକ ଯୋଗାଇ ଦେବା ଏବଂ ଅନ୍ୟାନ୍ୟ କାର୍ଯ୍ୟର ଉପଯୋଗୀ ହୋଇଥାଏ । ଉଦାହରଣ ସ୍ୱରୂପ, ସିଡନୀରେ ଥିବା ଜଣେ ଶିଷ୍ୟ ହିମାଳୟରୁ ଉଚ୍ଚତର ସ୍ତରରେ ଆସୁଥିବା ଗୁରୁଙ୍କର ଶକ୍ତିକୁ ଗ୍ରହଣ କରି ତାକୁ ନିମ୍ନତର ସ୍ତରର ଶକ୍ତିକୁ ବଦଳାଇ ଦେଇ ପାରିବେ, ଯାହା ଫଳରେ ତାହା ଶିଷ୍ୟଙ୍କର ଚାରିପାଖରେ ବିତରିତ ହୋଇ ପାରିବ କିମ୍ବା ଯେଉଁମାନଙ୍କ ସକାଶେ ତାହା ଉଦ୍ଦିଷ୍ଟ ସେମାନଙ୍କ ପାଖକୁ ସଂଚାଳିତ ହୋଇପାରିବ ।

ପ୍ରତ୍ୟେକ ଦୀକ୍ଷିତ ବ୍ୟକ୍ତି ଏହି ପ୍ରକାରେ ଆଧ୍ୟାତ୍ମିକ ଶକ୍ତିର ଏକ ରୂପାନ୍ତରକାରୀ । ତାଙ୍କ ଜରିଆରେ ଏହା ଏକ ନିର୍ଦ୍ଦିଷ୍ଟ ସ୍ତରରେ ପ୍ରବାହିତ ହୋଇପାରେ ତାଙ୍କର ପର୍ଯ୍ୟାୟ ବା ସୋପାନ ଅନୁଯାୟୀ । ଦିବ୍ୟଶକ୍ତି ଆମର ଚାରିଆଡ଼େ ଘେରି

ରହିଛି ଯେପରି ସୂର୍ଯ୍ୟ ସର୍ବଦା ତାଙ୍କର କିରଣ ଢାଳିବାରେ ଲାଗିଛନ୍ତି । ଯେତେବେଳେ ସୂର୍ଯ୍ୟୋପରାଗ ହେତୁ ସୂର୍ଯ୍ୟକିରଣ ପୃଥିବୀରେ ପହଞ୍ଚେ ନାହିଁ, କାରଣ ପୃଥିବୀର ଛାୟା ସୂର୍ଯ୍ୟ ଏବଂ ପୃଥିବୀ ମଝିକୁ ଚାଲି ଆସେ । ସେହିପରି ଲୋକେ ଈଶ୍ୱର ଏବଂ ସେମାନଙ୍କ ମଧ୍ୟରେ ଅଜ୍ଞତା ଓ ସ୍ୱାର୍ଥପରତାର ଛାୟା ପକାଇଥାନ୍ତି । ଈଶ୍ୱର ତାଙ୍କର ବିବିଧ ପ୍ରକାର ଶକ୍ତିର କିରଣ ଢାଳି ଲାଗିଛନ୍ତି ପ୍ରତ୍ୟେକ ସ୍ତରରେ । ଦୀକ୍ଷିତ ବ୍ୟକ୍ତିଗଣ ଏକ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଅନ୍ତି ଯାହା ସେମାନଙ୍କୁ ଏହିସବୁ ଶକ୍ତିର ଉନ୍ନତତର ମାଧ୍ୟମ ହେବାରେ ସକ୍ଷମ କରାଏ । ସେହି ଶକ୍ତିଗୁଡ଼ିକ ନିଜେ ତିଳେ ହେଲେ ପ୍ରଭାବିତ ହୁଅନ୍ତି ନାହିଁ ସେମାନେ ସବୁ କାଳରେ ପ୍ରବାହିତ ହୋଇ ଚାଲିଛନ୍ତି, କିନ୍ତୁ ସେମାନେ ଆମକୁ ଏଡାଇ ଚାଲିଯାନ୍ତି ଯେତେବେଳେ ଆମେ ସେଗୁଡ଼ିକୁ ଗ୍ରହଣ କରିବାକୁ ସକ୍ଷମ ନ ଥାଉ ।

ସ୍ଥୂଳ ସ୍ତରରେ ପ୍ରାଣଶକ୍ତିର ଉପମା ନିଆଯାଉ । ପ୍ରତ୍ୟେକ ବ୍ୟକ୍ତି ପ୍ରାଣଶକ୍ତି ସଂଗ୍ରହ କରନ୍ତି । କିନ୍ତୁ ସମୟେ ସମୟେ ଯେତେବେଳେ ମନୁଷ୍ୟ ରୋଗରେ ପଡ଼େ, ସେତେବେଳେ ସେ ପ୍ରାଣଶକ୍ତିକୁ ନିଜର କରି ରଖିପାରେ ନାହିଁ ଏବଂ ଶୀଘ୍ର ଅନୁଭବ କରେ ପ୍ରାଣଶକ୍ତିର ବିରାଟ ଅଭାବ । ଯଦିଓ ସେ ସେତେବେଳେ ପ୍ରାଣଶକ୍ତିକୁ ନିଜର କରିବାରେ ଅକ୍ଷମ ହୁଏ, ତଥାପି ସେ ଅନ୍ୟ ଲୋକ ପ୍ରସ୍ତୁତ କରି ରଖିଥିବା ପ୍ରାଣଶକ୍ତିର ଉପଯୋଗ କରିପାରେ । ଜୀବନ ଶକ୍ତିରେ ଭରପୂର ହୋଇଥିବା ଅନ୍ୟ ଏକ ବ୍ୟକ୍ତି ସେହି ଶକ୍ତିକୁ ତାହା ଉପରେ ଢାଳି ଦେଇପାରେ ଏବଂ ସ୍ୱାଭାବିକ ଅବସ୍ଥା ଫେରି ପାଇବାରେ ତାକୁ ସକ୍ଷମ କରିବା ପାଇଁ ସେ ଆବଶ୍ୟକ କରୁଥିବା ଶକ୍ତି ତାକୁ ଦେଇପାରେ । ସେହିପରି ଦୀକ୍ଷିତ ବ୍ୟକ୍ତି ଗଣ ବହୁ ଉଚ୍ଚତର ଶକ୍ତି ଗ୍ରହଣ କରନ୍ତି ଏବଂ ତାକୁ ଏପରି ଭାବରେ ପରିବର୍ତ୍ତନ କରିଦିଅନ୍ତି ଯେପରି ତାହା ସହଜରେ ଅନ୍ୟମାନେ ନିଜ ଭିତରେ ପରିବର୍ତ୍ତନ କରିଦିଅନ୍ତି ଯେପରି ତାହା ସହଜରେ ଅନ୍ୟମାନେ ନିଜ ଭିତରେ ମିଶାଇ ଦେଇପାରିବେ । ଯେତେବେଳେ ମାନବ ଜାତିର ଅଧିକରୁ ଅଧିକ ବ୍ୟକ୍ତି ସେହି ପର୍ଯ୍ୟାୟରେ ପହଞ୍ଚିବେ ଯେଉଁଥିରେ ସେମାନେ ଏହି ପ୍ରକାର କାମ କରିପାରିବେ, ସାଧାରଣ ମାନବର ବିବର୍ତ୍ତନ ଅଧିକ ଦ୍ରୁତ ହେବ । ଯଦିଓ ଏହା ସତ ଯେ ଉଦ୍ଭିଦ କେତେ ପରିମାଣରେ ସୂର୍ଯ୍ୟାଲୋକ ଧାରଣ କରିପାରିବ, ତାହାର ଏକ ସୀମା ଅଛି, ଏକଥା ମଧ୍ୟ ସତ ଯେ କୌଣସି ବ୍ୟକ୍ତି ଉପରେ ଅତ୍ୟଧିକ ଆଧ୍ୟାତ୍ମିକ ଆଲୋକ ଢାଳିଦେବା ଅସମ୍ଭବ ।

ତେବେ ଭାବନ୍ତୁ ନାହିଁ ଯେ ଏହି ମାଧ୍ୟମଗୁଡ଼ିକ କେବଳ ନିଷ୍କ୍ରିୟ ରହିଥାନ୍ତି । ସେମାନେ ଜୀବନ୍ତ ମାଧ୍ୟମ । ଶିଷ୍ୟ ବସି ରହି କେବଳ ଏକ ନଳ ରୂପେ ଅଭିନୟ କରନ୍ତି ନାହିଁ । କେତେକ ଶକ୍ତି ଅଛି ଯାହା ସେହି ପ୍ରକାରେ ଆସିଥାଏ ଏବଂ

ଅନେକ ସମୟରେ ଗୁରୁଙ୍କର ଶିଷ୍ୟ ନିଜ ଭିତର ଦେଇ ଛୁଟି ଚାଲିଥିବା ସେହି ଶକ୍ତିର ପ୍ରକୃତି ଏବଂ ତାହା କାହା ପାଖକୁ ଯାଉଛି ସେ ସମ୍ପର୍କରେ ସଚେତନ ଥାଆନ୍ତି । କିନ୍ତୁ ତାହାର ବହୁ ପରିମାଣ ଶକ୍ତି ମଧ୍ୟ ଯେ କୌଣସି ସମୟରେ ସେ ନିଜର ଇଚ୍ଛାମତେ ବ୍ୟବହାର କରିପାରନ୍ତି । ସେ ତାକୁ ଏପଟ ବା ସେପଟକୁ ମୋଡି ଦେଇ ପାରନ୍ତି ଆବଶ୍ୟକତାକୁ ଦେଖି । ତାଙ୍କର ନିଜର ଖାପ ଖୁଆଇ ନେବା କ୍ଷମତା ଏବଂ କୌଶଳ ମଧ୍ୟ ଏହି ପ୍ରକାର ଉଦ୍ଦୀପିତ ହୁଏ ଏବଂ ବସ୍ତୁତଃ ଏହି ପ୍ରକାର ଯଥାର୍ଥ କାର୍ଯ୍ୟକଳାପ ଦ୍ୱାରା ତାଙ୍କର ଜୀବନ ଭରପୁର ହୋଇଯାଏ । ସୁତରାଂ ତାଙ୍କର ଜୀବନ ଏକ ଅନ୍ଧ ଅଜ୍ଞାଧୀନତାର ଜୀବନ ନୁହେଁ । ଅନ୍ୟ ପକ୍ଷରେ ଅନ୍ୟମାନେ ଯେତେବେଳେ ଆଳସ୍ୟପରାୟଣ ହୋଇ ନିଜ ବିଷୟରେ ଭାବିବାରେ ଲାଗିଥାନ୍ତି, ସେତେବେଳେ ସେ ରହିଥାନ୍ତି କାର୍ଯ୍ୟ ବ୍ୟସ୍ତ ।

ସାଧାରଣ ଲୋକଙ୍କୁ ଏହି ପ୍ରକାରେ ଉପଯୋଗ କରାଯାଇପାରିବ ନାହିଁ । କାରଣ ସେମାନେ ଉଚ୍ଚତର ସ୍ତରମାନଙ୍କରେ ଯଥେଷ୍ଟ ବିକଶିତ ହୋଇନାହାନ୍ତି । ସେମାନଙ୍କ ଜୀବାତ୍ମା ଟିକିଏ ଆଗୁଆ ହେଲେ ମଧ୍ୟ ବ୍ୟକ୍ତିତ୍ୱ ସହିତ ତାର ସମ୍ପର୍କ ସୂତ୍ର ଥାଏ ଅତିଶୟ ସଂକୀର୍ଣ୍ଣ । ଗୁରୁ ଶିଷ୍ୟଙ୍କୁ ବ୍ୟବହାର କରିପାରନ୍ତି, କାରଣ ସେମାନଙ୍କର ସଂଯୋଗ ମାଧ୍ୟମ ଥାଏ ଖୋଲା । ସେହିପରି ମଧ୍ୟ ଚରମ ଦୀକ୍ଷାଦାତା ଦୀକ୍ଷିତମାନଙ୍କୁ ବ୍ୟବହାର କରିପାରନ୍ତି, ଆଧ୍ୟାତ୍ମିକ ତାର ଅଧିକାରୀ ବର୍ଗଙ୍କର ଶକ୍ତି ପ୍ରେରଣ ପାଇଁ । ଏହିସବୁ କ୍ଷେତ୍ରରେ ମନୁଷ୍ୟ ହେଉଛି ତାର ଉଚ୍ଚତର ଆତ୍ମା ଏବଂ ସ୍ଥୂଳ ସ୍ତରରେ ସେ କର୍ତ୍ତବ୍ୟରତ ହେଲେ ମଧ୍ୟ ମନର ପୃଷ୍ଠଭୂମିରେ ସର୍ବଦା ଏହି ଭାବନା ରହିଥାଏ ଯେ "ମୁଁ ହେଉଛି ମୁଁ; ଈଶ୍ୱରଙ୍କର ଏକ ସ୍ଫୁଲିଙ୍ଗ । ମୁଁ ତାଙ୍କର ଅନୁପଯୋଗୀ କିଛି କରି ନପାରେ । ମୋର ଦାୟିତ୍ୱ ହେଉଛି ମହାନ୍ ।"

କାର୍ଯ୍ୟର ଗୁରୁତ୍ୱ ହେତୁ ଗୁରୁ ଏବଂ ଶିଷ୍ୟ ମଧ୍ୟରେ ସମ୍ପର୍କ କେବେହେଲେ ଭାବପ୍ରବଣତା ଉପରେ ଆଧାରିତ ନୁହେଁ, ଯଦିଓ ତାହା ଗଭୀର ପ୍ରେମପୂର୍ଣ୍ଣ । ଗୁରୁ କୌଣସି ବ୍ୟକ୍ତିଙ୍କୁ ଶିଷ୍ୟ ରୂପେ ଗ୍ରହଣ କରନ୍ତି ନାହିଁ କେବଳ ତାଙ୍କ ପରିବାରର ଅନ୍ୟ କେହି ସଭ୍ୟ ତାଙ୍କର ଶିଷ୍ୟ ହୋଇଛନ୍ତି ବୋଲି ବା ସେ ତାଙ୍କୁ ପୂର୍ବ ଜନ୍ମମାନଙ୍କରେ ଜାଣିଛନ୍ତି ବୋଲି ଉଭୟ ଗୁରୁ ଏବଂ ଶିଷ୍ୟ ଚିନ୍ତା କରନ୍ତି କେବଳ ସେହି ବିଷୟରେ ଯାହାକୁ ଇଜିପ୍ଟରେ କୁହାଯାଉଥିଲା 'ଗୁପ୍ତକାମ' ସେମାନେ ଓସିରିସଙ୍କ ବିଦୀର୍ଣ୍ଣ ଶରୀରକୁ ପୁନଃନିର୍ମାଣ କରିବାକୁ ଜାଣନ୍ତି, ବିପର୍ଯ୍ୟସ୍ତ ଖଣ୍ଡଗୁଡ଼ିକୁ ପୁନର୍ବାର ଏକାଠି କରିବାକୁ ମଧ୍ୟ ସେମାନେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଥିବା 'ପ୍ରଚ୍ଛନ୍ନ ଆଲୋକ'କୁ - 'ପଦ୍ମମଧ୍ୟସ୍ଥ ମଣି' କୁ ଚିହ୍ନନ୍ତି ଯାହା ମଧ୍ୟ ଦେଇ ମନୁଷ୍ୟକୁ ସାହାଯ୍ୟ କରାଯାଇ ପାରେ-ଯଦି ତାହାର ନିବେଦନ ଯଥାଯଥ ହୋଇଥିବ । ଏହା ହିଁ କାର୍ଯ୍ୟ ଥିଲା ଦୀକ୍ଷିତମାନଙ୍କର ପ୍ରାଚୀନ ଇଜିପ୍ଟରେ-ଏବେ ବି ସେମାନଙ୍କ କାମ

ସେଇଆ ରହିଛି । ସେମାନେ ସେହି ଶକ୍ତିର ଉପଯୋଗ କରନ୍ତି, ଯାହାକୁ ନେଇ ସମଗ୍ର ସୃଷ୍ଟି ନିର୍ମାଣ କରାଯାଇଥିଲା । ତାହା ହେଉଛି ଈଶ୍ୱରଙ୍କ ପ୍ରେମ ଯାହା ନିର୍ବ୍ୟକ୍ତିକ । କେହି ହେଲେ ଗୂଢ଼ବାଦ ପାଇଁ ଆଗେଇ ଆସିବାକୁ ବାଧ୍ୟ ନୁହନ୍ତି । କିନ୍ତୁ ଯଦି କେହି ଆସନ୍ତି, ତେବେ ସେ ଭ୍ରାତୃମଣ୍ଡଳୀର ମୂଳମନ୍ତ୍ର ଏବଂ ମନୋଭାବ ଗ୍ରହଣ କରି ନେବାକୁ ହେବ । ତାହା ହେଉଛି ବଞ୍ଚିବାକୁ ହେବ କେବଳ ନିଜ ପାଇଁ ନୁହେଁ, ବରଂ ଅନ୍ୟମାନଙ୍କ ପାଇଁ; ନିଜର ବ୍ୟକ୍ତିଗତ ପ୍ରଗତି ବା ସନ୍ତୋଷ ପାଇଁ ନୁହେଁ, ବରଂ କାମ ପାଇଁ ।

**ସେ ହେଉଛି ଈଶ୍ୱରଙ୍କ ହାତରେ ଏକ କଲମ ସଦୃଶ, ଯାହା ମଧ୍ୟ ଦେଇ ଈଶ୍ୱରଙ୍କ ଚିନ୍ତା ପ୍ରବାହିତ ହୋଇପାରେ ଏବଂ ଏଇଠି ନିମ୍ନରେ ନିଜ ସକାଶେ ଏକ ଅଭିବ୍ୟକ୍ତି ପାଇପାରେ, ଯେଉଁ କଲମ ବିନା ସେହି ଚିନ୍ତା ରୂପ ପାଇପାରି ନଥାନ୍ତା ।**

**ଲେଡ୍‌ବିଟର୍ –** ମନେହୁଏ ଈଶ୍ୱର ନିଶ୍ଚୟ କଳନା କରିଥିବେ ଯେ କ୍ରମବିକାଶର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ତାଙ୍କର ଏମିତି ବହୁତ କଲମ ରହିଥିବ ଯାହାକୁ ନେଇ ସେ ଲେଖି ପାରିବେ । ମନେହେବ ଯେ ନିଜେ ଈଶ୍ୱର, ଏକ କବିଙ୍କ ଭାଷାରେ 'ଆବଶ୍ୟକ କରନ୍ତି ତୁମକୁ ଓ ମୋତେ' । ଆମର ସାହାଯ୍ୟ ପ୍ରଯୋଜନାର ଏକ ଅଂଶ । ତାହା ଏକ ମହତ୍ ଚିନ୍ତା ଏବଂ ଅତିଶୟ ଯୁକ୍ତିଯୁକ୍ତ । ଆମେ ସଙ୍ଗେ ସଙ୍ଗେ ଦେଖୁ ଯେ ଯଦି ଆମେ ଜ୍ଞାନ, ପ୍ରେମ ଏବଂ କ୍ଷମତାର ଏକ ସ୍ତରରେ ପହଞ୍ଚି ପାରିଛୁ- ଯାହା ଆମ ଚାରିପାଖରେ ଥିବା ମାନର ଟିକିଏ ଊର୍ଦ୍ଧ୍ୱରେ ତେବେ ଆମେ ସେଇଠି ପହଞ୍ଚି ପାରିଛୁ ଏଇଥିପାଇଁ ଯେ ଅନ୍ୟମାନଙ୍କୁ ସେଗୁଡ଼ିକୁ ବିତରଣ କରିବାରେ ଆମମାନଙ୍କର ଉପଯୋଗ ହୋଇପାରେ ।

**ତଥାପି ତାହା ସାଙ୍ଗକୁ ସେ ହେଉଛନ୍ତି ଅଗ୍ନିର ଏକ ଜୀବନ୍ତ ଶିଖା । ତାଙ୍କ ହୃଦୟରେ ପୂର୍ଣ୍ଣ ହୋଇ ରହିଥିବା ଦିବ୍ୟ ପ୍ରେମକୁ ସେ ପୃଥିବୀ ସାରା ବିକୀରଣ କରନ୍ତି ।**

**ଲେଡ୍‌ବିଟର୍ –** ଆଲେକଜାଣ୍ଡ୍ରିଆର ଦୁଇଜଣ ସାଧୁଙ୍କ ସମ୍ପର୍କରେ ଗୋଟିଏ କଥା ଅଛି । ସେମାନେ ଚାହୁଁଥିଲେ ନିଜକୁ ସମ୍ପୂର୍ଣ୍ଣ ପବିତ୍ର କରି ରଖିବାକୁ । ଜଣେ ନିଜ ଚାରି ପାଖରେ ରକ୍ଷାକାରୀ ଚିନ୍ତାର ଏକ ଖୋଳ ତିଆରି କରି ନିଜକୁ ପବିତ୍ର କରି ରଖିଲେ । କିନ୍ତୁ ଆର ଜଣକ ଈଶ୍ୱରଙ୍କ ପ୍ରେମରେ ଏଭଳି ପୂର୍ଣ୍ଣ ହୋଇ

ରହିଥିଲେ ଯେ ତାହା ତାଙ୍କ ଭିତରୁ ବାହାରି ଚାରିଆଡ଼େ ସର୍ବଦା ପ୍ରସାରିତ ହୋଇ ତାଙ୍କୁ ପବିତ୍ର ରଖୁଥିଲା । ସର୍ବଦା ଦୁଇଟି ପନ୍ଥା ରହିଛି । ଗୁଢ଼ତତ୍ତ୍ୱବାଦୀ, ଯେ ପୃଥିବୀର କାମ କରି ପ୍ରଗତି ଲାଭ କରନ୍ତି ଏବଂ ଧ୍ୟାନୀ, ଯେ ସବୁ ଛାଡ଼ି ନିଜ ଭିତରେ ରହନ୍ତି । ଅନେକ କ୍ଷେତ୍ରରେ ଧ୍ୟାନୀଙ୍କର ଲକ୍ଷ୍ୟ ହେଉଛି ଈଶ୍ୱରଙ୍କ ସହିତ ସମ୍ପୂର୍ଣ୍ଣ ଭାବେ ମିଳିତ ହେବା; କିନ୍ତୁ ତାଙ୍କୁ ସ୍ୱାର୍ଥପର ବୋଲି କହିବା ଯଥାର୍ଥ ହେବ ନାହିଁ, କାରଣ ସେହିପରି ଈଶ୍ୱରଙ୍କ ସହ ଏକ ହେବାରେ ମଧ୍ୟ ସେ ନିଜ ଚାରି ପାଖରେ ସମସ୍ତଙ୍କ ଉପରେ ବହୁ ପରିମାଣରେ ପ୍ରଭାବ ଖେଳାଇ ଦେବା ଆବଶ୍ୟକ ହୁଏ ଏବଂ ସେ ତାହା ଖେଳାଇଥାନ୍ତି । ଆମେ ହେଉଛୁ ଗୂଢ଼ତତ୍ତ୍ୱବାଦୀ ଏବଂ ଆମର ଲକ୍ଷ୍ୟ ହେଉଛି ବିଭିନ୍ନ ପର୍ଯ୍ୟାୟ ଦେଇ ସୋପାନ ପରେ ସୋପାନ ଅତିକ୍ରମ କରି ଆମେ ଉଠିବା ଏବଂ ପହଞ୍ଚିବା କେତେକ ଉଚ୍ଚ ଦୀକ୍ଷାଲାଭ ସ୍ତରରେ-ଯେଉଁଠି ଆମେ ଆମର ଚେତନାକୁ ଈଶ୍ୱରଙ୍କର ତୃତୀୟ ବିଭାବର ଚେତନା ସହିତ ମିଶାଇ ଦେଇ ପାରିବା, ପରେ ତାଙ୍କର ଦ୍ୱିତୀୟ ବିଭାବର ଚେତନା ସହିତ ଏବଂ ଅବଶେଷରେ ପ୍ରଥମ ବିଭାବ ସହିତ ମିଶାଇ ଦେଇପାରିବା । ଧ୍ୟାନଘ ବ୍ୟକ୍ତି ଏଇ ଜଗତରେ ରହି ଏହିଠାରୁ ନିଜକୁ ନିକ୍ଷେପ କରନ୍ତି ଦିବ୍ୟ ଚେତନା ଭିତରକୁ । କିନ୍ତୁ ତାହା ହେଉଛି ଦିବ୍ୟ ଜୀବନର ଏକ ନିମ୍ନତର ପ୍ରକଟନ । ତାପରେ ତାଙ୍କୁ ଉଦ୍ୟମ କରି ଊର୍ଦ୍ଧ୍ୱକୁ ଉଠିବାକୁ ହେବ, ଉଚ୍ଚତର ସ୍ତରମାନଙ୍କରେ ମଧ୍ୟ ନିଜକୁ ଈଶ୍ୱରଙ୍କ ସହ ଏକ ବୋଲି ଅନୁଭବ କରିବା ପାଇଁ ।

**ଏଗୁଡ଼ିକ ହେଉଛି ତୁମର ଯୋଗ୍ୟତା, ଜ୍ଞାନ ଯାହା ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ତୁମକୁ ସକ୍ଷମ କରାଏ । ଇଚ୍ଛା, ଯାହା ସେହି ଜ୍ଞାନକୁ ପରିଚାଳିତ କରେ ଏବଂ ପ୍ରେମ ଯାହା ସେହି ଇଚ୍ଛା ଶକ୍ତିକୁ ପ୍ରେରଣା ଦିଏ । ଇଚ୍ଛା, ଜ୍ଞାନ ଓ ପ୍ରେମ ହେଉଛି ଈଶ୍ୱରଙ୍କର ତିନିଟି ବିଭାବ । ଯଦି ତୁମେ ସେହି ଈଶ୍ୱରଙ୍କୁ ସେବା କରିବା ପାଇଁ ନିଜକୁ ତାଲିକାଭୁକ୍ତ କରିବାକୁ ଚାହଁ, ତେବେ ତୁମକୁ ପୃଥିବୀରେ ଏହି ତିନିଟିଯାକ ବିଭାବ ଦେଖାଇବାକୁ ହେବ ।**

**ଲେଡ୍‌ବିଟର୍** – ଭାଇମାନେ ! ଏହା ହେଉଛି ଏକ ସୁନ୍ଦର ସମାପ୍ତି । ଆଲସ୍ୟୋନ୍ ଯେପରି ସଫଳତା ଲାଭ କରିଛନ୍ତି, ତୁମେ ମଧ୍ୟ ସେହିପରି ସଫଳତା ଲାଭ କର ।

■■■